ଭରତ-ମୁନି-ପ୍ରଣୀତମ୍

ନାଟ୍ୟଶାସ୍ତ୍ରମ୍

(ଓଡ଼ିଆ ଅନୁବାଦ ସହ)

ପ୍ରଥମ ଭାଗ

ଓଡ଼ିଶା ସାହିତ୍ୟ ଏକାଡେମୀ

ଅନୁବାଦକ

ପଣ୍ଡିତ ବାନାମ୍ବର ଆଚାର୍ଯ୍ୟ

Digitized by srujanika@gmail.com

ପ୍ରକାଶକ :—
ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୧

ମୁଦ୍ରାକର :—
ଶ୍ରୀ ପ୍ରସନ୍ନ କୁମାର ମହାପାତ୍ର
ଶ୍ରୀ ଶାରଦା ପ୍ରେସ, ଭୁବନେଶ୍ୱର-୨

ପ୍ରଥମ ମୁଦ୍ରଣ
୧୯୬୪

ମୂଲ୍ୟ—ଛଅ ଟଙ୍କା

Digitized by srujanika@gmail.com

ଅଗ୍ରଲେଖ

ଭରତ ନାଟ୍ୟଶାସ୍ତ୍ର କେବଳ ସଂସ୍କୃତ ଭାଷାର ନୁହେଁ, ସମଗ୍ର ଭାରତର ଏକ ପ୍ରସିଦ୍ଧ ଗ୍ରନ୍ଥ । ସଂଗୀତ ଓ ନାଟକ ସଂପର୍କରେ ଏହା ଏକ ତଥ୍ୟ-ସାଗର କହିଲେ ଅତ୍ୟୁକ୍ତି ହେବନାହିଁ । ବର୍ତ୍ତମାନ ଯୁଗରେ ଯେତେବେଳେ ସଂଗୀତ ଶାସ୍ତ୍ରର ଚର୍ଚ୍ଚା ବୈଜ୍ଞାନିକ ଭିତ୍ତିରେ କରାଯାଉଅଛି, ସେତେବେଳେ ଏହି ଗ୍ରନ୍ଥର ଉପାଦେୟତା ବହୁ ଗୁଣରେ ବଢ଼ିଯାଇଛି । ଓଡ଼ିଶାରେ ମଧ୍ୟ ନାଟ୍ୟ ଓ ସଂଗୀତ ପ୍ରତି ଲୋକଙ୍କର ଆଦର ଏବଂ ଆଗ୍ରହ ବିଶେଷ ବୃଦ୍ଧିଲାଭ କରିଅଛି । ଏହି ପରିପ୍ରେକ୍ଷିତରେ ଭରତ ନାଟ୍ୟଶାସ୍ତ୍ରର ଓଡ଼ିଆ ଅନୁବାଦ ଦ୍ୱାରା ଜନ-ସାଧାରଣ ଓ ସଂଗୀତ ଶିକ୍ଷକ, ତଥା ବିଦ୍ୟାର୍ଥୀମାନଙ୍କର ଅଶେଷ ଉପକାର ସାଧିତ ହେବାର ଆଶା କରାଯାଏ । ଭରତୀୟ ନାଟ୍ୟଶାସ୍ତ୍ରର ଏହି ପ୍ରାମାଣିକ ଓ ପ୍ରାଚୀନତମ ଗ୍ରନ୍ଥର ଅନୁବାଦ ଓଡ଼ିଶା ସାହିତ୍ୟ ଏକାଡେମୀର ଏକ ପ୍ରଶଂସନୀୟ ପଦକ୍ଷେପ । ମୁଁ ଏହାର ବହୁଳ ପ୍ରଚାର କାମନା କରୁଅଛି । ଇତି ।

ଭୁବନେଶ୍ୱର
ତା ୧୭ । ୨ । ୬୪

ସନ୍ତୋଷ କୁମାର ସାହୁ
ସମ୍ପାଦକ,
ଓଡ଼ିଶା ସାହିତ୍ୟ ଏକାଡେମୀ

Digitized by srujanika@gmail.com

ପ୍ରକାଶକ :—
ଓଡ଼ିଶା ସାହିତ୍ୟ ଏକାଡେମୀ
ଭୁବନେଶ୍ୱର-୧

ମୁଦ୍ରାକର :—
ଶ୍ରୀ ପ୍ରସନ୍ନ କୁମାର ମହାପାତ୍ର
ଶ୍ରୀ ଶାରଦା ପ୍ରେସ, ଭୁବନେଶ୍ୱର-୨

ପ୍ରଥମ ମୁଦ୍ରଣ
୧୯୬୪

ମୂଲ୍ୟ—ଛଅ ଟଙ୍କା

Digitized by srujanika@gmail.com

ଅଗ୍ରଲେଖ

ଭରତ ନାଟ୍ୟଶାସ୍ତ୍ର କେବଳ ସଂସ୍କୃତ ଭାଷାର ନୁହେଁ, ସମଗ୍ର ଭାରତର ଏକ ପ୍ରସିଦ୍ଧ ଗ୍ରନ୍ଥ । ସଂଗୀତ ଓ ନାଟକ ସଂପର୍କରେ ଏହା ଏକ ତଥ୍ୟ-ସାଗର କହିଲେ ଅତ୍ୟୁକ୍ତି ହେବନାହିଁ । ବର୍ତ୍ତମାନ ଯୁଗରେ ଯେତେବେଳେ ସଂଗୀତ ଶାସ୍ତ୍ରର ଚର୍ଚ୍ଚା ବୈଜ୍ଞାନିକ ଭିତ୍ତିରେ କରାଯାଉଅଛି, ସେତେବେଳେ ଏହି ଗ୍ରନ୍ଥର ଉପାଦେୟତା ବହୁଗୁଣରେ ବଢ଼ିଯାଇଛି । ଓଡ଼ିଶାରେ ମଧ୍ୟ ନାଟ୍ୟ ଓ ସଂଗୀତ ପ୍ରତି ଲୋକଙ୍କର ଆଦର ଏବଂ ଆଗ୍ରହ ବିଶେଷ ବୃଦ୍ଧିଲାଭ କରୁଅଛି । ଏହି ପରିସ୍ଥିତିରେ ଭରତ ନାଟ୍ୟଶାସ୍ତ୍ରର ଓଡ଼ିଆ ଅନୁବାଦ ଦ୍ୱାରା ଜନସାଧାରଣ ଓ ସଂଗୀତ ଶିକ୍ଷକ, ତଥା ବିଦ୍ୟାର୍ଥୀମାନଙ୍କର ଅଶେଷ ଉପକାର ସାଧିତ ହେବାର ଆଶା କରାଯାଏ । ଭରତଙ୍କ ନାଟ୍ୟଶାସ୍ତ୍ରର ଏହି ପ୍ରାମାଣିକ ଓ ପ୍ରାଚୀନତମ ଗ୍ରନ୍ଥର ଅନୁବାଦ ଓଡ଼ିଶା ସାହିତ୍ୟ ଏକାଡେମୀର ଏକ ପ୍ରଶଂସନୀୟ ପଦକ୍ଷେପ । ମୁଁ ଏହାର ବହୁଳ ପ୍ରସାର କାମନା କରୁଅଛି । ଇତି ।

ଭୁବନେଶ୍ୱର
ତା ୧୭ । ୨ । ୭୪

ସନ୍ତୋଷ କୁମାର ସାହୁ
ସମ୍ପାଦକ,
ଓଡ଼ିଶା ସାହିତ୍ୟ ଏକାଡେମୀ

Digitized by srujanika@gmail.com

ଦୁଇପଦ

ଓଡ଼ିଶା ସାହିତ୍ୟ ଏକାଡେମୀ ଅନୁବାଦ ମାଧ୍ୟମରେ ମଧ୍ୟ ଓଡ଼ିଆ ସାହିତ୍ୟର ପୁଷ୍ଟି ବିଧାନ କରିବା ଲାଗି ପ୍ରଚେଷ୍ଟା କରୁଅଛି । ଭରତ ନାଟ୍ୟଶାସ୍ତ୍ର ଭଳି ଭାରତର ସୁପ୍ରସିଦ୍ଧ ନାଟ୍ୟଶାସ୍ତ୍ରର ଓଡ଼ିଆ ଅନୁବାଦ ବହୁଦିନରୁ ପ୍ରକାଶ ପାଇବାର ଆବଶ୍ୟକତା ଅନୁଭୂତ ହୋଇଥିଲା । ବିଳମ୍ବରେ ହେଲେହେଁ ଏହା ସଂପ୍ରତି ପ୍ରକାଶଲାଭ କରିଅଛି । ଅଧ୍ୟାପକ ଶ୍ରୀ ବାନାମ୍ବର ଆଚାର୍ଯ୍ୟ ଏହା ଅନୁବାଦ କରି-ଥିବାରୁ ସର୍ବଥା ଧନ୍ୟବାଦାର୍ହ । ୩୬ ଅଧ୍ୟାୟ ବିଶିଷ୍ଟ ସମଗ୍ର ଗ୍ରନ୍ଥଟି ତିନି ଭାଗରେ ପ୍ରକାଶଲାଭ କରିବ । ପରବର୍ତ୍ତୀ ଅଧ୍ୟାୟମାନଙ୍କର ଅନୁବାଦ ଓ ପ୍ରକାଶ ନିମନ୍ତେ ଉଦ୍ୟମ କରାଯାଉଅଛି । ଆଶା କରାଯାଏ, ଏହା ବିଶେଷ ଭାବରେ ଆଦୃତ ହେବ । ଇତି ।

ଭୁବନେଶ୍ୱର
ତା ୨୮ । ୨ । ୭୪

ଗୌରୀକୁମାର ବ୍ରହ୍ମା
ସେକ୍ରେଟାରୀ,
ଓଡ଼ିଶା ସାହିତ୍ୟ ଏକାଡେମୀ

Digitized by srujanika@gmail.com

ଭରତ-ମୁନି-ପ୍ରଣୀତମ୍

ନାଟ୍ୟଶାସ୍ତ୍ରମ୍

ପ୍ରଥମୋଽଧ୍ୟାୟଃ

ପ୍ରଣମ୍ୟ ଶିରସା ଦେବୌ ପିତାମହମହେଶ୍ୱରୌ ।
ନାଟ୍ୟଶାସ୍ତ୍ରଂ ପ୍ରବକ୍ଷ୍ୟାମି ବ୍ରହ୍ମଣା ଯଦୁଦାହୃତମ୍ ॥ ୧ ॥
ସମାପ୍ତଜପ୍ୟଂ ବ୍ରତିନଂ ସ୍ୱସୁତୈଃ ପରିବାରିତମ୍ ।
ଅନଧ୍ୟାୟେ କଦାଚିତ୍ତୁ ଭରତଂ ନାଟ୍ୟକୋବିଦମ୍ ॥ ୨ ॥
ମୁନୟଃ ପର୍ଯ୍ୟୁପାସ୍ୟୈନମାତ୍ରେୟପ୍ରମୁଖାଃ ପୁରା ।
ପପ୍ରଚ୍ଛୁସ୍ତେ ମହାତ୍ମାନୋ ନିୟତେନ୍ଦ୍ରିୟବୁଦ୍ଧୟଃ ॥ ୩ ॥

ପ୍ରଥମ ଅଧ୍ୟାୟ

(ନାଟ୍ୟଶାସ୍ତ୍ରୋତ୍ପତ୍ତି)

ଅବନତ ମସ୍ତକରେ ବ୍ରହ୍ମା ଓ ଶିବଙ୍କୁ ନମସ୍କାର କରି ବ୍ରହ୍ମୋକ୍ତ ଶାସ୍ତ୍ରକୁ କହୁଛନ୍ତି—

ପୂର୍ବେ ଦିନେ ବ୍ରହ୍ମପରାୟଣ ନାଟ୍ୟକୋବିଦ ଭରତ ମୁନି ଜ
ଶେଷକରି, ନିଜ ପୁତ୍ରଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ବସିଥିଲେ । ସେ ଦିନ
ଅବସର ଥିଲା (ଅଧ୍ୟୟନ ଓ ଅଧ୍ୟାପନ ନିଷିଦ୍ଧ ଥିଲା) ତେଣୁ ମହାତ୍ମା ଜ
ସ୍ଥିରବୁଦ୍ଧି ଆତ୍ରେୟ ପ୍ରଭୃତି ମୁନିମାନେ ତାଙ୍କ ନିକଟରେ ଉପବେଶ
(ତାଙ୍କୁ ଯଥାବିଧି ଅର୍ଚ୍ଚନାକରି) ପଚାରିଲେ ହେ ବ୍ରହ୍ମନ୍, ଆପଣ ଯେଉଁ ନା
ନାମକ ଗ୍ରନ୍ଥ ରଚନା କରିଛନ୍ତି, ତାହା କାହାପାଇଁ ? ତାହାର କେ
ଅଙ୍ଗ ? ଏହାର ପ୍ରମାଣ କଣ ? ଏହାର ପ୍ରୟୋଗ କି ପ୍ରକାର ? ଏହି ସମ

Digitized by srujanika@gmail.com

ଭରତ-ମୁନି-ପ୍ରଣୀତମ୍

ନାଟ୍ୟଶାସ୍ତ୍ରମ୍

ପ୍ରଥମୋଽଧ୍ୟାୟଃ

ପ୍ରଣମ୍ୟ ଶିରସା ଦେବୌ ପିତାମହମହେଶ୍ୱରୌ ।
ନାଟ୍ୟଶାସ୍ତ୍ରଂ ପ୍ରବକ୍ଷ୍ୟାମି ବ୍ରହ୍ମଣା ଯଦୁଦାହୃତମ୍ ॥ ୧ ॥
ସମାପ୍ତଜପ୍ୟଂ ବ୍ରତିନଂ ସ୍ୱସୁତୈଃ ପରିବାରିତମ୍ ।
ଅନଧ୍ୟାୟେ କଦାଚିତ୍ତୁ ଭରତଂ ନାଟ୍ୟକୋବିଦମ୍ ॥ ୨ ॥
ମୁନୟଃ ପର୍ଯ୍ୟୁପାସ୍ୟୈନମାତ୍ରେୟପ୍ରମୁଖାଃ ପୁରା ।
ପପ୍ରଚ୍ଛୁସ୍ତେ ମହାତ୍ମାନୋ ନିୟତେନ୍ଦ୍ରିୟବୁଦ୍ଧୟଃ ॥ ୩ ॥

ପ୍ରଥମ ଅଧ୍ୟାୟ

(ନାଟ୍ୟଶାସ୍ତ୍ରୋତ୍ପତ୍ତି)

ଅବନତ ମସ୍ତକରେ ବ୍ରହ୍ମା ଓ ଶିବଙ୍କୁ ନମସ୍କାର କରି ବ୍ରହ୍ମୋକ୍ତ ନାଟ୍ୟ-ଶାସ୍ତ୍ରକୁ କହୁଛନ୍ତି—

ପୂର୍ବେ ଦିନେ ବ୍ରତପରାୟଣ ନାଟ୍ୟକୋବିଦ ଭରତ ମୁନି ଜପ କର୍ମ ଶେଷକରି, ନିଜ ପୁତ୍ରଙ୍କ ଦ୍ୱାରା ପରିବେଷ୍ଟିତ ହୋଇ ବସିଥିଲେ । ସେ ଦିନ ଅନଧ୍ୟାୟ ଦିବସ ଥିଲା (ଅଧ୍ୟୟନ ଓ ଅଧ୍ୟାପନ ନିଷିଦ୍ଧ ଥିଲା) ତେଣୁ ମହାତ୍ମା ଜିତେନ୍ଦ୍ରିୟ ସ୍ଥିରବୁଦ୍ଧି ଆତ୍ରେୟ ପ୍ରମୁଖ ମୁନିମାନେ ତାଙ୍କ ନିକଟରେ ଉପବେଶନ କରି (ତାଙ୍କ୍ ଯଥାବିଧି ଅର୍ଚ୍ଚନାକରି) ପଚାରିଲେ ହେ ବ୍ରହ୍ମନ୍, ଆପଣ ଯେଉଁ ନାଟ୍ୟବେଦ ନାମକ ଗ୍ରନ୍ଥ ରଚନା କରିଛନ୍ତି, ତାହା କାହାପାଇଁ ? ତାହାର କେତେଗୋଟି ଅଙ୍ଗ ? ଏହାର ପ୍ରମାଣ କଣ ? ଏହାର ପ୍ରୟୋଗ କି ପ୍ରକାର ? ଏହି ସମସ୍ତ କଥା

Digitized by srujanika@gmail.com

ଯୋଽୟଂ ଭଗବତା ସମ୍ୟଗ୍ଗ୍ରଥିତୋ ବେଦସମ୍ମିତଃ ।
ନାଟ୍ୟବେଦଃ କଥଂ ବ୍ରହ୍ମନ୍ନୁତ୍ପନ୍ନଃ କସ୍ୟ ବା କୃତେ ॥ ୪ ॥
କତ୍ୟଙ୍ଗଃ କଃ ପ୍ରମାଣଶ୍ଚ ପ୍ରୟୋଗଶ୍ଚାସ୍ୟ କୀଦୃଶଃ ।
ସର୍ବମେତଦ୍ୟଥାତତ୍ତ୍ୱଂ ଭଗବନ୍ ବକ୍ତୁମର୍ହସି ॥ ୫ ॥

ତେଷାଂ ତୁ ବଚନଂ ଶ୍ରୁତ୍ୱା ମୁନୀନାଂ ଭରତୋ ମୁନିଃ ।
ପ୍ରତ୍ୟୁବାଚ ତତୋ ବାକ୍ୟଂ ନାଟ୍ୟବେଦକଥାଂ ପ୍ରତି ॥ ୬ ॥
ଭବଦ୍ଭିଃ ଶୁଚିଭିର୍ଭୂତ୍ୱା ତଥାଽବହିତମାନସୈଃ ।
ଶ୍ରୂୟତାଂ ନାଟ୍ୟବେଦସ୍ୟ ସମ୍ଭବୋ ବ୍ରହ୍ମନିର୍ମିତଃ ॥ ୭ ॥

ପୂର୍ବଂ କୃତଯୁଗେ ବିପ୍ରା ବୃତ୍ତେ ସ୍ୱାୟମ୍ଭୁବେଽନ୍ତରେ ।
ତ୍ରେତାଯୁଗେଽଥ ସମ୍ପ୍ରାପ୍ତେ ମନୋର୍ବୈବସ୍ୱତସ୍ୟ ତୁ ॥ ୮ ॥
ଗ୍ରାମ୍ୟଧର୍ମପ୍ରବୃତ୍ତେ ତୁ କାମଲୋଭବଶଂ ଗତେ ।
ଈର୍ଷ୍ୟାକ୍ରୋଧାଦିସମ୍ମୂଢେ ଲୋକେ ସୁଖିତଦୁଃଖିତେ ॥ ୯ ॥

ଦେବଦାନବଗନ୍ଧର୍ବଯକ୍ଷରକ୍ଷୋମହୋରଗୈଃ ।
ଜମ୍ବୁଦ୍ୱୀପେ ସମାକ୍ରାନ୍ତେ ଲୋକପାଲପ୍ରତିଷ୍ଠିତେ ॥ ୧୦ ॥
ମହେନ୍ଦ୍ରପ୍ରମୁଖୈର୍ଦେବୈରୁକ୍ତଃ କିଲ ପିତାମହଃ ।
କ୍ରୀଡ଼ନୀୟକମିଚ୍ଛାମୋ ଦୃଶ୍ୟଂ ଶ୍ରବ୍ୟଂ ଚ ଯଦ୍ଭବେତ୍ ॥ ୧୧ ॥

ଆମ୍ଭମାନଙ୍କୁ ଯଥାର୍ଥ ତତ୍ତ୍ୱ ସହକାରେ କହନ୍ତୁ ।' ସେହି ମୁନିମାନଙ୍କର ଏହି କଥା ଶୁଣି ଭରତ ମୁନି ନାଟ୍ୟବେଦ ସମ୍ବନ୍ଧରେ କହିବାକୁ ଆରମ୍ଭ କଲେ ।

ଆପଣମାନେ ଶୁଚିହୋଇ ଅବହିତ (ଏକାଗ୍ର) ମନରେ ବ୍ରହ୍ମାଙ୍କ ଦ୍ୱାରା ରଚିତ ନାଟ୍ୟବେଦର ଉତ୍ପତ୍ତି କଥା ଶୁଣନ୍ତୁ । ୧-୭ ।

ହେ ବିପ୍ରଗଣ ! ପୂର୍ବେ ସ୍ୱାୟମ୍ଭୁବ ମନ୍ୱନ୍ତରସ୍ଥ ସତ୍ୟଯୁଗ ଶେଷହେଲା ପରେ ଯେତେବେଳେ ବୈବସ୍ୱତ ମନ୍ୱନ୍ତରର ତ୍ରେତାଯୁଗ ପ୍ରବେଶ କଲା, ସେତେବେଳେ ଲୋକମାନଙ୍କର ଗ୍ରାମ୍ୟ (ହୀନ) ଧର୍ମରେ ପ୍ରବୃତ୍ତି ଜାତ ହେଲା । ୮-୯ ।

ଲୋକପାଳ ବ୍ରହ୍ମା ପ୍ରତିଷ୍ଠିତ ଏହି ଜମ୍ବୁଦ୍ୱୀପ, ଦେବ, ଦାନବ, ଗନ୍ଧର୍ବ, ଯକ୍ଷ, ରାକ୍ଷସ ଓ ମହୋରଗମାନଙ୍କ ଦ୍ୱାରା ଅତ୍ୟନ୍ତ ଆକ୍ରାନ୍ତ ହେଲା । ୧୦ ।

ତେବେ ଇନ୍ଦ୍ର ପ୍ରମୁଖ ଦେବତାମାନେ ବ୍ରହ୍ମାଙ୍କୁ କହିଲେ, (ଶ୍ରବ୍ୟ) କାନରେ ଶୁଣିବାଭଳି ଓ (ଦୃଶ୍ୟ) ଆଖିରେ ଦେଖିଲାଭଳି, ଗୋଟିଏ ଆମୋଦର (କ୍ରୀଡ଼ନୀୟ)

Digitized by srujanika@gmail.com

ନ ବେଦବ୍ୟବହାରୋଽୟଂ ସଂଶ୍ରାବ୍ୟଃ ଶୂଦ୍ରଜାତିଷୁ ।
ତସ୍ମାତ୍ ସୃଜାପରଂ ବେଦଂ ପଞ୍ଚମଂ ସାର୍ବବର୍ଣ୍ଣିକମ୍ ॥ ୧୨ ॥
ଏବମସ୍ତ୍ୱିତି ତାନୁକ୍ତ୍ୱା ଦେବରାଜଂ ବିସୃଜ୍ୟ ଚ ।
ସସ୍ମାର ଚତୁରୋ ବେଦାନ୍ ଯୋଗମାସ୍ଥାୟ ତତ୍ତ୍ୱବିତ୍ ॥ ୧୩ ॥
ଧର୍ମ୍ୟମର୍ଥ୍ୟଂ ଯଶସ୍ୟଂ ଚ ସୋପଦେଶଂ ସସଙ୍ଗ୍ରହମ୍ ।
ଭବିଷ୍ୟତଶ୍ଚ ଲୋକସ୍ୟ ସର୍ବକର୍ମାନୁଦର୍ଶକମ୍ ॥
ନାଟ୍ୟାଖ୍ୟଂ ପଞ୍ଚମଂ ବେଦଂ ସେତିହାସଂ କରୋମ୍ୟହମ୍ ।
ସର୍ବଶାସ୍ତ୍ରାର୍ଥସମ୍ପନ୍ନଂ ସର୍ବଶିଳ୍ପପ୍ରବର୍ତ୍ତକମ୍ ॥
ନାଟ୍ୟାଖ୍ୟଂ ପଞ୍ଚମଂ ବେଦଂ ସେତିହାସଂ କରୋମ୍ୟହମ୍ ॥ ୧୪-୧୫ ॥
ଏବଂ ସଙ୍କଳ୍ପ୍ୟ ଭଗବାନ୍ ସର୍ବବେଦାନନୁସ୍ମରନ୍ ।
ନାଟ୍ୟବେଦଂ ତତଶ୍ଚକ୍ରେ ଚତୁର୍ବେଦାଙ୍ଗସମ୍ଭବମ୍ ॥ ୧୬ ॥
ଜଗ୍ରାହ ପାଠ୍ୟମୃଗ୍‌ବେଦାତ୍ସାମଭ୍ୟୋ ଗୀତମେବ ଚ ।
ଯଜୁର୍ବେଦାଦଭିନୟାନ୍ ରସାନାଥର୍ବଣାଦପି ॥ ୧୭ ॥

ପ୍ରୟୋଜନୀୟତା ଅନୁଭବ କରୁଅଛୁ । ଆପଣଙ୍କ ରଚିତ ଚାରି ବେଦ ଶୂଦ୍ରମାନଙ୍କର ଶ୍ରବଣ ଯୋଗ୍ୟ ନୁହେଁ । ତେଣୁ ଆପଣ ସବୁଜାତି ଲୋକଙ୍କର ଶ୍ରବଣଯୋଗ୍ୟ ପଞ୍ଚମ-ବେଦ ରଚନା କରନ୍ତୁ । ୧୧-୧୨ ।

ବହୁ, ତାହାହେବ ବୋଲି କହି ଦେବରାଜଙ୍କୁ ବିଦାୟ ଦେଲେ । ତତ୍ପରେ ତତ୍ତ୍ୱବିଦ୍ ବ୍ରହ୍ମା ଯୋଗସ୍ଥ ହୋଇ ଋଗ୍ ପ୍ରଭୃତି ଚାରି ବେଦକୁ ସ୍ମରଣ କଲେ, ଏବଂ ମନେ ମନେ ସଙ୍କଳ୍ପ କଲେ ଯେ ମୁଁ ନାଟ୍ୟ ନାମକ ବେଦ ପ୍ରଣୟନ କରିବି, ତାହା ଧର୍ମ, ଅର୍ଥ ଓ ଯଶୋଦାୟକ ହେବ । ଏଥିରେ ଉପଦେଶ ଓ ସଂଗ୍ରହମାନ (ପ୍ରାଚୀନ ମତୋଦ୍ଧାର) ରହିବ । ଏହା ପରବର୍ତ୍ତୀ ପୁରୁଷର ସର୍ବବିଧ କାର୍ଯ୍ୟକଳାପର ମାର୍ଗ ପ୍ରଦର୍ଶକ ହେବ. ଏଥିରେ ସର୍ବବିଧ ଶାସ୍ତ୍ରର ତତ୍ତ୍ୱ ନିହିତ ହେବ । ଏହା ସକଳ-ପ୍ରକାର ଶିଳ୍ପର ମଧ୍ୟ ସୂଚକ (ପ୍ରଦର୍ଶକ) ହେବ, ଏହି ସଙ୍କଳ୍ପ ମନରେ ଧରି ବ୍ରହ୍ମା ବେଦମାନଙ୍କୁ ସ୍ମରଣ କଲେ । ତତ୍ପରେ ଚାରି ବେଦର ଅଙ୍ଗରୁ ସାର ଆହରଣକରି ନାଟ୍ୟ ବେଦ ରଚନାକଲେ । ୧୩-୧୬ ।

ଋଗ୍‌ବେଦରୁ ପାଠ୍ୟ, ସାମବେଦରୁ ଗୀତ, ଯଜୁର୍ବେଦରୁ ଅଭିନୟ ଓ ଅଥର୍ବ ବେଦରୁ ରସ ଗ୍ରହଣ କଲେ, ଏହି ପ୍ରକାର ବେଦ ଏବଂ ଉପବେଦ

Digitized by srujanika@gmail.com

ବେଦୋପବେଦୈଃ ସମ୍ବଦ୍ଧୋ ନାଟ୍ୟବେଦୋ ମହାତ୍ମନାମ୍ ।
ଏବଂ ଭଗବତା ସୃଷ୍ଟୋ ବ୍ରହ୍ମଣା ସର୍ବବେଦିନା ॥ ୧୮ ॥
ଉତ୍ପାଦ୍ୟ ନାଟ୍ୟବେଦଂ ତୁ ବ୍ରହ୍ମୋବାଚ ସୁରେଶ୍ୱରମ୍ ।
ଇତିହାସୋ ମୟା ଦୃଷ୍ଟଃ ସ ସୁରେଷୁ ନିଯୁଜ୍ୟତାମ୍ ॥ ୧୯ ॥
କୁଶଳା ଯେ ବିଦଗ୍ଧାଶ୍ଚ ପ୍ରଗଲ୍‌ଭାଶ୍ଚ ଜିତଶ୍ରମାଃ ।
ତେଷ୍ୱୟଂ ନାଟ୍ୟସଂଜ୍ଞୋ ହି ବେଦଃ ସଂକ୍ରାମ୍ୟତାଂ ତ୍ୱୟା ॥ ୨୦ ॥
ତଚ୍ଛ୍ରୁତ୍ୱା ବଚନଂ ଶକ୍ରୋ ବ୍ରହ୍ମଣା ଯଦୁଦାହୃତମ୍ ।
ପ୍ରାଞ୍ଜଳିଃ ପ୍ରଣତୋ ଭୂତ୍ୱା ପ୍ରତ୍ୟୁବାଚ ପିତାମହମ୍ ॥ ୨୧ ॥
ଗ୍ରହଣେ ଧାରଣେ ଜ୍ଞାନେ ପ୍ରୟୋଗେ ଚୃସ୍ୟ ସତ୍ତମ ।
ଅଶକ୍ତା ଭଗବନ୍ ଦେବା ଅଯୋଗ୍ୟା ନାଟ୍ୟକର୍ମଣି । ୨୨ ।
ଯ ଇମେ ବେଦତତ୍ତ୍ୱଜ୍ଞା ଋଷୟଃ ଶଂସିତବ୍ରତାଃ ।
ଏତେଽସ୍ୟ ଗ୍ରହଣେ ଶକ୍ତାଃ ପ୍ରୟୋଗେ ଧାରଣେ ତଥା ॥ ୨୩ ॥
ଶ୍ରୁତ୍ୱା ତୁ ଶକ୍ରବଚନଂ ମାମାହାମ୍ବୁଜସମ୍ଭବଃ ।
ତ୍ୱଂ ପୁତ୍ରଶତସଂଯୁକ୍ତଃ ପ୍ରୟୋକ୍ତାଽସ୍ୟ ଭବାନଘ ॥ ୨୪ ॥
ଆଜ୍ଞାପିତୋ ବିଦିତ୍ୱାଽହଂ ନାଟ୍ୟବେଦଂ ପିତାମହାତ୍ ।
ସୁତାନଧ୍ୟାପୟାଂ ଯୋଗ୍ୟାନ୍ ପ୍ରୟୋଗଂ ଚାପି ତତ୍ତ୍ୱତଃ । ୨୫ ।

ମାନଙ୍କ ସହିତ ସମ୍ବନ୍ଧଶୀଳ ନାଟ୍ୟବେଦକୁ ମହାତ୍ମା ବ୍ରହ୍ମା ଲଳିତାକାରରେ ସୃଷ୍ଟି କଲେ, ନାଟ୍ୟବେଦ ରଚିତ ହୋଇଗଲା । ୧୮ ।

ବ୍ରହ୍ମା ଇନ୍ଦ୍ରଙ୍କୁ ସମ୍ବୋଧନ କରି କହିଲେ ମୁଁ ଜ୍ଞାନବଳରେ ଇତିହାସ ଦର୍ଶନ କଲି (ରଚନା କଲି), ତୁମ୍ଭେ ଦେବତାମାନଙ୍କଠାରେ ଏହାର ନିୟୋଗ କର, ଦେବତାମାନଙ୍କ ଦ୍ୱାରା ଏହାର ଅଭିନୟ କରାଅ. ଯେଉଁ ଦେବତାମାନେ କୁଶଳ, ରସଜ୍ଞ, ଚତୁର ଏବଂ ଯେଉଁମାନେ ଶ୍ରମକାତର ନୁହନ୍ତି, ସେମାନଙ୍କଠାରେ ଏହାକୁ ସଂକ୍ରାମିତ କର (ଅଭ୍ୟାସ କରାଅ) । ୧୯ ୨୨ ।

ଯେଉଁ ତପଃପରାୟଣ ମୁନିମାନେ ବେଦର ଗୂଢ଼ମର୍ମ ଜାଣିପାରନ୍ତି, ସେହିମାନେ ଏକା ଏହାର ଗ୍ରହଣ, ଧାରଣ ଓ ପ୍ରୟୋଗ ବିଷୟରେ ସମର୍ଥ । ୨୩ ।

ଇନ୍ଦ୍ରଙ୍କ କଥା ଶୁଣି ବ୍ରହ୍ମା ମୋତେ କହିଲେ ହେ ଅନଘ (ନିଷ୍ପାପ) ତୁମେ ତୁମ୍ଭର ଶହେ ପୁତ୍ରଙ୍କ ସହିତ ଏହାର ପ୍ରୟୋକ୍ତା ହୁଅ । ଏହି ଆଦେଶ ପାଇଲା ପରେ ମୁଁ ବ୍ରହ୍ମାଙ୍କଠାରୁ ନାଟ୍ୟ ବେଦର ମର୍ମ ବୁଝି ଯୋଗ୍ୟ ପୁତ୍ରମାନଙ୍କୁ ତତ୍ତ୍ୱସହିତ

Digitized by srujanika@gmail.com

ଶାଣ୍ଡିଲ୍ୟଂ ଚୈବ ବାତ୍ସ୍ୟଂ ଚ କୋହଲଂ ଦତ୍ତିଲଂ ତଥା ।
ଜଟିଳାମ୍ବଷ୍ଟକୌ ଚୈବ ତଣ୍ଡୁମଗ୍ନିଶିଖଂ ତଥା ॥ ୨୬ ॥
ସୈନ୍ଧବଂ ସପୁଲୋମାନଂ ଶାଡ୍ୱଲିଂ ବିପୁଲଂ ତଥା ।
କାପିଞ୍ଜଲିଂ ବାଦରିଂ ଚ ଯମଧୂମ୍ରାୟଣୌ ତଥା ॥ ୨୭ ॥
ଜମ୍ବୁଧ୍ୱଜଂ କାକଜଙ୍ଘଂ ସ୍ୱର୍ଣ୍ଣକଂ ତାପସଂ ତଥା ।
କୈଦାରିଂ ଶାଲିକର୍ଣ୍ଣଂ ଚ ଦୀର୍ଘଗାତ୍ରଂ ଚ ଶାଲିକମ୍ ॥ ୨୮ ॥
କୌତ୍ସଂ ତାଣ୍ଡାୟନିଂ ଚୈବ ପିଙ୍ଗଲଂ ଚିତ୍ରକଂ ତଥା ।
ବନ୍ଧୁଲଂ ଭକ୍ତକଂ ଚୈବ ମୁଷ୍ଟିକଂ ସୈନ୍ଧବାୟନମ୍ ॥ ୨୯ ॥
ତୈତିଲଂ ଭାର୍ଗବଂ ଚୈବ ଶୁଚିଂ ବାହୁଲମେବ ଚ ।
ଅବୁଧଂ ବୁଧସେନଂ ଚ ପାଣ୍ଡୁକର୍ଣ୍ଣଂ ସୁକେରଳମ୍ ॥ ୩୦ ॥
ଋଜୁକଂ ମଣ୍ଡକଂ ଚୈବ ଶମ୍ବଲଂ ବଞ୍ଜୁଲଂ ତଥା ।
ମାଗଧଂ ସରଳଂ ଚୈବ କର୍ତ୍ତାରଂ ଚୋଗ୍ରମେବ ଚ ॥ ୩୧ ॥
ତୁଷାରଂ (ରଂ) ପାର୍ଷଦଂ ଚୈବ ଗୌତମଂ ବାଦରାୟଣମ୍ ।
ବିଶାଲଂ ଶବଲଂ ଚୈବ ସୁନାଭଂ ମେଷମେବ ଚ ॥ ୩୨ ॥
କାଲୀୟଂ ଭ୍ରମରଂ ଚୈବ ତଥା ପୀଠମୁଖଂ ମୁନିମ୍ ।
ନଖକୁଟ୍ଟାଶ୍ମକୁଟ୍ଟୌ ଚ ଷଟ୍ପଦଂ ସୋତ୍ତମଂ ତଥା ॥ ୩୩ ॥
ପାଦୁକୋପାନହୌ ଚୈବ ଶ୍ରୁତିଂ ଚାଷସ୍ୱରଂ ତଥା ।
ଅଗ୍ନିକୁଣ୍ଡାଜ୍ୟକୁଣ୍ଡୌ ଚ ବିତଣ୍ଡ୍ୟଂ ତାଣ୍ଡ୍ୟମେବ ଚ ॥ ୩୪ ॥
କାର୍ତ୍ତସ୍ୱରଂ ହିରଣ୍ୟାକ୍ଷଂ କୁଶଳଂ ଦୁଃସହଂ ତଥା ।
ଲାଜଂ ଭୟାନକଂ ଚୈବ ବୀଭତ୍ସଂ ସବିଚକ୍ଷଣମ୍ ॥ ୩୫ ॥

ଏହାର ପ୍ରୟୋଗମାନ ପଢ଼ାଇଲେ (ଶିକ୍ଷାଦେଲେ) । ସେହି ପୁତ୍ରମାନଙ୍କର ନାମ ଶାଣ୍ଡିଲ୍ୟ, ବାତ୍ସ୍ୟ, କୋହଳ, ଦତ୍ତିଳ, ଜଟିଳ, ଅମ୍ବଷ୍ଟକ, ତାଣ୍ଡୁ, ଅଗ୍ନିଶିଖ, ସୈନ୍ଧବ, ପୁଲୋମା, ଶାଡ୍ୱଳ, ବିପୁଳ, କାପିଞ୍ଜଳ, ବାଦର, ଯମ, ଧୂମ୍ରାୟଣ, ଜମ୍ବୁଧ୍ୱଜ, କାକଜଙ୍ଘ, ସ୍ୱର୍ଣ୍ଣକ, ତାପସ, କୈଦାର, ଶାଳିକର୍ଣ୍ଣ, ଦୀର୍ଘଗାତ୍ର, ଶାଳିକ, କୌତ୍ସ, ତାଣ୍ଡାୟନ, ପିଙ୍ଗଳ, ଚିତ୍ରକ, ବନ୍ଧୁଳ ଭକ୍ତକ, ମୁଷ୍ଟିକ, ସୈନ୍ଧବାୟନ, ତୈତିଳ, ଭାର୍ଗବ, ଶୁଚି, ବାହୁଳ, ଅବୁଧ, ବୁଧସେନ, ପାଣ୍ଡୁକର୍ଣ୍ଣ, ସୁକେରଳ, ଋଜୁକ, ମଣ୍ଡକ, ଶମ୍ବଳ, ବଞ୍ଜୁଳ, ମାଗଧ, ସରଳ, କର୍ତ୍ତା, ଉଗ୍ର, ତୁଷାର, ପାର୍ଷଦ, ଗୌତମ, ବାଦରାୟଣ, ବିଶାଳ, ଶବଳ, ସୁନାଭ, ମେଷ, କାଳୀୟ, ଭ୍ରମର, ପୀଠମୁଖ, (ମୁନି) ନଖକୁଟ୍ଟ, ଅଶ୍ମକୁଟ୍ଟ, ଷଟ୍ପଦ, ଉତ୍ତମ, ପାଦୁକା, ଉପାନହ, ଶ୍ରୁତିଚ,

Digitized by srujanika@gmail.com

ପୁଣ୍ଡ୍ରାକ୍ଷଂ ପୁଣ୍ଡ୍ରନାସଂ ଚ ଅସିତଂ ସିତମେବ ଚ ।
ବିଦ୍ୟୁଜ୍ଜିହ୍ୱଂ ମହାଜିହ୍ୱଂ ଶାଳଙ୍କାୟନମେବ ଚ ॥ ୩୬ ॥
ଶ୍ୟାମାୟନଂ ମାଠରଂ ଚ ଲୋହିତାଙ୍ଗଂ ତଥୈବ ଚ ।
ସମ୍ବର୍ତ୍ତକଂ ପଞ୍ଚଶିଖଂ ତ୍ରିଶିଖଂ ଶିଖମେବ ଚ ॥ ୩୭ ॥
ଶଙ୍ଖବର୍ଣ୍ଣମୁଖଂ ଷଣ୍ଡଂ ଶଙ୍କୁକର୍ଣ୍ଣମଥାପି ଚ ।
ଶକ୍ରନେମିଂ ଗଭସ୍ତିଂ ଚାଂଶୁମାଳିଂ ଶଠଂ ତଥା ॥ ୩୮ ॥
ବିଦ୍ୟୁତଂ ଶାତଜଙ୍ଘଂ ଚ ରୌଦ୍ରଂ ବୀରମଥାପି ଚ ।
ପିତାମହାଜ୍ଞୟାସ୍ମାଭିର୍ଲୋକସ୍ୟ ଚ ଗୁଣେପ୍ସୟା ॥ ୩୯ ॥
ପ୍ରୟୋଜିତଂ ପୁତ୍ରଶତଂ ଯଥାଭୂମିବିଭାଗତଃ ।
ଯୋ ଯସ୍ମିନ୍ କର୍ମଣି ଯଥା ଯୋଗ୍ୟସ୍ତସ୍ମିନ୍ ସ ଯୋଜିତଃ ॥ ୪୦ ॥
ଭାରତୀଂ ସାତ୍ୱତୀଂ ଚୈବ ବୃତ୍ତିମାରଭଟୀଂ ତଥା ।
ସମାଶ୍ରିତଃ ପ୍ରୟୋଗସ୍ତୁ ପ୍ରଯୁକ୍ତୋ ବୈ ମୟା ଦ୍ୱିଜାଃ ॥ ୪୧ ॥
ପରିଗୃହ୍ୟ ପ୍ରଣମ୍ୟାଥ ବ୍ରହ୍ମା ବିଜ୍ଞାପିତୋ ମୟା ।
ଅଥାହ ମାଂ ସୁରଗୁରୁଃ କୈଶିକୀମପି ଯୋଜୟ ॥ ୪୨ ॥
ଯଚ୍ଚ ତସ୍ୟାଃ କ୍ଷମଂ ଦ୍ରବ୍ୟଂ ତଦ୍ ବ୍ରୂହି ଦ୍ୱିଜସତ୍ତମ ।
ଏବଂ ତେନାଭ୍ୟଭିହିତଃ ପ୍ରତ୍ୟୁକ୍ତସ୍ତୁ ମୟା ପ୍ରଭୁଃ ॥ ୪୩ ॥

ଗୃଷଧ୍ୱର, ଅଗ୍ନିକୁଣ୍ଡ, ଆଜ୍ୟକୁଣ୍ଡ, ବିତଣ୍ଡ୍ୟ, ତାଣ୍ଡ୍ୟ, କାର୍ତ୍ତ୍ରାକ୍ଷ, ହରଣ୍ୟାକ୍ଷ, କୁଣ୍ଡଳ, ଦୁଃସହ, ଲାଜ, ଭୟାନକ, ବୀଭତ୍ସ, ବିଚକ୍ଷଣ, ପୁଣ୍ଡ୍ରାକ୍ଷ, ପୁଣ୍ଡ୍ରନାସ, ଅସିତ,, ସିତ, ବିଦ୍ୟୁଜ୍ଜିହ୍ୱ, ମହାଜିହ୍ୱ, ଶାଳଙ୍କାୟନ, ଶ୍ୟାମାୟନ ମାଠର, ଲୋହିତାଙ୍ଗ, ସମ୍ବର୍ତ୍ତକ, ପଞ୍ଚଶିଖ, ତ୍ରିଶିଖ, ଶିଖ, ଶଙ୍ଖବର୍ଣ୍ଣମୁଖ, ଷଣ୍ଡ, ଶଙ୍କୁକର୍ଣ୍ଣ, ଶକ୍ରନେମି, ଗଭସ୍ତି, ଅଂଶୁମାଳି, ଶଠ, ବିଦ୍ୟୁତ, ଶାତଜଙ୍ଘ, ରୌଦ୍ର ବୀର । ୩୯ ।

ପିତାମହ ବ୍ରହ୍ମାଙ୍କ ଆଦେଶକ୍ରମେ ଲୋକଙ୍କର ଗୁଣପ୍ରାପ୍ତି ଇଚ୍ଛାରେ ଆମ୍ଭେମାନେ ସେହି ଶହେ ପୁତ୍ରଙ୍କୁ ଯଥୋଚିତ ଭୂମିକା ଭେଦରେ ଅଭିନୟ କ୍ରିୟାରେ ନିଯୁକ୍ତ କଲୁଁ । ଯେଉଁ ପୁତ୍ର ଯେଉଁ କାର୍ଯ୍ୟପାଇଁ ଉପଯୁକ୍ତ ବିବେଚିତ ହେଲା, ତାକୁ ସେହି କର୍ମରେ ନିଯୁକ୍ତ କରାଗଲା । ୪୦ ।

ହେ ଦ୍ୱିଜଶ୍ରେଷ୍ଠଗଣ ଭାରତୀ, ସାତ୍ୱତୀ ଓ ଆରଭଟୀ ବୃତ୍ତିକୁ ଆଶ୍ରୟ କରି ଏହି ପ୍ରୟୋଗ ପ୍ରଯୁକ୍ତ କରା ହୋଇଥିଲା, କିନ୍ତୁ ବ୍ରହ୍ମା ମୋତେ କହିଲେ ହେ ଦ୍ୱିଜବର ! ତୁମ୍ଭେ ଏଥିରେ କୈଶିକୀ ବୃତ୍ତିକୁ ମଧ୍ୟ ସଂଯୋଜିତ କର । ସେଥିପାଇଁ ଯେଉଁସବୁ ଉପକରଣ ଉପଯୋଗୀ ତାହା ମୋତେ କୁହ । ୪୧-୪୩ ।

Digitized by srujanika@gmail.com

ଆସୃତାଂ ଭଗବନ୍ ଦ୍ରବ୍ୟଂ କୈଶିକ୍ୟାଃ ସମ୍ପ୍ରୟୋଜକମ୍ ।
ମୃଦ୍ୱଙ୍ଗହାରସମ୍ପନ୍ନା ରସଭାବକ୍ରିୟାତ୍ମିକା ॥ ୪୪ ॥
ଦୃଷ୍ଟ୍ୱା ମୟା ଭଗବତୋ ନୀଳକଣ୍ଠସ୍ୟ ନୃତ୍ୟତଃ ।
କୈଶିକୀ ଶ୍ଲକ୍ଷ୍ଣନେପଥ୍ୟା ଶୃଙ୍ଗାରରସସମ୍ଭବା ॥ ୪୫ ॥
ଅଶକ୍ୟା ପୁରୁଷୈଃ ସାଧୁ ପ୍ରୟୋକ୍ତୁଂ ସ୍ତ୍ରୀଜନାଦୃତେ ।
ତତୋଽସୃଜନ୍ ମହାତେଜା ମନସାଽପ୍ସରସୋ ବିଭୁଃ ॥ ୪୬ ॥
ନାଟ୍ୟାଲଙ୍କାରଚତୁରାଃ ପ୍ରାଦାନ୍ମହ୍ୟଂ ପ୍ରୟୋଗତଃ ।
ମଞ୍ଜୁକେଶୀଂ ସୁକେଶୀଂ ଚ ମିଶ୍ରକେଶୀଂ ସୁଲୋଚନାମ୍ ॥ ୪୭ ॥
ସୌଦାମିନୀଂ ଦେବଦତ୍ତାଂ ଦେବସେନାଂ ମନୋରମାମ୍ ।
ସୁଦତୀଂ ସୁନ୍ଦରୀଂ ଚୈବ ବିଦଗ୍ଧାଂ ବିବିଧାଂ (ବିପୁଲାଂ) ତଥା ॥ ୪୮ ॥
ସୁମାଳାଂ ସନ୍ତତିଂ ଚୈବ ସୁନନ୍ଦାଂ ସୁମୁଖୀଂ ତଥା ।
ମାଗଧୀମର୍ଜୁନୀଂ ଚୈବ ସରଳାଂ କେରଳାଂ ଧୃତିମ୍ । ୪୯ ॥
ନନ୍ଦାଂ ସୁପୁଷ୍କଳାଂ ଚୈବ କଳଭାଂ ଚୈବ ମେ ଦଦୌ ।
ସ୍ୱାତିଭାଣ୍ଡୋ ନିଯୁକ୍ତସ୍ତୁ ସହ ଶିଷ୍ୟୈଃ ସ୍ୱୟମ୍ଭୁବା ॥ ୫୦ ॥

ତାଙ୍କର ଏହି କଥା ଶୁଣି ମୁଁ କହିଲି, ପ୍ରଭୋ ମୋତେ କୌଶିକୀ ବୃତ୍ତିର ପ୍ରୟୋଗପାଇଁ ପ୍ରୟୋଜନୀୟ ଦ୍ରବ୍ୟମାନ ଦିଅନ୍ତୁ । ନୀଳକଣ୍ଠ ମହାଦେବଙ୍କର ନୃତ୍ୟ-କାଳରେ ମୁଁ ଏହି କୌଶିକୀ ବୃତ୍ତିକୁ ଲକ୍ଷ୍ୟ କରିଛି । ରସ, ଭାବ ଓ କ୍ରିୟାର ବ୍ୟଞ୍ଜକ ମୃଦୁ ଅଙ୍ଗହାର (ଅଭିନୟ ମୁଦ୍ରା) ଏଥିରେ ଥାଏ । ଏଥିରେ ବେଶ ରଚନା ଶ୍ଲକ୍ଷ୍ଣ (ଉଜ୍ଜ୍ୱଳ ବା ସୁକଚକ୍ୟମୟ) ଓ ଏହା ଶୃଙ୍ଗାର ରସରୁ ଉତ୍ପନ୍ନ, ତେଣୁ ସ୍ତ୍ରୀଲୋକ ନହେଲେ ଏହାର ପ୍ରୟୋଗ ହୋଇ ପାରିବ ନାହିଁ । ପୁରୁଷମାନେ ଏଥିପାଇଁ ଅସମର୍ଥ ବା ଅନୁପଯୁକ୍ତ । ୪୪-୪୬ ।

ତତ୍ପରେ ମହାତେଜା ବ୍ରହ୍ମା ମନରୁ ନାଟ୍ୟାଲଙ୍କାରରେ କୁଶଳା ଅପ୍ସରା-ମାନଙ୍କୁ ଜାତ କରି ପ୍ରୟୋଗ କାର୍ଯ୍ୟ ଉଦ୍ଦେଶ୍ୟରେ ମୋତେ ଦେଲେ । ସେମାନଙ୍କର ନାମ ହେଉଛି, ମଞ୍ଜୁକେଶୀ, ସୁକେଶୀ, ମିଶ୍ରକେଶୀ, ସୁଲୋଚନା, ସୌଦାମିନୀ, ଦେବଦତ୍ତା, ଦେବସେନା, ମନୋରମା, ସୁଦତୀ, ସୁନ୍ଦରୀ, ବିଦଗ୍ଧା, ବିବିଧା, ସୁମାଳା, ସନ୍ତତି, ସୁନନ୍ଦା, ସୁମୁଖୀ, ମାଗଧୀ, ଅର୍ଜୁନୀ, ସରଳା, କେରଳା, ଧୃତି, ନନ୍ଦା, ସୁପୁଷ୍କଳା, କଳଭା । ବ୍ରହ୍ମା ସଶିଷ୍ୟ ସ୍ୱାତିଭାଣ୍ଡ ଏବଂ ନାରଦ ପ୍ରଭୃତି ଗନ୍ଧର୍ବଙ୍କୁ ମଧ୍ୟ ନାଟ୍ୟ କାର୍ଯ୍ୟରେ ନିୟୋଜିତ କଲେ । (ଅନ୍ୟମତରେ ସ୍ୱାତି ବାଦ୍ୟଭାଣ୍ଡ ବଜାଇବାରେ ନିଯୁକ୍ତ ହେଲେ ଓ ନାରଦ ପ୍ରଭୃତି ଗାନ କାର୍ଯ୍ୟରେ ନିୟୋଜିତ ହେଲେ । ୪୭-୫୦ ।

Digitized by srujanika@gmail.com

(ସ୍ୱାତିର୍ଭାଣ୍ଡନିଯୁକ୍ତସ୍ତୁ ସହ ଶିଷ୍ୟୈଃ ସ୍ୱୟମ୍ଭୁବା)
ନାରଦାଦ୍ୟାଶ୍ଚ ଗନ୍ଧର୍ବା ନାଟ୍ୟ (ଗାନ) ଯୋଗେ ନିୟୋଜିତାଃ ।
ଏବଂ ନାଟ୍ୟମିଦଂ ସମ୍ୟଗ୍ ବୁଦ୍ଧ୍ୱା ସର୍ବୈଃ ସୁତୈଃ ସହ ॥ ୫୧ ॥
ସ୍ୱାତିନାରଦସଂଯୁକ୍ତୋ ବେଦବେଦାଙ୍ଗକାରଣମ୍ ।
ଉପସ୍ଥିତୋଽହଂ ଲୋକେଶଂ ପ୍ରୟୋଗାର୍ଥଂ କୃତାଞ୍ଜଳିଃ ॥ ୫୨ ॥
ନାଟ୍ୟସ୍ୟ ଗ୍ରହଣଂ ପ୍ରାପ୍ତଂ ବ୍ରୂହି କିଂ କରବାଣ୍ୟହମ୍ ।
ଏତତ୍ତୁ ବଚନଂ ଶ୍ରୁତ୍ୱା ପ୍ରତ୍ୟୁବାଚ ପିତାମହଃ ॥ ୫୩ ॥
ମହାନୟଂ ପ୍ରୟୋଗସ୍ୟ ସମୟଃ ସମୁପସ୍ଥିତଃ ।
ଅୟଂ ଧ୍ୱଜମହଃ ଶ୍ରୀମାନ୍ମହେନ୍ଦ୍ରସ୍ୟ ପ୍ରବର୍ତତେ ॥ ୫୪ ॥
ଅତ୍ରେଦାନୀମୟଂ ବେଦୋ ନାଟ୍ୟସଂଜ୍ଞଃ ପ୍ରଯୁଜ୍ୟତାମ୍ ।
ତତସ୍ତସ୍ମିନ୍ ଧ୍ୱଜମହେ ନିହତାସୁରଦାନବେ ॥ ୫୫ ॥
ପ୍ରହୃଷ୍ଟାମରସଙ୍କୀର୍ଣ୍ଣେ ମହେନ୍ଦ୍ରବିଜୟୋତ୍ସବେ ।
ନାନ୍ଦୀ କୃତା ମୟା ପୂର୍ବମାଶୀର୍ବଚନସଂଯୁତା ॥ ୫୬ ॥
ଅଷ୍ଟାଙ୍ଗପଦସଂଯୁକ୍ତା ବିଚିତ୍ରା ବେଦସମ୍ମତା ।
ତଦନ୍ତେଽନୁକୃତିର୍ବଦ୍ଧା ଯଥା ଦୈତ୍ୟାଃ ସୁରୈର୍ଜିତାଃ ॥ ୫୭ ॥
ସଂଫେଟବିଦ୍ରବକୃତା ଚ୍ଛେଦ୍ୟଭେଦ୍ୟାହବାତ୍ମିକା ।
ତତୋ ବ୍ରହ୍ମାଦୟୋ ଦେବାଃ ପ୍ରୟୋଗପରିତୋଷିତାଃ ॥ ୫୮ ॥

ପୁଅମାନଙ୍କ ସହିତ ଏହି ଭଳି ନାଟ୍ୟକୁ ଉତ୍ତମରୂପେ ବୁଝିସାରି ସ୍ୱାତି ଓ ନାରଦଙ୍କୁ ସଙ୍ଗରେ ନେଇ ପ୍ରୟୋଗ କରାଇବା ଉଦ୍ଦେଶ୍ୟରେ ସମସ୍ତ ବେଦ ଓ ବେଦାଙ୍ଗର ମୂଳସ୍ୱରୂପ ବ୍ରହ୍ମାଙ୍କ ପାଖରେ ପହଞ୍ଚି ହାତଯୋଡ଼ି କହିଲି । ଆମ୍ଭେ ନାଟ୍ୟକୁ ଗ୍ରହଣ କରି ପାରିଲୁଣି (ଅଭ୍ୟାସ କଲୁଣି) ଏବେ କଣ କରିବାକୁ ହେବ କୁହନ୍ତୁ । ଏହା ଶୁଣି ପିତାମହ (ବ୍ରହ୍ମା) ଉତ୍ତର ଦେଲେ । ଏବେ ଗୋଟିଏ ଉତ୍ତମ ଅଭିନୟର କାଳ ଉପସ୍ଥିତ ହୋଇଅଛି । ଶ୍ରୀମାନ୍ ଇନ୍ଦ୍ରଙ୍କର ଧ୍ୱଜ ଉତ୍ସବ ଚାଲିଛି । ଏହି ସ୍ଥାନରେ ଏହି ସମୟରେ ନାଟ୍ୟ ବେଦର ପ୍ରୟୋଗ କର । ୫୧-୫୫ ।

ତେଣୁ ସେହି ଧ୍ୱଜ ଉତ୍ସବରେ ଅସୁର ଦାନବମାନେ ନିହତ ହୋଇ-ଥିବାରୁ ଆନନ୍ଦିତ ଦେବଗଣ ବହୁ ସଂଖ୍ୟାରେ ଉପସ୍ଥିତ ହୋଇଅଛନ୍ତି । ଇନ୍ଦ୍ରଙ୍କର ଏହି ଧନୁ ଉତ୍ସବରେ ମୁଁ ଏହାର ପ୍ରୟୋଗ କରିଥିଲି । ପ୍ରଥମେ ମୁଁ ଆଶୀର୍ବାଦ ଯୁକ୍ତ ନାନ୍ଦୀ (ଉଚ୍ଚାରଣ) କଲି । ଏହି ନାନ୍ଦୀ ବୈଚିତ୍ର୍ୟ ଯୁକ୍ତ ୮ ଗୋଟି ପଦରେ ରଚିତ

Digitized by srujanika@gmail.com

ପ୍ରଦଦୁର୍ହ୍ୟଷ୍ଟମନସଃ ସର୍ବୋପକରଣାନି ନଃ ।
ପ୍ରୀତସ୍ତୁ ପ୍ରଥମଂ ଶକ୍ରୋ ଦତ୍ତବାନ୍ ସ୍ୱଧ୍ୱଜଂ ଶୁଭମ୍ ॥ ୫୯ ॥
ବ୍ରହ୍ମା କମଣ୍ଡଳୁଂ ଚୈବ ଭୃଙ୍ଗାରଂ ବରୁଣସ୍ତଥା ।
ସୂର୍ଯ୍ୟଶ୍ଛତ୍ରଂ ଶିବଃ ସିଦ୍ଧିଂ ବାୟୁର୍ବ୍ୟଜନମେବ ଚ ॥ ୬୦ ॥
ବିଷ୍ଣୁଃ ସିଂହାସନଂ ଚୈବ କୁବେରୋ ମୁକୁଟଂ ତଥା ।
ଶ୍ରାବ୍ୟତ୍ୱଂ ପ୍ରେକ୍ଷଣୀୟସ୍ୟ ଦଦୌ ଦେବୀ ସରସ୍ୱତୀ ॥ ୬୧ ॥
ଶେଷା ଯେ ଦେବଗନ୍ଧର୍ବା ଯକ୍ଷରାକ୍ଷସପନ୍ନଗାଃ ।
ତସ୍ମିନ୍ ସଦସ୍ୟଭିପ୍ରୀତାନ୍ ନାନାଜାତଗୁଣାଶ୍ରୟାନ୍ ॥ ୬୨ ॥
ଅଂଶାଂଶୈର୍ଭାଷିତାନ୍ ଭାବାନ୍ ରସାନ୍ ରୂପଂ ବଳଂ ତଥା ।
ଦତ୍ତବନ୍ତଃ ପ୍ରହୃଷ୍ଟାସ୍ତେ ମତ୍ସୁତେଭ୍ୟୋ ଦିବୌକସଃ ॥ ୬୩ ॥
ଏବଂ ପ୍ରୟୋଗେ ପ୍ରାରବ୍ଧେ ଦୈତ୍ୟଦାନବନାଶନେ ।
ଅଭବନ୍ କ୍ଷୁଭିତାଃ ସର୍ବେ ଦୈତ୍ୟା ଯେ ତତ୍ର ସଙ୍ଗତାଃ ॥ ୬୪ ॥
ବିରୂପାକ୍ଷପୁରୋଗାଂଶ୍ଚ ବିଘ୍ନାନୁତ୍ପାଦ୍ୟ ତେଽବ୍ରୁବନ୍ ।
ନେଚ୍ଛାମଃ ନାଟ୍ୟମେତଦାଗମ୍ୟତାମିତି ॥ ୬୫ ॥

ହୋଇଥିଲି ୧ବଂ ଦେବତାମାନେ ଏହାକୁ ଅଧିକ ପ୍ରଶଂସା କରିଥିଲେ । ତାହାପରେ ଦେବତାମାନେ କପଟ ଦୈତ୍ୟମାନଙ୍କୁ ଜୟ କରିଥିଲେ, ସଂଫେଟ ଓ ବିଦ୍ରବଯୁକ୍ତ ଛେଦ୍ୟ ଆହବ (ଖଣ୍ଡାଦି ଶସ୍ତ୍ରଯୁକ୍ତ) ଭେଦ୍ୟ ଆହବ (ଶରାଦି ଅସ୍ତ୍ରଯୁକ୍ତ) ଘଟିଥିଲା, ତାହାର ଅଭିନୟ (ଅନୁକୃତି) ରଚନା କଲି । ବ୍ରହ୍ମାଦି ଦେବତା, ଅଭିନୟ ଦେଖି ପରିତୋଷ ଲାଭ କରିବାରୁ ଆନନ୍ଦ ମନରେ ଆମ୍ଭମାନଙ୍କୁ ସକଳପ୍ରକାର ଉପକରଣ (ଉପଢ଼ୌକନ ରୂପେ) ପ୍ରଦାନ କରିଥିଲେ । ୫୬-୫୮½ ।

ଇନ୍ଦ୍ର ପ୍ରୀତ ହୋଇ ତାଙ୍କର ମଙ୍ଗଳମୟ ଧ୍ୱଜକୁ ପ୍ରଦାନ କଲେ । ସେହିପରି ବ୍ରହ୍ମା କମଣ୍ଡଳୁ, ବରୁଣ ଭୃଙ୍ଗାର, ସୂର୍ଯ୍ୟ ଛତ୍ର, ଶିବ ସିଦ୍ଧି, ବାୟୁ ବ୍ୟଜନ, ବିଷ୍ଣୁ ସିଂହାସନ, କୁବେର ମୁକୁଟ ଦେଲେ । ଦର୍ଶନୀୟ ବସ୍ତୁର ଶ୍ରବଣ-ଗ୍ରାହ୍ୟତା ରୂପ ଧର୍ମକୁ ଦେବୀ ସରସ୍ୱତୀ ପ୍ରଦାନ କଲେ । ଆଉ ଯେତେ ଦେବ, ଯକ୍ଷ, ରାକ୍ଷସ ଓ ପନ୍ନଗ ସେହି ସଭାରେ ଥିଲେ, ସେମାନେ ସମସ୍ତେ ନାନା ଜାତି ଗୁଣରେ ଆଧାର-ଭୂତ ଭାବ, ରସ, ରୂପ, ବଳ ଓ କ୍ରିୟାମାନଙ୍କୁ (ଅଂଶତଃ, ଅଂଶତଃ) ମୋ ପୁତ୍ରମାନଙ୍କ ପ୍ରଦାନ କଲେ । ୫୯-୬୩ ।

ଏହି ପ୍ରକାର ଦୈତ୍ୟ ଦାନବଙ୍କର ନିଧନ ମୂଳକ ଅଭିନୟ ଆରମ୍ଭ ହୁଅନ୍ତେ ସେଠାରେ ଉପସ୍ଥିତ ଥିବା ବିରୂପାକ୍ଷ ପ୍ରମୁଖ ଦୈତ୍ୟ ଦାନବମାନେ ବିଘ୍ନ ସୃଷ୍ଟି

Digitized by srujanika@gmail.com

ତତସ୍ତୈରସୁରୈଃ ସାର୍ଦ୍ଧଂ ବିଘ୍ନମାୟାମୁପାଶ୍ରିତା ।
ବାଚଶ୍ଚେଷ୍ଟାଂ ସ୍ମୃତିଂ ଚୈବ ସ୍ତମ୍ଭୟନ୍ତିସ୍ମ ନୃତ୍ୟତାମ୍ ॥ ୬୬ ॥
ଏବଂ ବିଧ୍ୱଂସନଂ ଦୃଷ୍ଟ୍ୱା ସୂତ୍ରଧାରସ୍ୟ ଦେବରାଟ୍ ।
କସ୍ମାତ୍ ପ୍ରୟୋଗବୈଷମ୍ୟମିତ୍ୟୁକ୍ତ୍ୱା ଧ୍ୟାନମାବିଶତ୍ ॥ ୬୭ ॥
ଅଥାପଶ୍ୟତ୍ସଦା ବିଘ୍ନୈଃ ସମନ୍ତାତ୍ ପରିବାରିତମ୍ ।
ସହେତରୈଃ ସୂତ୍ରଧାରଂ ନଷ୍ଟସଂଜ୍ଞଂ ଜଡୀକୃତମ୍ ॥ ୬୮ ॥
ଉତ୍ଥାୟ ତ୍ୱରିତଂ ଶକ୍ରଃ କ୍ରୋଧାଜ୍ଜଗ୍ରାହ ତଂ ଦ୍ରୁତମ୍ ।
ସର୍ବରତ୍ନୋଜ୍ଜ୍ୱଳଂ ତଂ ତୁ କିଞ୍ଚିଦୁଦ୍ବୃତ୍ତଲୋଚନଃ ॥ ୬୯ ॥
ରଙ୍ଗପୀଠଗତାନ୍ ବିଘ୍ନାନସୁରାଂଶ୍ଚୈବ ଦେବରାଟ୍ ।
ଜର୍ଜ୍ଜରୀକୃତଦେହାଂସ୍ତାନକରୋଜ୍ଜର୍ଜରେଣ ସଃ ॥ ୭୦ ॥
ନିହତେଷୁ ଚ ସର୍ବେଷୁ ବିଘ୍ନେଷୁ ସହ ଦାନବୈଃ ।
ସଂପ୍ରହୃଷ୍ୟ ତତୋ ବାକ୍ୟମାହୁଃ ସର୍ବେ ଦିବୌକସଃ ॥ ୭୧ ॥
ଅହୋ ପ୍ରହରଣଂ ଦିବ୍ୟମିଦମାସାଦିତଂ ତ୍ୱୟା ।
ଜର୍ଜ୍ଜରୀକୃତସର୍ବାଙ୍ଗା ଯେନୈତେ ଦାନବାଃ କୃତାଃ ॥ ୭୨ ॥
ନାଟ୍ୟବିଧ୍ୱଂସିନଃ ସର୍ବେ ଯେନ ତେ ଜର୍ଜରୀକୃତାଃ ।
ତସ୍ମାଜ୍ଜର୍ଜର ଏବୈଷ ନାମତୋଽୟଂ ଭବିଷ୍ୟତି ॥ ୭୩ ॥

କରି ବିଚଳିତ ହୋଇ କହିଲେ, ଆମ୍ଭେମାନେ ଏପ୍ରକାର ନାଟ୍ୟ (ଦେଖିବାକୁ) ଇଚ୍ଛା କରୁନାହୁଁ, ଆସ ଚାଲିଯିବା । ତାପରେ ସେହି ଦୈତ୍ୟ ଦାନବମାନେ ଅସୁରଙ୍କ ସହିତ ମିଶି ବିଘ୍ନକାରିଣୀ ମାୟାର ଆଶ୍ରୟ ଗ୍ରହଣ କଲେ ଏବଂ ନୃତ୍ୟ କରୁଥିବା ଲୋକମାନଙ୍କର କହିବା ଶକ୍ତି, ଅଙ୍ଗଚେଷ୍ଟା ଓ ସ୍ମରଣଶକ୍ତିକୁ ସ୍ତମ୍ଭିତ କରିଦେଲେ । ଇନ୍ଦ୍ର ସେମାନଙ୍କର ଏହିପ୍ରକାର ସ୍ତମ୍ଭନ (ବିଧ୍ୱଂସନ) ଦେଖି ଅଭିନୟରେ ଏପ୍ରକାର ବୈଷମ୍ୟ କାହିଁକି ଘଟିଲା ବୋଲି କହି ଧ୍ୟାନରେ ବସିଲେ । ତା ପରେ ସୂତ୍ରଧର ଅନ୍ୟ ଅଭିନେତାଙ୍କ ସହିତ ବିଘ୍ନଦ୍ୱାରା ପରିବେଷ୍ଟିତ ହୋଇ ସଂଜ୍ଞାହୀନ ଓ ଜଡ ହୋଇ ଯାଇଥିବାର ଦେଖିଲେ । ୬୬-୬୮ ।

ତହୁଁ ଇନ୍ଦ୍ର ହଠାତ୍ ଉଠିପଡ଼ି କ୍ରୋଧରେ ଉଦ୍ବୃତ୍ତ ଲୋଚନ ହୋଇ ନାନା ରତ୍ନରେ ଉଜ୍ଜ୍ୱଳ ସେହି ଧ୍ୱଜକୁ ଧାରଣ କଲେ ଏବଂ ତାହା ସାହାଯ୍ୟରେ ରଙ୍ଗପୀଠରେ ଥିବା ବିଘ୍ନକାରୀ ଅସୁରମାନଙ୍କୁ ଜର୍ଜରୀକୃତ ଦେହ କରିଥିଲେ । ଦାନବମାନଙ୍କ ସହିତ ସମସ୍ତ ବିଘ୍ନ ଦୂର ହୋଇଗଲା ପରେ, ଆନନ୍ଦିତ ହୋଇ ଦେବତାମାନେ କହିଲେ ଅହୋ-ଏ କିଏ ଅଲୌକିକ ଆୟୁଧ ଆପଣ ସଂଗ୍ରହ କରିଛନ୍ତି, ଯାହା ସାହାଯ୍ୟରେ ଏ ନାଟ୍ୟ ବିନାଶକାରୀ ସମସ୍ତଙ୍କୁ ଜର୍ଜରିତ କରିଦେଲେ । ଅତଏବ ଅ.ଜ୍ଞଠ.ରୁ

Digitized by srujanika@gmail.com

ଶେଷା ଯେ ଚୈବ ହିଂସାର୍ଥମୁପଯାସ୍ୟନ୍ତି ହିଂସକାଃ ।
ଦୃଷ୍ଟ୍ୱୈବ ଜର୍ଜରଂ ତେଽପି ଗମିଷ୍ୟନ୍ତ୍ୟେବ ମେର ତୁ ॥ ୭୪ ॥
ଏବମେବାସ୍ତ୍ୱିତି ତତଃ ଶକ୍ରଃ ପ୍ରୋବାଚ ତାନ୍ ସୁରାନ୍ ।
ରକ୍ଷାଭୂତଶ୍ଚ ସର୍ବେଷାଂ ଭବିଷ୍ୟତ୍ୟେବ ଜର୍ଜରଃ ॥ ୭୫ ॥
ପ୍ରୟୋଗେ ପ୍ରସ୍ତୁତେ ହ୍ୟେବଂ ସ୍ଫୀତେ ଶକ୍ରମହେ ପୁନଃ ।
ତ୍ରାସଂ ସଂଜନୟନ୍ତି ସ୍ମ ବିଘ୍ନାଃ ମଦ୍‌ବଧବୁଦ୍ଧୟଃ ॥ ୭୬ ॥
ଦୃଷ୍ଟ୍ୱା ତେଷାଂ ବ୍ୟବସିତଂ ମଦର୍ଥେ ବିପ୍ରକାରକମ୍ ।
ଉପସ୍ଥିତୋଽହଂ ବ୍ରହ୍ମାଣଂ ସୁତୈଃ ସର୍ବୈଃ ସମନ୍ୱିତଃ ॥ ୭୭ ॥
ନିଶ୍ଚିତା ଭଗବାନ୍ ବିଘ୍ନା ନାଟ୍ୟସ୍ୟାସ୍ୟ ବିନାଶନେ ।
ଅତୋ ରକ୍ଷାବିଧିଂ ସମ୍ୟଗାଜ୍ଞାପୟ ସୁରେଶ୍ୱର ॥ ୭୮ ॥
ତତଶ୍ଚ ବିଶ୍ୱକର୍ମାଣମାହ ବ୍ରହ୍ମା ପ୍ରୟତ୍ନତଃ ।
କୁରୁ ଲକ୍ଷଣସମ୍ପନ୍ନଂ ନାଟ୍ୟ-ବେଶ୍ମ ଚକାର ସଃ ॥ ୭୯ ॥
କୃତ୍ୱା ଯଥୋକ୍ତମେବଂ ତୁ ଗୃହଂ ପଦ୍ମଭବାଜ୍ଞୟା ।
ପ୍ରୋକ୍ତବାନ୍ ଦ୍ରୁହିଣଂ ଗତ୍ୱା ସଭାୟାଂ ତୁ କୃତାଞ୍ଜଳିଃ ॥ ୮୦ ॥
ସଜ୍ଜଂ ନାଟ୍ୟଗୃହଂ ଦେବ ! ତଦବେକ୍ଷିତୁମର୍ହସି ।

ଏହାର (ଧ୍ୱଜର) ନାମ ଜର୍ଜର ହେବ । ଅବଶିଷ୍ଟ ଯେଉଁ ହିଂସକମାନେ ହିଂସା କରିବାପାଇଁ ଆସିବେ, ସେମାନେ ଜର୍ଜରକୁ ଦେଖି ପଳାଇବେ । ୭୧-୭୪ ।

ହେଉ, ଜର୍ଜର ସମସ୍ତଙ୍କର ରକ୍ଷାକାରକ ହେବ, ଇନ୍ଦ୍ର ଏହି କଥା ଦେବତାମାନଙ୍କୁ କହିଲେ । ପୁଣି ଅଭିନୟ ଆରମ୍ଭ ହେଲା, ଇନ୍ଦ୍ରୋତ୍ସବ ସ୍ଫୀତ ହେଲା । (ସାଡମ୍ବରରେ ଚାଲିଲା) ତହୁଁ ବିଘ୍ନକାରୀମାନେ ମୋତେ ମାରିବା ଇଚ୍ଛାରେ ନାନାପ୍ରକାର ଭୟ ଜାତ କରାଇଲେ । ମୋ ଉପରେ ଦ୍ୱେଷ ହେତୁ ସେମାନଙ୍କର ଏହି ପ୍ରକାର ଚେଷ୍ଟା ଦେଖି ମୁଁ ସମସ୍ତ ପୁତ୍ରଙ୍କ ସଙ୍ଗରେ ଘେନି ବ୍ରହ୍ମାଙ୍କ ନିକଟରେ ପହଞ୍ଚିଲି । ତାଙ୍କୁ ଜଣାଇଲି ହେ ସୁରେଶ୍ୱର ! ବିଘ୍ନକାରୀ ଅସୁରମାନେ ଏହି ନାଟ୍ୟକୁ ବିନଷ୍ଟ କରିଦେବାପାଇଁ ନିଶ୍ଚୟ କରିଛନ୍ତି, ଅତଏବ ଏହାର ରକ୍ଷାର ଉପାୟ କରି ମୋତେ ଜଣାନ୍ତୁ । ତହୁଁ ବ୍ରହ୍ମା ବିଶ୍ୱକର୍ମାଙ୍କୁ ଯତ୍ନସହକାରେ ଗୋଟିଏ ଲକ୍ଷଣଯୁକ୍ତ ନାଟ୍ୟଗୃହ ନିର୍ମାଣ କରିବାକୁ କହିଲେ, ଆଉ ମଧ୍ୟ ସେ ତାହା କଲେ । ବ୍ରହ୍ମାଙ୍କ ଆଜ୍ଞାରେ ପୂର୍ବୋକ୍ତ ପ୍ରକାରେ ଗୋଟିଏ ଗୃହ ନିର୍ମାଣ କରିସାରି ବିଶ୍ୱକର୍ମା ସଭାସ୍ଥଳକୁ ଯାଇ ହାତଯୋଡ଼ି ବ୍ରହ୍ମାଙ୍କୁ ଜଣାଇଲେ ! ଦେବ ! ନାଟ୍ୟଗୃହ ସଜ୍ଜା ହୋଇଗଲାଣି, ଆପଣ ଇଚ୍ଛାକଲେ ଦେଖିଆସନ୍ତୁ । ୭୫-୮୦ ।

Digitized by srujanika@gmail.com

ତତଃ ସହ ମହେନ୍ଦ୍ରେଣ ସୁରୈଃ ସର୍ବୈଶ୍ଚ ସେତରୈଃ ॥ ୮୧ ॥
ଅଗଚ୍ଛତ୍ତ୍ୱରିତୋ ଦ୍ରଷ୍ଟୁଂ ଦ୍ରୁହିଣୋ ନାଟ୍ୟମଣ୍ଡପମ୍ ।
ଦୃଷ୍ଟ୍ୱା ନାଟ୍ୟଗୃହଂ ବ୍ରହ୍ମା ପ୍ରାହ ସର୍ବାନ୍ ସୁରାଂସ୍ତତଃ ॥ ୮୨ ॥
ଅଂଶଭାଗୈର୍ଭବଦ୍ଭିସ୍ତୁ ରକ୍ଷ୍ୟୋଽୟଂ ନାଟ୍ୟମଣ୍ଡପଃ ।
ରକ୍ଷଣେ ମଣ୍ଡପସ୍ୟାଥ ନିଯୁକ୍ତୋ ରଜନୀକରଃ ॥ ୮୩ ॥
ଯଥାଦିଗ୍ଲୋକପାଲାଶ୍ଚ ବିଦିକ୍ଷ୍ୱପି ଚ ମାରୁତାଃ ।
ନେପଥ୍ୟଭୂମୌ ମିତ୍ରସ୍ତୁ ନିକ୍ଷିପ୍ତୋ ବରୁଣେଶ୍ୱରଃ ॥ ୮୪ ॥
ବେଦିକାଂ ପାବକଃ ପାତୁ ଭାଣ୍ଡଂ ସର୍ବେ ଦିବୌକସଃ ।
ବର୍ଣ୍ଣାଶ୍ଚତ୍ୱାର ଏବାଥ ସ୍ତମ୍ଭେଷୁ ବିନିଯୋଜିତାଃ ॥ ୮୫ ॥
ଆଦିତ୍ୟାଶ୍ଚୈବ ରୁଦ୍ରାଶ୍ଚ ସ୍ଥିତାଃ ସ୍ତମ୍ଭାନ୍ତରେଷ୍ୱଥ ।
ଧାରଣୀଷ୍ୱଥ ଭୂତାନି ଶାଲାସ୍ୱପ୍ସରସସ୍ତଥା ॥ ୮୬ ॥
ସର୍ବବେଶ୍ମସୁ ଯକ୍ଷିଣ୍ୟୋ ମହୀପୃଷ୍ଠେ ମହୋଦଧିଃ ।
ଦ୍ୱାରଶାଲା (ଖା) ନିଯୁକ୍ତୌ ତୁ କୃତାନ୍ତଃ କାଳ ଏବ ଚ ॥ ୮୭ ॥
ସ୍ଥାପିତୌ ଦ୍ୱାରପାର୍ଶ୍ୱେଷୁ ନାଗମୁଖ୍ୟୌ ମହାବଳୌ ।
ଦେହଲ୍ୟାଂ ଯମଦଣ୍ଡସ୍ତୁ ଶୂଳଂ ତସ୍ୟୋପରି ସ୍ଥିତମ୍ ॥ ୮୮ ॥

ତହୁଁ ବ୍ରହ୍ମା ଇନ୍ଦ୍ର ଓ ଅନ୍ୟାନ୍ୟ ଦେବତାଙ୍କୁ ସଙ୍ଗରେ ଧରି ନାଟ୍ୟମଣ୍ଡପକୁ ଗଲେ । ସେ ନାଟ୍ୟଗୃହକୁ ଦେଖି ସମସ୍ତ ଦେବତାଙ୍କୁ କହିଲେ ଆପଣମାନେ ନିଜ ନିଜ ଅଂଶ ଦ୍ୱାରା (ନାଟ୍ୟଗୃହର ଅଂଶକୁ) ଏହି ନାଟ୍ୟଗୃହକୁ ରକ୍ଷା କରନ୍ତୁ । ଚନ୍ଦ୍ର ମଣ୍ଡପ ରକ୍ଷା କାର୍ଯ୍ୟରେ ନିଯୁକ୍ତ ହେଲେ । ଦିଗପାଳ ଦେବତାମାନେ ପ୍ରତ୍ୟେକ ଦିଗ ଓ ବିଦିଗମାନଙ୍କରେ ନିଯୁକ୍ତ ହେଲେ । ବରୁଣ ନେପଥ୍ୟ ଭୂମି (ବେଶ ରଚନା ସ୍ଥାନ)ର ରକ୍ଷାରେ ନିଯୁକ୍ତ ହେଲେ । ବେଦୀ ରକ୍ଷାରେ ଅଗ୍ନି ନିଯୁକ୍ତ ହେଲେ । ଚାରି ବର୍ଣ୍ଣଙ୍କୁ (ବର୍ଣ୍ଣାଧିଷ୍ଠାତ୍ରୀ ଦେବତାଙ୍କୁ) ସ୍ତମ୍ଭମାନଙ୍କର ରକ୍ଷାରେ ନିଯୁକ୍ତ କରାଗଲା । ଦ୍ୱାଦଶ ଆଦିତ୍ୟ ଓ ଏକାଦଶ ରୁଦ୍ର ସ୍ତମ୍ଭମାନଙ୍କର ଅନ୍ତରାଳରେ ନିଯୁକ୍ତ ହେଲେ । (ଧାରଣୀ କାଠମାନଙ୍କରେ) ଭୂତମାନେ ଏବଂ ଶାଳାରେ (ଘରରେ) ଅପ୍ସରାମାନେ ରହିଲେ । ସବୁ ଗୃହ ମଧ୍ୟରେ ଯକ୍ଷିଣୀମାନେ ଓ ପୃଥ୍ୱୀ ପୃଷ୍ଠରେ (ଚଟାଣ ଉପରେ) ମହୋଦଧି ଅବସ୍ଥାପିତ ହେଲେ ।
୮୧-୮୬½ ।

ଦ୍ୱାର ନିକଟରେ ଯମ ଏବଂ ଦ୍ୱାର ପାର୍ଶ୍ୱରେ ମହାବଳ ନାଗରାଜ ଦ୍ୱୟ ରହିଲେ । ଦେହଲୀରେ ଯମଦଣ୍ଡ ଓ ତାହା ଉପରକୁ ଶୂଳ ରଖାଗଲା । ନିଯୁତ

Digitized by srujanika@gmail.com

ଦ୍ୱାରପାଲୌ ସ୍ଥିତୌ ଚୈତୌ ନିୟତିର୍ମୃତ୍ୟୁରେବ ଚ ।
ପାର୍ଶ୍ୱେ ତୁ ରଙ୍ଗପୀଠସ୍ୟ ମହେନ୍ଦ୍ରଃ ସ୍ଥିତବାନ୍ ସ୍ୱୟମ୍ ॥ ୮୯ ॥
ସ୍ଥାପିତା ମତ୍ତବାରଣ୍ୟାଂ ବିଦ୍ୟୁଦ୍ଦୈତ୍ୟନିସୂଦନୀ ।
ସ୍ତମ୍ଭେଷୁ ମତ୍ତବାରଣ୍ୟାଃ ସ୍ଥାପିତାଃ ପରିରକ୍ଷଣେ ॥ ୯୦ ॥
ଭୂତଯକ୍ଷପିଶାଚାଶ୍ଚ ଗୁହ୍ୟକାଶ୍ଚ ମହାବଲାଃ ।
ଜର୍ଜରେ ତୁ ବିନିକ୍ଷିପ୍ତଂ ବଜ୍ରଂ ଦୈତ୍ୟନିବର୍ହଣମ୍ ॥ ୯୧ ॥
ତତ୍ପର୍ବସୁ ବିନିକ୍ଷିପ୍ତାଃ ସୁରେନ୍ଦ୍ରା ହ୍ୟମିତୌଜସଃ ।
ଶିରଃ ପର୍ବସ୍ଥିତୋ ବ୍ରହ୍ମା ଦ୍ୱିତୀୟେ ଶଙ୍କରସ୍ତଥା ॥ ୯୨ ॥
ତୃତୀୟେ ଚ ସ୍ଥିତୋ ବିଷ୍ଣୁଶ୍ଚତୁର୍ଥେ ସ୍କନ୍ଦ ଏବ ଚ ।
ପଞ୍ଚମେ ଚ ମହାନାଗାଃ ଶେଷବାସୁକିତକ୍ଷକାଃ ॥ ୯୩ ॥
ଏବଂ ବିଘ୍ନବିନାଶାୟ ସ୍ଥାପିତା ଜର୍ଜରେ ସୁରାଃ ।
ରଙ୍ଗପୀଠସ୍ୟ ମଧ୍ୟେ ତୁ ସ୍ୱୟଂ ବ୍ରହ୍ମା ପ୍ରତିଷ୍ଠିତଃ ॥ ୯୪ ।
ଇତ୍ୟର୍ଥଂ ରଙ୍ଗମଧ୍ୟେ ତୁ କ୍ରିୟତେ ପୁଷ୍ପମୋକ୍ଷଣମ୍ ।
ପାତାଲବାସିନୋ ଯେ ଚ ଯକ୍ଷଗୁହ୍ୟକ-ପନ୍ନଗାଃ ॥ ୯୫ ॥
ଅଧସ୍ତାଦ୍ରଙ୍ଗପୀଠସ୍ୟ ରକ୍ଷଣେ ତେ ନିଯୋଜିତାଃ ।
ନାୟକଂ ରକ୍ଷତୀନ୍ଦ୍ରସ୍ତୁ ନାୟିକାଂ ତୁ ସରସ୍ୱତୀ । ୯୬ ॥

ଓ ମୃତ୍ୟୁ ଦ୍ୱାରପାଳ ରୂପେ ରହିଲେ, ରଙ୍ଗପୀଠର ପାର୍ଶ୍ୱଦେଶରେ ସ୍ୱୟଂ ଇନ୍ଦ୍ର ଅବସ୍ଥାନ କଲେ । ଦୈତ୍ୟମାନଙ୍କର ବିନାଶକାରିଣୀ ବିଦ୍ୟୁତ ମତ୍ତବାରଣୀରେ, ଓ ମତ୍ତବାରଣୀର ସ୍ତମ୍ଭମାନଙ୍କରେ ମହାବଳଶାଳୀ ଭୂତ, ଯକ୍ଷ, ପିଶାଚ ଓ ଗୁହ୍ୟକ-ମାନେ ରହିଲେ । ଜର୍ଜର ଦଣ୍ଡରେ ଦୈତ୍ୟଘାତୀ ବଜ୍ର ନିହିତ ହେଲା । ତାହାର (ଜର୍ଜରର) ପର୍ବମାନଙ୍କରେ ଶ୍ରେଷ୍ଠ ଶ୍ରେଷ୍ଠ ଦେବତାମାନେ ରହିଲେ । ସର୍ବାଗ୍ର ପର୍ବରେ ବ୍ରହ୍ମା, ଦ୍ୱିତୀୟରେ ଶଙ୍କର, ତୃତୀୟରେ ଭଗବାନ ବିଷ୍ଣୁ, ଚତୁର୍ଥରେ ସ୍କନ୍ଦ (କାର୍ତ୍ତିକେୟ), ପଞ୍ଚମରେ ଶେଷ, ବାସୁକୀ ଓ ତକ୍ଷକ ଏହି ମହାନାଗମାନେ ଅବସ୍ଥାପିତ ହେଲେ । ଏହିପରି ବିଘ୍ନବିନାଶପାଇଁ ଜର୍ଜରରେ ଦେବତାମାନେ ସ୍ଥାପିତ ହେଲେ । ରଙ୍ଗପୀଠର ମଧ୍ୟରେ ସ୍ୱୟଂ ବ୍ରହ୍ମା ସ୍ଥିର ହୋଇ ରହିଲେ, ଏଥିପାଇଁ ରଙ୍ଗ ମଧ୍ୟରେ ପୁଷ୍ପମୋକ୍ଷଣ କରଯାଏ (ଫୁଲ ବୁଣାଯାଏ) । ରଙ୍ଗପୀଠର ତଳଦେଶରେ ପାତାଳବାସୀ ଯକ୍ଷ, ଗୁହ୍ୟକ ଓ ପନ୍ନଗମାନେ ନିୟୋଜିତ ହେଲେ । ୮୭-୯୫-½ ।

ଇନ୍ଦ୍ର ନାୟକଙ୍କୁ, ସରସ୍ୱତୀ ନାୟିକାଙ୍କୁ, ଓଁକାର ବିଦୂଷକଙ୍କୁ ଏବଂ ଅବଶିଷ୍ଟ ପ୍ରକୃତିମାନଙ୍କୁ (ନାଟ୍ୟ ବର୍ଣ୍ଣିତ ପାତ୍ରମାନଙ୍କୁ) ହର ରକ୍ଷା କରନ୍ତୁ । ରକ୍ଷା କାର୍ଯ୍ୟରେ

Digitized by srujanika@gmail.com

ବଦ୍ଧପଦ୍ମତ୍ରୟାକାରଃ ଶେଷାସ୍ତୁ ପ୍ରକୃତୀର୍ଦ୍ଧରଃ ।
ନାନ୍ୟେଷାଂ ନିଯୁକ୍ତାଂ ଦୈବତାନ୍ୟଭିରକ୍ଷଣେ ॥ ୯୭ ॥
ଏତାନ୍ୟନ୍ୟୈବାଧିଦୈବାନି ଭବନ୍ତ୍ୟନ୍ତୀତ୍ୟୁବାଚ ସଃ ।
ଏତସ୍ମିନ୍ନନ୍ତରେ ଦେବୈଃ ସର୍ବୈରୁକ୍ତଃ ପିତାମହଃ ॥ ୯୮ ॥
ସାମ୍ନା ତାବଦମେ ବିଘ୍ନା ସ୍ଥାପ୍ୟନ୍ତାଂ ବଚସା ତ୍ୱୟା ।
ପୂର୍ବଂ ସାମ ପ୍ରୟୋକ୍ତବ୍ୟଂ ଦ୍ୱିତୀୟଂ ଦାନମେବ ଚ ॥ ୯୯ ॥
ତୟୋରୁପରି ଭେଦସ୍ତୁ ତତୋ ଦଣ୍ଡଃ ପ୍ରଯୁଜ୍ୟତେ ।
ଦେବାନାଂ ବଚନଂ ଶ୍ରୁତ୍ୱା ବ୍ରହ୍ମା ବଚନମବ୍ରବୀତ୍ ॥ ୧୦୦ ॥
ଅଲଂ ବୋ ମନ୍ୟୁନା ଦୈତ୍ୟା ବିଷାଦସ୍ତ୍ୟଜ୍ୟତାମୟଂ ।
ଭବତାଂ ଦେବତାନାଂ ଚ ଶୁଭାଶୁଭବିକଳ୍ପକଃ ॥ ୧୦୧ ॥
କର୍ମଭାବାନ୍ୱୟାପେକ୍ଷୋ ନାଟ୍ୟବେଦୋ ମୟା କୃତଃ ।
ନୈକାନ୍ତତୋଽତ୍ର ଭବତାଂ ଦେବାନାଂ ଚାପି ଭାବନମ୍ ॥ ୧୦୨ ॥
ତ୍ରୈଲୋକ୍ୟସ୍ୟାସ୍ୟ ସର୍ବସ୍ୟ ନାଟ୍ୟଂ ଭାବାନୁକୀର୍ତ୍ତନମ୍ ।
କ୍ୱଚିଦ୍ଧର୍ମଃ କ୍ୱଚିତ୍ କ୍ରୀଡା କ୍ୱଚିଦର୍ଥଃ କ୍ୱଚିଚ୍ଛ୍ରମଃ । ୧୦୩ ।
କ୍ୱଚିଦ୍ଧାସ୍ୟଂ କ୍ୱଚିଦ୍ୟୁଦ୍ଧଂ କ୍ୱଚିତ୍କାମଃ କ୍ୱଚିଦ୍ବଧଃ ।
ଧର୍ମୋ ଧର୍ମପ୍ରବୃତ୍ତାନାଂ କାମଃ କାମାର୍ଥସେବିନାମ୍ । ୧୦୪ ।

ଯେଉଁ ଦେବତାମାନେ ଯେଉଁଠାରେ ନିଯୁକ୍ତ ହୋଇଛନ୍ତି ସେମାନେ ତାହାର ଅଧିଷ୍ଠାତ୍ରୀ ଦେବତା ହେବେ, ଏହା ବ୍ରହ୍ମା କହିଲେ । ଏହି ସମୟରେ ବ୍ରହ୍ମାଙ୍କୁ ସବୁ ଦେବତା କହିଲେ ଆପଣ ସାନ୍ତ୍ୱନା ବାକ୍ୟଦ୍ୱାରା ବିଘ୍ନମାନଙ୍କୁ ଏଠାରେ ସ୍ଥାପନ କରନ୍ତୁ, କାରଣ ପ୍ରଥମରେ ସାମ, ଦ୍ୱିତୀୟରେ ଦାନ, ଏହି ଦୁହିଙ୍କ ପରେ ଭେଦ ଏବଂ ତତ୍ପରେ ଦଣ୍ଡ ପ୍ରୟୋଗ କରାଯାଇଥାଏ । ଦେବତାମାନଙ୍କ କଥା ଶୁଣି ବ୍ରହ୍ମା କହିଲେ—୯୭-୧୦୦ ।

ହେ ଦୈତ୍ୟଗଣ ତୁମ୍ଭେ ମାନେ କ୍ରୋଧ କରନାହିଁ, ବିଷାଦ ପରିତ୍ୟାଗ କର । ତୁମ୍ଭର ଓ ଦେବତାମାନଙ୍କର ଶୁଭାଶୁଭ ବିଧାୟକ କର୍ମ ଓ ଭାବର ପରସ୍ପର ଅନୁଗମନକୁ ଅପେକ୍ଷା କରୁଥିବା (କର୍ମ ଓ ଭାବାନୁଗମନ ସାଧ୍ୟ) ଏହି ନାଟ୍ୟବେଦକୁ ମୁଁ ରଚନା କରିଅଛି । ଏଥିରେ କେବଳ ଦେବତାମାନଙ୍କର ଭାବନା ବର୍ଣ୍ଣିତ ହୋଇନାହିଁ, ପରନ୍ତୁ ତ୍ରିଲୋକବାସୀ ସମସ୍ତ ପ୍ରାଣୀବର୍ଗଙ୍କର ଭାବ ବର୍ଣ୍ଣିତ ହୋଇଅଛି । ମୁଁ ଏହି ଯେଉଁ ନାଟ୍ୟ କରିଛି, ଏଥିରେ କେଉଁଠି ଧର୍ମ, କେଉଁଠି କ୍ରୀଡା, କେଉଁଠି ଅର୍ଥ, କେଉଁଠି ବା ଶ୍ରମ, କେଉଁଠି ବା ହାସ୍ୟ ଓ କେଉଁଠି ଯୁଦ୍ଧ, କେଉଁଠି କାମ କେଉଁଠି ବଧ ବର୍ଣ୍ଣିତ ହୋଇଅଛି । ଧାର୍ମିକମାନଙ୍କର ଧର୍ମ, କାମୀମାନଙ୍କର କାମ । ୧୦୧-୧୦୪ ।

Digitized by srujanika@gmail.com

ନିଗ୍ରହୋ ଦୁର୍ବିନୀତାନାଂ ବିନୀତାନାଂ ଦମକ୍ରିୟା ।
କ୍ଲୀବାନାଂ ଧାର୍ଷ୍ଟ୍ୟଜନନମୁତ୍ସାହଃ ଶୂରମାନିନାମ୍ । ୧୦୫ ।
ଅବୋଧାନାଂ ବିବୋଧଶ୍ଚ ବୈଦଗ୍ଧ୍ୟଂ ବିଦୁଷାମପି ।
ଈଶ୍ୱରାଣାଂ ବିଳାସଶ୍ଚ ସ୍ଥୈର୍ଯ୍ୟଂ ଦୁଃଖାର୍ଦ୍ଦିତସ୍ୟ ଚ । ୧୦୬ ।
ଅର୍ଥୋପଜୀବିନାମର୍ଥୋ ଧୃତିରୁଦ୍ୱିଗ୍ନଚେତସାମ୍ ।
ନାନାଭାବୋପସମ୍ପନ୍ନଂ ନାନାବସ୍ଥାନ୍ତରାତ୍ମକମ୍ । ୧୦୭ ।
ଲୋକବୃତ୍ତାନୁକରଣଂ ନାଟ୍ୟମେତନ୍ମୟା କୃତମ୍
ଉତ୍ତମାଧମମଧ୍ୟାନାଂ ନରାଣାଂ କର୍ମ-ସଂଶ୍ରୟମ୍ । ୧୦୮ ।
ହିତୋପଦେଶଜନନଂ ନାଟ୍ୟମେତଦ୍ଭବିଷ୍ୟତି ।
ଏତଦ୍ରସେଷୁ ଭାବେଷୁ ସର୍ବକର୍ମକ୍ରିୟାସ୍ୱଥ । ୧୦୯ ।
ସର୍ବୋପଦେଶଜନନଂ ନାଟ୍ୟମେତଦ୍ ଭବିଷ୍ୟତି ।
ଦୁଃଖାର୍ତ୍ତାନାଂ ଶ୍ରମାର୍ତ୍ତାନାଂ ଶୋକାର୍ତ୍ତାନାଂ ତପସ୍ୱିନାମ୍ । ୧୧୦ ।
ବିଶ୍ରାନ୍ତିଜନନଂ ଲୋକେ ନାଟ୍ୟମେତଦ୍ ଭବିଷ୍ୟତି ।
ଧର୍ମ୍ୟଂ ଯଶସ୍ୟମାୟୁଷ୍ୟଂ ହିତଂ ବୁଦ୍ଧିବିବର୍ଦ୍ଧନମ୍ । ୧୧୧ ।
ଲୋକୋପଦେଶଜନନଂ ନାଟ୍ୟମେତଦ୍ ଭବିଷ୍ୟତି ।
ନ ତଜ୍ଜ୍ଞାନଂ ନ ତଚ୍ଛିଳ୍ପଂ ନ ସା ବିଦ୍ୟା ନ ସା କଳା । ୧୧୨ ।

ଦୁର୍ବିନୀତମାନଙ୍କର ନିଗ୍ରହ, ବିନୀତମାନଙ୍କର ଇନ୍ଦ୍ରିୟନିଗ୍ରହ, କ୍ଲୀବମାନଙ୍କର ଧୃଷ୍ଟତା ପ୍ରକାଶନ, ବୀର ଏବଂ ଅଭିମାନୀମାନଙ୍କର ଉତ୍ସାହ, ଅବୋଧ ଲୋକଙ୍କର ବୋଧ ଜାଗରଣ, ବିଦ୍ୱାନମାନଙ୍କର ବିଦ୍ୱତ୍ତା, ରାଜା ଓ ଧନୀମାନଙ୍କର ବିଳାସ, ଦୁଃଖ-ପୀଡ଼ିତର ସ୍ଥୈର୍ଯ୍ୟ (ଦୃଢ଼ତା) ଅର୍ଥୋପଜୀବୀମାନଙ୍କର ଅର୍ଥ, ଚଞ୍ଚଳମନା ବ୍ୟକ୍ତିମାନଙ୍କର ସଂବରଣ (ସଂଯମ) ଏହିପରି ନାନା ଭାବରେ ସଂଯୁକ୍ତ ଏବଂ ନାନା ଅବସ୍ଥା ସ୍ୱରୂପ ଲୋକ ବ୍ୟବହାରର ଅନୁକରଣରୂପେ ଏହି ନାଟ୍ୟକୁ ମୁଁ ରଚନା କରିଛି । ଉତ୍ତମ ଅଧମ ଓ ମଧ୍ୟମବ୍ୟକ୍ତିମାନଙ୍କର କାର୍ଯ୍ୟକଳାପହିଁ ଏହାର ପ୍ରଧାନ ଅବଲମ୍ବନ । ଏ ନାଟ୍ୟ ହିତ ଉପଦେଶର ପ୍ରଦାୟକ ହେବ । ୧୦୫-୧୦୮ ।

ଏହା ରସ ଭାବ ଓ ସର୍ବବିଧ କର୍ମ ଅଭିଳଷିତ ଦ୍ରବ୍ୟ ଓ ତାହାର ସାଧକ କ୍ରିୟା ବିଷୟରେ ସର୍ବପ୍ରକାର ଉପଦେଶ (ଶିକ୍ଷା) ପ୍ରଦାନ କରିବ, ଦୁଃଖ, ଶ୍ରମ ଓ ଶୋକାର୍ତ୍ତ ବ୍ୟକ୍ତିମାନଙ୍କର ତଥା ତପସ୍ୱୀମାନଙ୍କର (ନିଃସ୍ୱ ବ୍ୟକ୍ତିମାନଙ୍କର) ମଧ୍ୟ ଏହା ବିଶ୍ରାନ୍ତି ପ୍ରଦାୟକ ହେବ । ଏହା ଧର୍ମ ଓ ଯଶର ଉତ୍ପାଦକ ଏବଂ ଆୟୁ ଓ ବୁଦ୍ଧିର ବର୍ଦ୍ଧକ ତଥା ହିତକାରୀ ଲୋକଶିକ୍ଷା ଦାୟକ ହେବ । ଏପରି ଜ୍ଞାନ ବା ଶିଳ୍ପ ବା ବିଦ୍ୟା କିମ୍ବା କଳା ଅଥବା ଯୋଗ କି ଅବା କର୍ମ ନାହିଁ-ଯାହା ଏହି

Digitized by srujanika@gmail.com

ନ ସ ଯୋଗୋ ନ ତତ୍କର୍ମ ନାଟ୍ୟେଽସ୍ମିନ୍ ଯନ୍ନ ଦୃଶ୍ୟତେ ।
ସର୍ବଶାସ୍ତ୍ରାଣି ଶିଳ୍ପାନି କର୍ମାଣି ବିବିଧାନି ଚ । ୧୧୩ ।
ଅସ୍ମିନ୍ନାଟ୍ୟେ ସମେତାନି ତସ୍ମାଦେତନ୍ମୟା କୃତମ୍ ।
ତଲ୍ଲୋକ ମନୁଷ୍ୟଃ କର୍ତ୍ତବ୍ୟା ଭବଦ୍ଭିରମରାନ୍ ପ୍ରତି । ୧୧୪ ।
ସପ୍ତଦ୍ୱୀପାନୁକରଣଂ ନାଟ୍ୟ ହ୍ୟସ୍ମିନ୍ ପ୍ରତିଷ୍ଠିତମ୍ ।
ବେଦବିଦ୍ୟେତିହାସାନାମାଖ୍ୟାନପରିକଳ୍ପନମ୍ । ୧୧୫ ।
ବିନୋଦକରଣଂ ଲୋକେ ନାଟ୍ୟମେତଦ୍ ଭବିଷ୍ୟତି ।
ବେଦସ୍ମୃତିସଦାଚାରପରିଶେଷାର୍ଥ କଳ୍ପନମ୍ । ୧୧୬ ।
ଦେବାନାମସୁରାଣାଂ ଚ ରାଜ୍ଞାମଥ କୁଟୁମ୍ବିନାମ୍ ।
କୃତାନୁକରଣଂ ଲୋକେ ନାଟ୍ୟମେତଦ୍ ଭବିଷ୍ୟତି । ୧୧୭ ।
ଏତସ୍ମିନ୍ନନ୍ତରେ ଦେବାନ୍ ସର୍ବାନାହ ପିତାମହଃ ।
କ୍ରିୟତାଂ ବିଧିବନ୍ନାଟ୍ୟଂ ଯଜନଂ ନାଟ୍ୟମଣ୍ଡପେ । ୧୧୮ ।
ବଳି-ପ୍ରଦାନୈର୍ହୋମୈଶ୍ଚ ମନ୍ତ୍ରୌଷଧିସମନ୍ୱିତୈଃ ।
ଭୋଜ୍ୟୈର୍ଭକ୍ଷ୍ୟୈଶ୍ଚ ପାନୈଶ୍ଚ ବଳିଃ ସମୁପକଳ୍ପ୍ୟତାମ୍ । ୧୧୯ ।

ନାଟ୍ୟଶାସ୍ତ୍ରରେ ଦୃଷ୍ଟି ଗୋଚର ହୁଏ ନାହିଁ । ସର୍ବପ୍ରକାର ଶାସ୍ତ୍ର, ସର୍ବପ୍ରକାର ଜ୍ଞାନ, ବହୁବିଧ କର୍ମ ମୁଁ ଏଥିରେ ଯୋଗକରି ଏହି ନାଟ୍ୟ ରଚନା କରିଛି । ୧୦୯-୧୧୩ ।

ଅତଏବ ତୁମ୍ଭେମାନେ ଦେବତାମାନଙ୍କପାରେ କ୍ରୋଧ କରନାହିଁ । ନାଟ୍ୟରେ ସପ୍ତଦ୍ୱୀପର (ସପ୍ତଦ୍ୱୀପ ବର୍ତ୍ତୀ ଭୂଖଣ୍ଡର) ଅନୁକରଣ ହିଁ ଲିପିବଦ୍ଧ ହୋଇଛି । ବେଦ ବିଦ୍ୟା ଓ ପୁରାଣର (ଇତିହାସ) ଆଖ୍ୟାନମାନ ଏଥିରେ (ବିଷୟ-ବସ୍ତୁରୂପେ) ପରିକଳ୍ପିତ ହୋଇଛି । ୧୧୪-୧୧୫ ।

ଏହା ଅବସର ସମୟରେ ବିନୋଦ ଦାୟକ ହେବ ବୋଲି ରଚିତ ହୋଇଛି । ବେଦ, ଶ୍ରୁତି ଓ ସଦାଚାରର ପରିଶେଷ ଅ ଅବଶିଷ୍ଟ ତତ୍ତ୍ୱ କଳ୍ପନା ମଧ୍ୟ ଏଥିରେ ଅଛି । ଦେବତା, ଋଷି, ରାଜା ଗୃହସ୍ଥ ପ୍ରଭୃତିଙ୍କର କାର୍ଯ୍ୟର ଅନୁକରଣ ହିଁ ନାଟ୍ୟ ନାମରେ କଥିତ ହୋଇଥାଏ ।୧୧୬ ୧୧୭ ।

ଏହି ସମୟରେ ବ୍ରହ୍ମା ଦେବତାମାନଙ୍କୁ କହିଲେ ଏବେ ନାଟ୍ୟମଣ୍ଡପକୁ ନାଟ୍ୟବିଧି ଅନୁସାରେ ମନ୍ତ୍ର ଔଷଧି ସମନ୍ୱିତ ବଳି ପ୍ରଦାନ ଉପହାର ଦ୍ରବ୍ୟାଦି ହୋମ ଓ ଜପ ପ୍ରଭୃତି ଦ୍ୱାରା ପୂଜାକର । ଭକ୍ଷ୍ୟ ଓ ଭୋଜ୍ୟବସ୍ତୁରେ ବଳି ପ୍ରସ୍ତୁତକର, ଏହି ବେଦ ମର୍ତ୍ତ୍ୟଲୋକରେ ମଙ୍ଗଳମୟ ପୂଜା ଲାଭ କରିବ । ୧୧୮-୧୧୯ ।

Digitized by srujanika@gmail.com

ମର୍ତ୍ତ୍ୟଲୋକଗତାଃ ସର୍ବେ ଶୁଭଂ ପୂଜାମବାପ୍ସ୍ୟଥ ।
ଅପୂଜୟିତ୍ୱା ରଙ୍ଗଂ ତୁ ନୈବ ପ୍ରେକ୍ଷାଂ ପ୍ରକଳ୍ପୟେତ୍ । ୧୨୦ ।
ଅପୂଜୟିତ୍ୱା ରଙ୍ଗଂ ତୁ ଯଃ ପ୍ରେକ୍ଷାଂ କଳ୍ପୟିଷ୍ୟତି ।
ତସ୍ୟ ନିଷ୍ଫଳଂ ଜ୍ଞାନଂ ତିର୍ଯ୍ୟଗ୍ଯୋନିଂ ସ ଯାସ୍ୟତି । ୧୨୧ ।
ଯଜ୍ଞେନ ସମ୍ମିତଂ ହ୍ୟେତଦ୍ରଙ୍ଗଦୈବତପୂଜନମ୍ ।
ତସ୍ମାତ୍ ସର୍ବପ୍ରଯତ୍ନେନ କର୍ତ୍ତବ୍ୟଂ ରଙ୍ଗ-ପୂଜନମ୍ । ୧୨୨ ।
ନର୍ତ୍ତକୋଽର୍ଥପତିର୍ବାପି ଯଃ ପୂଜାଂ ନ କରିଷ୍ୟତି ।
ନ କାରୟିଷ୍ୟତ୍ୟନ୍ୟୈର୍ବା ପ୍ରାପ୍ସ୍ୟତ୍ୟପଚୟଂ ତୁ ସଃ । ୧୨୩ ।
ଯଥାବିଧି ଯଥାଶାସ୍ତ୍ରଂ ଯସ୍ତୁ ପୂଜାଂ କରିଷ୍ୟତି ।
ସ ଲପ୍ସ୍ୟତେ ଶୁଭାନର୍ଥାନ୍ ସ୍ୱର୍ଗଲୋକଂ ଗମିଷ୍ୟତି । ୧୨୪ ।
ଏବଂ ଭବଦ୍ଭିତି ପ୍ରାହ ଦ୍ରୁହିଣଃ ସହ ଦୈବତୈଃ ।
ରଙ୍ଗପୂଜାଂ କୁରୁଷ୍ୱେତି ମାମେବଂ ସମଚୋଦୟତ୍ । ୧୨୫ ।

ଇତି ଶ୍ରୀ ଭରତୀୟେ ନାଟ୍ୟଶାସ୍ତ୍ରେ ନାଟ୍ୟୋତ୍ପତ୍ତିର୍ନାମ ପ୍ରଥମୋଽଧ୍ୟାୟଃ ।

ରଙ୍ଗ ସ୍ଥଳକୁ ପୂଜା ନକରି ଯେ ପ୍ରେକ୍ଷା କଳ୍ପନା (ନାଟ୍ୟ ପ୍ରଦର୍ଶନ) କରିବ, ତାହାର ନାଟ୍ୟଜ୍ଞାନ ନିଷ୍ଫଳ ହୁଏ । ଏବଂ ଜନ୍ମାନ୍ତରରେ ସେ ତିର୍ଯ୍ୟକ୍ ଯୋନି ଲାଭକରେ । ରଙ୍ଗଦେବତାଙ୍କର ପୂଜା, ଯଜ୍ଞ ସଙ୍ଗେ ସମାନ । ଅତଏବ ସର୍ବତୋଭାବେ ଯତ୍ନସହକାରେ ରଙ୍ଗପୂଜା କରଣୀୟ । ନର୍ତ୍ତକ ହେଉ ବା ଅର୍ଥ-ପତି (ଯେ ଧନ ବ୍ୟୟ କରି ନାଟ କରାଉଥାଏ) ହେଉ, ସେ ଯଦି ପୂଜା ନ କରିବ ବା ନ କରାଇବ ତେବେ ତାହାର ହାନି ହୁଏ । ଶାସ୍ତ୍ରବିଧି ଅନୁସାରେ ଯେ ପୂଜା କରିବ ସେ ସମସ୍ତ ମଙ୍ଗଳ ଲାଭ କରିବ ଓ (ଅନ୍ତେ) ସ୍ୱର୍ଗକୁ ଗମନ କରିବ । ଏହା ହେଉ ବୋଲି ସମସ୍ତ ଦେବତାଙ୍କ ସହ ବ୍ରହ୍ମା କହିଲେ ଏବଂ ମୋତେ "ରଙ୍ଗପୂଜା କର", ବୋଲି ଆଦେଶ ଦେଲେ । ୧୨୦-୧୨୫ ।

ଭରତୀୟ ନାଟ୍ୟ ଶାସ୍ତ୍ରରେ ଉତ୍ପତ୍ତି ବିଷୟକ
ପ୍ରଥମ ଅଧ୍ୟାୟ ଶେଷ ହେଲା

Digitized by srujanika@gmail.com

ପ୍ରଥମାଧ୍ୟାୟର ସଂକ୍ଷିପ୍ତ ଆଲୋଚନା

(ନାଟ୍ୟର ଉତ୍ପତ୍ତି ଓ କ୍ରମବିକାଶ)

ପ୍ରଥମେ ହାସ୍ୟ, ଅଦ୍ଭୁତ ଓ ବୀର ରସାଶ୍ରିତ ଭାବନାଟ୍ୟର ପ୍ରୟୋଗ ହେଉଥିଲା । କେବଳ ପୁରୁଷମାନେ ନାଟ୍ୟରେ ଭୂମିକା ଗ୍ରହଣ କରୁଥିଲେ । ପରେ ବ୍ରହ୍ମାଙ୍କ ଅନୁରୋଧରେ ନୃତ୍ୟ, ଗୀତ, ବାଦ୍ୟର ପ୍ରଚୁର ପ୍ରୟୋଗ ଓ ସ୍ତ୍ରୀମାନଙ୍କର ଭୂମିକା ଗ୍ରହଣ ପ୍ରବର୍ତ୍ତିତ ହେଲା । ମୁକ୍ତ-ଆକାଶତଳେ ନାଟ୍ୟ ହେଉଥିଲା । ପରେ ରଙ୍ଗ-ମଣ୍ଡପ ନିର୍ମିତ ହେଲା ।

ନାଟ୍ୟବସ୍ତୁରେ କେବଳ ଦେବତାମାନଙ୍କର ଦୈତ୍ୟଦାନବମାନଙ୍କ ଉପରେ ଆକ୍ରମଣ ଓ ପରାଜିତ ଦୈତ୍ୟଦାନବଙ୍କର ପଳାୟନ ପ୍ରଭୃତି ବର୍ଣ୍ଣିତ ହେଉଥିବାରୁ କ୍ଷୁବ୍ଧ ଦୈତ୍ୟାଦି, ଅସୁରମାନଙ୍କ ସାହାଯ୍ୟରେ ବିଘ୍ନ ଘଟାଇଲେ, ଇନ୍ଦ୍ର ବଳପ୍ରୟୋଗ କରି ଏହି ବିଘ୍ନବିନାଶ କଲେ । ସେହିଦିନଠାରୁ ମୁକ୍ତ ଆକାଶତଳେ ନାଟ୍ୟ ପ୍ରଦର୍ଶନ ବନ୍ଦ ହୋଇଗଲା । ବ୍ରହ୍ମାଙ୍କ ଆଦେଶରେ ବିଶ୍ୱକର୍ମା, ରଙ୍ଗ-ମନ୍ଦିର ନିର୍ମାଣ କଲେ । ତାହାର ସୁରକ୍ଷାର ବନ୍ଦୋବସ୍ତ ମଧ୍ୟ କରାଗଲା ।

ଏହି ପ୍ରକାରେ ବିଘ୍ନ ଦୂର ହେଲା । ଅବାଞ୍ଛନୀୟ ବିଘ୍ନକାରୀମାନେ ଦୂରରେ ରହିଲେ । କିନ୍ତୁ ସର୍ବଲୋକଙ୍କ ପ୍ରୀତି ଉଦ୍ଦେଶ୍ୟରେ ରଚିତ ନାଟକ ସ୍ୱ-ଉଦ୍ଦେଶ୍ୟଠାରୁ ବହୁ ଦୂରରେ ରହିଗଲା । ଦୈତ୍ୟଦାନବମାନେ ନାଟକ ଦର୍ଶନରୁ ବଞ୍ଚିତ ହେଲେ । ଗୋଟିଏ ସଂପ୍ରଦାୟର ବିରୋଧକୁ ମୁଣ୍ଡରେ ଧରି ନାଟ୍ୟର ଅଗ୍ରଗତି ଅସମ୍ଭବ ମନେ ହେଲା । ତହିଁ ଦେବତାମାନଙ୍କ ଅନୁରୋଧରେ ବ୍ରହ୍ମା, ସାନ୍ତ୍ୱନା ବାକ୍ୟରେ ଦୈତ୍ୟଦାନବଙ୍କର ରୋଷ ଦୂର କରାଇଲେ । ସେମାନେ ରଙ୍ଗ-ଦର୍ଶନ ପାଇଁ ଆସିଲେ । କିନ୍ତୁ ଏଥର ଅବସ୍ଥା ଦୃଷ୍ଟିରୁ ଆଖ୍ୟାନବସ୍ତୁର ପରିବର୍ତ୍ତନ ସାଧିତ ହୋଇଥିଲା । ଏଥର "ଅମୃତ ମନ୍ଥନ" ଅଭିନୀତ ହେଲା । ଏଥିରେ

Digitized by srujanika@gmail.com

ଦେବତା ଓ ଦୈତ୍ୟାଦଙ୍କର ସମାନ ଉତ୍ସାହରେ ଏକଲକ୍ଷରେ କର୍ମ-ପ୍ରବୃତ୍ତ ହେବା ଅଭିମତ ହୋଇଥିଲା । ପୂର୍ବୋପର କେବଳ ସଫେଟ, ବିଦ୍ରବ ଅର୍ଥାତ୍ ଦେବତାଙ୍କର ସାଟୋପ ଆକ୍ରମଣ ଓ ଦୈତ୍ୟାଦଙ୍କର ଅସ୍ତବ୍ୟସ୍ତ ଭାବେ ପଳାୟନ ଅଭିନୟର କଥାବସ୍ତୁ ହୋଇ ନଥିଲା ।

ନାଟକର ପ୍ରତିପାଦ୍ୟ ——— ତ୍ରିଲୋକବାସୀଙ୍କର ଗୁଣପ୍ରାପ୍ତି-କାମନାରେ ନାଟ୍ୟବେଦ ରଚିତ ହୋଇଥିବା କଥା ବ୍ରହ୍ମା କହୁଛନ୍ତି । ଏଥିରେ ଧର୍ମ, କାମ, ଅର୍ଥ, ଶ୍ରମ, ହାସ୍ୟ, ବଧ, ଯୁଦ୍ଧ ପ୍ରଭୃତି ବର୍ଣ୍ଣିତ ହେବାରହିଁ ବିଧି । ଏଥିରେ ଧାର୍ମିକର ଧର୍ମଭାବ, କାମୀର କାମଭାବ, ଅର୍ଥୋପାର୍ଜକର ଅର୍ଥ, ଦୁର୍ବିନୀତର ନିଗ୍ରହ, ବିନୀତର ସଂଯମ, ଅଭିମାନର ଉତ୍ସାହ ପ୍ରଭୃତି ବର୍ଣ୍ଣିତ ହୋଇଥାଏ ।

Digitized by srujanika@gmail.com

ଦ୍ୱିତୀୟୋଽଧ୍ୟାୟଃ

ଭରତସ୍ୟ ବଚଃ ଶ୍ରୁତ୍ୱା ପପ୍ରଚ୍ଛୁର୍ମୁନୟସ୍ତଦା ।
ଭଗବଂଚ୍ଛ୍ରୋତୁମିଚ୍ଛାମୋ ଯଜନଂ ରଙ୍ଗ ସଂଶ୍ରୟମ୍ ॥ ୧ ॥
ଅଥବା ଯାଃ କ୍ରିୟାସ୍ତତ୍ର ଲକ୍ଷଣଂ ଯଚ୍ଚ ପୂଜନମ୍ ।
ଭବିଷ୍ୟଦ୍ଭିର୍ନରୈଃ କାର୍ଯ୍ୟଂ କଥଂ ବୈ ନାଟ୍ୟବେଶ୍ମନି ॥ ୨ ॥
ଇହାଦିର୍ନାଟ୍ୟବେଦସ୍ୟ ନାଟ୍ୟମଣ୍ଡପ ଏବ ହି ।
ତସ୍ମାତ୍ତସ୍ୟୈବ ତାବତ୍ତ୍ୱଂ ଲକ୍ଷଣଂ ବକ୍ତୁମର୍ହସି । ୩ ॥
ତେଷାଂ ତୁ ବଚନଂ ଶ୍ରୁତ୍ୱା ମୁନୀନାଂ ଭରତୋଽବ୍ରବୀତ୍ ।
ଲକ୍ଷଣଂ ପୂଜନଂ ଚୈବ ଶ୍ରୂୟତାଂ ନାଟ୍ୟବେଶ୍ମନଃ ॥ ୪ ॥
ଦେବାନାଂ ମାନସୀ ସୃଷ୍ଟିର୍ଗୃହେଷୂପବନେଷୁ ଚ ।
ନରାଣାଂ ଯତ୍ନତଃ କାର୍ଯ୍ୟା ଲକ୍ଷଣାଭିହିତାଃ କ୍ରିୟାଃ ॥ ୫ ॥
ଶ୍ରୂୟତାଂ ଯଦ୍ୟଥା ଯତ୍ର କର୍ତ୍ତବ୍ୟୋ ନାଟ୍ୟମଣ୍ଡପଃ ।
ତସ୍ୟ ଦୈବତପୂଜା ଚ ଯଥା ଯୋଜ୍ୟା ଚ ବସ୍ତୁଷୁ ॥ ୬ ॥

ଦ୍ୱିତୀୟ ଅଧ୍ୟାୟ

ଭରତଙ୍କ କଥା ଶୁଣି ମୁନିମାନେ ପୁଣି କହିଲେ—ଭଗବନ୍ ! ଆମ୍ଭେମାନେ ରଙ୍ଗପୀଠର ପୂଜାବିଧି ଶୁଣିବାକୁ ଇଚ୍ଛା କରୁଛୁ । ଏଥିରେ କଅଣ କଅଣ କରାଯାଏ, ନାଟ୍ୟଗୃହର ଲକ୍ଷଣ କଅଣ, କି ପ୍ରକାରେ ବା ଭବିଷ୍ୟତ ମାନବମାନେ ନାଟ୍ୟଗୃହର ପୂଜା କରିବେ, ତାହା ଆମ୍ଭମାନଙ୍କୁ କୁହନ୍ତୁ । ନାଟ୍ୟବେଦର ଉତ୍ପତ୍ତି ଓ ନାଟ୍ୟମଣ୍ଡପ କଥା ଆପଣ କହି ସାରିଛନ୍ତି, ଏବେ ତାହାର ଲକ୍ଷଣ କୁହନ୍ତୁ । ୧-୩ ।

ସେମାନଙ୍କ ବାକ୍ୟ ଶୁଣି ଭରତମୁନି କହିଲେ, ଏବେ ନାଟ୍ୟଗୃହର ଲକ୍ଷଣ ଓ ପୂଜା ଶୁଣ । ଦେବତାମାନେ ଗୃହ ଓ ଉପବନାଦିକୁ ନିଜ କଳ୍ପନାନୁସାରେ ମନରୁ ସୃଷ୍ଟି କରିଥାନ୍ତି, କିନ୍ତୁ ମାନବମାନଙ୍କୁ କଥିତ ଲକ୍ଷଣାନୁସାରେ ଯତ୍ନ-ବଳରେ କାର୍ଯ୍ୟ କରିବାକୁ ପଡ଼େ । ଯେଉଁ ପ୍ରକାରେ ନାଟ୍ୟମଣ୍ଡପ ନିର୍ମାଣ କରାଯାଏ ଏବଂ ତାହାର ବାସ୍ତୁଭୂମିରେ ଯେପରି ଦେବତାମାନଙ୍କ ପୂଜା କରାଯାଏ ତାହା ଶୁଣ । ୪-୬ ।

Digitized by srujanika@gmail.com

ଇହ ପ୍ରେକ୍ଷାଗୃହାଣାଂ ତୁ ଧୀମତା ବିଶ୍ୱକର୍ମଣା
ତ୍ରିବିଧଃ ସନ୍ନିବେଶଶ୍ଚ ଶାସ୍ତ୍ରତଃ ପରିକଳ୍ପିତଃ ॥ ୭ ॥
ବିକୃଷ୍ଟଶ୍ଚତୁରସ୍ରଶ୍ଚ ତ୍ର୍ୟସ୍ରଶ୍ଚୈବ ହି ମଣ୍ଡପଃ ।
ତେଷାଂ ତ୍ରୀଣି ପ୍ରମାଣାନି ଜ୍ୟେଷ୍ଠଂ ମଧ୍ୟଂ ତଥାଽବରମ୍ ॥ ୮ ॥
ପ୍ରମାଣମେଷାଂ ନିର୍ଦ୍ଦିଷ୍ଟଂ ହସ୍ତଦଣ୍ଡସମାଶ୍ରୟମ୍ ।
ଶତଂ ଚାଷ୍ଟୌ ଚତୁଃଷଷ୍ଟିର୍ଦ୍ୱାତ୍ରିଂଶଚ୍ଚେତି ନିଶ୍ଚିତମ୍ ॥ ୯ ॥
ଅଷ୍ଟାଧିକଂ ଶତଂ ଜ୍ୟେଷ୍ଠଂ ଚତୁଃଷଷ୍ଟିସ୍ତୁ ମଧ୍ୟମଃ ।
କନୀୟସ୍ତୁ ତଥା ବେଶ୍ମ ଦ୍ୱାତ୍ରିଂଶତ୍ତୁ କରମିଷ୍ୟତେ ॥ ୧୦ ॥
ଦେବାନାଂ ଭବନଂ ଜ୍ୟେଷ୍ଠଂ ନୃପାଣାଂ ମଧ୍ୟମଂ ଭବେତ୍ ।
ଶେଷାଣାଂ ପ୍ରକୃତୀନାଂ ତୁ କନୀୟଃ ସଂବିଧୀୟତେ ॥ ୧୧ ॥
ପ୍ରମାଣଂ ଯଚ୍ଚ ନିର୍ଦ୍ଦିଷ୍ଟଂ ଲକ୍ଷଣଂ ବିଶ୍ୱକର୍ମଣା ।
ପ୍ରେକ୍ଷାଗୃହାଣାଂ ସର୍ବେଷାଂ ତଚ୍ଚୈବ ହି ନିବୋଧତ ॥ ୧୨ ॥
ଅଣୂ ରଜଶ୍ଚ ବାଲଶ୍ଚ ଲିକ୍ଷା ଯୂକା ଯବସ୍ତଥା ।
ଅଙ୍ଗୁଳଂ ଚ ତଥା ହସ୍ତୋ ଦଣ୍ଡଶ୍ଚୈବ ପ୍ରକୀର୍ତ୍ତିତଃ ॥ ୧୩ ॥
ଅଣବୋଽଷ୍ଟୌ ରଜଃ ପ୍ରୋକ୍ତଂ ତାନ୍ୟଷ୍ଟୌ ବାଲ ଉଚ୍ୟତେ

ବିଶ୍ୱକର୍ମା ପୃଥିବୀରେ ନାଟ୍ୟମଣ୍ଡପମାନଙ୍କର ସନ୍ନିବେଶ (ନିର୍ମାଣପଦ୍ଧତି), ଶାସ୍ତ୍ରାନୁସାରେ ବିକୃଷ୍ଟ, ଚତୁରସ୍ର, ତ୍ର୍ୟସ୍ର ଏହି ତିନିପ୍ରକାର ପରିକଳ୍ପିତ ହୁଏ ବୋଲି କହିଅଛନ୍ତି । ଏମାନେ ପ୍ରତ୍ୟେକ ପରିମାଣ ଦୃଷ୍ଟିରୁ ଜ୍ୟେଷ୍ଠ, ମଧ୍ୟମ ଓ ଅବର (ଉତ୍ତମ ମଧ୍ୟମ ଓ ଅଧମ) ନାମରେ ଅଭିହିତ ହୁଅନ୍ତି । ୭-୮ ।

ହାତ ଓ ଦଣ୍ଡ ପରିମାଣ ଦ୍ୱାରା ଏମାନଙ୍କର ପରିମାଣ ନିର୍ଦ୍ଦିଷ୍ଟ ହୋଇଥାଏ । ଜ୍ୟେଷ୍ଠ ବା ଉତ୍ତମ ମଣ୍ଡପର ପରିମାଣ ୧୦୮ ହାତ, ମଧ୍ୟମର ୬୪ ହାତ ଓ ଅଧମ ବା ଅବରର ୩୨ ହାତ ବୋଲି ନିଶ୍ଚିତ ହୋଇଅଛି । ୯-୧୦ ।

ଦେବତାମାନଙ୍କର ଗୃହ ଜ୍ୟେଷ୍ଠ ଶ୍ରେଣୀର, ରାଜାମାନଙ୍କର ଗୃହ ମଧ୍ୟମ ଶ୍ରେଣୀର ଓ ସାଧାରଣ ପ୍ରକୃତିମାନଙ୍କର ଗୃହ କନିଷ୍ଠ ଶ୍ରେଣୀ ହେବାର ବିଧି । ବିଶ୍ୱକର୍ମାଙ୍କ କର୍ତ୍ତୃକ ନିର୍ଦ୍ଦିଷ୍ଟ ସବୁପ୍ରକାର ପ୍ରେକ୍ଷାଗୃହର ପରିମାଣ ଓ ଲକ୍ଷଣ ଶୁଣ । ୧୧-୧୨ ।

ଅଣୁ, ରଜ, ବାଲ, ଲିକ୍ଷା, ଯୂକା, ଯବ, ଅଙ୍ଗୁଳ, ହସ୍ତ ଓ ଦଣ୍ଡ

Digitized by srujanika@gmail.com

ବାଳାସ୍ତ୍ୱଷ୍ଟୌ ଭବେଲ୍ଲିକ୍ଷା ଯୂକା ଲିକ୍ଷାଷ୍ଟକଂ ଭବେତ୍ ॥ ୧୪ ॥
ଯୂକାସ୍ତ୍ୱଷ୍ଟୌ ଯବୋ ଜ୍ଞେୟୋ ଯବାସ୍ତ୍ୱଷ୍ଟୌ ତଥାଙ୍ଗୁଳମ୍ ।
ଅଙ୍ଗୁଳାନି ତଥା ହସ୍ତଶ୍ଚତୁର୍ବିଂଶତିରୁଚ୍ୟତେ ॥ ୧୫ ॥
ଚତୁର୍ହସ୍ତୋ ଭବେଦ୍ଦଣ୍ଡୋ ନିର୍ଦ୍ଦିଷ୍ଟସ୍ତୁ ପ୍ରମାଣତଃ ।
ଚତୁଃଷଷ୍ଟିଂ କରାନ୍ କୁର୍ଯ୍ୟାଦ୍ଦୀର୍ଘତ୍ୱେନ ତୁ ମଣ୍ଡପମ୍ ॥ ୧୬ ॥
ଦ୍ୱାତ୍ରିଂଶେନ ତୁ ବିସ୍ତାରଂ ମର୍ତ୍ତ୍ୟାନାଂ ଯୋଜୟେଦଥ ।
ଅତ ଊର୍ଦ୍ଧ୍ୱଂ ନ କର୍ତ୍ତବ୍ୟଃ କର୍ତ୍ତୃଭିର୍ନାଟ୍ୟମଣ୍ଡପଃ ॥ ୧୭ ॥
ଯସ୍ମାଦବ୍ୟକ୍ତଭାବଂ ହି ତତ୍ର ନାଟ୍ୟଂ ବ୍ରଜେଦିତି ।
ମଣ୍ଡପେ ବିପ୍ରକୃଷ୍ଟେ ତୁ ପାଠ୍ୟମୁଚ୍ଚରିତସ୍ୱରମ୍ ॥ ୧୮ ॥
ଅନଭିବ୍ୟକ୍ତବର୍ଣ୍ଣତ୍ୱାଦ୍ୱିସ୍ୱରତ୍ୱଂ ଭୃଶଂ ଭବେତ୍ ।
ଯଶ୍ଚାପ୍ୟାସ୍ୟଗତୋ ରାଗୋ ଭାବଦୃଷ୍ଟିରସାଶ୍ରୟଃ ॥ ୧୯ ॥
ସ ବେଶ୍ମନଃ ପ୍ରକୃଷ୍ଟତ୍ୱାଦ୍‌ବ୍ରଜେଦବ୍ୟକ୍ତତାଂ ପରମ୍ ।
ପ୍ରେକ୍ଷାଗୃହାଣାଂ ସର୍ବେଷାଂ ତସ୍ମାନ୍ମଧ୍ୟମମିଷ୍ୟତେ ॥ ୨୦ ॥
ଯସ୍ମାତ୍ପାଠ୍ୟଂ ଚ ଗେୟଂ ଚ ସୁଖଂ ଶ୍ରାବ୍ୟତରଂ ଭବେତ୍ ।

ଏହି ମାନ ପରିମାଣ ଏଥିରେ ବ୍ୟବହୃତ ହୋଇଅଛି । ଆଠ ଅଣୁରେ ଏକ ରଜ, ଆଠ ରଜରେ ଏକ ବାଳ, ଆଠ ବାଳରେ ଏକ ଲିକ୍ଷା, ଆଠ ଲିକ୍ଷାରେ ଏକ ଯୂକା, ଆଠ ଯୂକାରେ ଏକ ଯବ, ଆଠ ଯବରେ ଏକ ଅଙ୍ଗୁଳ ଓ ୨୪ ଅଙ୍ଗୁଳରେ ଏକ ହସ୍ତ ଏବଂ ଚାରି ହସ୍ତରେ ଏକ ଦଣ୍ଡ ହୋଇଥାଏ । ଏଠାରେ ଏହି ପରିଭାଷା ଅନୁସାରେ ପରିମାଣ କଥିତ ହୋଇଛି । ୧୩-୧୫½ ।

ମଣ୍ଡପର ଦୈର୍ଘ୍ୟ ୬୪ ହାତ ଓ ପ୍ରସ୍ଥ ୩୨ ହାତ ହେବା ଉଚିତ । କୌଣସି ଲୋକ ମଣ୍ଡପକୁ ଏହାଠାରୁ ବଡ଼ କରି ପାରିବ ନାହିଁ । ତାହା କଲେ ନାଟ୍ୟ ପରିସ୍ଫୁଟ ହୁଏ ନାହିଁ । ମଣ୍ଡପ ଦୀର୍ଘ ହେଲେ ବର୍ଣ୍ଣର ସ୍ଫୁଟଭାବେ ଅଭିବ୍ୟକ୍ତି ନ ହେବାରୁ ପାଠ୍ୟ ସ୍ପଷ୍ଟରୂପେ ଶୁଣାଯିବ ନାହିଁ । ଏବଂ ଉଚ୍ଚାରିତ ସ୍ୱର ମଧ୍ୟ ଅତ୍ୟନ୍ତ ବିକୃତ ହୋଇଯିବ । (ଅଭିନେତା କର୍ତ୍ତୃକ) ଭାବ ସୃଷ୍ଟିରୁ ଉତ୍ପନ୍ନ ରସର ଆଶ୍ରୟଭୂତ ଯେଉଁ ବେଶରଚନା ଓ ଦୃଷ୍ଟି, ବାଷ୍ପ, ବୈବର୍ଣ୍ଣ୍ୟ ପ୍ରଭୃତି ମୁଖଗତ ଭଙ୍ଗୀ ଦର୍ଶକମାନଙ୍କର ଦୃଷ୍ଟିଗୋଚର ହେବାର କଥା, ତାହା ମଣ୍ଡପର ଦୀର୍ଘତା ହେତୁ ଅତ୍ୟନ୍ତ ଅସ୍ପଷ୍ଟ ହୋଇଯାଏ । ତେଣୁ ସମସ୍ତ ପ୍ରେକ୍ଷାଗୃହ ଗୁଡ଼ିକ ମଧ୍ୟମ ଆକାରରେ ନିର୍ମିତ ହେବା ଉଚିତ । ଏହା କଲେ ଅଭିନେତାମାନଙ୍କର ଉକ୍ତି, ବାଦ୍ୟ ଓ ଗାନ ଅନାୟାସରେ ସ୍ପଷ୍ଟତର ଭାବେ ଶୁଣାଯିବ । ୧୬-୨୦½ ।

Digitized by srujanika@gmail.com

ଦେବାନାଂ ମାନସୀ ସୃଷ୍ଟିଃ ଗୃହେଷୂପବନେଷୁ ଚ ॥ ୨୧ ॥
ଯତ୍ନ ଭାବାଦ୍‌ବିନିଷ୍ପନ୍ନାଃ ସର୍ବେ ଭାବାସ୍ତୁ ମାନସାଃ ।
ତସ୍ମାଦ୍ଦେବକୃତୈର୍ଭାବୈର୍ନ ବିସ୍ପର୍ଦ୍ଧେତ ମାନୁଷଃ ॥ ୨୨ ॥
ମାନୁଷସ୍ୟ ତୁ ଗେହସ୍ୟ ସମ୍ପ୍ରବକ୍ଷ୍ୟାମି ଲକ୍ଷଣମ୍ ।
ଭୂମେର୍ବିଭାଗଂ ପୂର୍ବଂ ତୁ ପରୀକ୍ଷେତ ବିଚକ୍ଷଣଃ ॥ ୨୩ ॥
ତତୋ ବାସ୍ତୁ ପ୍ରମାଣଂ ଚ ପ୍ରାରଭେତ ଶୁଭେଚ୍ଛୟା ।
ସମା ସ୍ଥିରା ଚ କଠିନା କୃଷ୍ଣା ଗୌରୀ ଚ ଯା ଭବେତ୍ ॥ ୨୪ ॥
ଭୂମିସ୍ତତ୍ର ତୁ କର୍ତ୍ତବ୍ୟଃ କର୍ତ୍ତୃଭିର୍ନାଟ୍ୟମଣ୍ଡପଃ ।
ପ୍ରଥମଂ ଶୋଧନଂ କୃତ୍ୱା ଲାଙ୍ଗଲେନ ସମୁତ୍କୃଷେତ୍ ॥ ୨୫ ॥
ଅସ୍ଥି-କୀଲ-କପାଲାନି ତୃଣଗୁଲ୍ମାଂଶ୍ଚ ଶୋଧୟେତ୍ ।
ଶୋଧୟିତ୍ୱା ବସୁମତୀଂ ପ୍ରମାଣଂ ନିର୍ଦ୍ଦିଶେତ୍ତତଃ ॥ ୨୬ ॥
ତ୍ରୀଣ୍ୟୁତ୍ତରାଣି ସୌମ୍ୟଂ ଚ ବିଶାଖାଽପି ଚ ରେବତୀ ।
ହସ୍ତତିଷ୍ୟାନୁରାଧାଶ୍ଚ ପ୍ରଶସ୍ତା ନାଟ୍ୟ-କର୍ମଣି ॥ ୨୭ ।
ପୁଷ୍ୟାନକ୍ଷତ୍ରଯୋଗେନ ଶୁକ୍ଳଂ ସୂତ୍ରଂ ପ୍ରସାରୟେତ୍ ।
କାର୍ପାସଂ ବାଲ୍ୱଜଂ ବାପି ମୌଞ୍ଜୀଂ ବାଲ୍କଲମେବ ଚ ॥ ୨୮ ॥

ଦେବତାମାନେ କଳ୍ପନା ବଳରେ ମନରୁ ଗୃହ ଉପବନାଦି ନିର୍ମାଣ କରି ପାରନ୍ତି, କିନ୍ତୁ ମନୁଷ୍ୟର ସମସ୍ତ ପଦାର୍ଥ ନିର୍ମାଣପାଇଁ ଅଧିକ ପ୍ରଯତ୍ନର ପ୍ରୟୋଜନ ହୁଏ । ତେଣୁ ଏ ସବୁ ବିଷୟରେ ଦେବତାମାନଙ୍କ ସହିତ ମନୁଷ୍ୟର ସ୍ପର୍ଦ୍ଧା କରିବା ଅନୁଚିତ । ଏବେ ମନୁଷ୍ୟମାନଙ୍କ ଗୃହର ପ୍ରମାଣ ଓ ଲକ୍ଷଣ କହୁଅଛୁ । କୁଶଳବ୍ୟକ୍ତି ପ୍ରଥମେ ଭୂମିର ପ୍ରକାର ଭେଦକୁ ପରୀକ୍ଷା କରିବ । ୨୧-୨୩ ।

ତତ୍ପରେ ବାସ୍ତୁଭୂମିର ମାପ ଆରମ୍ଭ କରିବ । ଯେଉଁ ଭୂମି ସମତଳ ଦୃଢ଼ (ଫାପସା ନୁହେଁ ଟାଣ) କୃଷ୍ଣବର୍ଣ୍ଣ ବା ଶୁକ୍ଳବର୍ଣ୍ଣ ସେହିଠାରେ ନାଟ୍ୟମଣ୍ଡପ ନିର୍ମାଣ କରିବ । ପ୍ରଥମେ ଗୋଡ଼ି ପଥର ପ୍ରଭୃତି କାଢ଼ି, ଭୂମିକୁ ଶୋଧନ କଲାପରେ ଲଙ୍ଗଳଦ୍ୱାରା ଭଲଭାବେ ଚଷିଦେବ । ତହୁଁ ହାଡ଼, ଖୁଣ୍ଟ, ଖପର, ଘାସ, ଗୁଳ୍ମ (ବୁଦା) ପ୍ରଭୃତିକୁ କାଢ଼ିଦେବ, ଏହି ପ୍ରକାରେ ଶୋଧନ କଲା ଉତ୍ତାରୁ ମାପ କାର୍ଯ୍ୟ ଆରମ୍ଭ କରିବ । ୨୪-୨୬ ।

ଉତ୍ତରଭଦ୍ର, ସୌମ୍ୟ, ବିଶାଖା, ରେବତୀ, ହସ୍ତା, ପୁଷ୍ୟ, ଅନୁରାଧା ଏହି ନକ୍ଷତ୍ର ଗୁଡ଼ିକ ନାଟ୍ୟକର୍ମରେ ଶୁଭ । ଏଥି ମଧ୍ୟରୁ ପୁଷ୍ୟା ନକ୍ଷତ୍ରରେ ସୂତ୍ରାଧର କାର୍ଯ୍ୟ କରିବା ଉଚିତ । ସୂତ୍ରର ବର୍ଣ୍ଣ ଶୁକ୍ଳ ହେବା ବିଧେୟ । କପା, ପଲାଶ (ବଲ୍ୱଜ) ମୁଞ୍ଜିଘାସ ବା ବଲ୍କଲ ଦ୍ୱାରା ସୂତ୍ର ନିର୍ମିତ ହେବ । ୨୭-୨୮ ।

Digitized by srujanika@gmail.com

ସୂତ୍ରଂ ବୁଧୈସ୍ତୁ କର୍ତ୍ତବ୍ୟଂ ଚ୍ଛେଦୋ ଯସ୍ୟ ନ ବିଦ୍ୟତେ ।
ଅର୍ଦ୍ଧଚ୍ଛିନ୍ନେ ଭବେତ୍ସୂତ୍ରେ ସ୍ୱାମିନୋ ମରଣଂ ଧ୍ରୁବମ୍ ॥ ୨୯ ॥
ତ୍ରିଭାଗଚ୍ଛିନ୍ନୟା ରଜ୍ଜ୍ୱା ରାଷ୍ଟ୍ରକୋପୋ ବିଧୀୟତେ ।
ଛିନ୍ନାୟାଂ ତୁ ଚତୁର୍ଭାଗେ ପ୍ରୟୋକ୍ତୁର୍ନାଶ ଉଚ୍ୟତେ ॥ ୩୦ ॥
ହସ୍ତାତ୍ପ୍ରଭ୍ରଷ୍ଟୟା ବାପି କଶ୍ଚିଦୁପଚୟୋ ଭବେତ୍ ।
ତସ୍ମାନ୍ନିତ୍ୟଂ ପ୍ରଯତ୍ନେନ ରଜ୍ଜୁଗ୍ରହଣମିଷ୍ୟତେ ॥ ୩୧ ॥
କାର୍ଯ୍ୟଂ ଚୈବ ପ୍ରଯତ୍ନେନ ମାନଂ ନାଟ୍ୟଗୃହସ୍ୟ ତୁ ।
ମୁହୂର୍ତ୍ତେନାନୁକୂଲେନ ତିଥ୍ୟା ଚ କରଣେନ ଚ ॥ ୩୨ ॥
ବ୍ରାହ୍ମଣାଂସ୍ତର୍ପୟିତ୍ୱା ତୁ ପୁଣ୍ୟାହଂ ବାଚୟେତ୍ତତଃ ।
ଶାନ୍ତିତୋୟଂ ତତୋ ଦତ୍ତ୍ୱା ତତଃ ସୂତ୍ରଂ ପ୍ରସାରୟେତ୍ ॥ ୩୩ ॥
ଚତୁଃଷଷ୍ଟିଂ କରାନ୍ କୃତ୍ୱା ଦ୍ୱିଧା କୁର୍ଯ୍ୟାତ୍ ପୁନଶ୍ଚ ତାନ୍ ।
ପୃଷ୍ଠତୋ ଯୋ ଭବେଦ୍ଭାଗୋ ଦ୍ୱିଧାଭୂତୋ ଭବେଚ୍ଚ ସଃ ॥ ୩୪ ॥
ତସ୍ୟାର୍ଦ୍ଧେନ ବିଭାଗେନ ରଙ୍ଗଶୀର୍ଷଂ ପ୍ରୟୋଜୟେତ୍ ।
ପଶ୍ଚିମେଽଥ ବିଭାଗେ ଚ ନେପଥ୍ୟଗୃହମାଦିଶେତ୍ ॥ ୩୫ ॥
ବିଭଜ୍ୟ ଭାଗାନ୍ ବିଧିବଦ୍ୟଥାବଦନୁପୂର୍ବଶଃ ।
ଶୁଭେ ନକ୍ଷତ୍ରଯୋଗେ ଚ ମଣ୍ଡପସ୍ୟ ନିବେଶନମ୍ ॥ ୩୬ ॥

ଏଥିରେ ଗଣ୍ଠି ବା ଛିଣ୍ଡା ନଥିବା ଉଚିତ, ଅଧାରେ ଛିଣ୍ଡା ଥିଲେ ଗୃହସ୍ୱାମୀର ମୃତ୍ୟୁ ଘଟେ, ତୃତୀୟ ଭାଗରେ ଛିଣ୍ଡାଥିଲେ ରାଷ୍ଟ୍ର ବିପ୍ଳବ, ଚତୁର୍ଥ ଭାଗରେ ଛିଣ୍ଡାଥିଲେ ନାଟ୍ୟପ୍ରଯୋକ୍ତାର ନାଶ ଘଟେ । ସୂତା ହାତରୁ ଖସି ପଡ଼ିଲେ କିଛିହେଲେ ଅନିଷ୍ଟ ଘଟେ ବୋଲି କଥିତ ଅଛି । ଅତଏବ ଅତି ଯତ୍ନ ସହକାରେ ସୂତାକୁ ଧରିବା ବାଞ୍ଛନୀୟ । ନାଟ୍ୟଗୃହ ମାପିବାବେଳେ ଅତଏବ ଯତ୍ନବାନ ହେବା ଉଚିତ । ୨୯-୩୧ ।

ଶୁଭତିଥି, ଶୁଭ କରଣ ଯୁକ୍ତ, ଅନୁକୂଳ (ଶୁଭ) ମୁହୂର୍ତ୍ତରେ ବ୍ରାହ୍ମଣମାନଙ୍କୁ (ଦକ୍ଷିଣାଦି ଦେବାଦ୍ୱାରା) ସନ୍ତୁଷ୍ଟ କରାଇ ପୁଣ୍ୟାହବାଚନ କରାଇବ । ତତ୍ପରେ ଶାନ୍ତିମନ୍ତ୍ରରେ ଶାନ୍ତି ଉଦକ ସେଚନ ପୂର୍ବକ ସୂତାଟାଣ ଆରମ୍ଭ କରିବ । ୩୨-୩୩ ।

ଚଉଷଠି ହାତ ପର୍ଯ୍ୟନ୍ତ ସୂତାକୁ ବିସ୍ତୃତ କରି ପୁଣି ତାକୁ ଦୁଇଭାଗ କରିବ । ପଛପାଖକୁ ଯେଉଁ ଅଧିକ ରହିବ ପୁଣି ତାକୁ ଦୁଇଭାଗ କରିବ, ଅଧକରେ ରଙ୍ଗଶୀର୍ଷ ନିର୍ମାଣ କରିବ ପୂର୍ବୋକ୍ତ ମତରେ ବିଭାଗକରି ପଶ୍ଚିମ ତରଫ ଭାଗରେ

Digitized by srujanika@gmail.com

ଶଙ୍ଖଦୁନ୍ଦୁଭିନିର୍ଘୋଷୈର୍ମୃଦଙ୍ଗପଣବାଦଭିଃ ।
ସର୍ବାତୂର୍ଯ୍ୟ-ନିନାଦୈଶ୍ଚ ସ୍ଥାପନଂ କାର୍ଯ୍ୟମେବ ଚ ॥ ୩୭ ॥
ଉତ୍ସାର୍ଯାଣି ତ୍ୱନିଷ୍ଟାନି ପାଷଣ୍ଡାଶ୍ରମିଣସ୍ତଥା ।
କଷାୟବସନାଶ୍ଚୈବ ବିକଳାଶ୍ଚୈବ ଯେ ନରାଃ ॥ ୩୮ ॥
ନିଶାୟାଂ ଚ ବଳିଃ କାର୍ଯ୍ୟୋ ନାନାଭୋଜନସଂଯୁତଃ ॥ ୩୯ ॥
ଗନ୍ଧପୁଷ୍ପଫଳୋପେତୋ ଦିଶୋ ଦଶ ସମାଶ୍ରିତଃ ।
ପୂର୍ବେଣ ଶୁକ୍ଳାନ୍ନଯୁତୋ ନୀଳାନ୍ନୋ ଦକ୍ଷିଣେନ ଚ ॥ ୪୦ ॥
ପଶ୍ଚିମେନ ବଳିଃ ପୀତୋ ରକ୍ତଶ୍ଚୈବୋତ୍ତରେଣ ତୁ ।
ଯାଦୃଶଂ ଦିଶି ଯସ୍ୟାଂ ତୁ ଦୈବତଂ ପରିକଳ୍ପିତମ୍ ॥ ୪୧ ॥
ତାଦୃଶସ୍ତତ୍ର ଦାତବ୍ୟୋ ବଳିର୍ମନ୍ତ୍ରପୁରସ୍କୃତଃ ।
ସ୍ଥାପନେ ବ୍ରାହ୍ମଣେଭ୍ୟଶ୍ଚ ଦାତବ୍ୟଂ ଘୃତପାୟସମ୍ ॥ ୪୨ ॥
ମଧୁପର୍କସ୍ତଥା ରାଜ୍ଞେ କର୍ତ୍ତୃଭ୍ୟଶ୍ଚ ଗୁଡୌଦନମ୍ ।
ନକ୍ଷତ୍ରେଣ ତୁ କର୍ତ୍ତବ୍ୟଂ ମୂଳେନ ସ୍ଥାପନଂ ବୁଧୈଃ ॥ ୪୩ ॥
ମୁହୂର୍ତ୍ତେନାନୁକୂଳେନ ତିଥ୍ୟା ସୁକରଣେନ ଚ ।
ଏବଂ ତୁ ସ୍ଥାପନଂ କୃତ୍ୱା ଭିତ୍ତିକର୍ମ ପ୍ରୟୋଜୟେତ୍ ॥ ୪୪ ॥

ନେପଥ୍ୟ (ବେଶ ରଚନାଗୃହ) ନିର୍ମାଣ କରିବ । ଶଙ୍ଖ, ଦୁନ୍ଦୁଭି, ମୃଦଙ୍ଗ, ପଣବ, ପ୍ରଭୃତି ସବୁପ୍ରକାର ବାଦ୍ୟ ବଜାଇ ଶୁଭ ନକ୍ଷତ୍ରରେ ମଣ୍ଡପ ସ୍ଥାପନ କରିବ । ୩୪-୩୭ ।

ସେଠାରେ ଥିବା ସମସ୍ତ ଅବାଞ୍ଛନୀୟ ଦ୍ରବ୍ୟ ଏବଂ ଆସ୍ତିକତା ବିରୋଧୀ ଗେରୁଆ ଲୁଗା ପିନ୍ଧିଥିବା ଲୋକମାନଙ୍କୁ, (ଶ୍ରମଣମାନଙ୍କୁ) ଏବଂ ଅନ୍ଧ, ଖଞ୍ଜ, କୋଣା ପ୍ରଭୃତି ବିକଳାଙ୍ଗ ଲୋକମାନଙ୍କୁ ବାହାର କରିଦେବ । ରାତିରେ ଚନ୍ଦନ, ପୁଷ୍ପ, ଫଳ ସହିତ ନାନାପ୍ରକାର ଭୋଜ୍ୟ ଦ୍ରବ୍ୟରେ ଦଶଦିଗରେ ବଳି ଦେବ । ପୂର୍ବ ଦିଗର ବଳିର ବର୍ଣ୍ଣ ଶୁକ୍ଳ, ଦକ୍ଷିଣର ନୀଳ, ପଶ୍ଚିମର ପୀତ (ହଳଦିଆ) ଓ ଉତ୍ତରଦିଗର ବଳିର ବର୍ଣ୍ଣ ରକ୍ତ ହେବା ଉଚିତ; ଯେ ଯେଉଁ ଦିଗର ଅଧିଷ୍ଠାତ୍ରୀ ଦେବତା ସେହି ଦିଗରେ ତାଙ୍କର ଉଦ୍ଦେଶ୍ୟରେ ମନ୍ତ୍ରୋଚ୍ଚାରଣ ପୂର୍ବକ ସେହିପ୍ରକାର ବଳି ଦେବ ।
୩୮-୪୧ ।

ମଣ୍ଡପ-ସ୍ଥାପନ କାଳରେ ବ୍ରାହ୍ମଣଙ୍କୁ ଘୃତ ଓ ପାୟସ, କ୍ଷତ୍ରିୟମାନଙ୍କୁ ମଧୁପର୍କ ଓ କର୍ତ୍ତା (ଅଭିନେତା) ମାନଙ୍କୁ ଗୁଡୌଦନ ଭୋଜନ ଦେବ । ମୂଳା ନକ୍ଷତ୍ରର ଶୁଭମୁହୂର୍ତ୍ତରେ ଶୁଭତିଥି ଓ ଶୁଭକରଣରେ ଏହି ସ୍ଥାପନ କାର୍ଯ୍ୟ ହେବା ଉଚିତ । ଏହିପରି ସ୍ଥାପନ କଲାପରେ ଭିତ୍ତିକର୍ମ (ମୂଳଦୁଆ ପକାଇବା କାର୍ଯ୍ୟ)

Digitized by srujanika@gmail.com

ଉକ୍ତକର୍ମଣି ନବୃତ୍ତେ ସ୍ତମ୍ଭାନାଂ ସ୍ଥାପନଂ ତତଃ ।
ତିଥିନକ୍ଷତ୍ରଯୋଗେନ ଶୁଭେନ କରଣେନ ଚ ॥ ୪୫ ॥
ସ୍ତମ୍ଭାନାଂ ସ୍ଥାପନଂ କାର୍ଯ୍ୟଂ ରୋହିଣ୍ୟା ଶ୍ରବଣେନ ଚ ।
ଆଚାର୍ଯ୍ୟେଣ ସୁଯୁକ୍ତେନ ତଦ୍ଦିନୋପୋଷିତେନ ଚ ॥ ୪୬ ॥
ସ୍ତମ୍ଭାନାଂ ସ୍ଥାପନଂ କାର୍ଯ୍ୟଂ ପ୍ରାପ୍ତେ ସୂର୍ଯ୍ୟୋଦୟେ ଶୁଭେ ।
ପ୍ରଥମେ ବ୍ରାହ୍ମଣସ୍ତମ୍ଭେ ସର୍ପିଃ ସର୍ଷପସଂସ୍କୃତେ ॥ ୪୭ ॥
ସର୍ବଶୁକ୍ଳା ବଳିଃ କାର୍ଯ୍ୟା ଦଦ୍ୟାଚ୍ଚ ପାୟସମେବ ତୁ ।
ତତସ୍ତୁ କ୍ଷତ୍ରିୟସ୍ତମ୍ଭେ ବସ୍ତ୍ରମାଲ୍ୟାନୁଲେପନମ୍ ॥ ୪୮ ॥
ସର୍ବଂ ରକ୍ତଂ ପ୍ରଦାତବ୍ୟଂ ଦ୍ୱିଜେଭ୍ୟସ୍ତୁ ଗୁଡୌଦନମ୍ ।
ବୈଶ୍ୟସ୍ତମ୍ଭେ ବଳିଃ କାର୍ଯ୍ୟା ଦଗ୍‌ଭାଗେ ପଶ୍ଚିମୋତ୍ତରେ ॥ ୪୯ ॥
ସର୍ବଂ ପୀତଂ ପ୍ରଦାତବ୍ୟଂ ଦ୍ୱିଜେଭ୍ୟସ୍ତୁ ଘୃତୌଦନମ୍ ।
ଶୂଦ୍ରସ୍ତମ୍ଭେ ବଳିଃ କାର୍ଯ୍ୟଃ ସମ୍ୟକ୍ ପୂର୍ବୋତ୍ତରାଶ୍ରୟେ । ୫୦ ।
ନୀଳପ୍ରାୟଂ ପ୍ରଦାତବ୍ୟଂ କୃଶରଂ ଚ ଦ୍ୱିଜାଶନମ୍ ।
ପୂର୍ବୋକ୍ତବ୍ରାହ୍ମଣସ୍ତମ୍ଭେ ଶୁକ୍ଳମାଲ୍ୟାନୁଲେପନେ ॥ ୫୧ ॥

କରିବ । ସେ କର୍ମ ସରିଗଲେ ଶୁଭତିଥି, ଶୁଭନକ୍ଷତ୍ର ଓ ଶୁଭକରଣରେ ସ୍ତମ୍ଭମାନ ସ୍ଥାପନ କରିବ । ସ୍ତମ୍ଭ ସ୍ଥାପନ କାର୍ଯ୍ୟରେ ରୋହିଣୀ ଓ ଶ୍ରବଣା ନକ୍ଷତ୍ର ପ୍ରଶସ୍ତ ।

୪୨-୪୫½ ।

ଯେଉଁ ଆଚାର୍ଯ୍ୟ, ସ୍ତମ୍ଭ ସ୍ଥାପନ କର୍ମରେ ନିଯୁକ୍ତ ହେବେ ସେ ଜିତେନ୍ଦ୍ରିୟ ହୋଇ ଦିନରାତି ଉପବାସ କରିଥିବେ । ଏହା ସୂର୍ଯ୍ୟୋଦୟ କାଳରେ କରାଯିବ । ପ୍ରଥମେ ବ୍ରାହ୍ମଣ ସ୍ତମ୍ଭକୁ ଘିଅ ଓ ସୋରିଷ ଦ୍ୱାରା ସଂସ୍କୃତ କରି ସବୁପ୍ରକାର ଶୁକ୍ଳ ଦ୍ରବ୍ୟ ଓ ପାୟସ ବ୍ରାହ୍ମଣମାନଙ୍କୁ ଅର୍ପଣ କରିବ । ତତ୍ପରେ ବସ୍ତ୍ର, ମାଲ୍ୟ ଓ ଚନ୍ଦନାଦି ଦ୍ୱାରା ଅନୁଲିପ୍ତ କ୍ଷତ୍ରିୟ ସ୍ତମ୍ଭର ପୂଜାରେ ରକ୍ତବର୍ଣ୍ଣ ଦ୍ରବ୍ୟ ଅର୍ପଣ କରିବ ଏବଂ ବ୍ରାହ୍ମଣଙ୍କୁ ଗୁଡୋଦନ ଖାଇବାକୁ ଦେବ । ପଶ୍ଚିମୋତ୍ତର କୋଣରେ ବୈଶ୍ୟ ସ୍ତମ୍ଭ, ତାହାର ପୂଜାରେ ପୀତବର୍ଣ୍ଣ ଦ୍ରବ୍ୟମାନ ଅର୍ପଣ କରିବ । ବ୍ରାହ୍ମଣଙ୍କୁ ଘୃତୌଦନ (ଘିଅଭାତ) ଖାଇବାକୁ ଦେବ । ପୂର୍ବୋତ୍ତର ଦିଗରେ ଶୂଦ୍ରସ୍ତମ୍ଭ, ତାହାର ପୂଜାରେ ନୀଳବର୍ଣ୍ଣ ଦ୍ରବ୍ୟ ଦେବ ଓ ବ୍ରାହ୍ମଣଙ୍କୁ କୃଶର (ଝେଡା ଓ ବୁହଲଜାଉ) ଖାଇବାକୁ ଦେବ । ୪୬-୫୦½ ।

ପୂର୍ବୋକ୍ତ ବ୍ରାହ୍ମଣ ସ୍ତମ୍ଭରେ ଧଳା ଫୁଲମାଳ, ଚନ୍ଦନାଦି ଧଳା ଲେପନ

Digitized by srujanika@gmail.com

ନିକ୍ଷିପେତ୍ କନକଂ ମୂଲେ କର୍ଣ୍ଣାଭରଣସଂଶ୍ରୟମ୍ ।
ତାମ୍ରଂ ଚାଧଃ ପ୍ରଦାତବ୍ୟଂ ସ୍ତମ୍ଭେ କ୍ଷତ୍ରିୟସଂଜ୍ଞକେ ॥ ୫୨ ॥
ବୈଶ୍ୟସ୍ତମ୍ଭସ୍ୟ ମୂଲେ ତୁ ରଜତଂ ସମ୍ପ୍ରଦାପୟେତ୍ ।
ଶୂଦ୍ରସ୍ତମ୍ଭସ୍ୟ ମୂଲେ ତୁ ଦଦ୍ୟାଦାୟସମେବ ଚ ॥ ୫୩ ॥
ଶେଷେଷ୍ୱପି ଚ ନିକ୍ଷେପ୍ୟଂ ସ୍ତମ୍ଭମୂଲେଷୁ କାଞ୍ଚନମ୍ ।
ସ୍ୱସ୍ତିପୁଣ୍ୟାହଘୋଷେଣ ଜୟଶବ୍ଦେନ ଚୈବ ହି ॥ ୫୪ ॥
ସ୍ତମ୍ଭାନାଂ ସ୍ଥାପନଂ କାର୍ଯ୍ୟଂ ପୁଷ୍ପମାଲାପୁରସ୍କୃତମ୍ ।
ରତ୍ନଦାନୈଃ ସଗୋଦାନୈର୍ବସ୍ତ୍ରଦାନୈରନଲ୍ପକୈଃ ॥ ୫୫ ॥
ବ୍ରାହ୍ମଣାଂସ୍ତର୍ପୟିତ୍ୱା ତୁ ସ୍ତମ୍ଭମୁତ୍ଥାପୟେତ୍ତତଃ ।
ଅଚଲଂ ଚାପ୍ୟକମ୍ପ୍ୟଂ ଚ ତଥୈବାବଲିତଂ ପୁନଃ ॥ ୫୬ ॥
ସ୍ତମ୍ଭସ୍ୟୋତ୍ଥାପନେ ସମ୍ୟଗ୍ଦୋଷା ହ୍ୟେତେ ପ୍ରକୀର୍ତ୍ତିତାଃ ।
ଅବୃଷ୍ଟିରୁକ୍ତା ଚଲନେ ବଲନେ ମୃତ୍ୟୁତୋ ଭୟମ ॥ ୫୭ ॥
କମ୍ପନେ ପରଚକ୍ରାତ୍ତୁ ଭୟଂ ଭବତି ଦାରୁଣମ୍ ।
ଦୋଷୈରେତୈର୍ବିହୀନଂ ତୁ ସ୍ତମ୍ଭମୁତ୍ଥାପୟେଚ୍ଛିବମ୍ ॥ ୫୮ ॥
ପ୍ରବଦ୍ଧଂ ବ୍ରାହ୍ମଣେସ୍ତମ୍ଭେ ଦାତବ୍ୟା ଦକ୍ଷିଣା ଚ ଗୌଃ ।
ତେଷାଣାଂ ଭୋଜନଂ କାର୍ଯ୍ୟଂ ସ୍ଥାପନେ କର୍ତ୍ତୃସଂଶ୍ରୟମ୍ ॥ ୫୯ ॥

ଦ୍ରବ୍ୟ ବୋଲି ତାହା ମୂଳରେ ସୁନାର କର୍ଣ୍ଣାଳଙ୍କାର ପକାଇବ । ଏହାପରେ କ୍ଷତ୍ରିୟ ସ୍ତମ୍ଭମୂଳରେ ତମ୍ବା, ବୈଶ୍ୟସ୍ତମ୍ଭ ମୂଳରେ ରୂପା, ଶୂଦ୍ରସ୍ତମ୍ଭ ମୂଳରେ ଲୁହା ପୋତିବ ।
। ୫୧-୫୩ ।

ଅବଶିଷ୍ଟ ସ୍ତମ୍ଭମାନଙ୍କ ମୂଳରେ ସୁନା ପକାଇବ । ତପରେ ସ୍ୱସ୍ତିବାଚକ ପୁଣ୍ୟାହ ବାଚକ ମନ୍ତ୍ର ଓ ଜୟଧ୍ୱନି ସହକାରେ ସ୍ତମ୍ଭ ସ୍ଥାପନ କରିବ । ତପୂର୍ବରୁ ସ୍ତମ୍ଭରେ ପତ୍ରତୋରଣାଦି ବାନ୍ଧି ବ୍ରାହ୍ମଣମାନଙ୍କୁ ପ୍ରଚୁର ରତ୍ନ, ଗୋ, ବସ୍ତ୍ର ପ୍ରଭୃତି ଦାନକରି ସ୍ତମ୍ଭକୁ ଉଠାଇବ । ଏହା ଅଚଳ, ଅକମ୍ପ ଓ ଅବଳିତ ହେବା ଉଚିତ ।
। ୫୪-୫୬ ।

ଚଳିବା (ଦୋହଲିବା) ବୁଲିପଡିବା ଭିଳ ଦୋଷ ।

ସ୍ତମ୍ଭ ଚଳିଲେ ବୃଷ୍ଟିର ଅଭାବ, ବୁଲି ପଡିଲେ ମୃତ୍ୟୁ ଭୟ ଏବଂ କମ୍ପିଲେ ଶତ୍ରୁ-ରାଜ୍ୟରୁ ମହାଭୟ ଜାତ ହୁଏ । ଅତଏବ ଏ ସବୁ ଦୋଷରହିତ ସ୍ତମ୍ଭ ସ୍ଥାପନ କରିବା ଉଚିତ । ବ୍ରାହ୍ମଣ ସ୍ତମ୍ଭରେ କ୍ଷୀର ଦେବ ଓ ଦକ୍ଷିଣା ସ୍ୱରୂପ ଗାଈଟିଏ ଦେବ,

Digitized by srujanika@gmail.com

ମନ୍ତ୍ରପୂର୍ବଂ ଚ ତଦ୍ଦେୟଂ ନାଟ୍ୟାଗ୍ର୍ୟେଣ ଧୀମତା ।
ପୁରୋହିତଂ ନୃପଂ ଚୈବ ଭୋଜୟେନ୍ମଧୁପାୟସୈଃ ॥ ୭୦ ॥
କର୍ତ୍ତୄନପି ତଥା ସର୍ବାନ୍ କୃସରଂ ଲବଣୋତ୍ତରମ୍ ।
ସର୍ବମେବ ବିଧିଂ କୃତ୍ୱା ସର୍ବାତୋଦ୍ୟୈଃ ପ୍ରବାଦିତୈଃ ॥ ୭୧ ॥
ଅଭିମନ୍ତ୍ର୍ୟ ଯଥା ନ୍ୟାୟ୍ୟଂ ସ୍ତମ୍ଭମୁତ୍ଥାପୟେଚ୍ଛୁଚିଃ ।
ଯଥାଽଚଲେ ଗୁରୁର୍ମେରୁର୍ହିମବାଂଶ୍ଚ ମହାବଲଃ ॥ ୭୨ ॥
ଜୟାବହୋ ନରେନ୍ଦ୍ରସ୍ୟ ତଥାତ୍ୱମଚଲୋ ଭବ ।
ସ୍ତମ୍ଭଦ୍ୱାରଂ ଚ ଭିତ୍ତିଂ ଚ ନେପଥ୍ୟଗୃହମେବ ଚ ॥ ୭୩ ॥
ଏବମୁତ୍ଥାପୟେତ୍ତଜ୍ଜ୍ଞୋ ବିଧିଦୃଷ୍ଟେନ କର୍ମଣା ।
ରଙ୍ଗପୀଠସ୍ୟ ପାର୍ଶ୍ୱେ ତୁ କର୍ତ୍ତବ୍ୟା ମତ୍ତବାରଣୀ ॥ ୭୪ ॥
ଉତ୍ସେଧେନ ତୟୋସ୍ତୁଲ୍ୟଂ କର୍ତ୍ତବ୍ୟଂ ରଙ୍ଗମଣ୍ଡପମ୍ ।
ତସ୍ୟାଂ ମାଲ୍ୟଂ ଚ ଧୂପଂ ଚ ଗନ୍ଧଂ ବସ୍ତ୍ରଂ ତଥୈବ ଚ ॥ ୭୫ ॥
ନାନାବର୍ଣ୍ଣାନି ଦେୟାନି ତଥା ଭୂତପ୍ରିୟୋ ବଳିଃ ।
ଆୟସଂ ତତ୍ର ଦାତବ୍ୟଂ ସ୍ତମ୍ଭାନାଂ କୁଶଳୈରଧଃ ॥ ୭୬ ॥

ଅନ୍ୟ ସ୍ତମ୍ଭ ଗୁଡ଼ିକର ସ୍ଥାପନ କାଳରେ ସ୍ଥାପନକର୍ତ୍ତାଙ୍କୁ ଭୋଜନ ଦେବ। ନାଟ୍ୟାଗ୍ରଣୀ ମନ୍ତ୍ରପଢ଼ି ଏହି ଦାନ ସବୁ ଦେବେ, ପୁରୋହିତ ଓ ରାଜାଙ୍କୁ ମଧୁପାୟସ ଭୋଜନ ଦେବ । ୬୭-୭୦ ।

ଅନ୍ୟ ସ୍ଥାପନକର୍ତ୍ତାମାନଙ୍କୁ ଲବଣଯୁକ୍ତ କୃସର (ଖେସା ମିଶ୍ରିତ ଚାଉଳର ଯାଉ) ଖାଇବାକୁ ଦେବ । ଏହି ସବୁ କର୍ମ କରିସାରି ସର୍ବପ୍ରକାର ବାଦ୍ୟ ବଜାଇ ଯଥାବିଧି ଅଭିମନ୍ତ୍ରଣ ପୂର୍ବକ ପବିତ୍ର ଭାବରେ ସ୍ତମ୍ଭକୁ ଉଠାଇବ । ସେ ସମୟରେ ପ୍ରାର୍ଥନା କରିବ—ମେରୁ ଏବଂ ହିମାଳୟ ଯେପରି ଅଚଳ ତୁମ୍ଭେ ସେହିପରି ଅଚଳ ହୋଇ ଅବସ୍ଥାନ କର ଏବଂ ରାଜାଙ୍କର ଜୟ-ପ୍ରଦାୟକ ହୁଅ । ସ୍ତମ୍ଭଦ୍ୱାର, ଭିତ୍ତି, ଓ ନେପଥ୍ୟ ଗୃହକୁ ଏହିପରି ଯଥାବିଧି କର୍ମକରି ଉତ୍ଥାପିତ କରିବ । ୭୧-୭୩ ।

ରଙ୍ଗପୀଠର ପାର୍ଶ୍ୱଭାଗରେ ମତ୍ତବାରଣୀ (ବାଡଥାଇ ବାରଣ୍ଡା) ନିର୍ମାଣ କରିବ, ଏହାର ପରିମାଣ ରଙ୍ଗପୀଠର ପରିମାଣ ସଙ୍ଗେ ସମାନ ହେବ । ରଙ୍ଗ-ମଣ୍ଡପର ଉଚ୍ଚତା, ରଙ୍ଗପୀଠ ଓ ମତ୍ତବାରଣୀର ଉଚ୍ଚତା ସହିତ ସମାନ ହେବ । ଊର୍ଦ୍ଧ୍ୱରେ ଦିଆଯାଇଥିବା ମାଲ୍ୟ, ବସ୍ତ୍ର, ଗନ୍ଧ ଓ ଭୂତବଳି ପ୍ରଭୃତି ନାନାବର୍ଣ୍ଣ ବିଶିଷ୍ଟ ହେବା ଉଚିତ । ସ୍ତମ୍ଭତଳେ ଲୁହା ଦେବ । ବ୍ରାହ୍ମଣ ଭୋଜନରେ କୃସର (ଡାଲ

Digitized by srujanika@gmail.com

ହେମଜାଳେନ କୃସରଂ ଚୈବ ଦାତବ୍ୟଂ ବ୍ରାହ୍ମଣାନେନ୍ ।
ଏବଂ ବିଧିପୁରସ୍କାରୈଃ କର୍ତ୍ତବ୍ୟା ମତ୍ତବାରଣୀ ॥ ୬୭ ॥
ରଙ୍ଗପୀଠଂ ତତଃ କାର୍ଯ୍ୟଂ ବିଧିଦୃଷ୍ଟେନ କର୍ମଣା ।
ରଙ୍ଗଶୀର୍ଷଂ ତୁ କର୍ତ୍ତବ୍ୟଂ ଷଡ୍‌ଦାରୁକସମନ୍ୱିତମ୍ ॥ ୬୮ ॥
କାର୍ଯ୍ୟଂ ଦ୍ୱାରଦ୍ୱୟଂ ଚାତ୍ର ନେପଥ୍ୟଗୃହକସ୍ୟ ତୁ ।
ପୂରଣେ ମୃତ୍ତିକା ଚାତ୍ର କୃଷ୍ଣା ଦେୟା ପ୍ରଯତ୍ନତଃ ॥ ୬୯ ॥
ଲାଙ୍ଗଲେନ ସମୁତ୍କୃଷ୍ୟ ନିର୍ଲୋଷ୍ଟତୃଣଶର୍କରମ୍ ।
ଲାଙ୍ଗଲେ ଶୁଦ୍ଧବର୍ଣ୍ଣୌ ଚ ଧୂର୍ଯ୍ୟୌ ଯୋକ୍ତବ୍ୟୌ ପ୍ରଯତ୍ନତଃ ॥ ୭୦ ॥
କର୍ତ୍ତାରଃ ପୁରୁଷାଶ୍ଚ ଯେଽଙ୍ଗଦୋଷବିବର୍ଜିତାଃ ।
ଅହୀନାଙ୍ଗୈଶ୍ଚ ବୋଢବ୍ୟା ମୃତ୍ତିକା ପିଟକୈର୍ନବୈଃ ॥ ୭୧ ॥
ଏବଂବିଧୈଶ୍ଚ କର୍ତ୍ତବ୍ୟଂ ରଙ୍ଗଶୀର୍ଷଂ ପ୍ରଯତ୍ନତଃ ।
କୂର୍ମପୃଷ୍ଠଂ ନ କର୍ତ୍ତବ୍ୟଂ ମତ୍ସ୍ୟପୃଷ୍ଠଂ ତଥୈବ ଚ ॥ ୭୨ ॥
ଶୁଦ୍ଧାଦର୍ଶତଳାକାରଂ ରଙ୍ଗଶୀର୍ଷଂ ପ୍ରଶସ୍ୟତେ ।
ରତ୍ନାନି ଚାତ୍ର ଦେୟାନି ପୂର୍ବେ ବଜ୍ରଂ ବିଚକ୍ଷଣୈଃ ॥ ୭୩ ॥

ଭଣ୍ଡାଳ ଯାଉ) ଦେବ । ଏହି ବିଧିରେ ମତ୍ତବାରଣୀ (ବାଡ଼ଥାଇ ବାରଣ୍ଡା) ନିର୍ମାଣ କରିବ । ୬୪-୬୭ ।

ତତ୍ପରେ ରଙ୍ଗପୀଠ ଏବଂ ତତ୍ପରେ ରଙ୍ଗଶୀର୍ଷ ନିର୍ମାଣ କରିବ, ରଙ୍ଗଶୀର୍ଷରେ ଛଅଗୋଟି ଶ୍ରେଣୀ (ଦାରୁ) ରହିବ । ଏଥିରେ ନେପଥ୍ୟ ଗୃହଅଡ଼କୁ ଦୁଇଟି ଦ୍ୱାର ରହିବ । ଏହି ରଙ୍ଗଶୀର୍ଷକୁ ସମାନ କରିବେଲେ କୃଷ୍ଣବର୍ଣ୍ଣର ମୃତ୍ତିକା ବ୍ୟବହାର କରିବ । ଲଙ୍ଗଳ ସାହାଯ୍ୟରେ ଭୂମିକୁ ଉତ୍ତମରୂପେ ଚଷି, ଟେକା, ଗୋଡ଼, ଘାସ ପ୍ରଭୃତିକୁ ବାହାର କରିଦେବ । ହଳ କାର୍ଯ୍ୟରେ ନିଯୁକ୍ତ ବଳଦ ଏକବର୍ଣ୍ଣୀ ହେବା ଉଚିତ । ହଳ କରିବା ଲୋକ ମଧ୍ୟ ବିକଳାଙ୍ଗ ହୋଇ ନ ଥିବ । ଯେଉଁମାନେ ମାଟି ପକାଇ ସମତଳ କରିବେ, ସେମାନେ ମଧ୍ୟ ହୀନାଙ୍ଗ ବା ବିକଳାଙ୍ଗ ହୋଇ ନ ଥିବେ, ମାଟି ନୂଆ ଟୋକେଇରେ ବୁହା ହେବ । ୬୮-୭୧ ।

ଏହି କ୍ରମରେ ରଙ୍ଗଶୀର୍ଷ ନିର୍ମାଣ କରିବ । କୂର୍ମପୃଷ୍ଠ ପରି ବା ମତ୍ସ୍ୟପୃଷ୍ଠ ପରି (ଏକପାର୍ଶ୍ୱକୁ ଗଡ଼ାଣିଆ) କରିବା ଉଚିତ ନୁହେଁ । ଦର୍ପଣ ତଳପରି ସମତଳ ହୋଇଥିବା ରଙ୍ଗଶୀର୍ଷ ପ୍ରଶସ୍ତ । ଏହାର ପୂର୍ବଭାଗରେ ହୀରା, ଦକ୍ଷିଣରେ ବୈଦୂର୍ଯ୍ୟ, ପଶ୍ଚିମରେ ସ୍ଫଟିକ, ଉତ୍ତରରେ ପ୍ରବାଳ ଓ ମଧ୍ୟଦେଶରେ ମୁକ୍ତା ସ୍ଥାପନ

Digitized by srujanika@gmail.com

ବୈଦୂର୍ଯ୍ୟଂ ପଶ୍ଚିମେ ପାର୍ଶ୍ୱେ ସ୍ଫଟିକଂ ଦକ୍ଷିଣେ ତଥା ।
ପ୍ରବାଳମୁତ୍ତରେ ଚୈବ ମଧ୍ୟେ ତୁ କନକଂ ଭବେତ୍ ॥ ୭୪ ॥
ଋକ୍ଷବ୍ୟାଘ୍ରାଦିସଂଯୁକ୍ତଂ ନାନାଶିଳ୍ପପ୍ରଯୋଜିତମ୍ ।
ନାନା-ଭଦ୍ରାଦସୋପେତଂ ବହୁବ୍ୟାଳୋପଶୋଭିତମ୍ ॥ ୭୫ ॥
ଅଟ୍ଟାଳଂ ଭଞ୍ଜିକାଭିଶ୍ଚ ସମନ୍ତାତ୍ସମଲଂକୃତମ୍ ।
କର୍ଣ୍ଣହସ୍ତକୁମ୍ଭସୋପେତଂ ନାନାଗ୍ରଥିତବେଦକମ୍ ॥ ୭୬ ॥
ନାନା-ବିନ୍ୟାସ ସଂଯୁକ୍ତଂ ଦନ୍ତଜାଳଗବାକ୍ଷକମ୍ ।
ସୁପୀଠଧାରଣାଯୁକ୍ତଂ କପୋତାଳିସମାକୁଳମ୍ ॥ ୭୭ ॥
ନାନାକୃତିମଦନ୍ୟୈସ୍ତୈଃ ସ୍ତମ୍ଭୈଶ୍ଚାପ୍ୟୁପଶୋଭିତମ୍ ।
ଏବଂ କାଷ୍ଠବିଧିଂ କୃତ୍ୱା ଉତ୍ରକର୍ମ ପ୍ରଯୋଜୟେତ୍ ॥ ୭୮ ॥
ସ୍ତମ୍ଭଂ ବା ନାଗଦନ୍ତଂ ବା ବାତାୟନମଥାପି ବା ।
କୋଣଂ ବା ସତ୍ରଦ୍ୱାରଂ ଦ୍ୱାରବନ୍ଧଂ ନ କାରୟେତ୍ ॥ ୭୯ ॥
କାର୍ଯ୍ୟଃ ଶୈଳଗୁହାକାରେ ଦ୍ୱିଭୂମିର୍ନାଟ୍ୟମଣ୍ଡପଃ ।
ମନ୍ଦବାତାୟନୋପେତୋ ନିର୍ବାତୋ ଧୀରଶବ୍ଦବକ୍ ॥ ୮୦ ॥
ତସ୍ମାନ୍ନିର୍ବାତଃ କର୍ତ୍ତବ୍ୟଃ କର୍ତ୍ତୃଭିର୍ନାଟ୍ୟମଣ୍ଡପଃ ।
ଗମ୍ଭୀରସ୍ୱରତା ଯେନ କୁତପସ୍ୟ ଭବିଷ୍ୟତି ॥ ୮୧ ॥

କରିବ । ଏହିପ୍ରକାର ରଙ୍ଗଶୀର୍ଷ ନିର୍ମାଣ କରିସାରି ଦାରୁକର୍ମ (ଶେଣୀ ଚଢ଼ାଇବା, ଦ୍ୱାରଲଗାଇବା ପ୍ରଭୃତି) କରିବ । ଏହି ଶେଣୀ ପ୍ରଭୃତି ଛନ୍ଦାଛନ୍ଦ ହୋଇ ପଡ଼ିବ । ଏଥିରେ ନାନାପ୍ରକାର କାଠ ପିତୁଳା ଲଗା ହେବ । ବ୍ୟାଘ୍ର, ସିଂହ, ମନୁଷ୍ୟ ପ୍ରଭୃତି ଅଙ୍କିତ ହୋଇଥିବ । ଏହି ଅଟ୍ଟାଳ (କୋଠାଉପରେ ଥିବା ଘର) କାଠ ପିତୁଳା ଓ ନାନାପ୍ରକାର ସାଜସଜ୍ଜାରେ ଅଳଂକୃତ ହୋଇଥିବ । ଆହୁରି ମଧ୍ୟ ଦ୍ୱାର, ନାଗଦନ୍ତ, (ଦାଣ୍ଡିଆ) କୁହର (ଛିଦ୍ର ବା କଳା) ଓ ବେଦଯୁକ୍ତ ହୋଇଥିବ । ଦନ୍ତ-ଜାଳ ଗବାକ୍ଷ (ଦନ୍ତ ଆକାରରେ ଥିବା ପଞ୍ଝି ବା ଜାଲି ଝରକା) ପୀଠ (ଚେମା) ଉତ୍ତମ ଧାରଣ କାଠ ପ୍ରଭୃତି ଲାଗିବ । ୭୨-୭୭½ ।

ଏହାପରେ କାଠକାମ ସରିବାପରେ କାନ୍ଥକାମ ଆରମ୍ଭ ହେବ । ସ୍ତମ୍ଭ, ନାଗଦନ୍ତ, ବାତାୟନ, କୋଣ, (ନଙ୍ଗ) ଛତଦ୍ୱାର ଏଗୁଡ଼ିକୁ ଦ୍ୱାରବନ୍ଧ (ଯୋଡ଼ା କାଠ) କରିବନାହିଁ । ନାଟ୍ୟମଣ୍ଡପ, ଆକୃତିରେ ପର୍ବତଗୁହା ପରି ହେବ । ଏଥିରେ ଦୁଇଟି ଭୂମି (ମହଲ) କରାଯିବ । ଝରକା ଅଳ୍ପ ସଂଖ୍ୟକ ବା କ୍ଷୁଦ୍ରାକାର ହେଲେ, ବା ପବନ ଚଳାଚଳ ବିଶେଷଭାବେ ହେଉଥିଲେ, ଉଚ୍ଚାରିତ ଶବ୍ଦ ଧୀର (ପ୍ରତିଧ୍ୱନି

Digitized by srujanika@gmail.com

ଭିତ୍ତିକର୍ମବିଧିଂ କୃତ୍ୱା ଭିତ୍ତିଲେପଂ ପ୍ରଦାପୟେତ୍ ।
ସୁଧାକର୍ମ ତଥୈବାସ୍ୟ କୁର୍ଯ୍ୟାଦ୍‌ବାହ୍ୟଂ ପ୍ରଯତ୍ନତଃ ॥ ୮୨ ॥
ଭିତ୍ତିଷ୍ୱପି ଚ ଲିପ୍ତାସୁ ପରିମୃଷ୍ଟାସୁ ସର୍ବତଃ ।
ସମାସୁ ଜାତଶୋଭାସୁ ଚିତ୍ରକର୍ମ ପ୍ରବର୍ତ୍ତୟେତ୍ ॥ ୮୩ ॥
ଚିତ୍ରକର୍ମଣି ଚାଲେଖ୍ୟାଃ ପୁରୁଷାଃ ସ୍ତ୍ରୀଜନାସ୍ତଥା ।
ଲତାବନ୍ଧାଶ୍ଚ କର୍ତ୍ତବ୍ୟାଶ୍ଚରିତଂ ଚାତ୍ମଭୋଗଜମ୍ ॥ ୮୪ ॥
ଏବଂ ବିକୃଷ୍ଟଂ କର୍ତ୍ତବ୍ୟଂ ନାଟ୍ୟବେଶ୍ମ ପ୍ରୟୋକ୍ତୃଭିଃ ।
ଅତଃ ପରଂ ପ୍ରବକ୍ଷ୍ୟାମି ଚତୁରଶ୍ରସ୍ୟ ଲକ୍ଷଣମ୍ ॥ ୮୫ ॥
ସମନ୍ତତଶ୍ଚ କର୍ତ୍ତବ୍ୟା ହସ୍ତା ଦ୍ୱାତ୍ରିଂଶଦେବ ତୁ ।
ଶୁଭଭୂମି-ବିଭାଗସ୍ଥୋ ନାଟ୍ୟଜ୍ଞୈର୍ନାଟ୍ୟମଣ୍ଡପଃ ॥ ୮୬ ॥
ଯୋ ବିଧିଃ ପୂର୍ବମୁକ୍ତସ୍ତୁ ଲକ୍ଷଣଂ ମଙ୍ଗଳାନି ଚ ।
ଚତୁରଶ୍ରସ୍ୟ ତାନ୍ୟେବ କାରୟେନ୍ନାଟ୍ୟମଣ୍ଡପଃ ॥ ୮୭ ॥
ଚତୁରଶ୍ରଂ ସମଂ କୃତ୍ୱା ସୂତ୍ରେଣ ପ୍ରବିଭଜ୍ୟ ଚ ।
ବାହ୍ୟତଃ ସର୍ବତଃ କାର୍ଯ୍ୟା ଭିତ୍ତିଃ ଶ୍ଲିଷ୍ଟେଷ୍ଟକା-କୃତା ॥ ୮୮ ॥

ରହିତ) ହୁଏ, ତେଣୁ ନାଟ୍ୟମଣ୍ଡପକୁ ନିର୍ବାତ (ପବନଗତିରହିତ) କରିବା ଉଚିତ । ନିର୍ବାତ ଗୃହରେ ବାଦ୍ୟଧ୍ୱନି ଗମ୍ଭୀର ଓ ସୁନ୍ଦର ହୁଏ । କାନ୍ଥ ଦେବା କାମ ସରିଲେ ତହିଁରେ ଲେପ ଦେବ । ଏହାର ବାହାର ପାଖରେ ଚୂନର କାମ (ପଲସ୍ତରା ପ୍ରଭୃତି) କରିବ । ୭୮-୮୨ ।

କାନ୍ଥ ଲିପା ପୋଛା ହୋଇ ସମାନ ହେବା ପରେ ତହିଁରେ ଚିତ୍ରକାର୍ଯ୍ୟ କରିବ । ସ୍ତ୍ରୀ ଓ ପୁରୁଷର ଚିତ୍ର ଅଙ୍କିତ କରିବ । ଲତାବନ୍ଧାଦିର (ଗୁଳ୍ମଲତା ପ୍ରଭୃତିର) ଅଙ୍କନ ଏବଂ ଭୋଗ ସମ୍ବନ୍ଧୀୟ ବିଷୟର ମଧ୍ୟ ଅଙ୍କନ ଏଥିରେ କରାଯିବ । ପ୍ରୟୋକ୍ତାମାନେ ବିକୃଷ୍ଟ, ଉତ୍ତମ ଶ୍ରେଣୀର (ସବୁଠାରୁ ବଡ଼) ନାଟ୍ୟମଣ୍ଡପକୁ ଏହି ରୀତିରେ ନିର୍ମାଣ କରିବେ । ୮୩-୮୫ ।

ଏବେ ଚତୁରସ୍ର ନାଟ୍ୟମଣ୍ଡପର ଲକ୍ଷଣ କୁହାଯାଉଛି । ଏହାର ଦୈର୍ଘ୍ୟ ଓ ପ୍ରସ୍ଥ ବତିଶ ହାତ ଲେଖାଏଁ କରାଯିବ । ନାଟ୍ୟବିଦ୍‌ମାନେ ଶୁଭଭୂମି ବାଛି ଚତୁରସ୍ର ନାଟ୍ୟମଣ୍ଡପ ନିର୍ମାଣ କରିବେ । ପୂର୍ବେ ଯେଉଁପରି ବିଧିଲକ୍ଷଣ ଓ ମଣ୍ଡପ ପ୍ରଭୃତି କୁହାଯାଇଛି, ଏହାର ନିର୍ମାଣରେ ମଧ୍ୟ ତାହା ପ୍ରଯୁଜ୍ୟ । ଭୂମିକୁ ସୂତାରେ ମାପି ଚଉଖୁଣ୍ଟିଆ ଓ ସମତଳ କଲାପରେ ବହିର୍ଭାଗରେ (ବାହାରପଟେ) ଇଟାଗୁଡ଼ିକ

Digitized by srujanika@gmail.com

ତତୋଭ୍ୟନ୍ତରତଃ କାର୍ଯ୍ୟା ରଙ୍ଗପୀଠେ ଯଥାବିଧେମ୍ ।
ଦଶ ପ୍ରଯୋକ୍ତୃଭିଃ ସ୍ତମ୍ଭାଃ ଶକ୍ତା ମଣ୍ଡପଧାରଣେ ॥ ୮୯ ॥
ସ୍ତମ୍ଭାନାଂ ବାହ୍ୟତଃ ସ୍ଥାପ୍ୟଂ ସୋପାନାକୃତି ପୀଠକମ୍ ।
ଇଷ୍ଟକାଦାରୁଭିଃ କାର୍ଯ୍ୟଂ ପ୍ରେକ୍ଷକାଣାଂ ନିବେଶନମ୍ ॥ ୯୦ ॥
ହସ୍ତପ୍ରମାଣୈରୁତ୍ସେଧୈର୍ଭୂମିଭାଗ-ସମନ୍ୱିତୈଃ ।
ରଙ୍ଗପୀଠାବଲୋକ୍ୟଂ ତୁ କୁର୍ଯ୍ୟାଦାସନକଂ ବିଧିମ୍ ॥ ୯୧ ॥
ଷଡନ୍ୟାନ୍ ସୁଦୃଢାନ୍ ଦଦ୍ୟାତ୍ ପୁନଃ ସ୍ତମ୍ଭାନ୍ ଯଥାଦିଶମ୍ ।
ବିଧିନା ଧାରୟେତ୍ ପ୍ରାଜ୍ଞୋ ଦୃଢାନ୍ ମଣ୍ଡପ-ଧାରଣେ ॥ ୯୨ ॥
ଅଷ୍ଟୌ ସ୍ତମ୍ଭାନ୍ ପୁନଶ୍ଚୈବ ତେଷାମୁପରି କାରୟେତ୍ ।
ସଂସ୍ଥାପ୍ୟଂ ଚ ପୁନଃ ପୀଠମଷ୍ଟହସ୍ତପ୍ରମାଣତଃ ॥ ୯୩ ॥
ତତ୍ର ସ୍ତମ୍ଭାଃ ପ୍ରଦାତବ୍ୟାସ୍ତଜ୍ଜ୍ଞୈର୍ମଣ୍ଡପଧାରଣେ ।
ଧାରଣୀଧାରଣାସ୍ତେ ଚ ଶାଲସ୍ତ୍ରୀଭିରଲଂକୃତାଃ ॥ ୯୪ ॥
ନେପଥ୍ୟ-ଗୃହକଂ ଚୈବ ତତଃ କାର୍ଯ୍ୟଂ ପ୍ରୟୋକ୍ତୃଭିଃ ।
ଦ୍ୱାରଂ ଚୈକଂ ଭବେତ୍ତସ୍ୟ ରଙ୍ଗପୀଠ ପ୍ରବେଶନେ ॥ ୯୫ ॥

ଇଟାର କାନ୍ଥ ଦେବ । ତାହାର ମଧ୍ୟସ୍ଥଳରେ ପୂର୍ବେ ବର୍ଣ୍ଣିତ ହୋଇଥିବା ଢଙ୍ଗରେ ରଙ୍ଗପୀଠ ନିର୍ମାଣ କରିବ । ଏହି ମଣ୍ଡପରେ ଦଶଗୋଟି ସ୍ତମ୍ଭ ରହିବ । ସ୍ତମ୍ଭମାନଙ୍କ ବାହାରପାଖେ ସୋପାନାକୃତି (ପାହାଚ ପାହାଚ ହୋଇଥିବା) ପୀଠକ (ବସିବା ସ୍ଥାନ) ନିର୍ମାଣ କରିବ । ଏଗୁଡ଼ିକ ଇଟା ବା କାଠରେ ତିଆରି ହୋଇଥିବ, ଏଥିରେ ଦର୍ଶକମାନେ ବସିବେ । ୮୯-୯୦ ।

ଏସବୁ (କ୍ରମାନ୍ୱୟରେ) ଏକହସ୍ତ ପ୍ରମାଣ ଉଚ୍ଚ ହୋଇଥିବ । ଏଥିରେ ଏହି ଆସନଗୁଡ଼ିକ ଏପରିଭାବେ ନିର୍ମାଣ ହେବା ବିଧେୟ, ଯେପରି କି ରଙ୍ଗପୀଠରେ କରାଯାଉଥିବା ଅଭିନୟାଦି କାର୍ଯ୍ୟ ସମ୍ପୂର୍ଣ୍ଣରୂପେ ଦେଖାଯାଉଥିବ । ମଣ୍ଡପକୁ ଠିକ ରଖିବାପାଇଁ ଆଉ ଛଗୋଟି ସୁନ୍ଦର ସ୍ତମ୍ଭ ଯଥୋକ୍ତ ଢଙ୍ଗରେ ଦୃଢ଼ଭାବେ ସ୍ଥାପନ କରିବ । ସେମାନଙ୍କ ଉପରେ ଆଉ ଆଠଗୋଟି ସ୍ତମ୍ଭ ବସାଇବ । ସେଠାରେ ଆଠହାତ ପ୍ରମାଣରେ ପୀଠ (ବସିବାପାଇଁ ଆସନ) ନିର୍ମାଣ କରିବ । ସେଠାରେ ମଧ୍ୟ ମଣ୍ଡପଧାରଣ ଯୋଗ୍ୟ ଆଉ ସ୍ତମ୍ଭମାନ ବସାଇବ । ସେଗୁଡ଼ିକ ଧାରଣୀ କାଠ ଦ୍ୱାରା ସଂଯୁକ୍ତ ଓ ଦୃଢ଼ ହେବା ଉଚିତ । ନାନାପ୍ରକାରର କାଠର ପିତୁଳା ସେଥିରେ ଖଞ୍ଜାଯାଇଥିବ । ୯୧-୯୪ ।

ତତ୍ପରେ ନେପଥ୍ୟ (ବେଶଘର) ରଚନା କରିବ, ଏଥିରୁ ରଙ୍ଗପୀଠକୁ ଆସିବାପାଇଁ ଗୋଟିଏ ଦ୍ୱାର ରହିବ । ସମ୍ମୁଖଆଡ଼ୁ ଲୋକମାନଙ୍କ ନାଟ୍ୟମଣ୍ଡପରେ

Digitized by srujanika@gmail.com

ଜନପ୍ରବେଶନଂ ଚୈବମାଭିମୁଖ୍ୟେନ କାରୟେତ୍ ।
ରଙ୍ଗସ୍ୟାଭିମୁଖଂ କାର୍ଯ୍ୟଂ ଦ୍ୱିତୀୟଂ ଦ୍ୱାରମେବ ତୁ ॥ ୯୬ ॥
ଅଷ୍ଟହସ୍ତଂ ତୁ କର୍ତ୍ତବ୍ୟଂ ରଙ୍ଗପୀଠଂ ପ୍ରମାଣତଃ ।
ଚତୁରସ୍ରଂ ସମତଳଂ ବେଦିକାସମଳଂକୃତମ୍ ॥ ୯୭ ॥
ପୂର୍ବ୍ବ-ପ୍ରମାଣନିର୍ଦ୍ଦିଷ୍ଟା କର୍ତ୍ତବ୍ୟା ମତ୍ତବାରଣୀ ।
ଚତୁଃ ସ୍ତମ୍ଭସମାଯୁକ୍ତା ବେଦିକାୟାସ୍ତୁ ପାର୍ଶ୍ୱତଃ ॥ ୯୮ ॥
ସମୁନ୍ନତଂ ସମଂ ଚୈବ ରଙ୍ଗଶୀର୍ଷଂ ତୁ କାରୟେତ୍ ।
ବିକୃଷ୍ଟେ ତୂନ୍ନତଂ କାର୍ଯ୍ୟଂ ଚତୁରସ୍ରଂ ସମଂ ତଥା ॥ ୯୯ ॥
ତ୍ର୍ୟସ୍ରସ୍ୟ ମଣ୍ଡପସ୍ୟାପି ସଂପ୍ରବକ୍ଷ୍ୟାମି ଲକ୍ଷଣମ୍ ।
ତ୍ର୍ୟସ୍ରଂ ତ୍ରିକୋଣଂ କର୍ତ୍ତବ୍ୟଂ ନାଟ୍ୟବେଶ୍ମ ପ୍ରୟୋକ୍ତୃଭିଃ ॥ ୧୦୦ ॥
ମଧ୍ୟେ ତ୍ରିକୋଣମେବାସ୍ୟ ରଙ୍ଗପୀଠଂ ତୁ କାରୟେତ୍ ।
ଦ୍ୱାରଂ ତେନୈବ କୋଣେନ କର୍ତ୍ତବ୍ୟଂ ତସ୍ୟ ବେଶ୍ମନଃ ॥ ୧୦୧ ॥
ଦ୍ୱିତୀୟଂ ଚୈବ କର୍ତ୍ତବ୍ୟଂ ରଙ୍ଗପୀଠସ୍ୟ ପୃଷ୍ଠତଃ ।
ବିଧିର୍ଯଶ୍ଚତୁରସ୍ରସ୍ୟ ଭିତ୍ତିସ୍ତମ୍ଭସମାଶ୍ରୟଃ ॥ ୧୦୨ ॥

ପ୍ରବେଶ କରାଇବ । ରଙ୍ଗପୀଠର ସମ୍ମୁଖଭାଗରେ ଆଉ ଗୋଟିଏ ଦ୍ୱାର କରିବ । ରଙ୍ଗପୀଠର ପରିମାଣ, ଦୈର୍ଘ୍ୟ ଓ ପ୍ରସ୍ଥରେ ଅଠହାତ ହେବା ଦରକାର । ରଙ୍ଗପୀଠ ଚଉଖୁଣ୍ଟିଆ, ସମତଳ ଓ ବେଦିଯୁକ୍ତ ହେବ । ଏଥିରେ ପୂର୍ବୋକ୍ତମତେ ଦୁଇ ମତ୍ତବାରଣୀ ନିର୍ମିତ ହେବ, ତାହାର ଉଚ୍ଚତା ଏକହସ୍ତ ପ୍ରମାଣ ହେବ । ବେଦୀର ପାର୍ଶ୍ୱରେ ଚତୁଃସ୍ତମ୍ଭଯୁକ୍ତ ରଙ୍ଗପୀଠ ଉଚ୍ଚ ଏବଂ ସମତଳ ଭାବେ ନିର୍ମିତ ହୋଇଥିବ । ବିକୃଷ୍ଟ (୧୦୮ ହାତ ଦୈର୍ଘ୍ୟବିଶିଷ୍ଟ ସବୁଠାରୁ ବଡ଼ଧରଣର ମଣ୍ଡପ) ହୋଇଥିଲେ ମଧ୍ୟ ରଙ୍ଗପୀଠ, ଉଚ୍ଚ, ସମତଳ ଓ ସମ ବାହୁ, ବିଶିଷ୍ଟ (ଚତୁରସ୍ର) କରାଯିବ, ଏପ୍ରକାର ଚତୁରସ୍ର ଗୃହ ନିର୍ମିତ ହେବା ଉଚିତ । ୯୬-୯୯ ।

ଏହାପରେ ତ୍ର୍ୟସ୍ର (ତିନକୋଣିଆ) ମଣ୍ଡପର ଲକ୍ଷଣ କୁହାଯାଉଛି । ପ୍ରୟୋଗକର୍ତ୍ତାମାନେ ତିନବାହୁ ଓ ତିନିକୋଣ ବିଶିଷ୍ଟ ମଣ୍ଡପର ରଚନା କରିବେ । ଏହାର ମଧ୍ୟଦେଶରେ ରଙ୍ଗପୀଠ ମଧ୍ୟ ତ୍ରିକୋଣାକାର ହେବ । ଗୋଟିଏ କୋଣରେ ପ୍ରବେଶ ଦ୍ୱାର କରିବ । ରଙ୍ଗପୀଠର ପଛପଟେ ଆଉ ଗୋଟିଏ ଦ୍ୱାର ରହିବ ।

Digitized by srujanika@gmail.com

ସ ତୁ ସର୍ବୈଃ ପ୍ରଯୋକ୍ତବ୍ୟସ୍ତ୍ୟସ୍ରସ୍ୟାପି ପ୍ରଯୋକ୍ତୃଭିଃ ।
ଏବମେତେନ ବିଧିନା କାର୍ଯ୍ୟଂ ନାଟ୍ୟଗୃହଂ ବୁଧୈଃ ।। ୧୦୩ ।।
ଅତ ଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ପୂଜାମେଷାଂ ଯଥାବିଧି ।

ଇତି ଶ୍ରୀ ଭରତୀୟେ ନାଟ୍ୟଶାସ୍ତ୍ରେ ପ୍ରେକ୍ଷାଗୃହଲକ୍ଷଣଂ ନାମ
ଦ୍ୱିତୀୟୋଽଧ୍ୟାୟଃ ।

ପୂର୍ବପର ଅନ୍ୟାନ୍ୟ ବିଧିବିଧାନ ତ୍ରିକୋଣ ଗୃହରଚନାରେ ଅବଲମ୍ବନୀୟ । ଏହାଦ୍ୱାରା ନାଟ୍ୟଗୃହ ନିର୍ମାଣବିଧି, ଏହାପରେ ଏମାନଙ୍କର ପୂଜାବିଧି କହିବ । ୧୦୦-୧୦୩ ।

ଭରତ ନାଟ୍ୟଶାସ୍ତ୍ରରେ ଦ୍ୱିତୀୟ ଅଧ୍ୟାୟର ପ୍ରେକ୍ଷାଗୃହ ନିର୍ମାଣର ବିଧି

ଶେଷ ହେଲା

Digitized by srujanika@gmail.com

ତୃତୀୟୋଽଧ୍ୟାୟଃ

ସର୍ବଲକ୍ଷଣସମ୍ପନ୍ନେ କୃତେ ନାଟ୍ୟଗୃହେ ଶୁଭେ ।
ଗାବୋ ବସେୟୁଃ ସପ୍ତାହଂ ସହ ଜପ୍ୟପରୈର୍ଦ୍ୱିଜୈଃ ॥ ୧ ॥
ତତୋଽଧିବାସୟେଦ୍‌ବେଶ୍ମ ରଙ୍ଗପୀଠଂ ତଥୈବ ଚ ।
ମନ୍ତ୍ରପୂତେନ ତୋୟେନ ପ୍ରୋକ୍ଷିତାଙ୍ଗୋ ନିଶାଗମେ ॥ ୨ ॥
ଯଥାସ୍ଥାନାନ୍ତରଗତୋ ଦୀକ୍ଷିତଃ ପ୍ରୟତଃ ଶୁଚିଃ ।
ତ୍ରିରାତ୍ରୋପୋଷିତୋ ଭୂତ୍ୱା ନାଟ୍ୟାଚାର୍ଯ୍ୟୋଽହତାମ୍ବରଃ ॥ ୩ ॥
ନମସ୍କୃତ୍ୟ ମହାଦେବଂ ସର୍ବଲୋକେଶ୍ୱରଂ ଭବମ୍ ।
ପଦ୍ମଯୋନିଂ ସୁରଗୁରୁଂ ବିଷ୍ଣୁମିନ୍ଦ୍ରଂ ଗୁହଂ ତଥା ॥ ୪ ॥
ସରସ୍ୱତୀଂ ଚ ଲକ୍ଷ୍ମୀଂ ଚ ସିଦ୍ଧିଂ ମେଧାଂ ଧୃତିଂ ମତିମ୍ ।
ସୋମଂ ସୂର୍ଯ୍ୟଂ ଚ ମରୁତୋ ଲୋକପାଲାଂସ୍ତଥାଽଶ୍ୱିନୌ ॥ ୫ ॥
ମିତ୍ରମଗ୍ନିଂ ସ୍ୱରାନ୍ ବର୍ଣ୍ଣାନ୍ ରୁଦ୍ରାନ୍ କାଲଂ କଲିଂ ତଥା ।
ମୃତ୍ୟୁଂ ଚ ନିୟତିଂ ଚୈବ କାଲଦଣ୍ଡଂ ତଥୈବ ଚ ॥ ୬ ॥

ତୃତୀୟ ଅଧ୍ୟାୟ

ଏହି ପ୍ରକାରେ ସକଳପ୍ରକାର ଲକ୍ଷଣକୁ ଅନୁସରଣ କରି ଶୁଭନାଟ୍ୟଗୃହ ନିର୍ମାଣ କରାଇବ । ପରେ ତହିଁରେ ସାତଦିନ ପର୍ଯ୍ୟନ୍ତ ଗୋରୁ ବାନ୍ଧିବ ଓ ଜପ-କରିବାପାଇଁ ବ୍ରାହ୍ମଣ ନିଯୁକ୍ତ କରିବ । ଅଭିମନ୍ତ୍ରିତ ଜଳକୁ ଅଙ୍ଗରେ ସେଚନକରି ସନ୍ଧ୍ୟାବେଳେ ରଙ୍ଗପୀଠ ଓ ରଙ୍ଗଗୃହର ଅଧିବାସ କର୍ମ ଅନୁଷ୍ଠାନ କରିବ । ନାଟ୍ୟା-ଚାର୍ଯ୍ୟ ଯଥାବିଧି ଦୀକ୍ଷାଗ୍ରହଣ କରି ଜିତେନ୍ଦ୍ରିୟ ଓ ପବିତ୍ର ହୋଇ ଅନ୍ୟସ୍ଥାନରେ ତିନିରାତି ଉପବାସ କରିବ । ତତ୍ପରେ ଅଖଣ୍ଡିତ ବସ୍ତ୍ର ପରିଧାନ କରି ସର୍ବଭୁବନର ଅଧିପତି ମହାଦେବଙ୍କୁ ନମସ୍କାର କରିବ । ଅନନ୍ତର ମଧ୍ୟ ବ୍ରହ୍ମା, ବୃହସ୍ପତି, ବିଷ୍ଣୁ, ଇନ୍ଦ୍ର, ଗୁହ (କାର୍ତ୍ତିକେୟ) ସରସ୍ୱତୀ, ଲକ୍ଷ୍ମୀ, ସିଦ୍ଧି, ମେଧା, ଧୃତି, ମତି, ଚନ୍ଦ୍ର, ସୂର୍ଯ୍ୟ, ବାୟୁ, ଦିକ୍‌ପାଳଗଣ, ଅଶ୍ୱିନୀକୁମାରଦ୍ୱୟ, ମିତ୍ର, ଅଗ୍ନି, ସ୍ୱରଗଣ, ରୁଦ୍ରଗଣ, ବର୍ଣ୍ଣ-ସମୂହ, କାଳ, କଳି, ମୃତ୍ୟୁ, ନିୟତି କାଳଦଣ୍ଡ । ୧-୬ ।

Digitized by srujanika@gmail.com

ବିଷ୍ଣୁ ପ୍ରହରଣଂ ଚୈବ ନାଗରାଜଂ ଖଗେଶ୍ୱରମ୍ ।
ବଜ୍ରବିଦ୍ୟୁତ୍ସମୁଦ୍ରାଂଶ୍ଚ ଗନ୍ଧର୍ବାପ୍ସରସୋ ମୁନୀନ୍ ॥ ୭ ॥
ଭୂତାନ୍ ପିଶାଚାନ୍ ଯକ୍ଷାଂଶ୍ଚ ଗୁହ୍ୟକାଂଶ୍ଚ ମହୋରଗାନ୍ ।
ଅସୁରାନ୍ ନାଟ୍ୟବିଘ୍ନାଂଶ୍ଚ ତଥାଽନ୍ୟାନ୍ ଦୈତ୍ୟରାକ୍ଷସାନ୍ ॥ ୮ ॥
ତଥା ନାଟ୍ୟକୁମାରୀଶ୍ଚ ମହାଗ୍ରାମଣୀମେବ ଚ ।
ଯକ୍ଷାଂଶ୍ଚ ଗୁହ୍ୟକାଂଶ୍ଚୈବ ଭୂତସଂଘାଂସ୍ତଥୈବ ଚ ॥ ୯ ॥
ଏତାଂଶ୍ଚାନ୍ୟାଂଶ୍ଚ ରାଜର୍ଷୀନ୍ ପ୍ରଣିପତ୍ୟ କୃତାଞ୍ଜଳିଃ ।
ଯଥାସ୍ଥାନସ୍ଥିତାନ୍ ଦେବାନ୍ ସମନ୍ତାଦଭିବନ୍ଦୟେତ୍ ॥ ୧୦ ॥
ଭବଦ୍ଭିର୍ନୋ ନିଶାୟାଂ ତୁ କର୍ତ୍ତବ୍ୟଃ ସମନୁଗ୍ରହଃ ।
ସାହାଯ୍ୟଂ ଚୈବ ଦାତବ୍ୟମସ୍ମିନ୍ନାଟ୍ୟେ ସହାନୁଗୈଃ ॥ ୧୧ ॥
ସମ୍ପୂଜ୍ୟ ସର୍ବାନେକତ୍ର କୁତପଂ ସଂପ୍ରଯୁଜ୍ୟ ଚ ।
ଜର୍ଜରସ୍ୟ ପ୍ରଯୁଞ୍ଜୀତ ପୂଜାଂ ନାଟ୍ୟ-ପ୍ରସିଦ୍ଧୟେ ॥ ୧୨ ॥
ତ୍ୱଂ ମହେନ୍ଦ୍ରପ୍ରହରଣଂ ସର୍ବଦାନବସୂଦନମ୍ ।
ନିର୍ମିତସ୍ତ୍ୱଂ ସର୍ବଦେବୈଃ ସର୍ବବିଘ୍ନନିବାରଣମ୍ ॥ ୧୩ ॥
ନୃପସ୍ୟ ବିଜୟଂ ଶଂସ ରିପୂଣାଂ ଚ ପରାଜୟମ୍ ।
ଗୋ-ବ୍ରାହ୍ମଣହିତଂ ଚୈବ ନାଟ୍ୟସ୍ୟ ଚ ବିବର୍ଦ୍ଧନମ୍ ॥ ୧୪ ॥
ଏବଂ କୃତ୍ୱା ଯଥାନ୍ୟାୟମୁକ୍ତ୍ୱା ନାଟ୍ୟମଣ୍ଡପେ ।

ତଥା ବିଷ୍ଣୁଙ୍କ ଆୟୁଧ, ନାଗରାଜ, ଗରୁଡ଼, ବଜ୍ର, ବିଦ୍ୟୁତ୍ ସମୁଦ୍ରଗଣ, ଗନ୍ଧର୍ବଗଣ, ଅପ୍ସରାଗଣ, ମୁନିଗଣ, ଭୂତ-ପିଶାଚ-ଯକ୍ଷ-ଗୁହ୍ୟକ-ମହୋରଗ-ଅସୁରଗଣ, ନାଟ୍ୟବିଘ୍ନକାରୀଗଣ ଏବଂ ଅପର ଯେଉଁ ଦୈତ୍ୟ, ରାକ୍ଷସ, ନାଟ୍ୟ-କୁମାରୀ, ମହାଗ୍ରାମଣୀ, ଯକ୍ଷ, ଗୁହ୍ୟକ, ଭୂତସଂଘ, ଏମାନଙ୍କୁ ଏବଂ ରାଜର୍ଷିବର୍ଗଙ୍କୁ କୃତାଞ୍ଜଳି ହୋଇ ପ୍ରଣିପାତ କରି ଯଥା ସ୍ଥାନରେ ଅବସ୍ଥିତ ଦେବ-ବୃନ୍ଦଙ୍କୁ ନମସ୍କାର କରି କହିବେ 'ଆପଣମାନେ ଅନୁଚରବର୍ଗ ସହିତ ଆଜି ରାତିରେ ଅନୁଗ୍ରହପୂର୍ବକ ନାଟ୍ୟକାର୍ଯ୍ୟରେ ସାହାଯ୍ୟ ପ୍ରଦାନ କରନ୍ତୁ । ଏହାପରେ ସମସ୍ତ ଦେବତାଙ୍କୁ ପୂଜାକରି ବାଦ୍ୟ-ପ୍ରୟୋଗ ପୂର୍ବକ ନାଟ୍ୟର ନିର୍ବିଘ୍ନ ସମାପ୍ତି ଉଦ୍ଦେଶ୍ୟରେ ଜର୍ଜରଙ୍କର ପୂଜା ଅନୁଷ୍ଠାନ କରିବ । ୭-୧୨ ।

ହେ ଜର୍ଜର ! ତୁମେ ସର୍ବଦାନବ-ବିନାଶକ, ସର୍ବବିଘ୍ନନିବାରକ, ଦେବତାମାନଙ୍କଦ୍ୱାରା ନିର୍ମିତ ଇନ୍ଦ୍ରଙ୍କର ଆୟୁଧ । ତୁମେ ରାଜାଙ୍କର ବିଜୟ ଏବଂ ଶତ୍ରୁମାନଙ୍କର ପରାଜୟ, ଗୋ-ବ୍ରାହ୍ମଣଙ୍କର ହିତ ଓ ଏହି ନାଟ୍ୟର ବିବର୍ଦ୍ଧନକର

Digitized by srujanika@gmail.com

ନିଶାୟାଂ ଚ ପ୍ରଭାତାୟାଂ ପୂଜନଂ ପ୍ରକ୍ରମେଦ୍‌ବୁଧ ॥ ୧୫ ॥
ଆର୍ଦ୍ରାୟାଂ ବା ମଘାୟାଂ ବା ଯାମ୍ୟେ ପୂର୍ବେଷୁ ଚ ତ୍ରିଷୁ ।
ଅଶ୍ଳେଷାମୂଳୟୋର୍ବାପି କର୍ତ୍ତବ୍ୟଂ ରଙ୍ଗପୂଜନମ୍ ॥ ୧୬ ॥
ଆଗ୍ନେୟେଣ ସୁଯୁକ୍ତେନ ଶୁଚିନା ଦୀକ୍ଷିତେନ ଚ ।
ରଙ୍ଗସ୍ୟୋଦ୍ଦ୍ୟୋତନଂ କାର୍ଯ୍ୟଂ ଦେବତାନାଂ ନିବେଶନମ୍ ।
ଦିନାନ୍ତେ ଦାରୁଣେ ଘୋରେ ମୁହୂର୍ତ୍ତେ ଭୂତଦୈବତେ ।
ଆଚମ୍ୟ ତୁ ଯଥାନ୍ୟାୟଂ ଦେବତାନି ନିବେଶୟେତ୍ ॥ ୧୭ ॥
ରକ୍ତାଃ ପ୍ରତିସରାସ୍ତତ୍ର ରକ୍ତଗନ୍ଧାଶ୍ଚ ପୂଜିତାଃ ।
ରକ୍ତାଃ ସୁମନସଶ୍ଚୈବ ଯଚ୍ଚ ରକ୍ତଫଳଂ ଭବେତ୍ ॥ ୧୮ ॥
ଯବୈଃ ସିଦ୍ଧାର୍ଥକୈର୍ଲାଜୈରକ୍ଷତୈଃ ଶାଲିତଣ୍ଡୁଲୈଃ ।
ନାଗପୁଷ୍ପସ୍ୟ ଚୂର୍ଣ୍ଣେନ ବିତୁଷାଭିଃ ପ୍ରିୟଙ୍ଗୁଭିଃ ॥ ୧୯ ॥
ଏତୈଦ୍ରବ୍ୟୈର୍ଯୁତଂ କାର୍ଯ୍ୟଂ ଦେବତାନାଂ ନିବେଶନମ୍ ।
ଆଲେଖ୍ୟମଣ୍ଡଳଂ ପୂର୍ବଂ ଯଥାସ୍ଥାନଂ ଯଥାବିଧି ॥ ୨୦ ॥
ସମନ୍ତତସ୍ତୁ କର୍ତ୍ତବ୍ୟଂ ହସ୍ତାଃ ଷୋଡଶମଣ୍ଡଳମ୍ ।
ଦ୍ୱାରାଣି ଚାତ୍ର କୁର୍ବୀତ ବିଧିନା ଚ ଚତୁର୍ଦ୍ଦିଶମ୍ ॥ ୨୧ ॥

(ନିର୍ବିଘ୍ନରେ ସମାପ୍ତି କର) । ଏହାପରେ ଅଧିବାସ କରିସାରି ଯଥାବିଧି ନାଟ୍ୟମଣ୍ଡପରେ ରାତ୍ରି କଟାଇବ । ସକାଳୁ ପୂଜା ଆରମ୍ଭ କରିବ । ଆର୍ଦ୍ରା, ମଘା, ଯାମ୍ୟ, ପୂର୍ବାଷାଢ଼ା ପୂର୍ବାଫାଲ୍‌ଗୁନି, ପୂର୍ବଭାଦ୍ର, ଅଶ୍ଳେଷା, ମୂଳା ଏହି ନକ୍ଷତ୍ରମାନଙ୍କରେ ରଙ୍ଗପୂଜା କରଣୀୟ । ଯେଉଁ ବ୍ୟକ୍ତି ଆଗ୍ନେୟୀ ହେବେ ସେ ସଂଯତାତ୍ମ, ଦୀକ୍ଷିତ ଓ ନିଷ୍ପାପର ହେବା ଉଚିତ । ରଙ୍ଗର ଉଦ୍ୟୋତନ ପ୍ରକାଶନ କିମ୍ବା ଦିନର ଶେଷ ଭାଗରେ କରାଯାଏ । ଦାରୁଣ, ଘୋର ଓ ଭୂତଦୈବତ (ଭୂତ ଯେଉଁ ସମୟର ଅଧିପତି) ମୁହୂର୍ତ୍ତରେ ଅର୍ଥାତ୍ ଖରବେଳାରେ ଉଦ୍‌ଯାପନ କାଳୀନ ଦେବତାଙ୍କର ପୂଜା କରାଯିବ । ଏହାପରେ କାଳରେ ଯଥାବିଧି ଆଚମନାଦି କରିସାରି ଦେବତା ସ୍ଥାପନ କରିବ । ୧୫-୧୭ ।

ରକ୍ତମାଲ୍ୟ, ରକ୍ତଚନ୍ଦନ, ରକ୍ତବର୍ଣ୍ଣ ପୁଷ୍ପ, ରକ୍ତବର୍ଣ୍ଣ ଫଳର ଉପହାର ଦ୍ୱାରା ଅର୍ଚ୍ଚନା କରିବ । ଯଅ, ରାଇ-ସୋରିଷ, ଖଇ, ଶାଳିତଣ୍ଡୁଳ (ଝାଉଁଛଡ଼ା ଚାଉଳ) ନାଗକେଶର ପୁଷ୍ପର ଚୂର୍ଣ୍ଣ, କାଙ୍ଗୁ ଚାଉଳ, ଏହି ଦ୍ରବ୍ୟମାନଙ୍କ ଦ୍ୱାରା ଦେବତା ନିବେଶନ କରାଇବ । ଯଥାସ୍ଥାନରେ ମଣ୍ଡଳ ବିଧିପୂର୍ବକ ରଚନାକରି, ମଣ୍ଡଳର

Digitized by srujanika@gmail.com

ମଧ୍ୟେ ଚୈବାତ୍ର କର୍ତ୍ତବ୍ୟେ ଦ୍ୱେ ରେଖେ ତିର୍ଯ୍ୟଗୂର୍ଦ୍ଧ୍ୱଗେ ।
ତୟୋଃ କକ୍ଷାନୁଯୋଗେନ ଦେବତାନ୍ ନିବେଶୟେତ୍ ॥ ୨୨ ॥
ପଦ୍ମୋପବିଷ୍ଟଂ ବ୍ରହ୍ମାଣଂ ତସ୍ୟ ମଧ୍ୟେ ନିବେଶୟେତ୍ ।
ଆଦୌ ନିବେଶ୍ୟୋ ଭଗବାନ୍ ସାର୍ଦ୍ଧଂ ଭୂତଗଣୈଃ ଶିବଃ ॥ ୨୩ ॥
ନାଗପୃଷ୍ଠେ ମହେନ୍ଦ୍ରଶ୍ଚ ସ୍କନ୍ଦାର୍କାବଶ୍ୱିନୌ ଶଶୀ ।
ସରସ୍ୱତୀ ଚ ଲକ୍ଷ୍ମୀଶ୍ଚ ଶ୍ରଦ୍ଧା ମେଧା ଚ ପୂର୍ବତଃ ॥ ୨୪ ॥
ପୂର୍ବଦକ୍ଷିଣତୋଽଗ୍ନିର୍ନିବେଶ୍ୟଃ ସ୍ୱାହୟା ସହ ।
ବିଶ୍ୱେଦେବାଶ୍ଚ ଗନ୍ଧର୍ବା ରୁଦ୍ରାଶ୍ଚ ଋଷୟସ୍ତଥା ॥ ୨୫ ।
ଦକ୍ଷିଣେନ ନିବେଶ୍ୟସ୍ତୁ ଯମୋ ମିତ୍ରଶ୍ଚ ସାନୁଗଃ ।
ପିତୃନ୍ ପିଶାଚାନୁରଗାନ୍ ଗୁହ୍ୟକାଂଶ୍ଚ ନିବେଶୟେତ୍ ॥ ୨୬ ॥
ନୈଋତ୍ୟାଂ ନୈଋତାଂଶ୍ଚୈବ ସର୍ବଭୂତାନ୍ ନିବେଶୟେତ୍ ।
ପଶ୍ଚିମାୟାଂ ସମୁଦ୍ରାଂଶ୍ଚ ବରୁଣଂ ଚ ନିବେଶୟେତ୍ ॥ ୨୭ ॥
ବାୟବ୍ୟାୟାଂ ଦିଶି ତଥା ସପ୍ତବାୟୂନ୍ ନିବେଶୟେତ୍ ।
ନିବେଶୟେଚ୍ଚ ତତ୍ରୈବ ଗରୁଡ଼ଃ ପକ୍ଷିଭିଃ ସହ ॥ ୨୮ ॥

ଗୃହଅଙ୍ଗକୁ ଷୋହଳହାତ ପରିମାଣ କରିବା ଉଚିତ । ଏହାର ଗୃହଦିଗରେ ଚାରିଗୋଟି ଦ୍ୱାର ରହିବ । ଏହାର ମଧ୍ୟଦେଶରେ ତିର୍ଯ୍ୟଗ୍ଭାବେ ଊର୍ଦ୍ଧ୍ୱଗାମୀ ରେଖା ଦୁଇଟି କାଟିବ । ତଦ୍ୱାରା ବିଭକ୍ତ କକ୍ଷରେ ଦେବତା ସ୍ଥାପନ କରିବ । ମଧ୍ୟଭାଗରେ, ପଦ୍ମ ପୀଠରେ ବସିଥିବା ବ୍ରହ୍ମାଙ୍କୁ ସ୍ଥାପନ କରିବ । ପ୍ରଥମେ ଭୂତଗଣ ସହିତ ଶିବଙ୍କୁ, ତତ୍ପରେ ନାଗପୃଷ୍ଠ, ଇନ୍ଦ୍ର, ସ୍କନ୍ଦ, ସୂର୍ଯ୍ୟ, ଅଶ୍ୱିନୀକୁମାରଦ୍ୱୟ, ଚନ୍ଦ୍ର, ସରସ୍ୱତୀ, ଲକ୍ଷ୍ମୀ, ଶ୍ରଦ୍ଧା, ମେଧା, ଏମାନଙ୍କୁ ପୂର୍ବଦିଗରେ ବସାଇବ । ୧୮-୨୪ ।

ପୂର୍ବ-ଦକ୍ଷିଣ କୋଣରେ ଅଗ୍ନି, ସ୍ୱାହା, ବିଶ୍ୱେଦେବଗଣ, ଗନ୍ଧର୍ବଗଣ, ଏକାଦଶରୁଦ୍ର ଓ ଋଷିଗଣ, ଏମାନଙ୍କୁ ସ୍ଥାପନ କରିବ । ଦକ୍ଷିଣ ଦିଗରେ ଯମ, ଅନୁଚର ବର୍ଗ ସହିତ ମିତ୍ର, ପିତୃଗଣ, ପିଶାଚବର୍ଗ ସର୍ପସମୂହ ଓ ଗୁହ୍ୟକବର୍ଗ ଏମାନଙ୍କୁ ସ୍ଥାପନ କରିବ । ନୈଋତ କୋଣରେ ନୈଋତଙ୍କ ପୁତ୍ରଗଣ ଓ ଭୂତବର୍ଗଙ୍କୁ ସ୍ଥାପନ କରିବ । ପଶ୍ଚିମ ଦିଗରେ ସମୁଦ୍ର ସମୂହ ଓ ବରୁଣଙ୍କୁ ସ୍ଥାପନ କରିବ । ବାୟୁକୋଣରେ ସପ୍ତ ସ୍କନ୍ଧସ୍ଥ ବାୟୁଙ୍କୁ, ଗରୁଡ଼ ଓ ପକ୍ଷୀ ସମୂହଙ୍କୁ ସ୍ଥାପନ କରିବ । ଉତ୍ତର ଦିଗରେ ଅନୁଚରବର୍ଗ ସହିତ କୁବେରଙ୍କୁ ସ୍ଥାପନ କରିବ ।

Digitized by srujanika@gmail.com

ଉତ୍ତରସ୍ୟାଂ କୁବେରଂ ଚ ସର୍ବୈରନୁଚରୈଃ ସହ ।
ନାଟ୍ୟସ୍ୟ ମାତୃଂଶ୍ଚ ତଥା ଯକ୍ଷାନଥ ଚ ଗୁହ୍ୟକାନ୍ । ୨୯ ॥
ତଥୈବୋତ୍ତରପୂର୍ବାୟାଂ ନନ୍ଦନଂ ଚ ଗଣେଶ୍ୱରାନ୍ ।
ବ୍ରହ୍ମର୍ଷିଭୂତସଂଘାଂଶ୍ଚ ଯଥାଭାଗଂ ନିବେଶୟେତ୍ ॥ ୩୦ ॥
ସ୍ତମ୍ଭେ ସନତ୍କୁମାରଂ ତୁ ଦକ୍ଷିଣେ ଦକ୍ଷମେବ ଚ ।
ଗ୍ରାମଣ୍ୟଂ ଚୋତ୍ତରେ ସ୍ତମ୍ଭେ ପୂଜାର୍ଥଂ ବିନିବେଶୟେତ୍ ॥ ୩୧ ॥
ସ୍ଥାନେ ସ୍ଥାନେ ଯଥାନ୍ୟାୟଂ ବିନିବେଶ୍ୟ ଚ ଦେବତାଃ ।
ପ୍ରକୁର୍ବୀତ ତତସ୍ତାସାଂ ପୂଜନଂ ଚ ଯଥାର୍ହତଃ ॥ ୩୨ ॥
ଦୈବତେଭ୍ୟସ୍ତୁ ଦାତବ୍ୟଂ ସିତମାଲ୍ୟାନୁଲେପନମ୍ ।
ବହ୍ନିଗନ୍ଧର୍ବସୂର୍ଯ୍ୟେଭ୍ୟୋ ରକ୍ତମାଲ୍ୟାନୁଲେପନମ୍ ॥ ୩୩ ॥
ଗନ୍ଧଂ ମାଲ୍ୟଂ ଚ ଧୂପଂ ଚ ଯଥାବଦନୁପୂର୍ବଶଃ ।
ଦତ୍ତ୍ୱା ତତଃ ପ୍ରକୁର୍ବୀତ ବଲିଃ ପୂଜାଂ ଯଥାବିଧି ॥ ୩୪ ॥
ବ୍ରହ୍ମଣଂ ମଧୁପର୍କେଣ ପାୟସେନ ସରସ୍ୱତୀମ୍ ।
ଶିବବିଷ୍ଣୁମହେନ୍ଦ୍ରାଦ୍ୟାଃ ସଂପୂଜ୍ୟା ମୋଦକୈରଥ ॥ ୩୫ ॥
ଘୃତୌଦନେନ ହୁତଭୁକ୍ ସୋମାର୍କୌ ତୁ ଗୁଡୌଦନୈଃ ।
ବିଶ୍ୱେଦେବାଶ୍ଚ ଗନ୍ଧର୍ବା ମୁନୟୋ ମଧୁପାୟସୈଃ ॥ ୩୬ ॥

ଉତ୍ତର-ପୂର୍ବ ଦିଗରେ (ନାଟ୍ୟର) ମାତୃବର୍ଗ (ଶଚ୍ୟାଦି) ଯକ୍ଷ, ଗୁହ୍ୟକ, ନନ୍ଦୀ ଓ ଅନ୍ୟ ଗଣେଶ୍ୱର, ବ୍ରହ୍ମର୍ଷିବର୍ଗ ଓ ଭୂତସମୂହଙ୍କୁ ଯଥାସ୍ଥାନରେ ସ୍ଥାପନ କରିବ । । ୨୯-୩୦ ।

ସ୍ତମ୍ଭରେ ସନତ୍କୁମାରଙ୍କୁ, ଦକ୍ଷିଣ ସ୍ତମ୍ଭରେ ଦକ୍ଷଙ୍କୁ, ଉତ୍ତର ସ୍ତମ୍ଭରେ ଗ୍ରାମଣୀଙ୍କୁ ସ୍ଥାପନ କରିବ । ଏହି କ୍ରମରେ ଯଥାସ୍ଥାନ ବର୍ଣ୍ଣ ଓ ଆକାର ବିଶିଷ୍ଟ ଦେବତା ମାନଙ୍କୁ ଧଳାମାଳ ଓ ଧଳାଲେପନ ଦ୍ରବ୍ୟ ପ୍ରଦାନ କରିବ । କିନ୍ତୁ ଅଗ୍ନି, ଗନ୍ଧର୍ବଗଣ ଓ ସୂର୍ଯ୍ୟଙ୍କୁ ରକ୍ତବର୍ଣ୍ଣ ମାଳ, ରକ୍ତବର୍ଣ୍ଣ ଲେପନୀୟ ଦ୍ରବ୍ୟ ଅର୍ପଣ କରିବ । ଗନ୍ଧ, ମାଲ୍ୟ, ଧୂପ ଓ ଦୀପ ପ୍ରଭୃତି ଯଥାବିଧି ଅର୍ପଣ କରି ନୈବେଦ୍ୟ (ବଳି ପୂଜା) ଦେବ । ୩୧-୩୪ ।

ବ୍ରହ୍ମାଙ୍କୁ ମଧୁପର୍କ, ସରସ୍ୱତୀଙ୍କୁ ପାୟସ, ଶିବ, ବିଷ୍ଣୁ ଏବଂ ଇନ୍ଦ୍ରଙ୍କୁ ମୋଦକ, ଅଗ୍ନିଙ୍କୁ ଘିଅଭାତ (ଘୃତୌଦନ), ସୂର୍ଯ୍ୟ ଏବଂ ଚନ୍ଦ୍ରଙ୍କୁ ଗୁଡୌଦନ (ଗୁଡ଼ମିଶା ଭାତ) ଦେବ । ବିଶ୍ୱେଦେବ, ଗନ୍ଧର୍ବ ଓ ମୁନିଗଣଙ୍କୁ ମଧୁପାୟସ, ଯମ

Digitized by srujanika@gmail.com

ଯମମିତ୍ରୌ ସମଭ୍ୟର୍ଚ୍ୟ ମୋଦକୈଃ ସୂପମିଶ୍ରିତୈଃ ।
ପକ୍ୱାମକେନ ମାଂସେନ ସୁରସୀଧୁଫଳାସବୈଃ ॥ ୩୭ ।
ଅର୍ଚ୍ଚୟେଦ୍ଭୂତସଂଘାଂଶ୍ଚ ଚଣକୈଶ୍ଚ ପଲଲାପ୍ଳୁତୈଃ ।
ଅନେନୈବ ବିଧାନେନ ସଂପୂଜ୍ୟା ମତ୍ତବାରଣୀ ॥ ୩୮ ॥
ପକ୍ୱାମେନ ଚ ମାଂସେନ ସଂପୂଜ୍ୟା ରକ୍ଷସାଂ ଗଣାଃ ।
ସୁରୟା ମାଂସଦାନେନ ବିଧିନା ପ୍ରତିପୂଜୟେତ୍ ॥ ୩୯ ॥
ଶେଷାନ୍ ଦେବଗଣାନ୍ ପ୍ରାଜ୍ଞଃ ସାପୂପାକ୍ଷୀରକୋଦନୈଃ ।
ମତ୍ସ୍ୟୈଶ୍ଚ ପିଷ୍ଟଭକ୍ଷୈଶ୍ଚ ସାଗରାନ୍ ସରିତସ୍ତଥା ॥ ୪୦ ॥
ଅଭ୍ୟର୍ଚ୍ୟ ବରୁଣଂ ଚାପି ଦାତବ୍ୟଂ ଘୃତପାୟସମ୍ ।
ନାନାମୂଲଫଳୈଶ୍ଚାପି ମୁନୀନ୍ ସଂପ୍ରତିପୂଜୟେତ୍ ॥ ୪୧ ॥
ବାୟୁଂଶ୍ଚ ପକ୍ଷିଣଶ୍ଚୈବ ଚିତ୍ରୈର୍ଭକ୍ଷ୍ୟଭୋଜନୈଃ ।
ମାତୃର୍ନାଷ୍ଟ୍ୟଃ ସର୍ବାସ୍ତା ଧନଦଂ ଚ ସହାନୁଗୈଃ ॥ ୪୨ ॥
ଅପୂପୈର୍ଲୋପିକାମିଶ୍ରୈର୍ଭକ୍ଷ୍ୟୈର୍ଭୋଜ୍ୟୈଶ୍ଚ ପୂଜୟେତ୍ ।
ଏବମେଷାଂ ବଳିଃ କାର୍ଯ୍ୟୋ ନାନାଭୋଜନସଂଶ୍ରୟଃ ॥ ୪୩ ॥
ପୁନର୍ମନ୍ତ୍ରବିଧାନେନ ବଳିକର୍ମ ପ୍ରବକ୍ଷ୍ୟତେ ।
ଦେବଦେବ, ମହାଭାଗ, ପଦ୍ମଯୋନେ, ପିତାମହ ॥ ୦୪ ।

ଏବଂ ମିତ୍ରଙ୍କୁ ସୂପମିଶ୍ରିତ ମୋଦକ ଅନ୍ୟ ମତରେ ପିଠା ମୋଦକ, ପିତୃଗଣ ପିଶାଚ-ବର୍ଗ ଏବଂ ଉରଗ (ପାତାଳସ୍ଥ ସର୍ପ) ମାନଙ୍କୁ ଘିଅ ଓ ଦୁଧରେ ତୃପ୍ତ କରିବ । ଭୂତଗଣଙ୍କୁ ରନ୍ଧା ଓ କଞ୍ଚା ମାଂସ, ସୁରା, ସିଧୁ, (ଆଖୁରସର ମଦ୍ୟ) ଓ ଫଳର ଆସବ ଏବଂ ମାଂସ ମିଶ୍ରିତ ବୁଟ (ଭଜା) ଦେବ । ମତ୍ତବାରଣୀଙ୍କୁ ମଧ୍ୟ ଏହି ବିଧିରେ ପୂଜା କରିବ । ୩୭-୩୮ ।

ରାକ୍ଷସମାନଙ୍କୁ ରନ୍ଧା ଓ କଞ୍ଚା ମାଂସ ଏବଂ ମଦ୍ୟ ମିଶ୍ରିତ ମାଂସ ଦ୍ୱାରା-ଭଲ ଅର୍ଚ୍ଚନା କରିବ । ଅନ୍ୟ ଦେବତାମାନଙ୍କୁ ଛଣାପିଠା, ଉତ୍କାରିକ (ତରକାରି) ଓ ଭାତ ପୂଜା କରିବ । ସାଗର ଏବଂ ନଦୀମାନଙ୍କୁ ମାଛ ଏବଂ ପିଠା ଭୋଗ ଦେବ । ବରୁଣଙ୍କୁ ଘୃତଯୁକ୍ତ ପାୟସ ଦେବ । ମୁନିମାନଙ୍କୁ ବହୁପ୍ରକାର ଫଳମୂଳ ଦେଇ ପୂଜା କରିବ । ବାୟୁ ଏବଂ ପକ୍ଷୀମାନଙ୍କୁ ନାନାପ୍ରକାର ଭକ୍ଷ୍ୟ, ଭୋଜ୍ୟ ଦେବ । ନାଟ୍ୟମାତୃଗଣ, କୁବେର ଓ ତାଙ୍କ ଅନୁଚରବର୍ଗଙ୍କୁ ପିଠା, ଲେପିକା ପ୍ରଭୃତି ନାନାବିଧ ଭକ୍ଷ୍ୟ ଭୋଜନ ଅର୍ପଣ କରିବ । ଏହିପରି ନାନାପ୍ରକାର ଭକ୍ଷ୍ୟ ଓ ଭୋଜ୍ୟ ଦ୍ରବ୍ୟ ପୂର୍ବୋକ୍ତ ଦେବତାମାନଙ୍କୁ ବଳିରୂପେ ଅର୍ପଣ କରିବ । ୩୯-୪୩ ।

ଏଣିକି ମନ୍ତ୍ର ସହିତ ବଳି-କର୍ମ କୁହାଯାଉଛି—ବ୍ରହ୍ମାଙ୍କ ବଳିଦାନ ସମୟରେ ଏହା ଉଚ୍ଚାରଣ କରିବ, ହେ ଦେବରାଜ ! ମହାଭାଗ ! ପଦ୍ମଯୋନେ !

Digitized by srujanika@gmail.com

ମନ୍ତ୍ରପୂତମିମଂ ସର୍ବଂ ବଳି ଦେବ ଗୃହାଣ ନଃ ।
ଦେବଦେବ ମହାଦେବ ଗଣେଶ ତ୍ରିପୁରାନ୍ତକ ॥ ୯୫ ॥
ମହାଦେବ ମହାଯୋଗିନ୍ ଦେବଦେବ ସୁରୋତ୍ତମ ।
ସଂଗୃହ୍ୟ ବଳିଂ ଦେବ ରକ୍ଷ ବିଘ୍ନାନ୍ ସଦୋତ୍ଥିତାନ୍ ॥ ୪୬ ॥
ପ୍ରଗୃହ୍ୟତାଂ ବଳିର୍ଦ୍ଦେବ ମନ୍ତ୍ରପୂତୋ ମୟୋଦ୍ୟତଃ ।
ନାରାୟଣାମିତଗତେ ପଦ୍ମନାଭ ସୁରୋତ୍ତମ ॥ ୪୭ ॥
ପ୍ରଗୃହ୍ୟତାଂ ବଳିର୍ଦ୍ଦେବ ମନ୍ତ୍ରସଂସ୍କାରସଂସ୍କୃତଃ ।
ପୁରନ୍ଦରାମରପତେ ବଜ୍ରପାଣେ ଶତକ୍ରତୋ ॥ ୪୮ ॥
ପ୍ରଗୃହ୍ୟତାଂ ବଳିର୍ଦ୍ଦେବ ବଳିର୍ମନ୍ତ୍ରପୁରସ୍କୃତଃ ।
ଦେବସେନାପତେ ସ୍କନ୍ଦ ଭଗବନ୍ ଶଙ୍କରପ୍ରିୟ ॥ ୪୯ ॥
ପ୍ରୀତେନ ମନସା ଦେବ ଷଣ୍ମୁଖ ପ୍ରତିଗୃହ୍ୟତାମ୍ ।
ଦେବି ଦେବ ମହାଭାଗେ ସରସ୍ୱତି ହରିପ୍ରିୟେ ॥ ୫୦ ॥
ପ୍ରଗୃହ୍ୟତାଂ ବଳିର୍ମାତର୍ମୟା ଭକ୍ତ୍ୟା ସମର୍ପିତଃ ।
ସର୍ବଭୂତାନୁଭବଜ୍ଞ ଲୋକଜୀବନ ମାରୁତ ॥ ୫୧ ॥
ପ୍ରଗୃହ୍ୟତାଂ ବଳିର୍ଦ୍ଦେବ ମନ୍ତ୍ରପୂତୋ ମୟାର୍ପିତଃ ।
ନାନାନିମିତ୍ତ ସଂଭୂତାଃ ପୌଲସ୍ତ୍ୟାଃ ସର୍ବ ଏବ ତେ ॥ ୫୨ ॥

ପିତାମହ ! ମନ୍ତ୍ରଦ୍ୱାରା ସଂସ୍କୃତ ଆମର ଏହି ଉପହାର ଦ୍ରବ୍ୟକୁ ଆପଣ ଗ୍ରହଣ କରନ୍ତୁ । ମହାଦେବ—ଦେବଦେବ ! ମହାଦେବ ! ଗଣମାନଙ୍କ ଈଶ ! ତ୍ରିପୁରାନ୍ତକ ! ମହାଯୋଗିନ୍ ! ସୁରୋତ୍ତମ ! ଏହି ବଳି ଗ୍ରହଣ କର, ଉତ୍ପନ୍ନ ହେଉଥିବା ବିଘ୍ନରୁ ଆମକୁ ରକ୍ଷା କରନ୍ତୁ । ହେ ଦେବ ! ମନ୍ତ୍ରପୂତ ଏହି ବଳିକୁ ଆପଣ ଗ୍ରହଣ କରନ୍ତୁ । ନାରାୟଣ – ହେ ଦେବ ! ନାରାୟଣ ! ହେ ଅମିତ ଗତେ ! ପଦ୍ମନାଭ ! ସୁରୋତ୍ତମ ! ମନ୍ତ୍ର ସଂସ୍କୃତ ଏହି ବଳିକୁ ଗ୍ରହଣ କରନ୍ତୁ । ଇନ୍ଦ୍ର-ହେ ପୁରନ୍ଦର ! ହେ ଅମରପତେ ! ହେ ବଜ୍ରପାଣେ ! ହେ ଶତକ୍ରତୋ । ମନ୍ତ୍ର ସଂସ୍କୃତ ଏହି ବଳି ଆପଣ ଗ୍ରହଣ କରନ୍ତୁ । ସ୍କନ୍ଦ-ହେ ଦେବ ସେନାପତି ସ୍କନ୍ଦ ! ଭଗବନ୍ ! ଶଙ୍କରପ୍ରିୟ ! ହେ ଷଣ୍ମୁଖ ! ପ୍ରୀତ ମନରେ ପ୍ରଦତ୍ତ ଏହି ବଳିକୁ ଆପଣ ଗ୍ରହଣ କରନ୍ତୁ । ୪୪–୪୯½ ।

ସରସ୍ୱତୀ—ହେ ଦେବ ସରସ୍ୱତି ! ମହାଭାଗେ ! ହରପ୍ରିୟେ ! ମାତଃ ! ଭକ୍ତରେ ପ୍ରଦତ୍ତ ଏହି ବଳିକୁ ଆପଣ ଗ୍ରହଣ କରନ୍ତୁ । ହେ ସର୍ବ ପ୍ରାଣୀଙ୍କର ଅନୁଭବଜ୍ଞ ! ଲୋକଜୀବନ ମାରୁତ ! ମୋ ଦ୍ୱାରା ପ୍ରଦତ୍ତ ମନ୍ତ୍ରପୂତ ବଳିକୁ ଗ୍ରହଣ କରନ୍ତୁ । ନାନାକାରଣରୁ ସମ୍ଭୂତ ମହାବଳ ପୁଲସ୍ତି-ତନୟ ରାକ୍ଷସମାନେ ମୋର

Digitized by srujanika@gmail.com

ରାଷ୍ଟ୍ରେନ୍ଦ୍ରା ମହାସତ୍ତ୍ୱାଃ ପ୍ରତିଗୃହ୍ଣନ୍ତ୍ୱିମଂ ବଳିମ୍ ।
ଦେବବକ୍ତ୍ର ସୁରଶ୍ରେଷ୍ଠ ଧୂମକେତୋ ହୁତାଶନ ॥ ୫୩ ॥
ଭକ୍ତ୍ୟା ସମୁଦ୍ୟତୋ ଦେବ ବଳିଃ ସଂପ୍ରତିଗୃହ୍ୟତାମ୍ ।
ସର୍ବଗ୍ରହାଣାଂ ପ୍ରବର ତେଜୋରାଶେ ଦିବାକର ॥ ୫୪ ॥
ଭକ୍ତ୍ୟା ମୟୋଦ୍ୟତୋ ଦେବ ବଳିଃ ସଂପ୍ରତିଗୃହ୍ୟତାମ୍ ।
ସର୍ବଗ୍ରହପତେ ସୋମ ଦେବରାଜ ଜଗତ୍ପ୍ରିୟ ॥ ୫୫ ॥
ପ୍ରଗୃହ୍ୟତାଂ ବଳିର୍ଦେବ ମନ୍ତ୍ରପୂତୋ ମୟୋଦ୍ୟତଃ ।
ମହାଗଣେଶ୍ୱରାଃ ସର୍ବେ ନନ୍ଦୀଶ୍ୱରପୁରୋଗମାଃ ॥ ୫୬ ॥
ପ୍ରତିଗୃହ୍ଣନ୍ତ୍ୱିମଂ ଭକ୍ତ୍ୟା ବଳିଂ ସମ୍ୟଙ୍ମୟୋଦ୍ୟତମ୍ ।
ନମଃ ପିତୃଭ୍ୟଃ ସର୍ବେଭ୍ୟଃ ପ୍ରତିଗୃହ୍ଣନ୍ତ୍ୱିମଂ ବଳିମ୍ ॥ ୫୭ ॥
ଭୂତେଭ୍ୟସ୍ତୁ ନମୋ ନିତ୍ୟଂ ତେଷାମେଷ ବଳିଃ ପ୍ରିୟଃ ।
କାମପାଳ ନମୋ ନିତ୍ୟଂ ତଥାୟଂ ତେ ବଳିଃ କୃତଃ ॥ ୫୮ ॥
ନାରଦତୁମ୍ବୁରୁଶ୍ଚୈବ ବିଶ୍ୱାବସୁ ପୁରୋଗମାଃ ।
ପ୍ରତିଗୃହ୍ଣନ୍ତୁ ମେ ସର୍ବେ ଗନ୍ଧର୍ବା ବଳିମୁତ୍ତମମ୍ ॥ ୫୯ ॥
ଯମୋ ମିତ୍ରଶ୍ଚ ଭଗବାନୈଶ୍ୱର୍ୟୌ ଲୋକପୂଜିତୌ ।
ଇମଂ ମେ ପ୍ରତିଗୃହ୍ଣୀତାଂ ବଳିଂ ମନ୍ତ୍ରପୁରସ୍କୃତମ୍ ॥ ୬୦ ॥

ଏହି ବଳିକୁ ଗ୍ରହଣ କରନ୍ତୁ । ହେ ଦେବତାମାନଙ୍କର ମୁଖସ୍ୱରୂପ, ଧୂମକେତୋ ! ସୁରଶ୍ରେଷ୍ଠ ! ହୁତାଶନ ! ଭକ୍ତି ସହକାରେ ପ୍ରଦତ୍ତ ବଳିକୁ ଆପଣ ଗ୍ରହଣ କରନ୍ତୁ । ହେ ସର୍ବଗ୍ରହଙ୍କର ପ୍ରବର ! ତେଜୋରାଶେ ! ଦିବାକର ! ଭକ୍ତି ସହକାରେ ମୋ ଦ୍ୱାରା ଅର୍ପିତ ଏହି ବଳିକୁ ଆପଣ ଗ୍ରହଣ କରନ୍ତୁ । ହେ ସର୍ବଗ୍ରହପତେ ! ଦ୍ୱିଜରାଜ ! ଜଗତ୍ପ୍ରିୟ ସୋମ, ଆପଣଙ୍କ ଆଗରେ ଉପସ୍ଥାପିତ ମନ୍ତ୍ରପୂତ ବଳିକୁ ଆପଣ ଗ୍ରହଣ କରନ୍ତୁ । ହେ ନନ୍ଦୀଶ୍ୱର ପ୍ରଭୃତି ମହାଗଣେଶ୍ୱର ! ଭକ୍ତିଦ୍ୱାରା ସମର୍ପିତ ଏହି ବଳିକୁ ଆପଣମାନେ ଗ୍ରହଣ କରନ୍ତୁ । ୫୦-୫୬½ ।

ସମସ୍ତ ପିତୃଗଣଙ୍କୁ ନମସ୍କାର, ସେମାନେ ଏହି ବଳିକୁ ଗ୍ରହଣ କରନ୍ତୁ । ଭୂତବର୍ଗଙ୍କୁ ନମସ୍କାର, ଏହି ବଳି ସେମାନଙ୍କର ପ୍ରିୟ ହେଉ । ହେ କାମପାଳ ! ତୁମକୁ ନମସ୍କାର, ଆପଣଙ୍କୁ ଏହି ବଳି ପ୍ରଦତ୍ତ ହେଉଛି । ନାରଦ, ତୁମ୍ବୁରୁ, ବିଶ୍ୱାବସୁ ପ୍ରଭୃତି ସମସ୍ତ ଗନ୍ଧର୍ବ ଏହି ଉତ୍ତମ ବଳିକୁ ଗ୍ରହଣ କରନ୍ତୁ । ଯମ ଓ ମିତ୍ର ନାମକ ଐଶ୍ୱର୍ଯ୍ୟଶାଳୀ ଲୋକପୂଜିତ ପ୍ରଭୁ ଦୁହେଁ, ମୋର ଏହି ମନ୍ତ୍ରପୂତ ବଳିକୁ ଗ୍ରହଣ

Digitized by srujanika@gmail.com

ରସାତଳଗତେଭ୍ୟସ୍ତୁ ପନ୍ନଗେଭ୍ୟୋ ନମୋ ନମଃ ।
ଦଦନ୍ତୁ ସିଦ୍ଧିଂ ନାଟ୍ୟସ୍ୟ ପୂଜିତାଃ ପାପନାଶନାଃ ॥ ୭୧ ॥
ସର୍ବାମ୍ବୁସାଂପତିର୍ଦେବୋ ବରୁଣୋ ହଂସବାହନଃ ।
ପୂଜିତଃ ପ୍ରୀତିମାନସ୍ତୁ ସସମୁଦ୍ରନଦୀନଦଃ ॥ ୭୨ ॥
ବୈନତେୟ ମହାସତ୍ତ୍ୱ ସର୍ବପକ୍ଷିପତେ ପ୍ରଭୋ ।
ପ୍ରଗୃହ୍ୟତାଂ ବଳିର୍ଦେବ ମନ୍ତ୍ରପୂତୋ ମୟୋଦ୍ୟତଃ ॥ ୭୩ ॥
ଧନାଧ୍ୟକ୍ଷୋ ଯକ୍ଷପତିର୍ଲୋକପାଲୋ ଧନେଶ୍ୱରଃ ।
ସଗୁହ୍ୟକଃ ସଯକ୍ଷସ୍ତୁ ପ୍ରତିଗୃହ୍ଣାତୁ ମେ ବଳିମ୍ ॥ ୭୪ ॥
ନମୋଽସ୍ତୁ ନାଟ୍ୟମାତୃଭ୍ୟୋ ବ୍ରାହ୍ମ୍ୟାଦିଭ୍ୟୋ ନମୋନମଃ ।
ସୁମୁଖୀଭିଃ ପ୍ରସନ୍ନାଭିର୍ବଳିଃ ସଂପ୍ରତିଗୃହ୍ୟତାମ୍ ॥ ୭୫ ॥
ରୁଦ୍ର-ପ୍ରହରଣଂ ଚୈବ ପ୍ରତିଗୃହ୍ଣାତୁ ମେ ବଳିମ୍ ।
ବିଷ୍ଣୁପ୍ରହରଣଂ ଚୈବ ବିଷ୍ଣୁଭକ୍ତ୍ୟା ମୟୋଦ୍ୟତମ୍ ॥ ୭୬ ॥
ତଥା କୃତାନ୍ତଃ କାଳଶ୍ଚ ସର୍ବପ୍ରାଣିବଧେଶ୍ୱରୌ ।
ମୃତ୍ୟୁଶ୍ଚ ନିୟତିଶ୍ଚୈବ ପ୍ରତିଗୃହ୍ଣାତୁ ମେ ବଳିମ୍ ॥ ୭୭ ॥
ଯାଶ୍ଚାସ୍ୟାଂ ମତ୍ତବାରଣ୍ୟାଂ ସଂଶ୍ରିତାଃ ବାସ୍ତୁଦେବତାଃ ।
ମନ୍ତ୍ରପୂତମିମଂ ସମ୍ୟକ୍ ପ୍ରତିଗୃହ୍ଣନ୍ତୁ ମେ ବଳିମ୍ ॥ ୭୮ ॥

କରନ୍ତୁ । ରସାତଳବାସୀ ପନ୍ନଗମାନଙ୍କୁ ନମସ୍କାର, ପୂଜିତ ହୋଇଥିବା ସେହି ପାପନାଶନମାନେ ନାଟ୍ୟକାର୍ଯ୍ୟରେ ସିଦ୍ଧିପ୍ରଦାନ କରନ୍ତୁ । ୬୭-୭୧ ।

ସର୍ବଜଳର ଅଧିପତି, ହଂସବାହନ ! ପୂଜିତ ବରୁଣଦେବ, ସମୁଦ୍ର, ନଦ, ନଦୀ ସହିତ ପ୍ରୀତ ହୁଅନ୍ତୁ । ମହାବଳଶାଳୀ, ସର୍ବପକ୍ଷୀପତେ, ପ୍ରଭୋ, ବୈନତେୟ ! (ଗରୁଡ) ମୋ ଦ୍ୱାରା ପ୍ରଦତ୍ତ ଏହି ବଳିକୁ ଆପଣ ଗ୍ରହଣ କରନ୍ତୁ । ଧନାଧ୍ୟକ୍ଷ, ଯକ୍ଷପତି, ଲୋକପାଳ, ଧନେଶ୍ୱର କୁବେର, ଯକ୍ଷ ଓ ଗୁହ୍ୟକଙ୍କ ସହିତ ମୋର ଏହି ବଳିକୁ ଗ୍ରହଣ କରନ୍ତୁ । ବ୍ରାହ୍ମୀ ପ୍ରଭୃତି ନାଟ୍ୟ ମାତୃଗଣଙ୍କୁ ମୋର ବାରମ୍ବାର ନମସ୍କାର, ସେମାନେ ପ୍ରସନ୍ନ ହୃଦୟ, ଏବଂ ପ୍ରସନ୍ନ ମୁଖରେ ମୋର ଏହି ବଳିକୁ ଗ୍ରହଣ କରନ୍ତୁ । ରୁଦ୍ରଙ୍କର ପ୍ରହରଣ (ଆୟୁଧ) ମୋର ଏହି ବଳିକୁ ଗ୍ରହଣ କରନ୍ତୁ । ବିଷ୍ଣୁଙ୍କର ଆୟୁଧ ମଧ୍ୟ ବିଷ୍ଣୁଭକ୍ତି ସହକାରେ ଅର୍ପିତ ମୋର ଏହି ବଳିକୁ ଗ୍ରହଣ କରନ୍ତୁ ୭୨-୭୬ ।

ସେହିପରି ସର୍ବ ପ୍ରାଣୀଙ୍କୁ ବଧ କରିବାକୁ, କୃତାନ୍ତ କାଳ ମୃତ୍ୟୁ ଓ ନିୟତି, ମୋର ଏହି ବଳିକୁ ଗ୍ରହଣ କରନ୍ତୁ । ଏହି ମତ୍ତବାରଣୀକୁ ଆଶ୍ରୟ କରି ଯେଉଁ ବାସ୍ତୁ-

Digitized by srujanika@gmail.com

ଅନ୍ୟେ ଚ ଦେବଗନ୍ଧର୍ବା ଦଶେ ଦଶ ସମାଶ୍ରିତାଃ ।
ଦିବ୍ୟାନ୍ତରୀକ୍ଷଭୌମାସ୍ତେ ତେଭ୍ୟସ୍ତ୍ୱାୟଂ ବଳିଃ କୃତଃ ॥ ୬୯ ॥
କୁମ୍ଭଂ ସଲିଳପୂର୍ଣ୍ଣଂ ଚ ପର୍ଣ୍ଣମାଲାପୁରସ୍କୃତମ୍ ।
ସ୍ଥାପୟେଦ୍ରଙ୍ଗମଧ୍ୟେ ତୁ ସୁବର୍ଣ୍ଣଂ ଚୈବ ଦାପୟେତ୍ ॥ ୭୦ ॥
ଆତୋଦ୍ୟାନି ତୁ ସର୍ବାଣି କୃତ୍ୱା ବସ୍ତ୍ରୋତ୍ତରାଣି ତୁ ।
ଗନ୍ଧୈର୍ମାଲ୍ୟୈଶ୍ଚ ଧୂପୈଶ୍ଚ ଭକ୍ଷ୍ୟୈର୍ଭୋଜ୍ୟୈଶ୍ଚ ପୂଜୟେତ୍ ॥ ୭୧ ॥
ପୂଜୟିତ୍ୱା ତୁ ସର୍ବାଣି ଦୈବତାନି ଯଥାକ୍ରମମ୍ ।
ଜର୍ଜରଃ ପ୍ରତିସଂପୂଜ୍ୟଃ ସ୍ୟାତ୍ତତୋ ବିଘ୍ନଜର୍ଜରଃ ॥ ୭୨ ॥
ଶ୍ୱେତଂ ଶିରସି ବସ୍ତ୍ରଂ ସ୍ୟାନ୍ନୀଲଂ ରୌଦ୍ରେଽଥ ପର୍ବଣି ।
ବିଷ୍ଣୁପର୍ବଣି ପୀତଂ ସ୍ୟାଦ୍ରକ୍ତଂ ସ୍କନ୍ଦସ୍ୟ ପର୍ବଣି ॥ ୭୩ ॥
ମୂଳପର୍ବଣି ଚିତ୍ରଂ ତୁ ଦେୟଂ ବସ୍ତ୍ରଂ ହିତାର୍ଥିନା ।
ସଦୃଶଂ ଚ ପ୍ରଦାତବ୍ୟଂ ଧୂପମାଲ୍ୟାନୁଲେପନମ୍ ॥ ୭୪ ॥
ଆତୋଦ୍ୟାନି ଚ ସର୍ବାଣି ବାସୋଭିରବଗୁଣ୍ଠୟେତ୍ ।
ଗନ୍ଧୈର୍ମାଲ୍ୟୈଶ୍ଚ ଧୂପୈଶ୍ଚ ଭକ୍ଷ୍ୟଭୋଜ୍ୟୈଶ୍ଚ ପୂଜୟେତ୍ ॥ ୭୫ ॥
ସର୍ବମେବଂ ବିଧିଂ କୃତ୍ୱା ଧୂପମାଲ୍ୟାନୁଲେପନୈଃ ।
ବିଘ୍ନଜର୍ଜରଣାର୍ଥଂ ତୁ ଜର୍ଜରଂ ତୁଭିମନ୍ତ୍ରୟେତ୍ ॥ ୭୬ ॥

ଦେବତାମାନେ ଅବସ୍ଥିତ ଅଛନ୍ତି, ସେ ମୋର ମନ୍ତ୍ରପୂତ ବଳିକୁ ଗ୍ରହଣ କରନ୍ତୁ । ଦଶଦିଗରେ ଆଉ ଯେଉଁ ଦେବ ଗନ୍ଧର୍ବମାନେ ଅଛନ୍ତି, ଯେଉଁମାନେ ବା ସ୍ୱର୍ଗରେ ଅନ୍ତରୀକ୍ଷରେ ଓ ଭୂମିରେ ବାସ କରୁଅଛନ୍ତି, ସେମାନଙ୍କ ପାଇଁ ଏହି ବଳି ପ୍ରଦତ୍ତ ହେଲା । ୬୭-୬୯ ।

ଜଳପୂର୍ଣ୍ଣ ମାଠିଆଟିକୁ ପତ୍ରମାଳାରେ ସଜ୍ଜିତ କରି ରଙ୍ଗମଧ୍ୟରେ ସ୍ଥାପନ କରିବ, ତହିଁରେ ସୁବର୍ଣ୍ଣ ନିକ୍ଷେପ କରିବ । ସମସ୍ତ ବାଦ୍ୟଯନ୍ତ୍ରକୁ ବସ୍ତ୍ରରେ ଆଚ୍ଛାଦିତ କରି ଗନ୍ଧ, ମାଲ୍ୟ, ଧୂପ, ଭକ୍ଷ୍ୟ ଓ ଭୋଜ୍ୟ ଦେଇ ପୂଜା କରିବ । ସବୁ ଦେବତାଙ୍କୁ ଯଥାକ୍ରମେ ପୂଜା କରିସାରି ଜର୍ଜରଙ୍କୁ ପୂଜା କରିବ, ଯଦ୍ଦ୍ୱାରା ବିଘ୍ନ ଦୂର ହୁଏ । ଜର୍ଜରର ମସ୍ତକ ଅଂଶରେ ଧଳା ଲୁଗା, ଯେଉଁ ପର୍ବରେ ରୁଦ୍ରଙ୍କର ବାସ ତହିଁରେ ନୀଳ ଲୁଗା, ବିଷ୍ଣୁ ବାସ କରୁଥିବା ପର୍ବରେ ହଳଦିଆ ଲୁଗା, ସ୍କନ୍ଦ ବାସକରୁଥିବା ପର୍ବରେ ରକ୍ତବର୍ଣ୍ଣ ଲୁଗା, ମୂଳ ପର୍ବରେ ଛିଟଲୁଗା, ହିତ କାମୀ ପୂଜକ ପ୍ରଦାନ କରିବ । ସବୁ ବାଦ୍ୟଯନ୍ତ୍ରକୁ ବସ୍ତ୍ରଦ୍ୱାରା ଆଚ୍ଛାଦିତ କରିବ, ସେଠାରେ ମଧ୍ୟ ଚନ୍ଦନ, ଧୂପ, ଭକ୍ଷ୍ୟ, ଭୋଜ୍ୟ ପ୍ରଭୃତି ଅର୍ପଣ କରିବ, ଏହିପରି ଧୂପ, ମାଲ୍ୟ ପ୍ରଭୃତି

Digitized by srujanika@gmail.com

ବିଘ୍ନାନାଂ ଶମନାର୍ଥଂ ହି ଦେବୈର୍ବ୍ରହ୍ମପୁରୋଗମୈଃ ।
ନିର୍ମିତସ୍ତ୍ୱଂ ମହାବୀର୍ଯ୍ୟୋ ବଜ୍ରସାରୋ ମହାତନୁଃ ॥ ୭୭ ॥
ଶିରସ୍ତେ ରକ୍ଷତୁ ବ୍ରହ୍ମା ସର୍ବଦେବଗଣୈଃ ସହ ।
ଦ୍ୱିତୀୟଂ ଚ ହରଃ ପର୍ବଂ ତୃତୀୟଂ ତୁ ଜନାର୍ଦ୍ଦନଃ ॥ ୭୮ ॥
ଚତୁର୍ଥଂ ଚ କୁମାରସ୍ତୁ ପଞ୍ଚମଂ ପନ୍ନଗୋତ୍ତମାଃ ।
ନିତ୍ୟଂ ସର୍ବେଽପି ପାନ୍ତୁ ତ୍ୱାଂ ପୁନସ୍ତ୍ୱଂ ଚ ଶିବୋ ଭବ ॥ ୭୯ ॥
ନକ୍ଷତ୍ରେଽଭିଜିତି ତ୍ୱଂ ଚ ପ୍ରସୂତୋ ରିପୁସୂଦନଃ ।
ଅସ୍ମଂ ଚାଭ୍ୟୁଦୟଂ ଚୈବ ପାର୍ଥିବାୟ ପ୍ରଯଚ୍ଛ ନଃ ॥ ୮୦ ॥
ଜର୍ଜରଂ ପୂଜୟିତ୍ୱା ଚ ବଲିଂ ସର୍ବଂ ନିବେଦ୍ୟ ଚ ।
ଅଗ୍ନୌ ହୋମଂ ତତଃ କୁର୍ଯ୍ୟାନ୍ମନ୍ତ୍ରାହୁତି ପୁରସ୍କୃତମ୍ ॥ ୮୧ ॥
ହୁତ୍ୱା ସ ଏବ ଦୀପ୍ତାଭିରୁଲ୍କାଭିଃ ପରିମାର୍ଜନମ୍ ।
ନୃପତେର୍ନର୍ତ୍ତକୀନାଂ ଚ କୁର୍ଯ୍ୟାଦ୍ଦୀପ୍ତାଭିବର୍ଦ୍ଧନମ୍ ॥ ୮୨ ॥
ଅଭିଦ୍ୟୋତ୍ୟ ସହାତୋଦ୍ୟୈର୍ନୃପତିଂ ନର୍ତ୍ତକୀଂସ୍ତଥା ।
ମନ୍ତ୍ରପୂତେନ ତୋୟେନ ପୁନରଭ୍ୟୁକ୍ଷ୍ୟ ତାନ୍ ବଦେତ୍ ॥ ୮୩ ॥
ମହାକୁଲେ ପ୍ରସୂତାଃ ସ୍ଥ ଗୁଣୌଘୈଶ୍ଚାପ୍ୟଲଂକୃତାଃ ।

ଯଥାବିଧି ଦେଇସାରି ବିଘ୍ନ ବିନାଶ ଉଦ୍ଦେଶ୍ୟରେ ଜର୍ଜରକୁ ଅଭିମନ୍ତ୍ରିତ କରିବ । ହେ ଜର୍ଜର ! ବ୍ରହ୍ମା ପ୍ରଭୃତି ଦେବତାମାନେ ବିଘ୍ନ ଶମନ ଉଦ୍ଦେଶ୍ୟରେ ମହାବଳଶାଳୀ ବଜ୍ରପରି କଠିନ, ବିଶାଳ ଶରୀର ତୁମକୁ ନିର୍ମାଣ କରିଛନ୍ତି । ୭୦-୭୭ ।

ତୁମର ଶୀର୍ଷ ସ୍ଥଳକୁ ସମସ୍ତ ଦେବତାଙ୍କ ସହିତ ବ୍ରହ୍ମା ରକ୍ଷା କରନ୍ତୁ । ତୁମର ଦ୍ୱିତୀୟ ପର୍ବକୁ ହର, ତୃତୀୟକୁ ଜନାର୍ଦ୍ଦନ, ଚତୁର୍ଥକୁ କାର୍ତ୍ତିକେୟ ଓ ପଞ୍ଚମକୁ ସର୍ପରାଜ ରକ୍ଷା କରନ୍ତୁ । ତୁମ୍ଭେ ମଙ୍ଗଳଦାୟକ ହୁଅ, ଶତ୍ରୁନାଶକାରୀ ତୁମ୍ଭେ ଅଭିଜିତ୍ ନକ୍ଷତ୍ରରେ ଜନ୍ମଲାଭ କରିଛ । ତୁମ୍ଭେ ରାଜାଙ୍କୁ ଜୟ ଓ ଅଭ୍ୟୁଦୟ ପ୍ରଦାନ କର, ଏହି ପ୍ରକାରେ ଜର୍ଜରକୁ ପୂଜା କରିଲା ପରେ ସବୁ ବଳି ଅର୍ପଣ କରି–ସାରି, ଅଗ୍ନିରେ ସମନ୍ତ୍ରକ ଆହୁତି ପ୍ରଦାନ ପୂର୍ବକ ହୋମ କରିବ, ହୋମପରେ ଜଳୁଥିବା କାଷ୍ଠ ଖଣ୍ଡରେ ରାଜା ଓ ନର୍ତ୍ତକୀମାନଙ୍କର ପରିମାର୍ଜ୍ଜନ କରି ସେମାନଙ୍କ ଦୀପ୍ତିକୁ ପରିବର୍ଦ୍ଧିତ କରାଇବ । ୭୮-୮୨ ।

ରାଜା ଓ ନର୍ତ୍ତକୀ ଏମାନଙ୍କୁ ଅଭିଦ୍ୟୋତିତ (ବଢାଇବା) କଲାପରେ ଅଭିମନ୍ତ୍ରିତ ଜଳ ସେମାନଙ୍କ ଉପରେ ଛିଞ୍ଚିବ, ଏବଂ କହିବ—ଆପଣମାନେ ମହା-

Digitized by srujanika@gmail.com

ଯଦ୍‌ବୋ ଜନ୍ମଗୁଣୋପେତଂ ତଦ୍ୱୋ ଭବତୁ ନିତ୍ୟଶଃ ॥ ୮୪ ॥
ଏବମୁକ୍ତ୍ୱା ତତୋ ବାକ୍ୟଂ ନୃପତେର୍ଭୂତୟେ ବୁଧଃ ।
ନାଟ୍ୟପ୍ରୟୋଗସିଦ୍ଧ୍ୟର୍ଥମାଶିଷଃ ସଂପ୍ରୟୋଜୟେତ୍ ॥ ୮୫ ।
ସରସ୍ୱତୀ ଧୃତିର୍ମେଧା ହ୍ରୀଃ ଶ୍ରୀର୍ଲକ୍ଷ୍ମୀର୍ମତିଃ ସ୍ମୃତିଃ ।
ପାନ୍ତୁ ବୋ ମାତରଃ ସୌମ୍ୟାଃ ସିଦ୍ଧିଦାଶ୍ଚ ଭବନ୍ତୁ ବଃ ॥ ୮୬ ॥
ହୋମଂ କୃତ୍ୱା ଯଥାନ୍ୟାୟଂ ହବିର୍ମନ୍ତ୍ରପୁରସ୍କୃତମ୍ ।
ଭିନ୍ଦ୍ୟାତ୍‌କୁମ୍ଭଂ ତତଶ୍ଚୈବଂ ନାଟ୍ୟାଚାର୍ଯ୍ୟଃ ପ୍ରଯତ୍ନତଃ ॥ ୮୭ ॥
ଅଭିନ୍ନେ ତୁ ଭବେତ୍‌କୁମ୍ଭେ ସ୍ୱାମିନଃ ଶତ୍ରୁତୋ ଭୟମ୍ ।
ଭବେଦ୍ଭିନ୍ନେ ତୁ କୁମ୍ଭେ ତୁ ସ୍ୱାମିନଃ ଶତ୍ରୁସଂକ୍ଷୟଃ ॥ ୮୮ ॥
ଭିନ୍ନେ କୁମ୍ଭେ ତତଶ୍ଚୈବ ନାଟ୍ୟାଚାର୍ଯ୍ୟଃ ପ୍ରଯତ୍ନତଃ ।
ପ୍ରଗୃହ୍ୟ ଦୀପିକାଂ ଦୀପ୍ତାଂ ସର୍ବଂ ସଂପ୍ରଦ୍ୟୋତୟେତ୍ ॥ ୮୯ ॥
ଶଙ୍ଖଦୁନ୍ଦୁଭିନିର୍ଘୋଷୈର୍ମୃଦଙ୍ଗୈଃ ପଣବୈସ୍ତଥା ।
ସର୍ବାତୋଦ୍ୟୈଃ ପ୍ରଣଦିତୈ ରଙ୍ଗେ ଯୁଦ୍ଧାନି କାରୟେତ୍ ॥ ୯୦ ॥
ତତ୍ର ଛିନ୍ନଂ ଚ ଭିନ୍ନଂ ଚ ଦାରିତଂ ଚ ସଶୋଣିତମ୍ ।
କ୍ଷତଂ ପ୍ରଦୀପ୍ତମାୟସ୍ତଂ ନିମିତ୍ତଂ ସିଦ୍ଧିଲକ୍ଷଣମ୍ ॥ ୯୧ ॥

କୁଳରେ ଜାତ ଏବଂ ଗୁଣାବଳୀରେ ମଣ୍ଡିତ ହୋଇଅଛନ୍ତି । ଆପଣମାନଙ୍କ ଜନ୍ମ ସୁଗୁଣଯୁକ୍ତ । ଚିରକାଳ ତାହା ସେହିପରି ଥାଉ । ଏହିପରି କହିସାରି ରାଜାଙ୍କ ଉନ୍ନତି ଉଦ୍ଦେଶ୍ୟରେ ଏବଂ ନାଟ୍ୟପ୍ରୟୋଗର ପ୍ରଶଂସା ନିମିତ୍ତ ଆଶୀର୍ବଚନ ପ୍ରୟୋଗ କରିବ । ଯଥା—ସରସ୍ୱତୀ, ଧୃତି, ମେଧା, ହ୍ରୀ, ଶ୍ରୀ, ଲକ୍ଷ୍ମୀ, ମତି ଓ ସ୍ମୃତି ଏହି ମାତୃଗଣ ଆପଣମାନଙ୍କୁ ରକ୍ଷା କରନ୍ତୁ ଏବଂ ଆପଣମାନଙ୍କର ସିଦ୍ଧିଦାୟିନୀ ହୁଅନ୍ତୁ । ୮୩-୮୬ ।

ନାଟ୍ୟାଚାର୍ଯ୍ୟ, ଯଥାବିଧି ମନ୍ତ୍ରପୂର୍ବକ ଘୃତ ହୋମ କରି ପୂର୍ବୋକ୍ତ କୁମ୍ଭକୁ ଭାଙ୍ଗିଦେବେ । ଯଦି କୁମ୍ଭ ଭାଙ୍ଗି ନ ଯାଏ (ଏକ ଆଘାତରେ) ତେବେ ରାଜାଙ୍କର ଶତ୍ରୁଠାରୁ ଭୟ ଜାତ ହୁଏ, ଭାଙ୍ଗିଗଲେ ଶତ୍ରୁକ୍ଷୟ ହୁଏ । କୁମ୍ଭ ଭଙ୍ଗା ଯାଇଥିଲେ ନାଟ୍ୟାଚାର୍ଯ୍ୟ ଯତ୍ନପୂର୍ବକ ଗୋଟିଏ ଜଳୁଥିବା ଦୀପ ଧରି କ୍ଷ୍ୱେଡ଼ିତ ସ୍ଫୋଟିତ ବା ପ୍ରଧାବିତ ଗତିରେ ଚାଲିକରି ସମଗ୍ର ରଙ୍ଗମଣ୍ଡପକୁ ଆଲୋକିତ କରିବେ (ଦ୍ୟୋତିତ କରିବେ) । ରଙ୍ଗମଧ୍ୟରେ ସେହି ଉଜ୍ଜ୍ୱଳ ଓ ଶୋଭାୟମାନ ଦୀପିକାକୁ ସ୍ଥାପନ କରିବେ । ତତ୍ପରେ ଶଙ୍ଖ, ଦୁନ୍ଦୁଭି, ମୃଦଙ୍ଗ, ପଣବ ପ୍ରଭୃତି ବାଦ୍ୟମାନ ବଜାଇ ରଙ୍ଗମଣ୍ଡପରେ ଯୁଦ୍ଧାଭିନୟ କରାଇବେ । ୮୭-୯୦ ।

ଏଥିରେ ରକ୍ତ ନିର୍ଗମନ ସହ କୁନ୍ତାଦିରେ ଭେଦନ, ଖଡ୍ଗାଦିରେ ଛେଦନ, ବା ଦାରଣ, (ଫାଡ଼ିଦେବା) କ୍ଷତକରଣ, କର୍ତ୍ତନ, ଦହନ ପ୍ରଭୃତି (ପ୍ରଦର୍ଶିତ

Digitized by srujanika@gmail.com

ସମ୍ୟଗିଷ୍ଟସ୍ତୁ ରଙ୍ଗୋ ବୈ ସ୍ୱାମିନଃ ଶୁଭମାବହେତ୍ ।
ପୁରସ୍ୟ ବାଲବୃଦ୍ଧସ୍ୟ ତଥା ଜନପଦସ୍ୟ ଚ ॥ ୯୨ ॥
ଦୁରିଷ୍ଟସ୍ତୁ ତଥା ରଙ୍ଗୋ ଦୈବତୈର୍ଦୁରଧିଷ୍ଠିତଃ ।
ନାଟ୍ୟ ବିଧ୍ୱଂସନଂ କୁର୍ଯ୍ୟା ନୃପସ୍ୟ ଚ ତଥାଶୁଭମ୍ ॥ ୯୩ ॥
ଯଶ୍ଚୈବଂ ବିଧିମୁତ୍ସୃଜ୍ୟ ଯଥେଷ୍ଟଂ ସଂପ୍ରୟୋଜୟେତ୍ ।
ପ୍ରାପ୍ନୋତ୍ୟପଚୟଂ ଶୀଘ୍ରଂ ତିର୍ଯ୍ୟଗ୍ୟୋନିଂ ଚ ଗଚ୍ଛତି ॥ ୯୪ ॥
ଯଜ୍ଞେନ ସମ୍ମିତଂ ହ୍ୟେତଦ୍ରଙ୍ଗଦୈବତପୂଜନମ୍ ।
ଅପୂଜୟିତ୍ୱା ରଙ୍ଗଂ ତୁ ନୈବ ପ୍ରେକ୍ଷ୍ୟଂ ପ୍ରୟୋଜୟେତ୍ ॥ ୯୫ ॥
ପୂଜିତାଃ ପୂଜୟନ୍ତ୍ୟେତେ ମାନିତା ମାନୟନ୍ତି ଚ ।
ତସ୍ମାତ୍ ସର୍ବପ୍ରଯତ୍ନେନ କର୍ତ୍ତବ୍ୟଂ ରଙ୍ଗପୂଜନମ୍ ॥ ୯୬ ॥
ନ ତଥାଗ୍ନି ର୍ଦହତ୍ୟାଶୁ ପ୍ରଭଞ୍ଜନସମୀରିତଃ ।

ହେଲେ) ଘଟିଲେ ପ୍ରୟୋଗ ସଫଳ ହୁଏ । ଇଷ୍ଟ (ଅଭିଳଷିତ ବା ବାଞ୍ଛନୀୟ) ବସ୍ତୁର ରଙ୍ଗ (ଅଭିନୟ), ରାଜା ପୁରବାସୀ (ନାଗରିକ) ବାଳ ଓ ବୃଦ୍ଧମାନଙ୍କର ମଧ୍ୟ ଶୁଭଦାୟକ ହୁଏ । ତାହା ଅଭିଳଷିତ ହୋଇଥିଲେ ତହିଁରେ ଦେବତାମାନଙ୍କର ଅଧିଷ୍ଠାନ (ଅବସ୍ଥିତ) କଷ୍ଟକର ହୁଏ, ତଥା ରାଜାଙ୍କ ମଙ୍ଗଳର ଧ୍ୱଂସ ଘଟେ । ୯୨-୯୩

ଯେଉଁ ବ୍ୟକ୍ତି ଏହି ନିୟମକୁ ଉଲ୍ଲଂଘନ କରି ମନଇଚ୍ଛା ପ୍ରୟୋଗ (ଅଭିନୟ) କରେ, ତାହାର ହାନି ଘଟେ । ସେ ପର ଜନ୍ମରେ ତିର୍ଯ୍ୟଗ୍ୟୋନି ପ୍ରାପ୍ତ ହୁଏ । ଏହି ରଙ୍ଗଦେବତା ପୂଜା ଯଜ୍ଞ ସଙ୍ଗେ ସମାନ, (ତେଣୁ) ରଙ୍ଗଦେବତା ପୂଜା ନ କରି ନାଟ୍ୟ ପ୍ରଦର୍ଶନ କରିବ ନାହିଁ । ଏମାନେ ପୂଜା ପାଇଲେ ପୂଜକକୁ ପୂଜିତ କରନ୍ତି ଓ ସମ୍ମାନିତ ହେଲେ ସମ୍ମାନ ପ୍ରଦାନ କରନ୍ତି । ଏଣୁ ସର୍ବତୋଭାବେ ଯତ୍ନ ସହିତ ରଙ୍ଗପୂଜା କରିବ । ୯୪-୯୬ ।

ଅପପ୍ରୟୋଗ (ଦୋଷଯୁକ୍ତ ଅଭିନୟ) ଯେପରି ଅଳ୍ପକାଳ ମଧ୍ୟରେ ସମସ୍ତ ଦଗ୍ଧ କରିଦିଏ, ବାତ୍ୟାପ୍ରେରିତ ଅଗ୍ନି ମଧ୍ୟ ସେପରି ଦଗ୍ଧ କରିପାରେ ନାହିଁ । ରଙ୍ଗପୂଜକ ନାଟ୍ୟାଚାର୍ଯ୍ୟ ଶାସ୍ତ୍ରଜ୍ଞ, ବିନୀତ, ଶୌଚପରାୟଣ ଦୀକ୍ଷାପ୍ରାପ୍ତ ଏବଂ ଶାନ୍ତ (ଶମଗୁଣଯୁକ୍ତ) ହୋଇଥିବା ବାଞ୍ଛନୀୟ । ଯେଉଁ ନାଟ୍ୟାଚାର୍ଯ୍ୟ ମନର ଚଞ୍ଚଳତା ହେତୁ ଯଥାସ୍ଥାନରେ ବଳି ଅର୍ପଣ ନ କରି ବ୍ୟତ୍ୟୟ କରନ୍ତି ସେ ଯଜ୍ଞରେ ମନ୍ତ୍ରହୀନ ହୋତାପରି ପ୍ରାୟଶ୍ଚିତ୍ତାର୍ହ ହୁଅନ୍ତି । ରଙ୍ଗଦେବତା ପୂଜାବିଧି ଏହିପରି । ପ୍ରୟୋକ୍ତା

Digitized by srujanika@gmail.com

ଯଥା ହ୍ୟପପ୍ରୟୋଗସ୍ତୁ ପ୍ରଯୁକ୍ତୋ ଦହତେ କ୍ଷଣାତ୍ ॥ ୯୭ ॥
ଶାସ୍ତ୍ରଜ୍ଞେନ ବିନୀତେନ ଶୁଚିନା ଦୀକ୍ଷିତେନ ଚ ।
ନାଟ୍ୟାଚାର୍ଯ୍ୟେଣ ଶାନ୍ତେନ କର୍ତ୍ତବ୍ୟଂ ରଙ୍ଗପୂଜନମ୍ ॥ ୯୮ ॥
ସ୍ଥାନଭ୍ରଷ୍ଟଂ ତୁ ଯୋ ଦଦ୍ୟାଦ୍ବଲିମୁଦ୍ୱିଗ୍ନମାନସଃ ।
ମନ୍ତ୍ରହୀନୋ ଯଥା ହୋତା ପ୍ରାୟଶ୍ଚିତ୍ତୀ ଭବେତ୍ତୁ ସଃ ॥ ୯୯ ॥
ଏବମେବ ବିଧିର୍ଦୃଷ୍ଟୋ ରଙ୍ଗଦୈବତପୂଜନେ ।
ନବେ ନାଟ୍ୟଗୃହେ କାର୍ଯ୍ୟଃ ପ୍ରେକ୍ଷାୟାଂ ବୈ ପ୍ରୟୋକ୍ତୃଭିଃ ॥ ୧୦୦ ॥

ଇତି ଶ୍ରୀଭରତୀୟେ ନାଟ୍ୟଶାସ୍ତ୍ରେ ରଙ୍ଗଦେବତା ପୂଜନଂ ନାମ
ତୃତୀୟୋଽଧ୍ୟାୟଃ ।

(ମୁଖ୍ୟ ଅଭିନେତା) ମାନେ ନୂତନ ନାଟ୍ୟଗୃହରେ ପ୍ରଥମବାର ପ୍ରଦର୍ଶନୀୟ ଅଭିନୟ ବେଳେ ଏହା ପାଳନ କରିବେ । ୯୭-୧୦୦ ।

ଇତି ତୃତୀୟ ଅଧ୍ୟାୟ

Digitized by srujanika@gmail.com

ଚତୁର୍ଥୋଽଧ୍ୟାୟଃ

ଏବଂ ତୁ ପୂଜନଂ କୃତ୍ୱା ମୟା ପ୍ରୋକ୍ତଃ ପିତାମହଃ ।
ଆଜ୍ଞାପୟ ପ୍ରଭୋ କ୍ଷିପ୍ରଂ କଃ ପ୍ରୟୋଗଃ ପ୍ରଯୁଜ୍ୟତାମ୍ ॥ ୧ ॥
ତତୋଽସ୍ମ୍ୟୁକ୍ତୋ ଭଗବତା ଯୋଜୟାମୃତମନ୍ଥନମ୍ ।
ଏତଦୁତ୍ସାହଜନନଂ ସୁରପ୍ରୀତିକରଂ ମହତ୍ ॥ ୨ ॥
ଯୋଽୟଂ ସମବକାରସ୍ତୁ ଧର୍ମକାମାର୍ଥସାଧକଃ ।
ମୟା ପ୍ରଗ୍ରଥିତୋ ବିଦ୍ୱନ୍ ସ ପ୍ରୟୋଗଃ ପ୍ରଯୁଜ୍ୟତାମ୍ ॥ ୩ ॥
ତସ୍ମିନ୍ ସମବକାରେ ତୁ ପ୍ରଯୁକ୍ତେ ଦେବଦାନବାଃ ।
ହୃଷ୍ଟାଃ ସମଭବନ୍ ସର୍ବେ କର୍ମଭାବାନୁଦର୍ଶନାତ୍ ॥ ୪ ॥
କସ୍ୟଚିତ୍ତ୍ୱଥ କାଲସ୍ୟ ମାମାହାମ୍ବୁଜସମ୍ଭବଃ ।
ନାଟ୍ୟଂ ସଂଦର୍ଶୟାମୋଽଦ୍ୟ ତ୍ରିନେତ୍ରାୟ ମହାତ୍ମନେ ॥ ୫ ॥

ଚତୁର୍ଥ ଅଧ୍ୟାୟ

ଏହି ବିଧିରେ ପୂଜା ସମାପ୍ତ କରି ମୁଁ ବ୍ରହ୍ମାଙ୍କୁ କହିଲି—ପ୍ରଭୋ ! କେଉଁ ନାଟ୍ୟ (ପ୍ରୟୋଗ) ଅଭିନୀତ ହେବ, ଅବିଳମ୍ବେ ଆଦେଶ ଦିଅନ୍ତୁ । ତହୁଁ ଭଗବାନ ବ୍ରହ୍ମା କହିଲେ—"ଅମୃତ ମନ୍ଥନ" ନାଟ୍ୟ ଅଭିନୟ କର, ଏହା ଉତ୍ସାହଜନକ ଓ ଦେବତାମାନଙ୍କର ପ୍ରୀତିଦାୟକ । ମୁଁ ଏହି 'ସମବକାର'କୁ (ଦେବାସୁର ଚରିତାତ୍ମକ ବୀରରସ ପ୍ରଧାନ ନାଟ୍ୟ) ଧର୍ମ, ଅର୍ଥ, କାମ-ଏହି ତ୍ରିବର୍ଗର ସାଧକରୂପେ ପ୍ରଣୀତ କରିଛି ! ହେ ବିଦ୍ୱାନ୍ ! ତୁମେ ତାହାର ଅଭିନୟ ପ୍ରଦର୍ଶନ କର । ୧-୩ ।

ସେହି ସମବକାର ଅଭିନୀତ ହେଲା । କର୍ମ ଓ ଭାବର ଅଭିବ୍ୟକ୍ତି ଦେଖି ସମସ୍ତ ଦେବତା ଓ ଦାନବ ହୃଷ୍ଟ ହେଲେ, (ବୀର-ରସ-ପ୍ରଧାନ, ବହୁ-ନାୟକ-ଚରିତାତ୍ମକ ନାଟକ ସମବକାର) । କେତେଦିନ ଗଲାପରେ ପଦ୍ମଯୋନି ବ୍ରହ୍ମା ମତେ ଡାକି କହିଲେ—ଆମ୍ଭେମାନେ ଏହି ସ୍ଥାନରେ ଆଜି ମହାତ୍ମା ତ୍ରିନେତ୍ରଙ୍କୁ ନାଟ୍ୟ ଦେଖାଇବା । ଏହା କହି ସେ ବ୍ରହ୍ମା ଦେବତାମାନଙ୍କୁ ସଙ୍ଗରେ ଘେନି ଶିବଙ୍କ ନିବାସ ସ୍ଥଳକୁ ଗଲେ ଏବଂ ସେଠାରେ ତାଙ୍କୁ ଯଥାବିଧି ଅର୍ଚ୍ଚନା

Digitized by srujanika@gmail.com

ତତଃ ସାର୍ଦ୍ଧଂ ସୁରୈର୍ଗତ୍ୱା ବୃଷଧ୍ୱଜନବେଶନମ୍ ।
ଅଭ୍ୟର୍ଚ୍ଚ୍ୟ ଚ ଶିବଂ ପଶ୍ଚାଦୁବାଚେଦଂ ପିତାମହଃ ॥ ୬ ॥
ମୟା ସମବକାରସ୍ତୁ ଯୋଽୟଂ ସୃଷ୍ଟଃ ସୁରୋତ୍ତମ ।
ଶ୍ରବଣେ ଦର୍ଶନେ ଚାସ୍ୟ ପ୍ରସାଦଂ କର୍ତ୍ତୁମର୍ହସି ॥ ୭ ॥
ପଶ୍ୟାମ ଇତି ଦେବେଶୋ ଦ୍ରୁହିଣଂ ବାକ୍ୟମବ୍ରବୀତ୍ ।
ତତୋ ମାମାହ ଭଗବାନ୍ ସଜ୍ଜୋ ଭବ ମହାମତେ ॥ ୮ ॥
ତତୋ ହିମବତଃ ପୃଷ୍ଠେ ନାନାନଗସମାବୃତେ ।
ବହୁଭୂତଗଣାକୀର୍ଣ୍ଣେ ରମ୍ୟକନ୍ଦରନିର୍ଝରେ ॥ ୯ ॥
ପୂର୍ବରଙ୍ଗ କୃତେ ପୂର୍ବଂ ତତ୍ରାୟଂ ଦ୍ୱିଜସତ୍ତମାଃ ।
ତଥା ତ୍ରିପୁରଦାହଶ୍ଚ ଡିମସଂଜ୍ଞଃ ପ୍ରୟୋଜିତଃ ॥ ୧୦ ॥
ତତୋ ଭୂତଗଣା ହୃଷ୍ଟାଃ କର୍ମଭାବାନୁକୀର୍ତ୍ତନାତ୍ ।
ମହାଦେବଶ୍ଚ ସୁପ୍ରୀତଃ ପିତାମହମଥାବ୍ରବୀତ୍ ॥ ୧୧ ॥
ଅହୋ ନାଟ୍ୟମିଦଂ ସମ୍ୟକ୍ ତ୍ୱୟା ସୃଷ୍ଟଂ ମହାମତେ ।
ଯଶସ୍ୟଂ ଚ ଶୁଭାର୍ଥଂ ଚ ପୁଣ୍ୟଂ ବୁଦ୍ଧିବିବର୍ଦ୍ଧନମ୍ ॥ ୧୨ ॥
ମୟାପୀଦଂ ସ୍ମୃତଂ ନୃତ୍ତଂ ସନ୍ଧ୍ୟାକାଲେଷୁ ନୃତ୍ୟତା ।
ନାନା କରଣସଂଯୁକ୍ତୈରଙ୍ଗହାରୈର୍ବିଭୂଷିତମ୍ ॥ ୧୩ ॥

ଭଣ କହିଲେ, ମୁଁ ଯେଉଁ ସମବକାରଟି ରଚନା କରିଛି, ଅତଏବ ତାହାକୁ ଶୁଣି ତାହାର ଅଭିନୟ ଦେଖି, ମୋତେ ଅନୁଗୃହୀତ କରନ୍ତୁ । ତହୁଁ "ଆସ ଆମେ ଦେଖିବା" ବୋଲି ଶିବ ବହ୍ମାଙ୍କୁ କହିଲେ । ତହୁଁ ବ୍ରହ୍ମା ମୋତେ କହିଲେ, ହେ ମହାମତେ ! ତୁମେ ପ୍ରସ୍ତୁତ ହୁଅ । ୪-୮ ।

ତତ୍ପରେ ଅସଂଖ୍ୟ ପର୍ବତ ପରିବେଷ୍ଟିତ, ନାନାପ୍ରାଣୀ ସମାକୀର୍ଣ୍ଣ, ଅଗଣିତ କନ୍ଦର ନିର୍ଝର-ପରିଶୋଭିତ ହିମାଳୟର ପୃଷ୍ଠଦେଶରେ ପୂର୍ବରଙ୍ଗ ବିଧାନ କରି ତ୍ରିପୁରଦାହ-ନାମକ 'ଡିମ' ପୂର୍ବପରି ଅଭିନୀତ ହେଲା । ଏଥିରେ ସମସ୍ତ ଭୂତବର୍ଗଙ୍କର କର୍ମ ଓ ଭାବର ଅନୁକରଣ କରାଯାଇଥିବାରୁ ସେମାନେ ପ୍ରୀତ ହେଲେ । ମହାଦେବ ମଧ୍ୟ ଅତଏବ ପ୍ରୀତ ହୋଇ ବ୍ରହ୍ମାଙ୍କୁ କହିଲେ—ହେ ମହାମତେ ! ତୁମେ ମହା ଚମତ୍କାର ଏହି ନାଟ୍ୟ ରଚନା କରିଅଛ । ଏହା ଯଶ ଉତ୍ପାଦକ, ଶୁଭକର, ପୁଣ୍ୟଜନକ ଓ ବୁଦ୍ଧିବର୍ଦ୍ଧକ ହୋଇଅଛି । ୯-୧୨ ।

ମୁଁ ପ୍ରତି ସନ୍ଧ୍ୟାରେ ନୃତ୍ୟକଲାବେଳେ ନାନା 'କରଣ' ସମନ୍ୱିତ 'ଅଙ୍ଗହାର' ଦ୍ୱାରା ମଣ୍ଡିତ ଏହି ନୃତ୍ତକୁ ସ୍ମରଣ କରିଥାଏ । (ସ୍ମୃତ ପଦକୁ ଆଣି

Digitized by srujanika@gmail.com

ପୂର୍ବରଙ୍ଗବିଧାବସ୍ମିଂସ୍ତ୍ୱୟା ସମ୍ୟକ୍ ପ୍ରଯୁଜ୍ୟତାମ୍ ।
ବର୍ଦ୍ଧମାନକଯୋଗେନ ଗୀତେଷ୍ୱାସାରିତେଷୁ ଚ ॥ ୧୪ ॥
ମହାଗୀତେଷୁ ଚୈବାର୍ଥାନ୍ ସମ୍ୟଗେବାଭିନେଷ୍ୟସି ।
ଯଶ୍ଚାୟଂ ପୂର୍ବରଙ୍ଗସ୍ତୁ ତ୍ୱୟା ଶୁଦ୍ଧଃ ପ୍ରୟୋଜିତଃ ॥ ୧୫ ॥
ଏତଦ୍ୱିମିଶ୍ରିତଶ୍ଚାୟଂ ଚିତ୍ରୋ ନାମ ଭବିଷ୍ୟତି ।
ଶ୍ରୁତ୍ୱା ମହେଶ୍ୱରବଚଃ ପ୍ରତ୍ୟୁକ୍ତଂ ଚ ସ୍ୱୟମ୍ଭୁବା ॥ ୧୬ ॥
ପ୍ରୟୋଗମଙ୍ଗହାରାଣାମାଚକ୍ଷ୍ୱ ସୁରସତ୍ତମ ।
ତତସ୍ତଣ୍ଡୁଂ ସମାହୂୟ ପ୍ରୋକ୍ତବାନ୍ ଭୁବନେଶ୍ୱରଃ ॥ ୧୭ ॥
ପ୍ରୟୋଗମଙ୍ଗହାରାଣାମାଚକ୍ଷ୍ୱ ଭରତାୟ ବୈ ।
ନାନାକରଣସଂଯୁକ୍ତାନ୍ ବ୍ୟାଖ୍ୟାସ୍ୟାମି ସରେଚକାନ୍ ॥ ୧୮ ॥
ସ୍ଥିରହସ୍ତୋଽଙ୍ଗହାରସ୍ତୁ ତଥା ପର୍ଯ୍ୟସ୍ତକଃ ସ୍ମୃତଃ ।
ସୂଚୀବିଦ୍ଧସ୍ତଥା ଚୈବ ହ୍ୟପବିଦ୍ଧସ୍ତଥୈବ ଚ ॥ ୧୯ ॥
ଆକ୍ଷିପ୍ତକସ୍ତୁ ବିଜ୍ଞେୟସ୍ତଥା ଚୋଦ୍‌ଘଟ୍ଟିତଃ ସ୍ମୃତଃ ।
ବିଷ୍କମ୍ଭଶ୍ଚୈବ ସଂପ୍ରୋକ୍ତସ୍ତଥା ଚୈବାପରାଜିତଃ ॥ ୨୦ ॥

ତଦନୁସାରେ ନୃତ୍ୟ କରୁଥାଏ) । ପୂର୍ବରଙ୍ଗ ସଂପାଦନ କଲାବେଳେ ବର୍ଦ୍ଧମାନ (ଗୀତକ ବିଶେଷ) ସହିତ ଏହାର ପ୍ରୟୋଗ ବିଧାନ କରିବ । ସଂପାଦିତ (ରଚିତ ବା ସଂଗୃହୀତ) ଗୀତରେ ମଧ୍ୟ ଏହା ପ୍ରଯୁଜ୍ୟ । ମହାଗୀତ ମାନଙ୍କରେ ମଧ୍ୟ ଏହାର ପ୍ରଚୁର ପ୍ରୟୋଗ କରଣୀୟ । ତୁମେ ଏହି ଯେଉଁ ଶୁଦ୍ଧ (ବୈଚିତ୍ର୍ୟହୀନ) ପୂର୍ବରଙ୍ଗର ପ୍ରୟୋଗ କଲ, ଏହା ଯଦି ପୂର୍ବୋକ୍ତ କରଣ ସମନ୍ୱିତ ନାନା ଅଙ୍ଗହାର ଦ୍ୱାରା ଯୁକ୍ତ ହେବ, ତାହାକୁ ଚିତ୍ର ପୂର୍ବରଙ୍ଗ କୁହାଯିବ । ମହାଦେବଙ୍କ ବାକ୍ୟ ଶୁଣି ବ୍ରହ୍ମା କହିଲେ, ହେ ସୁରୋତ୍ତମ ! ଆମ୍ଭମାନଙ୍କୁ ଅଙ୍ଗହାରମାନଙ୍କର ପ୍ରୟୋଗ ବିଷୟରେ କୁହନ୍ତୁ । ୧୩-୧୬ ।

ତତ୍ପରେ ମହାଦେବ, ତଣ୍ଡୁଙ୍କୁ ଡାକି ଆଦେଶ ଦେଲେ — ହେ ସୁରୋତ୍ତମ ! ଭରତଙ୍କୁ ଅଙ୍ଗହାର ସମ୍ବନ୍ଧରେ ଉପଦେଶ ଦିଅ । ତତ୍ପରେ ମହାତ୍ମା ତଣ୍ଡୁ ମୋତେ ଯେଉଁ ସବୁ ନାମକରଣ ସମନ୍ୱିତ ଅଙ୍ଗହାରମାନଙ୍କୁ ରେଚକ (ନୃତ୍ୟର ଅବସାନବେଳେ ସମାପ୍ତିକୁ ମନୋହର କରିବା ଉଦ୍ଦେଶ୍ୟରେ ଯେଉଁ ଗତି ଅବଲମ୍ବିତ ହୁଏ) ସହିତ କହିଥିଲେ ତାହା କହୁଅଛୁ ଶୁଣ । ୧୭-୧୮ ।

ଏହା ସଂଖ୍ୟାରେ ବତିଶଗୋଟି — ସେମାନଙ୍କର ନାମ, ଯଥା— ସ୍ଥିରହସ୍ତ, ପର୍ଯ୍ୟସ୍ତକ, ସୂଚୀବିଦ୍ଧ, ଅପବିଦ୍ଧ, ଆକ୍ଷିପ୍ତକ, ଉଦ୍‌ଘଟ୍ଟିତ, ବିଷ୍କମ୍ଭ, ଅପରାଜିତ,

Digitized by srujanika@gmail.com

ବୃଶ୍ଚିକାପସୃତଶ୍ଚୈବ ମତ୍ତାକ୍ରୀଡ଼ସ୍ତଥୈବ ଚ ।
ସ୍ୱସ୍ତିକୋ ରେଚିତଶ୍ଚୈବ ପାର୍ଶ୍ୱସ୍ୱସ୍ତିକ ଏବ ଚ ॥ ୨୧ ॥
ବୃଶ୍ଚିକଶ୍ଚୈବ ସଂପ୍ରୋକ୍ତୋ ଭ୍ରମରଶ୍ଚ ତଥାପରଃ ।
ମତ୍ତସ୍ଖଳିତକଶ୍ଚୈବ ମଦାଦ୍ୱିଲସିତସ୍ତଥା ॥ ୨୨ ॥
ଗତମଣ୍ଡଲଶ୍ଚ ଜ୍ଞେୟଃ ପରିଚ୍ଛିନ୍ନସ୍ତଥୈବ ଚ ।
ପରିବୃତ୍ତରେଚିତଃ ସ୍ୟାତ୍ତଥା ବୈଶାଖରେଚିତଃ ॥ ୨୩ ॥
ପରାବୃତ୍ତୋଽଥ ବିଜ୍ଞେୟସ୍ତଥା ଚୈବାପ୍ୟଲାତକଃ ।
ପାର୍ଶ୍ୱଚ୍ଛେଦୋଽଥ ସଂପ୍ରୋକ୍ତୋ ବିଦ୍ୟୁଦ୍ଭ୍ରାନ୍ତସ୍ତଥୈବ ଚ ॥ ୨୪ ॥
ଉରୂଦ୍ୱୃତ୍ତସ୍ତଥା ଚୈବ ସ୍ୟାଦାଲୀଢ଼ସ୍ତଥୈବ ଚ ।
ରେଚିତଶ୍ଚାପି ବିଜ୍ଞେୟସ୍ତଥୈବାଚ୍ଛୁରିତଃ ସ୍ମୃତଃ । ୨୫ ।
ଆକ୍ଷିପ୍ତରେଚିତଶ୍ଚୈବ ସମ୍ଭ୍ରାନ୍ତଶ୍ଚ ତଥାପରଃ ।
ଅପସର୍ପିତସ୍ତୁ ବିଜ୍ଞେୟସ୍ତଥା ଚାର୍ଦ୍ଧନିକୁଟ୍ଟକଃ ॥ ୨୬ ॥
ଦ୍ୱାତ୍ରିଂଶଦେତେ ସଂପ୍ରୋକ୍ତା ଅଙ୍ଗହାରାସ୍ତୁ ନାମତଃ ।
ଏଷାଂ ଚୈବ ପ୍ରବକ୍ଷ୍ୟାମି ପ୍ରୟୋଗଂ କରଣାଶ୍ରିତମ୍ ॥ ୨୭ ॥
ହସ୍ତପାଦପ୍ରଚାରଶ୍ଚ ଯଥା ଯୋଜ୍ୟଃ ପ୍ରୟୋକ୍ତୃଭିଃ ।
ଅଙ୍ଗହାରେଷୁ ବକ୍ଷ୍ୟାମି ତଥାଽହଂ ଦ୍ୱିଜସତ୍ତମାଃ ॥ ୨୮ ॥
ସର୍ବେଷାମଙ୍ଗହାରାଣାଂ ନିଷ୍ପନ୍ନଃ କରଣୈର୍ୟତଃ ।
ତାନ୍ୟହଂ ସଂପ୍ରବକ୍ଷ୍ୟାମି ନାମତଃ କର୍ମତସ୍ତଥା ॥ ୨୯ ।

ବୃଶ୍ଚିକାପସୃତ, ମତ୍ତାକ୍ରୀଡ, ସ୍ୱସ୍ତିକରେଚିତ, ପାର୍ଶ୍ୱସ୍ୱସ୍ତିକ, ବୃଶ୍ଚିକା ପ୍ରସୃତ ଭ୍ରମର, ମତ୍ତସ୍ଖଳିତକ, ମଦବିଳସିତ, ଗତମଣ୍ଡଳ, ପରିଚ୍ଛିନ୍ନ, ପରିବୃତ୍ତରେଚିତ, ବୈଶାଖରେଚିତ, ପରାବୃତ୍ତ, ଅଲାତକ, ପାର୍ଶ୍ୱଚ୍ଛେଦ, ବିଦ୍ୟୁଦ୍ଭ୍ରାନ୍ତ, ଉରୂଦ୍‌ବୃତ୍ତ, ଆଲୀଢ, ରେଚିତ, ଛୁରିତ, ଆକ୍ଷିପ୍ତରେଚିତ, ସମ୍ଭ୍ରାନ୍ତ, ଅପସିତ (ଅପସର୍ପିତ) ଅର୍ଦ୍ଧନିକୁଟ୍ଟକ । ୧୯-୨୬½ ।

ପ୍ରୟୋକ୍ତାମାନେ ଏମାନଙ୍କର କରଣାଶ୍ରିତ (ହସ୍ତ, ପଦ, କଟି, ପାର୍ଶ୍ୱ ଗ୍ରୀବା ଓ ବକ୍ଷର ନାନାଭଙ୍ଗୀ ସହ ଆନ୍ଦୋଳନ ଦ୍ୱାରା ଯୁକ୍ତ) ପ୍ରୟୋଗ (ବିନିଯୋଗ ବିଧି) କପରି ଅଭିନୟ କରିବେ ତାହା କହୁଅଛୁ । ହେ ବାହ୍ମଣମାନେ ! ପ୍ରୟୋକ୍ତାମାନେ ଅଙ୍ଗହାର (ଅଙ୍ଗମାନଙ୍କର ସ୍ୱସ୍ଥାନ ତ୍ୟାଗପୂର୍ବକ ଅନ୍ୟତ୍ର ପ୍ରାପଣ) ପ୍ରଦର୍ଶନ ବେଳେ ଯେଉଁ ରୀତିରେ ହସ୍ତ ଓ ପାଦ ସ୍ଥାଳନା କରିବେ ତାହା ମୁଁ କହୁଛୁ । ସର୍ବପ୍ରକାର ଅଙ୍ଗହାର କରଣମାନଙ୍କ ସଂଯୋଗରେ ନିଷ୍ପାଦିତ ହୁଏ । କରଣ କହିଲେ

Digitized by srujanika@gmail.com

ହସ୍ତପାଦସମାଯୋଗୋ ନୃତ୍ତସ୍ୟ କରଣଂ ଭବେତ୍ ।
ଦ୍ୱେ ନୃତ୍ତକରଣେ ଚୈବ ଭବତୋ ନୃତ୍ତମାତୃକା ॥ ୩୦ ॥
ଦ୍ୱାଭ୍ୟାଂ ତ୍ରିଭିଶ୍ଚତୁର୍ଭିର୍ବାଽପ୍ୟଙ୍ଗହାରସ୍ତୁ ମାତୃଭିଃ ।
ତ୍ରିଭିଃ କଲାପକଞ୍ଚୈବ ଚତୁର୍ଭିର୍ମଣ୍ଡଳସ୍ତଥା ॥ ୩୧ ॥
ପଞ୍ଚୈବ କରଣାନି ସ୍ୟୁଃ ସଂଘାତକ ଇତି ସ୍ମୃତଃ ।
ଷଡ୍‌ଭିର୍ବା ସପ୍ତଭିର୍ବାପି ଅଷ୍ଟଭିର୍ନବଭିସ୍ତଥା ॥ ୩୨ ॥
କରଣୈରିହ ସଂଯୁକ୍ତା ଅଙ୍ଗହାରା ଇତି ସ୍ମୃତାଃ ।
ଏତେଷାମିହ ବକ୍ଷ୍ୟାମି ହସ୍ତପାଦବିକଳ୍ପନମ୍ ॥ ୩୩ ॥
ତଳପୁଷ୍ପପୁଟଂ ପୂର୍ବଂ ବର୍ତ୍ତିତଂ ବଳିତୋରୁ ଚ ।
ଅପବିଦ୍ଧଂ ସମନଖଂ ଲୀନଂ ସ୍ୱସ୍ତିକରେଚିତମ୍ ॥ ୩୪ ॥
ମଣ୍ଡଳସ୍ୱସ୍ତିକଂ ଚୈବ ନିକୁଟ୍ଟକମଥାପି ଚ ।
ତଥୈବାର୍ଦ୍ଧନିକୁଟ୍ଟଂ ଚ କଟିଚ୍ଛିନ୍ନଂ ତଥୈବ ଚ ॥ ୩୫ ॥
ଅର୍ଦ୍ଧରେଚିତକଂ ଚୈବ ବକ୍ଷଃସ୍ୱସ୍ତିକମେବ ଚ ।
ଉନ୍ମତ୍ତଂ ସ୍ୱସ୍ତିକଂ ଚୈବ ପୃଷ୍ଠସ୍ୱସ୍ତିକମେବ ଚ ॥ ୩୬ ॥
ଦିକ୍‌ସ୍ୱସ୍ତିକମଲାତଂ ଚ ତଥା ଚୈବ କଟୀସମମ୍ ।
ଆକ୍ଷିପ୍ତରେଚିତଂ ଚୈବ ବିକ୍ଷିପ୍ତାକ୍ଷିପ୍ତକଂ ତଥା ॥ ୩୭ ॥

ହାତ ଓ ପାଦଗୁଳକର ସମାଯୋଗକୁ (ଏକକାଳରେ ଉଭୟଙ୍କର, ଗୁଳକାର ଯୋଗକୁ) କୁହାଯାଏ । ଏହି ଉଭୟ ପ୍ରକାର କରଣ ନୃତ୍ତର ମାତୃକା (ଜନନୀ) । ଦୁଇଟି ବା ତିନି ଗୁଡ଼ିଏ ମାତୃକାର ଯୋଗରେ ଅଙ୍ଗହାରମାନେ ଉତ୍ପନ୍ନ ହୁଅନ୍ତି । ତିନି-ଗୋଟି କରଣର ଯୋଗ ଥିଲେ (ନୃତ୍ତକୁ) କଲାପକ, ଚାରିଗୋଟି ଥିଲେ ମଣ୍ଡଳ (ମଣ୍ଡଳ), ପାଞ୍ଚଗୋଟି ଥିଲେ ସଂଘାତକ କହନ୍ତି । ସେହିଁ ଅଙ୍ଗହାର ଗୁଡ଼ିକ ଛଅ, ସାତ, ଆଠ ବା ନଅଟି କରଣର ଯୋଗରେ ନିଷ୍ପନ୍ନ, ଏଠାରେ ସେହି ଅଙ୍ଗହାର-ମାନଙ୍କର ନାମ ଓ ଲକ୍ଷଣ କୁହାଯାଉଛି । ଏହିମାନଙ୍କରେ ହସ୍ତ ଓ ପଦର (ଗୁଳକର) ଭେଦମାନ ଏବେ କହୁଛି । ୨୭-୩୩ ।

ତଳପୁଷ୍ପପୁଟ, ବର୍ତ୍ତିତ, ବଳିତୋରୁ, ଅପବିଦ୍ଧ, ସମନଖ, ଲୀନ, ସ୍ୱସ୍ତିକରେଚିତ, ମଣ୍ଡଳସ୍ୱସ୍ତିକ, ନିକୁଟ୍ଟକ, ଅର୍ଦ୍ଧନିକୁଟ୍ଟକ, କଟିଚ୍ଛିନ୍ନ, ଅର୍ଦ୍ଧରେଚିତକ, ବକ୍ଷଃସ୍ୱସ୍ତିକ, ଉନ୍ମତ୍ତ, ସ୍ୱସ୍ତିକ, ପୃଷ୍ଠସ୍ୱସ୍ତିକ, ଦିକ୍‌ସ୍ୱସ୍ତିକ, ଅଲାତ, କଟୀସମ, ଆକ୍ଷିପ୍ତରେଚିତ, ବିକ୍ଷିପ୍ତାକ୍ଷିପ୍ତକ । ୩୪-୩୭ ।

Digitized by srujanika@gmail.com

ଊର୍ଦ୍ଧ୍ୱସ୍ୱସ୍ତିକମୁଦ୍ଦିଷ୍ଟମଞ୍ଚିତଂ ଚ ତଥାପରମ୍ ।
ଭୁଜଙ୍ଗତ୍ରାସିତଂ ପ୍ରୋକ୍ତମୂର୍ଦ୍ଧ୍ୱଜାନୁ ତଥୈବ ଚ ॥ ୩୮ ॥
ନିକୁଞ୍ଚିତଂ ଚ ମତ୍ତଲ୍ଲି ତ୍ୱର୍ଦ୍ଧମତ୍ତଲ୍ଲି ଚୈବ ହି ।
ସ୍ୟାଦ୍ରେଚିତନିକୁଞ୍ଚଂ ଚ ତଥା ପାଦାପବିଦ୍ଧକମ୍ ॥ ୩୯ ॥
ଘୂର୍ଣ୍ଣିତଂ ଚୈବ ବଳିତଂ ଲଳିତଂ ଚ ତଥାଽପରମ୍ ।
ଦଣ୍ଡପକ୍ଷଂ ତଥା ଚୈବ ଭୁଜଙ୍ଗତ୍ରସ୍ତରେଚିତମ୍ ॥ ୪୦ ॥
ନୂପୁରଂ ଚୈବ ସଂପ୍ରୋକ୍ତଂ ତଥା ବୈଶାଖରେଚିତମ୍ ।
ଭ୍ରମରଂ ଚତୁରଂ ଚୈବ ଭୁଜଙ୍ଗାଞ୍ଚିତମେବ ଚ ॥ ୪୧ ॥
ଦଣ୍ଡରେଚିତକଂ ଚୈବ ତଥା ବୃଶ୍ଚିକକୁଟ୍ଟିତମ୍ ।
କଟିଭ୍ରାନ୍ତଂ ତଥା ଚୈବ ଲତାବୃଶ୍ଚିକମେବ ଚ ॥ ୪୨ ॥
ଛିନ୍ନଂ ଚ କରଣଂ ପ୍ରୋକ୍ତଂ ତଥା ବୃଶ୍ଚିକରେଚିତମ୍ ।
ବୃଶ୍ଚିକଂ ବ୍ୟଂସିତଂ ଚୈବ ତଥା ପାଦନିକୁଟ୍ଟନମ୍ (ପାର୍ଶ୍ୱ) ॥ ୪୩ ॥
ଲଲାଟତିଲକଂ କ୍ରାନ୍ତଂ କୁଞ୍ଚିତଂ ଚକ୍ରମଣ୍ଡଳମ୍ ।
ଉରୋମଣ୍ଡଳମାକ୍ଷିପ୍ତଂ ତଥା ତଳବିଳାସିତମ୍ ॥ ୪୪ ॥
ଅର୍ଗଳଂ ତ୍ୱଥ ବିକ୍ଷିପ୍ତମାବୃତ୍ତଂ ଦୋଳପାଦୁ (ଦ) କମ୍ ।
ବିବୃତ୍ତଂ ବିନିବୃତ୍ତଂ ଚ ପାର୍ଶ୍ୱକ୍ରାନ୍ତଂ ନିଶୁମ୍ଭିତମ୍ ॥ ୪୫ ॥
ବିଦ୍ୟୁଦ୍ଭ୍ରାନ୍ତମତିକ୍ରାନ୍ତଂ ବିବର୍ତ୍ତିତକମେବ ଚ ।
ଗଜକ୍ରୀଡ଼ିତକଂ ଚୈବ ତଳସଂସ୍ଫୋଟିତଂ ତଥା ॥ ୪୬ ।
ଗରୁଡ଼ପ୍ଳୁତକଂ ଚୈବ ଗଣ୍ଡସୂଚୀ ତଥାଽପରମ୍ ।
ପରିବୃତ୍ତଂ ସମୁଦ୍ଦିଷ୍ଟଂ ପାର୍ଶ୍ୱଜାନୁ ତଥୈବ ଚ ॥ ୪୭ ॥

ଊର୍ଦ୍ଧ୍ୱସ୍ୱସ୍ତିକ, ଅଞ୍ଚିତ, ଭୁଜଙ୍ଗତ୍ରାସିତ, ଊର୍ଦ୍ଧ୍ୱଜାନୁ, ନିକୁଞ୍ଚିତ, ମତ୍ତଲ୍ଲି, ଅର୍ଦ୍ଧମତ୍ତଲ୍ଲି, ରେଚିତନିକୁଞ୍ଚ, ପାଦାପବିଦ୍ଧକ, ଘୂର୍ଣ୍ଣିତ, ବଳିତ, ଲଳିତ, ଦଣ୍ଡପକ୍ଷ, ଭୁଜଙ୍ଗତ୍ରସ୍ତରେଚିତ, ନୂପୁର, ବୈଶାଖରେଚିତ, ଭ୍ରମର, ଚତୁର, ଭୁଜଙ୍ଗାଞ୍ଚିତ । ୩୮-୪୧ ।

ଦଣ୍ଡରେଚିତକ, ବୃଶ୍ଚିକକୁଟ୍ଟିତ, କଟିଭ୍ରାନ୍ତ, ଲତାବୃଶ୍ଚିକ, ଛିନ୍ନ, ବୃଶ୍ଚିକରେଚିତ, ବୃଶ୍ଚିକ, ବ୍ୟଂସିତ, ପାଦନିକୁଟ୍ଟନ, ଲଲାଟତିଲକ, କ୍ରାନ୍ତ, କୁଞ୍ଚିତ, ଚକ୍ରମଣ୍ଡଳ, ଉରୋମଣ୍ଡଳ, ଆକ୍ଷିପ୍ତ ତଳବିଳାସିତ । ୪୨-୪୪ ।

ଅର୍ଗଳ, ବିକ୍ଷିପ୍ତ, ଆବୃତ୍ତ, ଦୋଳପାଦୁକ, ବିବୃତ୍ତ, ବିନିବୃତ୍ତ ପାର୍ଶ୍ୱକ୍ରାନ୍ତ, ନିଶୁମ୍ଭିତ, ବିଦ୍ୟୁଦ୍ଭ୍ରାନ୍ତ, ଅତିକ୍ରାନ୍ତ, ବିବର୍ତ୍ତିତକ, ଗଜକ୍ରୀଡ଼ିତକ, ତଳସଂସ୍ଫୋଟିତ,

Digitized by srujanika@gmail.com

ଗୃଧ୍ରା (ଧ୍ରା) ବଲୀନକଂ ଚୈବଂ ସନ୍ନତଂ ସୂଚ୍ୟଥାପି ଚ ।
ଅର୍ଦ୍ଧସୂଚୀତି କରଣଂ ସୂଚୀବିଦ୍ଧଂ ତଥୈବ ଚ ॥ ୪୮ ॥
ଅପକ୍ରାନ୍ତଂ ଚ ସଂପ୍ରୋକ୍ତଂ ମୟୂରଲଳିତଂ ତଥା ।
ସର୍ପିତଂ ଦଣ୍ଡପାଦଂ ଚ ହରିଣପ୍ଳୁତମେବ ଚ ॥ ୪୯ ॥
ପ୍ରେଙ୍ଖୋଳିତଂ ନିତମ୍ବଂ ଚ ସ୍ଖଳିତଂ କରିହସ୍ତକମ୍ ।
ପ୍ରସର୍ପିତକମୁଦ୍ଦିଷ୍ଟଂ ସିଂହବିକ୍ରୀଡିତଂ ତଥା ॥ ୫୦ ॥
ସିଂହାକର୍ଷିତମୁଦ୍‌ବୃତ୍ତଂ ତଥୋପସୃତମେବ ଚ ।
ତଳସଂଘଟ୍ଟିତଂ ଚୈବ ଜନିତଂ ଚାବହିତ୍ଥକମ୍ ॥ ୫୧ ॥
ନିବେଶମେଳକାକ୍ରୀଡମୂରୂଦ୍‌ବୃତ୍ତଂ ତଥୈବ ଚ ।
ମଦସ୍ଖଳିତକଂ ଚୈବ ବିଷ୍ଣୁକ୍ରାନ୍ତମଥାପି ଚ ॥ ୫୨ ॥
ସମ୍ଭ୍ରାନ୍ତମଥ ବିଷ୍କମ୍ଭମୁଦ୍‌ଘଟ୍ଟିତମଥାପି ଚ ।
ବୃଷଭକ୍ରୀଡିତଂ ଚୈବ ଲୋଳିତଂ ଚ ତଥାଽପରମ୍ ।
ନାଗାପସର୍ପିତଂ ଚୈବ ଶକଟାସ୍ୟଂ ତଥୈବ ଚ ॥ ୫୩ ॥
ଗଙ୍ଗାବତରଣଂ ଚୈବେତ୍ୟୁକ୍ତମଷ୍ଟାଧିକଂ ଶତମ୍ ।
ଅଷ୍ଟୋତ୍ତରଶତଂ ହ୍ୟେତତ୍ କରଣାନାଂ ମୟୋଦିତମ୍ ॥ ୫୪ ॥
ନୃତ୍ତେ ଯୁଦ୍ଧେ ନିଯୁଦ୍ଧେ ଚ ତଥା ଗତିପରିକ୍ରମେ ।
ଗତିପ୍ରଚାରେ ବକ୍ଷ୍ୟାମି ଯୁଦ୍ଧଚାରୀ ବିକଳ୍ପକମ୍ ॥ ୫୫ ॥
ଯାନ ସ୍ଥାନାପି ସଂଯୋଜ୍ୟମାପ୍ତୈର୍ଯୈର୍ନାଟ୍ୟୋକ୍ତୈଃ ।
ପ୍ରାୟେଣ କରଣେ କାର୍ଯ୍ୟୋ ବାମୋ ବକ୍ଷଃସ୍ଥିତଃ କରଃ ॥ ୫୬ ॥

ଗରୁଡପ୍ଳୁତକ, ଗଣ୍ଡସୂଚୀ, ପରିବୃତ୍ତ, ପାର୍ଶ୍ୱଜାନୁ, ଗୃଧ୍ରାବଲୀନ, ସନ୍ନତ, ସୂଚୀ, ଅର୍ଦ୍ଧସୂଚୀ, ସୂଚୀବିଦ୍ଧ, ଅପକ୍ରାନ୍ତ, ମୟୂରଲଳିତ, ସର୍ପିତ, ଦଣ୍ଡପାଦ, ହରିଣପ୍ଳୁତ । ୪୭-୪୯ ।

ପ୍ରେଙ୍ଖୋଳିତ, ନିତମ୍ବ, ସ୍ଖଳିତ, କରିହସ୍ତକ, ପ୍ରସର୍ପିତକ, ସିଂହବିକ୍ରୀଡିତ, ସିଂହାକର୍ଷିତ, (ସିଂହକର୍ଷିତ) ଉଦ୍‌ବୃତ୍ତ, ଉପସୃତ, ତଳସଂଘଟ୍ଟିତ, ଜନିତ, ଅବହିତ୍ଥକ, ନିବେଶ, ମେଳକାକ୍ରୀଡା, ଊରୁଦ୍‌ବୃତ୍ତ ମଦସ୍ଖଳିତକ, ବିଷ୍ଣୁକ୍ରାନ୍ତ, ସମ୍ଭ୍ରାନ୍ତ, ବିଷ୍କମ୍ଭ, ଉଦ୍‌ଘଟ୍ଟିତ ବୃଷଭକ୍ରୀଡିତ, ଲୋଳିତ, ନାଗାପସର୍ପିତ, ଶକଟାସ୍ୟ, ଗଙ୍ଗାବତରଣ, ଏହି ଶହେ ଆଠ ପ୍ରକାର । ୫୦-୫୪ ।

ନୃତ୍ୟରେ ଶସ୍ତ୍ରାଦିଯୁକ୍ତ ନିଯୁଦ୍ଧ, (ବାହୁଯୁଦ୍ଧ) ଗତିଶେଷ (କ୍ରୀଡ଼ା-ବିହାର), ଗତିପ୍ରଚାର, (ପାଦଗତିଭଙ୍ଗୀ) ପ୍ରଭୃତିରେ ଯୁଦ୍ଧଚାରୀର ପ୍ରକାରଭେଦ ପରେ କହିବି । ନାଟ୍ୟାଚାର୍ଯ୍ୟମାନେ ଉପଯୋଗିତା ଦୃଷ୍ଟିରୁ ନାଟ୍ୟରେ ଏମାନଙ୍କୁ କରିବେ । ପ୍ରାୟ ସମସ୍ତ କରଣରେ ବାମ ହାତକୁ ବକ୍ଷୋଦେଶରେ ସ୍ଥାପିତ କରାଯାଇ-

Digitized by srujanika@gmail.com

ଚରଣସ୍ୟାନୁଗଶ୍ଚାପି ଦକ୍ଷିଣସ୍ତୁ ଭବେତ୍କରଃ ।
ହସ୍ତପାଦପ୍ରଚାରଂ ତୁ କଟିପାର୍ଶ୍ୱୋରୁସଂଯୁତମ୍ ॥ ୫୭ ॥
ଉରଃ ପୃଷ୍ଠୋଦରୋପେତଂ ବକ୍ଷ୍ୟମାଣଂ ନିବୋଧତ ।
ଯାନି ସ୍ଥାନାନି ଯାଶ୍ଚାର୍ଯ୍ୟୋ ନୃତ୍ତହସ୍ତାସ୍ତଥୈବ ଚ ॥ ୫୮ ॥
ସା ମାତୃକେତି ବିଜ୍ଞେୟା ତଦ୍ୟୋଗାତ୍କରଣଂ ଭବେତ୍
କଟେରୀ କର୍ଣ୍ଣସମୌ ଯତ୍ର କୃର୍ପରାଂଶଶିରସ୍ତଥା (କୂର୍ପରାଂସ) ॥ ୫୯ ॥
ସମୁନ୍ନତମୁଖଂ ଚୈବ ସୌଷ୍ଠବଂ ନାମ ତଦ୍ଭବେତ୍ ।
ବାମେ ପୁଷ୍ପପୁଟଂ ପାର୍ଶ୍ୱେ ପାଦୋଽଗ୍ରତଲସଞ୍ଚରଃ ॥ ୬୦ ॥
ତଥା ଚ ସନ୍ନତଂ ପାର୍ଶ୍ୱଂ ତଲପୁଷ୍ପପୁଟଂ ଭବେତ୍ ।
କୁଞ୍ଚିତୌ ମଣିବନ୍ଧେ ତୁ ବ୍ୟାବୃତ୍ତପରିବର୍ତ୍ତିତୌ ॥ ୬୧ ॥
ହସ୍ତୌ ନିପତିତୌ ଚୋର୍ବୋ ବର୍ତ୍ତିତଂ କରଣଂ ତୁ ତତ୍ ।
ଶୁକତୁଣ୍ଡୌ ଯଦା ହସ୍ତୌ ବ୍ୟାବୃତ୍ତପରିବର୍ତ୍ତିତୌ ॥ ୬୨ ॥

ଥାଏ । ତାହାହେତୁ ସବୁବେଳେ ପାଦର ଅନୁଗାମୀ ହୋଇଥାଏ । ନୃତ୍ୟରେ ହସ୍ତ, ପାଦ, କଟି, ପାର୍ଶ୍ୱ, ଉରୁ (ଆଣ୍ଠୁର ଉପର ଅଂଶ) ପିଠି, ଉଦର ପ୍ରଭୃତିର ସ୍ଥାପନା କପରି କରାଯାଏ ତାହା ଏବେ ଶୁଣ । ୫୭½ ।

ସ୍ଥାନ (ଗତି) ସମୂହ, ସ୍ଥାନ ଠିଆହୋଇ ରହିବାରେ ଭିନ୍ନ ଭିନ୍ନ ପ୍ରକାର ଭଙ୍ଗୀ ଏବଂ ନୃତ୍ୟକାଳୀନ ହସ୍ତ (ଚାଳନ) ଏଗୁଡ଼ିକର ନାମ 'ମାତୃକା' । ଏମାନେ ଏକତ୍ର ସଂଯୁକ୍ତ ହେଲେ ତାହାର ନାମ 'କରଣ' । କଟି, କରଦ୍ୱୟ, କନ୍ଧୁଣୀ, ମସ୍ତକ, ଏଗୁଡ଼ିକ, ସମାନଭାବେ ଅବସ୍ଥିତ ଥିଲେ ଏବଂ ମୁଖ ସମୁନ୍ନତ ହେଲେ ତାହାର ନାମ ସୌଷ୍ଠବ । ୫୮-୫୯½ ।

୧ । ତଳପୁଷ୍ପପୁଟ—ବାମପାର୍ଶ୍ୱରେ ପୁଷ୍ପପୁଟ (ଆଙ୍ଗୁଠି ଗୁଡ଼ିକ ପରସ୍ପର ସଂଶ୍ଲିଷ୍ଟ କରି ସାପଫଣାପରି ହାତ କରିବା) ଦେଖାଇ ପାର୍ଶ୍ୱକୁ ଅବନତ କରି ପାଦର ଅଗ୍ରଭାଗରେ ସଞ୍ଚର (ଗତି) କଲେ, ତାହାର ନାମ ତଳପୁଷ୍ପପୁଟ । ୬୦½ ।

୨ । ବର୍ତ୍ତିତ—ମଣିବନ୍ଧ ଦେଶରେ ଦୁଇହସ୍ତକୁ କୁଞ୍ଚିତକରି ତାହାର ବିବର୍ତ୍ତନ (ବୁଲାଇବା) ପରିବର୍ତ୍ତନ (ଓଲଟାଇବା) କରିବା ଓ ଦୁଇ ଉରୁଦେଶରେ ଦୁହିଁଙ୍କୁ ସ୍ଥାପନ କଲେ ତାହାର ନାମ ବର୍ତ୍ତିତ କରଣ ହୁଏ । ୬୧½ ।

୩ । ବଳିତୋରୁ—ହାତ ଦୁଇଟିକୁ ଶୁକତୁଣ୍ଡ (ଅନାମିକା ଓ ତର୍ଜନୀ ବକ୍ର, ବୃଦ୍ଧାଙ୍ଗୁଳି ତର୍ଜନୀ ମୂଳଗତ, ଅନ୍ୟ ଅଙ୍ଗୁଳି ସଳଖ କରି) ଉରୁକୁ ବଳିତ କଲେ, ତାହାର ନାମ ବଳିତୋରୁ ହୁଏ । ୬୨½ ।

Digitized by srujanika@gmail.com

ଉରୂ ଚ ବଳିତୌ ଯସ୍ମିନ୍ ବକ୍ଷୋତ୍ତାନ୍ତକମୁଚ୍ୟତେ ।
ଆବର୍ତ୍ତ୍ୟ ଶୁକତୁଣ୍ଡାଖ୍ୟମୂରୁପୃଷ୍ଠେ ନିପାତୟେତ୍ ॥ ୬୩ ॥
ବାମହସ୍ତସ୍ତୁ ବକ୍ଷଃସ୍ଥୋ ହ୍ୟପବିଦ୍ଧଂ ତୁ ତଦ୍ଭବେତ୍ ।
ଶ୍ଳିଷ୍ଟୌ ସମନଖୌ ପାଦୌ କରୌ ଚାପି ପ୍ରଲମ୍ବିତୌ ॥ ୬୪ ॥
ଦେହଃ ସ୍ୱାଭାବିକୋ ଯତ୍ର ଭବେତ୍ ସମନଖଂ ତୁ ତତ୍ ।
ପତାକାଞ୍ଜଳି ବକ୍ଷଃସ୍ଥଂ ପ୍ରସାରିତଶିରୋଧରମ୍ ॥ ୬୫ ॥
ନିକୁଞ୍ଚିତାଂସକୂଟଂ ଚ ତଲ୍ଲୀନଂ କରଣଂ ସ୍ମୃତମ୍ ।
ସ୍ୱସ୍ତିକୌ ରେଚିତାବିଦ୍ଧୌ ବିଶ୍ଳିଷ୍ଟୌ କଟିସଂଶ୍ରିତୌ ॥ ୬୬ ।
ଯତ୍ର ତତ୍ କରଣଂ ଜ୍ଞେୟଂ ବୁଧୈଃ ସ୍ୱସ୍ତିକରେଚିତମ୍ ।
ସ୍ୱସ୍ତିକୌ ତୁ କରୌ କୃତ୍ୱା ପ୍ରାଙ୍ମୁଖୋର୍ଦ୍ଧ୍ୱତଲୌ ସମୌ ॥ ୬୭ ॥
ତଥା ଚ ମଣ୍ଡଳଂ ସ୍ଥାନଂ ମଣ୍ଡଳସ୍ୱସ୍ତିକଂ ଚ ତତ୍ ।

---

୪ । ଅପବିଦ୍ଧ – ବାମହସ୍ତକୁ ବକ୍ଷଦେଶରେ ସ୍ଥାପନକରି ଶୁକତୁଣ୍ଡାକୃତି ଦକ୍ଷିଣହସ୍ତକୁ ଆବର୍ତ୍ତିତ କଲେ (ଘୂରାଇଲେ) ତାହାର ନାମ ଅପବିଦ୍ଧ । (ଶୁକତୁଣ୍ଡ ଅନାମିକା ଓ ତର୍ଜନୀ ବକ୍ର, କନିଷ୍ଠା ଓ ମଧ୍ୟମା ପ୍ରସାରିତ, ବୃଦ୍ଧାଙ୍ଗୁଳି ଆକୁଂଚିତ ହୋଇ ତର୍ଜନୀମୂଳ ସଲଗ୍ନ) । ୬୩½ ।

୫ । ସମନଖ—ଦୁଇଗୋଡ଼ର ନଖଗୁଡ଼ିକ ସମରେଖାରେ ରହିବା ଭଳି ଯୋଡ଼ିରଖି ହାତ ଦୁଇଟିକୁ ଓହଳାଇ ଶରୀରକୁ ସ୍ୱାଭାବିକ ଅବସ୍ଥାରେ ରଖିଲେ ତାହାର ନାମ ସମନଖ ହୁଏ । ୬୪½ ।

୬ । ଲୀନ—ପତାକାକୃତି ହସ୍ତ ଦୁଇଟିର ସଂଯୋଗପୂର୍ବକ ଅଞ୍ଜଳି ରଚନାକରି ବକ୍ଷୋଦେଶରେ ସ୍ଥାପନ କରିବା ଏବଂ ଗ୍ରୀବାକୁ ପ୍ରସାରିତ କରି କାନ୍ଧ ଦୁଇଟିକୁ ସଂକୁଚିତ କରିବାର ନାମ ଲୀନ କରଣ । (ପତାକାରେ, କୁଞ୍ଚିତ ବୃଦ୍ଧାଙ୍ଗୁଳି ତର୍ଜନୀ ମୂଳଲଗ୍ନ ଓ ଅନ୍ୟ ଅଙ୍ଗୁଳି ଗୁଡ଼ିକ ପରସ୍ପର ସଂଲଗ୍ନ ତଥା ପ୍ରସାରିତ ହୋଇଥାଏ) । ୬୫½ ।

୭ । ସ୍ୱସ୍ତିକରେଚିତ—ରେଚିତ ଓ ଆବିଦ୍ଧ ହସ୍ତଦ୍ୱୟରେ 'ସ୍ୱସ୍ତିକ' ରଚନାକରି, ପୁଣି ଦୁହିଁଙ୍କୁ ପୃଥକ୍ କରି କଟିଦେଶରେ ସ୍ଥାପନ କଲେ ତାହାର ନାମ ସ୍ୱସ୍ତି-କରେଚିତ ହୁଏ । ୬୬½ ।

୮ । ମଣ୍ଡଳସ୍ୱସ୍ତିକ—ମଣ୍ଡଳ ନାମକ ସ୍ଥାନକୁ (ଠିଆହେବା ଭଙ୍ଗୀ) ଅବଲମ୍ବନ ପୂର୍ବକ ଅବସ୍ଥିତ ହୋଇ, କରତଳ ଦୁଇଟିକୁ ସମାନଭାବରେ ଚିତ୍‌କରି, ତଦ୍ୱାରା

Digitized by srujanika@gmail.com

ନିକୁଞ୍ଚିତୌ ଯଦା ହସ୍ତୌ ସ୍ୱବାହୁଶିରସୋଽନ୍ତରେ ॥ ୫୮ ॥
ପାଦୌ ନିକୁଟ୍ଟିତୌ ଚୈବ ଜ୍ଞେୟଂ ତତ୍ତୁ ନିକୁଟ୍ଟକମ୍ ।
ଅଞ୍ଚିତୌ ବାହୁଶିରସୀ ହସ୍ତସ୍ତ୍ୱଭିମୁଖାଙ୍ଗୁଳିଃ ॥ ୫୯ ॥
ନିକୁଞ୍ଚିତାର୍ଦ୍ଧଯୋଗେନ ଜ୍ଞେୟମର୍ଦ୍ଧନିକୁଟ୍ଟକମ୍ ।
ପର୍ଯ୍ୟାୟଶଃ କଟିଶ୍ଛିନ୍ନା ବାହ୍ୱୋଃ ଶିରସି ପଲ୍ଲବୌ ॥ ୬୦ ॥
ପୁନଃ ପୁନଶ୍ଚ କରଣଂ କଟିଚ୍ଛିନ୍ନଂ ତୁ ତଦ୍ଭବେତ୍ ।
ଅପବିଦ୍ଧଃ କରଃ ସୂଚ୍ୟା ପାଦଶ୍ଚୈବ ନିକୁଟ୍ଟିତଃ ॥ ୬୧ ॥
ସନ୍ନତଂ ଯତ୍ର ପାର୍ଶ୍ୱଂ ଚ ତଦ୍ଭବେଦର୍ଦ୍ଧରେଚିତମ୍ ।
ସ୍ୱସ୍ତିକୌ ଚରଣୌ ଯତ୍ର କରୌ ବକ୍ଷସି ରେଚିତୌ ॥ ୬୨ ॥
ନିକୁଞ୍ଚିତଂ ତଥା ବକ୍ଷୋ ବକ୍ଷଃସ୍ୱସ୍ତିକମେବ ତତ୍ ।

ସ୍ୱସ୍ତିକ ରଚନା କଲେ ତାହାର ନାମ 'ମଣ୍ଡଳସ୍ୱସ୍ତିକ' ହୁଏ । ୫୭½ ।

୯ । ନିକୁଟ୍ଟକ—ନିଜ ମସ୍ତକ ଓ ବାହୁର ମଧ୍ୟଭାଗରେ ହସ୍ତଦ୍ୱୟ ନିକୁଞ୍ଚିତ (ଉପରକୁ ତଳକୁ ବାରମ୍ବାର ଚାଳିତ) ହେଲେ ଏବଂ ପାଦଦ୍ୱୟ ମଧ୍ୟ ସେହିପରି ଚାଳିତ ହେଲେ ତାହାକୁ ନିକୁଟ୍ଟକ କହନ୍ତି । ବାମହସ୍ତ ଦକ୍ଷିଣ ପାଖରେ ଓ ଦକ୍ଷିଣହସ୍ତ ବାମପାଖରେ ନିକୁଟ୍ଟିତ ହେବ । ୫୮½ ।

୧୦ । ଅର୍ଦ୍ଧନିକୁଟ୍ଟକ- ହସ୍ତର ଅଙ୍ଗୁଳି ଗୁଡ଼ିକ ନିଜଆଡ଼କୁ କରି, ବାହୁ ଓ ମସ୍ତକକୁ 'ଅଞ୍ଚିତ' କରିବା ସଙ୍ଗେ ସଙ୍ଗେ ପାଦଦ୍ୱୟକୁ ନିକୁଟ୍ଟିତ କରିବାର ନାମ 'ଅର୍ଦ୍ଧ ନିକୁଟ୍ଟକ । (ଶାର୍ଙ୍ଗଦେବଙ୍କ ମତରେ ପୃଥକ୍ ଲକ୍ଷଣ) । ୫୯½ ।

୧୧ । କଟିଚ୍ଛିନ୍ନ—ପର୍ଯ୍ୟାୟକ୍ରମେ କଟିଦେଶକୁ 'ଛିନ୍ନ' ଆକାରରେ ଚାଳିତ କରି, 'ପଲ୍ଲବ' ହସ୍ତଦ୍ୱୟ ମସ୍ତକରେ ବାରମ୍ବାର ସ୍ଥାପନ କରିବାର ନାମ କଟିଚ୍ଛିନ୍ନ । ୬୦½ ।

୧୨ । ଅର୍ଦ୍ଧରେଚିତ— ପାର୍ଶ୍ୱଦେଶକୁ ନତାକାରକରି, ହସ୍ତରେ ଅପବିଦ୍ଧଭଙ୍ଗୀ ଅବଲମ୍ବନକରି 'ସୂଚୀ' ପାଦକୁ ନିକୁଟ୍ଟିତ କରିବାର ନାମ ଅର୍ଦ୍ଧରେଚିତ । ୬୧½ ।

୧୩ । ବକ୍ଷଃସ୍ୱସ୍ତିକ—ପାଦଦ୍ୱୟ ସ୍ୱସ୍ତିକଭଙ୍ଗୀ ବିଶିଷ୍ଟ, 'ରେଚିତ' ହସ୍ତ ବକ୍ଷୋଦେଶରେ ସ୍ଥାପିତ ଓ ବକ୍ଷଃ ନିକୁଞ୍ଚିତ ହେଲେ ତାହାର ନାମ ବକ୍ଷଃ-

Digitized by srujanika@gmail.com

ଅଞ୍ଚିତେନ ତୁ ପାଦେନ ରେଚିତୌ ତୁ କରୌ ଯଦା ॥ ୭୩ ॥
ଜନିତଂ କରଣଂ ତତ୍ତୁ ବିଜ୍ଞେୟଂ ନୃତ୍ୟକୋବିଦୈଃ
ହସ୍ତାଭ୍ୟାମଥ ପାଦାଭ୍ୟାଂ ଭବତଃ ସ୍ୱସ୍ତିକୌ ଯଦା ॥ ୭୪ ॥
ତତ୍ ସ୍ୱସ୍ତିକମିତି ପ୍ରୋକ୍ତଂ କରଣଂ କରଣାର୍ଥିଭିଃ ।
ବିକ୍ଷିପ୍ତାକ୍ଷିପ୍ତବାହୁଭ୍ୟାଂ ସ୍ୱସ୍ତିକୌ ଚରଣୌ ଯଦା ॥ ୭୫ ॥
ଅପକ୍ରାନ୍ତାର୍ଦ୍ଧସୂଚିଭ୍ୟାଂ ତତ୍ ପୃଷ୍ଠସ୍ୱସ୍ତିକଂ ଭବେତ୍ ।
ପାଦୟୋରଗ୍ରତଶ୍ଚୈବ ସଂଶ୍ଳିଷ୍ଟଃ କୃତୋ ଭବେତ୍ ॥ ୭୬ ॥
ସ୍ୱସ୍ତିକଂ ହସ୍ତପାଦାଭ୍ୟାଂ ତଦ୍ଦିକ୍ସ୍ୱସ୍ତିକମୁଚ୍ୟତେ ।
ଅଲାତଂ ଚରଣଂ କୃତ୍ୱା ବ୍ୟଂସଦ୍ୱେଦକ୍ଷିଣଂ କରମ୍ । ॥ ୭୭ ॥
ଊର୍ଦ୍ଧ୍ୱଜାନୁକ୍ରମଂ କୁର୍ଯାଦଳାତକମିତି ସ୍ମୃତମ୍ ।
ସ୍ୱସ୍ତିକାପସୃତଃ ପାଦଃ କରୌ ନାଭିକଟିସ୍ଥିତୌ ॥ ୭୮ ॥
ପାର୍ଶ୍ୱମୁଦ୍ବାହିତଂ ଚୈବ କରଣଂ ତତ୍କଟୀସମମ୍ ।

ସ୍ୱସ୍ତିକ । ୭୨½ ।

୧୪ । ଜନିତ—ପାଦ ଅଞ୍ଚିତ ହେବା ସଙ୍ଗେ ସଙ୍ଗେ ହସ୍ତ ରେଚିତ ହେଲେ ତାହାର ନାମ ଜନିତ । ୭୩½ ।

୧୫ । ସ୍ୱସ୍ତିକ—ହସ୍ତଯୁଗଳ ଓ ପାଦଯୁଗଳ ଦ୍ୱାରା ସ୍ୱସ୍ତିକ କରାଗଲେ ତାହାର ନାମ ସ୍ୱସ୍ତିକ । ୭୪½ ।

୧୬ । ପୃଷ୍ଠସ୍ୱସ୍ତିକ—ବାହୁଦ୍ୱୟକୁ ବିକ୍ଷିପ୍ତ ଓ ଆକ୍ଷିପ୍ତ (ଊର୍ଦ୍ଧ୍ୱ ଓ ଅର୍ଦ୍ଧ କ୍ରମରେ କ୍ଷିପ୍ତ) କରି ପାଦଦ୍ୱୟରେ ସ୍ୱସ୍ତିକ ମୁଦ୍ରା ଧାରଣ ପୂର୍ବକ ଅପକ୍ରାନ୍ତ ଓ ଅର୍ଦ୍ଧସୂଚୀ ବୃତ୍ତି ଅବଲମ୍ବନ କଲେ ତାହାର ନାମ ପୃଷ୍ଠସ୍ୱସ୍ତିକ । ୭୫½ ।

୧୭ । ଦିକ୍ସ୍ୱସ୍ତିକ—ଯେଉଁଥିରେ ଦୁଇପାର୍ଶ୍ୱଦେଶରେ ଅଥବା ଅଗ୍ରଭାଗରେ କରଦ୍ୱୟକୁ (ଶ୍ଳିଷ୍ଟ) ସଂଯୁକ୍ତ କରାଯାଏ, ଅଥବା ହସ୍ତଦ୍ୱୟ ଓ ପାଦଦ୍ୱୟରେ ସ୍ୱସ୍ତିକ ମୁଦ୍ରା ଧାରଣ କରାଯାଏ, ତାହାର ନାମ ଦିକ୍ସ୍ୱସ୍ତିକ । ୭୬½ ।

୧୮ । ଅଲାତ—ପାଦରେ ଅଲାତବୃତ୍ତି ଅବଲମ୍ବନ କରି ଦକ୍ଷିଣ ହସ୍ତକୁ ଅଧଃକ୍ଷିପ୍ତ କରି ଊର୍ଦ୍ଧ୍ୱଜାନୁକର୍ମବୃତ୍ତି ଅବଲମ୍ବନ କଲେ ତାହାର ନାମ ଅଲାତ । ୭୭½ ।

୧୯ । କଟୀସମ—ସ୍ୱସ୍ତିକ କଲାପରେ ପାଦକୁ ଅପସାରିତ କରି (ଘୁଞ୍ଚାଇଦେଇ) ଗୋଟିଏ ହାତକୁ ନାଭି ଉପରେ ଓ ଅପରଟିକୁ କଟିଦେଶରେ ସ୍ଥାପନ

Digitized by srujanika@gmail.com

ହୃଦୟସ୍ଥୋ ଭବେଦ୍‌ବାମଃ ସବ୍ୟଶ୍ଚାକ୍ଷିପ୍ତରେଚିତଃ ॥ ୭୯ ।
ରେଚିତଶ୍ଚାପବିଦ୍ଧଶ୍ଚ ତତ୍‌ସ୍ୟାଦାକ୍ଷିପ୍ତରେଚିତମ୍ ।
ଉତ୍କ୍ଷିପ୍ତଂ ହସ୍ତପାଦଂ ତୁ ତସ୍ୟୈବାକ୍ଷେପଣଂ ପୁନଃ ॥ ୮୦ ॥
ଯତ୍ର ତଲ୍ଲକ୍ଷଣଂ ଜ୍ଞେୟଂ ବିକ୍ଷିପ୍ତାକ୍ଷିପ୍ତକଂ ଦ୍ୱିଜାଃ ।
ସ୍ୱସ୍ତିକୌ ଚରଣୌ କୃତ୍ୱା କରିହସ୍ତଂ ଚ ଦକ୍ଷିଣମ୍ ॥ ୮୧ ॥
ଉରଃସ୍ଥାନେ ତଥା ବାମମର୍ଦ୍ଧସ୍ୱସ୍ତିକମାଦିଶେତ୍ ।
ବ୍ୟାବୃତ୍ତପରିବୃତ୍ତସ୍ତୁ ସ ଏବ ତୁ କରୋ ଯଦା ॥ ୮୨ ॥
ଅଞ୍ଚିତୋ ନାସିକାଗ୍ରେ ତୁ ତଦଞ୍ଚିତମୁଦାହୃତମ୍ ।
କୁଞ୍ଚିତଂ ପାଦମୁତ୍କ୍ଷିପ୍ୟ ତ୍ର୍ୟସ୍ରମୂରୁ ବିବର୍ତ୍ତୟେତ୍ ॥ ୮୩ ॥
କଟିଜାନୁ ବିବର୍ତ୍ତୌ ଚ ଭୁଜଙ୍ଗତ୍ରାସିତଂ ଭବେତ୍ ।
କୁଞ୍ଚିତଂ ପାଦମୁତ୍କ୍ଷିପ୍ୟ ଜାନୁସ୍ତନସମଂ ନ୍ୟସେତ୍ ॥ ୮୪ ॥
ପ୍ରୟୋଗବଶଗୌ ହସ୍ତାବୂର୍ଦ୍ଧ୍ୱଜାନୁ ପ୍ରକୀର୍ତ୍ତିତମ୍ ।

କରି ପାର୍ଶ୍ୱକୁ 'ଉଦ୍‌ବାହିତ' କଲେ ତାହାର ନାମ କଟୀସମ କରଣ । ୭୮½ ।

୧୦ । ଆକ୍ଷିପ୍ତରେଚିତ – ବାମହସ୍ତ ହୃଦୟପ୍ରଦେଶରେ ସ୍ଥାପିତ ଓ ଦକ୍ଷିଣହସ୍ତ 'ରେଚିତ' ମୁଦ୍ରାବିଶିଷ୍ଟ ହୋଇ ଉର୍ଦ୍ଧ୍ୱକୁ କ୍ଷିପ୍ତ (ଉତ୍କ୍ଷେପିତ) ଏବଂ ପାର୍ଶ୍ୱକୁ ପ୍ରସାରିତ ହୋଇ ତତ୍ପରେ 'ଅପବିଦ୍ଧ' ଭାବରେ ପୁଣି ରେଚିତ ହେଲେ ତାହାର ନାମ ଆକ୍ଷିପ୍ତରେଚିତ । ୭୯½ ।

୧୧ । ବିକ୍ଷିପ୍ତାକ୍ଷିପ୍ତକ – ଉତ୍କ୍ଷିପ୍ତ ହସ୍ତ ଓ ପାଦ ପୁଣି ଆକ୍ଷିପ୍ତ (ଉତ୍କ୍ଷେପିତ ଓ ଅଧଃପାତିତ) ହେଲେ ତାହାର ନାମ ଆକ୍ଷିପ୍ତରେଚିତ । ୮୦½ ।

୧୨ । ଅର୍ଦ୍ଧସ୍ୱସ୍ତିକ—ପାଦଦ୍ୱୟରେ 'ସ୍ୱସ୍ତିକ' ଭଙ୍ଗୀ ଅବଲମ୍ବନ କରି ଦକ୍ଷିଣ ହସ୍ତରେ 'କରିହସ୍ତ' ମୁଦ୍ରା ପ୍ରଦର୍ଶନ କରି ବାମହସ୍ତକୁ ବକ୍ଷୋଦେଶରେ ସ୍ଥାପନ କଲେ ତାହା, ଅର୍ଦ୍ଧସ୍ୱସ୍ତିକ ବୋଲାଏ । ୮୧½ ।

୧୩ । ଅଞ୍ଚିତ – 'କରିହସ୍ତ' ବ୍ୟାବର୍ତ୍ତିତ ଓ ପରିବର୍ତ୍ତିତ ଭାବରେ ଚାଳିତ ହୋଇ ନାସିକାର ଅଗ୍ରଭାଗରେ ମିଳିତ ହେଲେ ତାହାକୁ ଅଞ୍ଚିତ କରଣ କହନ୍ତି । ୮୨½ ।

୧୪ । ଭୁଜଙ୍ଗତ୍ରାସିତ – କୁଞ୍ଚିତ ପାଦକୁ ଉପରକୁ ଟେକି 'ତ୍ର୍ୟସ୍ର' ଆକୃତିବିଶିଷ୍ଟ ଉରୁଦେଶକୁ ବିବର୍ତ୍ତିତ କରିବ । ତତ୍ପରେ କଟି ଓ ଜାନୁକୁ ବିବର୍ତ୍ତିତ କଲେ ତାହାର ନାମ 'ଭୁଜଙ୍ଗତ୍ରାସିତ' କରଣ । ୮୩½ ।

୧୫ । ଊର୍ଦ୍ଧ୍ୱଜାନୁ – କୁଞ୍ଚିତ ପାଦକୁ ଉପରକୁ ଟେକି, ଜାନୁକୁ ସ୍ତନ ସଳଖରେ ପ୍ରସାରିତ କରିବ । ନୃତ୍ୟର ଅନୁଗାମୀ ହୋଇ ହସ୍ତଦ୍ୱୟ ଚାଳିତ ହେବେ ।

Digitized by srujanika@gmail.com

ବୃଶ୍ଚିକଂ ଚରଣ କୃତ୍ୱା କରଂ ପାର୍ଶ୍ୱେ ନିକୁଞ୍ଚୟେତ୍ ॥ ୮୫ ॥
ନାସାଗ୍ରେ ଦକ୍ଷିଣଂ ଚୈବ ଜ୍ଞେୟଂ ତତ୍ତୁ ନିକୁଞ୍ଚିତମ୍ ।
ବାମଦକ୍ଷିଣହସ୍ତାଭ୍ୟାଂ ଘୂର୍ଣ୍ଣମାନୋଽପସର୍ପଣୈଃ ॥ ୮୬ ॥
ଉଦ୍‌ବର୍ତ୍ତିତାପବିଦ୍ଧୈଶ୍ଚ ହସ୍ତୈର୍ମତଲ୍ଲ୍ୟୁଦାହୃତମ୍ ।
ସ୍ଖଳିତାପସୃତୌ ପାଦୌ ବାମହସ୍ତସ୍ତୁ ରେଚିତଃ ॥ ୮୭ ॥
ସବ୍ୟହସ୍ତଃ କଟିସ୍ଥଃ ସ୍ୟାଦର୍ଦ୍ଧମତଲ୍ଲି ତତ୍ ସ୍ମୃତମ୍ ।
ରେଚିତୋ ଦକ୍ଷିଣୋ ହସ୍ତଃ ପାଦଃ ସବ୍ୟୋ ନିକୁଟ୍ଟିତଃ ॥ ୮୮ ॥
ଦୋଳା ଚୈବ ଭବେଦ୍‌ବାମସ୍ତଦ୍ରେଚିତନିକୁଟ୍ଟିତମ୍ ।
କାର୍ଯ୍ୟୌ ନାଭିତଟେ ହସ୍ତୌ ପ୍ରାଙ୍‌ମୁଖୌ ଖଟକାମୁଖୌ ॥ ୮୯ ॥
ସୂଚୀବିଦ୍ଧାବପକ୍ରାନ୍ତୌ ପାଦୌ ପାଦାପବିଦ୍ଧକେ ।

ଏହାର ନାମ 'ଊର୍ଦ୍ଧ୍ୱଜାନୁ କରଣ । ୮୪½ ।

୫୬ । ନିକୁଞ୍ଚିତ – ବୃଶ୍ଚିକଚରଣର ଗତି ଅନୁସାରେ ପାଦର ଚାଳନା କରି ପାର୍ଶ୍ୱଦେଶରେ ହସ୍ତକୁ (ବାମ) ନିକୁଞ୍ଚିତ କରିବ ଓ ଦକ୍ଷିଣ ହସ୍ତକୁ ନାସାଗ୍ର ପର୍ଯ୍ୟନ୍ତ ଉଠାଇବ, ଏହାର ନାମ ନିକୁଞ୍ଚିତ । ୮୫½ ।

୫୭ । ମତଲ୍ଲି – ବାମ ଓ ଦକ୍ଷିଣ ପାଦ ଦ୍ୱାରା ଅପସର୍ପଣ ଗତି କରି (ପଛକୁ ପାଦ ପକାଇ) ଚକ୍ରବତ୍ ଘୂର୍ଣ୍ଣନ କଲେ ଏବଂ ହସ୍ତଦ୍ୱୟକୁ 'ଉଦ୍‌ବେଷ୍ଟିତ' ଓ 'ଅପବିଦ୍ଧ' କଲେ ତାହାକୁ ମତଲ୍ଲି କହନ୍ତି । ୮୬½ ।

୫୮ । ଅର୍ଦ୍ଧମତଲ୍ଲି – ପାଦଦ୍ୱୟକୁ ସ୍ଖଳିତ ଗତିରେ ସ୍ଥିତସ୍ଥାନରୁ ଅପସାରିତ କଲେ ଏବଂ ବାମହସ୍ତରେ 'ରେଚିତ' କରି କଟି ଉପରେ ସ୍ଥାପନ କଲେ ତାହାର ନାମ ଅର୍ଦ୍ଧମତଲ୍ଲି । ୮୭½ ।

୫୯ । ରେଚିତନିକୁଟ୍ଟକ – ଦକ୍ଷିଣହସ୍ତ 'ରେଚିତ' ବାମପାଦ ନିକୁଟ୍ଟିତ, ବାମହସ୍ତ ଦୋଳା ଭଙ୍ଗୀରେ ଚାଳିତ ହେଲେ ତାହାକୁ 'ରେଚିତନିକୁଟ୍ଟିତ' କହନ୍ତି । ୮୮½ ।

୬୦ । ପାଦାପବିଦ୍ଧକ – କଟକାମୁଖ ହସ୍ତଦ୍ୱୟକୁ ନାଭିଦେଶରେ ଏକତ୍ର ଲଗାଇ ରଖିଲେ ଏବଂ ପାଦଦ୍ୱୟରେ ଯଥାକ୍ରମେ 'ସୂଚୀ' ଓ 'ଅପକ୍ରାନ୍ତ' ସ୍ଥି

Digitized by srujanika@gmail.com

ଅପବଦ୍ଧୋ ଭବେଦ୍ଦଣ୍ଡଃ ସୂଚୀପାଦସ୍ତଥୈବ ଚ ॥ ୯୦ ॥
ତଥା ତ୍ରିକଂ ବିବୃତ୍ତଂ ଚ ବଳିତଂ ନାମ ତଦ୍ଭବେତ୍ ।
ବର୍ତ୍ତିତୋ ଘୂର୍ଣ୍ଣିତଃ ସବ୍ୟୋ ହସ୍ତୋ ବାମସ୍ତୁ ଦୋଳିତଃ ॥ ୯୧ ॥
ସ୍ୱସ୍ତିକାପସୃତଃ ପାଦଃ କରଣଂ ଘୂର୍ଣ୍ଣିତଂ ତୁ ତତ୍ ।
କରିହସ୍ତୋ ଭବେଦ୍ୱାମୋ ଦକ୍ଷିଣଶ୍ଚାପବର୍ତ୍ତିତଃ ॥ ୯୨ ॥
ବହୁଶଃ କୁଟ୍ଟିତଃ ପାଦୋ ଜ୍ଞେୟଂ ତଲ୍ଲଳିତଂ ବୁଧୈଃ ।
ଊର୍ଦ୍ଧ୍ୱଂ ଜାନୁ ବିଧାୟାଥ ତସ୍ୟୋପରି ଲତାଂ ନ୍ୟସେତ୍ ॥ ୯୩ ॥
ଦଣ୍ଡପକ୍ଷଂ ତୁ ତତ୍ପ୍ରୋକ୍ତଂ କରଣଂ ନୃତ୍ୟବେଦିଭିଃ ।
ଭୁଜଙ୍ଗ-ତ୍ରାସିତଂ କୃତ୍ୱା ଯତ୍ରୋଭାବପି ରେଚିତୌ ॥ ୯୪ ॥
ବାମପାର୍ଶ୍ୱସ୍ଥିତୌ ହସ୍ତୌ ଭୁଜଙ୍ଗତ୍ରସ୍ତରେଚିତମ୍ ।
ତ୍ରିକଂ ସୁବଳିତଂ କୃତ୍ୱା ଲତାରେଚିତକୌ କରୌ ॥ ୯୫ ॥

ଅବଲମ୍ବନ କଲେ ତାହାକୁ ପାଦାପବିଦ୍ଧ କହନ୍ତି । [୮୯] ।

୩୧ । ବଳିତ—ହସ୍ତଦ୍ୱୟ 'ଅପବଦ୍ଧ' ଏବଂ ପାଦଦ୍ୱୟ ସୂଚୀ (ବୃତ୍ତ) ତଥା ତ୍ରିକଦେଶ (ମେରୁଦଣ୍ଡର ତଳଦେଶ) ବିବୃତ୍ତ ହେଲେ ତାହାର ନାମ ବଳିତ । [୯୦] ।

୩୨ । ଘୂର୍ଣ୍ଣିତ—ଦକ୍ଷିଣହସ୍ତ ବର୍ତ୍ତିତ ଓ ଘୂର୍ଣ୍ଣିତ ହେଲେ ଏବଂ ବାମହସ୍ତ ଦୋଳିତ ହେଲେ ସ୍ୱସ୍ତିକ ସ୍ଥାନରେ ସ୍ଥିତ ପାଦଦ୍ୱୟ ପରସ୍ପର ପୃଥକ୍ ହେଲେ ତାହାର ନାମ ଘୂର୍ଣ୍ଣିତ । [୯୧] ।

୩୩ । ଲଳିତ—ଦକ୍ଷିଣ ହସ୍ତ କରିହସ୍ତ ଏବଂ ବାମ ବିବର୍ତ୍ତିତ ହେଲେ ଏବଂ ପାଦ ବହୁବାର ଭୂମିରେ କୁଟ୍ଟିତ ହେଲେ ତାହାର ନାମ ଲଳିତ । [୯୨] ।

୩୪ । ଦଣ୍ଡପକ୍ଷ—ଊର୍ଦ୍ଧ୍ୱଜାନୁ ବୃତ୍ତ ଅବଲମ୍ବନ କରି ଜାନୁ ଉପରେ ଲତାହସ୍ତ ସ୍ଥାପନ କଲେ ତାହାର ନାମ ଦଣ୍ଡପକ୍ଷ । [୯୩] ।

୩୫ । ଭୁଜଙ୍ଗତ୍ରାସିତ—ଭୁଜଙ୍ଗତ୍ରାସିତବୃତ୍ତ ଅବଲମ୍ବନ କରି ଉଭୟ ହସ୍ତକୁ ରେଚିତ ଭଙ୍ଗୀରେ ବାମ ପାର୍ଶ୍ୱରେ ଅବସ୍ଥାପିତ କଲେ ତାହାର ନାମ ଭୁଜଙ୍ଗତ୍ରସ୍ତରେଚିତ । [୯୪] ।

Digitized by srujanika@gmail.com

ନୂପୁରଂ ଚ ତଥା ପାଦଂ କରଣେ ନୂପୁରେ ନ୍ୟସେତ୍ ।
ରେଚତୌ ହସ୍ତପାଦୌ ଚ କଟୀ ଗ୍ରୀବା ଚ ରେଚତା ॥ ୯୬ ॥
ବୈଶାଖସ୍ଥାନକେନୈତଦ୍ଭବେଦ୍‌ବୈଶାଖରେଚତମ୍ ।
ଆକ୍ଷିପ୍ତଃ ସ୍ୱସ୍ତିକଃ ପାଦଃ କରୌ ଚୋଦ୍‌ବେଷ୍ଟିତୌ ତଥା ॥ ୯୭ ॥
ତ୍ରିକସ୍ୟ ବଳନାଚ୍ଚୈବ ଜ୍ଞେୟଂ ଭ୍ରମରକଂ ଚ ତତ୍ ।
ଅଞ୍ଚିତଃ ସ୍ୟାତ୍କରୋ ବାମଃ ସବ୍ୟସ୍ତଚୁର ଏବ ଚ ॥ ୯୮ ॥
ଦକ୍ଷିଣଃ କୁଞ୍ଚିତଃ ପାଦଶ୍ଚତୁରଂ ତତ୍ ପ୍ରକୀର୍ତ୍ତିତମ୍ ।
ଭୁଜଙ୍ଗତ୍ରାସିତଃ ପାଦୋ ରେଚତୋ ଦକ୍ଷିଣଃ କରଃ ॥ ୯୯ ॥
ଲତାଖ୍ୟସ୍ତ କରୋ ବାମୋ ଭୁଜଙ୍ଗାଞ୍ଚିତକଂ ଭବେତ୍ ।
ବକ୍ଷିପ୍ତଂ ହସ୍ତପାଦଂ ତୁ ସମନ୍ତାଦ୍‌ଯତ୍ର ଦଣ୍ଡବତ୍ ॥ ୧୦୦ ॥

---

୩୬ । ନୂପୁର—ତ୍ରିକ (ମେରୁଦଣ୍ଡର ଶେଷ ଭାଗ) କୁ ସୁବଳିତ (ସୁଲଳିତଭାବେ ଆନ୍ଦୋଳିତ) କରି (ଭ୍ରାମରୀବୃତ୍ତି ଭାବରେ) ଏକ ହସ୍ତରେ ଲତା ଓ ଅପର ହସ୍ତରେ ରେଚିତ କରଣ କରି ନୂପୁର ବୃତ୍ତିରେ ପାଦଗତି କରିବାର ନାମ ନୂପୁର । ୯୫½ ।

୩୭ । ବୈଶାଖରେଚିତ—'ବୈଶାଖ' ଭଙ୍ଗୀରେ ଅବସ୍ଥାନ କରି, ହସ୍ତ, ପାଦ, କଟି ଓ ଗ୍ରୀବାଦେଶକୁ ରେଚିତ କରିବାର ନାମ 'ବୈଶାଖରେଚିତ' । ୯୬½ ।

୩୮ । ଭ୍ରମରକ—ସ୍ୱସ୍ତିକପାଦକୁ 'ଅକ୍ଷିପ୍ତ' ବୃତ୍ତି ଭାବରେ ପକାଇ ହସ୍ତକୁ 'ଉଦ୍-ବେଷ୍ଟିତ' ଭଙ୍ଗୀରେ ଚାଳିତ କରି ତ୍ରିକ ଦେଶକୁ ବଳିତ କଲେ (ବୁଲାଇଲେ) ତାହାର ନାମ ଭ୍ରମରକ ହୁଏ । ୯୭½ ।

୩୯ । ଚତୁର – ବାମହସ୍ତକୁ ଅଞ୍ଚିତ ଓ ଦକ୍ଷିଣ ହସ୍ତକୁ 'ଚତୁର' (ଅନ୍ୟମତରେ ଅଳପଲ୍ଲବ) ଭାବରେ ଚାଳିତ କରି ଦକ୍ଷିଣପାଦକୁ କୁଞ୍ଚିତ କଲେ ତାହାର ନାମ 'ଚତୁର' ହୁଏ । ୯୮½ ।

୪୦ । ଭୁଜଙ୍ଗାଞ୍ଚିତକ—ପାଦକୁ ଭୁଜଙ୍ଗତ୍ରାସିତ ଚାଳିତ କରି ଦକ୍ଷିଣହସ୍ତରେ 'ରେଚିତ' ଓ ବାମହସ୍ତରେ 'ଲତା' ଭଙ୍ଗୀକୁ ଅବଲମ୍ବନ କଲେ ତାହାର ନାମ ଭୁଜଙ୍ଗାଞ୍ଚିତକ ହୁଏ । ୯୯½ ।

୪୧ । ଦଣ୍ଡକରେଚିତ – ହସ୍ତ ଦ୍ୱୟ ଓ ପାଦଦ୍ୱୟକୁ ଦଣ୍ଡାକାରରେ ଚତୁର୍ଦ୍ଦିଗକୁ

Digitized by srujanika@gmail.com

ରେଚ୍ୟତେ ଚଙ୍ଘି କରଣଂ କ୍ଷେପ୍ୟଂ ଦଣ୍ଡକରେଚିତମ୍ ।
ବୃଶ୍ଚିକଂ ଚରଣଂ କୃତ୍ୱା ଦ୍ୱାବପ୍ୟଥ ନକୁଞ୍ଚିତୌ ॥ ୧୦୧ ॥
ବଧାଗ୍ରବେଦ୍ୟୌ କରୌ ନଞ୍ଚ କ୍ଷେପ୍ୟଂ ବୃଶ୍ଚିକକୁଟ୍ଟିତମ୍ ।
ସୂଚୀଂ ଦତ୍ତ୍ୱାଽପବିଦ୍ଧଂ ଚ ଦକ୍ଷିଣଂ ଚରଣଂ ନ୍ୟସେତ୍ ॥ ୧୦୨ ॥
ରେଚିତା ଚ କଟିର୍ଯତ୍ର କଟିଭ୍ରାନ୍ତଂ ତଦୁଚ୍ୟତେ ।
ଅଞ୍ଚିତଃ ପୃଷ୍ଠତଃ ପାଦଃ କୁଞ୍ଚିତୋର୍ଦ୍ଧ୍ୱତଲାଙ୍ଗୁଳଃ ॥ ୧୦୩ ॥
ଲତାଖ୍ୟଶ୍ଚ କରୋ ବାମସ୍ତଲ୍ଲତାବୃଶ୍ଚିକଂ ଭବେତ୍ ।
ଅଳପଦ୍ମଃ କଟୀଦେଶେ ଛିନ୍ନା ପର୍ଯ୍ୟାୟଶଃ କଟୀ ॥ ୧୦୪ ॥
ବୈଶାଖସ୍ଥାନକେନେହ ବର୍ତ୍ତିନଂ କରଣଂ ଭବେତ୍ ।
ବୃଶ୍ଚିକଂ ଚରଣଂ କୃତ୍ୱା ସ୍ୱସ୍ତିକୌ ଚ କରାବୁଭୌ ॥ ୧୦୫ ॥
ରେଚିତୌ ବକ୍ଷକାର୍ଣ୍ଣୌ ଚ କରୌ ବୃଶ୍ଚିକରେଚିତମ୍ ।

ବିକ୍ଷିପ୍ତକର ପୁନଃ ପୁନଃ ରେଚିତ କଲେ ତାହାର ନାମ ଦଣ୍ଡକରେଚିତ ହୁଏ । ୧୦୦½ ।

୪୨ । ବୃଶ୍ଚିକକୁଟ୍ଟିତ—ବୃଶ୍ଚିକ ନାମକ କରଣକୁ ଅବଲମ୍ବନ କରି ହସ୍ତଦ୍ୱୟକୁ ତଳଆଡ଼କୁ ନିକୁଟ୍ଟିତ କଲେ ତାହାର ନାମ ବୃଶ୍ଚିକକୁଟ୍ଟିତ ହୁଏ । ୧୦୦½ ।

୪୩ । କଟିଭ୍ରାନ୍ତ—ସୂଚୀ ଭଙ୍ଗୀ ଅବଲମ୍ବନ ପୂର୍ବକ ଅପବିଦ୍ଧ ମୁଦ୍ରାରେ ଦକ୍ଷିଣ ପାଦକୁ ପକାଇ କଟିକୁ ରେଚିତ କଲେ ତାହାର ନାମ କଟିଭ୍ରାନ୍ତ ହୁଏ । ୧୦୨½ ।

୪୪ । ଲତାବୃଶ୍ଚିକ—କୁଞ୍ଚିତ ଓ ଉର୍ଦ୍ଧ୍ୱ ତଳ ପାଦ ତଳକୁ ପିଠିଆଡ଼କୁ ଅଞ୍ଚିତ (ବକ୍ରୀକୃତ) କରି ବାମହସ୍ତକୁ 'ଲତା' ଭଙ୍ଗୀରେ ଅବସ୍ଥାପିତ କଲେ ତାହାର ନାମ ଲତାବୃଶ୍ଚିକ ହୁଏ । ୧୦୩½ ।

୪୫ । ଛିନ୍ନ—ଅଳପଦ୍ମ ହସ୍ତକୁ କଟୀଦେଶରେ ସ୍ଥାପନକରି ପର୍ଯ୍ୟାୟକ୍ରମେ କଟୀକୁ ଛିନ୍ନ ଭଙ୍ଗୀ ବିଶିଷ୍ଟ କଲେ, ଯେଉଁ କରଣ ଉତ୍ପନ୍ନ ହୁଏ ତାହାର ନାମ 'ଛିନ୍ନ' । ୧୦୪½

୪୬ । ବୃଶ୍ଚିକରେଚିତ—ଚରଣଦ୍ୱୟକୁ ବୃଶ୍ଚିକ ଓ କରଦ୍ୱୟକୁ ସ୍ୱସ୍ତିକ ଭଙ୍ଗୀରେ ରଖି ରେଚିତ ଓ ଅପସୃତ କଲେ ତାହାର ନାମ ବୃଶ୍ଚିକରେଚିତ

Digitized by srujanika@gmail.com

ବାହୁଶୀର୍ଷାଞ୍ଚିତୌ ହସ୍ତୌ ପାଦଃ ପୃଷ୍ଠାଞ୍ଚିତସ୍ତଥା ॥ ୧୦୬ ॥
ଦୂରସନ୍ନତପୃଷ୍ଠଂ ଚ ବୃଶ୍ଚିକଂ ତତ୍ ପ୍ରକୀର୍ତ୍ତିତମ୍ ।
ଅଳାତଂ ସ୍ଥାନକଂ ଯତ୍ର କରୌ ବକ୍ଷସି ରେଚିତୌ ॥ ୧୦୭ ॥
ଊର୍ଦ୍ଧ୍ୱାଧୋ ବିପ୍ରକୀର୍ଣ୍ଣୌ ଚ ବ୍ୟଂସିତଂ କରଣଂ ତୁ ତତ୍ ।
ହସ୍ତୌ ଚ ସ୍ୱସ୍ତିକୌ ପାର୍ଶ୍ୱେ ତଥା ପାଦୋ ନିକୁଟ୍ଟିତଃ ॥ ୧୦୮ ।
ଯତ୍ର ତତ୍ କରଣଂ ଜ୍ଞେୟଂ ବୁଧୈଃ ପାର୍ଶ୍ୱନିକୁଟ୍ଟିତମ୍ ।
ବୃଶ୍ଚିକଂ ଚରଣଂ କୃତ୍ୱା ପାଦସ୍ୟାଙ୍ଗୁଷ୍ଠକେନ ତୁ ॥ ୧୦୯ ॥
ଲଲାଟେ ତିଳକଂ କୁର୍ଯ୍ୟାଲ୍ଲଲାଟତିଳକଂ ତୁ ତତ୍ ।
ପୃଷ୍ଠତଃ କୁଞ୍ଚିତଂ କୃତ୍ୱା ବ୍ୟତିକ୍ରାନ୍ତକ୍ରମଂ ତତଃ ॥ ୧୧୦ ॥
ଆକ୍ଷିପ୍ତୌ ଚ କରୌ କାର୍ଯ୍ୟୌ କ୍ରାନ୍ତକେ କରଣେ ଦ୍ୱିଜାଃ ।
ଆଦ୍ୟଃ ପାଦୋ ନତଃ କାର୍ଯ୍ୟଃ ସବ୍ୟହସ୍ତଶ୍ଚ କୁଞ୍ଚିତଃ ॥ ୧୧୧ ॥

ହୁଏ । ୧୦୫½ ।

୪୭ । ବୃଶ୍ଚିକ—ବାହୁକୁ (ହସ୍ତଦ୍ୱୟକୁ) ମସ୍ତକଆଡ଼କୁ ଓ ଗୋଟିଏ ପାଦକୁ ପୃଷ୍ଠଆଡ଼କୁ ଅଞ୍ଚିତ (ବକ୍ରୀକୃତ) କରି ପୃଷ୍ଠଦେଶକୁ ଅଧିକ ଅବନତ କଲେ ବୃଶ୍ଚିକ କରଣ ହୁଏ । ୧୦୬½ ।

୪୮ । ବ୍ୟଂସିତ—ଅଳାତ-ସ୍ଥାନ ଭଙ୍ଗୀ ଅବଲମ୍ବନ ପୂର୍ବକ ଦୁଇ ହସ୍ତକୁ ରେଚିତ ଏବଂ ବକ୍ଷୋଦେଶରେ ସ୍ଥାପିତ କରି, ପରେ ତଳକୁ ଓ ଉପରକୁ ଚାଳିତ କଲେ ତାହାର ନାମ ବ୍ୟଂସିତ ହୁଏ । ୧୦୭½ ।

୪୯ । ପାର୍ଶ୍ୱନିକୁଟ୍ଟିତ—ହସ୍ତଦ୍ୱୟକୁ ସ୍ୱସ୍ତିକ ଭାବରେ ପାର୍ଶ୍ୱଦେଶରେ ଅବସ୍ଥାପିତ କରି ଗୋଟିଏ ପାଦକୁ ନିକୁଟ୍ଟିତ କଲେ ତାହାର ନାମ ପାର୍ଶ୍ୱନିକୁଟ୍ଟିତ ହୁଏ । ୧୦୮½ ।

୫୦ । ଲଲାଟତିଳକ—ବୃଶ୍ଚିକକରଣ ଆଶ୍ରୟକରି ପାଦର ବୁଢ଼ା ଆଙ୍ଗୁଠି ଦ୍ୱାରା ଲଲାଟରେ ତିଳକ କଲେ, ତାହାର ନାମ ଲଲାଟତିଳକ ହୁଏ । ୧୦୯½ ।

୫୧ । କ୍ରାନ୍ତକ—କ୍ରାନ୍ତକ-କରଣରେ କୁଞ୍ଚିତ ପାଦକୁ ପିଠିଆଡ଼କୁ ବକ୍ରକରି ଅତିକ୍ରାନ୍ତକ୍ରମ ଅବଲମ୍ବନ କରିବ । ତତ୍ପରେ ହସ୍ତଦ୍ୱୟକୁ ଆକ୍ଷିପ୍ତ—ତଳକୁ ନିକ୍ଷିପ୍ତ କରିବ । ୧୧୦½ ।

Digitized by srujanika@gmail.com

ତ୍ରଙ୍ଗନୋ ବାମପାର୍ଶ୍ୱସ୍ଥସ୍ତତ୍‌କୁଞ୍ଚିତମୁଦାହୃତମ୍ ।
ପ୍ରଲମ୍ବିତାଭ୍ୟାଂ ବାହୁଭ୍ୟାଂ ଯଦ୍‌ଗାତ୍ରେଣାନତେନ ଚ ॥ ୧୧୨ ।
ଅଭ୍ୟନ୍ତରାପବିଦ୍ଧଂ ସ୍ୟାତ୍‌ଜ୍ଞେୟଂ ଚକ୍ରମଣ୍ଡଳମ୍ ।
ସ୍ୱସ୍ତିକାପସୃତୌ ପାଦାବପବିଦ୍ଧକ୍ରମୌ ଯଦା ॥ ୧୧୩ ॥
ଉରୋମଣ୍ଡଳକୋ ହସ୍ତ ଉରୋମଣ୍ଡଳକଂ ତୁ ତତ୍ ।
ଆକ୍ଷିପ୍ତଂ ହସ୍ତପାଦଂ ଚ କ୍ରିୟତେ ଯତ୍ର ବେଗତଃ ॥ ୧୧୪ ॥
ଆକ୍ଷିପ୍ତଂ ନାମ କରଣଂ ବିଜ୍ଞେୟଂ ତଦ୍ଧିଜୋତ୍ତମାଃ ।
ଉର୍ଦ୍ଧ୍ୱାଙ୍ଗୁଳିତଳଃ ପାଦଃ ପାର୍ଶ୍ୱେନୋର୍ଦ୍ଧ୍ୱଂ ପ୍ରସାରିତଃ ॥ ୧୧୫ ॥
ପ୍ରକୁର୍ଯ୍ୟାଦଞ୍ଚିତତଳୌ ହସ୍ତୌ ତଳବିଳାସିତେ ।
ପୃଷ୍ଠତଃ ପ୍ରସୃତଃ ପାଦୋ ଦ୍ୱୌ ତାଳାବର୍ଦ୍ଧମେବ ଚ ॥ ୧୧୬ ॥

---

*୨ । କୁଞ୍ଚିତ—ଏହି କରଣରେ ପ୍ରଥମେ ପାଦକୁ ନତ କରି ତତ୍ପରେ ବାମହସ୍ତକୁ କୁଞ୍ଚିତ କରିବ ଏବଂ ଲେଉଟିକୁ ଉତ୍ତାନଭାବରେ (ଲେଉଟିକୁ ଚିତ୍ କରି) ବାମପାର୍ଶ୍ୱରେ ସ୍ଥାପିତ କରିବ । ୧୧୧½ ।

*୩ । ଚକ୍ରମଣ୍ଡଳ—ଏଥିରେ ବାହୁଦ୍ୱୟ ପ୍ରଲମ୍ବିତ ହେବ (ଝୁଲାଇ ରଖିବ), ଶରୀର ଅବନତ ହେବ ଏବଂ ଅଭ୍ୟନ୍ତରାପବିଦ୍ଧା (ଅନ୍ତର୍ଭିତ୍ତା) ବୃତ୍ତି ଅବଲମ୍ବିତ ହେବ । ୧୧୨½ ।

*୪ । ଉରୋମଣ୍ଡଳକ—ଏଥିରେ ପାଦଦ୍ୱୟ ସ୍ୱସ୍ତିକବୃତ୍ତିରୁ ଅପସାରିତ ହେବ ଏବଂ ଅର୍ଦ୍ଧକର୍ମବୃତ୍ତି ଅବଲମ୍ବିତ ହେବ । ହସ୍ତଦ୍ୱୟ ବକ୍ଷୋଦେଶରେ ମଣ୍ଡଳାକୃତି ହେବ (ଉରୋମଣ୍ଡଳକ ଭଙ୍ଗୀରେ ବକ୍ଷୋଦେଶରେ ସ୍ଥାପିତ ହେବ) । ଗ୍ରନ୍ଥାନ୍ତରରେ ଅର୍ଦ୍ଧକ୍ରମ ପରିବର୍ତ୍ତେ ଅପବିଦ୍ଧବୃତ୍ତି ଗୃହୀତ ହେବ ବୋଲି ଲିଖିତ ଅଛି । ୧୧୩½ ।

*୫ । ଆକ୍ଷିପ୍ତ—ଏଥିରେ ହସ୍ତଦ୍ୱୟ ଓ ପାଦଦ୍ୱୟ ଦ୍ରୁତଭାବରେ ବିକ୍ଷିପ୍ତ ହେବ (ଅତ୍ୟନ୍ତ ଅନ୍ତରରେ) । ୧୧୦½ ।

*୬ । ତଳବିଳାସିତ—ଏହି କରଣରେ ପାଦ ତଳଭାଗ ଓ ଅଙ୍ଗୁଷ୍ଠ ଚିତ୍ ହୋଇ ରହିବ ଏବଂ ପାର୍ଶ୍ୱଭାଗରେ ଉପରକୁ ଉଠିବ । କରତଳ ଅଞ୍ଚିତ ହେବ । ୧୧୫½ ।

*୭ । ଅର୍ଗଳ—ପଛଆଡ଼କୁ ଗୋଟିଏ ପାଦକୁ ଅଢ଼ାଇ ତାଳ ପର୍ଯ୍ୟନ୍ତ ପ୍ରସାରିତ କରି ହସ୍ତକୁ (ଅଳପଲ୍ଲବ), ପାଦ ଯେଉଁଆଡ଼କୁ ଗତି କରିବ ସେହି-

Digitized by srujanika@gmail.com

ତସ୍ୟ ଚୈବାନୁଗୋ ହସ୍ତଃ ପୁରତସ୍ତୂର୍ଣ୍ଣକଂ ତୁ ତତ୍ ।
ବିକ୍ଷିପ୍ତଂ ହସ୍ତପାଦଂ ଚ ପୁରତଃ ପାର୍ଶ୍ବତୋଽଥବା ॥ ୧୧୭ ॥
ଏକମାର୍ଗଗତଂ ଯତ୍ର ତଦ୍‌ବିକ୍ଷିପ୍ତମୁଦାହୃତମ୍ ।
ପ୍ରସାର୍ଯ୍ୟ କୁଞ୍ଚିତଂ ପାଦଂ ପୁନରାବର୍ତ୍ତୟେଦ୍ଦ୍ରୁତମ୍ ॥ ୧୧୮ ॥
ପ୍ରୟୋଗବଶଗୌ ହସ୍ତୌ ତଦାବର୍ତ୍ତମୁଦାହୃତମ୍ ।
କୁଞ୍ଚିତଂ ପାଦମୁତ୍କ୍ଷିପ୍ୟ ପାର୍ଶ୍ବାତ୍ ପାର୍ଶ୍ବଂ ତୁ ଦୋଲୟେତ୍ ॥ ୧୧୯ ॥
ପ୍ରୟୋଗବଶଗୌ ହସ୍ତୌ ଦୋଲପାଦଂ ତଦୁଚ୍ୟତେ ।
ଆକ୍ଷିପ୍ତଂ ହସ୍ତପାଦଂ ଚ ତ୍ରିକଂ ଚୈବ ବିବର୍ତ୍ତୟେତ୍ ॥ ୧୨୦ ।
ରେଚିତୌ ଚ ତଥା ହସ୍ତୌ ବିବୃତ୍ତେ କରଣେ ଦ୍ୱିଜାଃ ।
ସୂଚୀବିଦ୍ଧଂ ବିଧାୟାଥ ତ୍ରିକଂ ତୁ ବିନିବର୍ତ୍ତୟେତ୍ ॥ ୧୨୧ ॥
କରୌ ଚ ରେଚିତୌ କାର୍ଯ୍ୟୌ ବିନିବୃତ୍ତେ ଦ୍ୱିଜୋତ୍ତମାଃ ।
ପାର୍ଶ୍ବକ୍ରାନ୍ତକ୍ରମଂ କୃତ୍ୱା ପୁରସ୍ତାଦଥ ପାତୟେତ୍ ॥ ୧୨୨ ॥

ଆଡ଼କୁ ସ୍ଖଳିତ କଲେ ତାହାର ନାମ ଅର୍ଦ୍ଧ ହୁଏ (ପାଦଗତ ଅନୁସାରେ ହସ୍ତସ୍ଖଳନ) । ୧୧୭½ ।

୫୮ । ବିକ୍ଷିପ୍ତ – ପାର୍ଶ୍ବ ବା ପୃଷ୍ଠ ଆଡକୁ ପାଦଦ୍ୱୟ ଓ ହସ୍ତଦ୍ୱୟକୁ କୌଣସି ଏକ ଦଗରେ ବିକ୍ଷିପ୍ତ କଲେ ତାହାର ନାମ ବିକ୍ଷିପ୍ତ କରଣ । ୧୧୭½ ।

୫୯ । ଆବର୍ତ୍ତ—ଦକ୍ଷିଣ ପାଦକୁ କୁଞ୍ଚିତ କରି କ୍ଷିପ୍ରତା ସହକାରେ ପୁଣି ଆବର୍ତ୍ତିତ କଲେ (ଅନ୍ୟ ମତରେ ଗତକୁ ପରିବର୍ତ୍ତିତ କଲେ) ଏବଂ ହସ୍ତଦ୍ୱୟ ନୃତ୍ୟର ଅନୁରୂପ ଗତରେ ଚାଳିତ ହେଲେ ତାହାକୁ ଆବର୍ତ୍ତ କହନ୍ତି । ୧୧୮½ ।

୬୦ । ଦୋଲପାଦ—କୁଞ୍ଚିତ ପାଦକୁ ଉପରକୁ ଟେକି ଏପାଖ ସେପାଖ ଆନ୍ଦୋଳିତ କରି ହସ୍ତଦ୍ୱୟକୁ ନୃତ୍ୟୋପଯୋଗୀ ରୀତିରେ ଚାଳିତ କଲେ ତାହାର ନାମ ଦୋଲପାଦ ହୁଏ । ୧୧୯½ ।

୬୧ । ବିବୃତ୍ତ—ହସ୍ତ ଓ ପାଦ ଆକ୍ଷିପ୍ତ କରି ତ୍ରିକ (ମେରୁଦଣ୍ଡର କଟୀସଂଲଗ୍ନ ଅଂଶ) କୁ ବୁଲାଇ କରଦ୍ୱୟକୁ ରେଚିତ କଲେ, ତାହାର ନାମ ବିବୃତ୍ତ ବା ବିବୃତ୍ତ ହୁଏ । ୧୨୦½ ।

୬୨ । ବିନିବୃତ୍ତ—ସୂଚୀବିଦ୍ଧସ୍ଥିତି ଅବଲମ୍ବନ କରି ତ୍ରିକକୁ ବୁଲାଇ କରଦ୍ୱୟକୁ ରେଚିତ କଲେ ତାହାର ନାମ ବିନିବୃତ୍ତ ହୁଏ । ୧୨୧½ ।

୬୩ । ପାର୍ଶ୍ବକ୍ରାନ୍ତ – ପାର୍ଶ୍ବଜାନୁକ୍ରମ (ଅନ୍ୟ ମତରେ ପାର୍ଶ୍ବକ୍ରାନ୍ତ) ସ୍ଥିତି ଅବଲମ୍ବନ

Digitized by srujanika@gmail.com

ପ୍ରୟୋଗବଶଗୌ ହସ୍ତୌ ପାର୍ଶ୍ୱକ୍ରାନ୍ତଂ ତଦୁଚ୍ୟତେ ।
ପୃଷ୍ଠତଃ କୁଞ୍ଚିତଃ ପାଦୋ ବକ୍ଷଶ୍ଚୈବ ସମୁନ୍ନତମ୍ ॥ ୧୨୩ ॥
ତଲକେ ଚ କରଂ ସ୍ଥାପ୍ୟସ୍ତନ୍ନିଶୁମ୍ଭିତମୁଚ୍ୟତେ ।
ପୃଷ୍ଠତୋ ବଳିତଂ ପାଦଂ ଶିରୋଘୃଷ୍ଟଂ ପ୍ରସାରୟେତ୍ ॥ ୧୨୪ ॥
ହସ୍ତୌ ଚ ମଣ୍ଡଳାବଦ୍ଧୌ ବିଦ୍ୟୁଦ୍ଭ୍ରାନ୍ତଂ ତଦୁଚ୍ୟତେ ।
ଅତିକ୍ରାନ୍ତଂ କ୍ରମଂ କୃତ୍ୱା ପୁରସ୍ତାତ୍ ସଂପ୍ରସାରୟେତ୍ ॥ ୧୨୫ ॥
ପ୍ରୟୋଗବଶଗୌ ହସ୍ତାବତିକ୍ରାନ୍ତେ ପ୍ରକୀର୍ତ୍ତିତୌ ।
ଆକ୍ଷିପ୍ତଂ ହସ୍ତପାଦଂ ଚ ତ୍ରିକଂ ଚୈବ ବିବର୍ତ୍ତିତମ୍ ॥ ୧୨୬ ॥
ପୁନଶ୍ଚ ରେଚୟେଦ୍ଧସ୍ତଂ ବିବର୍ତ୍ତିତକମେବ ତତ୍ ।
କର୍ଣ୍ଣେଽଞ୍ଚିତଃ କରୋ ବାମୋ ଲତାହସ୍ତଶ୍ଚ ଦକ୍ଷିଣଃ ॥ ୧୨୭ ॥
ଦୋଳାପାଦସ୍ତଥା ଚୈବ ଗଜକ୍ରୀଡ଼ିତକେ ଭବେତ୍ ।

ପୂର୍ବକ ସମ୍ମୁଖଦେଶକୁ ହସ୍ତ-ବିକ୍ଷେପ କରି ତାହାକୁ ନାଟ୍ୟୋଚିତ ଭଙ୍ଗୀରେ ସ୍ଖଳନ କଲେ ତାହାର ନାମ ପାର୍ଶ୍ୱକ୍ରାନ୍ତ ହୁଏ । ୧୨୨½ ।

୭୪ । ନିଶୁମ୍ଭିତ—ପାଦଦ୍ୱୟକୁ (ଅନ୍ୟମତରେ ଗୋଟିଏ ପାଦକୁ) ପୃଷ୍ଠ ଆଡ଼କୁ କୁଞ୍ଚିତ କରି (ବଙ୍କାକରି) ବକ୍ଷକୁ ଉନ୍ନତ ଏବଂ ତଳକ ଭଙ୍ଗୀରେ ହସ୍ତକୁ ସ୍ଥାପିତ କଲେ ତାହାର ନାମ ନିଶୁମ୍ଭିତ ହୁଏ । ୧୨୩½ ।

୭୫ । ବିଦ୍ୟୁଦ୍ଭ୍ରାନ୍ତ—ପାଦକୁ ପଛଆଡ଼କୁ ବୁଲାଇ ଏବଂ ଶିରୋଘୃଷ୍ଟ କରି (ପାଦାଗ୍ରକୁ ଘଷି) ପ୍ରସାରିତ କରିବ । ହସ୍ତଦ୍ୱୟକୁ ମଣ୍ଡଳବଦ୍ଧ କରିବ ଏହି କରଣକୁ ବିଦ୍ୟୁଦ୍ଭ୍ରାନ୍ତ କହନ୍ତି । ୧୨୪½ ।

୭୬ । ଅତିକ୍ରାନ୍ତ—ଏଥିରେ ଅତିକ୍ରାନ୍ତ ଚାରୀ ଅବଲମ୍ବିତ ହେବ ଏବଂ ହସ୍ତଦ୍ୱୟ ନୃତ୍ୟୋଚିତ ଭଙ୍ଗୀରେ ସମ୍ମୁଖ ଆଡ଼କୁ ପ୍ରସାରିତ ହେବ । ୧୨୫½ ।

୭୭ । ବିବର୍ତ୍ତିତକ—ହସ୍ତଦ୍ୱୟ ଏବଂ ପାଦଦ୍ୱୟକୁ ଆକ୍ଷିପ୍ତକରି ତ୍ରିକକୁ ପରିବର୍ତ୍ତିତ କଲେ (ମଣ୍ଡଳାକାରରେ ବୁଲାଇଲେ) ପୁଣି ହସ୍ତକୁ ରେଚିତ କଲେ ଏହି କରଣ ନିଷ୍ପନ୍ନ ହୁଏ । ୧୨୬½ ।

୭୮ । ଗଜକ୍ରୀଡ଼ିତକ—କର୍ଣ୍ଣ ନିକଟରେ ବାମ ହସ୍ତକୁ ଅଞ୍ଚିତ କରି (ବଙ୍କାକରି) ଦକ୍ଷିଣ ହସ୍ତରେ ଲତାହସ୍ତ ଭଙ୍ଗୀକୁ ଧାରଣ କଲେ ଏବଂ ଦୋଳାପାଦ ଚାରୀ

Digitized by srujanika@gmail.com

ଭ୍ରାନ୍ତମୁତ୍କ୍ଷିପ୍ୟ ଚରଣଂ ପୁରସ୍ତାଦଥ ପାତୟେତ୍ ॥ ୧୨୮ ॥
ତଳସଂସ୍ଫୋଟିତୌ ହସ୍ତୌ ତଳସଂସ୍ଫୋଟିତେ ସ୍ମୃତୌ ।
ପୃଷ୍ଠତଃ ପ୍ରସାରିତଃ ପାଦଃ ଲତାରେଚିତକୌ କରୌ ॥ ୧୨୯ ॥
ସମୁନ୍ନତମୁରଶ୍ଚୈବ ଗରୁଡ଼ପ୍ଲୁତକେ ଭବେତ୍ ।
ସୂଚୀପାଦୋନ୍ନତଂ ପାର୍ଶ୍ୱମେକୋ ବକ୍ଷଃସ୍ଥିତଃ କରଃ ॥ ୧୩୦ ॥
ଦ୍ୱିତୀୟସ୍ତାଞ୍ଚିତୋ ଗଣ୍ଡେ ଗଣ୍ଡସୂଚୀ ତଦୁଚ୍ୟତେ ।
ଊର୍ଦ୍ଧ୍ୱାପବେଷ୍ଟିତୌ ହସ୍ତୌ ସୂଚୀପାଦୋ ବିବର୍ତ୍ତିତଃ ॥ ୧୩୧ ॥
ପରିବୃତ୍ତତ୍ରିକଞ୍ଚୈବ ପରିବୃତ୍ତଂ ତଦୁଚ୍ୟତେ ।
ଏକଃ ସମସ୍ଥିତଃ ପାଦ ଊରୁପୃଷ୍ଠେ ସ୍ଥିତୋଽପରଃ ॥ ୧୩୨ ॥
ମୁଷ୍ଟିହସ୍ତଶ୍ଚ ବକ୍ଷଃସ୍ଥଃ ପାର୍ଶ୍ୱଜାନୁ ତଦୁଚ୍ୟତେ ।

ଅବଲମ୍ବନ କଲେ ଏହି କରଣ ନିଷ୍ପନ୍ନ ହୁଏ । ୧୨୭½ ।

୬୯ । ତଳସଂସ୍ଫୋଟିତ — ପାଦକୁ କ୍ଷିପ୍ରଗତିରେ ଉପରକୁ ଟେକି ସମ୍ମୁଖ ଆଡ଼କୁ ସ୍ଥାପିତ କଲେ ଏବଂ ହସ୍ତଦ୍ୱୟରେ ତଳସଂସ୍ଫୋଟିତ ଭଙ୍ଗୀ ପ୍ରଦର୍ଶନ କଲେ ଏହି କରଣ ନିଷ୍ପନ୍ନ ହୁଏ । ୧୨୮½ ।

୭୦ । ଗରୁଡ଼ପ୍ଲୁତକ — ଗୋଟିଏ ପାଦକୁ ପଛଆଡ଼କୁ ପ୍ରସାରିତ କରି ହସ୍ତଦ୍ୱୟକୁ ଲତାରେଚିତକ ଏବଂ ବକ୍ଷକୁ ଉନ୍ନତ କଲେ ଗରୁଡ଼ପ୍ଲୁତକ କରଣ ନିଷ୍ପନ୍ନ ହୁଏ । ୧୨୯½ ।

୭୧ । ଗଣ୍ଡସୂଚୀ — ପାଦରେ ସୂଚୀ ଭଙ୍ଗୀ ଧାରଣ କରି ପାର୍ଶ୍ୱକୁ ଉନ୍ନତ କରି ଗୋଟିଏ ହସ୍ତ ବକ୍ଷରେ ସ୍ଥାପନ ଏବଂ ଅପରଟିକୁ ବଙ୍କା କରି ତଦ୍ୱାରା ଗଣ୍ଡଦେଶ ସ୍ପର୍ଶ କଲେ ଗଣ୍ଡସୂଚୀ କରଣ ହୁଏ । ୧୩୦½ ।

୭୨ । ପରିବୃତ୍ତ — ଅପବେଷ୍ଟିତ ଭଙ୍ଗୀରେ ହସ୍ତଦ୍ୱୟକୁ ଉପରକୁ ଉଠାଇ, ପାଦଦ୍ୱୟ ସୂଚୀ ଭଙ୍ଗୀ ଅବଲମ୍ବନ କରି ତ୍ରିକକୁ ମଣ୍ଡଳାକାରରେ ବୁଲାଇଲେ ପରିବୃତ୍ତ କରଣ ନିଷ୍ପନ୍ନ ହୁଏ । ୧୩୧ ।

୭୩ । ପାର୍ଶ୍ୱଜାନୁ — ଗୋଟିଏ ପାଦକୁ ଉପରକୁ ଉଠାଇ ଅପର ପାଦର ଊରୁ-ପାର୍ଶ୍ୱରେ ସ୍ଥାପିତ କଲେ ଏବଂ ମୁଷ୍ଟିହସ୍ତକୁ ବକ୍ଷରେ ସ୍ଥାପନ କଲେ

Digitized by srujanika@gmail.com

ପୃଷ୍ଠପ୍ରସାରିତଃ ପାଦଃ କଞ୍ଚିଦଞ୍ଚିତଜାନୁକଃ ॥ ୧୩୩ ॥
ଯତ୍ର ପ୍ରସାରିତୌ ବାହୂ ତତ୍ସ୍ୟାଦ୍ ଗୃଧ୍ରାବଲୀନକମ୍ ।
ଉନ୍ନମ୍ୟ ଚରଣୌ କାର୍ଯ୍ୟାବଗ୍ରତଃ ସ୍ୱସ୍ତିକସ୍ଥିତୌ ॥ ୧୩୪ ॥
ସନ୍ନତୌ ଚ ତଥା ହସ୍ତୌ ସନ୍ନତଂ ତଦୁଦାହୃତମ୍ ।
କୁଞ୍ଚିତଂ ପାଦମୁତ୍କ୍ଷିପ୍ୟ କୁର୍ଯ୍ୟାଦଗ୍ରସ୍ଥିତଂ ଭୁବି ॥ ୧୩୫ ॥
ପ୍ରୟୋଗବଶଗୌ ହସ୍ତୌ ତତ୍ ସୂଚୀ ପରିକୀର୍ତ୍ତିତମ୍ ।
ଅଲପଦ୍ମଃ ଶିରୋହସ୍ତଃ ସୂଚୀପାଦସ୍ତୁ ଦକ୍ଷିଣଃ ॥ ୧୩୬ ॥
ଯତ୍ର ତତ୍ କରଣଂ ଜ୍ଞେୟମର୍ଦ୍ଧସୂଚୀତି ନାମତଃ ।
ପାଦସୂଚ୍ୟା ଯଦା ପାଦୋ ଦ୍ୱିତୀୟସ୍ତୁ ପ୍ରବିଧ୍ୟତେ ॥ ୧୩୭ ॥
କଟିବକ୍ଷଃସ୍ଥିତୌ ହସ୍ତୌ ସୂଚୀବିଦ୍ଧଂ ତଦୁଚ୍ୟତେ ।
ବଦ୍ଧ୍ୱୋରୁବଳିତଂ ପାଦମପକ୍ରାନ୍ତମଂ ନ୍ୟସେତ୍ ॥ ୧୩୮ ।

ପାର୍ଶ୍ୱଜାନୁ ହୁଏ । ୧୩୨ ।

୭୪ । ଗୃଧ୍ରାବଲୀନକ—ଏଥିରେ ପିଠି ଆଡ଼କୁ ପାଦ ପ୍ରସାରିତ କରି ଜାନୁକୁ ଅଳ୍ପ ବଙ୍କ କରାଯାଏ ଏବଂ ବାହୁ ଦ୍ୱୟକୁ ପ୍ରସାରିତ କରାଯାଏ । ୧୩୩ ।

୭୫ । ସନ୍ନତ—ଏଥିରେ ଡ଼ିଆଁମାରି ପାଦଦ୍ୱୟକୁ ସ୍ୱସ୍ତିକ ଭଙ୍ଗୀରେ ଅଗ୍ରବର୍ତ୍ତୀ କରାଇ ହସ୍ତଦ୍ୱୟକୁ ସନ୍ନତ ଭାବରେ ପ୍ରଦର୍ଶିତ କରାଯାଏ । ୧୩୪ ।

୭୬ । ସୂଚୀ—କୁଞ୍ଚିତ ପାଦକୁ ଉପରକୁ ଟେକି ଆଗରେ ଭୂଇଁ ଉପରେ ସ୍ଥାପନ କରିବ ଓ ନୃତ୍ୟୋପଯୋଗୀ ଭଙ୍ଗୀରେ ହସ୍ତ ଚାଳିତ କରିବ । ୧୩୫ ।

୭୭ । ଅର୍ଦ୍ଧସୂଚୀ—ଅଲପଦ୍ମ ହସ୍ତକୁ ମସ୍ତକ ଉପରେ ସ୍ଥାପିତ କରି ଦକ୍ଷିଣ ପାଦରେ ସୂଚୀ ଭଙ୍ଗୀ ଧାରଣ କଲେ ଏହା ସମ୍ପନ୍ନ ହୁଏ । (ଅନ୍ୟ ମତରେ ଗୋଟିଏ ପାଦର ଅଗ୍ରଭାଗରେ ଠିଆ ହୋଇ ଶିରୋଦେଶରେ ବାମପାଦକୁ ସ୍ଥାପନକରି ଦକ୍ଷିଣ ପାଦରେ ସୂଚୀ କଲେ ଅର୍ଦ୍ଧସୂଚୀ କରଣ ହୁଏ) । ୧୩୬ ।

୭୮ । ସୂଚୀବିଦ୍ଧ—ଗୋଟିଏ ପାଦରେ ସୂଚୀ ଭଙ୍ଗୀ ଧାରଣ କରି ତଦ୍ୱାରା ଅନ୍ୟ ପାଦକୁ ଗୋଡ ବିଦ୍ଧ କରାଯାଏ, ଏବଂ ଗୋଟିଏ ହସ୍ତକୁ କଟୀଦେଶରେ ଓ ଅନ୍ୟକୁ ବକ୍ଷଦେଶରେ ସ୍ଥାପନ କରାଯାଏ ତେବେ ତାହାକୁ ସୂଚୀବିଦ୍ଧ କହନ୍ତି । ୧୩୭ ।

Digitized by srujanika@gmail.com

ପ୍ରଯୋଗବଶଗୌ ହସ୍ତାବପକ୍ରାନ୍ତଂ ତଦୁଚ୍ୟତେ ।
ବୃଶ୍ଚିକଂ ଚରଣଂ କୃତ୍ୱା ରେଚିତୌ ଚ ତଥା କରୌ ॥ ୧୩୯ ॥
ତଥା ତ୍ରିକଂ ବିବୃତ୍ତଂ ଚ ମୟୂରଲଳିତଂ ଭବେତ୍ ।
ଅଞ୍ଚିତାପସୃତୌ ପାର୍ଶ୍ୱେ ଶିରଶ୍ଚ ପରିବାହିତମ୍ ॥ ୧୪୦ ॥
ରେଚିତୌ ଚ ତଥା ହସ୍ତୌ ତତ୍ସର୍ପିତମୁଦାହୃତମ୍ ।
ନୂପୁରଂ ଚରଣଂ କୃତ୍ୱା ଦଣ୍ଡପାଦଂ ପ୍ରସାରୟେତ୍ ॥ ୧୪୧ ॥
କ୍ଷିପ୍ରାବିଦ୍ଧକରଂ ଚୈବ ଦଣ୍ଡପାଦଂ ତଦୁଚ୍ୟତେ ।
ଅତିକ୍ରାନ୍ତଂ କ୍ରମଂ କୃତ୍ୱା ସମୁତ୍ପ୍ଲୁତ୍ୟ ନିପାତୟେତ୍ ॥ ୧୪୨ ॥
ଜଙ୍ଘାଞ୍ଚିତୋପରି କ୍ଷିପ୍ତା ତଦ୍ବଦ୍ୟାଦ୍ଧରିଣପ୍ଲୁତମ୍ ।
ଦୋଳାପାଦକ୍ରମଂ କୃତ୍ୱା ସମୁତ୍ପ୍ଲୁତ୍ୟ ନିପାତୟେତ୍ ॥ ୧୪୩ ॥
ପରିବୃତ୍ତଂ ତ୍ରିକଂ ଚୈବ ପ୍ରେଙ୍ଖୋଳିତକମୁଚ୍ୟତେ ।

---

୭୯ । ଅପକ୍ରାନ୍ତ — ଉରୁଦେଶ, ବଳିତ ଏବଂ ଅପକ୍ରାନ୍ତ ସ୍ଥିତି ଅବଲମ୍ବିତ ହେଲେ ତଥା ହସ୍ତଦ୍ୱୟ ଅଭିନୟୋପଯୋଗୀ ଭାବରେ ସଂଚାଳିତ ହେଲେ ତାହାକୁ ଅପକ୍ରାନ୍ତ କହନ୍ତି । ୧୩୮½ ।

୮୦ । ମୟୂରଲଳିତ — ବୃଶ୍ଚିକ କରଣ ଅବଲମ୍ବନ ପୂର୍ବକ ହସ୍ତଦ୍ୱୟକୁ ରେଚିତ କରି ଏବଂ ତ୍ରିକକୁ ମଣ୍ଡଳାକାରରେ ଘୂରାଇଲେ ତାହାର ନାମ ମୟୂରଲଳିତ ହୁଏ । ୧୩୯½ ।

୮୧ । ସର୍ପିତ — ପାଦଦ୍ୱୟକୁ ଅଞ୍ଚିତ ସ୍ଥାନରୁ ସଞ୍ଚାଳିତ କରି ମସ୍ତକରେ ପରିବାହିତ ଭଙ୍ଗୀ ଧାରଣ କରି ହସ୍ତଦ୍ୱୟକୁ ରେଚିତ କରିବ । ୧୪୦½ ।

୮୨ । ଦଣ୍ଡପାଦ — ଏଥିରେ ନୂପୁର ସ୍ଥିତି ଅବଲମ୍ବନ କରି ପାଦ ଦଣ୍ଡପାଦସ୍ଥିତି ଅବଲମ୍ବନ କରିବ । କ୍ଷିପ୍ରଭାବେ ହସ୍ତରେ ଆବିଦ୍ଧ ଭଙ୍ଗୀ ପ୍ରଦର୍ଶନ କରିବ । ୧୪୧½ ।

୮୩ । ହରିଣପ୍ଲୁତ — ଅତିକ୍ରାନ୍ତ ସ୍ଥିତି ଅବଲମ୍ବନ କରି ଉପରେ କୁଦାମାରି ସ୍ଥିର ହୋଇ ରହି ଉପରେ ଗୋଟିଏ ଜଂଘା ଦେହକୁ ବକ୍ର ଏବଂ କ୍ଷିପ୍ତ କଲେ ଏହି କରଣ ସମ୍ପନ୍ନ ହୁଏ । ୧୪୨½ ।

୮୪ । ପ୍ରେଙ୍ଖୋଳିତ — ଦୋଳପାଦସ୍ଥିତି ପ୍ରଦର୍ଶନ କରି ଡିଆଁ ମାରି ପୁଣି

Digitized by srujanika@gmail.com

ଭୁଜାବୂର୍ଦ୍ଧ୍ୱବିନିଷ୍କ୍ରାନ୍ତୌ ହସ୍ତୌ ତ୍ର୍ୟଙ୍ଗମୁଖାଙ୍ଗୁଳୀ ॥ ୧୪୪ ॥
ବଦ୍ଧାଚାରୀ ତଥା ଚୈବ ନିତମ୍ବେ କରଣେ ଭବେତ୍ ।
ଦୋଳାପାଦକ୍ରମଂ କୃତ୍ୱା ହସ୍ତୌ ତଦନୁଗାବୁଭୌ ॥ ୧୪୫ ॥
ରେଚିତୌ ଘୂର୍ଣ୍ଣିତୌ ବାପି ସ୍ଖଳିତଂ କରଣଂ ନ୍ୟସେତ୍ ॥ ୧୪୬ ॥
ବାମୋ ବକ୍ଷଃସ୍ଥିତୋ ହସ୍ତଃ ପ୍ରୋଦ୍‌ବେଷ୍ଟିତତଲୋଽପରଃ ।
ଅଞ୍ଚିତଶ୍ଚରଣଶ୍ଚୈବ ପ୍ରୟୋଜ୍ୟଃ କରିହସ୍ତକେ ॥ ୧୪୭ ॥
ଏକସ୍ତୁ ରେଚିତୋ ହସ୍ତୋ ଲତାଖ୍ୟସ୍ତୁ ତଥାଽପରଃ ।
ପ୍ରସର୍ପିତତଲୌ ପାଦୌ ପ୍ରସର୍ପିତକମେବ ତତ୍ ॥ ୧୪୮ ॥
ଅଳାତଂ ଚ କରଂ କୃତ୍ୱା ଦ୍ୱିତୀୟଂ ଚ ଦ୍ରୁତକ୍ରମମ୍ ।
ହସ୍ତୌ ପାଦାନୁଗୌ ଚାପି ସିଂହବିକ୍ରୀଡ଼ିତେ ସ୍ମୃତୌ ॥ ୧୪୯ ॥
ପୃଷ୍ଠପ୍ରସାରିତଃ ପାଦସ୍ତଥା ହସ୍ତୌ ନିକୁଞ୍ଚିତୌ ।

ତ୍ରିକ ଦେଶକୁ ମଣ୍ଡଳାକାରରେ ବୁଲାଇଲେ ଏହି କରଣ ନିଷ୍ପନ୍ନ ହୁଏ । ।୧୪୩½।

୮୫ । ନିତମ୍ବ — ବାହୁଦ୍ୱୟକୁ ଉତ୍କ୍ଷିପ୍ତ କରି ହସ୍ତଦ୍ୱୟର ଅଙ୍ଗୁଳିଗୁଡ଼ିକୁ ଊର୍ଦ୍ଧ୍ୱ-ମୁଖୀନ କରି ବଦ୍ଧାଚାରୀ ଗଠକଲେ ନିତମ୍ବ ନାମକ କରଣ ହୁଏ ।୧୪୪½ ।

୮୬ । ସ୍ଖଳିତ — ଦୋଳାପାଦ ଚାରୀ ଅବଲମ୍ବନ କରି ହସ୍ତଦ୍ୱୟକୁ ରେଚିତ କରି କିଂବା ଘୂର୍ଣ୍ଣିତ କରାଇ ଗତି ସହିତ ସାମଞ୍ଜସ୍ୟ ରକ୍ଷା କଲେ ସ୍ଖଳିତ କରଣ ନିଷ୍ପନ୍ନ ହୁଏ । ୧୪୬ ।

୮୭ । କରିହସ୍ତକ — ଏଥିରେ ବାମହସ୍ତ ବକ୍ଷୋଦେଶରେ ସ୍ଥାପିତ ହେବ, ଦକ୍ଷିଣ ହସ୍ତର ତଳଭାଗ (ପାପୁଲିରେ) ରେ ପ୍ରୋଦ୍‌ବେଷ୍ଟିତ ଭଙ୍ଗୀ ଏବଂ ପାଦ-ଦ୍ୱୟରେ ଅଞ୍ଚିତ ଭଙ୍ଗୀ ଅବଲମ୍ବିତ ହେବ । ୧୪୭ ।

୮୮ । ପ୍ରସର୍ପିତ — ଗୋଟିଏ ହସ୍ତକୁ ରେଚିତ ଅପରଟିକୁ ଲତା ହସ୍ତଭଙ୍ଗୀଯୁକ୍ତ ଏବଂ ପାଦଦ୍ୱୟକୁ ସଂସର୍ପିତ ବିଶିଷ୍ଟ କଲେ ପ୍ରସର୍ପିତକ କରଣ ନିଷ୍ପନ୍ନ ହୁଏ ।୧୪୮।

୮୯ । ସିଂହବିକ୍ରୀଡ଼ିତ — ଏଥିରେ ପ୍ରଥମେ ଅଲାତଚାରୀ ଏବଂ ତତ୍ପରେ ଦ୍ରୁତଚାରୀ ଅବଲମ୍ବିତ ହେବ । ହସ୍ତଦ୍ୱୟ ପାଦର ଗତି ଅନୁରୂପେ ଚାଳିତ ହେବ । ।୧୪୯।

୯୦ । ସିଂହାକର୍ଷିତ — ଗୋଟିଏ ପାଦ ପୃଷ୍ଠଆଡ଼କୁ ପ୍ରସାରିତ କରି ହସ୍ତଦ୍ୱୟକୁ

Digitized by srujanika@gmail.com

ମୂର୍ଦ୍ଧ୍ନ୍ୟସ୍ତଶ୍ଚୈବ କର୍ତ୍ତବ୍ୟୌ ସିଂହାକର୍ଷିତକେ ଦ୍ୱିଜାଃ ॥ ୧୫୦ ॥
ଆକ୍ଷିପ୍ତହସ୍ତମାକ୍ଷିପ୍ତପାଦମାକ୍ଷିପ୍ତ-ଦେହକମ୍ ।
ଉଦ୍‌ବୃତ୍ତମାଶ୍ମିତୋଂଶ୍ଚେଦୁଦ୍‌ବୃତ୍ତଂ କରଣଂ ସ୍ମୃତମ୍ ॥ ୧୫୧ ॥
ଆକ୍ଷିପ୍ତଶ୍ଚରଣଶ୍ଚୈକୋ ହସ୍ତସ୍ୟୈବ ବଶାନୁଗଃ ।
ଆନତଂ ଚ ତଥା ଗାତ୍ରଂ ତଦୋପସୃତକଂ ଭବେତ୍ ॥ ୧୫୨ ॥
ଦୋଳାପାଦକ୍ରମଂ କୃତ୍ୱା ତଳସଂଘଟ୍ଟିତୌ କରୌ ।
ରେଚୟେଚ୍ଚ କରଂ ବାମଂ ତଳସଂଘଟ୍ଟିତେ ସଦା ॥ ୧୫୩ ॥
ଏକୋ ବକ୍ଷଃସ୍ଥିତୋ ହସ୍ତୋ ଦ୍ୱିତୀୟଶ୍ଚ ପ୍ରଲମ୍ବିତଃ ।
ତଳାଗ୍ରସଂସ୍ଥିତଃ ପାଦୋ ଜନିତେ କରଣେ ଭବେତ୍ ॥ ୧୫୪ ॥
ଜନିତଂ କରଣଂ କୃତ୍ୱା ହସ୍ତୌ ଶୁକମୁଖାଙ୍ଗୁଳୀ ।
ଶନୈର୍ନିପତିତୌ ଚୈବ ଜ୍ଞେୟଂ ତଦବହିତ୍ଥକମ୍ ॥ ୧୫୫ ॥

କୁଞ୍ଚିତ ଓ ଆବର୍ତ୍ତିତ କରିବ । ଏହିପରି ପୁନର୍ବାର ହସ୍ତକ୍ରିୟା କଲେ ତାହାର ନାମ ସିଂହାକର୍ଷିତ କରଣ ହୁଏ । ୧୫୦ ।

୫୧ । ଉଦ୍‌ବୃତ୍ତ—ହସ୍ତ ପାଦ ଓ ଦେହକୁ ଆକ୍ଷେପ (ଛୁଆଁଇଲା ପରି କରିବା) କରି ଉଦବୃତ୍ତ ସ୍ୱରୂପରେ ଗତି କଲେ ତାହାର ନାମ ଉଦ୍‌ବୃତ୍ତ । ୧୫୧ ।

୫୨ । ଉପସୃତକ—ପାଦକୁ ଆକ୍ଷିପ୍ତ କରି (ବୃକ୍ଷ ବିଶେଷ) ବୃକ୍ଷ ଗତି ଅନୁସାରେ ହସ୍ତକୁ ଚାଳିତ କରିବ ଏବଂ ଶରୀରକୁ ଅଳ୍ପ ନତ କରିବ, ଏହାର ନାମ ଉପସୃତକ । ୧୫୨ ।

୫୩ । ତଳସଂଘଟ୍ଟିତ—ଦୋଳପାଦ ଚାରୀ କରି କରତଳରେ ତାଳି ମାରି ବାମହସ୍ତକୁ ରେଚିତ କଲେ ତଳସଂଘଟ୍ଟିତ ହୁଏ । ୧୫୩ ।

୫୪ । ଜନିତ—ଗୋଟିଏ ହସ୍ତକୁ ବକ୍ଷ ଦେଶରେ ସ୍ଥାପନକରି, ଅପର ହସ୍ତଟିକୁ ଲମ୍ବିତ କରି ଗୋଟିଏ ପାଦକୁ ଲତାଗ୍ର ଭଙ୍ଗୀରେ ସ୍ଥିତ କଲେ, ଜନିତ ହୁଏ । (ଅନ୍ୟ ମତରେ ତଳାଗ୍ର ସଂସ୍ଥିତ ବୃକ୍ଷ ଅବଲମ୍ବନ କଲେ) । ୧୫୪ ।

୫୫ । ଅବହିତ୍ଥକ—ଜନିତ କରଣ କରି ଶୁକ ଅଙ୍ଗୁଳି ପ୍ରସାରଣ ପୂର୍ବକ ହସ୍ତକୁ ଟେକି ପୁଣି ଧୀରେ ଧୀରେ ଅବନତ କଲେ ଅବହିତ୍ଥକ । ୧୫୫ ।

Digitized by srujanika@gmail.com

କରୌ ବକ୍ଷଃସ୍ଥିତୌ କାର୍ଯ୍ୟାବୁରୋ ନିର୍ଭୁଗ୍ନମେବ ଚ ।
ମଣ୍ଡଳଂ ସ୍ଥାନକଂ ଚୈବ ନିବେଶକରଣଂ ତୁ ତତ୍ ॥ ୧୫୬ ॥
ତଳସଞ୍ଚରପାଦାଭ୍ୟାମୁତ୍ପ୍ଳୁତ୍ୟ ପତନଂ ତୁ ଯତ୍ ।
ସନ୍ନତଂ ବଳିତଂ ଗାତ୍ରମେଳକାକ୍ରୀଡ଼ିତଂ ତୁ ତତ୍ ॥ ୧୫୭ ॥
କରମାବୃତ୍ତକରଣମୂରୁପୃଷ୍ଠେଽଞ୍ଚିତଂ ନ୍ୟସେତ୍ ।
ଜଙ୍ଘାଞ୍ଚିତା ତଥୋଦ୍‌ବୃତ୍ତା ତଦୂରୂଦ୍‌ବୃତ୍ତମୁଚ୍ୟତେ ॥ ୧୫୮ ॥
କରୌ ପ୍ରଲମ୍ବିତୌ କାର୍ଯ୍ୟୌ ଶିରଶ୍ଚ ପରିବାହିତମ୍ ।
ପାଦୌ ଚ ବଳିତାବିଦ୍ଧୌ ମଦସ୍ଖଳିତକେ ଦ୍ୱିଜାଃ ॥ ୧୫୯ ॥
ପୁରଃ ପ୍ରସାରିତଃ ପାଦଃ କୁଞ୍ଚିତୋ ଗଗନୋନ୍ମୁଖଃ ।
କରୌ ଚ ରେଚିତୌ ଯତ୍ର ବିଷ୍ଣୁକ୍ରାନ୍ତଂ ତଦୁଚ୍ୟତେ ॥ ୧୬୦ ॥
କରମାବର୍ତ୍ତିତଂ କୃତ୍ୱା ହ୍ୟୂରୁପୃଷ୍ଠେ ନିକୁଞ୍ଚୟେତ୍ ।
ଊରୁଶ୍ଚୈବ ତଥା ବିଦ୍ଧଃ ସମ୍ଭ୍ରାନ୍ତଂ କରଣଂ ତୁ ତତ୍ ॥ ୧୬୧ ॥

---

୯୬ । ନିବେଶ – ହସ୍ତଦ୍ୱୟକୁ ବକ୍ଷଦେଶରେ ସ୍ଥାପନ କରି ନିର୍ଭୁଗ୍ନ (ନୋଇଁବା) କରି ମଣ୍ଡଳ ସ୍ଥାନକରେ ଅବସ୍ଥିତ ହେଲେ ନିବେଶ କରଣ ନିଷ୍ପନ୍ନ ହୁଏ । ।୧୫୬।

୯୭ । ଏଳକାକ୍ରୀଡ଼ିତ – ପାଦଦ୍ୱୟ ଦ୍ୱାରା ତଳସଞ୍ଚର ଗତି କରି ଉପରକୁ ଡେଇଁ ଶରୀରକୁ ସନ୍ନତ ଓ ବଳିତ କଲେ ଏଳକାକ୍ରୀଡ଼ିତ କରଣ ନିଷ୍ପନ୍ନ ହୁଏ । ।୧୫୭।

୯୮ । ଊରୁଦ୍‌ବୃତ୍ତ – ହସ୍ତକୁ ଆବୃତ୍ତ ବା ବ୍ୟାବର୍ତ୍ତିତ କରି ପରେ ବକ୍ର କରି ଊରୁ ଉପରେ (ଆଣ୍ଠୁ ଉପର ଭାଗରେ) ନ୍ୟସ୍ତ କରିବ । ଜଂଘକୁ ଅଞ୍ଚିତ (ବକ୍ର) ଓ ଉଦ୍‌ବର୍ତ୍ତିତ କଲେ ତାହାର ନାମ ଊରୁଦ୍‌ବୃତ୍ତ ହୁଏ । ୧୫୮ ।

୯୯ । ମଦସ୍ଖଳିତକ – ଏଥିରେ ହସ୍ତଦ୍ୱୟକୁ ଲମ୍ବିତ କରିବ । ଶିରକୁ ପରିବାହିତ କରିବ ଓ ପାଦଦ୍ୱୟରେ ବଳିତ ଓ ଆବିଦ୍ଧ ଗୁଣ ଅବଲମ୍ବନ କରିବ । ।୧୫୯।

୧୦୦ । ବିଷ୍ଣୁକ୍ରାନ୍ତ – ଗୋଟିଏ ପାଦକୁ ସମ୍ମୁଖ ଆଡ଼କୁ ପ୍ରସାରିତ କରି ଗଗନୋନ୍ମୁଖ ଭଙ୍ଗୀରେ କୁଞ୍ଚିତ କଲେ ଏବଂ ହସ୍ତଦ୍ୱୟକୁ ରେଚିତ କଲେ ଏହି କରଣ ନିଷ୍ପନ୍ନ ହୁଏ । ୧୬୦ ।

୧୦୧ । ସମ୍ଭ୍ରାନ୍ତ – ଏଥିରେ ଗୋଟିଏ ହସ୍ତ ବ୍ୟାବର୍ତ୍ତିତ ଭଙ୍ଗୀରେ ପରିସ୍ଖଳିତ

Digitized by srujanika@gmail.com

ଅପବିଦ୍ଧଃ କରଃ ସୂଚ୍ୟା ପାଦଶ୍ଚୈବ ନିକୁଟ୍ଟିତଃ ।
ବକ୍ଷଃସ୍ଥଶ୍ଚ ଭବେଦ୍ ବାମୋ ବିଷ୍କମ୍ଭେ କରଣେ ଭବେତ୍ ॥ ୧୬୨ ॥
ପାଦାବୁଦ୍‌ଘଟ୍ଟିତୌ କାର୍ଯ୍ୟୌ ତଳସଂଘଟ୍ଟିତୌ କରୌ ।
ନତଶ୍ଚ ପାର୍ଶ୍ୱେ କର୍ତ୍ତବ୍ୟୋ ବୁଧୈରୁଦ୍‌ଘଟ୍ଟିତେ ସଦା ॥ ୧୬୩ ॥
ପ୍ରଯୁଜ୍ୟାଳପଦ୍ମଂ ପୂର୍ବଂ ହସ୍ତୌ ଦ୍ୱାବପି ରେଚିତୌ ।
କୁଞ୍ଚିତାବଞ୍ଚିତୌ ଚୈବ ବୃଷଭକ୍ରୀଡ଼ିତେ ସଦା ॥ ୧୬୪ ॥
ରେଚିତାବଞ୍ଚିତୌ ହସ୍ତୌ ଲୋଳିତଂ ବର୍ତ୍ତିତଂ ଶିରଃ ।
ଉଭୟୋଃ ପାର୍ଶ୍ୱୟୋର୍ଯତ୍ର ତଲ୍ଲୋଳିତମୁଦାହୃତମ୍ ॥ ୧୬୫ ।
ସ୍ୱସ୍ତିକାପସୃତୌ ପାଦୌ ଶିରଶ୍ଚ ପରିବାହିତମ୍ ।
ରେଚିତୌ ଚ ତଥା ହସ୍ତୌ ସ୍ୟାତାଂ ନାଗାପସର୍ପିତେ ॥ ୧୬୬ ॥

ହୋଇ ଆବଦ୍ଧ ଭଙ୍ଗୀରେ ସ୍ଥିତ ଊରୁ ଉପରେ ସ୍ଥାପିତ ହୁଏ । ୧୬୧ ।

୧୦୨ । ବିଷ୍କମ୍ଭ — ଦକ୍ଷିଣ ହସ୍ତରେ ଅପବିଦ୍ଧ ଭଙ୍ଗୀ ଧାରଣ କରି ସୂଚୀ ଭଙ୍ଗୀ ଧାରଣ କରିଥିବା ପାଦରେ ଭୂମିକୁ ବାରମ୍ବାର ପ୍ରହାର କରି ବକ୍ଷଦେଶରେ ବାମହସ୍ତକୁ ସ୍ଥାପନ କଲେ ବିଷ୍କମ୍ଭ ହୁଏ । ୧୬୨ ।

୧୦୩ । ଉଦ୍‌ଘଟ୍ଟିତ — ପାଦଦ୍ୱୟରେ ଉଦ୍‌ଘଟ୍ଟିତ ବ୍ୟାପାର ଅବଲମ୍ବନ କରି ଏବଂ ହସ୍ତଦ୍ୱୟକୁ ତଳସଂଘଟ୍ଟିତ ଭଙ୍ଗୀରେ ସ୍ଥାପିତ କରି ଦୁଇ ପାର୍ଶ୍ୱରେ ସେ ଦୁହିଁଙ୍କୁ ସ୍ଥାପନ କଲେ ଉଦ୍‌ଘଟ୍ଟିତ କରଣ ନିଷ୍ପନ୍ନ ହୁଏ । ୧୬୩ ।

୧୦୪ । ବୃଷଭକ୍ରୀଡ଼ିତ — ଅଳପଦ୍ମ ଅବଲମ୍ବନ ପୂର୍ବକ ହସ୍ତଦ୍ୱୟକୁ ରେଚିତ କରି ତତ୍ପରେ ସେ ଦୁହିଁଙ୍କୁ କୁଞ୍ଚିତ ଓ ଅଞ୍ଚିତ କରିବ । ତାହା ହେଲେ ବୃଷଭକ୍ରୀଡ଼ିତ କରଣ ନିଷ୍ପନ୍ନ ହୁଏ । ୧୬୪ ।

୧୦୫ । ଲୋଳିତ — ହସ୍ତଦ୍ୱୟକୁ ଦୁଇପାର୍ଶ୍ୱରେ ରେଚିତ ଓ ଅଞ୍ଚିତ କରି ମସ୍ତକକୁ ଲୋଳିତ ଓ ବର୍ତ୍ତିତ ଭଙ୍ଗୀରେ ସ୍ଥାପିତ କଲେ ଲୋଳିତ କରଣ ନିଷ୍ପନ୍ନ ହୁଏ । ୧୬୫ ।

୧୦୬ । ନାଗାପସର୍ପିତ — ପାଦଦ୍ୱୟକୁ ସ୍ୱସ୍ତିକ ଓ ଅପସର୍ପିତ କରି (ଅନ୍ୟମତରେ ସ୍ୱସ୍ତିକ ଭଙ୍ଗୀରେ ପାଦଦ୍ୱୟକୁ ଅପସାରିତ କରି) ହସ୍ତଦ୍ୱୟକୁ ରେଚିତ କରି ଶିରକୁ ପରିବାହିତ କଲେ ନାଗାପସର୍ପିତ ହୁଏ । ୧୬୬ ।

Digitized by srujanika@gmail.com

ନିଷଣ୍ଣାଙ୍ଗସ୍ତୁ ଚରଣଂ ପ୍ରସାର୍ଯ୍ୟ ତଳସଞ୍ଚରମ୍ ।
ଉଦ୍ୱାହିତମୁରଃ କୃତ୍ୱା ଶକଟାସ୍ୟଂ ପ୍ରୟୋଜୟେତ୍ ॥ ୧୬୭ ॥
ଊର୍ଦ୍ଧ୍ୱାଙ୍ଗୁଳିତଳଃ ପାଦସ୍ତ୍ରିପତାକାବଧୋମୁଖୌ ।
ହସ୍ତୌ ଶିରଃ ସନ୍ନତଂ ଚ ଗଙ୍ଗାବତରଣଂ ଚ ତତ୍ ॥ ୧୬୮ ॥
ଅଷ୍ଟୋତ୍ତରଶତଂ ହ୍ୟେତତ୍ କରଣାନାଂ ମୟୋଦିତମ୍ ।
ଅତଃ ପରଂ ପ୍ରବକ୍ଷ୍ୟାମି ହ୍ୟଙ୍ଗହାରବିକଳ୍ପନମ୍ ॥ ୧୬୯ ॥
ପ୍ରସାର୍ଯ୍ୟୋତ୍କ୍ଷିପ୍ୟ ଚ କରୌ ସମପାଦଂ ପ୍ରୟୋଜୟେତ୍ ।
ବ୍ୟଂସିତାପସୃତଂ ସବ୍ୟମୂର୍ଦ୍ଧ୍ୱଂ ହସ୍ତଂ ପ୍ରସାରୟେତ୍ ॥ ୧୭୦ ॥
ପ୍ରତ୍ୟାଲୀଢ଼ଂ ତତଃ କୃତ୍ୱା ତଥୈବ ଚ ନିକୁଟ୍ଟକମ୍ ।
ଊରୂଦ୍ବୃତ୍ତଂ ତତଃ କୁର୍ଯ୍ୟାଦାକ୍ଷିପ୍ତଂ ସ୍ୱସ୍ତିକଂ ତତଃ ॥ ୧୭୧ ॥
ସ୍ଥିରହସ୍ତୋ ଭବେଦେଷ ହ୍ୟଙ୍ଗହାରୋ ହରପ୍ରିୟଃ ।
ତଳପୁଷ୍ପାପବିଦ୍ଧେ ଦ୍ୱେ ବର୍ତ୍ତିତଂ ସନିକୁଟ୍ଟକମ୍ ॥ ୧୭୨ ॥
ପ୍ରତ୍ୟାଲୀଢ଼ଂ ତତଃ କୃତ୍ୱା ତଥୈବ ଚ ନିକୁଟ୍ଟକମ୍ ।
ଊରୂଦ୍ବୃତ୍ତଂ ତଥାକ୍ଷିପ୍ତମୁରୋମଣ୍ଡଳକଂ ତଥା ॥ ୧୭୩ ॥

---

୧୦୭ । ଶକଟାସ୍ୟ — ନିଷଣ୍ଣାଙ୍ଗ ହୋଇ (ବସିପଡ଼ି) ତଳ ସଞ୍ଚାର ଭଙ୍ଗୀରେ ପସାରି ହୋଇ ବକ୍ଷକୁ ଉଦ୍‌ବାହିତ କଲେ ଶକଟାସ୍ୟ ହୁଏ । ୧୬୭ ।

୧୦୮ । ଗଙ୍ଗାବତରଣ — ଅଙ୍ଗୁଷ୍ଠ ସହିତ ଗୋଟିଏ ପାଦତଳକୁ ଊର୍ଦ୍ଧ୍ୱମୁଖ କରି ତ୍ରିପତାକ ହସ୍ତକୁ ତଳମୁହାଁ କରି ମସ୍ତକକୁ ସନ୍ନତ କଲେ ଗଙ୍ଗାବତରଣ ହୁଏ । ୧୬୮ ।

ହେ ଦ୍ୱିଜମାନେ ! ମୁଁ ଶହେଆଠ ପ୍ରକାର କରଣର ଲକ୍ଷଣ କହିଲି, ଏବେ ଅଙ୍ଗହାର ଭେଦ କହୁଛି । ୧୬୯ ।

୧ । ସ୍ଥିରହସ୍ତ — ବାହୁଦ୍ୱୟକୁ ପ୍ରସାରିତ କରି ଊର୍ଦ୍ଧ୍ୱକୁ କ୍ଷିପ୍ତ କରିବ । ସମପାଦ ସ୍ଥାନ ଅବଲମ୍ବନ ପୂର୍ବକ ବାମହସ୍ତକୁ କାନ୍ଧ ସଳଖରେ ପ୍ରସାରିତ କରିବ । ତତ୍ପରେ ନିକୁଟ୍ଟିତ, ଉରୂଦ୍‌ବୃତ୍ତ, ଆକ୍ଷିପ୍ତ, ସ୍ୱସ୍ତିକ, ନିତମ୍ବ, କରିହସ୍ତ, କଟିଚ୍ଛିନ୍ନ, ଏହି କରଣ ଗୁଡ଼ିକୁ ନିପୁଣତା ସହକାରେ ଅବଲମ୍ବନ କରିବ । ୧୭୦ ୧୭୨ ।

୨ । ପର୍ଯ୍ୟସ୍ତକ — ତଳପୁଷ୍ପପୁଟ, ଅପବିଦ୍ଧ, ବର୍ତ୍ତିତ ଏହି କରଣ ଗୁଡ଼ିକୁ ଅବଲମ୍ବନ କଲାପରେ ପ୍ରତ୍ୟାଲୀଢ଼ ସ୍ଥାନରେ ଅବସ୍ଥିତ ରହି ନିକୁଟ୍ଟିତ, ଉରୂଦ୍-

Digitized by srujanika@gmail.com

ନିତମ୍ବଂ କରିହସ୍ତଂ ଚ କଟିଚ୍ଛିନ୍ନଂ ତଥୈବ ଚ ।
ଏଷ ପର୍ଯ୍ୟସ୍ତକୋ ନାମ ହ୍ୟଙ୍ଗହାରୋ ହରୋଦ୍ଭବଃ ॥ ୧୭୪ ॥
ଅଳପଲ୍ଲବସୂଚ୍ୟୌ ଚ କୃତ୍ୱା ବିକ୍ଷିପ୍ତମେବ ଚ ।
ଆବର୍ତ୍ତିତଂ ତତଃ କୁର୍ଯ୍ୟାତ୍ତଥୈବ ଚ ନିକୁଟ୍ଟକମ୍ ॥ ୧୭୫ ॥
ଊରୂଦ୍ୱୃତ୍ତଂ ତଥାକ୍ଷିପ୍ତମୁରୋମଣ୍ଡଳକଂ ତଥା ।
କରିହସ୍ତଂ କଟିଚ୍ଛିନ୍ନଂ ସୂଚୀବିଦ୍ଧୋ ଭବେଦୟମ୍ ॥ ୧୭୬ ॥
ଅପବିଦ୍ଧଂ ଚ କରଣଂ ସୂଚୀବିଦ୍ଧଂ ତଥୈବ ଚ ।
ଉଦ୍‌ବେଷ୍ଟିତେନ ହସ୍ତେନ ତ୍ରିକଂ ତୁ ପରିବର୍ତ୍ତୟେତ୍ ॥ ୧୭୭ ॥
ଉରୋମଣ୍ଡଳକୌ ହସ୍ତୌ କଟିଚ୍ଛିନ୍ନଂ ତଥୈବ ଚ ।
ଅପବିଦ୍ଧୋଽଙ୍ଗହାରସ୍ତୁ ବିଜ୍ଞେୟସ୍ତତ୍ପ୍ରୟୋକ୍ତୃଭିଃ । ୧୭୮ ।
କରଣଂ ନୂପୁରଂ କୃତ୍ୱା ବିକ୍ଷିପ୍ତାଳାତକେ ପୁନଃ ।
ପୁନରାକ୍ଷିପ୍ତକଂ କୁର୍ଯ୍ୟାଦୁରୋମଣ୍ଡଳକଂ ତଥା ॥ ୧୭୯ ॥
ନିତମ୍ବଃ କରିହସ୍ତଶ୍ଚ କଟିଚ୍ଛିନ୍ନଂ ତଥୈବ ଚ ।
ଆକ୍ଷିପ୍ତକଃ ସ ବିଜ୍ଞେୟୋ ହ୍ୟଙ୍ଗହାରଃ ପ୍ରୟୋକ୍ତୃଭିଃ ॥ ୧୮୦ ॥

ବୃତ୍ତ, ଆକ୍ଷିପ୍ତ, ଉରୋମଣ୍ଡଳ, ନିତମ୍ବ, କରିହସ୍ତ ଏବଂ କଟିଚ୍ଛିନ୍ନ କରଣମାନ ପ୍ରୟୋଗ କରିବ । ୧୭୨-୧୭୪ ।

୩ । ସୂଚୀବିଦ୍ଧ—ଅଳପଲ୍ଲବ ପ୍ରଦର୍ଶନ କରି ତତ୍ପରେ ସୂଚୀମୁଖ, ବିକ୍ଷିପ୍ତ, ଆବର୍ତ୍ତିତ, ନିକୁଟ୍ଟିତ, ଊରୂଦ୍‌ବୃତ୍ତ, ଆକ୍ଷିପ୍ତ, ଉରୋମଣ୍ଡଳକ, କରିହସ୍ତ ଏବଂ କଟିଚ୍ଛିନ୍ନ ଏହି କରଣ ଗୁଡ଼ିକ କ୍ରମାନ୍ୱୟରେ ପ୍ରଦର୍ଶନ କଲେ ସୂଚୀବିଦ୍ଧ ଅଙ୍ଗହାର ହୁଏ । ୧୭୫-୧୭୬ ।

୪ । ଅପବିଦ୍ଧ—ଅପବିଦ୍ଧ କରଣ ଏବଂ ସୂଚୀବିଦ୍ଧ କରଣ ଅବଲମ୍ବନ କରି ତତ୍ପରେ ଉଦ୍‌ବେଷ୍ଟିତ ହସ୍ତକୁ ଉଦ୍‌ବେଷ୍ଟିତ ଭଙ୍ଗୀରେ ଏବଂ ତ୍ରିକକୁ ପରିବର୍ତ୍ତିତ କରି ଉରୋମଣ୍ଡଳକ ହସ୍ତ ଧାରଣ କରି କଟିଚ୍ଛିନ୍ନର ପ୍ରୟୋଗ କଲେ ଅପବିଦ୍ଧ ଅଙ୍ଗହାର ହୁଏ । ୧୭୭-୧୭୮ ।

୫ । ଆକ୍ଷିପ୍ତକ—ନୂପୁର କରଣ କରି ପାଶ ବିକ୍ଷିପ୍ତ ଏବଂ ଅଳାତକ କରଣ କରିବ । ପୁନର୍ବାର ଆକ୍ଷିପ୍ତକ, ଉରୋମଣ୍ଡଳକ, ନିତମ୍ବ, କରିହସ୍ତ, କଟିଚ୍ଛିନ୍ନ, କରଣମାନ ପ୍ରଦର୍ଶନ କଲେ ଆକ୍ଷିପ୍ତକ ଅଙ୍ଗହାର ନିଷ୍ପନ୍ନ ହୁଏ । ୧୭୯-୧୮୦ ।

Digitized by srujanika@gmail.com

ଉଦ୍‌ବେଷ୍ଟିତାପବିଦ୍ଧୌ ତୁ କରୌ ପାଦୌ ନିକୁଟ୍ଟିତୌ ।
ପୁନସ୍ତେନୈବ ଯୋଗେନ ବାମପାର୍ଶ୍ୱେ ଭବେଦଥ ॥ ୧୮୧ ॥
ଉରୋମଣ୍ଡଳକୌ ହସ୍ତୌ ନିତମ୍ବଂ କରିହସ୍ତକମ୍ ।
କର୍ତ୍ତବ୍ୟଃ ସ କଟିଚ୍ଛେଦୋ ନୃତ୍ତେ ତୂଦ୍‌ଘଟ୍ଟିତେ ବୁଧୈଃ ॥ ୧୮୨ ॥
ପର୍ଯ୍ୟାୟୋଦ୍‌ବେଷ୍ଟିତୌ ହସ୍ତୌ ପାଦୌ ଚୈବ ନିକୁଟ୍ଟିତୌ ।
କୁଞ୍ଚିତାବଞ୍ଚିତୌ ଚୈବ ହ୍ୟୁଲ୍ଲମ୍ବିତଂ ତଥୈବ ଚ ॥ ୧୮୩ ॥
ଚତୁରଶ୍ରଂ କରଂ କୃତ୍ୱା ପାଦେନ ଚ ନିକୁଟ୍ଟକମ୍ ।
ଭୁଜଙ୍ଗତ୍ରାସିତଂ ଚୈବ କରଂ ଚୋଦ୍‌ବେଷ୍ଟିତଂ ପୁନଃ ॥ ୧୮୪ ॥
ପଟାଚ୍ଛିନ୍ନଂ ଚ କର୍ତ୍ତବ୍ୟଂ ତ୍ରିକଂ ଭ୍ରମରକେଣ ତୁ ।
କରିହସ୍ତଂ କଟିଚ୍ଛିନ୍ନଂ ବିଷ୍କମ୍ଭଃ ପରିକୀର୍ତ୍ତିତଃ ॥ ୧୮୫ ।
ଦଣ୍ଡପାଦଂ କରଂ ଚୈବ ବିକ୍ଷିପ୍ୟାକ୍ଷିପ୍ୟ ଚୈବ ହି ।
ବ୍ୟଂସିତଂ ବାମହସ୍ତଂ ଚ ସହ ପାଦେନ ସର୍ପୟେତ୍ ॥ ୧୮୬ ॥
ଚତୁରଶ୍ରଂ କରଂ କୃତ୍ୱା ପାଦେନ ଚ ନିକୁଟ୍ଟକମ୍ ।
ଭୁଜଙ୍ଗତ୍ରାସିତଂ ଚୈବ କରଂ ଚୋଦ୍‌ବେଷ୍ଟିତଂ ପୁନଃ ॥ ୧୮୭ ॥

---

୬ । ଉଦ୍‌ଘଟ୍ଟିତ -- ଏକପାର୍ଶ୍ୱର ହସ୍ତକୁ ଉଦ୍‌ବେଷ୍ଟିତ ଓ ଅପବିଦ୍ଧ ଭଙ୍ଗୀରେ ସ୍ଥାପିତ କରି, ସେହି ପାର୍ଶ୍ୱର ପାଦରେ ନିକୁଟ୍ଟିତ ଭଙ୍ଗୀ ପ୍ରଦର୍ଶନ କରିସାରି ତତ୍ପରେ ସେହିପରି ଭଙ୍ଗୀରେ ଅପର ପାର୍ଶ୍ୱରେ ଅପର ହସ୍ତ ଓ ପାଦର ସ୍ଥାପନା କରିବ ଏବଂ ଏହା ପରେ ହସ୍ତଦ୍ୱୟରେ ଉରୋମଣ୍ଡଳ ଭଙ୍ଗୀ ଅବଲମ୍ବନ କରି ନିତମ୍ବ, କରିହସ୍ତ ଏବଂ କଟିଚ୍ଛେଦ କରଣମାନ ପ୍ରଦର୍ଶନ କରିବ । ଏହାର ନାମ ଉଦ୍‌ଘଟ୍ଟିତ ଅଙ୍ଗହାର । ୧୮୧-୧୮୨ ।

୭ । ବିଷ୍କମ୍ଭ — ଏଥିରେ ପର୍ଯ୍ୟାୟ କ୍ରମରେ ହସ୍ତଦ୍ୱୟରେ ଉଦ୍‌ବେଷ୍ଟିତ ଭଙ୍ଗୀ ଏବଂ ପାଦଦ୍ୱୟରେ ନିକୁଟ୍ଟିତ, କୁଞ୍ଚିତ ଓ ଅଞ୍ଚିତ ଭଙ୍ଗୀ ଅବଲମ୍ବନ କରି ଊରୂଦ୍‌ବୃତ୍ତ କରଣ ପ୍ରଦର୍ଶନ କରିବ, ତତ୍ପରେ କରକୁ ଚତୁରଶ୍ର କରି ପାଦରେ ନିକୁଟ୍ଟନ କରି ଭୁଜଙ୍ଗତ୍ରାସକ କରଣ କରିବ । ତତ୍ପରେ ପୁନର୍ବାର ହସ୍ତକୁ ଉଦ୍‌ବେଷ୍ଟିତ କରି ତ୍ରିକରେ ଭ୍ରମରକ ଭଙ୍ଗୀ ଧାରଣ କରିବ । କରିହସ୍ତ ଏବଂ କଟିଚ୍ଛିନ୍ନ କରଣ ପ୍ରଦର୍ଶନ କରିବ । ଏହା ବିଷ୍କମ୍ଭ ଅଙ୍ଗହାର । ୧୮୪-୧୮୫ ।

୮ । ଅପରାଜିତ — ଦଣ୍ଡପାଦ କରଣ ଅବଲମ୍ବନ ପୂର୍ବକ ହସ୍ତଦ୍ୱୟକୁ ବିକ୍ଷିପ୍ତ ଏବଂ ଆକ୍ଷିପ୍ତ ଭଙ୍ଗୀରେ ସ୍ଥାପିତ କରି ବ୍ୟଂସିତ କରଣ ଅବଲମ୍ବନ କରିବ ।

Digitized by srujanika@gmail.com

ନିକୁଟ୍ଟକଦ୍ୱୟଂ କାର୍ଯ୍ୟମାକ୍ଷିପ୍ତଂ ମଣ୍ଡଳୋରସୀ ।
କଟୀହସ୍ତଃ କଟିଚ୍ଛେଦଃ କର୍ତ୍ତବ୍ୟସ୍ତ୍ୱପରାଜିତେ ॥ ୧୮୮ ॥
କୁଞ୍ଚିତଂ କରଣଂ କୃତ୍ୱା ଭୁଜଙ୍ଗତ୍ରାସିତଂ ତଥା ।
ରେଚିତେନ ତୁ ହସ୍ତେନ ପତାକଂ ହସ୍ତମାଦିଶେତ୍ ॥ ୧୮୯ ॥
ଆକ୍ଷିପ୍ତକଂ ପ୍ରଯୁଞ୍ଜୀତ ହ୍ୟୁରୋମଣ୍ଡଳକଂ ତଥା ।
ଲତାଖ୍ୟଂ ସକଟିଚ୍ଛିନ୍ନଂ ବିଷ୍କମ୍ଭାପସୃତେ ଭବେତ୍ ॥ ୧୯୦ ॥
ତ୍ରିକଂ ତୁ ବଳିତଂ କୃତ୍ୱା ନୂପୁରଂ କରଣଂ ତଥା ।
ଭୁଜଙ୍ଗତ୍ରାସିତଂ ସବ୍ୟଂ ତଥା ବୈଶାଖରେଚିତମ୍ ॥ ୧୯୧ ॥
ଆକ୍ଷିପ୍ତକଂ ତତଃ କୃତ୍ୱା ପରିଚ୍ଛିନ୍ନଂ ତଥୈବ ଚ ।
ବାହ୍ୟଭ୍ରମରକଂ କୁର୍ଯ୍ୟାଦୁରୋମଣ୍ଡଳମେବ ଚ ॥ ୧୯୨ ॥
ନିତମ୍ବଂ କରିହସ୍ତଂ ଚ କଟିଚ୍ଛେଦଂ ତଥୈବ ଚ ।
ମତ୍ତକ୍ରୀଡୋ ଭବେଦେଷ ହ୍ୟଙ୍ଗହାରୋ ହରପ୍ରିୟଃ ॥ ୧୯୩ ॥
ରେଚିତଂ ହସ୍ତପାଦଂ ତୁ କୃତ୍ୱା ବୃଶ୍ଚିକମେବ ଚ ।
ପୁନସ୍ତେନୈବ ଯୋଗେନ ବୃଶ୍ଚିକଂ ସଂପ୍ରଯୋଜୟେତ୍ ॥ ୧୯୪ ॥

ତତ୍ପରେ ବାମହସ୍ତକୁ ବାମପାଦ ସହିତ ସମଭାବେ ସ୍ଥାପିତ କରି ଦୁଇଟି ନିକୁଟ୍ଟକ ପ୍ରୟୋଗ କରିବ । ତତ୍ପରେ ମଣ୍ଡଳୋରଃ, କରିହସ୍ତ, କଟିଚ୍ଛେଦ ଏହି କରଣମାନ ପ୍ରଦର୍ଶନ କରିବ ଏହା ଅପରାଜିତ ଅଙ୍ଗହାର ।

। ୧୮୬-୧୮୮ ।

୯ । ବିଷ୍କମ୍ଭାପସୃତ—କୁଞ୍ଚିତ ଓ ଭୁଜଙ୍ଗ କରଣ ଅବଲମ୍ବନ କରି ରେଚିତ ହସ୍ତରେ ପତାକାହସ୍ତମୁଦ୍ରା ଧାରଣ କରିବ । ତତ୍ପରେ ଆକ୍ଷିପ୍ତକ, ଉରୋ-ମଣ୍ଡଳକ, ଲତା, କଟିଚ୍ଛେଦ, (ଛିନ୍ନ) କରଣ ପ୍ରୟୋଗ କରିବ । ଏହା ବିଷ୍କମ୍ଭାପସୃତ । ୧୮୯-୧୯୦ ।

୧୦ । ମତ୍ତକ୍ରୀଡ଼—ତ୍ରିକ ପରିବର୍ତ୍ତନ ପୂର୍ବକ (ବୁଲାଇ) ନୂପୁର କରଣ ପ୍ରଦର୍ଶନ କରିବ । ତତ୍ପରେ ଭୁଜଙ୍ଗତ୍ରାସିତ କରଣ କରି ଦକ୍ଷିଣ ପାଦକୁ ରେଚିତ କରିବ । ତତ୍ପରେ ଆକ୍ଷିପ୍ତକ, ପରିଚ୍ଛିନ୍ନ, ବାହ୍ୟଭ୍ରମରକ ଓ ଉରୋମଣ୍ଡଳକ କରଣମାନ ପ୍ରୟୋଗ କରିବ ଏହା ମତ୍ତକ୍ରୀଡ଼ ଅଙ୍ଗହାର । ୧୯୧-୧୯୩ ।

୧୧ । ବୃଶ୍ଚିକରେଚିତ—ହସ୍ତ ଓ ପାଦଦ୍ୱୟକୁ ରେଚିତ କରି ବୃଶ୍ଚିକ କରଣ ଅବଲମ୍ବନ କରିବ । ତତ୍ପରେ ଏହି ଗତି, ପୁନର୍ବାର ବୃଶ୍ଚିକ କରଣ ପ୍ରଦର୍ଶନ

Digitized by srujanika@gmail.com

ନିକୁଟ୍ଟକଂ ତଥା ଚୈବ ସବ୍ୟାସବ୍ୟକୃତୈଃ କ୍ରମୈଃ ।
ଲତାଖ୍ୟଂ ସକଟିଚ୍ଛେଦଂ ଭବେତ୍ ସ୍ୱସ୍ତିକରେଚିତେ ॥ ୧୯୫ ॥
ପାର୍ଶ୍ୱେ ତୁ ସ୍ୱସ୍ତିକଂ କୃତ୍ୱା କାର୍ଯ୍ୟଂ ତତ୍ର ନିକୁଟ୍ଟକମ୍ ।
ଦ୍ୱିତୀୟସ୍ୟ ଚ ପାର୍ଶ୍ୱସ୍ୟ ବିଧିଃ ସ୍ୟାଦୟମେବ ହି ॥ ୧୯୬ ॥
ତତସ୍ତୁ କରମାବର୍ତ୍ତ୍ୟ ହ୍ୟୂରୁପୃଷ୍ଠେ ନିପାତୟେତ୍ ।
ଊରୂଦ୍‌ବୃତ୍ତଂ ତତଃ କୁର୍ଯ୍ୟାଦାକ୍ଷିପ୍ତଂ ପୁନରେବ ହି ॥ ୧୯୭ ॥
ନିତମ୍ବଂ କରିହସ୍ତଂ ଚ କଟିଚ୍ଛିନ୍ନଂ ତଥୈବ ଚ ।
ପାର୍ଶ୍ୱସ୍ୱସ୍ତିକ ଇତ୍ୟେଷ ହ୍ୟଙ୍ଗହାରଃ ପ୍ରକୀର୍ତ୍ତିତଃ ॥ ୧୯୮ ॥
ସୂଚିକଂ କରଣଂ କୃତ୍ୱା ଲତାଖ୍ୟଂ ହସ୍ତମେବ ଚ ।
ତମେବ ଚ କରଂ ଭୂୟୋ ନାସାଗ୍ରେ ସନ୍ନିବେଶୟେତ୍ ॥ ୧୯୯ ॥
ତମେବୋଦ୍‌ବେଷ୍ଟିତଂ କୃତ୍ୱା ନିତମ୍ବଂ ପରିବର୍ତ୍ତୟେତ୍ ।
କରିହସ୍ତଂ କଟିଚ୍ଛିନ୍ନଂ ବୃଶ୍ଚିକାପସୃତଂ ଭବେତ୍ ॥ ୨୦୦ ॥
କୃତ୍ୱା ନୂପୁରପାଦଂ ତୁ ତଥାକ୍ଷିପ୍ତକମେବ ଚ ।
କଟିଚ୍ଛିନ୍ନଂ ଚ କର୍ତ୍ତବ୍ୟଂ ସୂଚୀବିଦ୍ଧଂ ତଥୈବ ଚ ॥ ୨୦୧ ॥

କରିବ । ତତ୍ପରେ ବାମ ଦକ୍ଷିଣ ପାଦରେ କ୍ରମାନ୍ୱୟେ ନିକୁଟ୍ଟକ କରଣ କରି ଲତା ଓ କଟିଚ୍ଛେଦ (ଛିନ୍ନ) କରଣ ପ୍ରଦର୍ଶନ କରିବ । ଏହା ସ୍ୱସ୍ତିକ-ରେଚିତ ଅଙ୍ଗହାର । ୧୯୪-୧୯୫ ।

୧୨ । ପାର୍ଶ୍ୱସ୍ୱସ୍ତିକ—ଏଥିରେ ଗୋଟିଏ ପାର୍ଶ୍ୱରେ ଦିକ୍‌ସ୍ୱସ୍ତିକ ଅବଲମ୍ବନ କରି ନିକୁଟ୍ଟକ କରିବ । ଅପରପାର୍ଶ୍ୱରେ ମଧ୍ୟ ଏହି ରୀତି ଅବଲମ୍ବନ କରିବ । ତତ୍ପରେ ହସ୍ତକୁ ଆବର୍ତ୍ତିତ କରି ଊରୁ ପୃଷ୍ଠରେ ପକାଇବ (ସ୍ଥାପନ କରିବ) ତତ୍ପରେ ଊରୂଦ୍‌ବୃତ୍ତ, ଆକ୍ଷିପ୍ତକ, ନିତମ୍ବ, କରିହସ୍ତ ଓ କଟିଚ୍ଛିନ୍ନ କରଣ ପ୍ରୟୋଗ କରିବ । ଏହାର ନାମ ପାର୍ଶ୍ୱସ୍ୱସ୍ତିକ ଅଙ୍ଗହାର । ୧୯୬-୧୯୮ ।

୧୩ । ବୃଶ୍ଚିକାପସୃତ—ସୂଚିକ କରଣ ପ୍ରୟୋଗ କରି ସାରି ଗୋଟିଏ ହସ୍ତରେ ଲତାଭଙ୍ଗୀ ଅବଲମ୍ବନ କରିବ । ତତ୍ପରେ ସେହି ହସ୍ତକୁ ନାସାଗ୍ରରେ ଲଗାଇବ, ପୁଣି ସେହି ହସ୍ତକୁ ବୁଲାଇ ଉଦ୍‌ବେଷ୍ଟିତ ଭଙ୍ଗୀ ଧାରଣ କରି ନିତମ୍ବ, କରିହସ୍ତ, କଟିଚ୍ଛେଦ (କଟିଚ୍ଛିନ୍ନ) କରଣମାନ ପ୍ରୟୋଗ କରିବ । ଏହା ବୃଶ୍ଚିକାପସୃତ ଅଙ୍ଗହାର । ୧୯୯-୨୦୦ ।

୧୪ । ଭ୍ରମର—ନୂପୁର ପାଦ କରିସାରି ଆକ୍ଷିପ୍ତ, କଟିଚ୍ଛିନ୍ନ ତତ୍ପରେ ସୂଚୀପାଦ, ନିତମ୍ବ, କରିହସ୍ତ, ଉରୋମଣ୍ଡଳକ ଓ ପୁଣି କଟିଚ୍ଛିନ୍ନ କରଣ ପ୍ରୟୋଗ

Digitized by srujanika@gmail.com

ନିତମ୍ବଂ କରିହସ୍ତଂ ଚ୍ୟୁରୋମଣ୍ଡଳକଂ ତଥା ।
କଟିଚ୍ଛିନ୍ନଂ ତତଶ୍ଚୈବ ଭ୍ରମରଃ ସ ତୁ ସଞ୍ଜ୍ଞିତଃ ॥ ୨୦୨ ॥
ମତଲ୍ଲିକରଣଂ କୃତ୍ୱା କରମାବର୍ତ୍ତ୍ୟ ଦକ୍ଷିଣମ୍ ।
କପୋଲସ୍ୟ ପ୍ରଦେଶେ ତୁ କାର୍ଯ୍ୟଂ ସମ୍ୟଙ୍ନିକୁଞ୍ଚିତମ୍ ॥ ୨୦୩ ॥
ଅପବିଦ୍ଧଂ ଦ୍ରୁତଂ ଚୈବ ତାଳସଂସ୍ଫୋଟ ସଂଯୁତମ୍ ।
କରିହସ୍ତଂ କଟିଚ୍ଛିନ୍ନଂ ମତ୍ତସ୍ଖଳିତକେ ଭବେତ୍ ॥ ୨୦୪ ॥
ଦୋଳୈଃ କରୈଃ ପ୍ରଚଳିତୈଃ ସ୍ୱସ୍ତିକାପସୃତୈଃ ପଦୈଃ ।
ଅଞ୍ଚିତୈର୍ବଳିତୈର୍ହସ୍ତୈସ୍ତଳସଂସ୍ଫୋଟିତୈସ୍ତଥା ॥ ୨୦୫ ॥
ନିକୁଟ୍ଟିତଂ ଚ କର୍ତ୍ତବ୍ୟମୂରୁଦ୍ବୃତ୍ତଂ ତଥୈବ ଚ ।
କରିହସ୍ତଂ କଟିଚ୍ଛିନ୍ନଂ ମଦାଦ୍ବିଳସିତେ ଭବେତ୍ ॥ ୨୦୬ ॥
ମଣ୍ଡଳସ୍ଥାନକଂ କୃତ୍ୱା ତଥା ହସ୍ତୌ ଚ ରେଚିତୌ ।
ଉଦ୍ଘଟ୍ଟିତେନ ପାଦେନ ମତ୍ତଲ୍ଲିକରଣଂ ଭବେତ୍ ॥ ୨୦୭ ॥
ଅକ୍ଷିପ୍ତଂ କରଣଂ ଚୈବ ହ୍ୟୁରୋମଣ୍ଡଳକଂ ତଥା ।
କଟିଚ୍ଛିନ୍ନଂ ତଥା ଚୈବ ଭବେଦ୍ଗତିମଣ୍ଡଳେ ॥ ୨୦୮ ॥
ସମପାଦଂ ପ୍ରଯୁଜ୍ୟାଥ ପରିଚ୍ଛିନ୍ନମନନ୍ତରମ୍ ।
ଆବଦ୍ଧେନ ତୁ ପାଦେନ ବାହ୍ୟଭ୍ରମରକଂ ତଥା ॥ ୨୦୯ ॥

କରିବ । ଏହା ଭ୍ରମର ନାମକ ଅଙ୍ଗହାର । ୨୦୧-୨୦୨ ।

୧୫ । ମତ୍ତସ୍ଖଳିତକ—ମତ୍ତଲ୍ଲି ନାମକ କରଣ କରିସାରି ଦକ୍ଷିଣ ହସ୍ତକୁ ଆବର୍ତ୍ତିତ କରି (ବୁଲାଇ) ଗଣ୍ଡ (ଗାଲ) ଦେଶରେ ନିକୁଞ୍ଚିତ (ବକ୍ର) କରି ସ୍ଥାପନ କରିବ । ତତ୍ପରେ ଅପବିଦ୍ଧ, ତଳସଂସ୍ଫୋଟିତ, କରିହସ୍ତ, କଟିଚ୍ଛିନ୍ନ, କରଣ ପ୍ରୟୋଗ କରିବ । ଏହା ମତ୍ତସ୍ଖଳିତକ ଅଙ୍ଗହାର । ୨୦୩-୨୦୪ ।

୧୬ । ମଦାଦ୍ବିଳସିତ—ଦୋଳାଭଙ୍ଗୀରେ ହସ୍ତଦ୍ୱୟକୁ ଚ୍ଳିତକରି ପାଦରେ ସ୍ୱସ୍ତିକା-ପସୃତ ସ୍ଥିତି ଧାରଣକରି ତତ୍ପରେ ଅଞ୍ଚିତ ପୁଣି ବଳିତ ହସ୍ତଦ୍ୱାରା ତଳ-ସଂସ୍ଫୋଟିତ ଓ ନିକୁଟ୍ଟିତ କରି ତତ୍ପରେ ଊରୁଦ୍ବୃତ୍ତ, କରିହସ୍ତ, କଟିଚ୍ଛିନ୍ନ, କରଣ ପ୍ରୟୋଗ କରିବ । ଏହା ମଦାଦ୍ବିଳସିତ ଅଙ୍ଗହାର । ୨୦୫-୨୦୬ ।

୧୭ । ଗତିମଣ୍ଡଳ—ମଣ୍ଡଳ ସ୍ଥାନକରେ ଅବସ୍ଥିତ ହୋଇ ହସ୍ତଦ୍ୱୟକୁ ରେଚିତ ଏବଂ ପାଦଦ୍ୱୟକୁ ଉଦ୍ଘଟ୍ଟିତ କରି ମତ୍ତଲ୍ଲି, ଅକ୍ଷିପ୍ତ, ଉରୋମଣ୍ଡଳ, କଟିଚ୍ଛେଦ କରଣ ପ୍ରୟୋଗ କରିବ । ଏହା ଗତିମଣ୍ଡଳ ଅଙ୍ଗହାର । ୨୦୭-୨୦୮ ।

୧୮ । ପରିଚ୍ଛିନ୍ନ—ସମପାଦସ୍ଥାନ ଅବଲମ୍ବନ କଲାପରେ ପରିଚ୍ଛିନ୍ନ କରଣ ପ୍ରଦର୍ଶନ କରି ପାଦରେ ଆବଦ୍ଧ ଭଙ୍ଗୀ ଧାରଣକରି ବାହ୍ୟ ଭ୍ରମରକ ପ୍ରୟୋଗ

Digitized by srujanika@gmail.com

ବାମସୂଚ୍ୟା ଭୁଜସ୍ତାନ୍ତଂ ଭୁଜଙ୍ଗତ୍ରାସିତଂ ତଥା ।
କରିହସ୍ତଂ କଟିଚ୍ଛିନ୍ନଂ ପରିଚ୍ଛିନ୍ନେ ବିଧୀୟତେ ॥ ୨୧୦ ॥
ଶିରସ୍ୟୁପରି ସ୍ଥାପ୍ୟୌ ସ୍ୱସ୍ତିକୌ ବିଚ୍ୟୁତୌ କରୌ ।
ତତଃ ସବ୍ୟଂ କରଂ ଚାପି ଗାତ୍ରମାନମ୍ୟ ରେଚୟେତ୍ ॥ ୨୧୧ ॥
ପୁନରୁତ୍ଥାପୟେଦ୍ଗାତ୍ରଂ ଗାତ୍ରମୁନ୍ନମ୍ୟ ରେଚିତମ୍ ।
ଲତାଖ୍ୟୌ ଚ କରୌ କୃତ୍ୱା ବୃଶ୍ଚିକଂ ସଂପ୍ରୟୋଜୟେତ୍ ॥ ୨୧୨ ॥
ରେଚିତଂ କରିହସ୍ତଂ ଚ ଭୁଜଙ୍ଗତ୍ରାସିତଂ ତଥା ।
ଆକ୍ଷିପ୍ତକଂ ପ୍ରଯୁଞ୍ଜୀତ ସ୍ୱସ୍ତିକଂ ପାଦମେବ ଚ ॥ ୨୧୩ ॥
ପରାଙ୍ମୁଖବିଧୂର୍ଣ୍ଣଂ ସ୍ୟାଦେବମେବଂ ଭବେଦ୍ଧି ।
କରିହସ୍ତଂ କଟିଚ୍ଛିନ୍ନଂ ପରିବୃତ୍ତକରେଚିତେ ॥ ୨୧୪ ॥
ରେଚିତୌ ସହ ଗାତ୍ରେଣ ହ୍ୟପବିଦ୍ଧକରୌ ଯଦା ।
ପୁନସ୍ତେନୈବ ବେଗେନ ଗାତ୍ରମୁନ୍ନମ୍ୟ ରେଚୟେତ୍ ॥ ୨୧୫ ॥
କାର୍ଯ୍ୟଂ ନୂପୁରପାଦଂ ଚ ଭୁଜଙ୍ଗତ୍ରାସିତଂ ତଥା ।

କରିବ । ବାମପାଦରେ ସୂଚୀ କରଣ ପ୍ରଦର୍ଶନ କରି ତତ୍ପରେ ଅଦ୍ଭ୍ରାନ୍ତ, ଭୁଜଙ୍ଗତ୍ରାସିତ, କରିହସ୍ତ, କଟିଚ୍ଛିନ୍ନ, କରଣମାନ ପ୍ରଦର୍ଶନ କରିବ । ଏହା ପରିଚ୍ଛିନ୍ନ ଅଙ୍ଗହାର । ୨୦୯-୨୧୦ ।

୧୯ । ପରିବୃତ୍ତକରେଚିତ—ମସ୍ତକ ଉପରେ ସ୍ୱସ୍ତିକ ଭଙ୍ଗୀରେ ହସ୍ତଦ୍ୱୟ ସ୍ଥାପନ କରି, ହସ୍ତକୁ ଅବନତ କରି, ବାମହସ୍ତରେ ରେଚିତ କରିବ । ତତ୍ପରେ ଶରୀରକୁ ଉନ୍ନମିତ କରି ପୁନର୍ବାର ସେହି ହସ୍ତରେ ରେଚିତ ପ୍ରଦର୍ଶନ କରିବ । ଏହାପରେ ହସ୍ତରେ ଲତାଭଙ୍ଗୀ ଧାରଣକରି ଏବଂ ବୃଶ୍ଚିକ ରେଚିତ, କରିହସ୍ତ, ଭୁଜଙ୍ଗତ୍ରାସିତ, ଆକ୍ଷିପ୍ତ ଏହି କରଣମାନ ପ୍ରଦର୍ଶନ କରି ତତ୍ପରେ ପାଦରେ ସ୍ୱସ୍ତିକଭଙ୍ଗୀ ଅବଲମ୍ବନ କରିବ । ତତ୍ପରେ ବିପରୀତ ଆଡକୁ ମୁହଁ କରି ଏହି ସମସ୍ତ କରଣକୁ ଆଉ ଥରେ ପ୍ରଦର୍ଶନ କରିବ । ତତ୍ପରେ କରିହସ୍ତ ପ୍ରୟୋଗ କରିବ । ୨୧୧-୨୧୪ ।

୨୦ । ବୈଶାଖରେଚିତ—ଶରୀର ସହିତ ହସ୍ତଦ୍ୱୟକୁ ରେଚିତ କରି ତାହା ପରେ ହସ୍ତଦ୍ୱୟକୁ ଅପବିଦ୍ଧ କରି ପୁନର୍ବାର ଶରୀରକୁ ଉନ୍ନମିତ କରି ରେଚିତ କରିବ । ତତ୍ପରେ ନୂପୁରପାଦ, ଭୁଜଙ୍ଗତ୍ରାସିତ, ରେଚିତ, ମଣ୍ଡଳ କରିସାରି

Digitized by srujanika@gmail.com

ରେଚିତଂ ମଣ୍ଡଳଂ ଚୈବ ବାହୁଶୀର୍ଷଂ ନିକୁଞ୍ଚୟେତ୍ ॥ ୨୧୬ ॥
ଉଦ୍ଧୃତ୍ ବୃତ୍ତଂ ତଥାକ୍ଷିପ୍ତମୁରୋମଣ୍ଡଳମେବ ଚ ।
କରିହସ୍ତଂ କଟିଚ୍ଛିନ୍ନଂ କୁର୍ଯ୍ୟାଦ୍ୱୈଶାଖରେଚିତେ ॥ ୨୧୭ ॥
ଆଦ୍ୟଂ ତୁ ଜନିତଂ କୃତ୍ୱା ପାଦମେକଂ ପ୍ରସାରୟେତ୍ ।
ତଥୈବାଲାତକଂ କୁର୍ଯ୍ୟାତ୍ରିକଂ ତୁ ପରିବର୍ତ୍ତୟେତ୍ ॥ ୨୧୮ ॥
ଅଞ୍ଚିତଂ ବାମହସ୍ତଂ ଚ ଗଣ୍ଡଦେଶେ ନିକୁଞ୍ଚୟେତ୍ ।
କଟିଚ୍ଛିନ୍ନଂ ତଥା ଚୈବ ପରିବୃତ୍ତେ ପ୍ରୟୋଜୟେତ୍ ॥ ୨୧୯ ॥
ସ୍ୱସ୍ତିକଂ କରଣଂ କୃତ୍ୱା ବ୍ୟଂସିତଂ ଚ କରୌ ପୁନଃ ।
ଅଲାତକଂ ପ୍ରଯୁଞ୍ଜୀତ ଊର୍ଦ୍ଧ୍ୱଜାନୁ ନିକୁଞ୍ଚିତମ୍ ॥ ୨୨୦ ॥
ଅର୍ଦ୍ଧସୂଚୀ ଚ ବିକ୍ଷିପ୍ତମୁଦ୍ଵୃତ୍ତାକ୍ଷିପ୍ତକେ ତଥା ।
କରିହସ୍ତଂ କଟିଚ୍ଛିନ୍ନମଙ୍ଗହାରେ ତ୍ୱଲାତକେ ॥ ୨୨୧ ॥
ନିକୁଟ୍ୟ ବକ୍ଷସି କରାବୂର୍ଦ୍ଧ୍ୱଜାନୁ ପ୍ରୟୋଜୟେତ୍ ।
ଅକ୍ଷିପ୍ତଂ ସ୍ୱସ୍ତିକଂ କୃତ୍ୱା ତ୍ରିକଂ ତୁ ପରିବର୍ତ୍ତୟେତ୍ ॥ ୨୨୨ ॥

ବାହୁର ଅଗ୍ରଭାଗକୁ ନିକୁଞ୍ଚିତ କରିବ । ତତ୍ପରେ ଉଦ୍ଧୃତ୍ତ, ଆକ୍ଷିପ୍ତ ଉରୋମଣ୍ଡଳ, କରିହସ୍ତ, କଟିଚ୍ଛେଦ ଏହି କରଣମାନ ପ୍ରଦର୍ଶନ କରିବା ଏହା ବୈଶାଖରେଚିତ । ୨୧୫-୨୧୭ ।

୨୧ । ପରିବୃତ୍ତ—ପ୍ରଥମେ ଜନିତ କରଣ ଗ୍ରହଣ କରି ଗୋଟିଏ ପାଦକୁ ଲମ୍ବାଇବ । ତା'ପରେ ଅଲାତକ କରଣ ଅବଲମ୍ବନ ପୂର୍ବକ ତ୍ରିକକୁ ପରିବର୍ତ୍ତିତ କରି, ଅଞ୍ଚିତ ବାମହସ୍ତକୁ ଗଣ୍ଡଦେଶରେ ଧୀରେ ନିକୁଞ୍ଚିତ କରିବ । ତାପରେ କଟିଚ୍ଛିନ୍ନ କରଣ ଅବଲମ୍ବନ କରିବ । ୨୧୮-୨୧୯ ।

୨୨ । ଅଲାତକ—ସ୍ୱସ୍ତିକ କରଣ କରି କରକୁ ବ୍ୟଂସିତ କରି ଅଲାତକ, ଊର୍ଦ୍ଧ୍ୱଜାନୁ ନିକୁଞ୍ଚିତ, ଅର୍ଦ୍ଧସୂଚୀ, ବିକ୍ଷିପ୍ତ, ଉଦ୍ଵୃତ୍ତ, ଆକ୍ଷିପ୍ତ, କରିହସ୍ତ, କଟିଚ୍ଛିନ୍ନ ଏହି କରଣମାନଙ୍କୁ ଯଥାକ୍ରମେ ପ୍ରୟୋଗ କରିବ । ଏହା ଅଲାତକ ଅଙ୍ଗହାର । ୨୨୦-୨୨୧ ।

୨୩ । ପାର୍ଶ୍ୱଚ୍ଛେଦ—ବକ୍ଷଦେଶରେ ନିକୁଞ୍ଚିତ ହସ୍ତ ଧାରଣ କରି ଊର୍ଦ୍ଧ୍ୱଜାନୁ ଅଙ୍ଗହାର ପ୍ରୟୋଗ କରିବ । ତତ୍ପରେ ଆକ୍ଷିପ୍ତ ଏବଂ ସ୍ୱସ୍ତିକ କରିସାରି ତ୍ରିକକୁ ପରିବର୍ତ୍ତିତ କରିବ । ହସ୍ତଦ୍ୱୟରେ ଉରୋମଣ୍ଡଳକ ଭଙ୍ଗୀ ଧାରଣ

Digitized by srujanika@gmail.com

ଊରୋମଣ୍ଡଲକୌ ହସ୍ତୌ ନିତମ୍ବଂ କରିହସ୍ତକମ୍ ।
କଟିଚ୍ଛିନ୍ନଂ ତଥା ଚୈବ ପାର୍ଶ୍ୱଚ୍ଛେଦେ ବିଧୀୟତେ ॥ ୨୨୩ ॥
ସୂଚୀଂ ବାମପଦଂ ଦଦ୍ୟାଦ୍ୱିଦ୍ୟୁଦ୍ଭ୍ରାନ୍ତଂ ଚ ଦକ୍ଷିଣମ୍ ।
ଦକ୍ଷିଣେନ ପୁନଃ ସୂଚୀଂ ବିଦ୍ୟୁଦ୍ଭ୍ରାନ୍ତଂ ଚ ବାମକମ୍ ॥ ୨୨୪ ॥
ପରିଚ୍ଛିନ୍ନଂ ତଥା ଚୈବ ତ୍ରିକଂ ତୁ ପରିବର୍ତ୍ତୟେତ୍ ।
ଲତାଖ୍ୟଂ ସକଟିଚ୍ଛିନ୍ନଂ ବିଦ୍ୟୁଦ୍ଭ୍ରାନ୍ତସ୍ତୁ ସ ସ୍ମୃତଃ ॥ ୨୨୫ ॥
କୃତ୍ୱା ନୂପୁରପାଦଂ ତୁ ସବ୍ୟବାମୌ ପ୍ରଲମ୍ବିତୌ ।
କରୌ ପାର୍ଶ୍ୱେ ତତସ୍ତାଭ୍ୟାଂ କ୍ଷିପ୍ତଂ ସଂପ୍ରୟୋଜୟେତ୍ ॥ ୨୨୬ ॥
ତାଭ୍ୟାଂ ସୂଚୀ ତଥା ଚୈବ ତ୍ରିକଂ ତୁ ପରିବର୍ତ୍ତୟେତ୍ ।
ଲତାଖ୍ୟଂ ସକଟିଚ୍ଛିନ୍ନଂ କୁର୍ଯ୍ୟାଦୁଦ୍ୱୃତ୍ତକେ ସଦା ॥ ୨୨୭ ॥
ଅଳାତଂ ସ୍ୱସ୍ତିକୌ ହସ୍ତୌ ବାହୁଶୀର୍ଷେ ନିକୁଞ୍ଚୟେତ୍ ।
ନୂପୁରଶ୍ଚରଣୋ ବାମସ୍ତଥାଳାତଶ୍ଚ ଦକ୍ଷିଣଃ ॥ ୨୨୮ ॥

କରିବ । ତତ୍ପରେ ନିତମ୍ବ, କରିହସ୍ତକ, କଟିଚ୍ଛେଦ ଏହି କରଣ ମାନ କରିବ । ଏହା ପାର୍ଶ୍ୱଚ୍ଛେଦ ଅଙ୍ଗହାର । ୨୨୨-୨୨୩ ।

୨୪ । ବିଦ୍ୟୁଦ୍ଭ୍ରାନ୍ତ— ବାମପାଦରେ ସୂଚୀ କରି ଦକ୍ଷିଣରେ ବିଦ୍ୟୁଦ୍ଭ୍ରାନ୍ତ କରିବ । ତତ୍ପରେ ଦକ୍ଷିଣରେ ସୂଚୀ କରି ବାମରେ ବିଦ୍ୟୁଦ୍ଭ୍ରାନ୍ତ କରିବ । ପରିଚ୍ଛିନ୍ନ କରଣ ଅବଲମ୍ବନ କରି ତ୍ରିକକୁ ପରିବର୍ତ୍ତିତ କରିବ । ତତ୍ପରେ ଲତା ଓ କଟିଚ୍ଛେଦ କରଣ ପ୍ରୟୋଗ କରିବ । ଏହା ବିଦ୍ୟୁଦ୍ଭ୍ରାନ୍ତ ଅଙ୍ଗହାର ।
। ୨୨୪–୨୨୫ ।

୨୫ । ଉଦ୍‌ବୃତ୍ତକ— ନୂପୁର ପାଦ କରି ଦକ୍ଷିଣ ଓ ବାମହସ୍ତକୁ ପାର୍ଶ୍ୱଦେଶରେ ଲମ୍ବିତ କରି ରଖିବ । ତତ୍ପରେ ସେହି ହସ୍ତ ଦ୍ୱୟରେ କ୍ଷିପ୍ତ କରଣ ପ୍ରୟୋଗ କରି ସୂଚୀର ପ୍ରୟୋଗ କରିବ ଏବଂ ତ୍ରିକକୁ ପରିବର୍ତ୍ତିତ କରିବ, ତତ୍ପରେ ଲତା ଓ କଟିଚ୍ଛିନ୍ନ କରଣମାନ ପ୍ରଦର୍ଶନ କରିବ । ଏହା ଉଦ୍‌ବୃତ୍ତକ ଅଙ୍ଗହାର । ୨୨୬-୨୨୭।

୨୬ । ଅଳାତ— ହସ୍ତଦ୍ୱୟକୁ ସ୍ୱସ୍ତିକ କରି ବାହୁର ଅଗ୍ରକୁ ନିକୁଞ୍ଚିତ କରିବ । ବାମପାଦରେ ନୂପୁର କରଣ ଅବଲମ୍ବନ କରିବ ଏବଂ ଦକ୍ଷିଣ ପାଦରେ ଅଳାତ କରଣ ଓ ଆକ୍ଷିପ୍ତ ଅବଲମ୍ବନ କରିବ । ତତ୍ପରେ କରଦ୍ୱୟକୁ

Digitized by srujanika@gmail.com

ତେନୈବାକ୍ଷିପ୍ତକଂ କୁର୍ଯ୍ୟାଦୁରୋମଣ୍ଡଳକୌ କରୌ ।
କରିହସ୍ତଂ କଟିଚ୍ଛିନ୍ନମାଙ୍ଗୀରେ ସଂପ୍ରୟୋଜୟେତ୍ ॥ ୨୨୯ ॥
ହସ୍ତଂ ତୁ ରେଚିତଂ କୃତ୍ୱା ପାର୍ଶ୍ୱମାନମ୍ୟ ରେଚୟେତ୍ ।
ପୁନସ୍ତେନୈବ ଯୋଗେନ ଗାତ୍ରମାନମ୍ୟ ରେଚୟେତ୍ ॥ ୨୩୦ ॥
କାର୍ଯ୍ୟଂ ନୂପୁରପାଦଂ ଚ ଭୁଜଙ୍ଗତ୍ରାସିତଂ ତଦା ।
ରେଚିତଂ କରଣଂ କାର୍ଯ୍ୟମୁରୋମଣ୍ଡଳମେବ ଚ ॥ ୨୩୧ ॥
କଟିଚ୍ଛେଦସ୍ତୁ କର୍ତ୍ତବ୍ୟୋ ହ୍ୟଙ୍ଗହାରେ ତୁ ରେଚିତେ ।
ନୂପୁରଂ କରଣଂ କୃତ୍ୱା ଦିକଂ ତୁ ପରିବର୍ତ୍ତୟେତ୍ ॥ ୨୩୨ ॥
ବ୍ୟଂସିତେନ ତୁ ହସ୍ତେନ ତ୍ରିକମେବ ବିବର୍ତ୍ତୟେତ୍ ।
ବାମଂ ଚ ଲତକଂ କୃତ୍ୱା ସୂଚୀଂ ତସ୍ୟୈବ ଯୋଜୟେତ୍ ॥ ୨୩୩ ॥
କରିହସ୍ତଂ କଟିଚ୍ଛିନ୍ନଂ କୁର୍ଯ୍ୟାଦାଚ୍ଛୁରିତେ ତଥା ।
ରେଚିତୌ ସ୍ୱସ୍ତିକୌ ପାଦୌ ରେଚିତୌ ସ୍ୱସ୍ତିକୌ କରୌ ॥୨୩୪॥
କୃତ୍ୱା ବିଶ୍ଳେଷମେବଂ ତୁ ତେନୈବ ବିଧିନା ପୁନଃ ।

ଉରୋମଣ୍ଡଳକ କରି କରିହସ୍ତ ଓ କଟିଚ୍ଛେଦ କରଣମାନ ପ୍ରଦର୍ଶନ କରିବ, ଏହା ଆକ୍ଷିପ୍ତ ଅଙ୍ଗହାର । ୨୨୮-୨୨୯ ।

୨୭ । ରେଚିତ—ରେଚିତ ହସ୍ତ ପ୍ରଦର୍ଶନ ପୂର୍ବକ ଏକପାର୍ଶ୍ୱଦେଶରେ ଶରୀରକୁ ଆନତ କରି ପୁଣି ରେଚିତ (ବକ୍ର) କରିବ । ତତ୍ପରେ ନୂପୁରପାଦ, ଭୁଜଙ୍ଗ-ତ୍ରାସିତ ଓ ରେଚିତ କରଣମାନ କରି ଉରୋମଣ୍ଡଳ ଓ କଟିଚ୍ଛିନ୍ନ କରଣ ପ୍ରୟୋଗ କରିବ । ଏହାର ନାମ ରେଚିତ ଅଙ୍ଗହାର । ୨୩୦-୨୩୧ ।

୨୮ । ଆଚ୍ଛୁରିତ—ନୂପୁର କରଣ ଅବଲମ୍ବନ କରି ତ୍ରିକ ଦେଶକୁ ପରିବର୍ତ୍ତିତ କରିବ (ଘୁରାଇବ) ତତ୍ପରେ ହସ୍ତରେ ବ୍ୟଂସିତ ଭଙ୍ଗୀ ଅବଲମ୍ବନ କରି ତ୍ରିକ ଦେଶକୁ ବିବର୍ତ୍ତିତ କରିବ (ଘୁରାଇବ) ତତ୍ପରେ ଲତକ କରଣ ଅବଲମ୍ବନ କରି, ସେହି ବାମପାର୍ଶ୍ୱରେ ସୂଚୀ ପ୍ରଦର୍ଶନ କରିବ । ତତ୍ପରେ କରିହସ୍ତ ଓ କଟିଚ୍ଛିନ୍ନ କରଣ ପ୍ରୟୋଗ କରିବ । ଏହାର ନାମ ଆଚ୍ଛୁରିତ ଅଙ୍ଗହାର । ୨୩୨-୨୩୪ ।

୨୯ । ଆକ୍ଷିପ୍ତ-ରେଚିତ—ସ୍ୱସ୍ତିକ ପାଦକୁ ରେଚିତ କରି କରଦ୍ୱୟରେ ସ୍ୱସ୍ତିକ ଭଙ୍ଗୀ ଅବଲମ୍ବନ କରିବ । ପୁଣି ସେହି ରୀତିରେ (ରେଚିତ ବିଧିରେ) ହସ୍ତଦ୍ୱୟ ଓ ପାଦଦ୍ୱୟକୁ ପରସ୍ପରଠାରୁ ବିଯୁକ୍ତ କରିବ । ପୁଣି ସେହି

Digitized by srujanika@gmail.com

ପୁନାବୃତ୍ତକ୍ଷେପଣଂ ଚୈବ ରେଚିତୈରେବ କାରୟେତ୍ ॥ ୧୩୫ ॥
ଉଦ୍‌ବୃତ୍ତାକ୍ଷିପ୍ତକଂ ଚୈବ ହ୍ୟୁରୋମଣ୍ଡଳମେବ ଚ ।
ନିତମ୍ବଂ କରିହସ୍ତଂ ଚ କଟିଚ୍ଛିନ୍ନଂ ତଥୈବ ଚ ॥ ୧୩୬ ॥
ଆକ୍ଷିପ୍ତରେଚିତୋ ହ୍ୟେଷ କରଣାନାଂ ବିଧିଃ ସ୍ମୃତଃ ।
ବିକ୍ଷିପ୍ତଂ କରଣଂ କୃତ୍ୱା ହସ୍ତପାଦମୁଖାନୁଗମ୍ ॥ ୧୩୭ ॥
ବାମସୂଚୀସହକୃତଂ ବିକ୍ଷିପେଦ୍‌ବାମକଂ କରମ୍ ।
ବକ୍ଷଃସ୍ଥଂ ଚ ଭବେତ୍ ସବ୍ୟୋ ବଳିତଂ ତ୍ରିକମେବ ଚ ॥ ୧୩୮ ॥
ନୂପୁରାକ୍ଷିପ୍ତକେ ଚୈବ ହ୍ୟର୍ଦ୍ଧସ୍ୱସ୍ତିକମେବ ଚ ।
ନିତମ୍ବଂ କରିହସ୍ତଂ ଚ ହ୍ୟୁରୋମଣ୍ଡଳକଂ ତଥା ॥ ୧୩୯ ॥
କଟିଚ୍ଛିନ୍ନଂ ଚ କର୍ତ୍ତବ୍ୟଂ ସମ୍ଭ୍ରାନ୍ତେ ନୃତ୍ତଯୋକ୍ତୃଭିଃ ।
ଅପକ୍ରାନ୍ତକ୍ରମଂ କୃତ୍ୱା ବ୍ୟଂସିତଂ ହସ୍ତମେବ ଚ ॥ ୧୪୦ ॥
କୁର୍ଯ୍ୟାଦୁଦ୍‌ବେଷ୍ଟିତଂ ଚୈବ ହ୍ୟର୍ଦ୍ଧସୂଚୀ ତଥୈବ ଚ ।
ବିକ୍ଷିପ୍ତଂ ସକଟିଚ୍ଛିନ୍ନମୁଦ୍‌ବୃତ୍ତାକ୍ଷିପ୍ତକେ ତଥା ॥ ୧୪୧ ॥
କରିହସ୍ତଂ କଟିଚ୍ଛିନ୍ନଂ କର୍ତ୍ତବ୍ୟମପସର୍ପିତେ ।
କୃତ୍ୱା ନୂପୁରପାଦଂ ଚ ଦ୍ରୁତମାକ୍ଷିପ୍ୟ ଚ କ୍ରମମ୍ ॥ ୧୪୨ ॥

ରେଚିତ ମଧ୍ୟରେ ହସ୍ତଦ୍ୱୟକୁ ଉପରକୁ ସବେଗରେ ଉଠାଇବ । ତତ୍ପରେ ଉଦ୍‌ବୃତ୍ତାକ୍ଷିପ୍ତକ, ଉରୋମଣ୍ଡଳକ, ନିତମ୍ବ, କରିହସ୍ତ ଓ କଟିଚ୍ଛିନ୍ନ କରଣ ପ୍ରୟୋଗ କରିବ । ୧୩୪-୧୩୬ ।

୩୦ । ସମ୍ଭ୍ରାନ୍ତ—ବିକ୍ଷିପ୍ତ କରଣ ପ୍ରଦର୍ଶନ ପୂର୍ବକ ହସ୍ତ ପାଦ ଓ ମୁଖକୁ ପରସ୍ପର ଅନୁଗାମୀ କରିବ । ବାମକରରେ ସୂଚୀଭଙ୍ଗୀ ଧାରଣ କରି ତାହାକୁ କରିବ । ଦକ୍ଷିଣ ହସ୍ତ ବକ୍ଷୋଦେଶରେ ସ୍ଥାପିତ ହେବ । ତ୍ରିକକୁ ବଳିତ କରିବ । ତତ୍ପରେ ନୂପୁର, ଆକ୍ଷିପ୍ତ, ଅର୍ଦ୍ଧସ୍ୱସ୍ତିକ, ନିତମ୍ବ, କରିହସ୍ତ, ଉରୋମଣ୍ଡଳକ ଓ କଟିଚ୍ଛିନ୍ନ କରଣମାନ ପ୍ରୟୋଗ କରିବ । ଏହା ସମ୍ଭ୍ରାନ୍ତ ଅଙ୍ଗହାର । ୧୩୭-୧୩୯ ।

୩୧ । ଅପସର୍ପିତ—ଅପକ୍ରାନ୍ତଗତି ଅବଲମ୍ବନ କରି ହସ୍ତକୁ ବ୍ୟଂସିତ, ଉଦ୍‌ବେଷ୍ଟିତ ଓ ଅର୍ଦ୍ଧସୂଚୀଯୁକ୍ତ କରିବ । ତତ୍ପରେ ବିକ୍ଷିପ୍ତ, କଟିଚ୍ଛିନ୍ନ, ଉଦ୍‌ବୃତ୍ତକ, ଆକ୍ଷିପ୍ତକ, କରିହସ୍ତ ଏବଂ ପୁନର୍ବାର କଟିଚ୍ଛିନ୍ନ କରଣ ପ୍ରୟୋଗ କରିବ । । ୧୪୦-୧୪୧ ।

୩ । ଅର୍ଦ୍ଧନିକୁଟ୍ଟକ—ନୂପୁରପାଦ ଅବଲମ୍ବନ ପୂର୍ବକ ଦ୍ରୁତଭାବେ ପାଦ-

Digitized by srujanika@gmail.com

ପାଦସ୍ୟାନୁଗୌ ହସ୍ତୌ ତ୍ରିକଂ ତୁ ପରିବର୍ତ୍ତୟେତ୍ ।
ନିକୁଟ୍ୟ କରପାଦଂ ସୂଚ୍ୟଗ୍ରମଣ୍ଡଳକଂ ପୁନଃ ॥ ୨୪୩ ॥
କରିହସ୍ତଂ କଟିଚ୍ଛିନ୍ନଂ କାର୍ଯ୍ୟମର୍ଦ୍ଧନିକୁଟ୍ଟକେ ।
ଦ୍ୱାତ୍ରିଂଶଦେତେ ସଂପ୍ରୋକ୍ତା ଅଙ୍ଗହାରା ଦ୍ୱିଜୋତ୍ତମାଃ ॥ ୨୪୪ ॥
ଚତୁରୋ ରେଚକାଂଶ୍ଚାପି ଗଦତୋ ମେ ନିବୋଧତ ।
ପାଦରେଚକ ଏକଃ ସ୍ୟାଦ୍‌ଦ୍ୱିତୀୟଃ କଟିରେଚକଃ ॥ ୨୪୫ ॥
କରରେଚସ୍ତୃତୀୟସ୍ତୁ ଚତୁର୍ଥଃ କଣ୍ଠରେଚକଃ ।
ରେଚିତାଖ୍ୟଃ ପୃଥଗ୍‌ଭାବେ ବଲନେ ଚାଭିଧୀୟତେ ॥ ୨୪୬ ॥
ଉଦ୍‌ବାହନାତ୍ ପୃଥଗ୍‌ଭାବାଚ୍ଚଲନାଚ୍ଚାପି ରେଚକଃ ।
ପାର୍ଶ୍ୱାତ୍ ପାର୍ଶ୍ୱଂ ତୁ ଗମନଂ ସ୍ଖଲିତୈଶ୍ଚଲିତୈଃ ପଦୈଃ ॥ ୨୪୭ ॥
ବିବର୍ତ୍ତିତୈଶ୍ଚ ପାଦସ୍ୟ ପାଦରେଚକ ଉଚ୍ୟତେ ।
ତ୍ରିକସ୍ୟୋଦ୍‌ବର୍ତ୍ତନଂ ଚୈବ କଟୀବଲନମେବ ଚ ॥ ୨୪୮ ॥
ତଥାପସର୍ପଣଂ ଚୈବ କଟିରେଚକ ଉଚ୍ୟତେ ।

ନିକ୍ଷେପ କରି ପାଦଗତି ଅନୁସାରେ ହସ୍ତକୁ ଚାଳିତ କରି ତ୍ରିକକୁ ପରିବର୍ତ୍ତିତ କରିବ । ହସ୍ତ ଓ ପାଦରେ ନିକୁଟ୍ଟକ କରି ଉରୋମଣ୍ଡଳ, କରିହସ୍ତ, କଟିଚ୍ଛିନ୍ନ, କରଣ ପ୍ରୟୋଗ କରିବ । ୨୪୨-୨୪୩ ।

(ଭରତ କହିଲେ) ହେ ଦ୍ୱିଜୋତ୍ତମମାନେ ମୁଁ ବତିଶ ପ୍ରକାର ଅଙ୍ଗହାର କହିଲି । ଏବେ ଚାରି ପ୍ରକାର ରେଚକ କଥା କହୁଛି, ତାହା ଶୁଣ । ପାଦରେଚକ, କଟିରେଚକ, କରରେଚକ ଓ କଣ୍ଠରେଚକ ଏହିପରି ରେଚକ ଚାରି ପ୍ରକାର । କୌଣସି ଏକ ଅଙ୍ଗର ପୃଥକ୍ ଭାବରେ ଚଳନକୁ ରେଚକ କହନ୍ତି । ଆହୁରି ମଧ୍ୟ ପୃଥକ୍ ଭାବରେ କୌଣସି ଅଙ୍ଗକୁ ଉଦ୍‌ବାହିତ (ଅପସାରିତ ବା ଉତ୍କ୍ଷିପ୍ତ) କରିବା ବା ଚାଳିତ କରିବାର ନାମ ରେଚକ । ୨୪୪-୨୪୬ ।

ପାଦରେଚକ—ଗୋଟିଏ ପାର୍ଶ୍ୱରୁ ଆଉ ଗୋଟିଏ ପାର୍ଶ୍ୱକୁ ସ୍ଖଳିତ ଓ ଚଳିତ ପଦରେ ଗତି କରିବା ପ୍ରଭୃତି ନାନାପ୍ରକାର ପାଦରେଚକ କଥିତ ହୁଏ । ୨୪୭ ।

କଟୀରେଚକ— ତ୍ରିକର ଉଦ୍‌ବର୍ତ୍ତନ (ଉପରକୁ ଟେକିବା) କଟୀର ଚଳନ ଏବଂ ଅପସର୍ପଣକୁ (ପଶ୍ଚାତ୍ ଦେଶକୁ ଚାଳିତ କରିବା) କଟିରେଚକ କହନ୍ତି । ୨୪୮ ।

Digitized by srujanika@gmail.com

ଉଦ୍‌ବର୍ତ୍ତନଂ ପରିକ୍ଷେପୋ ବିକ୍ଷେପଃ ପରିବର୍ତ୍ତନମ୍ ॥ ୨୪୯ ॥
ବିସର୍ପଣଂ ଚ ହସ୍ତସ୍ୟ ହସ୍ତରେଚକ ଉଚ୍ୟତେ ।
ଉଦ୍‌ବାହନଂ ସନ୍ନମନଂ ତଥା ପାର୍ଶ୍ୱସ୍ୟ ସନ୍ନତିଃ ॥ ୨୫୦ ॥
ଭ୍ରମଣଂ ଚାପି ବିଜ୍ଞେୟା ଗ୍ରୀବାୟା ରେଚକୋ ବୁଧୈଃ ।
ରେଚକୈରଙ୍ଗହାରୈଶ୍ଚ ନୃତ୍ୟନ୍ତଂ ବୀକ୍ଷ୍ୟ ଶଙ୍କରମ୍ ॥ ୨୫୧ ॥
ସୁକୁମାରପ୍ରୟୋଗେଣ ନୃତ୍ୟନ୍ତୀଂ ଚୈବ ପାର୍ବତୀମ୍ ।
ମୃଦଙ୍ଗଭେରୀପଟହୈର୍ଭାଣ୍ଡଡିଣ୍ଡିମଗୋମୁଖୈଃ ॥ ୨୫୨ ॥
ପଣବୈର୍ଦର୍ଦ୍ଦୁରୈଶ୍ଚୈବ ନାନାତୋଦ୍ୟୈଃ ପ୍ରଣୋଦିତୈଃ ।
ଦକ୍ଷଯଜ୍ଞେ ବିନିହତେ ସନ୍ଧ୍ୟାକାଳେ ମହେଶ୍ୱରଃ ॥ ୨୫୩ ॥
ନାନାଙ୍ଗହାରୈଃ ପ୍ରାନୃତ୍ୟଲ୍ଲୟତାଲବଶାନୁଗୈଃ ।
ପିଣ୍ଡୀବନ୍ଧାନ୍ତତୋ ଦୃଷ୍ଟ୍ୱା ନନ୍ଦିଭଦ୍ରମୁଖା ଗଣାଃ ॥ ୨୫୪ ॥
ଚକ୍ରୁସ୍ତେ ନାମ ପିଣ୍ଡୀନାଂ ବନ୍ଧାଂଶ୍ଚୈବ ସଲକ୍ଷଣାନ୍ ।
ଈଶ୍ୱରସ୍ୟ ବୃଷପିଣ୍ଡୀ ଚ ନନ୍ଦିନଶ୍ଚାପି ପଟ୍ଟସୀ ॥ ୨୫୫ ॥
ଚଣ୍ଡିକାୟା ଭବେତ୍ପିଣ୍ଡୀ ତଥା ବୈ ସିଂହବାହିନୀ ।

କରରେଚକ—ହସ୍ତକୁ ଊର୍ଦ୍ଧ୍ୱକୁ ଟେକିବା, ବୃତ୍ତଆଡ଼କୁ ବିକ୍ଷିପ୍ତ କରିବା, ସମ୍ମୁଖକୁ ପ୍ରସାରିତ କରିବା, ଘୂରଆଡ଼କୁ ବୁଲାଇବା ଓ ପଛଆଡ଼କୁ ଘୁଞ୍ଚାଇ ଆଣିବା, ଏଗୁଡ଼ିକକୁ କରରେଚକ (ହସ୍ତରେଚକ) କହନ୍ତି । ୨୪୯ ।

ଗ୍ରୀବାରେଚକ ବା କଣ୍ଠରେଚକ—ଊର୍ଦ୍ଧ୍ୱକୁ ଟେକିବା, ଅବନତ କରିବା, ଗୋଟିଏ କଡକୁ ଅବନତ କରିବା ଏବଂ ବୁଲାଇବାକୁ ଗ୍ରୀବାରେଚକ କହନ୍ତି । ୨୫୦ ।

ମୃଦଙ୍ଗ, ଭେରୀ, ପଟହ, ଭାଣ୍ଡ, ଡିଣ୍ଡିମ, ଗୋମୁଖ, ପଣବ, ଦର୍ଦ୍ଦୁର ପ୍ରଭୃତି ନାନାପ୍ରକାର ବାଦ୍ୟ ବାଦନ ସହକାରେ ଶିବ ଅଙ୍ଗହାର ଏବଂ ରେଚକ ସହିତ ନୃତ୍ୟ କରୁଥିବାର ଦେଖି, ପାର୍ବତୀ କୋମଳ ଅଭିନୟ ସହିତ ନୃତ୍ୟ କରିଥିଲେ । ଦକ୍ଷଯଜ୍ଞ ବିନଷ୍ଟ ହେଲାପରେ ସନ୍ଧ୍ୟା ସମୟରେ ମହେଶ୍ୱର (ଶିବ) ତାଳ ଲୟ ସମନ୍ୱିତ ନାନାବିଧ ଅଙ୍ଗହାର ପ୍ରଦର୍ଶନ ପୂର୍ବକ ନୃତ୍ୟ କରିଥିଲେ । ନନ୍ଦୀ ଓ ଭଦ୍ରମୁଖ ପ୍ରଭୃତି ଗଣମାନେ ଡିଣ୍ଡିମ ବଜାଇ ବୁଲୁଥିବା ହେତୁ ସମସ୍ତ ପ୍ରକାର ପିଣ୍ଡିରଚନାକୁ ଦେଖି ସେମାନଙ୍କର ନାମ ଓ ଲକ୍ଷଣ ନିର୍ଦ୍ଦେଶ କରିଥିଲେ । । ୨୫୧-୨୫୫ ।

ଈଶ୍ୱରଙ୍କର ବୃଷପିଣ୍ଡୀ, ନନ୍ଦୀଙ୍କର ପଟ୍ଟସୀ, ଚଣ୍ଡିକାଙ୍କର ସିଂହବାହିନୀ

Digitized by srujanika@gmail.com

ତାର୍କ୍ଷ୍ୟପିଣ୍ଡୀ ଭବେଦ୍‌ବିଷ୍ଣୋଃ ପଦ୍ମପିଣ୍ଡୀ ସ୍ୱୟମ୍ଭୁବଃ ॥ ୧୫୬ ॥
ଶକ୍ରସ୍ୟୈରାବତୀ ପିଣ୍ଡୀ ଝଷା ସ୍ୟାନ୍ମନ୍ମଥସ୍ୟ ଚ ।
ଶିଖିପିଣ୍ଡୀ କୁମାରସ୍ୟ ରୂପପିଣ୍ଡୀ ଭବେଚ୍ଛ୍ରିୟଃ ॥ ୧୫୭ ॥
ଧାରା-ପିଣ୍ଡୀ ଚ ଜାହ୍ନବ୍ୟାଃ ପାଶପିଣ୍ଡୀ ଯମସ୍ୟ ଚ ।
ବାରୁଣୀ ଚ ନଦୀପିଣ୍ଡୀ ଯାକ୍ଷୀ ସ୍ୟାଦ୍ଧନଦସ୍ୟ ତୁ ॥ ୧୫୮ ॥
ହଲପିଣ୍ଡୀ ବଲସ୍ୟାପି ସର୍ପପିଣ୍ଡୀ ତୁ ଭୋଗିନାମ୍ ।
ଗଣେଶ୍ୱରୀ ମହାପିଣ୍ଡୀ ଦକ୍ଷଯଜ୍ଞ-ବିମର୍ଦ୍ଦିନୀ ॥ ୧୫୯ ॥
ତ୍ରିଶୂଲାକୃତିସଂସ୍ଥାନା ରୌଦ୍ରୀ ସ୍ୟାଦନ୍ଧକଦ୍ୱିଷଃ ।
ଏବମନ୍ୟାସ୍ୱପି ତଥା ଦେବତାସୁ ଯଥାକ୍ରମମ୍ ॥ ୧୬୦ ॥
ଧ୍ୱଜଭୂତାଃ ପ୍ରୟୋକ୍ତବ୍ୟାଃ ପିଣ୍ଡୀବନ୍ଧାଃ ସୁଚିହ୍ନିତାଃ ।
ରେଚକା ଅଙ୍ଗହାରାଶ୍ଚ ପିଣ୍ଡୀବନ୍ଧାସ୍ତଥୈବ ଚ ॥ ୧୬୧ ॥
ସୃଷ୍ଟ୍ୱା ଭଗବତା ଦତ୍ତାସ୍ତଣ୍ଡବେ ମୁନୟେ ତଦା ।
ତେନାପି ହି ତତଃ ସମ୍ୟଗ୍ ଗାନଭାଣ୍ଡସମନ୍ୱିତଃ ॥ ୧୬୨ ॥
ନୃତ୍ତପ୍ରୟୋଗଃ ସୃଷ୍ଟୋ ଯଃ ସ ତାଣ୍ଡବ ଇତି ସ୍ମୃତଃ ।

ଋଷୟ ଊଚୁଃ

ଯଦା ପ୍ରାପ୍ତ୍ୟର୍ଥମର୍ଥାନାଂ ତଜ୍‌ଜ୍ଞୈରଭିନୟଃ କୃତଃ ॥ ୧୬୩ ॥

ପିଣ୍ଡୀ, ବିଷ୍ଣୁଙ୍କର ତାର୍କ୍ଷ୍ୟପିଣ୍ଡୀ, ସ୍ୱୟମ୍ଭୁଙ୍କର ·ପଦ୍ମପିଣ୍ଡୀ, ଇନ୍ଦ୍ରଙ୍କର ଐରାବତୀ ପିଣ୍ଡୀ, କନ୍ଦର୍ପଙ୍କର ଝଷା (ମତ୍ସ୍ୟ) ପିଣ୍ଡୀ, କାର୍ତ୍ତିକେୟଙ୍କର ଶିଖିପିଣ୍ଡୀ, ଲକ୍ଷ୍ମୀଙ୍କର ରୂପପିଣ୍ଡୀ, ଗଙ୍ଗାଙ୍କର ଧାରା ପିଣ୍ଡୀ, ଯମଙ୍କର ପାଶ ପିଣ୍ଡୀ, ବରୁଣଙ୍କର ନଦୀ ପିଣ୍ଡୀ, କୁବେରଙ୍କର ଯାକ୍ଷୀ ପିଣ୍ଡୀ । ୧୫୬-୧୫୮ ।

ବଳଦେବଙ୍କର ହଳପିଣ୍ଡୀ, ନାଗମାନଙ୍କର ସର୍ପପିଣ୍ଡୀ, ଗଣେଶ୍ୱରଙ୍କର ମହାପିଣ୍ଡୀ, ଅନ୍ଧକବିନାଶୀ ରୁଦ୍ରଙ୍କର ଦକ୍ଷଯଜ୍ଞବିନାଶୀ, ଶିବଙ୍କର ତ୍ରିଶୂଳାକୃତ ପିଣ୍ଡୀରନାମ ରୌଦ୍ରୀ, ଅନ୍ୟଦେବତାମାନଙ୍କର ପିଣ୍ଡୀବନ୍ଧମାନଙ୍କର ନାମ ସେମାନଙ୍କର ଧ୍ୱଜ (ବାହନ) ନାମ ଅନୁସାରେ ଚିହ୍ନିତ ହେବ । ୧୫୯-୧୬୦ ।

ରେଚକ ଅଙ୍ଗହାର ଓ ପିଣ୍ଡୀବନ୍ଧ ଗୁଡ଼ିକୁ ସୃଷ୍ଟିକରି ଭଗବାନ ଶିବ ତାଣ୍ଡି (ତଣ୍ଡୁ) ମୁନିଙ୍କୁ ଉପଦେଶ ଦେଇଥିଲେ । ତତ୍ପରେ ତଣ୍ଡୁ ଗାନ ବାଦ୍ୟଯୁକ୍ତ ଯେଉଁ ନୃତ୍ୟର ଅଭିନୟ ସୃଷ୍ଟି କରିଥିଲେ ତାହାକୁ ତାଣ୍ଡବ କହନ୍ତି । ୧୬୧-୧୬୨ ।

ଋଷିମାନେ କହିଲେ, ଅର୍ଥବୋଧପାଇଁ ଅଭିନୟଜ୍ଞମାନେ ଅଭିନୟକୁ ସୃଷ୍ଟି କରିଛନ୍ତି । ତେଣୁ ନୃତ୍ତରେ ମଧ୍ୟ ସେହିପରି ସାର୍ଥକତା ଅପେକ୍ଷିତ । ଅର୍ଥାତ୍

Digitized by srujanika@gmail.com

ତସ୍ମାନ୍ନୃତ୍ତଂ କୃତଂ ହ୍ୟେତତ୍ କଂ ସ୍ୱଭାବମପେକ୍ଷତେ ।
ନ ଗୀତକାର୍ଥସମ୍ବନ୍ଧୋ ନ ଚାପ୍ୟର୍ଥସ୍ୟ ଭାବକମ୍ ॥ ୨୬୪ ॥
କସ୍ମାନ୍ନୃତ୍ତଂ କୃତଂ ହ୍ୟେତଦ୍‌ଗୀତେଷ୍ୱାସାରିତେଷୁ ଚ ।

ଭରତ ଉବାଚ

ଅତ୍ରୋଚ୍ୟତେ ନ ଖଲ୍ୱର୍ଥଂ କଞ୍ଚିନ୍ନୃତ୍ତମପେକ୍ଷତେ ॥ ୨୬୫ ॥
କିନ୍ତୁ ଶୋଭାଂ ଜନୟତୀତ୍ୟତୋ ନୃତ୍ତଂ ପ୍ରବର୍ତ୍ତିତମ୍ ।
ପ୍ରାୟେଣ ସର୍ବଲୋକସ୍ୟ ନୃତ୍ତମିଷ୍ଟଂ ସ୍ୱଭାବତଃ ॥ ୨୬୬ ॥
ମଙ୍ଗଲ୍ୟମିତି କୃତ୍ୱା ଚ ନୃତ୍ତମେତତ୍ ପ୍ରକୀର୍ତ୍ତିତମ୍ ।
ବିବାହପ୍ରସବୋଦ୍‌ବାହ ପ୍ରମୋଦାଭ୍ୟୁଦୟାଦିଷୁ ॥ ୨୬୭ ॥
ବିନୋଦକରଣଂ ଚେତି ନୃତ୍ତମେତତ୍ ପ୍ରକୀର୍ତ୍ତିତମ୍ ।
ଅତଶ୍ଚୈବ ପ୍ରତିକ୍ଷେପାଃ ଭୂତସଂଘୈଃ ପ୍ରକୀର୍ତ୍ତିତାଃ ॥ ୨୬୮ ॥
ଯେ ଗୀତକାଦୌ ଯୁଜ୍ୟନ୍ତେ ସମ୍ୟଙ୍‌ନୃତ୍ତବିଭଜକାଃ ।
ଦେବେନ ଚାପି ସଂପ୍ରୋକ୍ତସ୍ତଣ୍ଡୁସ୍ତାଣ୍ଡବପୂର୍ବକଃ ॥ ୨୬୯ ॥
ଗୀତପ୍ରୟୋଗମାଶ୍ରିତ୍ୟ ନୃତ୍ତମେତତ୍ପ୍ରବର୍ତ୍ତ୍ୟତାମ୍ ।
ପ୍ରାୟେଣ ତାଣ୍ଡବବିଧିଃ ଦେବସ୍ତୁତ୍ୟାଶ୍ରୟୋ ଭବେତ୍ ॥ ୨୭୦ ॥

ନୃତ୍ତ ମଧ୍ୟ ସେହିପରି ଅର୍ଥର ପ୍ରକାଶକ ହେବା ଦରକାର, କିନ୍ତୁ ନୃତ୍ତର (ଅଙ୍ଗହାର-ଦର) ଗୀତକର ଅର୍ଥ ସହିତ ସମ୍ବନ୍ଧ ନାହିଁ ବା ବାଚ୍ୟାର୍ଥକୁ ଏହା ପ୍ରକାଶ କରୁନାହିଁ । ଅତଏବ ଆସାରିତ ଗୀତ ସ୍ଥଳରେ କାହିଁକି ନୃତ୍ତ କରଯାଇ ଥାଏ ।
। ୨୬୩-୨୬୪ ।

ତହୁଁ ଭରତ କହିଲେ, ଏ ବିଷୟରେ ମୋର ମତ ମୁଁ କହୁଛି । ନୃତ୍ତ କୌଣସି ପ୍ରୟୋଜନକୁ ଅପେକ୍ଷା କରୁ ନ ଥିଲେ ସୁଦ୍ଧା ଏହା ଶୋଭା ଜାତ କରାଏ, ଏଥିପାଇଁ ଏହାକୁ ନୃତ୍ତ କହନ୍ତି । ସ୍ୱଭାବତଃ ସମସ୍ତେ ନୃତ୍ତକୁ ଭଲପାନ୍ତି । ଏହା ମଙ୍ଗଳାର୍ହ ହୋଇଥିବାରୁ ବିବାହ (କନ୍ୟା ଗୃହର ଉତ୍ସବ) ପୁତ୍ରାଦ ଜନ୍ମ, ଉଦ୍‌ବାହ (ବର ଗୃହର ଉତ୍ସବ) ପ୍ରମୋଦ (ମହଜ ମଜଲିସ୍) ଆଭ୍ୟୁଦୟିକ କାର୍ଯ୍ୟ ପ୍ରଭୃତିରେ ଏହା ଅନୁଷ୍ଠିତ ହୋଇଥାଏ, ଏହା ବିନୋଦ ଦାୟକ । ୨୬୫-୨୬୭ ।

ତେଣୁ ଭୂତବର୍ଗ ଗୀତକରେ ପ୍ରଯୁକ୍ତ ହେଉଥିବା ନୃତ୍ତ୍ୟାର୍ଥର ପ୍ରକାଶକ (ବ୍ୟଞ୍ଜକ) ପ୍ରତିକ୍ଷେପ ସମୂହକୁ ପ୍ରଶଂସା କରିଥାନ୍ତି । ଦେବ ଶଙ୍କର, ତାଣ୍ଡବ ନୃତ୍ୟ ପ୍ରଥମେ କରି, ଗୀତାଭିନୟ ପୂର୍ବକ ଏହି ନୃତ୍ୟକୁ (ନୃତ୍ତକୁ) ପ୍ରୟୋଗ କର ବୋଲି ତାଣ୍ଡୁଙ୍କୁ କହିଥିଲେ । ତାଣ୍ଡବ ବିଧି ପ୍ରାୟଶଃ ଦେବସ୍ତୁତିମୂଳକ ହୋଇଥାଏ । ଶୃଙ୍ଗାର

Digitized by srujanika@gmail.com

ସୁକୁମାର ପ୍ରୟୋଗଶ୍ଚ ଶୃଙ୍ଗାରରସସମ୍ଭବଃ ।
ତସ୍ୟ ତାଣ୍ଡ୍ୟ ପ୍ରଯୁକ୍ତସ୍ୟ ତାଣ୍ଡବସ୍ୟ ବଧିକ୍ରିୟାମ୍ ।। ୧୭୧ ।।
ବର୍ଦ୍ଧମାନକମାସାଦ୍ୟ ସଂପ୍ରବକ୍ଷାମି ଲକ୍ଷଣମ୍ ।
କଳାନାଂ ବୃଦ୍ଧିମାସାଦ୍ୟ ହ୍ୟକ୍ଷରଣାଂ ତୁ ବର୍ଦ୍ଧନାତ୍ ।। ୧୭୨ ।।
ବର୍ଦ୍ଧନାତ୍ ନର୍ତ୍ତକୀନାଂ ଚ ବର୍ଦ୍ଧମାନକମୁଚ୍ୟତେ ।
କୃତ୍ୱା କୁତପବିନ୍ୟାସଂ ଯଥାବଦ୍ଦ୍ୱିଜସତ୍ତମାଃ ।। ୧୭୩ ।।
ଆସାରିତପ୍ରୟୋଗସ୍ତୁ ତତଃ କାର୍ଯ୍ୟଃ ପ୍ରୟୋକ୍ତୃଭିଃ ।
ତନ୍ତ୍ରୀ ତୂଟପାତ୍ମନଂ କୃତ୍ୱା ତନ୍ତ୍ରୀଭାଣ୍ଡ-ସମନ୍ୱିତମ୍ ।। ୧୭୪ ।।
କାର୍ଯ୍ୟଃ ପ୍ରବେଶୋ ନର୍ତ୍ତକ୍ୟା ଭାଣ୍ଡବାଦ୍ୟସମନ୍ୱିତଃ ।
ବିଶୁଦ୍ଧକରଣସ୍ୟାଂ ତୁ ଜାତ୍ୟାଂ ବାଦ୍ୟଂ ପ୍ରୟୋଜୟେତ୍ ।। ୧୭୫ ।।
ଗତ୍ୟା ବାଦ୍ୟାନୁସାରିଣ୍ୟା ତସ୍ୟାସ୍ତ୍ୱାଙ୍ଗଂ ପ୍ରୟୋଜୟେତ୍ ।
ବୈଶାଖସ୍ଥାନକେନେହ ସର୍ବରେଚକଚାରିଣୀ ।। ୧୭୬ ।।
ପୁଷ୍ପାଞ୍ଜଳିଧରା ଭୂତ୍ୱା ପ୍ରବିଶେଦ୍ରଙ୍ଗମଣ୍ଡଳମ୍ ।
ପୁଷ୍ପାଞ୍ଜଳିଂ ବିସୃଜ୍ୟାଥ ରଙ୍ଗପୀଠଂ ପରୀତ୍ୟ ଚ ।। ୧୭୭ ।।
ପ୍ରଣମ୍ୟ ଦେବତାଭ୍ୟଶ୍ଚ ତତୋଽଭିନୟମାଚରେତ୍ ।

ରସ ଜାତ କୋମଳ ଅଭିନୟ ସମ୍ବଳିତ ହୋଇଥାଏ । ତାଣ୍ଡୁଙ୍କ ଦ୍ୱାରା ପ୍ରଯୁକ୍ତ ତାଣ୍ଡବର ସମସ୍ତ ପ୍ରକାର ବିଧି କ୍ରିୟା ଓ ଲକ୍ଷଣକୁ ବର୍ଦ୍ଧମାନକଠାରୁ ଆରମ୍ଭକରି ମୁଁ କହୁଛି । ୧୬୮-୧୭୧ ।

କଳା (ମାତ୍ରା) ର ବୃଦ୍ଧି ଏବଂ ଅକ୍ଷରମାନଙ୍କର ବୃଦ୍ଧି ହେଉଥିବାରୁ ଏବଂ ନର୍ତ୍ତକୀମାନଙ୍କର ବର୍ଦ୍ଧନ ହେତୁ ଏହାକୁ ବର୍ଦ୍ଧମାନକ କୁହାଯାଏ । ବାଦ୍ୟଯନ୍ତ୍ର-ମାନଙ୍କର ବିନ୍ୟାସ କରିସାରିଲା ପରେ ଅଭିନେତୃଗଣ ଆସାରିତର ପ୍ରୟୋଗ କରିବେ । ବୀଣାଦି ଏବଂ ମୃଦଙ୍ଗାଦି ବାଦ୍ୟର ଉପୋହନ କରି ନର୍ତ୍ତକୀ ଭାଣ୍ଡବାଦ୍ୟ ବା ମୃଦଙ୍ଗାଦି ଧାରଣ କରି ପ୍ରବେଶ କରିବ । ବିଶୁଦ୍ଧ କରଣ ଓ ଜାତିକୁ ଅବଲମ୍ବନ କରି ବାଦ୍ୟର ପ୍ରୟୋଗ କରିବ । ବାଦ୍ୟ ଅନୁସାରେ ଗୀତ ଏବଂ ନୃତ୍ୟ (ପାଦ ଚାଳନ) ପ୍ରୟୋଗ କରାଯିବ । ୧୭୨-୧୭୫ ।

ସର୍ବପ୍ରକାର ରେଚକ ପ୍ରଦର୍ଶନ କରୁଥିବା ପୁଷ୍ପାଞ୍ଜଳିହସ୍ତା ନର୍ତ୍ତକୀ ବୈଶାଖ ସ୍ଥାନ ଭଙ୍ଗୀରେ ରଙ୍ଗମଣ୍ଡଳରେ ପ୍ରବେଶ କରିବ । ପୁଷ୍ପାଞ୍ଜଳି ପ୍ରଦାନପୂର୍ବକ ରଙ୍ଗପୀଠକୁ ପରିକ୍ରମା କରି ତତ୍ପରେ ଦେବତାମାନଙ୍କୁ ନମସ୍କାର କରି ଅଭିନୟ ପ୍ରଦର୍ଶନ କରିବ । ଯଦି ଗୀତକୁ ଅଭିନୟ ଦ୍ୱାରା ପ୍ରକାଶ କରା ଯାଉଥିବ ତେବେ

Digitized by srujanika@gmail.com

ଯଥାଭିନେୟଂ ଗୀତଂ ସ୍ୟାତ୍ତଥା ବାଦ୍ୟଂ ନ ବାଦୟେତ୍ ॥ ୧୭୮ ॥
ଅଙ୍ଗହାରପ୍ରୟୋଗେ ତୁ ଭାଣ୍ଡବାଦ୍ୟଂ ପ୍ରୟୋଜୟେତ୍ ।
ସମଂ ରକ୍ତଂ ବିଭକ୍ତଂ ଚ ସ୍ଫୁଟଂ ଶୁଦ୍ଧ-ପ୍ରହାରକମ୍ ॥ ୧୭୯ ॥
ନୃତ୍ତାଙ୍ଗଗ୍ରାହି ବାଦ୍ୟଜ୍ଞୈର୍ବାଦ୍ୟଂ ଯୋଜ୍ୟଂ ତୁ ତାଣ୍ଡବେ ।
ପ୍ରଯୁଜ୍ୟ ଗୀତବାଦ୍ୟେ ତୁ ନିଷ୍କ୍ରାମେନ୍ନର୍ତ୍ତକୀ ତତଃ ॥ ୧୮୦ ॥
ଅନେନୈବ ବିଧାନେନ ପ୍ରବିଶନ୍ତ୍ୟପରାଃ ପୃଥକ୍ ।
ଅନ୍ୟାସ୍ତ୍ୱାନୁକ୍ରମେଣାଥ ପିଣ୍ଡୀଂ ବଧ୍ନନ୍ତି ଯାଃ ସ୍ତ୍ରିୟଃ ॥ ୧୮୧ ॥
ତାବତ୍ପର୍ଯ୍ୟସ୍ତକଃ କାର୍ଯ୍ୟୋ ଯାବତ୍ପିଣ୍ଡୀ ନ ବଧ୍ୟତେ ।
ପିଣ୍ଡୀଂ ବଦ୍ଧ୍ୱା ତତଃ ସର୍ବା ନିଷ୍କ୍ରାମେୟୁଃ ସ୍ତ୍ରିୟସ୍ତୁ ତାଃ ॥ ୧୮୨ ॥
ପିଣ୍ଡୀବନ୍ଧେଷୁ ବାଦ୍ୟଂ ତୁ କର୍ତ୍ତବ୍ୟମିହ ବାଦକୈଃ ।
ପର୍ଯ୍ୟସ୍ତକପ୍ରମାଣେନ ଲଟଣୀଧକରଣୋନ୍ମିତମ୍ ॥ ୧୮୩ ॥
ତତଶ୍ଚୈବୋପୋହନଂ ଭୂୟଃ କାର୍ଯ୍ୟଂ ପୂର୍ବବଦେବ ହି ।
ଚନ୍ଦ୍ରଷ୍ଟାପାଠ୍ୟଂ ଭୂତ୍ୱା ଗାୟନସ୍ତୁ ପ୍ରଯୋଜୟେତ୍ ॥ ୧୮୪ ॥
ପୂର୍ବେଣୈବ ବିଧାନେନ ପ୍ରବିଶେଦ୍ୱାପି ନର୍ତ୍ତକୀ ।
ଗୀତକାର୍ଥଂ ତ୍ୱଭିନୟେଦ୍ଧ୍ରୁବାସାରିତସ୍ୟ ତୁ ॥ ୧୮୫ ॥

ବାଦ୍ୟ ପ୍ରୟୋଗ କରିବ ନାହିଁ । ଅଙ୍ଗହାର ପ୍ରଦର୍ଶନବେଳେ ମୃଦଙ୍ଗାଦି ଭାଣ୍ଡ ବାଦ୍ୟ ବଜାଇବ । ତାଣ୍ଡବରେ ବାଦକମାନେ ସମ, ରକ୍ତ, ବିଭକ୍ତ, ସ୍ଫୁଟ ଭାବରେ ବାଦ୍ୟ-ଯନ୍ତ୍ର ବାଦନ କରିବେ । ବିଭିନ୍ନ ପ୍ରକାର ନୃତ୍ତ୍ୟର ସ୍ୱଭାବାନୁସାର ବାଦ୍ୟକୁ ବଜାଇବେ । ଏହି ପ୍ରକାରେ ଗୀତ ପ୍ରୟୋଗ କରିସାରି ନର୍ତ୍ତକୀ ପ୍ରସ୍ଥାନ କରିବ । ୧୭୮-୧୮୦ ।

ଏହି ମତରେ ଅନ୍ୟ କେତେ ଗୁଡ଼ିଏ ନର୍ତ୍ତକୀ ପ୍ରବେଶ କରି କ୍ରମାନୁସାରେ ପିଣ୍ଡୀବନ୍ଧ ପ୍ରଦର୍ଶନ କରିବେ (ପିଣ୍ଡୀ ବାନ୍ଧିବେ) । ପିଣ୍ଡୀବନ୍ଧ ପ୍ରଦର୍ଶନ ହେଉଥିବା ଯାଏ ପର୍ଯ୍ୟସ୍ତକ କରାଯାଉଥିବ । ପିଣ୍ଡୀବନ୍ଧ ପରେ (ପିଣ୍ଡୀକୁ ବାନ୍ଧି ସାରି) ଏମାନେ ରଙ୍ଗପୀଠରୁ ଚାଲିଯିବେ । ଏହି ଛଅଗୋଟି ପିଣ୍ଡୀର ବନ୍ଧନ କାଳରେ ଯେଉଁ ବାଦ୍ୟ ବାଜିବ ତହିଁରେ ବୈଚିତ୍ର୍ୟଯୁକ୍ତ ଓଘ ଓ କରଣର ପ୍ରୟୋଗ କରାଯିବ ଏବଂ ପର୍ଯ୍ୟସ୍ତକର ପ୍ରମାଣ ଅନୁସାରେ ଏହାର ପ୍ରମାଣ ନିରୂପିତ ହେବ । ୧୮୧-୧୮୩ ।

ତତ୍ପରେ ପୁନର୍ବାର ପୂର୍ବମତରେ ଉପୋହନ (ଉପବହନ) ଓ ଆସାରିତ କରାଯିବ ଏବଂ ଗୋଟିଏ (ଗାୟନ) ଗୀତ ବୋଲାଯିବ । ପୂର୍ବୋକ୍ତ ମତରେ ପୁଣି ଜଣେ ନର୍ତ୍ତକୀ ପ୍ରବେଶ କରିବ । ସେ ଗୀତକର ଅର୍ଥକୁ ଧ୍ରୁବା ଆସାରିତ କାଳରେ

Digitized by srujanika@gmail.com

ତତଦବ ତୁ ପୁନର୍ବସ୍ତୁ ନୃତ୍ତେନାପି ପ୍ରୟୋଜୟେତ୍ ।
ଅପାରନ୍ତେ ସମାପ୍ତେ ତୁ ନିଷ୍କ୍ରାମେନ୍ନର୍ତ୍ତକୀ ତତଃ ॥ ୨୮୬ ॥
ପୂର୍ବବତ୍ ପ୍ରବଶେଚ୍ଚାନ୍ୟାଃ ପ୍ରୟୋଗଃ ସ୍ୟାତ୍ସ ଏବ ହି ।
ଏବଂ ପଦେ ପଦେ କାର୍ଯ୍ୟା ବୃଦ୍ଧିରାସାରିତସ୍ୟ ତୁ ॥ ୨୮୭ ॥
ଭାଣ୍ଡବାଦ୍ୟକୃତଶ୍ଚୈବ ତଥା ଗାନକୃତୋଽପି ଚ ।
ଏକଂ ତୁ ପ୍ରଥମଂ କୁର୍ଯ୍ୟାଦ୍ ଦ୍ୱେ ଦ୍ୱିତୀୟଂ ତୁ ବସ୍ତୁକମ୍ ॥ ୨୮୮ ॥
ତିସ୍ରୋ ବସ୍ତୁ ତୃତୀୟଂ ତୁ ଚତସ୍ରସ୍ତୁ ଚତୁର୍ଥକମ୍ ।
ପିଣ୍ଡୀନାଂ ବିଧୟଶ୍ଚୈବ ଚତ୍ୱାରଃ ସଂପ୍ରକୀର୍ତ୍ତିତାଃ ॥ ୨୮୯ ।
ପିଣ୍ଡୀ ଶୃଙ୍ଖଳିକା ଚୈବ ଲତାବନ୍ଧୋଽଥ ଭେଦ୍ୟକଃ ।
ପିଣ୍ଡୀବନ୍ଧସ୍ତୁ ପିଣ୍ଡତ୍ୱାଦ୍‌ଗୁଲ୍ମଶ୍ଶୃଙ୍ଖଳିକା ଭବେତ୍ ॥ ୨୯୦ ॥
ଜାଲପନଦ୍ଧା ଚ ଲତା ସ ନୃତ୍ତେ ଭେଦ୍ୟକଃ ସ୍ମୃତଃ ।
ପିଣ୍ଡୀବନ୍ଧଃ କନିଷ୍ଠେ ତୁ ଶୃଙ୍ଖଳା ତୁ ଲୟାନ୍ତରେ ॥ ୨୯୧ ॥
ମଧ୍ୟମେ ଚ ଲତାବନ୍ଧୋ ଜ୍ୟେଷ୍ଠେ ଚୈବାଥ ଭେଦ୍ୟକଃ ।

(ଅଭିନୟ ଦ୍ୱାରା) ପ୍ରଦର୍ଶିତ କରିବ । ତତ୍ପରେ ସେହି ବସ୍ତୁକୁ ନୃତ୍ୟ ସାହାଯ୍ୟରେ ପ୍ରକାଶ କରିବ । ଆସାରିତ କ୍ରିୟା ସମାପ୍ତ ହେଲେ ନର୍ତ୍ତକୀ ରଙ୍ଗମଣ୍ଡପରୁ ପ୍ରସ୍ଥାନ କରିବ । ୨୮୫-୨୮୬ ।

ଏହି ପ୍ରକାରେ ବାଦ୍ୟ ବିଷୟକ ଓ ଗାନ ସମ୍ବନ୍ଧରେ ଆସାରିତ ବିଧିକୁ ଅକ୍ଷରଶଃ ପାଳନ କରିବ । ଜଣେ ନର୍ତ୍ତକୀ ପ୍ରଥମ ବସ୍ତୁକୁ ଓ ଦୁଇଜଣ ନର୍ତ୍ତକୀ ଦ୍ୱିତୀୟ ବସ୍ତୁକୁ ଏବଂ ତିନିଜଣ ନର୍ତ୍ତକୀ ତୃତୀୟବସ୍ତୁ ତଥା ଚାରିଜଣ ନର୍ତ୍ତକୀ ଚତୁର୍ଥ ବସ୍ତୁକୁ (ନୃତ୍ୟାଦି ଦ୍ୱାରା) ବାଂକ୍ୟାର୍ଥ କରିବେ । ପିଣ୍ଡୀ ଚାରି ପ୍ରକାରର ହୁଏ । ଯଥା— ପିଣ୍ଡୀ, ଶୃଙ୍ଖଳିତା, ଲତାବନ୍ଧ, ଓ ଭେଦ୍ୟକ । ପିଣ୍ଡୀବନ୍ଧ, ପିଣ୍ଡ ଅର୍ଥାତ୍ ମୂଳ ହୋଇ ଥିବାରୁ ଏହାକୁ ପିଣ୍ଡୀ କହନ୍ତି । ଗୁଳ୍ମକୁ ଶୃଙ୍ଖଳିତା କୁହାଯାଏ । ଜାଲଯୁକ୍ତ ପିଣ୍ଡୀବନ୍ଧକୁ ଲତା ଓ ନୃତ୍ୟଯୁକ୍ତ ପିଣ୍ଡୀବନ୍ଧକୁ ଭେଦ୍ୟକ କହନ୍ତି । ୨୮୭-୨୯୧

(ଅନ୍ୟ ମତରେ, ବହୁତ ଲୋକ ଏକାଠି ହୋଇ ଯେଉଁ ନୃତ୍ୟ କରନ୍ତି, ତାହାର ନାମ ଗୁଳ୍ମ, ପରସ୍ପର ହାତ ଧରାଧରି ହୋଇ ଯେଉଁ ନୃତ୍ୟ କରନ୍ତି ତାହାର ନାମ ଶୃଙ୍ଖଳା । ପରସ୍ପର ଅଙ୍ଗବେଷ୍ଟନ (ବାହୁ ବେଷ୍ଟନ) ପୂର୍ବକ ଯେଉଁ ନୃତ୍ୟ କରାଯାଏ ତାହାର ନାମ ଲତା ଏବଂ ପ୍ରତ୍ୟେକେ ପୃଥକ୍ ପୃଥକ୍ ଭାବେ ଯେଉଁ ନୃତ୍ୟ କରନ୍ତି ତାହାର ନାମ ଭେଦ୍ୟକ) ।

ପିଣ୍ଡୀ ବା ପିଣ୍ଡୀବନ୍ଧ କନିଷ୍ଠ ଆସାରିତରେ କରାଯାଏ । ଲୟାନ୍ତର ଆସାରିତରେ ଶୃଙ୍ଖଳା, ମଧ୍ୟମ ଆସାରିତରେ ଲତାବନ୍ଧ, ଜ୍ୟେଷ୍ଠ ଆସାରିତରେ

Digitized by srujanika@gmail.com

ପିଣ୍ଡୀନାଂ ଦ୍ୱିବିଧା ଯୋନିର୍ଯନ୍ତ୍ରଂ ଭଦ୍ରାସନଂ ତଥା ॥ ୧୯୨ ॥
ଶିକ୍ଷାଃ କାର୍ଯ୍ୟସ୍ତଥା ଚୈବ ପ୍ରୟୋକ୍ତବ୍ୟାଃ ପ୍ରୟୋକ୍ତୃଭିଃ ।
ଏବଂ ପ୍ରୟୋଗଃ କର୍ତ୍ତବ୍ୟୋ ବର୍ଦ୍ଧମାନେ ପ୍ରୟୋକ୍ତୃଭିଃ ॥ ୧୯୩ ॥
ଗୀତାନାଂ ଛନ୍ଦକାନାଂ ଚ ଭୂୟୋ ବକ୍ଷ୍ୟାମ୍ୟହଂ ବିଧିମ୍ ।
ବଦ୍ଧାନି ଯାନି ବସ୍ତୂନି ସନ୍ତି ଗୃଙ୍ଗକୃତାନି ବା ॥ ୧୯୪ ॥
ଗୀତାନି ତେଷାଂ ବକ୍ଷ୍ୟାମି ପ୍ରୟୋଗଂ ନୃତ୍ତବାଦ୍ୟୟୋଃ ।
ଯତ୍ରାବତରଣଂ କାର୍ଯ୍ୟଂ ନର୍ତ୍ତକ୍ୟା ସର୍ବଭାଣ୍ଡିକମ୍ ॥ ୧୯୫ ॥
କ୍ଷେପ-ପ୍ରତିକ୍ଷେପକୃତଂ ତନ୍ତ୍ରୀଗାନସମନ୍ୱିତମ୍ ।
ପ୍ରଥମଂ ତ୍ୱଭିନେୟଂ ସ୍ୟାଦ୍‌ଗୀତକଂ ସାର୍ବବସ୍ତୁକମ୍ ॥ ୧୯୬ ॥
ତଦେବ ଚ ପୁନର୍ବସ୍ତୁ ନୃତ୍ତେନାପି ପ୍ରଦର୍ଶୟେତ୍ ।
ଯୋ ବିଧିଃ ପୂର୍ବମୁକ୍ତସ୍ତୁ ନୃତ୍ତାଭିନୟବାଦିତେ ॥ ୧୯୭ ॥
ଆସାରିତବିଧୌ ସ ସ୍ୟାଦ୍‌ଗୀତାନାଂ ବସ୍ତୁ ତେଷ୍ୱପି ।
ଏଷ ବସ୍ତୁ ନିବନ୍ଧାନାଂ ଗୀତାନାଂ ଚ ବିଧିଃ ସ୍ମୃତଃ ॥ ୧୯୮ ॥

ଭେଦ୍ୟଭ କରାଯାଏ । ପିଣ୍ଡୀମାନଙ୍କର ଦୁଇଟି 'ଯୋନି' (ଉତ୍ପତ୍ତିସ୍ଥଳ) ଅଛି । ସେଥି-ମଧ୍ୟରୁ ପ୍ରଥମଟି ଯନ୍ତ୍ର ଦ୍ୱିତୀୟଟି ଭଦ୍ରାସନ । ଏହାକୁ ଉତ୍ତମରୂପେ ଶିକ୍ଷାକରି ବର୍ଦ୍ଧ-ମାନରେ ଏହି ପ୍ରକାର ପ୍ରୟୋଗ କରିବା ଅଭିନେତାମାନଙ୍କର ବିଧେୟ ।

। ୧୯୧-୧୯୩ ।

ଏବେ ଗୀତ ଓ ଛନ୍ଦକମାନଙ୍କ ପ୍ରୟୋଗ ସମ୍ବନ୍ଧରେ ଯେଉଁ ବିଧି ଅଛି ତାହା ମୁଁ କହୁଛି । ଯେଉଁ ଗୀତମାନଙ୍କର ବସ୍ତୁ ନିବଦ୍ଧ ହୋଇଥାଏ ବା ଅଙ୍ଗରୂପେ ଗୃହୀତ ହୋଇଥାଏ, ନୃତ୍ୟ ଓ ବାଦ୍ୟରେ ସେମାନଙ୍କର ପ୍ରୟୋଗ ଏବେ କହୁଛି । ଏଥିରେ ନର୍ତ୍ତକୀ ପ୍ରବେଶ କଲାବେଳେ ସମସ୍ତପ୍ରକାର ବାଦ୍ୟଯନ୍ତ୍ରର ଉପଯୋଗ ଦ୍ୱାରା କରି ଛେଦ (କ୍ଷେପ) ଓ ପ୍ରତିକ୍ଷେପ ସହକାରେ ବଜାଇବ । ଗୀତକରେ ପ୍ରଥମେ ସର୍ବବିଧ ବସ୍ତୁର ଅଭିନୟ ପ୍ରଦର୍ଶନ କରାଯାଏ। ପୁନର୍ବାର ସେହି ବସ୍ତୁକୁ ନୃତ୍ୟ ଦ୍ୱାରା ପ୍ରକାଶିତ କରାଯାଏ । ୧୯୪-୧୯୬ ।

ପୂର୍ବେ ଅଭିନୟ ବାଦ୍ୟ ସମ୍ବନ୍ଧରେ ଯେଉଁ ନିୟମ କୁହାଯାଇଅଛି, ଆସାରିତ ବିଧିବେଳେ ଗୀତବସ୍ତୁମାନଙ୍କଠାରେ ମଧ୍ୟ ସେହି ନିୟମ ପ୍ରଯୋଜ୍ୟ । ଏହାହିଁ ବସ୍ତୁନିବଦ୍ଧ ଗୀତମାନଙ୍କ ସମ୍ବନ୍ଧେ ନିୟମ । ଏବେ ଅଙ୍ଗନିବଦ୍ଧ ଗୀତମାନ-ଙ୍କର ଲକ୍ଷଣ କହୁଅଛି—ଆପଣମାନେ ଶୁଣନ୍ତୁ । ଗୀତବସ୍ତୁ ବିଷୟରେ ନୃତ୍ୟ,

Digitized by srujanika@gmail.com

ଶୁଷ୍କାଙ୍ଗନିବଦ୍ଧାନାଂ ଗୀତାନାମପି ଲକ୍ଷଣମ୍ ।
ଯ ଏବ ବସ୍ତୁଷୁ ବିଧିର୍ନୃତ୍ତାଭିନୟବାଦତେ ॥ ୨୯୯ ॥
ସ ସର୍ବ ଏବ କର୍ତ୍ତବ୍ୟଶ୍ଛନ୍ଦକେଷୁ ପ୍ରୟୋକ୍ତୃଭିଃ ।
ବାଦ୍ୟଂ ଗୁର୍ବକ୍ଷରକୃତଂ ତଥାଲ୍ପାକ୍ଷରମେବ ଚ ॥ ୩୦୦ ॥
ମୁଖେ ସୋପୋହନେ କୁର୍ଯ୍ୟାଦ୍‌ବର୍ଣ୍ଣାନାଂ ବିପ୍ରକର୍ଷକଃ ।
ଯଦା ଗୀତବଶାଦଙ୍ଗଂ ଭୂୟୋ ଭୂୟୋ ନିବର୍ତ୍ତତେ ॥ ୩୦୧ ॥
ତଦାଦ୍ୟମଭିନେୟଂ ସ୍ୟାଚ୍ଛେଷଂ ନୃତ୍ତେନ ଯୋଜୟେତ୍ ।
ନିପାଣିଲୟସଂଯୁକ୍ତଂ ତତ୍ର ବାଦ୍ୟଂ ପ୍ରୟୋଜୟେତ୍ ॥ ୩୦୨ ॥
ଯଥା ଲୟସ୍ତଥା ବାଦ୍ୟଂ କର୍ତ୍ତବ୍ୟଂ ଭଙ୍ଗସଂଶ୍ରୟମ୍ ।
ତତ୍ତ୍ୱଂ ହ୍ୟନୁଗତଂ ହ୍ୟପି ଓଘଂ ଚ କରଣାନ୍ୱିତମ୍ ॥ ୩୦୩ ॥
ସ୍ଥିତେ ତତ୍ତ୍ୱଂ ପ୍ରୟୋକ୍ତବ୍ୟଂ ମଧ୍ୟେ ହ୍ୟନୁଗତଂ ଭବେତ୍ ।
ଦ୍ରୁତେଷ୍ୱୋଘଃ ପ୍ରୟୋକ୍ତବ୍ୟସ୍ତ୍ୱେଷ ବାଦ୍ୟଗତୋ ବିଧିଃ ॥ ୩୦୪ ॥
ଛନ୍ଦୋଗୀତକମାସାଦ୍ୟ ଅଙ୍ଗାନି ପରିବର୍ତ୍ତୟେତ୍ ।
ଏଷ କାର୍ଯ୍ୟୋ ବିଧିର୍ନିତ୍ୟଂ ନୃତ୍ତାଭିନୟବାଦତେ ॥ ୩୦୫ ॥

ଅଭିନୟ ଓ ବାଦ୍ୟ ସମ୍ବନ୍ଧରେ ଯେଉଁ ବିଧି କୁହାଯାଇଛି, ଛନ୍ଦକରେ ମଧ୍ୟ ସେହି ବିଧି ଅବଲମ୍ବନୀୟ । ୨୯୫-୨୯୯ ।

ମୁଖ ଏବଂ ଅପୋହନରେ ଗୁରୁ ତଥା ଅଳ୍ପାକ୍ଷରଯୁକ୍ତ ବାଦ୍ୟ ବାଦିତ ହେବ । ଏଥିରେ ପ୍ରତ୍ୟେକ ଅକ୍ଷର ପୃଥକ୍ ସ୍ୱରରେ ପ୍ରଗତ ହୋଇଥିବ । ଯେତେବେଳେ ଗୀତର କେତେକାଂଶର ପୁନରାବୃତ୍ତି କରାଯାଉଥିବ ସେତେବେଳେ ଅନ୍ୟ ଅଙ୍ଗଟି ଅଭିନୟ ଦ୍ୱାରା ଓ ଅନ୍ୟ ଅଙ୍ଗ ନୃତ୍ୟ ଦ୍ୱାରା ପ୍ରକାଶିତ କରାଯିବ । ଯେତେବେଳେ ଗୀତ ହେତୁରୁ ଅଙ୍ଗର ବାରମ୍ବାର ଆବୃତ୍ତି କରାଯାଉଥିବ ସେତେବେଳେ 'ନିପାଣି' ଲୟରେ ବାଦ୍ୟ ବଜାଇବ । ଅଙ୍ଗ ସମ୍ପର୍କରେ ଯେଉଁ ବାଦ୍ୟ ବାଜିବ ତାହା ଲୟର ଅନୁଗାମୀ ହେବ । ତତ୍ତ୍ୱ, ଅନୁଗତ ଓ ଓଘ ଏମାନେ କରଣ ସଂଯୁକ୍ତ ହେବେ । ୩୦୦—୩୦୩ ।

ସ୍ଥିର ଲୟରେ ତତ୍ତ୍ୱ, ମଧ୍ୟ ଲୟରେ ଅନୁଗତ ଏବଂ ଦ୍ରୁତ ଲୟରେ ଓଘ ପ୍ରଯୁକ୍ତବ୍ୟ, ବାଦ୍ୟ ସମ୍ବନ୍ଧରେ ଏହାହିଁ ବିଧି । ଛନ୍ଦକ ଗୀତରେ ଅଙ୍ଗଗୁଡ଼ିକୁ ପରିବର୍ତ୍ତିତ କରିବ (ବୋହରେଇବ) । ନୃତ୍ୟ ନୃତ୍ତାଭିନୟ ଓ ବାଦ୍ୟ ବିଷୟରେ ଏହି ବିଧି ଅବଲମ୍ବନୀୟ । ନିବଦ୍ଧ ବସ୍ତୁ ଓ ଗୀତର ଶେଷରେ ଗ୍ରହ (ବାଦ୍ୟ ଯନ୍ତ୍ର

Digitized by srujanika@gmail.com

ଯାନି ବସ୍ତୁ ନିବଦ୍ଧାନି ତେଷାମନ୍ତେ ଗ୍ରହୋ ଭବେତ୍ ।
ଅଙ୍ଗାନାଂ ତୁ ପରିବୃତ୍ତିବାଦାବେବ ଗ୍ରହୋ ମତଃ ॥ ୩୦୬ ।
ଦେବସ୍ତୁତ୍ୟାଶ୍ରୟଂ ହ୍ୟେତତ୍ ସୁକୁମାରଂ ନିବୋଧତ ।
ସ୍ତ୍ରୀପୁଂସୟୋସ୍ତୁ ସଂଲାପୋ ଯସ୍ତୁ କାମସମୁଦ୍ଭବଃ ॥ ୩୦୭ ॥
ତଦ୍‌ଜ୍ଞେୟଂ ସୁକୁମାରଂ ହି ଶୃଙ୍ଗାରରସସମ୍ଭବମ୍ ।
ଯସ୍ୟାଂ ଯସ୍ୟାମବସ୍ଥାୟାଂ ନୃତ୍ତଂ ଯୋଜ୍ୟଂ ପ୍ରୟୋକ୍ତୃଭିଃ ॥ ୩୦୮ ॥
ତତ୍ର ସର୍ବଂ ସଂପ୍ରବକ୍ଷ୍ୟାମି ତଚ୍ଚ ମେ ଶୃଣୁତ ଦ୍ୱିଜାଃ ।
ଅଙ୍ଗବସ୍ତୁନିବୃତ୍ତୌ ତୁ ତଥା ବର୍ଣ୍ଣନିବୃତ୍ତିଷୁ ॥ ୩୦୯ ॥
ତଥା ବୃଦ୍ଧ୍ୟଦୟସ୍ଥାନେ ନୃତ୍ତଂ ତଜ୍ଜ୍ଞଃ ପ୍ରୟୋଜୟେତ୍ ।
ଯତ୍ର ସଂଦୃଶ୍ୟତେ କଂଚିଦ୍ଦମ୍ପତ୍ୟୋର୍ମଦନାଶ୍ରୟମ୍ ॥ ୩୧୦ ॥
ତତ୍ର ନୃତ୍ତଂ ପ୍ରୟୋକ୍ତବ୍ୟଂ ପ୍ରହର୍ଷାର୍ଥଗୁଣୋଦ୍ଭବମ୍ ।
ଯତ୍ର ସନ୍ନିହିତେ କାନ୍ତେ ଋତୁକାଲାଦିଦର୍ଶନମ୍ ॥ ୩୧୧ ॥
ଗୀତକାର୍ଥାଭିସଂବଦ୍ଧଂ ନୃତ୍ତଂ ତତ୍ରାପି ନେଷ୍ୟତେ ।
ଖଣ୍ଡିତା ବିପ୍ରଲବ୍ଧା ବା କଲହାନ୍ତରିତାଽପି ବା ॥ ୩୧୨ ॥

ବାଦନର ଆରମ୍ଭ) ଅନୁଷ୍ଠିତ ହୁଏ, କିନ୍ତୁ ଅଙ୍ଗମାନଙ୍କର ଆଦରେ ଗ୍ରହ ଅନୁଷ୍ଠିତ ହୁଏ । ଆସାରିତ ଗାନରେ ଏହି ବିଧି ଅବଲମ୍ବନୀୟ । ୩୦୪-୩୦୬ ।

ଏବେ ଦେବସ୍ତୁତିମୟ ସୁକୁମାର ନୃତ୍ୟ ବିଷୟରେ କହୁଛୁ ତାହା ଶୁଣ । ସ୍ତ୍ରୀ ଏବଂ ପୁରୁଷ ମଧ୍ୟରେ ପରସ୍ପର କାମଭାବ ଜନିତ ସଂଲାପ କଥୋପକଥନ ସହିତ ନୃତ୍ୟକୁ ସୁକୁମାର କହନ୍ତି । ଏହା ଶୃଙ୍ଗାର ରସରୁ ଜାତ । ଯେଉଁ ଯେଉଁ ଅବସ୍ଥାରେ ଅଭିନେତାମାନେ ସର୍ବପ୍ରକାର ଗୀତସମ୍ବନ୍ଧୀ ନୃତ୍ୟ ପ୍ରୟୋଗ କରିବେ ତାହା କୁହାଯାଉଅଛି ଶୁଣ । ୩୦୭-୩୦୮ ।

ଯେତେବେଳେ କୌଣସି ଗୀତର ବସ୍ତୁ ବା ତାହାର ବର୍ଣ୍ଣର (ମୂର୍ଚ୍ଛନା) ନିବୃତ୍ତି କାଳରେ କିମ୍ବା ଅଭ୍ୟୁଦୟ (ନାଟକୀୟ ପାତ୍ରମାନଙ୍କର ଉନ୍ନତି ପ୍ରଦର୍ଶିତ ହେଲାବେଳେ) ନୃତ୍ୟ ପ୍ରୟୋଗ କରାଯାଏ । ଯେଉଁଠାରେ ସ୍ତ୍ରୀ ପୁରୁଷଙ୍କର (ଦମ୍ପତୀ) କାମଜନିତ କୌଣସି ବିଷୟ ପ୍ରଦର୍ଶିତ ହୁଏ । ସେତେବେଳେ ମଧ୍ୟ ନୃତ୍ୟ ପ୍ରଦର୍ଶିତ ହୁଏ । ଏହା ଦ୍ୱାରା ଦର୍ଶକମାନଙ୍କର ଆନନ୍ଦ ବୃଦ୍ଧି ପାଏ । ୩୦୯-୩୧୦ ।

କାନ୍ତ (ପ୍ରିୟ) ନିକଟରେ ଥିଲାବେଳେ ଋତୁକାଳ ପ୍ରଭୃତିର ଦର୍ଶନ ଘଟିଲେ ଗୀତର ଅର୍ଥ ସହିତ ସମ୍ବନ୍ଧଯୁକ୍ତ ନୃତ୍ୟ କରାଯାଏ । ନାଟକାଦିର ଯେଉଁ

Digitized by srujanika@gmail.com

ଯସ୍ମିନ୍ନଙ୍ଗେ ତୁ ଯୁବତିର୍ନ ନୃତ୍ତଂ ତତ୍ର ଯୋଜୟେତ୍ ।
ସଂପ୍ରବୃତ୍ତେଽଥ ସଂଲାପେ ତଥା ସନ୍ନିହିତେ ପ୍ରିୟେ ॥ ୩୧୩ ॥
ନ ହି ନୃତ୍ତଂ ପ୍ରୟୋକ୍ତବ୍ୟଂ ଯସ୍ୟା ବା ପ୍ରୋଷିତଃ ପ୍ରିୟଃ ।
ଦୂତ୍ୟାଶ୍ରୟଂ ଯଦା ତୁ ସ୍ୟାଦୃତୁକାଲାଦ୍‌ଦର୍ଶନମ୍ ॥ ୩୧୪ ॥
ଔତ୍ସୁକ୍ୟଚିନ୍ତାସମ୍ବନ୍ଧଂ ନ ନୃତ୍ତଂ ତତ୍ର ଯୋଜୟେତ୍ ।
ଯସ୍ମିନ୍ନଙ୍ଗେ ପ୍ରସାଦଂ ତୁ ଗୃହ୍ଣୀୟାନ୍ନାୟିକା କ୍ରମାତ୍ ॥ ୩୧୫ ॥
ତତଃ ପ୍ରଭୃତି ନୃତ୍ତଂ ତୁ ଶେଷେଷ୍ୱଙ୍ଗେଷୁ ଯୋଜୟେତ୍ ।
ଦେବସ୍ତୁତ୍ୟାଶ୍ରୟକୃତଂ ଯଦଙ୍ଗଂ ତୁ ଭବେଦଥ ॥ ୩୧୬ ॥
ମାହେଶ୍ୱରୈରଙ୍ଗହାରୈରୁଦ୍ଧତୈସ୍ତତ୍ପ୍ରୟୋଜୟେତ୍ ।
ଯତ୍ର ଶୃଙ୍ଗାରସଂବଦ୍ଧଂ ଗୀତଂ ସ୍ତ୍ରୀପୁରୁଷାଶ୍ରୟମ୍ ॥ ୩୧୭ ॥
ଦେବୀକୃତୈରଙ୍ଗହାରୈର୍ଲଳିତୈସ୍ତତ୍ ପ୍ରୟୋଜୟେତ ।
ଚତୁଷ୍ପଦା ନର୍କୁଟକେ ଖଞ୍ଜକେ ପରିଗୀତକେ ॥ ୩୧୮ ॥
ବିଧାନଂ ସଂପ୍ରବକ୍ଷ୍ୟାମି ଭାଣ୍ଡନୃତ୍ତବିଧିଂ ପ୍ରତି ।
ଖଞ୍ଜନର୍କୁଟସଂଯୁକ୍ତା ଭବେଦ୍ ଯା ତୁ ଚତୁଷ୍ପଦା ॥ ୩୧୯ ॥

ଅଙ୍ଗରେ ଖଣ୍ଡିତା, ବିପ୍ରଲବ୍ଧା ବା କଳହାନ୍ତରିତା ଯୁବତୀର ବର୍ଣ୍ଣନା ଥାଏ ସେଠାରେ ନୃତ୍ୟ ପ୍ରଦର୍ଶନ କରାଯିବ ନାହିଁ । ପ୍ରିୟ ନିକଟରେ ଥିଲାବେଳେ ପରସ୍ପର (ପତୀପତ୍ନୀ) ସଂଳାପ ହେଉଥିବା ଅବସ୍ଥାରେ ନୃତ୍ୟ ପ୍ରୟୋଗ କରାଯାଏ ନାହିଁ । ଯେଉଁ ସ୍ତ୍ରୀର ପତି ପ୍ରବାସଗାମୀ ତା'ର ବସନ୍ତାଦି ଋତୁକାଳ ପ୍ରଭୃତିର ଦର୍ଶନରେ ଔତ୍ସୁକ୍ୟ ଏବଂ ଚିନ୍ତା ସହିତ ସମ୍ବନ୍ଧଶୀଳ ନୃତ୍ୟର ପ୍ରୟୋଗ ହୁଏ ନାହିଁ । ୩୧୦-୩୧୪ ।

ଯେଉଁ ଅଙ୍ଗରେ ନାୟିକା ପ୍ରସାଦ (ଅଭିଳଷିତ ପ୍ରାପ୍ତିହେତୁ ମନରେ ଆନନ୍ଦ) କ୍ରମେ ଅନୁଭବ କରେ ସେହି ଅଙ୍ଗଠାରୁ ଆରମ୍ଭ କରି ଅବଶିଷ୍ଟ ଅଙ୍ଗମାନଙ୍କରେ ନୃତ୍ୟର ଯୋଜନା କରିବ । ଯେଉଁ ଅଙ୍ଗରେ ଦେବତା ସ୍ତୁତି ପ୍ରଭୃତି ବର୍ଣ୍ଣିତ ହୋଇଥିବ ସେଠାରେ ଶିବଙ୍କର ଉଦ୍ଧତ ଅଙ୍ଗହାର ସହିତ ନୃତ୍ୟ ପ୍ରୟୋଗ କରିବ ।
। ୩୧୫-୩୧୬ ।

ଯେଉଁଠାରେ ସ୍ତ୍ରୀ ପୁରୁଷଙ୍କର ଶୃଙ୍ଗାର ସମ୍ବନ୍ଧୀୟ ଗୀତ କରାଯାଉଥିବ ସେଠାରେ ପାର୍ବତୀ କୃତ ଲଳିତ ଅଙ୍ଗହାର ଦ୍ୱାରା ନୃତ୍ୟ ପ୍ରୟୋଗ କରିବ । ଚତୁଷ୍ପଦ ବିଶିଷ୍ଟ ନର୍କୁଟକ, ଖଞ୍ଜକ ଓ ପରିଗୀତକ (ପଦବିଧାନକ ବା ପଦଜ ଗୀତ) ରେ କି ପ୍ରକାର ବାଦ୍ୟ କରାଯିବ ତାହାର ନିୟମ କହୁଅଛି । ୩୧୭-୩୧୯ ।

ଯେଉଁଠାରେ ଚତୁଷ୍ପଦା ଧ୍ରୁବା (ଚଉପଦୀ) ନର୍କୁଟ ବା ଖଞ୍ଜକ ଶ୍ରେଣୀର

Digitized by srujanika@gmail.com

ପାଦାନ୍ତେ ସନ୍ନିପାତେ ତୁ ତସ୍ୟାଂ ଖଣ୍ଡଗ୍ରହୋ ଭବେତ୍ ।
ଯା ଧ୍ରୁବା ଛନ୍ଦସା ଯୁକ୍ତା ସମପାଦା ସମାକ୍ଷରା ॥ ୩୨୦ ॥
ତସ୍ୟାଃ ପାଦାବସାନେ ତୁ ପ୍ରଦେଶିନ୍ୟା ଗ୍ରହୋ ଭବେତ୍ ।
କୃତ୍ୱୈକଂ ପରିବର୍ତ୍ତଂ ତୁ ଗାନସ୍ୟାଭିନୟସ୍ୟ ଚ ॥ ୩୨୧ ॥
ପୁନଃ ପାଦନିବୃତ୍ତୌ ତୁ ଭାଣ୍ଡବାଦ୍ୟଂ ନିୟୋଜୟେତ୍ ।
ଅଙ୍ଗବସ୍ତୁ ନିବୃତ୍ତୌ ତୁ ବର୍ଣ୍ଣାନ୍ତରନିବୃତ୍ତିଷୁ ॥ ୩୨୨ ॥
ତଥୋପସ୍ଥାପନେ ଚୈବ ଭାଣ୍ଡବାଦ୍ୟଂ ପ୍ରୟୋଜୟେତ୍ ।
ଯେଽପିଚାନ୍ତରମାର୍ଗାଃ ସ୍ୟୁସ୍ତନ୍ତ୍ର୍ୟା ବା କରଣୈଃ କୃତାଃ ॥ ୩୨୩ ॥
ତେଷୁ ସୂଚୀ ପ୍ରୟୋକ୍ତବ୍ୟା ଭାଣ୍ଡେନ ସହ ତାଣ୍ଡବେ ।
ମହେଶ୍ୱରସ୍ୟ ଚରିତଂ ଯ ଇଦଂ ସଂପ୍ରୟୋଜୟେତ୍ ॥ ୩୨୪ ॥
ସର୍ବ-ପାପ ବିଶୁଦ୍ଧାତ୍ମା ଶିବଲୋକଂ ସ ଗଚ୍ଛତି ।
ଏବମେଷ ବିଧିଃ ସୃଷ୍ଟସ୍ତାଣ୍ଡବସ୍ୟ ପ୍ରୟୋକ୍ତୃଭିଃ ॥ ୩୨୫ ॥
ଭୂୟଃ କିଂ କଥ୍ୟତାମନ୍ୟନ୍ନାଟ୍ୟବେଦବିଧିଂ ପ୍ରତି ।

ଇତି ଶ୍ରୀ ଭରତୀୟେ ନାଟ୍ୟଶାସ୍ତ୍ରେ ତାଣ୍ଡବଲକ୍ଷଣଂ
ନାମ ଚତୁର୍ଥୋଽଧ୍ୟାୟଃ ।

ହୋଇଥିବ, ସେଠାରେ ସନ୍ନିପାତ ସହିତ ଖଣ୍ଡଗ୍ରହ (ବାଦ୍ୟାରମ୍ଭ) ହେବ । କୌଣସି ଛନ୍ଦରେ ନିର୍ମିତ ସମପାଦ ଓ ସମାକ୍ଷର ବିଶିଷ୍ଟ ଧ୍ରୁବାର ଗାନ କାଳରେ ପାଦର ଅନ୍ତରେ ତର୍ଜନୀର ଆଘାତ ଗ୍ରହ କରାଯିବ । ପୂର୍ବୋକ୍ତ ସ୍ଥଳରେ ଧ୍ରୁବା ଗାନ ଓ ବାଦ୍ୟ ଆରମ୍ଭ କରି ଗୀତକୁ ଅଭିନୟ ସହକାରେ ପୁନରାବୃତ୍ତ କରିବ । ତତ୍ପରେ ପୁଣି ଗାନ କରିବ । ଏବଂ ଶେଷ ପାଦର ଅନ୍ତରେ ବାଦ୍ୟ ବାଦନ କରିବ ।
। ୩୧୯-୩୨୧ ।

ଯେତେବେଳେ ଗାନ କିମ୍ବା ତାହାର କର୍ଣ୍ଣ ପରିସମାପ୍ତ ବା ପୁନରାରବ୍ଧ ହୁଏ ସେତେବେଳେ ବାଦ୍ୟବାଦନ ନିଷିଦ୍ଧ । ତନ୍ତ୍ରୀ ବା କରଣ ସାହାଯ୍ୟରେ ଅନ୍ତରମାର୍ଗ ଅବଲମ୍ବିତ ହେଉଥିଲେ ତାଣ୍ଡବ, ସୂଚୀ (ଶୁଦ୍ଧ) ଏବଂ ବାଦ୍ୟବାଦନ ସହକାରେ କରାଯିବ । ଶିବଙ୍କ ଦ୍ୱାରା ଉଦ୍ଭାବିତ ଏହି ନୃତ୍ୟ ଯେ ଅନୁଷ୍ଠାନ କରେ, ସେ ମୃତ୍ୟୁପରେ ନିଷ୍ପାପ ହୋଇ ଶିବଲୋକକୁ ଗମନ କରେ । ଏହି ଗୁଡ଼ିକ ତାଣ୍ଡବ ନୃତ୍ୟର ପ୍ରୟୋଗ ବିଷୟରେ ନିୟମ । ଅଧୁନା ନାଟ୍ୟବେଦ ବିଷୟରେ ଅଧିକ କ'ଣ କହିବି ତାହା ମୋତେ କୁହ । ୩୨୨-୩୨୫ ।

ଚତୁର୍ଥୋଽଧ୍ୟାୟ ଶେଷ ।

Digitized by srujanika@gmail.com

ପଞ୍ଚମୋଽଧ୍ୟାୟଃ

ଭରତସ୍ୟ ବଚଃ ଶ୍ରୁତ୍ୱା ନାଟ୍ୟସନ୍ତାନକାରଣମ୍ ।
ପୁନରେବାବ୍ରୁବନ୍ ବାକ୍ୟମୃଷୟୋ ହୃଷ୍ଟମାନସାଃ ॥ ୧ ॥
ଯଥା ନାଟ୍ୟସ୍ୟ ଜନ୍ମେଦଂ ଜର୍ଜରସ୍ୟ ଚ ସମ୍ଭବଃ ।
ବିଘ୍ନାନାଂ ଶମନଂ ଚୈବ ଦେବତାନାଂ ଚ ପୂଜନମ୍ ॥ ୨ ॥
ତଦସ୍ମାଭିଃ ଶ୍ରୁତଂ ସର୍ବଂ ଗୃହୀତ୍ୱା ଚାବଧାରିତମ୍ ।
ନିଖିଲେନ ଯଥାତତ୍ତ୍ୱମିଚ୍ଛାମୋ ବେଦିତୁଂ ପୁନଃ ॥ ୩ ॥
ପୂର୍ବରଙ୍ଗଂ ମହାତେଜଃ ସର୍ବଲକ୍ଷଣସଂଯୁତମ୍ ।
ଯଥା ବୁଧ୍ୟାମହେ ବ୍ରହ୍ମଂସ୍ତଥା ବ୍ୟାଖ୍ୟାତୁମର୍ହସି ॥ ୪ ॥
ତେଷାଂ ତୁ ବଚନଂ ଶ୍ରୁତ୍ୱା ମୁନୀନାଂ ଭରତୋ ମୁନିଃ ।
ପ୍ରତ୍ୟୁବାଚ ପୁନର୍ବାକ୍ୟଂ ପୂର୍ବରଙ୍ଗବିଧିଂ ପ୍ରତି ॥ ୫ ॥
ପୂର୍ବରଙ୍ଗଂ ମହାଭାଗା ଗଦତୋ ମେ ନିବୋଧତ ।
ପାଦଭାଗାଃ କଲାଶ୍ଚୈବ ପରିବର୍ତ୍ତାସ୍ତଥୈବ ଚ ॥ ୬ ॥
ଯସ୍ମାଦ୍ରଙ୍ଗପ୍ରୟୋଗୋଽୟଂ ପୂର୍ବମେବ ପ୍ରଯୁଜ୍ୟତେ ।
ତସ୍ମାଦୟଂ ପୂର୍ବରଙ୍ଗୋ ବିଜ୍ଞେୟୋ ଦ୍ୱିଜସତ୍ତମାଃ ॥ ୭ ॥

ପଞ୍ଚମ ଅଧ୍ୟାୟ

ନାଟ୍ୟ ଶାସ୍ତ୍ରର ମୂଳସ୍ୱରୂପ ଭରତଙ୍କ ବଚନ ଶୁଣି ଋଷିମାନେ ପ୍ରୀତମନା ହେଲେ ଓ ପୁନର୍ବାର କହିଲେ । ନାଟ୍ୟ ଯେପରି ଉତ୍ପନ୍ନ ହେଲା, ଓ ଜର୍ଜରର ଉତ୍ପତ୍ତି ଯେଉଁ ପ୍ରକାର ଘଟିଲା, ବିଘ୍ନମାନେ ଯେପରି ପ୍ରଶମିତ ହେଲେ ଏବଂ ଦେବତାମାନେ ଯେପରି ପୂଜିତ ହୁଅନ୍ତି, ସେ ସବୁ କଥା ଆପଣମାନଙ୍କଠାରୁ ଆମ୍ଭେମାନେ ଶୁଣିଲୁ । କେବଳ ଯେ ଶୁଣିଲୁ ତାହା ନୁହେଁ, ଅଧିକନ୍ତୁ ଏହାକୁ ମନେ ରଖିଲୁ ଓ ଅବଧାରଣ କଲୁ (ନିଶ୍ଚିତରୂପେ ବୁଝିଲୁ) । ଏବେ ପୁଣି ପୂର୍ବରଙ୍ଗର ସମସ୍ତ ତତ୍ତ୍ୱକୁ ଯଥାଯଥଭାବେ ସମସ୍ତଲକ୍ଷଣ ସହିତ ବୁଝିବାକୁ ଇଚ୍ଛା କରୁଛୁ । ହେ ମହାତେଜା ! ଆମ୍ଭେମାନେ ଯେପରି ବୁଝିପାରିବୁ ସେହିପରି ବାଖ୍ୟା କରି କହନ୍ତୁ । ୧-୪ ।

ତହୁଁ ଭରତମୁନି ସେମାନଙ୍କ କଥା ଶୁଣି ପୁନର୍ବାର ପୂର୍ବରଙ୍ଗ ବିଷୟରେ କହିବାକୁ ଆରମ୍ଭ କଲେ । ସେ କହିଲେ —ହେ ମହାଭାଗଗଣ ! ମୁଁ ଏବେ ପୂର୍ବରଙ୍ଗ ପାଦଭାଗ, କଳା ଓ ପରିବର୍ତ୍ତମାନଙ୍କ ବିଷୟରେ କହୁଅଛି, ତୁମ୍ଭେମାନେ ମନଦେଇ

Digitized by srujanika@gmail.com

ଅସ୍ୟାଙ୍ଗାନି ତୁ କାର୍ଯ୍ୟାଣି ଯଥାବଦନୁପୂର୍ବଶଃ ।
ତନ୍ତ୍ରୀଭାଣ୍ଡସମାଯୋଗୈଃ ପାଠ୍ୟଯୋଗକୃତୈସ୍ତଥା ।। ୮ ।।
ପ୍ରତ୍ୟାହାରୋଽବତରଣଂ ତଥା ହ୍ୟାରମ୍ଭ ଏବ ଚ ।
ଆଶ୍ରାବଣା ବକ୍ତ୍ରପାଣିସ୍ତଥା ଚ ପରିଘଟ୍ଟନା ।। ୯ ।।
ସଙ୍ଘୋଟନା ତତଃ କାର୍ଯ୍ୟା ମାର୍ଗାସାରିତମେବ ଚ ।
ଜ୍ୟେଷ୍ଠମଧ୍ୟକନିଷ୍ଠାନି ତଥୈବାସାରିତାନି ଚ ।। ୧୦ ।।
ଏତାନି ତୁ ବହିର୍ଗୀତାନ୍ୟନ୍ତର୍ଯବନିକାଗତୈଃ ।
ପ୍ରଯୋକ୍ତୃଭିଃ ପ୍ରଯୋଜ୍ୟାନି ତନ୍ତ୍ରୀଭାଣ୍ଡକୃତାନି ଚ ।। ୧୧ ।।
ତତଃ ସର୍ବୈସ୍ତୁ କୁତପୈଃ ସଂଯୁକ୍ତାନୀହ କାରୟେତ୍ ।
ବିଘଟ୍ୟ ବୈ ଯବନିକାଂ ନୃତ୍ତପାଠ୍ୟକୃତାନି ତୁ ।। ୧୨ ।।
ଗୀତାନାଂ ମଦ୍ରକାଦୀନାଂ ଯୋଜ୍ୟମେକଂ ତୁ ଗୀତକମ୍ ।
ବର୍ଦ୍ଧମାନମଥାପୀହ ତାଣ୍ଡବଂ ଯତ୍ର ଯୁଜ୍ୟତେ ।। ୧୩ ।।

ହେରୂକର ଶୁଣ । ହେ ଦ୍ୱିଜଶ୍ରେଷ୍ଠଗଣ ! ଏହା ନାଟ୍ୟରେ ପ୍ରଥମ ପ୍ରୟୋଗ (ଅଭିନୟ) ହୋଇଥିବାରୁ ଏହାକୁ ପୂର୍ବରଙ୍ଗ କହନ୍ତି । ୬-୭ ।

ବୀଣାଦି ତନ୍ତ୍ରୀ ଯନ୍ତ୍ର, ମୃଦଙ୍ଗାଦି ଭାଣ୍ଡଯନ୍ତ୍ରର ସଂଯୋଗ ଓ ପାଠ୍ୟ (ସ୍ୱରର ବେଗଯୁକ୍ତ ଆଳାପ) ସହିତ ଏହାର ଅଙ୍ଗ ଓ ଏଥିରେ ବିଧେୟ କାର୍ଯ୍ୟାବଳୀ ଯଥାକ୍ରମେ ଯଥାର୍ଥରୂପେ କହୁଅଛୁ । ଶୁଣ । ୮ ।

ଏଗୁଡ଼ିକର ନାମ ଯଥା:—ପ୍ରତ୍ୟାହାର, ଅବତରଣ, ଆରମ୍ଭ, ଆଶ୍ରାବଣା, ବକ୍ତ୍ରପାଣି, ପରିଘଟ୍ଟନା, ସଂଘୋଟନା, ମାର୍ଗାସାରିତ, ଆସାରିତ କର୍ମ (ଏହା ଜ୍ୟେଷ୍ଠ ମଧ୍ୟ ଓ କନିଷ୍ଠ ଭେଦରେ ତିନି ପ୍ରକାର । ୯-୧୦ ।

ଏଗୁଡ଼ିକ ଯବନିକାର ବହିର୍ଦ୍ଦେଶରେ କରଣୀୟ । କିନ୍ତୁ ଗୀତ ଓ ବାଦ୍ୟଯନ୍ତ୍ରର ସମସ୍ତ କାର୍ଯ୍ୟ ଯବନିକାର ଅନ୍ତର୍ଦ୍ଦେଶରେ ପ୍ରଯୋକ୍ତାମାନେ କରିବେ । । ୧୧ ।

ତତ୍ପରେ ସମସ୍ତ ବାଦ୍ୟ କାର୍ଯ୍ୟ ସହିତ ଅନ୍ୟାନ୍ୟ କାର୍ଯ୍ୟ କରିବ । ଯବନିକାକୁ ଉଦ୍‌ଘାଟିତ କରି ନୃତ୍ୟ ଓ ପାଠ୍ୟ (ଆଳାପାଦି) ଯୋଜନା କରିବ । ଗୀତର ମଦ୍ରକ ବା ମୁଦ୍ରକାଦି ଯେଉଁ ଭେଦ ଅଛି, ତନ୍ମଧ୍ୟରୁ ଗୋଟିଏ ଗୀତର ପ୍ରୟୋଗ କରିବ । ନୃତ୍ୟ ମଧ୍ୟରୁ ବର୍ଦ୍ଧମାନ ବା ତାଣ୍ଡବ ନୃତ୍ୟ ପ୍ରଯୁକ୍ତ ହେବା ଉଚିତ । ୧୨-୧୩ ।

Digitized by srujanika@gmail.com

ତତଶ୍ଚୋତ୍ଥାପନଂ କାର୍ଯ୍ୟଂ ପରିବର୍ତ୍ତିନମେବ ଚ ।
ନାନ୍ଦୀ ଶୁଷ୍କାବକୃଷ୍ଟା ଚ ରଙ୍ଗଦ୍ୱାରଂ ତଥୈବ ଚ ॥ ୧୪ ॥
ଚିତ୍ରଂ ଚୈବ ତତଃ କାର୍ଯ୍ୟା ମହାଚିତ୍ରଂ ତଥୈବ ଚ ।
ତ୍ରିକଂ ପ୍ରରୋଚନା ଚାପି ପୂର୍ବରଙ୍ଗେ ଭବନ୍ତି ହି ॥ ୧୫ ॥
ଏତାନ୍ୟଙ୍ଗାନି କାର୍ଯ୍ୟାଣି ପୂର୍ବରଙ୍ଗବିଧୌ ତୁ ଚ ।
ଏତେଷାଂ ଲକ୍ଷଣମହଂ ବ୍ୟାଖ୍ୟାସ୍ୟାମ୍ୟନୁପୂର୍ବଶଃ ॥ ୧୬ ॥
କୁତପସ୍ୟ ତୁ ବିନ୍ୟାସଃ ପ୍ରତ୍ୟାହାର ଇତି ସ୍ମୃତଃ ।
ତଥାବତରଣଂ ପ୍ରୋକ୍ତଂ ଗାୟକାନାଂ ନିବେଶନମ୍ ॥ ୧୭ ॥
ପରିଗୀତକ୍ରିୟାରମ୍ଭ ଆରମ୍ଭ ଇତି କୀର୍ତ୍ତିତଃ ।
ଆତୋଦ୍ୟରଞ୍ଜନାର୍ଥନ୍ତୁ ଭବେଦାଶ୍ରାବଣା ବିଧିଃ ॥ ୧୮ ॥
ବାଦ୍ୟବୃତ୍ତିବିଭାଗାର୍ଥଂ ବକ୍ତ୍ରପାଣିର୍ବିଧୀୟତେ ।
ତନ୍ତ୍ର୍ୟାକଃ କରଣାର୍ଥନ୍ତୁ ଭବେତ ପରିଘଟ୍ଟନା ॥ ୧୯ ॥
ତଥା ପାଣିବିଭାଗାର୍ଥଂ ଭବେତ୍ ସଂଘୋଟନାବିଧିଃ ।
ତନ୍ତ୍ରୀଭାଣ୍ଡସମାଯୋଗାନ୍ ମାର୍ଗାସାରିତମିଷ୍ୟତେ ॥ ୨୦ ॥

ଏହାପରେ ଉତ୍ଥାପକ, ପରିବର୍ତ୍ତିକ, ନାନ୍ଦୀ, ଶୁଷ୍କା ଓ ଅବକୃଷ୍ଟା, ରଙ୍ଗଦ୍ୱାର (?) ଚିତ୍ର, ମହାଚିତ୍ର, ତ୍ରିକ, ପ୍ରରୋଚନା, ଏଗୁଡ଼ିକୁ ପୂର୍ବରଙ୍ଗରେ ଯଥାକ୍ରମେ ପ୍ରୟୋଗ କରିବ । ଏଗୁଡ଼ିକ ପୂର୍ବରଙ୍ଗର ଅଙ୍ଗ । ଏବେ ଏମାନଙ୍କର ଲକ୍ଷଣ ବିବୃତ କରୁଛି । ୧୪-୧୬ ।

ବାଦ୍ୟମାନଙ୍କ (ଯଥାସ୍ଥାନରେ) ବିନ୍ୟାସ (ଆୟୋଜନ) କରିବାର ନାମ ପ୍ରତ୍ୟାହାର । ଗାୟିକାମାନଙ୍କୁ (ଯଥାସ୍ଥାନରେ) ବସାଇବାର ନାମ ଅବତରଣ । ପରିଗୀତ କ୍ରିୟାର (ସମୂହ ଭାବରେ ଏକସ୍ୱରରେ ବହୁଲୋକଙ୍କର ଗାନ) ଆରମ୍ଭକୁ ଆରମ୍ଭ କହନ୍ତି । ମୃଦଙ୍ଗ ଢୋଲ୍କତର ପଖାଉଜକୁ ଆଶ୍ରାବଣା କହନ୍ତି (ବା ମୃଦଙ୍ଗ ଢୋଲ୍କତର ସ୍ୱର ବାନ୍ଧିବା) । ୧୭-୧୮ ।

ବାଦକମାନଙ୍କ ମୁଖଦେଶର ବୃତ୍ତି (ଅବସ୍ଥାର) ବିଭାଗ ନିର୍ଦ୍ଦେଶ କରିବାପାଇଁ ବାଦକର ହସ୍ତ ମିଳନକୁ ବକ୍ତ୍ରପାଣି କହନ୍ତି । ବୀଣାଦି (ତାରଯନ୍ତ୍ରର) ତାରକୁ କମ୍ପିତ କରିବାର ନାମ ପରିଘଟ୍ଟନା । ପାଣି (ବକ୍ତ୍ରପାଣି) ର ବିଭାଗପାଇଁ ସଂଘୋଟନା କରାଯାଏ । ତନ୍ତ୍ରୀ (ବୀଣାଦି ଯନ୍ତ୍ର) ଭାଣ୍ଡ (ମୃଦଙ୍ଗ ପଖାଉଜ) ପ୍ରଭୃତିର ଏକକାଳୀନ ବାଦନର ନାମ ମାର୍ଗାସାରିତ । ୧୯-୨୦ ।

Digitized by srujanika@gmail.com

ତଳାପାତବଲାର୍ଥଂ ତବେଦାସାରିତକ୍ରିୟା ।
ଶାର୍ଙ୍ଗିନାଦେବତାନାଂ ଚ ଜ୍ଞେୟୋ ଗୀତବିଧିସ୍ତଥା ॥ ୨୧ ॥
ଅତଃ ପରଂ ପ୍ରବକ୍ଷାମି ଚୈତ୍ଥାପନବିଧିକ୍ରିୟାମ୍ ।
ଯସ୍ମାଦୁତ୍ଥାପୟନ୍ତ୍ୟାଦୌ ପ୍ରୟୋଗଂ ନାନ୍ଦୀପାଠକାଃ ॥ ୨୨ ॥
ପୂର୍ବମେବ ତୁ ରଙ୍ଗେଽସ୍ମିଂସ୍ତସ୍ମାଦୁତ୍ଥାପନଂ ସ୍ମୃତମ୍ ।
ଯସ୍ମାଚ ଲୋକପାଲାନାଂ ପରିବୃତ୍ୟ ଚତୁର୍ଦ୍ଦିଶମ୍ ॥ ୨୩ ॥
ବନ୍ଦନାନି ପ୍ରକୁର୍ବନ୍ତି ତସ୍ମାଚ ପରିବର୍ତ୍ତନମ୍ ।
ଆଶୀର୍ବଚନ ସଂଯୁକ୍ତା ନିତ୍ୟଂ ଯସ୍ମାତ୍ ପ୍ରଯୁଜ୍ୟତେ ॥ ୨୪ ॥
ଦେବଦ୍ୱିଜନୃପାଦୀନାଂ ତସ୍ମାନ୍ନାନ୍ଦୀତି ସଂଜ୍ଞିତା ।
ଯତ୍ର ଶୁଷ୍କାକ୍ଷରୈରେବ ହ୍ୟବକୃଷ୍ଟା ଧ୍ରୁବା ଯତଃ ॥ ୨୫ ॥
ତସ୍ମାଚ୍ଛୁଷ୍କାବକୃଷ୍ଟେୟଂ ଜର୍ଜରଶ୍ଳୋକଦର୍ଶିକା ।
ଯସ୍ମାଦଭିନୟସ୍ତତ୍ର ପ୍ରଥମଂ ହ୍ୟବତାର୍ଯ୍ୟତେ ॥ ୨୬ ॥
ରଙ୍ଗଦ୍ୱାରମତୋ ଜ୍ଞେୟଂ ବାଗଙ୍ଗାଭିନୟାତ୍ମକମ୍ ।
ଶୃଙ୍ଗାରସ୍ୟ ପ୍ରଚରଣାଚାରୀ ସଂପରିକୀର୍ତ୍ତିତା ॥ ୨୭ ॥

ପରିମିତ କାଳ ମଧ୍ୟରେ ପାତ (ବିରାମ) ଅର୍ଥାତ୍ ସବୁ ତନ୍ତ୍ରୀ ଓ ଘଣ୍ଟ ବାଦ୍ୟର ବିରତକୁ ଆସାରିତ କହନ୍ତି । ଦେବତା (ଇଷ୍ଟ ଦେବତା) ଙ୍କର ଗୁଣ ବା ନାମ ଇତ୍ୟାଦିକୁ ଗୀତବଦ୍ଧ କୁହାଯାଏ । ଏହାପରେ ଉତ୍ଥାପନ ବିଧିରେ ଯାହା କରଣୀୟ ତାହା କହୁଅଛୁ । ନାନ୍ଦୀ (ଦେବ ସ୍ତୁତିର) ପାଠକମାନେ ରଙ୍ଗସ୍ଥଳରେ ପ୍ରଥମେ ଅଭିନୟ କ୍ରିୟାକୁ ଉତ୍ଥାପିତ କରୁଥିବାରୁ ଏହି ନାନ୍ଦୀପାଠକୁ ଉତ୍ଥାପନ କହନ୍ତି । ଏହାପରେ ଘୂରିଆଡ଼କୁ ବୁଲି ବୁଲି ଦିଗ୍‌ପାଳମାନଙ୍କର ବନ୍ଦନା କରାଯାଏ ଏହାକୁ ପରିବର୍ତ୍ତନ କହନ୍ତି । ୨୧-୨୩ ।

ଦେବତା, ଦ୍ୱିଜ ଓ ରାଜା ପ୍ରଭୃତିଙ୍କର ଆଶୀର୍ବାଦ ଯୁକ୍ତ ହୋଇ ଏହା ପ୍ରବୃତ୍ତ ହେବାର ବିଧି ଥିବାରୁ ଏହାକୁ ନାନ୍ଦୀ ବୋଲି କହନ୍ତି । ଯହିଁରେ ଶୁଷ୍କ (ନୀରସ ବା କର୍କଶ) ବା ଅପକୃଷ୍ଟ (କର୍ଣ୍ଣ ମନୋହରତା ଗୁଣରେ ହୀନ) ଅକ୍ଷରରେ 'ଧ୍ରୁବା' ରଚିତ ହୋଇଥାଏ ତାହାକୁ ଶୁଷ୍କାବକୃଷ୍ଟା କହନ୍ତି । ଜର୍ଜରର ସ୍ତୁତିରେ ଏହା ପ୍ରଯୁକ୍ତ ହୋଇଥାଏ । ୨୪-୨୫ ।

ବାଚିକ ଓ ଆଙ୍ଗିକ ଅଭିନୟକୁ ରଙ୍ଗଦ୍ୱାର ବୋଲାଯାଏ । ଯେହେତୁ ଏହାର ସାହାଯ୍ୟରେ ପ୍ରଥମେ ଅଭିନୟର ଅବତାରଣା କରାଯାଏ । ଶୃଙ୍ଗାର ଭାବ ଦ୍ୟୋତକ (ମୃଦୁ ଏବଂ ମନୋହର) ଚାଲିକୁ ଚାରୀ କୁହାଯାଏ । ସେହିପରି ରୌଦ୍ର

Digitized by srujanika@gmail.com

ରୌଦ୍ରପ୍ରଚରଣାଚାପି ମହାଚାରୀଚ କୀର୍ତ୍ତିତା ।
ବିଦୂଷକଃ ସୂତ୍ରଧାରସ୍ତଥା ବୈ ପାରିପାର୍ଶ୍ୱିକଃ ।
ଯତ୍ର କୁର୍ବନ୍ତି ସଂଜଳ୍ପଂ ତଚ୍ଚାପି ତ୍ରିଗତଂ ସ୍ମୃତମ୍ ॥ ୨୮ ॥
ଉପକ୍ଷେପେଣ କାବ୍ୟସ୍ୟ ହେତୁଯୁକ୍ତିସମାଶ୍ରୟା ।
ସିଦ୍ଧେନାମନ୍ତ୍ରଣା ଯା ତୁ ବିଜ୍ଞେୟା ସା ପ୍ରରୋଚନା ॥ ୨୯ ॥
ଅତଃ ପରଂ ପ୍ରବକ୍ଷ୍ୟାମି ହ୍ୟାଶ୍ରାବଣବିଧିକ୍ରିୟାମ୍ ।
ବହିର୍ଗୀତବିଧୌ ସମ୍ୟଗୁତ୍ପତ୍ତିଂ କାରଣଂ ତଥା ॥ ୩୦ ॥
ଚିତ୍ରଦକ୍ଷିଣବୃତ୍ତେ ତୁ ସପ୍ତରୂପେ ପ୍ରବର୍ତ୍ତିତେ ।
ସୋପୋହନେ ସନିର୍ଗୀତେ ଦେବସ୍ତୁତ୍ୟଭିନନ୍ଦିତେ ॥ ୩୧ ॥
ନାରଦାଦ୍ୟୈସ୍ତୁ ଗନ୍ଧର୍ବୈଃ ସଭାୟାଂ ଦେବଦାନବାଃ ।
ନିର୍ଗୀତଂ ଶ୍ରାବିତାଃ ସମ୍ୟଗ୍ଲୟତାଳସମନ୍ୱିତମ୍ । ୩୨ ॥
ତଚ୍ଛ୍ରୁତ୍ୱା ତୁ ଶୁଭଂ ଗାନଂ ଦେବସ୍ତୁତ୍ୟଭିନନ୍ଦିତମ୍ ।
ଅଭବନ୍କ୍ଷୁଭିତାଃ ସର୍ବେ ମାତ୍ସର୍ଯ୍ୟାଦ୍ଦୈତ୍ୟରାକ୍ଷସାଃ ॥ ୩୩ ॥
ସଂପ୍ରଧାର୍ଯ୍ୟ ଚ ତେଽନ୍ୟୋନ୍ୟମିତ୍ୟେବଂ ଚାନୁବର୍ଣ୍ଣିତାଃ ।
ନିର୍ଗୀତଂ ତୁ ସବାଦିତ୍ରମିଦଂ ଗୃହ୍ଣୀମହେ ବୟମ୍ ॥ ୩୪ ॥

ଅର୍ଥାତ୍ ଉଦ୍ଧତ ଭାବ ଦ୍ୟୋତକ ଗ୍ରହକୁ ମହାଚାରୀ କହନ୍ତି । ୨୬-୨୭ ।

ବିଦୂଷକ, ସୂତ୍ରଧାର ଓ ପାରିପାର୍ଶ୍ୱିକଙ୍କର ମିଳିତ ଭାବେ ପରସ୍ପର ଆଳାପକୁ ଏକ ବା ତ୍ରିଗତ କହନ୍ତି । ଅଭିନୟ ଦୃଶ୍ୟ କାବ୍ୟର ହେତୁ ଏବଂ ଯୁକ୍ତି ସହକାରେ ଉପସ୍ଥାପନ କରି ପ୍ରେକ୍ଷକମାନଙ୍କର ଯେଉଁ ଆମନ୍ତ୍ରଣ ବା ଅଭିମୁଖୀ-କରଣ ତାହାର ନାମ ପ୍ରରୋଚନା । ଏହା ପରେ ବହିର୍ଗୀତ ପ୍ରସଙ୍ଗରେ ଆଶ୍ରାବଣ ବିଧି ଉତ୍ପତ୍ତି ଓ କାରଣ ସବୁ କହୁଅଛି । ୨୮-୩୦ ।

ଚିତ୍ର ଦକ୍ଷିଣ-ବୃତ୍ତ (ମାର୍ଗ) ଉପୋହନ, ନିର୍ଗୀତ, ଦେବସ୍ତୁତି ଏବଂ ସପ୍ତାଙ୍ଗ ସହିତ ବହିର୍ଗୀତ ବିଧିକୁ ନାରଦ ପ୍ରଭୃତି ଗନ୍ଧର୍ବଗଣ ସଭାରେ ପ୍ରୟୋଗ କରି, ଦେବ ଓ ଦାନବଗଣ ଲୟ ଓ ତାଳଯୁକ୍ତ ନିର୍ଗୀତକୁ ଶୁଣାଇଥିଲେ । ସେହି ଦେବ-ସ୍ତୁତିମୟ ସୁଖଦାୟକ ଗାନକୁ ଶୁଣି ଈର୍ଷ୍ୟାବଶତଃ ଦୈତ୍ୟ ଓ ରାକ୍ଷସମାନେ କ୍ଷୁବ୍ଧ ହେଲେ । ୩୧-୩୩ ।

ସେମାନେ ଆପଣା ମଧ୍ୟରେ ଆଲୋଚନା ପୂର୍ବକ ଏକମତ ହୋଇ କହିଲେ — ଆମ୍ଭେମାନେ ବାଦ୍ୟର ଅନୁଯାୟୀ ନିର୍ଗୀତକୁ ପସନ୍ଦ କରୁଅଛୁ । ଏହି କର୍ମ

Digitized by srujanika@gmail.com

ସପ୍ତରୂପେଣ ସନ୍ତୁଷ୍ଟା ଦେବାଃ କର୍ମାନୁକୀର୍ତ୍ତନାତ୍ ।
ବୟଂ ଗୃହ୍ଣୀମ ନିର୍ଗୀତଂ ତୁଷ୍ୟାମୋଽନେନୈବ ସର୍ବଦା ॥ ୩୫ ॥
ତେ ତତ୍ର ତୁଷ୍ଟା ଦୈତ୍ୟାସ୍ତୁ ସାଧୟନ୍ତି ପୁନଃ ପୁନଃ ।
ତୁଷ୍ଟାଶ୍ଚାପି ତତୋ ଦେବାଃ ପ୍ରତ୍ୟଭାଷନ୍ତ ନାରଦମ୍ ॥ ୩୬ ॥
ଏତେ ତୁଷ୍ୟନ୍ତି ନିର୍ଗୀତେ ଦାନବାଃ ସହ ରାକ୍ଷସୈଃ ।
ପ୍ରଣଶ୍ୟେତ୍ତୁ ପ୍ରୟୋଗୋଽୟଂ କଥଂ ବା ମନ୍ୟତେ ଭବାନ୍ ॥ ୩୭ ॥
ଦେବାନାଂ ବଚନଂ ଶ୍ରୁତ୍ୱା ନାରଦୋ ବାକ୍ୟମବ୍ରବୀତ୍ ।
ଧାତୁବାଦ୍ୟାଶ୍ରୟକୃତଂ ନିର୍ଗୀତଂ ମା ପ୍ରଣଶ୍ୟତୁ ॥ ୩୮ ॥
କଂତୂପୋହନସଂଯୁକ୍ତଂ ଧାତୁବାଦ୍ୟବିଭୂଷିତମ୍ ।
ଭବିଷ୍ୟତୀଦଂ ନିର୍ଗୀତଂ ସପ୍ତରୂପେ ବିଧାନତଃ ॥ ୩୯ ॥
ନିର୍ଗୀତେନାବବଦ୍ଧାସ୍ତୁ ଦୈତ୍ୟଦାନବରାକ୍ଷସାଃ ।
ନ କ୍ଷୋଭଂ ନ ବିଘାତଂ ଚ କରିଷ୍ୟନ୍ତୀହ ତୋଷିତାଃ ॥ ୪୦ ॥
ଏବଂ ନିର୍ଗୀତମେତତ୍ତୁ ଦୈତ୍ୟାନାଂ ସ୍ପର୍ଦ୍ଧୟା ଦ୍ୱିଜାଃ ।
ଦେବାନାଂ ବହୁମାନେନ ବହିର୍ଗୀତମିତି ସ୍ମୃତମ୍ ॥ ୪୧ ॥

ସମ୍ଭବର ପ୍ରଶଂସା ବର୍ଣ୍ଣିତ ହୋଇଥିବାରୁ ଦେବତାମାନେ ସପ୍ତରୂପ (ସପ୍ତାଙ୍ଗ) ରେ ସନ୍ତୁଷ୍ଟ ହୋଇଅଛନ୍ତି, କିନ୍ତୁ ଆମ୍ଭେମାନେ ଏହି ପ୍ରକାର ନିର୍ଗୀତ ପ୍ରତି ଆଗ୍ରହୀ ଏବଂ ତଦ୍ୱାରା ହିଁ ଆମ୍ଭେମାନେ ସର୍ବଦା ସନ୍ତୋଷ ଲାଭ କରୁଅଛୁଁ । ୩୪-୩୫ ।

ନିର୍ଗୀତରେ (ଆଳାପ ମାତ୍ର, ଗୀତହୀନ) ସନ୍ତୁଷ୍ଟ ଦୈତ୍ୟମାନେ ତାହା କରିବାକୁ ପ୍ରେରଣା ଦେଲେ । ତହୁଁ ଦେବତାମାନେ ରୁଷ୍ଟ ହୋଇ ନାରଦଙ୍କୁ କହିଲେ । ଏହି ଦାନବ ଓ ରାକ୍ଷସମାନେ ନିର୍ଗୀତରେ ସନ୍ତୁଷ୍ଟ ହୋଇଅଛନ୍ତି । ଏହି ପ୍ରୟୋଗ (ସପ୍ତରୂପ) ବିନଷ୍ଟ ହେଉ । ଏଥିରେ ଆପଣ ସନ୍ତୁଷ୍ଟ ହେଉଅଛନ୍ତି କି ? ଦେବତାଙ୍କ କଥା ଶୁଣି ନାରଦ କହିଲେ ଧାତୁ (ସପ୍ତଗୀତାବୟବ) ଓ ବାଦ୍ୟକୁ ଅଶ୍ରୟକରି ଉତ୍ପନ୍ନ ନିର୍ଗୀତ ଲୁପ୍ତ ନ ହେଉ । ୩୬-୩୮ ।

ଆତୁର ମଧ୍ୟ ଉପୋହନ ଯୁକ୍ତ ଧାତୁ ବାଦ୍ୟ ଦ୍ୱାରା ଶୋଭିତ ନିର୍ଗୀତ ସପ୍ତରୂପ ବିଧିରେ (ପ୍ରୟୋଜିତ) ହେବ । ଦୈତ୍ୟ ଦାନବ ଓ ରାକ୍ଷସମାନେ ନିର୍ଗୀତ ପ୍ରତି ଆସକ୍ତ ହୋଇ ପଡ଼ିଛନ୍ତି । ଏହା ଦ୍ୱାରା ସେମାନେ ସନ୍ତୁଷ୍ଟ ହେବେ ଓ କ୍ଷୁଣ୍ଣ ବା ବିଷଣ୍ଣ ହେବେ ନାହିଁ ବା ବ୍ୟାଘାତ ସୃଷ୍ଟି କରିବେ ନାହିଁ । ହେ ଦ୍ୱିଜମାନେ ଦେବତାମାନଙ୍କର ବହୁମାନ ଓ ଦୈତ୍ୟ ପ୍ରଭୃତିଙ୍କ ସ୍ପର୍ଦ୍ଧାହେତୁ ଏହି ନିର୍ଗୀତ ବହିର୍ଗୀତ ନାମଧାରଣ କରିଅଛି । ୩୯-୪୧ ।

Digitized by srujanika@gmail.com

ଧାତୁଭିଶ୍ଚିତ୍ରବୀଣାୟାଂ ଗୁରୁଲଘ୍ୱକ୍ଷରାନ୍ୱିତମ୍ ।
ବର୍ଣ୍ଣାଲଙ୍କାରସଂଯୁକ୍ତଂ ପ୍ରୟୋକ୍ତବ୍ୟଂ ବୁଧୈରଥ ॥ ୪୨ ॥
ନିର୍ଗୀତଂ ଗୀୟତେ ଯସ୍ମାଦପଦଂ ବର୍ଣ୍ଣଯୋଜନାତ୍ ।
ଅସୂୟୟା ଚ ଦେବାନାଂ ବହିର୍ଗୀତମିଦଂ ସ୍ମୃତମ୍ ॥ ୪୩ ॥
ନିର୍ଗୀତଂ ଯନ୍ମୟା ପ୍ରୋକ୍ତଂ ସପ୍ତରୂପସମନ୍ୱିତମ୍ ।
ଉତ୍ଥାପନାଦିକଂ ଯଚ୍ଚ ତସ୍ୟ କାରଣମୁଚ୍ୟତେ ॥ ୪୪ ॥
ଆଶ୍ରାବଣାୟାଂ ଯୁକ୍ତାୟାଂ ଦୈତ୍ୟାସ୍ତୁଷ୍ୟନ୍ତି ନିତ୍ୟଶଃ ।
ବକ୍ତ୍ରପାଣୌ କୃତେ ଚୈବ ନିତ୍ୟଂ ତୁଷ୍ୟନ୍ତି ଦାନବାଃ ॥ ୪୫ ॥
ପରିଘଟ୍ଟନତୁଷ୍ଟାଃ ପ୍ରୟୁକ୍ତାୟାଂ ରକ୍ଷସାଂ ଗଣାଃ ।
ସଂଘୋଟନକ୍ରିୟାୟାଂ ତୁ ତୁଷ୍ୟନ୍ତ୍ୟପି ଚ ଗୁହ୍ୟକାଃ ॥ ୪୬ ॥
ମାର୍ଗାସାରିତମାସାଦ୍ୟ ତୁଷ୍ଟା ଯକ୍ଷା ଭବନ୍ତି ହି ।
ଗୀତକେଷୁ ପ୍ରଯୁକ୍ତେଷୁ ଦେବାସ୍ତୁଷ୍ୟନ୍ତି ନିତ୍ୟଶଃ ॥ ୪୭ ॥
ବର୍ଦ୍ଧମାନେ ପ୍ରଯୁକ୍ତେ ତୁ ରୁଦ୍ରସ୍ତୁଷ୍ୟତି ସାନୁଗଃ ।
ତଥା ଚୋତ୍ଥାପନେ ଯୁକ୍ତେ ବ୍ରହ୍ମା ତୁଷ୍ଟୋ ଭବେଦିହ ॥ ୪୮ ॥
ତୁଷ୍ୟନ୍ତି ଲୋକପାଲାଶ୍ଚ ପ୍ରଯୁକ୍ତେ ପରିବର୍ତ୍ତନେ ।
ନାନ୍ଦୀପ୍ରୟୋଗେଽଥ କୃତେ ପ୍ରୀତୋ ଭବତି ଚନ୍ଦ୍ରମାଃ ॥ ୪୯ ॥

ଏହି ନିର୍ଗୀତ ଗୀତର ଅବୟବୀଭୂତ ଧାତୁ (ସ୍ୱର) ମାନଙ୍କ ସହିତ ଗୁରୁ ଓ ଲଘୁ ଅକ୍ଷରରେ ଯୁକ୍ତ, ତଥା ବର୍ଣ୍ଣ ଓ ଅଲଙ୍କାର ମଣ୍ଡିତ ହୋଇ ବିଜ୍ଞ କର୍ତ୍ତୃକ ପ୍ରଯୁକ୍ତ ହୋଇଥାଏ । ବର୍ଣ୍ଣ (ଅକ୍ଷର) ଯୁକ୍ତ ହୋଇ ସୁପ୍‌ତିଙ୍‌ନ୍ତପଦ ବ୍ୟତିରେକେ ଏହି ନିର୍ଗୀତର ଗାନ କରାଯାଏ ବୋଲି କୁହାଗଲା । ତାହା ଦେବତାମାନଙ୍କ ଅସୂୟା ଫଳରେ ଉତ୍ପନ୍ନ ହୋଇଥିବାରୁ ତାହାକୁ ବହିର୍ଗୀତ କୁହାଯାଏ । ସପ୍ତରୂପ ବିଶିଷ୍ଟ ଯେଉଁ ନିର୍ଗୀତ (ଆଳାପାଦି) ଉତ୍ଥାପନାଦି କର୍ମର ବର୍ଣ୍ଣନା କରିଛୁ ! ତାହାର କାରଣ ଏଠାରେ କହୁଅଛୁ । ୪୨-୪୪ ।

(ପ୍ରତ୍ୟାହାର ଦ୍ୱାରା ରାକ୍ଷସ ଓ ପନ୍ନଗମାନେ, ଅବତରଣ ଦ୍ୱାରା ଅପ୍‌ସରାମାନେ, ଆରମ୍ଭ ଦ୍ୱାରା ଗନ୍ଧର୍ବମାନେ) ଆଶ୍ରାବଣ ଦ୍ୱାରା ଦୈତ୍ୟମାନେ, ବକ୍ତ୍ରପାଣି ଦ୍ୱାରା ଦାନବମାନେ, ପରିଘଟ୍ଟନ ଦ୍ୱାରା ରାକ୍ଷସମାନେ, ସଂଘୋଟନ କ୍ରିୟା ଦ୍ୱାରା ଗୁହ୍ୟକମାନେ, ମାର୍ଗାସାରିତ ଦ୍ୱାରା ଯକ୍ଷମାନେ, ଗୀତକ ଦ୍ୱାରା ଦେବତାମାନେ ବର୍ଦ୍ଧମାନ ଦ୍ୱାରା ସାନୁଚର ରୁଦ୍ର, ଉତ୍‌ଥାପନ ଦ୍ୱାରା ବ୍ରହ୍ମା, ପରିବର୍ତ୍ତନଦ୍ୱାରା ଦିକ୍‌ପାଳମାନେ, ନାନ୍ଦୀ ପ୍ରୟୋଗ ଦ୍ୱାରା ଚନ୍ଦ୍ରମା । ୪୫-୪୯ ।

Digitized by srujanika@gmail.com

ଯୁକ୍ତାୟାମବକୃଷ୍ଟାୟାଂ ପ୍ରୀତା ନାଗା ଭବନ୍ତି ହି ।
ତଥା ଶୁଷ୍କାବକୃଷ୍ଟାୟାଂ ପ୍ରୀତଃ ପିତୃଗଣୋ ଭବେତ୍ ॥ ୫୦ ॥
ରଙ୍ଗଦ୍ୱାରେ ପ୍ରଯୁକ୍ତେ ତୁ ବିଷ୍ଣୁଃ ପ୍ରୀତୋ ଭବେଦିହ ।
ଜର୍ଜରସ୍ୟ ପ୍ରୟୋଗେ ତୁ ତୁଷ୍ଟା ବିଘ୍ନବିନାୟକାଃ ॥ ୫୧ ॥
ତଥା ଚାର୍ଯ୍ୟାଂ ପ୍ରଯୁକ୍ତାୟାମୁମା ତୁଷ୍ଟା ଭବେଦିହ ।
ମହାଚାର୍ଯ୍ୟାଂ ପ୍ରଯୁକ୍ତାୟାଂ ତୁଷ୍ଟୋ ଭୂତଗଣୋ ଭବେତ୍ ॥ ୫୨ ॥
ଆଶ୍ରାବଣାଦଚାର୍ଯ୍ୟନ୍ତମେତଦ୍ ଦୈବତପୂଜନଂ ।
ପୂର୍ବରଙ୍ଗେ ମୟା ଖ୍ୟାତଂ ତଥା ଚାଙ୍ଗବିକଳ୍ପନମ୍ ॥ ୫୩ ॥
ଯେନ ତୁଷ୍ୟତି ଯୋ ଦେବୋ ଯସ୍ୟ ଯନ୍ମନସଃ ପ୍ରିୟମ୍ ।
ତତ୍ତଥା ପୂର୍ବରଙ୍ଗେ ତୁ ମୟା ପ୍ରୋକ୍ତଂ ଦ୍ୱିଜୋତ୍ତମାଃ ॥ ୫୪ ॥
ସର୍ବଦୈବତପୂଜାର୍ହଂ ସର୍ବଦୈବତପୂଜନମ୍ ।
ଧର୍ମ୍ୟଂ ଯଶସ୍ୟମାୟୁଷ୍ୟଂ ପୂର୍ବରଙ୍ଗପ୍ରବର୍ତ୍ତନମ୍ ॥ ୫୫ ॥
ଦୈତ୍ୟଦାନବତୁଷ୍ଟ୍ୟର୍ଥଂ ସର୍ବେଷାଂ ଚ ଦିବୌକସାମ୍ ।
ଧ୍ରୁବା ବିଧାନେ ବକ୍ଷ୍ୟାମି ଲକ୍ଷଣଂ କର୍ମ ଚୈବ ହି ॥ ୫୬ ॥
ପ୍ରଯୁଜ୍ୟ ଗୀତକବିଧିଂ ବର୍ଦ୍ଧମାନମଥାପି ଚ ।
ନିର୍ଗୀତାନି ସଗୀତାନି ପୂର୍ବରଙ୍ଗକୃତାନି ତୁ ॥ ୫୭ ॥

ଅବକୃଷ୍ଟ ଦ୍ୱାରା ନାଗମାନେ, ଶୁଷ୍କାବକୃଷ୍ଟ ଦ୍ୱାରା ପିତୃଗଣ, ରଙ୍ଗଦ୍ୱାର ଦ୍ୱାରା ବିଷ୍ଣୁ, ଜର୍ଜର ପ୍ରୟୋଗ ଦ୍ୱାରା ବିଘ୍ନବିନାୟକମାନେ, ଚାରୀ ପ୍ରୟୋଗ ଦ୍ୱାରା ଉମା, ମହାଚାରୀ ଦ୍ୱାରା ଭୂତଗଣ ସନ୍ତୁଷ୍ଟ ହୁଅନ୍ତି । ପ୍ରତ୍ୟାହାରଠାରୁ ଚାରୀ ପର୍ଯ୍ୟନ୍ତ ପୂର୍ବରଙ୍ଗର ଅଙ୍ଗଗୁଡ଼ିକୁ ଏବଂ ସେହି ସେହି ଦେବତା ପୂଜାକୁ ମଧ୍ୟ ମୁଁ ବିଶଦରୂପେ କହୁଅଛି । ହେ ଦ୍ୱିଜବରଗଣ! ଅନ୍ୟ ମଧ୍ୟ ଯେଉଁ ଅଙ୍ଗର ପ୍ରୟୋଗରେ ଯେଉଁ ଦେବତା ତୁଷ୍ଟ ହୁଅନ୍ତି ଓ ଯାହାର ଯାହା ପ୍ରିୟ, ପୂର୍ବରଙ୍ଗ ପ୍ରସଙ୍ଗରେ ମୁଁ ତାହା ସବୁ କହୁଅଛି । ୫୦-୫୪ ।

ପୂର୍ବରଙ୍ଗର ଅନୁଷ୍ଠାନ ସମସ୍ତ ପୂଜାର ସମୁଚିତ ବିଧି ଏବଂ ଏହା ଦ୍ୱାରା ସବୁ ଦେବତାଙ୍କର ପୂଜା କରା ଯାଇଥାଏ । ପୂର୍ବରଙ୍ଗରେ କରାଯାଉଥିବା ନିର୍ଗୀତ ଓ ସଗୀତ କାର୍ଯ୍ୟମାନ ଧର୍ମ ଯଶ ଓ ଆୟୁଷ ପ୍ରଦାନ କରେ । ଗୀତକ ବର୍ଦ୍ଧମାନ, ନିର୍ଗୀତ ଓ ସଗୀତ (ପୂର୍ବରଙ୍ଗରେ କରଣୀୟ) ପ୍ରୟୋଗ ପୂର୍ବକ ଦୈତ୍ୟ ଦାନବ ଓ ଦେବତାମାନଙ୍କ ସନ୍ତୋଷ ଲାଭ ନିମିତ୍ତ ଧ୍ରୁବା ପ୍ରୟୋଗ ବିଷୟରେ ତାହାର ଲକ୍ଷଣ ଓ କାର୍ଯ୍ୟମାନ କହୁଅଛି । ୫୫-୫୭ ।

Digitized by srujanika@gmail.com

ଯା ବିଦ୍ୟା ଯାନି ଶିଳ୍ପାନି ଯା ଗତୟଶ୍ଚ ଚେଷ୍ଟିତମ୍ ।
ଲୋକାଲୋକସ୍ୟ ଜଗତସ୍ତଦସ୍ମିନ୍ ନାଟକାଶ୍ରୟେ ॥ ୫୮ ॥
ନିର୍ଗୀତାନାଂ ସଗୀତାନାଂ ବର୍ଦ୍ଧମାନସ୍ୟ ଚୈବ ହି ।
ଗୀତକାନ୍ତେ ତତଶ୍ଚାପି କାର୍ଯ୍ୟା ହ୍ୟୁତ୍ଥାପନୀ ଧ୍ରୁବା ॥ ୫୯ ॥
ଆଦୌ ଦ୍ୱେ ଚ ଚତୁର୍ଥଂ ସ୍ୟାଦଷ୍ଟମୈକାଦଶେ ତଥା ।
ଗୁର୍ବକ୍ଷରାଣି ଜାନୀହ୍ୟାଦ୍ୟପାଦେ ହ୍ୟେକାଦଶାକ୍ଷରେ ॥ ୬୦ ॥
ଚତୁଷ୍ପଦା ଭବେତ୍ସା ତୁ ଚତୁରଶ୍ରା ତଥୈବ ଚ ।
ଚତୁର୍ଭିଃ ସନ୍ନିପାତୈଶ୍ଚ ହିଲମ୍ବା ବିହିତସ୍ତଥା ॥ ୬୧ ॥
ପରିବର୍ତ୍ତାଶ୍ଚ ଚତ୍ୱାରଃ ପାଦେଷ୍ୱସ୍ୟ ଏବ ଚ ।
କାର୍ଯ୍ୟା ଚୈବ ହି ବର୍ଣ୍ଣୋକାସ୍ତାଂଶ୍ଚ ତାଲେନ ଯୋଜୟେତ୍ ॥ ୬୨ ॥
ଶମ୍ୟା ତୁ ଦ୍ୱିକଳା କାର୍ଯ୍ୟା ତାଲୋ ଦ୍ୱିକଳ ଏବ ଚ ।
ପୁନଶ୍ଚୈକକଳା ଶମ୍ୟା ସନ୍ନିପାତଃ କଳାତ୍ରୟମ୍ ॥ ୬୩ ॥
ଏବମଷ୍ଟକଳଃ କାର୍ଯ୍ୟଃ ସନ୍ନିପାତୋ ବିଚକ୍ଷଣୈଃ ।
ଚତ୍ୱାରଃ ସନ୍ନିପାତାଶ୍ଚ ପରିବର୍ତ୍ତ ସ ଉଚ୍ୟତେ ॥ ୬୪ ॥

ଯେତେପ୍ରକାର ବିଦ୍ୟା, ଯେତେପ୍ରକାର ଶିଳ୍ପ, ଯେତେପ୍ରକାର ଗତି (ପାଦସ୍ପନ୍ଦନ ସ୍ୱଭ) ଯେତେପ୍ରକାର ଚେଷ୍ଟା (ଅନ୍ୟାନ୍ୟ ଅଙ୍ଗର ସ୍ପନ୍ଦନ) ବ୍ରହ୍ମାଣ୍ଡରେ ଅଛି ସେ ସବୁ ନାଟକରେ ଅଛି । ଗୀତକ ମଧ୍ୟ ଓ ବର୍ଦ୍ଧମାନ ପ୍ରୟୋଗ କରି ଗୀତ ଶେଷରେ ଉତ୍ଥାପନୀ ନାମ୍ନୀ ଧ୍ରୁବା ଗାନ କରିବ । ଏଥିରେ ପ୍ରଥମ, ଦ୍ୱିତୀୟ, ଚତୁର୍ଥ, ଅଷ୍ଟମ ଓ ଏକାଦଶ ଅକ୍ଷର ଗୁରୁ ହୋଇଥାଏ । ପ୍ରତିପାଦର ଅକ୍ଷର ସଂଖ୍ୟା ଏଗାର । ଏଥିରେ ଏହି ପ୍ରକାର ଚାରିଗୋଟି ପଦ ଥାଏ । ଏହା ଚତୁରସ୍ର ତାଳରେ ଗୀତ ହେବ । ଚାରିଗୋଟି ସନ୍ନିପାତ (ଦୁଇହସ୍ତର ଆଘାତ) ତିନିଗୋଟି ଲୟ (ଦ୍ରୁତ ମଧ୍ୟ, ଓ ବିଲମ୍ବିତ) ଦୁଇଗୋଟି ଯତି, ଚାରିଗୋଟି ପରିବର୍ତ୍ତ (ତାଳର ଆବୃତ୍ତି) ଓ ତିନିଗୋଟି ପାଣି (ଅର୍ଥାତ୍ ବିଚକ୍ଷଣ ଯନ୍ତ୍ରୀ ଅଙ୍ଗୁଳି ଗୁଡ଼ିକୁ ଫାଙ୍କ ଫାଙ୍କ କରି ବୁଢ଼ା ଅଙ୍ଗୁଠିରେ ବଜାଇବ) ଏଥିରେ ଦର୍ଶିତ ଥାଏ । ଏହା ସମ, ଅବର ଓ ଉପରି ପାଣି ରୂପେ ତିନି ପ୍ରକାର । ବର୍ଣ୍ଣୋକ ଜାତ—ଆର୍ଯ୍ୟାଦି ମାତ୍ରାବୃତ୍ତ ହୋଇଥିଲେ ତାହାକୁ ମଧ୍ୟ ତାଳସହ ସଂଯୁକ୍ତ କରିବ । ୫୮-୬୨ ।

ଶମ୍ୟା (ଦକ୍ଷିଣ ହସ୍ତର ଆଘାତ) ଦୁଇ କଳା, ତାଳ (ବାମହସ୍ତର ଆଘାତ) ଦୁଇକଳା ପୁଣି ଶମ୍ୟା ଏକ କଳା, ସନ୍ନିପାତ (ଦୁଇହସ୍ତର ଆଘାତ) ତିନିକଳା—ଏହିପରି ସନ୍ନିପାତ ଆଠକଳା ବିଶିଷ୍ଟ କରାଯାଏ । ଏହିପରି ଚାରିଗୋଟି ସନ୍ନିପାତ କରାଯିବ । ଚାରି ସନ୍ନିପାତରେ ଗୋଟିଏ ପରିବର୍ତ୍ତ ହୁଏ । ୬୩-୬୪ ।

Digitized by srujanika@gmail.com

ପୂର୍ବଂ ସ୍ଥିତଲୟଃ କାର୍ଯ୍ୟଃ ସନ୍ନିପାତୋ ବିଚକ୍ଷଣୈଃ ।
ଉତ୍ଥାପ୍ୟ ସନ୍ନିପାତେ ତୁ ତସ୍ୟ ଭାଣ୍ଡଗ୍ରହୋ ଭବେତ୍ ॥ ୬୫ ॥
ଏକସ୍ମିନ୍ ପରିବର୍ତ୍ତେ ତୁ ଗତେ ପ୍ରାପ୍ତେ ଦ୍ୱିତୀୟକେ ।
କାର୍ଯ୍ୟଂ ମଧ୍ୟଲୟେ ତଜ୍ଜ୍ଞୈଃ ସୂତ୍ରଧାର-ପ୍ରବେଶନମ୍ ॥ ୬୬ ॥

ପୁଷ୍ପାଞ୍ଜଳିଂ ସମାଦାୟ ରକ୍ଷାମଙ୍ଗଳସଂସ୍କୃତାଃ ।
ଶୁଦ୍ଧବସ୍ତ୍ରାଃ ସୁମନସସ୍ତଥା ଚାଦ୍ଭୁତଦୃଷ୍ଟୟଃ ॥ ୬୭ ॥

ସ୍ଥାନଂ ତୁ ବୈଷ୍ଣବଂ କୃତ୍ୱା ସୌଷ୍ଠବାଙ୍ଗପୁରସ୍କୃତମ୍ ।
ଦୀକ୍ଷିତାଃ ଶୁଚୟଶ୍ଚୈବ ପ୍ରବିଶେୟୁଃ ସମଂ ତ୍ରୟଃ ॥ ୬୮ ॥

ଭୃଙ୍ଗାରଜର୍ଜରଧରୌ ଭବେତାଂ ପାରିପାର୍ଶ୍ୱିକୌ ।
ମଧ୍ୟେ ତୁ ସୂତ୍ରଧୃକ୍ ତାଭ୍ୟାଂ ବୃତଃ ପଞ୍ଚପଦୀଂ ବ୍ରଜେତ୍ ॥ ୬୯ ॥

ପଦାନି ପଞ୍ଚ ଗଚ୍ଛେୟୁର୍ବ୍ରହ୍ମଣୋ ଯଜନେଚ୍ଛୟା ।
ସୂଚୀଂ ବାମପଦଂ ଦଦ୍ୟାଦ୍ବିକ୍ଷେପଂ ଦକ୍ଷିଣେନ ତୁ ॥ ୭୦ ॥

ସ୍ଥିତ-ଲୟ ସହିତ ପ୍ରଥମ ପରିବର୍ତ୍ତ କରାଯିବ । ଉତ୍ଥାପ୍ୟ ସନ୍ନିପାତ ପରେ ବାଦ୍ୟଭାଣ୍ଡ ଗ୍ରହଣ କରାଯିବ । ପ୍ରଥମ ପରିବର୍ତ୍ତ ସରିଲା ପରେ ଦ୍ୱିତୀୟ ପରିବର୍ତ୍ତରେ (ତାଳର ଆବୃତ୍ତିରୁ) 'ମଧ୍ୟମ ଲୟ'ର ପ୍ରୟୋଗ କରାଯିବ । ତତ୍ପରେ ସୂତ୍ରଧାର (ଅନୁଚର ଦ୍ୱୟ ସହ) ପ୍ରବେଶ କରିବେ । ଏହି ତିନିଜଣ (କୁମ୍ଭ ମତେ ପ୍ରଥମ ପରିବର୍ତ୍ତ ବେଳେ) ରକ୍ଷା ବିଧାନ ଓ ମଙ୍ଗଳ ଦ୍ରବ୍ୟ ଗ୍ରହଣ ପୂର୍ବକ ପୁଷ୍ପାଞ୍ଜଳି ଧରି ଶୁଦ୍ଧବସ୍ତ୍ର (ବସ୍ତ୍ର) ପ୍ରସନ୍ନମନା, ଅଦ୍ଭୁତ ଦୃଷ୍ଟିଯୁକ୍ତ, ବ୍ରତଧାରୀ ଓ ପବିତ୍ର ହୋଇ ରଙ୍ଗ-ମଧ୍ୟକୁ ପ୍ରବେଶ କରି ବୈଷ୍ଣବ ସ୍ଥାନଭଙ୍ଗୀରେ (ସୌଷ୍ଠବ ସହ) ଠିଆ ହୋଇ ରହିବେ ।
। ୬୫ ୬୮ ।

ସୂତ୍ରଧାରଙ୍କ ପାରିପାର୍ଶ୍ୱିକ ଦୁହେଁ ଭୃଙ୍ଗାର (ଜଳପାତ୍ର) ଓ ଜର୍ଜର ଦଣ୍ଡ ଧାରଣ କରିଥିବେ । ସୂତ୍ରଧାର ମଧ୍ୟଭାଗରେ ରହି ସେ ଦୁହିଁଙ୍କ ସହିତ ପାଞ୍ଚ ପାହୁଣ୍ଡ ଆଗକୁ ଯିବେ । ବ୍ରହ୍ମାଙ୍କ ଅର୍ଚ୍ଚନା ଉଦ୍ଦେଶ୍ୟରେ ଏହି ପାଞ୍ଚ ପାହୁଣ୍ଡ ଯିବାକୁ ପଡ଼େ । ଏହାକୁ ପଞ୍ଚପଦୀ କହନ୍ତି । ଏହି ପଞ୍ଚପଦୀ ପଦକ୍ଷେପ କିପରି କରାଯିବ ଏବେ ତାହାର ବିବରଣ କହୁଅଛୁ । ଦକ୍ଷିଣପାଦକୁ ବାମପାଦର ଉରୁଦେଶ ପର୍ଯ୍ୟନ୍ତ ଆସ୍ତେ ଆସ୍ତେ ଟେକି ତିନିକଳା ସମୟ (ତିନିତାଳ) ପରେ ପୁଣି ଭୂଇଁ ଉପରେ ସ୍ଥାପନ କରିବ । ଏହି ପ୍ରକାର ସୂତ୍ରଧାର ଅନ୍ୟମାନଙ୍କ ସହିତ ପାଞ୍ଚପାହୁଣ୍ଡ ଗଲା ପରେ ବାମପାଦକୁ 'ସୂଚୀ' (ପାଦର ଅଗ୍ରଭାଗକୁ ସୂକ୍ଷ୍ମକରି ଭୂମିରେ ପକାଇବା)

Digitized by srujanika@gmail.com

ପୁଷ୍ପାଞ୍ଜଲ୍ୟପବର୍ଗଶ୍ଚ କାର୍ଯ୍ୟୋ ବ୍ରାହ୍ମେଽଥ ମଣ୍ଡଳେ ।
ରଙ୍ଗପୀଠସ୍ୟ ମଧ୍ୟେ ତୁ ସ୍ୱୟଂ ବ୍ରହ୍ମା ପ୍ରତିଷ୍ଠିତଃ ॥ ୭୧ ॥
ତତଃ ଲଳିତୈର୍ହସ୍ତୈରଭିବନ୍ଦ୍ୟ ପିତାମହମ୍ ।
ବନ୍ଦନାନ୍ୟଥ କାର୍ଯ୍ୟାଣି ତ୍ରୀଣି ହସ୍ତେନ ଭୂତଳେ ॥ ୭୨ ॥
ତାଳପ୍ରକର୍ଷହେତୋଶ୍ଚ ପାଦାନାଂ ପ୍ରତିଭାଗତଃ ।
ସୂତ୍ରଧାରପ୍ରବେଶାଦ୍ୟୋ ବନ୍ଦନାଭିନୟାନୁଗଃ ॥ ୭୩ ॥
ଦ୍ୱିତୀୟଃ ପରିବର୍ତ୍ତଃ କାର୍ଯ୍ୟୋ ମଧ୍ୟ-ଲୟାଶ୍ରିତଃ ।
ତତଃ ପରଂ ତୃତୀୟେ ତୁ ମଣ୍ଡପସ୍ୟ ପ୍ରଦକ୍ଷିଣମ୍ ॥ ୭୪ ॥
ଆଗମନଂ ଚୈବ ଜର୍ଜରଗ୍ରହଣଂ ତଥା ।
ତତ୍ରାସ୍ୟ ମଣ୍ଡଲାଦୂର୍ଦ୍ଧ୍ୱଂ ଦକ୍ଷିଣଂ ପଦମୁଦ୍ଧରେତ୍ ॥ ୭୫ ॥
ବେଧଂ ତେନୈବ କୁର୍ବୀତ ବିକ୍ଷେପଂ ବାମକେନ ଚ ।
ପୁନଶ୍ଚ ଦକ୍ଷିଣଂ ପାଦଂ ପାର୍ଶ୍ୱସଂସ୍ଥଂ ସମୁଦ୍ଧରେତ୍ ॥ ୭୬ ॥
ତତଶ୍ଚ ବାମବେଧସ୍ତୁ ବିକ୍ଷେପୋ ଦକ୍ଷିଣସ୍ୟ ଚ ।
ଅନେନୈବ ପ୍ରକାରେଣ ସମ୍ୟକ୍କୃତ୍ୱା ପ୍ରଦକ୍ଷିଣମ୍ । ୭୭ ।

ପାଦକୁ ବିକ୍ଷେପ ଗତିରେ ସ୍ଥାପନକରି ବ୍ରହ୍ମାଙ୍କ ମଣ୍ଡଳରେ (ରଙ୍ଗପୀଠର ମଧ୍ୟସ୍ଥଳରେ) ପୁଷ୍ପାଞ୍ଜଳି ଅର୍ପଣ କରିବେ । ବ୍ରହ୍ମା ରଙ୍ଗପୀଠର ମଧ୍ୟସ୍ଥଳରେ ବିରାଜିତ ଅଛନ୍ତି ।
। ୬୯-୭୧ ।

ତତ୍ପରେ 'ଲଳିତ' ହସ୍ତରେ (ଈଷତ୍ ନତ ହସ୍ତରେ) ପିତାମହ ବ୍ରହ୍ମାଙ୍କର ବନ୍ଦନା କରିଯାଏ । ତାଳର ପ୍ରକର୍ଷପାଇଁ ପାଦକ୍ଷେପର ବିଭାଗ ଅନୁସାରେ ଉକ୍ତଅଙ୍ଗ ଅଭିବାଦନର ଅଭିନୟ କରିବେ । ସୂତ୍ରଧାରଙ୍କର ପ୍ରବେଶ ଏବଂ ଏହି ବନ୍ଦନାର ଅଭିନୟ ପରେ ଦ୍ୱିତୀୟ ପରିବର୍ତ୍ତ (ତାଳ ବୃତ୍ତି) ମଧ୍ୟ ଲୟରେ କରାଯିବ । ତୃତୀୟ ପରିବର୍ତ୍ତ କାଳରେ ମଣ୍ଡପ ପ୍ରଦକ୍ଷିଣ କରିବେ । ୭୨-୭୪ ।

ଆଗମନ ଓ ଜର୍ଜର ଗ୍ରହଣ ମଧ୍ୟ ଏହି ସମୟରେ କରାଯିବ । ତତ୍ପରେ ମଣ୍ଡଳରୁ ଊର୍ଦ୍ଧ୍ୱଗତିରେ ଉଠି ଦକ୍ଷିଣ ପାଦକୁ ଉପରକୁ ଟେକିବେ । ତଦ୍ୱାରା ବେଧ କରି ବାମପାଦ ସହାୟତାରେ ବିକ୍ଷେପ କରିବେ । (ପାଦକୁ ମଣ୍ଡଳ ଉପରେ ପ୍ରସାରିତ କରି ଭୂଇଁକୁ ନଛୁଆଁଇ ଅକୁଞ୍ଚିତ କରିବାର ନାମ ବିକ୍ଷେପ) ଆଉଥରେ ଦକ୍ଷିଣପାଦକୁ ଦକ୍ଷିଣ-ପାର୍ଶ୍ୱରେ (ଅଲଗାଭାବେ) ଟେକି ବାମପାଦରେ ବେଧ ଓ ଦକ୍ଷିଣ ପାଦରେ ବିକ୍ଷେପ କରିବେ । ଏହିପ୍ରକାରେ ପ୍ରଦକ୍ଷିଣ କିମ୍ବା ହମନ୍ତେ କରିବ । ୭୫-୭୭ ।

Digitized by srujanika@gmail.com

ଭୃଙ୍ଗାରଭୃତମାହୂୟ ଶୌଚଂ ଚାପି ସମାଚରେତ୍ ।
ଯଥାନ୍ୟାୟଂ ତୁ କର୍ତ୍ତବ୍ୟା ତେନ ହ୍ୟାଚମନକ୍ରିୟା ॥ ୭୮ ॥
ଆତ୍ମପ୍ରୋକ୍ଷଣମେବାଦ୍ଭିଃ କର୍ତ୍ତବ୍ୟଂ ତୁ ଯଥାକ୍ରମମ୍ ।
ପ୍ରଯତ୍ନକୃତଶୌଚେନ ସୂତ୍ରଧାରେଣ ଯତ୍ନତଃ ॥ ୭୯ ॥
ସନ୍ନିପାତ-ସମ-ଗ୍ରାହ୍ୟୋ ଜର୍ଜରୋ ବିଘ୍ନଜର୍ଜରଃ ।
ପ୍ରଦକ୍ଷିଣାଦେଷ୍ୟା ନିକ୍ଷେପ୍ୟୋ ଜର୍ଜରଗ୍ରହଣାନ୍ତକଃ ॥ ୮୦ ॥
ଭୂତ୍ୱାଥଃ ପରିବର୍ତ୍ତସ୍ତୁ ବିକ୍ଷେପ୍ୟୋ ଦ୍ୱୌ ଦ୍ରୁତେ ଲୟେ ।
ଗୃହୀତ୍ୱା ଜର୍ଜରଂ ତ୍ୱଷ୍ଟୌ କଳା କାର୍ଯ୍ୟଂ ପ୍ରୟୋଜୟେତ୍ ॥ ୮୧ ॥
ବାମବେଧଂ ତତଃ କୁର୍ଯ୍ୟାଦ୍ବିକ୍ଷେପଂ ଦକ୍ଷିଣସ୍ୟ ଚ ।
ତତଃ ପଞ୍ଚପଦଂ ଚୈବ ଗଚ୍ଛେତ୍ତୁ କୁତପୋନ୍ମୁଖଃ ॥ ୮୨ ॥
ଜର୍ଜରଗ୍ରହଣାଦ୍ ଯୋଽୟଂ କୁତପାଭିମୁଖାନ୍ତକଃ ।
ଚତୁର୍ଥଃ ପରିବର୍ତ୍ତସ୍ତୁ କାର୍ଯ୍ୟୋ ଦ୍ରୁତଲୟେ ପୁନଃ ॥ ୮୩ ॥
କରପାତନପାତାସ୍ତୁ ଭବନ୍ତ୍ୟତ୍ର ତୁ ଷୋଡ଼ଶ ।
ତ୍ର୍ୟସ୍ରେ ଦ୍ୱାଦଶପାତା ହି ଭବନ୍ତି କରପାଦଜାଃ ॥ ୮୪ ॥

ତତ୍ପରେ ସୂତ୍ରଧାର ଭୃଙ୍ଗାର ଧରିଥିବା ବ୍ୟକ୍ତିକୁ ଡାକି ଶୌଚବିଧି (ପ୍ରୋକ୍ଷଣାଦି ସଂସ୍କାର) ସମ୍ପାଦନ କରିବେ । ସେ ଯଥାବିଧି ଆଚମନ କାର୍ଯ୍ୟ କରି ଯଥାକ୍ରମେ ଜଳଦ୍ୱାରା ନିଜର ପ୍ରୋକ୍ଷଣ କରିବେ । ସୂତ୍ରଧାର ଏହି ପ୍ରକାରେ ଶୌଚକାର୍ଯ୍ୟ କରିସାରି, ସନ୍ନିପାତ ସଙ୍ଗେ ସଙ୍ଗେ ଜର୍ଜର ଦଣ୍ଡକୁ ଧାରଣ କରିବେ । ପୂର୍ବୋକ୍ତ ପ୍ରଦକ୍ଷିଣଠାରୁ ଆରମ୍ଭ କରି ଜର୍ଜର ଧାରଣ ପର୍ଯ୍ୟନ୍ତ ଅତୀତ ହୋଇଥିବା କାଳ ମଧ୍ୟରେ ତୃତୀୟ ପରିବର୍ତ୍ତି (ତାଳ ବୃତ୍ତି) ଦ୍ରୁତ ଲୟରେ କରାଯିବ । ଜର୍ଜର ଧାରଣ ପରେ ଅଠ କଳାର (ତାଳର) ଅନୁଚ୍ଚାରଣ (ଜପ) କରାଯିବ ।
। ୭୮-୮୧ ।

ବାମପାଦ ଦ୍ୱାରା ବେଧ ଓ ଦକ୍ଷିଣ ପାଦ ଦ୍ୱାରା ବିକ୍ଷେପ ପ୍ରଯୁକ୍ତ ହେବ । ତାହାପରେ ସୂତ୍ରଧାର ବାଦ୍ୟଭାଣ୍ଡ ଅଡ଼କୁ ପାଞ୍ଚପାହୁଣ୍ଡ ଅଗ୍ରସର ହେବେ । ଜର୍ଜର ଧାରଣଠାରୁ ଆରମ୍ଭକରି ବାଦ୍ୟଭାଣ୍ଡ ଅଡ଼କୁ ଗତି କରିବା ପର୍ଯ୍ୟନ୍ତ ଅତିକ୍ରାନ୍ତ କାଳ ମଧ୍ୟରେ ଚତୁର୍ଥ ପରିବର୍ତ୍ତି (ଆବୃତ୍ତି) ଦ୍ରୁତଲୟରେ କରାଯିବ । ଏଥିରେ କରପାତ (ପଦ) ଓ ନିପାତ ଷୋହଳ ଗୋଟି ହୁଏ । (ଏହା ଚତୁରସ୍ର ହୋଇଥିବାରୁ) ତ୍ର୍ୟସ୍ର (ଧ୍ରୁବା)ରେ ବାରଗୋଟି କରପାତ (ପୂର୍ବୋକ୍ତ ପରି) ହୁଏ । ବନ୍ଦନ, ଅଭିବାଦନ ଓ ପ୍ରଦକ୍ଷିଣ ଏହି ତିନିଗୋଟି କାର୍ଯ୍ୟ ହସ୍ତ ପ୍ରୟୋଗ ଦ୍ୱାରା

Digitized by srujanika@gmail.com

ବନ୍ଦନାନ୍ୟଥ କାର୍ଯ୍ୟାଣି ତ୍ରୀଣି ହସ୍ତେନ ଭୂତଲେ ।
ଅମ୍ବୁପ୍ରୋକ୍ଷଣମଭିଷ୍ଟ ସ୍ୟଚ୍ଚୈବ ସ୍ପୃଶ୍ୟତେ ॥ ୮୫ ॥
ଏବମୁତ୍ଥାପନଂ କାର୍ଯ୍ୟଂ ତତସ୍ତୁ ପରିବର୍ତ୍ତନମ୍ ।
ଚତୁରଶ୍ରଂ ଲୟେ ମଧ୍ୟେ ସନ୍ନିପାତୈରଥାଷ୍ଟଭିଃ ॥ ୮୬ ॥
ଏଷାଂ ଲଘୂନି ସର୍ବାଣି କେବଲଂ ନୈଧନଂ ଗୁରୁ ।
ଭବେଦତ୍ୟଜଗତ୍ୟାଂ ତୁ ସା ଧ୍ରୁବା ପରିବର୍ତ୍ତିନୀ ॥ ୮୭ ॥
ବାର୍ତ୍ତିକେନ ତୁ ମାର୍ଗେଣ ବାଦ୍ୟେନାନୁଗତେନ ଚ ।
ଲଳିତୈଃ ପାଦବିନ୍ୟାସୈର୍ଦିଶାଂ ଦେବାନଥାଦଶମ୍ ॥ ୮୮ ॥
ଦ୍ୱିକଳଂ ପାଦପତନଂ ପାଦକୃର୍ଯ୍ୟାଂ ଗତଂ ଭବେତ୍ ।
ବାମପାଦେନ ବେଧସ୍ତୁ କର୍ତ୍ତବ୍ୟୋ ନୃତ୍ୟଯୋକ୍ତୃଭିଃ ॥ ୮୯ ॥
ଦ୍ୱିତାଳାନ୍ତରବିଷ୍କମ୍ଭା ବିକ୍ଷେପୋ ଦକ୍ଷିଣସ୍ୟ ଚ ।
ତତଃ ପଞ୍ଚପଦୀଂ ଗଚ୍ଛେଦଭିକ୍ରାନ୍ତୈଃ ପଦୈରଥ ॥ ୯୦ ॥
ତତୋଽଭିବାଦନଂ କୁର୍ଯ୍ୟାଦ୍ଦେବତାନାଂ ଯଥାଦଶମ୍ ।
ବନ୍ଦେତ ପ୍ରଥମଂ ପୂର୍ବଂ ଦିଶଂ ଶକ୍ରାଧିଦୈବତାମ୍ ॥ ୯୧ ॥

(ପୂର୍ବୋକ୍ତ ମାଣି ସମ, ଅବର ଓ ହୃପର କାମକ ଭରଗତ୍ଭ ଇତ୍ୟାଦି ବନ୍ଦ୍ୟ ଦ୍ୱାରା କରିବେ । ଏଂସ୍ ପୂର୍ବରଙ୍ଗରେ ଜଳର ପ୍ରୋକ୍ଷଣ କରାଯିବ ନାହିଁ ।) (ଉତ୍ଥାପନ ଓ ପରିବର୍ତ୍ତନ ପୂର୍ବପର କରାଯିବ । ୮୬-୮୫ ।

(ତ୍ର୍ୟସ୍ର-ପୂର୍ବରଙ୍ଗରେ ଜଳଦ୍ୱାରା ଅଭିଷେଚନ (ପ୍ରୋକ୍ଷଣ) କରାଯାଏ ନାହିଁ) ଏହି କ୍ରମରେ ଉତ୍ଥାପନ କଳ୍ପରେ ପରିବର୍ତ୍ତିନୀ ଧ୍ରୁବା କରାଯାଇଥାଏ । ଏଥିରେ ଚତୁରସ୍ର ଓ ମଧ୍ୟଲୟ ବ୍ୟବହାର୍ଯ୍ୟ । ଏଥିରେ ଆଠ ସନ୍ନିପାତ କରାଯାଏ । ସେଥିରେ ସବୁଗୁଡ଼ିକ ଲଘୁ ଓ ଅଷ୍ଟମଟି ଗୁରୁ ଏବଂ ଯାହା ଅତିଜଗତୀ ଛନ୍ଦରେ ରଚିତ ସେହି ଧ୍ରୁବାର ନାମ ପରିବର୍ତ୍ତିନୀ । ବାମଆଡ଼କୁ ମାର୍ଗରେ ବାଦ୍ୟ ସହିତ ଲଳିତ ଭାବେ ପାଦ ବିନ୍ୟାସ କରି ଦିଗ୍‌ଦେବତାମାନଙ୍କର ବନ୍ଦନା କରିବ ।

। ୮୬-୮୮ ।

ପ୍ରତିପଦରେ ଦୁଇଟି ଲେଖାଏଁ ସନ୍ନିପାତ ହେବ । ବାମପାଦ ଦ୍ୱାରା 'ବେଧ' (ସ୍ୱସ୍ତିକ ତ୍ୟାଗ ପୂର୍ବକ ଚରଣକୁ କୁଞ୍ଚିତ କରି ଅଗ୍ରଦିଗରେ ପ୍ରସାରଣ କରି ଅଳ୍ପ ଅଳ୍ପ ଆନ୍ଦୋଳିତ କରିବା) କରାଯିବ । ଦୁଇଟି ତାଳ ପରିମିତ ... ମଧ୍ୟରେ ବିଷ୍କମ୍ଭ (ସ୍ଥିର ରହିବା) କରିବା ପରେ ଦକ୍ଷିଣପାଦ ବିକ୍ଷେପ କରିବ । ତତ୍ପରେ (ପାଦ ପକାଇ) 'ପଞ୍ଚପଦୀ' ଗମନ କରିବ । ଅନନ୍ତର ଦିଗ୍ ଦେବତାମାନଙ୍କୁ ଯଥା ନିର୍ଦ୍ଦିଷ୍ଟ

Digitized by srujanika@gmail.com

ଦ୍ୱିତୀୟାଂ ଦକ୍ଷିଣାମାଶାଂ ବନ୍ଦେତ ଯମଦୈବତାମ୍ ।
ବନ୍ଦେତ ପଶ୍ଚିମାମାଶାଂ ତତୋ ବରୁଣଦୈବତାମ୍ ॥ ୯୨ ॥
ଚତୁର୍ଥୀମୁତ୍ତରମାଶାଂ ବନ୍ଦେତ ଧନଦାଶ୍ରୟାମ୍ ।
ଦଶାଂ ତୁ ବନ୍ଦନଂ କୃତ୍ୱା ବାମବେଧଂ ପ୍ରୟୋଜୟେତ୍ ॥ ୯୩ ॥
ଦକ୍ଷିଣେନ ଚ କର୍ତ୍ତବ୍ୟଂ ବକ୍ଷେପପରିବର୍ତ୍ତନମ ।
ପ୍ରାଙ୍ମୁଖସ୍ତୁ ତତଃ କୁର୍ଯ୍ୟାତ୍ପୁରୁଷସ୍ତ୍ରୀନପୁଂସକୈଃ ॥ ୯୪ ॥
ତ୍ରିଧାଦ୍ୟା ସୂତ୍ରଧୃକ୍ ରୁଦ୍ରବ୍ରହ୍ମୋପେନ୍ଦ୍ରାଭିବନ୍ଦନମ୍ ।
ଦକ୍ଷିଣଂ ତୁ ପଦଂ ପୁଂସୋ ବାମଂ ସ୍ତ୍ରୀପଦମୁଚ୍ୟତେ ॥ ୯୫ ॥
ପୁନର୍ଦକ୍ଷିଣମେବ ସ୍ୟାନ୍ନାଭ୍ୟୁତ୍କ୍ଷିପ୍ତଂ ନପୁଂସକମ୍ ।
ବନ୍ଦେତ ପୌରୁଷେଣେଶଂ ସ୍ତ୍ରୀପଦେନ ଜନାର୍ଦ୍ଦନମ୍ ॥ ୯୬ ॥
ନପୁଂସକପଦେନାପି ତଥୈବାମ୍ବୁଜସମ୍ଭବମ୍ ।
ପରିବର୍ତ୍ତନମେବଂ ସ୍ୟାଦନ୍ୟୋନ୍ୟେ ପ୍ରବର୍ତ୍ତିତଃ ॥ ୯୭ ॥
ଚତୁଷ୍ପ୍ରକାରଦୃଷ୍ଟାଣି ପ୍ରଗୃହ୍ୟ ବିଧିପୂର୍ବକମ୍ ।
ଯଥାବସ୍ଥେନ କର୍ତ୍ତବ୍ୟଂ ପୂଜନଂ ଜର୍ଜରସ୍ୟ ତୁ ॥ ୯୮ ॥

ଦିଗରେ ଅଭିବାଦନ କରିବ । ପ୍ରଥମେ ପୂର୍ବଦିଗକୁ ବନ୍ଦନା କରିବ, ଏହି ଦିଗର ଅଧିପତି ଇନ୍ଦ୍ର । ତତ୍ପରେ ଦକ୍ଷିଣ ଦିଗକୁ ବନ୍ଦନା କରିବ, ଏହାର ଦେବତା ଯମ । ତନ୍ତୁ ପଶ୍ଚିମ ଦିଗକୁ ବନ୍ଦନା କରିବ, ଏହାର ଦେବତା ବରୁଣ । ଚତୁର୍ଥରେ ଉତ୍ତର ଦିଗକୁ ବନ୍ଦନା କରିବ । ଏହାର ଦେବତା କୁବେର । ତତ୍‌ବନ୍ଦନ କରିସାରି ବାମ ପାଦରେ 'ବେଧ' କରିବ । ୮୯-୯୩ ।

ଦକ୍ଷିଣ ପାଦରେ ମଧ୍ୟ ବକ୍ଷେପ ଓ ପରିବର୍ତ୍ତନ (ସ୍ୱଂ ଅଙ୍ଗକୁ ବୁଲାଇ) କରିବ । ତତ୍ପରେ ସୂତ୍ରଧାର ପୂର୍ବାଭିମୁଖ ହୋଇ ପୁରୁଷ ସ୍ତ୍ରୀ ଓ ନପୁଂସକ ଏହି ତିନିପଦ ଦ୍ୱାରା ଶିବ, ବ୍ରହ୍ମା ଓ ବିଷ୍ଣୁଙ୍କର ଅଭିବନ୍ଦନା କରିବେ । (ଦକ୍ଷିଣ ପଦ-ପୁରୁଷ, ବାମପଦ-ସ୍ତ୍ରୀ ଓ ନାଭି ପର୍ଯ୍ୟନ୍ତ ଉତ୍କ୍ଷିପ୍ତ ଦକ୍ଷିଣ ପଦ ନପୁଂସକ) ପୁରୁଷ ପଦରେ ଶିବଙ୍କୁ, ସ୍ତ୍ରୀ ପଦ ଦ୍ୱାରା ବିଷ୍ଣୁଙ୍କୁ ଓ ନପୁଂସକ ପଦ ଦ୍ୱାରା ବ୍ରହ୍ମାଙ୍କୁ ଅର୍ଚ୍ଚନା କରିବ । ପରିବର୍ତ୍ତନ (ପରିକ୍ରମା) ଏହି ପ୍ରକାରେ କରାଯାଏ । ୯୦-୯୭ ।

ପୁନଃ (ଜର୍ଜର ନିକଟରେ) ପ୍ରବେଶ କରିବ । ତତ୍ପରେ ଯଥାବିଧି ଚାରି ପ୍ରକାର (ଚତୁର୍ଥାକାର ପାଠକଲେ ଅର୍ଥ—ସୂତ୍ରଧାର ଓ ପାରିପାର୍ଶ୍ୱିକ ଦ୍ୱୟଙ୍କ ବ୍ୟତୀତ ଆଉ ଗୋଟିଏ ବ୍ୟକ୍ତି) ଫୁଲ ନେଇ ତଦ୍ଦ୍ୱାରା ଜର୍ଜର, ସକଳ ବାଦ୍ୟଭାଣ୍ଡ,

Digitized by srujanika@gmail.com

ଭାଣ୍ଡସ୍ୟୈବ ଚ ସର୍ବସ୍ୟ ସୂତ୍ରଧାରସ୍ୟ ଚୈବ ହି ।
ତସ୍ୟ ଭାଣ୍ଡସମଃ କାର୍ଯ୍ୟସ୍ତନ୍ତ୍ରୈର୍ଗତପରକ୍ରମଃ ॥ ୯୯ ॥
ନ ତତ୍ର ଗାନଂ କର୍ତ୍ତବ୍ୟଂ ତତ୍ର ସ୍ତୋତ୍ରଭଙ୍ଗ୍ୟା ଭବେତ୍ ।
ଚତୁର୍ଥକାରପୂଜାଂ ତୁ ସ କୁର୍ଯ୍ୟାନ୍ତର୍ହିତୋ ଭବେତ୍ ॥ ୧୦୦ ।
ତତୋ ଗେୟାବକୃଷ୍ଟା ତୁ ଚତୁରଶ୍ରା ସ୍ଥିରା ଧ୍ରୁବା ।
ଗୁରୁପ୍ରାୟା ତୁ ସା କାର୍ଯ୍ୟା ତଥା ଚୈବାର୍ଦ୍ଧପାଣିକା ॥ ୧୦୧ ॥
ସ୍ଥାୟିବର୍ଣ୍ଣାଶ୍ରୟୋପେତା କଲାଷ୍ଟକବିନିର୍ମିତା ।
ସୂତ୍ରଧାରଃ ପଠେତ୍ତତ୍ର ମଧ୍ୟମଂ ସ୍ୱରମାଶ୍ରିତଃ ॥ ୧୦୨ ॥
ନାନ୍ଦୀଂ ପଦୈର୍ଦ୍ୱାଦଶଭିରଷ୍ଟାଭିର୍ୱାପ୍ୟଲଙ୍କୃତାମ୍ ।
ନମୋଽସ୍ତୁ ସର୍ବଦେବେଭ୍ୟୋ ଦ୍ୱିଜାତିଭ୍ୟଃ ଶୁଭଂ ତଥା ॥ ୧୦୩ ॥
ଜିତଂ ସୋମେନ ବୈ ରାଜ୍ଞା ଆରୋଗ୍ୟଂ ଭୌଗମେବ ଚ ।
ବ୍ରହ୍ମୋତ୍ତରଂ ତଥୈବାସ୍ତୁ ହତା ବ୍ରହ୍ମଦ୍ୱିଷସ୍ତଥା ॥ ୧୦୪ ।

ଓ ସୂତ୍ରଧାରଙ୍କର ପୂଜା କରିବ । ଭାଣ୍ଡବାଦ୍ୟ ସହିତ ପରାକ୍ରମାଦି କରଣୀୟ । ଏଥିରେ ଗାନ କରାଯାଏ ନାହିଁ; ଅର୍ଥସ୍ଥାନ ସ୍ତବପାଠ କରାଯାଏ । ଚତୁର୍ଥ ବ୍ୟକ୍ତି ବା ଏହି ଚତୁର୍ବିଧ ପୂଜା କରୁଥାଣ (କିଷ୍ଟ୍ରାମଣ) ବାହାରି ଆସିବ । ୯୮-୧୦୦ ।

ତତ୍ପରେ ଅବକୃଷ୍ଟା (କରୁଣରସାଶ୍ରୟା) ଚତୁରସ୍ରା ଧ୍ରୁବା ଗାନ କରିବ । ସେଥିରେ ଗୁରୁବର୍ଣ୍ଣ ପ୍ରଚୁରଭାବେ ପ୍ରଯୁକ୍ତ ହେବ । ତହିଁରେ ଅର୍ଦ୍ଧପାଣିକ ତାଳ (ଡରଗଡ଼-ଦରଗଡ଼ ଇତ୍ୟାଦି ରୂପେ ଅନ୍ତରେ ବାଦିତ) ପ୍ରଯୁକ୍ତ ହେବ । ତତ୍ପରେ ସୂତ୍ରଧାର ମଧ୍ୟମ ସ୍ୱରରେ (ସ୍ୱଗତ ସ୍ୱରରେ) ନାନ୍ଦୀପାଠ କରିବେ । ଏହାର (ପ୍ରତିବାଦ) ଆଠକଳା ବିଶିଷ୍ଟ ଏବଂ ସ୍ଥାୟୀ ବର୍ଣ୍ଣଯୁକ୍ତ ହୋଇଥିବ (ବର୍ଣ୍ଣ-ଗାନ, ଏହା ସ୍ଥାୟୀ, ସଞ୍ଚାରୀ, ଆରୋହ ଓ ଅବରୋହ ଭେଦରେ ଚାରି ପ୍ରକାର । ଶ୍ଳୋକପାଠରେ ବର୍ଣ୍ଣ ଉଦାତ୍ତ, ଅନୁଦାତ୍ତ, ସ୍ୱରିତ ଓ କମ୍ପିତ ଭେଦରେ ଚାରି ପ୍ରକାର ବୀର, ରୌଦ୍ର ଓ ଅଦ୍ଭୁତରେ ଉଦାତ୍ତ, କରୁଣ, ବୀଭତ୍ସ ଓ ଭୟାନକରେ ଅନୁଦାତ୍ତ, ସ୍ୱରିତ ଓ କମ୍ପିତର ବ୍ୟବହାର ହୁଏ । ୧୦୧-୧୦୨ ।

ଆହୁରିମଧ୍ୟ ଏଥିରେ ବାରଗୋଟି ବା ଆଠଗୋଟି ଅଳଙ୍କାରଯୁକ୍ତ ପଦ ବ୍ୟବହୃତ ହୋଇଥିବ । ତାହା ଏହି ପ୍ରକାର—ସମସ୍ତ ଦେବତାଙ୍କୁ ନମସ୍କାର, ଦ୍ୱିଜାତି-ମାନଙ୍କର ଶୁଭ ହେଉ, ରାଜା ସୋମ ବିଜୟୀ ହୋଇଛନ୍ତି । ଆରୋଗ୍ୟ ଏବଂ ଭୋଗବୃଦ୍ଧି—ପ୍ରଧାନ (ଦେବମୂଳକ) ହେଉ । ବେଦ ବିରୋଧୀମାନେ ହତ

Digitized by srujanika@gmail.com

ପ୍ରଶାସ୍ତ୍ୱିମାଂ ମହାରାଜ ପୃଥିବୀଂ ଚ ସସାଗରାମ୍ ।
ରାଷ୍ଟ୍ରଂ ପ୍ରବର୍ଦ୍ଧତାଂ ଚୈବ ରଙ୍ଗଶ୍ଚାୟଂ ସମୃଦ୍ଧ୍ୟତାମ୍ ॥ ୧୦୫ ॥
ଇଜ୍ୟୟା ଚାନୟା ନିତ୍ୟଂ ପ୍ରୀୟନ୍ତାଂ ଦେବତା ଇତି ।
ନାନ୍ଦୀପଦାନ୍ତରେଷ୍ୱେଷୁ ହ୍ୟେବମାର୍ଯ୍ୟେତି ନିତ୍ୟଶଃ ॥ ୧୦୬ ॥
ବଦେତାଂ ସମ୍ୟଗୁକ୍ତାଭିର୍ବାଗ୍ଭିନୌ ପାରିପାର୍ଶ୍ୱିକୌ ।
ଏବଂ ନାନ୍ଦୀ ବିଧାତବ୍ୟା ଯଥାବଲ୍ଲକ୍ଷଣାନ୍ୱିତା ॥ ୧୦୭ ॥
ତତଃ ଶୁଷ୍କାବକୃଷ୍ଟା ସ୍ୟାଜ୍ଜର୍ଜରଶ୍ଲୋକଦର୍ଶିକା ।
ନବ ଗୁର୍ବକ୍ଷରାଣ୍ୟାଦୌ ଷଡ୍‌ଲଘୂନି ଗୁରୁଦ୍ୱୟମ୍ ॥
ଶୁଷ୍କାବକୃଷ୍ଟା ତୁ ଭବେତ୍କଲା ହ୍ୟଷ୍ଟୌ ପ୍ରମାଣତଃ ॥ ୧୦୮ ॥
ଯଥା—ଦିଗ୍ଲେ-ଦିଗ୍ଲେ ଝଣ୍ଟେ ଝଣ୍ଟେ ଜମ୍ବୁକବଳିତକ ତେତେକେନାମ୍ ।
କୃତ୍ୱା ଶୁଷ୍କାବକୃଷ୍ଟାଂ ତୁ ଯଥାବଦ୍ଦ୍ୱିଜସତ୍ତମାଃ ।
ତତଃ ଶ୍ଲୋକଂ ପଠେଦେକଂ ଗମ୍ଭୀରସ୍ୱରସଂଯୁତମ୍ ॥ ୧୦୯ ॥
ଦେବସ୍ତୋତ୍ରଂ ପୁରସ୍କୃତ୍ୟ ଯସ୍ୟ ପୂଜା ପ୍ରବର୍ତ୍ତତେ ।
ରାଜ୍ଞୋ ବା ଯସ୍ୟ ଭକ୍ତିଃ ସ୍ୟାଦଥବା ବ୍ରାହ୍ମଣସ୍ତବମ୍ ॥ ୧୧୦ ॥

ହେଉଲେଣି । ଏହି ସସାଗରା ପୃଥିବୀକୁ ମହାରାଜା ଶାସନ କରନ୍ତୁ । ରାଷ୍ଟ୍ର ପ୍ରବର୍ଦ୍ଧିତ ହେଉ । ଏହି ରଙ୍ଗ (ନାଟ୍ୟ) ସମୃଦ୍ଧିବାନ୍ ହେଉ । ପ୍ରେକ୍ଷକ (ଦର୍ଶକ) ମାନଙ୍କର ବେଦକଳ୍ପିତ ଧର୍ମଲାଭ ହେଉ । କାବ୍ୟ କର୍ତ୍ତାମାନେ ଯଶସ୍ୱୀ ହୁଅନ୍ତୁ ଓ ସେମାନଙ୍କର ଧର୍ମବୃଦ୍ଧି ହେଉ । ଏହି ଯଜ୍ଞ ଦ୍ୱାରା ଦେବତାମାନେ ପ୍ରୀତ ହୁଅନ୍ତୁ । ୧୦୩-୧୦୬ ।

ଏହି ନାନ୍ଦୀପାଠ ହେଉଥିବା ବେଳେ (ପ୍ରତି ପାଦ ଶେଷରେ) ପାରି-ପାର୍ଶ୍ୱିକ ଦୁହେଁ ଏହା ହେଉ ହେ ଆର୍ଯ୍ୟଗଣ ନମସ୍କାର କରୁଥିବେ । ମୁଁ ଯେଉଁପରି କହିଲି ସେହି ଲକ୍ଷଣରେ ନାନ୍ଦୀ କରିବି ବା । ତାପରେ ଜର୍ଜର ଶ୍ଲୋକ-ଦର୍ଶିତ ଶୁଷ୍କାବକୃଷ୍ଟ (ତନ୍ନାମକ ଧ୍ରୁବା) [illegible] କୁହାଯାଉଛି । ଏହାର ପ୍ରତି ପାଦରେ ଅଠରଗୋଟି ଅକ୍ଷର ରହିବ । ସେଥିମଧ୍ୟରୁ ପ୍ରଥମ ନଅ ଅକ୍ଷର ଗୁରୁ ତାପରେ ଛଅଗୋଟି ଲଘୁ ଓ ଶେଷ ତିନିଗୋଟି ଗୁରୁ । ଏହା ଆଠକଳା ବିଶିଷ୍ଟ ହେବ । ଯଥା—

ଝଣ୍ଟେ ଝଣ୍ଟେ ଦିଗ୍ଲେ ଦିଗ୍ଲେ ଜମ୍ବୁକବଳିତକ ତେତେକେ ନାମ୍ । ୧୦୭-୧୦୮ ।

ଏହି ପ୍ରକାର ଶୁଷ୍କାବକୃଷ୍ଟା କରସାରି ଗମ୍ଭୀର ସ୍ୱରରେ ଗୋଟିଏ ଶ୍ଳୋକ ପାଠ କରିବ । ଏହା ପୂଜନୀୟ ଦେବତାଙ୍କର ସ୍ତୁତି ହୋଇଥିବା ଉଚିତ । ଅଥବା

Digitized by srujanika@gmail.com

ବଦ୍ଧ୍ୱା ଜର୍ଜରଶ୍ଲୋକଂ ରଙ୍ଗଦ୍ୱାରେ ତତଃ ସ୍ଥିତଃ ।
ପଠେଦନ୍ୟଂ ପୁନଃ ଶ୍ଲୋକଂ ଜର୍ଜରସ୍ୟ ପ୍ରକାଶନମ୍ ॥ ୧୧୧ ॥
ଜର୍ଜରଂ ମାନୟିତ୍ୱା ତୁ ତତଶ୍ଚାରୀଂ ପ୍ରଯୋଜୟେତ୍ ।
ପାରିପାର୍ଶ୍ୱିକଯୋଶ୍ଚୈବ ପଶ୍ଚିମେନାପସର୍ପଣମ୍ । ୧୧୨ ।
ଅଡ୍ଡିତା ନାମ କର୍ତ୍ତବ୍ୟା ଧ୍ରୁବା ମଧ୍ୟଲୟାନ୍ୱିତା ।
ଚତୁର୍ଭିଃ ସନ୍ନିପାତୈସ୍ତୁ ଚତୁରଶ୍ରା ପ୍ରମାଣତଃ ॥ ୧୧୩ ॥
ଆଦ୍ୟମନ୍ତ୍ୟଂ ଚତୁର୍ଥଂ ଚ ପଞ୍ଚମଂ ଚ ତଥା ଗୁରୁ ।
ଯସ୍ୟାଂ ହ୍ରସ୍ୱାନି ଶେଷାଣି ସା ଜ୍ଞେୟା ହ୍ୟଡ୍ଡିତା ବୁଧୈଃ ॥ ୧୧୪ ।
ଅସ୍ୟାଃ ପ୍ରୟୋଗଂ ବକ୍ଷ୍ୟାମି ଯଥା ପୂର୍ବଂ ମହେଶ୍ୱରଃ ।
ସହୋମୟା କ୍ରୀଡ଼ିତବାନ୍ ନାନାଭାବବିଚେଷ୍ଟିତୈଃ ॥ ୧୧୫ ॥
କୃତ୍ୱାବହିତ୍ଥଂ ସ୍ଥାନଂ ତୁ ବାମଂ ଚାଧୋମୁଖଂ ଭୁଜଂ ।
ନାଭିପ୍ରଦେଶେ ବିନ୍ୟସ୍ୟ ଜର୍ଜରଂ ଚ ତୁଲାଧୃତମ୍ ॥ ୧୧୬ ॥
ବାମପକ୍ଷବ ହସ୍ତେନ ପାଦୈସ୍ତାଳାନ୍ତରସ୍ଥିତୈଃ ।
ଗଚ୍ଛେତ୍ପଞ୍ଚପଦଂ ଚୈବ ସବିଳାସାଙ୍ଗଚେଷ୍ଟିତୈଃ ॥ ୧୧୭ ॥

ରାଜ-ଭକ୍ତିର ଦ୍ୟୋତକ ହୋଇଥିବ କିମ୍ବା ବ୍ରାହ୍ମଣ ସ୍ତୁତିପରକ ହୋଇଥିବ । ରଙ୍ଗ-ଦ୍ୱାରରେ ଜର୍ଜର ଶ୍ଲୋକର ବନ୍ଦନା କରିସାରି ଜର୍ଜରର ପ୍ରକାଶନ (ବନ୍ଦାପନା) ପାଇଁ ପୁଣି ଗୋଟିଏ ଶ୍ଲୋକ ପାଠ କରିବ । ଜର୍ଜର ମାନନା (ଅର୍ଚ୍ଚନା) ପରେ 'ଚାରୀ' (ପାଦ ଚାଳେଣି) ପ୍ରୟୋଗ କରିବ । ଏହି ଅବସରରେ ପାରିପାର୍ଶ୍ୱିକ ଦୁହେଁ ପଶ୍ଚିମ ଦ୍ୱାରରେ ବାହାରିଯିବେ (ପଛକୁ ହଟିଯିବେ) । ୧୧୦-୧୧୨ ।

ତତ୍ପରେ ମଧ୍ୟଲୟରେ 'ଅଡ୍ଡିତା' ନାମକ ଧ୍ରୁବା ଚତୁରସ୍ର ତାଳରେ ଚାରିଗୋଟି 'ସନ୍ନିପାତ' ସହିତ ପାଠ କରାଯିବ । ଏହାର ଲକ୍ଷଣ ହେଉଛି— ଏଥିରେ ଆଦ୍ୟ, ଅନ୍ତ୍ୟ, ଚତୁର୍ଥ ଓ ପଞ୍ଚମ ଅକ୍ଷର ଗୁରୁ ହେବ, ଅନ୍ୟଗୁଡ଼ିକ ହ୍ରସ୍ୱ, ଚାରିପଦରେ ଏହି ନିୟମ ଅବଲମ୍ବନୀୟ । ଉମାଙ୍କ ସହ ମହେଶ୍ୱର ପୂର୍ବେ ନାନା ଭାବ ଭଙ୍ଗୀ ସହକାରେ ଯେଉଁପରି ଏହାକୁ ପ୍ରୟୋଗ କରିଥିଲେ ମୁଁ ସେହିପରି ଏହାର ପ୍ରୟୋଗ ବିଧି କହିବି । ୧୧୩-୧୧୫ ।

ଅବହିତ୍ଥ ସ୍ଥାନ କରି ଅର୍ଥାତ୍ ପାଦ ଦୁଇଟିକୁ ବିପର୍ଯ୍ୟସ୍ତଭାବେ ରଖି ଅଧୋମୁଖ ବାମଭୁଜ ଦ୍ୱାରା ନାଭିଦେଶରେ ବିନ୍ୟାସ କରି ଜର୍ଜରଦଣ୍ଡକୁ ତୁଳା-ଦଣ୍ଡପରି (ମଧ୍ୟଦେଶରେ) ବାମ ହସ୍ତରେ ଧାରଣ କରି ଏକତାଳ (ବିଷଣ୍ଡ) ଅନ୍ତରରେ ପାଦ ପକାଇ ପାଞ୍ଚ ପାଦୁଣ୍ଡ ପର୍ଯ୍ୟନ୍ତ ବିଳାସପୂର୍ଣ୍ଣ ଅଙ୍ଗଭଙ୍ଗୀରେ ଗତି କରିବ ।

Digitized by srujanika@gmail.com

ବାମବେଧସ୍ତୁ କର୍ତ୍ତବ୍ୟୋ ବିକ୍ଷେପୋ ଦକ୍ଷିଣସ୍ୟ ଚ ।
ଶୃଙ୍ଗାରରସସଂଯୁକ୍ତାଂ ପଠେଦାର୍ଯ୍ୟାଂ ବିଚକ୍ଷଣଃ ॥ ୧୧୮ ॥
ଶୁଷ୍କଶ୍ଳୋକେ ଗଦତ୍ୱା ତୁ କୃତ୍ୱା ଚ ପରିବର୍ତ୍ତନମ୍ ।
ତ୍ରିଭିରେବ ଚ ପଦୈଃ କାର୍ଯ୍ୟଂ ତସ୍ମିନ୍ନପସର୍ପଣମ୍ ॥ ୧୧୯ ।
ପାରିପାର୍ଶ୍ୱିକ ହସ୍ତେ ତୁ ନ୍ୟସ୍ୟ ଜର୍ଜରମୁତ୍ତମମ୍ ।
ମହାଚାରୀଂ ତତଶ୍ଚୈବ ପ୍ରଯୁଞ୍ଜୀତ ଯଥାବିଧି ॥ ୧୨୦ ॥
ଚତୁରଶ୍ରା ଧ୍ରୁବା ତତ୍ର ତଥା ଦ୍ରୁତଲୟାନ୍ୱିତା ।
ଚତୁର୍ଭି ସନ୍ନିପାତୈସ୍ତୁ କଲା ହ୍ୟଷ୍ଟୌ ପ୍ରମାଣତଃ ॥ ୧୨୧ ॥
ଆଦ୍ୟଂ ଚତୁର୍ଥମନ୍ତ୍ୟଂ ଚ ସପ୍ତମଂ ଦଶମଂ ଗୁରୁ ।
ଲଘୁଶେଷଂ ଧ୍ରୁବାପାଦେ ତ୍ରୈଷ୍ଟୁଭଂ ଚରଣେ ତଥା ॥ ୧୨୨ ॥

ଯଥା— ପାଦତଲାହତପାତିତଶୈଳଂ
କ୍ଷୋଭିତଭୂତସମଗ୍ରସମୁଦ୍ରମ୍ ।
ତାଣ୍ଡବନୃତ୍ତମିଦଂ ପ୍ରଳୟାନ୍ତେ
ପାତୁ ହରସ୍ୟ ସଦା ସୁଖଦାୟି ॥ ୧୨୩ ॥

ଏହି ସମୟରେ ବାମପାଦ ଦ୍ୱାରା 'ବେଧ' ଓ ଦକ୍ଷିଣ ପଦରେ 'ବିକ୍ଷେପ' କରିବ । ତତ୍ପରେ ବିଚକ୍ଷଣ (ସୂତ୍ରଧାର) ଶୃଙ୍ଗାର-ରସଯୁକ୍ତ ଶ୍ଳୋକ ପାଠ କରିବେ ।
। ୧୧୭–୧୧୮ ।

ଶ୍ଳୋକକୁ ବୁଝି (ତଦନୁସାରେ) ବୃତ୍ତ (ଶୃଙ୍ଗାର ଦ୍ୟୋତକ କୋମଳ ନୃତ୍ୟ) ପ୍ରୟୋଗ କରି ଶ୍ଳୋକର ପଦଗୁଡ଼ିକୁ ପରିବର୍ତ୍ତନ (ଆବୃତ୍ତି) କରିବ, (ତାଳ ସହିତ ଆବୃତ୍ତି) ତତ୍ପରେ ପୂର୍ବାଭିମୁଖ ହୋଇ ବାହାରିଯିବ । ପାରିପାର୍ଶ୍ୱିକ ଦ୍ୱୟଙ୍କ ହସ୍ତରେ ସେହି ଉତ୍ତମ ଜର୍ଜରକୁ ଦେଇ ବୀର ରସାତ୍ମକ ମହାଚାରୀ (ଉଦ୍ଧତ ନୃତ୍ୟ) ପ୍ରୟୋଗ କରିବ । ତତ୍ପରେ ଚତୁରସ୍ରା ଧ୍ରୁବା ଦ୍ରୁତ ଲୟରେ ଚାରିଗୋଟି ସନ୍ନିପାତ ସହ ଆଠକଳା ପ୍ରମାଣରେ ଗାନ କରିବ । ୧୧୯-୧୨୧ ।

ଏହାର ପ୍ରତିପାଦ ଏଗାର ଅକ୍ଷର ଏବଂ ପ୍ରତିପାଦର ଆଦ୍ୟ ଚତୁର୍ଥ, ଅନ୍ତ୍ୟ, ସପ୍ତମ, ଦଶମ, ଗୁରୁ ଅକ୍ଷର ହୁଏ ଏବଂ ଅନ୍ୟ ଅକ୍ଷର ଗୁଡ଼ିକ ଲଘୁ ହୁଏ ।

ଯଥା— ପାଦ-ତଳା-ହତ-ପାତିତ-ଶୈଳଂ
କ୍ଷୋଭିତ-ଭୂତ ସମଗ୍ର ସମୁଦ୍ରମ୍ ।

Digitized by srujanika@gmail.com

ଭ୍ରମଣ୍ଡୋଲନ୍ତେନ କଣ୍ଠିଦ୍ୱୟଂ ପାଦବିକ୍ଷେପଣଂ ତଥା ।
ସୂଚୀଂ କୃତ୍ୱା ପୁନଃ କୁର୍ଯ୍ୟାଦ୍ ବିକ୍ଷେପପରିବର୍ତ୍ତନମ୍ ।। ୧୨୪ ।।
ଅତିକ୍ରାନ୍ତୈଃ ସଲଲିତୈଃ ପାଦୈର୍ଦ୍ରୁତଲୟାଶ୍ରିତୈଃ ।
ନିତାଳାନ୍ତରମୁତ୍କ୍ଷେପୈର୍ଗଚ୍ଛେତ୍ ପଞ୍ଚପଦାଂ ତତଃ ।। ୧୨୫ ।।
ଅତ୍ରାପି ବାମବେଧସ୍ତୁ ବିକ୍ଷେପୋ ଦକ୍ଷିଣସ୍ୟ ଚ ।
ତଥୈବ ପଦୈଃ କାର୍ଯ୍ୟଂ ପ୍ରାଙ୍ମୁଖେନାପସର୍ପଣମ୍ ।। ୧୨୬ ।।
ପୁନଃ ପଦାନି ତ୍ରିଣ୍ୟେବ ଗଚ୍ଛେତ୍ ପ୍ରାଙ୍ମୁଖ ଏବ ତୁ ।
ତତସ୍ତୁ ବାମବେଧଃ ସ୍ୟାଦ୍ବିକ୍ଷେପୋ ଦକ୍ଷିଣସ୍ୟ ଚ ।। ୧୨୭ ।।
ତତୋ ରୌଦ୍ରରସଶ୍ଳୋକଂ ପାଦସଂହରଣଂ ପଠେତ୍ ।
ତସ୍ୟାନ୍ତେ ତୁ ଦ୍ୱିପଦ୍ୟାଶ୍ଚ ବ୍ୟାହରେତ୍ ପାର୍ଶ୍ୱପାର୍ଶ୍ୱିକୌ ।। ୧୨୮ ।।
ତତ୍ପ୍ରାଗ୍ଗମନଂ କାର୍ଯ୍ୟଂ ଗାନଂ ନର୍କୁଟକଂ ବୁଧୈଃ ।

ତାଣ୍ଡବ ନୃତ୍ୟମିଦଂ ପ୍ରଲସ୍ତାନ୍ତେ
ପାରୁ ହରସ୍ୟ ସଦା ସୁଖଦାୟୀ ।

ଏଥିରେ ଆଦ୍ୟ ଅକ୍ଷର 'ପା' ଗୁରୁ, ଚତୁର୍ଥ ଅକ୍ଷର 'ଲା' ଗୁରୁ, ସପ୍ତମ ଅକ୍ଷର 'ପା' ଗୁରୁ, ଶେଷ ଅକ୍ଷର ଦୁଇଟି 'ଶୌ' 'ଲ' ଗୁରୁ ଅନ୍ୟ ବର୍ଣ୍ଣ ଗୁଡ଼ିକ ଲଘୁ, ବୃତ୍ତେରି-ଯାନ ପାଦରେ ଏହି ଗୀତ ଅନୁସୃତ ହୋଇଛି । ୧୨୨-୧୨୩ ।

ତତ୍ପରେ ବାଦ୍ୟଖଣ୍ଡ ଆଡ଼କୁ ପାଦକ୍ଷେପ କରାଯିବ । ଏଥିରେ 'ସୂଚୀ' ହୋଇପରେ ବିକ୍ଷେପ ଓ ପରିବର୍ତ୍ତନ କରାଯିବ । (ଅନ୍ୟ ମତରେ ବିକ୍ଷେପର ପରିବର୍ତ୍ତନ) । ପାଦ ପରେ ପାଦ ପକାଇ ଚାଲିଯିବାବେଳେ ଦ୍ରୁତ ଲୟ ଅନୁସରଣ କରି 'ଲଳିତ' ଭଙ୍ଗୀରେ ଗତି କରିବ । ପାଦ ପକାଇ ତିନି ତାଳ ଉପରକୁ ପୁଣି ଉଠାଇବ । ଏହି ପ୍ରକାର ପାଞ୍ଚପାଦ ଗମନ କରିବ । ଏଥିରେ ମଧ୍ୟ ବାମପାଦରେ 'ବେଧ' ଓ ଦକ୍ଷିଣ ପାଦରେ 'ବିକ୍ଷେପ' ଅବଲମ୍ବନ କରିବ । ସେହିପରି ପାଦପକାଇ ପୂର୍ବମୁଖ ହୋଇ ଫେରିଆସିବ । ୧୨୪-୧୨୬ ।

ପୁନଃ ତିନିପାଦ ପକାଇ ପୂର୍ବମୁଖ ହୋଇ ଗତି କରିବ । ଏଥିରେ ବାମ ପାଦରେ 'ବେଧ' ଓ ଦକ୍ଷିଣ ପାଦରେ 'ବିକ୍ଷେପ' କରାଯିବ । ତତ୍ପରେ ରୌଦ୍ର-ରସ ବ୍ୟଞ୍ଜକ ଶ୍ଳୋକ ପାଠ କରିବ । ତାହା ଶେଷ ହେଲେ ପାର୍ଶ୍ୱପାର୍ଶ୍ୱିକଦ୍ୱୟ ଦ୍ୱିପଦୀ ନାମରେ କଥା କହିବ । ସେ ଦୁହେଁ ନର୍କୁଟକ ଗତିରେ (କୁଞ୍ଚିତ ଅଗ୍ରପାଦରେ ଗତି କରି) ଆଗମନ କରି ବା ନର୍କୁଟକ ତାଳରେ ଗାନ କରିବେ । ଏଥିରେ ମଧ୍ୟ

Digitized by srujanika@gmail.com

ତଥା ଚ ଭାରତୀଭେଦେ ତ୍ରିଗତଂ ସଂପ୍ରୟୋଜୟେତ୍ ।। ୧୨୯ ।।
ବିଦୂଷକସ୍ତ୍ୱେକପଦାଂ ସୂତ୍ରଧାରସ୍ମିତାବହାମ୍ ।
ଅସମ୍ବଦ୍ଧକଥାପ୍ରାୟାଂ କୁର୍ଯ୍ୟାତ୍ କଥନିକାଂ ତତଃ ।। ୧୩୦ ।।
ବିତଣ୍ଡାଂ ଗଣ୍ଡସଂଯୁକ୍ତାଂ ନାମିକାଂ (ନାଳୀକାଂ) ସଂପ୍ରୟୋଜୟେତ୍ ।
କସ୍ତିଷ୍ଠତି ଜିତଂ କେନେତ୍ୟାଦିକାବ୍ୟପ୍ରରୂପିଣୀମ୍ ।। ୧୩୧ ।।
ପ୍ରରୋଚନା ଚ କର୍ତ୍ତବ୍ୟା ସିଦ୍ଧେନୋପନିମନ୍ତ୍ରଣାମ୍ ।
ରଙ୍ଗସିଦ୍ଧୌ ପୁନଃ କାର୍ଯ୍ୟଂ କାବ୍ୟବସ୍ତୁନିରୂପଣମ୍ ।। ୧୩୨ ।।
ଏବମେବ ବିଧିଂ କୃତ୍ୱା ସୂଚୀବେଧକୃତୈରଥ ।
ପାଦୈରନାବିଦ୍ଧଗତୈର୍ନିଷ୍କ୍ରାମେୟୁଃ ସମଂ ତ୍ରୟଃ ।। ୧୩୩ ।।

ବାମ ପାଦର 'ବୈଧ' ଓ ଦକ୍ଷିଣ ପାଦର 'ବିକ୍ଷେପ' ପୂର୍ବପରି କରିସିବ । ତହୁଁ ଭାରତୀ-ଭେଦରେ ତ୍ରିଗତର ପ୍ରୟୋଗ କରିବ । (ଅର୍ଥାତ୍ ସୂତ୍ରଧର ପାରିପାର୍ଶ୍ୱିକ ଓ ଭୃଙ୍ଗାରଧାରକ ଏ ତିନହେଁ ପରସ୍ପର କଥୋପକଥନ କରିବେ) । ୧୨୭-୧୨୯ ।

ବିଦୂଷକ ସୂତ୍ରଧାରଙ୍କ ହସକାଉ ଲାଗିଲାଭଳି ଏକପଦ ବିଶିଷ୍ଟ ଅସମ୍ବଦ୍ଧତା ବହୁଳ କଥନିକା (ବଚନିକା) ଆରମ୍ଭ କରିବେ । ଉକ୍ତିପ୍ରତ୍ୟୁକ୍ତି କରିବେ । ଏହି ବଚନିକା ବିତଣ୍ଡାଯୁକ୍ତ (ପରପକ୍ଷ ମତକୁ ଯୁକ୍ତିହୀନ ଭାବେ ଖଣ୍ଡନ କରିବା) ଗଣ୍ଡ (ଅନ୍ୟ ଅର୍ଥରେ ପ୍ରଯୁକ୍ତ ପଦକୁ ଧରି ତାହାର ଅସଙ୍ଗତ ଅର୍ଥ କରିବା) ଯୁକ୍ତ ନାମିକା (ନାଳିକା) ପ୍ରୟୋଗ କରିବ । (ବି.ଦ୍ର.-ସୂତ୍ରଧାର, ବିଦୂଷକ ଓ ଭୃଙ୍ଗାର-ଧାରକ ତିନହେଁ ଏକତ୍ର ଅବସ୍ଥିତ ଥାଇ ପରସ୍ପର କଥାବାର୍ତ୍ତା ହେଲେ ତାହାକୁ ତ୍ରିଗତ କହନ୍ତି । ପ୍ରଥମେ ବିଦୂଷକ ହାସ୍ୟ ଉତ୍ପାଦକ କଥା ସୂତ୍ରଧାରକୁ କହିବେ, କିଏ ଅଛି ? କିଏ ଜିଣିଛି ? ଏହି ପ୍ରକାର ଅସଂଗତ କଥା କହିବ, (ତହିଁରେ ଭୃଙ୍ଗାର-ଧାରକ କହିବ, ଅକାରଣରେ ଏପରି ଗୁଡ଼ାଏ ଅସଂଗତ କଥା କାହିଁକି କହୁଛ ? ଏହା ଶୁଣି ମହନ୍ତ ଲୋକେ ହସୁଛନ୍ତି, ସଂଗତ କଥା କହ, ତୁମ୍ଭ ଦୁହିଁଙ୍କ ମଧ୍ୟରେ ବିବାଦ ହେଉ, ଏମାନେ ସମାଧାନ କରନ୍ତୁ, ଏହା ସୂତ୍ରଧାର କହି ପ୍ରସ୍ତାବନା ଆରମ୍ଭ କରିବେ) । ୧୩୦-୧୩୧ ।

ଏହାପରେ ପ୍ରରୋଚନା ଓ ଉପନିମନ୍ତ୍ରଣା କରିସିବ, (ପ୍ରରୋଚନା—ବର୍ଣ୍ଣନୀୟ ବସ୍ତୁର ଗୁଣ ପ୍ରଶଂସା କରି ଦର୍ଶକମାନଙ୍କର ଶୁଣିବା ଓ ଦେଖିବା ଇଚ୍ଛାକୁ ପ୍ରବର୍ଦ୍ଧିତ କରାଇବା) ପୂର୍ବରଙ୍ଗ ସିଦ୍ଧି ହେବାରୁ ବିଷୟବସ୍ତୁ ନିରୂପଣ କରିବ । ଏହି ପ୍ରକାରେ ସମସ୍ତ କାର୍ଯ୍ୟ କରିସାରି ସେ ତିନହେଁ ସୂଚୀବେଧ ପାଦରେ ଅପବିଦ୍ଧ ଗତି କରି ଏକକାଳରେ ରଙ୍ଗପୀଠରୁ ବାହାରିଯିବେ । (ନିଷ୍କ୍ରାନ୍ତ କରିବେ) ।
। ୧୩୨-୧୩୩ ।

Digitized by srujanika@gmail.com

ଏବମେବ ପ୍ରୟୋକ୍ତବ୍ୟଃ ପୂର୍ବରଙ୍ଗୋ ଯଥାବିଧି ।
ଚତୁରସ୍ରୋ ଦ୍ୱିଜଶ୍ରେଷ୍ଠାସ୍ତ୍ର୍ୟସ୍ରଂ ତ୍ୱପି ନିବୋଧତ ॥ ୧୩୪ ॥
ଅୟମେବ ପ୍ରୟୋଗଃ ସ୍ୟାଦଙ୍ଗାନ୍ୟେତାନି ଚୈବ ହି ।
ତାଳପ୍ରମାଣଂ କ୍ଷିପ୍ତଂ କେବଳଂ ତୁ ବିଶେଷତଃ ॥ ୧୩୫ ॥
ଶମ୍ୟା ତୁ ଦ୍ୱିକଳା କାର୍ଯ୍ୟା ତାଳୋ ହ୍ୟେକକଳସ୍ତଥା ।
ପୁନଶ୍ଚୈକକଳା ଶମ୍ୟା ସନ୍ନିପାତଃ କଳାଦ୍ୱୟମ୍ ॥ ୧୩୬ ॥
ଅନେନ ହି ପ୍ରମାଣେନ କଳାତାଳଲୟାନ୍ୱିତଃ ।
କର୍ତ୍ତବ୍ୟଃ ପୂର୍ବରଙ୍ଗସ୍ତୁ ତ୍ର୍ୟସ୍ରୋଽଭ୍ୟୁତ୍ଥାପନାଦିକଃ ॥ ୧୩୭ ॥
ଆଦ୍ୟଂ ଚତୁର୍ଥଂ ଦଶମମଷ୍ଟମଂ ନୈଧନଂ ଗୁରୁ ।
ଯସ୍ୟାସ୍ତୁ ଜାୟତେ ପାଦେ ସା ତ୍ର୍ୟସ୍ରୋତ୍ଥାପନୀ ଧ୍ରୁବା ॥ ୧୩୮ ॥
ବାଦ୍ୟଂ ଗତିପ୍ରଚାରଶ୍ଚ ଧ୍ରୁବା ତାଳସ୍ତଥୈବ ଚ ।
ସଂକ୍ଷିପ୍ତାନ୍ୟତ୍ର କାର୍ଯ୍ୟାଣି ତ୍ର୍ୟସ୍ରେ ନୃତ୍ୟପ୍ରବର୍ତ୍ତକୈଃ ॥ ୧୩୯ ॥
ବାଦ୍ୟଗୀତପ୍ରମାଣେନ କୁର୍ଯ୍ୟାଦଙ୍ଗବିଚେଷ୍ଟିତମ୍ ।
ବିସ୍ତୀର୍ଣ୍ଣମଥସଂକ୍ଷିପ୍ତଂ ପ୍ରମାଣଂ ଚ ବିନିର୍ମିତମ୍ ॥ ୧୪୦ ॥
ହସ୍ତପାଦପ୍ରଚାରସ୍ତୁ ଦ୍ୱିକଳଂ ପରିକୀର୍ତ୍ତିତଃ ।
ଚତୁରସ୍ରେ ପରିବର୍ତ୍ତେ ପାତାଃ ସ୍ୟୁଃ ଷୋଡ଼ଶୈବ ତୁ ॥ ୧୪୧ ॥

ଏହି ବିଧିରେ ଚତୁରସ୍ର ପୂର୍ବରଙ୍ଗର ପ୍ରୟୋଗ କରାଯିବ । ଏବେ ତ୍ର୍ୟସ୍ର ପୂର୍ବରଙ୍ଗ ବିଧି ଶ୍ରବଣ କର । ଚତୁରସ୍ର ପୂର୍ବରଙ୍ଗରେ ଯେଉଁ ବିଧି ଯେଉଁ ଅଙ୍ଗର ଯେପରି ବିଧାନ କୁହାଗଲା ତ୍ର୍ୟସ୍ରରେ ସେଗୁଡ଼ିକ କରାଯିବ । କେବଳ ତାଳ ପରିମାଣରେ ଏହାର ଭେଦ ଅଛି । ତ୍ର୍ୟସ୍ର ପୂର୍ବରଙ୍ଗରେ 'ଶମ୍ୟା'—ଦୁଇକଳା ବିଶିଷ୍ଟ, ତାଳ—ଏକକଳା ବିଶିଷ୍ଟ, ପୁଣି ଶମ୍ୟା—ଏକ କଳା ବିଶିଷ୍ଟ, ସନ୍ନିପାତ ଦୁଇକଳା ବିଶିଷ୍ଟ, ହୋଇ ପ୍ରଯୁକ୍ତ ହେବ । ୧୩୪-୧୩୬ ।

ଏହି ପରିମାଣ ଅନୁସାରେ କଳା, ତାଳ, ଓ ଲୟ ପ୍ରଯୁକ୍ତ ହେବ, ଏହି ପ୍ରକାର ତ୍ର୍ୟସ୍ର ପୂର୍ବରଙ୍ଗ ଉତ୍ଥାପନାଦି ଅଙ୍ଗସହ କରାଯିବ । ତ୍ର୍ୟସ୍ରର ଉତ୍ଥାପନୀ ଧ୍ରୁବାରେ ଆଦ୍ୟ, ଚତୁର୍ଥ, ଅଷ୍ଟମ, ଦଶମ, ଓ ଅନ୍ତ୍ୟବର୍ଣ୍ଣ ଗୁରୁ ହୁଏ । ବାଦ୍ୟ, ଗତି ପ୍ରଚାର, ଧ୍ରୁବା ତାଳ, ଏ ସମସ୍ତକୁ ନୃତ୍ତବିଦ୍‌ମାନେ ତ୍ର୍ୟସ୍ର ପୂର୍ବରଙ୍ଗରେ ସଂକ୍ଷେପରେ କରିଥାନ୍ତି । ବାଦ୍ୟ ଓ ଗୀତର (ତାଳ) ପରିମାଣ ଅନୁସାରେ କାର୍ଯ୍ୟ ଚେଷ୍ଟା ପ୍ରକୃତ ବିସ୍ତୀର୍ଣ୍ଣ ହେବ କି ସଂକ୍ଷେପ ହେବ ତାହା ନିର୍ଦ୍ଦିଷ୍ଟ ହୋଇଥାଏ । ୧୩୭-୧୪୦ ।

Digitized by srujanika@gmail.com

ହସ୍ତେ ଦ୍ୱାଦଶପୋତାଃ ସ୍ୟୁ ଭବନ୍ତି କରପାଦୟୋଃ ।
ଏତତ୍ ପ୍ରମାଣଂ ବିଜ୍ଞେୟମୁଭୟୋଃ ପୂର୍ବରଙ୍ଗୟୋଃ ॥ ୧୪୨ ॥
କେବଲଂ ପରିବର୍ତ୍ତେ ତୁ ଗମନେ ଷିପଦୀ ଭବେତ୍ ।
ଦଶ୍ବନ୍ଧନେ ପଞ୍ଚପଦା ଚତୁରସ୍ରେ ବିଧୀୟତେ ॥ ୧୪୩ ॥
ଆଚାର୍ଯ୍ୟବୁଦ୍ଧ୍ୟା କର୍ତ୍ତବ୍ୟସ୍ତସ୍ତ୍ରକଲ୍କୈଃ ପ୍ରମାଣତଃ ।
ତସ୍ମାନ୍ନ ଲକ୍ଷଣଂ ପ୍ରୋକ୍ତଂ ପୁନରୁକ୍ତଂ ଭବେଦ୍ୟତଃ ॥ ୧୪୪ ॥
ଏବଂ ତାବଦୟଂ ଶୁଦ୍ଧଃ ପୂର୍ବରଙ୍ଗ ମୟୋଦିତଃ ।
ଚିତ୍ରମସ୍ୟ ତୁ ଯୋଽପି ତଥାକାର୍ଯ୍ୟଂ ନିବୋଧତ ॥ ୧୪୫ ॥
କୃତେ ତୁତ୍ଥାପନେ ଯତ୍ର ଚାରୀ କୃତେ ଚ ପରିବର୍ତ୍ତନେ ।
ଚତୁର୍ଥକାରଦେଶସ୍ତଃ ସୁମନୋଽଭିବଲଙ୍କୃତେ ॥ ୧୪୬ ॥
ଉଦାତ୍ତଗାତ୍ରନିର୍ଗନ୍ଧର୍ବୈଃ ପରିଗୀତିଃ ପ୍ରମାଣତଃ ।
ଦେବଦୁନ୍ଦୁଭୟଃ ସ୍ତୁତ୍ର ନିନଦେୟୁର୍ଭୃଶଂ ତତଃ ॥ ୧୪୭ ॥
ଶୁଦ୍ଧାଃ କୁସୁମମାଲାଭିର୍ବିକିରନ୍ତ୍ୟଃ ସମନ୍ତତଃ ।
ଅଙ୍ଗହାରୈଶ୍ଚ ଦେବ୍ୟଶ୍ଚ ନୃତ୍ୟନ୍ତ୍ୟାସନ୍ୟାସସଂଯୁତାଃ ॥ ୧୪୮ ।

ହାତ ଓ ପାଦର ଗତ (ପଗ୍ଭର) ବାରକଲା ପରିମିତ ହୁଏ । ଚତୁରସ୍ର ପୂର୍ବରଙ୍ଗରେ ପରିକ୍ରମ ଷୋହଳ ଗୋଟି ପାଦ ବିଶିଷ୍ଟ ହୋଇଥାଏ । କିନ୍ତୁ ତ୍ୟସ୍ରରେ ତାହା ବାରପଦ ବିଶିଷ୍ଟ ହୋଇଥାଏ । ଉଭୟବିଧ ପୂର୍ବରଙ୍ଗରେ ଏହି ପ୍ରମାଣ (ତାଳ, କଳାଦିର ନିୟମ) ନିର୍ଦ୍ଦିଷ୍ଟ ହୋଇଅଛି । କେବଳ 'ପରିବର୍ତ୍ତ' ସ୍ଥଳରେ 'ତ୍ରିପଦୀ' (ତିନିପାଦ) ଗମନ କରାଯାଏ । ଚତୁରସ୍ରରେ ଦଶ୍ବନ୍ଧନ କ୍ରିୟାରେ ପଞ୍ଚପାଦ ଗମନ କରାଯିବାର ବିଧି । ନାଟ୍ୟାଚାର୍ଯ୍ୟଙ୍କଠାରୁ ବୁଝି ତ୍ୟସ୍ର, ତାଳର ପରିମାଣ (କାଳଗତ ପରିମାଣ) ଅନୁସାରେ ଏହା କରିବ । ପୁନରୁକ୍ତ ହେବ ବୋଲି ଏଠାରେ ଆଉ ଉପରେ ଲକ୍ଷଣ କୁହାଗଲା ନାହିଁ । ୧୪୧-୧୪୪ ।

ଏପର୍ଯ୍ୟନ୍ତ ଶୁଦ୍ଧ ପୂର୍ବରଙ୍ଗ ବିଷୟରେ କୁହାଗଲା । ଏହାକୁ କିପରି ଚିତ୍ର-ପୂର୍ବରଙ୍ଗରେ ପରିଣତ କରାଯାଏ ତାକୁ କହୁଅଛୁ । ପ୍ରଥମେ ଉତ୍ଥାପନ, ତତ୍ପରେ ପରିବର୍ତ୍ତନ ତତ୍ପରେ ଚତୁର୍ଥ ବାଦ୍ୟଦ୍ୱାର ପ୍ରଦେଶ ପୁଷ୍ପରେ ଅଳଂକୃତ କରିସାରି ଉଚ୍ଚ-ସ୍ୱରରେ ଗନ୍ଧର୍ବ ଗାନ (ମନ୍ଦ୍ରର ଗାନ) ର ପରିଗୀତ (ପ୍ରମାଣ, ବିଧି ଅନୁସାରେ କରିବ । ତତ୍ପରେ ଦେବ ଦୁନ୍ଦୁଭି ଘନ ଘନ ବାଜିବ । ଦେବତାମାନେ (ଚନ୍ଦ୍ର ପ୍ରଧାନଶୀ ନର୍ତ୍ତକୀ) ଗୁରୁଆଡ଼େ ଫୁଲମାଳ ବିକ୍ଷେପ କରିବେ । ଏହିପରି ଚିତ୍ରପୂର୍ବରଙ୍ଗ ହୁଏ ।

Digitized by srujanika@gmail.com

ନାନ୍ଦୀପଦାନାଂ ମଧ୍ୟେ ତୁ ଏକୈକସ୍ମିନ୍ ପୃଥକ୍ ପୃଥକ୍ ।
ପ୍ରଯୋକ୍ତବ୍ୟା ବୁଧୈଃ ସମ୍ୟକ୍‌ଚିତ୍ରବଦଙ୍ଗହାରଭିଃ ।। ୧୪୯ ।।
ଏବଂ କୃତ୍ୱା ଯଥାନ୍ୟାୟ୍ୟଂ ଶୁଦ୍ଧଂ ଚିତ୍ରଂ ପ୍ରଯତ୍ନତଃ ।
ତତସ୍ତ୍ୱନ୍ତର୍ହିତାଃ ସର୍ବା ର୍ଭବେୟୁର୍ଦ୍ଦିବ୍ୟଯୋଷିତଃ ।। ୧୫୦ ।।
ନିଷ୍କ୍ରାନ୍ତାସୁ ଚ ସର୍ବାସୁ ନର୍ତ୍ତକୀଷୁ ତତଃ ପରମ୍ ।
ପୂର୍ବରଙ୍ଗେ ପ୍ରୟୋକ୍ତବ୍ୟମଙ୍ଗଜାତିମତଃ ପରମ୍ ।। ୧୫୧ ।।
ପ୍ରସ୍ତାବନାଃ ତତଃ କୁର୍ଯ୍ୟାତ୍ କାବ୍ୟସ୍ଥାପନାଶ୍ରୟାମ୍ ।
ଏବଂ ଶୁଦ୍ଧୋ ଭବେଦେଷଃ ପୂର୍ବରଙ୍ଗୋ ବିଧାନତଃ ।। ୧୫୨ ।।
ଏବମେଷ ପ୍ରୟୋକ୍ତବ୍ୟଃ ପୂର୍ବରଙ୍ଗୋ ଦ୍ୱିଜୋତ୍ତମାଃ ।
ଚିତ୍ରଶ୍ଚ ଚତୁରସ୍ରଶ୍ଚ ଶୁଦ୍ଧୋ ଭବତ୍ୟୁପଶ୍ରୟଃ ।। ୧୫୩ ।।
ଏବଂ ତାବଦୟଂ ଶୁଦ୍ଧଃ ପୂର୍ବରଙ୍ଗୋ ମୟୋଦିତଃ ।
ଚିତ୍ରମସ୍ୟ ବକ୍ଷ୍ୟାମି ଯଥାକାର୍ଯ୍ୟଂ ପ୍ରୟୋକ୍ତୃଭିଃ ।। ୧୫୪ ।।
କାର୍ଯ୍ୟୋ ନାତିପ୍ରସଙ୍ଗୋଽତ୍ର ଗୀତନୃତ୍ତବିଧିଂ ପ୍ରତି ।
ଗୀତେ ବାଦ୍ୟେ ଚ ନୃତ୍ତେ ଚ ପ୍ରବୃତ୍ତେଽତିପ୍ରସଙ୍ଗତଃ ।। ୧୫୫ ।।
ଖେଦୋ ଭବେତ୍‌ପ୍ରୟୋକ୍ତୃଣାଂ ପ୍ରେକ୍ଷକାଣାଂ ତଥୈବ ଚ ।

ଯେଉଁ ନ୍ୟାସ ଓ ଅପନ୍ୟାସ (ଗୀତର ଅନ୍ତସ୍ୱର ନ୍ୟାସ ଓ ମଧ୍ୟସ୍ୱର ଅପନ୍ୟାସ) ତଥା ଅଙ୍ଗହାର ଯୁକ୍ତ ହୋଇଥାଏ, ତାହା ଚିତ୍ର ନାମରେ ଅଭିହିତ ହୁଏ ।

। ୧୪୫-୧୪୮ ।

ଚିତ୍ର ପୂର୍ବରଙ୍ଗରେ ନାନ୍ଦୀ ଶ୍ଳୋକର ପ୍ରତିପାଦର ଶେଷରେ ପୃଥକ୍ ପୃଥକ୍ ଅଙ୍ଗହାରଗୁଡ଼ିକର ପ୍ରୟୋଗ କରାଯିବ । ଏହି ପ୍ରକାରେ ଯଥାବିଧି ଚିତ୍ର ଓ ଶୁଦ୍ଧ ପୂର୍ବରଙ୍ଗକୁ ଯତ୍ନ ସହକାରେ ସମ୍ପାଦନ କରି ଦିବ୍ୟ ସ୍ତ୍ରୀମାନେ (ଦେବବାଳାମାନେ) ଅନ୍ତର୍ହିତ ହୋଇଯିବେ । ସମସ୍ତ ନର୍ତ୍ତକୀ ନିଷ୍କ୍ରାନ୍ତ ହୋଇଗଲା ପରେ ପୂର୍ବରଙ୍ଗର ଅଙ୍ଗ ଗୁଡ଼ିକୁ ପ୍ରୟୋଗ କରାଯିବ । ଦ୍ୱିଜଶ୍ରେଷ୍ଠମାନେ ! ଏହିପ୍ରକାରେ ଶୁଦ୍ଧ ଓ ଚିତ୍ର ପୂର୍ବରଙ୍ଗର ପ୍ରୟୋଗ ହେବ । ଭାରତୀବୃତ୍ତିକୁ ଅବଲମ୍ବନ କରିଥିବା ଶୁଦ୍ଧ ଚତୁରସ୍ର ପୂର୍ବରଙ୍ଗ କଥା ଏହିପ୍ରକାରେ କହିଲି । ପ୍ରୟୋକ୍ତାମାନେ ଚିତ୍ର ପୂର୍ବରଙ୍ଗକୁ କିପରି କରିବେ ଏଠାରେ ତାହା କହୁଛି । ୧୪୯-୧୫୪ ।

ଏଥିରେ ଗୀତ ଓ ନୃତ୍ୟାଦିକୁ ଅଧିକ ବଢାଇବ ନାହିଁ । (ପ୍ରସଙ୍ଗାତି-ରିକ୍ତ କରିବ ନାହିଁ) । ପ୍ରସଙ୍ଗାତିରିକ୍ତ ଭାବେ ଗୀତ, ବାଦ୍ୟ ଓ ନୃତ୍ୟ ଅନୁଷ୍ଠିତ

Digitized by srujanika@gmail.com

ଖିନ୍ନାନାଂ ରସଗ୍ରହେଷୁ ସ୍ପୃହୟା ନୋପଜାୟତେ ॥ ୧୫୬ ॥
ଅତଃ ଶେଷପ୍ରୟୋଗସ୍ତୁ ନ ରାଗଜନକୋ ଭବେତ୍ ।
କାଂଶ୍ୟଂ ବା ଚତୁରଶ୍ରଂ ବା ଶୁଦ୍ଧଂ ଛନ୍ନମଥାପି ବା ॥ ୧୫୭ ॥
ପ୍ରୟୁଜ୍ୟ ରଙ୍ଗାନ୍ନିଷ୍କ୍ରାମେତ୍ ସୂତ୍ରଧାରଃ ସହାନୁଗଃ ।
ସ୍ଥାପକଃ ପ୍ରବିଶେତ୍ତତ୍ର ସୂତ୍ରଧାରଗୁଣାକୃତିଃ ॥ ୧୫୮ ॥
ସ୍ଥାନଂ ତୁ ବୈଷ୍ଣବଂ କୃତ୍ୱା ସୌଷ୍ଠବାଙ୍ଗପୁରସ୍କୃତମ୍ ।
ପ୍ରବିଶ୍ୟ ରଙ୍ଗଂ ତେନୈବ ସୂତ୍ରଧାରପଦୈର୍ବ୍ରଜେତ୍ ॥ ୧୫୯ ॥
ସ୍ଥାପକସ୍ୟ ପ୍ରବେଶେ ତୁ କର୍ତ୍ତବ୍ୟାର୍ଥାନୁଗା ଧ୍ରୁବା ।
ଚତୁରଶ୍ରାଥ ତ୍ୟଶ୍ରା ବା ତଥା ମଧ୍ୟଲୟାଶ୍ରିତା ॥ ୧୬୦ ॥
କୁର୍ଯ୍ୟାଦନନ୍ତରଞ୍ଚାସ୍ୟ ଚ ଦେବବ୍ରାହ୍ମଣଶଂସିନୀମ୍ ।
ସୁବାକ୍ୟମଧୁରୈଃ ଶ୍ଳୋକୈର୍ନାନାଭାବରସାନ୍ୱିତୈଃ ॥ ୧୬୧ ॥
ପ୍ରସାଦ୍ୟ ରଙ୍ଗଂ ବିଧିବତ୍ କବେର୍ନାମ ଚ କୀର୍ତ୍ତୟେତ୍ ।
ଦିବ୍ୟେ ଦିବ୍ୟାଶ୍ରୟୋ ଭୂତ୍ୱା ମାନୁଷେ ମାନୁଷାଶ୍ରୟଃ ॥ ୧୬୨ ॥

ହେଲେ ଅଭିନେତାମାନଙ୍କର ତଥା ଦର୍ଶକମାନଙ୍କର ଖେଦ (କ୍ଳାନ୍ତି) ଜାତ ହୁଏ । ଖେଦଗ୍ରସ୍ତ ଅଭିନେତାମାନଙ୍କର (ଅଭିନୟରେ) ରସ, ଭାବ ପ୍ରଭୃତି ପରିସ୍ଫୁଟ ହୁଏ ନାହିଁ । ଫଳତଃ ଅବଶିଷ୍ଟ ଅଭିନୟ ବସ୍ତୁ ଦର୍ଶକମାନଙ୍କର ରାଗ (ପ୍ରୀତି) ଜାତ କରାଇ ପାରେ ନାହିଁ । ଶୁଦ୍ଧ ହେଉ ବା ଛନ୍ନ ହେଉ, ତ୍ୟଶ୍ର ହେଉ ବା ଚତୁରଶ୍ର ହେଉ, ତାହାର ପ୍ରୟୋଗ ସରିଲେ ସୂତ୍ରଧାର ନିଜର ଅନୁଗାମୀମାନଙ୍କ ସହ ରଙ୍ଗପୀଠରୁ ବାହାରିଯିବେ । ୧୫୫-୧୫୭ ।

ଏହି ଉତ୍ତାରେ ଅଭିନୟ ସହିତ ପୂର୍ବରଙ୍ଗ ପ୍ରୟୋଗ କରିସାରି ସୂତ୍ରଧାରଙ୍କର ଗୁଣ ଏବଂ ଆକୃତି ସହିତ ତୁଲ୍ୟଗୁଣ ଆକୃତି ବିଶିଷ୍ଟ ସ୍ଥାପକ ରଙ୍ଗଭୂମିରେ ପ୍ରବେଶ କରିବେ । ବୈଷ୍ଣବ ସ୍ଥାନ ଅବଲମ୍ବନ କରି ସୌଷ୍ଠବାଙ୍ଗ ପୂର୍ବକ ରଙ୍ଗ ମଧ୍ୟରେ ପ୍ରବେଶ କରି ସୂତ୍ରଧାର ପରି ପାଦକ୍ଷେପ କରିଯିବେ । ସ୍ଥାପକର ପ୍ରବେଶ କାଳରେ ଯେଉଁ ଧ୍ରୁବା ଗୀତ ହେବ, ତାହା ତ୍ୟଶ୍ର ବା ଚତୁରଶ୍ର ହୋଇଥିବ ଏବଂ ମଧ୍ୟଲୟ ବିଶିଷ୍ଟ ହେବ । ୧୫୮-୧୬୦ ।

ଦେବତା ଓ ବ୍ରାହ୍ମଣଙ୍କର ସୂଚକ ଅନନ୍ତର ସ୍ତୁତି ଅବଲମ୍ବନ କରି ନାନାଭାବ ଓ ରସ ସମନ୍ୱିତ ମଧୁରାକ୍ଷର ଶ୍ଳୋକ ଦ୍ୱାରା ରଙ୍ଗସ୍ଥ-ଦର୍ଶକ-ମାନଙ୍କୁ ପ୍ରସନ୍ନ କରାଇ ଉତ୍ତାରେ କବିଙ୍କର ନାମ କୀର୍ତ୍ତନ କରିବେ । ତତ୍ପରେ କାବ୍ୟ ବସ୍ତୁର ସୂଚକ ପ୍ରସ୍ତାବନା କରାଯିବ । ଦିବ୍ୟ ନାୟିକାଦିଙ୍କୁ ଅବଲମ୍ବନ କରୁଥିଲେ, ଦିବ୍ୟ ମନୁଷ୍ୟଙ୍କୁ ଅବଲମ୍ବନ

Digitized by srujanika@gmail.com

ଦିବ୍ୟମାନୁଷସଂଯୋଗୋ ଦିବ୍ୟୋ ବା ମାନୁଷୋଽପି ବା ।
ମୁଖବୀଜାନୁବୃତ୍ତଂ ଚ ନାନାମାର୍ଗସମାଶ୍ରୟମ୍ ॥ ୧୬୩ ॥
ନାନାବୈଚିତ୍ର୍ୟୋପକ୍ଷେପୈଃ କାବ୍ୟୋପକ୍ଷେପଣଂ ଭବେତ୍ ।
ପ୍ରସ୍ତାବ୍ୟୈବଂ ତୁ ନିଷ୍କ୍ରାମେତ କାବ୍ୟପ୍ରସ୍ତାବକୋ ଦ୍ୱିଜଃ ॥ ୧୬୪ ॥
ଏବମେବ ପ୍ରୟୋକ୍ତବ୍ୟଃ ପୂର୍ବରଙ୍ଗୋ ଯଥାବିଧି ।
ଯ ଇମଂ ପୂର୍ବରଙ୍ଗଂ ତୁ ବିଧି-ନୈବ ପ୍ରୟୋଜୟେତ୍ ॥ ୧୬୫ ।
ନାଶୁଭଂ ପ୍ରାପ୍ନୁୟାତ୍ କିଞ୍ଚିତ୍ ସ୍ୱର୍ଗଲୋକଂ ଚ ଗଚ୍ଛତି ।
ଯଶ୍ଚାପି ବିଧିମୁତ୍ସୃଜ୍ୟ ଯଥେଷ୍ଟଂ ସଂପ୍ରୟୋଜୟେତ୍ ॥ ୧୬୬ ॥
ପ୍ରାପ୍ନୋତ୍ୟପଚୟଂ ଘୋରଂ ତିର୍ଯଗ୍ଯୋନିଂ ଚ ଗଚ୍ଛତି ।
ନ ତଥାଗ୍ନିଃ ପ୍ରଦହତି ପ୍ରଭଞ୍ଜନସମୀରିତଃ ॥ ୧୬୭ ।
ଯଥା ହ୍ୟପପ୍ରୟୋଗସ୍ତୁ ପ୍ରଯୁକ୍ତୋ ଦହତି କ୍ଷଣାତ୍ ।
ଅବନ୍ତ୍ୟବାବନ୍ତିପାଞ୍ଚାଲଦାକ୍ଷିଣାତ୍ୟୌଡ୍ରମାଗଧୈଃ ॥ ୧୬୮ ॥
କର୍ତ୍ତବ୍ୟଃ ପୂର୍ବରଙ୍ଗସ୍ତୁ ଦ୍ୱିପ୍ରମାଣବିନିର୍ମିତଃ ।
ଏଷ ବଃ କଥିତୋ ବିପ୍ରାଃ ପୂର୍ବରଙ୍ଗାଶ୍ରିତୋ ବିଧିଃ ॥ ୧୬୯ ॥

ଭରୁଥିଲେ ମାନୁଷ ଏବଂ ଦିବ୍ୟ ତଥା ମାନୁଷ (କାବ୍ୟ) ହୁଏ, ମୁଖ, ବୀଜର ଅନୁରୂପ ହେବ । ଏଥିରେ ନାନା ମାର୍ଗ ଅବଲମ୍ବିତ ହୋଇଥିବ । ଏବଂ ନାନାପ୍ରକାର ଉପକ୍ଷେପ ଦ୍ୱାରା କାବ୍ୟର ଉପକ୍ଷେପ ହେବ । କାବ୍ୟ ପ୍ରସ୍ତାବକ ବ୍ରାହ୍ମଣ ଏହି ପ୍ରକାର କାବ୍ୟର ପ୍ରସ୍ତାବନା କରି ପ୍ରସ୍ଥାନ କରିବେ । ୧୬୧-୧୬୦ ।

ଏହିରୂପେ ଯଥାବିଧି ପୂର୍ବ ରଙ୍ଗର ପ୍ରୟୋଗ କରାଯିବ । ଯେ ଏହିପରି ବିଧିରେ ପୂର୍ବ ରଙ୍ଗର ପୂଜାକରେ, ତାହାର କୌଣସି ଅଶୁଭ ଘଟେ ନାହିଁ, (ମୃତ୍ୟୁ-ପରେ) ସେ ସ୍ୱର୍ଗଲୋକକୁ ଗମନ କରେ, ଯେଉଁ ଲୋକ ଏହି ନିୟମ ଲଂଘନ କରି ନିଜ ଇଚ୍ଛା ଅନୁସାରେ (ନାଟ୍ୟ) ପ୍ରୟୋଗ କରେ ତାହାର ଘୋର କ୍ଷତି ଘଟେ ଓ ମୃତ୍ୟୁପରେ ସେ ତିର୍ଯ୍ୟକ ଯୋନିରେ ଜାତ ହୁଏ । ୧୬୫- ୧୬୭ ।

ବାତ୍ୟାଦ୍ୱାରା ଉଦ୍ଦୀପିତ ଅଗ୍ନି ସେପରି ଦଗ୍ଧ କରିପାରେ ନାହିଁ, ଯେପରି କି (ନାଟ୍ୟାଦିର) ଅପପ୍ରୟୋଗ ଅଳ୍ପକାଳରେ କରିପାରେ । ଏହି ପ୍ରକାରେ ଦ୍ୱିବିଧ ପୂର୍ବରଙ୍ଗକୁ ଅବନ୍ତୀ, ପଞ୍ଚାଳ, ଦାକ୍ଷିଣାତ୍ୟ, ଉଡ୍ର ଓ ମଗଧ, ଦେଶବାସୀମାନେ କରିବେ । ହେ, ବ୍ରାହ୍ମଣମାନେ ! ମୁଁ ତୁମ୍ଭମାନଙ୍କୁ ପୂର୍ବରଙ୍ଗ ସମ୍ବନ୍ଧୀୟ ଏହି ନିୟମ କହିଲି । ୧୬୭-୧୬୯ ।

Digitized by srujanika@gmail.com

ଇତଶ୍ଚିହ ତଥା ମିଶ୍ରେ ଶୁଦ୍ଧେ ଚୈବ ବ୍ରାମ୍ୟକମ୍ ।
ଯଥା ଯୋଜ୍ୟା ଧ୍ରୁବାଃ ପଞ୍ଚ ତଥା ବକ୍ଷ୍ୟାମି ତତ୍ତ୍ୱତଃ ॥ ୧୭୦ ॥
ଉତ୍ଥାପନୀ ତତଃ କାର୍ଯ୍ୟା ପରିବର୍ତ୍ତନୀ ତଥା ଭବେତ୍ ।
ଅବକୃଷ୍ଟାଡ୍ଡିତା ଚୈବ କ୍ଷିପ୍ରା ଚୈବ ପଞ୍ଚମୀ ॥ ୧୭୧ ॥
ଏବଂ ପଞ୍ଚଧ୍ରୁବା ଜ୍ଞେୟା ଉପୋହନସମନ୍ୱିତାଃ ।
କର୍ତ୍ତବ୍ୟାସ୍ତୁ ପ୍ରଯତ୍ନେନ ପୂର୍ବରଙ୍ଗେ-ଚ୍ଛନ୍ଦୋକ୍ତଦୈଃ ॥ ୧୭୨ ॥
ଅତଃ ପରଂ ପ୍ରବକ୍ଷ୍ୟାମି ହ୍ୟୁପୋହନବିଧିକ୍ରିୟାମ୍ ।
ଉତ୍ଥାପନସ୍ୟାଷ୍ଟକଳଂ ପରିବର୍ତ୍ତସ୍ୟ ଚୈକଳମ୍ ॥ ୧୭୩ ।
ଅବକୃଷ୍ଟଂ ପୁନଃ କାର୍ଯ୍ୟଂ କଳାଭିଃ ପଞ୍ଚଭିର୍ଯୁତମ୍ ।
ଧ୍ରୁବାୟାମଡ୍ଡିତାୟାଂ ଚ ଚତୁଷ୍କଳମଥାପି ଚ ॥ ୧୭୪ ॥
କ୍ଷିପ୍ରାୟାଂ ଚୈବ ବିଜ୍ଞେୟଂ କଳାତ୍ରୟସମନ୍ୱିତମ୍ ।
ପୂର୍ବରଙ୍ଗେ ସଦା ଜ୍ଞେୟଂ ଚେମାର୍ଗଂ ହ୍ୟୁପୋହନମ୍ ॥ ୧୭୫ ॥
ଚଚ୍ଚେ ଚୈତାଃ କଳାଃ ଜ୍ଞେୟା ମିଶ୍ରେ ବାର୍ତ୍ତିକମାଶ୍ରିତାଃ ।
ଶୁଦ୍ଧେ ଦକ୍ଷିଣମାର୍ଗେଣ ପ୍ରଯୋକ୍ତବ୍ୟାଃ ଛନ୍ଦୋକ୍ତଦୈଃ ॥ ୧୭୬ ॥
ଚତସ୍ରୋ ଗୀତୟଃ କାର୍ଯ୍ୟା ମାଗଧୀ ହ୍ୟର୍ଦ୍ଧମାଗଧୀ ।
ସମ୍ଭାବିତା ତଥା ଚୈବ ପୃଥୁଲା ଚ ପ୍ରକୀର୍ତ୍ତିତା ॥ ୧୭୭ ॥

ଏବେ ପୂନର୍ବାର ଚଞ୍ଚ, ମିଶ୍ର, ଶୁଦ୍ଧ. ପୂର୍ବରଙ୍ଗରେ ପାଞ୍ଚପ୍ରକାର ଧ୍ରୁବା ଗାନର ପ୍ରୟୋଗ କରାଯାଏ, ତାହା କହୁଛି, ଏହି ଧ୍ରୁବାମାନେ ହେଉଛନ୍ତି ଉତ୍ଥାପନୀ, ପରିବର୍ତ୍ତୀ, ଅବକୃଷ୍ଟା ଅଡ୍ଡିତା ଓ କ୍ଷିପ୍ରା । ପୂର୍ବରଙ୍ଗରେ ଏଗୁଡ଼ିକ ଉପୋହନ ସହିତ ପ୍ରଯୁକ୍ତ ହୁଏ । ୧୭୦-୧୭୨ ।

ଏହାପରେ ଉପୋହନ କ୍ରିୟାର ନିୟମ କହୁଛି । ଉତ୍ଥାପନୀ ଧ୍ରୁବା ଆଠକଳା ବିଶିଷ୍ଟ, ଏବଂ ଅଡ୍ଡିତା ଧ୍ରୁବା ଚାରିକଳା ବିଶିଷ୍ଟ ହୁଏ, ଏବଂ କ୍ଷିପ୍ରା ଧ୍ରୁବା ତିନିକଳା ବିଶିଷ୍ଟ ହୁଏ । ପୂର୍ବରଙ୍ଗରେ ଗୁରୁ, ଲଘୁଯୁକ୍ତ କଳା ଏବଂ ତାଳ ସମନ୍ୱିତ ଉପୋହନର ପ୍ରମାଣ ଏହି ପ୍ରକାର ବୋଲି ଜାଣିବ । ଚିତ୍ର ମାର୍ଗରେ ଉପୋହନ କରାଯାଏ । ଚଞ୍ଚ ପୂର୍ବରଙ୍ଗରେ କଳାରେ ବିଚିତ୍ରତା, ମିଶ୍ରରେ ବାର୍ତ୍ତିକ, ଶୁଦ୍ଧରେ ଦକ୍ଷିଣମାର୍ଗ ପ୍ରୟୋଗ କରାଯାଇଥାଏ । ୧୭୩-୧୭୬ ।

ଗୀତି ଚାରି ପ୍ରକାର କରାଯାଏ; ଯଥ — ମାଗଧୀ, ଅର୍ଦ୍ଧମାଗଧୀ, ସମ୍ଭାବିତା ପୃଥୁଲା । ଚଞ୍ଚ ପୂର୍ବରଙ୍ଗରେ ମାଗଧୀ ବା ଅର୍ଦ୍ଧମାଗଧୀ ଗୀତ ଚିତ୍ର ମାର୍ଗରେ

Digitized by srujanika@gmail.com

ତଥା ମିଶ୍ରକୃତୋ ଯସ୍ତୁ ପୂର୍ବରଙ୍ଗୋ ଭବେଦଥ ।
ମିଶ୍ରେ ସମ୍ଭାବିତା କାର୍ଯ୍ୟା ତଦା ବାର୍ତ୍ତିକମାଶ୍ରିତା ॥ ୧୭୮ ॥
ଶୁଦ୍ଧେ ଚ ପୃଥୁଲା କାର୍ଯ୍ୟା ଦକ୍ଷିଣଂ ମାର୍ଗମାଶ୍ରିତା ।
ଅତଃ ପରଂ ପ୍ରବକ୍ଷ୍ୟାମି ଗୁରୁଲଘ୍ୱକ୍ଷରଂ ବିଧାନ୍ । ୧୭୯ ॥
ଉପୋହନବିଧାସ୍ୟାଂ ତୁ ଯଥା ଯୋଜ୍ୟଂ ପ୍ରଯୋକ୍ତୃଭିଃ ।
ପଦଗ୍ରେ ପଦଗ୍ରେ ପୁନଃ କାର୍ଯ୍ୟ ଖଣ୍ଡଂ (ଷ୍ଣୁ) ଖଣ୍ଡଂ ସଦା ବୁଧୈଃ ॥୧୮୦॥
ମଧ୍ୟେ ଲଘୂକ୍ଷରାଣି ସ୍ୟୁଃ ଶୋଭନାନି ତୁ ନାନ୍ତତଃ ।
ଏବଂ ହ୍ୟୁପୋହନଂ କୃତ୍ୱା ତଥା ବସ୍ତୁ ସମାଚରେତ୍ ॥ ୧୮୧ ॥
ଉତ୍ଥାପନ୍ୟାଂ ପ୍ରଯୁଞ୍ଜୀତ ଶୁଦ୍ଧକଳାକାଳସମନ୍ୱିତଃ ।
ଅକ୍ଷରାଣାଂ କଳାସ୍ୱାସୁ ଗୁରୁଲଘ୍ୱକ୍ଷରମେବ ଚ ॥ ୧୮୨ ।
ପୂର୍ବଂ ତୁ କଥିତଂ ଯତ୍ତୁ ଲକ୍ଷଣଂ ଦ୍ୱିଜୋତ୍ତମାଃ ।
ଦେବଂ ବନ୍ଦେ ଶିବମନାଥପତିଂ
କୈଳାସପର୍ବତଗୁହାଭିରତମ୍ ।
ଶୈଳେନ୍ଦ୍ରରାଜତନୟା ଦୟିତଂ
ମୂର୍ଦ୍ଧ୍ନା ନତୋଽସ୍ମି ତ୍ରିପୁରାନ୍ତକରମ୍ ॥ ୧୮୩ ॥

କରଯାଏ । ମିଶ୍ରରେ ବାର୍ତ୍ତିକ ଅବଲମ୍ବନ ପୂର୍ବକ ସମ୍ଭାବିତା ଗୀତ କରଯାଏ । ଶୁଦ୍ଧ ପୂର୍ବରଙ୍ଗରେ ପୃଥୁଳ ଗୀତ ଦକ୍ଷିଣ ମାର୍ଗରେ କରଯାଏ । ଏହାପରେ ଉପୋହନ ବିଧିରେ ଗୁରୁ ଏବଂ ଲଘୁ ଅକ୍ଷର କପରି ପ୍ରଯୁକ୍ତ ହୁଏ ତାହା କହୁଛି । ୧୭୭-୭୯ ।

ପ୍ରଥମେ ପଦଗ୍ରେ ପଦଗ୍ରେ ପଦ ଦୁଇଥର ପ୍ରୟୋଗ ପର ଶେଷରେ ଖଣ୍ଡ ଶବ୍ଦ ପ୍ରୟୋଗ କରିବ । ମଧ୍ୟରେ ଶୋଭନକି ଲଘୁ ଅକ୍ଷର ପ୍ରୟୋଗ କରିବ । ଏହାପରେ ଉପୋହନ ବିଧି କରି ସାରି ନାଟ୍ୟବସ୍ତୁର ଆରମ୍ଭ କରିବ । ଉତ୍ଥାପନରେ କଳା କାଳ ସମନ୍ୱିତ ପ୍ରୟୋଗ ଅଛି । ଅକ୍ଷରମାନଙ୍କର ଏବଂ ମାତ୍ରାମାନଙ୍କର ଗୁରୁତା ଏବଂ ଲଘୁତା କୁହା ହୋଇଛି । ତେଣୁ ଏଠାରେ ଆଉ କୁହାଗଲା ନାହିଁ ।

। ୧୮୦-୧୮୩ ।

ଯଥା— ଦେବ ବନ୍ଦେ ଶିବମନାଥପତିଂ
କୈଳାସ-ପର୍ବତ-ଗୁହାଭିରତମ୍ ।
ଶୈଳେନ୍ଦ୍ର ରାଜତନୟା ଦୟିତଂ
ମୂର୍ଦ୍ଧ୍ନା ନତୋଽସ୍ମି ତ୍ରିପୁରାନ୍ତକରମ୍ ।

Digitized by srujanika@gmail.com

ଏବମୁତ୍ଥାପନା କାର୍ଯ୍ୟା ପୂର୍ବରଙ୍ଗପ୍ରୟୋକ୍ତୃଭିଃ ।
ଅତୋଽନ୍ୟତ୍ପରିବର୍ତ୍ତାୟା ଲକ୍ଷଣଂ ସଂବିଧୀୟତେ ॥ ୧୮୪ ॥
ଅସ୍ୟାସ୍ତୂପୋହନଂ କାର୍ଯ୍ୟଂ ଷଟ୍‌କଲଂ ପରସଂଖ୍ୟୟା ।
ଆଦୌ ଦତ୍ତ୍ୱା ଦ୍ୱିରୁକ୍ତସ୍ତୁ ଅନ୍ତେ ଖଣ୍ଡଂ ସଦା ଭବେତ୍ ॥ ୧୮୫ ॥
ମଧ୍ୟେ ଲଘ୍ୱକ୍ଷରାଣୀହ ଦ୍ୱାଦଶୈବ ପ୍ରୟୋଜୟେତ୍ ।
ବସ୍ତୁନୋଽସ୍ୟ ପ୍ରବକ୍ଷ୍ୟାମି ଗୁରୁଲଘ୍ୱକ୍ଷରକ୍ରମମ୍ ॥ ୧୮୬ ॥
ଦ୍ୱୌ ଗୁରୂ ଚ ଚତୁର୍ଥଂ ଚ ଅଷ୍ଟମଂ ଦଶମଂ ତଥା ।
ଚତୁର୍ଦ୍ଦଶଂ ପଞ୍ଚଦଶଂ ପାଦେ ଗୁର୍ବକ୍ଷରାଣି ତୁ ॥ ୧୮୭ ॥
ସା ଧ୍ରୁବା ପରିବର୍ତ୍ତାୟା ନିଲଘ୍ୱା ନିୟତସ୍ତଥା ।
ପରିବର୍ତ୍ତାସ୍ତୁ ଚତ୍ୱାରଃ ପାଣୟସ୍ତ୍ରୟ ଏବ ଚ ॥ ୮୮ ॥
ଚତୁର୍ଭିଃ ସନ୍ନିପାତୈସ୍ତୁ ଦ୍ୱାବିଂଶତ୍‌କଳକାନ୍ୱିତା ।
ପୂର୍ବରଙ୍ଗେ ପ୍ରୟୋକ୍ତବ୍ୟଃ ପରିବର୍ତ୍ତଃ ପ୍ରୟୋକ୍ତୃଭିଃ ॥ ୧୮୯ ॥
ଯଥା—ଚନ୍ଦ୍ରାର୍ଦ୍ଧଭୂଷିତଜଟଂ ବରଦଂ ବୃଷଭକେତୁଂ
କୈଲାସପର୍ବତନିବାସିନଂ ସୁରବରେଶ୍ୱମ୍ ।
ଶୈଳାଧିରାଜତନୟାପ୍ରିୟଂ ପ୍ରମଥନାଥଂ
ମୂର୍ଦ୍ଧ୍ନା ନତୋଽସ୍ମି ତ୍ରିପୁରାନ୍ତକଂ ପରମଯୋଗିମ୍ ॥ ୧୯୦ ॥

ଏହିପରି କହି ଉତ୍ଥାପନା ପୂର୍ବରଙ୍ଗରେ କରିବ । ଏହାପରେ ପରିବର୍ତ୍ତାର ଲକ୍ଷଣ କହୁଛୁ । ଏହାର ଉପୋହନରେ ଛଅଟି କଳା (ମାତ୍ରା) ବ୍ୟବହୃତ ହେବ । ପ୍ରଥମେ ଦତ୍ତ୍ୱାଲେ ଶବ୍ଦକୁ ତିନଥର (ଅନ୍ୟତ୍ର ଦୁଇଥର) ବ୍ୟବହାର କରି ଶେଷରେ ଖଣ୍ଡ ଶବ୍ଦର ପ୍ରୟୋଗ କରିବ । ଏଥିରେ ଗୁରୁ ଏବଂ ଲଘୁ ଅକ୍ଷରର କ୍ରମ କିପରି ରହେ ତାହା କହୁଅଛୁ । ୧୮୪-୧୮୬ ।

ପ୍ରଥମ ଦୁଇଗୋଟି, ଚତୁର୍ଥ, ଅଷ୍ଟମ, ଦଶମ, ଚତୁର୍ଦ୍ଦଶ ଓ ପଞ୍ଚଦଶ ଅକ୍ଷର ଗୁରୁ ହୁଏ । ଏଥିରେ ତିନିଗୋଟି ଲୟ ଓ ତିନିଗୋଟି ଯତି ରହେ । ଚାରୋଟି ପରିବର୍ତ୍ତ, ତିନୋଟି ପାଣି, ଚାରୋଟି ସନ୍ନିପାତ ଏବଂ ବାଇଶଟି କଳକାନ୍ୱିତ ହୋଇଥାଏ । ଏହିପ୍ରକାର ପରିବର୍ତ୍ତ ପୂର୍ବରଙ୍ଗରେ କରାଯାଏ । ଯଥା—

ଚନ୍ଦ୍ରାର୍ଦ୍ଧଭୂଷିତଜଟଂ ବରଦଂ ବୃଷଭକେତୁଂ
କୈଲାସପର୍ବତନିବାସିନଂ ସୁରବରେଶ୍ୱମ୍ ।
ଶୈଳାଧିରାଜତନୟାପ୍ରିୟଂ ପ୍ରମଥନାଥଂ
ମୂର୍ଦ୍ଧ୍ନା ନତୋଽସ୍ମି ତ୍ରିପୁରାନ୍ତକଂ ପରମଯୋଗିମ । ୧୮୭-୧୯୦ ।

Digitized by srujanika@gmail.com

ଅବକୃଷ୍ଟାମିଦାନୀଂ ତୁ କଥ୍ୟମାନାଂ ନିବୋଧତ ।
ଅସ୍ୟାସ୍ତୁପୋହନଂ କାର୍ଯ୍ୟଂ କଳାଭିଃ ପଞ୍ଚଭିର୍ଯୁତମ୍ ॥ ୧୯୧ ॥
ଦଗ୍ଲେ ଦଗ୍ଲେ ପୁନଃସ୍ଥାନେ ଝଣ୍ଟୁମସ୍ୟ ପ୍ରୟୋଜୟେତ୍ ।
ଅଷ୍ଟାବେବ ତୁ କାର୍ଯ୍ୟାଣି ମଧ୍ୟେ ଲଘ୍ୱକ୍ଷରାଣି ତୁ ॥ ୧୯୨ ॥
ତୃତୀୟଂ ଚୈବ ଷଷ୍ଠେ ତୁ ନବମୈକାଦଶେ ତଥା ।
ପାଦେ ପଞ୍ଚଦଶଂ ଚୈବ ଷୋଡଶଂ ଚ ଭବେଦ୍‌ଗୁରୁ ॥ ୧୯୩ ॥
ଅଷ୍ଟଷଷ୍ଟିଗଣୈଃ ପାଦୈରବକୃଷ୍ଟଧ୍ରୁବା ବୁଧୈଃ ।
ଚତୁର୍ଭିଃ ସନ୍ନିପାତୈଶ୍ଚ ପାଣିଭିସ୍ତ୍ରିଭିରେବ ଚ ॥ ୧୯୪ ॥
ଯଥା—ବରଦଂ ସଗଣଂ ତ୍ରିପୁରାନ୍ତକଂ ବୃଷଭକେତୁଂ ।
ଗଜଚର୍ମପଟଂ ଶଶିମେଷଣଂ ଭୁବନନାଥମ୍ ॥
ଭୁଜଗାଭରଣଂ ଜଗତାଂ ହିତଂ ଭୁବନଯୋନିଂ ।
ପ୍ରଣତୋଽସ୍ମି ଭବନ୍ତମୁମାପତିଂ ଶିତିକଣ୍ଠମ୍ ॥ ୧୯୫ ॥
ତୃତୀୟଂ ଚୈବ ଷଷ୍ଠଂ ଚ ଗୁରୁପାଦେ ତ୍ରୟୋଦଶମ୍ ।
ତ୍ରିଭିର୍ଗଣୈସମାୟୁକ୍ତା ସା କାର୍ଯ୍ୟା ତ୍ୱଡ୍‌ଡିତା ଧ୍ରୁବା ॥ ୧୯୬ ॥
ତସ୍ୟାଶ୍ଚୋପୋହନଂ କାର୍ଯ୍ୟଂ ତ୍ରୈସ୍ୱରସମନ୍ୱିତମ୍ ।
ଅଡ୍‌ଡିତାୟାଃ ପ୍ରୟୋଗଜ୍ଞୈ ରନ୍ତେ ଝଣ୍ଟୁବିଭୂଷିତମ୍
ଦ୍ୱାଦଶୈବ ତୁ କାର୍ଯ୍ୟାଣି ମଧ୍ୟେ ଲଘ୍ୱକ୍ଷରାଣି ତୁ ॥୧୯୭ ॥

ଅବକୃଷ୍ଟା ଧ୍ରୁବା କଥା କହୁଅଛୁ, ଏବେ ଶୁଣ । ଏହାର ଉପୋହନକୁ ପଞ୍ଚମାତ୍ରା ବିଶିଷ୍ଟ କରାଯାଏ । ଦଗ୍‌ଲେ ଦଗ୍‌ଲେ ଶବ୍ଦ ଆଦିରେ ଏବଂ ଶେଷରେ ଝଣ୍ଟୁ ଶବ୍ଦ ପ୍ରୟୋଗ କରିବ । ମଝିରେ ଆଠଗୋଟି ଲଘୁ ଅକ୍ଷର ପ୍ରୟୋଗ କରିବ । ପ୍ରଥମପାଦର ତୃତୀୟ, ଷଷ୍ଠ, ନବମ, ଏକାଦଶ, ପଞ୍ଚଦଶ ଏବଂ ଷୋଡ଼ଶ ଅକ୍ଷର ଗୁରୁ ହେବ । ଏଥିରେ ପାଦଗୁଡ଼ିକ ଅଷ୍ଟଷଷ୍ଟି (୬୮ ?) ଗଣ ବିଶିଷ୍ଟ ଦ୍ୱାରା ଅବକୃଷ୍ଟା ଧ୍ରୁବାରେ ଚାରିଟି ସନ୍ନିପାତ ଓ ସମାନ ତିନିପାଣି ବିଶିଷ୍ଟ ହୋଇଥାଏ ।

ଯଥା — ବରଦଂ ସଗଣଂ ତ୍ରିପୁରାନ୍ତକଂ ବୃଷଭକେତୁମ୍
ଗଜଚର୍ମପଟଂ ଶଶିମେଷଣଂ ଭୁବନନାଥମ୍ ।
ଭୁଜଗାଭରଣଂ ଜଗତାଂ ହିତଂ ଭୁବନଯୋନିଂ
ପ୍ରଣତୋଽସ୍ମି ଭବନ୍ତମୁମାପତିଂ ଶିତିକଣ୍ଠମ୍ । ୧୯ –୧୯୫ ।

ଅଡ୍‌ଡିତା ଧ୍ରୁବାରେ ତୃତୀୟ, ଷଷ୍ଠ, ତ୍ରୟୋଦଶ ଅକ୍ଷର ଗୁରୁ ହୁଏ ଏବଂ ଏଥିରେ ତିନିଗୋଟି ଗଣ ହୁଏ । ଏଥିରେ ଉପୋହନ ତ୍ରିସ୍ୱରକଳା ବିଶିଷ୍ଟ ହେବ । ମଧ୍ୟବର୍ତ୍ତୀ ବାର ଅକ୍ଷର ଲଘୁ ହେବ ।

Digitized by srujanika@gmail.com

ବରଦଂ ବରଦଂ ପ୍ରଣମତ ସତତଂ
ଗଜଚର୍ମପଟଂ ମୁନିଜନସହିତମ୍ ।
ଉମୟା ସହିତଂ ଭୁଜଗବଲୟିନମ୍
ପ୍ରଣତୋଽସ୍ମି ଶିବଂ ତ୍ରିଭୁବନସହିତମ୍ ॥ ୧୯୮ ॥
ପ୍ରଯୋଜ୍ୟା ଉତ୍ଥାପନା ହ୍ୟେବଂ ପୂର୍ବରଙ୍ଗେ ଯଥାର୍ଥତଃ ।
ଅତଃପରଂ ପ୍ରବକ୍ଷ୍ୟାମି କ୍ଷିପ୍ତାୟାସ୍ତୁ ଲକ୍ଷଣମ୍ ॥ ୧୯୯ ॥
ଦ୍ୱିତୀୟଂ ଚୈବ ଷଷ୍ଠଂ ଚ ନବମଂ ଦଶମଂ ତଥା ।
ଚତୁର୍ଦ୍ଦଶଗଣି ପାଦେ ତୁ ଯସ୍ୟାଂ କ୍ଷିପ୍ତିକା ତୁ ସା ॥ ୨୦୦ ॥
ଧ୍ରୁବେ ତ୍ରିଭଗଣୈ ଯୁକ୍ତା ପାଦସ୍ୟାନ୍ତେ ଭବେତ୍ତଥା ।
ତ୍ରିକଳଂ ଚାପି ନିର୍ଦ୍ଦିଷ୍ଟମୁପୋହନମତଃପରମ୍ ॥ ୨୦୧ ॥
ପାଦାଗ୍ରେ ପାଦାଗ୍ରେ ପୁନଃ କାର୍ଯ୍ୟ ମନ୍ତ୍ରେ ଖଣ୍ଡଂ ପ୍ରଯୋକ୍ତୃଭିଃ ।
ଲଘ୍ୱକ୍ଷରୈର୍ବିହୀନଂ ତୁ କ୍ଷିପ୍ତ-ପ୍ରାପୋହନଂ ଭବେତ୍ ॥ ୨୦୨ ॥
ଯଥା—ତ୍ରିପୁରାନ୍ତକଂ ବହୁଲୀଳଂ
ଉମୟା ସହିତଂ ବହୁରୂପମ୍ ।
ଭୁଜଗାଭରଣଂ ତ୍ରିପୁରାନ୍ତଂ
ପ୍ରଣମାମି ସଦା ପରମେଶମ୍ ॥ ୨୦୩ ॥

ଯଥା—ବରଦଂ ବରଦଂ ପ୍ରଣମତ ସତତଂ
ଗଜଚର୍ମପଟଂ ମୁନିଜନସହିତମ୍ ।
ଉମୟା ସହିତଂ ଭୁଜଗବଲୟିନଂ
ପ୍ରଣତୋଽସ୍ମି ଶିବଂ ତ୍ରିଭୁବନସହିତମ୍ । ୧୯୬-୧୯୮ ।

ଏହିରୂପେ ପୂର୍ବରଙ୍ଗରେ ଉତ୍ଥାପନାର ପ୍ରୟୋଗ କରିବେ । ଏବେ କ୍ଷିପ୍ତାର ଲକ୍ଷଣ କହୁଅଛୁ । ଯେଉଁ ଧ୍ରୁବାର ପାଦଗୁଡ଼ିକର ଦ୍ୱିତୀୟ, ଷଷ୍ଠ, ନବମ, ଦଶମ, ଅକ୍ଷର ଗୁଡ଼ିକ ଗୁରୁ ଏବଂ ଅନ୍ୟ ଗୁଡ଼ିକ ଲଘୁ, ତାହାକୁ କ୍ଷିପ୍ତିକା କହନ୍ତି । ଏହାର ପାଦଗୁଡ଼ିକ ତିନିଗୋଟି ଭଗଣରେ ଯୁକ୍ତ ଓ ତିନି ଗଣ ବିଶିଷ୍ଟ ହୁଏ । ଏହାର ଉପୋହନ ତିନିକଳା ବିଶିଷ୍ଟ ହେବାର ବିଧି । ପ୍ରତି ପାଦରେ ପାଦରେ ଉଚ୍ଚାରଣ କରି ଶେଷରେ ଖଣ୍ଡ ଶବ୍ଦ ପ୍ରୟୋକ୍ତବ୍ୟ । ଏହାର ଉପୋହନରେ ଲଘୁ ଅକ୍ଷର ବ୍ୟବହୃତ ହୁଏ ନାହିଁ ।

ଯଥା—ତ୍ରିପୁରାନ୍ତକଂ ବହୁଲୀଳଂ, ଉମୟା ସହିତଂ ବହୁରୂପମ୍ ।
ଭୁଜଗାଭରଣଂ ତ୍ରିପୁରାନ୍ତଂ, ପ୍ରଣମାମି ସଦା ପରମେଶମ୍ । ୧୯୯-୨୦୩ ।

Digitized by srujanika@gmail.com

ଏବଂ ସର୍ବା ଧ୍ରୁବାଃ କାର୍ଯ୍ୟା ଯୁଗ୍ମୌଜକୃତଗୀତକାଃ ।
ଆଚାର୍ଯ୍ୟବୁଦ୍ଧ୍ୟା କର୍ତ୍ତବ୍ୟା ପୂର୍ବରଙ୍ଗେ ଯଥାବଧି ॥ ୨୦୪ ॥
ଏବଂ ବଃ କଥିତଃ ସମ୍ୟକ୍ ପୂର୍ବରଙ୍ଗବିଧିର୍ମୟା ।
କଥନୀୟଂ ପ୍ରବକ୍ଷ୍ୟାମି ଭୂୟଃ କିଂ ଦ୍ୱିଜୋତ୍ତମାଃ ॥ ୨୦୫ ॥

ଇତି ଶ୍ରୀଭରତୀୟେ ନାଟ୍ୟଶାସ୍ତ୍ରେ ପୂର୍ବରଙ୍ଗବିଧାନଂ ନାମ
ପଞ୍ଚମୋଽଧ୍ୟାୟଃ ।

ଯୁଗ୍ମ (ଯୋଡ଼ା) ଓଜ (ବଯୋଡ଼) ଭାବେ ରଚନା କରାଯାଇଥିବା ଗୀତକାରୂପିଣୀ ସବୁପ୍ରକାର ଧ୍ରୁବାକୁ ଆଚାର୍ଯ୍ୟଙ୍କ (ନାଟ୍ୟାଚାର୍ଯ୍ୟଙ୍କ) ଠାରୁ ବୁଝି ଯଥାବିଧି ପୂର୍ବରଙ୍ଗରେ ବ୍ୟବହାର କରିବ । ଉକ୍ତପ୍ରକାର ପୂର୍ବରଙ୍ଗକୁ ଏହି ପ୍ରକାରେ ବର୍ଣ୍ଣନା କରି, ଏବେ ତୁମ୍ଭମାନଙ୍କର କେଉଁ ଅଭିଲଷିତ ବିଷୟରେ କହିବି । ୨୦୪-୨୦୫ ।

ଭରତୀୟ ନାଟ୍ୟଶାସ୍ତ୍ରରେ ରଙ୍ଗବିଧାନ ନାମକ
ପଞ୍ଚମ ଅଧ୍ୟାୟ ସମାପ୍ତ ହେଲା ।

Digitized by srujanika@gmail.com

ଷଷ୍ଠୋଽଧ୍ୟାୟଃ

ପୂର୍ବରଙ୍ଗବିଧିଂ ଶ୍ରୁତ୍ୱା ପୁନରାହୁର୍ଦ୍ୱିଜୋତ୍ତମାଃ ।
ମୁନୟୋ ଭରତଂ ସର୍ବେ ପ୍ରଶ୍ନାନ୍ ପଞ୍ଚାଭିଧତ୍ସ୍ୱ ନଃ ॥ ୧ ॥
ଯେ ରସା ଇତି ପଠ୍ୟନ୍ତେ ନାଟ୍ୟେ ନାଟ୍ୟବିଚକ୍ଷଣୈଃ ।
ରସତ୍ୱଂ କେନ ବୈ ତେଷାମେତଦାଖ୍ୟାତୁମର୍ହସି ॥ ୨ ॥
ଭାବାଶ୍ଚୈବ କଥଂ ପ୍ରୋକ୍ତାଃ କିଂ ବା ତେ ଭାବୟନ୍ତ୍ୟପି ।
ସଂଗ୍ରହଂ କାରିକାଂ ଚୈବ ନିରୁକ୍ତଂ ଚୈବ ତତ୍ତ୍ୱତଃ ॥ ୩ ॥
ତେଷାଂ ତୁ ବଚନଂ ଶ୍ରୁତ୍ୱା ମୁନୀନାଂ ଭରତୋ ମୁନିଃ ।
ପ୍ରତ୍ୟୁବାଚ ପୁନର୍ବାକ୍ୟଂ ରସଭାବବିକଳ୍ପନମ୍ ॥ ୪ ॥
ଅହଂ ବୈ କଥୟିଷ୍ୟାମି ନିଖିଳେନ ତପୋଧନାଃ ।
ସଂଗ୍ରହଂ କାରିକାଂ ଚୈବ ନିରୁକ୍ତଂ ଚ ଯଥାକ୍ରମମ୍ ॥ ୫ ॥

ଷଷ୍ଠ ଅଧ୍ୟାୟ

ପୂର୍ବରଙ୍ଗର ସମସ୍ତ ବିଧି ଶୁଣିସାରି ସେହି ମହର୍ଷିମାନେ ପୁଣି ଭରତଙ୍କୁ କହିଲେ – ଆମ୍ଭମାନଙ୍କୁ ପାଞ୍ଚଗୋଟି ପ୍ରଶ୍ନର ଉତ୍ତର ଦିଅ ।

୧ । ନାଟ୍ୟ ଧୁରନ୍ଧର ବ୍ୟକ୍ତିମାନେ ନାଟ୍ୟରେ ଯାହାକୁ ରସ ବୋଲି କହିଥାନ୍ତି, ସେମାନଙ୍କୁ କାହିଁକି ରସ କୁହାଯାଏ ? (ସେମାନଙ୍କର ରସତ୍ୱ କାହାଦ୍ୱାରା ସିଦ୍ଧ ହୁଏ) ।

୨ । ଯାହାଙ୍କୁ ଭାବ ବୋଲି କହିଥାନ୍ତି, ତାହା କେଉଁ ବସ୍ତୁକୁ ଭାବନାର ଗୋଚର କରାଇଥାନ୍ତି ।

୩ । ସଂଗ୍ରହ କଣ ?, ୪ କାରିକା କଣ ?, ୫ ନିରୁକ୍ତ କଣ ?, ଏହି କଥାମାନ ଆମ୍ଭମାନଙ୍କୁ କହନ୍ତୁ । ସେହି ମୁନିମାନଙ୍କର କଥା ଶୁଣି ଭରତ ମୁନି ରସ ଏବଂ ଭାବର ଭେଦ ବିଷୟରେ ପୁଣି କହିବାରେ ଲାଗିଲେ । ୧-୪ ।

ହେ ତପୋଧନମାନେ ମୁଁ ତୁମ୍ଭମାନଙ୍କୁ ସମଗ୍ରଭାବେ ସଂଗ୍ରହ କାରିକା ଓ ନିରୁକ୍ତ ବିଷୟରେ ଯଥାକ୍ରମେ କହିବି । ନାଟ୍ୟଶାସ୍ତ୍ରର କେହି ଅନ୍ତ କରି ପାରିବ

Digitized by srujanika@gmail.com

ନ ଶକ୍ୟମସ୍ୟ ନାଟ୍ୟସ୍ୟ ଗନ୍ତୁମନ୍ତଂ କଥଂଚନ ।
କସ୍ମାଦ୍‌ବହୁତ୍ୱାଜ୍ଜ୍ଞାନାନାଂ ଶିଳ୍ପାନାଂ ଚାପ୍ୟନନ୍ତତଃ ॥ ୬ ॥
ଏକସ୍ୟାପି ନ ବୈ ଶକ୍ୟମନ୍ତଂ ଜ୍ଞାନାର୍ଣ୍ଣବସ୍ୟ ହି ।
ଗନ୍ତୁଂ କି ପୁନରଶେଷାଣାଂ ଭାବାନାମର୍ଥତତ୍ତ୍ୱତଃ ॥ ୭ ॥
କିନ୍ତ୍ୱଳ୍ପସୂତ୍ରଗ୍ରନ୍ଥାର୍ଥମନୁମାନପ୍ରସାଧକମ୍ ।
ନାଟ୍ୟସ୍ୟାସ୍ୟ ପ୍ରବକ୍ଷ୍ୟାମି ରସଭାବାଦିସଂଗ୍ରହମ୍ ॥ ୮ ॥
ବିସ୍ତରେଣୋପଦିଷ୍ଟାନାମର୍ଥାନାଂ ସୂତ୍ରଭାଷ୍ୟୟୋଃ ।
ନିବନ୍ଧୋ ଯଃ ସମାସେନ ସଂଗ୍ରହଂ ତଂ ବିଦୁର୍ବୁଧାଃ ॥ ୯ ॥
ରସା ଭାବା ହ୍ୟଭିନୟା ଧର୍ମୀବୃତ୍ତିପ୍ରବୃତ୍ତୟଃ ।
ସିଦ୍ଧିଃ ସ୍ୱରାସ୍ତଥାତୋଦ୍ୟଂ ଗାନଂ ରଙ୍ଗଂ ଚ ସଂଗ୍ରହଃ ॥ ୧୦ ॥
ଅଳ୍ପାଭିଧାନେନାର୍ଥୋ ଯଃ ସମାସେନୋଚ୍ୟତେ ବୁଧୈଃ ।
ସୂତ୍ରତଃ ସା ତୁ ବିଜ୍ଞେୟା କାରିକାର୍ଥପ୍ରଦର୍ଶିନୀ ॥ ୧୦ ॥
ନାନାନାମାଶ୍ରୟୋତ୍ପନ୍ନଂ ନିଘଣ୍ଟୁନିଗମାନ୍ୱିତମ୍ ।
ଧାତ୍ୱର୍ଥହେତୁସଂଯୁକ୍ତଂ ନାନାସିଦ୍ଧାନ୍ତସାଧିତମ୍ ॥ ୧୨ ॥
ସ୍ଥାପିତୋଽର୍ଥୋ ଭବେଦ୍ୟତ୍ର ସମାସେନାର୍ଥସୂଚକଃ ।

ନାହିଁ, କାରଣ ଏଥିରେ ଅନେକ ଜ୍ଞାନ ଓ ବହୁ ଶିଳ୍ପର ସମାବେଶ ହୋଇଥାଏ । ଗୋଟିଏ ଜ୍ଞାନ ସମୁଦ୍ରର ଶେଷ ସୀମାକୁ କେହି ଯାଇ ପାରେ ନାହିଁ, ତେଣୁ ସମସ୍ତ ଭାବର ଅନ୍ତକୁ ଅର୍ଥତଃ ଓ ତତ୍ତ୍ୱତଃ କିଏ କଳ୍ପନା କରି ପାରିବ । ଏହି ନାଟ୍ୟଶାସ୍ତ୍ରର ରସ ଏବଂ ଭାବ ପ୍ରଭୃତିଙ୍କର ସଂଗ୍ରହର ଅର୍ଥ ଅଳ୍ପାକ୍ଷର ବିଶିଷ୍ଟ ସୂତ୍ରରେ ଗୂଢ଼ଭାବରେ ନିହିତ ଥାଏ, ଏବଂ ତାହା ଅନୁମାନର ପ୍ରସାଧକ, ବର୍ତ୍ତମାନ ମୁଁ ତାହାର ବିଷୟରେ କହୁଛି । ୬-୮ ।

ସଂଗ୍ରହ—ସୂତ୍ର ଏବଂ ଭାଷ୍ୟରେ ଯେଉଁ ଅର୍ଥ ଗୁଡ଼ିକର ଉପଦେଶ ବିସ୍ତୃତ ଭାବରେ ଦିଆ ହୋଇଥାଏ, ସେମାନଙ୍କୁ ସଂକ୍ଷିପ୍ତ ଭାବେ ଏକ ସ୍ଥାନରେ ନିବଦ୍ଧ କଲେ ତାହାକୁ ସଂଗ୍ରହ କହନ୍ତି । ସଂଗ୍ରହ କହିଲେ ରସ, ଭାବ, ଅଭିନୟ, ଧର୍ମୀ, ବୃତ୍ତି, ପ୍ରବୃତ୍ତି, ସିଦ୍ଧି, ସ୍ୱର, ବାଦ୍ୟ, ଗାନ, ରଙ୍ଗ ଏମାନଙ୍କୁ ବୁଝାଏ । ୯-୧୦ ।

ଅଳ୍ପ ଶବ୍ଦ ସହାୟରେ ସଂକ୍ଷେପରେ ସୂତ୍ରର ଅର୍ଥକୁ ପ୍ରକାଶ କଲେ ତାହାକୁ କାରିକା କହନ୍ତି । ନାନାପ୍ରକାର ନାମ ବା ପ୍ରାତିପଦିକ ସମ୍ବନ୍ଧରେ ଅଭିଧାନ ଏବଂ ବ୍ୟାକରଣଗତ ନିୟମାବଳୀର ସହାୟତା ଦ୍ୱାରା ଶବ୍ଦଗତ ଧାତୁମାନଙ୍କର

Digitized by srujanika@gmail.com

ଧାତ୍ୱର୍ଥବଚନେନେହ ନିରୁକ୍ତଂ ତତ୍ ପ୍ରଚକ୍ଷତେ ॥ ୧୩ ॥
ସଂଗ୍ରହୋ ଯୋ ମୟା ପ୍ରୋକ୍ତଃ ସମାସେନ ଦ୍ୱିଜୋତ୍ତମାଃ ।
ବିସ୍ତରଂ ତସ୍ୟ ବକ୍ଷ୍ୟାମି ସନିରୁକ୍ତଂ ସକାରିକମ୍ ॥ ୧୪ ॥
ଶୃଙ୍ଗାରହାସ୍ୟକରୁଣା ରୌଦ୍ରବୀରଭୟାନକାଃ ।
ବୀଭତ୍ସାଦ୍ଭୁତସଂଜ୍ଞୌ ଚେତ୍ୟଷ୍ଟୌ ନାଟ୍ୟେ ରସାଃ ସ୍ମୃତାଃ ॥ ୧୫ ॥
ଏତେ ହ୍ୟଷ୍ଟୌ ରସାଃ ପ୍ରୋକ୍ତା ଦ୍ରୁହିଣେନ ମହାତ୍ମନା ।
ପୁନଶ୍ଚ ଭାବାନ୍ ବକ୍ଷ୍ୟାମି ସ୍ଥାୟିସଞ୍ଚାରିସତ୍ତ୍ୱଜାନ୍ ॥ ୧୬ ॥
ରତିର୍ହାସଶ୍ଚ ଶୋକଶ୍ଚ କ୍ରୋଧୋତ୍ସାହୌ ଭୟଂ ତଥା ।
ଜୁଗୁପ୍ସା ବିସ୍ମୟଶ୍ଚେତି ସ୍ଥାୟିଭାବାଃ ପ୍ରକୀର୍ତ୍ତିତାଃ ॥ ୧୭ ॥
ନିର୍ବେଦଗ୍ଲାନିଶଙ୍କାଖ୍ୟାସ୍ତଥାଽସୂୟାମଦଶ୍ରମାଃ ।
ଆଲସ୍ୟଂ ଚୈବ ଦୈନ୍ୟଂ ଚ ଚିନ୍ତା ମୋହଃ ସ୍ମୃତିର୍ଧୃତିଃ ॥ ୧୮ ॥
ବ୍ରୀଡ଼ା-ଚପଲତା-ହର୍ଷ ଆବେଗୋ ଜଡ଼ତା ତଥା ।
ଗର୍ବୋ ବିଷାଦ ଔତ୍ସୁକ୍ୟଂ ନିଦ୍ରାପସ୍ମାର ଏବ ଚ ॥ ୧୯ ॥
ସୁପ୍ତଂ ପ୍ରବୋଧୋଽମର୍ଷଶ୍ଚାପ୍ୟବହିତ୍ଥମଥୋଗ୍ରତା ।
ମତିର୍ବ୍ୟାଧିସ୍ତଥୋନ୍ମାଦସ୍ତଥା ମରଣମେବ ଚ ॥ ୨୦ ॥
ତ୍ରାସଶ୍ଚୈବ ବିତର୍କଶ୍ଚ ବିଜ୍ଞେୟା ବ୍ୟଭିଚାରିଣଃ ।

ଅର୍ଥ ଓ ପ୍ରତ୍ୟୟାଦିର ସଂଯୋଗ ହେତୁ ତାହାର ପ୍ରସାର ଓ ସଂକୋଚ ପ୍ରଭୃତି ଯହିଁରେ ଉକ୍ତ ହୁଏ ତାହାର ନାମ ନିରୁକ୍ତ । ହେ ଦ୍ୱିଜଶ୍ରେଷ୍ଠଗଣ ! ମୁଁ (ନାଟ୍ୟଶାସ୍ତ୍ରର) ସଂଗ୍ରହ କଥା ସଂକ୍ଷେପରେ କହିଛି । ଏବେ ବିସ୍ତୃତଭାବେ ତାହାର କାରିକା ଓ ନିରୁକ୍ତ ସହ କହୁଛି । ୧୧-୧୪ ।

ନାଟ୍ୟଶାସ୍ତ୍ରରେ ମହାତ୍ମା ବ୍ରହ୍ମା ଆଠପ୍ରକାର ରସ ଥିବାର କହି ଅଛନ୍ତି । ସେମାନେ ହେଉଛନ୍ତି, ଶୃଙ୍ଗାର, ହାସ୍ୟ, କରୁଣ, ରୌଦ୍ର, ବୀର, ଭୟାନକ, ବୀଭତ୍ସ, ଓ ଅଦ୍ଭୁତ । ଏହାପରେ ସ୍ଥାୟୀ, ସଞ୍ଚାରୀ, ଓ ସାତ୍ତ୍ୱିକ ନାମକ ତିନିପ୍ରକାର ଭାବମାନଙ୍କର ନାମ (ସଂଗ୍ରହ) କହୁଛି । ପ୍ରଥମେ ସ୍ଥାୟୀଭାବମାନଙ୍କର ନାମ, ଯଥା— ରତି, ହାସ, ଶୋକ, କ୍ରୋଧ, ଉତ୍ସାହ ଭୟ, ଜୁଗୁପ୍ସା ଓ ବିସ୍ମୟ । ୧୫ ୧୭ ।

ସଞ୍ଚାରୀଭାବ ବା ବ୍ୟଭିଚାରୀଭାବମାନଙ୍କର ନାମ ଯଥା—ନିର୍ବେଦ, ଗ୍ଲାନି, ଶଙ୍କା,, ଅସୂୟା, ମଦ, ଶ୍ରମ, ଆଳସ୍ୟ, ଦୈନ୍ୟ, ଚିନ୍ତା, ମୋହ, ସ୍ମୃତି ଧୃତି, ବ୍ରୀଡ଼ା, ଚପଳତା, ହର୍ଷ, ଆବେଗ, ଜଡ଼ତା, ଗର୍ବ, ବିଷାଦ, ଔତ୍ସୁକ୍ୟ, ନିଦ୍ରା, ଅପସ୍ମାର,

Digitized by srujanika@gmail.com

ତ୍ରୟସ୍ତ୍ରିଂଶଦମୀ ଭାବାଃ ସମାଖ୍ୟାତାସ୍ତୁ ନାମତଃ ॥ ୨୧ ॥
ସ୍ତମ୍ଭଃ ସ୍ୱେଦୋଽଥ ରୋମାଞ୍ଚଃ ସ୍ୱରଭଙ୍ଗୋଽଥ ବେପଥୁଃ ।
ବୈବର୍ଣ୍ଣ୍ୟମଶ୍ରୁପ୍ରଳୟ ଇତ୍ୟଷ୍ଟୌ ସାତ୍ତ୍ୱିକାଃ ସ୍ମୃତାଃ ॥ ୨୨ ॥
ଆଙ୍ଗିକୋ ବାଚିକଶ୍ଚୈବ ଆହାର୍ଯ୍ୟଃ ସାତ୍ତ୍ୱିକସ୍ତଥା ।
ଚତ୍ୱାରୋଽଭିନୟା ହ୍ୟେତେ ବିଜ୍ଞେୟା ନାଟ୍ୟସଂଶ୍ରୟାଃ ॥ ୨୩ ॥
ଲୋକଧର୍ମୀ ନାଟ୍ୟଧର୍ମୀ ଧର୍ମୀ ତୁ ଦ୍ୱିବିଧଃ ସ୍ମୃତଃ ।
ଭାରତୀ ସାତ୍ତ୍ୱତୀ ଚୈବ କୈଶିକ୍ୟାରଭଟୀ ତଥା ॥ ୨୪ ॥
ଚତସ୍ରୋ ବୃତ୍ତୟୋ ହ୍ୟେତା ଯାସୁ ନାଟ୍ୟଂ ପ୍ରତିଷ୍ଠିତମ୍ ।
ଆବନ୍ତୀ ଦାକ୍ଷିଣାତ୍ୟା ଚ ତଥା ଚୈବୋଡ୍ରମାଗଧୀ ॥ ୨୫ ॥
ପାଞ୍ଚାଲୀ ମଧ୍ୟମା ଚେତି ବିଜ୍ଞେୟାସ୍ତୁ ପ୍ରବୃତ୍ତୟଃ ।
ଦୈବିକୀ ମାନୁଷୀ ଚୈବ ସିଦ୍ଧିଃ ସ୍ୟାଦ୍ଦ୍ୱିବିଧୈବ ଚ ॥ ୨୬ ॥
ଶାରୀରା ବୈଣବାଶ୍ଚୈବ ସପ୍ତ ଷଡ୍‌ଜାଦୟଃ ସ୍ୱରାଃ ।
ତତଂ ଚୈବାବନଦ୍ଧଂ ଚ ଘନଂ ସୁଷିରମେବ ଚ ॥ ୨୭ ॥
ଚତୁର୍ବିଧଂ ଚ ବିଜ୍ଞେୟମାତୋଦ୍ୟଂ ଲକ୍ଷଣାନ୍ୱିତମ୍ ।
ତତଂ ତନ୍ତ୍ରୀଗତଂ ଜ୍ଞେୟମବନଦ୍ଧଂ ତୁ ପୌଷ୍କରମ୍ ॥ ୨୮ ॥

ସୁପ୍ତ, ପ୍ରବୋଧ, ଅମର୍ଷ, ଅବହିତ୍ଥ, ଉଗ୍ରତା, ମତି, ବ୍ୟାଧି, ଉନ୍ମାଦ, ମରଣ, ତ୍ରାସ, ବିତର୍କ, ଏହି ତେତିଶ ଗୋଟି ଜାଣିବ । ୧୮-୨୧ ।

ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ସ୍ୱରଭଙ୍ଗ, ବେପଥୁ, ବୈବର୍ଣ୍ଣ୍ୟ, ଅଶ୍ରୁ, ପ୍ରଳୟ, ଏହି ଆଠଗୋଟିକୁ ସାତ୍ତ୍ୱିକଭାବ କହନ୍ତି । ନାଟ୍ୟରେ ଚାରିପ୍ରକାର ଅଭିନୟ ଅଛି, ସେମାନେ ହେଉଛନ୍ତି ଆଙ୍ଗିକ, ବାଚିକ, ଆହାର୍ଯ୍ୟ ଓ ସାତ୍ତ୍ୱିକ । ନାଟ୍ୟଶାସ୍ତ୍ରରେ ଲୋକ-ଧର୍ମୀ ଓ ନାଟ୍ୟଧର୍ମୀ ଏହି ଦୁଇପ୍ରକାର ଧର୍ମୀର ବ୍ୟବହାର ଅଛି । ଭାରତୀ, ସାତ୍ତ୍ୱତୀ, କୈଶିକୀ ଓ ଆରଭଟୀ ଏହି ଚାରିଗୋଟି ବୃତ୍ତିରେ ସମସ୍ତ ନାଟ୍ୟ ପ୍ରତିଷ୍ଠିତ । ୨୨-୨୪ ।

ନାଟ୍ୟଶାସ୍ତ୍ରରେ ପାଞ୍ଚପ୍ରକାର ପ୍ରବୃତ୍ତି ଅଛି । ଯଥା—ଆବନ୍ତୀ, ଦାକ୍ଷିଣାତ୍ୟା, ଓଡ୍ରମାଗଧୀ, ପାଞ୍ଚାଲୀ ଓ ମଧ୍ୟମା । ନାଟ୍ୟରେ ଦୈବିକୀ ଓ ମାନୁଷୀ ନାମରେ ଦୁଇପ୍ରକାର ସିଦ୍ଧି ଅଛି । ଷଡ୍‌ଜ ପ୍ରଭୃତି ସପ୍ତସ୍ୱର ଶାରୀର (ଶରୀରରୁ ଜାତ ଅର୍ଥାତ୍ ପ୍ରାଣିଜ) ଓ ବୈଣବ (ବାଉଁଶ ନିର୍ମିତ ବଂଶୀ ପ୍ରଭୃତିରୁ ଜାତ) ଏହିପରି ଦୁଇପ୍ରକାର ହୋଇଥାନ୍ତି । ଆତୋଦ୍ୟ—ଏହା ଚାରିପ୍ରକାର ଯଥା—ତତ, ଅବନଦ୍ଧ, ଘନ ଏବଂ ସୁଷିର । ତାର ଯନ୍ତ୍ରର ବାଦ୍ୟକୁ ତତ କହନ୍ତି । ପୁଷ୍କର ଅର୍ଥାତ୍ ପଖୋଉଜ ପ୍ରଭୃତି

Digitized by srujanika@gmail.com

ଘନସ୍ତୁ ତାଲୋ ବିଜ୍ଞେୟଃ ସୁଷିରୋ ବଂଶ ଏବ ଚ ।
ପ୍ରବେଶାକ୍ଷେପନିଷ୍କ୍ରାମପ୍ରାସାଦିକମଥାନ୍ତରମ୍ ।। ୨୯ ।।
ଗାନଂ ପଞ୍ଚବିଧଂ ଜ୍ଞେୟଂ ଧ୍ରୁବାଯୋଗସମନ୍ୱିତମ୍ ।
ଚତୁରସ୍ରୋ ବିକୃଷ୍ଟଶ୍ଚ ରଙ୍ଗସ୍ତ୍ର୍ୟସ୍ରଶ୍ଚ କୀର୍ତ୍ତିତଃ ।। ୩୦ ।।
ଏବମେଷୋଽଳ୍ପସୂତ୍ରାର୍ଥୋ ନିର୍ଦ୍ଦିଷ୍ଟୋ ନାଟ୍ୟସଂଗ୍ରହଃ ।
ଅତଃ ପରଂ ପ୍ରବକ୍ଷ୍ୟାମି ସୂତ୍ରଗ୍ରନ୍ଥବିକଳ୍ପନମ୍ ।। ୩୧ ।।

ତତ୍ର ରସାନେବ ତାବଦାଦାବଭିବ୍ୟାଖ୍ୟାସ୍ୟାମଃ । ନ ହି ରସାଦୃତେ କଶ୍ଚିଦର୍ଥଃ ପ୍ରବର୍ତ୍ତିତ ଇତି ।

ତତ୍ର ବିଭାବାନୁଭାବବ୍ୟଭିଚାରିସଂଯୋଗାଦ୍ରସନିଷ୍ପତ୍ତିଃ । କୋ ଦୃଷ୍ଟାନ୍ତଃ ? ଅତ୍ରାହ—ଯଥା ହି ନାନାବ୍ୟଞ୍ଜନୌଷଧିଦ୍ରବ୍ୟସଂଯୋଗାଦ୍ରସନିଷ୍ପତ୍ତିର୍ଭବତି । ତଥା ନାନାଭାବୋପଗମାଦ୍ରସନିଷ୍ପତ୍ତିଃ । ଯଥା—ଗୁଡାଦିଭିର୍ଦ୍ରବ୍ୟୈର୍ବ୍ୟଞ୍ଜନୈରୌଷଧିଭିଶ୍ଚ ଷାଡ୍ରସା ନିର୍ବର୍ତ୍ତ୍ୟନ୍ତେ, ଏବଂ ନାନା ଭାବୋପହିତା ଅପି ସ୍ଥାୟିନୋ ଭାବା ରସତ୍ୱମାପ୍ନୁବନ୍ତି ।
(ଖ)

ବାଦ୍ୟର ଶବ୍ଦକୁ ଅବନଦ୍ଧ କହନ୍ତି । ତାଳ (ଝାଞ୍ଜ) ବାଦ୍ୟର ନାମ ଘନ । ବଂଶୀ ବାଦ୍ୟର ନାମ ସୁଷିର । ୨୮-୨୯ ।

ଧ୍ରୁବା ଯୋଗରେ ଏହା ପାଞ୍ଚପ୍ରକାର ହୁଏ । ଯଥା—ପ୍ରବେଶ, ଅକ୍ଷେପ, ନିଷ୍କ୍ରାମ, ପ୍ରାସାଦିକ (ପ୍ରାସଙ୍ଗିକ) ଓ ଅନ୍ତର । ରଙ୍ଗପୀଠ ତିନି ପ୍ରକାର ହୁଏ । ଯଥା—ଚତୁରସ୍ର, ବିକୃଷ୍ଟ, ଓ ତ୍ର୍ୟସ୍ର । ସଂକ୍ଷେପରେ ନାଟ୍ୟସଂଗ୍ରହ କୁହାଗଲା, ଏହାପରେ ପ୍ରତ୍ୟେକର ଭେଦ କୁହାଯିବ । ୨୯-୩୧ ।

ତନ୍ମଧ୍ୟରୁ ପ୍ରଥମେ ରସମାନଙ୍କ ବିଷୟରେ କହୁଅଛୁ । ରସବିନା (ବ୍ୟତୀତ) ହୋଇ କୌଣସି ବସ୍ତୁ ନାହିଁ । ଏହି ରସ ସମ୍ବନ୍ଧର ଉତ୍ପତ୍ତି ବିଭାବ, ଅନୁଭାବ, ବ୍ୟଭିଚାରୀଭାବମାନଙ୍କର ସଂଯୋଗ ହେତୁ ଘଟିଥାଏ । ଏହାର ଉଦାହରଣ କଣ ? ଏହି ପ୍ରଶ୍ନର ଉତ୍ତରରୂପେ କୁହାଯାଉଛି ଯେ ଯେପରି ନାନାପ୍ରକାର ମସଲାର ସଂଯୋଗରେ ରସ ନିଷ୍ପନ୍ନ ହୁଏ । ସେହିପରି ନାନା ଭାବର ଏକତ୍ର ସମାଗମ ଫଳରେ ରସ ନିଷ୍ପନ୍ନ (ଉତ୍ପନ୍ନ) ହୋଇଥାଏ । ଆହୁରି ବିଶଦ କରି କହିବାକୁ ଗଲେ ଯେପରି ଗୁଡ଼ ପ୍ରଭୃତି ବ୍ୟଞ୍ଜନ ଦ୍ରବ୍ୟ ଦ୍ୱାରା ଏବଂ ମସଲା ପ୍ରଭୃତି ଦ୍ୱାରା ଷଡ଼ରସ ସଂପାଦିତ ହୋଇଥାଏ, ସେହିପରି ନାନାଭାବର ମେଳନ ଫଳରେ ସ୍ଥାୟୀଭାବମାନେ ରସ ରୂପକୁ ପ୍ରାପ୍ତ ହୁଅନ୍ତି । (କ)

Digitized by srujanika@gmail.com

ଋଷୟ ଊଚୁଃ—ରସଃ କଃ ପଦାର୍ଥଃ ? ଉଚ୍ୟତେ— ଆସ୍ୱାଦ୍ୟତ୍ୱାତ୍ । କଥମାସ୍ୱାଦ୍ୟୋ ରସଃ ? ଅତ୍ରୋଚ୍ୟତେ—ଯଥା ହି ନାନାବ୍ୟଞ୍ଜନସଂସ୍କୃତମନ୍ନଂ ଭୁଞ୍ଜାନା ରସାନାସ୍ୱାଦୟନ୍ତି ସୁମନସଃ ପୁରୁଷା ହର୍ଷାଦୀଂଶ୍ଚାଧିଗଚ୍ଛନ୍ତି ତଥା ନାନାଭାବାଭିନୟବ୍ୟଞ୍ଜିତାନ୍ ବାଗଙ୍ଗସତ୍ତ୍ୱୋପେତାନ୍ ସ୍ଥାୟିଭାବାନାସ୍ୱାଦୟନ୍ତି ସୁମନସଃ ପ୍ରେକ୍ଷକାଃ ହର୍ଷାଦୀଂଶ୍ଚାଧିଗଚ୍ଛନ୍ତି, ତସ୍ମାନ୍ନାଟ୍ୟ ରସା ଇତି ବ୍ୟାଖ୍ୟାତାଃ (ଖ) ।

ଅତ୍ରାନୁବଂଶ୍ୟୌ ଶ୍ଳୋକୌ ଭବତଃ—

ଯଥା ବହୁଦ୍ରବ୍ୟଯୁତୈର୍ବ୍ୟଞ୍ଜନୈର୍ବହୁଭିର୍ଯୁତମ୍ ।
ଆସ୍ୱାଦୟନ୍ତି ଭୁଞ୍ଜାନା ଭକ୍ତଂ ଭକ୍ତବିଦୋ ଜନାଃ ॥ ୩୨ ॥
ଭାବାଭିନୟସମ୍ବଦ୍ଧାନ୍ ସ୍ଥାୟିଭାବାଂସ୍ତଥା ବୁଧାଃ ।
ଆସ୍ୱାଦୟନ୍ତି ମନସା ତସ୍ମାନ୍ନାଟ୍ୟରସାଃ ସ୍ମୃତାଃ ॥ ୩୩ ॥

ଋଷିମାନେ କହିଲେ, ରସ କହିଲେ କେଉଁ ପଦାର୍ଥକୁ ବୁଝାଏ ? (ବା ରସ ଏହି ପଦର ଅର୍ଥ କଣ ?) ଏହାର ଉତ୍ତର— ଆସ୍ୱାଦ୍ୟ ଯୋଗ୍ୟ ହୋଇଥିବାରୁ ଏହାକୁ ରସ କହନ୍ତି । ରସ କିପରି ଆସ୍ୱାଦ୍ୟ ହୁଏ । ଯେପରି ନାନାପ୍ରକାର ବ୍ୟଞ୍ଜନ ଦ୍ୱାରା ମିଶ୍ରିତ ଅନ୍ନକୁ (ଖାଦ୍ୟ ଦ୍ରବ୍ୟକୁ) ଖାଉଥିବା ବିଦ୍ୱାନ୍ ଲୋକେ ମଧୁରାଦି ରସକୁ ଆସ୍ୱାଦ କରନ୍ତି ଏବଂ ଆନନ୍ଦ ଅନୁଭବ କରନ୍ତି, ସେହିପରି ବାଚିକ, ଆଙ୍ଗିକ ଓ ସାତ୍ତ୍ୱିକ ଅଭିନୟ ଦ୍ୱାରା ଅଭିନୀତ ଭାବମାନଙ୍କ ସାହାଯ୍ୟରେ ସ୍ଥାୟୀଭାବମାନଙ୍କୁ ସହୃଦୟ ଦର୍ଶକମାନେ ଅନୁଭବ କରନ୍ତି, ତେଣୁ ଏଗୁଡ଼ିକ ନାଟ୍ୟରସ ବୋଲି କୁହାଯାଇଛି । (ଖ)

ଏ ବିଷୟରେ ପରମ୍ପରାଗତ ଯେଉଁ ଶ୍ଳୋକଦ୍ୱୟ ଅଛି ତାହାର ଅର୍ଥ ହେଉଛି ଯେପରି ନାନାପ୍ରକାର ଦ୍ରବ୍ୟରେ ବହୁବିଧ ମସଲା ପ୍ରକ୍ଷିପ୍ତ ଯୋଗକରି ପ୍ରସ୍ତୁତ କରାଥିବା ଖାଦ୍ୟକୁ ଖାଇ ପ୍ରବୀଣ ଲୋକମାନେ (ଜିହ୍ୱା ସାହାଯ୍ୟରେ) ସ୍ୱାଦ ଅନୁଭବ କରନ୍ତି, ସେହିପରି ନାନାଭାବର ସାହାଯ୍ୟରେ ପ୍ରକାଶିତ ସ୍ଥାୟୀଭାବ (ରତି, ହାସ ପ୍ରଭୃତି) ମାନଙ୍କୁ ରସଜ୍ଞ ବ୍ୟକ୍ତିମାନେ ମନ ସାହାଯ୍ୟରେ ଆସ୍ୱାଦନ (ଅନୁଭବ) କରିଥାନ୍ତି । ଏଣୁ ଏମାନଙ୍କୁ ନାଟ୍ୟରସ ଆଖ୍ୟା ଦିଆଯାଇଛି । ୩୨-୩୩ ।

Digitized by srujanika@gmail.com

ଅତ୍ରାହ କିଂ ରସେଭ୍ୟୋ ଭାବାନାମଭିନିର୍ବୃତ୍ତିରୁତାହୋ ଭାବେଭ୍ୟୋ ରସାନାମିତି । ଉଚ୍ୟତେ— କେଷାଂଚିନ୍ମତଂ, ପରସ୍ପର-ସମ୍ବନ୍ଧାଦେଷାମଭିନିର୍ବୃତ୍ତିରିତି ଚେନ୍ନ । କସ୍ମାତ୍ ? ଦୃଶ୍ୟତେ ହି ଭାବେଭ୍ୟୋ ରସାନାମଭିନିର୍ବୃତ୍ତିର୍ନ ତୁ ରସେଭ୍ୟୋ ଭାବାନାମଭି-ନିର୍ବୃତ୍ତିରିତି (କ) ।

ଭବନ୍ତି ଚାତ୍ର ଶ୍ଳୋକାଃ —

ନାନାଭିନୟସମ୍ବଦ୍ଧାନ୍ ଭାବୟନ୍ତି ରସାନିମାନ୍ ।
ଯସ୍ମାତ୍ତସ୍ମାଦମୀ ଭାବା ବିଜ୍ଞେୟା ନାଟ୍ୟଯୋକ୍ତୃଭିଃ ॥ ୩୪ ॥
ନାନାଦ୍ରବ୍ୟୈର୍ବହୁବିଧୈର୍ବ୍ୟଞ୍ଜନଂ ଭାବ୍ୟତେ ଯଥା ।
ଏବଂ ଭାବା ଭାବୟନ୍ତି ରସାନଭିନୟୈଃ ସହ ॥ ୩୫ ॥
ନ ଭାବହୀନୋଽସ୍ତି ରସୋ ନ ଭାବୋ ରସବର୍ଜିତଃ ।
ପରସ୍ପରକୃତା ସିଦ୍ଧିସ୍ତୟୋରଭିନୟେ ଭବେତ୍ ॥ ୩୬ ॥

ଏ ବିଷୟରେ ପ୍ରଶ୍ନ ହୋଇପାରେ—ରସମାନଙ୍କରୁ ଭାବଗୁଡ଼ିକର ଉତ୍ପତ୍ତି ହୁଏ ବା ଭାବମାନଙ୍କରୁ ରସଗୁଡ଼ିକର ଉତ୍ପତ୍ତି ହୁଏ ?

ଏ ସମ୍ପର୍କରେ କେହି କେହି କହନ୍ତି ଯେ ସେମାନେ ପରସ୍ପର ସମ୍ବନ୍ଧରୁ ଉତ୍ପନ୍ନ ହୋଇଥାନ୍ତି ଅର୍ଥାତ୍—ରସରୁ ଭାବ ଓ ଭାବରୁ ରସ ଉତ୍ପନ୍ନ ହୁଅନ୍ତି । କିନ୍ତୁ ଏହା ଠିକ୍ ନୁହେଁ । କାରଣ ଭାବ ସମୂହରୁ ରସମାନଙ୍କର ଉତ୍ପତ୍ତି ପରିଦୃଷ୍ଟ ହୋଇଥାଏ, କିନ୍ତୁ ରସ ସମୂହରୁ ଭାବ ସମୂହର ଉତ୍ପତ୍ତି ପରିଦୃଷ୍ଟ ହୁଏନାହିଁ । (କ)

ଏ ବିଷୟରେ କେତେ ଗୋଟି ଶ୍ଳୋକ ଅଛି । ସେମାନଙ୍କର ଅର୍ଥ—ନାନା ପ୍ରକାର ଅଭିନୟ ସହିତ ସମ୍ବନ୍ଧଶୀଳ ଏହି ରସମାନଙ୍କୁ 'ଭାବିତ' ଅର୍ଥାତ୍ ଉତ୍ପତ୍ତି ବା ଆବିର୍ଭାବର ଅନୁକୂଳ ଦଶା ପ୍ରଦାନ କରୁଥିବାରୁ ଏମାନଙ୍କୁ ନାଟ୍ୟ ପ୍ରୟୋକ୍ତାମାନେ ଭାବ ନାମରେ ଆଖ୍ୟାତ କରିଥାନ୍ତି । ଯେପରି ବହୁପ୍ରକାର ପନିପରିବା ଓ ବିବିଧ ମସଲା (ଜିରା ମରିଚ ପ୍ରଭୃତି) ଯୋଗରେ ବ୍ୟଞ୍ଜନ ଉତ୍ପାଦିତ ହୁଏ, ସେହିପରି ସ୍ଥାୟିଭାବମାନେ ନାନାପ୍ରକାର ଅଭିନୟ ସହ ମିଳିତ ହୋଇ ରସ ସମୂହକୁ ଉତ୍ପାଦିତ କରିଥାନ୍ତି । ଭାବ ରହିତ ରସର କଳ୍ପନା ଯେପରି ଅସମ୍ଭବ, ରସହୀନ ଭାବର କଳ୍ପନା ମଧ୍ୟ ସେହିପରି ଅସମ୍ଭବ । ଏଣୁ ଅଭିନୟ କାଳରେ ଏ ଦୁହେଁ ପରସ୍ପର ସିଦ୍ଧିର ହେତୁ ହୋଇଥାନ୍ତି । ୩୪-୩୬ ।

Digitized by srujanika@gmail.com

ବ୍ୟଞ୍ଜନୌଷଧିସଂଯୋଗୋ ଯଥାନ୍ନଂ ସ୍ୱାଦୁତାଂ ନୟେତ୍ ।
ଏବଂ ଭାବା ରସାଂଶ୍ଚୈବ ଭାବୟନ୍ତି ପରସ୍ପରମ୍ ॥ ୩୭ ॥
ଯଥା ବୀଜାଦ୍ଭବେଦ୍ ବୃକ୍ଷୋ ବୃକ୍ଷାତ୍ ପୁଷ୍ପଂ ଫଳଂ ଯଥା ।
ତଥା ମୂଳଂ ରସାଃ ସର୍ବେ ତେଭ୍ୟୋ ଭାବା ବ୍ୟବସ୍ଥିତାଃ ॥ ୩୮ ॥

ତଦେଷାଂ ରସାନାମୁତ୍ପତ୍ତିବର୍ଣ୍ଣଦୈବତନିଦର୍ଶନାନ୍ୟଭିବ୍ୟାଖ୍ୟାସ୍ୟାମଃ । ତେଷାମୁତ୍ପତ୍ତିହେତବଶ୍ଚତ୍ୱାରୋ ରସାଃ । ତଦ୍ୟଥା—ଶୃଙ୍ଗାରୋ ରୌଦ୍ରୋ ବୀରୋ ବୀଭତ୍ସ ଇତି । (କ)

ଅତ୍ର—

ଶୃଙ୍ଗାରାଦ୍ଧି ଭବେଦ୍ଧାସ୍ୟୋ ରୌଦ୍ରାଚ୍ଚ କରୁଣୋ ରସଃ ।
ବୀରାଚ୍ଚୈବାଦ୍ଭୁତୋତ୍ପତ୍ତିର୍ବୀଭତ୍ସାଚ୍ଚ ଭୟାନକଃ ॥ ୩୯ ॥
ଶୃଙ୍ଗାରାନୁକୃତିର୍ଯା ତୁ ସ ହାସ୍ୟସ୍ତୁ ପ୍ରକୀର୍ତ୍ତିତଃ ।
ରୌଦ୍ରସ୍ୟୈବ ଚ ଯତ୍କର୍ମ ସ ଜ୍ଞେୟଃ କରୁଣୋ ରସଃ ॥ ୪୦ ।
ବୀରସ୍ୟାପି ଚ ଯତ୍କର୍ମ ସୋଽଦ୍ଭୁତଃ ପରିକୀର୍ତ୍ତିତଃ ।
ବୀଭତ୍ସଦର୍ଶନଂ ଯଚ୍ଚ ଜ୍ଞେୟଃ ସ ତୁ ଭୟାନକଃ ॥ ୪୧ ॥

ଯେପରି ସମସ୍ତ ପ୍ରକାର ରନ୍ଧନ ଯୋଗ୍ୟ ଫଳମୂଳାଦି ଥିଲେ ମଧ୍ୟ ମସଲା ନ ପକାଇଲେ ତାହା ସ୍ୱାଦୁ ହୁଏ ନାହିଁ, ପୁଣି କେବଳ ମସଲା ମଧ୍ୟ ଆସ୍ୱାଦ୍ୟ ଯୋଗ୍ୟ ହୁଏ ନାହିଁ, ପରନ୍ତୁ ଓ ମସଲା ଉଭୟ ପଦାର୍ଥର ମିଶ୍ରଣରେ ଆସ୍ୱାଦ୍ୟ ଯୋଗ୍ୟତା ଜାତ ହୁଏ । ସେହିପରି କେବଳ ଭାବ ବା କେବଳ ରସ ଅନୁଭବ ଯୋଗ୍ୟ ହୁଏ ନାହିଁ । ଉଭୟ ଉଭୟଙ୍କୁ ଅନୁଭବ ଯୋଗ୍ୟତା ଅର୍ପଣ କରଥାନ୍ତି । ଯେପରି ମଞ୍ଜିରୁ ଗଛ ଏବଂ ଗଛରୁ ଫୁଲ ଓ ଫୁଲରୁ ଫଳର (ଫଳରୁ ବୀଜର) ଉତ୍ପତ୍ତି ଘଟେ, ସେହିପରି ମୂଳ ରସରୁ ଭାବମାନେ ଉତ୍ପନ୍ନ ହୁଅନ୍ତି । ୩୭-୩୮ ।

ଏବେ ରସମାନଙ୍କର ଉତ୍ପତ୍ତି, ବର୍ଣ୍ଣ ଓ ଦେବତାମାନଙ୍କର ନିର୍ଦ୍ଦେଶ ପୂର୍ବକ ସେମାନଙ୍କର ବ୍ୟାଖ୍ୟା କରିବା । ରସମାନଙ୍କ ମଧ୍ୟରେ ଶୃଙ୍ଗାର, ରୌଦ୍ର, ବୀର ଓ ବୀଭତ୍ସ ଏହି ଚାରୋଟି ମୂଳରସ । (କ)

ଅନ୍ୟ ରସ (ହାସ୍ୟ, କରୁଣ, ଅଦ୍ଭୁତ ଓ ଭୟାନକ) ଏଗୁଡ଼ିକ ପୂର୍ବୋକ୍ତ ରସ ଚତୁଷ୍ଟୟରୁ ଯଥାକ୍ରମେ ଉତ୍ପନ୍ନ ହୋଇଥାନ୍ତି । ଶୃଙ୍ଗାରର ଅନୁଗାମିନୀ ବିସ୍ତାର ନାମହିଁ ହାସ୍ୟ । ସେହିପରି ରୌଦ୍ରର ଯାହା କର୍ମ ତାହାହିଁ କରୁଣ । ବୀରର କାର୍ଯ୍ୟର ନାମ ଅଦ୍ଭୁତ ରସ । ବୀଭତ୍ସର ଦର୍ଶନହିଁ ଭୟାନକ ରସ ।
। ୩୯-୪୧ ।

Digitized by srujanika@gmail.com

ଅଥ ବର୍ଣ୍ଣାଃ —

ଶ୍ୟାମୋ ଭବତି ଶୃଙ୍ଗାରଃ ସିତୋ ହାସ୍ୟଃ ପ୍ରକୀର୍ତ୍ତିତଃ ।
କପୋତଃ କରୁଣଶ୍ଚୈବ ରକ୍ତୋ ରୌଦ୍ରଃ ପ୍ରକୀର୍ତ୍ତିତଃ ।। ୪୨ ।।
ଗୌରୋ ବୀରସ୍ତୁ ବିଜ୍ଞେୟଃ କୃଷ୍ଣଶ୍ଚୈବ ଭୟାନକଃ ।
ନୀଳବର୍ଣ୍ଣସ୍ତୁ ବୀଭତ୍ସଃ ପୀତଶ୍ଚୈବାଦ୍ଭୁତଃ ସ୍ମୃତଃ ।। ୪୩ ।।

ଅଥାଧିଦେବତାନି—

ଶୃଙ୍ଗାରୋ ବିଷ୍ଣୁଦୈବତ୍ୟୋ ହାସ୍ୟଃ ପ୍ରମଥଦୈବତଃ ।
ରୌଦ୍ରୋ ରୁଦ୍ରାଧିଦୈବତ୍ୟଃ କରୁଣୋ ଯମଦୈବତଃ ।। ୪୪ ।।
ବୀଭତ୍ସସ୍ୟ ମହାକାଳଃ କାଳଦେବୋ ଭୟାନକଃ ।
ବୀରୋ ମହେନ୍ଦ୍ରଦେବଃ ସ୍ୟାଦଦ୍ଭୁତୋ ବ୍ରହ୍ମଦୈବତଃ ।। ୪୫ ।।

ଏବମେତେଷାଂ ରସାନାମୁତ୍ପତ୍ତିବର୍ଣ୍ଣଦୈବତାନ୍ୟଭିବ୍ୟାଖ୍ୟାତାନି । ଇଦାନୀଂ ବିଭାବାନୁଭାବବ୍ୟଭିଚାରିସଂଯୁକ୍ତାନାଂ ଲକ୍ଷଣନିଦର୍ଶନାନ୍ୟଭିବ୍ୟାଖ୍ୟାସ୍ୟାମଃ । ସ୍ଥାୟିଭାବାଂଶ୍ଚ ରସତ୍ୱମୁପନେଷ୍ୟାମଃ ଇତି । (କ)

ବର୍ଣ୍ଣ—ଶୃଙ୍ଗାରର ବର୍ଣ୍ଣ ଶ୍ୟାମ, ହାସ୍ୟର ବର୍ଣ୍ଣ ଧବଳ, କରୁଣର ବର୍ଣ୍ଣ କପୋତ, ରୌଦ୍ରର ବର୍ଣ୍ଣ ରକ୍ତ, ବୀରର ବର୍ଣ୍ଣ ଗୌର, ଭୟାନକର ବର୍ଣ୍ଣ କୃଷ୍ଣ ବୀଭତ୍ସର ବର୍ଣ୍ଣ ନୀଳ, ଏବଂ ଅଦ୍ଭୁତର ବର୍ଣ୍ଣ ପୀତ ବୋଲି କୁହା ଯାଇଅଛି । ୪୨-୪୩

ଦେବତା—ଶୃଙ୍ଗାରର ଦେବତା ବିଷ୍ଣୁ, ହାସ୍ୟର ଦେବତା ପ୍ରମଥ, ରୌଦ୍ରର ଦେବତା ରୁଦ୍ର, କରୁଣର ଦେବତା ଯମ, ବୀଭତ୍ସର ଦେବତା ମହାକାଳ, ଭୟାନକର ଦେବତା କାଳଦେବ (?) ବୀରର ଦେବତା ମହେନ୍ଦ୍ର ଓ ଅଦ୍ଭୁତର ଦେବତା ବ୍ରହ୍ମା । ୪୪-୪୫ ।

ରସମାନଙ୍କର ଉତ୍ପତ୍ତି ବର୍ଣ୍ଣ ଓ ଦେବତା [illegible] ବର୍ଣ୍ଣନା କରାଗଲା । ଏଣିକି ବିଭାବ, ଅନୁଭାବ, ବ୍ୟଭିଚାରି ଭାବମାନଙ୍କ ଦ୍ୱାରା ସଂଯୁକ୍ତ (ରସମାନଙ୍କର) ଲକ୍ଷଣାଦି ବୁଝାଇ କହୁଅଛୁ । ରସମାନଙ୍କର ସ୍ଥାୟିଭାବମାନଙ୍କ ବିଷୟରେ ମଧ୍ୟ କହିବୁ । (କ)

Digitized by srujanika@gmail.com

ତତ୍ର ଶୃଙ୍ଗାରୋ ନାମ ରତିସ୍ଥାୟିଭାବପ୍ରଭବ ଉଜ୍ଜ୍ୱଳବେଶାତ୍ମକଃ । ଯଥା—ଯତ୍କିଂଚିଲ୍ଲୋକେ ଶୁଚିମେଧ୍ୟମୁଜ୍ଜ୍ୱଳଂ ଦର୍ଶନୀୟଂ ବା ତଚ୍ଛୃଙ୍ଗାରେଣୋପମୀୟତେ । ଯସ୍ତାବଦୁଜ୍ଜ୍ୱଳବେଶଃ ସ ଶୃଙ୍ଗାରବାନିତ୍ୟୁଚ୍ୟତେ । ଯଥା ଚ ଗୋତ୍ରକୁଲାଚାରୋତ୍ପନ୍ନାନ୍ୟାପ୍ତୋପଦେଶସିଦ୍ଧାନି ପୁଂସାଂ ନାମାନି ଭବନ୍ତି । ତଥୈବୈଷାଂ ରସାନାଂ ଭାବାନାଂ ଚ ନାଟ୍ୟାଶ୍ରିତାନାଂ ଚାର୍ଥାନାମାଚାରୋତ୍ପନ୍ନାନ୍ୟାପ୍ତୋପଦେଶସିଦ୍ଧାନି ନାମାନି ଭବନ୍ତି । ଏବମେଷ ଆଚାରସିଦ୍ଧୋ ହୃଦ୍ୟୋଜ୍ଜ୍ୱଳବେଶାତ୍ମକତ୍ୱାଚ୍ଛୃଙ୍ଗାରୋ ରସ ଇତି । ସ ଚ ସ୍ତ୍ରୀପୁରୁଷହେତୁକ ଉତ୍ତମଯୁବପ୍ରକୃତିଃ । ତସ୍ୟ ଦ୍ୱେ ଅଧିଷ୍ଠାନେ । ସଂଯୋଗୋ ବିପ୍ରଲମ୍ଭଶ୍ଚ । (କ)

ତତ୍ର ସଂଯୋଗସ୍ତାବଦୃତୁମାଲ୍ୟାନୁଲେପନାଲଙ୍କାରେଷ୍ଟଜନବିଷୟବରଭବନୋପଭୋଗୋପବନଗମନାନୁଭବନଶ୍ରବଣଦର୍ଶନକ୍ରୀଡାଲୀଲାଦିଭିର୍ବିଭାବୈରୁତ୍ପଦ୍ୟତେ । ତସ୍ୟ ନୟନଚାତୁର୍ୟଭ୍ରୂକ୍ଷେପକଟାକ୍ଷସଞ୍ଚାରଲଳିତମଧୁରାଙ୍ଗହାରବାକ୍ୟାଦିଭିରନୁଭାବୈରଭିନୟଃ ପ୍ରୟୋକ୍ତବ୍ୟଃ ।

ଶୃଙ୍ଗାର 'ରତି' ନାମକ ସ୍ଥାୟି ଭାବରୁ ଉତ୍ପନ୍ନ ଓ ଉଜ୍ଜ୍ୱଳ ବେଶଯୁକ୍ତ । ଇହଲୋକରେ ଯାହା ଯାହା ଶୁଚି (ପବିତ୍ର) ମେଧ୍ୟ (ଯଜ୍ଞୀୟ କାର୍ଯ୍ୟରେ ଅନିଷିଦ୍ଧ ଅର୍ଥାତ୍ ପବିତ୍ର ଶୁଦ୍ଧ) ଓ ଦର୍ଶନୀୟ (ଦେଖିବାକୁ ସୁନ୍ଦର) ସେ ସମସ୍ତଙ୍କୁ ଶୃଙ୍ଗାର ସହିତ ତୁଳନା କରାଯାଏ, (ଶୃଙ୍ଗାର ପଦଦ୍ୱାରା ତାହା ଉକ୍ତ ହୋଇଥାଏ) ଯେଉଁ ଲୋକ ଉଜ୍ଜ୍ୱଳ ବେଶଧାରଣ କରିଥାଏ ତାହାକୁ ଶୃଙ୍ଗାରବାନ୍ (ଶୃଙ୍ଗାରଯୁକ୍ତ) ବୋଲି କହନ୍ତି । ଯେପରି ପୁଂବ୍ୟକ୍ତିଙ୍କର ନାମ, ତାହାର ଗୋତ୍ର ବଂଶ ଏବଂ ଆଚାର (ବ୍ୟବହାର) ଦୃଷ୍ଟିରୁ ଆପ୍ତ (ଆତ୍ମୀୟ) ବର୍ଗଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥାଏ, ଠିକ୍ ସେହିପରି ଅର୍ଥ (ବାକ୍ୟାର୍ଥ) ମାନଙ୍କର ନାମ ସେମାନଙ୍କର ବ୍ୟବହାର ଦୃଷ୍ଟିରୁ ଆପ୍ତ (ବିଦ୍ୱାନ୍) ମାନଙ୍କ ଦ୍ୱାରା ନିର୍ଦ୍ଦିଷ୍ଟ ହୋଇଥାଏ । ତେଣୁ ଶୃଙ୍ଗାରରସ ଗୁରୁ ବ୍ୟକ୍ତିଙ୍କ ଆଚାର ଦ୍ୱାରା ସିଦ୍ଧ ହୃଦୟଗ୍ରାହୀ ଉଜ୍ଜ୍ୱଳ ବେଶାତ୍ମକ । ଏହା ସ୍ତ୍ରୀ ଓ ପୁରୁଷ ହେତୁରୁ ଜାତ ହୁଏ । ଉତ୍ତମ ଯୁବକ ଓ ଯୁବତୀ ଏହାର ପାତ୍ର । ତାହାର ଅଧିଷ୍ଠାନ (ରୂପ ଭେଦ) ଦୁଇଗୋଟି ଯଥା ସମ୍ଭୋଗ ଓ ବିପ୍ରଲମ୍ଭ । (କ)

ତନ୍ମଧ୍ୟରୁ ସମ୍ଭୋଗ ଋତୁ, ମାଳ୍ୟ, ଅନୁଲେପନ (ରଞ୍ଜନ ଦ୍ରବ୍ୟ) ଅଳଙ୍କାର ପ୍ରିୟଜନ, ଭୋଗ୍ୟ (ରୂପାଦି) ବସ୍ତୁ ଉତ୍କୃଷ୍ଟ ଗୃହ, ଉପଭୋଗ, ଉପବନ, ଶ୍ରବଣ, ଦର୍ଶନ କ୍ରୀଡ଼ା, ଲୀଳା ଦ୍ୱାରା ବିଭାବ ସାହାଯ୍ୟରେ ଉତ୍ପନ୍ନ ହୁଏ । ସେହି ସମ୍ଭୋଗ

Digitized by srujanika@gmail.com

ବ୍ୟଭିଚାରିଭିଃ — ହାସାଲସ୍ୟୌଗ୍ର୍ୟଜୁଗୁପ୍ସାବର୍ଜ୍ୟମ୍ । ବିପ୍ରଲମ୍ଭକୃତସ୍ତୁ ନିର୍ବେଦଗ୍ଲାନିଶଙ୍କାସୂୟାଶ୍ରମଚିନ୍ତୌତ୍ସୁକ୍ୟନିଦ୍ରାସୁପ୍ତସ୍ୱପ୍ନବିବୋଧବ୍ୟାଧ୍ୟୁନ୍ମାଦାପସ୍ମାରଜାଡ୍ୟମରଣାଦିଭିରଭିନୟୈରଭିନେତବ୍ୟଃ । (କ)

ଅତ୍ରାହ — ଯଦ୍ୟୟଂ ରତିପ୍ରଭବଃ ଶୃଙ୍ଗାରଃ, କଥମସ୍ୟ କରୁଣାଶ୍ରୟିଣୋ ଭାବା ଭବନ୍ତି । ଅତ୍ରୋଚ୍ୟତେ— ପୂର୍ବମେବାଭିହିତଂ ସମ୍ଭୋଗବିପ୍ରଲମ୍ଭକୃତଃ ଶୃଙ୍ଗାର ଇତି । ବୈଶିକଶାସ୍ତ୍ରକାରୈଶ୍ଚ ଦଶାବସ୍ଥୋଽଭିହିତଃ । ତାଶ୍ଚ ସାମାନ୍ୟାଭିନୟେ ବକ୍ଷ୍ୟାମଃ । (ଖ)

କରୁଣସ୍ତୁ ଶାପକ୍ଲେଶବିନିପାତେଷ୍ଟଜନବିପ୍ରୟୋଗବିଭବନାଶବଧବନ୍ଧସମୁତ୍ଥୋ ନିରପେକ୍ଷଭାବଃ । ଔତ୍ସୁକ୍ୟଚିନ୍ତାସମୁତ୍ଥଃ ସାପେକ୍ଷଭାବୋ ବିପ୍ରଲମ୍ଭକୃତଃ । ଏବମନ୍ୟଃ କରୁଣୋଽନ୍ୟଶ୍ଚ ବିପ୍ରଲମ୍ଭ ଇତି । ଏବମେଷ ସର୍ବଭାବସଂଯୁକ୍ତଃ ଶୃଙ୍ଗାରୋ ଭବତି । (ଗ)

ଶୃଙ୍ଗାରର ଅଭିନୟ, ଚକ୍ଷୁର ଚାଳନରେ ଚତୁରତା, ଭ୍ରୂଲତାର ବିକ୍ଷେପ, କଟାକ୍ଷର ଗତି, ଏବଂ ଲଳିତ ତଥା ମଧୁର ଅଙ୍ଗଦ୍ୱାରା ପ୍ରଦର୍ଶିତ ହେବା (ପ୍ରଯୁକ୍ତ ହେବା) ଉଚିତ । ଏଥିରେ ପୂର୍ବୋକ୍ତ ବ୍ୟଭିଚାରୀ ମଧ୍ୟରୁ ହାସ, ଆଳସ୍ୟ, ଔଗ୍ର ଓ ଜୁଗୁପ୍ସା ଅନ୍ୟ ବ୍ୟଭିଚାରୀ ଭାବ ପ୍ରଯୁକ୍ତ ହୁଅନ୍ତି । ବିପ୍ରଲମ୍ଭ ଶୃଙ୍ଗାରରେ ନିର୍ବେଦ, ଗ୍ଲାନି, ଶଙ୍କା ଅସୂୟା, ଶ୍ରମ, ଚିନ୍ତା, ଔତ୍ସୁକ୍ୟ, ନିଦ୍ରା, ସୁପ୍ତି, ସ୍ୱପ୍ନ, ବିବୋଧ, ବ୍ୟାଧି, ଉନ୍ମାଦ, ଅପସ୍ମାର, ଜାଡ୍ୟ ଏବଂ ମରଣ ପ୍ରଭୃତି ଦ୍ୱାରା ଅଭିନୀତ ହେବା ବିଧେୟ । (କ)

ଏଠାରେ ପ୍ରଶ୍ନ ହୋଇପାରେ ଶୃଙ୍ଗାର ଯଦି ରତିସ୍ଥାୟୀଭାବରୁ ଉତ୍ପନ୍ନ, ତେବେ କରୁଣକୁ ଆଶ୍ରୟ କରିଥିବା ଭାବମାନେ କିପରି ଏଥିରେ ଅବସ୍ଥାନ କରନ୍ତି ? ଏ ବିଷୟରେ କୁହାଯାଉଛି ଯେ ଏଥିପୂର୍ବେ ଶୃଙ୍ଗାରକୁ ସମ୍ଭୋଗ ଏବଂ ବିପ୍ରଲମ୍ଭରୂପେ ଦ୍ୱିବିଧ ବୋଲି କୁହା ଯାଇଅଛି । ବୈଶିକ ଶାସ୍ତ୍ରମାନଙ୍କରେ ମଧ୍ୟ ଏମାନଙ୍କର ଦଶଗୋଟି ଅବସ୍ଥା ଥିବାର କୁହାଯାଇଛି । ସେହି ଅବସ୍ଥାମାନଙ୍କ ବିଷୟରେ ଆମ୍ଭେମାନେ ସାଧାରଣ ଅଭିନୟ ବର୍ଣ୍ଣନା କଲାବେଳେ କହିବୁ । (ଖ)

କରୁଣ—ଶାପ, କ୍ଲେଶ, ବିନିପାତ (ଅଧୋଗତି ବା ପତନ) ବିପ୍ରୟୋଗ (ବିରହ) ଧନନାଶ ବଧ ବା ବନ୍ଧନରୁ ଉତ୍ପନ୍ନ ହୁଏ । ଏହା ଭାବକୁ ଅପେକ୍ଷା କରେ ନାହିଁ, କିନ୍ତୁ ବିପ୍ରଲମ୍ଭ ଶୃଙ୍ଗାରର ଉତ୍ପତ୍ତିସ୍ଥାନ ଔତ୍ସୁକ୍ୟ ଓ ଚିନ୍ତା । ଏହା ଭାବକୁ ଅପେକ୍ଷା ରଖେ । ଏହି ହେତୁରୁ କରୁଣ ଅନ୍ୟ ଓ ବିପ୍ରଲମ୍ଭ ଅନ୍ୟ, (ଏହାହିଁ କରୁଣଠାରୁ ବିପ୍ରଲମ୍ଭର ଭେଦ) । ଏହି ପ୍ରକାରେ ଶୃଙ୍ଗାରରସ ସକଳ ପ୍ରକାର ଭାବଦ୍ୱାରା

Digitized by srujanika@gmail.com

ଅପିଚ—

ସୁଖପ୍ରାପ୍ତେଷ୍ଟସମ୍ପନ୍ନଃ ଋତୁମାଲ୍ୟାଦସେବକଃ
ପୁରୁଷଃ ପ୍ରମଦାଯୁକ୍ତଃ ଶୃଙ୍ଗାର ଇତି ସଂଜ୍ଞିତଃ ।। ୪୬ ।।
ଅପି ଚାତ୍ର ସୂତ୍ରାନୁବଦ୍ଧେ ଆର୍ଯ୍ୟେ ଭବତଃ ।—
ଋତୁମାଲ୍ୟାଲଙ୍କାରୈଃ ପ୍ରିୟଜନଗାନ୍ଧର୍ବକାବ୍ୟସେବାଭିଃ ।
ଉପବନଗମନବିହାରୈଃ ଶୃଙ୍ଗାରରସଃ ସମୁଦ୍ଭବତି ।। ୪୭ ।।
ନୟନବଦନପ୍ରସାଦୈଃ ସ୍ମିତମଧୁରବଚୋଧୃତିପ୍ରମୋଦୈଶ୍ଚ ।
ମଧୁରୈଶ୍ଚାଙ୍ଗବିକାରୈସ୍ତସ୍ୟାଭିନୟଃ ପ୍ରୟୋକ୍ତବ୍ୟଃ ।। ୪୮ ।।
ଇତି ଶୃଙ୍ଗାରରସପ୍ରକରଣମ୍ ।

ଅଥ ହାସ୍ୟୋ ନାମ ହାସସ୍ଥାୟିଭାବାତ୍ମକଃ । ସ ଚ ବିକୃତପରବେଶାଲଙ୍କାରଧାର୍ଷ୍ଟ୍ୟଲୌଲ୍ୟକଲହାସତ୍ପ୍ରଲାପବ୍ୟଙ୍ଗଦର୍ଶନଦୋଷୋଦାହରଣାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତସ୍ୟୌଷ୍ଠଦଂଶନନାସାକପୋଲସ୍ପନ୍ଦନ-

---

ସଂଯୁକ୍ତ ହୋଇଥାଏ । (ଗ)

ଆତୁର ମଧ୍ୟ ପୁରୁଷ, ଋତୁର ସୁଖବାନ ଅଭିଲଷିତ ଦ୍ରବ୍ୟଯୁକ୍ତ ଋତୁ ଏବଂ ମାଲ୍ୟାଦିର ସେବକ (ଉପଭୋକ୍ତା) ଏବଂ ପ୍ରମଦାଯୁକ୍ତ ହୋଇଥିଲେ ତାହା ଶୃଙ୍ଗାର ନାମରେ ଅଭିହିତ ହୁଏ । ୪୬ ।

ଏ ବିଷୟରେ ପରମ୍ପରାଗତ ଯେଉଁ ଦୁଇଟି ଆର୍ଯ୍ୟା ପ୍ରଚଳିତ ଅଛି ତାହାର ଅର୍ଥ ଏହି ପ୍ରକାର—

ଋତୁ, ମାଳ୍ୟ, ଅଳଙ୍କାର, ପ୍ରିୟଜନର ଉପଭୋଗ ଏବଂ ଗାନ୍ଧର୍ବ (ସଙ୍ଗୀତ ଶାସ୍ତ୍ର) ଓ କାବ୍ୟ ଶାସ୍ତ୍ରର ଅନୁଶୀଳନ, ଉପବନକୁ ଗମନ କରିବା ଓ ତହିଁରେ କ୍ରୀଡ଼ା କରିବା ପ୍ରଭୃତି କାର୍ଯ୍ୟରୁ ଶୃଙ୍ଗାର ରସର ଉତ୍ପତ୍ତି ଘଟେ । ନେତ୍ର ଓ ମୁଖର ପ୍ରସନ୍ନତା ଦ୍ୱାରା ମନ୍ଦହାସ ସହିତ ମଧୁର ବଚନ, ଧୃତି ଏବଂ ପ୍ରମୋଦ (ଆନନ୍ଦ) ଦ୍ୱାରା, ମନୋହର ଅଙ୍ଗବିକାର ଦ୍ୱାରା ଶୃଙ୍ଗାରରସର ଅଭିନୟ କରାଯିବା ଉଚିତ ।
। ୪୭-୪୮ ।

ହାସ୍ୟରସ - ଏହାପରେ ହାସ୍ୟରସ ବିଷୟରେ କୁହାଯାଉଛି । ହାସ୍ୟରସର ସ୍ଥାୟିଭାବ ହାସ । ଏହା ବିକୃତବେଶ ବିକୃତ ଅଳଙ୍କାର, ଧୃଷ୍ଟତା (ଲଜ୍ଜାଶୂନ୍ୟତା) ଲୋଲତା, କଳହ, ଅସାଧୁଭାଷଣ, ବିକୃତ ଅଙ୍ଗର ପ୍ରଦର୍ଶନ ଦୋଷଯୁକ୍ତ ବଚନର ଉଚ୍ଚାରଣ ପ୍ରଭୃତି ବିଭାବ ଦ୍ୱାରା ଉତ୍ପାଦିତ ହୁଏ । ଓଠ, ନାସା ଓ

Digitized by srujanika@gmail.com

ଦୃଷ୍ଟିବ୍ୟାକୋଶାକୁଞ୍ଚନସ୍ୱେଦାସ୍ୟରାଗପାର୍ଶ୍ୱଗ୍ରହଣାଦିଭିରନୁଭାବୈରଭିନେୟଃ ପ୍ରୟୋକ୍ତୃଭିଃ । ବ୍ୟଭିଚାରିଣଶ୍ଚାବହିତ୍ଥାଲସ୍ୟତନ୍ଦ୍ରାନିଦ୍ରାସ୍ୱପ୍ନପ୍ରବୋଧାସୂୟାଦୟଃ । ଦ୍ୱିବିଧଶ୍ଚାୟଂ—ଆତ୍ମସ୍ଥଃ ପରସ୍ଥଶ୍ଚ । ଯଦା ସ୍ୱୟଂ ହସତି ତଦାତ୍ମସ୍ଥଃ । ଯଦା ତୁ ପରଂ ହାସୟତି ତଦା ପରସ୍ଥଃ । (କ)

ଅତ୍ରାନୁବଂଶ୍ୟେ ଆର୍ଯ୍ୟେ ଭବତଃ—

ବିପରୀତାଲଂକାରୈର୍ବିକୃତାଚାରାଭିଧାନବେଶୈଶ୍ଚ ।
ବିକୃତୈରଙ୍ଗବିକାରୈର୍ହସତୀତି ରସଃ ସ୍ମୃତୋ ହାସ୍ୟଃ ॥ ୪୯ ॥
ବିକୃତାକାରୈର୍ବାକ୍ୟୈରଙ୍ଗବିକାରୈଶ୍ଚ ବିକୃତବେଶୈଶ୍ଚ ।
ହାସୟତି ଜନଂ ଯସ୍ମାତ୍ତସ୍ମାଜ୍ଜ୍ଞେୟୋ ରସୋ ହାସ୍ୟଃ ॥ ୫୦ ॥
ସ୍ତ୍ରୀନୀଚପ୍ରକୃତାବେଷ ଭୂୟିଷ୍ଠଂ ଦୃଶ୍ୟତେ ରସଃ
ଷଡ୍ଭେଦାଶ୍ଚାସ୍ୟ ବିଜ୍ଞେୟାସ୍ତାଂଶ୍ଚ ବକ୍ଷ୍ୟାମ୍ୟହଂ ପୁନଃ ॥ ୫୧ ॥

କପୋଳକୁ ଈଷତ୍ ସ୍ଫୀତ କରିବା, ଚକ୍ଷୁକୁ ବିସ୍ଫାରିତ ବା ଆକୁଞ୍ଚିତ କରିବା ସ୍ୱେଦ, ମୁଖର ରକ୍ତତା, ଏବଂ ପାର୍ଶ୍ୱଗ୍ରହଣ ପ୍ରଭୃତି ଅନୁଭାବ ଦ୍ୱାରା ଏହାକୁ ଅଭିନୀତ କରାଯାଏ । ଏଥିରେ ଆଲସ୍ୟ, ଅବହିତ୍ଥା, ତନ୍ଦ୍ରା, ନିଦ୍ରା, ସ୍ୱପ୍ନ, ପ୍ରବୋଧ ଓ ଅସୂୟା ପ୍ରଭୃତି ବ୍ୟଭିଚାରୀଭାବ । ଏହା ଆତ୍ମଗତ ଓ ପରଗତ ଭେଦରେ ଦୁଇପ୍ରକାର । ହାସର ଆଧାର ନିଜେ ହେଲେ ଅର୍ଥାତ୍ ନିଜେ ହସିଲେ ତାହା ଆତ୍ମଗତ ବା ଆତ୍ମସ୍ଥ, ଏବଂ ଅନ୍ୟକୁ ହସାଇଲେ ତାହା ପରଗତ (ପରସ୍ଥ) । (କ)

ଏ ବିଷୟରେ ପରମ୍ପରାଗତ ପ୍ରଚଳିତ ଦୁଇଟି ଆର୍ଯ୍ୟା ଅଛି, ତାହାର ଅର୍ଥ—

ଅଳଙ୍କାରକୁ ବିପରୀତ ଭାବରେ ପିନ୍ଧିବା, ବିକୃତ ଆଚାର, ବିକୃତ ନାମ ବା ବଚନ, ବିକୃତ ବେଶ, ଭିନ୍ନ ପ୍ରକାର ଅଙ୍ଗ ବିକୃତି ହେତୁ ଲୋକେ ହସନ୍ତି ବୋଲି ଏହାର ନାମ ହାସ୍ୟ । ଆକାର ଓ ବାକ୍ୟର ବିକୃତି ଦ୍ୱାରା ତଥା ଅଙ୍ଗବିକାର ଓ ବିକୃତ ବେଶ ଦ୍ୱାରା (ବିଦୂଷକାଦି) ଲୋକଙ୍କୁ ହସାନ୍ତି ବୋଲି ଏହି ରସକୁ ହାସ୍ୟରସ କୁହାଯାଏ । ୪୯-୫୦ ।

ସ୍ତ୍ରୀ ଓ ନୀଚ ଶ୍ରେଣୀର ପ୍ରକୃତି (ନାୟକ-ନାୟିକା) ଠାରେ ଏହି ରସ ପ୍ରଚୁର ଭାବେ ପରିଦୃଷ୍ଟ ହୁଏ । ଏହା ଛଅ ପ୍ରକାର, ସେମାନଙ୍କର ନାମ ଓ ଲକ୍ଷଣ

Digitized by srujanika@gmail.com

ସ୍ମିତମଥ ହସିତଂ ବିହସିତମୁପହସିତଂ ଚାପହସିତମତିହସିତମ୍ ।
ଦ୍ୱୌ ଦ୍ୱୌ ଭେଦୌ ସ୍ୟାତାମୁତ୍ତମମଧ୍ୟାଧମପ୍ରକୃତୌ ॥ ୫୨ ॥

ତତ୍ର —

ସ୍ମିତହସିତେ ଜ୍ୟେଷ୍ଠାନାଂ ମଧ୍ୟାନାଂ ବିହସିତୋପହସିତେ ।
ଅଧମାନାମପହସିତଂ ହ୍ୟତିହସିତଂ ଚାପି ବିଜ୍ଞେୟମ୍ ॥ ୫୩ ॥

ଅତ୍ର ଶ୍ଳୋକାଃ—

ଈଷଦ୍ବିକସିତୈର୍ଗଣ୍ଡୈଃ କଟାକ୍ଷୈଃ ସୌଷ୍ଠବାନ୍ୱିତୈଃ ।
ଅଲକ୍ଷିତଦ୍ୱିଜଂ ଧୀରମୁତ୍ତମାନାଂ ସ୍ମିତଂ ଭବେତ୍ ॥ ୫୪ ॥
ଉତ୍ଫୁଲ୍ଲାନନନେତ୍ରଂ ତୁ ଗଣ୍ଡୈର୍ବିହସିତୈରଥ ।
କିଞ୍ଚିଲ୍ଲକ୍ଷିତଦନ୍ତଂ ଚ ହସିତଂ ତଦ୍ବିଧୀୟତେ ॥ ୫୫ ॥

ଅଥ ମଧ୍ୟାନାମ୍—

ଆକୁଞ୍ଚିତାକ୍ଷି ଗଣ୍ଡଂ ଯତ୍ ସସ୍ୱନଂ ମଧୁରଂ ତଥା ।
କାଲାଗତଂ ସାସ୍ୟରାଗଂ ତଦ୍ବୈ ବିହସିତଂ ଭବେତ୍ ॥ ୫୬ ॥
ଉତ୍ଫୁଲ୍ଲନାସିକଂ ଯତ୍ତୁ ଜିହ୍ମଦୃଷ୍ଟିନିରୀକ୍ଷିତମ୍ ।

କହୁଅଛୁ । ଯଥା — ସ୍ମିତ, ହସିତ, ବିହସିତ, ଉପହସିତ, ଅପହସିତ ଓ ଅତିହସିତ ଏହି ଛଅଗୋଟି ଭେଦ ମଧ୍ୟରୁ ଦୁଇ ଦୁଇ ଗୋଟି ଯଥାକ୍ରମେ ଉତ୍ତମ, ମଧ୍ୟମ ଓ ଅଧମ ନାୟକ ନାୟିକାଙ୍କଠାରେ (ପରିଦୃଷ୍ଟ) ହୁଏ । ଅର୍ଥାତ୍—ସ୍ମିତ ଓ ହସିତ ଏ ଦୁଇଟି ଉତ୍ତମଠାରେ, ବିହସିତ ଓ ଉପହସିତ ମଧ୍ୟମଠାରେ ଏବଂ ଅପହସିତ ଓ ଅତିହସିତ ନୀଚଠାରେ ପରିଦୃଷ୍ଟ ହୁଏ ବୋଲି ଜାଣିବ । ୫୧-୫୩ ।

ଏ ବିଷୟରେ ଏହି ଶ୍ଳୋକ ଗୁଡ଼ିକ ପ୍ରଚଳିତ ଅଛି । ଯଥା—ଉତ୍ତମ ଲୋକଙ୍କ ହସରେ ସେମାନଙ୍କର ଗଣ୍ଡଦେଶ ଈଷତ୍ ପ୍ରଫୁଲ୍ଲ ହୁଏ । କଟାକ୍ଷ ସୌଷ୍ଠବ ଯୁକ୍ତ ହୁଏ । ଦନ୍ତ ପଦାକୁ ଦିଶେ ନାହିଁ ବା ଶବ୍ଦ ଶୁଣାଯାଏ ନାହିଁ, ଏହାକୁ ସ୍ମିତ କହନ୍ତି । ମୁଖ ଉତ୍ଫୁଲ୍ଲ, ନୟନ ବିକସିତ (ବିସ୍ତାରିତ) ଗଣ୍ଡ ପ୍ରଫୁଲ୍ଲ ଏବଂ ଦାନ୍ତର ଅଳ୍ପ ଅଂଶ ଦୃଷ୍ଟ ହେଲେ ତାହାକୁ ହସିତ କହନ୍ତି । ୫୪-୫୫ ।

ଗଣ୍ଡ ଓ ନେତ୍ର ଈଷତ୍ କୁଞ୍ଚିତ, ମଧୁର ସ୍ୱର ସହକାରେ ସମୟେ ସମୟେ ମୁଖରେ ରକ୍ତିମାର ଉତ୍ପାଦକ ହାସକୁ ବିହସିତ କହନ୍ତି । ଉପହସିତରେ

Digitized by srujanika@gmail.com

ନକୁଞ୍ଚିତାଂସକଶିରସ୍ତଚ୍ଚୋପହସିତଂ ଭବେତ୍ ॥ ୫୭ ॥

ଅଧମାନାମ୍—

ଅସ୍ଥାନହସିତଂ ଯତ୍ତୁ ସାଶ୍ରୁନେତ୍ରଂ ତଥୈବ ଚ ।
ଉତ୍କମ୍ପିତାଂସକଶିରସ୍ତଚ୍ଚାପହସିତଂ ଭବେତ୍ ॥ ୫୮ ॥
ସଂରବ୍ଧସାଶ୍ରୁନେତ୍ରଂ ଚ ବିକୃଷ୍ଟସ୍ୱରମୁଦ୍ଧତମ୍ ।
କରୋପଗୂଢପାର୍ଶ୍ୱଂ ଚ ତଚ୍ଚାତିହସିତଂ ଭବେତ୍ ॥ ୫୯ ॥
ହାସ୍ୟସ୍ଥାନାନି ଯାନି ସ୍ୟୁଃ କାର୍ଯ୍ୟୋତ୍ପନ୍ନାନି ନାଟକେ ।
ଉତ୍ତମାଧମମଧ୍ୟାନାମେବଂ ତାନି ପ୍ରୟୋଜୟେତ୍ ॥ ୬୦ ॥
ଇତ୍ୟେଷ ସ୍ୱସମୁତ୍ଥସ୍ତଥା ପରସମୁତ୍ଥିତଶ୍ଚ ବିଜ୍ଞେୟଃ ।
ଦ୍ୱିବିଧସ୍ତ୍ରିପ୍ରକୃତିଗତସ୍ତ୍ର୍ୟବସ୍ଥଭାବୋ ରସୋ ହାସ୍ୟଃ ॥ ୬୧ ॥

ଇତି ହାସ୍ୟରସ ପ୍ରକରଣମ୍ ॥

ଅଥ କରୁଣୋ ନାମ ଶୋକସ୍ଥାୟିଭାବପ୍ରଭବଃ । ସ ଚ ଶାପ-କ୍ଲେଶବିନିପତିତେଷ୍ଟଜନବିପ୍ରୟୋଗବିଭବନାଶବଧବନ୍ଧବିଦ୍ରବୋପଘାତବ୍ୟ-ସନସଂଯୋଗାଦିଭିର୍ବିଭାବୈଃ ସମୁପଜାୟତେ । ତସ୍ୟାଶ୍ରୁପାତପରିଦେବନ-

---

ନାକପୁଡ଼ା ଫୁଲିଯାଏ । ନେତ୍ର ବକ୍ର ସ୍ମିତଯୁକ୍ତ ହୁଏ । ସ୍କନ୍ଧଦେଶ ଓ ମସ୍ତକ ନକୁଞ୍ଚିତ (ଆନତ) ହୁଏ । ୫୬-୫୭ ।

ସ୍ଥାନ ଅସ୍ଥାନ ନ ଜାଣି ହସିବା ଓ ନେତ୍ରରୁ ଜଳଗଡ଼ିବା, ସ୍କନ୍ଧ ଦେଶକୁ ଓ ମସ୍ତକକୁ କମ୍ପିତ କରିବା, ଅପହସିତର ଲକ୍ଷଣ । ଚକ୍ଷୁ ଲୋତକପୂର୍ଣ୍ଣ, ସ୍ୱର ଉଚ୍ଚ ଓ ଉଦ୍ଧତ ଏବଂ ପାର୍ଶ୍ୱଦେଶ ହସ୍ତଦ୍ୱାରା ଆବୃତ କରି ହସିବାର ନାମ ଅତିହସିତ । ନାଟକରେ ଅଭିନୟ କାଳରେ ଯେଉଁ ଯେଉଁ ସ୍ଥାନରେ ହାସ ଉତ୍ପନ୍ନ ହୁଏ, ଉତ୍ତମ ମଧ୍ୟମ ଓ ଅଧମ ପାତ୍ର ଭେଦରେ ତାହାର ପ୍ରୟୋଗ ଏହିପରିକାରେ । ଏହିପ୍ରକାରେ ଆତ୍ମଗତ ଓ ପରଗତ ହାସ୍ୟରସ ଦୁଇଁ, ଉତ୍ତମ, ମଧ୍ୟମ ଓ ଅଧମ ନାୟକ, ନାୟିକା ଭେଦରେ ଛଅ ପ୍ରକାର ହୋଇଥାନ୍ତି । ୫୮-୬୧ ।

କରୁଣରସ— ଏହା ଶୋକ ନାମକ ସ୍ଥାୟିଭାବରୁ ଉତ୍ପନ୍ନ ହୁଏ ତାହା ଶାପ, କ୍ଲେଶ, ବିନିପତିତ, (ଅଧୋଗତ ବା ବିପନ୍ନ) ପ୍ରିୟଲୋକର ବିରହ, ଧନନାଶ, ବଧ, ବନ୍ଧନ, ଉପଦ୍ରବ ଆଘାତ, ବିପଦପ୍ରାପ୍ତ ପ୍ରଭୃତି ଉଦ୍ଦୀପକ ବିଭାବରୁ ଜାତ

Digitized by srujanika@gmail.com

ମୁଖଶୋଷବୈବର୍ଣ୍ୟସ୍ରସ୍ତଗାତ୍ରତାନିଶ୍ୱାସସ୍ମୃତିଲୋପାଦିଭିରନୁଭାବୈରଭିନୟଃ-ପ୍ରୟୋକ୍ତବ୍ୟଃ । ବ୍ୟଭିଚାରିଣଶ୍ଚାସ୍ୟ ନିର୍ବେଦଗ୍ଲାନିଚିନ୍ତୌତ୍ସୁକ୍ୟାବେଗ-ଭ୍ରମମୋହଶ୍ରମଭୟବିଷାଦଦୈନ୍ୟବ୍ୟାଧିଜଡ଼ତୋନ୍ମାଦାପସ୍ମାରତ୍ରାସାଲସ୍ୟମ-ରଣସ୍ତମ୍ଭବେପଥୁବୈବର୍ଣ୍ୟାଶ୍ରୁସ୍ୱରଭେଦାଦୟଃ । (କ)

ଅତ୍ରାର୍ଯ୍ୟେ ଭବତଃ —

ଇଷ୍ଟବଧଦର୍ଶନାଦ୍ ବା ବିପ୍ରିୟବଚନସ୍ୟ ସଂଶ୍ରବାଦ୍ବାପି ।
ଅଭିର୍ଭାବବିଶେଷୈଃ କରୁଣରସୋନାମ ସମ୍ଭବତି ॥ ୬୨ ॥
(ସସ୍ୱନ) ଶ୍ୱସନରୁଦିତୈର୍ମୋହାଗମୈଶ୍ଚ ପରିଦେବିତୈର୍ବିଲପିତୈଶ୍ଚ ।
ଅଭିନେୟଃ କରୁଣରସୋ ଦେହାୟାସାଭିଘାତୈଶ୍ଚ ॥ ୬୩ ॥

ଇତି କରୁଣରସପ୍ରକରଣମ୍ ।

ଅଥ ରୌଦ୍ରୋ ନାମ କ୍ରୋଧସ୍ଥାୟିଭାବାତ୍ମକୋ ରକ୍ଷୋଦାନବୋ-ଦ୍ଧତମନୁଷ୍ୟପ୍ରକୃତିଃ ସଂଗ୍ରାମହେତୁକଃ । ସ ଚ କ୍ରୋଧଧର୍ଷଣାଧିକ୍ଷେପାବ-ମାନନାନୃତବଚନୋପଘାତବାକ୍ପାରୁଷ୍ୟାଭିଦ୍ରୋହମାତ୍ସର୍ଯ୍ୟାଦିଭିର୍ବିଭାବୈ-

---

ହୁଏ । ଏହାର ଅଭିନୟ ଅଶ୍ରୁପାତ, କ୍ରନ୍ଦନ, ମୁଖ ଶୁଷ୍କତା, ବିବର୍ଣ୍ଣତା, ଶିଥିଳାଙ୍ଗତା ନିଶ୍ୱାସ, ସ୍ମୃତି-ଭ୍ରଂଶ, ପ୍ରଭୃତି ଅନୁଭାବ ଦ୍ୱାରା କରାଯିବ । ଏଥିରେ ନିର୍ବେଦ, ଗ୍ଲାନି, ଚିନ୍ତା, ଔତ୍ସୁକ୍ୟ, ଆବେଗ, ମୋହ, ଶ୍ରମ, ଭୟ, ବିଷାଦ, ଦୈନ୍ୟ, ବ୍ୟାଧି, ଜଡ଼ତା, ଅପସ୍ମାର, ତ୍ରାସ, ଆଲସ୍ୟ, ମରଣ, ସ୍ତମ୍ଭ ବେପଥୁ, ବୈବର୍ଣ୍ଣ୍ୟ, ଅଶ୍ରୁ, ସ୍ୱରଭଙ୍ଗ, ପ୍ରଭୃତି ବ୍ୟଭିଚାରୀ ଭାବ ଆଆନ୍ତି । (କ)

ଏ ବିଷୟରେ ଯେଉଁ ଆର୍ଯ୍ୟା ଦୁଇଟି ପୂର୍ବରୁ ପ୍ରଚଳିତ ଅଛି ତାହାର ଅର୍ଥ ହେଉଛି—ପ୍ରିୟ ଲୋକର ବଧ ଦେଖି ବା ଅପ୍ରିୟ କଥା ଶୁଣିବା ଦ୍ୱାରା କରୁଣ-ରସ ଉତ୍ପନ୍ନ ହୁଏ । ଦୀର୍ଘ ଶ୍ୱାସ, କ୍ରନ୍ଦନ, ମୋହପ୍ରାପ୍ତି (ମୂର୍ଚ୍ଛା), ବିଳାପ, ପରିଦେବନ (ଶୋଚନା) ଶରୀର ଆୟାସ (ଶ୍ରମଜନିତ ଗ୍ଲାନି ବା ଦୁର୍ବଳତା) ଏବଂ ତାଡ଼ନ (ମୁଣ୍ଡ ପ୍ରଭୃତିକୁ ହସ୍ତଦ୍ୱାରା ଆଘାତ କରିବା) ଦ୍ୱାରା ଏହାର ଅଭିନୟ କରା ଯାଇ ଥାଏ । ୬୨-୬୩ ।

ରୌଦ୍ରରସ — ରୌଦ୍ରରସର ସ୍ଥାୟିଭାବ କ୍ରୋଧ । ଏହା ରାକ୍ଷସ, ଦାନବ ଉଦ୍ଧତ ମନୁଷ୍ୟଠାରେ ଉତ୍ପନ୍ନ ହୁଏ । ଯୁଦ୍ଧ ଏହାର କାରଣ । ଏଥିରେ କ୍ରୋଧ,

Digitized by srujanika@gmail.com

ରୁପଦ୍ୟତେ । ତସ୍ୟ ଚ ତାଡ଼ନପାଟନପୀଡ଼ନଛେଦନଭେଦନପ୍ରହାରଣା-
ହରଣଶସ୍ତ୍ରସଂପାତସଂପ୍ରହାରରୁଧିରସ୍ରାବକର୍ଷଣାଦ୍ୟାନି କାର୍ଯ୍ୟାଣି । (କ)

ପୁନଶ୍ଚ ରକ୍ତନୟନସ୍ୱେଦଭ୍ରୂକୁଟୀକରଣାବଷ୍ଟମ୍ଭଦନ୍ତୌଷ୍ଠପୀଡ଼ନଗଣ୍ଡ-
ସ୍ଫୁରଣହସ୍ତାଗ୍ରନିଷ୍ପେଷାଦିଭିରନୁଭାବୈରଭିନେୟଃ ପ୍ରୟୋକ୍ତବ୍ୟଃ । ବ୍ୟଭିଚ-
ରିଣଶ୍ଚାସ୍ୟ ସମ୍ମୋହୋତ୍ସାହାବେଗାମର୍ଷଚପଲତୌଗ୍ର୍ୟଗର୍ବବିକୃତେକ୍ଷଣ-
ସ୍ୱେଦବେପଥୁରୋମାଞ୍ଚଗଦ୍‌ଗଦାଦୟଃ । (ଖ)

ଅତ୍ରାହ—ଯଦଭିହିତଂ ରକ୍ଷୋଦାନବାଦୀନାଂ ରୌଦ୍ରୋ ରସଃ,
କିମନ୍ୟେଷାଂ ନାସ୍ତି ? ଉଚ୍ୟତେ—ଅସ୍ତ୍ୟନ୍ୟେଷାମପି ରୌଦ୍ରୋ ରସଃ,
କିଂତ୍ୱଧିକାରୋଽତ୍ର ଗୃହ୍ୟତେ । ତେ ହି ସ୍ୱଭାବତ ଏବ ରୌଦ୍ରାଃ । କସ୍ମାତ୍ ?
ବହୁବାହବୋ ବହୁମୁଖାଃ ପ୍ରୋଦ୍ଧୂତବିକୀର୍ଣ୍ଣପିଙ୍ଗଳଶିରୋଜାଃ ରକ୍ତୋଦ୍ଵୃତ୍ତ-
ବିଲୋଚନା ଭୀମାସିତରୂପିଣଶ୍ଚୈବ । ଯଚ୍ଚ କିଂଚତ୍ସମାରଭନ୍ତେ ସ୍ୱଭାବେନ

ଚେଷ୍ଟା, ଅଧିକ୍ଷେପ (ନିନ୍ଦା-ଗ୍ଲାନି) ଅପମାନ ମିଥ୍ୟାକଥନ, କର୍କଶ ବଚନ ପ୍ରୟୋଗ, ଦ୍ରୋହ, ମାତ୍ସର୍ଯ୍ୟ, (ପର ଗୁଣର ଅସହନ) ପ୍ରଭୃତି ବିଭାବ ଦ୍ୱାରା ଏହା ଉଦ୍ଦୀପିତ ହୁଏ । ତାଡ଼ନ (ଆଘାତ) ପାଟନ (ଚିରିବା) ପୀଡ଼ନ (ମୋଡ଼ିଦେବା) ଛେଦନ (କାଟିଦେବା) ଭେଦନ (ଫଟାଇଦେବା) ପ୍ରହାର କରିବା, ଆହରଣ (ଝିଙ୍କିନେବା) ଶସ୍ତ୍ରପାତନ ସଂପ୍ରହାର (ପରସ୍ପର ପ୍ରହାର) ରୁଧିର-(ରକ୍ତ) ସ୍ରାବ, ଅସ୍ତ୍ରର ଆକର୍ଷଣ ପ୍ରଭୃତି କାର୍ଯ୍ୟ ଏଥିରେ ସଂଘଟିତ ହୁଏ । (କ)

ଆହୁରି ମଧ୍ୟ ଚକ୍ଷୁର ରକ୍ତବର୍ଣ୍ଣତା, ସ୍ୱେଦ (ଝାଳବୋହିବା) ଭ୍ରୂକୁଟୀ, କରପୀଡ଼ନ (ହାତକୁ ପରସ୍ପର ଘଷିବା) ଅଧର ଦଂଶନ, ଦନ୍ତ ଘର୍ଷଣ (କଡ଼ମଡ଼ କରିବା) ଓ ଚାମୁଡ଼ିବା, ଗଣ୍ଡଦେଶକୁ କମ୍ପିତ କରିବା, ହାତକୁ ମୁଠାକରିବା, ପ୍ରଭୃତି ଅନୁଭାବ ଦ୍ୱାରା ଏହା ଅଭିନେୟ । ଏଥିରେ ସମ୍ମୋହ, ଉତ୍ସାହ, ଆବେଗ, ଅମର୍ଷ, ଚପଳତା, ଉଗ୍ର, ସ୍ୱେଦ, ବେପଥୁ, ରୋମାଞ୍ଚ ଏବଂ ଗଦ୍‌ଗଦ ଏ ଗୁଡ଼ିକ ବ୍ୟଭିଚାରିଭାବ । (ଖ)

ଏ ବିଷୟରେ ପ୍ରଶ୍ନ ହୋଇପାରେ ଯେ, ରାକ୍ଷସ ପ୍ରଭୃତିଙ୍କ ସମ୍ବନ୍ଧରେ କେବଳ ରୌଦ୍ରରସ ଜାତ ହୁଏ ବୋଲି କୁହାଯାଇଛି । ତେବେ କଣ ଅନ୍ୟ କାହାର ରୌଦ୍ରରସ ଜାତ ହୁଏ ନାହିଁ ? ଏହାର ଉତ୍ତରରେ କୁହାଯାଉଛି ଯେ, ଅନ୍ୟମାନଙ୍କର ମଧ୍ୟ ରୌଦ୍ରରସ ଥାଏ । ରାକ୍ଷସ ପ୍ରଭୃତି ସ୍ୱଭାବତଃ ରୌଦ୍ର, (କ୍ରୋଧଶୀଳ) ବହୁବାହୁ ବିଶିଷ୍ଟ ଓ ବହୁ ମୁଖବିଶିଷ୍ଟ । ସେମାନଙ୍କର କେଶ ପିଙ୍ଗଳ-ବର୍ଣ୍ଣ ଉପରକୁ ଠିଆ ହୋଇଥାଏ । ଏଣେ ତେଣେ ଅସଂଯତ ହୋଇ ପଡ଼ିଥାଏ ।

Digitized by srujanika@gmail.com

ଚେଷ୍ଟିତଂ ବାଗଙ୍ଗାଦିକଂ ତତ୍ସର୍ବଂ ରୌଦ୍ରମେବୈଷାମ୍ । ଶୃଙ୍ଗାରଶ୍ଚ ତୈଃ ପ୍ରାୟଶଃ ପ୍ରସଭଂ ସେବ୍ୟତେ । ତେଷାଂ ଚାନୁକାରିଣୋ ଯେ ପୁରୁଷାସ୍ତେଷାମପି ସଂଗ୍ରାମସମ୍ପ୍ରହାରକୃତୋ ରୌଦ୍ରୋ ରସୋଽନୁମନ୍ତବ୍ୟଃ । (କ)

ଅତ୍ରାନୁବଂଶ୍ୟେ ଆର୍ଯ୍ୟେ ଭବତଃ—

ଯୁଦ୍ଧପ୍ରହାରଘାତନବିକୃତଚ୍ଛେଦନବିଦାରଣୈଶ୍ଚୈବ ।
ସଂଗ୍ରାମସମ୍ଭ୍ରମୋତ୍ଥୈଃ ସଞ୍ଜାୟତେ ରୌଦ୍ରଃ ॥ ୭୪ ॥

ନାନାପ୍ରହରଣସଂକୁଲଶିରଃକବନ୍ଧଭୁଜକର୍ତ୍ତନୈଶ୍ଚୈବ ।
ଏଭିଶ୍ଚାର୍ଥବିଶେଷୈରସ୍ୟାଭିନୟଃ ପ୍ରୟୋକ୍ତବ୍ୟଃ ॥ ୭୫ ॥

ଇତି ରୌଦ୍ରରସୋ ଦୃଷ୍ଟ୍ୱା ରୌଦ୍ରବାଗଙ୍ଗଚେଷ୍ଟିତଃ ।
ଶସ୍ତ୍ରପ୍ରହାରଭୂୟିଷ୍ଠଃ ଉଗ୍ରକର୍ମକ୍ରିୟାତ୍ମକଃ ॥ ୭୬ ॥

ଇତି ରୌଦ୍ରରସପ୍ରକରଣମ୍

ରକ୍ଷ, ଦାନବ, (ଉଦ୍ଧତ ମନୁଷ୍ୟ) ସେମାନଙ୍କର ରୂପ ଭୟଙ୍କର ଓ କୃଷ୍ଣବର୍ଣ୍ଣ ହୋଇଥାଏ । ତାଙ୍କର ଯାହା ବା ସ୍ୱଭାବ, କାର୍ଯ୍ୟକଳାପ ବା ଚେଷ୍ଟା, ବଚନ ସେ ସମସ୍ତ ରୌଦ୍ର । ଏମନ୍ତ କି ସେମାନଙ୍କର ଶୃଙ୍ଗାର ଚେଷ୍ଟା ମଧ୍ୟ ରୁଦ୍ରଭାବାପନ୍ନ । ସେମାନଙ୍କୁ ଅନୁକରଣ କରୁଥିବା ବ୍ୟକ୍ତିମାନଙ୍କର ଯୁଦ୍ଧ ଓ ବଳପ୍ରହାରରେ ରୌଦ୍ରରସ ଅନୁଭୂତ ହୋଇଥାଏ ବୋଲି ସହଜରେ ଅନୁମେୟ । (କ)

ଏ ବିଷୟରେ ପରମ୍ପରା ପ୍ରଚଳିତ ଦୁଇଟି ଆର୍ଯ୍ୟା ଅଛି । ତାହାର ଅର୍ଥ ହେଉଛି—

ରୌଦ୍ରରସ—ଯୁଦ୍ଧରେ ଆଘାତ କରିବା, ଶସ୍ତ୍ରାଦି ପ୍ରୟୋଗ କରିବା, କାଟିବା, ଚିରିବା, (ଭେଦକରିବା) ପ୍ରଭୃତି ଦ୍ୱାରା ଜାତ ହୋଇଥାଏ । ନାନାପ୍ରକାର ଅସ୍ତ୍ରର ନିକ୍ଷେପ ଦ୍ୱାରା ମସ୍ତକ, ଶରୀର, ବାହୁ ପ୍ରଭୃତି କର୍ତ୍ତନ କରିବା ବା ଏହି ପ୍ରକାର ଅନ୍ୟାନ୍ୟ କାର୍ଯ୍ୟଦ୍ୱାରା ଏହାର ଅଭିନୟ ପ୍ରଯୁକ୍ତ ହୋଇଥାଏ । ଏହି ପ୍ରକାରେ ରୌଦ୍ରରସ ବର୍ଣ୍ଣିତ ହୁଏ । ଏଥିରେ ବଚନ ଏବଂ ଅଙ୍ଗଚାଳନ ମଧ୍ୟ ରୌଦ୍ର ଅର୍ଥାତ୍ ଭୟାନକ । ଏଥିରେ ପ୍ରଚୁର ଶସ୍ତ୍ର–ପ୍ରହାର ପ୍ରଦର୍ଶିତ ହୁଏ । ସମସ୍ତ ଚେଷ୍ଟା ଉଗ୍ରତାଯୁକ୍ତ ହୁଏ । ୭୪–୭୬ ।

Digitized by srujanika@gmail.com

ଅଥ ବୀରୋ ନାମୋତ୍ତମପ୍ରକୃତିରୁତ୍ସାହାତ୍ମକଃ । ସ ଚାସମ୍ମୋହାଧ୍ୟବସାୟ-ନୟ-ବିନୟବଳପରାକ୍ରମଶକ୍ତିପ୍ରତାପପ୍ରଭାବାଦିଭିର୍ବିଭାବୈରୁତ୍ପଦ୍ୟତେ । ତସ୍ୟ ସ୍ଥୈର୍ଯ୍ୟଶୌର୍ଯ୍ୟଧୈର୍ଯ୍ୟତ୍ୟାଗବୈଶାରଦ୍ୟାଦିଭିରନୁଭାବୈରଭିନୟଃ ପ୍ରୟୋକ୍ତବ୍ୟଃ । ଭାବାଶ୍ଚାସ୍ୟ ଧୃତିମତିଗର୍ବାବେଗୌଗ୍ର୍ୟାମର୍ଷସ୍ମୃତିରୋମାଞ୍ଚାଦୟଃ । (କ)

ଅତ୍ରାନୁବଂଶ୍ୟେ ଆର୍ଯ୍ୟେ ଭବତଃ—

ଉତ୍ସାହାଧ୍ୟବସାୟାଦବିଷାଦିତ୍ୱାଦବିସ୍ମୟାମୋହାତ୍ ।
ବିବିଧାଦର୍ଥବିଶେଷାଦ୍ୱୀରରସୋ ନାମ ସମ୍ଭବତି ॥ ୬୭ ॥

ସ୍ମୃତିଧୈର୍ଯ୍ୟବୀର୍ଯ୍ୟଶୌର୍ଯ୍ୟୋତ୍ସାହପରାକ୍ରମପ୍ରଭାବୈଶ୍ଚ ।
ବାକ୍ୟୈଶ୍ଚାକ୍ଷେପକୃତୈର୍ବୀରରସଃ ସମ୍ୟଗଭିନେୟଃ ॥ ୬୮ ॥

ଇତି ବୀରରସପ୍ରକରଣମ୍ ।

ଏହା ପରେ ବୀରରସ ବର୍ଣ୍ଣିତ ହେଉଛି । ଏହାର ପ୍ରକୃତି (ଆଲମ୍ବନ ବିଭାବ) ଉତ୍ତମ ଶ୍ରେଣୀର ବ୍ୟକ୍ତି । ଉତ୍ସାହ ହିଁ ଏହାର ସ୍ୱରୂପ । ଏହା ଅସମ୍ମୋହ (ତତ୍ପରଶୀଳତା), ଅଧ୍ୟବସାୟ, ନ୍ୟାୟ (ନୀତି) ବିନୟ (ଶିକ୍ଷା) ପ୍ରଭୃତିର ପରାକ୍ରମ ଶକ୍ତି, ପ୍ରତାପ ଏବଂ ପ୍ରଭାବ ପ୍ରଭୃତି ବିଶିଷ୍ଟଭାବ (ବିଭାବ) ମାନଙ୍କ ଯୋଗେ ଉତ୍ପନ୍ନ ହୁଏ । ଏହାର ଅଭିନୟ ସମୟରେ ସ୍ଥୈର୍ଯ୍ୟ, (ସ୍ଥିରତା ବା ଅଟଳ) ଶୌର୍ଯ୍ୟ (ବୀରତା) ଧୈର୍ଯ୍ୟ, ତ୍ୟାଗ ଓ ବିଶାରଦତ (ନିପୁଣତା) ପ୍ରଭୃତି ଅନୁଭାବ ପ୍ରୟୋଗ କରାଯାଏ । ଏଥିରେ ଧୃତି, ମତି, ଗର୍ବ, ବେଗ, ଔଗ୍ର୍ୟ, ଅମର୍ଷ, ସ୍ମୃତି, ରୋମାଞ୍ଚ ପ୍ରଭୃତି ଭାବ ସଞ୍ଚାରରୂପେ ପ୍ରଦର୍ଶିତ ହୁଏ । (କ)

ଏ ବିଷୟରେ ଦୁଇଟି ପରମ୍ପରା ପ୍ରଚଳିତ ଆର୍ଯ୍ୟା ଅଛି, ତାହାର ଅର୍ଥ ହେଉଛି—

ଉତ୍ସାହ, ଅଧ୍ୟବସାୟ, ଅବିଷାଦତା, (ପ୍ରଫୁଲ୍ଲତା) ଅବିସ୍ମୟ ଅର୍ଥାତ୍ ଚମକଶୂନ୍ୟତା ବା (କୌଣସି ପ୍ରକାରେ ଆଶ୍ଚର୍ଯ୍ୟାନ୍ୱିତ ନ ହେବା) ଅସମ୍ମୋହ ଏହି ପ୍ରକାର ଅନ୍ୟ ବିଷୟ ଦ୍ୱାରା ବୀର ରସ ଉତ୍ପନ୍ନ ହୁଏ । ସ୍ମୃତି, ଧୈର୍ଯ୍ୟ, ବୀର୍ଯ୍ୟ, ଶୌର୍ଯ୍ୟ, ଉତ୍ସାହ, ପରାକ୍ରମ, ପ୍ରଭାବ ଏବଂ ଆକ୍ଷେପମୂଳକ ବାକ୍ୟ ଦ୍ୱାରା ବୀର ରସ ଉତ୍ତମରୂପେ ଅଭିନୀତ ହୁଏ । ୬୭-୬୮ ।

Digitized by srujanika@gmail.com

ଅଥ ଭୟାନକୋ ନାମ ଭୟସ୍ଥାୟିଭାବାତ୍ମକଃ । ସ ଚ ବିକୃତରବସତ୍ତ୍ୱ-ଦର୍ଶନଶିବାଲୂକତ୍ରାସୋଦ୍ବେଗଶୂନ୍ୟାରଣ୍ୟାଗାରଗମନସ୍ୱଜନବଧବନ୍ଧନଦର୍ଶନଶ୍ରୁତକଥାଦିଭିର୍ବିଭାବୈରୁତ୍ପଦ୍ୟତେ । ତସ୍ୟ ପ୍ରବେପିତକରଚରଣ-ନୟନଚଲନପୁଲକମୁଖବୈବର୍ଣ୍ୟସ୍ୱରଭେଦାଦିଭିରନୁଭାବୈରଭିନୟଃ ପ୍ରୟୋକ୍ତବ୍ୟଃ । ଭାବାଶ୍ଚାସ୍ୟ ସ୍ତମ୍ଭସ୍ୱେଦଗଦ୍ଗଦରୋମାଞ୍ଚବେପଥୁସ୍ୱରଭେଦ-ବୈବର୍ଣ୍ୟଶଙ୍କାମୋହଦୈନ୍ୟାବେଗଚପଲତ୍ରାସାପସ୍ମାରମରଣାଦୟଃ । (କ)

ଅତ୍ରାର୍ଯ୍ୟାଃ—

ବିକୃତରବସତ୍ତ୍ୱଦର୍ଶନସଂଗ୍ରାମାରଣ୍ୟଶୂନ୍ୟଗୃହଗମନାତ୍ ।
ଗୁରୁନୃପୟୋରପରାଧାତ୍ କୃତକଶ୍ଚ ଭୟାନକୋ ଜ୍ଞେୟଃ ॥ ୬୯ ॥
ଗାତ୍ରମୁଖଦୃଷ୍ଟିଭେଦୈରୂରୁସ୍ତମ୍ଭାଭିବୀକ୍ଷଣୋଦ୍ବେଗୈଃ ।
ସନ୍ନମୁଖଶୋଷହୃଦୟସ୍ପନ୍ଦନରୋମୋଦ୍ଗମୈଶ୍ଚ ଭୟମ୍ ॥ ୭୦ ॥

ଏହାପରେ ଭୟାନକ ରସ । ଏହାର ସ୍ଥାୟିଭାବ ଭୟ । ଏହା ବିକୃତ ରବ ଓ ବିକୃତ ରବ ଯୁକ୍ତ ପ୍ରାଣୀର ଦର୍ଶନ ଶିବା (ଶିଲୁଆ) ପେଚ୍ଚ ପ୍ରଭୃତି ତ୍ରାସ, ଉଦ୍‌ବେଗ, ଶୂନ୍ୟଗୃହ ବା ଅରଣ୍ୟରେ ପ୍ରବେଶ, ମରଣ, ଆତ୍ମୀୟର ବଧ ବା ବନ୍ଧନ ପ୍ରଭୃତିର ଦର୍ଶନ ବା ଶ୍ରବଣ ପ୍ରଭୃତି ବିଶିଷ୍ଟ ଭାବ ଦ୍ୱାରା ଏହା ଉତ୍ପନ୍ନ ହୁଏ । ଏହାର ଅଭିନୟ—ହସ୍ତପଦକୁ କମ୍ପିତ କରିବା, ଚକ୍ଷୁକୁ ଚଞ୍ଚଳ ଭାବେ ଚଳାଇବା, (କନ କନ କରି ଚାହିଁବା) ରୋମୋଦ୍‌ଗମ ମୁଖର ବୈବର୍ଣ୍ଣ୍ୟ (ବିକୃତ ବର୍ଣ୍ଣତା) ସ୍ୱରଭେଦ ପ୍ରଭୃତି ଅନୁଭାବ ଦ୍ୱାରା କରାଯାଇଥାଏ । ସ୍ତମ୍ଭ ସ୍ୱେଦ, ଗଦ୍‌ଗଦ, ରୋମାଞ୍ଚ, ବେପଥୁ (କମ୍ପନ) ସ୍ୱରଭେଦ, ବୈବର୍ଣ୍ଣ୍ୟ, ଶଙ୍କା, ମୋହ, ଦୈନ୍ୟ, ଆବେଗ, ଚପଳତା. ତ୍ରାସ, ଅପସ୍ମାର, (ମୂର୍ଚ୍ଛା) ଏବଂ ମରଣ ପ୍ରଭୃତି ଏହାର ବ୍ୟଭିଚାରି ଭାବ । ଏ ବିଷୟରେ ପରମ୍ପରା ଗତ କେତୋଟି ଆର୍ଯ୍ୟା ଅଛି, ତାହାର ଅର୍ଥ ଦେଉଛୁ— (କ)

ବିକୃତରବ, ବିକୃତରବଯୁକ୍ତ ସତ୍ତ୍ୱ (ପ୍ରାଣୀ ବା ଭୂତର) ର ଦର୍ଶନ, ଯୁଦ୍ଧ, ଅରଣ୍ୟ ବା ଶୂନ୍ୟ ଗୃହକୁ ଗମନ, ରାଜା ବା ଗୁରୁଙ୍କ ନିକଟରେ ଅପରାଧରୁ ଭୟାନକ ରସ ଉତ୍ପନ୍ନ ହୁଏ । ଶରୀର, ମୁଖ, ଦୃଷ୍ଟିର ଶ୍ଳଥତା, ସ୍ତମ୍ଭ, ବାରମ୍ବାର ଏଣେ ତେଣେ ଚାହିଁବା, ଉଦ୍‌ବେଗ, ଅବସାଦ, ମୁଖର ଶୁଷ୍କତା, ହୃଦୟ ସ୍ପନ୍ଦନ, (ଛାତି ଦାହିଁ ଦାହିଁ ପଡ଼ିବା) ରୋମୋଦ୍‌ଗମ ପ୍ରଭୃତି ଦ୍ୱାରା ଭୟ ଅଭିନୀତ ହୁଏ । ୬୯-୭୦ ।

Digitized by srujanika@gmail.com

ଏତତ୍ସ୍ୱଭାବଜଂ ସ୍ୟାତ୍ସତ୍ତ୍ୱସମୁତ୍ଥଂ ତଥୈବ କର୍ତ୍ତବ୍ୟମ୍ ।
ପୁନରେଭିରେବ ଭାବୈଃ କୃତକଂ ମୃଦୁଚେଷ୍ଟିତୈଶ୍ଚ କାର୍ଯ୍ୟମ୍ ॥ ୭୧ ॥
କରଚରଣବେପଥୁସ୍ତମ୍ଭଗାତ୍ରସଙ୍କୋଚହୃଦୟକମ୍ପାନ ।
ଶୁଷ୍କୋଷ୍ଠତାଲୁକଣ୍ଠୈର୍ଭୟାନକୋ ନିତ୍ୟମଭିନେୟଃ ॥ ୭୨ ॥

ଇତି ଭୟାନକରସପ୍ରକରଣମ୍ ।

ଅଥ ବୀଭତ୍ସୋ ନାମ ଜୁଗୁପ୍ସାସ୍ଥାୟିଭାବାତ୍ମକଃ । ସ ଚାହୃଦ୍ୟାପ୍ରିୟାଚୋଷ୍ୟାନିଷ୍ଟଶ୍ରବଣଦର୍ଶନକୀର୍ତ୍ତନାଦିଭିର୍ବିଭାବୈରୁତ୍ପଦ୍ୟତେ । ତସ୍ୟ ସର୍ବାଙ୍ଗ (ସଂ) ହାରମୁଖନେତ୍ର-ବିଘୂର୍ଣ୍ଣନ-ଉଲ୍ଲେଖନନିଷ୍ଠୀବନୋଦ୍ୱେଜନାଦିଭିର୍ବିଭାବୈରୁତ୍ପଦ୍ୟତେ । ବ୍ୟଭିଚାରିଭାବାଶ୍ଚାସ୍ୟ ଅପସ୍ମାରବେଗମୋହବ୍ୟାଧିମରଣାଦୟଃ । (କ)

ଅତ୍ରାନୁବଂଶ୍ୟେ ଆର୍ଯ୍ୟେ ଭବତଃ —

ଅନଭିମତଦର୍ଶନେନ ଚ ଗନ୍ଧରସସ୍ପର୍ଶଶବ୍ଦଦୋଷୈଶ୍ଚ ।
ଉଦ୍ୱେଜନୈଶ୍ଚ ବହୁଭିର୍ବୀଭତ୍ସରସଃ ସମୁଦ୍ଭବତି ॥ ୭୩ ॥

ଭୂତ ପ୍ରଭୃତି ଦର୍ଶନରୁ ଉଦ୍‌ଭୂତ ସ୍ୱାଭାବିକ ଭୟରେ ଏହି ଭାବମାନ ପ୍ରକାଶ ପାଏ । କୃତ୍ରିମ ଭୟ ମଧ୍ୟ ଏହି ଭାବମାନଙ୍କ ଦ୍ୱାରା ଅଭିନୀତ ହୁଏ । କିନ୍ତୁ ପ୍ରଥମୋକ୍ତ କିଞ୍ଚିତ୍ ଏଥିରେ ମନ୍ଦତର କରାଯାଇଥାଏ । ହସ୍ତ ପଦର କମ୍ପନ, ସ୍ତମ୍ଭ, ଶରୀର ଓ ହୃଦୟର କମ୍ପନ, ଓଠ, ତାଳୁ, କଣ୍ଠର ଶୁଷ୍କତା ଦ୍ୱାରା ଭୟାନକ ରସ ଅଭିନେୟ । ୭୧-୭୨ ।

ଏହାପରେ ବୀଭତ୍ସରସ । ଏହାର ସ୍ଥାୟିଭାବ ଜୁଗୁପ୍ସା । ଏହା ଅସୁନ୍ଦର, ଅପ୍ରିୟ ବସ୍ତୁର ଦର୍ଶନ, ଅବାଞ୍ଛିତ କଥା ବା ବସ୍ତୁର ଦର୍ଶନ, ଶ୍ରବଣ ବା କୀର୍ତ୍ତନ (ବର୍ଣ୍ଣନ) ପ୍ରଭୃତିରୁ ଉତ୍ପନ୍ନ ହୋଇଥାଏ । ତାହାର ଅଭିନୟ କାଳରେ ସର୍ବାଙ୍ଗର ସ୍ଥିରତା, ମୁଖର ବିଘୂର୍ଣ୍ଣନ (ବୁଲାଇବା) ବମନ, ନିଷ୍ଠୀବନ-ତ୍ୟାଗ (ଛେପ ପକାଇବା) ଅଙ୍ଗକୁ ହଲାଇବା (ଛଞ୍ଚାଡ଼ିବା) ପ୍ରଭୃତି ଅନୁଭାବ ପ୍ରଦର୍ଶିତ ହୋଇଥାଏ । ମୂର୍ଚ୍ଛା, ଆବେଗ, ମୋହ, ବ୍ୟାଧି ଓ ମରଣ ପ୍ରଭୃତି ଏହାର ବ୍ୟଭିଚାରିଭାବ । ଏ ସମ୍ବନ୍ଧରେ ଦୁଇଟି ଆର୍ଯ୍ୟା ପ୍ରଚଳିତ ଅଛି । (କ)

ଅନଭିମତ (ଅବାଞ୍ଛିତ) ଉଦ୍‌ବେଗଜନକ ବସ୍ତୁର ଦର୍ଶନ ତଥା ରସ, ଗନ୍ଧ, ସ୍ପର୍ଶ, ଶବ୍ଦ, ପ୍ରଭୃତିରୁ ବୀଭତ୍ସ ରସ ଉତ୍ପନ୍ନ ହୁଏ । ଏହାର ଅଭିନୟ

Digitized by srujanika@gmail.com

ମୁଖନେତ୍ରବିକର୍ଷଣନାସାସ୍ପନ୍ଦନାବନତିଭାସୈଃ ।
ଅବ୍ୟକ୍ତପାଦପଚନୈର୍ଭିତ୍ତଃ ସମ୍ୟଗଭିନେୟଃ ॥ ୭୦ ॥

ଅଥାଦ୍ଭୁତୋ ନାମ ବିସ୍ମୟସ୍ଥାୟିଭାବାତ୍ମକଃ । ସ ଚ ଦିବ୍ୟଜନଦର୍ଶନେପ୍ସିତମନୋରଥାବାପ୍ତ୍ୟୁପବନଦେବକୁଲାଦିଗମନସଭାବିମାନମାୟେନ୍ଦ୍ରଜାଲସମ୍ଭାବନାଦିଭିର୍ବିଭାବୈରୁତ୍ପଦ୍ୟତେ । ତସ୍ୟ ନୟନବିସ୍ତାରଣାନିମେଷପ୍ରେକ୍ଷଣରୋମାଞ୍ଚାଶ୍ରୁସ୍ୱେଦହର୍ଷସାଧୁବାଦଦାନପ୍ରବନ୍ଧହାହାକାରବାହୁବଦନଚେଲାଙ୍ଗୁଲିଭ୍ରମଣାଦିଭିରନୁଭାବୈରଭିନୟଃ ପ୍ରୟୋକ୍ତବ୍ୟଃ । ବ୍ୟଭିଚାରିଣଶ୍ଚାସ୍ୟ—ସ୍ତମ୍ଭାଶ୍ରୁସ୍ୱେଦଗଦ୍ଗଦରୋମାଞ୍ଚାବେଗସମ୍ଭ୍ରମପ୍ରଦର୍ଶନଜଡ଼ତୋନ୍ମାଦଧୃତିଜଡ଼ତାପ୍ରଳୟାଦୟଃ ।

ଅତ୍ରାନୁବଂଶ୍ୟେ ଆର୍ଯ୍ୟେ ଭବତଃ—(କ)

ଯତ୍ତ୍ୱତିଶୟାର୍ଥଯୁକ୍ତଂ ବାକ୍ୟଂ ଶିଳ୍ପଂ ଚ କର୍ମରୂପଂ ବା ।
ତତ୍ସର୍ବମଦ୍ଭୁତରସେ ବିଭାବରୂପଂ ହି ବିଜ୍ଞେୟମ୍ ॥ ୭୪ ॥

ମୁଖ ଓ ନେତ୍ରର ବିସ୍ଫାରଣ, ନାସା ଏବଂ ଚକ୍ଷୁର ଆଚ୍ଛାଦନ, ମୁଖର ଅବନତକରଣ, ଅସ୍ତେ ଅସ୍ତେ ପାଦ ପକାଇବା (ଟିପରେ ଚାଲିବା) ଦ୍ୱାରା କରାଯାଏ ।
୭୩ - ୭୪ ।

ଏହାପରେ ଅଦ୍ଭୁତ ରସ । ବିସ୍ମୟ ଏହାର ସ୍ଥାୟୀଭାବ । ସୁନ୍ଦର ବା ସ୍ୱର୍ଗୀୟ ବସ୍ତୁର ଦର୍ଶନ, କାମନା ପୂରଣ, ଉତ୍ତମ ବନ, ଦେବାଳୟ, ସଭାଗୃହ, ବିମାନ, (ସପ୍ତଭୂମିକ ପ୍ରାସାଦ) ପ୍ରଭୃତିକୁ ଗମନ, ଅସମ୍ଭବ ମାୟା ବା ଇନ୍ଦ୍ରଜାଲ ଦର୍ଶନରୁ ଏହା ଉତ୍ପନ୍ନ ହୁଏ । ଏହାର ଅଭିନୟରେ ଚକ୍ଷୁକୁ ବିସ୍ତାରିତ କରିବା, ପଲକ-ଶୂନ୍ୟ ଦୃଷ୍ଟିରେ ଚାହିଁବା, ରୋମାଞ୍ଚ, ଅଶ୍ରୁ, ସ୍ୱେଦ, ହର୍ଷ, ସାଧୁବାଦ ପ୍ରଦାନ (ସାବାସ, ଧନ୍ୟ ଇତ୍ୟାଦି କହିବା) ଉଚ୍ଚରେ ହା ହା ଶବ୍ଦ କରିବା ହସ୍ତ ପଦ ଓ ଅଙ୍ଗୁଳିମାନଙ୍କୁ ପରିଚାଳିତ କରିବା (ହଲାଇବା) ପ୍ରଭୃତି ଅନୁଭାବ କରାଯାଇଥାଏ । ଅଶ୍ରୁ, ସ୍ତମ୍ଭ, ସ୍ୱେଦ, ଗଦ୍‌ଗଦ, ରୋମାଞ୍ଚ, ଆବେଗ, ସଂଭ୍ରମ, ଜଡ଼ତା ଓ ପ୍ରଳୟ (ମୂର୍ଚ୍ଛା) ପ୍ରଭୃତି ଏହାର ବ୍ୟଭିଚାରୀଭାବ । ଏ ସମ୍ପର୍କରେ ଦୁଇଟି ଆର୍ଯ୍ୟା ପ୍ରଚଳିତ ଅଛି । ତାହାର ଅର୍ଥ ହେଉଛି (କ) ।

ଅସାଧାରଣ ଅର୍ଥଯୁକ୍ତ ବାକ୍ୟ ବା ଅସାଧାରଣଶୀଳ (ବ୍ୟବହାର) କାର୍ଯ୍ୟ ବା ରୂପରୁ ବିସ୍ମୟ ରସ ଉଦ୍ଭୂତ ହୁଏ । ଏହାର ଅଭିନୟରେ ସ୍ପର୍ଶ ଗ୍ରହଣ

Digitized by srujanika@gmail.com

ସ୍ପର୍ଶଗ୍ରହୋଲ୍ଲୁକସନୈର୍ହାହାକାରୈଶ୍ଚ ସାଧୁବାଦୈଶ୍ଚ ।
ବେପଥୁଗଦ୍ଗଦ୍ବଚନୈଃ ସ୍ୱେଦାଦ୍ୟୈରଭିନୟସ୍ତସ୍ୟ ॥ ୭୬ ।

ଶୃଙ୍ଗାରଂ ତ୍ରିବିଧଂ ବିଦ୍ୟାଦ୍ବାଙ୍ନେପଥ୍ୟକ୍ରିୟାତ୍ମକମ୍ ।
ଅଙ୍ଗନେପଥ୍ୟବାକ୍ୟୈଶ୍ଚ ହାସ୍ୟରୌଦ୍ରୌ ତ୍ରିଧା ସ୍ମୃତୌ ॥ ୭୭ ।

ଧର୍ମୋପଘାତଜଶ୍ଚୈବ ତଥାର୍ଥାପଚୟୋଦ୍ଭବଃ ।
ତଥା ଶୋକକୃତଶ୍ଚୈବ କରୁଣସ୍ତ୍ରିବିଧଃ ସ୍ମୃତଃ ॥ ୭୮ ।

ଦାନବୀରଂ ଧର୍ମବୀରଂ ଯୁଦ୍ଧବୀରଂ ତଥୈବ ଚ ।
ରସଂ ବୀରମପିପ୍ରାହ ବ୍ରହ୍ମା ତ୍ରିବିଧମେବ ହି ॥ ୭୯ ॥

ବ୍ୟାଜାଚ୍ଚୈବାପରାଧାଚ୍ଚ ବିତ୍ରାସିତକମେବ ଚ ।
ପୁନର୍ଭୟାନକଂ ଚୈବ ବିଦ୍ୟାତ୍ତ୍ରିବିଧମେବ ହି ॥ ୮୦ ॥

ବୀଭତ୍ସଃ କ୍ଷୋଭଣଃ ଶୁଦ୍ଧ ଉଦ୍ବେଗୀ ସ୍ୟାଦ୍ଦ୍ୱିତୀୟକଃ ।
ବିଷ୍ଠାକୃମିଭିରୁଦ୍ବେଗୀ କ୍ଷୋଭଣଃ ରୁଧିରାଦିଜଃ ॥ ୮୧ ॥

ଜନିତ ଅଧୀର ହସ, ହା ହା ଶବ୍ଦର ଉଚ୍ଚାରଣ, ସାଧୁବାଦ (ଧନ୍ୟବାଦ ଅର୍ପଣ) ଅଙ୍ଗର କମ୍ପନ, ଗଦ୍‌ଗଦ ବାକ୍ୟ ଓ ସ୍ୱେଦ ପ୍ରଦର୍ଶିତ ହୋଇଥାଏ । ୭୫-୭୬ ।

ଶୃଙ୍ଗାର ତିନପ୍ରକାର, ଯଥା—ବାକ୍ ଶୃଙ୍ଗାର, ନେପଥ୍ୟ ଶୃଙ୍ଗାର ଓ କ୍ରିୟା ଶୃଙ୍ଗାର । ହାସ୍ୟରସ ଓ ରୌଦ୍ରରସ ମଧ୍ୟ ପ୍ରତ୍ୟେକେ ଅଙ୍ଗ, ନେପଥ୍ୟ ଓ ବାକ୍ୟ ଭେଦରେ ତିନ ପ୍ରକାର ଲେଖାଏଁ ହୁଅନ୍ତି । କରୁଣ ରସ ତିନ ପ୍ରକାର, ଯଥା—ଧର୍ମର ଉପଘାତ (ହାନି) ଜନିତ କରୁଣ, ଧନର ଅପଚୟ ଜନିତ ((ବିତ୍ତନାଶ ଜନିତ) କରୁଣ ଓ ଶୋକ ଜନିତ କରୁଣ । ୭୭-୭୮ ।

ବୀର ରସ—ଦାନବୀର, ଧର୍ମବୀର, ଯୁଦ୍ଧବୀର ଭେଦରେ ତିନ ପ୍ରକାର । ଭୟାନକ ରସ ମଧ୍ୟ ତିନ ପ୍ରକାର ଯଥା—ବ୍ୟାଜ (ଛଳନା) ଜନିତ, ଅପରାଧ ଜନିତ ଏବଂ ବିତ୍ରାସିତ (ବିପଦ ଆଶଙ୍କା ଜନିତ) । ୭୯-୮୦ ।

ବୀଭତ୍ସ ରସ – କ୍ଷୋଭଜ, ଶୁଦ୍ଧ ଓ ଉଦ୍‌ବେଗୀ ଭେଦରେ ତିନ ପ୍ରକାର। ବିଷ୍ଠା କୃମି ପ୍ରଭୃତିର ଦର୍ଶନାଦ୍ଧ ଜନିତ ବୀଭତ୍ସର ନାମ ଉଦ୍‌ବେଗୀ, ରକ୍ତ ପ୍ରଭୃତି ଦର୍ଶନଜାତ ବୀଭତ୍ସର ନାମ କ୍ଷୋଭଜ । ଅଦ୍‌ଭୁତ ରସ—ଦିବ୍ୟ ଓ

Digitized by srujanika@gmail.com

ଦିବ୍ୟଶ୍ଚାନନ୍ଦଜଶ୍ଚୈବ ଦ୍ୱିଧାଖ୍ୟାତୋଽଦ୍ଭୁତୋ ରସଃ ।
ଦିବ୍ୟଦର୍ଶନଜୋ ଦିବ୍ୟ ହର୍ଷାଦାନନ୍ଦଜଃ ସ୍ମୃତଃ ॥ ୮୨ ॥
ଏବମେତେ ରସା ଜ୍ଞେୟାସ୍ତ୍ୱଷ୍ଟୌ ଲକ୍ଷଣଲକ୍ଷିତାଃ ।
ଅତ ଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ଭାବାନାମପି ଲକ୍ଷଣମ୍ ॥ ୮୩ ॥

ଇତି ଷଷ୍ଠୋଽଧ୍ୟାୟଃ

ଆନନ୍ଦଜ ଭେଦରେ ଦୁଇପ୍ରକାର । ଦିବ୍ୟ (ସ୍ୱର୍ଗୀୟ) ବସ୍ତୁ ଦର୍ଶନରୁ ଜାତ ଅଦ୍ଭୁତ ରସ ଦିବ୍ୟ, ଓ ହର୍ଷରୁ ଜାତ ଅଦ୍ଭୁତ ରସ ଆନନ୍ଦଜ । ଏହିପରି ଲକ୍ଷଣଯୁକ୍ତ ଆଠପ୍ରକାର ରସ ବୁଝିବ । ଏହାପରେ ଭାବମାନଙ୍କର ମଧ୍ୟ ଲକ୍ଷଣ କହିବି । ୮୨-୮୩ ।

ଇତି ଷଷ୍ଠୋଽଧ୍ୟାୟଃ

Digitized by srujanika@gmail.com

ସପ୍ତମୋଽଧ୍ୟାୟଃ

ଭାବାନିଦାନୀଂ ବ୍ୟାଖ୍ୟାସ୍ୟାମଃ । ଅତ୍ରାହ—ଭାବା ଇତି କସ୍ମାତ୍, କଂ ଭବନ୍ତୀତି ଭାବାଃ, କଂ ବା ଭାବୟନ୍ତୀତି ଭାବାଃ । ଉଚ୍ୟତେ—ବାଗଙ୍ଗସତ୍ତ୍ୱୋପେତାନ୍ କାବ୍ୟାର୍ଥାନ୍ ଭାବୟନ୍ତୀତି ଭାବା ଇତି । (କ)

ଭୂ ଇତି କରଣେ ଧାତୁସ୍ତଥା ଚ ଭାବିତଂ ବାସିତଂ କୃତମିତ୍ୟ-ନର୍ଥାନ୍ତରମ୍ । ଲୋକେଽପି ଚ ପ୍ରସିଦ୍ଧମହୋ ହ୍ୟନେନ ଗନ୍ଧେନ ରସେନ ବା ସର୍ବମେବ ଭାବିତମିତି ତଚ୍ଚ ବ୍ୟାପ୍ତ୍ୟର୍ଥମ୍ । ଶ୍ଳୋକାଶ୍ଚାତ୍ର—(ଖ)

ସପ୍ତମ ଅଧ୍ୟାୟ

ଏବେ ଭାବମାନଙ୍କ ବିଷୟରେ କହିବ । ଏ ବିଷୟରେ ପ୍ରଶ୍ନ ହୋଇପାରେ, ଏମାନଙ୍କୁ କାହିଁକି ଭାବ ବୋଲି କହନ୍ତି ? କେଉଁ ବିଷୟକୁ ଭାବିତ କରନ୍ତି ବୋଲି ଏମାନଙ୍କୁ ଭାବ କୁହାଯାଏ ? ଏହାର ଉତ୍ତର ସ୍ୱରୂପ କୁହାଯାଉଛି ଯେ—ବଚନ (ଶବ୍ଦ) ଅଙ୍ଗ (ଅଙ୍ଗ ଚାଳନାଦି) ସତ୍ତ୍ୱ (ଅନ୍ତର୍ଗତ ଚେଷ୍ଟା) ସାହାଯ୍ୟରେ କାବ୍ୟଗତ (ନାଟ୍ୟଗତ) ଅର୍ଥମାନଙ୍କୁ 'ଭାବିତ' କରନ୍ତି ବୋଲି ଏମାନଙ୍କୁ ଭାବ କୁହାଯାଏ । (କ)

ଭାବ—କାରଣ (ଉପାଦାନ ବା ନିମିତ୍ତ କାରଣ) ବା ସାଧନ (କାର୍ଯ୍ୟ ସିଦ୍ଧିର ଉପକାରକ—କରଣ) ଅଟେ । 'ଭାବିତ' 'ବାସିତ' ଓ 'କୃତ' ଏହି ତିନି ଗୋଟି ଯାକ ଶବ୍ଦ ଏକାର୍ଥ ବାଚକ । ସାଧାରଣତଃ ଲୋକ ବ୍ୟବହାରରେ ମଧ୍ୟ ଏହା ଦେଖାଯାଏ । ଯେପରି ଲୋକେ କହନ୍ତି—ଏହି ଦ୍ରବ୍ୟ ଗୁଡ଼ିକ ପରସ୍ପରର ଗନ୍ଧ ଦ୍ୱାରା ବା ରସ ଦ୍ୱାରା 'ଭାବିତ' ହୋଇ ଅଛନ୍ତି । ଅର୍ଥାତ୍ ଏକ ଅନ୍ୟର ଗନ୍ଧକୁ ବା ରସକୁ ନିଜଠାରେ ଧାରଣ କରିଛି ବା ଏକଠାରେ ଅନ୍ୟର ଗନ୍ଧ ବା ରସ ବ୍ୟାପ୍ତ ହୋଇଛି । ଏ ବିଷୟରେ କେତେଗୋଟି ଶ୍ଳୋକ ପ୍ରଚଳିତ ଅଛି, ସେ ଗୁଡ଼ିକର ଅର୍ଥ ହେଉଛି—(ଖ)

Digitized by srujanika@gmail.com

ବିଭାବୈରାହୃତୋ ଯୋଽର୍ଥୋ ହ୍ୟନୁଭାବୈସ୍ତୁ ଗମ୍ୟତେ ।
ବାଗଙ୍ଗସତ୍ତ୍ୱାଭିନୟୈଃ ସ ଭାବ ଇତି ସଂଜ୍ଞିତଃ ॥ ୧ ॥

ବାଗଙ୍ଗମୁଖରାଗେଣ ସତ୍ତ୍ୱେନାଭିନୟେନ ଚ ।
କବେରନ୍ତର୍ଗତଂ ଭାବଂ ଭାବୟନ୍ ଭାବ ଉଚ୍ୟତେ ॥ ୨ ॥

ନାନାଭିନୟସଂବଦ୍ଧାନ୍ ଭାବୟନ୍ତି ରସାନିମାନ୍ ।
ଯସ୍ମାତ୍ତସ୍ମାଦମୀ ଭାବା ବିଜ୍ଞେୟା ନାଟ୍ୟଯୋକ୍ତୃଭିଃ ॥ ୩ ॥

ଅଥ ବିଭାବ ଇତି କସ୍ମାତ୍ । ଉଚ୍ୟତେ—ବିଭାବୋ ନାମ ବିଜ୍ଞାନାର୍ଥଃ । ବିଭାବଃ କାରଣଂ ନିମିତ୍ତଂ ହେତୁରିତି ପର୍ଯ୍ୟାୟାଃ । ବିଭାବ୍ୟତେଽନେନ ବାଗଙ୍ଗସତ୍ତ୍ୱାଭିନୟା ଇତି ବିଭାବଃ । ଯଥା ବିଭାବିତଂ ବିଜ୍ଞାତମିତ୍ୟନର୍ଥାନ୍ତରମ୍ ।

ଅତ୍ର ଶ୍ଳୋକଃ— (କ)

ବିଭାବ ଯେଉଁ ଅର୍ଥକୁ ଆହରଣ (ଉପସ୍ଥାପନ) କରେ ଏବଂ ଅନୁଭାବ ଯାହାକୁ ବାକ୍ୟ ଓ ଅଙ୍ଗ ଅଭିନୟ ଦ୍ୱାରା (ଶ୍ରୋତା ଓ ଦ୍ରଷ୍ଟାର) ପ୍ରତ୍ୟକ୍ଷ ଗୋଚର କରାଏ ତାହାକୁ ଭାବ କହନ୍ତି । ବଚନ, ଅଙ୍ଗଭଙ୍ଗୀ, ମୁଖବର୍ଣ୍ଣ, ସତ୍ତ୍ୱ (ମାନସିକ ଅବସ୍ଥା) ଏବଂ ଅଭିନୟ ଦ୍ୱାରା କବିଙ୍କର ଅନ୍ତର୍ଗତ ଭାବକୁ (ଶ୍ରୋତା ଓ ଦ୍ରଷ୍ଟାଙ୍କ ହୃଦୟରେ) ଯେ ଭାବିତ (ପରିଫଳିତ) କରେ ତାହାର ନାମ ଭାବ । ନାନାବିଧ ଅଭିନୟ ସହ ସମ୍ବନ୍ଧଶୀଳ ରସମାନଙ୍କୁ ଏମାନେ ଭାବିତ (ପ୍ରତିଫଳିତ) କରନ୍ତି ବୋଲି, ଏମାନଙ୍କୁ ନାଟ୍ୟ ପ୍ରୟୋଗ କର୍ତ୍ତାମାନେ 'ଭାବ' ନାମରେ ଅଭିହିତ କରନ୍ତି । ୧ - ୩ ।

ବିଭାବ ଏହି ନାମକରଣ କାହିଁକି ହୋଇଛି ? ଏହାର ଉତ୍ତରରୂପେ କୁହାଯାଉଛି ଯେ ବିଭାବ ଶବ୍ଦର ଅର୍ଥ—ବିଜ୍ଞାନ । ଆହୁରି ମଧ୍ୟ ବିଭାବ ଶବ୍ଦର ଅର୍ଥ ଯାହା, କାରଣ, ନିମିତ୍ତ ଓ ହେତୁ ଶବ୍ଦର ଅର୍ଥ ତାହା । ଅର୍ଥାତ୍ ଏମାନେ ଏକ ଅର୍ଥର ଭିନ୍ନ ଭିନ୍ନ ପର୍ଯ୍ୟାୟ ଶବ୍ଦ ମାତ୍ର । ବ୍ୟୁତ୍ପତ୍ତି ଦୃଷ୍ଟିରୁ ବିଭାବ ଶବ୍ଦର ଅର୍ଥ ହେଉଛି (ବିଭାବ୍ୟନ୍ତେ) ବିଶେଷ ଭାବେ ଜଣା ପଡ଼ନ୍ତି, ବଚନ, ଅଙ୍ଗଗତ ଅଭିନୟ ଏହା ଦ୍ୱାରା, ଅର୍ଥାତ୍ ବିଭାବ ସାହାଯ୍ୟରେ ବାକ୍ ଅଙ୍ଗ ଓ ଅଭିନୟ ବିଶେଷ ଭାବରେ ପ୍ରତୀତଗୋଚର ହୁଅନ୍ତି । ବିଭାବିତ ହେବାର ଅନ୍ୟ ଅର୍ଥ ବିଜ୍ଞାତ ହେବା । ଏ ବିଷୟରେ ଥିବା ପ୍ରାଚୀନ ଶ୍ଳୋକର ଅର୍ଥ ହେଉଛି—(କ)

Digitized by srujanika@gmail.com

ବହବୋଽର୍ଥା ବିଭାବ୍ୟନ୍ତେ ବାଗଙ୍ଗାଭିନୟାଶ୍ରୟାଃ ।
ଅନେନ ଯସ୍ମାତ୍ତେନାୟଂ ବିଭାବ ଇତି ସଞ୍ଜ୍ଞିତଃ ॥ ୪ ॥

ଅଥାନୁଭାବ ଇତି କସ୍ମାତ୍ । ଉଚ୍ୟତେ—ଅନୁଭାବ୍ୟତେଽନେନ ବାଗଙ୍ଗସତ୍ତ୍ୱକୃତୋଽଭିନୟ ଇତି ।

ଅତ୍ର ଶ୍ଲୋକଃ— (କ)

ବାଗଙ୍ଗାଭିନୟେନେହ ଯତସ୍ତ୍ୱର୍ଥୋଽନୁଭାବ୍ୟତେ ।
ଶାଖାଙ୍ଗୋପାଙ୍ଗସଂଯୁକ୍ତସ୍ତ୍ୱନୁଭାବସ୍ତତଃ ସ୍ମୃତଃ ॥ ୫ ॥

ଏବଂ ତେ ବିଭାବାନୁଭାବସଂଯୁକ୍ତା ଭାବା ଇତି ବ୍ୟାଖ୍ୟାତାଃ । ଅତୋ ହ୍ୟେଷାଂ ଭାବାନାଂ ସିଦ୍ଧିର୍ଭବତି ତସ୍ମାଦେଷାଂ ଭାବାନାଂ ବିଭାବାନୁଭାବସଂଯୁକ୍ତାନାଂ ଲକ୍ଷଣନିଦର୍ଶନାନ୍ୟଭିବ୍ୟାଖ୍ୟାସ୍ୟାମଃ ।

ବାକ୍ ଅଙ୍ଗ ଓ ଅଭିନୟକୁ ଆଶ୍ରୟ କରି ଅବସ୍ଥିତ ଥିବା ବହୁ ସଂଖ୍ୟକ ଅର୍ଥ ଏହାର ଦ୍ୱାରା ବିଭାବିତ (ବିଶେଷ ଭାବେ ଜ୍ଞାତ) ହେଉଥିବାରୁ ଏହାକୁ ବିଭାବ ନାମ ଦିଆଯାଇଛି । ୪ ।

ଅନୁଭାବ ବୋଲି କାହିଁକି କହନ୍ତି ? ଯେ ହେତୁ ବାକ୍ ଅଙ୍ଗ ଓ ସତ୍ତ୍ୱର ଅଭିନୟ ଦ୍ୱାରା ନାନାବିଧ ଅର୍ଥ (କାବ୍ୟ, ନାଟ୍ୟ ପ୍ରତିପାଦ୍ୟ ବିଷୟ) ଗୁଡ଼ିକୁ ଏହା ଅନୁଭାବିତ କରେ ତେଣୁ ଏହାକୁ ଅନୁଭାବ କହନ୍ତି । ଏ ସମ୍ପର୍କରେ ଥିବା ଶ୍ଲୋକର ଅର୍ଥ– (କ)

ଏଥିରେ ବାକ୍, ଅଙ୍ଗ ଓ ଉପାଙ୍ଗ (ଅଙ୍ଗୁଳ୍ୟାଦି) ସହ ସଂଯୁକ୍ତ ଅର୍ଥ (କାବ୍ୟାଦି ପ୍ରତିପାଦ୍ୟ ବସ୍ତୁ) ବାକ୍ ଓ ଅଙ୍ଗର ଅଭିନୟ ଦ୍ୱାରା ଅନୁଭାବିତ ହୁଏ ବୋଲି ଏହାର ନାମ ଅନୁଭାବ । ୫ ।

ବିଭାବ ଓ ଅନୁଭାବ ସହ ସଂଯୁକ୍ତ ଭାବ-ମାନଙ୍କର ଲକ୍ଷଣ ଓ ଉଦାହରଣ ଏଣିକି ଅଭିବ୍ୟାଖ୍ୟାତ କରିବୁ (ବୁଝାଇ କହିବୁ) । ବିଭାବ ଓ ଅନୁଭାବ ଲୋକ ପ୍ରସିଦ୍ଧ ଅଟେ । ଲୋକମାନଙ୍କଠାରେ ଏହା ସ୍ୱାଭାବିକ ଭାବେ ପରିଦୃଷ୍ଟ

Digitized by srujanika@gmail.com

ତତ୍ର ବିଭାବାନୁଭାବୌ ଲୋକପ୍ରସିଦ୍ଧୌ ଲୋକସ୍ୱଭାବାନୁଗତତ୍ୱାଚ୍ଚ ତୟୋର୍ଲକ୍ଷଣଂ ନୋଚ୍ୟତେଽତିପ୍ରସଙ୍ଗନିବୃତ୍ତ୍ୟର୍ଥମ୍ ।

ଭବତି ଚାତ୍ର ଶ୍ଲୋକଃ— (କ)

ଲୋକସ୍ୱଭାବସଂସିଦ୍ଧା ଲୋକଯାତ୍ରାନୁଗାମିନଃ ।
ଅନୁଭାବା ବିଭାବାଶ୍ଚ ଜ୍ଞେୟାସ୍ତ୍ୱଭିନୟେ ବୁଧୈଃ ॥ ୭ ॥

ତତ୍ରାଷ୍ଟୌ ଭାବାଃ ସ୍ଥାୟିନସ୍ତ୍ରୟସ୍ତ୍ରିଂଶଦ୍‌ବ୍ୟଭିଚାରିଣଃ ଅଷ୍ଟୌ ସାତ୍ତ୍ୱିକା ଇତି ତ୍ରିଭେଦାଃ । ଏବମେତେ କାବ୍ୟରସାଭିବ୍ୟକ୍ତିହେତବ ଏକୋନପଞ୍ଚାଶଦ୍‌ଭାବାଃ ପ୍ରତ୍ୟବଗନ୍ତବ୍ୟାଃ । ଏଭ୍ୟଶ୍ଚ ସାମାନ୍ୟଗୁଣଯୋଗେନ ରସା ନିଷ୍ପଦ୍ୟନ୍ତେ । (ଖ)

ଅତ୍ର ଶ୍ଲୋକଃ—

ଯୋଽର୍ଥୋ ହୃଦୟସଂବାଦୀ ତସ୍ୟ ଭାବୋ ରସୋଦ୍‌ଭବଃ ।
ଶରୀରଂ ବ୍ୟାପ୍ୟତେ ତେନ ଶୁଷ୍କଂ କାଷ୍ଠମିବାଗ୍ନିନା ॥ ୭ ॥

ହୋଇଥିବାରୁ ଏମାନଙ୍କର ଲକ୍ଷଣ କୁହାଯାଉ ନାହିଁ । ଏ ବିଷୟରେ ଥିବା ପ୍ରାଚୀନ ଶ୍ଳୋକର ଅର୍ଥ ଏଠାରେ ଉଦ୍ଧୃତ କରାଗଲା । (କ)

ଯଥା—ବିଭାବ ଓ ଅନୁଭାବ ଲୌକିକ ସ୍ୱଭାବଗତ (ପ୍ରାକୃତିକ) । ଏହା ଲୋକ ବ୍ୟବହାରର ଅନୁଗାମୀ (ସର୍ବ ସାଧାରଣରୂପେ ଲୋକ ବ୍ୟବହୃତ ହୋଇଥାଏ) । ଏହାକୁ ଅଭିନୟମାନଙ୍କ ଦ୍ୱାରା (ବାଚିକ, ଆଙ୍ଗିକ ଓ ସାତ୍ତ୍ୱିକ) ବୁଦ୍ଧିମାନ୍ ଲୋକେ ଜାଣିବେ । ୭ ।

(ଶବ୍ଦ ଓ ଦୃଶ୍ୟ) କାବ୍ୟଗତ ରସମାନଙ୍କର ଅଭିବ୍ୟକ୍ତିର ହେତୁ ସ୍ୱରୂପ ଏହି ଭାବର ମୋଟ ସଂଖ୍ୟା ଅଣଚାଶ । ସେଥିମଧ୍ୟରୁ ସାତ୍ତ୍ୱିକ ଭାବ ଆଠଗୋଟି, ବ୍ୟଭିଚାରୀ ଭାବ ତେତିଶ ଗୋଟି ଓ ଭାବ ଆଠଗୋଟି । ଯେତେବେଳେ (ବ୍ୟକ୍ତ) ଗୁଣ ଗୁଡ଼ିକର ସାଧାରଣୀ ଭାବ ଘଟେ (ଦ୍ରଷ୍ଟା, ଅଭିନେତା ଓ ଅଭିନେୟଙ୍କଠାରେ ସମାନଭାବେ ବ୍ୟାପ୍ତ ଥିବା ଜଣାପଡ଼େ) ସେତେବେଳେ ଏହି ଭାବମାନଙ୍କରୁ ରସର ନିଷ୍ପତ୍ତି ଘଟିଥାଏ ।

ଏ ବିଷୟରେ ଥିବା ପ୍ରାଚୀନ ଶ୍ଳୋକର ଅର୍ଥ ହେଉଛି (କ)

ହୃଦୟଗ୍ରାହ୍ୟ (ଚିତ୍ତର ଅନୁକୂଳ) ଅର୍ଥହିଁ ଭାବ ଓ ତାହା ରସ ଉତ୍ପତ୍ତିର ହେତୁ । ଶୁଖିଲା କାଠରେ ଅଗ୍ନି (ଯେପରି) ବ୍ୟାପିଗଲା ପରି ଏହା ସମସ୍ତ ଶରୀରରେ ବ୍ୟାପିଯାଏ । ୭ ।

Digitized by srujanika@gmail.com

ଅତ୍ରାହ—ଯଦ କାବ୍ୟାର୍ଥସଂଶ୍ରିତୈର୍ବିଭାବାନୁଭାବବ୍ୟଞ୍ଜିତୈରେକୋନପଞ୍ଚାଶଦ୍‌ଭାବୈଃ ସାମାନ୍ୟଗୁଣଯୋଗେନାଭିନିଷ୍ପଦ୍ୟନ୍ତେ ରସାସ୍ତତ୍‌କଥଂ ସ୍ଥାୟିନ ଏବ ଭାବା ରସତ୍ୱମାପ୍ନୁବନ୍ତି । ଉଚ୍ୟତେ—(କ)

ଯଥା ହି ସମାନଲକ୍ଷଣାସ୍ତୁଲ୍ୟପାଣିପାଦୋଦରଶରୀରାଃ ସମାନାଙ୍ଗପ୍ରତ୍ୟଙ୍ଗା ଅପି ପୁରୁଷାଃ କୁଲଶୀଲବିଦ୍ୟାକର୍ମଶିଳ୍ପବିଚକ୍ଷଣତ୍ୱାଦ୍‌ରାଜତ୍ୱମାପ୍ନୁବନ୍ତି ତତ୍ରୈବ ଚାନ୍ୟେଽଳ୍ପବୁଦ୍ଧୟସ୍ତେଷାମେବାନୁଚରା ଭବନ୍ତି, ତଥା ବିଭାବାନୁଭାବବ୍ୟଭିଚାରିଣଃ ସ୍ଥାୟିଭାବାନୁପାଶ୍ରିତା ଭବନ୍ତି । ବହ୍ୱାଶ୍ରୟତ୍ୱାତ୍‌ସ୍ୱାମିଭୂତାଃ ସ୍ଥାୟିନୋ ଭାବାଃ ତଦ୍‌ବତ୍‌ସ୍ଥାନୀୟପୁରୁଷଗୁଣଭୂତା ଅନ୍ୟେ ଭାବାସ୍ତାନ୍‌ଗୁଣତୟା ଶ୍ରୟନ୍ତେ [ସ୍ଥାୟିଭାବା ରସତ୍ୱମାପ୍ନୁବନ୍ତି] ପରିଜନଭୂତା ବ୍ୟଭିଚାରିଣୋ ଭାବାଃ । (ଖ)

ଏ ବିଷୟରେ ପ୍ରଶ୍ନ ହୋଇପାରେ—ପଦ୍ୟର ଅର୍ଥକୁ ଆଶ୍ରୟକରି ବିଦ୍ୟମାନ ଥିବା ବିଭାବ ଏବଂ ଅନୁଭାବ ଦ୍ୱାରା ବ୍ୟଞ୍ଜିତ ହେଉଥିବା ପୂର୍ବୋକ୍ତ ଅଣଚାଶ ଗୋଟି ଭାବ ସହିତ, ସାମାନ୍ୟ ଗୁଣର (ସାଧାରଣୀ ଭାବର) ସଂଯୋଗ ଘଟିଲେ, ରସ ସମୂହ ନିଷ୍ପନ୍ନ ହୁଅନ୍ତି ବୋଲି କୁହା ଯାଉଥିବା ସ୍ଥଳେ, ପୁଣି କିପରି ଆଠଗୋଟିଯାକ ସ୍ଥାୟିଭାବ ରସ ରୂପ ଧାରଣ କରନ୍ତି ବୋଲି କୁହାଯାଉଛି ? ଏହାର ଉତ୍ତର ନିମ୍ନରେ ଲିଖିତ ହେଲା । (କ)

ଯେପରି ସବୁ ମନୁଷ୍ୟଙ୍କର ଅଙ୍ଗଗତ ସାମ୍ୟ ଅଛି, ପ୍ରତ୍ୟେକଙ୍କର ଲକ୍ଷଣ ସମାନ ଏବଂ ହାତ, ଗୋଡ଼, ଉଦର ମଧ୍ୟ ସମାନ, ଅନୁଭବ ଶକ୍ତି ମଧ୍ୟ ଏକପ୍ରକାର । ତଥାପି କେତେକ ଲୋକ ନିଜର କୁଳ, ଶୀଳ, ବିଦ୍ୟା, ଶିଳ୍ପ ଓ ବିଚକ୍ଷଣତା ବଳରେ ରାଜତ୍ୱ (ରାଜପଣ) ଲାଭ କରିଥାନ୍ତି । ସେମାନଙ୍କଠାରୁ ଯେଉଁମାନେ ବୁଦ୍ଧିରେ ଊଣା ସେମାନେ, ସେମାନଙ୍କର ଅନୁଚର (ସେବକ) ହୋଇଥାନ୍ତି । ଠିକ୍ ସେହିପରି ବିଭାବ, ଅନୁଭାବ ଓ ବ୍ୟଭିଚାରିଭାବମାନେ ସ୍ଥାୟିଭାବମାନଙ୍କର ଅନୁଗାମୀ ହୋଇଥିବାରୁ ସ୍ଥାୟିଭାବମାନଙ୍କର ସ୍ୱାମିତ୍ୱ (ପ୍ରାଧାନ୍ୟ) ସ୍ୱତଃ ଉତ୍ପନ୍ନ ହୁଏ । ତେଣୁ ସ୍ଥାୟିଭାବ ନିକଟରେ ଅନ୍ୟ ଭାବମାନେ ଗୌଣ-ଭାବ ଲାଭ କରନ୍ତି । ସ୍ଥାୟିଭାବ ଗୁଣବାନ୍ ହୋଇଥିବାରୁ ଗୁଣବାନ୍ ରାଜାଙ୍କ ଅଳ୍ପ ଗୁଣ ବିଶିଷ୍ଟ ଭୃତ୍ୟ ଅନୁଗମନ କଲାପରି ବ୍ୟଭିଚାରିଭାବମାନେ ମୁଖ୍ୟ ସ୍ଥାୟିଭାବର ଅନୁଗାମୀ ହୁଅନ୍ତି । (ଖ)

Digitized by srujanika@gmail.com

ଅତ୍ରାପ୍ୟେକୋ ଦୃଷ୍ଟାନ୍ତ ଇତି । ଯଥା ନରେନ୍ଦ୍ରୋ ବହୁଜନପରିବାରୋଽପି ସନ୍ ସ ଏବ ନାମ ଲଭତେ ନାନ୍ୟଃ ସୁମହାନପି ପୁରୁଷଃ । ତଥା ବିଭାବାନୁଭାବବ୍ୟଭିଚାରିପରିବୃତଃ ସ୍ଥାୟୀ ଭାବୋ ରସନାମ ଲଭତେ ।

ଭବତି ଚାତ୍ର ଶ୍ଲୋକଃ—(କ)

ଯଥା ନରାଣାଂ ନୃପତିଃ ଶିଷ୍ୟାଣାଂ ଚ ଯଥା ଗୁରୁଃ ।
ଏବଂ ହି ସର୍ବଭାବାନାଂ ଭାବଃ ସ୍ଥାୟୀ ମହାନିହ ॥ ୮ ॥

ଲକ୍ଷଣଂ ଖଲୁ ପୂର୍ବମଭିହିତମେଷାଂ ରସସଂଜ୍ଞକାନାଂ ନିଦର୍ଶନଂ ତୁ । ଇଦାନୀଂ ଭାବସାମାନ୍ୟଲକ୍ଷଣମଭିଧାସ୍ୟାମଃ । ତତ୍ର ସ୍ଥାୟିଭାବାନ୍ ବକ୍ଷ୍ୟାମଃ— (ଖ)

ରତିର୍ନାମ ପ୍ରମୋଦାତ୍ମିକା ଋତୁମାଲ୍ୟାନୁଲେପନାଭରଣଭୋ-

ଯେପରି ରାଜାଙ୍କ ସାଙ୍ଗରେ ଅନେକ ଲୋକ ଯାଉଥିଲେ ସୁଦ୍ଧା ରାଜାଙ୍କର ନାମ ହୁଏ, ଅନ୍ୟ ମହାପୁରୁଷ ଥିଲେ ମଧ୍ୟ ତାହାଙ୍କର ନାମ ହୁଏ ନାହିଁ, ଏହା ଠିକ୍ ସେହିପରି । ଅନେକ ଲୋକ ଯାଉଥିଲେ ସୁଦ୍ଧା ଯଦି କେହି ତାହାରକୁ ପଚାରେ, କିଏ ଯାଉଛି ? ତେବେ ଉତ୍ତର ମିଳେ ରାଜା ଯାଉଛନ୍ତି । ସେହିପରି ବିଭାବ, ଅନୁଭାବ, ବ୍ୟଭିଚାରି ଭାବମାନଙ୍କ ଦ୍ୱାରା ପରିବେଷ୍ଟିତ (ପରିସେବିତ) ହୋଇ ମଧ୍ୟ ସ୍ଥାୟିଭାବହିଁ ରସ ଆଖ୍ୟା ଲାଭ କରିଥାଏ - ପୂର୍ବୋକ୍ତ ରାଜାପରି ।

ଏ ବିଷୟରେ ଶ୍ଲୋକଟିଏ ଅଛି । ତାହାର ଅର୍ଥ ହେଉଛି —(କ)

ଯେପରି ମନୁଷ୍ୟମାନଙ୍କ ମଧ୍ୟରେ ରାଜାର ଶ୍ରେଷ୍ଠତା, ଯେପରି ଶିଷ୍ୟମାନଙ୍କ ମଧ୍ୟରେ ଗୁରୁଙ୍କର ଶ୍ରେଷ୍ଠତା, ସେହିପରି ସର୍ବପ୍ରକାର ଭାବ ମଧ୍ୟରେ ସ୍ଥାୟିଭାବର ମୁଖ୍ୟତା ସ୍ୱୀକୃତ ହୁଏ । ୮ ।

ରସରୂପତା ପ୍ରାପ୍ତ (ରସ ନାମରେ ଅଭିହିତ) ଏହି ଭାବ ସମ୍ବନ୍ଧର ଲକ୍ଷଣ ଏଥିପୂର୍ବରୁ କୁହାଯାଇଅଛି । ଏବେ ସାମାନ୍ୟତଃ (ସାଧାରଣଭାବେ) ଭାବର ଲକ୍ଷଣ କହୁଅଛୁ । ସେମାନଙ୍କ ମଧ୍ୟରୁ ପ୍ରଥମେ ସ୍ଥାୟିଭାବମାନଙ୍କର ବ୍ୟାଖ୍ୟା କରୁଛୁଁ । (ଖ)

ଏଥି ମଧ୍ୟରୁ ରତି ନାମକ ସ୍ଥାୟିଭାବ ଆମୋଦ (ଆନନ୍ଦ) ସ୍ୱରୂପ ଅଟେ । ଋତୁ (ଗ୍ରୀଷ୍ମାଦି) ମାଲ୍ୟ, ଅନୁଲେପନ, ଆଭରଣ (ଅଳଙ୍କାର)

Digitized by srujanika@gmail.com

ଜନବରଭବନାନୁଭବନାପ୍ରାଭକୂଲ୍ୟାଦଭିର୍ବିଭାବୈଃ ସମୁତ୍ପଦ୍ୟତେ । ତାମଭିନୟେତ୍ ସ୍ମିତବଦନମଧୁରକଥନଭ୍ରୂକ୍ଷେପକଟାକ୍ଷାଦଭିରନୁଭାବୈଃ ।

ଅତ୍ର ଶ୍ଳୋକଃ—(କ)

ଇଷ୍ଟାର୍ଥବିଷୟପ୍ରାପ୍ତ୍ୟା ରତିଃ ସମୁପଜାୟତେ ।
ସୌମ୍ୟତ୍ୱାଦଭିନେୟା ସା ବାଙ୍ମାଧୁର୍ୟାଙ୍ଗଚେଷ୍ଟିତୈଃ ॥ ୯ ॥

ହାସୋ ନାମ— ପରଚେଷ୍ଟାନୁକରଣକୁହକାସମ୍ବଦ୍ଧପ୍ରଲାପ ପୌରୋଭାଗ୍ୟମୌର୍ଖ୍ୟାଦଭିର୍ବିଭାବୈଃ ସମୁତ୍ପଦ୍ୟତେ । ତମଭିନୟେତ୍ ପୂର୍ବୋକ୍ତୈର୍ହସିତାଦଭିରନୁଭାବୈଃ । (ଖ)

ଭବତି ଚାତ୍ର ଶ୍ଳୋକଃ—

ପରଚେଷ୍ଟାନୁକରଣାଦ୍ଧାସଃ ସମୁପଜାୟତେ ।
ସ୍ମିତହାସାତିହସିତୈରଭିନେୟଃ ସ ପଣ୍ଡିତୈଃ ॥ ୧୦ ॥

ପ୍ରିୟବ୍ୟକ୍ତି, ଉତ୍କୃଷ୍ଟ ଗୃହ (ମନ୍ଦିର) ର ଉପଭୋଗ, ଅନୁକୂଳ ବିଷୟର ଅଭାବ, ଏହି ବିଭାବମାନଙ୍କରୁ ଏହା ଉତ୍ପନ୍ନ ହୁଏ । ମନ୍ଦହାସ ସହିତ ଆଳାପ, ମଧୁର ବାକ୍ୟ, ଭ୍ରୂକ୍ଷେପ, କଟାକ୍ଷ ପ୍ରଭୃତି ଅନୁଭାବ ଦ୍ୱାରା ଏହା ଅଭିନେୟ ।

ଏହି ବିଷୟରେ ଗୋଟିଏ ଶ୍ଳୋକ ଅଛି, ଏହାର ଅର୍ଥ ହେଉଛି—(କ)

ଅଭିଳଷିତ ବା ଅନୁକୂଳ ବିଷୟର ପ୍ରାପ୍ତି ଫଳରେ ରତି ଭାବର ଉତ୍ପତ୍ତି ଘଟେ । ଏହି ଭାବ ଅତି ସୌମ୍ୟ (କୋମଳ) ହୋଇଥିବାରୁ ମଧୁର (ଅନୁଦ୍ଧତ) ବାକ୍ୟ ଓ ଅଙ୍ଗଭଙ୍ଗୀ ଦ୍ୱାରା ଏହାର ଅଭିନୟ କରଣୀୟ । (୯)

ହାସ— ପରର ଅଙ୍ଗଚେଷ୍ଟାର (ଗତ୍ୟାଦିର) ଅନୁକରଣ, ଅସଂବଦ୍ଧ ପ୍ରଳାପ, (କମ୍ପହୀନ ଅସଙ୍ଗତ ଉକ୍ତି) ପୌରୋଭାଗ୍ୟ (ଆଗଚଲା ପଣ) ଓ ନିର୍ବୋଧତା ପ୍ରଭୃତି ଅନୁଭାବ ଦ୍ୱାରା ଏହା ଉତ୍ପାଦିତ ହୁଏ । ପୂର୍ବୋକ୍ତ ହସିତ, ଅବହସିତ, ବିହସିତ ପ୍ରଭୃତି ଦ୍ୱାରା ଏହା ଅଭିନେୟ । (ଖ)

ଶ୍ଳୋକାର୍ଥ— ପରର ଚେଷ୍ଟା (ଅଙ୍ଗଚାଳନାଦି) ର ଅନୁକରଣରୁ ହାସ ଜାତ ହୁଏ । ସ୍ମିତ, ହାସ, ଅତିହସିତ ପ୍ରଭୃତି ଦ୍ୱାରା ଏହା ଅଭିନେୟ । ।୧୦।

Digitized by srujanika@gmail.com

ଶୋକୋ ନାମ— ଇଷ୍ଟଜନବିୟୋଗବିଭବନାଶବଧବନ୍ଧନଦୁଃଖାନୁଭବନାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତସ୍ୟାସ୍ରପାତପରିଦେବିତବିଲପିତବୈବର୍ଣ୍ୟସ୍ୱରଭେଦସ୍ରସ୍ତଗାତ୍ରତାଭୂମିପତନସସ୍ୱନରୁଦିତାକ୍ରନ୍ଦିତଦୀର୍ଘନିଃଶ୍ୱସିତଜଡ଼ତୋନ୍ମାଦମୋହମରଣାଦିଭିରନୁଭାବୈରଭିନୟଃ ପ୍ରୟୋକ୍ତବ୍ୟଃ । ରୁଦିତମତ୍ର ତ୍ରିବିଧଂ—ଆନନ୍ଦଜମାର୍ତ୍ତିଜମୀର୍ଷାସମୁଦ୍ଭବଂ ଚେତି । (କ)

ଭବନ୍ତି ଚାତ୍ରାର୍ଯ୍ୟାଃ—

(ଆନନ୍ଦେର୍ଷ୍ୟାର୍ତ୍ତିକୃତଂ ତ୍ରିବିଧଂ ରୁଦିତଂ ସଦା ବୁଧୈର୍ଜ୍ଞେୟମ୍ ।
ତସ୍ୟ ତ୍ୱଭିନୟଯୋଗାତ୍ ବିଭାବଗତିତଃ ପ୍ରବକ୍ଷ୍ୟାମି) ॥ ୧୧ ॥

ହର୍ଷୋତ୍ଫୁଲ୍ଲକପୋଲଂ ସାନୁସ୍ମରଣାଦପାଙ୍ଗବିସୃତାସ୍ରମ୍ ।
ରୋମାଞ୍ଚଗାତ୍ରମନାକ୍ତମାନନ୍ଦସମୁଦ୍ଭବଂ ଭବତି ॥ ୧୨ ॥

ପର୍ଯ୍ୟାପ୍ତବିମୁକ୍ତାସ୍ରଂ ସସ୍ୱନମସ୍ୱସ୍ଥଗାତ୍ରଗତଚେଷ୍ଟମ୍ ।
ଭୂମିନିପାତନିବର୍ତ୍ତିତବିଲପିତମିତ୍ୟାର୍ତ୍ତିଜଂ ଭବତି । ୧୩ ।

ଶୋକ—ଇଷ୍ଟଜନ (ପ୍ରିୟବ୍ୟକ୍ତି) ବିୟୋଗ, ଧନନାଶ, ବଧ, ବନ୍ଧନ ଏବଂ ଦୁଃଖାନୁଭବ ପ୍ରଭୃତି ବିଭାବରୁ ଏହା ଉତ୍ପନ୍ନ ହୁଏ । ଲୋତକ ଗଡ଼ାଇବା, ବିଳାପ କରିବା (ବାହୁନିବା) କାନ୍ଦିବା (ବିଚେଷ୍ଟା) ବିକୃତଭାବେ ଅଙ୍ଗସ୍ଖଳନ କରିବା, ଦୀର୍ଘନିଃଶ୍ୱାସ, ଜଡ଼ତା, ଉନ୍ମାଦ, ମୋହ ଓ ମରଣ ପ୍ରଭୃତି ଅନୁଭାବ ଦ୍ୱାରା ଏହା ଅଭିନେୟ । କାନ୍ଦିବା ତିନିପ୍ରକାରରେ ଜାତ ହୁଏ । ଯଥା—ଆନନ୍ଦରୁ, ପୀଡ଼ାରୁ ଓ ଈର୍ଷା ହେତୁରୁ । (କ)

ଏ ବିଷୟରେ ତିନିଗୋଟି ଆର୍ଯ୍ୟା ଗୀତ ପ୍ରଚଳିତ ଅଛି । ତାହାର ଅର୍ଥ ନିମ୍ନରେ ଦିଆଗଲା—

ଯଥା—ଆନନ୍ଦଜନିତ ରୋଦନରେ ଗଣ୍ଡଦେଶ ହର୍ଷରେ ପ୍ରଫୁଲ୍ଲ ହୋଇଯାଏ । ଅନୁସ୍ମରଣ ସହିତ ବଚନ ନିର୍ଗତ ହୁଏ । (ପୂର୍ବକଥା ମନେ ପଡ଼ିବା ସଙ୍ଗେ ସଙ୍ଗେ ତାହା ମୁଖରୁ ବଚନରୂପେ ବହିର୍ଗତ ହୁଏ) । ଗଣ୍ଡଦେଶରେ ରୋମାଞ୍ଚ ଜାତ ହୁଏ । ୧୧-୧୨

ପୀଡ଼ାଜନିତ କ୍ରନ୍ଦନରେ ଚକ୍ଷୁରୁ ପ୍ରଚୁର ଲୋତକ ଗଡ଼ୁଥାଏ, କଣ୍ଠସ୍ୱର ଦୀର୍ଘ ହୁଏ, ଶରୀରରେ ଅସୁସ୍ଥତା ପ୍ରକାଶ ପାଏ, ଗତି ଓ ଚେଷ୍ଟା ବିଫଳ ହୁଏ, ଭୂଇଁରେ ଗଡ଼ି, ହାତ ଗୋଡ଼ ବାଡ଼େଇବା ଓ ବିଳାପ କରିବା ପ୍ରଭୃତି ଲକ୍ଷଣମାନ ଦେଖାଯାଏ । ୧୩ ।

Digitized by srujanika@gmail.com

ସ୍ଫୁରିତୋଷ୍ଠକପୋଲଂ ସଶିରଃକମ୍ପଂ ତଥା ସନିଃଶ୍ୱାସମ୍ ।
ଭ୍ରୂକୁଟୀକଟାକ୍ଷକୁଟିଳଂ ସ୍ତ୍ରୀଣାମୀର୍ଷ୍ୟାକୃତଂ ଭବତି ॥ ୧୪ ॥
ସ୍ତ୍ରୀନୀଚପ୍ରକୃତିଷ୍ୱେଷ ଶୋକୋ ବ୍ୟସନସମ୍ଭବଃ ।
ଧୈର୍ଯ୍ୟେଣୋତ୍ତମମଧ୍ୟାନାଂ ନୀଚାନାଂ ରୁଦିତେନ ଚ ॥ ୧୫ ॥

କ୍ରୋଧୋ ନାମ— ଆଧର୍ଷଣାକ୍ରୁଷ୍ଟକଳହବିବାଦପ୍ରତିକୂଳାଦି-ଭିର୍ବିଭାବୈଃ ସମୁତ୍ପଦ୍ୟତେ । ଅସ୍ୟ ବିକୃଷ୍ଟନାସାପୁଟୋଦ୍‌ବୃତ୍ତନୟନସନ୍ଦ-ଷ୍ଟୋଷ୍ଠପୁଟଗଣ୍ଡସ୍ଫୁରଣାଦିଭିରନୁଭାବୈରଭିନୟଃ ପ୍ରଯୋକ୍ତବ୍ୟଃ । (କ)

ରିପୁଜୋ ଗୁରୁଜଶ୍ଚୈବ ପ୍ରଣୟିପ୍ରଭବସ୍ତଥା ।
ଭୃତ୍ୟଜଃ କୃତକଶ୍ଚେତି କ୍ରୋଧଃ ପଞ୍ଚବିଧଃ ସ୍ମୃତଃ ॥ ୧୬ ॥

ସ୍ତ୍ରୀମାନଙ୍କର ଈର୍ଷାଜନିତ ଶୋକରେ ଓଷ୍ଠ ଓ କପୋଳ (ଗଣ୍ଡ) ଥରଯାଏ । ମସ୍ତକ କମ୍ପିତ ହୁଏ, ଦୀର୍ଘନିଃଶ୍ୱାସ ବାହାରୁଥାଏ, ଭ୍ରୂ ଓ କଟାକ୍ଷରେ କୁଟିଳତା ଦେଖାଦିଏ ।

କାରଣ (ବିଭାବ) ଦୃଷ୍ଟିରୁ ଯଥା ସମ୍ଭବ ପ୍ରତନୁସାଧ ଆୟାସ (କ୍ଳେଶ) ର ଲକ୍ଷଣ ଦ୍ୱାରା ସଂଯୁକ୍ତ କୃତ୍ରିମ ଶୋକକୁ ହାସ୍ୟରସର ମଧ୍ୟରେ ଅନ୍ତର୍ଭୁକ୍ତ କରାଯିବା ଉଚିତ । ୧୪ ।

କୌଣସି ବିପଦ ବା ପୀଡ଼ା ଉପସ୍ଥିତ ହେଲେ ଶୋକର ଉଦ୍ଭବ ହୁଏ । ତାହା ସ୍ତ୍ରୀଜାତି ଓ ଅଧମ ପାତ୍ରଠାରେ ପ୍ରଦର୍ଶିତ ହୋଇଥାଏ । ଉତ୍ତମ ଓ ମଧ୍ୟମ ପାତ୍ରମାନଙ୍କଠାରେ ଧୈର୍ଯ୍ୟ ଦ୍ୱାରା ଓ ନୀଚ ପାତ୍ରମାନଙ୍କଠାରେ କ୍ରନ୍ଦନ ଦ୍ୱାରା ଏହା ପ୍ରକାଶିତ ହୁଏ । ୧୫ ।

କ୍ରୋଧ—ଲାଞ୍ଛନା, ଗାଳି, କଳି, ବିବାଦ, ପ୍ରତିକୂଳବାକ୍ୟ ବା ପ୍ରତିକୂଳ ବିଷୟ ପ୍ରଭୃତି ବିଭାବ (କାରଣ) ରୁ ଏହା ଜାତ ହୁଏ । ନାକପୁଡ଼ାକୁ ଫୁଲାଇବା, ଆଖିତରାଟି ଗୁହ୍ଁବା, ଓଠ କାମୁଡ଼ିବା, ଗଣ୍ଡଦେଶ ସ୍ଫୁରିତ (କମ୍ପିତ) କରିବା ପ୍ରଭୃତି ଅନୁଭାବ (କାର୍ଯ୍ୟ) ଦ୍ୱାରା ଏହାର ଅଭିନୟ କରାଯାଏ । (କ)

ଏ ସମ୍ପର୍କରେ ପ୍ରଚଳିତ ଆର୍ଯ୍ୟା ଶ୍ଳୋକର ଅର୍ଥ —କ୍ରୋଧ ପାଞ୍ଚ-ପ୍ରକାରରେ ବିଭକ୍ତ । ଯଥା—ଶତ୍ରୁଜ, ଗୁରୁଜନାଗତ, ପ୍ରିୟଜନଗତ, ଭୃତ୍ୟଗତ ଓ କୃତକ (କୃତ୍ରିମ) । ୧୬ ।

Digitized by srujanika@gmail.com

ଅତ୍ରାର୍ଯ୍ୟା ଭବନ୍ତି —

ଭ୍ରୂକୁଟୀକୁଟିଲୋତ୍କଟମୁଖଃ ସନ୍ଦଷ୍ଟୋଷ୍ଠଃ ସ୍ପୃଶନ୍‌କରେଣ କରମ୍ ।
ସ୍ୱଭୁଜଃ ସ୍ୱଭୁଜପ୍ରେକ୍ଷୀ ଶତ୍ରୌ ନିର୍ଯ୍ୟାତନଂ କୁର୍ଯ୍ୟାତ୍ ॥ ୧୭॥

ନମ୍ରଦବାଙ୍ଗ୍ ମୁହୁର୍ଦୃଷ୍ଟିଃ ସାସ୍ରଃ ସ୍ୱେଦାପମାର୍ଜନପରଶ୍ଚ ।
ଅବ୍ୟକ୍ତୋଲ୍ବଣଚେଷ୍ଟୋ ଗୁରୌ ବିନୟମନ୍ଦିତୋ କୁର୍ଯ୍ୟାତ୍ ॥ ୧୮ ॥

ଅଲ୍ପତରପ୍ରବୃତ୍ତସ୍ତ୍ର ବିକିରନ୍ନଶ୍ରୂଣ୍ୟପାଙ୍ଗବିକ୍ଷେପୈଃ ।
ସଭ୍ରୂକୁଟୀସ୍ଫୁରିତୋଷ୍ଠଃ ପ୍ରଣୟୋପଗତାଂ ପ୍ରିୟାଂ କୁର୍ଯ୍ୟାତ୍ ॥ ୧୯ ॥

ଅଥ ପରିଜନେ ତୁ ରୋଷସ୍ତର୍ଜନନିର୍ଭର୍ତ୍ସନାକ୍ଷିବିସ୍ତାରୈଃ ।
ବିପ୍ରେକ୍ଷଣୈଶ୍ଚ ବିବିଧୈରଭିନେୟଃ ସ୍ୱରଭାରହୃତଃ ॥ ୨୦ ॥

କାରଣମବେକ୍ଷମାଣଃ ପ୍ରାଦୃଣାସ୍ୟାସଲିଙ୍ଗସଂଯୁକ୍ତଃ ।
ବୀରରସାନ୍ତରବୃତ୍ତ କାର୍ଯ୍ୟଃ କୃତକୋ ଭବତି କୋପଃ ॥ ୨୧ ॥

ଶତ୍ରୁ ନିବାରଣକାରୀ ବ୍ୟକ୍ତିର ରୋଷଜାତ ହେଲେ ତାହାର ମୁଖ କୁଟିଳ ଭ୍ରୂକୁଟିରେ ବିକଟ ହୋଇଥାଏ । ନିଜ ଓଷ୍ଠ ଦଂଶନ କରେ, ଏକ ହସ୍ତକୁ ଅନ୍ୟ ହସ୍ତ ଦ୍ୱାରା ସ୍ପର୍ଶ କରେ (ହାତକୁ ହାତ ଘଷେ) ନିଜ ବାହୁ, ମସ୍ତକ ଓ ବକ୍ଷ ପ୍ରଦେଶକୁ ସ୍ପର୍ଶ କରେ । ଗୁରୁଜନଙ୍କଠାରେ ରାଗିଥିବା ବ୍ୟକ୍ତି ମୁଖକୁ ଅଳ୍ପ ବନ୍ଦ କରି ରହେଁ, ଝାଳକୁ କେବେ କେବେ ପୋଛୁଥାଏ । କୌଣସି ଅଙ୍ଗରେ ଉଦ୍ଧତ ଚେଷ୍ଟା (ଗ୍ଲାନିଭାବ) ପ୍ରକାଶ କରେ ନାହିଁ । ୧୭-୧୮

ପ୍ରଣୟୀଠାରେ ରାଗିଥିବା ବ୍ୟକ୍ତି ମନ୍ଦ ମନ୍ଦ ଗତିକରେ (ଟିକିଏ ଚାଲେ ପୁଣି ରହେ), ନେତ୍ର କୋଣରେ ବାରମ୍ବାର ଚାହୁଁଥାଏ ଓ ଲୁହ ଗଡାଉଥାଏ । ଭ୍ରୂକୁଟି ଜାତକରି ଲୁହ ଗଡ଼ାଉଥାଏ । ୧୯ ।

ପରିଜନ (ଚାକର ପ୍ରଭୃତି) ଠାରେ କ୍ରୁଦ୍ଧ ବ୍ୟକ୍ତି ତର୍ଜନ କରେ, (ଚିଡ଼ିବା, ତର୍ଜନ କରିବା) ଗାଳିଦିଏ, ଆଖି ତରାଟି ଚାହେଁ । ନାନାପ୍ରକାର ବିକୃତ ଚାହାଣୀରେ (ଅବଜ୍ଞା ସୂଚକ ଭାବେ) ଚାହେଁ । ୨୦ ।

କୃତ୍ରିମ କ୍ରୋଧ ପ୍ରଦର୍ଶନରେ କାରଣ ଦୃଷ୍ଟିରୁ ପ୍ରସନ୍ନ ସାଧ୍ୟ (କ୍ରୋଧ ସୂଚକ) ଚିହ୍ନ ଦ୍ୱାରା ଯୁକ୍ତ ହୋଇ କ୍ରୋଧ ଅଭିନୀତ ହୁଏ । ଏହା ଦୁଇଟି ରସର ମଧ୍ୟରେ ଅଭିନେୟ । ୨୧ ।

Digitized by srujanika@gmail.com

ଉତ୍ସାହୋ ନାମ—ଉତ୍ତମପ୍ରକୃତିଃ । ସ ଚାବିଷାଦଶକ୍ତିଧୈର୍ଯ୍ୟଶୌର୍ଯ୍ୟାଦିଭିର୍ବିଭାବୈରୁତ୍ପଦ୍ୟତେ । ତସ୍ୟ ସ୍ଥୈର୍ଯ୍ୟଧୈର୍ଯ୍ୟତ୍ୟାଗବୈଶାରଦ୍ୟାଦିଭିରନୁଭାବୈରଭିନୟଃ ପ୍ରୟୋକ୍ତବ୍ୟଃ । (କ)

ଅତ୍ର ଶ୍ଲୋକଃ—

ଅସମ୍ମୋହାଦିଭିର୍ବ୍ୟକ୍ତୋ ବ୍ୟବସାୟନୟାତ୍ମକଃ ।
ଉତ୍ସାହସ୍ତ୍ୱଭିନେୟଃ ସ୍ୟାଦପ୍ରମାଦୋତ୍ଥିତାଦିଭିଃ ॥ ୨୨ ॥

ଭୟଂ ନାମ—ସ୍ତ୍ରୀନୀଚପ୍ରକୃତିକଂ ଗୁରୁରାଜାପରାଧଶ୍ୱାପଦଶୂନ୍ୟାଗାରାଟବୀପର୍ବତଗହ୍ୱରଗଜାହିଦର୍ଶନନିର୍ଭର୍ତ୍ସନକାନ୍ତାରଦୁର୍ଦ୍ଦିନନିଶାନ୍ଧକାରୋଲୂକନକ୍ତଞ୍ଚରାରବଶ୍ରବଣାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତସ୍ୟ ପ୍ରକମ୍ପିତକରଚରଣହୃଦୟକମ୍ପନସ୍ତମ୍ଭମୁଖଶୋଷଜିହ୍ୱାପରିଲେହନ-

---

ଉତ୍ସାହ—ଏହା ଉତ୍ତମ ଶ୍ରେଣୀର ପାତ୍ରଠାରେ ଅଭିନେୟ (ପ୍ରଦର୍ଶନୀୟ) । ଏହା ଅବିଷାଦ (ବିଷାଦ ଶୂନ୍ୟତା) ଶକ୍ତି, ଧୈର୍ଯ୍ୟ, ଶୌର୍ଯ୍ୟ ଓ ତ୍ୟାଗ ପ୍ରଭୃତି ବିଭାବ (କାରଣ)ରୁ ଉତ୍ପନ୍ନ ହୁଏ । ଧୈର୍ଯ୍ୟ, ତ୍ୟାଗ, ଆରବ୍ଧ କାର୍ଯ୍ୟରେ (ବିଶାରଦତା-ନିପୁଣତା) ପ୍ରଭୃତି (କାର୍ଯ୍ୟ) ଦ୍ୱାରା ଏହାର ଅଭିନୟ କରଣୀୟ ।

ଏ ବିଷୟରେ ଶ୍ଲୋକଟିଏ ଅଛି । ତାହାର ଅର୍ଥ ହେଉଛି— (କ)

ଉତ୍ସାହ, ଅସମ୍ମୋହ (ସ୍ଥିର ଚିତ୍ତତା) ପ୍ରଭୃତି ଗୁଣ ଦ୍ୱାରା ଅଭିବ୍ୟକ୍ତ ହୁଏ । ବ୍ୟବସାୟ (ସୁ ଶକ୍ତିର ଉକ୍ତି) ଓ ନୀତି ଏହାର ସ୍ୱରୂପ । ଏହା ପ୍ରମାଦ-ଶୂନ୍ୟତା ପ୍ରଭୃତି କ୍ରିୟା ଦ୍ୱାରା ଅଭିନୀତ ହୁଏ । ୨୨ ।

ଭୟ—ନୀଚ ପାତ୍ରଠାରେ ଏହା ଉତ୍ପନ୍ନ ହୁଏ । ଗୁରୁ ବା ରାଜାଙ୍କଠାରେ ଅପରାଧ, ଶୂନ୍ୟଗୃହ, ବନଦେଶରେ ପର୍ଯ୍ୟଟନ (ବୁଲିବା) ପର୍ବତ ଦେଖିବା, ଗାଳି ଖାଇବା, ଦୁର୍ଦ୍ଦିନ (ବୃଷ୍ଟି ବହୁଳ ଦିନ) ରାତିର ଅନ୍ଧକାର, ପେଚା ବା ଅନ୍ୟ ନିଶାଚର ପ୍ରାଣୀଙ୍କ ଶବ୍ଦ ଶୁଣିବା ପ୍ରଭୃତି ବିଭାବ (କାରଣ) ରୁ ଭୟ ଉତ୍ପନ୍ନ ହୁଏ । ହାତ ଓ ଗୋଡ଼ ଥରାଇବା, ଛାତିକୁ ଧଡ଼ ଧଡ଼ କରାଇବା, ସ୍ତମ୍ଭ (ପରିଚାଳନ ଶକ୍ତି ରହିତ ହେବା),

Digitized by srujanika@gmail.com

ସ୍ୱେଦବେପଥୁଶ୍ୱାସଗଦ୍‌ଗଦ୍‌ବାଣାନ୍ୱେଷଣଧାବନୋତ୍କ୍ରୁଷ୍ଟାଦଭିରନୁଭବୈର-ଭିନୟଃ ପ୍ରଯୋକ୍ତବ୍ୟଃ । (କ)

ଅତ୍ର ଶ୍ଳୋକାଃ—

ଗୁରୁନୃପାପରାଧେନ ରୌଦ୍ରାଣାଂ ଚାପି ଦର୍ଶନାତ୍ ।
ଶ୍ରବଣାଦପି ଘୋରାଣାଂ ଭୟଂ ମୋହେନ ଜାୟତେ ॥ ୨୩ ॥

ଗାତ୍ରକମ୍ପନବତ୍ରାସୈର୍ବକ୍ତ୍ରଶୋଷଣସମ୍ଭ୍ରମୈଃ ।
ବିସ୍ତାରିତେକ୍ଷଣୈଃ କାର୍ଯ୍ୟମଭିନେୟଂ ଭୟାନୁଗୈଃ ॥ ୨୪ ॥

ସନ୍ତ୍ରବତ୍ରାସନୋଦ୍ଭୂତଂ ଭୟମୁତ୍ପଦ୍ୟତେ ନୃଣାମ୍ ।
ସ୍ରସ୍ତାଙ୍ଗାକ୍ଷିନିମେଷୈସ୍ତଦଭିନେୟଂ ତୁ ନର୍ତ୍ତକୈଃ ॥ ୨୫ ॥

ମୁଖ ଶୁଖିଯିବା (ତଣ୍ଟି ଶୁଖିଯିବା), ଝାଳରେ ଓଦା ହୋଇଯିବା, ଥରେଇବା, ସର୍ବାଙ୍ଗ ଥରିବା, ନିରାପଦ ସ୍ଥାନ ଖୋଜିବା, ଧାଇଁବା, ବଡ଼ ପାଟିରେ ଚିତ୍କାର କରିବା, ଏହିପ୍ରକାର ଅନୁଭବ (କାର୍ଯ୍ୟ) ମାନଙ୍କ ଦ୍ୱାରା ଏହାର ଅଭିନୟ କରାଯାଇଥାଏ । (କ)

ଏ ବିଷୟରେ ତିନିଗୋଟି ଶ୍ଳୋକ ଅଛି । ତାହାର ଅର୍ଥ ହେଉଛି—

ରାଜା ବା ଗୁରୁଙ୍କ ନିକଟରେ ଅପରାଧୀ ହୋଇଥିଲେ, କିମ୍ବା ଭୟାନକ ବସ୍ତୁ ବା ପ୍ରାଣୀ ଦେଖିଲେ, କିମ୍ବା ତଦ୍ ବିଷୟରେ ଶୁଣିଲେ ମୋହ ସହିତ ଭୟ ଜାତ ହୁଏ । ୨୩ ।

ଦେହ ଥରିବା, ତ୍ରାସ (ଡରିଛ ହେବା), କଣ୍ଠ ଶୁଖିଯିବା, ସମ୍ଭ୍ରାନ୍ତ ହେବା, ଚକ୍ଷୁ ଦ୍ୱୟକୁ ବିସ୍ତାରିତ କରିବା ପ୍ରଭୃତି କାର୍ଯ୍ୟ (ଅନୁଭବ) ଦ୍ୱାରା ଏହାର ଅଭିନୟ କରଣୀୟ । ୨୪ ।

ଦେହ ଡରାଇଲେ (ଡରଛେଇଲେ) ଲୋକମାନଙ୍କର ଭୟ ଜାତ ହୁଏ । ଏହାର ଅଭିନୟରେ କେବଳ ନର୍ତ୍ତକମାନେ ଅଙ୍ଗର ସ୍ରସ୍ତତା (ଦେହ ଖସ ଖସ ଲାଗିବା) ଆଖି ବୁଜିଦେବା ପ୍ରଭୃତି କାର୍ଯ୍ୟ ପ୍ରଦର୍ଶନ କରିବେ । ୨୫ ।

Digitized by srujanika@gmail.com

ଅତ୍ରାର୍ଯ୍ୟା ଭବତ—

କରଚରଣହୃଦୟକମ୍ପୈର୍ମୁଖଶୋଷଣବଦନଲେହନସ୍ତମ୍ଭୈଃ ।
ସମ୍ଭ୍ରାନ୍ତବଦନବେପଥୁସନ୍ତ୍ରାସକୃତୈରଭିନୟୋଽସ୍ୟ ॥ ୨୬ ॥

ଜୁଗୁପ୍ସା ନାମ— ସ୍ତ୍ରୀନୀଚପ୍ରକୃତିକା । ସା ହୃଦ୍ୟଦର୍ଶନଶ୍ରବଣପରିକୀର୍ତ୍ତନାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତସ୍ୟାଃ ସର୍ବାଙ୍ଗସଙ୍କୋଚନନିଷ୍ଠୀବନମୁଖବିକୂଣନହୃଲ୍ଲେଖାଦିଭିରନୁଭାବୈରଭିନୟଃ ପ୍ରୟୋକ୍ତବ୍ୟଃ । (କ)

ଭବତି ଚାତ୍ର ଶ୍ଲୋକଃ—

ନାସାପ୍ରଚ୍ଛାଦନେନେହ ଗାତ୍ରସଙ୍କୋଚନେନ ଚ ।
ଉଦ୍‌ବେଜନୈଃ ସହୃଲ୍ଲେଖୈର୍ଜୁଗୁପ୍ସାମଭିନିର୍ଦିଶେତ୍ ॥ ୨୭ ॥

ଏ ବିଷୟରେ ପୁଣି ଗୋଟିଏ ଆର୍ଯ୍ୟା ଅଛି । ତାହାର ଅର୍ଥ ହେଉଛି—

ହସ୍ତ, ପାଦ ଓ ହୃଦୟର କମ୍ପନ, ସ୍ତମ୍ଭ (ଚେଷ୍ଟାହୀନ ହେବା) ଜିଭରେ ଓଠକୁ ଚାଟିବା, କଣ୍ଠ ଶୁଖିବା, ଶରୀର ସ୍ତବ୍ଧ ଓ ଅତି ଅବସନ୍ନ ହେବା ପ୍ରଭୃତି ଦ୍ୱାରା ଏହାର ଅଭିନୟ ପ୍ରଦର୍ଶନୀୟ । ୨୬ ।

ଜୁଗୁପ୍ସା — ସ୍ତ୍ରୀ ଓ ନୀଚ ଜାତୀୟ ପାତ୍ରଠାରେ ଏହାର ପ୍ରକୃତି ଦୃଷ୍ଟ ହୁଏ । ଯେଉଁ (ଦ୍ରଷ୍ଟବ୍ୟ) ପଦାର୍ଥ ହୃଦୟଗ୍ରାହ୍ୟ (ମନର ରୁଚିକର) ନୁହେଁ, ତାହାର ଦର୍ଶନ ବା ଶ୍ରବଣ ପ୍ରଭୃତି ବିଭାବ (କାରଣ) ଦ୍ୱାରା ଏହା ଉତ୍ପନ୍ନ ହୁଏ । ଏହାର ଅଭିନୟ, ସର୍ବାଙ୍ଗକୁ ସଙ୍କୁଚିତ କରିବା, ଛେପ ପକାଇବା, ମୁହଁ ବୁଲାଇବା, ହୃଲ୍ଲେଖା (ଅତି ଘୃଣିବା ଦ୍ୱାରା ହୃତ ଫାଟିଗଲାପରି ଅନୁଭବ କରିବା) ପ୍ରଭୃତି ଅନୁଭାବ (କ୍ରିୟା) ଦ୍ୱାରା ପ୍ରଦର୍ଶିତ କରାଯିବ । (କ)

ଏ ବିଷୟରେ ଶ୍ଲୋକଟିଏ ଅଛି, ତାହାର ଅର୍ଥ ହେଉଛି— ନାକ ଘୋଡାଇବା, ଦେହକୁ ସଂକୁଚିତ କରିବା, ଉଦ୍ବେଜନ (ମନରେ ଚଞ୍ଚଳତା ଜାତ କରାଇବା) ହୃଦୟରେ ପୀଡ଼ା ଜାତ କରାଇବା ଦ୍ୱାରା ଜୁଗୁପ୍ସା ପ୍ରଦର୍ଶିତ କରାଯିବ । ୨୭ ।

Digitized by srujanika@gmail.com

ବିସ୍ମୟୋ ନାମ— ମାୟେନ୍ଦ୍ରଜାଲମାନୁଷ୍ୟକର୍ମାତିଶୟଚିତ୍ରପୁସ୍ତ-ଶିଳ୍ପବିଦ୍ୟାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତସ୍ୟ ନୟନବିସ୍ତାରଣ-ନିମେଷପ୍ରେକ୍ଷିତଭ୍ରୂକ୍ଷେପରୋମହର୍ଷଣଶିରଃକମ୍ପସାଧୁବାଦାଦିଭିରନୁଭାବୈର-ଭିନୟଃ ପ୍ରୟୋକ୍ତବ୍ୟଃ । (କ)

ଭବତି ଚାତ୍ର ଶ୍ଲୋକଃ—

କର୍ମାତିଶୟନିର୍ବୃତ୍ତୋ ବିସ୍ମୟୋ ହର୍ଷସମ୍ଭବଃ ।
ସିଦ୍ଧିସ୍ଥାନେ ତ୍ୱସୌ ସାଧ୍ୟଃ ପ୍ରହର୍ଷପୁଲକାଦିଭିଃ ॥ ୨୮ ।

ଏବମେତେ ସ୍ଥାୟିନୋ ଭାବା ରସସଂଜ୍ଞାଃ ପ୍ରତ୍ୟବଗନ୍ତବ୍ୟାଃ । ବ୍ୟଭିଚାରିଣ ଇଦାନୀଂ ବ୍ୟାଖ୍ୟାସ୍ୟାମଃ । ଅତ୍ରାହ—ବ୍ୟଭିଚାରିଣ ଇତି କସ୍ମାତ୍ ? ଉଚ୍ୟତେ—ବି ଅଭି ଇତ୍ୟେତାବୁପସର୍ଗୌ, ଚର

ବିସ୍ମୟ :—ଏହା ମାୟା, ଇନ୍ଦ୍ରଜାଲ (କୁହୁକ) ଅତିମାନୁଷ କାର୍ଯ୍ୟ, ଚିତ୍ର ଶରୀର, ଅଦ୍ଭୁତ ଶିଳ୍ପ ପ୍ରଭୃତି ବିଭାବ ଦ୍ୱାରା ଉତ୍ପାଦିତ ହୁଏ । ଆଖି ବିସ୍ଫାରିତ କରିବା, ଅପଲକ ନେତ୍ରରେ ଚାହିଁବା, ଭ୍ରୂଲତାକୁ ଟେକିବା, ରୋମାଞ୍ଚ, ସ୍ୱେଦ, (ଝାଳବୋହିବା) ସାଧୁବାଦ (ଧନ୍ୟବାଦ ପ୍ରଦାନ, ମସ୍ତକ ଅଗ୍ରଭାଗର ଚାଳନ ପ୍ରଭୃତି ଅନୁଭାବ (କାର୍ଯ୍ୟ) ଦ୍ୱାରା ଏହାର ଅଭିନୟ କରଣୀୟ । (କ)

ଏ ବିଷୟରେ ଥିବା ଶ୍ଲୋକଟିର ଅର୍ଥ ହେଉଛି ।

ଅତିମାନୁଷ କର୍ମ ଦର୍ଶନରେ ହର୍ଷଜାତ ହୁଏ ଓ ତହିଁରୁ ବିସ୍ମୟର ଉଦ୍ଭବ ଘଟେ । ଏହାର ଅଭିନୟ ହର୍ଷଜନିତ ପୁଲକ, ପ୍ରଳୟ (ମୂର୍ଚ୍ଛା) ପ୍ରଭୃତି ଦ୍ୱାରା ପ୍ରଦର୍ଶିତ ହୁଏ ।

ମାୟା— ରୂପପରିବର୍ତ୍ତିନୀ ବିଦ୍ୟା, ଇନ୍ଦ୍ରଜାଲଂ — ମନ୍ତ୍ର — ଦ୍ରବ୍ୟ — ହସ୍ତ ଯୁକ୍ତ୍ୟାଦିନା ଅସମ୍ଭବ ବସ୍ତୁ ପ୍ରଦର୍ଶନମ୍ ଇତି ଅଭିନବ ବଞ୍ଚନଂ ମନ୍ତ୍ର ଶକ୍ତ୍ୟା ଯତ୍ସା ମାୟେତ୍ୟଭିଧୀୟତେ । ଇନ୍ଦ୍ରଜାଲେ ବଞ୍ଚନଂ । ୨୮ ।

ଏହିପ୍ରକାରେ ସ୍ଥାୟୀଭାବ ମାନଙ୍କୁ ଜାଣିବ । ଏଣିକି ବ୍ୟଭିଚାରି ଭାବମାନଙ୍କର ବ୍ୟାଖ୍ୟା କରିବୁ । ଏଠାରେ ପ୍ରଶ୍ନ ହୋଇପାରେ ଏମାନଙ୍କୁ କାହିଁକି ବ୍ୟଭିଚାରି କହନ୍ତି ? ଉତ୍ତର— ବ୍ୟଭିଚାରି ଏହିପଦରେ 'ବି' ଏବଂ 'ଅଭି' ଦୁଇଟି ଉପସର୍ଗ ଅଛି ।

Digitized by srujanika@gmail.com

ଇତି ଗତ୍ୟର୍ଥୋ ଧାତୁଃ, ବିବିଧମାଭିମୁଖ୍ୟେନ ରସେଷୁ ଚରନ୍ତୀତି ବ୍ୟଭିଚାରିଣଃ । ବାଗଙ୍ଗସତ୍ତ୍ୱୋପେତାନ୍ ପ୍ରୟୋଗେ ରସାନ୍ନୟନ୍ତୀତି ବ୍ୟଭିଚାରିଣଃ । ଅତ୍ରାହ—କଥଂ ନୟନ୍ତୀତି । (କ)

ଉଚ୍ୟତେ—ଲୋକସିଦ୍ଧାନ୍ତ ଏଷ ଯଥା ସୂର୍ଯ୍ୟ ଇଦଂ ଦିନଂ ନକ୍ଷତ୍ରଂ ବା ନୟତୀତି । ନ ଚ ତେନ ବାହୁଭ୍ୟାଂ ସ୍କନ୍ଧେନ ବା ନୀୟତେ । କିଂ ତୁ ଲୋକପ୍ରସିଦ୍ଧମେତତ୍ । ଯଥେଦଂ ସୂର୍ଯ୍ୟୋ ନକ୍ଷତ୍ରଂ ଦିନଂ ବା ନୟତୀତି । ଏବମେତେ ପ୍ରୟୋଗଂ ନୟନ୍ତୀତି, ବ୍ୟଭିଚାରିଣ ଇତ୍ୟବଗନ୍ତବ୍ୟା ନାମ । ତ ଇହ ସଂଗ୍ରହାଭିହିତାସ୍ତ୍ରୟସ୍ତ୍ରିଂଶଦ୍ବ୍ୟଭି-ଚାରିଣୋ ଭାବାଃ ତାନ୍ ବର୍ଣ୍ଣୟିଷ୍ୟାମଃ । (ଖ)

ତତ୍ର ନିର୍ବେଦୋ ନାମ—ଦାରିଦ୍ର୍ୟବ୍ୟାଧ୍ୟବମାନାଧିକ୍ଷେପାକ୍ରୁଷ୍ଟ-

ଉପରେ ଚର ଧାତୁ ଏହା ଗତ୍ୟର୍ଥକ (ଗତ୍ୟର୍ଥକ ଧାତୁମାନେ ହିଁ ପ୍ରାପ୍ତ୍ୟର୍ଥକ) ବାଚିକ, ଆଙ୍ଗିକ ଓ ସାତ୍ତ୍ୱିକ ଅଭିନୟମାନଙ୍କ ନାନା ରସର ଅଭିମୁଖରେ ନିଅନ୍ତି (ପ୍ରାପ୍ତ କରନ୍ତି) ବୋଲି ଏମାନଙ୍କର ନାମ ବ୍ୟଭିଚାରୀଭାବ । ପୁଣି ପ୍ରଶ୍ନ ହୋଇ-ପାରେ ନୟନ୍ତି ଅର୍ଥାତ୍ ପ୍ରାପ୍ତ କରନ୍ତି ବୋଲି ଯାହା କୁହାଗଲା ତାହା କିପରି ସଙ୍ଗତ ହେବ ? ଯେହେତୁ 'ନୀ' ଧାତୁର ଅର୍ଥ ପ୍ରାପ୍ତ କରାଇବା ବା ବୋହି ନେବା । (କ)

ଏହାର ଉତ୍ତର— ସୂର୍ଯ୍ୟ ଇଦଂ ନକ୍ଷତ୍ରମମୁଂ ବାସରଂ ନୟତି ଅର୍ଥାତ୍ ସୂର୍ଯ୍ୟ ଏହି ନକ୍ଷତ୍ରକୁ ସେହି ଦିନକୁ ନେଉଅଛି (ସୂର୍ଯ୍ୟଙ୍କ ଗତି ଅନୁସାରେ ଦିନ ସ୍ଥିରୀକୃତ ହୋଇଥାଏ ସେହି ଦିନ ଯେଉଁ ନକ୍ଷତ୍ର ଥାଏ ସେହି ନକ୍ଷତ୍ରକୁ ସୂର୍ଯ୍ୟ, ନିର୍ଦ୍ଦିଷ୍ଟ ଦିନକୁ ନେଇଗଲେ ବୋଲି ଲୋକେ କହିଥାନ୍ତି) ସୂର୍ଯ୍ୟ ନକ୍ଷତ୍ରକୁ ହାତରେ ବା କାନ୍ଧରେ ବୋହିନିଏ କି ? ତାହା ନୁହେ । ତଥାପି ଲୋକରେ ସୂର୍ଯ୍ୟଠାରେ 'ନୀ' ଧାତୁର କର୍ତ୍ତୃତ୍ୱ ଆରୋପିତ ହୋଇଥାଏ । ସେହିପରି ନିର୍ବେଦ ପ୍ରଭୃତି ବ୍ୟଭିଚାରୀ ଭାବମାନେ ବାଚିକ, ଆଙ୍ଗିକ ଓ ସାତ୍ତ୍ୱିକ ଅଭିନୟମାନଙ୍କୁ ରସ ଆଡ଼କୁ ନେଇ ଯାଆନ୍ତି ବୋଲି ଏଠାରେ ବୁଝିବାକୁ ହେବ । ଏହି ବ୍ୟଭିଚାରୀ ଭାବମାନଙ୍କର ସଂଖ୍ୟା ତେତିଶ । ଏଠାରେ ସେଗୁଡ଼ିକ ବର୍ଣ୍ଣିତ ହେଉଅଛନ୍ତି । (ଖ)

ପ୍ରଥମ ବ୍ୟଭିଚାରୀର ନାମ 'ନିର୍ବେଦ', ଏହା ଦରିଦ୍ରତାପ୍ରାପ୍ତି, ଅଧିକ୍ଷେପ (ଗାଳି ବା ନିନ୍ଦା) କୌଣସି ନୀଚ ବ୍ୟକ୍ତି କର୍ତ୍ତୃକ ଆକ୍ରୁଷ୍ଟ ଦୁର୍ବୃତ୍ତ

Digitized by srujanika@gmail.com

କ୍ରୋଧତାଡନେଷ୍ଟଜନବିୟୋଗତତ୍ତ୍ୱଜ୍ଞାନାଦଭିର୍ବିଭାବୈଃ ସମୁତ୍ପଦ୍ୟତେ । ସ୍ତ୍ରୀନୀଚକୃସତ୍ତ୍ୱାନାଂ ରୁଦିତନିଃଶ୍ୱସିତୋଚ୍ଛ୍ୱସିତସମ୍ପ୍ରଧାରଣାଦିଭିରନୁଭାବୈସ୍ତମଭିନୟେତ୍ ।(କ)

ଅତ୍ର ଶ୍ଲୋକଃ—

ଦାରିଦ୍ର୍ୟେଷ୍ଟବିୟୋଗାଦ୍ୟୈ ନିର୍ବେଦୋ ନାମ ଜାୟତେ ।
ସମ୍ପ୍ରଧାରଣନିଶ୍ୱାସୈସ୍ତସ୍ୟ ତ୍ୱଭିନୟୋ ଭବେତ୍ ॥ ୨୯ ॥

ଅତ୍ରାନୁବଂଶ୍ୟେ ଆର୍ଯେ ଭବତଃ—

ଇଷ୍ଟଜନସ୍ୟ ବିୟୋଗାଦ୍ଦାରିଦ୍ର୍ୟାଦ୍ବ୍ୟାଧିତସ୍ତଥା ଦୁଃଖାତ୍ ।
ଋଦ୍ଧିଂ ପରସ୍ୟ ଦୃଷ୍ଟ୍ୱା ନିର୍ବେଦୋ ନାମ ସଂଭବତି ॥ ୩୦ ॥
ବାଷ୍ପପରିପ୍ଲୁତନୟନଃ ପୁନଶ୍ଚ ନିଃଶ୍ୱାସଦୀନମୁଖନେତ୍ରଃ ।
ଯୋଗୀବ ଧ୍ୟାନପରୋ ଭବତି ହି ନିର୍ବେଦବାନ୍ ପୁରୁଷଃ । ୩୧ ।

ହେବା, ପ୍ରିୟ ବ୍ୟକ୍ତିର ବିୟୋଗ ଏବଂ ତତ୍ତ୍ୱଜ୍ଞାନ ପ୍ରଭୃତି ବିଭାବ (କାରଣ) ମାନଙ୍କ ଯୋଗେ ଉତ୍ପନ୍ନ ହୁଏ । ସ୍ତ୍ରୀ ଓ ନୀଚ ପାତ୍ରମାନଙ୍କର ନିର୍ବେଦକୁ ରୋଦନ ମୁହୁର୍ମୁହୁଃ ନିଃଶ୍ୱାସ କ୍ଷେପଣ, ଊର୍ଦ୍ଧ୍ୱ ଶ୍ୱାସ, ପ୍ରତାରଣ ପ୍ରଭୃତି ଅନୁଭାବ (କାର୍ଯ୍ୟ) ଦ୍ୱାରା ଅଭିନୟ କରିବ । (କ)

ଏ ବିଷୟରେ ଯେଉଁ ଶ୍ଲୋକ ଅଛି ତାହାର ଅର୍ଥ ହେଉଛି—

ଦାରିଦ୍ର୍ୟ ଓ ପ୍ରିୟଜନର ବିୟୋଗ ହେତୁ ନିର୍ବେଦ ଭାବ ଜାତ ହୁଏ । ସଂପ୍ରଧାରଣ (ଚିନ୍ତାକରିବା) ଓ ନିଃଶ୍ୱାସ ନିକ୍ଷେପ କରିବା ଦ୍ୱାରା ଏହା ଅଭିନୀତ ହୁଏ । ୨୯ ।

ପରମ୍ପରାରେ ଚଳି ଆସୁଥିବା ଦୁଇଟି ଆର୍ଯ୍ୟା ମଧ୍ୟ ଏ ସଂପର୍କରେ ଅଛି ।

ପ୍ରିୟଜନର ବିୟୋଗ, ଦରିଦ୍ରତା, ବ୍ୟାଧି, ଦୁଃଖ, ଶତ୍ରୁ ବୃଦ୍ଧି ପ୍ରଭୃତି ହେତୁ ନିର୍ବେଦ ଜାତ ହୁଏ । ନିର୍ବେଦ ଯୁକ୍ତ ବ୍ୟକ୍ତିର ଚକ୍ଷୁ ଲୋତକାଚ୍ଛନ୍ନ ହୁଏ । ନିଃଶ୍ୱାସ ଏବଂ ନେତ୍ର ଦୀର୍ଘ ହୁଏ, ସେ ଯୋଗୀପରି ଧ୍ୟାନ ମଗ୍ନ ହୋଇ ଅବସ୍ଥାନ କରେ । ୩୦-୩୧ ।

ଗ୍ଲାନିର୍ନାମ—ବାନ୍ତବିରିକ୍ତବ୍ୟାଧିତପୋନିୟମୋପବାସମନସ୍ତାପାତିବ୍ୟବାୟମଦ୍ୟସେବନାତିବ୍ୟାୟାମାଧ୍ୱଗମନକ୍ଷୁତ୍ପିପାସାନିଦ୍ରାଚ୍ଛେଦାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତସ୍ୟାଃ କ୍ଷାମବାକ୍ୟନୟନକପୋଲୋଦରମନ୍ଦପଦୋତ୍କ୍ଷେପଣବେପନାନୁତ୍ସାହତନୁଗାତ୍ରବୈବର୍ଣ୍ୟସ୍ୱରଭେଦାଦିଭିରନୁଭାବୈରଭିନୟଃ ପ୍ରୟୋକ୍ତବ୍ୟଃ । (କ)

ଅତ୍ରାର୍ଯ୍ୟେ ଭବତଃ—

ବାନ୍ତବିରିକ୍ତବ୍ୟାଧିଷୁ ତପସା ଜରସା ଚ ଜାୟତେ ଗ୍ଲାନିଃ ।
କାର୍ଶ୍ୟେନ ସାଭିନେୟା ମନ୍ଦଭ୍ରମଣେନ କମ୍ପନେନ ॥ ୬୨ ॥
ଗାତ୍ରୈଃ କ୍ଷାମକ୍ଷାମୈର୍ନୟନବିକାରୈଶ୍ଚ ଯାନସଂଗ୍ରହୈଃ ।
ଶ୍ଲଥଭାବେନାଙ୍ଗାନାଂ ମୁହୁର୍ମୁହୁର୍ନିର୍ଦିଶେଦ୍ ଗ୍ଲାନିମ୍ ॥ ୬୩ ॥

ଗ୍ଲାନି— ଏହା ବମନ, ବୈରାଗ୍ୟ ବ୍ୟାଧି, ତପସ୍ୟା, ନିୟମ, (ବ୍ରତାଦି) ଉପବାସ, ଅତିରିକ୍ତ ମଦ୍ୟପାନ, ଅଧିକ କାମୋପଭୋଗ, ଅଧିକ ବ୍ୟାୟାମ, ବାଟଚଲା, କ୍ଷୁଧା, ତୃଷା, ଅନିଦ୍ରା ପ୍ରଭୃତି ବିଭାବ (କାରଣ) ଯୋଗେ ଜାତ ହୁଏ । କ୍ଷୀଣସ୍ୱରେ କଥା କହିବା, ଆଖି ଅସ୍ୱାଭାବିକ ହେବା (ବୁଜି ବୁଜି ହୋଇ ଆସିବା) ଗଣ୍ଡ (ଗାଲ) କ୍ଷୀଣ ହେବା (ଶୁଖିଯିବା) ଗତି ମନ୍ଦ ହେବା (ଧୀରେ ଧୀରେ ପାଦ ପକାଇ ଚାଲିବା) ଉତ୍ସାହ ଶୂନ୍ୟ ହେବା (କୌଣସି କାର୍ଯ୍ୟ ପ୍ରତି ଇଚ୍ଛା ନଥିବା) ଦେହ କ୍ଷୀଣ ହେବା, ଦେହର ବର୍ଣ୍ଣ ବିକୃତ ହେବା ପ୍ରଭୃତି ଅନୁଭାବ ଦ୍ୱାରା ଏହାର ଅଭିନୟ କରାଯାଏ ।

ଅତି କ୍ଷୀଣ ଭାବେ କଥା କହିବା, ଚକ୍ଷୁକୁ ବିକୃତ କରିବା (ଅସ୍ୱାଭାବିକ କରିବା) ମନ୍ଦ ମନ୍ଦ ଗତି କରିବା, ଅଙ୍ଗ ପ୍ରତ୍ୟଙ୍ଗର ଶ୍ଲଥତା (ଅକଠିନତା) ଏଗୁଡ଼ିକ ଗ୍ଲାନିରେ ପ୍ରଦର୍ଶନୀୟ । (କ)

ଏ ସମ୍ବନ୍ଧରେ ଥିବା ଦୁଇଟି ଆର୍ଯ୍ୟାର ଅର୍ଥ—

ବମନ, ବିରେଚନ, ବ୍ୟାଧି, ବାର୍ଦ୍ଧକ୍ୟ, ତପସ୍ୟାରୁ ଗ୍ଲାନି ଜାତ ହୁଏ । ଏହାର ଅଭିନୟ କୃଶତା, ମନ୍ଦଗତି, କମ୍ପନ, ଅତି କ୍ଷୀଣ ସ୍ୱରେ କଥୋପକଥନ, ଦୃଷ୍ଟିର ଦୁର୍ବଳତା, ଅଙ୍ଗପ୍ରତ୍ୟଙ୍ଗର ବାରମ୍ବାର ଶ୍ଲଥତା ଦ୍ୱାରା ଅଭିନୟ କରାଯାଏ । ୬୨-୬୩ ।

Digitized by srujanika@gmail.com

ଶଙ୍କା ନାମ –ସନ୍ଦେହାତ୍ମିକା ସ୍ତ୍ରୀନୀଚପ୍ରଭବା । ଚୌର୍ଯାଭିଗ୍ର-ହଣନୃପାପରାଧପାପକର୍ମକରଣାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତସ୍ୟା ମୁହୁର୍ମୁହୁରବଲୋକନାବକୁଣ୍ଠନମୁଖଶୋଷଜିହ୍ୱାପରିଲେହନ — ମୁଖ-ବୈବର୍ଣ୍ୟସ୍ୱରଭେଦବେପଥୁଶୁଷ୍କୋଷ୍ଠକଣ୍ଠାସ୍ୟସାଧର୍ମ୍ୟାଦିଭିରନୁଭାବୈ-ରଭିନୟଃ ପ୍ରୟୋକ୍ତବ୍ୟଃ । (କ)

ଚୌର୍ଯ୍ୟାଦିଜନିତା ଶଙ୍କା ପ୍ରାୟଃ କାର୍ଯ୍ୟା ଭୟାନକେ ।
ପ୍ରିୟବ୍ୟଲୀକଜନିତା ତଥା ଶୃଙ୍ଗାରିଣୀ ମତା ॥ ୭·୪ ॥

ଅସ୍ୟାକାରସଂବରଣମପ୍ୟୁକ୍ତମିତି କେଚିତ୍ । ତତ୍ କୂଟଲେଖ୍ୟୋପାଧି-ଭିରିଙ୍ଗିତୈଶ୍ଚୋପଲକ୍ଷ୍ୟମ୍ । (ଖ)

ଅତ୍ରାର୍ଯ୍ୟେ ଭବତଃ—

ଶଙ୍କା— ଚୌର୍ଯ୍ୟ ପ୍ରଭୃତି ଅପକର୍ମ କରିବା, ରାଜାଙ୍କ (ରାଜଶକ୍ତି) ନିକଟରେ ଅପରାଧ କରିବା, ପାପକାର୍ଯ୍ୟ କରିବା ପ୍ରଭୃତି ବିଭାବ (କାରଣ) ଯୋଗେ ଶଙ୍କା ଜାତ ହୁଏ । ଏହାର ଅଭିନୟରେ ମୁହୁର୍ମୁହୁଃ, ଅର୍ଥାତ୍ ଘନ ଘନ କରି ଚାହିଁବା, ମୁହଁକୁ ବସ୍ତ୍ରାଦିରେ ଘୋଡ଼ାଇବା, କଣ୍ଠ ଶୁଖିଯିବା, ଜିଭ ସାହାଯ୍ୟରେ ଓଠ ଚାଟିବା, ମୁହଁରେ ବର୍ଣ୍ଣ ବଦଳି ଯିବା, ଥରିବା, ଅବସନ୍ନ ହେବା ପ୍ରଭୃତି ଅନୁଭାବ (କାର୍ଯ୍ୟ) ମାନ ପ୍ରଦର୍ଶିତ ହୁଏ । (ଏହା ନୀଚପାତ୍ର ଓ ସ୍ତ୍ରୀଙ୍କ ଠାରେ ଦେଖାଯାଏ) (କ)

ଶଙ୍କା ଚୌର୍ଯ୍ୟ ପ୍ରଭୃତିରୁ ଜାତ ହୁଏ । ଏହା ଭୟାନକ ରସରେ ପ୍ରଦର୍ଶନୀୟ । ଆହୁରି ମଧ୍ୟ ପ୍ରିୟ ବ୍ୟକ୍ତିଙ୍କ ଠାରେ କୃତ ଅପରାଧରୁ ଶଙ୍କା ଉତ୍ପନ୍ନ ହୁଏ । ଏହା ଶୃଙ୍ଗାର ରସରେ ପ୍ରଦର୍ଶନୀୟ । ୭୪ ।

ଏଥିରେ ଆକାର ସଂବରଣ ଅର୍ଥାତ୍ ରୂପାନ୍ତର ଗ୍ରହଣ ମଧ୍ୟ ଗୃହୀତ ହୁଏ ବୋଲି କେହି କେହି କହିଥାନ୍ତି । ତାହା ନିପୁଣ ଉପାଧି (ରୂପାନ୍ତର ସାଧକ ଉପାୟ) ସାହାଯ୍ୟରେ ଇଙ୍ଗିତ ଦ୍ୱାରା ନିର୍ଦ୍ଦିଷ୍ଟ ହେବା ଉଚିତ । (ଖ)

ଏ ବିଷୟରେ ଦୁଇଟି ଆର୍ଯ୍ୟା ମଧ୍ୟ ପ୍ରଚଳିତ ଅଛି । ତାହାର ଅର୍ଥ ହେଉଛି—

Digitized by srujanika@gmail.com

ଦ୍ୱିବିଧା ଶଙ୍କା କାର୍ଯ୍ୟା ହ୍ୟାତ୍ମସମୁତ୍ଥା ଚ ପରସମୁତ୍ଥା ଚ ।
ଯା ତତ୍ରାତ୍ମସମୁତ୍ଥା ସା ଜ୍ଞେୟା ଦୃଷ୍ଟିଚେଷ୍ଟାଭିଃ ॥ ୩୫ ॥
କଣ୍ଠୋତ୍ପ୍ରବେପିତାଙ୍ଗସ୍ତ୍ୱଧୋମୁଖୋ ବୀକ୍ଷତେ ଚ ପାର୍ଶ୍ୱାନି ।
ଗୁରୁସଜ୍ଜମାନଜିହ୍ୱଃ ଶ୍ୟାବାସ୍ୟଃ ଶଙ୍କିତଃ ପୁରୁଷଃ ॥ ୩୬ ॥

ଅସୂୟା ନାମ— ନାନାପରାଧଦ୍ୱେଷପରୈଶ୍ୱର୍ଯ୍ୟସୌଭାଗ୍ୟ-ମେଧାବିଦ୍ୟାଲୀଳାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତସ୍ୟାସ୍ତୁ ପରିଷଦି ଦୋଷପ୍ରଖ୍ୟାପନଗୁଣୋପଘାତେର୍ଷ୍ୟାଚକ୍ଷୁଃପ୍ରଦାନାଧୋମୁଖଭ୍ରୂକୁଟୀକ୍ରିୟା-ବଜ୍ଞାନକୁତ୍ସନାଦିଭିରନୁଭାବୈରଭିନୟଃ ପ୍ରଯୋକ୍ତବ୍ୟଃ । (କ)

ଅତ୍ରାର୍ଯ୍ୟେ ଭବତଃ—

ପରସୌଭାଗ୍ୟେଶ୍ୱରତା ମେଧାଲୀଳାସମୁଚ୍ଛ୍ରୟାନ୍ ଦୃଷ୍ଟ୍ୱା ।
ଉତ୍ପଦ୍ୟତେ ହ୍ୟସୂୟା କୃତାପରାଧୋ ଭବେଦ୍ୟସ୍ତୁ ॥ ୩୭ ॥

ଶଙ୍କା ଦୁଇ ପ୍ରକାର । ଯଥା ନିଜ ଠାରେ ଜାତ ଓ ପର ଠାରେ ଜାତ । ନିଜ ଠାରେ ଜାତ ଶଙ୍କା, ଦୃଷ୍ଟି (ଚାହାଣି) ଓ ଚେଷ୍ଟା (ହସ୍ତ ପଦାଦିର ଚାଳନ) ଦ୍ୱାରା ପ୍ରଦର୍ଶିତ ହୁଏ । ଶଙ୍କା ଯୁକ୍ତ ବ୍ୟକ୍ତି ଦେହକୁ ଥରାଉଥାଏ । ବାରମ୍ବାର ଏକତ ସେକତକୁ ଚାହୁଁଥାଏ । ସ୍ଥୂଳ (ମୋଟା) ଜିଭକୁ ବାହାର କରିଥାଏ ଏବଂ ତାହାର ମୁହଁ କଳା ପଡ଼ି ଯାଇଥାଏ । ୩୫-୩୬ ।

ଅସୂୟା— ନାନା ପ୍ରକାର ଅପରାଧ, ଦ୍ୱେଷ, ଅନ୍ୟର ଐଶ୍ୱର୍ଯ୍ୟ, ସୌଭାଗ୍ୟ, ବୁଦ୍ଧି, ବିଦ୍ୟା, ଲୀଳା ପ୍ରଭୃତି ବିଭାବ (କାରଣ) ମାନଙ୍କ ଯୋଗେ ଅସୂୟା ଉତ୍ପନ୍ନ ହୁଏ । ସଭାରେ ଦୋଷର ପ୍ରଖ୍ୟାପନ, ଗୁଣର ଉପଘାତନ, (ଗୁଣକୁ ଘୋଡ଼ାଇବା ବା ଗୁଣକୁ ଦୋଷ ରୂପେ ପ୍ରତିପାଦନ କରିବା,) ନଚାହିଁବା, ମୁହଁକୁ ତଳକୁ କରି ରହିବା, ଭ୍ରୂକୁଟି କରିବା, ଅବଜ୍ଞା ପ୍ରଦର୍ଶନ କରିବା, କୁତ୍ସା (ନିନ୍ଦା) ରଚନା ପ୍ରଭୃତି ଅନୁଭାବ (କାର୍ଯ୍ୟ) ଦ୍ୱାରା ଏହାର ଅଭିନୟ କରାଯାଇଥାଏ । (କ)

ଏ ସମ୍ପର୍କରେ ଦୁଇଟି ଆର୍ଯ୍ୟା ଅଛି, ତାହାର ଅର୍ଥ—

ପରର ସୌଭାଗ୍ୟ, ଐଶ୍ୱର୍ଯ୍ୟ, ମେଧା (ବୁଦ୍ଧି) ଲୀଳା (କ୍ରୀଡ଼ା)ର ସମ୍ୟକ୍ ଉନ୍ନତି ଦେଖି ଅସୂୟା ଜାତ ହୁଏ । ଅପରାଧ କରିଥିବା ବ୍ୟକ୍ତି ଠାରେ ମଧ୍ୟ ଅସୂୟା ଜାତ ହୁଏ । । ୩୭ ।

Digitized by srujanika@gmail.com

ଭ୍ରୁକୁଟିକୁଟିଲୈର୍ବକ୍ତ୍ରୈର୍ମୁଖୈ ସେର୍ଷ୍ୟାକ୍ରୋଧପରିବୃତ୍ତୈନେତ୍ରୈଶ୍ଚ ।
ଗୁଣନାଶନବିଦ୍ୱେଷୈସ୍ତସ୍ୟାଭିନୟଃ ପ୍ରଯୋକ୍ତବ୍ୟଃ ॥ ୩୮ ॥

ମଦୋ ନାମ— ମଦ୍ୟୋପଯୋଗାଦୁତ୍ପଦ୍ୟତେ । ସ ଚ ତ୍ରିବିଧଃ, ପଞ୍ଚବିଭାବଶ୍ଚ । (କ)

ଅତ୍ରାର୍ଯ୍ୟା ଭବନ୍ତି—

ଜ୍ଞେୟସ୍ତୁ ମଦସ୍ତ୍ରିବିଧସ୍ତରୁଣୋ ମଧ୍ୟସ୍ତଥାବକୃଷ୍ଟଶ୍ଚ ।
କାରଣଂ ପଞ୍ଚବିଧଃ ସ୍ୟାତ୍ତସ୍ୟାଭିନୟଃ ପ୍ରଯୋକ୍ତବ୍ୟଃ ॥ ୩୯ ॥
କଶ୍ଚିନ୍ମତ୍ତୋ ଗାୟତି ରୋଦିତି କଶ୍ଚିତ୍ତଥା ହସତି କଶ୍ଚିତ୍ ।
ପରୁଷବଚନାଭିଧାୟୀ କଶ୍ଚିତ୍କଶ୍ଚିତ୍ତଥା ସ୍ୱପିତି ॥ ୪୦ ॥
ଉତ୍ତମସତ୍ତ୍ୱଃ ଶେତେ ହସତି ଚ ଗାୟତି ଚ ମଧ୍ୟମ ପ୍ରକୃତିଃ ।
ପରୁଷବଚନାଭିଧାୟୀ ରୋଦିତ୍ୟପି ଚାଧମପ୍ରକୃତିଃ ॥ ୪୧ ॥

ଏହାର ଅଭିନୟ ହେଲେ ମୁଖକୁ ଭ୍ରୂକୁଟି-କୁଟିଳ ଏବଂ କ୍ରୋଧ ଓ ଈର୍ଷ୍ୟା ହେତୁ ପରିବର୍ତ୍ତିତ କରାଯାଏ । ଅପର ଗୁଣର ନିନ୍ଦାବାଦ କରାଯାଏ ଏବଂ ତତ୍ପ୍ରତି ବିଦ୍ୱେଷ ପ୍ରଦର୍ଶନ କରାଯାଏ । ୩୮ ।

ମଦ— ମଦ୍ୟ ପାନରୁ ଏହା ଜାତ ହୁଏ । ଏହା ତିନି ପ୍ରକାର, ଏହାର ବିଭାବ (କାରଣ) ପାଞ୍ଚ ଗୋଟି । (କ)

ଏ ସମ୍ପର୍କରେ ନଅ ଗୋଟି ଆର୍ଯ୍ୟା ପ୍ରଚଳିତ ଅଛି । ସେମାନଙ୍କର ଅର୍ଥ—

ମଦ ତିନି ପ୍ରକାର ବୋଲି ବର୍ଣ୍ଣିତ ହୁଏ । ଯଥା—ତରୁଣ, ମଧ୍ୟ ଓ ଅବକୃଷ୍ଟ । ଏହାର ଅଭିନୟରେ ପାଞ୍ଚ ଗୋଟି କାରଣ ପ୍ରଦର୍ଶିତ ହେବା ଉଚିତ । କେହି 'ମତ୍ତ' (ମଦ ଯୁକ୍ତ) ବ୍ୟକ୍ତି ଗୀତ ବୋଲେ, ଅନ୍ୟ କେହି କାନ୍ଦେ, କେହି ବା ହସେ । ଆଉ କେହି ପରୁଷ ବାକ୍ୟ (କଟୁ ବାକ୍ୟ) ପ୍ରୟୋଗ କରେ । କେହିବା ଶୋଇପଡ଼େ । ୩୯-୪୦ ।

ଉତ୍ତମ ପାତ୍ର, ମତ୍ତ ହେଲେ ଶୋଇ ରହେ । ମଧ୍ୟମ ପାତ୍ର ହସେ ବା ଗୀତ ବୋଲେ । ଅଧମ ପାତ୍ର କଟୁ ବା ଅଶ୍ଳୀଳ ବାକ୍ୟ ପ୍ରୟୋଗ କରେ, ଆଉର ମଧ୍ୟ କାନ୍ଦେ । ୪୧ ।

Digitized by srujanika@gmail.com

ସ୍ମିତବଦନମଧୁରରାଗୋ ହୃଷ୍ଟତନୁଃ କିଞ୍ଚିଦାକୁଳିତବାକ୍ୟଃ ।
ସୁକୁମାରାବିଦ୍ଧଗତିସ୍ତରୁଣମଦସ୍ତୂତ୍ତମପ୍ରକୃତିଃ ॥ ୪୬ ॥

ସ୍ଖଳିତାଘୂର୍ଣ୍ଣିତନୟନଃ ସ୍ରସ୍ତବ୍ୟାକୁଳିତବାହୁବିକ୍ଷେପଃ ।
କୁଟିଳବ୍ୟାବିଦ୍ଧଗତିର୍ମଧ୍ୟମଦୋ ମଧ୍ୟମପ୍ରକୃତିଃ ॥ ୪୭ ॥

ନଷ୍ଟସ୍ମୃତିର୍ହତଗତିଃ ଛର୍ଦ୍ଦିତହିକ୍କାକଫୈଃ ସୁବୀଭତ୍ସଃ ।
ଗୁରୁସଜ୍ଜମାନଜିହ୍ୱୋ ନିଷ୍ଠୀବତି ଚାଧମପ୍ରକୃତିଃ ॥ ୪୮ ॥

ରଙ୍ଗେ ପିବତଃ କାର୍ଯ୍ୟା ମଦବୃଦ୍ଧିର୍ନାଟ୍ୟଯୋଗମାସାଦ୍ୟ ।
କାର୍ଯ୍ୟୋ ମଦକ୍ଷୟୋ ବି ଯଃ ଖଲୁ ପୀତ୍ୱା ପ୍ରବିଷ୍ଟଃ ସ୍ୟାତ୍ ॥ ୪୯ ॥

ସନ୍ତ୍ରାସାଚ୍ଛୋକାଦ୍‌ବା ଭୟାଦ୍‌ପ୍ରହର୍ଷାଚ୍ଚ କାରଣୋପଗତଃ ।
ଉତ୍ତମସ୍ୟାପି ହି କାର୍ଯ୍ୟୋ ମଦପ୍ରଣାଶଃ ସ୍ୱଭାବଜ୍ଞୈଃ ॥ ୫୦ ॥

ଉତ୍ତମ ପାତ୍ର ଠାରେ ତରୁଣ ମଦ ଦୃଷ୍ଟ ହୁଏ । ଏଥିରେ ମନ୍ଦହାସ ସହିତ ମଧୁର କଥା କହିବା, ହୃଦୟ ମଧୁର ରାଗରେ ରଞ୍ଜିତ ହେବା, ସର୍ବାଙ୍ଗରେ ପ୍ରଫୁଲ୍ଲତା ପ୍ରକାଶ ପାଇବା, ବାକ୍ୟ ଅଳ୍ପ ଅଳ୍ପ ସ୍ଖଳିତ ହେବା ପ୍ରଭୃତି କାର୍ଯ୍ୟ ଲକ୍ଷିତ ହୁଏ । ୪୬ ।

ମଧ୍ୟମ ପାତ୍ରଠାରେ ମଧ୍ୟ-ମଦ ଦେଖାଯାଏ । ଏଥିରେ ଆଖି ଡୋଳା ବୁଲାଇବା, ସ୍ରସ୍ତ (ସନ୍ଧି ସ୍ଥାନରେ ହୁଗୁଳା ହୋଇଗଲା ପରି ପ୍ରତୀତ ହେଉଥିବା) ହସ୍ତକୁ ଏଣେ ତେଣେ ଘୁଞ୍ଚିବା, ବଙ୍କେଇ ବଙ୍କେଇ ଅସ୍ଥିର ଭାବେ ପାଦ ପକାଇବା ଅନୁଭାବ ପ୍ରକାଶ ପାଏ । ୪୭ ।

ଅଧମ ପାତ୍ର ଠାରେ ଅବକୃଷ୍ଟ ମଦ ଦେଖାଯାଏ । ଏଥିରେ ସ୍ମୃତି ଶକ୍ତିର ବିଲୋପ, ଚାଲିବାରେ ଅସାମର୍ଥ୍ୟ, ଛର୍ଦ୍ଦି, ହିକ୍କା, କଫ ପ୍ରଭୃତି ଦ୍ୱାରା ଘୃଣାର ଉଦ୍ରେକ, ମୋଟା ଜିଭ ପଦାକୁ ବାହାର ପଡ଼ିବା, ଛେପ ପକାଇବା ପ୍ରଭୃତି ଦେଖାଯାଏ । ରଙ୍ଗଶାଳା ମଧ୍ୟରେ ଯଦି କୌଣସି ପାତ୍ର ମଦ ପିଇବାର ଅଭିନୀତ ହୁଏ, ତେବେ ଅଭିନୟ ଦ୍ୱାରା କ୍ରମେ ନିଶା ବଢ଼ିବା ପ୍ରଦର୍ଶିତ ହେବ । ଯେଉଁ ପାତ୍ର ରଙ୍ଗଭୂମିରେ ପ୍ରବେଶ ପୂର୍ବରୁ ପିଇଥାଏ ତାହାର କ୍ରମେ ନିଶା ଛାଡ଼ିବା ବର୍ଣ୍ଣିତ ହେବ । ୪୮-୪୯ ।

ସନ୍ତ୍ରାସ (ଆକସ୍ମିକ ଭୀତ=ଚୋକୁଆ ଭୟ) ଶୋକ, ଉତ୍କଣ୍ଠ ଭୟ ପ୍ରଭୃତି କୌଣସି କାରଣରୁ ଉପଗତ ହେଲେ ଯତ୍ନ ପୂର୍ବକ ନିଶା ଛଡ଼ାଇବା ଅଭିନୀତ ହେବ । ୫୦ ।

Digitized by srujanika@gmail.com

ଏବଂବିଧୈର୍ବିଶେଷୈର୍ମଦୋ ଦ୍ରୁତଂ ସମ୍ପ୍ରଣାଶମୁପଯାତି ।
ଅଭ୍ୟୁଦୟସୁଖୈର୍ବିବିଧୈର୍ଯଥୈବ ଶୋକାଃ କ୍ଷୟଂ ଯାନ୍ତି ॥ ୧୭ ॥

ଶ୍ରମୋ ନାମ— ଅଧ୍ୱବ୍ୟାୟାମସେବନାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତସ୍ୟ ଗାତ୍ରପରିମର୍ଦନସମ୍ବାହନନିଃଶ୍ୱସିତବିଜୃମ୍ଭିତମନ୍ଦ-ପଦୋତ୍କ୍ଷେପଣନୟନବଦନବିକୂଣନସୀତ୍କାରାଦିଭିରନୁଭାବୈରଭିନୟଃ ପ୍ରୟୋକ୍ତବ୍ୟଃ । (କ)

ଅତ୍ରାର୍ଯା—

ନୃତ୍ତାଧ୍ୱବ୍ୟାୟାମମାନବସ୍ୟ ସଞ୍ଜାୟତେ ଶ୍ରମୋ ନାମ ।
ନିଃଶ୍ୱାସଖେଦଗମନୈସ୍ତସ୍ୟାଭିନୟଃ ପ୍ରଯୋକ୍ତବ୍ୟଃ ॥ ୧୮ ॥

ଆଲସ୍ୟଂ ନାମ— ଖେଦବ୍ୟାଧିଗର୍ଭସ୍ୱଭାବଶ୍ରମସୌହିତ୍ୟାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ ସ୍ତ୍ରୀନୀଚାନାମ୍ । ତଦଭିନୟେତ୍ ସର୍ବକର୍ମାନ-

ଏହି ପ୍ରକାର ଭାବର ଉତ୍ପତ୍ତି ଘଟିଲେ ମଦ (ନିଶା) ଶୀଘ୍ର ଦୂରୀଭୂତ ହୁଏ । ସେହିପରି ସୁଖ-ଉନ୍ନତି ଓ ସୁଖ ସୂଚକ ବାକ୍ୟ ଦ୍ୱାରା 'ଶୋକ' ଦୂରୀଭୂତ ହୁଏ । ୧୭ ।

ଶ୍ରମ— ବାଟ ଚଲା, ବ୍ୟାୟାମ ଓ ପରର ସେବା ପ୍ରଭୃତି କାରଣ ଯୋଗେ ଶ୍ରମ ଜାତ ହୁଏ । ଗାତ୍ର ସମ୍ବାହନ (ଦେହ ଘଷିବା) ଫଁ ଫଁ ନିଃଶ୍ୱାସ ମାରିବା, ମୁହଁ ବୁଲାଇବା, ହାଇ ମାରିବା, ଦେହ ମୋଡ଼ିବା, ଆସ୍ତେ ଆସ୍ତେ ପାଦ ଉଠାଇ ଚାଲିବା, ଆଖିକୁ ବୁଲାଇବା, ସୀତ୍କାର କରିବା (ଇଷ୍ ଇଷ୍ ଶବ୍ଦ କରିବା) ପ୍ରଭୃତି ଅନୁଭାବ (କାର୍ଯ୍ୟ) ଦ୍ୱାରା ଏହାର ଅଭିନୟ କରଯାଏ । (୬)

ଏ ବିଷୟରେ ଗୋଟିଏ ଆର୍ଯ୍ୟା ଅଛି । ତାହାର ଅର୍ଥ ଦେଉଛୁ—

ବାଟ ଚଲା ଓ ବ୍ୟାୟାମ ଫଳରେ ମାନବର ଶ୍ରମ ଜାତ ହୁଏ । ନିଃଶ୍ୱାସ ଓ ଖେଦ ଯୁକ୍ତ ଗତି ପ୍ରଭୃତି ଦ୍ୱାରା ଏହାର ଅଭିନୟ କରଣୀୟ । ୮ ।

ଆଲସ୍ୟ— ଏହା ସ୍ୱଭାବ, ଖେଦ, ବ୍ୟାଧି, ଗର୍ଭ ଓ ସୌହିତ୍ୟ (ସୁଖ) ଏହି ବିଭାବ (କାରଣ) ମାନଙ୍କରୁ ଜାତ ହୁଏ । ଏହା ସ୍ତ୍ରୀ ଓ ନୀଚ ପାତ୍ର-ଠାରେ ଦୃଷ୍ଟ ହୁଏ । ଏହାର ଅଭିନୟ ସବୁ କାର୍ଯ୍ୟ ପ୍ରତି ଅନିଚ୍ଛା, ଶୋଇ

Digitized by srujanika@gmail.com

ଭୂଳୟଶଯ୍ୟାସନନିଦ୍ରାତନ୍ଦ୍ରୀସେବନାଦିଭିରନୁଭାବୈଃ । (କ)

ଅତ୍ରାର୍ଯ୍ୟା—

ଆଲସ୍ୟଂ ତ୍ୱଭିନେୟଂ ଖେଦୋପଗତଂ ସ୍ୱଭାବଜଂ ଚାପି ।
ଆହାରବର୍ଜିତାନାମାରମ୍ଭାଣାମନାରମ୍ଭାତ୍ ॥ ୪୯ ॥

ଦୈନ୍ୟଂ ନାମ— ଦୌର୍ଗତ୍ୟମନସ୍ତାପାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତସ୍ୟାଧୃତିଶିରୋଗାତ୍ରଗୌରବାନ୍ୟମନସ୍କତାମୃଜାପରିବର୍ଜନାଦିଭିରନୁଭାବୈରଭିନୟଃ ପ୍ରୟୋକ୍ତବ୍ୟଃ । (ଖ)

ଅତ୍ରାର୍ଯ୍ୟା—

ଚିନ୍ତୌତ୍ସୁକ୍ୟସମୁତ୍ଥା ଦୁଃଖାଦ୍ୟା ଭବତି ଦୀନତା ପୁଂସାମ୍ ।
ସର୍ବମୃଜାପରିମାର୍ଜନବର୍ଜିତୈର୍ବିବିଧୈରଭିନୟସ୍ତସ୍ୟ ॥ ୫୦ ॥

ରହିବା, ବସି ରହିବା, ଢୁଳେଇବା ଓ ଶଯ୍ୟାରେ ଶୋଇବା ପ୍ରଭୃତି ଅନୁଭାବ ଦ୍ୱାରା ଏହାର ଅଭିନୟ କରଣୀୟ । (କ)

ଏ ବିଷୟରେ ଯେଉଁ ଆର୍ଯ୍ୟାଟି ଅଛି, ତାହାର ଅର୍ଥ ହେଉଛି—

ଖେଦ, ବ୍ୟାଧି ଓ ସ୍ୱଭାବରୁ ଆଳସ୍ୟ ଜାତ ହୁଏ । ଭୋଜନ ବ୍ୟତୀତ ଅନ୍ୟ ସମସ୍ତ ପ୍ରକାର କାର୍ଯ୍ୟ ତ୍ୟାଗ କରିବା (ଅନୁଷ୍ଠାନ ନ କରିବା) ଦ୍ୱାରା ଅଭିନୟ କରଣୀୟ । ୪୯ ।

ଦୈନ୍ୟ— ଦରିଦ୍ରତା ମନସ୍ତାପ ପ୍ରଭୃତି ବିଭାବ (କାରଣ) ରୁ ଦୈନ୍ୟ ଉତ୍ପନ୍ନ ହୁଏ । ଅଧୀରତା, ମୁଣ୍ଡବିନ୍ଧା, ଦେହ ନଚଳିବା, ଅନ୍ୟମନସ୍କତା, ଶରୀରକୁ ପରିଷ୍କୃତ ନକରିବା ପ୍ରଭୃତି କାର୍ଯ୍ୟ ଦ୍ୱାରା ଏହାର ଅଭିନୟ କରଣୀୟ । (ଖ)

ଏ ବିଷୟରେ ଥିବା ଆର୍ଯ୍ୟାର ଅର୍ଥ ହେଉଛି—

ଚିନ୍ତା ଓ ଉତ୍ସୁକତା ହେତୁ ଦୁଃଖ ଜାତ ହେଲେ ତହିଁରୁ ଦୈନ୍ୟ ଉତ୍ପନ୍ନ ହୁଏ । ସର୍ବପ୍ରକାର ମାର୍ଜନ (ଶୌଚ) ର ବର୍ଜନ ଦ୍ୱାରା ଏହାର ଅଭିନୟ କରଣୀୟ । (୫୦)

Digitized by srujanika@gmail.com

ଚିନ୍ତା ନାମ—ଐଶ୍ୱର୍ଯ୍ୟଭ୍ରଂଶେଷ୍ଟଦ୍ରବ୍ୟାପହାରଦାରିଦ୍ର୍ୟାଦିଭିର୍ବି-ଭାବୈରୁତ୍ପଦ୍ୟତେ । ତମଭିନୟେନ୍ନିଃଶ୍ୱସିତୋଚ୍ଛ୍ୱସିତସନ୍ତାପଧ୍ୟାନାଧୋ-ମୁଖଚିନ୍ତନକାର୍ଶ୍ୟାଦିଭିରନୁଭାବୈଃ । (କ)

ଅତ୍ରାର୍ଯ୍ୟେ ଭବତଃ—

ଐଶ୍ୱର୍ଯ୍ୟଭ୍ରଂଶେଷ୍ଟଦ୍ରବ୍ୟକ୍ଷୟଜା ବହୁପ୍ରକାରା ତୁ ।
ହୃଦୟବିତର୍କୋପଗତା ଚିନ୍ତା ନୃଣାଂ ସମୁଦ୍ଭବତି ॥ ୫୧ ॥
ଉଚ୍ଛ୍ୱାସୈର୍ନିଃଶ୍ୱସିତୈଃ ସନ୍ତାପୈଶ୍ଚୈବ ହୃଦୟଶୂନ୍ୟତୟା ।
ଅଭିନେତବ୍ୟା ଚିନ୍ତା ମୃଜାବହାନୈରଧୃତ୍ୟା ଚ ॥ ୫୨ ॥

ମୋହୋ ନାମ— ଦୈବୋପଘାତବ୍ୟସନାଭିଘାତବ୍ୟାଧି-ଭୟାବେଗପୂର୍ବବୈରାନୁସ୍ମରଣାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତସ୍ୟ ନିଶ୍ଚୈତନ୍ୟଭ୍ରମଣପତନାଘୂର୍ଣ୍ଣନାଦର୍ଶନାଦିଭିରନୁଭାବୈରଭିନୟଃ ପ୍ରୟୋକ୍ତବ୍ୟଃ । (ଖ)

ଚିନ୍ତା— ଐଶ୍ୱର୍ଯ୍ୟରୁ ବଞ୍ଚିତ ହେଲେ, ପ୍ରିୟବସ୍ତୁ ଅପହୃତ ହୋଇ ଗଲେ କିମ୍ବା ଦରିଦ୍ରତା ପ୍ରାପ୍ତ ହେଲେ, ଚିନ୍ତା ଉତ୍ପନ୍ନ ହୁଏ । ଘନ ଘନ ନିଃଶ୍ୱାସ ମାରିବା, ଦୀର୍ଘଶ୍ୱାସ ପକାଇବା, ସନ୍ତାପ (ଏକ ଲଗ୍ନ ମନରେ) ଧ୍ୟାନ କରିବା, ମୁହଁ ପୋତି ବସିବା ଓ ଶରୀର କୃଶ ହେବା ପ୍ରଭୃତି ଦ୍ୱାରା ଏହାର ଅଭିନୟ କରଣୀୟ । (କ)

ଏ ବିଷୟରେ ଦୁଇଟି ଆର୍ଯ୍ୟା ଅଛି । ତାହାର ଅର୍ଥ ଦେଉଛୁ—

ଐଶ୍ୱର୍ଯ୍ୟ ନାଶ ଓ ପ୍ରିୟବସ୍ତୁର ଅପହାର ହେତୁ ହୃଦୟରେ ଉତ୍ପନ୍ନ ଔତ୍ସୁକ୍ୟରୁ ଚିନ୍ତା ଜାତ ହୁଏ । ୫୧ ।

ଏହାର ଅଭିନୟ ଉଚ୍ଛ୍ୱାସ (ଦୀର୍ଘଶ୍ୱାସ) ସନ୍ତାପ ଓ ଶୂନ୍ୟ ହୃଦୟତା (ଅନ୍ୟମନସ୍କତା) ଅଙ୍ଗାଦିର ସଂସ୍କାର ନକରିବା ଏବଂ ଅଧୀରତା ଦ୍ୱାରା କରାଯାଏ । ୫୨ ।

ମୋହ— ଆକସ୍ମିକ ଆଘାତ (ବଜ୍ରପାତ ପ୍ରଭୃତି) ବ୍ୟସନ, (ବିପଦ) ରୋଗ, ଉଦ୍‌ବେଗ, ପୂର୍ବ ଶତ୍ରୁତାର ସ୍ମରଣ ପ୍ରଭୃତି ବିଭାବ ଯୋଗେ ଉତ୍ପନ୍ନ ହୁଏ । ଏଥିରେ ଅଙ୍ଗର ଚେଷ୍ଟାହୀନତା (ହଲନ ରହିତ ହେବା) ଓ ଭ୍ରମଣ (ଚଲାଇବା) ପଡ଼ିଯିବା (ବାତଚକ୍ର ପରି) ଘୂରିବା (ଘାଣ୍ଟି ଖାଇବା) ଭଲରୂପେ ଦେଖି ନପାରିବା, ପ୍ରଭୃତି ଅନୁଭାବ, ଅଭିନୟ କାଳରେ ପ୍ରଦର୍ଶିତ ହୁଏ । (କ)

Digitized by srujanika@gmail.com

ଅତ୍ର ଶ୍ଳୋକସ୍ତାବଦାର୍ଯ୍ୟାଚ—

ଅସ୍ଥାନେ ତସ୍କରାନ୍ ଦୃଷ୍ଟ୍ୱା ହାସନୈର୍ବିବିଧୈରପି ।
ତତ୍ପ୍ରତୀକାରଶୂନ୍ୟସ୍ୟ ମୋହଃ ସମୁପଜାୟତେ ॥ ୫୩ ॥
ବ୍ୟସନାଭିଘାତଭୟପୂର୍ବବୈରସଂସ୍ମରଣରୋଗଜୋ ମୋହଃ ।
ସର୍ବେନ୍ଦ୍ରିୟସମ୍ମୋହାତ୍ତସ୍ୟାଭିନୟଃ ପ୍ରୟୋକ୍ତବ୍ୟଃ ॥ ୫୪ ॥

ସ୍ମୃତିର୍ନାମ— ସୁଖଦୁଃଖକୃତାନାଂ ଭାବାନାମନୁସ୍ମରଣମ୍ । ସା ଚ ସ୍ୱାସ୍ଥ୍ୟଜଘନ୍ୟରାତ୍ରିନିଦ୍ରାଚ୍ଛେଦସମାନଦର୍ଶନୋଦାହରଣଚିନ୍ତାଭ୍ୟାସାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତମଭିନୟେଚ୍ଛିରଃକମ୍ପନାବଲୋକନଭ୍ରୂସମୁନ୍ନୟନାଦିଭିରନୁଭାବୈଃ । (କ)

ଅତ୍ରାର୍ଯ୍ୟେ ଭବତଃ—

ସୁଖଦୁଃଖମତିକ୍ରାନ୍ତଂ ତଥା ମତିବିଭାବିତଂ ଯଥାବୃତ୍ତମ୍ ।
ଚିରବିସ୍ମୃତଂ ସ୍ମରତି ଯଃ ସ୍ମୃତିମାନିତି ବେଦିତବ୍ୟାଃସୌ ॥ ୫୫ ॥

ଏ ବିଷୟରେ ଗୋଟିଏ ଶ୍ଳୋକ ଓ ଆର୍ଯ୍ୟା ଅଛି । ତାହାର ଅର୍ଥ ହେଉଛି—

ତସ୍କର (ଖଣ୍ଡ) ବା ବ୍ୟାଘ୍ରାଦିଙ୍କୁ ଦେଖିଲେ ବା ବାହାଣଠାରୁ ଭୟପ୍ରାପ୍ତ ହେଲେ ଯଦି ପ୍ରତିକାର କରିବାର କ୍ଷମତା ନଥାଏ, ତେବେ ମୋହ ଉତ୍ପନ୍ନ ହୁଏ । ୫୩ ।

ବ୍ୟସନ, ଆକସ୍ମିକ ଆଘାତ, ଭୟ, ପ୍ରାଚୀନ ଶତ୍ରୁତାର ସ୍ମରଣ ପ୍ରଭୃତିରୁ ମୋହ ଉତ୍ପନ୍ନ ହୁଏ । ସମସ୍ତ ଇନ୍ଦ୍ରିୟର ବିଷୟ ଗ୍ରହଣରେ ଅକ୍ଷମତା ପ୍ରଦର୍ଶନ ଦ୍ୱାରା ଏହା ଅଭିନୀତ ହୁଏ । ୫୪ ।

ସ୍ମୃତି— ପୂର୍ବାନୁଭୂତ ଦୁଃଖ ଓ ସୁଖ ହେତୁ ଯେଉଁ ମନୋଭାବ ଜାତ ହୋଇଥାଏ, ତାହାର ଅନୁସ୍ମରଣକୁ ସ୍ମୃତି କହନ୍ତି । ସ୍ୱାସ୍ଥ୍ୟକ୍ଷୟ, ରାତିରେ ନିଦ୍ରାର ଅଭାବ, ସଦୃଶ-ବସ୍ତୁର ଦର୍ଶନ, ସଦୃଶ-ବସ୍ତୁର କଥନ, ଚିନ୍ତା ଏବଂ ଅଭ୍ୟାସ ପ୍ରଭୃତି ବିଭାବ ଯୋଗେ ଏହା ଉତ୍ପନ୍ନ ହୁଏ । ଏହାର ଅଭିନୟ ମସ୍ତକ କମ୍ପାଇବା, ଚାହିଁବା, ଭ୍ରୂ ଦ୍ୱୟକୁ ଉପରକୁ ଟେକିବା ଓ ହର୍ଷ ପ୍ରଭୃତି କାର୍ଯ୍ୟ ଦ୍ୱାରା କରାଯାଇଥାଏ । (କ)

ଏ ବିଷୟରେ ଗୋଟିଏ ଶ୍ଳୋକ ଏବଂ ଗୋଟିଏ ଆର୍ଯ୍ୟା ପ୍ରଚଳିତ ଅଛି । ତାହାର ଅର୍ଥ ହେଉଛି—

ଅତୀତ ହୋଇଥିବା ସୁଖ, ଦୁଃଖ ବା ବୁଦ୍ଧି ଦ୍ୱାରା କଳିତ ବସ୍ତୁର ଯଥାଯଥ ସ୍ମରଣକୁ ସ୍ମୃତି କୁହାଯାଏ । ସ୍ୱାସ୍ଥ୍ୟ (ଆତ୍ମସ୍ଥ ହେବା ଅର୍ଥାତ୍ ଧ୍ୟାନ

Digitized by srujanika@gmail.com

ସ୍ୱାସ୍ଥ୍ୟାଭ୍ୟାସସମ୍ଭୂତା ଶ୍ରୁତଦର୍ଶନସମ୍ଭବା ସ୍ମୃତନପୁଣେଃ ।
ଶିରକ୍ଷଦ୍‌ବାହନକର୍ମୈଃ ଭ୍ରୂକ୍ଷେପୈଶ୍ଚାଭିନେତବ୍ୟା ॥ ୫୬ ॥

ଧୃତର୍ନାମ— ଶୌର୍ଯ୍ୟବିଜ୍ଞାନଶ୍ରୁତବିଭବଶୌଚାଚାରଗୁରୁଭକ୍ତ୍ୟ-ଧିକମନୋରଥାର୍ଥଲାଭକ୍ରୀଡ଼ାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତସ୍ୟାଭି-ନୟେତ୍ ପ୍ରାପ୍ତାନାଂ ବିଷୟାଣାମୁପଭୋଗାଦପ୍ରାପ୍ତାତୀତୋପହୃତବିନଷ୍ଟାନା-ମନନୁଶୋଚନାଦିଭିରନୁଭାବୈଃ । (କ)

ଅତ୍ରାର୍ଯ୍ୟେ ଭବତଃ—

ବିଜ୍ଞାନଶୌଚବିଭବଶ୍ରୁତଶକ୍ତିସମୁଦ୍ଭବା ଧୃତିଃ ସଦ୍ଭିଃ ।
ଭୟଶୋକବିଷାଦାଦ୍ୟୈ ରହିତା ତୁ ସଦା ପ୍ରୟୋକ୍ତବ୍ୟା ॥ ୫୭ ॥
ପ୍ରାପ୍ତାନାମୁପଭୋଗଃ ଶବ୍ଦସ୍ପର୍ଶରୂପରସଗନ୍ଧାନାମ୍ ।
ଅପ୍ରାପ୍ତୈଶ୍ଚ ନ ଶୋକୋ ଯସ୍ୟାଂ ହି ଭବେଦ୍ଧୃତିଃ ସା ତୁ ॥ ୫୮ ॥

ପରାୟଣତା) ଅଭ୍ୟାସ, ଶ୍ରବଣ ଏବଂ ଦର୍ଶନରୁ ସ୍ମୃତ ଜାତ ହୁଏ । ନିପୁଣ ବ୍ୟକ୍ତିମାନେ ମସ୍ତକକୁ ଉଦ୍‌ବାହିତ କରିବା (ମୁଣ୍ଡ ହଲାଇବା) କମ୍ପିତ କରିବା, ଭ୍ରୂଦ୍ୱୟକୁ ଟେକିବା ଓ ପକାଇବା ଦ୍ୱାରା ଏହାର ଅଭିନୟ କରଥାନ୍ତି । ୫୫-୫୬ ।

ଧୃତ— ଶୌର୍ଯ୍ୟ, ବିଜ୍ଞାନ, ଶ୍ରୁତ, ବିଭବ, ଶୌଚ, ଆଚାର, ଗୁରୁଭକ୍ତି, ଅଧିକ ଧନ ଲାଭ, କ୍ରୀଡ଼ା ପ୍ରଭୃତି ଯୋଗେ ଧୃତ ଉତ୍ପନ୍ନ ହୁଏ । ଏହାର ଅଭିନୟ, ପ୍ରାପ୍ତ ବିଷୟ ମାନଙ୍କର (ଭୋଗ୍ୟ ବସ୍ତୁର) ଉପଭୋଗ ଦ୍ୱାରା ଏବଂ ଅପ୍ରାପ୍ତ, ଅତୀତ (ଗତ) ବାଧା ପ୍ରାପ୍ତ, ବିନଷ୍ଟ ବିଷୟ ମାନଙ୍କର ଅନୁ-ଶୋଚନା ନକରିବା ଦ୍ୱାରା କରଯାଏ । (କ)

ଏ ବିଷୟରେ ଦୁଇଟି ଆର୍ଯ୍ୟା ଅଛି—

ବିଜ୍ଞାନ, ଶୌଚ, ବିଭବ, ଶ୍ରୁତ ଏବଂ ଶକ୍ତିରୁ ଧୃତ ଜାତ ହୁଏ । ଭୟ, ଶୋକ, ଏବଂ ବିଷାଦ ରହିତ ଅବସ୍ଥା ଦ୍ୱାରା ଏହାର ଅଭିନୟ କରଣୀୟ । ପ୍ରାପ୍ତ ହୋଇଥିବା ଶବ୍ଦ, ସ୍ପର୍ଶ, ରସ, ରୂପ ଏବଂ ଗନ୍ଧ ମାନଙ୍କର ଉପଭୋଗ କରିବା ଏବଂ ଅପ୍ରାପ୍ତି କାଳରେ ସେଥିପାଇଁ ଶୋକ ନକରିବା, ଧୃତ ନାମରେ କଥିତ ହୁଏ । ୫୭-୫୮ ।

Digitized by srujanika@gmail.com

ବ୍ରୀଡ଼ା ନାମ— ଅକାର୍ଯ୍ୟକରଣାତ୍ମିକା । ସା ଚ ଗୁରୁବ୍ୟତିକ୍ରମଣାବଜ୍ଞାନପ୍ରତିଜ୍ଞାନିର୍ବହଣପଶ୍ଚାତ୍ତାପାଦିଭିର୍ବିଭାବାଦିଭିଃ ସମୁତ୍ପଦ୍ୟତେ । ତାଂ ନିଗୂଢ଼ବଦନାଧୋମୁଖବିଚିନ୍ତନୋର୍ବୀଲେଖନବସ୍ତ୍ରାଙ୍ଗୁଲୀୟକସ୍ପର୍ଶନନଖନିକୃନ୍ତନାଦିଭିରନୁଭାବୈରଭିନୟେତ୍ । (କ)

ଅତ୍ରାର୍ଯ୍ୟେ ଭବତଃ—

କଶ୍ଚିଦକାର୍ଯ୍ୟଂ କୁର୍ବନ୍ନେବଂ ଯୋ ଦୃଶ୍ୟତେ ଶୁଚିଭିରନ୍ୟୈଃ ।
ପଶ୍ଚାତ୍ତାପେନ ଯୁତଃ ବ୍ରୀଡ଼ିତ ଇତି ବେଦିତବ୍ୟୋଽସୌ ॥ ୬୯ ॥

ଲଜ୍ଜାନିଗୂଢ଼ବଦନୋ ଭୂମିଂ ବିଲିଖନ୍ନଖାଂଶ୍ଚ ବିନିକୃନ୍ତନ୍ ।
ବସ୍ତ୍ରାଙ୍ଗୁଲୀୟକାନାଂ ସ୍ପର୍ଶଂ ବ୍ରୀଡ଼ିତଃ କୁର୍ଯ୍ୟାତ୍ ॥ ୭୦ ॥

ଚପଲତା ନାମ—

ରାଗଦ୍ୱେଷମାତ୍ସର୍ଯ୍ୟାମର୍ଷେର୍ଷ୍ୟାପ୍ରତିକୂଲାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତସ୍ୟାଶ୍ଚ ବାକ୍ପାରୁଷ୍ୟନିର୍ଭର୍ତ୍ସନବଧବନ୍ଧନସମ୍ପ୍ରହାର-

---

ବ୍ରୀଡ଼ା— (ଲଜ୍ଜା) ଅକାର୍ଯ୍ୟ କରିବା, ଗୁରୁଜନଙ୍କ ବ୍ୟତିକ୍ରମ କରିବା ବା ଅବଜ୍ଞା କରିବା, ପ୍ରତିଜ୍ଞା ପାଳନ ନକରି ପାରିବା, କୃତକାର୍ଯ୍ୟ ପାଇଁ ପଶ୍ଚାତ୍ତାପ କରିବା ପ୍ରଭୃତି ବିଭାବ (କାରଣ) ଯୋଗେ ଏହା ଉତ୍ପନ୍ନ ହୁଏ । ମୁହଁକୁ ଲୁଚାଇବା, ମୁହଁ ପୋତି ବସିବା, ଚିନ୍ତା କରିବା, ଭୂଇଁକୁ ଗୋଡ଼ ଦ୍ୱାରା କିମ୍ବା ହାତ ଦ୍ୱାରା ଖୋଳିବା, ଲୁଗା କାନିକୁ ଆଙ୍ଗୁଠିରେ ଗୁଡ଼ାଇବା (ଅନ୍ୟମତରେ ବସ୍ତ୍ର ଓ ମୁଦ୍ରିକାକୁ ସ୍ପର୍ଶ କରିବା), ନଖ ଛିଣ୍ଡାଇବା ପ୍ରଭୃତି କାର୍ଯ୍ୟ ଦ୍ୱାରା ଏହା ଅଭିନୀତ ହୁଏ । (କ)

ଏ ବିଷୟରେ ଦୁଇଟି ଆର୍ଯ୍ୟା ଅଛି—

ଅକାର୍ଯ୍ୟ କରୁଥିବା ଲୋକ ଅନ୍ୟ ଶୁଦ୍ଧ-ଚରିତ ଲୋକଙ୍କ ଦ୍ୱାରା ଦୃଷ୍ଟ ହେଲେ, ପଶ୍ଚାତ୍ତାପ ହେତୁ ସେ ଲଜ୍ଜା ଅନୁଭବ କରିଥାଏ । ଲଜ୍ଜା ହେତୁରୁ ସେ ମୁଖକୁ ଲୁଚାଏ, ଭୂଇଁକୁ ଖୋଳେ, ନଃରେ ନଖ ଛିଣ୍ଡାଏ, ଲୁଗା ବା ମୁଦିକୁ ବାରମ୍ବାର ଛୁଉଁଥାଏ । ୬୯-୭୦ ।

ଚପଳତା— ରାଗ, ଦ୍ୱେଷ, ମାତ୍ସର୍ଯ୍ୟ, ଅମର୍ଷ, ଈର୍ଷା ବା ପ୍ରତିକୂଳ ବସ୍ତୁର ସମାଗମ ପ୍ରଭୃତି କାରଣରୁ ଚପଳତା ଜାତ ହୁଏ । ଏହାର ଅଭିନୟ କଠୋର କଥା କହିବା, ଗାଳି ଦେବା, ମାରଧର କରିବା, ମାରିଦେବା ବା ବାନ୍ଧି-

Digitized by srujanika@gmail.com

ତାଡ଼ନାଦଭିରନୁଭାବୈରଭିନୟଃ ପ୍ରୟୋକ୍ତବ୍ୟଃ । (କ)

ଅତ୍ରାର୍ଯା ଭବତି—

ଅବିମୃଶ୍ୟ ତୁ ଯଃ କାର୍ଯଂ ପୁରୁଷୋ ବଧତାଡ଼ନଂ ସମାରଭତେ ।
ଅବିନିଶ୍ଚିତକାରିତ୍ୱାତ୍ ସ ତୁ ଚପଲଃ ଇତି ବୋଦ୍ଧବ୍ୟଃ ॥ ୭୧ ॥

ହର୍ଷୋ ନାମ— ମନୋରଥଲାଭେଷ୍ଟଜନସମାଗମମନଃପରି-ତୋଷଦେବଗୁରୁରାଜଭର୍ତୃପ୍ରସାଦ ଭୋଜନାଚ୍ଛାଦନଲାଭୋପଭୋଗାଦଭି-ର୍ବିଭାବୈଃ ସମୁତ୍ପଦ୍ୟତେ । ତମଭିନୟେନ୍ନୟନବଦନ ପ୍ରସାଦପ୍ରିୟଭାଷ-ଣାଲିଙ୍ଗନକଣ୍ଟକିତପୁଲକିତାସ୍ରସ୍ବେଦାଦଭିରନୁଭାବୈଃ । (ଖ)

ଅତ୍ରାର୍ଯେ ଭବତଃ—

ଅପ୍ରାପ୍ୟ ପ୍ରାପ୍ୟ ବା ଲବ୍ଧ୍ୱାଽର୍ଥେ ପ୍ରିୟସମାଗମେ ବାଽପି ।
ହୃଦୟମନୋରଥଲାଭେ ହର୍ଷଃ ସଞ୍ଜାୟତେ ପୁଂସାମ୍ ॥ ୭୨ ॥

ପକାଇବା, ତାଡ଼ିତ କରିବା ଏବଂ ଜ୍ଞାପନ ଅର୍ଥାତ୍ ସତର୍କ କରିଦେବା ପ୍ରଭୃତି ଦ୍ୱାରା ଏହାର ଅଭିନୟ କରାଯାଇଥାଏ । (କ)

ଏ ବିଷୟରେ ଗୋଟିଏ ଆର୍ଯା ଅଛି —

ଯେଉଁ ଲୋକ ବିଚାର ନକରି ବଧ, ବନ୍ଧନ ପ୍ରଭୃତି କାର୍ଯ୍ୟ ଆରମ୍ଭ କରେ, ସେ ଅନିଶ୍ଚିତକାରିତା ହେତୁ ଚପଳ ନାମରେ ଅଭିହିତ ହୁଏ । ୭୧ ।

ହର୍ଷ— ମନୋବାଞ୍ଛା ପୂରଣ, ଅଭିଳଷିତ ବସ୍ତୁର ଲାଭ, ଇଷ୍ଟ-ବନ୍ଧୁର ମିଳନ, ମନର ପରିତୋଷ, ଦେବତା, ଗୁରୁ, ରାଜା ବା ନିଜର ସ୍ୱାମୀ (ଖାମିନ୍ଦ) ପ୍ରଭୃତିଙ୍କ ଅନୁକୂଳ କରାଇପାରିବା, ଅନ୍ନ ବସ୍ତ୍ର ଏବଂ ଧନ ପାଇବା ଏବଂ ତାହାକୁ ଉପଭୋଗ କରିବା ପ୍ରଭୃତି କାରଣ ଯୋଗେ ଏହା ଉତ୍ପନ୍ନ ହୁଏ । ମୁଖ, ଚକ୍ଷୁରେ ହର୍ଷ, ପ୍ରିୟକଥା କହିବା, ଆଲିଙ୍ଗନ, ରୋମାଞ୍ଚ, ଲୋତକ, ସ୍ୱେଦ ପ୍ରଭୃତିର ଉଦ୍‌ଗମ ପ୍ରଭୃତି ଅନୁଭାବ ଦ୍ୱାରା ଏହାର ଅଭିନୟ କରାଯାଏ । (ଖ)

ଏ ବିଷୟରେ ଦୁଇଟି ଆର୍ଯା ଅଛି । ଏହାର ଅର୍ଥ ହେଉଛି —

ଦୁଷ୍ପ୍ରାପ୍ୟ ବସ୍ତୁ ମିଳିଲେ ବା ଧନ ମିଳିଲେ, ପ୍ରିୟ ଜନର ସମାଗମ ହେଲେ, ନିଜର ମନୋରଥ ସଫଳ ହେଲେ, ଲୋକମାନଙ୍କ ମନରେ ହର୍ଷ

Digitized by srujanika@gmail.com

ନୟନବଦନପ୍ରସାଦପ୍ରିୟଭାଷାଲିଙ୍ଗନୈଶ୍ଚ ରୋମାଞ୍ଚୈଃ ।
ଲଳିତୈଶ୍ଚାଙ୍ଗବିହାରୈଃ ସ୍ୱେଦାଦ୍ୟୈରଭିନୟସ୍ତସ୍ୟ ॥ ୬୩ ॥

ଆବେଗୋ ନାମ— ଉତ୍ପାତବାତବର୍ଷାଗ୍ନିକୁଞ୍ଜରୋଦ୍ଭ୍ରମଣ-ପ୍ରିୟାପ୍ରିୟଶ୍ରବଣ ପ୍ରକୃତବ୍ୟସନାଭିଘାତାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତତ୍ରୋତ୍ପାତକୃତୋ ନାମ ବିଦ୍ୟୁଦୁଲ୍କାନିର୍ଘାତପ୍ରପତନଚନ୍ଦ୍ରସୂର୍ଯ୍ୟୋପ-ରାଗକେତୁଦର୍ଶନକୃତଃ । ତମଭିନୟେତ୍ ସର୍ବାଙ୍ଗସ୍ରସ୍ତତାବୈମନସ୍ୟ-ମୁଖବୈବର୍ଣ୍ୟବିଷାଦବିସ୍ମୟାଦିଭିଃ । ବାତକୃତଂ ପୁନରବଗୁଣ୍ଠନାକ୍ଷି-ପରିମାର୍ଜନବସ୍ତ୍ରସଂଗ୍ରହଣତ୍ୱରିତଗମନାଦିଭିଃ । ବର୍ଷକୃତଂ ପୁନଃ ସର୍ବାଙ୍ଗସଂପୀଡନପ୍ରଧାବନଚ୍ଛନ୍ନାଶ୍ରୟମାର୍ଗଣାଦିଭିଃ । (କ)

ଅଗ୍ନିକୃତଂ ନାମ ଧୂମାକୁଳନେତ୍ରତାଙ୍ଗସଙ୍କୋଚନବିଧୂନନାତି-କ୍ରାନ୍ତାପକ୍ରାନ୍ତାଦିଭିଃ । କୁଞ୍ଜରୋଦ୍ଭ୍ରମଣକୃତଂ ନାମ ତ୍ୱରିତାପସର୍ପଣ-

---

ଉତ୍ପନ୍ନ ହୁଏ । ମୁଖରେ ଏବଂ ଚକ୍ଷୁରେ ପ୍ରସନ୍ନତା କରାଇବା ଦ୍ୱାରା, ଭାଷାର ମଧୁରତା ଦ୍ୱାରା, ଆଲିଙ୍ଗନ, ରୋମାଞ୍ଚ, ଲଳିତ ଅଙ୍ଗଭଙ୍ଗୀ ଏବଂ ସ୍ୱେଦୋଦ୍‌ଗମ ପ୍ରଭୃତି କାର୍ଯ୍ୟ ଦ୍ୱାରା ଏହା ଅଭିନୀତ ହୁଏ । ୬୨-୬୩ ।

ଆବେଗ— ଏହାର କାରଣ ଆଠଗୋଟି । ଯଥା – ଉତ୍ପାତ, ବାତ, ବର୍ଷା, ଅଗ୍ନି, କୁଞ୍ଜରୋଦ୍‌ଭ୍ରମଣ (ହାତୀ ମାଡ଼ିବା) ପ୍ରିୟକଥା ଶୁଣିବା, ଅପ୍ରିୟ କଥା ଶୁଣିବା, ପ୍ରକୃତବ୍ୟସନାଘାତ (ପ୍ରଜା ବିଦ୍ରୋହ) ଏହି ଆଠ କାରଣରୁ (କାରଣରୁ) ଆବେଗର ଉତ୍ପତ୍ତି । ତନ୍ମଧ୍ୟରୁ ଉତ୍ପାତ ଜନିତ ଆବେଗ, ବିଦ୍ୟୁତ୍, ଉଲ୍‌କା, ନିର୍ଘାତ ପତନ, ଚନ୍ଦ୍ର ଗ୍ରହଣ, ସୂର୍ଯ୍ୟ ଗ୍ରହଣ ଏବଂ ଧୂମକେତୁର ଦର୍ଶନ ପ୍ରଭୃତି କାରଣରୁ ଜାତ ହୋଇଥାଏ । ଏହାର ଅଭିନୟ ସର୍ବାଙ୍ଗ ଶିଥିଳତା, ଅଶାନ୍ତ ହେବା, ମନର ଚଞ୍ଚଳତା, ମୁଖରେ ବିବର୍ଣ୍ଣତା ଏବଂ ବିସ୍ମୟ ପ୍ରଭୃତି ପ୍ରଦର୍ଶନ କାର୍ଯ୍ୟ ଦ୍ୱାରା କରାଯାଇଥାଏ । ବାତ ଜନିତ ଆବେଗ ମୁହଁ ଘୋଡ଼ା-ଇବା, ଆଖି ମଳିବା, ଲୁଗାକୁ ଜାକି ଧରିବା, ଧାଇଁ ଧାଇଁ ଚାଲିବା ପ୍ରଭୃତି ଅନୁଭବ ଦ୍ୱାରା ଅଭିନେୟ । ବର୍ଷା ଜନିତ ଆବେଗ ସମସ୍ତ ଅଙ୍ଗକୁ ଜାକି ମେଞ୍ଚା କରି ଦଉଡ଼ିବା, ଛତାର ଆଶ୍ରୟ ନେବା ପ୍ରଭୃତି ଦ୍ୱାରା ଅଭିନେୟ । (କ)

ଅଗ୍ନି ଜନିତ ଆବେଗର ଅଭିନୟରେ ଧୂଆଁରେ ଆକୁଳ ହୋଇ ଆଖିକୁ ସଂକୁଚିତ କରିବା, ଶରୀରକୁ କମ୍ପିତ କରିବା (ଦେହକୁ ଝାଡ଼ିବା) ଡେଇଁ ଡେଇଁ ପାଦ ପକାଇବା ପ୍ରଭୃତି (ଅନୁଭବ) କାର୍ଯ୍ୟ ପ୍ରଦର୍ଶନୀୟ । କୁଞ୍ଜର ଭ୍ରମଣ (ହାତୀ ମାଡ଼ିବା) ଜନିତ ଆବେଗର ଅଭିନୟରେ ଶୀଘ୍ର ଶୀଘ୍ର

Digitized by srujanika@gmail.com

ଚଞ୍ଚଳଗମନଭୟପ୍ରସ୍ତମ୍ଭବେପଥୁସ୍ୱେଦବୈଲକ୍ଷ୍ୟସ୍ୱନବସ୍ତ୍ରଭୂଷାଦିଭିଃ । ପ୍ରିୟଶ୍ରବଣକୃତଂ ନାମାଭ୍ୟୁତ୍ଥାନାଲିଙ୍ଗନବସ୍ତ୍ରାଭରଣପ୍ରଦାନାଶ୍ରୁପୁଲକତାଦିଭିଃ । ଅପ୍ରିୟଶ୍ରବଣକୃତଂ ନାମ ଭୂମିପତନବିଷମବିବର୍ତ୍ତନପରିଧାବନବିଲପନାକ୍ରନ୍ଦନାଦିଭିଃ । ପ୍ରକୃତିବ୍ୟସନକୃତଂ ନାମ ସହସାପସର୍ପଣଶସ୍ତ୍ରଚର୍ମବର୍ମଧାରଣଗଜତୁରଗରଥାରୋହଣସମ୍ପ୍ରଧାରଣାଦିଭିଃ । (ଘ)

ଏବମଷ୍ଟବିକଲ୍ପୋଽୟମାବେଗଃ ସମ୍ଭ୍ରମାତ୍ମକଃ ।
ସ୍ଥୈର୍ଯ୍ୟେଣୋତ୍ତମମଧ୍ୟାନାଂ ନୀଚାନାଂ ତ୍ୱପସର୍ପଣୈଃ ॥ ୨୪ ॥

ଅତ୍ରାର୍ଯ୍ୟେ ଭବତଃ—

ଅପ୍ରିୟନିବେଦନାଦ୍ୱା ସହସା ହ୍ୟଶ୍ରୁତାର୍ଥବଚନେନ ।
ଶତ୍ରୁବ୍ୟାପାତ୍ତ୍ରାସାଦାବେଗୋ ନାମ ସମ୍ଭବତି ॥ ୨୫ ॥

ଖସି ପଳାଇବା, ଦ୍ରୁତ ଗତିରେ ଚାଲିବା, ଭୟ, ସ୍ତମ୍ଭ (ସ୍ଥିର ହୋଇ ଠିଆ ହେବା) ଥରିବା, ପଛକୁ ବାରମ୍ବାର ଚାହିଁବା ଓ ବିସ୍ମିତ ହେବା ପ୍ରଭୃତି ଅନୁଭାବ (କାର୍ଯ୍ୟ) ପ୍ରଦର୍ଶନୀୟ । ପ୍ରିୟ କଥା ଶ୍ରବଣରେ ଜାତ ଆବେଗର ଅଭିନୟ କଲାବେଳେ ଅଭ୍ୟୁତ୍ଥାନ (ଆସନ ଛାଡ଼ି ଉଠିବା) ଆଲିଙ୍ଗନ, ବସ୍ତ୍ର ବା ଅଲଙ୍କାର ବିତରଣ, ଆଖିରୁ ଲୋତକ ଛଳ ଛଳ କରିବା, ରୋମାଞ୍ଚ ଉପୁଜାଇବା ପ୍ରଭୃତି ଅନୁଭାବ ପ୍ରଦର୍ଶନୀୟ । ଅପ୍ରିୟ କଥା ଶ୍ରବଣ ଜନିତ ଆବେଗର ଅଭିନୟ କାଳରେ, ଭୂମିରେ ପଡ଼ିଯିବା, ପରିଦେବନ (କ୍ରନ୍ଦନ) କରିବା, ବିଷମ ସ୍ଥଳରେ ମଧ୍ୟ ଲୋଟିବା, ଏଣେ ତେଣେ ଧାଇଁବା, ବିଳାପ କରିବା (ବାହୁନିବା) ରୋଦନ କରିବା ପ୍ରଭୃତି ଅନୁଭାବ ପ୍ରଦର୍ଶନୀୟ । ପ୍ରଜାବିଦ୍ରୋହ ଜନିତ ଆବେଗର ଅଭିନୟରେ—ହଠାତ୍ ସ୍ଥାନ ତ୍ୟାଗ, ଅସ୍ତ୍ର, ସାଞ୍ଜୁ ପ୍ରଭୃତିର ଧାରଣ, ଗଜ ଅଶ୍ୱ ବା ଯାନରେ ଆରୋହଣ କରିବା, ଶସ୍ତ୍ରାଘାତ ବିଧାନ ପ୍ରଭୃତି ପ୍ରଦର୍ଶନୀୟ । (କ)

ଆବେଗର ଅର୍ଥ ସମ୍ଭ୍ରାନ୍ତ ହେବା—ଏହା ପୂର୍ବୋକ୍ତ ରୀତିରେ ଆଠ ପ୍ରକାର । ଆବେଗର ଅଭିନୟରେ ଉତ୍ତମ ଓ ମଧ୍ୟମ ପାତ୍ରର ଅବିଚଳିତ ଭାବ ଓ ନୀଚ ପାତ୍ରର ଦଉଡ଼ି ପଳାଇବା ପ୍ରଦର୍ଶନୀୟ । ୨୦ ।

ଏ ବିଷୟରେ ପ୍ରଚଳିତ ଆର୍ଯ୍ୟା ଦ୍ୱୟର ଅର୍ଥ ହେଉଛି—

କେହି ଅପ୍ରିୟକଥା ଜଣାଇଲେ ତାହା ଶୁଣି, ନିଶ୍ଚିତ ବୋଲି ଅବଧାରଣ କରିବା ଲୋକର ଆବେଗ ଜାତ ହୁଏ । ଆହୁରି ମଧ୍ୟ ଉପଦ୍ରବର ଲଙ୍ଘନ ଏବଂ ଶତ୍ରୁପକ୍ଷ ଜନିତ ଭୟରୁ ଆବେଗ ଉତ୍ପନ୍ନ ହୁଏ । ୨୫ ।

Digitized by srujanika@gmail.com

ଅପ୍ରିୟଜନବେଦନାଦ୍ୱୈ ବିଷାଦଭାବାଶ୍ରୟୋଽନୁଭାବୋଽସ୍ୟ ।
ସହସାଦର୍ଶନାଚ୍ଚେତ୍ ପ୍ରହରଣପରିଘଟ୍ଟନୈଃ କାର୍ଯ୍ୟଃ ॥ ୬୨ ॥

ଜଡ଼ତା ନାମ— ସର୍ବକାର୍ଯ୍ୟାପ୍ରତିପତ୍ତିଃ । ଇଷ୍ଟାନିଷ୍ଟଶ୍ରବଣ-ଦର୍ଶନବ୍ୟାଧ୍ୟାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତାମଭିନୟେଦକଥନାଭି-ଭାଷଣତୂଷ୍ଣୀମ୍ଭାବାନିମେଷନିରୀକ୍ଷଣପରବଶତ୍ୱାଦିଭିରନୁଭାବୈଃ । (କ)

ଅତ୍ରାର୍ଯ୍ୟା ଭବତି—

ଇଷ୍ଟଂ ବାଽନିଷ୍ଟଂ ବା ସୁଖଦୁଃଖେ ବା ନ ବେତ୍ତି ଯୋ ମୋହାତ୍ ।
ତୂଷ୍ଣୀକଃ ପରବଶଗୋ ଭବତି ସ ଜଡ଼ସଂଜ୍ଞିତଃ ପୁରୁଷଃ ॥ ୬୩ ॥

ଗର୍ବୋ ନାମ— ଐଶ୍ୱର୍ଯ୍ୟକୁଳରୂପଯୌବନବିଦ୍ୟାବଳଧନ-ଲାଭାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତସ୍ୟାସୂୟାବଜ୍ଞାଧର୍ଷଣାନୁତ୍ତର-

---

ଅପ୍ରିୟକଥା ଶୁଣି ଯେଉଁ ଆବେଗ ଭାବ ଜାତ ହୁଏ, ତାହା ଏଥିରେ ଅନୁଭାବ । ହଠାତ୍ ଅପ୍ରିୟ ଦର୍ଶନ ପ୍ରଭୃତି ଘଟିଲେ ଶସ୍ତ୍ର ପ୍ରଭୃତିର ଆକର୍ଷଣ ପ୍ରଭୃତି ପ୍ରଦର୍ଶନୀୟ । ୬୨ ।

ଜଡ଼ତା— ସବୁ କାର୍ଯ୍ୟରେ ଅପ୍ରତିପତ୍ତି (ଅନୁତ୍ସାହ)ର ନାମ ଜଡ଼ତା । ଇଷ୍ଟ, ଅନିଷ୍ଟ କଥାର ଶ୍ରବଣ ବା ଦର୍ଶନ ତଥା ବ୍ୟାଧି ପ୍ରଭୃତି ଯୋଗରେ ଏହା ଉତ୍ପନ୍ନ ହୁଏ । କଥା ନକହିବା ବା ଅସ୍ପଷ୍ଟଭାବରେ କଥା କହିବା, ଚୂପ୍‌ହୋଇ ରହିଯିବା, ଅନିମେଷ ଦୃଷ୍ଟିରେ ଫଲ୍ ଫଲ୍ କରି ଚାହିଁବା, ଅନ୍ୟର ବଶ୍ୟତା ସ୍ୱୀକାର କରିବା (ଅନ୍ୟ କଥାରେ ଚାଲିବା) ପ୍ରଭୃତି ଅନୁଭାବ ଏହାର ଅଭିନୟରେ ପ୍ରଦର୍ଶନୀୟ । (କ)

ଏହି ବିଷୟରେ ଯେଉଁ ଆର୍ଯ୍ୟା ଅଛି, ତାହାର ଅର୍ଥ ହେଉଛି ଯେ— ମୋହ ହେତୁ ଭଲ, ମନ୍ଦ, ସୁଖ, ଦୁଃଖ ଜାଣିପାରେ ନାହିଁ ଏବଂ ଚୂପ୍-ହୋଇ ପରର ଆୟତ୍ତରେ ରହେ, ସେହିପରି ପୁରୁଷକୁ ଜଡ଼ କହନ୍ତି । ୬୩ ।

ଗର୍ବ— ଐଶ୍ୱର୍ଯ୍ୟ, କୁଳ ରୂପ, ଯୌବନ, ବିଦ୍ୟା, ବଳ ଓ ଧନ ପ୍ରଭୃତିର ଲାଭ ଯୋଗେ ଏହା ଉତ୍ପନ୍ନ ହୁଏ । ଏହାର ଅଭିନୟରେ ଅବଜ୍ଞା, ଧର୍ଷଣ, ଉତ୍ତର ନଦେବା, ସମ୍ଭାଷଣ ନକରିବା, କାନ୍ଧକୁ ଚାହିଁବା,

Digitized by srujanika@gmail.com

ଦାନାସମ୍ଭାଷଣାଙ୍ଗାବଲୋକନବକ୍ତ୍ରମାପହସନବାକ୍ପାରୁଷ୍ୟଗୁରୁବ୍ୟତି-କ୍ରମଣାଧିକ୍ଷେପବଚନବିଚ୍ଛେଦାଦଭିରନୁଭାବୈରଭିନୟଃ ପ୍ରଯୋ-କ୍ତବ୍ୟଃ । (କ)

ଅତ୍ରାର୍ଯ୍ୟା ଭବତଃ—

ବିଦ୍ୟାବାପ୍ତେ ରୂପାଦୈଶ୍ୱର୍ଯ୍ୟାଦଥ ବା ଧନାଗମାଦ୍ୱାପି ।
ଗର୍ବଃ ଖଲୁ ନୀଚାନାଂ ଦୃଷ୍ଟ୍ୟଙ୍ଗବିଚାଳନୈଃ କାର୍ଯ୍ୟଃ ॥ ୬୮ ॥

ବିଷାଦୋ ନାମ— କାର୍ଯ୍ୟାନିସ୍ତରଣଦୈବବ୍ୟାପତ୍ତିସମୁତ୍ଥଃ । ତମଭିନୟେତ୍ ସହାୟାନ୍ୱେଷଣୋପାୟଚିନ୍ତନୋତ୍ସାହବିଘାତବୈମ-ନସ୍ୟନିଃଶ୍ୱସିତାଦିଭିରନୁଭାବୈରୁତ୍ତମମଧ୍ୟାନାମ୍ । ଅଧମାନାଂ ତୁ ପରିଧାବନାଲୋକନମୁଖଶୋଷଣସୃକ୍କପରିଲେହନନିଦ୍ରାନିଃଶ୍ୱସିତଧ୍ୟାନା-ଦିଭିରନୁଭାବୈଃ । (ଖ)

ବିଭ୍ରମ, ଉପହାସ, କର୍କଶ ବଚନ ପ୍ରୟୋଗ, ଗୁରୁଜନ ଅବମାନନା, ନିନ୍ଦାକରଣ (ଗାଳିଦେବା) ଅନୁଭାବ ପ୍ରଦର୍ଶନୀୟ । (କ)

ଏ ବିଷୟରେ ପ୍ରଚଳିତ ଥିବା ଆର୍ଯ୍ୟାର ଅର୍ଥ ହେଉଛି :—

ବିଦ୍ୟା, ଯୌବନ, ସୌନ୍ଦର୍ଯ୍ୟ (ରୂପ) ଐଶ୍ୱର୍ଯ୍ୟ (ପ୍ରଭୁତା) ଏବଂ ବହୁଧନ ପ୍ରାପ୍ତି ହେତୁ, ନୀଚ ପାତ୍ରମାନଙ୍କଠାରେ ଗର୍ବ ଉତ୍ପନ୍ନ ହୁଏ ତାହାର ଅଭିନୟକାଳରେ ଚକ୍ଷୁ ଓ ଶରୀରର ଚାଳନ ଦ୍ୱାରା ଗର୍ବ ସୂଚିତ କରା-ଯାଇଥାଏ ।୬୮ ।

ବିଷାଦ—ଆରବ୍ଧ କାର୍ଯ୍ୟର ପରିସମାପ୍ତି କରି ନପାରିଲେ ବା ଦୈବୀ ବିପତ୍ତି ପଡ଼ିଲେ ବିଷାଦ ଜାତ ହୁଏ । ଏଥିରେ ସହାୟ (ସାହାଯ୍ୟକାରୀ)କୁ ଖୋଜିବା (ଅନ୍ୟଠାରୁ ସାହାଯ୍ୟପାଇଁ ଅପେକ୍ଷା କରିବା) ଉପାୟ ଚିନ୍ତା କରିବା, ଉତ୍ସାହ ବିନାଶ ଘଟିବା, ଦୁଃଖିତ-ମନା ହେବା, ଉଚ୍ଚ ନିଃଶ୍ୱାସ ପକାଇବା ପ୍ରଭୃତି ଅନୁଭାବ ଉତ୍ତମ ଓ ମଧ୍ୟମ ପାତ୍ରମାନଙ୍କର ପ୍ରଦର୍ଶନୀୟ । ଅଧମ ପାତ୍ର ପକ୍ଷରେ ଏଣେତେଣେ ଧାଇଁବା, ଚାରିଆଡ଼କୁ ଚାହିଁବା, କଣ୍ଠ ତାଲୁ ଶୁଖିଯିବା, ଓଠକଡ଼କୁ ବାରମ୍ବାର ଚାଟିବା, ଶୋଇପଡ଼ିବା, ଉଚ୍ଚଭାବରେ ନିଃଶ୍ୱାସ ମାରିବା, ଚିନ୍ତାକରିବା ପ୍ରଭୃତି ଅନୁଭାବ ପ୍ରଦର୍ଶନୀୟ । (ଖ)

Digitized by srujanika@gmail.com

ଅତ୍ରାର୍ଯ୍ୟ ଶ୍ଳୋକୌ—

କାର୍ଯ୍ୟାନସ୍ତରଣାଦ୍‌ବା ଚୌର୍ଯ୍ୟାଭିଗ୍ରହଣରାଜଦୋଷାଦ୍‌ବା ।
ଦୈବାଦର୍ଥବିବର୍ତ୍ତୈର୍ଭବତି ବିଷାଦଃ ସଦା ପୁଂସାମ୍ ॥ ୬୯ ॥

ବୈଚିତ୍ର୍ୟୋପାୟଚିନ୍ତାଭ୍ୟାଂ କାର୍ଯ୍ୟମୁତ୍ତମମଧ୍ୟୟୋଃ ।
ନିଦ୍ରାନିଃଶ୍ୱସିତଧ୍ୟାନୈରଧମାନାଂ ତୁ ଯୋଜୟେତ୍ ॥ ୭୦ ॥

ଔତ୍ସୁକ୍ୟଂ ନାମ— ଇଷ୍ଟଜନବିୟୋଗାନୁସ୍ମରଣୋଦ୍ୟାନ-ଦର୍ଶନାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତସ୍ୟ ଦୀର୍ଘନିଃଶ୍ୱସିତାଧୋମୁଖବିଚିନ୍ତନନିଦ୍ରାତନ୍ଦ୍ରୀଶୟନାଭିଲାଷାଦିଭିରନୁଭାବୈରଭିନୟଃ ପ୍ରୟୋକ୍ତବ୍ୟଃ । (କ)

ଅତ୍ରାର୍ଯ୍ୟା ଭବତି—

ଏ ବିଷୟରେ ଗୋଟିଏ ଆର୍ଯ୍ୟା ଓ ଗୋଟିଏ ଶ୍ଳୋକ ଅଛି । ଏହି ଦୁଇଟିର ଅର୍ଥ ହେଉଛି ।

ଆରବ୍ଧ କାର୍ଯ୍ୟର ପରିସମାପ୍ତି ନଘଟିଲେ, ଚୌର୍ଯ୍ୟ ପ୍ରଭୃତି କର୍ମ କଲାବେଳେ ଧରାପଡ଼ିଲେ (ଶୌର୍ଯ୍ୟାଦି ବୋଲି ପାଠକଲେ) ବୀରତ୍ୱ ପ୍ରଦର୍ଶନ ପାଇଁ ଅବକାଶ ନପାଇଲେ ଏହି ଅର୍ଥ ହେବ) ରାଜା ବା ଶାସକ ନିକଟରେ ଅପରାଧୀ ରୂପେ ଗୃହୀତ ହେଲେ, ଅଭିଲଷିତ ବସ୍ତୁକୁ ଦୈବ ଯୋଗେ ନପାଇପାରିଲେ ବିଷାଦ ଉତ୍ପନ୍ନ ହୁଏ । ଏହାର ଅଭିନୟ ଉତ୍ତମ ଓ ମଧ୍ୟମ ପାତ୍ରଠାରେ ବିଚିତ୍ର ଉପାୟ ଓ ବିଚିତ୍ର ଚିନ୍ତା ପ୍ରଦର୍ଶନ ଦ୍ୱାରା ଏବଂ ନୀଚପାତ୍ର ଠାରେ ନିଦ୍ରା, ଦୀର୍ଘ ନିଃଶ୍ୱାସ କ୍ଷେପଣ ଓ ଧ୍ୟାନ ପ୍ରଦର୍ଶନ ଦ୍ୱାରା କରଣୀୟ । । ୬୯-୭୦ ।

ଔତ୍ସୁକ୍ୟ—ପ୍ରିୟ ବ୍ୟକ୍ତିର ବିୟୋଗ, ଅନୁସ୍ମରଣ (କାହାର ପୂର୍ବାନୁଭୂତ ଗୁଣ କିମ୍ବାକୁ ମନେ ପକାଇବା) ଓ ଉଦ୍ୟାନାଦି (ଉଦ୍ଦୀପକ) ଦର୍ଶନ ଯୋଗେ ଔତ୍ସୁକ୍ୟ ଜାତ ହୁଏ । ଏହାର ଅଭିନୟ ଦୀର୍ଘ ନିଃଶ୍ୱାସ ପ୍ରକ୍ଷେପ, ମୁଖତଳକୁ କରି ଚିନ୍ତାମଗ୍ନ ହେବା, ନିଦ୍ରା, ତନ୍ଦ୍ରା, ଶୟନ ଓ ଅଭିଲାଷ ପ୍ରଭୃତି ଅନୁଭାବ ଦ୍ୱାରା କରଣୀୟ । (କ)

ଏ ବିଷୟରେ ଥିବା ଆର୍ଯ୍ୟାଟିର ଅର୍ଥ ହେଉଛି :—

Digitized by srujanika@gmail.com

ଇଷ୍ଟଜନସ୍ୟ ବିଯୋଗାଦୌତ୍ସୁକ୍ୟଂ ଜାୟତେ ହ୍ୟନୁଷ୍ଟଚ୍ୟା ।
ଚିନ୍ତାନିଦ୍ରାଧୃତୀ ଗାତ୍ରଗୁରୁତ୍ୱେ ରଭିନୟେଽସ୍ୟ ॥ ୭୧ ॥

ନିଦ୍ରା ନାମ— ଦୌର୍ବଲ୍ୟଶ୍ରମକ୍ଲମମଦାଲସ୍ୟଚିନ୍ତାତ୍ୟାହାର-ସ୍ୱଭାବାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତାମଭିନୟେଦ୍ବଦନ-ଗୌରବଶରୀରବଲୋକନନେତ୍ରଘୂର୍ଣ୍ଣନଗାତ୍ରବିଜୃମ୍ଭଣମାନ୍ଦ୍ୟୋଚ୍ଛ୍ୱସିତ-ସନ୍ନଗାତ୍ରତାକ୍ଷିନିମୀଲନଦିଭିରନୁଭାବୈଃ । (କ)

ଅତ୍ରାର୍ଯେ ଭବତଃ—

ଆଲସ୍ୟାଦ୍ଦୌର୍ବଲ୍ୟାତ୍କ୍ଲମାଚ୍ଛ୍ରମାଚ୍ଚିନ୍ତନାତ୍ସ୍ୱଭାବାଚ୍ଚ ।
ରାତ୍ରୌ ଜାଗରଣାଦପି ନିଦ୍ରା ପୁରୁଷସ୍ୟ ସମ୍ଭବତି ॥ ୭୨ ॥

ପ୍ରିୟ ବ୍ୟକ୍ତିର ବିୟୋଗ ବା ଅଭିଳଷିତ ବସ୍ତୁର ବିନାଶ ଏବଂ ଅନୁସରଣ ଯୋଗେ ଔତ୍ସୁକ୍ୟ ଜାତ ହୁଏ । ଏହାର ଅଭିନୟରେ ଚିନ୍ତା, ନିଦ୍ରା, (ଢୁଳେଇବା) ଶରୀରର ଗୁରୁତା (ଭାରି ଭାରି ବୋଧ ହେବା) ପ୍ରଭୃତି ପ୍ରଦର୍ଶନୀୟ । ୭୧ ।

ନିଦ୍ରା—ଦୁର୍ବଳତା, ପରିଶ୍ରମ, ମଦ, (ନିଶାଧରିବା) ଆଳସ୍ୟ, ଚିନ୍ତା ଅଧିକ ଭୋଜନ ହେତୁ ଓ ସ୍ୱଭାବବଶତଃ ନିଦ୍ରା ଉତ୍ପନ୍ନ ହୁଏ । ନିଦ୍ରା :— ଆଖିବୁଜି ଶୋଇବା, ତନ୍ଦ୍ରା— ଢୁଳେଇବା, ଶୟନ ହାତ ଗୋଡ଼ ଲମ୍ବାଇ ପଡ଼ିରହିବା ।) ତାହାର ଅଭିନୟ, ମୁଖରେ ଗୌରବ (ଢଳଢଳିବା ଅର୍ଥାତ୍ ମୁହଁର ଭାର ବହିଲାପରି ତଳେ ତଳେ ତଳଆଡ଼କୁ ଓହଳି ପଡ଼ିବା) ଦେହ ହାତ ମୋଡ଼ ଭାଙ୍ଗିବା, ଆଖି ଘୂରିବା (ତୋଳା ବୁଲେଇବା) ହାଇ ମାରିବା, ଦେହ ମର୍ଦ୍ଦନ କରିବା, (ଫୁଁ ଫୁଁ) ନିଶ୍ୱାସ ପକାଇବା, ଶରୀରର ଅବସନ୍ନତା (ହାତ ଗୋଡ଼ ନ ଉଠିବା) ଆଖି ବୁଜିହେବା, ସମ୍ମୋହିତ ହେବା ପ୍ରଭୃତି ଅନୁଭାବମାନଙ୍କର ପ୍ରଦର୍ଶନ ଦ୍ୱାରା କରଣୀୟ । (କ)

ଏ ସମ୍ପର୍କରେ ଦୁଇଟି ଆର୍ଯ୍ୟା ଅଛି । ତାହାର ଅର୍ଥ ହେଉଛି :—

ଆଳସ୍ୟ, ଦୌର୍ବଲ୍ୟ, ବାଟଚାଲିବା, ପରିଶ୍ରମ, ଚିନ୍ତାହେତୁ, ସ୍ୱଭାବ ବଶତଃ ତଥା ରାତିରେ ଜେଗେଇ ରହିଲେ ମନୁଷ୍ୟଠାରେ ନିଦ୍ରା ଜାତ ହୁଏ ।୭୨।

Digitized by srujanika@gmail.com

ତାଂ ମୁଖଗୌରବଗାତ୍ରପ୍ରତନେଲନନୟନମୀଳନଜଡ଼ତ୍ୱୈଃ ।
ଜୃମ୍ଭଣଗାତ୍ରବିମର୍ଦ୍ଦୈରନୁଭାବୈରଭିନୟେତ୍ ପ୍ରାଜ୍ଞଃ ॥ ୭୩ ॥

ଅପସ୍ମାରୋ ନାମ— ଦେବଯକ୍ଷନାଗବ୍ରହ୍ମରାକ୍ଷସଭୂତପ୍ରେତପିଶାଚଗ୍ରହଣାନୁସ୍ମରଣୋଚ୍ଛିଷ୍ଟଶୂନ୍ୟାଗାରସେବନାଶୁଚିକାଲାନ୍ତରାପରପତନବ୍ୟାଧ୍ୟାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତସ୍ୟ ସ୍ଫୁରିତନିଃଶ୍ୱସିତୋତ୍କମ୍ପିତଧାବନପତନସ୍ୱେଦସ୍ତମ୍ଭନବଦନଫେନଜିହ୍ୱାପରିଲେହନାଦିଭିରନୁଭାବୈରଭିନୟଃ ପ୍ରୟୋକ୍ତବ୍ୟଃ । (କ)

ଅତ୍ରାର୍ଯ୍ୟେ ଭବତଃ—

ଭୂତପିଶାଚଗ୍ରହଣାନୁସ୍ମରଣୋଚ୍ଛିଷ୍ଟଶୂନ୍ୟଗୃହଗମନାତ୍ ।
କାଳାନ୍ତରାତିପାତାଦଶୁଚେଶ୍ଚ ଭବତ୍ୟପସ୍ମାରଃ ॥ ୭୪ ॥

ଏହାର ଅଭିନୟ ମୁଖ ଓ ଦେହର ଗୁରୁତା, ନେତ୍ରର ମୁଦ୍ରଣ (ମୁଦହେବା) ଓ ଉନ୍ମୀଳନ (ଖୋଲା ହେବା) ଜଡ଼ତ୍ୱ (ସ୍ଥିର ରହିବା) ହାଇ ମାରିବା, ହାତଗୋଡ଼ ମୋଡ଼ିବା ପ୍ରଭୃତି ଅନୁଭାବଗଣଙ୍କର ପ୍ରଦର୍ଶନ ଦ୍ୱାରା ସମ୍ପାଦନୀୟ । ୭୩ ।

ଅପସ୍ମାର— ଏହା ଦେବ, ନାଗ, ଯକ୍ଷ, ରାକ୍ଷସ, ପିଶାଚ ପ୍ରଭୃତିଙ୍କ ଦ୍ୱାରା ଗୃହୀତ ହେଲେ (ଏମାନଙ୍କ ମଧ୍ୟରୁ କେହି ଲାଗିଲେ ଅର୍ଥାତ୍ ଭୂତ ଗ୍ରାସ କଲେ) ସେମାନଙ୍କର କଥା ଅନୁସ୍ମରଣ କଲେ (ମନେ ପକାଇ ଚିନ୍ତା କଲେ) କାହାର ଅଇଁଠା ଖାଇଲେ କିମ୍ବା ବହୁ ଦିନରୁ ପରିତ୍ୟକ୍ତ ଘରେ ଶୋଇଲେ, ଅଶୁଚି ପଦାର୍ଥ ଭୋଗକଲେ, (ପାନ ଭୋଜନରେ ନିୟମ ରକ୍ଷା ନକଲେ) (କାନ୍ତାର) ଜନ ଶୂନ୍ୟ ମାର୍ଗରେ ଗତି କଲେ, ବାତ ପିତ୍ତ କଫ ନାମକ ଧାତୁ ଗୁଡ଼ିକ ବିଷମ ହେଲେ ଅପସ୍ମାରର ଉତ୍ପତ୍ତି ଘଟେ । ଶରୀର କମ୍ପାଇବା, ଦୀର୍ଘଶ୍ୱାସ ପକାଇବା, ଏଣେ ତେଣେ ଧାଇଁବା, ପଡ଼ିଯିବା, ଝାଳ ବୋହିବା, ମୁହଁରୁ ଫେଣ ବାହାରିବା, ଥକ୍କା ହୋଇ ବସିବା, ଜିଭ ପଦାକୁ ବାହାର କରିବା ପ୍ରଭୃତି ଅନୁଭାବ ଦ୍ୱାରା ଏହାର ଅଭିନୟ କରାଯାଏ । (କ)

ଏ ସମ୍ପର୍କରେ ଦୁଇଟି ଆର୍ଯ୍ୟା ଅଛି, ତାହାର ଅର୍ଥ—

ଭୂତ ବା ପିଶାଚର ନାମ ରୂପାଦି ମନରେ ପଡ଼ିଗଲେ କିମ୍ବା ସେମାନଙ୍କ ଦ୍ୱାରା ଗ୍ରସ୍ତ ହେଲେ, ଉଚ୍ଛିଷ୍ଟ (ଅଇଁଠା) ଭୋଜନ କଲେ, ପରିତ୍ୟକ୍ତ ଗୃହରେ ବାସ କଲେ (ଅନୁଚ୍ଛିଷ୍ଟ) ଶୂନ୍ୟ ଗୃହ " ବୋଲି ପାଠ କଲେ "କେହି

Digitized by srujanika@gmail.com

ସହସା ଭୂମୌ ପତନଂ ପ୍ରବେପନଂ ବଦନଫେନମୋକ୍ଷଶ୍ଚ ।
ନିଃସଂଜ୍ଞସ୍ୟୋତ୍ଥାନଂ ହ୍ୟୁପାଣ୍ଡ୍ୱ୍ୟେତାନ୍ୟପସ୍ମାରେ ॥ ୭୫ ॥

ସୁପ୍ତଂ ନାମ— ନିଦ୍ରାଭିଭବଃ, ଇନ୍ଦ୍ରିୟବିଷୟୋପଗମନ-ମୋହନକ୍ଷିତିତଳଶୟନପ୍ରସାରଣାନୁକର୍ଷଣାଦିଭିର୍ବିଭାବୈଃ ସମୁତ୍ପ-ଦ୍ୟତେ । ନିଦ୍ରାସମୁତ୍ଥଂ ତଦୁଚ୍ଛ୍ୱସିତସନ୍ନଗାତ୍ରାକ୍ଷିନିମୀଲନସର୍ବେନ୍ଦ୍ରିୟ-ସମ୍ମୋହନୋତ୍ସ୍ୱପ୍ନାୟିତାଦିଭିରନୁଭାବୈରଭିନେୟତ୍ । (କ)

ଅତ୍ରାର୍ଯ୍ୟେ ଭବତଃ—

ନିଦ୍ରାଭିଭବେନ୍ଦ୍ରିୟୋପରମଣସମ୍ମୋହନୈର୍ଭବେତ୍ ସୁପ୍ତମ୍ ।
ଅକ୍ଷିନିମୀଳୋଚ୍ଛ୍ୱସନୈଃ ସ୍ୱପ୍ନାୟିତଜଳ୍ପିତୈଃ କାର୍ଯ୍ୟଃ ॥ ୭୬ ॥

କେବେ ଯେଉଁଠାରେ ଜନ୍ତୁ ନଥାଏ ସେ ଭଳି ଶୂନ୍ୟ ଗୃହରେ ବାସ କଲେ" ଏହି ଅର୍ଥ ହେବ । ଯଥା କାଳରେ ନିର୍ଦ୍ଦିଷ୍ଟ (ଶୟନ ଭୋଜନାଦି) କାର୍ଯ୍ୟ ନକଲେ (କାମ୍ୟାର ଏହା ପାଠ କଲେ, ଉଚିତ ମାର୍ଗ ଅତିକ୍ରମ କଲେ ଏହି ଅର୍ଥ ହୋଇପାରେ) ଶୌଚ ବିଧି ପାଳନ ନକରୁ ଥିବା ଲୋକର ଅପସ୍ମାର ଜାତ ହୁଏ । ଏଥିରେ ହଠାତ୍ ଭୂଇଁରେ ପଡ଼ିଯିବା, ଥରିବା, ମୁହଁ ବାଟେ ଫେଣ ବାହାରିବା, ସଂଜ୍ଞାଶୂନ୍ୟ ହୋଇ ପଡ଼ି ରହିବା ଏହି ଲକ୍ଷଣ ଗୁଡ଼ିକ ଦେଖା ଦିଅନ୍ତି । ୭୪-୭୫ ।

ସୁପ୍ତ— ଏହା ନିଦ୍ରା ବ୍ୟାଘାତ, ଇନ୍ଦ୍ରିୟ ଗ୍ରାହ୍ୟ ବସ୍ତୁର ଭୋଗ, ମୋହନ, ଭୂମିରେ ଶଯ୍ୟାର ବିସ୍ତାରଣ, ଶେଯକୁ ଟାଣିନେବା ପ୍ରଭୃତି କାରଣରୁ ଉତ୍ପନ୍ନ ହୁଏ । ଏହାର ଅଭିନୟରେ (ଉଚ୍ଛ୍ୱସିତ, ନିଃଶ୍ୱସିତ) ବଡ ଯୋଏଁ ଶ୍ୱାସନେବା ଓ ଛାଡ଼ିବା, ଆଖିବୁଜି ନିଶ୍ଚେଷ୍ଟ ଭାବେ ପଡ଼ିରହିବା, ଇନ୍ଦ୍ରିୟ ମାନଙ୍କର ଗ୍ରହଣ-ଶକ୍ତି ହରାଇବା ପ୍ରଭୃତି ଅନୁଭାବ ପ୍ରଦର୍ଶନୀୟ । ଆହୁରି ମଧ୍ୟ ଏଥିରେ ସ୍ୱପ୍ନଦର୍ଶନ ପ୍ରଦର୍ଶିତ ହୁଏ । (କ)

ଏ ବିଷୟରେ ଥିବା ଆର୍ଯ୍ୟା ଦୁଇଟିର ଅର୍ଥ ହେଉଛି—

ନିଦ୍ରା ଆସିବା, ଇନ୍ଦ୍ରିୟଗ୍ରାହ୍ୟ ବସ୍ତୁର ଉପଭୋଗ ଓ ମୋହ ଦ୍ୱାରା ସୁପ୍ତି ଜାତ ହୁଏ । ଆଖି ବନ୍ଦ କରିବା, ନିଃଶ୍ୱାସ ନେବା ଓ ସ୍ୱପ୍ନରେ କଥାବାର୍ତ୍ତା ହେବା

Digitized by srujanika@gmail.com

ଚୋଚ୍ଛ୍ୱାସୈର୍ନିଃଶ୍ୱାସୈର୍ମନ୍ଦାକ୍ଷିନିମୀଲନେନ ନାଶ୍ଚେଷ୍ଟୈଃ ।
ସର୍ବେନ୍ଦ୍ରିୟସମ୍ମୋହାତ୍ ସୁପ୍ତଂ ସ୍ୱପ୍ନୈଶ୍ଚ ଯୁଞ୍ଜୀତ ॥ ୭୭ ॥

ବିବୋଧୋ ନାମ— ଆହାରପରିଣାମନିଦ୍ରାଚ୍ଛେଦସ୍ୱପ୍ନାନ୍ତ-ତୀବ୍ରଶବ୍ଦସ୍ପର୍ଶଶ୍ରବଣାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତମଭିନୟେଜ୍ଜୃ-ମ୍ଭଣାକ୍ଷିପରିମର୍ଦନଶୟନମୋକ୍ଷଣାଦିଭିରନୁଭାବୈଃ । (ଢ)

ଅତ୍ରାର୍ଯା ଭବତି—

ଆହାରବିପରିଣାମାଚ୍ଛବ୍ଦସ୍ପର୍ଶାଦିଭିଶ୍ଚ ସମ୍ଭୂତଃ ।
ପ୍ରତିବୋଧସ୍ତ୍ୱଭିନେୟୋ ଜୃମ୍ଭଣବଦନାକ୍ଷିପରିମର୍ଦୈଃ ॥ ୭୮ ॥

ଅମର୍ଷୋ ନାମ— ବିଦ୍ୟୈଶ୍ୱର୍ଯ୍ୟବଳାଧିକୈରଧିକ୍ଷିପ୍ତସ୍ୟାବ-ମାନିତସ୍ୟ ବା ସମୁତ୍ପଦ୍ୟତେ । ତମଭିନୟେଚ୍ଛିରଃକମ୍ପନପ୍ରସ୍ୱେ-

---

କାର୍ଯ୍ୟ ପ୍ରଦର୍ଶିତ ହୁଏ । ଅଧିକ ଭାବରେ ନିଃଶ୍ୱାସ ନେବା ଓ ଛାଡ଼ିବା, ଆଖି ବୁଜି ପଡ଼ି ରହିବା, ଇନ୍ଦ୍ରିୟ ମାନଙ୍କର ଗ୍ରହଣ ଶକ୍ତି ହରାଇବା ଓ ସ୍ୱପ୍ନ, ପ୍ରଦର୍ଶିତ ହୁଏ । ୭୬-୭୭ ।

ବିବୋଧ— ଏହା ନିଦ ଭାଙ୍ଗି ଯିବା, ଖାଦ୍ୟ ଦ୍ରବ୍ୟ ହଜମ ହୋଇ-ଯିବା, କର୍କଶ ଶବ୍ଦ ବା ଭୀଷଣ ରୂପ ପ୍ରଭୃତି ଦୁଃସ୍ୱପ୍ନ ଦେଖିବା, ହେତୁ 'ବିବୋଧ' ଜାତ ହୁଏ । ହାଇ ମାରିବା, ଆଖି ମଳିବା, ଶେଯରୁ ଉଠି ବସିବା, ଦେହ-ମୋଡ଼ିବା, ହାତଛିଟିବା, ଆଙ୍ଗୁଠି ଫୁଟାଇବା ପ୍ରଭୃତି ଅନୁଭାବ ଦ୍ୱାରା ଏହାର ଅଭିନୟ ପ୍ରଦର୍ଶନୀୟ । (କ)

ଏହି ବିଷୟରେ ଥିବା ଆର୍ଯ୍ୟାଟିର ଅର୍ଥ ହେଉଛି—

ଖାଦ୍ୟ ହଜମ ହୋଇଗଲେ (ପେଟ ଖାଲି ହୋଇଗଲେ) କୌଣସି ଶବ୍ଦ ଶୁଣାଗଲେ ବା କେହି ସ୍ପର୍ଶ କଲେ 'ପ୍ରତିବୋଧ' ଜାତ ହୁଏ । ଏହାର ଅଭିନୟ, ହାଇ ମାରିବା, ଦେହ ମୋଡ଼ିବା, ମୁହଁ ଓ ଆଖି ମଳିବା ପ୍ରଭୃତି ଅନୁଭାବ ଦ୍ୱାରା ପ୍ରଦର୍ଶିତ ହୁଏ । ୭୮ ।

ଅମର୍ଷ— ବିଦ୍ୟା, ଐଶ୍ୱର୍ଯ୍ୟ, ବଳ ଏବଂ ଧନର ଆଧିକ୍ୟ ହେତୁ ଯଦି କେହି ଅନ୍ୟକୁ ନିନ୍ଦା କରେ ତେବେ ସେହି ନିନ୍ଦିତ ବା ଅପମାନିତ ବ୍ୟକ୍ତି-ଠାରେ ଏହା ଜାତ ହୁଏ । ମସ୍ତକର ଆନ୍ଦୋଳନ, ସ୍ୱେଦ (ଝାଳ ବୋହିବା)

Digitized by srujanika@gmail.com

ଦନାଧୋମୁଖଚିନ୍ତନଧ୍ୟାନାଧ୍ୟବସାୟୋପାୟସନ୍ଧାୟାନ୍ୱେଷଣାଦିଭିରନୁ-ଭାବୈଃ । (କ)

ଅତ୍ର ଶ୍ଲୋକୌ—

ଅକ୍ଷିପ୍ତାନାଂ ସଭାମଧ୍ୟେ ବିଦ୍ୟାଶୌର୍ଯ୍ୟବଳାଧିକୈଃ ।
ନୃଣାମୁତ୍ସାହସଂଯୋଗାଦମର୍ଷୋ ନାମ ଜାୟତେ ॥ ୭୯ ॥
ଉତ୍ସାହାଧ୍ୟବସାୟାଭ୍ୟାମଧୋମୁଖବିଚିନ୍ତନୈଃ ।
ଶିରଃପ୍ରକମ୍ପସ୍ୱେଦାଦ୍ୟୈସ୍ତଂ ପ୍ରୟୁଞ୍ଜୀତ ପଣ୍ଡିତଃ ॥ ୮୦ ॥

ଅବହିତ୍ଥଂ ନାମ— ଆକାରପ୍ରଚ୍ଛାଦନାତ୍ମକମ୍ । ତଚ୍ଚ ଲଜ୍ଜା-ଭୟାପଜୟଗୌରବଜୈହ୍ମ୍ୟାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତସ୍ୟା-ନ୍ୟଥାକଥନାବଲୋକିତକଥାଭଙ୍ଗକୃତକଧୈର୍ଯ୍ୟାଦିଭିରନୁଭାବୈରଭି-ନୟଃ ପ୍ରଯୋକ୍ତବ୍ୟଃ । (ଖ)

ମୁଖ ତଳକୁ କରି ଚିନ୍ତା କରିବା, ଅଧ୍ୟବସାୟ (ଦୃଢ଼ପ୍ରତିଜ୍ଞା) ଧ୍ୟାନ, ଉପାୟର ଅନୁସନ୍ଧାନ, (ଅନ୍ୟ ମତରେ ମାର୍ଗ, ସାହାଯ୍ୟକାରୀ ଓ ଉପାୟର ଅନ୍ୱେଷଣ) ପ୍ରଭୃତି ଅନୁଭାବ ଦ୍ୱାରା ଏହାର ଅଭିନୟ ପ୍ରଦର୍ଶନୀୟ । (କ)

ଏ ବିଷୟରେ ଦୁଇଟି ଶ୍ଲୋକ ଅଛି । ତାହାର ଅର୍ଥ ହେଉଛି—

ଅଧିକ ବିଦ୍ୱାନ୍, ଅଧିକ ଧନଶାଳୀ କିମ୍ବା ଅଧିକ ବଳବାନ୍ ବ୍ୟକ୍ତି କର୍ତ୍ତୃକ ସଭା ମଧ୍ୟରେ କେହି ନିନ୍ଦିତ ହେଲେ ସେହି ନିନ୍ଦିତ ବ୍ୟକ୍ତିର ଉତ୍ସାହ ସହକାରେ 'ଅମର୍ଷ' (ସହି ନପାରିବା) ଜାତ ହୁଏ । ୭୯ ।

ଏଥିରେ ନିନ୍ଦିତ ବ୍ୟକ୍ତିର ଉତ୍ସାହ ଓ ଅଧ୍ୟବସାୟ ଜାତ ହୁଏ । ସେ ମୁଖ ତଳକୁ କରି ଚିନ୍ତା କରେ । ମସ୍ତକ ଆନ୍ଦୋଳିତ ହେବା, ଝାଳ ବୋହିବା ପ୍ରଭୃତି ମଧ୍ୟ ତାହା ଠାରେ ଦେଖାଯାଏ । ଏହି ଅନୁଭାବ ମାନଙ୍କର ପ୍ରଦର୍ଶନ ଦ୍ୱାରା 'ଅମର୍ଷ' ଅଭିନୀତ ହୋଇଥାଏ । ୮୦ ।

ଅବହିତ୍ଥ — ନିଜର ଆକାରକୁ ଗୋପନ କରିବାର ନାମ ଅବହିତ୍ଥ । ଏହା ଲଜ୍ଜା, ଭୟ, ପରାଜୟ, ଗୌରବ, କୁଟିଳତା ପ୍ରଭୃତି ବିଭାବ ଯୋଗେ ଉତ୍ପନ୍ନ ହୁଏ । ଅନ୍ୟ ପ୍ରକାରରେ କଥା କହିବା (ସ୍ୱାଭାବିକ ଗତିରେ ନକହିବା) ନ ଚାହିଁବା, କଥା କହୁ କହୁ ବନ୍ଦ ହୋଇଯିବା, କୃତ୍ରିମଧୈର୍ଯ୍ୟ ପ୍ରଭୃତି ଅନୁଭାବ ଦ୍ୱାରା ଏହା ଅଭିନେୟ (ଖ)

Digitized by srujanika@gmail.com

ଅଥ ଶ୍ଳୋକୋ ଭବତି—

ଧାର୍ଷ୍ଟ୍ୟଜୈହ୍ମ୍ୟାଦିସମ୍ଭୂତମବହିତ୍ଥଂ ଭୟାତ୍ମକମ୍ ।
ଅଭାଗଣନୟା କାର୍ଯଂ ନାତିଗୈର୍ଭରଭାଷଣାତ୍ ॥ ୮୧ ॥

ଉଗ୍ରତା ନାମ— ଚୌର୍ଯାଭିଗ୍ରହଣନୃପାପରାଧାସତ୍ପ୍ରଲାପାଦିଭ-
ର୍ବିଭାବୈଃ ସମୁତ୍ପଦ୍ୟତେ । ତାଂ ଚ ବଧବନ୍ଧନତାଡ଼ନନିର୍ଭତ୍ସନା-
ଦିଭିରନୁଭାବୈରଭିନୟେତ୍ । (କ)

ଅତ୍ରାର୍ଯା ଭବତି—

ଚୌର୍ଯାଭିଗ୍ରହଣକୃତା ନୃପାପରାଧାଦଥୋଗ୍ରତା ଭବତି ।
ବଧବନ୍ଧତାଡ଼ନାଦିଭିରନୁଭାବୈରଭିନୟସ୍ତସ୍ୟାଃ ॥ ୮୨ ॥

ମତିର୍ନାମ— ନାନାଶାସ୍ତ୍ରଚିନ୍ତନୋହାପୋହାଦିଭିର୍ବିଭାବୈଃ

ଏ ବିଷୟରେ ଥିବା ଶ୍ଳୋକର ଅର୍ଥ ହେଉଛି —

ଧୃଷ୍ଟତା, କୁଟିଳତା ପ୍ରଭୃତିରୁ ଅବହିତ୍ଥ ଉତ୍ପନ୍ନ ହୁଏ । ଏହା ଭୟର ଉତ୍ପାଦକ । ଏଥିରେ କୌଣସି କଥା ପ୍ରତି ଭ୍ରୂକ୍ଷେପ ନକରିବା (ଖାତିର ନକରିବା) ଅନ୍ୟ ପ୍ରକାରେ ଉତ୍ତର ପ୍ରଦାନ କରିବା ପ୍ରଭୃତି ଅନୁଭାବ ପ୍ରଦର୍ଶନୀୟ । ୮୧ ।

ଉଗ୍ରତା—ଚୋର ଧରା ପଡ଼ିବା, ରାଜଦ୍ରୋହ ଓ ଅସତ୍ ଆଳାପ (ଅସାଧୁ ଭାବେ ଅଫବନ୍ଧ ଭାଷା ପ୍ରୟୋଗ କରିବା) ପ୍ରଭୃତି ବିଭାବ ଯୋଗେ ଉଗ୍ରତା ଜାତ ହୁଏ । ଏହାର ଅଭିନୟ ବଧ, ବନ୍ଧନ, ତାଡ଼ନ, (ପ୍ରହାର କରିବା) ଓ ନିର୍ଭର୍ତ୍ସନ (ଗାଳି ଗୁଲଜ କରିବା) ପ୍ରଭୃତି ଅନୁଭାବ ଦ୍ୱାରା ପ୍ରଦର୍ଶନୀୟ । (କ)

ଏ ବିଷୟରେ ଥିବା ଆର୍ଯ୍ୟାଟିର ଅର୍ଥ ହେଉଛି—

ଚୋରି ଧରା ପଡ଼ିବା, ଚୋରକୁ ବାଟ ଓଗାଳିବା, ରାଜଦ୍ରୋହ କରିବା ପ୍ରଭୃତି କାରଣରୁ ଉଗ୍ରତା ଜନ୍ମେ । ବଧ, ବନ୍ଧନ ଓ ତାଡ଼ନ ପ୍ରଭୃତି ଅନୁଭାବ ଦ୍ୱାରା ଏହାର ଅଭିନୟ କରାଯାଏ । ୮୨ ।

ମତି—ଅନୁକୂଳ ଓ ପ୍ରତିକୂଳ ଯୁକ୍ତି ପ୍ରତିଯୁକ୍ତି ସହ ନାନା ଶାସ୍ତ୍ରର ଆଲୋଚନା କଲେ ମତି ଉତ୍ପନ୍ନ ହୁଏ । ଶିଷ୍ୟ ପ୍ରତି ଉପଦେଶ, ଅର୍ଥ (ଭାବ)

Digitized by srujanika@gmail.com

ସମ୍ଭବତ୍ୟପଦ୍ୟତେ । ତାମଭିନୟେଚ୍ଛିଷ୍ୟୋପଦେଶାର୍ଥବିକଳ୍ପନସଂଶୟ-ଚ୍ଛେଦାଦିଭିରନୁଭାବୈଃ । (କ)

ଭବତି ଚାତ୍ର ଶ୍ଲୋକଃ—

ନାନାଶାସ୍ତ୍ରାର୍ଥବୋଧେନ ମତିଃ ସଂଜାୟତେ ନୃଣାମ୍ ।
ଶିଷ୍ୟୋପଦେଶାର୍ଥକୃତସ୍ତସ୍ୟାସ୍ତ୍ୱଭିନୟୋ ଭବେତ୍ ॥ ୮୩ ॥

ବ୍ୟାଧିର୍ନାମ— ବାତପିତ୍ତକଫସନ୍ନିପାତପ୍ରଭବଃ । ତସ୍ୟ ଜ୍ୱରାଦୟୋ ବିଶେଷାଃ । ଜ୍ୱରସ୍ତୁ ଦ୍ୱିବିଧଃ, ସଶୀତଃ ସଦାହଶ୍ଚ । ତତ୍ର ସଶୀତୋ ନାମ— ପ୍ରବେପିତସର୍ବାଙ୍ଗୋତ୍କମ୍ପନନିକୁଞ୍ଚନାଗ୍ନ୍ୟଭିଳାଷରୋମାଞ୍ଚହନୁଚଳନନାସାବିକୂଣନମୁଖଶୋଷଣପରିଦେବିତାଦିଭିରନୁଭାବୈରଭିନୟେତ୍ । ସଦାହୋ ନାମ ବିକ୍ଷିପ୍ତାଙ୍ଗକରଚରଣଭୂମ୍ୟଭିଲଷାନୁଲେପନଶୀତାଭିଲାଷପରିଦେବନମୁଖଶୋଷୋତ୍କ୍ରୁଷ୍ଟାଦିଭିରନୁ-

---

ର ଗ୍ରହଣ, ସଂଶୟ ଛେଦନ ପ୍ରଭୃତି ଅନୁଭାବ ଦ୍ୱାରା ଏହାର ଅଭିନୟ ପ୍ରଦର୍ଶନୀୟ (କ)

ଏ ବିଷୟରେ ପ୍ରଚଳିତ ଥିବା ଶ୍ଲୋକର ଅର୍ଥ ହେଉଛି —

ନାନା ଶାସ୍ତ୍ର (ଆଲୋଚନା)ରୁ ମତି ଉତ୍ପନ୍ନ ହୁଏ । ଶିଷ୍ୟ ପ୍ରତି ଉପଦେଶ ଓ ଅର୍ଥକରଣ ପ୍ରଭୃତି ଦ୍ୱାରା ଏହାର ଅଭିନୟ ପ୍ରଦର୍ଶିତ ହୁଏ ।୮୩।

ବ୍ୟାଧି :— ବାତ, ପିତ୍ତ ଓ କଫ ଏହି ତିନି ଧାତୁ ଏକ କାଳରେ ପରିବର୍ଦ୍ଧିତ ହେଲେ ବ୍ୟାଧି ଜାତ ହୁଏ । ଜ୍ୱର ପ୍ରଭୃତି ଭେଦରେ ତାହା ଅନେକ ପ୍ରକାର । ଜ୍ୱର ମଧ୍ୟ ସଶୀତ ଓ ସଦାହ ଭେଦରେ ଦୁଇପ୍ରକାର । ସଶୀତ ଜ୍ୱରର ଅଭିନୟରେ ସର୍ବାଙ୍ଗ ଥରିବା, କମ୍ପପ୍ରଭାବରେ କାକଜୁକ ହୋଇ କୁଜା ହୋଇଯିବା, ହନୁ ଚଳିବା (ଦାନ୍ତ ପାଟି ଥରି ଠକ୍ ଠକ୍ ହେବା) ନାସା କୁଞ୍ଚାଇବା (ନାକ ଟେକିବା) କଣ୍ଠ ଓ ତାଳୁକା ଶୁଖିଯିବା, ରୋମାଞ୍ଚ ଜାତ ହେବା, ଆଖିରେ ଲୁହ ଦେଖାଦେବା, ବହୁତ (ଗୁଣୁ ଗୁଣୁ ହୋଇ) କାନ୍ଦିବା ପ୍ରଭୃତି ଅନୁଭାବ ପ୍ରଦର୍ଶନୀୟ । ସଦାହ (ତାତି ଜ୍ୱର) ରେ ଘୋଡ଼ହେବା ଲୁଗାକୁ କାଢ଼ି ଫୋପାଡ଼ି ଦେବା, ହାତ ଗୋଡ଼ ଛାଟିବା, ଭୂଇଁରେ ଗଡ଼ିବାକୁ ମନ ବଳାଇବା, ଥଣ୍ଡା ଦ୍ରବ୍ୟ ଦେହରେ ବୋଳିବାକୁ ଇଚ୍ଛା କରିବା, ଗୁଣୁ ଗୁଣୁ ହୋଇ କାନ୍ଦିବା ଓ ଉଚ୍ଚ ପାଟିରେ କାନ୍ଦିବା ବା ଡାକିବା ପ୍ରଭୃତି ଅନୁଭାବ ଦ୍ୱାରା ଅଭିନୟ ପ୍ରଦର୍ଶନୀୟ ।

Digitized by srujanika@gmail.com

ସ୍ତବ୍ଧୈଃ । ଯେ ଗୃନ୍ୟେ ବ୍ୟାଧୟସ୍ତେଽପି କେଲୁ ମୁଖବିକୂଣଗାତ୍ରସ୍ତମ୍ଭ-ସ୍ତାକ୍ଷିନିଃଶ୍ୱସନସ୍ତନିତୋତ୍କ୍ରୁଷ୍ଟବେପନାଦିଭିରନୁଭାବୈରଭିନେୟାଃ । (କ)

ଅତ୍ର ଶ୍ଳୋକୋ ଭବତି—

ସାମାନ୍ୟତସ୍ତୁ ବ୍ୟାଧୀନାଂ କର୍ତ୍ତବ୍ୟୋଽଭିନୟୋ ବୁଧୈଃ ।
ସ୍ରସ୍ତାଙ୍ଗଗାତ୍ରବିକ୍ଷେପୈସ୍ତଥା ମୁଖବିକୂଣନୈଃ ॥ ୮୪ ॥

ଉନ୍ମାଦୋ ନାମ— ଇଷ୍ଟଜନବିଯୋଗବିଭବନାଶାଭିଘାତ-ବାତପିତ୍ତଶ୍ଳେଷ୍ମପ୍ରକୋପାଦିଭିର୍ବିଭାବୈଃ ସମୁତ୍ପଦ୍ୟତେ । ତମପନିମିତ୍ତ-ହସିତରୁଦିତୋତ୍କ୍ରୁଷ୍ଟାସମ୍ବଦ୍ଧପ୍ରଲପଶୟିତୋପବିଷ୍ଟୋତ୍ଥିତପ୍ରଧାବିତ-ନୃତ୍ତଗୀତପଠିତଭସ୍ମପାଂଶ୍ୱବଧୂଳନତୃଣନିର୍ମାଲ୍ୟକୁଚେଲଚୀରଘଟକପାଲ-ଶରାବାଭରଣଧାରଣୋପଭୋଗୈରନେକୈଶ୍ଚାନବସ୍ଥିତୈଶ୍ଚେଷ୍ଟାନୁ-କରଣାଦିଭିରନୁଭାବୈରଭିନୟେତ୍ । (ଖ)

ଅନ୍ୟ ବ୍ୟାଧିମାନଙ୍କରେ ମୁଖ କୁଞ୍ଚାଇବା, ଦେହକୁ ସ୍ଥିର ରଖିବା, ଘନ ଘନ ନିଃଶ୍ୱାସ ମାରିବା, ଗର୍ଜନ ତଥା ଉଚ୍ଚ ସ୍ୱରରେ ରୋଦନ ବା ଆହ୍ୱାନ କରିବା, ଅଥବା, ଗୁଣୁ ଗୁଣୁ କାନ୍ଦିବା ପ୍ରଭୃତି ଅନୁଭାବ ପ୍ରଦର୍ଶନୀୟ । (କ)

ଏ ବିଷୟରେ ଥିବା ଶ୍ଳୋକର ଅର୍ଥ ହେଉଛି—

ସାଧାରଣତଃ ଯେ କୌଣସି ବ୍ୟାଧିର ଅଭିନୟ-ବେଳେ ଅଙ୍ଗର ଶିଥିଳତା, ହାତ ଗୋଡ଼ ଛାଟିବା, ଭିଡ଼ମୋଡ଼ ହେବା, ମୁଖ କୁଞ୍ଚାଇବା ପ୍ରଭୃତି ଅନୁଭାବ ଅବଲମ୍ବନୀୟ । ୮୪ ।

ଉନ୍ମାଦ—ପ୍ରିୟ ବ୍ୟକ୍ତିର ବିୟୋଗ, ଧନାଦିନାଶ, ବିପତ୍ତି, କୌଣସି ଆଘାତ, ବାତ ପିତ୍ତ ଓ ଶ୍ଳେଷ୍ମ ପ୍ରକୋପ ପ୍ରଭୃତି ବିଭାବ ଯୋଗେ ଉନ୍ମାଦ ଉତ୍ପନ୍ନ ହୁଏ । ଏହାର ଅଭିନୟବେଳେ କାରଣ ନଥାଇ ହସିବା, କାନ୍ଦିବା, ଅସମ୍ବଦ୍ଧ ପ୍ରଳାପ କରିବା, ଶୋଇବା, ବସିବା, ଉଠି ପଳେଇବା, ନୃତ୍ୟ, ଗୀତ, ପଠନ କରିବା, ଧୂଳି ବୋଳି ହେବା, କୁଟା, ପରିତ୍ୟକ୍ତ ବସ୍ତ୍ରାଦି (ଚିରକନା), ମାଠିଆ, ସରା ପ୍ରଭୃତିକୁ ଧାରଣ କରିବା, ଅସାବଧାନତା ସହକାରେ ସମସ୍ତ କାର୍ଯ୍ୟ କରିବା ପ୍ରଭୃତି ଅଭିନୟ କରଣୀୟ । (ଖ)

Digitized by srujanika@gmail.com

ଅଥାର୍ଯ୍ୟେ ଭବତଃ—

ଇଷ୍ଟଜନ-ବିଭବନାଶାଦଭିଘାତାଦ୍ୱାତପିତ୍ତକଫକୋପାତ୍ ।
ବିବିଧାଚ୍ଚିତ୍ତବିକାରାଦୁନ୍ମାଦୋ ନାମ ସମ୍ଭବତି ॥ ୮୫ ॥

ଅନିମିତ୍ତରୁଦିତହସିତୋପବିଷ୍ଟଗୀତପ୍ରଧାବିତୋତ୍କ୍ରୁଷ୍ଟୈଃ ।
ଅନ୍ୟୈଶ୍ଚ ବିକାରକୃତୈରୁନ୍ମାଦଂ ସମ୍ପ୍ରଯୁଞ୍ଜୀତ ॥ ୮୬ ॥

ମରଣଂ ନାମ—ବ୍ୟାଧିଜମଭିଘାତଜଂ ଚ । ତତ୍ରାନ୍ତ୍ୟକ୍ଷୁଚ୍ଛୂଲ-ଦୋଷବୈଷମ୍ୟଗଣ୍ଡପିଡ଼କଜ୍ୱରବିସୂଚିକାଦ୍ୟୁତ୍ପଦ୍ୟତେ ତଦ୍-ବ୍ୟାଧିପ୍ରଭବମ୍ । ଅଭିଘାତଜଂ ତୁ ଶସ୍ତ୍ରାହିଦଂଶବିଷପାନଶ୍ୱାପଦ-ଗଜତୁରଗରଥଯାନପାତବିନାଶପ୍ରଭବମ୍ । ଏତଯୋରଭିନୟ-ବିଶେଷାନ୍ ବକ୍ଷ୍ୟାମଃ—ତତ୍ର ବ୍ୟାଧିଜଂ ନାମ ବିଷଣ୍ଣଗାତ୍ରବ୍ୟାବୃତ୍ତାଙ୍ଗ-ବିଚେଷ୍ଟିତନିମୀଲିତନୟନଂ ହିକ୍କାଶ୍ୱାସୋପେତମନବେକ୍ଷିତପରିଜନ-

---

ଏ ବିଷୟରେ ଦୁଇଟି ଆର୍ଯ୍ୟା ଅଛି । ତାହାର ଅର୍ଥ—

ଇଷ୍ଟଜନର ବିୟୋଗ ଘଟିଲେ, ଧନ ନାଶ ଘଟିଲେ, କାହାରଠାରୁ କୌଣସି ଆଘାତ ପାଇଲେ, ବାତ, ପିତ୍ତ, କଫ, ପ୍ରକୋପିତ ହେଲେ, ନାନାପ୍ରକାର ଚିତ୍ତବିକାରରୁ ମଧ୍ୟ ଉନ୍ମାଦ ଜାତ ହୁଏ । ବିନା କାରଣରେ ହସିବା, କାନ୍ଦିବା, ବସିପଡ଼ିବା, ଗୀତ ଗାଇବା, ଧାଇଁବା, ପାଟି କରିବା ପ୍ରଭୃତି ଅନୁଭାବ ଦ୍ୱାରା ଏବଂ ନାନାପ୍ରକାର ଚିତ୍ତବିକାର ପ୍ରଦର୍ଶନ ଦ୍ୱାରା ମଧ୍ୟ ଏହାର ଅଭିନୟ କରାଯିବ । ୮୫-୮୬ ।

ମରଣ— ମରଣ, ବ୍ୟାଧି ଏବଂ ଅଭିଘାତରୁ ଉତ୍ପନ୍ନ ହୋଇଥାଏ । ଅନ୍ତ୍ର, ଯକୃତ୍ ଦୋଷ, ଶୂଳ ରୋଗ, ବାତ ପିତ୍ତ ଓ କଫ ପ୍ରଭୃତି ତ୍ରିଦୋଷର ବୈଷମ୍ୟ ଘଟିଲେ ଗଣ୍ଡ, ପିଣ୍ଡକ, ଜ୍ୱର, ବିସୂଚିକା ପ୍ରଭୃତି ବିଷୟ (କାରଣ) ରୁ ଯେଉଁ ମୃତ୍ୟୁ ଘଟେ, ତାହାକୁ ବ୍ୟାଧିଜାତ ମରଣ କହନ୍ତି । ଶସ୍ତ୍ରାଘାତ ଶସ୍ତ୍ର, ସର୍ପ ଦଂଶନ, ବିଷପାନ, ହିଂସ୍ରଜନ୍ତୁ, ହସ୍ତୀ, ଘୋଟକ ବା ରଥାଦି ଯାନ ପତନରୁ ଯେଉଁ ମୃତ୍ୟୁ ଘଟେ, ତାହାକୁ ଅଭିଘାତଜ ମୃତ୍ୟୁ କହନ୍ତି । ଏହି ଦୁଇପ୍ରକାର ମରଣର ଅଭିନୟରେ ଯେଉଁ ଭେଦ ଦେଖାଯାଏ, ତାହା କହୁଅଛି । ବ୍ୟାଧିଜ ମରଣରେ ଶରୀର ଅପ୍ରସନ୍ନ ଦେଖାଯିବା, ଲମ୍ବା ହୋଇ ନିଶ୍ଚେଷ୍ଟ ଭାବରେ ପଡ଼ିରହିବା, ଆଖି ବୁଜିବା, ହିକ୍କା ଏବଂ ଊର୍ଦ୍ଧ୍ୱଶ୍ୱାସ ଉଠିବା,

Digitized by srujanika@gmail.com

ମବ୍ୟକ୍ତାକ୍ଷରକଥନାଦିଭିରନୁଭାବୈରଭିନୟେତ୍ । (କ)

ଅତ୍ର ଶ୍ଲୋକୋ ଭବତି—

ବ୍ୟାଧୀନାମେକଜାତୋ ହି ମରଣାଭିନୟଃ ସ୍ମୃତଃ ।
ବିଷଣ୍ଣଗାତ୍ରୈର୍ନିଶ୍ଚେଷ୍ଟୈରିନ୍ଦ୍ରିୟୈଶ୍ଚ ବିବର୍ଜିତଃ ॥ ୮୭ ॥

ଅଭିଘାତଜେ ତୁ ନାନାପ୍ରକାରା ଅଭିନୟବିଶେଷାଃ । ଶସ୍ତ୍ରକ୍ଷତାହିଦଷ୍ଟବିଷପୀତଗଜାଦିପତିତଶ୍ୱାପଦହତାଃ । ଯଥା— ତତ୍ର ଶସ୍ତ୍ରକ୍ଷତେ ତାବତ୍ସହସା ଭୂମିପତନବେପନସ୍ଫୁରଣାଦିଭିରଭିନୟଃ ପ୍ରୟୋକ୍ତବ୍ୟଃ । ଅହିଦଷ୍ଟବିଷପୀତୟୋର୍ବିଷବେଗୋ ଯଥା— କାର୍ଶ୍ୟବେପଥୁଦାହହିକ୍କାଫେନସ୍କନ୍ଧଭଙ୍ଗଜଡତାମରଣାନ୍ୟଷ୍ଟୌ ବିଷବେଗାଃ । (ଖ)

ଅତ୍ର ଶ୍ଲୋକୌ ଭବତଃ—

ପରିଜନଙ୍କ ପ୍ରତି ଅପେକ୍ଷା ନ ରଖିବା (ନ ଚିହ୍ନିବା ବା ମମତାହୀନ ହେବା), ଅସ୍ପଷ୍ଟ ସ୍ୱରରେ କଥା କହିବା ପ୍ରଭୃତି ଅନୁଭାବ ଦ୍ୱାରା ଏହାର ଅଭିନୟ କରାଯାଏ । (କ)

ଏ ବିଷୟରେ ଗୋଟିଏ ଶ୍ଲୋକ ଅଛି, ତାହାର ଅର୍ଥ ହେଉଛି :—

ଶିଥିଳ ଅଙ୍ଗ ଓ ନିଶ୍ଚେଷ୍ଟ ଇନ୍ଦ୍ରିୟ ହୋଇ ପଡ଼ିରହିବାହିଁ ବ୍ୟାଧିଜନିତ ମରଣର ଲକ୍ଷଣ । ୮୭ ।

ଅଭିଘାତ ଜନିତ ମରଣରେ ନାନା ପ୍ରକାରର ଭିନ୍ନ ଭିନ୍ନ ଅଭିନୟ ହୋଇଥାଏ । ଶସ୍ତ୍ରଦ୍ୱାରା କ୍ଷତ ହୋଇଥିଲେ ହଠାତ୍ ଭୂଇଁରେ ପଡ଼ିବା ପ୍ରଭୃତି ଅନୁଭାବ ଦ୍ୱାରା ଅଭିନୟ ପ୍ରଦର୍ଶନ କରାଯିବ । ସର୍ପ ଦଂଶନରେ ଓ ବିଷ ପାନରେ ବିଷ ବେଗ ଜାତହୁଏ । ଏହାର ଅଭିନୟ ଆଠ ପ୍ରକାର :— କୃଶତା, ବେପଥୁ (ଥରିବା), ଦାହ (ଦେହ ତାତିବା), ହିକ୍କା ଉଠିବା, ମୁହଁରୁ ଫେଣ ବାହାରିବା, ବେକ ମୋଡ଼ି ହୋଇଯିବା, ଜଡତା ଓ ମୃତ୍ୟୁ । (ଖ)

ଏ ବିଷୟରେ ପରମ୍ପରା ପ୍ରଚଳିତ ଶ୍ଲୋକ ଦୁଇଟିର ଅର୍ଥ ହେଉଛି :—

Digitized by srujanika@gmail.com

କାର୍ଶ୍ୟଂ ତୁ ପ୍ରଥମେ ବେଗେ ଦ୍ୱିତୀୟେ ବେପଥୁର୍ଭବେତ୍ ।
ଦାହଂ ତୃତୀୟେ ହିକ୍କାଂ ଚ ଚତୁର୍ଥେ ସମ୍ପ୍ରୟୋଜୟେତ୍ ॥ ୮୮ ॥
ଫେନଂ ଚ ପଞ୍ଚମେ କୁର୍ଯ୍ୟାତ୍ ଷଷ୍ଠେ ସ୍କନ୍ଧସ୍ୟ ଭଞ୍ଜନମ୍ ।
ଜଡ଼ତାଂ ସପ୍ତମେ କୁର୍ଯ୍ୟାଦଷ୍ଟମେ ମରଣଂ ଭବେତ୍ ॥ ୮୯ ॥

ଅଥାପୀ ଭବତି—

ଶ୍ୱାପଦଗଜତୁରଗରଥୋଦ୍ଭବଂ ତୁ ପଶୁଯାନପତନଜଂ ବାଽପି ।
ଶସ୍ତ୍ରକ୍ଷତବତ୍କୁର୍ଯ୍ୟାଦନବେକ୍ଷିତଗାତ୍ରସଞ୍ଚାରମ୍ ॥ ୯୦ ॥
ଇତ୍ୟେବ ମରଣଂ ଜ୍ଞେୟଂ ନାନାବସ୍ଥାନ୍ତରାତ୍ମକମ୍ ।
ପ୍ରଯୋକ୍ତବ୍ୟଂ ବୁଧୈଃ ସମ୍ୟଗ୍ ଯଥା ଭାବାଦଭିଚେଷ୍ଟିତୈଃ ॥ ୯୧ ॥

ତ୍ରାସୋ ନାମ— ବିଦ୍ୟୁଦୁଲ୍କାଶନିନିପାତନିର୍ଘାତାମ୍ବୁଧର-ମହାସତ୍ତ୍ୱପଶୁରବାଦିଭିର୍ବିଭାବୈରୁତ୍ପଦ୍ୟତେ । ତମଭିନୟେତ୍ ସଂକ୍ଷିପ୍ତାଙ୍ଗୋତ୍କମ୍ପନବେପଥୁସ୍ତମ୍ଭରୋମାଞ୍ଚଗଦ୍‌ଗଦପ୍ରଲାପାଦିଭିରନୁଭାବୈଃ । (କ)

ବିଷର ପ୍ରଥମ ବେଗ ବେଳେ କୃଶତା, ଦ୍ୱିତୀୟ ବେଗ କାଳରେ ବେପଥୁ (କମ୍ପନ), ତୃତୀୟରେ ଦାହ (ଜଳା-ପୋଡ଼ା), ଚତୁର୍ଥରେ ହିକ୍କା, ପଞ୍ଚମରେ ଫେଣ ନିଃସରଣ, ଷଷ୍ଠରେ ସ୍କନ୍ଧ ଭଙ୍ଗ (ବେକ ମୋଡ଼ି ହୋଇଯିବା), ସପ୍ତମରେ ଜଡ଼ତା, ଅଷ୍ଟମରେ ମରଣ ଏହି ଅନୁଭାବଗୁଡ଼ିକ ଯଥାକ୍ରମେ ପ୍ରଦର୍ଶିତ ହେବା ଉଚିତ । ୮୮-୮୯ ।

ହିଂସ୍ରଜନ୍ତୁ, ହସ୍ତୀ ଓ ଘୋଟକ ହେତୁ ଜାତ ଓ ପଶୁଯାନ (ଗାଡ଼ି ପ୍ରଭୃତିରୁ ପତନ ହେତୁ ଜାତ) ତଥା ଶସ୍ତ୍ର କ୍ଷତରୁ ଜାତ ମରଣରେ ଶରୀର ଚାଳନର ଅଭାବ ଅଭିନୀତ ହୁଏ । ନାନାବିଧ ଅବସ୍ଥାନ୍ତର-ରୂପ ମରଣ ଏହିପରି ଅଭିନେୟ । ଏହାର ଅଭିନୟରେ ବିଜ୍ଞ ବ୍ୟକ୍ତିମାନେ ବାଚିକ ଓ ଆଙ୍ଗିକ ଚେଷ୍ଟା ଯଥାବିଧି ପ୍ରଦର୍ଶନ କରିଥାନ୍ତି । ୯୦-୯୧ ।

ତ୍ରାସ— ଏହା ବିଜୁଳି ମାରିବା, ଉଲ୍କା ବା ବଜ୍ର ପଡ଼ିବା, ନିର୍ଘାତ ଶବ୍ଦ ହେବା (ଭୂମିକମ୍ପ), ମେଘ ଗର୍ଜ୍ଜନ, (ହିଂସ୍ର) ପ୍ରାଣୀର ଦର୍ଶନ, ପଶୁର ଗର୍ଜ୍ଜନ ପ୍ରଭୃତି ବିଭାବରୁ ଏହାର ଉତ୍ପତ୍ତି ଘଟେ । ଦେହକୁ ସାଙ୍କୁଚିତ କରିଦେବା, ବେପଥୁ, ସ୍ତମ୍ଭ, ରୋମାଞ୍ଚ, ଗଦ୍‌ଗଦ, ପ୍ରଲାପ ପ୍ରଭୃତି ଅନୁଭାବ ଦ୍ୱାରା ଏହା ଅଭିନେୟ । (କ)

Digitized by srujanika@gmail.com

ଅଥ ଶ୍ଳୋକୋ ଭବତି—

ମଦ୍ୟାଦ୍ଭୈରବନାଦାଦ୍ୟୈସ୍ତ୍ରାସଃ ସମୁପଜାୟତେ ।
ସ୍ରସ୍ତାଙ୍ଗାକ୍ଷିନିମେଷୈସ୍ତୁ ତସ୍ୟ ତ୍ୱଭିନୟୋ ଭବେତ୍ ॥ ୯୨ ॥

ବିତର୍କୋ ନାମ— ସନ୍ଦେହବିମର୍ଶବିପ୍ରତିପତ୍ତ୍ୟାଦିଭିର୍ବି-ଭାବୈରୁତ୍ପଦ୍ୟତେ । ତମଭିନୟେଦ୍ବିବିଧବିଚାରିତପ୍ରଶ୍ନସମ୍ପ୍ରଧାରଣ-ମନ୍ତ୍ରସଂଗୂହନାଦିଭିରନୁଭାବୈଃ । (କ)

ଅତ୍ର ଶ୍ଳୋକୋ ଭବତି—

ବିଚାରଣାଦିସମ୍ଭୂତଃ ସନ୍ଦେହାତିଶୟାତ୍ମକଃ ।
ବିତର୍କଃ ସୋଽଭିନେୟସ୍ତୁ ଶିରୋଭ୍ରୂକ୍ଷେପକମ୍ପନୈଃ ॥ ୯୩ ॥

ଏବମେତେ ତ୍ରୟସ୍ତ୍ରିଂଶଦ୍‌ବ୍ୟଭିଚାରିଣୋ ଭାବା ଦେଶକାଲ-ବସ୍ଥାନୁରୂପ୍ୟେଣାତ୍ମଗତପରଗତମଧ୍ୟସ୍ଥା ଉତ୍ତମମଧ୍ୟମାଧମୈଃ ସ୍ତ୍ରୀ-ପୁଂସୈଃ ସ୍ୱପ୍ରୟୋଗବଶାଦୁପପାଦ୍ୟା ଇତି । (ଖ)

ମଦ୍ୟ ଭୈରବ-ରଡ଼ ପ୍ରଭୃତିରୁ ତ୍ରାସ ଜାତହୁଏ । ଅଙ୍ଗର ଶିଥିଳତା ଓ ଅର୍ଦ୍ଧନିମୀଳିତ ଚକ୍ଷୁ (ଦରବୁଜା ଆଖି) ଦ୍ୱାରା ଏହା ଅଭିନୀତ ହୁଏ । ୯୨ ।

ବିତର୍କ—ଏହା ସନ୍ଦେହ, ବିମର୍ଶ (ବିଚାର) ଓ ପ୍ରତ୍ୟୟ (ବିଶ୍ୱାସ ବା ଅନୁଭୂତି) ରୁ ଜାତ ହୁଏ । ଏହାର ଅଭିନୟ ବେଳେ ନାନା ପ୍ରକାରର ବିଚାର, ନାମ ବା ଲକ୍ଷଣ ନିରୂପଣ, ମନ୍ତ୍ର ଗୁପ୍ତି (ମନ୍ତ୍ରଣାକୁ ଗୋପନ ରଖିବା) ପ୍ରଭୃତି ଅନୁଭାବ ମାନ ପ୍ରଦର୍ଶନୀୟ । (କ)

ଏହି ବିଷୟରେ ଥିବା ଶ୍ଳୋକର ଅର୍ଥ ହେଉଛି—

ବିତର୍କର ସ୍ୱରୂପ ହେଉଛି ସନ୍ଦେହ ମୂଳକ । ଏହା ବିଚାର ପ୍ରଭୃତି ବିଷୟରୁ ଜାତ ହୁଏ । ଏହାର ଅଭିନୟରେ ମସ୍ତକ, ଭ୍ରୂଲତା ଓ ଆଖିପତା କମ୍ପିତ ହୁଏ । ୯୩ ।

ଏହି ତେତିଶ ଗୋଟି ଯାକ ବ୍ୟଭିଚାରୀଭାବକୁ ଦେଶ, କାଳ ଓ ଅବସ୍ଥା ବୁଝିକରି ସ୍ତ୍ରୀ, ପୁରୁଷ, ନପୁଂସକ ତଥା ଉତ୍ତମ, ମଧ୍ୟମ ଓ ଅଧମ ପାତ୍ର ଭେଦରେ ପ୍ରୟୋଗ କରିବ (ଅଭିନୟ କରିବ) । (ଖ)

Digitized by srujanika@gmail.com

ଅଥ ଶ୍ଲୋକଃ—

ଏବମ୍ବିଂଶତେମେ ଭବା ବହିସ୍ତ୍ବା ବ୍ୟଭିଚାରିଣଃ ।
ସାତ୍ତ୍ୱିକାଂସ୍ତୁ ପୁନର୍ଭାବାନ୍ ପ୍ରବକ୍ଷ୍ୟାମ୍ୟନୁପୂର୍ବଶଃ ॥ ୯୪ ॥

ଅଥାହ— କମନ୍ୟେ ଭାବାଃ, ସତ୍ତ୍ୱେନ ବିନାଽଭିନୀୟନ୍ତେ । ଯସ୍ମାଦୁଚ୍ୟନ୍ତେ ଏତେ ସାତ୍ତ୍ୱିକା ଇତି । ଅତ୍ରୋଚ୍ୟତେ—ଏବମେତତ୍ । କସ୍ମାତ୍ ।

ଇହ ହି ସତ୍ତ୍ୱଂ ନାମ ମନଃପ୍ରଭବମ୍ । ତଚ୍ଚ ସମାହିତମନସ୍ତ୍ୱାଦୁଚ୍ୟତେ । ମନସଃ ସମାଧୌ ସତ୍ତ୍ୱନିଷ୍ପତ୍ତିର୍ଭବତି । ତସ୍ୟ ଚ ଯୋଽସୌ ସ୍ୱଭାବୋ ରୋମାଞ୍ଚାଶ୍ରୁବୈବର୍ଣ୍ୟାଦିଲକ୍ଷଣୋ ଯଥା ଭାବୋପଗତଃ ସ ନ ଶକ୍ୟୋଽନ୍ୟମନସା କର୍ତ୍ତୁମିତି । ଲୋକସ୍ୱଭାବାନୁକରଣାଚ୍ଚ ନାଟ୍ୟସ୍ୟ ସତ୍ତ୍ୱମୀପ୍ସିତମ୍ । (କ)

ଏହି ବିଷୟରେ ଥିବା ଶ୍ଳୋକର ଅର୍ଥ ହେଉଛି—

ଏହି ତେତିଶ ଗୋଟି ଭାବର ନାମ ବ୍ୟଭିଚାରି ଭାବ । ଏଣିକି ଆମ୍ଭେ ସାତ୍ତ୍ୱିକ ଭାବ ମାନଙ୍କୁ ବର୍ଣ୍ଣନା କରିବୁ । ୯୪ ।

ଅନ୍ୟ ଭାବ ମାନେ ସତ୍ତ୍ୱ (ମନ) ବ୍ୟତିରେକେ ଜାତ ହୋଇଥାନ୍ତି ଏବଂ ଏମାନେ କେବଳ ସତ୍ତ୍ୱକୁ ନିଜର ଉତ୍ପତ୍ତି ପାଇଁ ଅପେକ୍ଷା କରନ୍ତି । ଏହାନ୍ତି କଅଣ ଏମାନଙ୍କୁ ସାତ୍ତ୍ୱିକ ଭାବ ବୋଲି କୁହାଯିବାର ହେତୁ ? ଏ ପ୍ରଶ୍ନର ଉତ୍ତର ହେଉଛି—

ଏଠାରେ 'ସତ୍ତ୍ୱ' ପଦ ଦ୍ୱାରା ମନରୁ ଉତ୍ପନ୍ନ (ମନୋବୃତ୍ତି) ଏହି ଅର୍ଥ ବୁଝିବାକୁ ହେବ । ଯାହାର ମନ ସମାହିତ (ଏକାଗ୍ର) ହୋଇଥାଏ, ତାହାର ଠାରେ ଏହି ଭାବଗୁଡ଼ିକ ଜାତ ହୁଅନ୍ତି । ମନର ଏକାଗ୍ରତା ଜାତ ହେଲେ ସତ୍ତ୍ୱର ଉତ୍ପତ୍ତି ଘଟେ । ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ଅଶ୍ରୁ ଓ ବୈବର୍ଣ୍ଣ୍ୟ ପ୍ରଭୃତି ମନର ସ୍ୱଭାବ (ନିଜର ଭାବ) ଯାହାର ମନ ଏକାଗ୍ର ନୁହେଁ, ତାହା ଠାରେ ଏହା ଦେଖାଯାଏ ନାହିଁ । (ନାଟ୍ୟରେ) ଲୋକ ସାଧାରଣଙ୍କ ସ୍ୱଭାବର ଅନୁକରଣ ଉଦ୍ଦେଶ୍ୟରେ ହିଁ ସତ୍ତ୍ୱର ପ୍ରୟୋଜନୀୟତା ଅଭିଳଷିତ ହୋଇଥାଏ । (କ)

Digitized by srujanika@gmail.com

କୋ ଦୃଷ୍ଟାନ୍ତଃ— ଇହ ହି ନାଟ୍ୟଧର୍ମୀପ୍ରବୃତ୍ତାଃ ସୁଖଦୁଃଖକୃତା ଭାବାସ୍ତଥା ସତ୍ତ୍ୱବିଶୁଦ୍ଧାଃ କାର୍ଯ୍ୟାଃ ଯଥା ସ୍ୱରୂପା ଭବନ୍ତି । ଦୁଃଖଂ ନାମ ରୋଦନାତ୍ମକଂ, ତତ୍କଥମଦୁଃଖିତେନ ସୁଖଂ ଚ ପ୍ରହର୍ଷାତ୍ମକମସୁଖିତେନାଭିନେୟମ୍ । ଏତଦେବାସ୍ୟ (ସର୍ବଂ) ଦୁଃଖିତେନ ପ୍ରଯତ୍ନେନ ବାଷ୍ପରୋମାଞ୍ଚୌ ପ୍ରଦର୍ଶୟିତବ୍ୟାବିତି କୃତ୍ୱା ସାତ୍ତ୍ୱିକା ଭାବା ଇତ୍ୟଭିବ୍ୟାଖ୍ୟାତାଃ । (କ)

ତତ୍ର ଇମେ—

ସ୍ତମ୍ଭଃ ସ୍ୱେଦୋଽଥ ରୋମାଞ୍ଚଃ ସ୍ୱରଭେଦୋଽଥ ବେପଥୁଃ ।
ବୈବର୍ଣ୍ୟମଶ୍ରୁ ପ୍ରଳୟ ଇତ୍ୟଷ୍ଟୌ ସାତ୍ତ୍ୱିକା ମତାଃ ॥ ୯୫ ॥

ଅତ୍ରାର୍ଯାଃ । ତତ୍ର—

କ୍ରୋଧଭୟହର୍ଷଲଜ୍ଜାଦୁଃଖଶ୍ରମରୋଗତାପଘାତେଭ୍ୟଃ ।
ବ୍ୟାୟାମକ୍ଲମଘର୍ମୈଃ ସ୍ୱେଦଃ ସମ୍ପୀଡନାଚ୍ଚୈବ ॥ ୯୬ ॥

ଏହାର ଉଦାହରଣସ୍ଥଳ କଣ ? ଏହି ପ୍ରଶ୍ନର ଉତ୍ତର ରୂପେ ନାଟ୍ୟର ପ୍ରୟୋଗରେ ସୁଖାତ୍ମକ ଓ ଦୁଃଖାତ୍ମକ ଭାବ ଗୁଡ଼ିକ ଏପରି ବିଶୁଦ୍ଧ ଭାବେ ପ୍ରଯୁକ୍ତ ହେବା ଉଚିତ ଯେପରିକି ଏହା ସତ୍ୟ (ଅକୃତ୍ରିମ) ବୋଲି ପ୍ରତୀତ ହେବ । ଦୁଃଖ ହେଉଛି, ରୋଦନ ମୂଳକ । ଯାହାକୁ ଦୁଃଖ ସ୍ପର୍ଶ କରିନାହିଁ ସେ କିପରି ତାର ଅଭିନୟ କରିପାରିବ ? ସେହିପରି ସୁଖ ମଧ୍ୟ ପ୍ରହର୍ଷାତ୍ମକ (ଆନନ୍ଦ ମୂଳକ) ତାହାର ଅଭିନୟ ସୁଖ ମୁଖ ଦର୍ଶନ କରି ନଥିବା ଲୋକ ଦ୍ୱାରା କିପରି କରାଯାଇ ପାରିବ ? ତେଣୁ ଅଭିନୟ କାଳରେ ଅଭିନେତା ଦୁଃଖଯୁକ୍ତ ହୋଇଥାଉ ବା ସୁଖ-ଯୁକ୍ତ ହୋଇଥାଉ ସେ ଅଶ୍ରୁ ଏବଂ ରୋମାଞ୍ଚ ପ୍ରଦର୍ଶନ କରିବାକୁ ବାଧ୍ୟ । ଏହି ଅଶ୍ରୁ ଓ ରୋମାଞ୍ଚ ପ୍ରଦର୍ଶନ ହିଁ ତାହାର ସତ୍ତ୍ୱ । ତେଣୁ ଏ ଗୁଡ଼ିକୁ ସାତ୍ତ୍ୱିକ-ଭାବ କୁହାଯାଏ । (କ)

ସାତ୍ତ୍ୱିକ-ଭାବର ସଂଖ୍ୟା ଆଠ ଗୋଟି । ଯଥା—ସ୍ତମ୍ଭ, ସ୍ୱେଦ, ରୋମାଞ୍ଚ, ସ୍ୱର ଭଙ୍ଗ, ବେପଥୁ, ବୈବର୍ଣ୍ଣ୍ୟ, ଅଶ୍ରୁ ଏବଂ ପ୍ରଳୟ । ୯୫ ।

ଏହି ବିଷୟରେ କେତେ ଗୁଡ଼ିଏ ଆର୍ଯ୍ୟା ଅଛି । ସେଗୁଡ଼ିକର ଅର୍ଥ ହେଉଛି —

କ୍ରୋଧ, ଭୟ, ହର୍ଷ, ଲଜ୍ଜା, ଦୁଃଖ, ଶ୍ରମ, ରୋଗ, ତାପ, ଆଘାତ, ବ୍ୟାୟାମ, କ୍ଳାନ୍ତି, ଘର୍ମ (ଖରା ବା ଗରମ) ଏବଂ ପୀଡ଼ା ହେତୁ 'ସ୍ୱେଦ' ଜାତ

Digitized by srujanika@gmail.com

ହର୍ଷଭୟରୋଗବିସ୍ମୟବିଷାଦରୋଷାଦିସମ୍ଭବଃ ସ୍ତମ୍ଭଃ ।
ଶୀତଭୟହର୍ଷରୋଷସ୍ପର୍ଶଜରାସମ୍ଭବଃ କମ୍ପଃ ॥ ୯୭ ॥

ଆନନ୍ଦାମର୍ଷାଭ୍ୟାଂ ଧୂମାଞ୍ଜନଜୃମ୍ଭଣାଦ୍ଭୟାଚ୍ଛୋକାତ୍ ।
ଅନିମେଷପ୍ରେକ୍ଷଣତଃ ଶୀତାଦ୍ରୋଗାଦ୍ଭବେଦସ୍ରମ୍ ॥ ୯୮ ॥

ଶୀତକ୍ରୋଧଭୟଶ୍ରମରୋଗକ୍ଲମତାପଜଂ ଚ ବୈବର୍ଣ୍ୟମ୍ ।
ସ୍ପର୍ଶଭୟଶୀତହର୍ଷୈଃ କ୍ରୋଧାଦ୍ରୋଗାଚ୍ଚ ରୋମାଞ୍ଚଃ ॥ ୯୯ ॥

ସ୍ୱରଭେଦୋ ଭୟହର୍ଷକ୍ରୋଧଜରାରୌକ୍ଷ୍ୟରୋଗମଦଜନିତଃ ।
ଶ୍ରମମୂର୍ଚ୍ଛାମଦନିଦ୍ରାଭିଘାତମୋହାଦିଭିଃ ପ୍ରଳୟଃ ॥ ୧୦୦ ॥

ଏବମେତେ ବୁଧୈର୍ଜ୍ଞେୟା ଭାବା ହ୍ୟଷ୍ଟୌ ତୁ ସାତ୍ତ୍ୱିକାଃ ।
କର୍ମ ତେଷାଂ ପ୍ରବକ୍ଷ୍ୟାମି ରସଭାବାନୁଭାବକମ୍ ॥ ୧୦୧ ॥

ନିଃସଂଜ୍ଞୋ ନିଷ୍ପ୍ରକମ୍ପଶ୍ଚ ସ୍ଥିତଃ ଶୂନ୍ୟଜଡ଼ାକୃତିଃ ।
ସ୍କନ୍ଧଗାତ୍ର ତଥା ଚୈବ ସ୍ତମ୍ଭଂ ତ୍ୱଭିନୟେଦ୍ ବୁଧଃ ॥ ୧୦୨ ॥

ହୋଇଥାଏ । ହର୍ଷ, ଭୟ, ରୋଗ, ବିସ୍ମୟ, ବିଷାଦ ଏବଂ ରୋଷ ପ୍ରଭୃତିରୁ 'ସ୍ତମ୍ଭ' ଉତ୍ପନ୍ନ ହୁଏ । ଶୀତ, ଭୟ, ହର୍ଷ, ରୋଷ, ସ୍ପର୍ଶ ଏବଂ ବାର୍ଦ୍ଧକ୍ୟ-ଏମାନେ କମ୍ପର କାରଣ । ୯୬-୯୭ ।

ହର୍ଷ, ଅମର୍ଷ ହେତୁ ତଥା ଧୂଆଁ ଓ ଅଞ୍ଜନର ସଂଯୋଗରୁ ଜୃମ୍ଭା (ହାଇ) ଭୟ, ଶୋକ, ପଲକ ନପକାଇ ଚାହିଁବା, ଶୀତ ଏବଂ ରୋଗ ହେତୁ 'ଅଶ୍ରୁ'(ଲୋତକ ପାତ) ଜାତ ହୁଏ । ଶୀତ, କ୍ରୋଧ, ଭୟ, ଶ୍ରମ (ପରିଶ୍ରମ) ରୋଗ, କ୍ଲାନ୍ତି ଏବଂ ତାପ ହେତୁ ବୈବର୍ଣ୍ଣ୍ୟ ଜାତ ହୁଏ । ସ୍ପର୍ଶ, ଭୟ, ଶୀତ, ହର୍ଷ, କ୍ରୋଧ ଏବଂ ରୋଗ ହେତୁ ରୋମାଞ୍ଚ ଜାତ ହୁଏ । ୯୮-୯୯ ।

ଭୟ, ହର୍ଷ, କ୍ରୋଧ, ଜରା (ବାର୍ଦ୍ଧକ୍ୟ), ରୌକ୍ଷ୍ୟ (ରୁକ୍ଷ ଭାବ) ରୋଗ ଏବଂ ମଦ ହେତୁ ସ୍ୱରଭେଦ ଜାତ ହୁଏ । ପରିଶ୍ରମ, ମୂର୍ଚ୍ଛା, ମଦ, ନିଦ୍ରା, ଅଭି-ଘାତ, ମୋହ ପ୍ରଭୃତିରୁ ପ୍ରଳୟ ଉତ୍ପନ୍ନ ହୁଏ । ୧୦୦ ।

ଆଠ ଗୋଟି ସାତ୍ତ୍ୱିକ-ଭାବ ଏହିପରି ଜାଣିବ । ଏବେ ସେମାନଙ୍କର କର୍ମ (ଅଭିନୟ କ୍ରିୟା) ଯାହାକି ରସ ଓ ଭାବ ମାନଙ୍କର ଅନୁ-ଭାବକ (ଦ୍ୟୋତକ) ତାହା କହୁଅଛୁ । ୧୦୧ ।

ଅଙ୍ଗ ପ୍ରତ୍ୟଙ୍ଗ ଚଳନ ନକରିବା, ନହଲିବା, ଶୂନ୍ୟ ହୃଦୟ ଓ ଜଡ଼ ବସ୍ତୁ ପରି ସ୍ଥିର ହୋଇ ରହିବା, ଶୁଷ୍କ ଶରୀର (ସ୍ଥିର ଶରୀର) ହେବା ଦ୍ୱାରା 'ସ୍ତମ୍ଭ' ଅଭିନୀତ ହୁଏ । ୧୦୨ ।

Digitized by srujanika@gmail.com

ବ୍ୟଜନଗ୍ରହଣାଚ୍ଚାପି ସ୍ୱେଦାପନୟନେନ ଚ ।
ସ୍ୱେଦ ଏବାଭିନେତବ୍ୟସ୍ତଥା ବାତାଭିଳଷଣଃ ॥ ୧୦୩ ॥

ମୁହୁଃ କଣ୍ଟକଚଚ୍ଛେନ ତଥୋଲ୍ଲୁକସନେନ ଚ ।
ପୁଲକେନ ଚ ରୋମାଞ୍ଚଂ ଗାତ୍ରସ୍ପର୍ଶେନ ଦର୍ଶୟେତ୍ ॥ ୧୦୪ ॥

ସ୍ୱରଭେଦୋଽଭିନେତବ୍ୟୋ ଭିନ୍ନଗଦ୍‌ଗଦନିସ୍ୱନୈଃ ।
ବେପନାତ୍ ସ୍ଫୁରଣାତ୍କମ୍ପାଦ୍ୱେପଥୁଂ ସମ୍ପ୍ରଦର୍ଶୟେତ୍ ॥ ୧୦୫ ॥

ମୁଖବର୍ଣ୍ଣପରାବୃତ୍ତ୍ୟା ନାଡ଼ୀପୀଡ଼ନଯୋଗତଃ ।
ବୈବର୍ଣ୍ୟମଭିନେତବ୍ୟଂ ପ୍ରଯତ୍ନାତ୍ତଦ୍ଧି ଦୁଷ୍କରମ୍ ॥ ୧୦୬ ॥

ବାଷ୍ପାମ୍ବୁପ୍ଲୁତନେତ୍ରତ୍ୱାନ୍ନେତ୍ରସମ୍ମାର୍ଜନେନ ଚ ।
ମୁହୁରଶ୍ରୁକଣାପାତୈରସ୍ତଂ ତ୍ୱଭିନୟେଦ୍ ବୁଧଃ ॥ ୧୦୭ ॥

ନିଶ୍ଚେଷ୍ଟୋ ନିଷ୍ପ୍ରକମ୍ପତ୍ୱାଦବ୍ୟକ୍ତଶ୍ୱସିତାଦପି ।
ମହୀନିପାତନାଚ୍ଚାପି ପ୍ରଳୟାଭିନୟୋ ଭବେତ୍ ॥ ୧୦୮ ॥

ହାତରେ ବ୍ୟଜନ (ବିଞ୍ଚଣା) ଧରିବା, କପାଳ, ମୁହଁ ପ୍ରଭୃତିରୁ ଝାଳ ପୋଛିବା ଏବଂ ପବନ ମୁହାଁ ହୋଇ ବସିବାକୁ ଇଚ୍ଛା କରିବା ପ୍ରଭୃତି କାର୍ଯ୍ୟ ଦ୍ୱାରା 'ସ୍ୱେଦ' ସାତ୍ତ୍ୱିକ ଭାବ ଅଭିନୀତ ହୋଇଥାଏ । ୧୦୩ ।

ପ୍ରିୟଜନଙ୍କ ଶରୀର ସ୍ପର୍ଶ କରିଲାକ୍ଷଣି ବାରମ୍ବାର ରୋମ ଟାଙ୍କୁରିବା ଦ୍ୱାରା ଓ ଉଲ୍ଲାସର ପ୍ରକାଶ ଦ୍ୱାରା ରୋମାଞ୍ଚର ଅଭିନୟ କରାଯାଏ । ୧୦୪ ।

ଥରିବା, ହଲିବା, ଫୁରିବା ଅର୍ଥାତ୍ ଦେହ ଶିତେଇବା ପରି ରହି ରହି କମ୍ପିବା ପ୍ରଭୃତି ଦ୍ୱାରା ବେପଥୁ ଅଭିନୀତ ହୁଏ । ଭଙ୍ଗା ଭଙ୍ଗା ସ୍ୱରରେ (ଅଟେଇ ଅଟେଇ କହିବା) ବା ଗଦ୍‌ଗଦ୍ ସ୍ୱରରେ ସ୍ୱର ଭେଦର ଅଭିନୟ କରାଯାଏ । ୧୦୫ ।

ବୈବର୍ଣ୍ଣ୍ୟର ଅଭିନୟ କରିବାକୁ ହେଲେ ନାଡ଼ୀକୁ ଚିପି ଧରି ମୁହଁର ବର୍ଣ୍ଣ ବଦଳାଇବାକୁ ପଡ଼େ । ପ୍ରଯତ୍ନ କଲେ ଅନ୍ୟ ଅଙ୍ଗ ମାନଙ୍କର ବର୍ଣ୍ଣ ମଧ୍ୟ ବଦଳି ପାରିବ । ୧୦୬ ।

ଆଖି ପୋଛିବା ଓ ଲୋତକ ଗଡ଼ାଇବା ଦ୍ୱାରା 'ଅଶ୍ରୁ' ଅଭିନୀତ ହୁଏ । ୧୦୭ ।

ଚେଷ୍ଟାଶୂନ୍ୟତା, ସ୍ଥିରତା, ଅବ୍ୟକ୍ତନିଃଶ୍ୱାସ ଓ ଭୂଇଁରେ ଲୋଟିବା ଦ୍ୱାରା ପ୍ରଳୟର ଅଭିନୟ କରାଯାଏ । ୧୦୮ ।

Digitized by srujanika@gmail.com

ଏତେଷାନଙ୍ଗାଦେନେ ଯଥାବ—

ଭାବାସ୍ଥ୍ୟବସ୍ଥା ହ୍ୟଧତା ମୟୈବ ।

ଭୂୟିଷ୍ଟ ଯେ ଯତ୍ର ରସେ ନିଯୋଜ୍ୟା—

ସ୍ତାଂଛ୍ରୋତୁମର୍ହନ୍ତୁ ଚ ବିପ୍ରମୁଖ୍ୟାଃ ॥ ୧୦୯ ॥

ଅତ୍ର ଶ୍ଳୋକାଃ—

ଶଙ୍କାବ୍ୟାଧିସ୍ତଥାଗ୍ଲାନିଶ୍ଚିନ୍ତାସୂୟା ଭୟଂ ତଥା ।

ବିନ୍ଦୃପ୍ତଷ୍ଟ ବିତର୍କଶ୍ଚ ସ୍ତମ୍ଭଶ୍ଚପଳତା ତଥା ॥ ୧୧୦ ॥

ଶ୍ରେମ୍ବାଞ୍ଚହର୍ଷୌ ନିଦ୍ରା ଚ ତଥୋନ୍ମାଦମଦାବପି ।

ସ୍ୱେଦଶ୍ଚୈବାବହିତ୍ଥଂ ଚ ପ୍ରଳୟୋ ବେପଥୁସ୍ତଥା ॥ ୧୧୧ ॥

ବିଷାଦଶ୍ରମନିର୍ବେଦା ଗର୍ବାବେଗୌ ଧୃତିଃ ସ୍ମୃତିଃ ।

ମତର୍ମୋହୋ ବିବୋଧଶ୍ଚ ସୁପ୍ତମୌତ୍ସୁକ୍ୟଲକ୍ଷିତେ ॥ ୧୧୨ ॥

କ୍ରୋଧାମର୍ଷୌ ଚ ହାସଶ୍ଚ ଶୋକୋଽପସ୍ମାର ଏବ ଚ ।

ଦୈନ୍ୟଂ ଚ ମରଣଂ ଚୈବ ରତ୍ୟୁତ୍ସାହସଂଯୁତା ॥ ୧୧୩ ॥

ନାସବୈବର୍ଣ୍ୟରୁଦିତୈଃ ସ୍ୱରଭେଦଃ ଶମୋଽପି ଚ ।

ଜଡ଼ତା ଚ ତଥା ଷଷ୍ଠ ଚତ୍ୱାରିଂଶତ୍ପ୍ରକୀର୍ତ୍ତିତାଃ ॥ ୧୧୪ ॥

ଆଲସ୍ୟୌଗ୍ର୍ୟଜୁଗୁପ୍ସାଖ୍ୟୈରେବଂ ଭାବୈସ୍ତୁବର୍ଜିତାଃ ।

ଉଦ୍ଭବନ୍ତି ଶୃଙ୍ଗାରଂ ସର୍ବେ ଭାବାଃ ସ୍ୱସଂଜ୍ଞୟା ॥ ୧୧୫ ॥

ଯଥାବସରମତେ ହି ସ୍ଥାୟିସଞ୍ଚାରିସାତ୍ତ୍ୱିକାଃ ।

ଉଦ୍ଦୀପୟନ୍ତି ଶୃଙ୍ଗାରଂ ରସମାସାଦ୍ୟ ସଞ୍ଜ୍ଞିତମ୍ ॥ ୧୧୬ ॥

ହେ ବିପ୍ରଗଣ :— ଅବସ୍ଥାନୁସ୍ତ ଭେଦରେ ଏହି ଅଣଚାଶ ଗୋଟି ଭାବକୁ ଯଥା ଯଥ ଭାବରେ ତୁମ୍ଭମାନଙ୍କ ନିକଟରେ ମୁଁ କହିଲି । ଏବେ ଏହି ଭାବ ମାନଙ୍କ ମଧ୍ୟରୁ ଯେଉଁ ଗୁଡ଼ିକ ଯେଉଁ ରସରେ ପ୍ରଯୁକ୍ତ ହେବା ଉଚିତ, ତାହା କହୁଅଛୁ, ଆପଣମାନେ ଶୁଣନ୍ତୁ । ୧୦୯ ।

ଏ ବିଷୟରେ କେତେ ଗୁଡ଼ିଏ ଶ୍ଳୋକ ଅଛି । ସେମାନଙ୍କର ଅର୍ଥ—

ଗ୍ଲାନି, ଶଙ୍କା, ଅସୂୟା, ଶ୍ରମ, ଚପଲତା, ସ୍ୱପ୍ନ (ସୁପ୍ତ) ନିଦ୍ରା, ଅବହିତ୍ଥ (ଆକାର ଗୁପ୍ତି) ଓ ବେପଥୁ— ଏଗୁଡ଼ିକ ଶୃଙ୍ଗାରରେ ପ୍ରଯୋଜ୍ୟ, ଏମାନେ ନିଜ ନାମ ଦ୍ୱାରା (ମଧ୍ୟ) ଶୃଙ୍ଗାରର ସବୁ ବ୍ୟକ୍ତ କରନ୍ତି । ୧୧୦-୧୧୬ ।

Digitized by srujanika@gmail.com

ଗ୍ଳାନିଃ ଶଙ୍କା ହ୍ୟସୂୟା ଚ ଶ୍ରମଶ୍ଚପଲତା ତଥା ।
ସୁପ୍ତଂ ନିଦ୍ରାବହିତ୍ଥଂ ଚ ହାସ୍ୟେ ଭାବାଃ ପ୍ରକୀର୍ତ୍ତିତାଃ ॥ ୧୧୭ ॥
ନିର୍ବେଦଶ୍ଚୈବ ଚିନ୍ତା ଚ ଦୈନ୍ୟଂ ଗ୍ଳାନାସ୍ରମେବ ଚ ।
ଜଡ଼ତା ମରଣଂ ଚୈବ ବ୍ୟାଧିଶ୍ଚ କରୁଣେ ସ୍ମୃତାଃ ॥ ୧୧୮ ॥
ଗର୍ବୋଽସୂୟା ମଦୋତ୍ସାହାବାବେଗୋଽମର୍ଷ ଏବ ଚ ।
କ୍ରୋଧଶ୍ଚପଲତୌଗ୍ର୍ୟଂ ଚ ବିଜ୍ଞେୟା ରୌଦ୍ରସମ୍ଭବାଃ ॥ ୧୧୯ ॥
ଅସମ୍ମୋହସ୍ତଥୋତ୍ସାହ ଆବେଗୋ ହର୍ଷ ଏବ ଚ ।
ମତିଶ୍ଚୈବ ତଥୌଗ୍ର୍ୟମମର୍ଷୋ ମଦ ଏବ ଚ ॥ ୧୨୦ ॥
ରୋମାଞ୍ଚଃ ସ୍ୱରଭେଦଶ୍ଚ କ୍ରୋଧୋଽସୂୟା ଧୃତିସ୍ତଥା ।
ଗର୍ବଶ୍ଚୈବ ବିତର୍କଶ୍ଚ ବୀରେ ଭାବା ଭବନ୍ତି ହି ॥ ୧୨୧ ॥
ବେପଥୁଃ ସ୍ୱରଭେଦଶ୍ଚ ରୋମାଞ୍ଚୋ ଗଦ୍‌ଗଦସ୍ତଥା ।
ସ୍ତମ୍ଭଶ୍ଚ ମରଣଂ ସ୍ୱେଦୋ ବୈବର୍ଣ୍ୟ ଚ ଭୟାନକେ ॥ ୧୨୨ ॥
ଅପସ୍ମାରସ୍ତଥୋନ୍ମାଦୋ ବିଷାଦୋ ମଦ ଏବ ଚ ।
ମୃତ୍ୟୁର୍ବ୍ୟାଧିର୍ଭୟଂ ଚୈବ ଭାବାଃ ବୀଭତ୍ସସଂଶ୍ରୟାଃ ॥ ୧୨୩ ॥
ସ୍ତମ୍ଭଃ ସ୍ୱେଦଶ୍ଚ ମୋହଶ୍ଚ ରୋମାଞ୍ଚୋ ବିସ୍ମୟସ୍ତଥା ।
ଆବେଗୋ ଜଡ଼ତା ହର୍ଷୋ ମୂର୍ଚ୍ଛା ଚୈବାଦ୍‌ଭୁତେ ରସେ ॥ ୧୨୪ ॥

ଗ୍ଳାନି, ଶଙ୍କା, ଈର୍ଷ୍ୟା, ଶ୍ରମ, ଚପଳତା, ସୁପ୍ତ, ନିଦ୍ରା ଓ ଅବହିତ୍ଥ ଏହି ଭାବ ଗୁଡ଼ିକ ହାସ୍ୟ ରସରେ ପ୍ରଯୋଜ୍ୟ । ନିର୍ବେଦ, ଚିନ୍ତା, ଦୈନ୍ୟ, ଗ୍ଳାନି, ଅଶ୍ରୁ, ଜଡ଼ତା, ମରଣ ଓ ବ୍ୟାଧି—ଏହି ଭାବ ଗୁଡ଼ିକ କରୁଣ ରସରେ ପ୍ରଯୋଜ୍ୟ । ଗର୍ବ, ଅସୂୟା, ଉତ୍ସାହ, ଆବେଗ, ମଦ, କ୍ରୋଧ, ଚପଳତା, ହର୍ଷ ଓ ଔଗ୍ର୍ୟ ଏହି ଭାବ ଗୁଡ଼ିକ ରୌଦ୍ର ରସରେ ପ୍ରଯୋଜ୍ୟ । ଅସମ୍ମୋହ, ଉତ୍ସାହ, ଆବେଗ, ହର୍ଷ, ମତି, ଔଗ୍ର୍ୟ, ଅମର୍ଷ, ମଦ, ରୋମାଞ୍ଚ, ସ୍ୱରଭେଦ, କ୍ରୋଧ, ଅସୂୟା, ଧୃତି, ଗର୍ବ ଓ ବିତର୍କ ଏହି ଭାବ ଗୁଡ଼ିକ ବୀର ରସରେ ପ୍ରଯୋଜ୍ୟ । ୧୧୭-୧୨୧ ।

ବେପଥୁ, ସ୍ୱରଭେଦ, ରୋମାଞ୍ଚ, ଗଦ୍‌ଗଦ, ତ୍ରାସ, ମରଣ ଓ ବୈବର୍ଣ୍ୟ ଏଗୁଡ଼ିକ ଭୟାନକ ରସରେ ପ୍ରଯୋଜ୍ୟ । ଅପସ୍ମାର, ଉନ୍ମାଦ, ବିଷାଦ, ମଦ, ମୃତ୍ୟୁ, ବ୍ୟାଧି ଏବଂ ଭୟ ଏହି ଭାବ ଗୁଡ଼ିକ ବୀଭତ୍ସ ରସରେ ପ୍ରଯୋଜ୍ୟ । ୧୨୨-୧୨୩

ସ୍ତମ୍ଭ, ସ୍ୱେଦ, ମୋହ, ରୋମାଞ୍ଚ, ବିସ୍ମୟ, ଆବେଗ, ଜଡ଼ତା, ହର୍ଷ ଓ ମୂର୍ଚ୍ଛା—ଏହି ଭାବ ଗୁଡ଼ିକ ଅଦ୍‌ଭୁତ ରସରେ ପ୍ରଯୋଜ୍ୟ । ୧୨୪ ।

Digitized by srujanika@gmail.com

ଯେ ତ୍ୱନ୍ୟେ ସାତ୍ତ୍ୱିକା ଭାବା ନାନାଭିନୟସଂଶ୍ରିତାଃ ।
ରସେଷ୍ୱେତେଷୁ ସର୍ବେଷୁ ତେ ଜ୍ଞେୟା ନାଟ୍ୟଯୋକ୍ତୃଭିଃ ॥ ୧୨୫ ॥
ନ ହ୍ୟେକରସଜଂ କାବ୍ୟଂ କିଞ୍ଚିଦସ୍ତି ପ୍ରୟୋଗତଃ ।
ଭାବୋ ବାପି ରସୋ ବାପି ପ୍ରବୃତ୍ତିର୍ବୃତ୍ତିରେବ ବା ॥ ୧୨୬ ॥
ବହୂନାଂ ସମବେତାନାଂ ରୂପଂ ଯସ୍ୟ ଭବେଦ୍‌ବହୁ ।
ସ ମନ୍ତବ୍ୟୋ ରସଃ ସ୍ଥାୟୀ ଶେଷାଃ ସଞ୍ଚାରିଣୋ ମତାଃ ॥ ୧୨୭ ॥
ଯାପୟନ୍ତଃ ପ୍ରବର୍ତ୍ତନ୍ତେ ଯେ ପୁନଃ ସ୍ଥାୟିନଂ ରସମ୍ ।
ତେ ତୁ ସଞ୍ଚାରିଣୋ ଜ୍ଞେୟାସ୍ତେ ହି ସ୍ଥାୟିତ୍ୱମାଗତାଃ ॥ ୧୨୮ ॥
ବିଭାବାନୁଭାବଯୁକ୍ତୋ ହ୍ୟଙ୍ଗବସ୍ତୁସମାଶ୍ରୟଃ ।
ସଞ୍ଚାରିଭିସ୍ତୁ ସଂଯୁକ୍ତଃ ସ୍ଥାୟ୍ୟେବ ତୁ ରସୋ ଭବେତ୍ ॥ ୧୨୯ ॥
ସ୍ଥାୟୀ ସତ୍ତ୍ୱାତିରେକେଣ ପ୍ରୟୋକ୍ତବ୍ୟଃ ପ୍ରୟୋକ୍ତୃଭିଃ ।
ସଞ୍ଚାର୍ୟାକାରମାତ୍ରେଣ ସ୍ଥାୟୀ ଯସ୍ମାଦବସ୍ଥିତଃ ॥ ୧୩୦ ॥
[ଯେ ତ୍ୱେତେ ସାତ୍ତ୍ୱିକା ଭାବା ନାନାଭିନୟଯୋଜିତାଃ ।
ରସେଷ୍ୱେତେଷୁ ସର୍ବେଷୁ ତେ ଜ୍ଞେୟା ନାଟ୍ୟକୋବିଦୈଃ] ॥୧୩୧॥

ଯେଉଁ ସାତ୍ତ୍ୱିକ ଭାବ ମାନଙ୍କର ନାମ ଓ ଲକ୍ଷଣ ପୂର୍ବେ କୁହାଯାଇଛି, ସେଗୁଡ଼ିକ ନାନା ପ୍ରକାର ଅଭିନୟରେ ପ୍ରକାଶିତ ହୁଅନ୍ତି । ନାଟ୍ୟ ପ୍ରୟୋଗକାରୀମାନେ ସେଗୁଡ଼ିକୁ ସବୁ ରସରେ ପ୍ରୟୋଗ କରି ପାରିବେ । ୧୨୫ ।

କୌଣସି ଏକ ମାତ୍ର ରସକୁ ଅବଲମ୍ବନ କରି କୌଣସି ଦୃଶ୍ୟକାବ୍ୟର ପ୍ରୟୋଗ କରାଯାଇଥିବା ଦେଖାଯାଏ ନାହିଁ । ଭାବ ହେଉ ବା ରସ ହେଉ, ପ୍ରବୃତ୍ତି ହେଉ ବା ବୃତ୍ତି ହେଉ, ଏମାନଙ୍କ ମଧ୍ୟରୁ ଯାହାର ପ୍ରୟୋଗ ବହୁଳ ଭାବେ ହୋଇଥିବ, ନାଟକରେ ତାହାହିଁ ସ୍ଥାୟୀ ବା ମୁଖ୍ୟ ରସ ଏବଂ ଅନ୍ୟ ଗୁଡ଼ିକ ସଞ୍ଚାରୀରସ । (ଯେଉଁ ଭାବ (ପ୍ରଭୃତି) ପ୍ରଧାନ ବା ସ୍ଥାୟୀ ରସକୁ ଉଦ୍ଦୀପିତ କରିବା ଉଦ୍ଦେଶ୍ୟରେ ପ୍ରଯୁକ୍ତ ହୋଇଥାନ୍ତି ସେମାନେ ସଞ୍ଚାରୀ ରସ । ସେମାନେ ମଧ୍ୟ (ସ୍ଥଳ ବିଶେଷରେ) ସ୍ଥାୟିତ୍ୱକୁ (ପ୍ରାପ୍ତ ହୁଅନ୍ତି) । ୧୨୬-୧୨୮ ।

ନାଟ୍ୟର ଅଙ୍ଗୀଭୂତ କଥାବସ୍ତୁ ସଙ୍ଗେ ସଂଯୁକ୍ତ ଏବଂ ବିଭାବ, ଅନୁଭାବ ଓ ସଞ୍ଚାରୀଭାବ ଦ୍ୱାରା ଯୁକ୍ତ ସ୍ଥାୟୀ ଭାବ ରସତ୍ୱକୁ ପ୍ରାପ୍ତ ହୁଏ । ୧୨୯ ।

ସ୍ଥାୟିଭାବାଦି ସାତ୍ତ୍ୱିକ ଭାବ ମାନଙ୍କର ପ୍ରଚୁର ପ୍ରୟୋଗ ଦ୍ୱାରା ଅଭିନୀତ ହେବା ଉଚିତ । କିନ୍ତୁ ସଞ୍ଚାରୀଭାବାଦି କେବଳ ଆକାର ମାତ୍ର ଦ୍ୱାରା (ଅଙ୍ଗଭଙ୍ଗୀ ଦ୍ୱାରା) ପ୍ରଦର୍ଶିତ ହୋଇଥାଏ । କାରଣ ସ୍ଥାୟୀହିଁ ମୁଖ୍ୟ ରୂପେ ବ୍ୟବସ୍ଥିତ (ନିର୍ଦ୍ଦିଷ୍ଟ) ହୋଇଛି । (ତାହାକୁ କେହି କୌଣସି ପ୍ରକାରେ ଅତିକ୍ରମ କରିବା ଉଚିତ ନୁହେଁ ।) ୧୩୦-୧୩୧ ।

Digitized by srujanika@gmail.com

ନହ୍ୟେକରସଜଂ କାବ୍ୟଂ ନୈକଭାବୈକବୃତ୍ତିକମ୍ ।
ବିମର୍ଦେ ରାଗମାୟାତି ପ୍ରଯୁକ୍ତଂ ହି ପ୍ରଯତ୍ନତଃ ॥ ୧୩୨ ॥
[ଭାବା ବାପି ରସା ବାପି ପ୍ରବୃତ୍ତିର୍ବୃତ୍ତିରେବ ବା ।
ବାଦସ୍ତ୍ରାଦ୍ଭୂଷଣାନାଂ ନୈବିଧ୍ୟଂ ନାହ କଥ୍ୟତେ ॥ ୧୩୩ ॥
ଷଣ୍ଣାଂ ରସାନାଂ ନୈବିଧ୍ୟଂ ନାନାଭାବରସାନ୍ୱିତମ୍ ।
ସମ୍ପ୍ରପ୍ରୟୋକ୍ତୃତୋ ହ୍ୟର୍ଥଃ ପ୍ରୟୋଗୋଽସ୍ୟ ବିରାଜତେ] ॥ ୧୩୪ ॥
ତଦଭ୍ୟା ହି ଜଗନ୍ତେ ଲୋକେ ଚିହ୍ନଂ ହି ଦୁର୍ଲଭମ୍ ।
ନାନାଭାବାର୍ଥସଂଯୁକ୍ତାଃ ସ୍ଥାୟିସତ୍ତ୍ୱାଭିଚାରିଣଃ ॥ ୧୩୫ ॥
ପୁଷ୍ପାବକୀର୍ଣାଃ କର୍ତ୍ତବ୍ୟାଃ କାବ୍ୟେଷୁ ହି ରସା ବୁଧୈଃ ।
ଏବଂ ରସାନାଂ ଭାବାନାଂ ବ୍ୟବସ୍ଥାନମିହ ସ୍ମୃତମ୍ ।
ଯ ଏବମେତାନ୍ ଜାନାତି ସଗଚ୍ଛେତ୍ସିଦ୍ଧିମୁତ୍ତମାମ୍ ॥ ୧୩୬ ॥

ଇତି ଭାରତୀୟେ ନାଟ୍ୟଶାସ୍ତ୍ରେ ଭାବବିକଳ୍ପୋ ନାମ
ସପ୍ତମୋଽଧ୍ୟାୟଃ ।

(ଏକ ରସ ଏକ ଭାବ ବା ଏକ ବୃତ୍ତି ବିଶିଷ୍ଟ ଦୃଶ୍ୟକାବ୍ୟ ହୋଇ ପାରେ ନାହିଁ । ଭାବ ଓ ରସାଦିଙ୍କର ବିମର୍ଦ୍ଦ (ପରସ୍ପର ସଂଘର୍ଷ) ଅତି ସାବଧାନତା ସହ ପ୍ରଯୁକ୍ତ ହେଲେ ଦର୍ଶକ ମାନଙ୍କର ଅନୁରାଗ ଉତ୍ପନ୍ନ ହୁଏ ।) ୧୩୨ ।

ସତ୍ତ୍ୱ ସହକାରେ ବିଷୟ ପ୍ରଦର୍ଶିତ ହେଲେ ଅଭିନୟ ଶୋଭା-ବନ୍ତ ହୁଏ । ଚିହ୍ନ (ବିସ୍ମୟକର) ଅଭିନୟ ଜଗତରେ ଦୁର୍ଲଭ । ନାନା ଭାବ ଓ ଅର୍ଥ-ସହ ସଂପର୍କଯୁକ୍ତ ସ୍ଥାୟୀ ସାତ୍ତ୍ୱିକ ଓ ବ୍ୟଭିଚାରୀ ଭାବ ସମୂହକୁ କାବ୍ୟରେ (ନାଟକରେ) (ପୁଷ୍ପାବକୀର୍ଣ୍ଣ) ସୁସଜ୍ଜିତ (ବିଶଦ ଭାବେ ଅଭିବ୍ୟକ୍ତ) କରିବ । ସେହିମାନେ କାବ୍ୟରେ ରସ ଅର୍ଥାତ୍ ଆସ୍ୱାଦ୍ୟ ହୁଅନ୍ତି । ଏକ ସ୍ଥଳରେ ସମବେତ ବହୁଭାବ ମାନଙ୍କ ମଧ୍ୟରୁ ଯେଉଁ ଗୋଟିକର ରୂପ (ପ୍ରୟୋଗ) ବହୁଳ ଭାବେ ହୋଇଥାଏ, ସେହି ଗୋଟିକ ସ୍ଥାୟୀରସ, ଅନ୍ୟ ଗୁଡ଼ିକ ସଂଚାରୀ । ନାଟକରେ ରସ ଓ ଭାବ ମାନଙ୍କର ବ୍ୟବସ୍ଥା ଏହିପରି ଅଟେ । ଯେ ପ୍ରୋକ୍ତ ରୀତିରେ ଏଗୁଡ଼ିକ ବୁଝିଛି ସେ ଉତ୍ତମ ସିଦ୍ଧି ପ୍ରାପ୍ତ ହୁଏ । ୧୩୩-୧୩୬ ।

ନାଟ୍ୟଶାସ୍ତ୍ରରେ ଭାବ ବିକଳ୍ପ (ଭେଦ) ନାମକ ସପ୍ତମ ଅଧ୍ୟାୟ ଶେଷ ହେଲା ।

Digitized by srujanika@gmail.com

ଅଷ୍ଟମୋଽଧ୍ୟାୟଃ

ଋଷୟ ଊଚୁଃ—

ଭାବାନାଂ ଚ ରସାନାଂ ଚ ସମୁତ୍ଥାନଂ ଯଥାକ୍ରମମ୍ ।
ତ୍ୱତ୍ପ୍ରସାଦାଚ୍ଛ୍ରୁତଂ ସର୍ବମିଚ୍ଛାମୋ ବେଦିତୁଂ ପୁନଃ ॥ ୧ ॥
ନାଟ୍ୟେ କତିବିଧଃ କାର୍ଯ୍ୟସ୍ତଜ୍ଜ୍ଞୈରଭିନୟକ୍ରମଃ ।
କଥଂ ବାଭିନୟୋ ହ୍ୟେଷ କତିଭେଦସ୍ତୁ କୀର୍ତ୍ତିତଃ ॥ ୨ ॥
ସର୍ବମେତଦ୍ୟଥାତତ୍ତ୍ୱଂ କଥୟସ୍ୱ ମହାମୁନେ ।
ଯୋ ଯଥାଭିନୟୋ ଯସ୍ମିନ୍ ପ୍ରୟୋକ୍ତବ୍ୟଃ ସିଦ୍ଧିମିଚ୍ଛତା ॥ ୩ ॥
ତେଷାଂ ତଦ୍ୱଚନଂ ଶ୍ରୁତ୍ୱା ମୁନୀନାଂ ଭରତୋ ମୁନିଃ ।
ପ୍ରତ୍ୟୁବାଚ ପୁନର୍ବାକ୍ୟଂ ଚତୁରୋଽଭିନୟାନ୍ ପ୍ରତି । ୪ ॥
ଅହଂ ବଃ କଥୟିଷ୍ୟାମି ନିଖିଲେନ ତପୋଧନାଃ ।
ଯସ୍ମାଦଭିନୟୋ ହ୍ୟେଷ ବିଧିବତ୍ସମୁଦାହୃତଃ ॥ ୫ ॥

ଅଷ୍ଟମ ଅଧ୍ୟାୟ

ଋଷିମାନେ କହିଲେ :—

ଯେଉଁ କ୍ରମରେ ଭାବ ଓ ରସ-ସମୂହର ଉତ୍ପତ୍ତି ଘଟେ, ତାହା ଆପଣଙ୍କ ଅନୁଗ୍ରହରୁ ଅମ୍ଭେମାନେ ଶୁଣିଲୁଁ । ଆହୁରମଧ୍ୟ ଶୁଣିବାକୁ ଇଚ୍ଛାକରୁଁ ଯେ—ନାଟ୍ୟରେ ନାଟ୍ୟ-ପଣ୍ଡିତମାନେ କେତେପ୍ରକାର ଅଭିନୟ-କ୍ରମ ଅବଲମ୍ବନ କରିଥାନ୍ତି ? ଏହି ଅଭିନୟ କିପରି ହୁଏ ? ଏହା କେତେ ପ୍ରକାର ? ହେ ମହାମୁନେ ! ନାଟ୍ୟକର୍ମରେ ସିଦ୍ଧିଲାଭ ପାଇଁ ଇଚ୍ଛୁକ ହୋଇଥିବା ବ୍ୟକ୍ତି ଯେଉଁ ଅଭିନୟକୁ ଯେଉଁଠାରେ ଯେଉଁପରି ପ୍ରୟୋଗ କରିବା ଉଚିତ, ତାହାମଧ୍ୟ ତତ୍ତ୍ୱସହକାରେ ଆମ୍ଭମାନଙ୍କୁ କହନ୍ତୁ । ୧-୩ ।

ଭରତ ମୁନି ସେହି ମୁନିମାନଙ୍କର କଥାଶୁଣି ଚାରିପ୍ରକାର ଅଭିନୟ ସମ୍ବନ୍ଧରେ ସେମାନଙ୍କୁ ପୁଣି କହିଲେ—ହେ ତପୋଧନଗଣ ! ଯେଉଁହେତୁ ଏହାକୁ ଅଭିନୟ କୁହାଯାଏ, ଏହିକଥା ମୁଁ ତୁମ୍ଭମାନଙ୍କୁ ବିଧିପୂର୍ବକ ନିଃଶେଷଭାବେ କହିବ । ୪-୫ ।

Digitized by srujanika@gmail.com

ଯଦୁକ୍ତଂ ଚତୁର୍ବିଧୋଽଭିନୟ ଇତି ତାନ୍‌ବର୍ତ୍ତୟିଷ୍ୟାମଃ, ଅତ୍ରାହ— ଅଭିନୟ ଇତି କସ୍ମାତ୍ । ଅତ୍ରୋଚ୍ୟତେ— ଅଭୀତ୍ୟୁପସର୍ଗଃ । ଣୀଞିତ୍ୟୟଂ ଧାତୁଃ ପ୍ରାପଣାର୍ଥଃ । ଅସ୍ୟାଭିନୀତ୍ୟେବଂ ବ୍ୟବସ୍ଥିତସ୍ୟ ଏରଜିତ୍ୟଚ୍‌ପ୍ରତ୍ୟୟାନ୍ତସ୍ୟାଭିନୟ ଇତି ରୂପଂ ସିଦ୍ଧମ୍ । ଏତଚ୍ଚ ଧାତ୍ୱର୍ଥବଚନେନାବଧାର୍ଯ୍ୟମ୍ । ଅତ୍ର ଶ୍ଳୋକୌ— (କ)

ଅଭିପୂର୍ବସ୍ତୁ ଣୀଞ୍‌ଧାତୁରାଭିମୁଖ୍ୟାର୍ଥନିର୍ଣ୍ଣୟେ ।
ଯସ୍ମାତ୍ ପ୍ରୟୋଗଂ ନୟତି ତସ୍ମାଦଭିନୟଃ ସ୍ମୃତଃ ॥ ୬ ॥
ବିଭାବୟତି ଯସ୍ମାଚ୍ଚ ନାନାର୍ଥାନ୍ହି ପ୍ରୟୋଗତଃ ।
ଶାଖାଙ୍ଗୋପାଙ୍ଗସଂଯୁକ୍ତସ୍ତସ୍ମାଦଭିନୟଃ ସ୍ମୃତଃ ॥ ୭ ॥
ଚତୁର୍ବିଧଶ୍ଚୈବ ଭବେନ୍ନାଟ୍ୟସ୍ୟାଭିନୟୋ ଦ୍ୱିଜାଃ ।
ଅନେକଭେଦବାହୁଲ୍ୟଂ ନାଟ୍ୟମସ୍ମିନ୍ ପ୍ରତିଷ୍ଠିତମ୍ ॥ ୮ ॥
ଆଙ୍ଗିକୋ ବାଚିକଶ୍ଚୈବ ହ୍ୟାହାର୍ଯ୍ୟଃ ସାତ୍ତ୍ୱିକସ୍ତଥା ।
ଜ୍ଞେୟସ୍ତ୍ୱଭିନୟୋ ବିପ୍ରାଶ୍ଚତୁର୍ଧା ପରିକୀର୍ତ୍ତିତଃ ॥ ୯ ॥

ଅଭିନୟ ଚାରିପ୍ରକାର ବୋଲି ଆଗରୁ କୁହାଯାଇଛି । ସେବେ ସେମାନଙ୍କ ସମ୍ବନ୍ଧରେ କହୁଛି । ଏହାକୁ କାହିଁକି ଅଭିନୟ କୁହାଯାଇଛି ? 'ଅଭି' ଉପସର୍ଗରୁ ଉତ୍ତର 'ନୀ' (ପ୍ରାପଣ ପହଞ୍ଚାଇବା ବା ପ୍ରାପ୍ତ କରାଇବା ।) ଧାତୁରୁ ଅଚ୍ ପ୍ରତ୍ୟୟ କରିବା ଦ୍ୱାରା "ଅଭିନୟ" ପଦ ବ୍ୟୁତ୍ପନ୍ନ ହୋଇଅଛି । ଏଠାରେ ଧାତୁର ଅର୍ଥ ଅନୁସାରେ ଏହାର ଅର୍ଥ ଅବଧାରିତ ହେବ । (କ)

ଅଭି ପୂର୍ବକ 'ନୀ' ଧାତୁର ଅର୍ଥ—ଅଭିମୁଖରେ ପହଞ୍ଚାଇବା, ଅର୍ଥାତ୍ ନାଟ୍ୟବସ୍ତୁର ଅର୍ଥକୁ ନିର୍ଣ୍ଣୟ କରିବାରେ ଆଭିମୁଖ୍ୟ ପ୍ରଦାନ କରିବା । ଏହା ଯେଉଁଥିରେ ଘଟେ, ତାହାକୁ ଅଭିନୟ କହନ୍ତି । ୬ ।

ଶାଖା, ଅଙ୍ଗ ଓ ଉପାଙ୍ଗ ଯୁକ୍ତ ହୋଇ ନାଟ୍ୟ ବସ୍ତୁମାନଙ୍କର ପ୍ରୟୋଗ ସାହାଯ୍ୟରେ ବିକଶିତଭାବେ ପ୍ରକାଶିତ କରେ ବୋଲି ଏହାକୁ ଅଭିନୟ କହନ୍ତି । ୭ ।

ହେ ଦ୍ୱିଜଗଣ ! ନାଟ୍ୟର ଅଭିନୟ ଚାରିପ୍ରକାର ଅଟେ । ନାନା ଭେଦ ବିଶିଷ୍ଟ ନାଟ୍ୟ ଏହି ଅଭିନୟ ଉପରେ ନିର୍ଭର କରିଥାଏ । ୮ ।

ହେ ବିପ୍ରଗଣ—ଏହି ଅଭିନୟ ଆଙ୍ଗିକ, ବାଚିକ, ଆହାର୍ଯ୍ୟ ଓ ସାତ୍ତ୍ୱିକ ଭେଦରେ ଚାରିପ୍ରକାର ବୋଲି ନିରୂପିତ ହୋଇଛି । ୯ ।

Digitized by srujanika@gmail.com

ସାତ୍ତ୍ୱିକଃ ପୂର୍ବମୁକ୍ତସ୍ତୁ ଭାବୈଶ୍ଚ ସହିତୋ ମୟା ।
ଅଙ୍ଗାଭିନୟମେବାଦୌ ଗଦତୋ ମେ ନିବୋଧତ ॥ ୧୦ ॥
ତ୍ରିବିଧସ୍ତ୍ୱାଙ୍ଗିକୋ ଜ୍ଞେୟଃ ଶାରୀରୋ ମୁଖଜସ୍ତଥା ।
ତଥା ଚେଷ୍ଟାକୃତଶ୍ଚୈବ ଶାଖାଙ୍ଗୋପାଙ୍ଗସଂଯୁତଃ ॥ ୧୧ ॥
ଶିରୋହସ୍ତକଟୀବକ୍ଷଃପାର୍ଶ୍ୱପାଦସମନ୍ୱିତଃ ।
ଅଙ୍ଗପ୍ରତ୍ୟଙ୍ଗସଂଯୁକ୍ତଃ ଷଡଙ୍ଗୋ ନାଟ୍ୟସଂଗ୍ରହଃ ॥ ୧୨ ॥
ତସ୍ୟ ଶିରୋହସ୍ତୋରଃପାର୍ଶ୍ୱକଟୀପାଦତଃ ଷଡଙ୍ଗାନି ।
ନେତ୍ରଭ୍ରୂନାସାଧରକପୋଲଚିବୁକାନ୍ୟୁପାଙ୍ଗାନି ॥ ୧୩ ॥
ଅସ୍ୟ ଶାଖା ଚ ନୃତ୍ତଂ ଚ ତଥୈବାଙ୍କୁର ଏବ ଚ ।
ବସ୍ତୂନ୍ୟଭିନୟସ୍ୟେହ ବିଜ୍ଞେୟାନି ପ୍ରୟୋକ୍ତୃଭିଃ ॥ ୧୪ ॥
ଆଙ୍ଗିକସ୍ତୁ ଭବେଚ୍ଛାଖା ହ୍ୟଙ୍କୁରଃ ସୂଚନା ଭବେତ୍ ।
ଅଙ୍ଗହାରବିନିଷ୍ପନ୍ନଂ ନୃତ୍ତଂ ତୁ କରଣାଶ୍ରୟମ୍ ॥ ୧୫ ॥
ମୁଖଜେଽଭିନୟେ ବିପ୍ରା ନାନାଭାବରସାଶ୍ରୟେ ।
ଶିରସଃ ପ୍ରଥମଂ କର୍ମ ଗଦତୋ ମେ ନିବୋଧତ ॥ ୧୬ ॥

ମୁଁ ଭାବମାନଙ୍କ ସହିତ ସାତ୍ତ୍ୱିକ ଅଭିନୟକୁ ପୂର୍ବରୁ କହିସାରିଛି । ଏବେ ପ୍ରଥମତଃ ଅଙ୍ଗାଭିନୟ କଥା ମୋଠାରୁ ଶୁଣ । ଆଙ୍ଗିକ ଅଭିନୟ ଶରୀର, ମୁଖଜ ଓ ଚେଷ୍ଟାକୃତ ଭେଦରେ ତିନିପ୍ରକାର । ଶିର, ହସ୍ତ, କଟୀ, ବକ୍ଷ, ପାର୍ଶ୍ୱ ଓ ପାଦକୁ ମିଶାଇ ଅଙ୍ଗପ୍ରତ୍ୟଙ୍ଗ ସଂଯୁକ୍ତ ସମସ୍ତ ନାଟ୍ୟ ଷଡ଼ଙ୍ଗ ବିଶିଷ୍ଟ ହୋଇଥାଏ । ଶିର, ହସ୍ତ, ବକ୍ଷ, ପାର୍ଶ୍ୱ, କଟୀ ଓ ପାଦ ଏହି ଛଅଟିକୁ ଅଙ୍ଗ କହନ୍ତି । ନେତ୍ର, ଭ୍ରୂ, ନାସା, ଅଧର, କପାଳ ଓ ଚିବୁକ ଏହି ଛଅଟିର ନାମ ଉପାଙ୍ଗ । ୧୦-୧୩ ।

ନାଟ୍ୟ-ପ୍ରଯୋକ୍ତାମାନେ ଶାଖା, ନୃତ୍ତ ଓ ଅଙ୍କୁର ଏହି ତିନିଗୋଟି ଅଭିନୟର ବସ୍ତୁକୁ ଜାଣିଥିବା ଉଚିତ । ଆଙ୍ଗିକ ଅଭିନୟର ନାମ 'ଶାଖା' । ତଦ୍ୱାରା ଯେଉଁ ସୂଚନା ଦିଆଯାଏ, ତାହାର ନାମ 'ଅଙ୍କୁର (ପୂର୍ବୋକ୍ତ) କରଣକୁ ଅବଲମ୍ବନ କରି ଯେଉଁ ଅଙ୍ଗହାର ପ୍ରଦର୍ଶିତ ହୁଏ, ତାହାର ନାମ 'ନୃତ୍ତ' । ୧୪-୧୫ ।

ହେ ବ୍ରାହ୍ମଣମାନେ ! ମୁଖ ସମ୍ବନ୍ଧୀୟ ଅଭିନୟ ନାନା ଭାବ ଓ ରସର ଆଶ୍ରୟ ହୋଇଥାଏ । ମୁଁ ପ୍ରଥମେ 'ଶିରଃ' (ମସ୍ତକ)ର କାର୍ଯ୍ୟମାନ କହୁଅଛି, ତୁମ୍ଭେମାନେ ଶୁଣ । ୧୬।

Digitized by srujanika@gmail.com

ଆକମ୍ପିତଂ କମ୍ପିତଂ ଚ ଧୂତଂ ବିଧୂତମେବ ଚ ।
ପରିବାହିତମାଧୂତମବଧୂତଂ ତଥାଞ୍ଚିତମ୍ ॥ ୧୭ ॥
ନିହଞ୍ଚିତଂ ପରାବୃତ୍ତମୁତ୍କ୍ଷିପ୍ତଂ ଚାପ୍ୟଧୋଗତମ୍ ।
ଲୋଳିତଂ ଚେତି ବିଜ୍ଞେୟଂ ତ୍ରୟୋଦଶବିଧଂ ଶିରଃ ॥ ୧୮ ॥
ଶନୈରାକମ୍ପନାଦୂର୍ଦ୍ଧ୍ୱମଧଶ୍ଚାକମ୍ପିତଂ ଭବେତ୍ ।
ଦ୍ରୁତଂ ତଦେବ ବହୁଶଃ କମ୍ପିତଂ କମ୍ପିତଂ ଶିରଃ ॥ ୧୯ ॥
[ଉଜ୍ଜ୍ଝିତସ୍ୟ ଚୋର୍ଦ୍ଧ୍ୱାଧଃ କ୍ଷେପାଦାକମ୍ପିତଂ ଭବେତ୍ ।
ବହୁଶସ୍ତୁ କୃତଂ ଯଚ୍ଚ ତତ୍କମ୍ପିତମିହୋଚ୍ୟତେ] ॥ ୨୦ ॥
ସଂଜ୍ଞୋପଦେଶପ୍ରଶ୍ନେଷୁ ସ୍ୱଭାବାଭାଷଣେ ତଥା ।
ନିର୍ଦ୍ଦେଶାବାହନେ ଚୈବ ଭବେଦାକମ୍ପିତଂ ଶିରଃ ॥ ୨୧ ॥
ରୋଷେ ବିତର୍କେ ବିଜ୍ଞାନେ ପ୍ରତିଜ୍ଞାନେଽଥ ତର୍ଜନେ ।
ପ୍ରଶ୍ନାତିଶୟବାକ୍ୟେଷୁ ଶିରଃ କମ୍ପିତମିଷ୍ୟତେ ॥ ୨୨ ॥

ଶିରର ଅଭିନୟ ତେରପ୍ରକାର । ଯଥା :— ଆକମ୍ପିତ, କମ୍ପିତ, ଧୂତ, ବିଧୂତ, ପରିବାହିତ, ଆଧୂତ, ଅବଧୂତ, ଅଞ୍ଚିତ, ନିହଞ୍ଚିତ, ପରାବୃତ୍ତ, ଉତ୍କ୍ଷିପ୍ତ, ଅଧୋଗତ ଓ ଲୋଳିତ । ୧୭-୧୮ ।

ଆକମ୍ପିତ—ମସ୍ତକକୁ ଆସ୍ତେ ଆସ୍ତେ ତଳ ଓ ଉପରକୁ ଚାଳିତ କରିବାର ନାମ "ଆକମ୍ପିତ" ।
କମ୍ପିତ— ମସ୍ତକକୁ ଦ୍ରୁତଭାବେ ବହୁଥର ସେହିପରି ତଳ ଓ ଉପରକୁ ଚାଳିତ କରିବାର ନାମ କମ୍ପିତ । ୧୯-୨୦ ।

ଆକମ୍ପିତର ପ୍ରୟୋଗ— ସଙ୍କେ ବା ଇଙ୍ଗିତରେ ଜଣାଇବା, ଉପଦେଶ ଦେବା, ପଚାରିବା (ପ୍ରଶ୍ନ କରିବା), ସ୍ୱାଭାବିକ ଭାବରେ ଆଭାଷଣ (କଥାବାର୍ତ୍ତା କରିବା), ଆଦେଶ ଓ ଆବାହନ କରିବାବେଳେ 'ଆକମ୍ପିତ' ବ୍ୟବହୃତ ହୁଏ । ୨୧ ।

କମ୍ପିତର ପ୍ରୟୋଗ :— କ୍ରୋଧ, ବିତର୍କ (ତର୍କ), ବିଜ୍ଞାନ (କୌଣସି କଥାକୁ ଭଲରୂପେ ବୁଝିପାରିବା) ପ୍ରତିଜ୍ଞାନ (କେହି କୌଣସି ବସ୍ତୁ ବୁଝାଇବା ପରେ ତାହାକୁ ହୃଦୟଙ୍ଗମ କରିବା) ତର୍ଜନ, ପ୍ରଶ୍ନ କରିବା ଅତିଶୟ ବାକ୍ୟ (ଉଦ୍ଧତ ବଚନ) ପ୍ରୟୋଗରେ କମ୍ପିତ ଶିରଃ ହୁଏ । ୨୨ ।

Digitized by srujanika@gmail.com

ଶିରସୋ ରେଚନଂ ସମ୍ୟକ୍ଛନୈସ୍ତଦ୍ଧୂତମିଷ୍ୟତେ ।
ଦ୍ରୁତମାରେଚନାଦେତଦ୍‌ବିଧୁତଂ ତୁ ଭବେଚ୍ଛିରଃ ॥ ୨୩ ॥
ଅନୀପ୍‌ସିତେ ବିଷାଦେ ଚ ବିସ୍ମୟେ ପ୍ରତ୍ୟୟେ ତଥା ।
ପାର୍ଶ୍ୱାବଲୋକନେ ଶୂନ୍ୟେ ପ୍ରତିଷେଧେ ଧୁତଂ ଶିରଃ ॥ ୨୪ ॥
ଶୀତଗ୍ରସ୍ତେ ଭୟାର୍ତ୍ତେ ଚ ତ୍ରାସିତେ ଜ୍ୱରିତେ ତଥା ।
ପୀତମାତ୍ରେ ତଥା ମଦ୍ୟେ ବିଧୁତଂ ତୁ ଭବେଚ୍ଛିରଃ ॥ ୨୫ ॥
ପର୍ଯ୍ୟାୟଶଃ ପାର୍ଶ୍ୱଗତଂ ଶିରଃ ସ୍ୟାତ୍‌ପରିବାହିତମ୍ ।
ଅଧୂତମୁଚ୍ୟତେ ତିର୍ଯ୍ୟକ୍‌ସକୃଦୁଦ୍‌ବାହିତଂ ତୁ ଯତ୍ ॥ ୨୬ ॥
ସାଧନେ ବିସ୍ମୟେ ହର୍ଷେ ସ୍ମୃତେ ଽମର୍ଷିତେ ତଥା ।
ବିଚାରେ ବିହୃତେ ଚୈବ ଲୀଳାୟାଂ ପରିବାହିତମ୍ ॥ ୨୭ ॥
ଗର୍ବେଚ୍ଛାଦର୍ଶନେ ଚୈବ ଚାବଂସ୍ଥୋର୍ଦ୍ଧ୍ୱନିରୀକ୍ଷଣେ ।
ଆଧୂତଂ ତୁ ଶିରୋ ଜ୍ଞେୟମାତ୍ମସମ୍ଭାବନାଦିଷୁ ॥ ୨୮ ॥

ଧୂତ ଓ ବିଧୂତ :— ମସ୍ତକକୁ ଆସ୍ତେ ଆସ୍ତେ ବକ୍ର କଲେ ତାହାକୁ ଧୂତ ଏବଂ ଚଞ୍ଚଳତା ସହ ବକ୍ର କଲେ ତାହାର ନାମ ବିଧୂତ ହୁଏ । ୨୩ ।

ଧୂତ ଓ ବିଧୂତର ପ୍ରୟୋଗ :— କୌଣସି ଅନିଷ୍ଟ ଘଟିଲେ (ଅଥବା ଅନିଚ୍ଛା ପ୍ରକାଶ ଉଦ୍ଦେଶ୍ୟରେ) ବିଷାଦ ଜାତ ହେଲେ, ବିସ୍ମୟରେ ପ୍ରତ୍ୟୟ (ବିଶ୍ୱାସ)ର ସୂଚନାରେ, ପାର୍ଶ୍ୱ ଦେଶକୁ ଚାହିଁବାରେ, ଶୂନ୍ୟତା ଦର୍ଶନରେ ଓ ନିଷେଧ ବା ବାରଣ କରିବା ପାଇଁ ମସ୍ତକ 'ଧୂତ' ହୁଏ । ଶୀତାର୍ତ୍ତ ହେଲେ ଭୟାର୍ତ୍ତ ହେଲେ, କେହି ଡରାଇଲେ (ତ୍ରାସିତ) ମଦ୍ୟପାନ କଲାକ୍ଷଣି ମସ୍ତକ ବିଧୂତ ହୁଏ । ୨୪-୨୫ ।

ମସ୍ତକ ପର୍ଯ୍ୟାୟ କ୍ରମେ ବାଁ ଓ ଡାହାଣ ଆଡ଼କୁ (ପାର୍ଶ୍ୱକୁ) ଚାଳିତ ହେଲେ ତାହାକୁ ପରିବାହିତ କହନ୍ତି ।

ଉଦ୍‌ବାହିତ :— (ତିର୍ଯ୍ୟକ୍ ଭାବେ) ଥରେ ମାତ୍ର ଉପରକୁ ଚାଳିତ ହେଲେ ତାହାକୁ ଉଦ୍‌ବାହିତ କହନ୍ତି । ୨୬ ।

ପ୍ରୟୋଗ :— ସାଧନ (ପ୍ରଦର୍ଶନ) ବିସ୍ମୟ, ସ୍ମରଣ, ଅମର୍ଷ, (ଅସହନଶୀଳତା) ବିଚାର, ନିହ୍ନବ, (ଲୁଚାଇବା) ଅନ୍ୟ ମତରେ ବିହୃତ ଲୀଳା (ପ୍ରିୟର ଅନୁକରଣ) ପ୍ରଭୃତିରେ ପରିବାହିତ ପ୍ରଯୁକ୍ତ ହୁଏ । ୨୭ ।

ଗର୍ବ, ଇଚ୍ଛାକୁ ଦେଖାଇବା ଅଥବା ନିଜକୁ ଦେଖାଇବା ଅଥବା ନିଜକୁ ବଡ଼କରି ଦେଖାଇବା, ପାଖରେ ଥିବା ବସ୍ତୁକୁ ବା ଉର୍ଦ୍ଧ୍ୱକୁ ନିରୀକ୍ଷଣ କରିବା ନିଜକୁ ସମ୍ଭାବିତ କରିବା (ଆତ୍ମ ପ୍ରୌଢ଼ି ଦେଖାଇବା) ପ୍ରଭୃତି ସ୍ଥଳରେ ଉଦ୍‌ବାହିତ ପ୍ରଯୁକ୍ତ ହୁଏ । ୨୮ ।

Digitized by srujanika@gmail.com

ଅଧଃ ସକୃଦାକ୍ଷିପ୍ତମବଧୂତଂ ତୁ ତଚ୍ଛିରଃ ।
ସଂଦେଶବାହନାଲାପସଂଜ୍ଞାଦିଷୁ ତଦିଷ୍ୟତେ ॥ ୨୯ ॥
କିଞ୍ଚିତ୍ ପାର୍ଶ୍ୱନତଗ୍ରୀବଂ ଶିରୋ ବିଜ୍ଞେୟମଞ୍ଚିତମ୍ ।
ବ୍ୟାଧିତେ ମୂର୍ଚ୍ଛିତେ ମତ୍ତେ ଚିନ୍ତାୟାଂ ହନୁଧାରଣେ ॥ ୩୦ ॥
ଉତ୍କ୍ଷିପ୍ତାଂସାଦିସକ୍ତଂ ଯତ୍ କୁଞ୍ଚିତଭ୍ରୂଲତଂ ମନାକ୍ ।
ନିହଞ୍ଚିତଂ ତୁ ବିଜ୍ଞେୟଂ ସ୍ତ୍ରୀଣାମେତତ୍ପ୍ରୟୋଜୟେତ୍ ॥ ୩୧ ॥
ଗର୍ବେ ମାନେ ବିଲାସେ ଚ ବିବ୍ବୋକେ କିଲକିଞ୍ଚିତେ ।
ମୋଟ୍ଟାୟିତେ କୁଟ୍ଟମିତେ ସ୍ତମ୍ଭେ ମାନେ ନିହଞ୍ଚିତମ୍ ॥ ୩୨ ॥
ପରାବୃତ୍ତାନୁକରଣାତ୍ ପରାବୃତ୍ତମିହୋଚ୍ୟତେ ।
ତତ୍ସ୍ୟାନ୍ମୁଖାପହରଣେ ପୃଷ୍ଠତଃ ପ୍ରେକ୍ଷଣାଦିଷୁ ॥ ୩୩ ॥

ଅବଧୂତ :— ଥରେ ମାତ୍ର ତଳ ଆଡକୁ ମସ୍ତକକୁ ଝୁଙ୍କାଇବାର ନାମ ଅବଧୂତ ।

ପ୍ରୟୋଗ :— ସଂଦେଶ (ସମ୍ବାଦ) ଦେବା, ଆବାହନ କରିବା (ଆମନ୍ତ୍ରଣ) ଆଳାପ ଓ ସଂଜ୍ଞା (ଇଙ୍ଗିତରେ ସୂଚନା ଦେବା) ସ୍ଥଳରେ ଅବଧୂତ ଶିରଃ ପ୍ରଯୁକ୍ତ ହୁଏ । ୨୯ ।

ଅଞ୍ଚିତ :—ମସ୍ତକକୁ ଗୋଟିଏ ଆଡକୁ ଅଳ୍ପ ବେକ ଭାଙ୍ଗିବା ଦ୍ୱାରା ନୁଆଁଇଲେ ତାହାର ନାମ ଅଞ୍ଚିତ ।

ପ୍ରୟୋଗ— ରୋଗଗ୍ରସ୍ତ ହେଲେ, ମୂର୍ଚ୍ଛିତ ହେଲେ, ମଦ୍ୟ ନିଶାରେ ଭୋଳ ହେଲେ, ଚିନ୍ତାଗ୍ରସ୍ତ ହେଲେ ଓ ଦୁଃଖିତ ହୋଇଥିଲେ (ଅନ୍ୟମତରେ ହନୁ ଧାରଣ ଅର୍ଥାତ୍ ଅନ୍ୟ କେହି ଚିବୁକକୁ ଧାରଣ କଲେ) ଅଞ୍ଚିତ ପ୍ରଯୁକ୍ତ ହୁଏ । ୩୦ ।

ନିହଞ୍ଚିତ — ବାହୁ ଅଗ୍ରଭାଗକୁ (କାନ୍ଧ ଆଉ ମୁଣ୍ଡକୁ) ଉର୍ଦ୍ଧ୍ୱକୁ ଟେକି ବେକକୁ ନିକୁଞ୍ଚିତ କଲେ (ଜାକି ହେଲେ) ତାହାକୁ 'ନିହଞ୍ଚିତ' ମସ୍ତକ କହନ୍ତି ।

ପ୍ରୟୋଗ— ନିହଞ୍ଚିତ ସ୍ତ୍ରୀ ଲୋକ ମାନଙ୍କର ଗର୍ବ, ବିଳାସ, ଲଳିତ, ବିବ୍ବୋକ, କିଲ କିଞ୍ଚିତ, ମୋଟ୍ଟାୟିତ, କୁଟ୍ଟମିତ, ସ୍ତମ୍ଭ ଓ ମାନ ସ୍ଥଳରେ ପ୍ରଯୁକ୍ତ ହୁଏ (ସ୍ତ୍ରୀ ମାନଙ୍କର ସ୍ୱଭାବଜ ଅଳଙ୍କାର) । ୩୧-୩୨ ।

ପରାବୃତ୍ତ — ମୁଖକୁ ପଛ ଆଡ଼କୁ ବୁଲାଇଲେ ତାହାର ନାମ ପରାବୃତ୍ତ ।

ପ୍ରୟୋଗ — କେହି ମୁଖ ଧାରଣ କରିବାକୁ ଚାହିଁ କଲେ ବା ପଛ-ଆଡ଼େ ଥିବା ବସ୍ତୁକୁ ଦେଖିବାକୁ ଇଚ୍ଛାକଲେ ଏହାର ପ୍ରୟୋଗ ହୋଇଥାଏ । ୩୩ ।

Digitized by srujanika@gmail.com

ଉତ୍କ୍ଷିପ୍ତଂ ବୃପି ବକ୍ଷେୟମୁନ୍ମୁଖାବସ୍ଥିତଂ ଶିରଃ ।
ପ୍ରାଂଶୁଦିବ୍ୟାର୍ଥଯୋଗେଷୁ ସ୍ୟାଦୁତ୍‌କ୍ଷିପ୍ତଂ ପ୍ରୟୋଗତଃ ॥ ୭୪ ॥

ଅବାଙ୍ମୁଖସ୍ଥିତଞ୍ଚାପି ବୁଧୈଃ ପ୍ରୋକ୍ତରଧୋଗତମ୍ ।
ଲଜ୍ଜାୟାଂ ଚ ପ୍ରଣାମେ ଚ ଦୁଃଖେ ସ୍ୟାଧୋଗତଂ ଶିରଃ ॥ ୭୫ ॥

ସର୍ବତୋଭ୍ରମଣାଚ୍ଚୈବ ଶିରୋ ଲୋଳିତମୁଚ୍ୟତେ ।
ମୂର୍ଚ୍ଛାବ୍ୟାଧିମଦାବେଶଗ୍ରହନିଦ୍ରାଦିଷୁ ସ୍ମୃତମ୍ ॥ ୭୬ ॥

[ତଜ୍ଜ୍ଞୈସ୍ତଚ୍ଛିବସଂସ୍ଥାନଂ ପ୍ରୋକ୍ତଂ ତୁ ସ୍ବଚ୍ଛବଜକମ୍ ।
ମଙ୍ଗଳ୍ୟାଧ୍ୟୟନଧ୍ୟାନସ୍ତ୍ରବଜପ୍ରକର୍ମସୁ] ॥ ୭୭ ॥

ଏତେଭ୍ୟୋଽନ୍ୟେ ବହବୋ ଭେଦା ଲୋକାଭିନୟସଂଶ୍ରୟାଃ ।
ତେ ଚ ଲୋକସ୍ୱଭାବେନ ପ୍ରୟୋକ୍ତବ୍ୟାଃ ପ୍ରୟୋକ୍ତୃଭିଃ ॥ ୭୮ ॥

ନାନ୍ୟୋନ୍ୟଶବିଧଂ ପ୍ରୋକ୍ତଂ ଶିରଃ କର୍ମ ମୟୋଦିତମ୍ ।
ଅତଃ ପରଂ ପ୍ରବକ୍ଷ୍ୟାମି ଦୃଷ୍ଟୀନାମପି ଲକ୍ଷଣମ୍ ॥ ୭୯ ॥

ଉତ୍‌କ୍ଷିପ୍ତ — ମୁଖକୁ ଉପରକୁ କରିବାର ନାମ ଉତ୍‌କ୍ଷିପ୍ତଶିରଃ ।
ପ୍ରୟୋଗ — ଉନ୍ନତ ପଦାର୍ଥକୁ ଦେଖିବା ବେଳେ ଓ (ଦିବ୍ୟାର୍ଥ) ସ୍ୱର୍ଗୀୟ ବସ୍ତୁ (ଅକାଶରେ ଘଟୁଥିବା କୌଣସି ଘଟଣା) ଦେଖିବା ବେଳେ (ଅନ୍ୟ ମତରେ ଦିବ୍ୟ ଅସ୍ତ୍ରାଦିର ପ୍ରୟୋଗ ବେଳେ) ଏହାର ପ୍ରୟୁକ୍ତ ହୁଏ । ୭୪

ଅଧୋଗତ — ମୁଖକୁ ତଳକୁ କଲେ ତାହାର ନାମ ଅଧୋମୁଖ ହୁଏ ।
ପ୍ରୟୋଗ— ଲଜ୍ଜା, ପ୍ରଣାମ ଓ ଦୁଃଖ ସ୍ଥଳରେ ଏହା ପ୍ରଯୁକ୍ତ ହୁଏ । ୭୫ ।

ପରିଲୋଳିତ — ମୁଣ୍ଡକୁ ଚାରିଆଡ଼କୁ ଆନ୍ଦୋଳିତ କରିବାର ନାମ ପରିଲୋଳିତ ।
ପ୍ରୟୋଗ — ମୂର୍ଚ୍ଛା, ରୋଗ, ନିଶା ଚଢ଼ିବା, ଭୂତ ଲାଗିବା, ନିଦ ଝାଙ୍କିବା, ପ୍ରଭୃତି ସ୍ଥଳରେ ଏହା ପ୍ରଯୁକ୍ତ ହୁଏ । ୭୬ ।

ଏହା ବ୍ୟତୀତ ଆହୁରି ଅନେକ ପ୍ରକାର ମସ୍ତକାଭିନୟ ଲୋକ ସାଧାରଣରେ ପ୍ରଚଳିତ ଅଛି । ସେ ଗୁଡ଼ିକୁ ଲୌକିକ ରୀତିରେ ନାଟ୍ୟବିଦ୍‌ମାନେ ପ୍ରୟୋଗ କରିବା ଉଚିତ । ଏହିପରି ତେର ପ୍ରକାର ମସ୍ତକାଭିନୟର ଲକ୍ଷଣ ଓ ପ୍ରୟୋଗ ମୁଁ କହିଲି । ଏହାପରେ 'ଦୃଷ୍ଟି' ମାନଙ୍କର ଲକ୍ଷଣ କହୁଛି । ୭୭-୭୯ ।

Digitized by srujanika@gmail.com

କାନ୍ତା ଭୟାନକା ହାସ୍ୟା କରୁଣା ଚାଦ୍ଭୁତା ତଥା ।
ରୌଦ୍ରୀ ବୀରା ଚ ବୀଭତ୍ସା ବଜ୍ଞେୟା ରସଦୃଷ୍ଟୟଃ ॥ ୪୦ ॥

ସ୍ନିଗ୍ଧା ହୃଷ୍ଟା ଚ ଦୀନା ଚ କ୍ରୁଦ୍ଧା ଦୃପ୍ତା ଭୟାନ୍ୱିତା ।
ଜୁଗୁପ୍ସିତା ବିସ୍ମିତା ଚ ସ୍ଥାୟିଭାବେଷୁ ଦୃଷ୍ଟୟଃ ॥ ୪୧ ॥

ଶୂନ୍ୟା ଚ ମଳିନା ଚୈବ ଶ୍ରାନ୍ତା ଲଜ୍ଜାନ୍ୱିତା ତଥା ।
ଗ୍ଲାନା ଚ ଶଙ୍କିତା ଚୈବ ବିଷଣ୍ଣା ମୁକୁଳା ତଥା ॥ ୪୨ ॥

କୁଞ୍ଚିତା ଚାଭିତପ୍ତା ଚ ଜିହ୍ମା ସଲଳିତା ତଥା ।
ବିତର୍କିତାର୍ଦ୍ଧମୁକୁଳା ବିଭ୍ରାନ୍ତା ବିପ୍ଲୁତା ତଥା ॥ ୪୩ ॥

ଆକେକରା ବିକୋଶା ଚ ତ୍ରସ୍ତା ଚ ମଦିରା ତଥା ।
ଷଟ୍‌ତ୍ରିଂଶଦ୍ଦୃଷ୍ଟୟୋ ହ୍ୟେତାସ୍ତାସୁ ନାଟ୍ୟଂ ପ୍ରତିଷ୍ଠିତମ୍ ॥ ୪୪ ॥

ଅସ୍ୟ ଦୃଷ୍ଟିବିଧାନସ୍ୟ ନାନାଭାବରସାଶ୍ରୟମ୍ ।
ଲକ୍ଷଣଂ ସମ୍ପ୍ରବକ୍ଷ୍ୟାମି ଯଥାକର୍ମପ୍ରୟୋଗତଃ ॥ ୪୫ ॥

ହର୍ଷପ୍ରସାଦଜନିତା କାନ୍ତାତ୍ୟର୍ଥଂ ସମନ୍ୱିତା ।
ସଭ୍ରୂକ୍ଷେପକଟାକ୍ଷା ଚ ଶୃଙ୍ଗାରେ ଦୃଷ୍ଟିରିଷ୍ୟତେ ॥ ୪୬ ॥

ଏହି ଦୃଷ୍ଟି ୩୬ ପ୍ରକାର—ତନ୍ମଧ୍ୟରୁ କାନ୍ତା, ଭୟାନକା, ହାସ୍ୟା, କରୁଣା, ଅଦ୍ଭୁତା, ରୌଦ୍ରୀ, ବୀରା, ବୀଭତ୍ସା ଏହି ଆଠ ଗୋଟି ରସବ୍ୟଞ୍ଜକ ଦୃଷ୍ଟି । ସ୍ନିଗ୍ଧା, ହୃଷ୍ଟା, ଦୀନା, କ୍ରୁଦ୍ଧା, ଦୃପ୍ତା, ଭୟାନ୍ୱିତା, ଜୁଗୁପ୍ସିତା ଓ ବିସ୍ମିତା ଏହି ଆଠ ଗୋଟି ସ୍ଥାୟିଭାବ ଦ୍ୟୋତକା ଦୃଷ୍ଟି । ଶୂନ୍ୟା, ମଳିନା, ଶ୍ରାନ୍ତା, ଲଜ୍ଜାନ୍ୱିତା, ଗ୍ଲାନା, ଶଙ୍କିତା, ବିଷଣ୍ଣା, ମୁକୁଳା, କୁଞ୍ଚିତା, ଅଭିତପ୍ତା, ଜିହ୍ମା, ଲଳିତା, ବିତର୍କିତା, ଅର୍ଦ୍ଧମୁକୁଳା, ବିଭ୍ରାନ୍ତା, ବିପ୍ଲୁତା, ଆକେକରା, ବିକୋଶା, ତ୍ରସ୍ତା ଓ ମଦିରା ଏମାନଙ୍କର ସଂଖ୍ୟା କୋଡ଼ିଏ । ୪୦-୪୪ ।

ନାନା ପ୍ରକାର ଭାବ ଓ ରସ ଭେଦରେ ଭିନ୍ନ ଭିନ୍ନ ପ୍ରକାର ଦୃଷ୍ଟିର ଯେଉଁ ବିଧାନ ଅଛି, ସେମାନଙ୍କର କାର୍ଯ୍ୟ ଓ ଅଭିନୟ ସହିତ ଲକ୍ଷଣକୁ କହୁଅଛି । ୪୫ ।

କାନ୍ତା— ହର୍ଷ ଏବଂ ପ୍ରସନ୍ନତା ହେତୁ ଭ୍ରୂକ୍ଷେପ ଓ କଟାକ୍ଷ ସହିତ କାମ ଭାବମୟ ଯେଉଁ ଦୃଷ୍ଟି ଜାତ ହୁଏ, ତାହାକୁ କାନ୍ତା କହନ୍ତି । ଏହା ଶୃଙ୍ଗାର ଭାବରେ ପ୍ରଯୁକ୍ତ ହୁଏ । ୪୬ ।

Digitized by srujanika@gmail.com

ପ୍ରୋଦ୍ବୃତ୍ତନିଷ୍ଟବ୍ଧପୁଟା ସ୍ଫୁରଦୁଦ୍ବୃତ୍ତତାରକା ।
ଦୃଷ୍ଟିର୍ଭୟାନକାର୍ଥେଽଂ ଭୀତା ଜ୍ଞେୟା ଭୟାନକେ ॥ ୪୭ ॥

କ୍ରମାଦାକୁଞ୍ଚିତପୁଟା ସବିଭ୍ରାନ୍ତାନ୍ତତାରକା ।
ହାସ୍ୟା ଦୃଷ୍ଟିସ୍ତୁ କର୍ତ୍ତବ୍ୟା କୁହକାଭିନୟଂ ପ୍ରତି ॥ ୪୮ ॥

ପତିତୋର୍ଦ୍ଧ୍ୱପୁଟା ସାସ୍ରା ମନ୍ଥମନ୍ଥରତାରକା ।
ନାସାଗ୍ରାନୁଗତା ଦୃଷ୍ଟିଃ କରୁଣା କରୁଣେ ରସେ ॥ ୪୯ ॥

ଯା ତ୍ୱାକୁଞ୍ଚିତପକ୍ଷ୍ମାଗ୍ର ସାଶ୍ଚର୍ଯ୍ୟୋଦ୍ବୃତ୍ତତାରକା ।
ସୌମ୍ୟା ବିକସିତାନ୍ତା ଚ ସାଦ୍ଭୁତା ଦୃଷ୍ଟିରଦ୍ଭୁତେ ॥ ୫୦ ॥

କ୍ରୂରା ରୂକ୍ଷାରୁଣୋଦ୍ବୃତ୍ତ ନିଷ୍ଟବ୍ଧୟୁଂତାରକା ।
ଭ୍ରୂକୁଟୀକୁଟିଲା ଦୃଷ୍ଟୀ ରୌଦ୍ରୀ ରୌଦ୍ରରସେ ସ୍ମୃତା ॥ ୫୧ ॥

ଭୀତା (ଭୟାନକା)— ଆଖିପତାକୁ ଉର୍ଦ୍ଧ୍ୱକୁ ଟେକି, ସ୍ଥିର ଭାବରେ ରଖିଲେ ଡୋଳାକୁ ଖୋସିଲା ଭଳି କରି ବୁଲାଇଲେ, ଭୟାନକା ଦୃଷ୍ଟି ଜାତ ହୁଏ । ଏହା ଭୟାନକ ରସରେ ପ୍ରଯୁଜ୍ୟ । ୪୭ ।

ହାସ୍ୟା — ଆସ୍ତେ ଆସ୍ତେ ଆଖିପତାକୁ କୁଞ୍ଚିତ କରି ଅଳପ ଦେଖା-ପଡୁଥିବା ଡୋଳାକୁ ବୁଲାଇଲେ ହାସ୍ୟା ଦୃଷ୍ଟି ଜାତ ହୁଏ । ଏହା କୁହୁକ (ଇନ୍ଦ୍ରଜାଲ) ଅଭିନୟରେ ପ୍ରଯୋଜ୍ୟ । ୪୮ ।

କରୁଣା — ଆଖିର ଉପର ପତାକୁ ପକାଇ ମନର ଦୈନ୍ୟ ହେତୁ ତାରକାକୁ ମନ୍ଥର ଭାବେ ଚାଳିତ କରି, ନାସା ଅଗ୍ରରେ ନିବଦ୍ଧ କରିଥିବା ଦୃଷ୍ଟିକୁ କରୁଣା କହନ୍ତି । ଏହା କରୁଣ ରସରେ ପ୍ରଯୋଜ୍ୟ । ୪୯ ।

ଅଦ୍ଭୁତା — ଆଖିପତା ଲୋମକୁ ଅଳପ ବଙ୍କା କରି ବିସ୍ମୟ ସହ-କାରେ ଡୋଳାକୁ ବୁଲାଇ ଏବଂ ଚକ୍ଷୁ ପ୍ରାନ୍ତ ପର୍ଯ୍ୟନ୍ତ ମନୋହର ଭାବରେ ବିସ୍ତାରିତ କଲେ ତାହାକୁ ଅଦ୍ଭୁତା ଦୃଷ୍ଟି କହନ୍ତି । ଏହା ଅଦ୍ଭୁତ ରସରେ ପ୍ରଯୁଜ୍ୟ । ୫୦ ।

ରୌଦ୍ରୀ — ଯେତେବେଳେ ଦୃଷ୍ଟି କ୍ରୂରତା-ବ୍ୟଞ୍ଜକ ରୁକ୍ଷ (ସ୍ନିଗ୍ଧତା ଶୂନ୍ୟ) ରକ୍ତବର୍ଣ୍ଣ ହୁଏ ଏବଂ ଆଖିପତା ଓ ଡୋଳା ନିସ୍ତବ୍ଧ (ଚଳନ ଶୂନ୍ୟ) ହୋଇ ରହେ, ଭ୍ରୂଲତା, କୁଟିଳତା ଅବଲମ୍ବନ କରେ, ସେତେବେଳେ ତାହାକୁ ରୌଦ୍ରୀ କହନ୍ତି । ରୌଦ୍ର ରସରେ ଏହା ପ୍ରଯୋଜ୍ୟ । । ୫୧ ।

Digitized by srujanika@gmail.com

ଦୀପ୍ତା ବିକସିତା କ୍ଷୁବ୍ଧା ଗମ୍ଭୀରା ସ୍ପନ୍ଦିତାରକା ।
ଉତ୍ଫୁଲ୍ଲମଧ୍ୟା ଦୃଷ୍ଟିସ୍ତୁ ବୀରା ବୀରରସାଶ୍ରୟା ॥ ୫୨ ॥
ନିକୁଞ୍ଚିତପୁଟାପାଙ୍ଗା ଘୂର୍ଣ୍ଣୋପପ୍ଲୁତତାରକା ।
ସଂଶ୍ଲିଷ୍ଟସ୍ଥିରପକ୍ଷ୍ମା ଚ ବୀଭତ୍ସା ଦୃଷ୍ଟିରିଷ୍ୟତେ ॥ ୫୩ ॥
[ନାସାଗ୍ରାହକ୍ରାନିମିଷା ତଥାଧୋଭାଗଚାରିଣୀ ।
ଅବେକରପୁଟା ଚୈବ ଶାନ୍ତା ଦୃଷ୍ଟିର୍ଭବେଦସୌ] ॥ ୫୪ ॥
ରସଜା ଦୃଷ୍ଟୟୋ ହ୍ୟେତା ସଂକ୍ଷେପ୍ୟା ଲକ୍ଷଣାନ୍ୱିତାଃ ।
ଅତଃ ପରଂ ଲକ୍ଷ୍ୟପ୍ରେଷ୍ୟେ ସ୍ଥାୟିଭାବସମାଶ୍ରୟାଃ ॥ ୫୫ ॥
ବ୍ୟାକୋଶମଧ୍ୟା ମଧୁରା ସ୍ଥିତତାରାଭିଲାଷିଣୀ ।
ସାନନ୍ଦାଶ୍ରୁଲତା ଦୃଷ୍ଟିଃ ସ୍ନିଗ୍ଧେୟଂ ରତିଭାବଜା ॥ ୫୬ ॥

ବୀର — ଯେତେବେଳେ ଦୃଷ୍ଟି ଦୀପ୍ତା (ଉଜ୍ଜ୍ୱଳ) ବିକଶିତା (ସଂପୂର୍ଣ୍ଣ ଭାବେ ବିସ୍ତାରିତା) କ୍ଷୁବ୍ଧା (ଉଦ୍ବେଗ ସୂଚକା) ଗମ୍ଭୀରା (ଗାମ୍ଭୀର୍ଯ୍ୟ ବ୍ୟଞ୍ଜକ) ଆଖିଡୋଳା ଚକ୍ଷୁର ମଧ୍ୟସ୍ଥଳରେ ବିଦ୍ୟମାନ ଥାଏ ଏବଂ ଚକ୍ଷୁର ମଧ୍ୟଭାଗ ବିସ୍ତାରିତ ହୋଇଥାଏ, ସେତେବେଳେ ତାହାକୁ ବୀରଦୃଷ୍ଟି କହନ୍ତି । ଏହା ବୀର ରସରେ ପ୍ରଯୋଜ୍ୟ । ୫୨ ।

ବୀଭତ୍ସା — ଯେତେବେଳେ ଅଖିପତା ନେତ୍ରର ପ୍ରାନ୍ତ ଭାଗରେ ଆକୁଞ୍ଚିତ ହୋଇଥାଏ, ଆଖିଡୋଳା ଅସ୍ଥିର ଭାବେ ବୁଲୁଥାଏ, ଆଖିପତାର ଲୋମ ଗୁଡ଼ିକ ଲାଗି ଲାଗି ସ୍ଥିର ହୋଇ ରହିଥାନ୍ତି, ସେତେବେଳେ ସେହି ଦୃଷ୍ଟିକୁ ବୀଭତ୍ସା ଦୃଷ୍ଟି କହନ୍ତି । (ଶାନ୍ତ ରସର ଦୃଷ୍ଟି ବିଷୟରେ କୌଣସି ଶ୍ଳୋକ କେତେକ ପୁସ୍ତକରେ ନାହିଁ । ବରୋଦାରୁ ପ୍ରକାଶିତ ପୁସ୍ତକରେ ଥିବା ଶ୍ଳୋକର ଅର୍ଥ)। ୫୩ ।

ଶାନ୍ତାଦୃଷ୍ଟି — ଦୃଷ୍ଟି ନାସା ଅଗ୍ରରେ ନିବଦ୍ଧ ହୋଇଥିଲେ, ପଲକ ନପଡୁଥିଲେ ଏବଂ ତଳ ଆଡ଼କୁ ଗତି କରୁଥିଲେ, ଆଖିପତା ଆଦେକର ଅଥାତ୍ ନିମ୍ନଭାଗ ମୁଦ୍ରିତ ହୋଇଥିଲେ ତାହାକୁ ଶାନ୍ତା ଦୃଷ୍ଟି କହନ୍ତି । ୫୪ ।

ଏଗୁଡ଼ିକ ରସ ବ୍ୟଞ୍ଜକ ଦୃଷ୍ଟି, ଲକ୍ଷଣ ସହିତ କୁହାଗଲା । ଏହାପରେ ସ୍ଥାୟୀଭାବ ଲକ୍ଷଣ କହୁଛୁ । ୫୫ ।

ସ୍ନିଗ୍ଧା — ଏହି ଦୃଷ୍ଟିରେ ଚକ୍ଷୁର ମଧ୍ୟଭାଗ ବିକଶିତ ଚକ୍ଷୁ ତାରା ମଧୁର ଭାବେ ସ୍ଥିର ହୋଇ ରହେ । ଏଥିରୁ ଅଭିଳାଷ ଫୁଟି ଉଠେ, ଚକ୍ଷୁ ଆନନ୍ଦ ଜଳରେ ପୂରିଯାଏ । ଏହା ରତି ଭାବର ପ୍ରକାଶକ ରୂପେ ପ୍ରଯୁକ୍ତ ହୁଏ । ୫୬ ।

Digitized by srujanika@gmail.com

ଚଳା ହସିତଗର୍ଭା ଚ ବିସ୍ତବ୍ଧାନିମେଷିଣୀ ।
କିଞ୍ଚିଦାକୁଞ୍ଚିତା ହୃଷ୍ଟା ଦୃଷ୍ଟିର୍ହାସେ ପ୍ରକୀର୍ତ୍ତିତା ॥ ୫୭ ॥

ଅବସ୍ରସ୍ତୋତ୍ତରପୁଟା ରୁଦ୍ଧତାରା ଜଳାବିଳା ।
ମନ୍ଦସଞ୍ଚାରିଣୀ ଦୀନା ସା ଶୋକେ ଦୃଷ୍ଟିରୁଚ୍ୟତେ ॥ ୫୮ ॥

ରୂକ୍ଷା ସ୍ଥିରୋଦ୍‌ବୃତ୍ତପୁଟା ନିଷ୍ଟବ୍ଧୋଦ୍‌ବୃତ୍ତତାରକା ।
କୁଟିଳଭ୍ରୂକୁଟୀ ଦୃଷ୍ଟିଃ କ୍ରୁଦ୍ଧା କ୍ରୋଧେ ବିଧୀୟତେ ॥ ୫୯ ॥

ଫୁଲ୍ଲେ ତାରକେ ଯସ୍ୟାଃ ସ୍ନିଗ୍ଧା ବିକସିତା ତଥା ।
ସତ୍ତ୍ୱମୁଦ୍‌ଗିରତୀ ଦୃପ୍ତା ଦୃଷ୍ଟିରୁତ୍ସାହସମ୍ଭବା ॥ ୬୦ ॥

ବିସ୍ଫାରିତୋଭୟପୁଟା ଭୟକମ୍ପିତତାରକା ।
ନିଷ୍କ୍ରାନ୍ତମଧ୍ୟା ଦୃଷ୍ଟିସ୍ତୁ ଭୟୋଦ୍ଭବେ ଭୟାନ୍ୱିତା ॥ ୬୧ ॥

ହୃଷ୍ଟା — ଚଳନଶୀଳା, ହାସବ୍ୟଞ୍ଜିକା, ଅଳ୍ପ ପରିମାଣରେ ଆକୁଞ୍ଚିତା ହୁଏ ଏବଂ ପତା ପଡ଼ିବା ଏଥିରେ ନଥାଏ, ଆଖିର ମଧ୍ୟ ତୋଳା ଭିତରକୁ ପଶିଗଲା ପରି ହୁଏ । ହାସ୍ୟ ରସରେ ଏହା ପ୍ରଯୋଜ୍ୟ । ୫୭ ।

ଦୀନା— ଏଥିରେ ତଳପତା ଖସିପଡ଼ିଲା ପରି ଜଣାଯାଏ, ତୋଳା ଅଳ୍ପ ଫୁଲିଯାଏ ଏବଂ ଅଶ୍ରୁ ଜଳରେ ବୁଡ଼ି ରହିଥାଏ ତଥା ଆସ୍ତେ ଆସ୍ତେ ଗତି କରେ । ଏହା ଶୋକରେ (ଶୋକ ସ୍ଥାୟି ଭାବର ପ୍ରଦର୍ଶନରେ) ପ୍ରଯୋଜ୍ୟ । ୫୮ ।

କ୍ରୁଦ୍ଧା — ଏଥିରେ ଆଖିପତା ନିଶ୍ଚଳ ଓ ଉତ୍‌କ୍ଷିପ୍ତ ହୋଇଥାଏ (ଉପରକୁ ଟେକି ହୋଇଥାଏ) ତୋଳା ଚଳନ ରହିତ ଏବଂ ଉପରକୁ ଖୋସି ହୋଇଥାଏ । ଭ୍ରୂଲତା କୁଞ୍ଚିତ ହୋଇଥାଏ । ଏହି ପ୍ରକାର ରୂକ୍ଷ (ସ୍ନିଗ୍ଧତା ରହିତ) ଦୃଷ୍ଟିକୁ କ୍ରୁଦ୍ଧା ଦୃଷ୍ଟି କହନ୍ତି । ଏହା କ୍ରୋଧ ପ୍ରକାଶରେ ବ୍ୟବହୃତ ହୋଇଥାଏ । ୫୯ ।

ଦୃପ୍ତା — ଏଥିରେ ତାରକାଦ୍ୱୟ ସ୍ଥିର ଭାବରେ ଥାଆନ୍ତି । ଦୃଷ୍ଟି ସ୍ଥିର ଓ ବିସ୍ଫାରିତ ହୋଇଥାଏ । ଏଥିରେ ସତ୍ତ୍ୱ (ମନର ବଳ) ଅତି ସ୍ପଷ୍ଟ ଭାବେ ପ୍ରକାଶ ପାଏ । ଏହା ଉତ୍ସାହରୁ ଜାତ ହୁଏ । ୬୦ ।

ଭୟାନ୍ୱିତା — ଏଥିରେ ଦୁଇଟି ଯାକ ପତା ବିସ୍ଫାରିତ ହୋଇଥାଏ । ତୋଳା ଭୟରେ କମ୍ପିତ ହୋଇଥାଏ ଏବଂ ଆଖିର ମଧ୍ୟ ଭାଗରେ କଦାପି ରହେ ନାହିଁ (ଅର୍ଥାତ୍ ଆଖିରେ ଏକତ ସେକତ ହେଉଥାଏ) । ଭୟ ଭାବର ପ୍ରକାଶ ପାଇଁ ଏହା ପ୍ରଯୁକ୍ତ ହୁଏ । ୬୧ ।

Digitized by srujanika@gmail.com

ସଙ୍କୋଚିତପୁଟା ଯା ତୁ ଦୃଷ୍ଟିର୍ମୀଳିତତାରକା ।
ଲକ୍ଷ୍ୟୋଦ୍ୱେଗାତ୍ସମୁଦ୍ୱିଗ୍ନା ଜୁଗୁପ୍ସାୟାଂ ଜୁଗୁପ୍ସିତା ॥ ୬୨ ॥
ଭୃଶମୁଦ୍‌ବୃତ୍ତତାରା ଚ ନଷ୍ଟୋଭୟପୁଟାଞ୍ଚିତା ।
ସମା ବିକସିତା ଦୃଷ୍ଟିର୍ବିସ୍ମିତା ବିସ୍ମୟେ ସ୍ମୃତା ॥ ୬୩ ॥
ସ୍ଥାୟିଭାବାଶ୍ରୟା ହ୍ୟେତା ବିଜ୍ଞେୟା ଦୃଷ୍ଟୟୋ ବୁଧୈଃ ।
ସଞ୍ଚାରିଣୀନାଂ ଦୃଷ୍ଟୀନାଂ ସମ୍ପ୍ରବକ୍ଷ୍ୟାମି ଲକ୍ଷଣମ୍ ॥ ୬୪ ॥
ସମତାରା ସମପୁଟା ନିଷ୍କମ୍ପା ଶୂନ୍ୟଦର୍ଶନା ।
ବାହ୍ୟାର୍ଥାଗ୍ରାହିଣୀ ଯା ତୁ ଶୂନ୍ୟା ଦୃଷ୍ଟିଃ ପ୍ରକୀର୍ତ୍ତିତା ॥ ୬୫ ॥
ପ୍ରସ୍ପନ୍ଦମାନପକ୍ଷ୍ମା ଯା ନାତ୍ୟର୍ଥମୁକୁଳୈଃ ପୁଟୈଃ ।
ମଳିନାନ୍ତା ଚ ମଳିନା ଦୃଷ୍ଟିର୍ବିଭ୍ରାନ୍ତତାରକା ॥ ୬୬ ॥

ଜୁଗୁପ୍ସିତା— ଆଖିପତା ଗୁଡ଼ିକ ସଂକୁଚିତ ହୋଇଥାଏ, ତୋଳା ବୁଜ ହୋଇଗଲା ପରି ଦେଖାଯାଏ, ସମ୍ମୁଖସ୍ଥିତ ବସ୍ତୁ ବା ଦେଶକୁ ଦେଖିବାରେ ଉଦ୍‌ବେଗ ଅନୁଭବ କରେ (ଦେଖିବାରେ ଅରୁଚି ଜାତ ହୁଏ) ଜୁଗୁପ୍ସା ଭାବର ପ୍ରକାଶରେ ଏହା ପ୍ରଯୁକ୍ତ ହୁଏ । ୬୨ ।

ବିସ୍ମିତା — ଏଥିରେ ତୋଳା ଉପରକୁ ଅଧା ଖୋସି ହୋଇ ଯାଇଥାଏ । ଆଖିପତା ସ୍ଥିର ହୋଇ ଯାଇଥାଏ । ଏହି ପ୍ରକାରେ ସମାନ ଓ ବିସ୍ଫାରିତ ଦୃଷ୍ଟିକୁ ବିସ୍ମିତା କହନ୍ତି । ବିସ୍ମୟ ପ୍ରକାଶ ପାଇଁ ଏହାର ପ୍ରୟୋଗ ହୋଇଥାଏ । ସ୍ଥାୟୀ ଭାବର ବ୍ୟଞ୍ଜକ ଦୃଷ୍ଟି ବିଷୟରେ ମୁଁ କହିଲି । ଏବେ ସଞ୍ଚାରୀଭାବମାନଙ୍କର ଦୃଷ୍ଟି ମାନଙ୍କର ଲକ୍ଷଣ ଓ ପ୍ରୟୋଗ କହୁଛି । ୬୩-୬୪ ।

ଶୂନ୍ୟା — ତୋଳା ଓ ଆଖିପତା ସମଭାବେ ବର୍ତ୍ତମାନ ଥିଲେ ଅର୍ଥାତ୍ ସାଧାରଣ ଚାହାଣୀରେ ଯେପରି ରହେ ସେହିପରି ରହିଥିଲେ ଏବଂ କମ୍ପନ ରହିତ ତଥା କ୍ଷୀଣ (ଦୁର୍ବଳ ବା ଉଜ୍ଜ୍ୱଳତା ଶୂନ୍ୟ) ହୋଇଥିଲେ ଲକ୍ଷ୍ୟ-ହୀନ ହୋଇଥିବାରୁ କୌଣସି ବାହ୍ୟ ବସ୍ତୁକୁ ଦେଖିପାରୁ ନଥିଲେ ତାହାକୁ ଶୂନ୍ୟାଦୃଷ୍ଟି କହନ୍ତି । ୬୫ ।

ମଳିନା— ଆଖିପତାସ୍ଥିତ ଲୋମର ଅଗ୍ରଭାଗ ଥରୁ ନଥିଲେ (ଅନ୍ୟ ମତରେ ନେତ୍ରରୋମଯୁକ୍ତ ଆଖିର ପତାଦ୍ୱୟ ବେଶି ବୁଜ ହୋଇ ନଥିଲେ) ନେତ୍ରର ପାନ୍ତଭାଗ (କୋଣ) (ମଳିନ) ମଳିଯୁକ୍ତ ହୋଇଥିଲେ ଏବଂ ତାହା ନିଷ୍ପ୍ରଭ ହୋଇଥିଲେ, ତୋଳା ବୁଲୁଥିଲେ (ଅନ୍ୟ ମତରେ ବିସ୍ମୟର ପ୍ରକାଶକ ହୋଇଥିଲେ) ତାହାକୁ ମଳିନା ଦୃଷ୍ଟି କହନ୍ତି । ୬୬ ।

Digitized by srujanika@gmail.com

ଶ୍ରମାତ୍ ପ୍ରମ୍ଲାପିତପୁଟା କ୍ଷାମାନ୍ତାଞ୍ଚିତଲୋଚନା ।
ସନ୍ନା ପତିତତାରା ଚ ଶ୍ରାନ୍ତା ଦୃଷ୍ଟିଃ ପ୍ରକୀର୍ତ୍ତିତା ॥ ୬୭ ॥
କିଞ୍ଚିଦଞ୍ଚିତପକ୍ଷ୍ମାଗ୍ରା ପତିତୋର୍ଦ୍ଧ୍ୱପୁଟା ହ୍ରିୟା ।
ତ୍ରପାଧୋଗତତାରା ଚ ଦୃଷ୍ଟିର୍ଲଜ୍ଜାନ୍ୱିତା ତୁ ସା ॥ ୬୮ ॥
ମ୍ଲାନଭ୍ରୂପୁଟପକ୍ଷ୍ମା ଯା ଶିଥିଳା ମନ୍ଦଚାରିଣୀ ।
କ୍ଲମପ୍ରବିଷ୍ଟତାରା ଚ ଗ୍ଲାନା ଦୃଷ୍ଟିସ୍ତୁ ସା ସ୍ମୃତା ॥ ୬୯ ॥
କିଞ୍ଚିଚ୍ଚଳା ସ୍ଥିରା କିଞ୍ଚିଦୁଦ୍ଗତା ତିର୍ଯ୍ୟଗାୟତା ।
ଗୂଢା ଚକିତତାରା ଚ ଶଙ୍କିତା ଦୃଷ୍ଟିରିଷ୍ୟତେ ॥ ୭୦ ॥
ବିଷାଦବିସ୍ତୀର୍ଣ୍ଣପୁଟା ପର୍ଯ୍ୟସ୍ତାନ୍ତା ନିମେଷିଣୀ ।
କିଞ୍ଚିନ୍ନିଷ୍ଟବ୍ଧତାରା ଚ କାର୍ଯ୍ୟା ଦୃଷ୍ଟିର୍ବିଷାଦିନୀ ॥ ୭୧ ॥

ଶ୍ରାନ୍ତା — ଶ୍ରମବଶତଃ ପତା ମଳିନ ହୋଇଥିଲେ ନେତ୍ରର ଅନ୍ତ (କୋଣ) କ୍ଷାମ (କ୍ଷୀଣ) ହୋଇଥିଲେ, ଅର୍ଥାତ୍ ବୁଜି ହୋଇ ଆସୁଥିଲେ, ଆଖି-ତୋଳା ତଳ ଆଡ଼କୁ ଓହଳି ଆସିଥିଲେ ତାହାକୁ ଶ୍ରାନ୍ତା ଦୃଷ୍ଟି କହନ୍ତି । ୬୭ ।

ଲଜ୍ଜାନ୍ୱିତା — ପକ୍ଷ୍ମର ଅଗ୍ରଭାଗ ଅଳ୍ପ ବଙ୍କା ହୋଇଥିଲେ ଏବଂ ଉପରପତା ଲଜ୍ଜା ହେତୁ ତଳକୁ ପଡ଼ୁଥିଲେ ଅର୍ଥାତ ବୁଜି ହୋଇ ଆସିଲେ, ଆଖିତୋଳା ତଳକୁ ହୋଇଥିଲେ ତାହାକୁ ଲଜ୍ଜାନ୍ୱିତା ଦୃଷ୍ଟି କହନ୍ତି । ୬୮ ।

ଗ୍ଲାନା — ଏଥିରେ ଦୃଷ୍ଟି (ଶିଥିଳା) ଦୁର୍ବଳତା ସୂଚକ ଏବଂ ମନ୍ଦଗତି ବିଶିଷ୍ଟ ହୁଏ । ଭ୍ରୂଲତା, ପତା ଓ ପତାର ଲୋମ କୁଞ୍ଚିତ ମଳିନ (ଚେକୋଥିବା) ହୋଇଥାଏ ଏବଂ ଆଖି ତୋଳା କ୍ରମେ ଭିତରକୁ ପଶି ପଶି ଯାଉଥାଏ । ୬୯ ।

ଶଙ୍କିତା — କେତେବେଳେ ଚଞ୍ଚଳା, କେତେବେଳେ ସ୍ଥିରା, କେତେ-ବେଳେ ଊର୍ଦ୍ଧ୍ୱଗାମିନୀ, କେତେବେଳେ ତିର୍ଯ୍ୟକ୍ (ତେରଛା) ଭାବେ ଗତି କରେ, କେବେ ବା ଦୀର୍ଘ ଭାବେ ଗତି କରେ । ତେଲା ମୂଢ଼ (ଗ୍ରହଣୀ ଶକ୍ତି ରହିତ) ଓ ଛନ ଛନ ହେଉଥାଏ । (ଅନ୍ୟମତରେ ମୂଢ଼ ସ୍ଥଳରେ ଗୂଢ଼ ପାଠ ଅଛି, ତାହା ହେଲେ ଅର୍ଥ ହେବ-ପତା ଭିତରେ ଲୁଚି ଯାଇଥିବା) । ୭୦ ।

ବିଷାଦିନୀ — ଏଥିରେ ଆଖିପତା ବିଷାଦ ହେତୁ ବିସ୍ତୀର୍ଣ୍ଣ ଅର୍ଥାତ୍ ମେଲି ଯାଇଥାଏ, ଦୃଷ୍ଟି ନେତ୍ର କୋଣରେ ନିକ୍ଷିପ୍ତ ହୁଏ । ନିମେଷ (ପଲକ) ପଡ଼େ ନାହିଁ, କଳାତୋଳା ଅଳ୍ପ ନିଶ୍ଚଳ ହୋଇଥାଏ । ଏ ପ୍ରକାର ଦୃଷ୍ଟିର ନାମ ବିଷର୍ଣ୍ଣୀ ବା ବିଷାଦିନୀ ଦୃଷ୍ଟି । ୭୧ ।

Digitized by srujanika@gmail.com

ସ୍ଫୁରଦାଶ୍ଳିଷ୍ଟପକ୍ଷ୍ମାର୍ଧା ମୁକୁଳୋର୍ଦ୍ଧ୍ୱପୁଟାଞ୍ଚିତା ।
ସୁଖୋନ୍ମୀଳିତତାରା ଚ ମୁକୁଳା ଦୃଷ୍ଟିରିଷ୍ୟତେ ॥ ୭୨ ॥

ଆନକୁଞ୍ଚିତପକ୍ଷ୍ମାଗ୍ରା ପୁଟୈରାକୁଞ୍ଚିତୈସ୍ତଥା ।
ସନ୍ନା କୁଞ୍ଚିତତାରା ଚ କୁଞ୍ଚିତା ଦୃଷ୍ଟିରିଷ୍ୟତେ ॥ ୭୩ ॥

ମନ୍ଦାୟମାନତାରା ଯା ପୁଟୈଃ ପ୍ରଚଳିତୈସ୍ତଥା ।
ସନ୍ତାପୋପପ୍ଲୁତା ଦୃଷ୍ଟିରଭିତପ୍ତା ତୁ ସର୍ବଥା ॥ ୭୪

ଲମ୍ବିତା କୁଞ୍ଚିତପୁଟା ଶନୈସ୍ତିର୍ଯ୍ୟଙ୍ ନିରୀକ୍ଷଣୈଃ ।
ନିଗୂଢା ଗୂଢତାରା ଚ ଜିହ୍ମା ଦୃଷ୍ଟିରୁଦାହୃତା ॥ ୭୫ ॥

ମଧୁରା କୁଞ୍ଚିତାନ୍ତା ଚ ସଭ୍ରୂକ୍ଷେପା ଚ ସସ୍ମିତା ।
ସମନ୍ମଥବିକାରା ଚ ଦୃଷ୍ଟିଃ ସା ଲଳିତା ସ୍ମୃତା ॥ ୭୬ ॥

ମୁକୁଳା — ଆଖିପତାର ଲୋମ ଗୁଡ଼ିକର ଅଗ୍ରଭାଗ ଲାଗି ଯାଇଥାଏ ଏବଂ କମ୍ପିତ ହେଉଥାଏ । ଉପର ପତାରେ 'ମୁକୁଳ' ଭଙ୍ଗୀ ଦୃଷ୍ଟ ହେଉଥାଏ । ଡୋଳା ସୁଖାନୁଭବ ହେତୁ ଉପରକୁ ଖୋସି ହୋଇ ଯାଉଥାଏ । ଏହି ଦୃଷ୍ଟିକୁ ମୁକୁଳା ଦୃଷ୍ଟି କହନ୍ତି । ୭୨ ।

କୁଞ୍ଚିତା— ଆଖିର ପତା କୁଞ୍ଚିତ ହେବା ହେତୁ ପତା ଉପର ଲୋମ ଗୁଡ଼ିକ କୁଞ୍ଚିତ ହୋଇଯାଏ ଏବଂ ଡୋଳା ମଧ୍ୟ କୁଞ୍ଚିତ ହୋଇଯାଏ । ଏହି ଦୃଷ୍ଟିକୁ କୁଞ୍ଚିତା ଦୃଷ୍ଟି କହନ୍ତି । ୭୩ ।

ଅଭିତପ୍ତା — ଏଥିରେ ଆଖିପତା ଚଞ୍ଚଳ ଚଞ୍ଚଳ ଚଳିବାରୁ ଡୋଳା କ୍ରମଶଃ ଧୀର ହୋଇ ଆସେ, ଏହି ଦୃଷ୍ଟିଭଙ୍ଗୀ ଦୁଃଖ ଓ ଯନ୍ତ୍ରଣାର ସୂଚନାରେ ପ୍ରୟୁକ୍ତ ହୁଏ, ଏହାର ନାମ ଅଭିତପ୍ତା । ୭୪ ।

ଜିହ୍ମା — ଏଥିରେ ଆଖିପତା ଲମ୍ବିତ (ତଳକୁ ଓହଳି ପଡ଼ିବା) ଓ ଆକୁଞ୍ଚିତ ହେଉଥାଏ । ଧୀରେ ଧୀରେ ଅଥଚ ତିର୍ଯ୍ୟକ ଭାବରେ ନିରୀକ୍ଷଣ କରିଥାଏ, ଚକ୍ଷୁର ତାରକା (କଳାଡୋଳା) ପତା ମଧ୍ୟରେ ଲୁଚି ଯାଇଥାଏ । ଏହି ପ୍ରକାର ନିଗୂଢ଼ ଦୃଷ୍ଟି (ଟେରେଇ ଚାହାଣୀ)କୁ ଜିହ୍ମାଦୃଷ୍ଟି କହନ୍ତି । ୭୫

ଲଳିତା— କାମ ବିକାର ହେତୁ ଯେଉଁ ମଧୁର ଦୃଷ୍ଟିରେ ଭ୍ରୂକ୍ଷେପ ଓ ମନ୍ଦ ହାସ ସହକାରେ ଚକ୍ଷୁର ପ୍ରାନ୍ତଭାଗ କୁଞ୍ଚିତ ହୋଇଥାଏ ତାହାକୁ ଲଳିତା କହନ୍ତି । ୭୬ ।

Digitized by srujanika@gmail.com

ବିତର୍କୋଦ୍ୱର୍ତ୍ତିତପୁଟା ତଥୈବୋତ୍ଫୁଲ୍ଲତାରକା ।
ଅଧୋମୁଖବିକାସ ଚ ଦୃଷ୍ଟି ରେଷା ବିତର୍କିତା ॥ ୭୭ ॥
ଅର୍ଧବ୍ୟାକୋଚପକ୍ଷ୍ମା ଚ ହ୍ଲାଦାର୍ଧମୁକୁଳୈଃ ପୁଟୈଃ ।
ମୁକୁଳାର୍ଧମୁକୁଳା ଦୃଷ୍ଟିଃ କିଞ୍ଚିଚ୍ଚଳିତତାରକା ॥ ୭୮ ॥
ଅନବସ୍ଥିତତାରା ଚ ବିଭ୍ରାନ୍ତାକୁଳଦର୍ଶନା ।
ବିସ୍ତୀର୍ଣୋତ୍ଫୁଲ୍ଲନେତ୍ରା ଚ ବିଭ୍ରାନ୍ତା ଦୃଷ୍ଟିରିଷ୍ୟତେ ॥ ୭୯ ॥
ପୁଟୌ ପ୍ରସ୍ଫୁରିତୌ ଯସ୍ୟା ନିଷ୍ପନ୍ଦୌ ପତିତୌ ପୁନଃ ।
ବିପ୍ଲୁତୋଦ୍‌ବୃତ୍ତତାରା ଚ ଦୃଷ୍ଟିରେଷା ତୁ ବିପ୍ଲୁତା ॥ ୮୦ ॥
ଆକୁଞ୍ଚିତପୁଟାପାଙ୍ଗା ସଙ୍ଗତାର୍ଧନିମେଷିଣୀ ।
ମୁହୁର୍ବ୍ୟାବୃତ୍ତତାରା ଚ ଦୃଷ୍ଟିରାକେକରା ସ୍ମୃତା ॥ ୮୧ ॥

ବିତର୍କିତା — ତର୍କଣା କରିବା ପାଇଁ ଆଖିପତା ଉଦ୍‌ବର୍ତ୍ତିତ (ଉର୍ଦ୍ଧ୍ୱକ୍ଷେପକ) ହୋଇଥାଏ । ଡୋଳା ପ୍ରଫୁଲ୍ଲ (ହର୍ଷହେତୁ ବିସ୍ଫାରିତ ବା ବର୍ଦ୍ଧନଗତ) ତଥା ଅଧୋଗାମୀ ହୁଏ । ଏହାର ନାମ ବିତର୍କିତା । ୭୭ ।

ଅର୍ଦ୍ଧମୁକୁଳା— ଏଥିରେ ଆଖିଡୋଳା ଅର୍ଦ୍ଧଭାଗ ବୁଜି ହୋଇଥାଏ । ଆନନ୍ଦ ହେତୁ ଆଖିପତା ମଧ୍ୟ ଅଧବୁଜା ହୋଇଥାଏ । ଆଖିର ତାରା ଅଳ୍ପ ଚଞ୍ଚଳ ଭାବେ ଗତି କରେ, ଏହାକୁ ଅର୍ଦ୍ଧମୁକୁଳା ଦୃଷ୍ଟି କହନ୍ତି । ୭୮ ।

ବିଭ୍ରାନ୍ତା — ଏଥିରେ ଚକ୍ଷୁର ତାରକା ଅନବସ୍ଥିତ (ବସ୍ତୁତଃ ଚଳନଶୀଳ) ହୋଇଥାଏ, ଦୃଷ୍ଟିରେ ଭ୍ରାନ୍ତି ଓ ଆକୁଳତା ପ୍ରକାଶ ପାଉଥାଏ । ଆଖିର ମଧ୍ୟଭାଗ ବିସ୍ତୀର୍ଣ୍ଣ (ଚଉଡ଼ା) ଓ ଉତ୍ଫୁଲ୍ଲ (ପୂର୍ଣ୍ଣ ବିକଶିତ) ହୋଇଥାଏ । ୭୯ ।

ବିପ୍ଲୁତା — ଏଥିରେ ଆଖିପତା ପ୍ରଥମେ (ସ୍ଫୁରିତ) ପ୍ରକମ୍ପିତ ହୁଏ, ଡେଇଁଥାଏ, ତତ୍ପରେ ସ୍ଥିର ହୋଇ ପୁଣି ପଡ଼ିଯାଏ, ଆଖିର ତାରକା ବିପ୍ଲୁତ (ଅତି ଚଞ୍ଚଳ) ହୋଇ ତଳେ ଓ ଉପରକୁ ଘୋଷି ହୋଇଯାଏ । ୮୦ ।

ଆକେକରା — ଏଥିରେ ପତା ଓ ନେତ୍ରର କୋଣଦେଶ ଈଷତ୍ କୁଞ୍ଚିତ ହୁଏ ପୁଣି ଦୁଇଟି ଯାକ ପତା ମିଶିଯାଏ ଓ ଅଧାଅଧି ପଲକ ପଡେ ତାର ବାରମ୍ବାର ଆବର୍ତ୍ତିତ (ଏକଡ଼ ସେକଡ଼) ହେଉଥାଏ । ୮୧ ।

Digitized by srujanika@gmail.com

ବିକୋଶିତୋଭୟପୁଟା ପ୍ରୋତ୍‌ଫୁଲ୍ଲା ତ୍ୱନିମେଷିଣୀ ।
ଅନବସ୍ଥିତତାରା ଚ ବିକୋଶା ଦୃଷ୍ଟିରିଷ୍ୟତେ ॥ ୮୨ ॥
ତ୍ରାସୋଦ୍‌ବୃତ୍ତପୁଟା ଯା ତୁ ତଥୋତ୍‌କମ୍ପିତତାରକା ।
ତ୍ରାସୋତ୍‌ଫୁଲ୍ଲମଧ୍ୟା ଚ ତ୍ରସ୍ତା ଦୃଷ୍ଟିରୁଦାହୃତା ॥ ୮୩ ॥
ଅଘୂର୍ଣ୍ଣମାନମଧ୍ୟା ଯା କ୍ଷାମାନ୍ତାଞ୍ଚିତଲୋଚନା ।
ଦୃଷ୍ଟିର୍ବିକାସିତାପାଙ୍ଗା ମଦିରା ତରୁଣେ ମଦେ ॥ ୮୪ ॥
କିଞ୍ଚିଦାକୁଞ୍ଚିତପୁଟା କିଞ୍ଚିଚ୍ଚଳିତତାରକା ।
ଅନବସ୍ଥିତପକ୍ଷ୍ମାଗ୍ରା ଦୃଷ୍ଟିର୍ମଧ୍ୟମଦେ ଭବେତ୍ ॥ ୮୫ ॥
ସନିମେଷନିମେଷା ଚ କିଞ୍ଚିଦ୍ଦର୍ଶିତତାରକା ।
ଅଧୋଭାଗଗତା ଦୃଷ୍ଟିରଧମେ ତୁ ମଦେ ସ୍ମୃତା ॥ ୮୬ ॥
ଇତ୍ୟେବଂ ଲକ୍ଷିତା ହ୍ୟେତାଃ ଷଟ୍‌ତ୍ରିଂଶଦ୍‌ଦୃଷ୍ଟୟୋ ମୟା ।
ସହଜା ଭାବଜାସ୍ତାସାଂ ବିନିଯୋଗଂ ନିବୋଧତ ॥ ୮୭ ॥

ବିକୋଶା — ଏହି ପ୍ରଫୁଲ୍ଲତା-ମୟ ଦୃଷ୍ଟିରେ ଆଖିର ପତା ଦୁଇଟିଯାକ ଅତିଶୟ ବିସ୍ତାରିତ (ମେଲା) ହୋଇଥାଏ । ପଲକ ପଡ଼େ ନାହିଁ । ଆଖିର ତାରା (କଳାକୋଳା) ସ୍ଥିର ହୋଇ ରହେନାହିଁ । ୮୨ ।

ତ୍ରସ୍ତା — ଭୟହେତୁ ଆଖିପତା ଉପରକୁ ଟେକି ହୋଇଯାଏ । ତାରା ଅତ୍ୟନ୍ତ କମ୍ପିତ ହୁଏ । ମଧ୍ୟଭାଗ ତ୍ରାସ (ଡରିଯିବା) ହେତୁ ବିସ୍ତାରିତ ହୁଏ । ଏହାକୁ ତ୍ରସ୍ତା ଦୃଷ୍ଟି କହନ୍ତି । ୮୩ ।

ମଦିରା ଦୃଷ୍ଟି — ଏଥିରେ ଚକ୍ଷୁର ମଧ୍ୟଭାଗ ଘୂର୍ଣ୍ଣିତ ଏବଂ ଚକ୍ଷୁର ପ୍ରାନ୍ତଭାଗ କ୍ଷୀଣ (ଔଜ୍ଜ୍ୱଲ୍ୟହୀନ) ହୋଇଥିବାର ଦେଖାଯାଏ । ଲୋଚନ ବକ୍ର ହୁଏ । ଅପାଙ୍ଗଦେଶ ବିସ୍ତାରିତ ହୋଇଥାଏ । ଏହାର ନାମ ମଦିରା ଦୃଷ୍ଟି । ମଦ୍ୟ ପାନର ପ୍ରଥମାବସ୍ଥାରେ ଏହାର ସ୍ୱରୂପ ଏହି ପ୍ରକାର ହୁଏ । ମଦ ନିଶା ମଧ୍ୟମ ଅବସ୍ଥାରେ ପହଞ୍ଚିଲେ ଆଖିପତା ଅଳ୍ପ କୁଞ୍ଚିତ ହୁଏ । ଚକ୍ଷୁର ତାରକା ଅଳ୍ପ ଗତିଶୀଳ ହୋଇଥାଏ । ଚକ୍ଷୁର ଗତି କୌଣସି ନିୟମର ଅଧୀନ ହୋଇ ରହେନାହିଁ (ଇତସ୍ତତଃ ଭାବେ ଗତି କରେ) ମଦ ନିଶା ଚରମ-ସୀମାରେ ପହଞ୍ଚିଲେ କେତେବେଳେ ପଲକ ପଡ଼େ କେତେବେଳେ ପଲକ ପଡ଼େ ନାହିଁ । ଆଖିର କଳାଡ଼ୋଳା ଅଳ୍ପ ପରିମାଣରେ ଦେଖାଯାଉଥାଏ । ଦୃଷ୍ଟି ତଳଆଡ଼କୁ ହୋଇଥାଏ । ୮୪-୮୬ ।

ମୁଁ ଛତିଶ ପ୍ରକାରର ସହଜ ଓ ଭାବଜ ଦୃଷ୍ଟିକଥା (ରସ ଓ ଭାବ) କହିଲି, ଏମାନଙ୍କର ପ୍ରୟୋଗ ବିଧି ଏବେ ଶୁଣ । ୮୭ ।

Digitized by srujanika@gmail.com

ରସଜାସ୍ତୁ ରସେଷ୍ୱେବ ସ୍ଥାୟିଷୁ ସ୍ଥାୟିଦୃଷ୍ଟୟଃ ।
ଶୃଣୁତ ବ୍ୟଭିଚାରିଣ୍ୟଃ ସଞ୍ଚାରିଷୁ ଯଥାସ୍ଥିତାଃ ॥ ୮୮ ॥

ଶୂନ୍ୟା ଦୃଷ୍ଟିସ୍ତୁ ଚିନ୍ତାୟାମଭିଚ୍ଛାପି କାର୍ତ୍ତିତା ।
ନିର୍ବେଦେ ଚାପି ମଲିନା ବୈବର୍ଣ୍ଣ୍ୟେ ଚ ବିଧୀୟତେ ॥ ୮୯ ॥

ଶ୍ରାନ୍ତା ଶ୍ରମାର୍ତ୍ତେ ସ୍ୱେଦେ ଚ ଲଜ୍ଜାୟାଂ ଲଳିତା ତଥା ।
ଅପସ୍ମାରେ ତଥା ବ୍ୟାଧୌ ଗ୍ଲାନ୍ୟାଂ ଗ୍ଲାନା ବିଧୀୟତେ ॥ ୯୦ ॥

ଶଙ୍କାୟାଂ ଶଙ୍କିତା ଜ୍ଞେୟା ବିଷାଦାର୍ଥେ ବିଷାଦନୀ ।
ନିଦ୍ରା-ସ୍ୱପ୍ନ-ସୁଖାର୍ଥେଷୁ ମୁକୁଳା ଦୃଷ୍ଟିରିଷ୍ୟତେ ॥ ୯୧ ॥

କୁଞ୍ଚିତାସୂୟିତାନିଷ୍ଟଦୁଷ୍ପ୍ରେକ୍ଷାକ୍ଷିବ୍ୟଥାସୁ ଚ ।
ଅଭିତପ୍ତା ଚ ନିର୍ବେଦେ ହ୍ୟଭିଘାତାଭିତାପୟୋଃ ॥ ୯୨ ॥

ଜିହ୍ମା ଦୃଷ୍ଟିରସୂୟାୟାଂ ଜଡ଼ତାଲସ୍ୟୟୋସ୍ତଥା ।
ଧୃତୌ ହର୍ଷେ ସଲଲିତେ ସ୍ମୃତୌ ତର୍କେ ବିତର୍କିତା ॥ ୯୩ ॥

ରସଜ ଦୃଷ୍ଟି ସମ୍ବନ୍ଧ ରସ ପ୍ରକାଶ ସ୍ଥଳରେ, ସ୍ଥାୟିଦୃଷ୍ଟି ସମ୍ବନ୍ଧ ସ୍ଥାୟି-ଭାବର ବ୍ୟଞ୍ଜନାରେ ଓ ସଞ୍ଚାରୀ ଦୃଷ୍ଟି ସମ୍ବନ୍ଧ ବ୍ୟଭିଚାରୀ ଭାବର ବ୍ୟଞ୍ଜନାରେ ଯେପରି ପ୍ରଯୁକ୍ତ ହୁଏ, ତାହା କହୁଅଛି, ତୁମ୍ଭେମାନେ ଶୁଣ । ୮୮ ।

ଶୂନ୍ୟା — ଏହା ଚିନ୍ତା ପ୍ରକାଶ ସ୍ଥଳରେ ଓ 'ସ୍ତମ୍ଭ' ପ୍ରଦର୍ଶନ ପାଇଁ ବ୍ୟବହୃତ ହୁଏ (ବରୋଦା-ଅଭିତପ୍ତା ଦୃଷ୍ଟି ମଧ୍ୟ ଚିନ୍ତା ପ୍ରଦର୍ଶନରେ ବ୍ୟବହୃତ ହୁଏ) । ମଲିନା — ଏହା ନିର୍ବେଦରେ ଓ ବୈବର୍ଣ୍ଣ୍ୟରେ ପ୍ରଯୁକ୍ତ ହୁଏ । ୮୯ ।

ଶ୍ରାନ୍ତା — ଏହା ଶ୍ରାନ୍ତ ଓ ସ୍ୱେଦ ପ୍ରକାଶରେ ପ୍ରଯୁକ୍ତ ହୁଏ । ସେହିପରି—ଲଜ୍ଜିତା, ଲଜ୍ଜାନ୍ୱିତା-ଲଜ୍ଜା ପ୍ରକାଶରେ, ଗ୍ଲାନା-ଅପସ୍ମାର, ବ୍ୟାଧି ଓ ଗ୍ଲାନି (ଦୁର୍ବଳତା) ପ୍ରକାଶରେ ବ୍ୟବହୃତ । ୯୦ ।

ଶଙ୍କା ପ୍ରକାଶରେ ଶଙ୍କିତା, ବିଷାଦ ପ୍ରକାଶରେ ବିଷଣ୍ଣା, ନିଦ୍ରା, ସ୍ୱପ୍ନ ଓ ସୁଖ ବ୍ୟକ୍ତ ପାଇଁ ମୁକୁଳା, ଅସୂୟା, ଅନିଷ୍ଟ (ଅନଭିଲଷିତ ବସ୍ତୁ) ଅତି କଷ୍ଟରେ ପ୍ରଦର୍ଶନୀୟ ବସ୍ତୁ ଓ ଚକ୍ଷୁର୍ବ୍ୟଥାର ପ୍ରକାଶରେ କୁଞ୍ଚିତା; ନିର୍ବେଦ ଅଭିଘାତ (ଆକସ୍ମିକ ଆଘାତ) ଅଭିତାପ (ସନ୍ତାପ) ପ୍ରକାଶରେ ଅଭିତପ୍ତା, ଅସୂୟା ଜଡ଼ତା ଓ ଆଳସ୍ୟ ପ୍ରକାଶରେ ଜିହ୍ମା, ଧୃତି ଓ ହର୍ଷ ପ୍ରକାଶରେ ଲଳିତା, ତର୍କ, (ବିଚାର)

Digitized by srujanika@gmail.com

ଆହ୍ଲାଦବର୍ଦ୍ଧ୍ୟର୍ଦ୍ଧମୁକୁଳା ଗନ୍ଧସ୍ପର୍ଶସୁଖାଦିଷୁ ।
ବିଭ୍ରାନ୍ତା ଦୃଷ୍ଟିରାବେଗେ ସମ୍ଭ୍ରମେ ବିଭ୍ରମେ ତଥା ॥ ୯୪ ॥
ବିପ୍ଲୁତା ଚାପଲୋନ୍ମାଦଦୁଃଖାର୍ତ୍ତିମରଣାଦିଷୁ ।
ଆକେକରା ଦୁର୍ବିଲୋକେ ବିଚ୍ଛେଦପ୍ରେକ୍ଷିତେଷୁ ଚ ॥ ୯୫ ॥
ବିବୋଧଗର୍ବାମର୍ଷୌଗ୍ର୍ୟମତିଷୁ ସ୍ୟାଦ୍ୱିକୋଶିତା ।
ତ୍ରସ୍ତା ତ୍ରାସ ଭବେଦ୍ଦୃଷ୍ଟିର୍ମଦିରା ଚ ମଦେଷ୍ୱିତି ॥ ୯୬ ॥
ଷଟ୍‌ତ୍ରିଂଶଦ୍ଦୃଷ୍ଟୟୋ ହ୍ୟେତା ଯଥାବତ୍‌ସମୁଦାହୃତାଃ ।
ରସଜାନାଂ ତୁ ଦୃଷ୍ଟୀନାଂ ଭାବଜାନାଂ ତଥୈବ ଚ ॥ ୯୭ ॥
ତାରାପୁଟଭ୍ରୁବାଂ କର୍ମ ଗଦତୋ ମେ ନିବୋଧତ ।
ଭ୍ରମଣଂ ବଲନଂ ପାତଶ୍ଚଲନଂ ସମ୍ପ୍ରବେଶନମ୍ ॥ ୯୮ ॥
ବିବର୍ତ୍ତନଂ ସମୁଦ୍‌ବୃତ୍ତଂ ନିଷ୍କ୍ରାମଃ ପ୍ରାକୃତଂ ତଥା ।
[ଏତାନି ନବକର୍ମାଣି ତାରକର୍ମ ଦ୍ୱିଜୋତ୍ତମାଃ ॥ ୯୯ ॥
ଶୃଣୁଧ୍ୱଂ ଲକ୍ଷଣଂ ତାବତ୍ ସାମ୍ପ୍ରତଂ ପ୍ରୀତଃ ସ୍ଫୁଟମ୍ ।]
ପୁଟାନ୍ତର୍ମଣ୍ଡଳାବୃତ୍ତିସ୍ତାରୟୋର୍ଭ୍ରମଣଂ ସ୍ମୃତମ୍ ॥ ୧୦୦ ॥

ସ୍ମୃତ (ସ୍ମରଣ) ସ୍ଥଳରେ ବିତର୍କିତା, ଆନନ୍ଦଦାୟକ, ଗନ୍ଧ ଓ ସ୍ପର୍ଶ ଜନିତ ସୁଖ ଅନୁଭବ ସ୍ଥାନରେ ଅର୍ଦ୍ଧମୁକୁଳା, ଆବେଗ ସମ୍ଭ୍ରମ ଓ ବିଭ୍ରମ ସ୍ଥଳରେ ବିଭ୍ରାନ୍ତା, ଚପଳତା, ଉନ୍ମାଦ, ଦୁଃଖ, ପୀଡ଼ା ଓ ମରଣ ସ୍ଥଳରେ ବିପ୍ଲୁତା, ସହଜରେ ଦେଖା ନଯାଉଥିବା ସ୍ଥଳରେ, ବିଚ୍ଛେଦ-କାଳୀନ ସ୍ନେହାଣୀରେ ଆକେକରା, ବିବୋଧ (ଚେଇଁବା ବା ନିଦରୁ ଉଠିବା) ଗର୍ବ, ଅମର୍ଷ, ଔଗ୍ର୍ୟ, ମତି ଏହି ସ୍ଥଳ ମାନଙ୍କରେ ବିକୋଷିତା ବା ବିକୋଶା, ତ୍ରାସ ସ୍ଥଳରେ ତ୍ରସ୍ତା ଓ ମଦ୍ୟାଦିପାନ ଜନିତ ନିଶା ପ୍ରକାଶରେ 'ମଦିରା' ଦୃଷ୍ଟି ବ୍ୟବହୃତ ହୋଇଥାଏ । ୯୧-୯୬ ।

ମୁଁ ଛତିଶ ପ୍ରକାର ଦୃଷ୍ଟିର କଥା ଯଥାବିଧି କହିଲି, ଏବେ ରସଜ ଓ ଭାବଜ ଦୃଷ୍ଟି ମାନଙ୍କରେ ଆଖିଡୋଳା, ଆଖିପତା ଓ ଭ୍ରୂ ପ୍ରଭୃତିର କିପ୍ରକାର କିପରି ହୁଏ ତାହା କହୁଛି, ତୁମ୍ଭେମାନେ ଶୁଣ । ତାରାର (କଳାଡୋଳାର) କର୍ମ ନଅ ପ୍ରକାର । ଯଥା—ଭ୍ରମଣ, ବଲନ, ପାତ, ଚଳନ, ସଂପ୍ରବେଶନ, ବିବର୍ତ୍ତନ ସମୁଦ୍‌ବର୍ତ୍ତନ, ନିଷ୍କ୍ରାମ ଓ ପ୍ରାକୃତ । ୯୭-୯୯ ।

ଏମାନଙ୍କର ଲକ୍ଷଣ କହୁଛି, ପ୍ରୀତି ସହକାରେ ତୁମ୍ଭେମାନେ ଶୁଣ । ଆଖିର ପତା ଭିତରେ ଡୋଳାକୁ ମଣ୍ଡଳ ଆକାରରେ ବୁଲାଇଲେ ତାହାର ନାମ ଭ୍ରମଣ ହୁଏ । ୧୦୦ ।

Digitized by srujanika@gmail.com

ବଲନଂ ଗମନଂ ନ୍ୟସ୍ତଂ ପାତନଂ ସ୍ରସ୍ତତା ତଥା ।
ଚଲନଂ କମ୍ପନଂ ଜ୍ଞେୟଂ ପ୍ରବେଶୋଽନ୍ତଃପ୍ରବେଶନମ୍ ॥ ୧୦୧ ॥
ବିବର୍ତ୍ତନଂ କଟାକ୍ଷସ୍ତୁ ସମୁଦ୍‌ବୃତ୍ତଂ ସମୁନ୍ନତଃ ।
ନିଷ୍କ୍ରାମୋ ନିର୍ଗମଃ ପ୍ରୋକ୍ତଃ ପ୍ରାକୃତଂ ତୁ ସ୍ୱଭାବଜମ୍ ।
ଅଥୈଷାଂ ରସଭାବେଷୁ ବିନିୟୋଗଂ ନିବୋଧତ ॥ ୧୦୨ ॥
ଭ୍ରମଣଂ ବଲନାଦ୍‌ବୃତ୍ତେ ନିଷ୍କ୍ରାମୋ ବୀରରୌଦ୍ରୟୋଃ ।
ନିଷ୍କ୍ରାମଣଂ ସଚଲନଂ କର୍ତ୍ତବ୍ୟଂ ହି ଭୟାନକେ ॥ ୧୦୩ ॥
ହାସ୍ୟବୀଭତ୍ସୟୋଶ୍ଚାପି ପ୍ରବେଶନମିହେଷ୍ୟତେ ।
ପାତନଂ କରୁଣେ କାର୍ଯ୍ୟଂ ନିଷ୍କ୍ରାମଣମଥାଦ୍ଭୁତେ ॥ ୧୦୪ ॥
ପ୍ରାକୃତଂ ଶେଷଭାବେଷୁ ଶୃଙ୍ଗାରେ ଚ ବିବର୍ତ୍ତିତମ୍ ।
ସ୍ୱଭାବସିଦ୍ଧମେବୈତତ୍‌କର୍ମ ଲୋକକ୍ରିୟାଶ୍ରୟମ୍ ॥ ୧୦୫ ॥
ଏବଂ ରସେଷୁ ଭାବେଷୁ ତାରାକର୍ମାଣି ଯୋଜୟେତ୍ ।
ଅଥାତଶ୍ଚୈବ ପ୍ରବକ୍ଷ୍ୟାମି ପ୍ରକାରାନ୍ ଦର୍ଶନସ୍ୟ ତୁ ॥ ୧୦୬ ॥

ଡୋଳା ତ୍ରିକୋଣାକାରରେ ଗତି କଲେ ତାହାର ନାମ ହୁଏ ବଲନ । ଡୋଳା ତଳକୁ ଖସି ଆସିଲା ପରି ହେଲେ (ଶିଥିଳ ହେଲେ) ତାହାକୁ ପାତନ କହନ୍ତି । ଡୋଳା କମ୍ପିତ ହେବାର ନାମ ଚଳନ । ଭିତରକୁ ପ୍ରବେଶ କରିବାର ନାମ ସଂପ୍ରବେଶ, ଅକ୍ଷି-ପ୍ରାନ୍ତ ପର୍ଯ୍ୟନ୍ତ ଡୋଳାର ଗତି ହେଲେ ତାହାକୁ ବିବର୍ତ୍ତନ କହନ୍ତି । ଡୋଳା ଉପରକୁ ଟେକି ହେବାର ନାମ ସମୁଦ୍‌ବୃତ୍ତ । ଆଖିଡୋଳା ବାହାର ପଡ଼ିବା ଭଳି ହେଲେ ତାହାକୁ ନିଷ୍କ୍ରାମ କହନ୍ତି, ସାଧାରଣ ଭାବେ ଡୋଳା ରହିବାର ନାମ ପ୍ରାକୃତ । ଏବେ ରସ ଓ ଭାବ ମାନଙ୍କରେ ଏହି ଭ୍ରମଣାଦି କିପରି ପ୍ରଯୁକ୍ତ ହୁଅନ୍ତି ତାହା କହୁଅଛୁ । । ୧୦୧-୧୦୨ ।

ବୀର ଓ ରୌଦ୍ର ରସରେ ତାରକାର ଭ୍ରମଣ, ବଲନ, ବିବର୍ତ୍ତନ ଓ ନିଷ୍କ୍ରାମ ପ୍ରଯୁକ୍ତ ହୁଏ । ଭୟାନକ ରସରେ ନିଷ୍କ୍ରାମଣ ଓ ଚଳନ, ହାସ୍ୟ ଓ ବୀଭତ୍ସ ରସରେ ପ୍ରବେଶନ, କରୁଣ ରସରେ ପାତନ, ଶୃଙ୍ଗାରରେ ବିବର୍ତ୍ତନ ଅନ୍ୟାନ୍ୟ ଭାବର ପ୍ରକାଶରେ ପ୍ରାକୃତର ପ୍ରୟୋଗ ହୋଇଥାଏ ଏବଂ ଅବଶିଷ୍ଟ ରସରେ ପ୍ରାକୃତର ପ୍ରୟୋଗ କରାଯାଏ ଏବଂ ଶୃଙ୍ଗାରରେ ବିବର୍ତ୍ତନ ପ୍ରଯୁକ୍ତ ହୁଏ । ଏଗୁଡ଼ିକ ଲୋକ ସାଧାରଣରେ ପ୍ରଚଳିତ ଚକ୍ଷୁ ତାରକା ମାନଙ୍କର ସ୍ୱାଭାବିକ ଗତି । ପୂର୍ବୋକ୍ତ ରୀତିରେ ଏହି ତାରା କର୍ମ (ଆଖି କଳାଡୋଳା ମାନଙ୍କର ଗତି ବା ଭଙ୍ଗୀ) ପ୍ରଯୁକ୍ତ ହେବ । ଏଣିକି ଦର୍ଶନର ଭେଦ ବିଷୟରେ କହୁଅଛୁ । ୧୦୩-୧୦୬ ।

Digitized by srujanika@gmail.com

ସମଂ ସାଚ୍ୟାନୁବୃତ୍ତେ ଚ ହ୍ୟାଲୋକିତବିଲୋକିତେ ।
ପ୍ରଲୋକିତୋଲ୍ଲୋକିତେ ଚାପ୍ୟବଲୋକିତମେବ ଚ ॥ ୧୦୭ ॥
ସମତାରଞ୍ଚ ସୌମ୍ୟଞ୍ଚ ଯଦ୍ ଦୃଷ୍ଟଂ ତତ୍ ସମଂ ସ୍ମୃତମ୍ ।
ପକ୍ଷ୍ମାନ୍ତର୍ଗତତାରଂ ଯତ୍ ତିର୍ଯ୍ୟକ୍ ସାଚୀକୃତଂ ତୁ ତତ୍ ॥ ୧୦୮ ॥
ରୂପନିର୍ବର୍ଣ୍ଣନାଯୁକ୍ତମନୁବୃତ୍ତମିତି ସ୍ମୃତମ୍ ।
ସହସା ଦର୍ଶନଂ ଯତ୍ସ୍ୟାତ୍ତଦାଲୋକିତମୁଚ୍ୟତେ ॥ ୧୦୯ ॥
ବିଲୋକିତଂ ପୃଷ୍ଠତସ୍ତୁ ପାର୍ଶ୍ୱାଭ୍ୟାଂ ତୁ ପ୍ରଲୋକିତମ୍ ।
ଊର୍ଦ୍ଧ୍ୱମୁଲ୍ଲୋକିତଂ ଜ୍ଞେୟମବଲୋକିତମପ୍ୟଧଃ ॥ ୧୧୦ ॥
ଇତ୍ୟେଷ ଦର୍ଶନବିଧିଃ ସର୍ବଭାବରସାଶ୍ରୟଃ ।
ତାସ୍ୱଗତତାରସ୍ୟାନୁଗତଂ ପୁଟକର୍ମ ନିବୋଧତ ॥ ୧୧୧ ॥
ଉନ୍ମେଷଶ୍ଚ ନିମେଷଶ୍ଚ ପ୍ରସୃତଂ କୁଞ୍ଚିତଂ ସମମ୍ ।
ବିବର୍ତ୍ତିତଂ ସ ସ୍ଫୁରିତଂ ପିହିତଂ ସବିତାଡ଼ିତମ୍ ॥ ୧୧୨ ॥

ଏହା (ଦର୍ଶନ) ସମ, ସାଚ, ଅନୁବୃତ୍ତ, ଆଲୋକିତ, ବିଲୋକିତ, ପ୍ରଲୋକିତ, ଉଲ୍ଲୋକିତ ଓ ଅବଲୋକିତ ଭେଦରେ ଆଠ ପ୍ରକାର । ୧୦୭ ।

ସମ —ଚକ୍ଷୁର ତାରକାକୁ ସମଭାବରେ ରଖି ସୌମ୍ୟଭାବରେ (ଆହ୍ଲାଦ ଜନକ ଭଙ୍ଗୀରେ) ଚାହିଁବାର ନାମ ।

ସାଚ — କଳାଡୋଳା ପତାଦ୍ୱାରା ତିର୍ଯ୍ୟଗ ଆବୃତ ହୋଇ ରହିଲେ ତାହାର ନାମ ସାଚ ଦର୍ଶନ ।

ଅନୁବୃତ୍ତ — କୌଣସି ବସ୍ତୁର ରୂପକୁ ନିରୀକ୍ଷଣ କରି ଦେଖିବାର ନାମ ଅନୁବୃତ୍ତ ।

ଆଲୋକିତ — ହଠାତ୍ କୌଣସି ବସ୍ତୁର ଦର୍ଶନକୁ ଆଲୋକିତ କହନ୍ତି ।

ବିଲୋକିତ — ପଛ ଆଡକୁ ଚାହିଁବାର ନାମ ବିଲୋକିତ ।

ପ୍ରଲୋକିତ — ଦୁଇ କଡକୁ ଚାହିଁବାର ନାମ ପ୍ରଲୋକିତ ।

ଉଲ୍ଲୋକିତ — ଉପରକୁ ଚାହିଁବାର ନାମ ଉଲ୍ଲୋକିତ ।

ଅବଲୋକିତ — ତଳ ଦେଶକୁ ଚାହିଁବାର ନାମ ଅବଲୋକିତ ।
। ୧୦୮-୧୧୦ ।

ଏଗୁଡ଼ିକ ଭିନ୍ନ ଭିନ୍ନ ରସ ଓ ଭାବର ଅନୁଗାମୀ ଆଖିଡୋଳାର ବିଭିନ୍ନ ପ୍ରକାର ଚାଳନ । ଆଖି ପତାର ଚାଳନ ଡୋଳା ଚାଳନର ଅନୁଗାମୀ । ଏବେ ତାହାର ବିଷୟରେ କହୁଅଛୁ ଶୁଣ । ଏହା ଉନ୍ମେଷ, ନିମେଷ, ପ୍ରସୃତ, କୁଞ୍ଚିତ, ସମ, ବିବର୍ତ୍ତିତ, ସ୍ଫୁରିତ, ପିହିତ, ଓ ବିତାଡ଼ିତ ଭେଦରେ ନଅ ପ୍ରକାର । ୧୧୧-୧୧୨ ।

Digitized by srujanika@gmail.com

ବିଶ୍ଳେଷଃ ପୁଂଯୋର୍ଯସ୍ତୁ ସ ଉନ୍ମେଷଃ ପ୍ରକୀର୍ତ୍ତିତଃ ।
ସମାଗମୋ ନିମେଷଃ ସ୍ୟାଦାୟାମଃ ପ୍ରସୃତଂ ଭବେତ୍ ॥ ୧୧୩ ॥
ଆକୁଞ୍ଚିତଂ କୁଞ୍ଚିତଂ ସ୍ୟାତ୍ସମଂ ସ୍ୱାଭାବିକଂ ସ୍ମୃତମ୍ ।
ବିବର୍ତ୍ତିତଂ ସମୁଦ୍ବୃତ୍ତଂ ସ୍ଫୁରିତଂ ସ୍ପନ୍ଦିତଂ ତଥା ॥ ୧୧୪ ॥
ସ୍ଥଗିତଂ ପିହିତଂ ପ୍ରୋକ୍ତମାହତଂ ତୁ ବିତାଡ଼ିତମ୍ ।
ଏତେଷାଂ ରସଭାବେଷୁ ବିନିଯୋଗଂ ନିବୋଧତ ॥ ୧୧୫ ॥
କ୍ରୋଧେ ବିବର୍ତ୍ତିତଂ କାର୍ଯ୍ୟଂ ନିମେଷୋନ୍ମେଷଣୈଃ ସହ ।
ବିସ୍ମୟାର୍ଥେ ଚ ହର୍ଷେ ଚ ବୀରେ ଚ ପ୍ରସୃତଂ ସମମ୍ ॥ ୧୧୬ ॥
ଅନିଷ୍ଟଦର୍ଶନେ ଗନ୍ଧେ ରସେ ସ୍ପର୍ଶେ ଚ କୁଞ୍ଚିତମ୍ ।
ଶୃଙ୍ଗାରେ ଚ ସମଂ କାର୍ଯ୍ୟମୀର୍ଷ୍ୟାସୁ ସ୍ଫୁରିତଂ ତଥା ॥ ୧୧୭ ॥

ଉନ୍ମେଷ — ଆଖିପତା ଦୁଇଟି ପରସ୍ପର ଠାରୁ ପୃଥକ୍ ଭାବେ ଅବସ୍ଥିତ (ଆଖିକୁ ମେଲି କଲେ) ହେଲେ ତାହାକୁ ଉନ୍ମେଷ କହନ୍ତି ।

ନିମେଷ — ଆଖିପତା ଦୁଇଟିକୁ ମିଳାଇବାର ନାମ ନିମେଷ ।

ପ୍ରସୃତ — ଆଖିପତା ଦୁଇଟିକୁ ପରସ୍ପର ଠାରୁ ବିସ୍ତୃତ ଭାବେ ମେଲି କଲେ ତାହାର ନାମ ପ୍ରସୃତ ହୁଏ ।

କୁଞ୍ଚିତ — ଆଖି ପତାକୁ କୁଞ୍ଚିତ କରିବାର ନାମ କୁଞ୍ଚିତ ।

ସମ — ସ୍ୱାଭାବିକ ଭାବେ ଆଖି ପତାର ଅବସ୍ଥିତିକୁ ସମ କହନ୍ତି ।

ବିବର୍ତ୍ତିତ— ଆଖି ପତାକୁ ଉପରକୁ ଟେକିବାର ନାମ ବିବର୍ତ୍ତିତ ।

ସ୍ଫୁରିତ — ଅଖି ପତାକୁ ବାରମ୍ବାର ହଲାଇଲେ (ସ୍ପନ୍ଦିତ କଲେ) ତାହାର ନାମ ସ୍ଫୁରିତ ହୁଏ ।

ପିହିତ — ଆଖି ପତାକୁ ସ୍ଥିର କରି ରଖିବାର ନାମ ପିହିତ ।

ବିତାଡ଼ିତ — ଆଖି ପତାକୁ ଆହତ ଅର୍ଥାତ୍ ହଠାତ୍ ପକାଇ ଦେବାର ନାମ ବିତାଡ଼ିତ । ଏବେ କେଉଁ ରସ ବା ଭାବରେ ଆଖିପତାର କେଉଁ ପ୍ରକାର ଭଙ୍ଗୀ ବ୍ୟବହୃତ ହୁଏ, ତାହା କହୁଅଛୁ ଶୁଣ । ୧୧୩-୧୧୫ ।

କ୍ରୋଧର ଅଭିବ୍ୟକ୍ତି ପାଇଁ ନିମେଷ, ଉନ୍ମେଷ ଓ ବିବର୍ତ୍ତିତ ଭଙ୍ଗୀ ବ୍ୟବହୃତ ହୁଏ । ବିସ୍ମୟର ଅଭିବ୍ୟକ୍ତି ପାଇଁ, ହର୍ଷର ପ୍ରକାଶ ପାଇଁ ତଥା ବୀର ରସରେ 'ପ୍ରସୃତ' ବ୍ୟବହୃତ ହୁଏ । ଗନ୍ଧ, ରସ ବା ସ୍ପର୍ଶର ଅନୁଭୂତି ବେଳେ ତଥା ଅବାଞ୍ଛିତ ବସ୍ତୁର (ଅନିଷ୍ଟର) ଦର୍ଶନରେ କୁଞ୍ଚିତ ବ୍ୟବହୃତ ହୁଏ । ଶୃଙ୍ଗାର ରସର ଅଭିବ୍ୟକ୍ତି ଉଦ୍ଦେଶ୍ୟରେ 'ସମ' ବ୍ୟବହୃତ ହୁଏ । ଈର୍ଷା ଭାବର ଅଭିବ୍ୟକ୍ତି ପାଇଁ ସ୍ଫୁରିତ ବ୍ୟବହାର୍ଯ୍ୟ । ୧୧୬-୧୧୭ ।

Digitized by srujanika@gmail.com

ସୁପ୍ତମୂର୍ଚ୍ଛିତବାତୋଷ୍ଣଧୂମବର୍ଷାଞ୍ଜନାର୍ତ୍ତିଷୁ ।
ନେତ୍ରବେଗେ ଚ ପିହିତମଭିଧାତେ ବଗାଳିତମ୍ ॥ ୧୧୮ ॥
ଇତ୍ୟେଷୁ ରସଭାବେଷୁ ତାରକାପୁଟୟୋର୍ବିଧିଃ ।
କାର୍ଯ୍ୟାନୁଗତମସ୍ୟେବ ଭ୍ରୁବୋଃ କର୍ମ ନିବୋଧତ ॥ ୧୧୯ ॥
ଉତ୍କ୍ଷେପଃ ପାତନଂ ଚୈବ ଭ୍ରୁକୁଟୀ ଚତୁରଂ ତଥା ।
କୁଞ୍ଚିତଂ ରେଚିତଂ ଚୈବ ସହଜଂ ଚେତି ସପ୍ତଧା ॥ ୧୨୦ ॥
ଭ୍ରୁବୋରୁନ୍ନତିରୁତ୍କ୍ଷେପଃ ସମମେକୈକଶୋଽପି ବା ।
ଅନେନୈବ କ୍ରମେଣୈବ ପାତନଂ ସ୍ୟାଦଧୋମୁଖମ୍ ॥ ୧୨୧ ॥
ଭ୍ରୁବୋର୍ମୂଳସମୁତ୍କ୍ଷେପାଦ୍ ଭ୍ରୁକୁଟୀ ପରିକୀର୍ତ୍ତିତା ।
ଚତୁରଂ କିଞ୍ଚିଦୁଚ୍ଛ୍ୱାସାନ୍ମଧୁରାୟତତା ଭ୍ରୁବୋଃ ॥ ୧୨୨ ॥
ଏକସ୍ୟା ଦ୍ୱେ ଦ୍ୱୟୋର୍ବାପି ମୃଦୁଭଙ୍ଗସ୍ତୁ କୁଞ୍ଚିତମ୍ ।
ଏକସ୍ୟା ଏବ ଲଳିତାଦୁତ୍କ୍ଷେପାଦ୍ରେଚିତଂ ଭ୍ରୁବଃ ॥ ୧୨୩ ॥

ସୁପ୍ତି, ମୂର୍ଚ୍ଛା, ତଥା ବାତ-(ପବନ) ଉଷ୍ଣତା-ଧୂମ (ଧୂଆଁ) ର ସ୍ପର୍ଶାନୁଭବ, ବର୍ଷା ଅଞ୍ଜନ ଗ୍ରହଣ ଏବଂ ନେତ୍ରବେଗ-ଏମାନଙ୍କର ଅଭିବ୍ୟକ୍ତି ପାଇଁ 'ପିହିତ' ବ୍ୟବହୃତ ହୁଏ । ଭିନ୍ନ ଭିନ୍ନ ରସରେ ଭିନ୍ନ ଭିନ୍ନ ପ୍ରକାର ଡୋଳା ଓ ପତାର କାର୍ଯ୍ୟ ବର୍ଣ୍ଣିତ ହେଲା । ଏବେ ଏମାନଙ୍କର ଅନୁଗାମୀ ଭ୍ରୂର କାର୍ଯ୍ୟ କଥିତ ହେଉଛି ତାହା ଶୁଣ । ୧୧୮-୧୧୯ ।

ଏହା ଉତ୍କ୍ଷେପ, ପାତନ, ଭ୍ରୂକୁଟୀ, ଚତୁର, କୁଞ୍ଚିତ, ରେଚିତ, ଓ ସହଜ ଭେଦରେ ସାତ ପ୍ରକାର । ୧୨୦ ।

ଉତ୍କ୍ଷେପ— ଭ୍ରୂଦ୍ୱୟକୁ ଏକ କାଳରେ ହେଉ ବା ଗୋଟି ଗୋଟି କରି ଉପରକୁ ଟେକିବାର ନାମ ଉତ୍କ୍ଷେପ ।

ପାତନ — ସେହିପରି ଏକକାଳରେ ବା ଗୋଟିକ ପରେ ଗୋଟିଏ କରି ଭ୍ରୂକୁ ତଳ ଆଡ଼କୁ ପକାଇଲେ ତାହାକୁ ପାତନ କହନ୍ତି ।

ଭ୍ରୂକୁଟୀ — ଭ୍ରୂଦ୍ୱୟର ମୂଳ ଅଂଶକୁ (ନାସା ମୂଳରେ ମିଳିଥିବା ସ୍ଥାନକୁ) ଉପରକୁ ଟେକିଲେ ତାହାର ନାମ ଭ୍ରୂକୁଟୀ ।

ଚତୁର — ଭ୍ରୂଦ୍ୱୟକୁ ଅଳ୍ପ ସଞ୍ଚାଳିତ କରି ମଧୁର ଭାବରେ ଆୟତ (ଲମ୍ବିତ) କଲେ ତାହାର ନାମ ଚତୁର ।

କୁଞ୍ଚିତ — ଗୋଟିଏ ବା ଦୁଇଟିଯାକ ଭ୍ରୂକୁ ଅଳ୍ପ ପରିମାଣରେ ଭଙ୍ଗୁର କଲେ ତାହାର ନାମ କୁଞ୍ଚିତ ।

ରେଚିତ— ଗୋଟିଏ ଭ୍ରୂକୁ ଲଳିତ ଭଙ୍ଗୀରେ ଉପରକୁ ଟେକିଲେ ତାହାର ନାମ ରେଚିତ । ୧୨୧-୧୨୩ ।

Digitized by srujanika@gmail.com

ସହଜାତଂ ତୁ ସହଜଂ କର୍ମ ସ୍ୱାଭାବିକଂ ସ୍ମୃତମ୍ ।
ଅଥୈଷାଂ ସମ୍ପ୍ରବକ୍ଷ୍ୟାମି ରସଭାବପ୍ରୟୋଜନମ୍ ॥ ୧୨୪ ॥

କୋପେ ବିତର୍କେ ହେଳାୟାଂ ଲୀଳାଦୌ ସହଜେ ତଥା ।
ଦର୍ଶନେ ଶ୍ରବଣେ ଚୈବ ଭ୍ରୁବମେକାଂ ସମୁତ୍କ୍ଷିପେତ୍ ॥ ୧୨୫ ॥

ଉତ୍କ୍ଷେପୋ ବିସ୍ମୟେ ହର୍ଷେ ରୋଷେ ଚୈବ ଦ୍ୱୟୋରପି ।
ଅସୂୟିତେ ଜୁଗୁପ୍ସାୟାଂ ହାସେ ଘ୍ରାଣେ ଚ ପାତନମ୍ ॥ ୧୨୬ ॥

କ୍ରୋଧସ୍ଥାନେଷୁ ଦୀପ୍ତେଷୁ ଯୋଜୟେଦ୍ଭ୍ରୁକୁଟୀଂ ବୁଧଃ ।
ଶୃଙ୍ଗାରେ ଲଳିତେ ସୌମ୍ୟେ ସୁଖସ୍ପର୍ଶେ ପ୍ରବୋଧନେ ॥ ୧୨୭ ॥

ଏବଂବିଧେଷୁ ଭାବେଷୁ ଚତୁରଂ ତୁ ପ୍ରୟୋଜୟେତ୍ ।
[ସ୍ତ୍ରୀପୁଂସୟୋସ୍ତୁ ସଂଲାପେ ନାନାବସ୍ଥାନ୍ତରାତ୍ମକେ] ॥ ୧୨୮ ॥

ମୋଟ୍ଟାୟିତେ କୁଟ୍ଟମିତେ ତଥା ଚ କିଲକିଞ୍ଚିତେ ।
ନିକୁଞ୍ଚିତଂ ଚ କର୍ତ୍ତବ୍ୟଂ ନୃତ୍ତେ ଯୋଜ୍ୟଂ ତୁ ରେଚିତମ୍ ॥ ୧୨୯ ॥

ସହଜ — ସ୍ୱାଭାବିକ ଗତିରେ ଭ୍ରୂ ଦ୍ୱୟର ଅବସ୍ଥାନକୁ ସହଜ କହନ୍ତି । ଏହାପରେ କେଉଁ ରସ ଓ କେଉଁ ଭାବରେ କି ପ୍ରକାର ଭ୍ରୂ ଚାଳନା କରାଯାଏ ତାହା କୁହାଯାଉଛି । ୧୨୪ ।

କୋପ, ବିତର୍କ, ହେଳା, ଲୀଳା ପ୍ରଭୃତି ସହଜ ଅଲଙ୍କାର ମାନଙ୍କରେ ତଥା ଦର୍ଶନ ଓ ଶ୍ରବଣ ବେଳେ ଗୋଟିଏ ଭ୍ରୂଲତାର ଉତ୍କ୍ଷେପ କରାଯାଏ । ୧୨୫ ।

ବିସ୍ମୟ, ହର୍ଷ, ରୋଷ, ଏମାନଙ୍କର ଅଭିବ୍ୟକ୍ତି ପାଇଁ ଦୁଇଟି ଯାକ ଭ୍ରୂର ଉତ୍କ୍ଷେପ କରାଯାଏ । ଅସୂୟା, ଜୁଗୁପ୍ସା, ହାସ, ଗନ୍ଧ ଗ୍ରହଣ, ସ୍ଥଳରେ ଭ୍ରୂଲତାର ପାତନ କରାଯାଏ । ୧୨୬ ।

କ୍ରୋଧ ସ୍ଥଳରେ ବା କୌଣସି ଦୀପ୍ତ ଆବେଗରେ ଭ୍ରୂକୁଟୀର ପ୍ରୟୋଗ ହୋଇଥାଏ । ଶୃଙ୍ଗାର, କୌଣସି ଲଳିତ ଓ ସୌମ୍ୟଭାବ, ସୁଖକର ସ୍ପର୍ଶ ଓ ପ୍ରବୋଧନର ବ୍ୟକ୍ତି ପାଇଁ ଚତୁରର ପ୍ରୟୋଗ ହୋଇଥାଏ । ନାୟକ ନାୟିକାଙ୍କର ନାନା ଅବସ୍ଥାରେ, ସମ୍ଭାଷଣ ମୋଟ୍ଟାୟିତ, କୁଟ୍ଟମିତ ଓ କିଲକିଞ୍ଚିତର ବ୍ୟକ୍ତି ପାଇଁ ନିକୁଞ୍ଚିତର ବ୍ୟବହାର କରଣୀୟ । ନୃତ୍ତରେ ରେଚିତର ପ୍ରୟୋଗ କରାଯାଏ । ୧୨୭ ୧୨୯ ।

Digitized by srujanika@gmail.com

ଅନାବିଦ୍ଧେଷୁ ଭାବେଷୁ କୁର୍ଯ୍ୟାତ୍ସ୍ୱାଭାବିକଂ ତ ।
ଇତ୍ୟେବଂ ତୁ ଭ୍ରୁବୋଃ ପ୍ରୋକ୍ତଂ ନାସାକର୍ମ ନିବୋଧତ ॥ ୧୩୦ ॥

ନତା ମନ୍ଦା ବିକୃଷ୍ଟା ଚ ସୋଚ୍ଛ୍ୱାସାଥ ବିକୂଣିତା ।
ସ୍ୱାଭାବିକା ଚେତି ବୁଧୈଃ ଷଡ୍ବିଧା ନାସିକା ସ୍ମୃତା ॥ ୧୩୧ ॥

ନତା ମୁହୁଃଶ୍ଲିଷ୍ଟପୁଟା ମନ୍ଦା ତୁ ନିଭୃତା ସ୍ମୃତା ।
ବିକୃଷ୍ଟା ଫୁଲ୍ଲିତପୁଟା ସୋଚ୍ଛ୍ୱାସାକୃଷ୍ଟମାରୁତା ॥ ୧୩୨ ॥

ବିକୂଣିତା ସଙ୍କୁଚିତା ସମା ସ୍ୱାଭାବିକୀ ସ୍ମୃତା ।
ନାସିକାଲକ୍ଷଣଂ ହ୍ୟେତଦ୍ବିନିୟୋଗଂ ନିବୋଧତ ॥ ୧୩୩ ॥

ମଦୋତ୍କମ୍ପସମାଯୁକ୍ତେ ନାରୀଣାମନୁରୋଧନେ ।
ନିଃଶ୍ୱାସେ ଚ ନତା କାର୍ଯ୍ୟା ନାସିକା ନାଟ୍ୟଯୋକ୍ତୃଭିଃ ॥ ୧୩୪ ॥

ନିର୍ବେଦୌତ୍ସୁକ୍ୟଚିନ୍ତାସୁ ମନ୍ଦା ଶୋକେ ଚ ଯୋଜୟେତ୍ ।
ତୀବ୍ରଗନ୍ଧେ ବିକୃଷ୍ଟାଂ ତାଂ ରୌଦ୍ରେ ବୀରେ ତଥୈବ ଚ ॥ ୧୩୫ ॥

ଅସଂକୀର୍ଣ୍ଣ ଭାବ ମାନଙ୍କର ପ୍ରକାଶ ପାଇଁ ସହଜ ଭଙ୍ଗୀର ପ୍ରୟୋଗ ହୁଏ । ଭ୍ରୂର କାର୍ଯ୍ୟ କୁହାଗଲା । ଏବେ ନାସା ବିଷୟରେ କୁହାଯାଉଛି । ୧୩୦

ନାସାର ଭଙ୍ଗୀ ଛଅ ପ୍ରକାର ହୁଏ ଯଥା—ନତା, ମନ୍ଦା, ବିକୃଷ୍ଟା, ସୋଚ୍ଛ୍ୱାସା, ବିକୂଣିତା ଓ ସ୍ୱାଭାବିକା । ୧୩୧ ।

ବାରମ୍ବାର ପୁଡ଼ା ଦୁଇଟା ଲାଗି ରହିଲେ ତାହାର ନାମ ନତା, ନାସା ପୁଡ଼ା ପୃଥକ୍ (ସ୍ଥିର) ରହିବାର ନାମ ମନ୍ଦା । ନାକ ପୁଡ଼ାକୁ ଫୁଲାଇଲେ ତାହାର ନାମ ବିକୃଷ୍ଟା । ବାରମ୍ବାର ପବନ ଟାଣିଲେ ତାହାର ନାମ ନାମ ସୋଚ୍ଛ୍ୱାସା । ପୁଡ଼ା ସଂକୁଚିତ ହେଲେ ତାହାର ନାମ ବିକୂଣିତା, ସାଧାରଣ ଭାବରେ ଅବସ୍ଥିତ ହେଲେ ତାହାର ନାମ ସ୍ୱାଭାବିକା । ଏହା ନାସିକା ଲକ୍ଷଣ । ଏବେ ସେମାନଙ୍କର ପ୍ରୟୋଗ-ବିଧି ଶୁଣ । ୧୩୨-୧୩୩ ।

ରହି ରହି ଆସ୍ତେ ଆସ୍ତେ କାନ୍ଦିଲା ବେଳେ, ସ୍ତ୍ରୀମାନଙ୍କର ଅନୁରୋଧରେ ନିଃଶ୍ୱାସ ନେଲାବେଳେ, ନତା ନାସିକାର ବ୍ୟବହାର ହୋଇଥାଏ । ନିର୍ବେଦ, ଔତ୍ସୁକ୍ୟ, ଚିନ୍ତା ଏବଂ ଶୋକରେ ମନ୍ଦା ନାସିକା ପ୍ରଯୁକ୍ତ ହୁଏ । ରୌଦ୍ର ବା ବୀରରସର ଅଭିବ୍ୟକ୍ତିରେ ବା ତୀବ୍ର ଗନ୍ଧର ଅନୁଭୂତ କାଳରେ ବିକୃଷ୍ଟା ନାସିକା ବ୍ୟବହାର୍ଯ୍ୟ । । ୧୩୪-୧୩୫ ।

Digitized by srujanika@gmail.com

ଇଷ୍ଟଘ୍ରାଣେ ତଥୋଚ୍ଛ୍ୱାସେ ଦୀର୍ଘୋଚ୍ଛ୍ୱାସାଂ ପ୍ରୟୋଜୟେତ୍ ।
ବିକୂଣିତା ଚ କର୍ତ୍ତବ୍ୟା ଜୁଗୁପ୍ସାସୂୟିତାଦିଷୁ ॥ ୧୩୬ ॥

କାର୍ଯ୍ୟା ଶେଷେଷୁ ଭାବେଷୁ ତଜ୍‌ଜ୍ଞୈଃ ସ୍ୱାଭାବିକା ତଥା ।
କ୍ଷାମଂ ଫୁଲ୍ଲଂ ଚ ଘୂର୍ଣ୍ଣଂ ଚ କମ୍ପିତଂ କୁଞ୍ଚିତଂ ସମମ୍ ॥ ୧୩୭ ॥

ଷଡ୍‌ବିଧଂ ଗଣ୍ଡମୁଦ୍ଦିଷ୍ଟମସ୍ୟ ଲକ୍ଷଣମୁଚ୍ୟତେ ।
କ୍ଷାମଂ ତ୍ୱବନତଂ ଜ୍ଞେୟଂ ଫୁଲ୍ଲଂ ବିକସିତଂ ଭବେତ୍ ॥ ୧୩୮ ॥

ବିତତଂ ଘୂର୍ଣ୍ଣମାନୋକ୍ତଂ କମ୍ପତଂ ସ୍ଫୁରିତଂ ଭବେତ୍ ।
ସ୍ୟାତ୍କୁଞ୍ଚିତଂ ସଙ୍କୁଚିତଂ ସମଂ ପ୍ରାକୃତମୁଚ୍ୟତେ ॥ ୧୩୯ ॥

ଗଣ୍ଡୟୋର୍ଲକ୍ଷଣଂ ପ୍ରୋକ୍ତଂ ବିନିୟୋଗଂ ନିବୋଧତ ।
କ୍ଷାମଂ ଦୁଃଖେଷୁ କର୍ତ୍ତବ୍ୟଂ ପ୍ରହର୍ଷେ ଫୁଲ୍ଲମେବ ଚ ॥ ୧୪୦ ॥

ଘୂର୍ଣ୍ଣମୁତ୍ସାହଗର୍ବେଷୁ ରୋମହର୍ଷେଷୁ କମ୍ପିତମ୍ ।
କୁଞ୍ଚିତଂ ଚ ସରୋମାଞ୍ଚଂ ସ୍ପର୍ଶେ ଶୀତେ ଭୟେ ଜ୍ୱରେ ॥ ୧୪୧ ॥

ଅଭିଳଷିତ ଦ୍ରବ୍ୟର ଆଘ୍ରାଣ ବେଳେ ବା ଦୀର୍ଘ ଶ୍ୱାସର ପ୍ରୟୋଗ ବେଳେ ସୋଚ୍ଛ୍ୱାସା ପ୍ରୟୋଗ ହୋଇଥାଏ । ଜୁଗୁପ୍ସା ବା ଅସୂୟାର ଅଭିବ୍ୟକ୍ତି ପାଇଁ ବିକୂଣିତା ନାସିକାର ବ୍ୟବହାର ହୋଇଥାଏ । ୧୩୬ ।

ଅବଶିଷ୍ଟ ଭାବ ମାନଙ୍କର ଅଭିବ୍ୟକ୍ତି ପାଇଁ ସ୍ୱାଭାବିକର ପ୍ରୟୋଗ କରଣୀୟ । ଏବେ ଗଣ୍ଡର ଲକ୍ଷଣ କହୁଛୁ । ଗଣ୍ଡ ଛଅ ପ୍ରକାରରେ ପ୍ରଯୁକ୍ତ ହୁଏ । ଯଥା—କ୍ଷାମ, ଫୁଲ୍ଲ, ଘୂର୍ଣ୍ଣ, କମ୍ପିତ, କୁଞ୍ଚିତ ଓ ସମ । ୧୩୭ ।

ଗଣ୍ଡଦେଶ ନଇଁ ପଡ଼ିଲେ (ଅବନତ ହେଲେ) ତାହାକୁ କ୍ଷାମ କହନ୍ତି । ବିକଶିତ ହେଲେ ତାହାକୁ ଫୁଲ୍ଲ କହନ୍ତି । ଚିକେ ପ୍ରସାରିତ ହେଲେ ତାହାକୁ ଘୂର୍ଣ୍ଣ କହନ୍ତି । ଫୁରିଲେ ବା ଡେଇଁଲେ ତାହାକୁ କମ୍ପିତ କହନ୍ତି । ସଂକୁଚିତ ହେଲେ କୁଞ୍ଚିତ ଏବଂ ସାଧାରଣ ଭାବେ ରହିଲେ ତାହାର ନାମ ସମ । ଏମାନଙ୍କର ପ୍ରୟୋଗ ଯଥା—ଦୁଃଖରେ କ୍ଷାମର, ହର୍ଷରେ ଫୁଲ୍ଲର, ଉତ୍ସାହ ଏବଂ ଗର୍ବରେ ଘୂର୍ଣ୍ଣ ବା (ପୂର୍ଣ୍ଣ)ର, ରୋଷ ଏବଂ ହର୍ଷରେ କମ୍ପିତ । ଶୀତଳ ପଦାର୍ଥର ସ୍ପର୍ଶରେ, ଭୟରେ ବା ଜ୍ୱରରେ ଗଣ୍ଡରେ ରୋମାଞ୍ଚର ଅଭିବ୍ୟକ୍ତି ପାଇଁ କୁଞ୍ଚିତ ପ୍ରୟୋଗ ହୁଏ । ଅନ୍ୟାନ୍ୟ ଭାବ ମାନଙ୍କରେ ପ୍ରାକୃତର ବ୍ୟବହାର ହୁଏ । ୧୩୮-୧୪୧ ।

Digitized by srujanika@gmail.com

ପ୍ରାକୃତଂ ଶେଷଭାବେ ଗଣ୍ଡକର୍ମ ଭବେଦତଃ ।
ବିବର୍ତ୍ତନଂ କମ୍ପନଂ ଚ ବିସର୍ଗୋ ବିନିଗୂହନମ୍ ॥ ୧୪୨ ॥
ସନ୍ଦଷ୍ଟକଂ ସମୁଦ୍‌ଗଂ ଚ ଷଟ୍‌କର୍ମାଣ୍ୟଧରସ୍ୟ ତୁ ।
ବିକୂଣନଂ ବିବର୍ତ୍ତସ୍ତୁ ବେପନଂ କମ୍ପନଂ ସ୍ମୃତମ୍ ॥ ୧୪୩ ॥
ବିନିଷ୍କ୍ରାମୋ ବିସର୍ଗସ୍ତୁ ପ୍ରବେଶୋ ବିନିଗୂହନମ୍ ।
ସନ୍ଦଷ୍ଟକଂ ଦ୍ୱିଜୈର୍ଦଷ୍ଟଂ ସମୁଦ୍‌ଗଃ ସଂହତାନତଃ ॥ ୧୪୪ ॥
ଇତ୍ୟେଷୁ ଲକ୍ଷଣଂ ପ୍ରୋକ୍ତଂ ବିନିୟୋଗଂ ନିବୋଧତ ।
ଅସୂୟାବେଦନାବଜ୍ଞାହାସ୍ୟାଦିଷୁ ବିବର୍ତ୍ତନମ୍ ॥ ୧୪୫ ॥
କମ୍ପନଂ ବେଦନାଶୀତଭୟରୋଷଜବାଦିଷୁ ।
ସ୍ତ୍ରୀଣାଂ ବିଳାସେ ବିବ୍‌ବୋକେ ବିସର୍ଗୋ ରଞ୍ଜନେ ତଥା ॥ ୧୪୬ ॥
ବିନିଗୂହନମାୟାସେ ସନ୍ଦଷ୍ଟଂ କ୍ରୋଧକର୍ମସୁ ।
ସମୁଦ୍‌ଗସ୍ତ୍ୱନୁକମ୍ପାୟାଂ ଚୁମ୍ବନେ ଚାଭିନନ୍ଦନେ ॥ ୧୪୭ ॥
ଇତ୍ୟେଷ୍ୱଧରକର୍ମାଣ୍ୟୁକ୍ତାନି ଚିବୁକସ୍ୟ ନିବୋଧତ ।
କୁଟ୍ଟନଂ ଖଣ୍ଡନଂ ଛିନ୍ନଂ ଚୁକ୍‌କିତଂ ଲେହିତଂ ସମମ୍ ॥ ୧୪୮ ॥

ଅଧରର କାର୍ଯ୍ୟ ଛଅ ପ୍ରକାର ହୋଇଥାଏ ଯଥା— ବିବର୍ତ୍ତନ, କମ୍ପନ, ବିସର୍ଗ, ବିନିଗୂହନ ସଂଦଷ୍ଟକ, ଓ ସମୁଦ୍‌ଗକ। ସଂକୁଞ୍ଚିତ ହେବାର ନାମ ବିବର୍ତ୍ତି । ଥରିବାର ନାମ କମ୍ପନ, ପଦାକୁ ବାହାର ପଡ଼ିବାର ନାମ ବିସର୍ଗ, ଭିତରକୁ ପ୍ରବେଶ କରିବାର ନାମ ବିନିଗୂହନ, ଦନ୍ତ ଦ୍ୱାରା ଦଷ୍ଟ ହେଲେ ତାହାର ନାମ ସଂଦଷ୍ଟକ ଏବଂ ସଂକୋଚଯୁକ୍ତ ଅଧରଦ୍ୱୟକୁ ସାଧାରଣ ଭାବେ ଧାରଣ କରିବା ତାହାକୁ ସମୁଦ୍‌ଗକ କହନ୍ତି । ୧୪୨-୧୪୪ ।

ଅସୂୟା, ବେଦନା, ପରିବର୍ତ୍ତେ (ଲଜ୍ଜ୍ୟା ଆଳସ୍ୟ) ଅବଜ୍ଞା ହାସ୍ୟ ପ୍ରଭୃତିର ଅଭିବ୍ୟକ୍ତି ପାଇଁ ବିବର୍ତ୍ତନର ପ୍ରୟୋଗ । ବେଦନା, ଶୀତ, ଭୟ, ରୋଷ, କ୍ଷିପ୍ରତା, (ଅନ୍ୟ ମତରେ ଜ୍ୱର) ପ୍ରଭୃତିର ଅଭିବ୍ୟକ୍ତି ପାଇଁ କମ୍ପନ, ସ୍ତ୍ରୀ ମାନଙ୍କର ବିଳାସ, ବିବ୍‌ବୋକ (ଛଳରେ ଔଦାସୀନ୍ୟ) ଅନୁରଞ୍ଜନ କ୍ରିୟାରେ ବିସର୍ଗ, ଆୟାସ, (ଶ୍ରାନ୍ତି) ର ଅଭିବ୍ୟକ୍ତି ପାଇଁ ବିନିଗୂହନ, କ୍ରୋଧକର୍ମର ଅଭି-ବ୍ୟକ୍ତି ପାଇଁ ସନ୍ଦଷ୍ଟ । ଅନୁକମ୍ପା ପ୍ରକାଶ ପାଇଁ ଚୁମ୍ବନ ଏବଂ ଅଭିନନ୍ଦନର ଅଭିବ୍ୟକ୍ତି ପାଇଁ ସମୁଦ୍‌ଗକର ପ୍ରୟୋଗ ହୋଇଥାଏ । ୧୪୫-୧୪୭ ।

ଓଷ୍ଠର କାର୍ଯ୍ୟାବଳି ବର୍ଣ୍ଣିତ ହେଲା । ବର୍ତ୍ତମାନ ଚିବୁକର କାର୍ଯ୍ୟାବଳୀ ବର୍ଣ୍ଣିତ ହେଉଛି । କୁଟ୍ଟନ, ଖଣ୍ଡନ, ଛିନ୍ନ (ଚକିତ ବା ଚୁକ୍‌କିତ ବା

Digitized by srujanika@gmail.com

ଦଷ୍ଟଞ୍ଚ ଦନ୍ତକ୍ରିୟାଶ୍ଚ ତଦ୍ବୃକଲ୍ପିହ ଲକ୍ଷ୍ୟତେ ।
କୁଟ୍ଟନଂ ଦନ୍ତସଂଘର୍ଷଃ ସଂଯୋଗଃ ଖଣ୍ଡନଂ ମୁହୁଃ ॥ ୧୪୯ ॥
ଛିନ୍ନଂ ତୁ ଗାଢ଼ସଂଶ୍ଳେଷଶ୍ଚୁକ୍ଷିତଂ ଦୂରବିଚ୍ୟୁତଃ ।
ଲେହନଂ ଜିହ୍ୱୟା ଲେହଃ କିଞ୍ଚିତ୍ ଶ୍ଳେଷଃ ସମଂ ଭବେତ୍ ॥ ୧୫୦ ॥
ଦନ୍ତୈର୍ଦଷ୍ଟୋଽଧରେ ଦଷ୍ଟମିତ୍ୟେଷା ବିନିଯୋଜନମ ।
ଭୟଶୀତଜ୍ୱରକ୍ରୋଧଗ୍ରସ୍ତାନାଂ କୁଟ୍ଟନଂ ଭବେତ୍ ॥ ୧୫୧ ॥
ଜପାଧ୍ୟୟନସଂଲାପଭକ୍ଷ୍ୟଯୋଗେ ଚ ଖଣ୍ଡନମ୍ ।
ଛିନ୍ନଂ ବ୍ୟାଧୌ ଭୟେ ଶୀତେ ବ୍ୟାୟାମେ ରୁଦିତେ ମୃତେ ॥ ୧୫୨ ॥
ଜୃମ୍ଭଣେ ଚୁକ୍କିତଂ କାର୍ଯ୍ୟଂ ତଥା ଲେହ୍ୟେ ଚ ଲେହନମ୍ ।
ସମଂ ସ୍ୱାଭାବିକେଷୁ ସନ୍ଦଷ୍ଟଂ କ୍ରୋଧକର୍ମସୁ ॥ ୧୫୩ ॥
ଇତି ଦନ୍ତୋଷ୍ଠଜିହ୍ୱାନାଂ କରଣେ ତଦ୍ବୃକର୍ମିଣ୍ୟା ।
ବିନିବୃତ୍ତଂ ଚ ବିଧୁତଂ ନିର୍ଭୁଗ୍ନଂ ଭୁଗ୍ନମେବ ଚ ॥ ୧୫୪ ॥

ଚୁକ୍ଷିତ) ଲେହନ, ସମ, ଦଷ୍ଟ, ଦନ୍ତର କ୍ରିୟା ଦ୍ୱାରା ତଦ୍ବୃକର ଏହି କ୍ରିୟା ଗୁଡ଼ିକ ଘଟିଥାଏ । ଦୁଇ ଦାନ୍ତ ପାଟିକୁ ଘଷିବାର ନାମ କୁଟ୍ଟନ । ଦାନ୍ତକୁ ଦାନ୍ତ ବାଜିବା ନାମ ଖଣ୍ଡନ, ଦୁଇ ଦାନ୍ତ ପାଟିକୁ ଗାଢ଼ ଭାବରେ ମିଶାଇବାର ନାମ ଛିନ୍ନ । ଦୁଇ ଦାନ୍ତପାଟି ପରସ୍ପର ଠାରୁ ବହୁଦୂର ଭାବେ ପୃଥକ୍ ହୋଇ ରହିବା ଚୁକ୍ଷିତ । ଜିହ୍ୱା ଦ୍ୱାରା ତଦ୍ବୃକକୁ ଘଷିବାର ନାମ ଲେହନ । ଦୁଇ ଦାନ୍ତ ପାଟିରେ ଅଳ୍ପ ଫାଙ୍କ ଜାତ ହେଲେ ତାହାର ନାମ ସମ । ୧୪୮-୧୫୦ ।

ଅଧରକୁ ଦାନ୍ତରେ କାମୁଡ଼ିଲେ ତାହାର ନାମ ଦଷ୍ଟ । ଭୟ, ଶୀତ, ଜର, ବ୍ୟାଧି ପ୍ରଭୃତି ଦ୍ୱାରା ଗ୍ରସ୍ତ ହୋଇଥିବା ବ୍ୟକ୍ତି ଠାରେ କୁଟ୍ଟନ କ୍ରିୟା, ଜପ, ଅଧ୍ୟୟନ, ଆଳାପ ବା ଭୋଜନ କ୍ରିୟାରେ ଖଣ୍ଡନ, ବ୍ୟାଧି, ଭୟ, ଶୀତ, ବ୍ୟାୟାମ, କ୍ରନ୍ଦନ କାର୍ଯ୍ୟରେ ଏବଂ ମୃତ ବ୍ୟକ୍ତି ଠାରେ (ଅନ୍ୟର କ୍ରନ୍ଦନ ବା ମୃତ ପରିବର୍ତ୍ତେ କ୍ରୋଧରେ ଖୁନ୍ଦିବା) ଠାରେ ଛିନ୍ନ, ହାଇ ମାରିବା ବେଳେ ଚକିତ ବା ଚକ୍ଷିତ । କୌଣସି ଲେହନ ଯୋଗ୍ୟ ଦ୍ରବ୍ୟ ଠାରେ ଲେହନ, ସ୍ୱାଭାବିକ ଭାବରେ ସମ ଏବଂ କ୍ରୋଧରେ ଦଷ୍ଟ ପ୍ରଯୁକ୍ତ ହୁଏ । ତଦ୍ବୃକର ଏହି କାର୍ଯ୍ୟ ଗୁଡ଼ିକ ଦନ୍ତ-ଓଷ୍ଠ ଓ ଜିହ୍ୱା ଏହି ତିନଙ୍କର କାର୍ଯ୍ୟର ମଣ୍ଡଳରେ କରଣ ରୂପେ ସୃଷ୍ଟ । ୧୫୧-୧୫୩

ଏହାପରେ ମୁଖର କାର୍ଯ୍ୟ କୁହାଯାଉଛି । ଏହା ବିନିବୃତ୍ତ, ବିଧୁତ, ନିର୍ଭୁଗ୍ନ, ଭୁଗ୍ନ, ବିବୃତ, ଉଦ୍ବାହି ଭେଦରେ ଛଅ ପ୍ରକାର ।

Digitized by srujanika@gmail.com

ବିବୃତଞ୍ଚ ତଥୋଦ୍‌ବାହି କର୍ମାଣ୍ୟେଷାମ୍ୟଜାନି ତୁ ।
ବ୍ୟାବୃତ୍ତଂ ବିନିବୃତ୍ତଂ ସ୍ୟାଦ୍‌ବିଧୁତଂ ତର୍ଯ୍ୟଗାୟତମ୍ ॥ ୧୫୫ ॥

ଅବାଙ୍‌ମୁଖସ୍ଥଂ ନିର୍ଭୁଗ୍ନଂ ବ୍ୟାଭୁଗ୍ନଂ କିଞ୍ଚିଦାୟତମ୍ ।
ବିକ୍ଷିପ୍ତୋଷ୍ଠଂ ଚ ବିବୃତମୁଦ୍‌ବାହ୍ୟାକ୍ଷିପ୍ତମେବ ଚ ॥ ୧୫୬ ॥

ବିନିବୃତ୍ତମସୂୟାସ୍ୱୀର୍ଷ୍ୟାକୋପକୃତେଷୁ ଚ ।
ଅବଜ୍ଞାବିବୃତାଦୌ ଚ ସ୍ତ୍ରୀଣାଂ କାର୍ଯ୍ୟଂ ପ୍ରୟୋକ୍ତୃଭିଃ ॥ ୧୫୭ ॥

ବିଧୁତଂ ବାରଣେ ଚୈବ ନୈବମିତ୍ୟେବମାଦିଷୁ ।
ନିର୍ଭୁଗ୍ନଂ ତୁପି ଶଙ୍କେସ୍ତଂ ଗମ୍ଭୀର୍ଯ୍ୟାଲୋକନାଦିଷୁ ॥ ୧୫୮ ॥

ଭୁଗ୍ନଂ ଲଜ୍ଜାନ୍ୱିତେ ଯୋଜ୍ୟଂ ଯତୀନାଂ ତୁ ସ୍ୱଭାବତଃ ।
ନିର୍ବେଦୌତ୍ସୁକ୍ୟଚିନ୍ତାସୁ ତଥା ବିନୟମନ୍ତ୍ରଣେ ॥ ୧୫୯ ॥

ବିଶେଷ ଭାବେ ଆବର୍ତ୍ତିତ ହେଲେ ତାହାର ନାମ ବ୍ୟାବୃତ୍ତ, (ବିନିବୃତ୍ତ) ତର୍ଯ୍ୟକ୍ ଭାବେ (ବକ୍ରଭାବେ) ଲମ୍ବିତ ହେଲେ ତାହାର ନାମ ବିଧୁତ । ମୁହଁ ପଛ ଆଡକୁ ହେଲେ ତାହାର ନାମ ନିର୍ଭୁଗ୍ନ । ଅଳ୍ପ ଲମ୍ବିତ ହେଲେ ତାହାର ନାମ ଭୁଗ୍ନ । ଓଠ ମେଲା ହୋଇ ରହିଲେ ତାହାର ନାମ ବିବୃତ, ଆକ୍ଷିପ୍ତ (କୁଟିଳ) ହେଲେ ତାହାର ନାମ ଉଦ୍‌ବାହି । ୧୫୪-୧୫୬ ।

ବିନିବୃତ୍ତ — ଅସୂୟା, ଈର୍ଷ୍ୟା ଓ କୋପ ଜନିତ କାର୍ଯ୍ୟ ମାନଙ୍କରେ, ଅବଜ୍ଞା ପ୍ରଦର୍ଶନ ସ୍ଥଳରେ ବିହୃତ ପ୍ରଭୃତି ପ୍ରଦର୍ଶନରେ ସ୍ତ୍ରୀ ମାନଙ୍କର ଅଳଙ୍କାର ବିଶେଷର ପ୍ରଦର୍ଶନ ସ୍ଥଳରେ ବିନିବୃତ୍ତ ବ୍ୟବହୃତ ହୁଏ । ୧୫୭ ।

ବିଧୁତ — ବାରଣ କଲାବେଳେ, 'ଏହା ନୁହେଁ' ଏହି ଭାବ-ପ୍ରଦର୍ଶନ ବେଳେ, ବିଧୁତ ବ୍ୟବହୃତ ହୁଏ ।

ନିର୍ଭୁଗ୍ନ — ଗମ୍ଭୀର-ଭାବେ ଦେଖିବା ପ୍ରଭୃତିର ପ୍ରଦର୍ଶନ ବେଳେ ନିର୍ଭୁଗ୍ନ ବ୍ୟବହାର ହୁଏ ।

ଭୁଗ୍ନ — ଲଜ୍ଜିତ ବ୍ୟକ୍ତି ଠାରେ ଓ ଯତିମାନଙ୍କ ଠାରେ ତଥା ନିର୍ବେଦ ଔତ୍ସୁକ୍ୟ, ଚିନ୍ତା, ବିନୟ, ଓ ମନ୍ତ୍ରଣାର ଅଭିବ୍ୟକ୍ତି ଉଦ୍ଦେଶ୍ୟରେ ଭୁଗ୍ନ ପ୍ରୟୋକ୍ତବ୍ୟ । ୧୫୮-୧୫୯ ।

Digitized by srujanika@gmail.com

ବିବୃତ୍ତଂ ବାପି ବିକ୍ଷେପ୍ୟଂ ହାସ୍ୟଶୋକଭୟାଦିଷୁ ।
ସ୍ତ୍ରୀଣାମୁଦ୍‌ବାହ୍ୟ ଲୀଳାୟାଂ ଗର୍ବେ ଗଚ୍ଛତ୍ୟନାଦରେ ॥ ୧୬୦ ॥
ଏବଂ ନାମେତ କାର୍ଯଂଷ କୋପବାକ୍ୟେ ବିଚକ୍ଷଣୈଃ ।
ସମସାଚୀକୃତାଦ୍ୟୁକ୍ତଂ ଯତ୍ତ ଦୃଷ୍ଟିବିକଳ୍ପନମ୍ ॥ ୧୬୧ ॥
ତତ୍‌କ୍ଷେସ୍ତଦନୁସାରେଣ କାର୍ଯଂ ତଦନୁଗଂ ମୁଖମ୍ ।
ଅଥାତୋ ମୁଖରାଗସ୍ତୁ ଚତୁର୍ଧା ସଂପ୍ରକୀର୍ତ୍ତିତଃ ॥ ୧୬୨ ॥
ସ୍ୱାଭାବିକଃ ପ୍ରସନ୍ନଶ୍ଚ ରକ୍ତଃ ଶ୍ୟାମୋଽର୍ଥସଂଶ୍ରୟଃ ।
ସ୍ୱାଭାବିକସ୍ତୁ କର୍ତ୍ତବ୍ୟଃ ସ୍ୱଭାବାଭିନୟାଶ୍ରୟଃ ॥ ୧୬୩ ॥
ମଧ୍ୟସ୍ଥାଦିଷୁ ଭାବେଷୁ ମୁଖରାଗଃ ପ୍ରକୀର୍ତ୍ତିତଃ ।
ପ୍ରସନ୍ନସ୍ତୁ ଭବେତ୍ କାର୍ଯୋ ହାସ୍ୟଶୃଙ୍ଗାରୟୋସ୍ତଥା ॥ ୧୬୪ ॥
ବୀରରୌଦ୍ରମଦାଦ୍ୟେଷୁ ରକ୍ତଃ ସ୍ୟାତ୍‌କରୁଣେ ତଥା ।
ଭୟାନକେ ସବୀଭତ୍ସେ ଶ୍ୟାମଂ ସଂଜାୟତେ ମୁଖମ୍ ॥ ୧୬୫ ॥

ବିବୃତ — ହାସ୍ୟ, ଶୋକ ଓ ଭୟ ପ୍ରଭୃତି ଭାବର ପ୍ରକାଶ ପାଇଁ ବିବୃତ ବ୍ୟବହୃତ ହୋଇଥାଏ ।

ଉଦ୍‌ବାହିତ — ସ୍ତ୍ରୀମାନଙ୍କର ଲୀଳା (ଅଳଙ୍କାର ବିଶେଷ) ର ଅଭିବ୍ୟକ୍ତି ପାଇଁ ତଥା ଗର୍ବ ଓ ଅନାଦରର ପ୍ରକାଶ ଉଦ୍ଦେଶ୍ୟରେ ଉଦ୍‌ବାହିତ ବ୍ୟବହୃତ ହୁଏ । ୧୬୦ ।

ସମ ଓ ସାଚୀକୃତ ପ୍ରଭୃତି ଯେଉଁ ଦୃଷ୍ଟିଭେଦ ବର୍ଣ୍ଣିତ ହୋଇଛି ସେଥିରେ ଦୃଷ୍ଟି ଯାହା ଅଛି ତଦନୁସାରେ ମୁଖର ପ୍ରୟୋଗ କରାଯାଏ । ଏହାପରେ ମୁଖରାଗ (ମୁଖରଙ୍ଗ) ବର୍ଣ୍ଣିତ ହେଉଛି । ଏହା ଚାରି ପ୍ରକାର, ଯଥା—ସ୍ୱାଭାବିକ ପ୍ରସନ୍ନ, ରକ୍ତ, ଓ ଶ୍ୟାମ । ଏହି ପଦ ଗୁଡ଼ିକ ଅନ୍ୱର୍ଥ । ସ୍ୱଭାବିକ ଅଭିନୟରେ ସ୍ୱଭାବିକ ମୁଖର ପ୍ରୟୋଗ କରାଯାଏ । ମଧ୍ୟସ୍ଥ ଅଥାତ୍ ଉଦାସୀନ ଭାବର ଅଭି-ବ୍ୟକ୍ତି ପାଇଁ ମଧ୍ୟ ସ୍ୱଭାବିକ ମୁଖରାଗ ବ୍ୟବହୃତ ହୁଏ । ପ୍ରସନ୍ନ ମୁଖରାଗ — ଏହାର ପ୍ରୟୋଗ ଅଦ୍ଭୁତ ହାସ୍ୟ ଓ ଶୃଙ୍ଗାର ରସର ଅଭିବ୍ୟକ୍ତି ପାଇଁ ପ୍ରଯୁକ୍ତ ହୁଏ । ୧୬୧-୧୬୪ ।

ରକ୍ତ ମୁଖରାଗ — ଏହା ବୀର ରୌଦ୍ର ଓ କରୁଣ ରସର ଅଭି-ବ୍ୟକ୍ତି ଉଦ୍ଦେଶ୍ୟରେ ତଥା ମଦ (ପାନ ଜନିତ ନିଶା) ପ୍ରକାଶ ସ୍ଥଳରେ ପ୍ରଯୁକ୍ତ ହୁଏ ।

ଶ୍ୟାମ (କୃଷ୍ଣ) ମୁଖରାଗ — ଏହା ବୀଭତ୍ସ ଓ ଭୟାନକ ରସର ଅଭିବ୍ୟକ୍ତି ପାଇଁ ପ୍ରଯୁକ୍ତ ହୁଏ । ୧୬୫ ।

Digitized by srujanika@gmail.com

ଏବଂ ଭାବରସାର୍ଥେଷୁ ମୁଖରାଗଂ ପ୍ରୟୋଜୟେତ୍ ।
ଶାଖାଙ୍ଗୋପାଙ୍ଗସଂଯୁକ୍ତଃ କୃତୋଽପ୍ୟଭିନୟଃ ଶୁଭଃ ॥ ୧୬୬ ॥
ମୁଖରାଗବିହୀନସ୍ତୁ ନୈବ ଶୋଭାନ୍ୱିତୋ ଭବେତ୍ ।
ଶାରୀରାଭିନୟୋଽଲ୍ପୋଽପି ମୁଖରାଗସମନ୍ୱିତଃ ॥ ୧୬୭ ॥
ଦ୍ୱିଗୁଣାଂ ଲଭତେ ଶୋଭାଂ ରାତ୍ରାବିବ ନିଶାକରଃ ।
ନୟନାଭିନୟୋଽପି ସ୍ୟାନ୍ନାନାଭାବରସସ୍ଫୁଟଃ ॥ ୧୬୮ ॥
ମୁଖରାଗାନ୍ୱିତୋ ଯସ୍ମାନ୍ନାଟ୍ୟମତ୍ର ପ୍ରତିଷ୍ଠିତମ୍ ।
ଯଥାନେନଂ ପ୍ରସର୍ପେତ୍ତୁ ମୁଖଭ୍ରୂଦୃଷ୍ଟିସଂଯୁତମ୍ ॥ ୧୬୯ ॥
ତଥା ଭାବରସୋପେତଂ ମୁଖରାଗଂ ପ୍ରୟୋଜୟେତ୍ ।
ଇତ୍ୟେଷ ମୁଖରାଗସ୍ତୁ ପ୍ରୋକ୍ତୋ ଭାବରସାଶ୍ରୟଃ ॥ ୧୭୦ ॥
ଅତଃପରଂ ପ୍ରବକ୍ଷ୍ୟାମି ଗ୍ରୀବାକର୍ମାଣି ବୈ ଦ୍ୱିଜାଃ ।
ସମା ନତୋନ୍ନତା ତ୍ର୍ୟଶ୍ରା ରେଚିତା କୁଞ୍ଚିତାଞ୍ଚିତା ॥ ୧୭୧ ॥
ବଳିତା ଚ ବିବୃତ୍ତା ଚ ଗ୍ରୀବା ନବବିଧାର୍ଥତଃ ।

ଏହିପରି ଭାବ ଓ ରସର ଅନୁଗାମୀ କରି ପୂର୍ବୋକ୍ତ ଭାବରେ ମୁଖରାଗର ପ୍ରୟୋଗ କରାଯିବ । ଅଭିନୟ ସମସ୍ତ ପ୍ରକାର ଶାଖା (ଭେଦ) ଅଙ୍ଗ ଓ ଉପାଙ୍ଗ ସହିତ ପ୍ରଯୁକ୍ତ ହୋଇଥିଲେ ମଧ୍ୟ ଯଥୋଚିତ ମୁଖରାଗର ଅଭାବରେ ଶୋଭାନ୍ୱିତ ହୁଏ ନାହିଁ । ୧୬୬ ।

ଆଙ୍ଗିକ ଅଭିନୟ ଅଳ୍ପ ଅର୍ଥାତ୍ ସଂକ୍ଷିପ୍ତ ଭାବେ ପ୍ରଯୁକ୍ତ ହୋଇଥିଲେ ମଧ୍ୟ ଯଦି ମୁଖରାଗର ସମୁଚିତ ପ୍ରୟୋଗ ହୋଇଥାଏ, ତେବେ ସେହି ଆଙ୍ଗିକ ଅଭିନୟର ଶୋଭା ରାତ୍ରରେ ଚନ୍ଦ୍ରର ଶୋଭାପରି ଦୁଇ ଗୁଣ ବଢ଼ିଯାଏ । ୧୬୭ ।

ନେତ୍ରର ନାନାବିଧ ଅଭିନୟ ମୁଖରାଗର ଅନୁବର୍ତ୍ତନ ଦ୍ୱାରା ନାନା-ଭାବ ଓ ରସର ଦ୍ୟୋତକ ହୋଇଥାଏ, ଯେ ହେତୁ ମୁଖରାଗର ପ୍ରୟୋଗରେ ହିଁ ନାଟ୍ୟର ପ୍ରତିଷ୍ଠା ବିଦ୍ୟମାନ । ୧୬୮ ।

ମୁଖ ଓ ଭ୍ରୂ ଦୃଷ୍ଟି ସହିତ ଚକ୍ଷୁ ଯେଉଁପରି ଗତିକରେ ସେହିପରି ନାନାଭାବ ଓ ରସର ଅନୁଗାମୀ, ମୁଖରାଗ ପ୍ରଯୁକ୍ତ ହେବା ଉଚିତ । ଭିନ୍ନ ଭିନ୍ନ ଭାବ ଓ ରସର ଦୃଷ୍ଟିରୁ ବିଭିନ୍ନ ପ୍ରକାର ମୁଖରାଗର ବର୍ଣ୍ଣନା କରାଗଲା । ୧୬୯-୧୭୦ ।

ଏହାପରେ 'ଗ୍ରୀବା' କାର୍ଯ୍ୟ ବିଷୟରେ କହୁଅଛୁ । ଏହା (ଗ୍ରୀବାକର୍ମ) ନଅ ପ୍ରକାର ଯଥା — ସମା, ନତା, ଉନ୍ନତା, ତ୍ର୍ୟଶ୍ରା, ରେଚିତା, କୁଞ୍ଚିତା, ଅଞ୍ଚିତା, ବଳିତା, ଓ ନିବୃତ୍ତା, (ବିବୃତ୍ତା) ଏହି ପଦ ମାନଙ୍କର ଅର୍ଥ ଅନୁସାରେ ଏମାନଙ୍କର ଲକ୍ଷଣ ବୁଝାଯିବ । ୧୭୧ ।

Digitized by srujanika@gmail.com

ସମା ସ୍ୱାଭାବିକୀ ଧ୍ୟାନସ୍ୱଭାବଜପକର୍ମସୁ ॥ ୧୭୨ ॥

ନତା ନତାସ୍ୟୋଽଲଙ୍କାରେ ବନ୍ଧେ କଣ୍ଠାବଲମ୍ବନେ ।
ଉନ୍ନତାଭ୍ୟୁନ୍ନତମୁଖୀ ଗ୍ରୀବା ଗ୍ରୈବେୟୋର୍ଦ୍ଧ୍ୱଦର୍ଶନେ ॥ ୧୭୩ ॥

ତ୍ର୍ୟଶ୍ରା ପାର୍ଶ୍ୱଗତା ଜ୍ଞେୟା ସ୍କନ୍ଧଭାରେ ଚ ଦୁଃଖିତେ ।
ରେଚିତା ବିଧୁତା ଭ୍ରାନ୍ତା ଭାବେ ମଥନନୃତ୍ତୟୋଃ ॥ ୧୭୪ ॥

କୁଞ୍ଚିତାଽକୁଞ୍ଚିତା ମୂର୍ଦ୍ଧ୍ନି ଘଟେ ଗଳରକ୍ଷଣେ ।
ଅଞ୍ଚିତାଽପସୃତୋଦ୍ବଦ୍ଧକେଶକର୍ଷୋର୍ଦ୍ଧ୍ୱଦର୍ଶନେ ॥ ୧୭୫ ॥

ସମା — ସ୍ୱାଭାବିକ ଭାବେ ଗ୍ରୀବାର (ବେକର) ସ୍ଥିତିକୁ ସମା କହନ୍ତି । ଏହା ଧ୍ୟାନ ସ୍ୱାଭାବିକତା ଓ ଜପ ପ୍ରକାଶ ସ୍ଥଳେ ପ୍ରଯୋଜ୍ୟ । ୧୭୨ ।

ନତା — ଏହାର ପ୍ରୟୋଗ (ଗ୍ରୀବାର) ଅଳଂକାର ପିନ୍ଧିବା ଓ କଣ୍ଠଗ୍ରହଣ କାଳରେ ପ୍ରଯୁକ୍ତ ହୁଏ ।

ଉନ୍ନତା — ଉପର ଆଡକୁ ମୁହଁକରି ଉର୍ଦ୍ଧ୍ୱକୁ ଚାହିଁବା ବେଳେ ଏହା ପ୍ରଯୁକ୍ତ ହୁଏ । (ଅନ୍ୟମତରେ ବେକର ଅଳଙ୍କାରକୁ ଉପରକୁ ଟେକିବା ବେଳେ ଏହା ପ୍ରଯୁକ୍ତ ହୁଏ (ଗ୍ରୈବେୟୋର୍ଦ୍ଧ୍ୱ ନିବେଶନେ)

ତ୍ର୍ୟଶ୍ରା — ମୁହଁକୁ କଡ଼କୁ ବୁଲାଇଲେ ତ୍ର୍ୟଂଶ୍ରା ଗ୍ରୀବାହୁଏ । କାନ୍ଧରେ ଭାର ବୋହିବା ବେଳେ ଓ ପୀଡ଼ାର ଅଭିବ୍ୟକ୍ତି ପାଇଁ ତ୍ର୍ୟଶ୍ରା ପ୍ରଯୁକ୍ତ ହୁଏ ।

ରେଚିତା — ବେକକୁ ବୁଲାଇଲେ ବା କମ୍ପାଇଲେ ରେଚିତା ଗ୍ରୀବାହୁଏ । ଏହାର ପ୍ରୟୋଗ 'ଭାବ' ର ପ୍ରକାଶ ସ୍ଥଳେ (ଦଧି ପ୍ରଭୃତିର) ମନ୍ଥନ କାର୍ଯ୍ୟରେ ଓ 'ନୃତ୍ତ' ପ୍ରଦର୍ଶନରେ କରାଯାଇଥାଏ । ୧୭୩-୧୭୪ ।

କୁଞ୍ଚିତା — ମୁଣ୍ଡକୁ ତଳ ଆଡ଼କୁ କରି, ବେକକୁ କୁଞ୍ଚିତ କଲେ କୁଞ୍ଚିତା ହୁଏ । ଏହାର ପ୍ରୟୋଗ ମସ୍ତକସ୍ଥିତ ଭାରରୁ ଗଳାକୁ ରକ୍ଷା କରିବା ଅଭିନୟ ବେଳେ କରାଯାଇଥାଏ ।

ଅଞ୍ଚିତା — ମୁଣ୍ଡ ଓ ବେକକୁ ପଛ ଆଡ଼କୁ ଝୁଙ୍କାଇବା ଦ୍ୱାରା ଅଞ୍ଚିତା ଉତ୍ପନ୍ନ ହୁଏ । ଏହାର ପ୍ରୟୋଗ ଉଦ୍‌ବନ୍ଧନରେ (ଦଉଡ଼ି ଲଗାଇବା ବେଳେ) କେଶକୁ ସଜାଡ଼ିବା ବେଳେ ଓ ଉପରକୁ ଚାହିଁବା ବେଳେ କରାଯାଇଥାଏ । ୧୭୫ ।

Digitized by srujanika@gmail.com

ପାର୍ଶ୍ୱୋନ୍ମୁଖୀ ସ୍ୟାଦ୍‌ବଳିତା ଗ୍ରୀବାଭଙ୍ଗେ ଚ ବୀକ୍ଷିତେ ।
ନିବୃତ୍ତାଭିମୁଖୀଭୂତା ସ୍ୱସ୍ଥାନାଭିମୁଖାଦପି ॥ ୧୭୬ ॥

ଇତ୍ୟାଦି ଲୋକଭାବାର୍ଥା ଗ୍ରୀବା ଭେଦୈରନେକଧା ।
ଗ୍ରୀବାକର୍ମାଣି ସର୍ବାଣି ଶିରଃକର୍ମାନୁଗାନି ତୁ ॥ ୧୭୭ ॥

ଶିରସଃ କର୍ମଣା କର୍ମ ଗ୍ରୀବାୟାଃ ସମ୍ପ୍ରବର୍ତ୍ତତେ ।
ଇତ୍ୟେତଲ୍ଲକ୍ଷଣଂ ପ୍ରୋକ୍ତଂ ଶୀର୍ଷୋପାଙ୍ଗସମାଶ୍ରୟମ୍ ॥ ୧୭୮ ॥

ଅଙ୍ଗକର୍ମାଣି ଶେଷାଣି ଗଦତୋ ମେ ନିବୋଧତ ।

ଇତି ଭାରତୀୟେ ନାଟ୍ୟଶାସ୍ତ୍ରେ ଉତ୍ତମାଙ୍ଗାଭିନୟୋ
ନାମାଷ୍ଟମୋଽଧ୍ୟାୟଃ ।

ବଳିତା — ଦୁଇ କଡ଼କୁ ଉପର ମୁହାଁ ହୋଇ ବୁଲିଁବା ବଳିତା, ବେକ ମୋଡ଼ି ବୁଲିଁବା ବେଳେ ଏହାର ପ୍ରୟୋଗ କରାଯାଇ ଥାଏ ।

ନିବୃତ୍ତା (ନିବୃତ୍ତ) — ଗ୍ରୀବା ଅଭିମୁଖୀ (ସମ୍ମୁଖ ଆଗକୁ ପ୍ରସୃତ) ହେଲେ ତାହାର ନାମ ନିବୃତ୍ତ । ଏହାର ପ୍ରୟୋଗ ନିଜ ସ୍ଥାନର ଅଭିମୁଖରେ ଗତି କରିବା ବେଳେ ହୋଇଥାଏ । ଏହି ପ୍ରକାର ଗ୍ରୀବା ଭଙ୍ଗୀ ଦ୍ୱାରା (ବେକର ଚାଳନ ଦ୍ୱାରା) ଲୋକ ପ୍ରଚଳିତ ନାନାଭାବ ଓ ଅର୍ଥ ପ୍ରକାଶିତ ହୁଏ । ମସ୍ତକ କାର୍ଯ୍ୟର ଅନୁକ୍ରମରେ ଗ୍ରୀବା କାର୍ଯ୍ୟ ସମ୍ପନ୍ନ ହୁଏ । ତେଣୁ ଗ୍ରୀବାର ସମସ୍ତ କର୍ମର ଅନୁଗାମୀ । ଶୀର୍ଷ ପ୍ରଭୃତି ଉପାଙ୍ଗ ମାନଙ୍କ କାର୍ଯ୍ୟାବଳୀର ଲକ୍ଷଣ ବର୍ଣ୍ଣିତ ହେଲା ।

ଏଣିକି ଅବଶିଷ୍ଟ ଅଙ୍ଗମାନଙ୍କର କର୍ମ ସମ୍ବନ୍ଧରେ କହୁଅଛୁ ଶୁଣ ।୧୭୬-୧୭୮।

ଇତି ଶ୍ରୀ ଭରତୀୟ ନାଟ୍ୟଶାସ୍ତ୍ରରେ ଉପାଙ୍ଗ ଅଭିନୟ ନାମକ
ଅଷ୍ଟମ ଅଧ୍ୟାୟ

Digitized by srujanika@gmail.com

ନବମୋଽଧ୍ୟାୟଃ

ଏବମେତଚ୍ଛିରୋନେତ୍ରଭ୍ରୂନାସୋଷ୍ଠକପୋଳଜମ୍ ।
କର୍ମ ଲକ୍ଷଣସଂଯୁକ୍ତମୁପାଙ୍ଗାନାଂ ମୟୋଦିତମ୍ ॥ ୧ ॥

ହସ୍ତାଦୀନାଂ ପ୍ରବକ୍ଷ୍ୟାମି କର୍ମ ନାଟ୍ୟପ୍ରଯୋଜକମ୍ ।
ଯଥା ଯେନାଭିନେୟଂ ଚ ଗଦତୋ ମେ ନିବୋଧତ ॥ ୨ ॥

ହସ୍ତୋରଃପାର୍ଶ୍ୱଜଠରକଟୀଜଂଘୋରୁପାଦତଃ ।
ଲକ୍ଷଣଂ ସଂପ୍ରବକ୍ଷ୍ୟାମି ବିନିଯୋଗଂ ଚ ତତ୍ତ୍ୱତଃ ॥ ୩ ॥

ପତାକଃ ତ୍ରିପତାକଶ୍ଚ ତଥା ବୈ କର୍ତ୍ତରୀମୁଖଃ ।
ଅର୍ଦ୍ଧଚନ୍ଦ୍ରୋ ହ୍ୟରାଳଶ୍ଚ ଶୁକତୁଣ୍ଡସ୍ତଥୈବ ଚ ॥ ୪ ॥

ମୁଷ୍ଟିଶ୍ଚ ଶିଖରଶ୍ଚୈବ କପିତ୍ଥଃ ଖଟକାମୁଖଃ ।
ସୂଚ୍ୟାସ୍ୟଃ ପଦ୍ମକୋଶଃ ସର୍ପଶିରା ମୃଗଶୀର୍ଷକଃ ॥ ୫ ॥

ନବମ ଅଧ୍ୟାୟ

ମୁଁ ଶିର, ନେତ୍ର, ନାସା, ଓଷ୍ଠ, କପୋଳ ଏହି ଉପାଙ୍ଗ ମାନଙ୍କର ଯାବତୀୟ ଅଭିନୟ କର୍ମ କହିଲି । ଏବେ ହସ୍ତ ପ୍ରଭୃତିର ନାଟ୍ୟ ପ୍ରଯୋଜକ କର୍ମ ସମୂହ ଯାହା ଦ୍ୱାରା ଯେପରି ସମ୍ପାଦନ କରାଯିବା କଥା ତାହା ମୁଁ କହୁ-ଅଛି, ତୁମ୍ଭେମାନେ ଶୁଣ । ୧-୨ ।

ଏଠାରେ ମୁଁ ହସ୍ତ, ଉରଃ, ପାର୍ଶ୍ୱ, ଉଦର, କଟି, ଜଙ୍ଘ, ଉରୁ ଓ ପାଦକ୍ରମରେ ସମସ୍ତ କର୍ମର ଲକ୍ଷଣ ଓ ବିନିଯୋଗ (ପ୍ରୟୋଗ) ସ୍ୱରୂପତଃ କହୁଅଛି । ୩ ।

ଅସଂଯୁକ୍ତ ହସ୍ତର ଅଭିନୟ ଚବିଶ ପ୍ରକାର । ସେମାନଙ୍କର ନାମ, ଯଥା— ପତାକ, ତ୍ରିପତାକ, କର୍ତ୍ତରୀମୁଖ, ଅର୍ଦ୍ଧଚନ୍ଦ୍ର, ଅରାଳ, ଶୁକତୁଣ୍ଡ, ମୁଷ୍ଟି, ଶିଖର, କପିତ୍ଥ, ଖଟକାମୁଖ, ସୂଚୀ, ପଦ୍ମକୋଶ, ସର୍ପଶିରା, ମୃଗ-

Digitized by srujanika@gmail.com

ଲାଙ୍ଗୂଲକୋଽଲପଦ୍ମଶ୍ଚ ଚତୁରୋ ଭ୍ରମରସ୍ତଥା ।
ହଂସାସ୍ୟୋ ହଂସପକ୍ଷଶ୍ଚ ସନ୍ଦଂଶୋ ମୁକୁଳସ୍ତଥା ॥ ୬ ॥

ଊର୍ଣନାଭସ୍ତାମ୍ରଚୂଡଶ୍ଚତୁର୍ବିଂଶତିରୀରିତାଃ ।
ଅସଂଯୁତାଃ, ସଂଯୁତାଶ୍ଚ ଗଦତୋ ମେ ନିବୋଧତ ॥ ୭ ॥

ଅଞ୍ଜଳିଶ୍ଚ କପୋତଶ୍ଚ କର୍କଟଃ ସ୍ୱସ୍ତିକସ୍ତଥା ।
ଖଟକାବର୍ଧମାନଶ୍ଚ ହ୍ୟୁତ୍ସଙ୍ଗୋ ନିଷଧସ୍ତଥା ॥ ୮ ॥

ଦୋଳଃ ପୁଷ୍ପପୁଟଶ୍ଚୈବ ତଥା ମକର ଏବ ଚ ।
ଗଜଦନ୍ତୋଽବହିତ୍ଥଶ୍ଚ ବର୍ଧମାନସ୍ତଥୈବ ଚ ॥ ୯ ॥

ଏତେ ତୁ ସଂଯୁତା ହସ୍ତା ମୟା ପ୍ରୋକ୍ତାସ୍ତ୍ରୟୋଦଶ ।
ନୃତ୍ତହସ୍ତାନତଶ୍ଚୋର୍ଦ୍ଧ୍ୱଂ ଗଦତୋ ମେ ନିବୋଧତ ॥ ୧୦ ॥

ଚତୁରସ୍ରୌ ତଥୋଦ୍‌ବୃତ୍ତୌ ତଥା ତଳମୁଖୌ ସ୍ମୃତୌ ।
ସ୍ୱସ୍ତିକୌ ବିପ୍ରକୀର୍ଣୌ ଚାପ୍ୟରାଳଖଟକାମୁଖୌ ॥ ୧୧ ॥

ଆବିଦ୍ଧବକ୍ରୌ ସୂଚ୍ୟାସ୍ୟୌ ରେଚିତାବର୍ଧରେଚିତୌ ।
ଉତ୍ତାନବଞ୍ଚିତୌ ଚୈବ ପଲ୍ଲବୌ ଚ ତଥା କରୌ ॥ ୧୨ ॥

ନିତମ୍ବାବପି ବିଜ୍ଞେୟୌ କେଶବନ୍ଧୌ ତଥୈବ ଚ ।
ଲତାଖ୍ୟୌ ଚ ତଥା ପ୍ରୋକ୍ତୌ କରିହସ୍ତୌ ତଥୈବ ଚ ॥ ୧୩ ॥

ଶୀର୍ଷକ, ଲାଙ୍ଗୂଳକ, ଅଳପଦ୍ମ, ଚତୁର, ଭ୍ରମର, ହଂସ, ହଂସପକ୍ଷ, ସନ୍ଦଂଶ, ମୁକୁଳ, ଊର୍ଣ୍ଣନାଭ ଓ ତାମ୍ରଚୂଡ । ୪-୬ ।

ଏବେ ସଂଯୁକ୍ତହସ୍ତର ଅଭିନୟର ନାମ କହୁଅଛୁ । ଏହାର ସଂଖ୍ୟା ତେର ଗୋଟି— ଅଞ୍ଜଳି, କପୋତ, କର୍କଟ, ସ୍ୱସ୍ତିକ, ଖଟକାବର୍ଦ୍ଧମାନକ, ଉତ୍ସଙ୍ଗ, ନିଷଧ, ଦୋଳ, ପୁଷ୍ପପୁଟ, ମକର, ଗଜଦନ୍ତ, ଅବହିତ୍ଥ ଓ ବର୍ଦ୍ଧମାନ । ୭-୯ ।

ଏହା ପରେ ନୃତ୍ୟହସ୍ତ-ଯୁଗଳର ବିବରଣ କହୁଅଛୁ ଶୁଣ ।

ଯଥା— ଚତୁରସ୍ର, ଉଦ୍‌ବୃତ୍ତ, ତଳମୁଖ, ସ୍ୱସ୍ତିକ, ବିପ୍ରକୀର୍ଣ୍ଣ, ଅରାଳଖଟକାମୁଖ, ଆବିଦ୍ଧବକ୍ର, ସୂଚୀ, ରେଚିତ, ଅର୍ଦ୍ଧରେଚିତ, ଉତ୍ତାନ-ବଞ୍ଚିତ, ପଲ୍ଲବ, ନିତମ୍ବ, କେଶବନ୍ଧ, ଲତା, କରିହସ୍ତ, ପକ୍ଷବଞ୍ଚିତକ,

Digitized by srujanika@gmail.com

ପକ୍ଷବଞ୍ଚିତକୌ ଚୈବ ପକ୍ଷପ୍ରଦ୍ୟୋତକୌ ତଥା ।
ଜ୍ଞେୟୌ ଗରୁଡ଼ପକ୍ଷୌ ଚ ଦଣ୍ଡପକ୍ଷାବତଃ ପରମ୍ ॥ ୧୪ ॥

ଊର୍ଦ୍ଧ୍ୱମଣ୍ଡଲିନୌ ଚୈବ ପାର୍ଶ୍ୱମଣ୍ଡଲିନୌ ତଥା ।
ଉରୋମଣ୍ଡଲିନୌ ଚୈବ ଉରଃ ପାର୍ଶ୍ୱାର୍ଦ୍ଧମଣ୍ଡଲୌ ॥ ୧୫ ॥

ମୁଷ୍ଟିକସ୍ୱସ୍ତିକୌ ଚାପି ନଳିନୀପଦ୍ମକୋଶକୌ ।
ଅଳପଲ୍ଲବୋଲ୍ବଣୌ ଚ ଲଳିତୌ ବଳିତୌ ତଥା ॥ ୧୬ ॥

ଚତୁଷ୍ପଷ୍ଟି କରା ହ୍ୟେତେ ନାମତୋଽଭିହିତା ମୟା ।
ଯଥାଲକ୍ଷଣମେତେଷାଂ କର୍ମାଣି ଚ ନିବୋଧତ ॥ ୧୭ ॥

ପ୍ରସାରିତାଃ ସମାଃ ସର୍ବାଃ ଯସ୍ୟାଙ୍ଗୁଲ୍ୟୋ ଭବନ୍ତି
କୁଞ୍ଚିତଶ୍ଚ ତଥାଙ୍ଗୁଷ୍ଠଃ ସ ପତାକ ଇତି ସ୍ମୃତଃ ॥ ୧୮ ॥

ଏଷ ପ୍ରହାରପାତେ ପ୍ରତାପନେ ନୋଦନେ ପ୍ରହର୍ଷେ ଚ ।
ଗର୍ବେଽପ୍ୟହମିତି ତଜ୍ଜ୍ଞୈର୍ଲଲାଟଦେଶୋତ୍ଥିତଃ କାର୍ଯ୍ୟଃ ॥ ୧୯ ॥

ପକ୍ଷ ପ୍ରଦ୍ୟୋତକ, ଗରୁଡ଼ପକ୍ଷ, ଦଣ୍ଡପକ୍ଷ, ଉର୍ଦ୍ଧ୍ୱମଣ୍ଡଳୀ, ପାର୍ଶ୍ୱମଣ୍ଡଳୀ, ଉରୋ-ମଣ୍ଡଳୀ, (ମୁଷ୍ଟିକସ୍ୱସ୍ତିକ,) ନଳିନୀପଦ୍ମକୋଶ, ଅଳପଲ୍ଲବୋଲ୍ବଣ, ଲଳିତ ଓ ବଳିତ । ଏ ସମସ୍ତେ ମିଶି ଚଉଷଠୀ । ଏମାନଙ୍କର ଲକ୍ଷଣ ଓ କର୍ମ କୁହାଯାଉଛି । ୧୦-୧୭ ।

ପତାକା— ବୃଦ୍ଧା ଆଙ୍ଗୁଳିଟି କୁଞ୍ଚିତ ଓ ଅନ୍ୟ ସମସ୍ତ ଅଙ୍ଗୁଳି ସ୍ୱାଭାବିକ ଭାବେ ପ୍ରସାରିତ ହେଲେ ତାହାର ନାମ ପତାକ ।୧୮ ।

ଏହାର ପ୍ରୟୋଗ—ପ୍ରହାର ପଡ଼ିଲା ବେଳେ ବା ପ୍ରହାର କଲାବେଳେ ଶୀତରୁ ରକ୍ଷା ପାଇବା ଉଦ୍ଦେଶ୍ୟରେ ହାତକୁ ନିଆଁରେ ଗରମ କଲାବେଳେ, କାହାରିକୁ ପ୍ରେରଣା ଦେଲାବେଳେ ବା କାହାଠାରୁ ପ୍ରେରଣା ଲାଭ କଲାବେଳେ ଓ ତାହାର କାରଣ ପାଇଁ ରୋମାଞ୍ଚ ସହିତ ହର୍ଷ ଭାବର ପ୍ରକାଶ କାଳରେ 'ମୁଁ' 'ମୋହର' ଇତ୍ୟାଦି ଶବ୍ଦ ଦ୍ୱାରା ନିଜର ଗୁରୁତ୍ୱ ପ୍ରକଟ କରି ଗର୍ବ ପୂର୍ଣ୍ଣ ବାକ୍ୟ ପ୍ରୟୋଗ କଲାବେଳେ, ପତାକା ହସ୍ତକୁ ଲଲାଟ ଦେଶ ପର୍ଯ୍ୟନ୍ତ ଉତ୍ଥିତ କରିବ । ୧୯ ।

Digitized by srujanika@gmail.com

ଏତେଷାଂଗ୍ନିବର୍ଷଧାରାନିରୂପଣେ ପୁଷ୍ପବୃଷ୍ଟିପତନେ ଚ ।
ସଂଯୁତକରଣଃ କାର୍ଯଃ ପ୍ରବିରଳଚଳିତାଙ୍ଗୁଳିର୍ହସ୍ତଃ ॥ ୨୦ ॥

ସ୍ୱସ୍ତିକବିଚ୍ୟୁତକରଣାତ୍ ପଲ୍ଲବପୁଷ୍ପୋପହାରଶଷ୍ପାଣି ।
ବିରଚିତମୁର୍ବୀସଂସ୍ଥଂ ଯଦ୍ଦ୍ରବ୍ୟଂ ତଚ୍ଚ ନିର୍ଦ୍ଦେଶ୍ୟମ୍ ॥ ୨୧ ॥

ସ୍ୱସ୍ତିକବିଚ୍ୟୁତକରଣାତ୍ ପୁନରେବାଧୋମୁଖେନ କର୍ତ୍ତବ୍ୟମ୍ ।
ସଂବୃତବିବୃତଂ ଯାନଂ ଛନ୍ନଂ ନିବଦ୍ଧଂ ଚ ଗୋପ୍ୟଂ ଚ ॥ ୨୨ ॥

ଅତ୍ରୈବ ଗ୍ଲୀଭୂସ୍ୟଧୋମୁଖପଲ୍ଲିତୋତ୍ଥିତଚଳାଙ୍ଗୁଳିଃ ।
ବାୟୂର୍ମିବେଗବେଳାକ୍ଷୋଭଃ ସ୍ରୋତାଂସି କର୍ତ୍ତବ୍ୟଃ ॥ ୨୩ ॥

ଆହୁରି ମଧ୍ୟ ଅଗ୍ନିଜ୍ୱାଳା, ବୃଷ୍ଟିଧାରା ଓ ପୁଷ୍ପ ବୃଷ୍ଟିର ପ୍ରଦର୍ଶନ ପାଇଁ ଏହି ପତାକା ଭଙ୍ଗୀକୁ ଉଭୟ ହସ୍ତରେ ପ୍ରଦର୍ଶନ ପୂର୍ବକ ଉଭୟ ହସ୍ତକୁ ସଂଯୁକ୍ତ କରିବ, ଏବଂ ଏହି ଅବସ୍ଥାରେ ଆଙ୍ଗୁଠି ଗୁଡ଼ିକ ଫାଙ୍କ ଫାଙ୍କ ଓ ଚଳନଶୀଳ କରିବ । (ଅଗ୍ନିଜ୍ୱାଳା ପ୍ରଦର୍ଶନ ବେଳେ ହସ୍ତକୁ ଊର୍ଦ୍ଧ୍ୱ ମୁଖକରି ଅଙ୍ଗୁଳି ଗୁଡ଼ିକୁ ଊର୍ଦ୍ଧ୍ୱଗାମୀ କରିବ, ପୁଷ୍ପ ବୃଷ୍ଟି ପ୍ରଦର୍ଶନ ବେଳେ ମସ୍ତକ ଉପରେ ଊର୍ଦ୍ଧ୍ୱମୁଖ ହୋଇଥିବା ହସ୍ତର ଅଙ୍ଗୁଳି ଗୁଡ଼ିକୁ କ୍ରମଶଃ ତଳକୁ କରିବ) । ୨୦ ।

ଉଭୟ ପତାକହସ୍ତକୁ ସ୍ୱସ୍ତିକ ପ୍ରଦର୍ଶନ ପୂର୍ବକ, ପୁନଃ ବିଚ୍ୟୁତ କରି ଛତ୍ର କଳାଶସ୍ୟ, ପୁଷ୍ପୋପହାର ଘାସ ଓ ପୃଥିବୀ ପୃଷ୍ଠରେ ପଡ଼ିଥିବା ଯେ କୌଣସି ଦ୍ରବ୍ୟର ପ୍ରଦର୍ଶନ ପାଇଁ ପ୍ରୟୋଗ କରିବ । (ପରସ୍ପର ସମ୍ମୁଖୀନ ହସ୍ତକୁ ମଣି-ବନ୍ଧ ଠାରେ ସଂଯୁକ୍ତ କରି ବାହାର ପରିଭ୍ରମଣ ପୂର୍ବକ ପାର୍ଶ୍ୱଦେଶରେ ପୃଥକ୍ କରିବ) । ୨୧ ।

ଅତେବ ସ୍ୱସ୍ତିକ କରି ତାହାର ବିଚ୍ୟୁତ ପୂର୍ବକ ପୁଣି ସ୍ୱସ୍ତିକ କରି ହସ୍ତଦ୍ୱୟକୁ ଅଧୋମୁଖ (ତଳ ମୁହାଁ) କରିବା ଦ୍ୱାରା କବାଟ ପ୍ରଭୃତିକୁ ଖୋଲିବା ବନ୍ଦ କରିବା ବା ଦରଆଉଜା କରିବା ଓ ପଡ଼ି ଯାଉଥିବା କୌଣସି ବସ୍ତୁକୁ ଧରି ପକାଇ ପତନରୁ ରକ୍ଷା କରିବା, କୌଣସି ବସ୍ତୁକୁ ଘୋଡାଇବା, କୌଣସି ପଦାର୍ଥକୁ ନିବଦ୍ଧ ଅର୍ଥାତ୍ ଜାକଜୁକ ଏକାଠି କରିଦେବା (ଅଥବା କୌଣସି ଯୋଦ୍ଧାର ଘନତା ସୂଚାଇବା) ଓ ଗୋପନ କରିବା ପ୍ରଭୃତି ଅଭିବ୍ୟକ୍ତ କରାଯାଏ । ୨୨ ।

ଏହି ପତାକା ହସ୍ତରେ ଅଙ୍ଗୁଳି ଗୁଡ଼ିକ ତଳମୁହାଁ କରି ହଲାଇ ହଲାଇ ତଳକୁ ଉପରକୁ ଚଳାଇବା ଦ୍ୱାରା ବାୟୁର ବେଗ ଜଳତରଙ୍ଗର କୂଳ-ଲଙ୍ଘନ ଓ ସ୍ରୋତଃ ପ୍ରଦର୍ଶିତ ହେବ । ୨୩ ।

Digitized by srujanika@gmail.com

ଉଷ୍ଟ୍ରାହ୍ୱନଂ ବହୁ ତଥା ମହାଜନପ୍ରାଂଶୁପୁଷ୍କରପ୍ରହତମ୍ ।
ପକ୍ଷୋତ୍କ୍ଷେପାଭିନୟଂ ରେଚକକରଣେନ କୁର୍ବୀତ ॥ ୨୪ ॥
ପରସ୍ପୃଷ୍ଟତଳସ୍ଥେନ ତୁ ଧୌତଂ ମୃଦିତଂ ପ୍ରମୃଷ୍ଟପିଷ୍ଟେ ଚ ।
ପୁନରେବ ଶୈଳଧାରଣମୁଦ୍‌ଘାଟନମେବ ଗୃଭିନୟେତ୍ ॥ ୨୫ ॥
[ଦଶାଖ୍ୟାଶ୍ଚ ଶତାଖ୍ୟାଶ୍ଚ ସହସ୍ରାଖ୍ୟାସ୍ତଥୈବ ଚ ।
ପତାକାଭ୍ୟାଂ ତୁ ହସ୍ତାଭ୍ୟାମଭିନେୟାଃ ପ୍ରୟୋକ୍ତୃଭିଃ] ॥ ୨୬ ॥
ଏବମେଷ ପ୍ରୟୋକ୍ତବ୍ୟଃ ସ୍ତ୍ରୀପୁଂସାଭିନୟେ କରଃ ।
ଅତଃପରଂ ପ୍ରବକ୍ଷ୍ୟାମି ତ୍ରିପତାକସ୍ୟ ଲକ୍ଷଣମ୍ ॥ ୨୭ ॥
ପତାକେ ତୁ ଯଦା ବକ୍ରାନାମିକା ତ୍ୱଙ୍ଗୁଳିର୍ଭବେତ୍ ।
ତ୍ରିପତାକଃ ସ ବିଜ୍ଞେୟଃ କର୍ମ ଚାସ୍ୟ ନିବୋଧତ ॥ ୨୮ ॥
ଆବାହନମବତରଣଂ ବିସର୍ଜନଂ ବାରଣଂ ପ୍ରବେଶଶ୍ଚ ।
ଉନ୍ନାମନଂ ପ୍ରଣାମୋ ନିଦର୍ଶନଂ ବିବିଧବଚନଂ ଚ ॥ ୨୯ ॥

ଏହି ପତାକା ହସ୍ତରେ ରେଚକ କରିବା ଦ୍ୱାରା ଉତ୍ସାହ ପ୍ରଦାନ, ବହୁ ଲୋକଙ୍କର ଏକତ୍ର ସମାଗମ, ଉନ୍ନତ ବସ୍ତୁର ପ୍ରଦର୍ଶନ, ପଖାଉଜ ପ୍ରଭୃତି ବାଦନ, ଚଢ଼େଇର ଡେଣା ଝାଡ଼ି ଉପରକୁ ଉଡ଼ିଯିବା ପ୍ରଭୃତିର ଅଭିନୟ ପ୍ରଦର୍ଶିତ ହେବ । ୨୪ ।

ଉଭୟହସ୍ତ ପତାକା ମୁଦ୍ରା ଧାରଣ କରି ସେ ଦୁହିଁଙ୍କୁ ପରସ୍ପର ଘଷିବା ଦ୍ୱାରା କୌଣସି ବସ୍ତୁକୁ ଧୋଇବା, ମର୍ଦ୍ଦନ କରିବା, (ଚକଟିବା) ପରିଷ୍କାର କରିବା (ମାଜିବା) ପେଷଣ କରିବା (ବାଟିବା) ଏବଂ ପର୍ବତକୁ ଟେକି ଧରିବା ବା ପର୍ବତ ଦ୍ରବ୍ୟଗୁଡ଼ିକୁ ଉପାଡ଼ିବା ପ୍ରଭୃତିର ଅଭିନୟ ପ୍ରଦର୍ଶିତ ହେବ । (ଦଶ, ଶହ ବା ସହସ୍ର ସଂଖ୍ୟାର ଅଭିନୟ ପ୍ରଦର୍ଶନ ପାଇଁ ପତାକା ହସ୍ତଦ୍ୱୟର ବ୍ୟବହାର କରଯାଏ) ସ୍ତ୍ରୀ ଓ ପୁରୁଷଙ୍କର ଅଭିନୟରେ ଏହି ପ୍ରକାର ପତାକା କର ବ୍ୟବହୃତ ହୁଏ । ଏଣିକି ତ୍ରିପତାକର ଲକ୍ଷଣ କୁହାଯାଉଛି । ୨୫-୨୭ ।

ତ୍ରିପତାକର ଲକ୍ଷଣ — ହସ୍ତରେ ପତାକା ମୁଦ୍ରା ଧାରଣ କରି ଉକ୍ତରୁ ଅନାମିକା ଅଙ୍ଗୁଳିଟିକୁ ବଙ୍କା କରି ଦେଲେ ତ୍ରିପତାକ କର ନିଷ୍ପନ୍ନ ହୁଏ । ୨୮ ।

ତ୍ରିପତାକର ପ୍ରୟୋଗ — ଏହା ଆବାହନ ଅବତରଣ (ଓହ୍ଲାଇବା) ବିସର୍ଜନ (ବିଦାୟ ନେବା) ବାରଣ (ନିଷେଧ କରିବା) ପ୍ରବେଶ, ଉନ୍ନାମନ, (ସ୍ନେହ ସହକାରେ ଚିବୁକକୁ ହାତକୁ ଛତ କରି ଅଙ୍ଗୁଳି ସାହାଯ୍ୟରେ ଉପରକୁ ଉଠାଇବା) ପ୍ରଣାମ କରିବା, ନିଦର୍ଶନ (ଉଦାହରଣ ଦେବା ବା ଦୃଷ୍ଟାନ୍ତ ଉପସ୍ଥାପିତ କରିବା) ବିବିଧ ବଚନ ଅର୍ଥାତ୍ "ଏହା ହୋଇପାରେ ବା

Digitized by srujanika@gmail.com

ମଙ୍ଗଲ୍ୟଦ୍ରବ୍ୟାଣାଂ ସ୍ପର୍ଶଃ ଶିରସୋଽଥ ସନ୍ନିବେଶଶ୍ଚ ।
ଉଷ୍ଣୀଷମୁକୁଟଧାରଣନାସାସ୍ୟଶ୍ରୋତ୍ରସଂବରଣମ୍ ॥ ୩୦ ॥
ଅସ୍ୟୈବ ଗୃହ୍ଯାଙ୍ଗୁଲୀଭ୍ୟାମଧୋମୁଖପ୍ରସ୍ଥିତୋତ୍ଥିତଚଳାଭ୍ୟାମ୍ ।
ଲଘୁ ଖଗଯାନଶ୍ରୋତୋଭୁଜଗଭ୍ରମରାଦିକାନ୍ କୁର୍ଯ୍ୟାତ୍ ॥ ୩୧ ॥
ଅଶ୍ରୁପ୍ରମାର୍ଜନଂ ତିଲକବିରଚନଂ ରୋଚନାଲଭନକଂ ଚ ।
ତ୍ରିପତାକାନାମିକୟୋଃ ସ୍ପର୍ଶନମଳକସ୍ୟ କର୍ତ୍ତବ୍ୟମ୍ ॥ ୩୨ ॥
ସ୍ୱସ୍ତିକୌ ତ୍ରିପତାକୌ ତୁ ଗୁରୂଣାଂ ପାଦବନ୍ଦନେ ।
ପରସ୍ପରାଗ୍ରସଂଶ୍ଲିଷ୍ଟୌ କାର୍ଯ୍ୟାବୁଦ୍ୱାହଦର୍ଶନେ ॥ ୩୩ ॥

ଏହା ହୋଇ ନପାରେ” ଇତ୍ୟାଦି ଭାବ ପ୍ରକାଶ ପାଇଁ ଦୁଇଟି ଅଙ୍ଗୁଳିକୁ ଉପରକୁ ଓ ତଳକୁ କରି କଥା କହିବା, ମଙ୍ଗଳ ଦ୍ରବ୍ୟଙ୍କୁ ମସ୍ତକରେ ଛୁଆଁଇବା ସେମାନଙ୍କୁ ମସ୍ତକରେ ସ୍ଥାପନ କରିବା, ଉଷ୍ଣୀଷ (ପଗଡ଼ି) ବା ମୁକୁଟ ଧାରଣ କରିବା ନାସା, ମୁଖ ଓ କର୍ଣ୍ଣକୁ ଆଚ୍ଛାଦିତ କରିବା । ୨୯-୩୦ ।

ଏହି ତ୍ରିପତାକ ହସ୍ତର ଦୁଇଟି ଅଙ୍ଗୁଳିକୁ ତଳମୁହାଁ କରିବା, ଆଗକୁ ଚଳାଇ ଓ ଉପରକୁ ଉଠାଇବା ତଥା ହଲାଇବା ଦ୍ୱାରା ଶ୍ରେଷ୍ଠ ଚଢ଼େଇ (ଘର-ଚଟିଆ ଚଢ଼େଇ) ଙ୍କର ଉଡ଼ିବା (ଏ ସ୍ଥଳରେ କଟିକ୍ଷେତ୍ରରେ ଚଞ୍ଚଳ ଭାବେ ଚଳାଇବା ଦ୍ୱାରା) ଶ୍ରେଷ୍ଠ ସ୍ରୋତର ଗତି (ଏ ସ୍ଥଳରେ ସମାନ୍ତରେ ଉପରକୁ ଓ ତଳକୁ ଓ ତିର୍ଯ୍ୟକ ଭାବେ ଚଳାଇବା ଦ୍ୱାରା) ଲଘୁ (ଶ୍ରେଷ୍ଠ) ସର୍ପର ଗତି (ଏ ସ୍ଥଳରେ ଅଗକୁ ଆଗକୁ ଅଙ୍ଗୁଳି ଦ୍ୱୟକୁ ଚଳାଇବା ଦ୍ୱାରା) ଓ ଭ୍ରମରାଦିଙ୍କର ଗତି (ଏହାର ଅଭିନୟ କେବଳ କଟି କ୍ଷେତ୍ରକୁ ନିବଦ୍ଧ ନରହି ଯେ କୌଣସି କ୍ଷେତ୍ରରେ ହେବ) ଅଭିନୀତ ହେବ । ୩୧ ।

ଲୁହ ପୋଛିବା (ଏହା ଅନାମିକା ଆଙ୍ଗୁଳିକୁ ଅଧୋଗାମିନୀ କରିବା ଦ୍ୱାରା କରାଯାଏ) ତିଳକ ରଚନା ଉଦ୍ଦେଶ୍ୟରେ ଅଳକ (ଚୂର୍ଣ୍ଣ କୁନ୍ତଳକୁ) ହସ୍ତ ଦ୍ୱାରା ଆଡ଼େଇବା,) ଗୋ ରଚନା ବା ଚନ୍ଦନ ଦ୍ୱାରା ତିଳକ ରଚନା କରିବା ଅଳକକୁ ସ୍ପର୍ଶ କରିବା ଇତ୍ୟାଦି ତ୍ରିପତାକ ହସ୍ତର ଅନାମିକା ଅଙ୍ଗୁଳି ଦ୍ୱୟର ମିଳନ ଦ୍ୱାରା କରାଯାଏ । ୩୨ ।

ସ୍ୱସ୍ତିକ ଯୁକ୍ତ ତ୍ରିପତାକ ହସ୍ତ ଗୁରୁବର୍ଗଙ୍କର ପାଦବନ୍ଦନ ବେଳେ ବ୍ୟବହାର୍ଯ୍ୟ । ଏହି ତ୍ରିପତାକ ମୁଦ୍ରା ଦୁଇଟି ଯାକ ହସ୍ତରେ ଧାରଣ କରି ଉଭୟ ହସ୍ତର ଅଗ୍ରକୁ ମିଳିତ କରାଇଲେ ବିବାହର ଅଭିନୟ ପ୍ରଦର୍ଶିତ ହୁଏ । ୩୩ ।

Digitized by srujanika@gmail.com

ବିଚ୍ୟୁତୌ ଚଳିତାବଗ୍ରୌ କର୍ତ୍ତବ୍ୟୌ ନୃପଦର୍ଶନେ ।
ତର୍ଜିକ୍ଷ୍ୱନ୍ତିକସଂବଦ୍ଧୌ ସ୍ୟାତାଂ ତୌ ଗ୍ରହଦର୍ଶନେ ॥ ୩୪ ॥

ତପସ୍ୱି ଦର୍ଶନେ କାର୍ଯ୍ୟାବୂର୍ଦ୍ଧ୍ୱୌ ଗୃପି ପରାଙ୍ମୁଖୌ ।
ପରସ୍ପରାଭିମୁଖୌ ଚ କର୍ତ୍ତବ୍ୟୌ ଦ୍ୱାରଦର୍ଶନେ ॥ ୩୫ ॥

ଉତ୍ତାନାଧୋମୁଖୌ କାର୍ଯ୍ୟାବଗ୍ରେ ବକ୍ତ୍ରସ୍ୟ ସଂସ୍ଥିତୌ ।
ବଡ଼ବାନଲସଂଗ୍ରାମେ ମକରାଣାଂ ଚ ଦର୍ଶନେ ॥ ୩୬ ॥

ଅଭିନେୟାସ୍ତ୍ୱନେକୈର୍ବ ବାନରପ୍ଲବନୋର୍ମୟଃ ।
ପବନସ୍ତ ତ୍ରିପ୍ରଶ୍ଲିଷ୍ଟୈ ନାଟ୍ୟେ ନାଟ୍ୟତରଙ୍ଗିଣୀଃ ॥ ୩୭ ॥

ସମ୍ମୁଖପ୍ରସୃତାଙ୍ଗୁଷ୍ଠଃ କାର୍ଯ୍ୟୋ ବାଲେନ୍ଦୁଦର୍ଶନେ ।
ପରାଙ୍ମୁଖସ୍ତୁ କର୍ତ୍ତବ୍ୟୋ ଯାନେ ନୃଣାଂ ପ୍ରୟୋକ୍ତୃଭିଃ ॥ ୩୮ ॥

ଗଜ ଦର୍ଶନର ଅଭିନୟରେ ଏହି ମିଳିତ ତ୍ରିପତାକ ହସ୍ତଦ୍ୱୟକୁ ପରସ୍ପର ଠାରୁ ପୃଥକ୍ କରି ଚଳନଶୀଳ କରାଯାଏ । (ନକ୍ଷତ୍ର) ଗ୍ରହ ଦର୍ଶନର ଅଭିନୟରେ ଏହି ତ୍ରିପତାକ ହସ୍ତ ଦ୍ୱୟରେ ତର୍ଜନୀ ଦ୍ୱାରା ସ୍ୱସ୍ତିକ ରଚନା କରାଯାଇଥାଏ । ୩୪ ।

ତପସ୍ୱି ଦର୍ଶନର ଅଭିନୟରେ ଏହି ତ୍ରିପତାକ ହସ୍ତ ଦ୍ୱୟକୁ ଉପରକୁ ଟେକି କରତଳକୁ ପଛ ଆଡ଼କୁ ବୁଲାଇ ରଖିବାକୁ ହେବ, ଦ୍ୱାର ଦର୍ଶନର ଅଭିନୟରେ ତ୍ରିପତାକ ହସ୍ତ ଦ୍ୱୟକୁ ପରସ୍ପରର ଅଭିମୁଖୀନ କରି (ମୁହାଁମୁହିଁ କରି) ଧାରଣ କରାଯାଏ । ବଡ଼ବାନଳ, ଯୁଦ୍ଧ ଓ ମଗରର ଦର୍ଶନ ଅଭିନୀତ ହେଲା ବେଳେ ତ୍ରିପତାକ ହସ୍ତକୁ ପ୍ରଥମେ ନିଜ ମୁଖ ସମ୍ମୁଖରେ ରଖି, ତତ୍ପରେ ହାତ ଦୁଇଟିକୁ ଚିତ କରି ପୁଣି ତଳମୁହାଁ କରିବ । ଏହି ଗୁଣରେ ତ୍ରିପତାକ ହସ୍ତ ଦ୍ୱାରା ମାଙ୍କଡ଼ ମାନଙ୍କର ଡେଇଁବା, ତରଙ୍ଗ, ପବନର ଗତି ଓ ସ୍ତ୍ରୀ ମାନଙ୍କର ଗୁଳ୍ମ ପ୍ରଦର୍ଶିତ ହେବ । ୩୫-୩୭ ।

ବାଲଚନ୍ଦ୍ର (ଦ୍ୱିତୀୟାର ଚନ୍ଦ୍ର) ଦର୍ଶନର ଅଭିନୟରେ ତ୍ରିପତାକ ହସ୍ତର ବୁଢ଼ା ଅଙ୍ଗୁଠିକୁ ସମ୍ମୁଖ ଆଡ଼କୁ ପ୍ରସାରିତ କରାଯାଏ । ଅଭିଯାନ (ଯୁଦ୍ଧଯାତ୍ରା) ର ଅଭିନୟରେ ତ୍ରିପତାକ ଯୁକ୍ତ ହସ୍ତର ତଳଦେଶକୁ (କେତୀ-ଅଂଶକୁ) ବୁଲାଇ ପଛଆଡ଼କୁ କରିବ । ୩୮ ।

Digitized by srujanika@gmail.com

ତ୍ରିପତାକେ ଯଦା ହସ୍ତେ ଭବେତ୍ପୃଷ୍ଠାବଲୋକିନୀ ।
ତର୍ଜନୀ ମଧ୍ୟମାୟାସ୍ତୁ ତଦାସୌ କର୍ତ୍ତରୀମୁଖଃ ॥ ୩୯ ॥

ପାଦେ ଚରଣରଚନରଞ୍ଜନରଙ୍ଗଣକରଣାନ୍ୟଧୋମୁଖେନୈବ ।
ଊର୍ଦ୍ଧ୍ୱମୁଖେନ ତୁ କୁର୍ଯ୍ୟାଦ୍ଦଂଶଂ ଶୃଙ୍ଗଂ ଚ ଲେଖଂ ଚ ॥ ୪୦ ॥

ପତନମରଣବ୍ୟତିକ୍ରମପରିବୃତ୍ତବିତର୍କିତଂ ତଥା ନ୍ୟସ୍ତମ୍ ।
ଭିନ୍ନବଳିତେନ କୁର୍ଯ୍ୟାତ୍ କର୍ତ୍ତରୀସ୍ୟାଙ୍ଗୁଳିମୁଖେନ ॥ ୪୧ ॥

[ସମ୍ପୁଟକରଣେ ବା ସ୍ୟାଦସଂଯୁକ୍ତା ବା ପ୍ରଯୁଜ୍ୟତେ ତଜ୍ଜ୍ଞୈଃ ।
ରୁରୁଚମରମହିଷସୁରଗଜବୃଷଗୋପୁରଶୈଳଶିଖରେଷୁ]॥ ୪୨ ॥

କର୍ତ୍ତରୀମୁଖ — ତ୍ରିପତାକ ହସ୍ତର ତର୍ଜନୀ ଆଙ୍ଗୁଠିଟି ଯଦି ମଝି ଆଙ୍ଗୁଠିର ପଛକୁ ଯାଏ ତେବେ ତାହାକୁ କର୍ତ୍ତରୀମୁଖ କହନ୍ତି । ଏହି କର୍ତ୍ତରୀମୁଖ ହସ୍ତକୁ ତଳ ମୁହାଁ କରିବା ଦ୍ୱାରା ବାଟ ଦେଖାଇବା, ପାଦକୁ କସ୍ତୁରୀ ଚନ୍ଦନାଦି ଯୋଗେ ଚର୍ଚ୍ଚିତ କରିବା ଅଳତା ପ୍ରଭୃତି ଦ୍ୱାରା ରଞ୍ଜିତ କରିବା ଓ ରଙ୍ଗଣ କରିବା (କୁଙ୍କୁମାଦି ଦ୍ୱାରା ଚତୁଷ୍କୋଣ ପ୍ରଭୃତି ରଚନା କରିବା) ପ୍ରଭୃତି ଅଭିନୟ କରାଯାଇଥାଏ । ୩୯ ।

ଏହି କର୍ତ୍ତରୀମୁଖ ହସ୍ତକୁ ଊର୍ଦ୍ଧ୍ୱମୁଖ କରିବା ଦ୍ୱାରା ଦଂଶନ (କାମୁଡ଼ା) ଓ କର୍ତ୍ତନ ପ୍ରଭୃତି ମଧ୍ୟ ଗ୍ରହଣୀୟ । (ଏହା ନାସିକା କ୍ଷେତ୍ରଠାରୁ କର୍ଣ୍ଣ ପର୍ଯ୍ୟନ୍ତ ସ୍ଥଳରେ ପ୍ରଦର୍ଶିତ ହୁଏ) ଶୃଙ୍ଗ (ଶିଙ୍ଗ ଏହା ନିଜର ଅଙ୍ଗ କ୍ଷେତ୍ରରେ ଦୁଇଟିଯାକ ହସ୍ତ ଦ୍ୱାରା ପ୍ରଦର୍ଶିତ ହେବ) ଲେଖ ଅର୍ଥାତ୍ ଚିଠି ପ୍ରଭୃତିର ପାଠ, ବ୍ୟତିକ୍ରମ (ଅପରାଧ) ପରିବୃତ୍ତ ପରାଙ୍ମୁଖ ହେବା ବା ଓଲଟି ପଡ଼ିବା (ବିତର୍କିତ (ତର୍କଣା କରିବା) ନ୍ୟସ୍ତ (ଅର୍ପଣ କରିବା) ପ୍ରଭୃତିର ଅଭିନୟ, କର୍ତ୍ତରୀମୁଖ ହସ୍ତର ଅଙ୍ଗୁଳି ଦ୍ୱାରା ଭେଦନ (ବୈପରୀତ୍ୟ) ଅର୍ଥାତ୍ ମଝି ଆଙ୍ଗୁଠି ଦୁଇଟିକୁ ତର୍ଜନୀର ପଛଆଡ଼କୁ ଆଣିବା ଏବଂ ବଳନ ଅର୍ଥାତ୍ ପୁଣି ପୂର୍ବ ଅବସ୍ଥାକୁ ଫେରାଇ ଆଣିବା ପ୍ରଭୃତି କାର୍ଯ୍ୟ ସମ୍ପାଦନ ପୂର୍ବକ କରାଯିବ । ୪୦-୪୧ ।

ସଂଯୁତ ହସ୍ତ ବା ଅସଂଯୁତ ହସ୍ତଦ୍ୱାରା ରୁରୁ (ମୃଗ ବିଶେଷ) ଚମରୀ (ଗାଈ) ମଇଁଷି, ଐରାବତ, ବୃଷଭ, ଦୁର୍ଗ ପ୍ରଭୃତିର ପ୍ରବେଶ ଦ୍ୱାର ଓ ପର୍ବତ ଶିଖରର ଅଭିନୟ ପ୍ରଦର୍ଶିତ ହୁଏ । ୪୨ ।

Digitized by srujanika@gmail.com

ଯସ୍ୟାଙ୍ଗୁଲ୍ୟସ୍ତୁ ବନତାଃ ସହାଙ୍ଗୁଷ୍ଠେନ ଚାପବତ୍ ।
ସୋଽର୍ଦ୍ଧଚନ୍ଦ୍ର ଇତି ଖ୍ୟାତଃ କରଃ କର୍ମାସ୍ୟ ବକ୍ଷ୍ୟତେ ॥ ୪୩ ॥
ଏତେନ ବାଲତରବଃ ଶଶିଲେଖା କମ୍ବୁକଲଶବଲୟାନି ।
ନିର୍ଘାଟନମାୟସ୍ତଂ ମଧ୍ୟୌପମ୍ୟଂ ଚ ପୀନଂ ଚ ॥ ୪୪ ॥
ରଶନାଜଘନକଟୀନାମାନନତଲପତ୍ରକୁଣ୍ଡଳାଦୀନାମ୍ ।
କର୍ତ୍ତବ୍ୟଃ ନାରୀଣାମଭିନୟଯୋଗୋଽର୍ଦ୍ଧଚନ୍ଦ୍ରେଣ ॥ ୪୫ ॥
ଆଦ୍ୟା ଧନୁର୍ନତା କାର୍ଯା କୁଞ୍ଚିତୋଽଙ୍ଗୁଷ୍ଠକସ୍ତଥା ।
ଶେଷା ଭିନ୍ନୋର୍ଦ୍ଧ୍ୱବଳିତା ହ୍ୟରାଳେଽଙ୍ଗୁଲୟଃ କରେ ॥ ୪୬ ॥
ଏତେନ ସତ୍ତ୍ୱଶୌଣ୍ଡୀର୍ଯ୍ୟବୀର୍ଯ୍ୟକାନ୍ତିଧୃତିଦିବ୍ୟଗାମ୍ଭୀର୍ଯ୍ୟମ୍ ।
ଆଶୀର୍ବାଦାଶ୍ଚ ତଥା ଭାବା ହ୍ୟତସଞ୍ଜ୍ଞକାଃ କାର୍ଯାଃ ॥ ୪୭ ॥

ବୃଦ୍ଧା ଆଙ୍ଗୁଠି ସମେତ ଅନ୍ୟ ସମସ୍ତ ଆଙ୍ଗୁଠି ଧନୁପରି ବଙ୍କା (ବକ୍ର) ହୋଇଥିଲେ ସେହି ହସ୍ତକୁ ଅର୍ଦ୍ଧଚନ୍ଦ୍ର କହନ୍ତି । ଏହାର ପ୍ରୟୋଗ କୁହାଯାଉଛି, ଏହି ଅର୍ଦ୍ଧଚନ୍ଦ୍ର ହସ୍ତଦ୍ୱାରା ଶ୍ରେଷ୍ଠଗଛ, ଚନ୍ଦ୍ରକଳା, ଶଙ୍ଖ, କଳସ, ଓ ବଳୟ, (ଚୁଡ଼ି) ପ୍ରଭୃତିର ଅଭିନୟ ପ୍ରଦର୍ଶିତ ହେବ । ଆହୁରି ମଧ୍ୟ ବଳାତ୍କାରରେ ତଡ଼ିଦେବା (ଧକା ଦେଇ ତଡ଼ିଦେବା) ଆୟସ୍ତ (ଖେଦ ପଞ୍ଚ ମୁହଁ ହୋଇ ଗଣ୍ଡ ଓ ଭ୍ରୂର ବିଭ୍ରମ ଦ୍ୱାରା ଏହାର ଅଭିନୟ) ମଧ୍ୟୌପମ୍ୟ ଅର୍ଥାତ୍ କଟିଦେଶର କୃଶତା ଓ ପୀନତା ଅର୍ଥାତ୍ କଟିପ୍ରଦେଶର ସ୍ଥୂଳତା ଏହି ଅର୍ଦ୍ଧଚନ୍ଦ୍ର ହସ୍ତଦ୍ୱାରା ଅଭିନୀତ ହୋଇଥାଏ । ୪୩-୪୪ ।

ସ୍ତ୍ରୀ ମାନଙ୍କର ଅଣ୍ଟାର ଘାଗୁଡ଼ି, ଜଘନ, (ନିତମ୍ବର ସମ୍ମୁଖ ଭାଗର ନାମ ଜଘନ ଓ ପାର୍ଶ୍ୱଭାଗର ନାମ କଟି) ଆନନ ପତ୍ର (ମୁହଁରେ କସ୍ତୁରୀ ପ୍ରଭୃତିରେ କରାଯାଇଥିବା ଚିତ୍ର) ତାଲପତ୍ର (ଏକ ପ୍ରକାର କର୍ଣ୍ଣାଳଙ୍କାର) ଓ କୁଣ୍ଡଳ ପ୍ରଭୃତିର ଅଭିନୟ ଏହି ଅର୍ଦ୍ଧଚନ୍ଦ୍ର ହସ୍ତଦ୍ୱାରା କରାଯାଏ । ୪୫ ।

ଅରାଳ — ଏଥିରେ ତର୍ଜନୀ ଆଙ୍ଗୁଠିଟି ଧନୁପରି ବଙ୍କା ହୁଏ । ବୃଦ୍ଧା ଆଙ୍ଗୁଠିଟି କୁଞ୍ଚିତ ହୁଏ ଓ ଅନ୍ୟ ଆଙ୍ଗୁଠି ଗୁଡ଼ିକ ଫାଙ୍କ ଫାଙ୍କ ହୋଇ ତର୍ଜନୀର ପୃଷ୍ଠ ଭାଗରେ ଅଳ୍ପ ଦୂରରେ ଅବସ୍ଥାନ କରନ୍ତି । ଏହିପରି କୁଟିଳ ହୋଇଥିବାରୁ ଏହାର ନାମ ଅରାଳ ହସ୍ତ । ଏହା ଦ୍ୱାରା ସତ୍ତ୍ୱ (ସ୍ଥିରତା) ଶୌଣ୍ଡୀର୍ଯ୍ୟ (ଗର୍ବ) ବୀର୍ଯ୍ୟ (ଉତ୍ସାହ) କାନ୍ତି (ଶୋଭା) ଧୃତି (ଧୈର୍ଯ୍ୟ) ଦିବ୍ୟ (ଗଗନସ୍ଥ ସମସ୍ତ ଦ୍ରବ୍ୟ) ଗାମ୍ଭୀର୍ଯ୍ୟ (ଯାହାର ପ୍ରଭାବରେ କ୍ରୋଧ, ହର୍ଷ ଓ ଭୟ ଉପସ୍ଥିତ ହେଲେ ମୁଖ ଆକାରରେ କୌଣସି ପରିବର୍ତ୍ତନ ଲକ୍ଷିତ ହୁଏ ନାହିଁ ତାହାର ନାମ ଗାମ୍ଭୀର୍ଯ୍ୟ) ଆଶୀର୍ବାଦ ଓ ସୁଖାତ୍ମକ ସମସ୍ତ ଭାବର ଅଭିନୟ ପ୍ରଦର୍ଶିତ ହୁଏ । ୪୬-୪୭ ।

Digitized by srujanika@gmail.com

ଏତେନ ପୁନଃ ସ୍ତ୍ରୀଣାଂ କେଶାନାଂ ସଙ୍ଗ୍ରହସ୍ତଥୋତ୍କର୍ଷଃ ।
ସର୍ବାଙ୍ଗିକଂ ତଥୈବ ଚ ନିର୍ବର୍ଣ୍ଣନମାତ୍ମନଃ କାର୍ଯ୍ୟମ୍ ॥ ୪୮ ॥
କୌତୁକବିବାହଯୋଗଃ ପ୍ରଦକ୍ଷିଣେନୈବ ସମ୍ପ୍ରୟୋଗଂ ଚ ।
ଅଙ୍ଗୁଲ୍ୟଗ୍ରସ୍ୱସ୍ତିକଯୋଗାନ୍ ପରିମଣ୍ଡଳେନୈବ ॥ ୪୯ ॥
ପ୍ରାଦକ୍ଷିଣ୍ୟଂ ପରିମଣ୍ଡଳଂ ଚ କୁର୍ଯ୍ୟାନ୍ମହାଜନଂ ଚୈବ ।
ଯଚ୍ଚମହୀତଳରଚିତଂ ଦ୍ରବ୍ୟଂ ତଚ୍ଚାଭିନେୟଂ ସ୍ୟାତ୍ ॥ ୫୦ ॥
ଆହ୍ୱାନଂ ଚ ନିବାରଣନିର୍ମାଣେ ବୃତ୍ୟନେକବଚଃ ।
ସ୍ୱେଦସ୍ୟ ମୃଜନଯତ୍ନେ ଗନ୍ଧାଘ୍ରାଣେ ଶୁଭଃ ଶୁଭେ ଚୈଷ ॥ ୫୧ ॥
ତ୍ରିପତାକହସ୍ତକାନି ତୁ ପୂର୍ବଂ ଯାନ୍ୟଭିହିତାନି କର୍ମାଣି ।
ତାନି ତ୍ୱରାଳଯୋଗାତ୍ସ୍ତ୍ରୀଭିଃ ସମ୍ୟକ୍ପ୍ରୟୋଜ୍ୟାନି ॥ ୫୨ ॥

ଅନ୍ତଃପୁର ମଧ୍ୟ ଏହାଦ୍ୱାରା ସ୍ତ୍ରୀ ମାନଙ୍କର କେଶବାନ୍ଧିବା (ଚିଉ) ମେଲାଇବା (ମୁକୁଳା କରିବା) ଓ ସେମାନଙ୍କର ସର୍ବାଙ୍ଗକୁ ନିରୀକ୍ଷଣ କରି ଦେଖିବା ପଭୃତିର ଅଭିନୟ ପଦର୍ଶିତ ହୁଏ । ୪୮ ।

କୌତୁକ ସୂତ୍ର ବନ୍ଧନ ଓ ବିବାହ ଅଭିନୟ (ବିବାହର ପୂର୍ବବର୍ତ୍ତୀ ଲୋକାଚାରର ନାମ କୌତୁକ ସୂତ୍ର ବନ୍ଧନ ଓ ଅଗ୍ନିର ସ୍ଥାପନ ପରେ ଅନୁଷ୍ଠାନର ନାମ 'ବିବାହ' ହୁଏ) ଦୁଇହାତର ଅଙ୍ଗୁଳି ମାନଙ୍କ ଅଗ୍ରଭାଗକୁ ସ୍ୱସ୍ତିକା କାରରେ ସଂଯୁକ୍ତ କରି ଦକ୍ଷିଣାବର୍ତ୍ତକ୍ରମେ ମଣ୍ଡଳାକାରରେ ବୁଲାଇବା ଦ୍ୱାରା ପ୍ରଦର୍ଶିତ ହୁଏ । କନ୍ତୁ ସଂପ୍ରୟୋଗ ଅର୍ଥାତ୍ 'ସଂଶ୍ଳେଷ'ର (କୁଣ୍ଢେଇବାର) ଅଭିନୟ ଅଙ୍ଗୁଳିର ଅଗ୍ର ଦ୍ୱାରାକୃତ ସ୍ୱସ୍ତିକ ମୁଦ୍ରାର ଯୋଗ ଦ୍ୱାରା ପ୍ରଦର୍ଶିତ ହୁଏ । ୪୯ ।

ଦେବତା ମାନଙ୍କର ପ୍ରଦକ୍ଷିଣକୁ ବର୍ତ୍ତୁଳାକାରରେ କରିବ । ମହାଜନ (ଜନସମୂହ)ଙ୍କର ତଥା ପୃଥିବୀ ପୃଷ୍ଠରେ ରଚିତ (ସଜ୍ଜିତ) ଦ୍ରବ୍ୟର ଓ ବର୍ତ୍ତୁଳାକାର ଦ୍ରବ୍ୟର ପ୍ରଦକ୍ଷିଣ ଅରାଳହସ୍ତ ଦ୍ୱାରା କରିବ । ଆହ୍ୱାନ (ଡାକିବା) ନିବାରଣ (ନିଷେଧ କରିବା) ନିର୍ମାଣ (ନୂତନ ଉଦ୍‌ଗତ କନ୍ତୁ 'ନିର୍ବାନ' ବୋଲି ପାଠ କଲେ, ଘାସ ପତ୍ରାଦିକୁ ଓପାଡିବା) ବହୁତ କଥା କହିବା ଝାଳପୋଛିବା ସୁଗନ୍ଧ ଦ୍ରବ୍ୟକୁ ଶୁଙ୍ଘିବା ପ୍ରଭୃତିର ଅଭିନୟ ଅରାଳ ହସ୍ତଦ୍ୱାରା କରାଯାଏ । ।୫୦-୫୧ ।

ତ୍ରିପତାକ ହସ୍ତ ଦ୍ୱାରା ଯେଉଁ ଯେଉଁ କାର୍ଯ୍ୟ କରିବାକୁ ପୂର୍ବେ କୁହାଯାଇଛି ସେହି ସେହି କାର୍ଯ୍ୟର ଅଭିନୟକୁ ସ୍ତ୍ରୀ ଲୋକମାନେ ଅରାଳ ହସ୍ତ ଦ୍ୱାରା କରିବେ । (ଏହା ଦ୍ୱାରା ସ୍ତ୍ରୀ ଲୋକ ମାନଙ୍କର ତ୍ରିପତାକ ହସ୍ତ ନିଷିଦ୍ଧ ବୋଲି କୁହା ଯାଇନାହିଁ ପରନ୍ତୁ ପୁରୁଷମାନେ ପୂର୍ବୋକ୍ତ ତ୍ରିପତାକର କାର୍ଯ୍ୟାବଳୀର ଅଭିନୟ ପାଇଁ ଅରାଳ ହସ୍ତର ବ୍ୟବହାର କରି ପାରିବେ ନାହିଁ ଏହାହିଁ ଉକ୍ତ ହୋଇଛି) । ୫୨ ।

Digitized by srujanika@gmail.com

ଅରାଳସ୍ୟ ଯଦା ବକ୍ରାନାମିକା ତ୍ୱଙ୍ଗୁଳିର୍ଭବେତ୍ ।
ଶୁକତୁଣ୍ଡସ୍ତୁ ସ କରଃ କର୍ମ ଚାସ୍ୟ ନିବୋଧତ ॥ ୫୩ ॥

ଏତେନ ତ୍ୱଭିନେୟଂ ନାହଂ ନ ତ୍ୱଂ ନ କୃତ୍ୟମିତି ଚାର୍ଥେ ।
ଆବାହନେ ବିସର୍ଗେ ଧିଗିତି ବଚନେ ଚ ସାବଜ୍ଞମ୍ ॥ ୫୪ ॥

ଅଙ୍ଗୁଲ୍ୟୋ ଯସ୍ୟ ହସ୍ତସ୍ୟ ତଳମଧ୍ୟେଽଗ୍ରସଂସ୍ଥିତାଃ ।
ତାସାମୁପରି ଚାଙ୍ଗୁଷ୍ଠଃ ସ ମୁଷ୍ଟିରିତି ସଂଜ୍ଞିତଃ ॥ ୫୫ ॥

ଏଷ ପ୍ରହାରେ ବ୍ୟାୟାମେ ନିର୍ଗମେ ପୀଡ଼ନେ ତଥା ।
ସଂବାହନେଽସିଯଷ୍ଟୀନାଂ ଦଣ୍ଡକୁନ୍ତଗ୍ରହେ ତଥା ॥ ୫୬ ॥

ଅସ୍ୟୈବ ଚ ଯଦା ମୁଷ୍ଟେରୂର୍ଦ୍ଧ୍ୱୋଽଙ୍ଗୁଷ୍ଠଃ ପ୍ରଯୁଜ୍ୟତେ ।
ହସ୍ତଃ ସ ଶିଖରୋ ନାମ ତଦା ଜ୍ଞେୟଃ ପ୍ରୟୋକ୍ତୃଭିଃ ॥ ୫୭ ॥

ରଶ୍ମିକୁଶାଙ୍କୁଶଧନୁଷାଂ ତୋମରଶକ୍ତିପ୍ରମୋକ୍ଷଣେ ଚୈବ ।

ଶୁକତୁଣ୍ଡ — ଅରାଳ ହସ୍ତ ରଚନା ପରେ ଅନାମିକା ଆଙ୍ଗୁଠିକୁ ବକ୍ର କରିଦେଲେ ତାହାର ନାମ ଶୁକତୁଣ୍ଡ ହୁଏ । ଏହାର ପ୍ରୟୋଗ—'ତୁମ୍ଭେ ନୁହଁ' 'ମୁଁ ନୁହେଁ' (ଏହା) କରଣୀୟ ନୁହେଁ ଇତ୍ୟାଦି କଥାରେ ପ୍ରକାଶ ସ୍ଥଳରେ ଏବଂ ଅବଜ୍ଞା ସହକାରେ ଆବାହନ (ଆହ୍ୱାନ) ବିସର୍ଗ (ବିଦାୟଦେବା) 'ଧିକ୍' ବୋଲି ଉଚ୍ଚାରଣ କରିବା ପ୍ରଭୃତି ସ୍ଥଳରେ ଶୁକତୁଣ୍ଡ ପ୍ରଯୁକ୍ତ ହୁଏ । | ୫୩-୫୪ |

ମୁଷ୍ଟି — ଏଥିରେ ହାତର ଆଙ୍ଗୁଠି ଗୁଡ଼ିକ (ବୁଢ଼ାଆଙ୍ଗୁଠିକୁ ଛାଡ଼ି) କରତଳ (ନେଡା) ମଧ୍ୟରେ (କୁଞ୍ଚିତ ହୋଇ) ରହେ ଓ ବୁଢ଼ା ଆଙ୍ଗୁଠିଟି ସେମାନଙ୍କର ଉପରେ (ଅନ୍ୟ ଆଙ୍ଗୁଠି ଉପରେ ଚାପି ହୋଇ) ରହେ । ଏହାର ପ୍ରୟୋଗ — ପ୍ରହାର କଲାବେଳେ, ବ୍ୟାୟାମ ଅର୍ଥାତ୍ ଯୁଦ୍ଧ ବା କୁସ୍ତି ବେଳେ, ନିର୍ଗମ ଅର୍ଥାତ୍ ଅଦା ପ୍ରଭୃତିରୁ ରସ କାଢ଼ିବା, ପୀଡ଼ନ ଅର୍ଥାତ୍ ଗାଈ ମଇଁଷି ପ୍ରଭୃତି ଦୁହିଁବା, ଖଡ୍‌ଗର ସଂବାହନ (ଧାରଣ) (ସଂବାହନର ଅନ୍ୟ ଅର୍ଥ ହେଉଛି — ମାଟି ପ୍ରଭୃତି ଚକଟିବା) ବାଡ଼ି ଓ କୁନ୍ତ (ବର୍ଚ୍ଛା) ଧରିବା ପ୍ରଭୃତିର ଅଭିନୟରେ ମୁଷ୍ଟି ବ୍ୟବହୃତ ହୁଏ । ୫୫-୫୬ ।

ଶିଖର — ମୁଷ୍ଟି ହସ୍ତ ରଚନା ପରେ ବୁଢ଼ା ଆଙ୍ଗୁଠିକୁ ଉପରକୁ ଠିଆ କରି ରଖିଲେ ତାହାର ନାମ ଶିଖର ହସ୍ତ ହୁଏ । ୫୭ ।

ଏହାର ପ୍ରୟୋଗ— ରଶ୍ମି (ସୂର୍ଯ୍ୟକିରଣ ବା ଘୋଡ଼ାଲଗାମ) କୁଶ, ଅଙ୍କୁଶ, ଧନୁଃ ପ୍ରଭୃତିର ଧାରଣ ଅଭିନୟରେ, ତୋମର, ଶକ୍ତି ନାମକ ଅସ୍ତ୍ର ଦ୍ୱାରା

Digitized by srujanika@gmail.com

ଅଧସ୍ରସ୍ତେ ପାଦରଞ୍ଜନମଳକସ୍ୟୋତ୍କ୍ଷେପଣେ ଚୈବ ॥ ୫୮ ॥

ଅସ୍ୟୈବ ଶିଖରସ୍ୟେହ ଯଦ୍ୟଙ୍ଗୁଷ୍ଠକନପୀଡ଼ିତା ।
ଯଦା ପ୍ରଦେଶିନୀ ବକ୍ରା ସ କପିତ୍ଥସ୍ତଦା ସ୍ମୃତଃ ॥ ୫୯ ॥

ଅସିଶୃପଚକ୍ରତୋମରକୁନ୍ତଗଦାଶକ୍ତିବଜ୍ରବର୍ଗାଣି ।
ଶସ୍ତ୍ରାଣ୍ୟଭିନେୟାନି ତୁ କାର୍ଯ୍ୟଂ ପଥ୍ୟଂ ଚ ସତ୍ୟଂ ଚ ॥ ୬୦ ॥

ଉତ୍କ୍ଷିପ୍ତବକ୍ରା ତୁ ଯଦାନାମିକା ସକନୀୟସୀ ।
ଅସ୍ୟୈବ ତୁ କପିତ୍ଥସ୍ୟ ତଦାସୌ ଖଟକାମୁଖଃ ॥ ୬୧ ॥

ହୋତ୍ରଂ ହବ୍ୟଂ ଛତ୍ରଂ ପ୍ରଗ୍ରହପରିକର୍ଷଣଂ ବ୍ୟଜନକଂ ଚ ।
ଆଦର୍ଶଧାରଣଂ ଖଣ୍ଡନଂ ତଥା ପେଷଣଂ ଚୈବ ॥ ୬୨ ॥

ଆୟତଦଣ୍ଡଗ୍ରହଣଂ ମୁକ୍ତାପ୍ରାଲମ୍ବସଂଗ୍ରହଂ ଚୈବ ।
ସ୍ରଗ୍ଦାମପୁଷ୍ପମାଲାବସ୍ତ୍ରାନ୍ତାଲମ୍ବନଂ ଚୈବ ॥ ୬୩ ॥

ମୋକ୍ଷଣରେ (ଫିଙ୍ଗିବା) ଅଭିନୟ ବେଳେ ଓ, ପାଦକୁ (ଅଳତା ଦ୍ୱାରା) ରଙ୍ଗାଇବା ବେଳେ ଏବଂ ଚୂର୍ଣ୍ଣକୁନ୍ତଳକୁ ସଜାଡ଼ି ଉପରକୁ ଟେକି ଦେବା ଅଭିନୟରେ ଏହା ପ୍ରଯୁକ୍ତ ହୁଏ । ୫୮ ।

କପିତ୍ଥ — ପୂର୍ବୋକ୍ତ ଶିଖର ହସ୍ତର ରଚନା ପରେ ତର୍ଜନୀ ଆଙ୍ଗୁଳିଟି ବକ୍ର ହେବ ଓ ତାହା ବୃଦ୍ଧାଙ୍ଗୁଳି ଦ୍ୱାରା ପୀଡ଼ିତ ହେବ । ତେବେ ତାହାର ନାମ ହେବ କପିତ୍ଥ । ଏହାର ପ୍ରୟୋଗ — ଏହା ଦ୍ୱାରା ଖଣ୍ଡା, ଧନୁ, ଚକ୍ର, ତୋମର, କୁନ୍ତ, ଗଦା, ଶକ୍ତି, ବଜ୍ର ଓ ଶର ପ୍ରଭୃତି ଶସ୍ତ୍ରାସ୍ତ୍ର ନିକ୍ଷେପର ଅଭିନୟ କରାଯାଏ । କିନ୍ତୁ ଏହା ଦ୍ୱାରା ସାଧିତ କାର୍ଯ୍ୟ ହିତକର ଓ ସତ୍ୟ ହୋଇଥିବା ଉଚିତ । ୫୯-୬୦ ।

ଖଟକାମୁଖ — କପିତ୍ଥ ହସ୍ତ ରଚନା ପରେ ଅନାମିକା (ପଞ୍ଚ-ଆଙ୍ଗୁଠି) ଓ କାଣି ଆଙ୍ଗୁଠିକୁ ଉପରକୁ ଟେକି, ବଙ୍କା କଲେ ଖଟକାମୁଖ ହସ୍ତ ସମ୍ପନ୍ନ ହୁଏ । ଏହାର ପ୍ରୟୋଗ— ଯଜ୍ଞ, ହବ୍ୟ (ହୋମଯୋଗ୍ୟ ଦ୍ରବ୍ୟ) ଛତ୍ର, ଲଗାମ ଟାଣିବା, ବିଚଣା (ପଙ୍ଖା) ଓ ଦର୍ପଣ ଧରିବା, କୌଣସି ଦ୍ରବ୍ୟକୁ କାଟିବା ବା ବାଟିବା, ଲମ୍ବ ବାଡ଼ି ଧରିବା, ମୁକ୍ତାମାଳା ସଜାଡ଼ିବା ବା ସଂଗ୍ରହ କରିବା, ଫୁଲମାଳ, ବସ୍ତ୍ରର ଅଞ୍ଚଳକୁ (ପଣତକାନିକୁ) ଧରିବା, ମନ୍ଥିବା, ଶର-

Digitized by srujanika@gmail.com

ମନ୍ଥନଂ ସ୍ରଗ୍ବିକର୍ଷଣପୁଷ୍ପାପଚୟପ୍ରତୋଦକାର୍ଯ୍ୟାଣି ।
ଅଙ୍କୁଶରଜ୍ଜ୍ୱାକର୍ଷସ୍ତ୍ରୀଦର୍ଶନମେବ କାର୍ଯ୍ୟଂ ଚ ॥ ୬୪ ॥

ଖଟକାଖ୍ୟେ ଯଦା ହସ୍ତେ ତର୍ଜନୀ ସମ୍ପ୍ରସାରିତା ।
ହସ୍ତଃ ସୂଚୀମୁଖୋ ନାମ ତଦା ଜ୍ଞେୟଃ ପ୍ରୟୋକ୍ତୃଭିଃ ॥ ୬୫ ॥

ଅସ୍ୟ ବିବିଧାନ୍ ପ୍ରୟୋଗାନ୍ ବକ୍ଷ୍ୟାମି ସମାସତଃ ପ୍ରଦେଶିନ୍ୟାଃ ।
ଊର୍ଦ୍ଧ୍ୱନତଲୋଳକମ୍ପିତବିଜୃମ୍ଭିତୋଦ୍ୱାହିତଚଳାସ୍ତୁ ॥ ୬୬ ॥

ଚକ୍ରଂ ତଡିତ୍ପତାକାମଞ୍ଜର୍ଯ୍ୟଃ କର୍ଣ୍ଣଚୂଳିକାଶ୍ଚୈବ ।
କୁଟିଳଗତମୃଷ୍ଟ ସର୍ବେ ନିର୍ଦ୍ଦେଶ୍ୟାଃ ସାଧୁବାଦାଶ୍ଚ ॥ ୬୭ ॥

ଟାଣିବା, ଫୁଲତୋଳିବା ଓ ପ୍ରତୋଦ (ପାଞ୍ଚଣ ଧରି ଅଡ଼େଇବା) କାର୍ଯ୍ୟରେ ତଥା ଅଙ୍କୁଶର ଓ ରଜ୍ଜୁର (ଦଉଡ଼ିର) ଆକର୍ଷଣ, ସ୍ତ୍ରୀ ଲୋକର ଦର୍ଶନର ଅଭିନୟରେ ଏହା ପ୍ରଯୁକ୍ତ ହୁଏ । ୬୧-୬୪ ।

ସୂଚୀମୁଖ — ଖଟକାମୁଖ ହସ୍ତର ରଚନା ପରେ ତର୍ଜନୀ ଆଙ୍ଗୁଠିଟିକୁ ପ୍ରସାରିତ କଲେ ତାହାର ନାମ ସୂଚୀମୁଖ ହସ୍ତ ହୁଏ । ତର୍ଜ୍ଜନୀର ଊର୍ଦ୍ଧ୍ୱମୁଖତା, ଅଧୋମୁଖତା, ଲୋଲତା, (ଗୋଟିଏ ପାଖରୁ ଅନ୍ୟ ପାଖକୁ ଗତି କରିବା) କମ୍ପିତତା (ଏକ ସ୍ଥାନରେ ରହି ଅସ୍ତେ ଆସ୍ତେ ହଲିବା) ବିଜୃମ୍ଭିତତା (କୁଞ୍ଚିତ ହୋଇ ପୁଣି ପ୍ରସାରିତ ହେବା) ଉଦ୍ୱାହିତତା (ଉପର ଆଡ଼କୁ ଗତି କରିବା) ଓ ଚଳତା (ଅଭିନୟ ଭଙ୍ଗୀରେ ଗତି କରିବା) ହେତୁ ଏହି ସୂଚୀମୁଖ ହସ୍ତର ଯେଉଁ ବିଭିନ୍ନ ପ୍ରକାର ପ୍ରୟୋଗ ହୋଇଥାଏ ସଂକ୍ଷେପରେ ମୁଁ ତାହା କହୁଅଛି । ୬୫ ୬୬ ।

ଏହି ସୂଚୀମୁଖ ହସ୍ତର ତର୍ଜନୀକୁ ଊର୍ଦ୍ଧ୍ୱଗାମିନୀ କରି ହଲାଇବା ଦ୍ୱାରା ଚକ୍ର (ଅସ୍ତ୍ର ବିଶେଷ, କୁମ୍ଭାର ଚକ, ରଥାଦିର ଚକ, ଗଷ୍ଟିବାସୀ ଲୋକ ସାଧାରଣ) ର ଅଭିନୟରେ ତର୍ଜନୀକୁ ଊର୍ଦ୍ଧ୍ୱମୁଖ କରି ଏପାଖରୁ ସେପାଖକୁ ବୁଲାଇବାକୁ ପଡ଼େ)

ବିଜୁଳି (ଏହାର ଅଭିନୟରେ ତର୍ଜନୀ ଊର୍ଦ୍ଧ୍ୱମୁଖ ହେବ ଓ ହସ୍ତଗତି କରି ପୁଣି ସ୍ୱସ୍ଥାନକୁ ଫେରି ଆସିବ) ପତାକା, ମଞ୍ଜରୀ (ଅଭିନବ ଗୁପ୍ତଙ୍କ ମତରେ ଲତା) କର୍ଣ୍ଣଭୂଷଣ (କର୍ଣ୍ଣପୂର)'ମସ୍ତ୍ରୀ ପ୍ରଭୃତି କୁଟିଳ ଗତଗାବ, ସାଧୁବାଦ (ଧନ୍ୟବାଦ) ପଲ୍ଲବ, ଧୂପ, ଦୀପ, ବଲ୍ଲୀ (ଡଙ୍କେଇବା କଥାରୁ

Digitized by srujanika@gmail.com

ବାଟଳଭୁଜଗବାଳଧୂମପାଶବଲ୍ଲୀଲତାଶିଖଣ୍ଡାଂଶ୍ଚ ।
ପରିପତନଚନ୍ଦ୍ରମଣ୍ଡଳମଭିନେୟାନୂର୍ଦ୍ଧ୍ୱଲୋଳିତୟା ॥ ୬୮ ॥
ଭୂପୃଷ୍ଠୋର୍ଦ୍ଧ୍ୱବିବର୍ତ୍ତିତା ତାରା ଘୋଣାଶ୍ରିତଦଣ୍ଡୟଷ୍ଟିଷୁ ଚ ।
ଅବନତା ଚ ତଥା କାର୍ଯ୍ୟା ଦଂଷ୍ଟ୍ରିଷୁ ଚ ତଥାସ୍ୟଯୋଗେନ ॥ ୬୯ ॥
ପୁନରପି ମଣ୍ଡଳଗତୟା ସର୍ବଗ୍ରହଣଂ ତଥୈବ ଲୋକସ୍ୟ ।
ପ୍ରଣତୋନ୍ନତେ ଚ କାର୍ଯ୍ୟେ ହ୍ରସ୍ୱାଦ୍ୟେ ଦୀର୍ଘେ ଚ ଦିବସେ ଚ ॥ ୭୦ ॥
ଦେନାଭ୍ୟାଶେ କୁଞ୍ଚିତବିକମ୍ପିତା ବାକ୍ୟରୂପଣେ କାର୍ଯ୍ୟା ।
[ଶ୍ରବଣାଭ୍ୟାଶେ ବକ୍ରା ବିକମ୍ପିତେ ବାକ୍ୟରୂପଣାବସରେ ॥ ୭୧ ॥
ମେଘ ବଦେତ ଚ ଯୋଜ୍ୟା ପ୍ରସାରିତୋତ୍କମ୍ପିତୋତ୍ତାନା ।

ପ୍ରଭୃତି ଜଟା ଲତା (ଦ୍ରାକ୍ଷା ପ୍ରଭୃତିକୁ ଲତା ଓ ଚଢ଼ ଦ୍ରୁଭୃତିକୁ ମଞ୍ଜରୀ କହନ୍ତି) ଶିଖଣ୍ଡ (ପିଲାଙ୍କ ମୁଣ୍ଡରେ ଥିବା କାକପକ୍ଷ ବା ଯାଁ ବାଳ) । ପରିବର୍ତ୍ତନ (ଅନ୍ୟ-ମତରେ ପରିପତନ) ବକ୍ରତା, ମଣ୍ଡଳ ବର୍ତ୍ତୁଳତା ପ୍ରଭୃତିର ଅଭିନୟ ସମ୍ପାଦିତ ହୁଏ । ଆହୁରି ମଧ୍ୟ ଏହି ସୂଚୀମୁଖ ହସ୍ତରେ ତର୍ଜନୀକୁ ଉର୍ଦ୍ଧ୍ୱକୁ ଟେକି, ନକ୍ଷତ୍ର ନାସୀ, ଏକସଂଖ୍ୟା, ଦଣ୍ଡ (ଲାଠି) ଯଷ୍ଟି (ବାଡ଼ି) ର ଅଭିନୟ କରାଯାଏ । ।୬୭ ୬୮।

ତର୍ଜନୀକୁ ଅବନତ କରି ମୁଖ ସହିତ ଯୋଗ କଲେ ଦଂଷ୍ଟ୍ରୀ (କୁକୁର, ବିଲୁଆ, ବାଘ, ପ୍ରଭୃତି) ଙ୍କର ଅଭିନୟ ସଂପାଦିତ ହୁଏ । ଦଂଷ୍ଟ୍ରୀ ପଦଦ୍ୱାରା ରାକ୍ଷସ ପ୍ରଭୃତି ମଧ୍ୟ ଗୃହୀତ ହୁଅନ୍ତି) ତର୍ଜନୀକୁ ମଣ୍ଡଳାକାରରେ ବୁଲାଇଲେ କାହାରି ସମସ୍ତ ଦ୍ରବ୍ୟକୁ ମୂଳପୋଛ କରି ନେଇ ଯିବାର ଅଭିନୟ ନିଷ୍ପନ୍ନ ହୁଏ ବାରମ୍ବାର ଉପରକୁ ଟେକିବା ଓ ନୁଆଇଁବା ଦ୍ୱାରା ଆଦ୍ୟ (ମୁଖ୍ୟ ବା ହ୍ରସ୍ୱ) ଦୀର୍ଘ ଓ ଦିବସର ଅଭିନୟ କରାଯାଏ । ୬୯-୭୦ ।

(ଦିବସର ଅଭିନୟ ବେଳେ ଗୋଟିଏ ହାତ ନେହୁଡ଼ିକଲେ ମୁହାଁଇଁ ନୁଆଇଁବ ଓ ଅନ୍ୟହସ୍ତଟିର ନେହୁଡ଼ିକୁ ଚିତ୍ କରି ଉପରକୁ ଟେକିବ । ପୁଣି ଉଭୟ ହସ୍ତକୁ ଯୋଡ଼ି 'ସଂଯୁକ୍ତକରଣ ପୂର୍ବକ' ଏକ ପାର୍ଶ୍ୱରୁ ଅନ୍ୟ ପାର୍ଶ୍ୱକୁ ଉଦୟ ଓ ଅସ୍ତର ଦ୍ୟୋତକ ରୂପେ ସଂଗୃହୀତ କରିବ) ବାକ୍ୟ ରୂପଣ (ବାକ୍ୟର ଉଚ୍ଚାରଣ) ର ଅଭିନୟରେ ଏହି ସୂଚୀମୁଖ ହସ୍ତର ମୁଖପାଖରେ ପ୍ରଥମେ ତର୍ଜନୀକୁ କୁଞ୍ଚିତ କରି ପରେ ପ୍ରସାରିତ କରିବ । ଏହି ବାକ୍ୟ ରୂପଣର ଅଭିନୟରେ କାନ ନିକଟରେ ତର୍ଜନୀକୁ ବକ୍ର କରି ଉପରକୁ ତଳକୁ କରିବ—ଏହା ମଧ୍ୟ କାହାରି କାହାରି ମତ । 'ନାଁ' ଅର୍ଥାତ୍ ଏପରି କରନାହିଁ ବା 'ଦଦ' ଅର୍ଥାତ୍ 'କହ' ଏହିଭଳି ବୁଝାଣ ପାଇଁ ହାତକୁ ଚିତ କରି ତର୍ଜନୀକୁ ପ୍ରସାରିତ ଓ କମ୍ପିତ କରିବ । ୭୧ ।

Digitized by srujanika@gmail.com

କାର୍ଯା ପ୍ରକମ୍ପିତା ଶ୍ରେଷଦର୍ଶନେ ସ୍ୱେଦରୂପଣେ ଚୈବ ॥ ୭୨ ॥
କୁନ୍ତଳକକୁଣ୍ଡଳାଙ୍ଗଦଗଣ୍ଡାଶ୍ରୟସଂଶ୍ରୟେଽଭିନୟେ ।
ଗର୍ବେଽହମିତି ଲଲାଟେ ଶପ୍ରନିର୍ଦ୍ଦେଶେ ତଥୈବ ଚ କ୍ରୋଧେ ॥୭୩॥
କୋଽସାବିତି ନିର୍ଦ୍ଦେଶେ ଚ କର୍ଣ୍ଣକଣ୍ଡୂୟନେ ଚୈବ ।
ସଂଯୁକ୍ତା ସଂଯୋଗେ କାର୍ଯା ବିଶ୍ଳେଷିତା ବିଯୋଗେ ଚ ॥ ୭୪ ॥
କଳହେ ସ୍ୱସ୍ତିକଯୁକ୍ତା ପରସ୍ପରସମ୍ପୀଡ଼ିତା ବନ୍ଧେ ।
ଦ୍ୱାଭ୍ୟାଂ ତୁ ବାମପାର୍ଶ୍ୱେ ଦକ୍ଷିଣତୋ ଦିନନିଶାବସାନାନି ॥ ୭୫ ॥
ଅଭିମୁଖପରାଙ୍ମୁଖୀଭ୍ୟାଂ ବିଶ୍ଳିଷ୍ଟାଭ୍ୟାଂ ପ୍ରଯୁଞ୍ଜୀତ ।
(ଦ୍ୱାଭ୍ୟାଂ ପ୍ରଦର୍ଶୟେଲ୍ଲିଖିଭ୍ୟାଂ ସମ୍ପୂର୍ଣ୍ଣଂ ଚନ୍ଦ୍ରମଣ୍ଡଳମ୍ ॥ ୭୬ ॥

ରୋଷ (କୋପ) ପ୍ରଦର୍ଶନର ଅଭିନୟରେ ଓ ଝାଳ ପୋଛିବା ଅଭିନୟରେ ଏବଂ କେଶ, କୁଣ୍ଡଳ, ଅଙ୍ଗଦ (ବାହୁର ଅଳଙ୍କାର) ଗଣ୍ଡ ପ୍ରଦେଶର ଚଟାଦିର ଅଭିନୟରେ ତର୍ଜନୀକୁ ପ୍ରକମ୍ପିତ କରିବ । ୭୨ ।

ଆହୁରି ମଧ୍ୟ ଗର୍ବ, ଅହଙ୍କାର ('ଆମେ' ଏହି ପ୍ରକାର ଭାବ) ଶତ୍ରୁର ନିର୍ଦ୍ଦେଶ ('ଏ ସେହି ଦୁରାତ୍ମା' ଇତ୍ୟାଦି ବାକ୍ୟ ଦ୍ୱାରା ଶତ୍ରୁକୁ ଦେଖାଇବା ବେଳେ) ଏବଂ କ୍ରୋଧ 'ଏ କିଏ' ଇତ୍ୟାଦି ଉକ୍ତି ସ୍ଥଳରେ ଏବଂ କାନ କୁଣ୍ଡାଇବାର ଅଭିନୟରେ ଏହି ସୂଚୀମୁଖ ହସ୍ତକୁ ଲଲାଟ ନିକଟରେ ଧାରଣ କରିବ । ୭୩ ।

(ବ୍ୟକ୍ତି ମାନଙ୍କର) ସଂଯୋଗର ଅଭିନୟରେ ଉଭୟ ହସ୍ତରେ ସୂଚୀମୁଖ ମୁଦ୍ରା ଧାରଣ କରି ସେ ଦୁହିଁଙ୍କୁ ସଂଯୁକ୍ତ କରିବ ଓ 'ବିଯୋଗର' ଅଭିନୟରେ ଉଭୟଙ୍କୁ ବିଚ୍ଛିନ୍ନ (ପୃଥକ୍) କରିବ, କଳହର ଅଭିନୟରେ ଉଭୟ ସୂଚୀମୁଖ ହସ୍ତକୁ ସ୍ୱସ୍ତିକ ଯୁକ୍ତ କରିବ ଏବଂ (ବନ୍ଧ) ବନ୍ଧନର ସୂଚନା ଉଦ୍ଦେଶ୍ୟରେ ଉଭୟ ହସ୍ତକୁ ପରସ୍ପର ପୀଡ଼ିତ କରିବ (ଦୁହିଁଙ୍କୁ ଚିପି ଧରିବ) । ୭୪ ।

ଦିନର ଅବସାନ (ଶେଷହେବା) ଓ ରାତ୍ରିର ଅବସାନ (ଶେଷହେବା) ର ଅଭିନୟରେ ଦୁଇଟି ଯାକ ସୂଚୀମୁଖ ହସ୍ତକୁ ଅଭିମୁଖ ଓ ପରାଙ୍ମୁଖ କରି ଦକ୍ଷିଣ ପାର୍ଶ୍ୱରୁ ବାମ ପାର୍ଶ୍ୱକୁ ଚାଳିତ ଓ ପୃଥକ୍ କରିବା ଦ୍ୱାରା ଦିନାବସାନର ଏବଂ ପୂର୍ବୋକ୍ତ ରୀତିରେ ବାମ ପାର୍ଶ୍ୱରୁ ଦକ୍ଷିଣ ପାର୍ଶ୍ୱକୁ ଚାଳିତ ଓ ପରସ୍ପର ଠାରୁ ପୃଥକ୍ କରିବା ଦ୍ୱାରା ନିଶାବସାନର ଅଭିନୟ ସମ୍ପାଦନ କରାଯାଏ ।
। ୭୫-୭୬ ।

Digitized by srujanika@gmail.com

ଶିଷ୍ଟା ଲଲାଟେ ନୟନେ କାର୍ଯ୍ୟା ତ୍ର୍ୟମ୍ବକସଂଶ୍ରୟା) ।
ପରମଣ୍ଡଳଂ ଭ୍ରମିତ୍ୱା ମଣ୍ଡଳମାଦର୍ଶୟେଚ୍ଚ ଚନ୍ଦ୍ରସ୍ୟ । ୭୭ ।।
ପରିବେଷଣେ ତଥୈବ ହି କାର୍ଯ୍ୟା ତ୍ୱଧୋମୁଖୀ ନିତ୍ୟମ୍ ।
[ପୁନରପି ଚ ଭ୍ରମିତାଗ୍ରା ଲୂପଶିଖରଚ୍ଛିଫଲାନ୍ତଶୈଳେଷୁ ।। ୭୮ ।।
ହରନୟନେ ଚ ଲଲାଟେ ନୟନେ ଚ ତର୍ଜନୀଗୁପ୍ତା ।
ଶ୍ଳିଷ୍ଟା ଲଲାଟପଟ୍ଟେଷ୍ୱୁଦ୍ଧାମୁଖୀ ଶକ୍ରରୂପଣେ କାର୍ଯ୍ୟା ।। ୭୯ ।।
ଶକ୍ରସ୍ୟାପ୍ୟୁତ୍ତାନା ତଜ୍ଜ୍ଞୈସ୍ତିର୍ୟକ୍ସ୍ଥିତା କାର୍ଯ୍ୟା] ।
ଯସ୍ୟାଙ୍ଗୁଲ୍ୟସ୍ତୁ ବିରଳାଃ ସହାଙ୍ଗୁଷ୍ଠେନ କୁଞ୍ଚିତାଃ ।। ୮୦ ।।
ଊର୍ଦ୍ଧ୍ୱା ହ୍ୟସଙ୍ଗତାଗ୍ରାଶ୍ଚ ସ ଭବେତ୍ ପଦ୍ମକୋଶକଃ ।
ବିଲ୍ୱକପିତ୍ଥଫଳାନାଂ ଗ୍ରହଣଂ କୁଚଦର୍ଶନଂ ଚ ନାରୀଣାମ୍ ।। ୮୧ ।।

ଏହି ସୂଚୀମୁଖ ହସ୍ତର ଅଗ୍ରକୁ ବୁଲାଇବା ଦ୍ୱାରା (କାହାରି କାହାରି ମତରେ ସମ୍ମୁଖରେ ବୁଲାଇବା ଦ୍ୱାରା) କୌଣସି ପଦାର୍ଥର ଆକୃତି, ପଥର, ଜଳଭଉଁରୀ, ପର୍ବତର ଅଭିନୟ ସଂପାଦିତ ହୁଏ । ସେହି ହସ୍ତକୁ ଅଧୋମୁଖ (ତଳମୁହାଁ) କଲେ 'ପରିବେଷଣ' (ଖାଦ୍ୟଦ୍ରବ୍ୟ ପରଷିବା) ଅଭିନୀତ ହୋଇଥାଏ ।
। ୭୭ ୭୮ ।

ଶିବଙ୍କ ଅଭିନୟରେ ଏହି ସୂଚୀମୁଖ ହସ୍ତକୁ ତଳମୁହାଁ କରି ଲଲାଟରେ ଲଗାଇ ରଖିବାକୁ ହୁଏ । ଇନ୍ଦ୍ରଙ୍କ ଅଭିନୟରେ ଲଲାଟ ପର୍ଯ୍ୟନ୍ତ ଉଠାଇ ସୂଚୀହସ୍ତକୁ ଘୂର୍ଣ୍ଣନ କରିବାକୁ ହୁଏ । (ଅନ୍ୟମତରେ ଇନ୍ଦ୍ରାଭିନୟରେ ସୂଚୀମୁଖ ହସ୍ତକୁ ଚିତ କରି ତେରଛା ଭାବେ ଲଲାଟ ସ୍ଥାନରେ ପ୍ରଦର୍ଶିତ କରିବ) ଦୁଇଟି ଯାକ ହସ୍ତରେ ସୂଚୀମୁଖ ମୁଦ୍ରା ଧାରଣ କରିବା ଦ୍ୱାରା ପୂର୍ଣ୍ଣଚନ୍ଦ୍ରର ମଣ୍ଡଳ ପ୍ରଦର୍ଶିତ ହେବ । ଇନ୍ଦ୍ରଧ୍ୱଜର ଉତ୍ଥାପନ ଅଭିନୀତ କଲାବେଳେ ଏହି ସୂଚୀମୁଖ ହସ୍ତ ଲଲାଟରେ ଲଗ୍ନ ହେବ । ଚନ୍ଦ୍ରଙ୍କର ମଣ୍ଡଳକୁ ଦେଖାଇବାର ଅଭିନୟ ବେଳେ ଏହି ସୂଚୀମୁଖ ହସ୍ତକୁ ମଣ୍ଡଳାକାରରେ ବୁଲାଇବ । ଶିବଙ୍କର ତୃତୀୟ ନୟନର ଅଭିନୟ ପ୍ରଦର୍ଶିତ ହେବାରଥିଲେ ଏହି ହସ୍ତକୁ ଲଲାଟରେ ସ୍ଥାପନ କରିବ । ଇନ୍ଦ୍ରଙ୍କ ଅଭିନୟରେ ଏହି ହସ୍ତକୁ ଲଲାଟ ଦେଶରେ ଚିତ କରି ତେରଛା ଭାବରେ ସ୍ଥାପନ କରିବ । ୭୯-୮୦ ।

ପଦ୍ମକୋଷ — ଏଥିରେ ହାତର ବୁଢ଼ାଆଙ୍ଗୁଠି ଓ ଅନ୍ୟାନ୍ୟ ଅଙ୍ଗୁଳି ଗୁଡ଼ିକ ଫାଙ୍କ ଫାଙ୍କ ହୋଇ ଉପରକୁ ଉଠି କୁଞ୍ଚିତ ହୋଇଥାଏ । ଅଙ୍ଗୁଠିର ଅଗ ଗୁଡ଼ିକ ପୃଥକ୍ ପୃଥକ୍ ହୋଇଥାଏ । ପ୍ରୟୋଗ — ବେଲ,

Digitized by srujanika@gmail.com

ଗ୍ରହଣେ ହ୍ୟାମିଷଲବେ ଭବନ୍ତି ତାଃ କୁଞ୍ଚିତାଗ୍ରାଃ ।
[ବହୁନା ଉତ୍ତାନପୂର୍ବକମାମିଷଖଣ୍ଡଂ ଚ ନିର୍ଦ୍ଦେଶ୍ୟମ୍] ।। ୮୨ ।।
ଦେବାର୍ଚ୍ଚନବଳିହରଣେ ସମୁଦ୍‌ଗକେ ପାତ୍ରପିଣ୍ଡଦାନେ ଚ ।
କାର୍ଯ୍ୟଃ ପୁଷ୍ପପ୍ରକରଶ୍ଚ ପଦ୍ମକୋଶେନ ହସ୍ତେନ ।। ୮୩ ।।
ମଣିବନ୍ଧନବିନ୍ନିଷ୍ଟପ୍ରବିରଳଚଳିତାଙ୍ଗୁଳିକରାଭ୍ୟାମ୍ ।
କାର୍ଯ୍ୟୌ ଉଦ୍‌ବର୍ତ୍ତିତାଭ୍ୟାଂ ବିକଚପିଠକମଳେପୂଜାଭିନୟଃ ।। ୮୪ ।।
ଅଙ୍ଗୁଲ୍ୟଃ ସଂହତାଃ ସର୍ବାଃ ସହାଙ୍ଗୁଷ୍ଠେନ ଯସ୍ୟ ଚ ।
ତଥା ନିମ୍ନତଳଶ୍ଚୈବ ସ ତୁ ସର୍ପଶିରାଃ କରଃ ।। ୮୫ ।।
ଏଷ ସଲିଳପ୍ରଦାନେ ଭୁଜଗଗତୌ ତୋୟସେଚନେ ଚୈବ ।
ଅସ୍ଫୋଟନେ ଚ ଯୋଜ୍ୟଃ କରିକୁମ୍ଭାସ୍ଫାଳନାଦ୍ୟେଷୁ ।। ୮୬ ।।

କଇଁଥ ଫଳର ଗ୍ରହଣ, ନାରୀ ମାନଙ୍କ ସ୍ତନର ପ୍ରଦର୍ଶନ ଓ ଗ୍ରହଣ (ରାକ୍ଷସାଦିଙ୍କର) ଆମିଷ (ମାଂସ) ଗ୍ରହଣ— ଏଗୁଡ଼ିକର ଅଭିନୟରେ ପଦ୍ମକୋଷହସ୍ତ କୁଞ୍ଚିତାଗ୍ର ହୋଇଥାଏ । (ପାଠାନ୍ତରରେ ବୀଜପୂର ଶବ୍ଦ ଦୃଷ୍ଟ ହୁଏ) ଆହୁରି ମଧ୍ୟ ଦେବାର୍ଚ୍ଚନ, ପୂଜାର ନୈବେଦ୍ୟ ପ୍ରଦାନ, ସମୁଦ୍‌ଗକ (ଫରୁଆ) ରେ ଉଷ୍ଠ ପଶୁଙ୍କ ଗ୍ରାସ ଦେବା, କିମ୍ବା କାହାରିକୁ ଖାଇବାକୁ ଦେବା, ଅଥବା ମୃତ ବ୍ୟକ୍ତି ଉଦ୍ଦେଶ୍ୟରେ, କିମ୍ବା ଉତ୍ସବରେ, ନାନ୍ଦୀମୁଖ ଶ୍ରାଦ୍ଧ କଲାବେଳେ ପିଣ୍ଡଦାନ କରିବା ଓ ଗୋଟି ଗୋଟି କରି ବହୁତ ପୁଷ୍ପ ଦାନ କରିବା ଏହି ସ୍ଥଳ ମାନଙ୍କରେ ଏହି ପଦ୍ମକୋଷ ହସ୍ତ ବ୍ୟବହୃତ ହୋଇଥାଏ । ପ୍ରସ୍ଫୁଟିତ କମଳ ଓ ଉତ୍ପଳ ପ୍ରଭୃତିର ଅଭିନୟରେ ଦୁଇ ହସ୍ତରେ ପଦ୍ମକୋଷ ମୁଦ୍ରା ରଚନା କରି ଉଭୟ ହସ୍ତକୁ ମଣିବନ୍ଧ ଠାରେ ସଂଯୁକ୍ତ କରିବ ଏବଂ ଉଭୟ ହସ୍ତକୁ ବର୍ତ୍ତିତ କରି (ପଛ ଆଡ଼କୁ ବୁଲାଇ) ଅଙ୍ଗୁଳି ଗୁଡ଼ିକୁ ଫାଙ୍କ ଫାଙ୍କ କରି ଚଳିତ କରୁଥିବ । ୮୧-୮୪।

ସର୍ପଶିରାଃ — ଏଥିରେ ଅଙ୍ଗୁଳି ଗୁଡ଼ିକ ଓ ଅଙ୍ଗୁଷ୍ଠ (ବୁଢ଼ାଆଙ୍ଗୁଠି) ଲାଗି ଲାଗି ରହେ ଓ ତଳା ଅଂଶ ଖାଲୁଆ ହୋଇ ରହେ ।

ପ୍ରୟୋଗ — ଦାନ ସ୍ଥଳରେ ଭରତଗୁଣୀମାନେ ସର୍ପଶିରା ହସ୍ତକୁ ଧୃତ କରିବେ । (ଦେବତା ଉଦ୍ଦେଶ୍ୟରେ ବା ଦାନ ଉଦ୍ଦେଶ୍ୟରେ) ପାଣି ଟେକି ଦେବା ବେଳେ, ସର୍ପଗତିର ଅଭିନୟରେ, ପାଣି ଛିଞ୍ଚିବା ବେଳେ, ବାହୁ ଫୁଟ୍‌କି ମାରିବା ବେଳେ, ହାତୀର ମସ୍ତକସ୍ଥିତ କୁମ୍ଭର ଆନ୍ଦୋଳନର ଅଭିନୟରେ, ସର୍ପଶିରା ହସ୍ତର ପ୍ରୟୋଗ ହୁଏ । ୮୫-୮୬ ।

Digitized by srujanika@gmail.com

ଅଧୋମୁଖୀନାଂ ସର୍ବାସାମଙ୍ଗୁଲୀନାଂ ସମାଗମଃ ।
କନିଷ୍ଠାଙ୍ଗୁଷ୍ଠକାବୂର୍ଦ୍ଧ୍ୱୌ ସ ଭବେନ୍ମୃଗଶୀର୍ଷକଃ ॥ ୮୭ ॥
ଇହ ସାମ୍ପ୍ରତମନ୍ୟଦ୍ୟ ଚ ଶକ୍ତ୍ୟର୍ଥୋଲ୍ଲାସନେଽକ୍ଷପାତେ ଚ ।
ସ୍ୱେଦାପମାର୍ଜନେଷୁ ଚ କୁଟ୍ଟମିତେ ପ୍ରଚଲିତସ୍ତୁ ଭବେତ୍ ॥ ୮୮ ॥
ତ୍ରେତାଗ୍ନିସଂସ୍ଥିତା ମଧ୍ୟାତର୍ଜନ୍ୟଙ୍ଗୁଷ୍ଠକା ଯଦା ।
କାଙ୍ଗୁଲେଽନାମିକା ବକ୍ରା ତଥା ଚୋର୍ଦ୍ଧ୍ୱା କନୀୟସୀ ॥ ୮୯ ॥
ଏତେନ ତରୁଣଫଳାନି ନାନାବିଧାନି ଚ ଲଘୂନି ।
କାର୍ଯ୍ୟାଣି ରୋଷଜାନି ସ୍ତ୍ରୀବଚନାନ୍ୟଙ୍ଗୁଲୀକ୍ଷେପୈଃ ॥ ୯୦ ॥

ମୃଗଶୀର୍ଷ — କାନି ଆଙ୍ଗୁଠି ଓ ବୁଢ଼ାଆଙ୍ଗୁଠିକୁ ସଳଖ ଭାବେ ଉପରକୁ ଟେକି ଅନ୍ୟ ତିନି ଗୋଟି ଯାକ ଆଙ୍ଗୁଠିକୁ ଏକାଠି ତଳମୁହାଁ କଲେ ତାହାର ନାମ ମୃଗଶୀର୍ଷକ ହୁଏ । ୮୭ ।

ପ୍ରୟୋଗ — ଏଠାରେ 'ଏହିକ୍ଷଣି' (ସ୍ୱୀକାର ଅର୍ଥରେ) 'ହେଉ' ବା ଅଥ 'ଅଜି' ଇତ୍ୟାଦି ଭାବର ଅଭିବ୍ୟକ୍ତି ପାଇଁ ମୃଗଶୀର୍ଷ ହସ୍ତ ଅଧୋମୁଖ ହୋଇ ପ୍ରଦର୍ଶିତ ହୁଏ । ଶକ୍ତିର ଉଲ୍ଲାସନ (ଉଲ୍ଲମ୍ଫନ) ଓ ଅକ୍ଷପାତ (ପଶାକାଠି ଗଡ଼ାଇବା) ସ୍ୱେଦ ମାର୍ଜନ (ଝାଳପୋଛିବା) ଓ କୁଟ୍ଟମିତ (ସ୍ତ୍ରୀ ମାନଙ୍କର କପଟ କୋଧସୂଚକ ଅଲଙ୍କାର ବିଶେଷ) ଏମାନଙ୍କ ଅଭିନୟରେ ସର୍ପଶୀର୍ଷ ହସ୍ତକୁ ସଂଚାଳିତ କରିବ । ୮୮ ।

କାଙ୍ଗୁଳ — ଆହବନୀୟ, ଗାର୍ହପତ୍ୟ, ଦକ୍ଷିଣ ଏହି ତିନି ଅଗ୍ନି ବେଦୀ ଉପରେ ଯେପରି ସଂସ୍ଥିତ ହୁଅନ୍ତି ସେହିପରି ମଧ୍ୟମା, ତର୍ଜନୀ ଓ ଅଙ୍ଗୁଷ୍ଠ (ବୁଢ଼ାଆଙ୍ଗୁଠି) ଅବସ୍ଥିତ ହେଲେ ଅର୍ଥାତ ମଧ୍ୟମା ଓ ତର୍ଜନୀ ଫାଙ୍କ ଫାଙ୍କ ହୋଇ ଅଗ୍ରଭାଗରେ ବୁଢ଼ାଅଙ୍ଗୁଠି ସହିତ ଲାଗିଗଲା ପରି ରହିଲେ ଏବଂ କନିଷ୍ଠା ସଳଖ ହୋଇ ଠିଆ ହୋଇ ରହିଲେ ଓ ଅନାମିକା ବକ୍ରକଲେ କାଙ୍ଗୁଳ ମୁଦ୍ରା ହୁଏ । (କାଙ୍ଗୁ — ବଜରା ଜାତୀୟ ଶସ୍ୟ ତାହାକୁ ସଂଗ୍ରହ କଲାବେଳେ ହସ୍ତର ଆକୃତି ଯେପରି ହୁଏ, ଏହି ମୁଦ୍ରାରେ ହସ୍ତର ଆକୃତି ସେହିପରି ହୁଏ ବୋଲି ଏହାର ନାମ କାଙ୍ଗୁଳ, ଅନ୍ୟମାନେ କାଙ୍ଗୁଳ ଶବ୍ଦର ଅର୍ଥ (ବିଛା) ବୋଲି କହନ୍ତି । ୮୯ ।

ପ୍ରୟୋଗ— ଏହା କଞ୍ଚି ଓ ଛୋଟ ଫଳର ଅଭିନୟରେ ଏବଂ ସ୍ତ୍ରୀମାନଙ୍କର ରୋଷଜନିତ ବାକ୍ୟର ଅଭିନୟ, ମଧ୍ୟମା, ତର୍ଜନୀ ଓ ବୁଢ଼ାଙ୍ଗୁଳିକୁ (କ୍ଷେପ କରିବା) ଛାଟିବା ଦ୍ୱାରା ସମ୍ପାଦିତ ହୋଇଥାଏ । ୯୦ ।

Digitized by srujanika@gmail.com

(ମରକତବୈଡୂର୍ଯାଦେଃ ପ୍ରଦର୍ଶନଂ ସୁମନସାଂ ଚ କର୍ତ୍ତବ୍ୟମ୍ ।
ଗ୍ରାହ୍ୟଂ ବିଡ଼ାଲପଦମିତି ତଜ୍ଜ୍ଞୈରେବଂ ପ୍ରୟୋଗେଷୁ) ॥ ୯୧ ॥

ଆବର୍ତ୍ତିତାଃ କରତଲେ ଯସ୍ୟାଙ୍ଗୁଲ୍ୟୋ ଭବନ୍ତି ହି ।
ପାର୍ଶ୍ୱଗତକର୍ଣ୍ଣାସ୍ତୁ ସ ଭବେଦଲପଲ୍ଲବଃ ॥ ୯୨ ॥

ପ୍ରତିଷେଧକୃତେ ଯୋଜ୍ୟଃ କସ୍ୟ ତ୍ୱଂ ନାସ୍ତି ଶୂନ୍ୟବଚନେଷୁ ।
ପୁନରାହ୍ୱାନନ୍ୟାସଃ ସ୍ତ୍ରୀଣାମେତେନ କର୍ତ୍ତବ୍ୟଃ ॥ ୯୩ ॥

ତତଃ ପ୍ରସାରିତା ଯତ୍ର ତଥା ଚୋର୍ଦ୍ଧ୍ୱା କନୀୟସୀ ।
ତାସାଂ ମଧ୍ୟେ ସ୍ଥିତାଙ୍ଗୁଷ୍ଠଃ ସ କରସ୍ଥତୁରଃ ସ୍ମୃତଃ ॥ ୯୪ ॥

ଅଲପଦ୍ମ — ଯେଉଁଥିରେ ଅଙ୍ଗୁଳି ଗୁଡ଼ିକ ଆବର୍ତ୍ତିତ ହୁଅନ୍ତି ଓ କରତଳର ପାର୍ଶ୍ୱକୁ ଆସି ବକ୍ରୀଭୂତ ହୁଅନ୍ତି, ସେହି ମୁଦ୍ରାକୁ ଅଲପଦ୍ମ କହନ୍ତି । (ଅଲଶବ୍ଦର ଅର୍ଥ ଚଞ୍ଚଳ ବା ଚଳନଶୀଳ, ଅତଏବ ଅଲପଦ୍ମର ଅର୍ଥ ଯେଉଁ ପଦ୍ମର ପାଖୁଡ଼ା ଗୁଡ଼ିକ ହଲୁଥାଏ । ଅଭିନବଗୁପ୍ତ)

(ଉପର କଥିତ ଲକ୍ଷଣ ସ୍ପଷ୍ଟାର୍ଥ ନୁହେଁ । ଏଥିରେ ବ୍ୟବହୃତ 'ଆବର୍ତ୍ତିତ' ଶବ୍ଦଟି ପାରିଭାଷିକ । ଏହା କରର କରଣ ବିଶେଷ । ସଳଖ ଭାବେ ଠିଆ ହୋଇ ରହିଥିବା ତର୍ଜନୀ, ମଧ୍ୟମା, ଅନାମିକା, କନିଷ୍ଠା ଆଙ୍ଗୁଠିକୁ ଯଥାକ୍ରମେ ବକ୍ରକରି ନିଜ କଡ଼ପଟରୁ ବକ୍ଷ ଆଡ଼କୁ ଟେକାଇ ଆଣିବାର ନାମ 'ଆବେଷ୍ଟିତ' ଏହା ଚାରି ଗୋଟି କରଣ ମଧ୍ୟରୁ ଗୋଟିଏ ।

ଆବର୍ତ୍ତିତ କରଣରେ ଏତିକି ଭେଦ ଯେ ବକ୍ରୀକୃତ ଅଙ୍ଗୁଳି ଗୁଡ଼ିକ ପାର୍ଶ୍ୱକୁ ଆଣିଲା ପରେ କନିଷ୍ଠାଦି କ୍ରମେ କରତଳରୁ ବାହାର କରିଦେବ । ଅର୍ଥାତ କନିଷ୍ଠା, ଅନାମିକା, ମଧ୍ୟମା, ଓ ତର୍ଜନୀ ଆଙ୍ଗୁଠିକୁ ଉକ୍ତ କ୍ରମରେ ଗୋଟି ଗୋଟି କରି କରତଳ ଠାରୁ ଦୂରକୁ ନେଇଯିବ । ୯୧-୯୨ ।

ପ୍ରୟୋଗ — 'ନିଷେଧ'ର ଅଭିନୟରେ; 'କାହାର ତୁମେ' ବା' କିଏ ତୁମେ ଏହି ଭାବରେ ଅଭିନୟରେ ନାହିଁ ବା ନୁହେଁ ଏହି ଭାବ ପ୍ରକାଶରେ ଓ ସ୍ତ୍ରୀ ମାନଙ୍କର ନିଜକୁ ଉପସ୍ଥାପିତ କରିବାର ଅଭିନୟରେ ଏହି ଅଲପଦ୍ମର ପ୍ରୟୋଗ ହୁଏ । ୯୩ ।

ଚତୁର — ଯେଉଁଥିରେ ତର୍ଜନୀ, ମଧ୍ୟମା ଓ ଅନାମିକା ଏହି ଆଙ୍ଗୁଠି ଗୁଡ଼ିକ ପ୍ରସାରିତ ଓ କନିଷ୍ଠାଙ୍ଗୁଳିଟି ଉର୍ଦ୍ଧ୍ୱଗାମୀ ତଥା ବୃଦ୍ଧାଙ୍ଗୁଳି ମଧ୍ୟମାର ମଧ୍ୟମ ପର୍ବ ଉପରେ ସଂଲଗ୍ନ ହୋଇ ରହେ, ତାହାର ନାମ ଚତୁର-ହସ୍ତ । ୯୪ ।

Digitized by srujanika@gmail.com

ନପୁଂସକସ୍ତ୍ରୀନୃପସ୍ତ୍ରୀଣାଂ ବାଲାତୁରସନ୍ଧିକୈତବାର୍ଥେଷୁ ।
ବାକ୍ୟେ ଯୁକ୍ତେ ପଥ୍ୟେ ସତ୍ୟେ ପ୍ରଶମେ ଚ ବିନିଯୋଜ୍ୟଃ ॥ ୯୫ ॥
ଏକେନ ଦ୍ୱାଭ୍ୟାଂ ବା କଣ୍ଡୂନ୍ଧ୍ରଲକୃତେନ ହସ୍ତେନ ।
ବସ୍ତ୍ରାଭରଣସ୍ତରଣୋପରତିଂ ବିତର୍କିତଂ ଲକ୍ଷିତଂ ଚୈବ ॥ ୯୬ ॥
ନୟନୌପମ୍ୟଂ ପଦ୍ମଦଳରୂପଣଂ ହରିଣକର୍ଣନିର୍ଦ୍ଦେଶଃ ।
ସଂଯୁକ୍ତକରଣେନୈବ ତୁ ଚତୁରେଣୈତାନି କୁର୍ବୀତ ॥ ୯୭ ॥
ଲୀଲାରତୀ ରୁଚିଂ ଚ ସ୍ମୃତିବୁଦ୍ଧିବିଭାବନାଃ କ୍ଷମାଂ ପୁଷ୍ଟିମ୍ ।
ସଂଜ୍ଞାଶାନାଂ ପ୍ରଣୟଂ ବିଚାରଣଂ ସଙ୍ଗତଂ ଶୌଚମ୍ ॥ ୯୮ ॥
ଚାତୁର୍ଯ୍ୟଂ ମାଧୁର୍ଯ୍ୟଂ ଦାକ୍ଷିଣ୍ୟଂ ମାର୍ଦ୍ଦବଂ ସୁଖଂ ଶୀଲମ୍ ।
ପ୍ରଶ୍ନଂ ବାର୍ତ୍ତାଯୁକ୍ତଂ ବେଷଂ ମୃଦୁ ଶାଦ୍ୱଳଂ ସ୍ତୋକମ୍ ॥ ୯୮ ॥
ବିଭବାବିଭବୌ ସୁରତଂ ଗୁଣାଗୁଣୌ ଯୌବନଂ ଗୃହଂ ଦାରାନ୍ ।
ନାନାବର୍ଣ୍ଣାଂଶ୍ଚ ତଥା ଚତୁରେଣୈବ ପ୍ରଯୁଞ୍ଜୀତ ॥ ୧୦୦ ॥

ପ୍ରୟୋଗ — ନପୁଂ (ନାରୀ) ନପୁଂସ୍ତ୍ରୀ (ଶିକ୍ଷା) ନୃପସ୍ତ୍ରୀ (ସଂଯମ) ଅତି ନିପୁଣତା, ବାଳା (ଅଳ୍ପ ବୟସ୍କା ଯୁବତୀ) ରୋଗ ଗ୍ରସ୍ତ ପ୍ରାଣୀ, କପଟ ଏହି ସବୁର ଅଭିନୟରେ ଓ ହିତକର ଓ ସତ୍ୟ ବାକ୍ୟର ପ୍ରୟୋଗ ଓ ବିବେଚନା ଯୋଗାଇବାରେ ଏହି ଚତୁର ହସ୍ତ ପ୍ରଯୁକ୍ତ ହୁଏ । ୯୫ ।

ଏହି ଚତୁର ମୁଦ୍ରାକୁ ଗୋଟିଏ ହସ୍ତରେ ବା ଉଭୟ ହସ୍ତରେ ଧାରଣ କରି ମଣ୍ଡଳାକାରରେ ବୁଲାଇଲେ କୌଣସି ବିଷୟର ବିବରଣ, ବସ୍ତ୍ର, ଆସ୍ତରଣ, ବିତର୍କିତା (ସମ୍ଭାବନା) ଲକ୍ଷ୍ୟାନୁଭବର ଅଭିନୟ କରାଯାଏ । ୯୬ ।

ଚକ୍ଷୁରେ ଉପମାନ ଉପମେୟ ଭାବ ପଦ୍ମପାଖୁଡ଼ାର (ବା ପତ୍ରର) ଅଭିନୟ, ହରିଣ କାନର ନିର୍ଦ୍ଦେଶ ପ୍ରଭୃତି ଦୁଇ ହସ୍ତରେ ଚତୁର ମୁଦ୍ରାର ସଂଯୋଗରେ କରାଯାଏ । ୯୭ ।

ଆହୁରି ମଧ୍ୟ ଏହି ଚତୁର ହସ୍ତଦ୍ୱାରା ଲୀଳା, ରତି, ରୁଚି, (ପ୍ରୀତି) ସ୍ମୃତି, ବୁଦ୍ଧି, ବିଭାବନ (ପ୍ରକର୍ଷ) କ୍ଷମା, ପୁଷ୍ଟି, ସଂଜ୍ଞା (ଚେତନା) (ଆଶା) ପ୍ରଣୟ (ପ୍ରୀତିପୂର୍ବକ ଅଙ୍ଗ ସମର୍ପଣ) ବିଚାରଣା, ସଙ୍ଗତ, (ମିଳନ) ଶୌଚ (ଶୁଦ୍ଧି) ଚାତୁର୍ଯ୍ୟ, ମାଧୁର୍ଯ୍ୟ, ଦାକ୍ଷିଣ୍ୟ, (ଅନୁକୂଳତା) ମାର୍ଦ୍ଦବ (କୋମଳଭାବ) ସୁଖ, ଶୀଳ, (ସତ୍‌ସ୍ୱଭାବ) ପ୍ରଶ୍ନ, ବାର୍ତ୍ତାଯୁକ୍ତ, (କୃଷି, ପଶୁପାଳନ ଓ ବାଣିଜ୍ୟର ନାମ ବାର୍ତ୍ତା ତାହାର ଯୋଗ) ବେଶ, କୋମଳ ଘାସ ଅଳ୍ପ ମାତ୍ରା, ବିଭବ ଓ ତାହାର ଅଭାବ, ସୁରତ ଗୁଣ ଓ ତାହାର ଅଭାବ, ଯୌବନ, ଗୃହ, ଗୃହିଣୀ, ଏବଂ ଅନେକ ପ୍ରକାର ରଙ୍ଗ ଏମାନଙ୍କର ଅଭିନୟ କରାଯାଏ । ୯୮-୧୦୦ ।

Digitized by srujanika@gmail.com

[ସିତମୂର୍ଦ୍ଧ୍ୱେନ ତୁ କୁର୍ଯ୍ୟାଦ୍ଦ୍ରକ୍ତଂ ପୀତଂ ଚ ମଣ୍ଡଳକୃତେନ ।
ପରସ୍ପରଦଲିତେନ ତୁ ନୀଳଂ ବର୍ଣ୍ଣାଂସ୍ତତ୍ତ୍ୱରେଣ ହସ୍ତେନ] ॥ ୧୦୧ ॥
ମଧ୍ୟମାଙ୍ଗୁଷ୍ଠସନ୍ଦଂଶୋ ବକ୍ରା ଚୈବ ପ୍ରଦେଶିନୀ ।
ଊର୍ଦ୍ଧ୍ୱମନ୍ୟେ ପ୍ରକୀର୍ଣ୍ଣେ ଚ ଦ୍ୱ୍ୟଙ୍ଗୁଲ୍ୟୌ ଭ୍ରମରେ କରେ ॥ ୧୦୨ ॥
ପଦ୍ମୋତ୍ପଲକୁମୁଦାନାମନ୍ୟେଷାଂ ଚୈବ ଦୀର୍ଘବୃନ୍ତାନାମ୍ ।
ପୁଷ୍ପାଣାଂ ଗ୍ରହଣବିଧିଃ କର୍ତ୍ତବ୍ୟଃ କର୍ଣ୍ଣପୂରଶ୍ଚ ॥ ୧୦୩ ॥
[ବିଚ୍ୟୁତଶ୍ଚ ସଶବ୍ଦଶ୍ଚ କାର୍ଯ୍ୟୋ ନିର୍ଭର୍ତ୍ସନାଦଷୁ ।
ବାଲାଲାପେ ଚ ଶୀଘ୍ରେ ଚ ତାଳେ ଶ୍ୱାସନେ ତଥା] ॥ ୧୦୪ ॥
ତର୍ଜ୍ଜନୀମଧ୍ୟମାଙ୍ଗୁଷ୍ଠୋ ସ୍ତ୍ରେତାଗ୍ନିସ୍ଥା ନିରନ୍ତରାଃ ।
ଭବେଦ୍ଧଂସବକ୍ତ୍ରସ୍ୟ ଶେଷେ ଦ୍ୱେ ସମ୍ପ୍ରସାରିତେ ॥ ୧୦୫ ॥

(ବର୍ଣ୍ଣର ଅଭିନୟରେ ବିଶେଷ ନିୟମ ଏହିପରି, ଉପରକୁ ଟେକିବା ଦ୍ୱାରା ଧବଳବର୍ଣ୍ଣ, ମଣ୍ଡଳାକାରରେ ବୁଲାଇବା ଦ୍ୱାରା ଲାଲ ଓ ହଳଦୀ ବର୍ଣ୍ଣ, ଦୁଇଟିଯାକ ଚତୁର ମୁଦ୍ରା ଯୁକ୍ତ ହସ୍ତକୁ ପରସ୍ପର ମର୍ଦ୍ଦନ କରିବା ଦ୍ୱାରା ନୀଳ ବର୍ଣ୍ଣର ଅଭିନୟ କରାଯାଇଥାଏ । ୧୦୧ ।

ଭ୍ରମର — ଏଥିରେ ମଝି ଆଙ୍ଗୁଠି ଓ ବୁଢ଼ା ଆଙ୍ଗୁଠିର ଅଗ୍ରଭାଗ ପରସ୍ପର ସଂଯୁକ୍ତ ହୋଇ ରହେ । ତର୍ଜ୍ଜନୀ (ବିଷି) ଆଙ୍ଗୁଠିଟି ବଙ୍କ ହୁଏ । ଅନ୍ୟ ଦୁଇ ଆଙ୍ଗୁଠି (କାନି ଓ ପର ଆଙ୍ଗୁଠି) ଫାଙ୍କ ଫାଙ୍କ ହୋଇ ଉପରକୁ ଟେକ ହୋଇ ରହେ । ୧୦୨ ।

ପ୍ରୟୋଗ — ଏହି ଭ୍ରମର ହସ୍ତଦ୍ୱାରା ପଦ୍ମ, କଇଁ, ନୀଳକଇଁ, ପ୍ରଭୃତି ଯେଉଁ ଫୁଲ ମାନଙ୍କର ନାଡମାନ ଖୁବ ଲମ୍ବା ସେମାନଙ୍କର ଗ୍ରହଣ (ସଂଗ୍ରହ)ର ଅଭିନୟ କରାଯାଏ ଏବଂ କର୍ଣ୍ଣ ଭୂଷଣର ଧାରଣ ଅଭିନୟ ମଧ୍ୟ କରାଯାଏ । ଆହୁରି ମଧ୍ୟ ଗାଳିଦେବା ବା ଧମକାଇବାର ଅଭିନୟରେ ଏହି ଭ୍ରମର ହସ୍ତକୁ ଶବ୍ଦ ସହକାରେ ବିଚ୍ୟୁତ କରାଯାଏ । ଏହା ପୁଣି ବାଲାଲାପ (ନିଜର ବାଲ ବିଷୟରେ ଗର୍ବ ପ୍ରକାଶ କରୁ 'ବାଲାଲାପ' ବୋଲି ପାଠ କଲେ ପିଲମାନଙ୍କର ବା ସ୍ତ୍ରୀ ମାନଙ୍କର ଆଳାପର) ଅଭିନୟରେ ଶୀଘ୍ରତାର ଅଭିବ୍ୟଂଜ ପାଇଁ, ତାଳ ପ୍ରୟୋଗ କାଳରେ ବିଶ୍ୱାସ ଉତ୍ପାଦନର ଅଭିନୟରେ ପ୍ରଯୁକ୍ତ ହୋଇଥାଏ । ୧୦୩-୧୦୪ ।

ହଂସବକ୍ତ୍ର ବା ହଂସାସ୍ୟ — ଏଥିରେ ତର୍ଜ୍ଜନୀ, ମଧ୍ୟମା, ଓ ବୃଦ୍ଧା-ଙ୍ଗୁଳି, ଲାଗି ଲାଗି ରହେ (ଫାଙ୍କ ରହିତ ହୁଏ) ଅପର ଦୁଇ ଆଙ୍ଗୁଠି ଫାଙ୍କ ହୋଇ ପ୍ରସାରିତ ହୋଇଥାଏ । (ଅଭିନୟ ଦର୍ପଣ ମତରେ ତର୍ଜ୍ଜନୀ ଓ ଅଙ୍ଗୁଷ୍ଠ ଲାଗି ଲାଗି ରହିବ ଓ ଅନ୍ୟ ତିନି ପ୍ରସାରିତ ହେଲେ ହଂସାସ୍ୟ ହସ୍ତ ହୁଏ) ।୧୦୫।

Digitized by srujanika@gmail.com

ଶ୍ଳକ୍ଷ୍ଣାଲ୍ପଶିଥିଳଲାଘବନିଃସାରାର୍ଥେ ମୃଦୁତ୍ୱଯୋଗେ ଚ ।
କାର୍ଯ୍ୟୋଽଭିନୟବିଶେଷୈଃ କିଞ୍ଚିତ୍ପ୍ରସ୍ପନ୍ଦିତାଗ୍ରେଣ ॥ ୧୦୬ ॥
ସମାଃ ପ୍ରସରିତାସ୍ତିସ୍ରସ୍ତଥା ଚୋର୍ଦ୍ଧ୍ୱା କନୀୟସୀ ।
ଅଙ୍ଗୁଷ୍ଠଃ କୁଞ୍ଚିତଶ୍ଚୈବ ହଂସପକ୍ଷ ଇତି ସ୍ମୃତଃ ॥ ୧୦୭ ॥
ଏଷ ଚ ନିବାପସଲିଲେ ଦାତବ୍ୟେ ଗଣ୍ଡସଂଶ୍ରୟେ ଚୈବ ।
କାର୍ଯ୍ୟଃ ପ୍ରତିଗ୍ରହାଚମନଭୋଜନାର୍ଥେଷୁ ବିପ୍ରାଣାମ୍ ॥ ୧୦୮ ॥
ଆଲିଙ୍ଗନେ ମହାସ୍ତମ୍ଭଦର୍ଶନେ ରୋମହର୍ଷଣେ ଚୈବ ।
ସ୍ପର୍ଶେଽନୁଲେପନାର୍ଥେ ଯୋଜ୍ୟଃ ସମ୍ବାହନେ ଚୈବ ॥ ୧୦୯ ॥
ପୁନରେବ ଚ ନାରୀଣାଂ ସ୍ତନାନ୍ତରସ୍ଥେନ ବିନ୍ୟସେଦେଷଃ ।
କାର୍ଯ୍ୟା ଯଥାବଶଂ ସ୍ୱାର୍ଦ୍ଧ୍ୱଃଽନଖ ହନୁଧାରଣେ ଚୈବ ॥ ୧୧୦ ॥

ପ୍ରୟୋଗ — ଏହା ଶ୍ଳକ୍ଷ୍ଣତା (ଚିକ୍କଣଭାବେ) ଅଳ୍ପତା, ଶିଥିଳତା, ଲଘୁତା, (ହାଲୁକା ହେବା) ନିଃସାରଣ (ଫମ୍ପା ବା ତୁଚ୍ଛ ହେବା) ମୃଦୁତା ଏହି ଭାବ ମାନଙ୍କର ଅଭିନୟ ସ୍ଥଳରେ ଅଙ୍ଗୁଳିର ଅଗ୍ରଭାଗକୁ ଅଳ୍ପ ପ୍ରସ୍ପନ୍ଦିତ (କମ୍ପିତ) କରି ଅଭିନୟ କରାଯାଏ । ପ୍ରସ୍ପନ୍ଦନ (ଅଳ୍ପ କମ୍ପନ) ମର୍ଦ୍ଦନ, ମଥନ, ବିଧୂନନ, (ବେଗରେ ହଲାଇବା) କ୍ଷେପଣ (ଗ୍ରଛିବା) ଅଭ୍ୟାବର୍ତ୍ତନ (ସମ୍ମୁଖ ଆଡ଼କୁ ବୁଲାଇବା) ଅପସାରଣ (ଦୂରକୁ ଛାଡ଼ିଦେବା) ମଧ୍ୟରୁ ଯେଉଁ ପ୍ରକାର ଅଭିନୟ ସ୍ଥଳରେ ଯାହା ଉପଯୋଗୀ ତାହା ପ୍ରୟୋଗ କରିବ) । ୧୦୬ ।

ହଂସପକ୍ଷ — ତର୍ଜନୀ ମଧ୍ୟମା ଓ ଅନାମିକା—ଏହି ତିନି ଆଙ୍ଗୁଠି ସମାନ ଭାବେ (ସମ୍ମୁଖ ଆଡ଼କୁ) ପ୍ରସାରିତ ହେଲେ ଓ କନିଷ୍ଠା ଅଙ୍ଗୁଳି ଉପରକୁ ଟେକି ହୋଇ ରହିଲେ ତଥା ବୃଦ୍ଧାଙ୍ଗୁଳି କୁଞ୍ଚିତ ହେଲେ ଯେଉଁ ମୁଦ୍ରା ସମ୍ପନ୍ନ ହୁଏ ତାହାର ନାମ ହଂସପକ୍ଷ । ୧୦୭ ।

ପ୍ରୟୋଗ — ଏହା ପିତୃଗଣ ଉଦ୍ଦେଶ୍ୟରେ ଜଳଦାନ, ଧର୍ମ ଉଦ୍ଦେଶ୍ୟରେ ଜଳଦାନ, ଗଣ୍ଡଦେଶରେ ପତ୍ରଭଙ୍ଗ ରଚନା, ବ୍ରାହ୍ମଣ ମାନଙ୍କର ପ୍ରତିଗ୍ରହ, ଆଚମନ ଓ ଭୋଜନ, ଆଲିଙ୍ଗନ ମହାସ୍ତମ୍ଭ (ଅଧିକ ସ୍ଥିରଭାବ), ପ୍ରଦର୍ଶନ, ରୋମାଞ୍ଚ, ସ୍ପର୍ଶ, ଅନୁଲେପନ, (ଚନ୍ଦନାଦିକୁ ଦେହରେ ବୋଳିବା) ସମ୍ବାହନ (ଗୋଡ଼ଘଷିବା) ର ଅଭିନୟରେ ପ୍ରଯୁକ୍ତ ହୁଏ । ସ୍ତ୍ରୀ ମାନଙ୍କର ସ୍ତନ ଦ୍ୱୟର ମଧ୍ୟ ଦେଶରେ ସ୍ଥାପନ କଲେ ସେମାନଙ୍କର ବିଶିଷ୍ଟ ବିଭ୍ରମ ପ୍ରକାଶ ଲାଭ କରେ । ଏପରି (ସ୍ତନାଗ୍ରଭାଗରେ ସ୍ଥାପନ) ଶୃଙ୍ଗାରାଦି ଭିନ୍ନ ଭିନ୍ନ ରସର ବ୍ୟଭିଚାରି ଭାବ ମାନଙ୍କ ପ୍ରୟୋଗ ଦୃଷ୍ଟିରୁ କରାଯିବ । ଦୁଃଖରେ, ଚିବୁକ ପ୍ରଦେଶର ଧାରଣର ଅଭିନୟରେ ମଧ୍ୟ ହଂସପକ୍ଷର ପ୍ରୟୋଗ କରାଯାଇଥାଏ । ୧୦୮-୧୧୦ ।

Digitized by srujanika@gmail.com

ତର୍ଜନ୍ୟଙ୍ଗୁଷ୍ଠସନ୍ଦଂଶସ୍ତ୍ୱରାଳସ୍ୟ ଯଦା ଭବେତ୍ ।
ଅଭୁଗ୍ନତଳମଧ୍ୟସ୍ଥଃ ସ ସନ୍ଦଂଶ ଇତି ସ୍ମୃତଃ ॥ ୧୧୧ ॥

ସନ୍ଦଂଶସ୍ତ୍ରିବିଧୋ ଜ୍ଞେୟସ୍ତ୍ୱଗ୍ରଜୋ ମୁଖଜସ୍ତଥା ।
ତଥା ପାର୍ଶ୍ୱଗତଶ୍ଚୈବ ରସଭାବୋପବୃଂହିତଃ ॥ ୧୧୨ ॥

ପୁଷ୍ପାପଚୟଗ୍ରଥନେ ଗ୍ରହଣେ ତୃଣପର୍ଣ୍ଣକେଶସୂତ୍ରାଣାମ୍ ।
ଶଲ୍ୟାବୟବଗ୍ରହଣେ ପ୍ରକର୍ଷଣେ ଚାଗ୍ରସନ୍ଦେଶଃ ॥ ୧୧୩ ॥

ବୃନ୍ତାତ୍ପୁଷ୍ପୋଦ୍ଧରଣଂ ବର୍ତ୍ତିଶଲାକାପ୍ରପୂରଣଂ ଚୈବ ।
ଧିଗିତି ଚ ବଚନଂ ରୋଷେ ମୁଖସନ୍ଦଂଶସ୍ୟ କର୍ମାଣି ॥ ୧୧୪ ॥

ଯଜ୍ଞୋପବୀତଧାରଣବେଧନଗୁଣସୂକ୍ଷ୍ମବାଣଲକ୍ଷ୍ୟେଷୁ ।
ଯୋଗେ ଧ୍ୟାନେ ସ୍ତୋକେ ସଂଯୁକ୍ତକରସ୍ତୁ କର୍ତ୍ତବ୍ୟଃ ॥ ୧୧୫ ॥

ସନ୍ଦଂଶ — ଅରାଳ ହସ୍ତ ରଚନା କଲାପରେ ତର୍ଜନୀ ଅଙ୍ଗୁଷ୍ଠ (ବୁଢ଼ା ଆଙ୍ଗୁଠି) କୁ ଅଳ୍ପ ବଙ୍କା ହୋଇଥିବା (କୋରଡ଼େଇ ହୋଇଥିବା) କରତଳ (ନେତ୍ର) ମଧ୍ୟରେ ସଂଯୁକ୍ତ କଲେ ସଂଦଂଶ ହସ୍ତ ସମ୍ପନ୍ନ ହୁଏ । ୧୧୧ ।

ଏହି ସଂଦଂଶ ହସ୍ତ ତିନି ପ୍ରକାର । ଯଥା— ଅଗ୍ରସଂଦଂଶ, ମୁଖସଂଦଂଶ ଓ ପାର୍ଶ୍ୱ ସଂଦଂଶ, (ସମ୍ମୁଖ ଭାଗରେ କୃତ ସଂଦଂଶର ନାମ ଅଗ୍ରସଂଦଂଶ, ସେହିପରି ମୁଖ ନିକଟରେ ଓ ପାର୍ଶ୍ୱ ଦେଶରେ କୃତ ସନ୍ଦଂଶର ନାମ ଯଥାକ୍ରମେ ମୁଖ ସନ୍ଦଂଶ ଓ ପାର୍ଶ୍ୱ ସନ୍ଦଂଶ, ଏହା ରସ ଓ ଭାବ ଦୃଷ୍ଟି ସମ୍ପାଦିତ ହୁଏ । ୧୧୨ ।

ପ୍ରୟୋଗ — ଫୁଲ ତୋଳିବା, ଫୁଲ ଗୁନ୍ଥିବା, ତୃଣ, ପତ୍ର, କେଶ ଓ ସୂତା ଗ୍ରହଣ କରିବା (ଗୋଟାଇ ନେବା) ଶଲ୍ୟ (ଅସ୍ତ୍ର ବିଶେଷ) ବା ତୀରକୁ ଦେହରୁ କାଢ଼ିବା ବା ଧାରଣ କରିବାର ଅଭିନୟରେ ଅଗ୍ରଭାଗରେ ସନ୍ଦଂଶ କରାଯାଏ । ୧୧୩ ।

ବେମ୍ପରୁ ଫୁଲ ଛଡ଼ାଇବା, (ଦୀପରେ) ବତି (ଶଳିତା) ପକାଇବା ବା ଅଞ୍ଜନ ଘେନିବା, କାଠି ସାହାଯ୍ୟରେ ଅଞ୍ଜନ ଘେନିବା, ଅଧାଧିବା ପାତ୍ରାଦିରୁ କୌଣସି ଦ୍ରବ୍ୟ ଦ୍ୱାରା ପୂର୍ଣ୍ଣ କରିବା, ରାଗରେ ଧିକ୍କାର କରିବା (ଧିକ ବୋଲି କହିବା)—ଏହି ଗୁଡ଼ିକର ଅଭିନୟରେ ମୁଖ ସନ୍ଦଂଶ ପ୍ରଯୋଜ୍ୟ, ଯଜ୍ଞୋପବୀତ (ପଇତା) (ମୁକ୍ତା ପ୍ରଭୃତିକୁ) ଫୋଡ଼ିବା, ଧନୁର୍ଗୁଣ ଦେବା, ସୂକ୍ଷ୍ମ ଦ୍ରବ୍ୟ, ଲକ୍ଷ୍ୟ, ଯୋଗ, ଧ୍ୟାନ, ସ୍ୱଳ୍ପତା ଏମାନଙ୍କର ଅଭିନୟରେ 'ସଂଯୁକ୍ତ କରଣ' କରଣୀୟ ।
। ୧୧୪-୧୧୫ ।

Digitized by srujanika@gmail.com

ପେଲବକ୍ରୁଷ୍ଟାସୂୟାସଦୋଷବଚନେ ଚ ବାମହସ୍ତେନ ।
କଣ୍ଠବ୍ରଦ୍ଧବର୍ତ୍ତିତାଗ୍ରଃ ପ୍ରଯୁଜ୍ୟତେ ପାର୍ଶ୍ୱସନ୍ଦଂଶଃ ॥ ୧୧୬ ॥

ଆଲେଖ୍ୟନେତ୍ରରଞ୍ଜନବର୍ତ୍ତିକାବୃନ୍ତପ୍ରବାଳରଚନଂ ଚ ।
ନିଷ୍ପୀଡ଼ନଂ ତଥାଲକ୍ତକସ୍ୟ କାର୍ଯଂ ଚ ନାଟ୍ୟଜ୍ଞୈଃ ॥ ୧୧୭ ॥

ସମାଗତାଗ୍ରାଃ ସହିତା ଯସ୍ୟାଙ୍ଗୁଲ୍ୟୋ ଭବନ୍ତି ହି ।
ଊର୍ଦ୍ଧ୍ୱା ହଂସମୁଖସ୍ୟୈବ ସ ଭବେନ୍ମୁକୁଳଃ କରଃ ॥ ୧୧୮ ॥

ଦେବାର୍ଚ୍ଚନବଳିକରଣେ ପଦ୍ମୋତ୍ପଳମୁକୁଳରୂପଣେ ଚୈବ ।
ବିଟଚୁମ୍ବନେ ଚ କାର୍ଯୋ ବିକୁତ୍ସିତେ ଚପଲକୀର୍ଣସ୍ଥ ॥ ୧୧୯ ॥

ଭୋଜନହିରଣ୍ୟଗଣନାମୁଖସଙ୍କୋଚପ୍ରଦାନଶୀଘ୍ରେଷୁ ।
ମୁକୁଳଡକୁସୁମେଷୁ ତଥା ତଜ୍ଜ୍ଞୈରେଷ ପ୍ରଯୋକ୍ତବ୍ୟଃ ॥ ୧୨୦ ॥

ପେଲବ (କୋମଳ ବସ୍ତୁ) କ୍ରୁଷ୍ଟା (ନିନ୍ଦା) ଅସୂୟା (ପରଗୁଣରେ ଦୋଷାନ୍ୱେଷଣ) ଓ ଦୋଷଯୁକ୍ତ ବାକ୍ୟର ଅଭିନୟରେ ବାମ ହସ୍ତରେ ପାର୍ଶ୍ୱ ଦେଶରେ ସଂଦଂଶ ରଚନା କରି ତାହାକୁ ଅଳ୍ପ ବିବର୍ତ୍ତିତ କରାଯାଏ । (ପେଲବ ସ୍ଥଳରେ ବେଲବ ପାଠକରି ଅଭିନବ ଗୁପ୍ତ ତାହାର ଅର୍ଥ 'ଅସାର' ବୋଲି ଲେଖିଅଛନ୍ତି) । । ୧୧୬ ।

ଏହାଦ୍ୱାରା ନାଟ୍ୟଗଣ ବର୍ତ୍ତିକ ଆଲେଖ୍ୟ (ଚିତ୍ରାଙ୍କନ), ନେତ୍ରରେ କଜ୍ଜଳ ଦେବା, ବସ୍ତ୍ର, ବୃନ୍ତ ଓ ପତ୍ରାବଳୀର (ଗଣ୍ଡସ୍ଥଳ ବାହୁ ପ୍ରଭୃତିରେ) ରଚନା ଓ ଅଳତା ଚିପୁଡ଼ିବା ପ୍ରଭୃତିର ଅଭିନୟ ସମ୍ପାଦିତ ହୁଏ । ୧୧୭ ।

ମୁକୁଳ — ହଂସାସ୍ୟର ରଚନା ପରେ ହସ୍ତର ସମସ୍ତ ଅଙ୍ଗୁଳି ବନ୍ଦ ଓ ପରସ୍ପର ସଂଲଗ୍ନ ତଥା ଅଗ୍ର ଭାଗରେ (ଟିପ ଅଂଶରେ) ମିଳିତ ହେଲେ ତାହାକୁ ମୁକୁଳ କହନ୍ତି । ୧୧୮ ।

ପ୍ରୟୋଗ — ଦେବତାର ଅର୍ଚ୍ଚନ, ପୂଜାଦ୍ରବ୍ୟ ସଜ୍ଜୀକରଣ, ପଦ୍ମ ଓ ଉତ୍ପଳର ଅଭିନୟ ପ୍ରଦର୍ଶନ, ବିଟ ପୁରୁଷର ଚୁମ୍ବନ (ବିଟ ପୁରୁଷମାନେ ନାୟିକା ଅଗ୍ରରେ ନିଜର ଅଭିପ୍ରାୟ ବ୍ୟକ୍ତ କରିବା ପାଇଁ ନିଜର ହାତରେ ମୁକୁଳ ମୁଦ୍ରା ଧାରଣ କରି ତାହାକୁ (ମୁକୁଳ ହସ୍ତକୁ) ଚୁମ୍ବନ କରିଥାନ୍ତି । ଏହାର ନାମ ବିଟ ଚୁମ୍ବନ) । ବିକୁତ୍ସିତ (ଅବମାନନା) ଇତସ୍ତତଃ ବିକ୍ଷିପ୍ତ ନାନା ଦ୍ରବ୍ୟ, ଭୋଜନ, ସ୍ୱର୍ଣାଦୋହର ପ୍ରଭୃତିର ଗଣନା, ମୁଖ ସଂକୋଚ, (କୌଣସି ବସ୍ତୁର) ପ୍ରଦାନ, ଚଞ୍ଚଳତା ଓ ବିକଚ ହୋଇଥିବା ଫୁଲ—ଏମାନଙ୍କର ଅଭିନୟରେ ମୁକୁଳ ହସ୍ତର ପ୍ରୟୋଗ କରାଯାଏ । ୧୧୯ ୧୨୦ ।

Digitized by srujanika@gmail.com

ପଦ୍ମକୋଶସ୍ୟ ହସ୍ତସ୍ୟ ହ୍ୟଙ୍ଗୁଲ୍ୟଃ କୁଞ୍ଚିତା ଯଦା ।
ଊର୍ଣ୍ଣନାଭଃ ସ ବିଜ୍ଞେୟଃ କେଶଚୌର୍ଯ୍ୟଗ୍ରହାଦିଷୁ ॥ ୧୨୧ ॥

କ୍ଷୀରଃ କଣ୍ଡୂୟନେ ଚୈବ କୁଷ୍ଠବ୍ୟାଧି ନିରୂପଣେ ।
ସିଂହବ୍ୟାଘ୍ରେଷ୍ୱଭିନୟଃ ପ୍ରସ୍ତରଗ୍ରହଣେ ତଥା ॥ ୧୨୨ ॥

ମଧ୍ୟମାଙ୍ଗୁଷ୍ଠସନ୍ଦଂଶୋ ବକ୍ରା ଚୈବ ପ୍ରଦେଶିନୀ ।
ଶେଷେ ତଲସ୍ଥେ କର୍ତ୍ତବ୍ୟେ ତାମ୍ରଚୂଡକରେଽଙ୍ଗୁଳୀ ॥ ୧୨୩ ॥

ବିଚ୍ୟୁତସ୍ତୁ ସନ୍ଦେଶ୍ତ କାର୍ଯ୍ୟୋ ନିର୍ଭର୍ତ୍ସନାଦିଷୁ ।
ତାଳେ ବିଶ୍ୱାସନେ ଚୈବ ଶୀଘ୍ରାର୍ଥେ ସଞ୍ଜ୍ଞିତେଷୁ ଚ ॥ ୧୨୪ ॥

[ତଥା କଳାସୁ କାଷ୍ଠାସୁ ନିମେଷେ ତୁ କ୍ଷଣେ ତଥା ।
ଏଷ ଏବ କରଃ କାର୍ଯ୍ୟୋ ବାଲାଲାପନମନ୍ତ୍ରଣେ] ॥ ୧୨୫ ॥

ଊର୍ଣ୍ଣନାଭ — ପଦ୍ମକୋଶ ହସ୍ତର ଅଙ୍ଗୁଳି ଗୁଡ଼ିକ କୁଞ୍ଚିତ ହେଲେ ତାହାକୁ ଊର୍ଣ୍ଣନାଭ ହସ୍ତ କହନ୍ତି । ପ୍ରୟୋଗ — କେଶକୁ ଗୋଟାଇ ଧରିବା, ପର ଦେଖିବା ଭୟରେ ନିଜର ଶ୍ରେଷ୍ଠ ପଣିଆ ହେତୁ କୌଣସି ପଦାର୍ଥ ନେଇଯିବା, ମୁଣ୍ଡ କୁଣ୍ଡାଇବା, କୁଷ୍ଠବ୍ୟାଧି ଗ୍ରସ୍ତତା, ସିଂହ, ବ୍ୟାଘ୍ର ଏମାନଙ୍କ ଅଭିନୟରେ ଊର୍ଣ୍ଣନାଭ ହସ୍ତ ପ୍ରଯୁକ୍ତ ହୁଏ । ୧୨୧-୧୨୨ ।

ତାମ୍ରଚୂଡ — ଏହି ମୁଦ୍ରାରେ ମଝି ଆଙ୍ଗୁଠି ଓ ବୁଢ଼ା ଆଙ୍ଗୁଠିର ଅଗ୍ରଭାଗ ମିଳିତ ହୁଏ । ତର୍ଜନୀ ବକ୍ରତା ଅବଲମ୍ବନ କରେ ଓ ଅନ୍ୟ ଆଙ୍ଗୁଠି ଯୋଡ଼ିକ କରତଳ ମଧ୍ୟରେ ରହେ । (କୁକୁଡ଼ାର ଆକାର ପରି ହୋଇଥିବାରୁ ଏହାର ନାମ ତାମ୍ରଚୂଡ଼) । ୧୨୩ ।

ପ୍ରୟୋଗ — ନିର୍ଭର୍ତ୍ସନ (ଗାଳିଦେବା ଧିକ୍କାର କରିବା) ବେଳେ, ଗୀତ ବୋଲିବା ବେଳେ, 'ତାଳ' ଦେବାରେ, ବିଶ୍ୱାସ ଜାତ କରାଇବାରେ, ଶୀଘ୍ରତାର ସୂଚନାରେ, ପିଲା ପ୍ରଭୃତିଙ୍କୁ ଠାରି ଡାକିବାରେ ଏହି ମୁଦ୍ରାକୁ ଶବ୍ଦସହକାରେ ବିଚ୍ୟୁତ କରିବ । ୧୨୪ ।

ଆହୁରି ମଧ୍ୟ କଳା, କାଷ୍ଠା, ନିମେଷ, କ୍ଷଣ, ପ୍ରଭୃତି ସମୟ ପରିମାଣର ଜ୍ଞାପନରେ ତଥା ପିଲାଙ୍କ ସହିତ (ଅନ୍ୟ ପକ୍ଷେ ଅଳ୍ପ ବୟସ୍କା ଯୁବତୀ ସହିତ) କଥୋପକଥନରେ ଓ ନିମନ୍ତ୍ରଣରେ ଏହା ପ୍ରଯୁକ୍ତ ହୁଏ । ୧୨୫ ।

Digitized by srujanika@gmail.com

ଅଥବା—

ଅଙ୍ଗୁଲ୍ୟଃ ସଂଯୁତା ବଦ୍ଧା ଉପର୍ଯଙ୍ଗୁଷ୍ଠପୀଡ଼ିତାଃ ।
ପ୍ରସାରିତା କନିଷ୍ଠା ଚ ତାମ୍ରଚୂଡ଼କରଃ ସ୍ମୃତଃ ॥ ୧୨୬ ॥
ଶତଂ ସହସ୍ରଂ ଲକ୍ଷଂ ଚ କନକଂ ଚାପି ଦର୍ଶୟେତ୍ ।
କ୍ଷିପ୍ରମୁକ୍ତାଙ୍ଗୁଲୀଭିସ୍ତୁ ସ୍ଫୁଲିଙ୍ଗାନ୍‌ବିପ୍ରୁଷସ୍ତଥା ॥ ୧୨୭ ॥ ଇତି ।
ଅସଂଯୁତାଃ କରାଃ ହ୍ୟେତେ ମୟା ପ୍ରୋକ୍ତା ଦ୍ୱିଜୋତ୍ତମାଃ ।

(ଅଥ ସଂଯୁତହସ୍ତାଃ)

ଅତଶ୍ଚ ସଂଯୁତାନ୍ ହସ୍ତାନ୍ ଗଦତୋ ମେ ନିବୋଧତ ॥ ୧୨୮ ॥
ପତାକାଭ୍ୟାଂ ତୁ ହସ୍ତାଭ୍ୟାଂ ସଂଶ୍ଳେଷାଦଞ୍ଜଲିଃ ସ୍ମୃତଃ ।
ଦେବତାନାଂ ଗୁରୂଣାଂ ଚ ମିତ୍ରାଣାଂ ଚାଭିବାଦନେ ॥ ୧୨୯ ॥

ଅନ୍ୟ ପ୍ରକାରେ ତାମ୍ରଚୂଡ଼ ହସ୍ତ — ଏହି ମୁଦ୍ରାରେ କାଣିଆଙ୍ଗୁଠି ପ୍ରସାରିତ ହୁଏ । ମଧ୍ୟବର୍ତ୍ତୀ ଅଙ୍ଗୁଳି ଗୁଡ଼ିକ ଲଗି ଲଗି ବନ୍ଧ ହୋଇ ରହେ, ବୁଢ଼ା ଆଙ୍ଗୁଠି ଏମାନଙ୍କ ଉପରେ ଚାପି ହୋଇ ରହେ । ୧୨୬ ।

ପ୍ରୟୋଗ — ଶତ, ସହସ୍ର, ଲକ୍ଷ ପ୍ରଭୃତି ସଂଖ୍ୟା ବାଚକ ପଦ ଦ୍ୱାରା ସ୍ୱର୍ଣ୍ଣ (ମୁଦ୍ରା) ପରିମାଣ ବୁଝାଇବାକୁ ଏହା ପ୍ରଯୁକ୍ତ ହୁଏ । ଅଗ୍ନିକଣା ଓ ଜଳବିନ୍ଦୁର ଅଭିନୟରେ ଏହି ହସ୍ତର ଅଙ୍ଗୁଳିମାନ ଶୀଘ୍ର ଶୀଘ୍ର ମୁକ୍ତ କରାଯାଏ (ମେଲେଇ ଦିଆଯାଏ) । ୧୨୭ ।

ଏହି ଗୁଡ଼ିକ ଅସଂଯୁତ ହସ୍ତମୁଦ୍ରା (ଏକ ହାତର ମୁଦ୍ରା) କୁହାଗଲା

ସଂଯୁତ ହସ୍ତ ମୁଦ୍ରା

ଏହା ପରେ ସଂଯୁତ ହସ୍ତ (ଦୁଇ ହାତର ଯୋଗରେ କୃତ ହସ୍ତମୁଦ୍ରା) ବିଷୟରେ କହୁଅଛି, ତୁମ୍ଭେମାନେ ଶୁଣ । ୧୨୮ ।

ଅଞ୍ଜଳି — ଦୁଇଟିଯାକ ହସ୍ତରେ ପତାକାମୁଦ୍ରା ଧାରଣ କରି ଉଭୟ ହସ୍ତକୁ ମିଶାଇ ଦେଲେ (ଯୋଡ଼ିଦେଲେ) ତାହାର ନାମ ଅଞ୍ଜଳି ହୁଏ ।

ପ୍ରୟୋଗ — ଦେବତା, ଗୁରୁ ଓ ମିତ୍ରଙ୍କୁ ଅଭିବାଦନ କଲାବେଳେ ଏହା ପ୍ରଯୋଜ୍ୟ । ୧୨୯ ।

Digitized by srujanika@gmail.com

(ସ୍ଥାନାନ୍ୟସ୍ୟ ପୁନସ୍ତ୍ରୀଣି ବକ୍ଷୋ ବକ୍ତ୍ରଂ ଶିରସ୍ତଥା) ।
ଦେବତାନାଂ ଶିରଃସ୍ଥନ୍ତୁ ଗୁରୂଣାମାସ୍ୟସଂସ୍ଥିତଃ ॥ ୧୩୦ ॥
ବକ୍ଷଃସ୍ଥଶ୍ଚୈବ ମିତ୍ରାଣାଂ ସ୍ତ୍ରୀଣାମନିୟତୋ ଭବେତ୍ ।
ତଳାଭ୍ୟାମପି ହସ୍ତାଭ୍ୟାମନ୍ୟୋନ୍ୟଂ ପାର୍ଶ୍ୱସଂଗ୍ରହାତ୍ ॥ ୧୩୧ ॥
ହସ୍ତଃ କପୋତକୋ ନାମ କର୍ମ ଚାସ୍ୟ ନିବୋଧତ ।
ଏଷ ବିନୟାଭ୍ୟୁପଗମେ ପ୍ରଣାମକରଣେ ଗୁରୋଶ୍ଚ ସମ୍ଭାଷେ ॥୧୩୨॥
ଶୀତେ ଭୟେ ଚ କାର୍ଯ୍ୟୋ ବକ୍ଷଃସ୍ଥଃ କମ୍ପିତଃ ସ୍ତ୍ରୀଭିଃ ।
ଅୟମେବାଙ୍ଗୁଳିପରିଘୃଷ୍ଟ୍ୟମାଣମୁକ୍ତସ୍ତୁ ଖିନ୍ନବାକ୍ୟେଷୁ ॥୧୩୩॥
ଏତାବଦେତ ଚ କାର୍ଯ୍ୟୋ ନେଦାନୀଂ କୃତ୍ୟମିତି ଚାର୍ଥେ ।
ଅଙ୍ଗୁଲ୍ୟୋ ଯସ୍ୟ ହସ୍ତସ୍ୟ ହ୍ୟନ୍ୟୋନ୍ୟାନ୍ତରନିଃସୃତାଃ ॥ ୧୩୪ ॥
ସ କର୍କଟ ଇତି ଜ୍ଞେୟଃ କରଃ କର୍ମ ଚ ବକ୍ଷ୍ୟତେ ।

ଦେବତା ଅଭିବାଦନରେ ଏହାକୁ ମସ୍ତକରେ, ଗୁରୁଙ୍କ ଅଭିବାଦନରେ ମୁଖ ନିକଟରେ ଓ ମିତ୍ରଙ୍କୁ ଅଭିବାଦନରେ ବକ୍ଷସ୍ଥଳରେ ଏହାର ଧାରଣ କରାଯାଏ । ସ୍ତ୍ରୀ ମାନଙ୍କର ଅଭିବାଦନରେ ସେପରି ନିର୍ଦ୍ଦିଷ୍ଟ ନିୟମ ନାହିଁ । ଅର୍ଥାତ୍ ସ୍ତ୍ରୀ ମାନେ ବା ସ୍ତ୍ରୀନ-ଜନ ମାନେ ଅଭିବାଦନ କଲାବେଳେ ସ୍ଥାନ ନିୟମ ମାନନ୍ତି ନାହିଁ । ୧୩୦୧ ।

କପୋତ— ଦୁଇଟିଯାକ ହସ୍ତ (କରତଳ) ପରସ୍ପରର ପାର୍ଶ୍ୱଦେଶରେ ମିଳିତ ହେଲେ ତାହାର ନାମ କପୋତ । ୧୩୧୧ ।

ପ୍ରୟୋଗ—ଏହା ଶିକ୍ଷାଗ୍ରହଣ, ପ୍ରଣାମ କରଣ, ଗୁରୁଙ୍କ ସହ କଥୋପକଥନ, ଶୀତ ଓ ଭୟର ଅଭିନୟରେ ପ୍ରଯୁକ୍ତ ହୁଏ । ସ୍ତ୍ରୀମାନେ ଏହି ମୁଦ୍ରାକୁ ସେମାନଙ୍କର ବକ୍ଷସ୍ଥଳରେ ଧାରଣ କରିବେ । (ଶୀତ ଓ ଭୟସ୍ଥଳରେ) ଏହା କମ୍ପିତ ହୁଏ । (ଏହାର ଅପର ନାମ କମ୍ପିତ) ଚିନ୍ତାଯୁକ୍ତ ବାକ୍ୟ ପ୍ରୟୋଗର ଅଭିନୟରେ ଏହି ମୁଦ୍ରାର ଅଙ୍ଗୁଳି ଗୁଡ଼ିକ ପରସ୍ପର ଘର୍ଷିତ ହୁଅନ୍ତି ଏଠାକରେ ଥାଉ, ଆଉ ଏବେ କିଛି କରିବାର ନାହିଁ ଇତ୍ୟାଦି ଭାବ ପ୍ରକାଶ ସ୍ଥଳରେ ମଧ୍ୟ ଏହି ମୁଦ୍ରା ବ୍ୟବହୃତ ହୁଏ । ୧୩୨-୧୩୩୧ ।

କର୍କଟ— ଯେଉଁ ମୁଦ୍ରାରେ ଦୁଇ ହାତର ଆଙ୍ଗୁଠି ଗୁଡ଼ିକ ପରସ୍ପରର ମଧ୍ୟ ଫାଙ୍କ ବାଟେ ପଦାକୁ ବାହାରିଥାନ୍ତି, ତାହାର ନାମ କର୍କଟ ।
। ୧୩୪୧ ।

Digitized by srujanika@gmail.com

ଏଷ ମଦନାଙ୍ଗମର୍ଦେ ସୁପ୍ତୋତ୍ଥିତଜୃମ୍ଭଣେ ବୃଦ୍ଧଦେହେ ॥ ୧୩୪ ॥
ହନୁଧାରଣେ ଚ ଯୋଜ୍ୟଃ ଶଙ୍ଖଗ୍ରହଣେଽର୍ଥତତ୍ତ୍ୱଜ୍ଞୈଃ ।
ମଣିବନ୍ଧନବିନ୍ୟସ୍ତାବରାଳୌ ସ୍ତ୍ରୀପ୍ରୟୋଜିତୌ ॥ ୧୩୫ ॥
ଉତ୍ତାନୌ ବାମପାର୍ଶ୍ୱସ୍ଥୌ ସ୍ୱସ୍ତିକଃ ପରିକୀର୍ତ୍ତିତଃ ।
ସ୍ୱସ୍ତିକବିଚ୍ୟୁତକରଣାଦ୍ଦିଶୋ ଘନାଃ ଖଂ ବନଂ ସମୁଦ୍ରାଶ୍ଚ ॥ ୧୩୬ ॥
ଋତବୋ ମହୀ ତଥୌଘଂ ବିସ୍ତୀର୍ଣ୍ଣଂ ଚାଭିନେୟଂ ସ୍ୟାତ୍ ।
ଖଟ୍ୱକଃ ଖଟକେ ନ୍ୟସ୍ତଃ ଖଟକାବର୍ଦ୍ଧମାନକଃ ॥ ୧୩୮ ॥
ଶୃଙ୍ଗାରାର୍ଥେଷୁ ଯୋକ୍ତବ୍ୟଃ ପ୍ରଣାମକରଣେ ତଥା ।
[ଅନ୍ୟେ—

କୁମୁଦୋତ୍ପଲପଦ୍ମେଷୁ କର୍ତ୍ତବ୍ୟଃ ଛତ୍ରଧାରଣେ । ଇତି] ॥ ୧୩୯ ॥

ପ୍ରୟୋଗ— କାମଜନିତ ଅଙ୍ଗମୋଟନ (ଭିଡ଼ମୋଡ଼ି ହେବା) ଶୋଇ ପଡ଼ିଲା ପରେ ହାଇମାରିବା ବା ଯେ କୌଣସି ଅବସ୍ଥାରେ ହାଇମାରିବା ଶରୀରର ସ୍ଥୂଳତାକୁ ସୂଚାଇବା, ହନୁ ଧାରଣ କରିବା, ଶଙ୍ଖବଜାଇବାକୁ ଧରିବା ଏହି ସବୁ ସ୍ଥଳରେ ଏହା ପ୍ରଯୁକ୍ତ ହୁଏ । (ଇଂରାଜୀ ଅନୁବାଦରେ କାମଜନିତ ପରିବର୍ତ୍ତେ ମଧୁଫେଣା ସୂଚାଇବା) । ୧୩୪ ।

ସ୍ୱସ୍ତିକ— ଦୁଇହସ୍ତରେ ଅରାଳ ମୁଦ୍ରା ଧାରଣ କରି ଉଭୟ ହସ୍ତକୁ ଚିତ୍‌କରି ବାମପାଖରେ ମଣିବନ୍ଧଠାରେ ଉଭୟଙ୍କୁ ସଂଯୁକ୍ତ କଲେ ସ୍ୱସ୍ତିକ ମୁଦ୍ରା ସଂପନ୍ନ ହୁଏ । ଏହା ସାଧାରଣତଃ ସ୍ତ୍ରୀମାନଙ୍କ ଦ୍ୱାରା ପ୍ରଯୁକ୍ତ ହୁଏ । ୧୩୫ ।

ପ୍ରୟୋଗ— ସ୍ୱସ୍ତିକ ହସ୍ତଦ୍ୱୟକୁ ପରସ୍ପରଠାରୁ ପୃଥକ୍ କରି ପଦାର୍ଥ ଦିଗମାନ, ମେଘ, ଆକାଶ, ବଣ, ସମୁଦ୍ର, ଋତୁ ସମୂହ, ପୃଥିବୀ ଓ ତତ୍‌ସଦୃଶ ଅନ୍ୟ ବିଶାଳ ଦ୍ରବ୍ୟ ସମୂହ ଅଭିନୀତ ହୁଏ । ୧୩୬ ।

ଖଟକାବର୍ଦ୍ଧମାନକ— ଗୋଟିଏ ଖଟକା ମୁଖ ହସ୍ତ ଉପରେ ଅନ୍ୟ ଗୋଟିଏ ଖଟକା ବର୍ଦ୍ଧମାନକ ହସ୍ତର (ମଣିବନ୍ଧ ଦେଶରେ) ସଂଯୋଗ ହେଲେ ତାହାର ନାମ ଖଟକା ବର୍ଦ୍ଧମାନକ ହୁଏ । ୧୩୮ ।

ପ୍ରୟୋଗ— ଶୃଙ୍ଗାର ସମ୍ବନ୍ଧୀୟ କାର୍ଯ୍ୟର (ତାମ୍ବୁଳ ଦ୍ରବ୍ୟ ଗ୍ରହଣ ଓ ଦାନ ଇତ୍ୟାଦି) ଅଭିନୟରେ ଏବଂ ପ୍ରଣାମ କ୍ରିୟାରେ ପ୍ରଯୁକ୍ତ ହୋଇଥାଏ । କାହାରି କାହାରି ମତରେ, କଇଁ ବା ପଦ୍ମଫୁଲର ଡେମ୍ପ ଧରିବାବେଳେ ଓ ଛତ୍ରଧାରଣ କାଳରେ ଏହା ପ୍ରଯୁକ୍ତ ହୁଏ । (ଏହା ଅନ୍ୟତ୍ର କଟକାମୁଖ ନାମରେ ଉକ୍ତ ହୋଇଛି)। ୧୩୯ ।

Digitized by srujanika@gmail.com

ଅରାଳୌ ତୁ ବିପର୍ଯ୍ୟସ୍ତାବୁତ୍ତାନୌ ବର୍ଦ୍ଧମାନକୌ ।
ଉତ୍ସଙ୍ଗ ଇତି ବିଜ୍ଞେୟଃ ସ୍ପର୍ଶସ୍ୟ ଗ୍ରହଣେ କରଃ ॥ ୧୪୦ ॥
ସନ୍ନିବେଷକୃତେ ଚୈବ ରୋଷାମର୍ଷକୃତେଽପି ଚ ।
ନିଷ୍ପୀଡ଼ିତଃ ପୁନଶ୍ଚୈବ ସ୍ତ୍ରୀଣାମୀର୍ଷ୍ୟାକୃତେ ଭବେତ୍ ॥ ୧୪୧ ॥
ମୁକୁଳଂ ତୁ ଯଦା ହସ୍ତଂ କପିତ୍ଥଃ ପରିବେଷ୍ଟୟେତ୍ ।
ସ ମନ୍ତବ୍ୟସ୍ତଦା ହସ୍ତୋ ନିଷଧୋ ନାମ ନାମତଃ ॥ ୧୪୨ ॥
ସଂଗ୍ରହପରିଗ୍ରହୌ ଧାରଣଂ ଚ ସମୟସ୍ୟ ସତ୍ୟବଚନଂ ଚ ।
ସଂକ୍ଷେପଃ ସଂକ୍ଷିପ୍ତଂ ନିପୀଡ଼ିତେନାଭିନେତବ୍ୟମ୍ ॥ ୧୪୩ ॥
[ଶିଖରସ୍ତୁ ଯଦା ହସ୍ତୋ ମୃଗଶୀର୍ଷେଣ ପୀଡ଼ିତଃ ।
ନିଷଧୋ ନାମ ବିଜ୍ଞେୟଃ ସ ଭାପ୍ୟର୍ଥେ ବିଧୀୟତେ ॥ ୧୪୪ ॥
ଗୃହୀତ୍ୱା ବାମହସ୍ତେନ କୂର୍ପରାଭ୍ୟନ୍ତରେ ଭୁଜମ୍ ।
ଦକ୍ଷିଣଂ ତୃପି ବାମସ୍ୟ କୂର୍ପରାଭ୍ୟନ୍ତରେ ନ୍ୟସେତ୍ ॥ ୧୪୫ ॥
ସ ତୃପି ଦକ୍ଷିଣୋ ହସ୍ତଃ ସମ୍ୟଙ୍ମୁଷ୍ଟିକୃତୋ ଭବେତ୍ ।
ଇତ୍ୟେଷ ନିଷଧୋ ହସ୍ତଃ କର୍ମ ଗୃହ୍ୟ ନିବୋଧତ ॥ ୧୪୬ ॥

ଉତ୍ସଙ୍ଗ— ଅରାଳ ମୁଦ୍ରା ବିଶିଷ୍ଟ ହସ୍ତଦ୍ୱୟ ବିପର୍ଯ୍ୟସ୍ତ (ଓଲଟ ପାଲଟ ଭାବେ ସ୍ଥାପିତ) ଓ ଉତ୍ତାନ (ଚିତ) ଓ ଅବନତ ହେଲେ ତାହାର ନାମ ଉତ୍ସଙ୍ଗ ହୁଏ । ୧୪୦ ।

ପ୍ରୟୋଗ— ଏହା ସ୍ପର୍ଶର ଅଭିନୟରେ ପ୍ରଯୁକ୍ତ ହୋଇଥାଏ । ଅଙ୍ଗୁରୀ ମଧ୍ୟ ଅତି ଯତ୍ନ ସହକାରେ ଯାହା କରଣୀୟ, ରୋଗଓ ଅମର୍ଷ ହେତୁ ଯାହା କରାଯାଏ ଏବଂ କୌଣସି ପଦାର୍ଥକୁ ନିଷ୍ପୀଡ଼ିତ କରିବା (ଚିପୁଡ଼ିବା) ସ୍ତ୍ରୀମାନଙ୍କର ଇର୍ଷା ହେତୁ କୃତ କିମ୍ବା ଏହି ସବୁର ଅଭିନୟରେ ଏହାର (ଉତ୍ସଙ୍ଗର) ପ୍ରୟୋଗ ହୋଇଥାଏ । ୧୪୧ ।

ନିଷଧ— ମୁକୁଳ ହସ୍ତ କପିତ୍ଥ ହସ୍ତ ଦ୍ୱାରା ପରିବେଷ୍ଟିତ ହେଲେ ତାହାକୁ ନିଷଧ କହନ୍ତି । ୧୪୨ ।

ଅନ୍ୟ ମତରେ ନିଷଧ— ବାଆଁ ହାତର କହୁଣୀ ସନ୍ଧି ବାଟେ ଡାହାଣ ହାତ ବାହୁକୁ ଧରି ବାଆଁ ହାତ କହୁଣୀ ସନ୍ଧିବାଟେ ଡାହାଣ ହାତକୁ ପୂରାଇ ବାମ ବାହୁ ପାଖରେ ତାହାକୁ (ଡ଼ାହାଣ ହାତକୁ) ମୁଠାକଲେ ତାହାର ନାମ ନିଷଧ ହୁଏ । ୧୪୩-୧୪୬ ।

Digitized by srujanika@gmail.com

ଏତେନଧୈର୍ଯ୍ୟମଦଗର୍ବସୌଷ୍ଠବୌଦ୍ଧତ୍ୟବିକ୍ରମାଟୋପାଃ ।
ଅଭିମାନାବଷ୍ଟମ୍ଭସ୍ତମ୍ଭସ୍ଥୈର୍ଯ୍ୟାଦୟଃ କାର୍ଯ୍ୟାଃ ॥ ୧୪୭ ॥

ଅଥବା—

ଜ୍ଞେୟୋ ବୈ ନିଷଧୋ ନାମ ହଂସପକ୍ଷୌ ପରାଙ୍ମୁଖୌ ।
ଜଲବାଦ୍ୟାଦ୍ୟନାଦ୍ୟାନାଂ ପ୍ରୟୋକ୍ତବ୍ୟୋଽଭିଘଟ୍ଟନେ ॥ ୧୪୮ ॥
ଅଂସୌ ପ୍ରଶିଥିଲୌ ମୁକ୍ତୌ ପତାକୌ ତୁ ପ୍ରଲମ୍ବିତୌ ।
ଯଦା ଭବେତାଂ କରଣେ ସ ଦୋଲ ଇତି ସଂଜ୍ଞିତଃ ॥ ୧୪୯ ॥
ସମ୍ଭ୍ରମବିଷାଦମୂର୍ଚ୍ଛିତମଦାଭିଘାତେ ତଥୈବ ଗୃବେଗେ ।
ବ୍ୟାଧିଗ୍ଲାନିତେ ଚ ଶସ୍ତ୍ରକ୍ଷତେ ଚ କାର୍ଯ୍ୟୋଽଭିନୟ-ଯୋଗଃ ॥ ୧୫୦ ॥
ଯସ୍ତୁ ସର୍ପଶିରାଃ ପ୍ରୋକ୍ତସ୍ତସ୍ୟାଙ୍ଗୁଲିନିରନ୍ତରଃ ।
ଦ୍ୱିତୀୟଃ ପାର୍ଶ୍ୱସଂଶ୍ଳିଷ୍ଟଃ ସ ତୁ ପୁଷ୍ପପୁଟଃ ସ୍ମୃତଃ ॥ ୧୫୧ ॥

ଏହାର ପ୍ରୟୋଗ —ଧୈର୍ଯ୍ୟ ମଦ (ନିଶା) ଗର୍ବ, ସୌଷ୍ଠବ, ଔଦ୍ଧତ୍ୟ, ବିକ୍ରମ, ଆଟୋପ, (ଆଡମ୍ବର) ଅଭିମାନ, ଅବଷ୍ଟମ୍ଭ (ଔଦ୍ଧତ୍ୟ ବା ଅହଙ୍କାର) ସ୍ତମ୍ଭ (ଗତିଶୂନ୍ୟତା ବା ଅଚଳ ହୋଇ ରହିଯିବା) ସ୍ଥିରତା ପ୍ରଭୃତିର ଅଭିନୟ ଏହା ଦ୍ୱାରା କରାଯାଇଥାଏ । ୧୪୭ ।

ଅନ୍ୟପକ୍ଷେ — ଦୁଇ ହସ୍ତରେ ହଂସପକ୍ଷ ମୁଦ୍ରା ଧାରଣ କରି ତାହାକୁ ପରାଙ୍ମୁଖ (ବିପରୀତମୁଖୀ) କଲେ ତାହାର ନାମ ନିଷଧ ହୁଏ । ଏହା ଝରଣା ପ୍ରଭୃତି ବନ୍ଦ କରିବା ଅଭିନୟରେ ବ୍ୟବହୃତ ହୁଏ । ୧୪୮ ।

ଦୋଲ — ହସ୍ତ ଦ୍ୱୟରେ ପତାକା ମୁଦ୍ରା ଧାରଣ କରି ତାହାକୁ ଲମ୍ବାଇ ରଖି ଦୁଇ ପାଖ କାନ୍ଧକୁ ଶିଥିଳ (କୋହଳ) କଲେ ଯେଉଁ କରଣ ସମ୍ପନ୍ନ ହୁଏ ତାହାର ନାମ 'ଦୋଳ' । ୧୪୯ ।

ପ୍ରୟୋଗ — ଏହା ସଂଭ୍ରମ (ଅତ୍ୟବ୍ୟସ୍ତ ଭାବ) ବିଷାଦ, ମୂର୍ଚ୍ଛା, ମଦ (ନିଶା) ଅଭିଘାତ (ଅଗ୍ନି ପ୍ରଭୃତିରୁ ହଠାତ୍ ବାଧା ଜାତ ହେବା) ଆବେଗ, ରୋଗାଦି ଜନିତ ପୀଡ଼ା, ଶସ୍ତ୍ରାଘାତ ପ୍ରଭୃତିର ଅଭିନୟରେ ପ୍ରଯୁକ୍ତ ହୁଏ । ୧୫୦ ।

ପୁଷ୍ପପୁଟ— ଦୁଇ ହାତରେ ସର୍ପଶୀର୍ଷ ମୁଦ୍ରା' ଧାରଣ କରି ଆଙ୍ଗୁଠି ଗୁଡ଼ିକୁ ଲଗାଲଗି କରି ରଖି ଗୋଟିଏ ହାତ କଡ଼ରେ ମିଶାଇ ଅନ୍ୟ ହାତଟିକୁ ରଖିଲେ ପୁଷ୍ପପୁଟ ମୁଦ୍ରା ହୁଏ । ୧୫୧ ।

Digitized by srujanika@gmail.com

ଧାନ୍ୟଫଳପୁଷ୍ପସଦୃଶାନ୍ୟନେନ ନାନାବିଧାନି ଯୁକ୍ତାନି ।
ଗ୍ରାହ୍ୟାଣ୍ୟର୍ପନେୟାନି ଚ ତୋୟାନୟନାପନୟନେ ଚ ॥ ୧୫୨ ॥
ପତାକୌ ତୁ ଯଦା ହସ୍ତାବୂର୍ଦ୍ଧ୍ୱାଙ୍ଗୁଷ୍ଠାବଧୋମୁଖୌ ।
ଉପର୍ଯ୍ୟୁପରି ଵିନ୍ୟସ୍ତୌ ତଦାସୌ ମକରଃ ସ୍ମୃତଃ ॥ ୧୫୩ ॥
ସିଂହବ୍ୟାଳଦ୍ୱୀପିପ୍ରଦର୍ଶନଂ ନକ୍ରମକରମତ୍ସ୍ୟାନାମ୍ ।
ଯେ କ୍ରୂରେ ନ ବ୍ୟାଦା ଅଭିନେୟାସ୍ତେଽର୍ଥଯୋଗେନ ॥ ୧୫୪ ॥
କୂର୍ପରାଂସୋଚ୍ଚିତୌ ହସ୍ତୌ ଯଦାସ୍ତାଂ ସର୍ପଶୀର୍ଷକୌ ।
ଗଜଦନ୍ତଃ ସ ତୁ କରଃ କର୍ମ ତ୍ୱସ୍ୟ ନିବୋଧତ ॥ ୧୫୫ ॥
ଏଷ ଚ ବଧୂବରାଣାମୁଦ୍ୱାହେ ଭୂତଭାରଯୋଗେ ଚ ।
ସ୍ତମ୍ଭଗ୍ରହଣେ ଚ ତଥା ଶୈଳଶିଳୋତ୍ପାଟନେ ଚୈବ ॥ ୧୫୬ ॥

ପ୍ରୟୋଗ — ଧାନ, ଫୁଲ, ଫଳ ବା ତତ୍ସଦୃଶ ବସ୍ତୁ ସମୂହର ଗ୍ରହଣ ବା ଅର୍ପଣ ଓ ଜଳ ଆଣିବା ବା ଜଳକୁ ବୋହି ଦେବା ପ୍ରଭୃତିର ଅଭିନୟରେ ଏହା ପ୍ରଯୁକ୍ତ ହୁଏ । ୧୫୨ ।

ମକର — ଦୁଇଟିଯାକ ହସ୍ତରେ ପତାକା ମୁଦ୍ରା ଧାରଣ କରିବ । ପରେ ବୁଢ଼ାଆଙ୍ଗୁଠି ଦୁଇଟିକୁ ଉପରକୁ ସଳଖ ଭାବେ ଉଠାଇ ପୁଣି ତାହାକୁ ତଳମୁହାଁ କରି ଗୋଟିକ ଉପରେ ଆରଟି ସ୍ଥାପନ କଲେ ତାହାର ନାମ ମକର ହୁଏ । ୧୫୩ ।

ପ୍ରୟୋଗ — ଏହାଦ୍ୱାରା ସିଂହ, ବ୍ୟାଘ୍ର, ହସ୍ତି, (ଅନ୍ୟମତରେ ଚିତାବାଘ) କୁମ୍ଭୀର, ମକର ଓ ମତ୍ସ୍ୟର ଅଭିନୟ ଓ ମାଂସାଶୀ ପ୍ରାଣୀର ଅଭିନୟ କରାଯାଏ । ୧୫୪ ।

ଗଜଦନ୍ତ — ଉଭୟ ହସ୍ତରେ ସର୍ପଶୀର୍ଷ ମୁଦ୍ରା ଧାରଣ କରି ବାମ ବାହୁକୁ (କହୁଣୀ ଓ କାନ୍ଧର ମଧ୍ୟସ୍ଥଳକୁ) ଦକ୍ଷିଣ ସର୍ପଶୀର୍ଷ କରଦ୍ୱାରା ସ୍ପର୍ଶ କଲେ ଓ ସେହିପରି ଦକ୍ଷିଣ ବାହୁର ପ୍ରୋକ୍ତ ଅଂଶକୁ ବାମ ସର୍ପଶୀର୍ଷ କର ଦ୍ୱାରା ସ୍ପର୍ଶ କଲେ ଗଜଦନ୍ତ କର ହୁଏ । ୧୫୫ ।

ପ୍ରୟୋଗ — ଏହା ବଧୂବରଙ୍କ ବିବାହରେ ଓ ଅତି ଭାରବିଶିଷ୍ଟ ପଦାର୍ଥ ନେବାରେ, ସ୍ତମ୍ଭ ଉଠାଇବାରେ ଓ ବଡ଼ ପଥର ବା ପର୍ବତ ଉଠାଇବା ଅଭିନୟରେ ପ୍ରଯୁକ୍ତ ହୁଏ । ୧୫୬ ।

Digitized by srujanika@gmail.com

ଶୁକତୁଣ୍ଡୌ କରୌ କୃତ୍ୱା ବକ୍ଷସ୍ୟଭିମୁଖାଞ୍ଚିତୌ ।
ଶନୈରଧୋମୁଖାବଦ୍ଧୌ ସୋଽବହିତ୍ଥ ଇତି ସ୍ମୃତଃ ॥ ୧୫୭ ॥
ଦୌର୍ବଲ୍ୟେ ନିଃଶ୍ୱସିତେ ଗାତ୍ରାଣାଂ ଦର୍ଶନେ ତନୁତ୍ୱେ ଚ ।
ଉତ୍କଣ୍ଠିତେ ଚ ତଜ୍ଜ୍ଞୈରଭିନୟଯୋଗସ୍ତୁ କର୍ତ୍ତବ୍ୟଃ ॥ ୧୫୮ ॥
ଜ୍ଞେୟୌ ତୌ ବର୍ଦ୍ଧମାନସ୍ତୁ ହଂସପକ୍ଷୌ ପରାଙ୍ମୁଖୌ ।
ଜାଲବାତାୟନାଦୀନାଂ ପ୍ରୟୋକ୍ତବ୍ୟୌ ବିଘାଟନେ ॥ ୧୫୯ ॥
[ସଙ୍ଗ୍ରହପରିଗ୍ରହୋଦ୍ଧାରଣଂ ଚ ସମୟଂ ଚ ସତ୍ୟବଚନଂ ଚ ।
ସଂକ୍ଷେପଃ ସଂକ୍ଷିପ୍ତଂ ନିପୀଡ଼ନେନାଭିନେତବ୍ୟମ୍] ॥ ୧୬୦ ।
ଉକ୍ତା ହ୍ୟେତେ ଦ୍ୱିବିଧାସ୍ତ୍ୱସଂଯୁତାଃ ସଂଯୁତାଶ୍ଚ ସଂକ୍ଷେପାତ୍ ।
ଅଭିନୟକରାସ୍ତୁ ଯେ ତ୍ୱିହ ତେଽନ୍ୟାନାପ୍ୟର୍ଥତଃ ସାଧ୍ୟାଃ ॥ ୧୬୧ ॥

ଅବହିତ୍ଥ — ଉଭୟ ହସ୍ତରେ ଶୁକତୁଣ୍ଡ ମୁଦ୍ରା ଧାରଣ କରି ସେ ଦୁହିଁଙ୍କୁ ବକ୍ଷ ନିକଟରେ ବକ୍ର କରି ଆସ୍ତେ ଆସ୍ତେ ତଳ ମୁହାଁ କରି ଚଳାଇଲେ ତାହାର ନାମ ଅବହିତ୍ଥ ହୁଏ । ୧୫୭ ।

ପ୍ରୟୋଗ — ଦୁର୍ବଳତା, ଦୀର୍ଘଶ୍ୱାସ ନିକ୍ଷେପ, କାହାର ଶରୀରକୁ ଦେଖାଇଦେବା, କ୍ଷୀଣତା ଓ ଉତ୍କଣ୍ଠିତତାର ଅଭିନୟରେ ଏହା ପ୍ରଯୁକ୍ତ ହୁଏ । । ୧୫୮ ।

ବର୍ଦ୍ଧମାନ — ଉଭୟ ହସ୍ତ ହଂସପକ୍ଷ ମୁଦ୍ରା ପ୍ରଦର୍ଶନ କରି ସେ ଦୁହିଁଙ୍କୁ ପରାଙ୍ମୁଖ (ବିପରୀତ ମୁଖ) କଲେ ତାହାର ନାମ ବର୍ଦ୍ଧମାନକ କର ହୁଏ ।

ପ୍ରୟୋଗ — ଗବାକ୍ଷ (ଝରକା) ପ୍ରଭୃତିର ଉଦ୍‌ଘାଟନ ଇତ୍ୟାଦିର ଅଭିନୟରେ ଏହା ପ୍ରଯୁକ୍ତ ହୁଏ ।

ଅନ୍ୟପ୍ରକାର ବର୍ଦ୍ଧମାନକ — ମୁକୁଳ ହସ୍ତକୁ କପିତ୍ଥ ହସ୍ତ ଦ୍ୱାରା ପରିବେଷ୍ଟିତ କଲେ ତାହାର ନାମ ବର୍ଦ୍ଧମାନକ ହୁଏ । ୧୫୯ ।

ପ୍ରୟୋଗ — ଏହା ସଂଗ୍ରହ (ଏକାଠି କରିବା) ପରିଗ୍ରହ (ଧାରଣା କରିବା) ଉଦ୍ଧାରଣ (କାଢ଼ି ଆଣିବା ବା ଟେକି ଆଣିବା) ଶପଥ କରିବା, ସତ୍ୟବାକ୍ୟ ପ୍ରକାଶ କରିବା, ସଂକ୍ଷେପ ବା ସଂକ୍ଷିପ୍ତ ଓ ନିପୀଡ଼ିତର ଅଭିନୟରେ ପ୍ରଯୁକ୍ତ ହୋଇଥାଏ । ୧୬୦ ।

ସଂଯୁତ ଓ ଅସଂଯୁତ ଭେଦରେ ଦୁଇପ୍ରକାର ହସ୍ତ ବିଷୟ ସଂକ୍ଷେପରେ କୁହାଗଲା । ଅନ୍ୟ ସମସ୍ତପ୍ରକାର ହସ୍ତାଭିନୟ ପ୍ରୟୋଗ (ଅଭିନେୟ ବସ୍ତୁର) ଅର୍ଥ ଅନୁସାରେ କରାଯିବ । ୧୬୧ ।

Digitized by srujanika@gmail.com

[ଅନ୍ୟୈରପ୍ୟୁକ୍ତମ୍—

ଆକୃତ୍ୟା ଚେଷ୍ଟୟା ଚିହ୍ନୈର୍ଜାତ୍ୟା ବିଜ୍ଞାୟ ବସ୍ତୁତଃ ।
ସ୍ୱୟଂ ବିତର୍କ୍ୟ କର୍ତ୍ତବ୍ୟଂ ହସ୍ତାଭିନୟନଂ ବୁଧୈଃ । ଇତି] ॥୧୬୨॥
ନାସ୍ତି କଶ୍ଚିଦହସ୍ତସ୍ତୁ ନାଟ୍ୟେଽର୍ଥୋଽଭିନୟଂ ପ୍ରତି ।
ଯସ୍ୟ ଯଦ୍ଦୃଶ୍ୟତେ ରୂପଂ ବହୁଶସ୍ତନ୍ନୟୋଦିତମ୍ ॥ ୧୬୩ ॥
ଅନ୍ୟେ ତ୍ୱପ୍ୟର୍ଥସଂଯୁକ୍ତା ଲୌକିକା ଯେ କରସ୍ତ୍ୱିହ ।
ଛନ୍ଦତସ୍ତେ ପ୍ରୟୋକ୍ତବ୍ୟା ରସଭାବବିଚେଷ୍ଟିତୈଃ ॥ ୧୬୪ ॥
ଦେଶଂ କାଳଂ ପ୍ରୟୋଗଂ ତ୍ୱପ୍ୟର୍ଥଯୁକ୍ତିମବେକ୍ଷ୍ୟ ଚ ।
ହସ୍ତା ହ୍ୟେତେ ପ୍ରୟୋକ୍ତବ୍ୟା ନୃଣାଂ ସ୍ତ୍ରୀଣାଂ ବିଶେଷତଃ ॥୧୬୫॥
ଏତେଷାମେବ ହସ୍ତାନାଂ ନାନା କର୍ମାଣି ସନ୍ତି ବୈ ।
ତାନ୍ୟହଂ ସମ୍ପ୍ରବକ୍ଷ୍ୟାମି ରସଭାବକୃତାନି ତୁ ॥ ୧୬୬ ॥
ଉତ୍କର୍ଷଣଂ ବିକର୍ଷଣଂ ତଥା ବ୍ୟାକର୍ଷଣଂ ପୁନଃ ।
ପରିଗ୍ରହୋ ନିଗ୍ରହଶ୍ଚାହ୍ୱାନଂ ତୋଦନମେବ ଚ ॥ ୧୬୭ ॥

ଅନ୍ୟମାନେ କହିଅଛନ୍ତି — ଅଭିନେୟ ବସ୍ତୁର ଆକାର, ଚେଷ୍ଟା, ଚିହ୍ନ ଓ ଜାତି ଚିହ୍ନି କରଦ୍ୱାରା ତାହାର ଅଭିନୟ କିପରି କରାଯିବ ତାହା ନିଜେ ସ୍ଥିର କରିବ । ନାଟ୍ୟ କର୍ମରେ ହସ୍ତ ରହିତ ହୋଇ କୌଣସି ଅଭିନୟ ନାହିଁ । ଯେଉଁ ପଦାର୍ଥର ଯେଉଁ ପ୍ରକାର ଅଭିନୟ ବହୁଳ ଭାବେ ବ୍ୟବହୃତ ହେବାର ମୁଁ ଜାଣିଛି । ତାହା ଏଠାରେ ବ୍ୟକ୍ତ କଲି । ଆଉ ଯାହା ଏଠାରେ ଉକ୍ତ ହୋଇନାହିଁ, ସେ ଅଭିନୟ ଗୁଡ଼ିକୁ ସ୍ୱଭାବ ଓ ଚେଷ୍ଟା ଦ୍ୱାରା ନିଜ ଇଚ୍ଛା ଅନୁସାରେ ରସ ଓ ଭାବ ଦୃଷ୍ଟିରୁ ପ୍ରୟୋଗ କରିବ । ୧୬୨-୧୬୪ ।

ପୁରୁଷ-ମାନଙ୍କର, ବିଶେଷତଃ ସ୍ତ୍ରୀ ମାନଙ୍କର ହସ୍ତମୁଦ୍ରା ପ୍ରୟୋଗ କଲାବେଳେ ଦେଶ, କାଳ (ନାଟକର ସୁକୁମାରତା ବା ଉଦ୍ଧତତା) ପ୍ରୟୋଗ ଓ ଅର୍ଥର (ମୁଖ୍ୟତା ଓ ଲକ୍ଷଣିକତା ଓ ବ୍ୟଙ୍ଗତା ବିଚାର କରି ପ୍ରୟୋଗ କରିବ । ସମସ୍ତ ପ୍ରକାର ହସ୍ତ ମୁଦ୍ରାର ଯେଉଁ କର୍ମମାନ (ଚଳନ ପ୍ରଭୃତି) ଅଛି ତାହା ବିଭିନ୍ନ ରସ ଓ ଭାବ ଦୃଷ୍ଟିରୁ କହୁଅଛି । ୧୬୫-୧୬୬ ।

ହସ୍ତ ମୁଦ୍ରାର ସେହି କର୍ମମାନଙ୍କର ନାମ ହେଉଛି —

୧-ଉତ୍କର୍ଷଣ—(ଉପରକୁ ତଳକୁ ବା ଦୂରକୁ ପ୍ରସାରିତ ହସ୍ତକୁ ଅନ୍ୟ ପ୍ରକାର କରିବା), ୨-ବିକର୍ଷଣ, ୩-ବ୍ୟାକର୍ଷଣ, ୪-ପରିଗ୍ରହ—(ବେଢ଼ାଇବା), ୫ ନିଗ୍ରହ—(ବିନାଶ କରିବା), ୬ ଆହ୍ୱାନ, ୭ ତୋଦନ—(ତାଡ଼ନ),

Digitized by srujanika@gmail.com

ସଂଶ୍ଲେଷଣ୍ଟ ବିୟୋଗଶ୍ଚ ରକ୍ଷଣଂ ମୋକ୍ଷଣଂ ତଥା ।
ବିକ୍ଷେପଧୂନନେ ଚୈବ ବିସର୍ଗସ୍ତର୍ଜନଂ ତଥା ॥ ୧୬୮ ॥
ଛେଦନଂ ଭେଦନଂ ଚୈବ ସ୍ଫୋଟନଂ ମୋଟନଂ ତଥା ।
ତାଡନଂ ଚେତି ବିଜ୍ଞେୟଂ ତଜ୍ଜ୍ଞୈଃ କର୍ମ କରାନ୍ ପ୍ରତି ॥ ୧୬୯ ॥
[ଉତ୍ତାନଃ ପାର୍ଶ୍ୱଗଶ୍ଚୈବ ତଥାଧୋମୁଖ ଏବ ଚ ।
ହସ୍ତପ୍ରଚାରସ୍ତ୍ରିବିଧୋ ନାଟ୍ୟତତ୍ତ୍ୱସମାଶ୍ରୟଃ] ॥ ୧୭୦ ॥
ସର୍ବେ ହସ୍ତପ୍ରଚାରଶ୍ଚ ପ୍ରୟୋକ୍ତବ୍ୟା ଯଥାବିଧି ।
ନେତ୍ରଭ୍ରୂମୁଖରାଗାଦ୍ୟୈଃ କର୍ତ୍ତବ୍ୟା ବ୍ୟଞ୍ଜିତା ବୁଧୈଃ ॥ ୧୭୧ ॥
କରଣଂ କର୍ମସ୍ଥାନଂ ପ୍ରଚାରଯୁକ୍ତଂ କ୍ରିୟାଂ ଚ ସମବେକ୍ଷ୍ୟ ।
ହସ୍ତାଭିନୟଃ କାର୍ଯ୍ୟସ୍ତଜ୍ଜ୍ଞୈର୍ଲୋକୋପଚାରେଣ ॥ ୧୭୨ ॥
ଉତ୍ତମାନାଂ କରାଃ କାର୍ଯ୍ୟା ଲଲାଟକ୍ଷେତ୍ରଚାରିଣଃ ।
ବକ୍ଷଃସ୍ଥାଶ୍ଚୈବ ମଧ୍ୟାନାମଧମାନାମଧୋଗତାଃ ॥ ୧୭୩ ॥

୮-ସଂଶ୍ଳେଷ, ୯-ବିୟୋଗ, ୧୦-ରକ୍ଷଣ, ୧୧-ମୋକ୍ଷଣ, ୧୨-ବିକ୍ଷେପ—(ଅବଜ୍ଞା-ସହକାରେ ତ୍ୟାଗ କରିବା), ୧୩-ଧୂନନ—(କମ୍ପନ). ୧୪-ବିସର୍ଗ—(ଆଦର-ସହକାରେ ତ୍ୟାଗ କରିବା, ୧୫-ତର୍ଜନ, ୧୬-ଛେଦନ, ୧୭-ଭେଦ, ୧୮ ସ୍ଫୋଟନ—(ବିକଶିତ ହେବା, ଫୁଟିବା), ୧୯-ମୋଟନ—(ଶଙ୍କୁଚିତ ହେବା, ଅଭିନବଗୁପ୍ତ), ଓ ୨୦-ତାଡ଼ନ । ୧୬୭-୧୬୯ ।

ହସ୍ତର ପ୍ରଚାର ତିନି ପ୍ରକାର । ଯଥା — ଉତ୍ତାନ, ପାର୍ଶ୍ୱଗ ଓ ଅଧୋମୁଖ । (ଉପରକୁ, କଡ଼କୁ ଓ ତଳ ଆଡ଼କୁ ଗତି କରିବା) । ୧୭୦ ।

ସମସ୍ତ ପ୍ରକାର ହସ୍ତ ଗତିକୁ ଅଭିନୟ କାଳରେ ନେତ୍ର ଭ୍ରୂ ଓ ମୁଖରାଗ (ମୁଖରଙ୍ଗ) ସାହାଯ୍ୟରେ ବ୍ୟଞ୍ଜିତ କରିବା ।

କରଣ (ଆବେଷ୍ଟିତ ପ୍ରଭୃତି) କର୍ମ (ସଂପାଦନୀୟ କାର୍ଯ୍ୟ) ସ୍ଥାନ (କ୍ଷେତ୍ର 'ଅଙ୍ଗର ବିଭିନ୍ନ ଅଂଶ) ପ୍ରଚାର ଯୁକ୍ତ ପ୍ରଚାରର (ସ୍ୱଳ୍ପ, ମଧ୍ୟମ ଓ ପ୍ରକୀର୍ଣ୍ଣରୂପ) ବିଚାର ଏବଂ କ୍ରିୟା (ବିଧି ନିଷେଧ ଓ ଅନୁଭୟ ରୂପ) ପ୍ରଭୃତିକୁ ବିଚାର କରି ଲୋକ ବ୍ୟବହାର ଅନୁସାରେ ହସ୍ତାଭିନୟ କରାଯିବ । ୧୭୧-୧୭୨

ସ୍ଥାନ ବିଷୟରେ ନିୟମ — ଉତ୍ତମ ପୁରୁଷ (ନାୟକ) ମାନଙ୍କର ହସ୍ତମୁଦ୍ରା ଲଲାଟ କ୍ଷେତ୍ରର ନିକଟରେ, ମଧ୍ୟମ-ମାନଙ୍କର ବକ୍ଷଃସ୍ଥାନରେ, ଅଧମ ମାନଙ୍କର ଅଧୋଦେଶରେ ପ୍ରଦର୍ଶିତ ହେବ । ୧୭୩ ।

Digitized by srujanika@gmail.com

ଜ୍ୟେଷ୍ଠେ ସ୍ୱଳ୍ପପ୍ରଗଳ୍ଭାଃ ସ୍ୟୁର୍ମଧ୍ୟେ କୁର୍ବୀତ ମଧ୍ୟମୈଃ ।
ଅଧମେଷୁ ପ୍ରକୀର୍ଣ୍ଣାସ୍ତୁ ହସ୍ତାଃ କାର୍ଯ୍ୟାଃ ପ୍ରୟୋକ୍ତୃଭିଃ ॥ ୧୭୪ ॥

ଲକ୍ଷଣବ୍ୟଞ୍ଜିତା ହସ୍ତାଃ କାର୍ଯ୍ୟାସ୍ତୂତ୍ତମମଧ୍ୟମୈଃ ।
ଲୋକବତ୍ସ୍ୟୁ ସ୍ୱଭାବେନ ନୀଚୈରର୍ଥସମନ୍ୱୟାଃ ॥ ୧୭୫ ॥

ଅଥବାନ୍ୟାଦୃଶଂ ପ୍ରାପ୍ୟ ପ୍ରୟୋଗଂ କାଳମେବ ଚ ।
ବିପର୍ଯ୍ୟସ୍ତାଶ୍ରୟା ହସ୍ତାଃ ପ୍ରୟୋକ୍ତବ୍ୟା ବୁଧୈର୍ନ ବା ॥ ୧୭୬ ॥

ବିଷଣ୍ଣେ ମୂର୍ଚ୍ଛିତେ ହ୍ରୀତେ ଜୁଗୁପ୍ସାଶୋକପୀଡ଼ିତେ ।
ଗ୍ଲାନେ ସ୍ୱପ୍ନେ ବିହସ୍ତେ ଚ ନିଶ୍ଚେଷ୍ଟେ ତନ୍ଦ୍ରିତେ ଜଡ଼େ ॥ ୧୭୭ ॥

ବ୍ୟାଧିଗ୍ରସ୍ତେ ଜରାର୍ତ୍ତେ ଚ ଭୟାର୍ତ୍ତେ ଶୀତବିପ୍ଲୁତେ ।
ମତ୍ତେ ପ୍ରମତ୍ତେ ଉନ୍ମତ୍ତେ ଚିନ୍ତାୟାଂ ତପସି ସ୍ଥିତେ ॥ ୧୭୮ ॥

ଉତ୍କୃଷ୍ଟ ଶ୍ରେଣୀର ନାଟକାଦିର ପ୍ରୟୋଗରେ ସ୍ୱଳ୍ପ ହସ୍ତାଭିନୟ, ମଧ୍ୟମ ଶ୍ରେଣୀର ରାଗ ପ୍ରଭୃତିର ଅଭିନୟରେ ମଧ୍ୟମ ହସ୍ତାଭିନୟ ଓ ଅଧମ ଶ୍ରେଣୀର ନୃତ୍ୟ କାବ୍ୟର ଅଭିନୟରେ ପ୍ରଚୁର ହସ୍ତାଭିନୟ କରଣୀୟ । ୧୭୪ ।

ଉତ୍ତମ ଓ ମଧ୍ୟମ ପାତ୍ରମାନଙ୍କର ହସ୍ତାଭିନୟ 'ଲକ୍ଷଣ' ଦ୍ୱାରା (ବର୍ଣ୍ଣନାକ୍ରମରେ ପ୍ରଯୁକ୍ତ ସୌଷ୍ଠବ ଦ୍ୱାରା ଅଥବା ଶାସ୍ତ୍ରୋକ୍ତ 'ଲକ୍ଷଣ' ଅନୁସାରେ) ବ୍ୟଞ୍ଜିତ (ଅଭିବ୍ୟକ୍ତ) ହେବ । ସେହିପରି ଅଧମମାନଙ୍କର ହସ୍ତାଭିନୟ ସାଧାରଣ ପ୍ରଚଳିତ ରୀତିରେ ବା ସ୍ୱଭାବିକଭାବେ ଅଭିବ୍ୟକ୍ତ ହେବା ଉଚିତ । । ୧୭୫ ।

କାଳ ଓ ପ୍ରୟୋଗର ପ୍ରକାର ଭେଦ ଘଟିଲେ ବିଜ୍ଞ ବ୍ୟକ୍ତିମାନେ ହସ୍ତାଭିନୟକୁ ବିପର୍ଯ୍ୟସ୍ତାଶ୍ରୟ (ସୌଷ୍ଠବ ସ୍ଥଳରେ ତାହାର ବିପରୀତ) ରୂପେ ପ୍ରୟୋଗ କରିପାରିବେ । ୧୭୬ ।

ବିଷଣ୍ଣ, ମୂର୍ଚ୍ଛିତ, ଲଜ୍ଜିତ, ନିନ୍ଦା ବା ଘୃଣା ପୀଡ଼ିତ, ଶୋକଗ୍ରସ୍ତ, ବିମର୍ଷଭାବଯୁକ୍ତ, ସୁପ୍ତ, ବିହସ୍ତ, (ହସ୍ତହୀନ ବା ବିକୃତ ହସ୍ତ) ନିଶ୍ଚେଷ୍ଟ (ହଲଚଲ ନହେଉଥିବା) ତନ୍ଦ୍ରା ଯୁକ୍ତ, ଜଡ଼, ବ୍ୟାଧିଗ୍ରସ୍ତ ବାର୍ଦ୍ଧକ୍ୟ ପୀଡ଼ିତ, ଭୟାର୍ତ୍ତ, ଶୀତଜରେ କାତର, ମତ୍ତ (ମଦ୍ୟାଦି ଦ୍ୱାରା) ପ୍ରମତ୍ତ (ଅନବଧାନତା ହେତୁ) ଉନ୍ମତ୍ତ (ଅପସ୍ମାରାଦି ହେତୁ) ଚିନ୍ତାମଗ୍ନ, ତପସ୍ୟାନିରତ, ବରଫ

Digitized by srujanika@gmail.com

ହିମବର୍ଷହତେ ବଦ୍ଧେ ବାଷ୍ପାପ୍ଲବସଞ୍ଜ୍ଞିତେ ।
ସ୍ୱପ୍ନାୟିତେ ଚ ସମ୍ଭ୍ରାନ୍ତେ ନଖସଂସ୍ଫୋଟନେ ତଥା ॥ ୧୭୯ ॥
ନ ହସ୍ତାଭିନୟଃ କାର୍ଯ୍ୟଃ କାର୍ଯ୍ୟଃ ସତ୍ତ୍ୱସମାଶ୍ରୟଃ ।
[ତଥା କାକୁବିଶେଷଶ୍ଚ ନାନାର୍ଥରସସମ୍ଭବଃ] ॥ ୧୮୦ ॥
ଯଦ ବ୍ୟଗ୍ରାବୁଭୌ ହସ୍ତୌ ତଦ୍ଦୃଷ୍ଟିବଲେକନୈଃ ।
ବାଚକାଭିନୟଂ କୁର୍ଯ୍ୟାତ୍ ସ୍ୱରମୈରର୍ଥଦର୍ଶକୈଃ ॥ ୧୮୧ ॥
ଉତ୍ତାନଃ ପାର୍ଶ୍ୱଗଶ୍ଚୈବ ତଥାଧୋମୁଖ ଏବ ଚ ।
ପ୍ରଚୃରସ୍ତ୍ରିବିଧୋଽଙ୍ଗାନାଂ ନାଟ୍ୟନୃତ୍ତସମାଶ୍ରୟଃ ॥ ୧୮୨ ॥

ଅନ୍ୟେ ତୁ—

ଉତ୍ତାନୋ ବର୍ତ୍ତୁଳସ୍ତ୍ର୍ୟଶ୍ରଃ ସ୍ଥିତୋଽଧୋମୁଖ ଏବ ଚ ।
ପଞ୍ଚପ୍ରଚୃରୋ ହସ୍ତସ୍ୟ ନାଟ୍ୟନୃତ୍ତସମାଶ୍ରୟାଃ । ଇତି ॥ ୧୮୩ ॥

(କାକର) ବା ବୃଷ୍ଟି ଦ୍ୱାରା ଆହତ, ବନ୍ଧନ ଗ୍ରସ୍ତ, ପାଣିରେ ଭାସି ଯାଇଥିବା (ଅନ୍ୟମତରେ ହରଣପଣ ଚରମାଣ ଧାଉଁଥିବା) ସ୍ୱପ୍ନାୟିତ, (ବଳବଳୋଉଥିବା) ସମ୍ଭ୍ରାନ୍ତ (ଅସ୍ତବ୍ୟସ୍ତ ଭାବେ ଧଳାଉଥିବା) ନଖ ସଂସ୍ଫୋଟନ (ନଖରେ ନଖ ଛୁଣ୍ଡାଉଥିବା)—ଏହି ସ୍ଥଳମାନଙ୍କରେ ହସ୍ତର ଅଭିନୟ କରିବ ନାହିଁ । କିନ୍ତୁ ବିବିଧ ରସାନୁଗୁଣ ସାତ୍ତ୍ୱିକ ଭାବର ପ୍ରଦର୍ଶନ ଦ୍ୱାରା ତାହା ବ୍ୟକ୍ତ କରିବ ଅଥବା କାକୁ (ସ୍ୱରଭେଦ) ଦ୍ୱାରା ତାହା ମଧ୍ୟ ବ୍ୟକ୍ତ ହୋଇପାରେ । ୧୭୭-୧୮୦ ।

ବାଚକ-ଅଭିନୟ ବେଳେ ଯଦି ଦୁଇ ହାତଯାକ ବ୍ୟଗ୍ର (ଗ୍ଳାନ୍ତ) ହେଉଥାନ୍ତି, ତେବେ ତତ୍କାଳରେ ଚକ୍ଷୁ ଓ ଦୃଷ୍ଟି ହସ୍ତର ଅନୁବର୍ତ୍ତନ କରିବ ଓ ମଧ୍ୟରେ ଅର୍ଥ-ପ୍ରକାଶକ ସ୍ୱରମ (ସ୍ୱରମ) ଦ୍ୱାରା ତାହା ସମନ୍ୱିତ ହେବ । ୧୮୧ ।

ନାଟ୍ୟ ଓ ନୃତ୍ୟ କ୍ରିୟାରେ ଅଙ୍ଗମାନଙ୍କର ପ୍ରଚାର (ପରିଚାଳନ) ତିନ ପ୍ରକାର; ଯଥା :— ଉତ୍ତାନ, ପାର୍ଶ୍ୱଗ ଓ ଅଧୋମୁଖ । ୧୮୨ ।

କାହାରି କାହାରି ମତରେ ନାଟ୍ୟ ନୃତ୍ୟ କ୍ରିୟାରେ ବ୍ୟବହୃତ ହସ୍ତର ପ୍ରଚାର ପାଞ୍ଚ ପ୍ରକାର, ଯଥା :— ଉତ୍ତାନ, ବର୍ତ୍ତୁଳ, ତ୍ର୍ୟସ୍ର, ସ୍ଥିତ ଓ ଅଧୋମୁଖ । ୧୮୩ ।

Digitized by srujanika@gmail.com

ଏବଂ ସଂଯୁତାଃ କର୍ତ୍ତବ୍ୟାତେ ନାନାଭାବରସାଶ୍ରୟାଃ ।
ଅତ ଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି କରାନ୍ନୃତ୍ତସମାଶ୍ରୟାନ୍ ॥ ୧୮୪ ॥

ବକ୍ଷସୋଽଷ୍ଟାଙ୍ଗୁଳସ୍ଥୌ ତୁ ପ୍ରାଙ୍ମୁଖୌ ଖଟକାମୁଖୌ ।
ସମାନକୂର୍ପରାଂସୌ ତୁ ଚତୁରସ୍ରୌ ପ୍ରକୀର୍ତ୍ତିତୌ ॥ ୧୮୫ ॥

ହଂସପକ୍ଷକୃତୌ ହସ୍ତୌ ବ୍ୟାବୃତ୍ତୌ ତାଳବୃନ୍ତବତ୍ ।
ଉଦ୍‌ବୃତ୍ତାବିତି ବିଜ୍ଞେୟାବଥବା ତାଳବୃନ୍ତକୌ ॥ ୧୮୬ ॥

ଚତୁରସ୍ରସ୍ଥିତୌ ହସ୍ତୌ ହଂସପକ୍ଷକୃତୌ ତଥା ।
ତିର୍ଯ୍ୟକ୍‌ସ୍ଥିତୌ ଚାଭିମୁଖୌ ଜ୍ଞେୟୌ ତଳମୁଖାବିତି ॥ ୧୮୭ ॥

ତାବେବ ମଣିବନ୍ଧାନ୍ତେ ସ୍ୱସ୍ତିକାକୃତିସଂସ୍ଥିତୌ ।
ସ୍ୱସ୍ତିକାବିତି ବିଜ୍ଞେୟୌ ବିଚ୍ୟୁତୌ ବିପ୍ରକୀର୍ଣ୍ଣକୌ ॥ ୧୮୮ ॥

ନାନାବିଧ ଅଭିନୟରେ ବ୍ୟବହାର୍ଯ୍ୟ ଏହି ପ୍ରକାର ହସ୍ତାଭିନୟ କଥା କହିଲି । ଏବେ 'ନୃତ୍ତ'ରେ ବ୍ୟବହାର୍ଯ୍ୟ (ହସ୍ତ ଭିନୟ) କଥା କହୁଛି । ୧୮୪ ।

ଚତୁରସ୍ର :— ଖଟକାମୁଖ ମୁଦ୍ରା ବିଶିଷ୍ଟ ହସ୍ତ ଦ୍ୱୟକୁ ବକ୍ଷଠାରୁ ଆଠ ଆଙ୍ଗୁଳ ଦୂରବର୍ତ୍ତୀ କରି କାନ୍ଧ ଓ କହୁଣୀକୁ ସମାନ ଭାବରେ (ତୁଳାଦଣ୍ଡ) ପରି ଅବସ୍ଥାପିତ କଲେ, ତାହାର ନାମ ଚତୁରସ୍ର ହୁଏ । ୧୮୫ ।

ଉଦ୍‌ବୃତ୍ତ ବା ତାଳବୃନ୍ତକ :— ହଂସପକ୍ଷମୁଦ୍ରା ବିଶିଷ୍ଟ ହସ୍ତଦ୍ୱୟ ତାଳପତ୍ର ବିଞ୍ଚଣାପରି ଆବର୍ତ୍ତିତ ହେଲେ, ତାହାର ନାମ ଉଦ୍‌ବୃତ୍ତ ବା ତାଳ ବୃନ୍ତକ । (ଆବର୍ତ୍ତନ କାଳରେ ବକ୍ଷ ସ୍ଥାନରେ ଏହା କରାଯାଏ । ଗୋଟିଏ ହାତ ଚିତ୍ ହୋଇ ଅପରଟି ତଳମୁହାଁ ହୋଇ ଆବର୍ତ୍ତିତ ହୋଇଥାଏ । ଅଭିନବଗୁପ୍ତ) । ୧୮୬ ।

ତଳମୁଖ :— ହସ୍ତ ଦ୍ୱୟରେ ଚତୁରସ୍ର ମୁଦ୍ରା ଧାରଣ ପୂର୍ବକ ପରସ୍ପର ଅଭିମୁଖ କରି ତିର୍ଯ୍ୟକ୍‌ଭାବେ ଅବସ୍ଥାପିତ କଲେ, ତାହାର ନାମ ତଳମୁଖ ହୁଏ । (ହାତର ତଳ ପରସ୍ପର ମୁହାଁମୁହିଁ ହୋଇ ରହୁଥିବାରୁ, ଏହାର ନାମ ତଳମୁଖ ହୁଏ) । ୧୮୭ ।

ସ୍ୱସ୍ତିକ :— ତଳମୁଖହସ୍ତ ମଣିବନ୍ଧଠାରେ ସ୍ୱସ୍ତିକ ଆକାରରେ ଅବସ୍ଥାପିତ ହେଲେ, ତାହାର ନାମ ସ୍ୱସ୍ତିକ । ପୁଣି ଏହି ହସ୍ତଦ୍ୱୟ ପରସ୍ପରଠାରୁ ବିଚ୍ୟୁତ ହେଲେ, ଏହାର ନାମ ବିପ୍ରକୀର୍ଣ୍ଣକ । ୧୮୮ ।

Digitized by srujanika@gmail.com

ଅଲପଲ୍ଲବପଙ୍କାନାବୂର୍ଦ୍ଧ୍ୱାସେନୌ ପଦ୍ମକୋଶକୌ ।
ଅଳଳଖଟକାଖ୍ୟୌ ଗୃହ୍ୟଗଲଖଟକାମୁଖୌ ॥ ୮୯ ॥

ଅନ୍ୟେ ତୁ—

ତଥୈବ ମଣିବନ୍ଧାନ୍ତେ ହ୍ୟଗ୍ରଲୌ ବଚ୍ୟୁତାବୁଭୌ ।
ଜ୍ଞେୟୌ ପ୍ରୟୋକ୍ତୃଭିର୍ନିତ୍ୟମଗ୍ରଲଖଟକାଖ୍ୟୌ ॥ ୧୯୦ ॥
ଭୁଜାଂସକୂର୍ପରାଗ୍ରୈସ୍ତୁ କୁଟିଳାବର୍ତ୍ତିତୌ କରୌ ।
ପରାଙ୍ମୁଖତଳାବଦ୍ଧୌ ଜ୍ଞେୟାବାବଦ୍ଧବକ୍ରଙ୍କୌ ॥ ୧୯୧ ॥
ହସ୍ତୌ ତୁ ସର୍ପଶୀରସୌ ମଧ୍ୟମାଙ୍ଗୁଷ୍ଠକୌ ଯଦା ।
ତର୍ଯ୍ୟକ୍ପ୍ରସାରିତାଙ୍ଗୌ ଚ ତଦା ସୂଚୀମୁଖୌ ସ୍ମୃତୌ ॥ ୧୯୨ ॥

ଅନ୍ୟେ—

ସର୍ପଶୀର୍ଷୌ ଯଦା ହସ୍ତୌ ଭବେତଂ ସ୍ୱସ୍ତିକସ୍ଥିତୌ ।
ମଧ୍ୟପ୍ରସାରିତାଙ୍ଗୁଷ୍ଠୌ ଜ୍ଞେୟୌ ସୂଚୀମୁଖୌ ତଦା ॥ ୧୯୩ ॥

ଅଗ୍ରଲଖଟକା ବା ଅଗ୍ରଲଖଟକାମୁଖ :— ପୂର୍ବୋକ୍ତ ଅଗ୍ରଲ-ପଲ୍ଲବ ହସ୍ତକୁ ପଦ୍ମକୋଷ ଆକାରରେ ଊର୍ଦ୍ଧ୍ୱମୁଖକଲେ, ତାହାର ନାମ ଅଗ୍ରଲ-ଖଟକା ବା ଅଗ୍ରଲଖଟକାମୁଖ ହୁଏ । ୮୯ ।

ଅନ୍ୟମାନଙ୍କ ମତରେ ଅଗ୍ରଲଖଟକାମୁଖ :— ମଣିବନ୍ଧର ପ୍ରାନ୍ତଭାଗରେ ଅଗ୍ରଲ ହସ୍ତଦ୍ୱୟ ପରସ୍ପରଠାରୁ ବଚ୍ୟୁତ ହେଲେ, ତାହାକୁ ନାଟ୍ୟପ୍ରୟୋଗ କର୍ତ୍ତାମାନେ ଅଗ୍ରଲଖଟକା କହନ୍ତି । ୧୯୦ ।

ଆବଦ୍ଧବକ୍ରକ :— ଉଭୟ ଅଂଶ (କାନ୍ଧ), କର୍ପୂରଦ୍ୱୟ (କହୁଣୀ) ଓ ଭୁଜାଦ୍ୱୟର ଅଗ୍ରାଂଶକୁ କୁଟିଳ (ସବଳାସ) ଗତରେ ଆବର୍ତ୍ତିତ କରି କରତଳ ହସ୍ତକୁ ଅଧୋମୁଖକଲେ, ତାହାର ନାମ ଆବଦ୍ଧବକ୍ରକ ହୁଏ । ୧୯୧ ।

ସୂଚୀମୁଖ :— ହସ୍ତ ଦ୍ୱୟରେ ସର୍ପଶୀର୍ଷ-ମୁଦ୍ରା ଧାରଣକରି ମଧ୍ୟମା ଓ ବୃଦ୍ଧାଙ୍ଗୁଳି ଦ୍ୱୟକୁ ସଂଯୁକ୍ତ କରି ସେମାନଙ୍କର ଅଗ୍ରଭାଗକୁ ତର୍ଯ୍ୟକ୍ଭାବେ ପ୍ରସାରିତ କଲେ, ତାହାର ନାମ ସୂଚୀମୁଖ ହୁଏ । ୧୯୨ ।

ଅନ୍ୟ ମତରେ ସୂଚୀମୁଖ :— ସ୍ୱସ୍ତିକ ମୁଦ୍ରାରେ ଅବସ୍ଥିତ ହସ୍ତ ଦ୍ୱୟରେ ସର୍ପଶୀର୍ଷ-ମୁଦ୍ରା ଧାରଣକରି ମଧ୍ୟମା ଓ ବୃଦ୍ଧା ଅଙ୍ଗୁଳିକୁ ପ୍ରସାରିତ କଲେ, ତାହାର ନାମ ସୂଚୀମୁଖ ହୁଏ । ୧୯୩ ।

Digitized by srujanika@gmail.com

ରେଚିତୌ ନୃପ ବିଜ୍ଞେୟୌ ହଂସପକ୍ଷୌ ଦ୍ରୁତଭ୍ରମୌ ।
ପ୍ରସାରିତାଗ୍ରନତଲୌ ରେଚିତାବିତି ସଞ୍ଜ୍ଞିତୌ । ୧୯୪ ॥
ଚତୁରସ୍ରୋ ଭବେଦ୍‌ବାମଃ ସବ୍ୟହସ୍ତସ୍ତୁ ରେଚିତଃ ।
ବିଜ୍ଞେୟୌ ନୃତ୍ତହସ୍ତଜ୍ଞୈରର୍ଦ୍ଧରେଚିତସଞ୍ଜ୍ଞିତୌ ॥ ୧୯୫ ॥
ଅଞ୍ଚିତୌ କୂର୍ପରାଂସେ ତୁ ତ୍ରିପତାକୌ କରୌ କୃତୌ ।
କିଞ୍ଚିତ୍ତିର୍ଯ୍ୟଗ୍‌ଗତାବେତୌ ସ୍ମୃତାବୁତ୍ତାନବଞ୍ଚିତୌ ॥ ୧୯୬ ॥
ମଣିବନ୍ଧନମୁକ୍ତୌ ତୁ ପତାକୌ ପଲ୍ଲବୌ ସ୍ମୃତୌ ।
ବାହୁଶୀର୍ଷାଦ୍‌ବିନିଷ୍କ୍ରାନ୍ତୌ ନିତମ୍ବାବିତି କୀର୍ତ୍ତିତୌ ॥ ୧୯୭ ॥
କେଶଦେଶାଦ୍ବିନିଷ୍କ୍ରାନ୍ତୌ ପକ୍ଷପାର୍ଶ୍ୱୋତ୍ଥିତୌ ତଥା ।
ବିଜ୍ଞେୟୌ କେଶବନ୍ଧୌ ତୁ କଥିତାବୃଷିସତ୍ତମୈଃ ॥ ୧୯୮ ॥

ରେଚିତ :— ହଂସପକ୍ଷ-ମୁଦ୍ରା ରଚନାକରି ତତ୍ପରେ କରତଳ ଦ୍ୱୟକୁ ଚିତ୍‌କରି ଦ୍ରୁତଗତିରେ ଭ୍ରମିତ କଲେ (ବୁଲାଇଲେ), ତାହାର ନାମ ରେଚିତ ହୁଏ । ୧୯୪ ।

ଅର୍ଦ୍ଧରେଚିତ :— ବାମ ହସ୍ତରେ ଚତୁରସ୍ର ମୁଦ୍ରା ଧାରଣକରି ଦକ୍ଷିଣ ହସ୍ତକୁ ରେଚିତ କଲେ, ତାହାର ନାମ ଅର୍ଦ୍ଧରେଚିତ । ୧୯୫ ।

ଉତ୍ତାନବଞ୍ଚିତ :— ହସ୍ତ ଦ୍ୱୟରେ ତ୍ରିପତାକ-ମୁଦ୍ରା ଧାରଣକରି ଈଷତ୍ ତିର୍ଯ୍ୟକ୍‌ଭାବେ ଅବନତ କଲେ, ତାହାର ନାମ ଉତ୍ତାନବଞ୍ଚିତ । ୧୯୬ ।

ପଲ୍ଲବ :— ମଣିବନ୍ଧ ନିକଟରେ ପତାକ ହସ୍ତଦ୍ୱୟ ମିଳିତ ହେଲେ, ତାହାର ନାମ ପଲ୍ଲବ ।

ନିତମ୍ବ :— ପତାକ ମୁଦ୍ରାଯୁକ୍ତ ହସ୍ତଦ୍ୱୟ କାନ୍ଧଠାରୁ ପର୍ଯ୍ୟାୟ କ୍ରମେ ଚିତ୍ ଓ ତଳମୁହାଁକରି ନିତମ୍ବ ପର୍ଯ୍ୟନ୍ତ ଆସିଲେ ତାହାର ନାମ ନିତମ୍ବ । ୧୯୭ ।

କେଶବନ୍ଧ ;— ହସ୍ତଦ୍ୱୟ କେଶଦେଶରୁ (ଜୁଡ଼ା ନିକଟରୁ) ନିଷ୍କ୍ରାନ୍ତ ହୋଇ ପାର୍ଶ୍ୱଦେଶରେ ଅବସ୍ଥାପିତ ହେଲେ ତାହାର ନାମ କେଶବନ୍ଧ ।

(ଅଭିନବଙ୍କ ମତରେ— ହସ୍ତଦ୍ୱୟ ପ୍ରଥମେ ପାର୍ଶ୍ୱକ୍ଷେତ୍ରରୁ ତତ୍ପାର୍ଶ୍ୱ —ପରିବର୍ତ୍ତନ ପୂର୍ବକ ଉତ୍ଥିତ ହୋଇ ଶିରଃ କ୍ଷେତ୍ର ପର୍ଯ୍ୟନ୍ତ ଯାଇ ତତ୍ପରେ ବିଚିତ୍ର ଭଙ୍ଗୀରେ ସେଠାରୁ ନିଷ୍କ୍ରାନ୍ତ ହେବାର ନାମ କେଶବନ୍ଧ । ଏହି ପ୍ରକାରେ ଏକାଧିକ-ବାର ଏହା ଗତା-ଗତ କରେ ।) । ୧୯୮ ।

Digitized by srujanika@gmail.com

ଊର୍ଦ୍ଧ୍ୱକ୍ପ୍ରସାରିତୌ ଚୈବ ପାର୍ଶ୍ୱସଂସ୍ଥୌ ତଥୈବ ଚ ।
ଲତାଖ୍ୟୌ ତ କରୌ ଜ୍ଞେୟୌ ନୃତ୍ତଭିନୟନଂ ପ୍ରତି ॥ ୧୯୯ ॥
ସମୁନ୍ନତୋ ଲତାହସ୍ତଃ ପାର୍ଶ୍ୱାତ୍ପାର୍ଶ୍ୱଂ ବିକେଳିତଃ ।
ତ୍ରିପତାକୋଽପରଃ କର୍ଣ୍ଣେ କରିହସ୍ତଃ ପ୍ରକୀର୍ତ୍ତିତଃ ॥ ୨୦୦ ॥
କଟିଶୀର୍ଷନିବେଶୌ ଦ୍ୱୌ ତ୍ରିପତାକୌ ଯଦା କରୌ ।
ପକ୍ଷବଞ୍ଚିତକୌ ହସ୍ତୌ ତଦା ଜ୍ଞେୟୌ ପ୍ରୟୋକ୍ତୃଭିଃ ॥ ୨୦୧ ॥
ତାବେବ ତୁ ପରାବୃତ୍ତୌ ପକ୍ଷପ୍ରଦ୍ୟୋତକୌ ସ୍ମୃତୌ ।
ଅଧୋମୁଖତଲାବଦ୍ଧୌ ଜ୍ଞେୟୌ ଗରୁଡ଼ପକ୍ଷକୌ ॥ ୨୦୨ ॥
ହଂସପକ୍ଷକୃତୌ ହସ୍ତୌ ବ୍ୟାବୃତ୍ତପରିବର୍ତ୍ତିତୌ ।
ତଥା ପ୍ରସାରିତଭୁଜୌ ଦଣ୍ଡପକ୍ଷାବିତି ସ୍ମୃତୌ ॥ ୨୦୩ ॥

ଲତାହସ୍ତ :— (ପତାକା ଯୁକ୍ତ) ହସ୍ତଦ୍ୱୟ ଊର୍ଦ୍ଧ୍ୱକ୍ଭାବେ ପ୍ରସାରିତ ହୋଇ ପାର୍ଶ୍ୱଦେଶରେ ଅବସ୍ଥାପିତ ହେଲେ ତାହାର ନାମ ଲତାହସ୍ତ । ୧୯୯ ।

କରିହସ୍ତ :— ଲତା ହସ୍ତକୁ ଉର୍ଦ୍ଧ୍ୱକୁ ଟେକି ତାହାକୁ ଗୋଟିଏ ପାଖରୁ ଆଉ ଗୋଟିଏ ପାଖକୁ ଦୋଳାପରି ଚାଳିତ କଲେ ଏବଂ କର୍ଣ୍ଣ ନିକଟରେ ତ୍ରିପତାକ ପ୍ରଦର୍ଶନ କଲେ ତାହାର ନାମ କରିହସ୍ତ ହୁଏ । ୨୦୦ ।

ପକ୍ଷବଞ୍ଚିତକ :— ହସ୍ତଦ୍ୱୟରେ ତ୍ରିପତାକ ଭଙ୍ଗୀକରି ଗୋଟିକୁ କଟିରେ ଓ ଅନ୍ୟଟିକୁ ଶୀର୍ଷ ଦେଶରେ ଅବସ୍ଥାପିତ କଲେ ତାହାର ନାମ ପକ୍ଷବଞ୍ଚିତକ ହୁଏ । ୨୦୧ ।

ପକ୍ଷପ୍ରଦ୍ୟୋତକ :— ଏଥିପୂର୍ବେ କଥିତ ପକ୍ଷବଞ୍ଚିତକ ହସ୍ତ (ପରାବୃତ) ସ୍ଥାନ ପରିବର୍ତ୍ତନ କଲେ ଅର୍ଥାତ୍ (କଟିସ୍ଥ ହସ୍ତ ଶୀର୍ଷଗତ ଓ ଶୀର୍ଷସ୍ଥ ହସ୍ତ କଟିଗତ ହେଲେ) ତାହାର ନାମ ପକ୍ଷପ୍ରଦ୍ୟୋତକ ।

ଗରୁଡ଼ପକ୍ଷକ :— ଦୁଇ ହାତକୁ ତଳମୁହାଁ କରି ନିତମ୍ବ ପର୍ଯ୍ୟନ୍ତ ନେଇ କରତଳ-ଦେଶକୁ ସଂଯୁକ୍ତ କରି ଝଟିତି ଉପର-ଆଡ଼କୁ ଘେନି ଆସିଲେ ତାହାର ନାମ ଗରୁଡ଼ପକ୍ଷକ ହୁଏ । (ଏହି ହସ୍ତରେ ତ୍ରିପତାକ ମୁଦ୍ରା ଧାରଣ ନକରି ପତାକା ମୁଦ୍ରା ଧାରଣ କରାଯାଏ । ୨୦୨ ।

ଦଣ୍ଡପକ୍ଷ— ହସ୍ତଦ୍ୱୟରେ ହଂସପକ୍ଷ ମୁଦ୍ରା ଧାରଣ କରି ପର୍ଯ୍ୟାୟ-କ୍ରମେ ବ୍ୟାବର୍ତ୍ତିତ ଓ ପରିବର୍ତ୍ତିତ କରି ପୁଣି ଉଭୟ ହସ୍ତକୁ ଏକକାଳରେ ଦଣ୍ଡପରି ପ୍ରସାରିତ କଲେ ତାହାର ନାମ ଦଣ୍ଡପକ୍ଷକ ହୁଏ । ୨୦୩ ।

Digitized by srujanika@gmail.com

ଊର୍ଦ୍ଧ୍ୱମଣ୍ଡଳିନୌ ହସ୍ତାବୂର୍ଦ୍ଧ୍ୱଦେଶବିବର୍ତ୍ତନାତ୍ ।
ତାବେବ ପାର୍ଶ୍ୱବିନ୍ୟସ୍ତୌ ପାର୍ଶ୍ୱମଣ୍ଡଳିନୌ ସ୍ମୃତୌ ॥ ୨୦୪ ॥
ଉଦ୍‌ବେଷ୍ଟିତୋ ଭବେଦେକୋ ଦ୍ୱିତୀୟସ୍ତ୍ୱାପବେଷ୍ଟିତଃ ।
ଭ୍ରମିତାବୁରସଃ ସ୍ଥାନେ ହ୍ୟୁରୋମଣ୍ଡଳିନୌ ସ୍ମୃତୌ ॥ ୨୦୫ ॥
ଅଳପଲ୍ଲବକାରାଳାବୁରସୋଽଭ୍ରମଣକ୍ରମାତ୍ ।
ପାର୍ଶ୍ୱାବର୍ତ୍ତନ୍ତ୍ର ଭଣ୍ଡେୟାବୁରଃ ପାର୍ଶ୍ୱାର୍ଧମଣ୍ଡଳୌ ॥ ୨୦୬ ॥
ହସ୍ତୌ ତୁ ମଣିବନ୍ଧାନ୍ତେ କୁଞ୍ଚିତାବଞ୍ଚିତୌ ଯଦା ।
ଖଟକାଖ୍ୟୌ କୃତୌ ସ୍ୟାତାଂ ମୁଷ୍ଟିକସ୍ୱସ୍ତିକୌ ତଦା ॥ ୨୦୭ ॥

ଊର୍ଦ୍ଧ୍ୱମଣ୍ଡଳ— ଊର୍ଦ୍ଧ୍ୱଦେଶରେ ଅର୍ଥାତ୍ ବକ୍ଷଃଠାରୁ ଲଲାଟ ପର୍ଯ୍ୟନ୍ତ ଶେଷାଂଶରେ ହସ୍ତଦ୍ୱୟକୁ ମଣ୍ଡଳାକାରରେ ଚାଳିତ କଲେ ତହିଁର ନାମ ଊର୍ଦ୍ଧ୍ୱମଣ୍ଡଳୀ ହୁଏ ।

ପାର୍ଶ୍ୱ ମଣ୍ଡଳ :— ଊର୍ଦ୍ଧ୍ୱ ମଣ୍ଡଳ ହସ୍ତ ପାର୍ଶ୍ୱଦେଶରେ ଚାଳିତ ହେଲେ ତାହାର ନାମ ପାର୍ଶ୍ୱମଣ୍ଡଳ । ୨୦୪ ।

ଉରୋମଣ୍ଡଳ :— ଗୋଟିଏ ହସ୍ତ ଉଦ୍‌ବେଷ୍ଟିତ ଅପରଟି ଅପବେଷ୍ଟିତ ହୋଇ ବକ୍ଷ ନିକଟରେ ମଣ୍ଡଳା-କାରରେ ଭ୍ରମିତ ହେଲେ ତାହାର ନାମ ଉରୋମଣ୍ଡଳ । (ମଣ୍ଡଳାକାରରେ ହସ୍ତଦ୍ୱୟକୁ ଭ୍ରମିତ କଲାପରେ ଗୋଟିଏ ଉପରକୁ ଟେକ ଅନ୍ୟଟିକୁ ତଳକୁ କଲେ ଉରୋମଣ୍ଡଳ ହୁଏ, ଏଥିରେ ସମସ୍ତ-ପ୍ରକାର ହସ୍ତଚାଳନା ବକ୍ଷଃ ନିକଟରେ ହୁଏ) । ୨୦୫ ।

ଉରଃ ପାର୍ଶ୍ୱମଣ୍ଡଳ :— ଅଳପଲ୍ଲବ (ପକ୍ଷାନ୍ତରେ ଅଳପଦ୍ମକ) ଓ ଅରାଳାକାର ହସ୍ତ-ଦ୍ୱୟକୁ ବକ୍ଷଃ ଓ ପାର୍ଶ୍ୱ ଦେଶରେ ପର୍ଯ୍ୟାୟକ୍ରମେ ଭ୍ରମିତ କରାଇଲେ ତାହାକୁ ଉରଃ-ପାର୍ଶ୍ୱ ମଣ୍ଡଳ କହନ୍ତି । (ଅଭିନବ ଗୁପ୍ତଙ୍କ ବ୍ୟାଖ୍ୟା-ନୁସାରେ-ବ୍ୟାବର୍ତ୍ତିତ ନାମକ କରଣ ଯାହାକି ସଂପ୍ରସ୍ତ ଅଳପଲ୍ଲବ ରଚନାର ଅନୁବର୍ତ୍ତୀ, ତଦ୍ୱାରା ବକ୍ଷଃ ଦେଶରୁ ଗୋଟିଏ ହସ୍ତକୁ କାଢ଼ି ଆଣିବ ଓ ସେହି ସମୟରେ ଅନ୍ୟ ହସ୍ତ ଯାହାକି ତର୍ଜନୀ ପ୍ରଭୃତି ଅଙ୍ଗୁଳି ଉଦ୍‌ବେଷ୍ଟିତ ଭଙ୍ଗିହେତୁ 'ଅରାଳ' ସଦୃଶ ଦେଖାଯାଉଥାଏ । ତାହାକୁ ବକ୍ଷ ଆଡ଼କୁ ଆଣିବ । ଏହିପରି ପୁନର୍ବାର କରିବ) । ୨୦୬ ।

ମୁଷ୍ଟିକ ସ୍ୱସ୍ତିକ — ଗୋଟିଏ ହସ୍ତକୁ ମଣିବନ୍ଧ ନିକଟରେ କୁଞ୍ଚିତ (ଅରାଳ ବର୍ତ୍ତିନ ଦ୍ୱାରା) ଏବଂ ଅନ୍ୟଟିକୁ ଅଞ୍ଚିତ (ଅଳପଲ୍ଲବ ବର୍ତ୍ତନା ଦ୍ୱାରା) କଲାପରେ ଦୁଇ ହସ୍ତରେ ଖଟକାମୁଖ ରଚନା କଲେ ତାହା ମୁଷ୍ଟିକ ସ୍ୱସ୍ତିକ ହୁଏ । ୨୦୭ ।

Digitized by srujanika@gmail.com

ପଦ୍ମକୋଶୌ ଯଦା ହସ୍ତୌ ବ୍ୟାବୃତ୍ତପରିବର୍ତ୍ତିତୌ ।
ନଳିନୀପଦ୍ମକୋଶୌ ତୁ ତଦା ଜ୍ଞେୟୌ ପ୍ରଯୋକ୍ତୃଭିଃ ॥ ୨୦୮ ॥

କରବୃନ୍ଦେଷ୍ଟିତାଗ୍ରୌ ଚ ପ୍ରବଧାଦ୍ୟାଳପଲ୍ଲବୌ ।
ଊର୍ଦ୍ଧ୍ୱପ୍ରସାରିତାବଦ୍ଧୌ କଥିବ୍ୟାକୁଲ୍ୱଣାବିତି ॥ ୨୦୯ ॥

ପଲ୍ଲବୌ ଚ ଶିରୋଦେଶଂ ସମ୍ପ୍ରାପ୍ତୌ ଲଲିତୌ ସ୍ମୃତୌ ।
କୂର୍ପରସ୍ୱସ୍ତିକଗତୌ ଲତାଖ୍ୟୌ ବଳିତାବିତି ॥ ୨୧୦ ॥

[କରଣେ ତୁ ପ୍ରୟୋକ୍ତବ୍ୟା ନୃତ୍ତହସ୍ତା ବିଶେଷତଃ ।
ତଥାର୍ଥାଭିନୟେ ଚୈବ ପତାକାଦ୍ୟାଃ ପ୍ରଯୋକ୍ତୃଭିଃ ॥ ୨୧୧ ॥

ସଙ୍କରୋଽପି ଭବତ୍ୟେଷାଂ ପ୍ରୟୋଗୋଽର୍ଥବଶାତ୍ ପୁନଃ ।
ପ୍ରାଧାନ୍ୟେନ ପୁନଃ ସଂଜ୍ଞା ନାଟ୍ୟେ ନୃତ୍ତେ କରେଷ୍ୱିହ ॥ ୨୧୨ ॥

ନଳିନୀ ପଦ୍ମକୋଶ — ପଦ୍ମକୋଶ' ହସ୍ତଦ୍ୱୟକୁ ବ୍ୟାବର୍ତ୍ତିତ ଓ ପରିବର୍ତ୍ତିତ କରଣ ସାହାଯ୍ୟରେ ଯଥାକ୍ରମେ ଚାଳିତ କଲେ ତାହାର ନାମ ନଳିନୀ ପଦ୍ମକୋଷ ହୁଏ । ୨୦୮ ।

ଉଲ୍ୱଣ — ବକ୍ଷଃ ସ୍ଥାନରୁ ହସ୍ତ-ଦ୍ୱୟକୁ ଉଦ୍‌ବେଷ୍ଟିତ କରି ଊର୍ଦ୍ଧ୍ୱ-ଭାଗରେ ଅର୍ଥାତ୍ ସ୍କନ୍ଧ ଦେଶରେ ପ୍ରସାରିତ ଓ ଆବଦ୍ଧ କରି (ସ୍କନ୍ଧର ଅଗ୍ର-ମୁଖରେ ଅଙ୍ଗୁଳି ଚାଳନା ଦ୍ୱାରା) ଅଳପଲ୍ଲବ କଲେ ତାହାର ନାମ ଉଲ୍ୱଣ ହୁଏ । (ଘୋଷଙ୍କ ଇଂରାଜୀ ଅନୁବାଦ ଅନୁସାରେ ଏହା ଅଳପଲ୍ଲବ) ତାହାର ଲକ୍ଷଣ ହସ୍ତଦ୍ୱୟ ଉଦ୍‌ବେଷ୍ଟିତ କରଣରେ ଯୁକ୍ତ ହୋଇ ଚାଳିତ ହେଲେ ତାହାର ନାମ ଅଳପଲ୍ଲବ । ୨୦୯ ।

ଲଳିତ — ଅଳପଲ୍ଲବ ହସ୍ତ, ମସ୍ତକ ସ୍ଥାନରେ ଚାଳିତ ହେଲେ ତାହାକୁ ଲଳିତ କହନ୍ତି ।

ବଳିତ — ଦୁଇ ହସ୍ତର କୂର୍ପର (କହୁଣୀ) ସ୍ଥାନରେ ସ୍ୱସ୍ତିକ କରାଗଲେ ତାହାକୁ ବଳିତ କହନ୍ତି । ୨୧୦ ।

କରଣ ରଚନା କାର୍ଯ୍ୟରେ ନୃତ୍ତ ହସ୍ତର ପ୍ରୟୋଗ କରିବା ବିଧେୟ । ପତାକା ପ୍ରଭୃତି ବାକ୍ୟାର୍ଥର ଅଭିନୟରେ ପ୍ରଯୁକ୍ତ ହେବା ଉଚିତ । ୨୧୧ ।

ବେଳେବେଳେ ପ୍ରୟୋଜନ ଦୃଷ୍ଟିରୁ ଏମାନଙ୍କର ମିଶ୍ରଣ ମଧ୍ୟ ଦେଖାଯାଏ । ତଥାପି ଏମାନଙ୍କର ନାମକରଣ ନୃତ୍ୟ ଓ ନାଟ୍ୟରେ ହସ୍ତ ମାନଙ୍କର ପ୍ରାଧାନ୍ୟବଶତଃ ତଦନୁସାରେ କରାଯାଇଛି । ୨୧୨ ।

Digitized by srujanika@gmail.com

ବିଯୁକ୍ତାସଂଯୁକ୍ତାଶ୍ଚୈବ ନୃତ୍ତହସ୍ତାଃ ପ୍ରକୀର୍ତ୍ତିତାଃ] ।
ଅତଃ ପରଂ ପ୍ରବକ୍ଷ୍ୟାମି କଥନ୍ କରଣସଂଶ୍ରୟାନ୍ ॥ ୨୧୩ ।
ସର୍ବେଷାମେବ ହସ୍ତାନାଂ ନାଟ୍ୟହସ୍ତନିଦେଶିଭିଃ ।
ଜ୍ଞାତବ୍ୟଂ ପ୍ରଯତ୍ନେନ କରଣଂ ତୁ ଚତୁର୍ବିଧମ୍ ॥ ୨୧୪ ॥
ଅଥାବେଷ୍ଟିତମେକଂ ସ୍ୟାଦୁଦ୍ୱେଷ୍ଟିତମଥାପରମ୍ ।
ବ୍ୟାବର୍ତ୍ତିତଂ ତୃତୀୟଂ ତୁ ଚତୁର୍ଥଂ ପରିବର୍ତ୍ତିତମ୍ ॥ ୨୧୫ ॥
ଆବେଷ୍ଟ୍ୟନ୍ତେ ଯଦାଙ୍ଗୁଲ୍ୟସ୍ତର୍ଜନ୍ୟାଦ୍ୟା ଯଥାକ୍ରମମ୍ ।
ଅଭ୍ୟନ୍ତରେଣ କରଣଂ ତଦାବେଷ୍ଟିତମୁଚ୍ୟତେ ॥ ୨୧୬ ॥
ଉଦ୍‌ବେଷ୍ଟ୍ୟନ୍ତେ ଯଦାଙ୍ଗୁଲ୍ୟସ୍ତର୍ଜନ୍ୟାଦ୍ୟା ବହିର୍ମୁଖମ୍ ।
କ୍ରମଶଃ କରଣଂ ତଜ୍ଜ୍ଞୈସ୍ତଦୁଦ୍ୱେଷ୍ଟିତମୁଚ୍ୟତେ ॥ ୨୧୭ ॥
ଆବର୍ତ୍ତ୍ୟନ୍ତେ କନିଷ୍ଠାଦ୍ୟା ଅଙ୍ଗୁଲ୍ୟୋଽଭ୍ୟନ୍ତରେଣ ତୁ ।
ଯଥାକ୍ରମେଣ କରଣଂ ତଦ୍‌ବ୍ୟାବର୍ତ୍ତିତମୁଚ୍ୟତେ ॥ ୨୧୮ ॥

ନୃତ୍ତ ହସ୍ତ ସଂଯୁକ୍ତ ଓ ବିଯୁକ୍ତ ଭେଦରେ ଦୁଇ ପ୍ରକାର (ଦୁଇ ହସ୍ତ ମିଳିତ ହେଲେ ସଂଯୁକ୍ତ ଓ ପୃଥକ୍ ପୃଥକ୍ ରହିଲେ ବିଯୁକ୍ତ ବା ଅଂସଯୁକ୍ତ) ଏହାପରେ କରଣ ସହିତ ସଂପୃକ୍ତ ହସ୍ତ ବିଷୟରେ କହୁଅଛୁ ।୨୧୩ ।

ସମସ୍ତ ପ୍ରକାର ହସ୍ତ-ଗୁଳନା ଯେ ଚାରି ପ୍ରକାରରେ ବିଭକ୍ତ ଏହା ନାଟ୍ୟ ଉପଦେଷ୍ଟା ମାନଙ୍କର ଅତି ଯତ୍ନ ସହକାରେ ବୁଝିବା ଉଚିତ । ଏହା ହେଉଛି — ଆବେଷ୍ଟିତ, ଉଦ୍ୱେଷ୍ଟିତ, ବ୍ୟାବର୍ତ୍ତିତ ଓ ପରିବର୍ତ୍ତିତ । । ୨୧୪-୨୧୫ ।

ଆବେଷ୍ଟିତ — ତର୍ଜନ୍ୟାଦି କ୍ରମରେ ଆଙ୍ଗୁଠି ଗୁଡ଼ିକୁ ହାତର ଭିତର ପଟକୁ ଆବେଷ୍ଟିତ ଅର୍ଥାତ୍ ବୁଲାଇ ଆଣିଲେ, ତାହାର ନାମ ଆବେଷ୍ଟିତ କରଣ ହୁଏ । ୨୧୬ ।

ଉଦ୍ୱେଷ୍ଟିତ — ତର୍ଜନୀକୁ ଆଦିକରି ଆଙ୍ଗୁଳି ଗୁଡ଼ିକ କ୍ରମାନ୍ୱୟରେ ଭିତରପଟୁ ବାହାର ଆଡ଼କୁ ବୁଲାଇ ବୁଲାଇ ଆଣିଲେ ତାହାକୁ ଉଦ୍ୱେଷ୍ଟିତ କରଣ କହନ୍ତି । ୨୧୭ ।

ବ୍ୟାବର୍ତ୍ତିତ — କନିଷ୍ଠାଦି-କ୍ରମରେ ଆଙ୍ଗୁଠି ଗୁଡ଼ିକୁ କରତଳ ଆଡ଼କୁ (ଭିତର ପଟକୁ) ବୁଲାଇ ବୁଲାଇ ଆଣିଲେ ସେହି କରଣକୁ ବ୍ୟାବର୍ତ୍ତିତ କହନ୍ତି । ୨୧୮ ।

Digitized by srujanika@gmail.com

ଉଦ୍ୱର୍ତ୍ତ୍ୟନ୍ତେ କନିଷ୍ଠାଦ୍ୟା ବାହ୍ୟତଃ କ୍ରମଶୋ ଯଦା ।
ଅଙ୍ଗୁଲ୍ୟଃ କରଣଂ ବିପ୍ରାସ୍ତଦୁକ୍ତଂ ପରିବର୍ତ୍ତିତମ୍ ॥ ୨୧୯ ॥
ନୃତ୍ତେଽଭିନୟସଂଯୋଗେ ଚ ପାଣିଭିର୍ବର୍ତ୍ତନାଶ୍ରୟୈଃ ।
ମୁଖଭ୍ରୂନେତ୍ରଯୁକ୍ତାନି କରଣାନି ପ୍ରଯୋଜୟେତ୍ ॥ ୨୨୦ ॥
ତିର୍ଯ୍ୟକ୍ତଥୋର୍ଦ୍ଧ୍ୱସଂସ୍ଥୋ ହ୍ୟଧୋମୁଖଶ୍ଚାଞ୍ଚିତୋଽପବିଦ୍ଧସ୍ତୁ ।
ମଣ୍ଡଳଗତସ୍ତଥା ସ୍ୱସ୍ତିକଶ୍ଚ ପୃଷ୍ଠାନୁସାରୀ ଚ ॥ ୨୨୧ ॥
ଉଦ୍ୱେଷ୍ଟିତଃ ପ୍ରସାରିତ ଇତ୍ୟେତେ ବୈ ସ୍ମୃତାଃ ପ୍ରକାରାସ୍ତୁ ।
ବାହୋରିତି କରଣଗତା ସଂକ୍ଷେପା ନର୍ତ୍ତକୈର୍ନିତ୍ୟମ୍ ॥ ୨୨୨ ॥
ହସ୍ତାନାଂ କରଣୈର୍ଧର୍ମ୍ୟା ସମାସେନ ନିଗଦିତୋ ବିପ୍ରାଃ ।
ଅତ ଊର୍ଦ୍ଧ୍ୱଂ ବ୍ୟାଖ୍ୟାସ୍ୟେ ହୃଦୟୋଦରପାର୍ଶ୍ୱକର୍ମାଣି ॥ ୨୨୩ ॥
ଆଭୁଗ୍ନମଥ ନିର୍ଭୁଗ୍ନଂ ତଥା ଚୈବ ପ୍ରକମ୍ପିତମ୍ ।
ଉଦ୍ୱାହିତଂ ସମଂ ଚୈବ ହ୍ୟୁରଃ ପଞ୍ଚବିଧଂ ସ୍ମୃତମ୍ ॥ ୨୨୪ ॥

ପରିବର୍ତ୍ତିତ — କନିଷ୍ଠାଦି କ୍ରମରେ ଆଙ୍ଗୁଠି ଗୁଡ଼ିକ ଭିତରପଟୁ ବାହାର ଆଡ଼କୁ ବୁଲାଇ ବୁଲାଇ ଆଣିଲେ ସେହି କରଣକୁ ପରିବର୍ତ୍ତିତ କହନ୍ତି । । ୨୧୯ ।

କରଣର ପ୍ରୟୋଗଯୋଗ୍ୟତା — ନୃତ୍ୟ ବା ଅଭିନୟର ପ୍ରୟୋଗ-ବେଳେ ବର୍ତ୍ତନାଯୁକ୍ତ ନୃତ୍ୟହସ୍ତ ତଥା ମୁଖ ନେତ୍ର ଓ ଭ୍ରୂ (ଗତି) ଯୁକ୍ତକର କରଣର ପ୍ରୟୋଗ କରାଯାଇଥାଏ । ନର୍ତ୍ତକ ମାନେ ବାହୁ ଦ୍ୱୟର ଦଶ ପ୍ରକାର କରଣ ବିଷୟରେ ଅଭିଜ୍ଞ ହେବା ଉଚିତ । ସେ ଗୁଡ଼ିକ ହେଉଛନ୍ତି, ତିର୍ଯ୍ୟକ୍, ଊର୍ଦ୍ଧ୍ୱସଂସ୍ଥ, ଅଧୋମୁଖ, ଅଞ୍ଚିତ, ଅପବିଦ୍ଧ ମଣ୍ଡଳଗତ, ସ୍ୱସ୍ତିକ, ପୃଷ୍ଠାନୁସାରୀ, ଉଦ୍ୱେଷ୍ଟିତ ଓ ପ୍ରସାରିତ । ୨୨୦-୨୨୨ ।

ହେ ବିପ୍ରଗଣ ! ହସ୍ତର କରଣବିଧି ମୁଁ ସଂକ୍ଷେପତଃ କହିଲି । ଏଣିକି ହୃଦୟ (ବକ୍ଷ), ଉଦର, ଏବଂ ପାର୍ଶ୍ୱ (ମାନଙ୍କର) କାର୍ଯ୍ୟ ସମ୍ବନ୍ଧରେ କହିବି । । ୨୨୩ ।

ହୃଦୟ ବା ବକ୍ଷଦେଶର କରଣ — ଉରୋଦେଶର କରଣ ପାଞ୍ଚ-ପ୍ରକାର, ଯଥା —ଆଭୁଗ୍ନ, ନିର୍ଭୁଗ୍ନ, ପ୍ରକମ୍ପିତ, ଉଦ୍ୱାହିତ ଓ ସମ । ୨୨୪ ।

Digitized by srujanika@gmail.com

ନିମ୍ନମୁନ୍ନତପୃଷ୍ଠଂ ଚ ବ୍ୟାଭୁଗ୍ନାଂସଂ ଶ୍ଲଥଂ କ୍ୱଚିତ୍ ।
ଅଭୁଗ୍ନଂ ତଦ୍ଭବେଜ୍ଜ୍ଞେୟଂ କର୍ମ ଚାସ୍ୟ ନିବୋଧତ ॥ ୨୨୫ ॥
ସମ୍ଭ୍ରମବିଷାଦମୂର୍ଚ୍ଛାଶୋକଭୟବ୍ୟାଧିହୃଦୟଶଲ୍ୟେଷୁ ।
କାର୍ଯଂ ଶୀତସ୍ପର୍ଶେ ବର୍ଷେ ଲଜ୍ଜାନ୍ୱିତେଽର୍ଥବଶାତ୍ ॥ ୨୨୬ ॥
ସ୍ତବ୍ଧଂ ଚ ନିମ୍ନପୃଷ୍ଠଂ ଚ ନିର୍ଭୁଗ୍ନାଂସସମୁନ୍ନତମ୍ ।
ଭବେ ନିର୍ଭୁଗ୍ନମେତଦ୍ଧି କର୍ମ ଚାସ୍ୟ ନିବୋଧତ ॥ ୨୨୭ ॥
ସ୍ତମ୍ଭେ ମାନଗ୍ରହଣେ ବିସ୍ମୟଦୃଷ୍ଟେ ଚ ସତ୍ୟବଚନେ ଚ ।
ଅହମିତି ଚ ଦର୍ପବଚନେ ଗର୍ବୋତ୍ସେକେ ଚ କର୍ତ୍ତବ୍ୟମ୍ ॥ ୨୨୮ ॥

ଅତ୍ର କେଚିତ୍— କ୍ଷେପକୋଽୟମ୍—

[ଦୀର୍ଘନିଃଶ୍ୱସିତେ ଚୈବ ଜୃମ୍ଭଣେ ମୋଟନେ ତଥା ।
ବିବ୍ବୋକେ ଚ ପୁନଃ ସ୍ତ୍ରୀଣାଂ ତଦିଜ୍ଞେୟଂ ପ୍ରୟୋକ୍ତୃଭିଃ] ॥୨୨୯॥

ଆଭୁଗ୍ନ — ବକ୍ଷ, ଅବନତ, ପୃଷ୍ଠ ଉନ୍ନତ, ସ୍କନ୍ଧଦେଶ ତଳଆଡ଼କୁ ଝିପିପଡ଼ିଲା ପରି କୌଣସି କୌଣସି ସ୍ଥଳରେ ଶ୍ଲଥ (ଶିଥିଳ ବା ଦୃଢ଼ତାରହିତ) ହେଲେ ତାହାକୁ ଆଭୁଗ୍ନ ଉରଃ କୁହାଯାଏ । ଏବେ ଏହାର ପ୍ରୟୋଗ ସ୍ଥଳ ବିଷୟରେ ଶୁଣ । ଏହା ସମ୍ଭ୍ରମ, ବିଷାଦ, ମୂର୍ଚ୍ଛା, ଶୋକ, ଭୟ ବ୍ୟାଧି, ହୃଦୟ ବେଦନା, ଶୀତଳ-ଦ୍ରବ୍ୟର ସ୍ପର୍ଶ, ବୃଷ୍ଟି ଓ ଲଜ୍ଜାଳୁତାର ଅଭିନୟରେ ପ୍ରଯୁକ୍ତ ହୁଏ । ୨୨୫-୨୨୬ ।

ନିର୍ଭୁଗ୍ନ — ବକ୍ଷ ସ୍ତବ୍ଧ, (ନିଶ୍ଚଳ) ପୃଷ୍ଠ ଅବନତ, ଅଂସ (ସ୍କନ୍ଧ) ଦେଶ ଉତ୍ଥିତ ଓ ପତିତ ଏହାକୁ ନିର୍ଭୁଗ୍ନ କରଣ କହନ୍ତି । ୨୨୭ ।

ଏହାର ପ୍ରୟୋଗ ସ୍ଥଳ — ସ୍ତମ୍ଭ, ମାନଗ୍ରହଣ, ବିସ୍ମୟଜନକ ଦର୍ଶନ, ସତ୍ୟକଥନ, ଦର୍ପସହକାରେ 'ମୁଁ' ବୋଲି କହି ନିଜକୁ ନିର୍ଦ୍ଦେଶ କରିବା, ଗର୍ବାଧିକ୍ୟ ପ୍ରକାଶ କରିବା ସ୍ଥଳରେ ନିର୍ଭୁଗ୍ନ କରଣ ପ୍ରଯୁକ୍ତ ହୁଏ । (କେତେକ କାହାର ମତରେ ଦୀର୍ଘନିଃଶ୍ୱାସ ନିକ୍ଷେପ କରିବା, ହାଇମାରିବା, ମୋଡ଼ିଭାଙ୍ଗି ହେବା ଓ ସ୍ତ୍ରୀମାନଙ୍କର ବିବ୍ବୋକ ଅଳଂକାର ପ୍ରଦର୍ଶନ ସ୍ଥଳରେ ଏହା ପ୍ରଯୁକ୍ତ ହୁଏ) । ୨୨୮-୨୨୯ ।

Digitized by srujanika@gmail.com

ଊର୍ଦ୍ଧ୍ୱକ୍ଷେପୈରୁରସୋ ଯତ୍ର ନିରନ୍ତରକୃତୈଃ କୃତମ୍ ।
ପ୍ରକମ୍ପିତଂ ଚ ତଜ୍ଜ୍ଞେୟମୁରୋ ନାଟ୍ୟପ୍ରଯୋକ୍ତୃଭିଃ ॥ ୨୭୦ ॥
ହସିତରୁଦିତେଷୁ କାର୍ଯ୍ୟଂ ଶ୍ରମେ ଭୟେ ଶ୍ୱାସକାସୟୋଶ୍ଚୈବ ।
ହିକ୍କେ ଦୁଃଖେ ଚ ତଥା ନାଟ୍ୟଜ୍ଞୈରର୍ଥଯୋଗେନ ॥ ୨୭୧ ॥
ଉଦ୍ବାହିତଂ ତୂର୍ଦ୍ଧ୍ୱକୃତମୁରଃ ଜ୍ଞେୟଂ ପ୍ରଯୋକ୍ତୃଭିଃ ।
ଦୀର୍ଘୋଚ୍ଛ୍ୱାସୋନ୍ନତାଲୋକେ ଜୃମ୍ଭଣାଦିଷୁ ଚେଷ୍ୟତେ ॥ ୨୭୨ ॥
ସର୍ବୈରେବାଙ୍ଗବିନ୍ୟାସୈଶ୍ଚତୁରସ୍ରକୃତୈଃ କୃତମ୍ ।
ଉରଃ ସମଂ ତୁ ବିଜ୍ଞେୟଂ ସ୍ୱସ୍ଥଂ ସୌଷ୍ଠବସଂଯୁତମ୍ ॥ ୨୭୩ ॥
ଏତଦୁକ୍ତଂ ମୟା ସମ୍ୟଗୁରସସ୍ତୁ ବିକଳ୍ପନମ୍ ।
ଅତଃ ପରଂ ପ୍ରବକ୍ଷ୍ୟାମି ପାର୍ଶ୍ୱୟୋରିହ ଲକ୍ଷଣମ୍ ॥ ୨୭୪ ॥
ନତଂ ସମୁନ୍ନତଂ ଚୈବ ପ୍ରସାରିତବିବର୍ତ୍ତିତେ ।
ତଥାପସୃତମେବଂ ତୁ ପାର୍ଶ୍ୱୟୋଃ କର୍ମ ପଞ୍ଚଧା ॥ ୨୭୫ ॥

ପ୍ରକମ୍ପିତ — ନିରନ୍ତର ଭାବେ ବକ୍ଷୋଦେଶକୁ ଉନ୍ନତ କରି ଅବନତ କରିବାକୁ ନାଟ୍ୟାଭିଜ୍ଞ କୁଶଳ ବ୍ୟକ୍ତିମାନେ ପ୍ରକମ୍ପିତ ବୋଲି କହିଥାନ୍ତି । ୨୭୦ ।

ଏହାର ପ୍ରୟୋଗ ସ୍ଥଳ — ହସିବା, କାନ୍ଦିବା, ଶ୍ରାନ୍ତି, ଭୟ, ଶ୍ୱାସ, କାସ, ହିକ୍କା ଓ ଦୁଃଖ ଏମାନଙ୍କ ଅଭିନୟରେ ପ୍ରକମ୍ପିତ କରଣ ପ୍ରଯୁକ୍ତ ହୁଏ । ୨୭୧ ।

ଉଦ୍ବାହିତ — ବକ୍ଷୋଦେଶକୁ ଉପରକୁ ଉଠିବା (ଫୁଲାଇବା)ର ନାମ ଉଦ୍ବାହିତ ।

ଏହାର ପ୍ରୟୋଗ ସ୍ଥଳ — ଦୀର୍ଘଶ୍ୱାସ, ଉନ୍ନତ ପଦାର୍ଥର ଦର୍ଶନ, ହାଇମାରିବା ପ୍ରଭୃତି ସ୍ଥଳରେ ଏହା ପ୍ରଯୁକ୍ତ ହୁଏ । ୨୭୨ ।

ସମ — ସମସ୍ତ ଅଙ୍ଗ ଚତୁରସ୍ର ଭଙ୍ଗୀରେ ସୌଷ୍ଠବ ସହକାରେ ଅବସ୍ଥାପିତ ହେଲେ ତାହାର ନାମ ସମ । ୨୭୩ ।

ବକ୍ଷଃଦେଶର ପ୍ରକାର ଭେଦ କହିଲି, ଏବେ ପାର୍ଶ୍ୱଦ୍ୱୟର ପ୍ରକାର ଭେଦ ବିଷୟରେ କହୁଛି । ଏହା ନତ, ସମୁନ୍ନତ, ପ୍ରସାରିତ, ବିବର୍ତ୍ତିତ ଅପସୃତ ଭେଦରେ ପାଞ୍ଚପ୍ରକାର । ୨୭୪-୨୭୫ ।

Digitized by srujanika@gmail.com

କଟୀ ଭବେତ୍ତୁ ବ୍ୟାଭୁଗ୍ନା ପାର୍ଶ୍ୱମାଭୁଗ୍ନମେବ ଚ ।
ତଥୈବାପସୃତାଂସଂ ଚ କଞ୍ଚିତ୍ପାର୍ଶ୍ୱଂ ନତଂ ସ୍ମୃତମ୍ ॥ ୨୫୬ ॥
ନତହ୍ୟେବାପରଂ ପାର୍ଶ୍ୱଂ ବିପରୀତଂ ତୁ ଯୁକ୍ତିତଃ ।
କଟିପାର୍ଶ୍ୱଭୁଜାଂସୈଶ୍ଚାଭ୍ୟୁନ୍ନତୈରୁନ୍ନତଂ ଭବେତ୍ ॥ ୨୫୭ ॥
ଆୟାମନାଦୁଭୟତଃ ପାର୍ଶ୍ୱୟୋଃ ସ୍ୟାତ୍ପ୍ରସାରିତମ୍ ।
ପରିବର୍ତ୍ତାତ୍ତ୍ରିକସ୍ୟାପି ବିବର୍ତ୍ତିତମିହେଷ୍ୟତେ ॥ ୨୫୮ ॥
ନିବର୍ତ୍ତନାପନୟନାଦ୍ଭବେଦପସୃତଂ ପୁନଃ ।
ପାର୍ଶ୍ୱଲକ୍ଷଣମିତ୍ୟୁକ୍ତଂ ବିନିଯୋଗଂ ନିବୋଧତ ॥ ୨୫୯ ॥
ଉପସର୍ପେ ନତଂ କାର୍ଯ୍ୟମୁନ୍ନତଂ ଚାପସର୍ପଣେ ।
ପ୍ରସାରିତଂ ପ୍ରହର୍ଷାଦୌ ପରିବୃତ୍ତେ ବିବର୍ତ୍ତିତମ୍ ॥ ୨୬୦ ॥

ନତ — କଟିଦେଶ, ବ୍ୟାଭୁଗ୍ନ (ତଳଆଡ଼କୁ ନଇଁଥିବା) ପାର୍ଶ୍ୱଦେଶ ମଧ୍ୟ ଅଳ୍ପ ନତ ହୋଇଥିବ । ସ୍କନ୍ଧଦେଶ ଖସି ପଡ଼ିଥିବ, (ଓହ୍ଲାଇ ଯାଇଥିବ) ଏପରି ହେଲେ ନତ ନାମକ ପାର୍ଶ୍ୱକରଣ ହୁଏ । ୨୫୬ ।

ଉନ୍ନତ — ଯେଉଁ ପାର୍ଶ୍ୱ ନତ ହୋଇଥାଏ, ତାହାର ବିପରୀତ ପାର୍ଶ୍ୱକୁ ଉନ୍ନତ କୁହାଯାଏ । କଟି, ପାର୍ଶ୍ୱ, ଭୁଜ ଓ ଅଂସ ଉନ୍ନତ ହୋଇଥିଲେ ତାହାକୁ ଉନ୍ନତ କହନ୍ତି । ୨୫୭ ।

ପ୍ରସାରିତ — ପାର୍ଶ୍ୱକୁ ଦୁଇକଡ଼ରେ ଅର ଅର କରି ଲମ୍ବାଇଲେ ତାହାକୁ ପ୍ରସାରିତ କହନ୍ତି ।

ବିବର୍ତ୍ତିତ — ତ୍ରିକଦେଶ (ମେରୁଦଣ୍ଡର ତଳଭାଗ) ପରିବର୍ତ୍ତିତ ହେଲେ (ଏକତ ସେକତ କରାଗଲେ) ତାହାକୁ ବିବର୍ତ୍ତିତ କହନ୍ତି । ୨୫୮ ।

ଅପସୃତ — ଥରେ ଏକ ପାଖକୁ ତ୍ରିକର ଚଳନା କରି ପୁଣି ସେ ପାଖରୁ ଫେରାଇ ଆଣିଲେ ତାହାର ନାମ ଅପସୃତ ହୁଏ । ପାର୍ଶ୍ୱ ଲକ୍ଷଣ କୁହାଗଲା । ଏବେ ସେ ଗୁଡ଼ିକର ପ୍ରୟୋଗ ସ୍ଥାନ ବିଷୟରେ ଶୁଣ । ୨୫୯ ।

ଉପସର୍ପଣ (ପାର୍ଶ୍ୱଗମନ) ସ୍ଥଳରେ 'ନତ', ଅପସର୍ପଣ, ଧାଇଁ ଆସିବା ଅଭିନୟରେ 'ଉନ୍ନତ', ଅଧିକ ହର୍ଷର ଅଭିନୟରେ ପ୍ରସାରିତ, ପରିବର୍ତ୍ତନ ଅଭିନୟରେ (ଏକତ ସେକତ ହେବା) ବିବର୍ତ୍ତିତ । ୨୬୦ ।

Digitized by srujanika@gmail.com

ବଳନବୃତ୍ତେ ତ୍ୱପସୃତଂ ପାର୍ଶ୍ୱମର୍ଥବଶାଦ୍ଭବେତ୍ ।
ଏତାନି ପାର୍ଶ୍ୱକର୍ମାଣି ଜଠରସ୍ୟ ନିବୋଧତ ॥ ୨୪୧ ॥

କ୍ଷାମଂ ଖଲ୍ୱଂ ଚ ପୂର୍ଣ୍ଣଂ ଚ ସମ୍ପ୍ରୋକ୍ତମୁଦରଂ ତ୍ରିଧା ।
ତନୁ କ୍ଷାମଂ ନତଂ ଖଲ୍ୱଂ ପୂର୍ଣ୍ଣମାଧ୍ମାତମୁଚ୍ୟତେ ॥ ୨୪୨ ॥

କ୍ଷାମଂ ହାସ୍ୟେଽଥ ରୁଦିତେ ନିଃଶ୍ୱାସେ ଜୃମ୍ଭଣେ ଭବେତ୍ ।
ବ୍ୟାଧିତେ ତପସି ଶ୍ରାନ୍ତେ କ୍ଷୁଧାର୍ତ୍ତେ ଖଲ୍ୱମିଷ୍ୟତେ ॥ ୨୪୩ ॥

ପୂର୍ଣ୍ଣମୁଚ୍ଛ୍ୱସିତେ ସ୍ଥୂଲେ ବ୍ୟାଧିତେଽତ୍ୟଶନାଦିଷୁ ।

ଅନ୍ୟେ ତୁ—

କ୍ଷାମଂ ଖଲ୍ଲଂ ସମଂ ପୂର୍ଣ୍ଣମୁଦରଂ ସ୍ୟାଚ୍ଚତୁର୍ବିଧମ୍ ॥ ୨୦୪ ॥

ଇତ୍ୟେତଦୁଦରସ୍ୟୋକ୍ତଂ କର୍ମ କଟ୍ୟା ନିବୋଧତ ।
ଛିନ୍ନା ଚୈବ ନିବୃତ୍ତା ଚ ରେଚିତା କମ୍ପିତା ତଥା ॥ ୨୪୫ ॥

ଉଦ୍ୱାହିତା ଚେତି କଟୀ ନାଟ୍ୟେ ନୃତ୍ତେ ଚ ପଞ୍ଚଧା ।
କଟୀ ମଧ୍ୟସ୍ୟ ବଳନାଚ୍ଛିନ୍ନା ସମ୍ପରିକୀର୍ତ୍ତିତା ॥ ୨୪୬ ॥

ବଳନବର୍ତ୍ତିନ (ଲେଉଟିବା) ଅଭିନୟରେ ଅପସୃତ କରଣ ପ୍ରଯୁକ୍ତ ହୁଏ । ପାର୍ଶ୍ୱ କର୍ମ ବିଷୟରେ କୁହାଗଲା, ଏବେ ଉଦର ସମ୍ବନ୍ଧରେ ଶୁଣ । ୨୪୧ ।

ଉଦରର କରଣ ତିନି ପ୍ରକାର । ଯଥା—କ୍ଷାମ, ଖଲ୍ୱ ଓ ପୂର୍ଣ୍ଣ ।

ଲକ୍ଷଣ — କ୍ଷୀଣ ଉଦରକୁ କ୍ଷାମ, ଭିତରକୁ ପଶି ଯାଇଥିବା ଉଦରକୁ ଖଲ୍ୱ ଓ ଫୁଲି ରହିଥିବା ଉଦରକୁ ପୂର୍ଣ୍ଣ କହନ୍ତି । ୨୪୨ ।

ହାସ୍ୟ, ରୋଦନ, ନିଶ୍ୱାସ ତ୍ୟାଗ, ଜୃମ୍ଭା (ହାଇମାରିବା) ଅଭିନୟରେ କ୍ଷାମ ଉଦର ପ୍ରଦର୍ଶନୀୟ । ବ୍ୟାଧି, ରୋଗ, ତପସ୍ୟା, ଶ୍ରାନ୍ତ କ୍ଷୁଧା ପ୍ରଭୃତିର ଅଭିନୟରେ ଖଲ୍ୱ ଏବଂ ଉର୍ଦ୍ଧ୍ୱଶ୍ୱାସ, ସ୍ଥୂଳ, ବ୍ୟାଧିଗ୍ରସ୍ତ, ବହୁଭୋଜନକାରୀର ଅଭିନୟରେ ପୂର୍ଣ୍ଣ ଉଦର ପ୍ରଯୁକ୍ତ ହୁଏ । (କାହାରି କାହାରି ମତରେ ଏହି ଉଦର ଚାରି ପ୍ରକାର, ଯଥା—କ୍ଷାମ, ଖଲ୍ଲ, ସମ ଓ ପୂର୍ଣ୍ଣ) । ୨୪୩-୨୪୪ ।

ଉଦରର ଭେଦ କୁହାଗଲା ଏବେ କଟୀର କର୍ମ କୁହାଯାଉଛି ଶୁଣ । ନାଟ୍ୟ ଓ ନୃତ୍ୟରେ କଟି ପାଞ୍ଚ ପ୍ରକାର । ଯଥା — ଛିନ୍ନା, ନିବୃତ୍ତା, ରେଚିତା, କମ୍ପିତା ଓ ଉଦ୍ୱାହିତା । ମଧ୍ୟ ଭାଗର ବଳନ କଲେ ତାହାକୁ ଛିନ୍ନା କଟି କହନ୍ତି । ୨୪୫-୨୪୬ ।

Digitized by srujanika@gmail.com

ପଶ୍ଚାଦ୍‌ଗ୍ରଂଶସ୍ୟାଭିମୁଖୀ ନିବୃତ୍ତା ସ୍ୟାନ୍ନିବର୍ତ୍ତିତା ।
ସର୍ବତୋ ଭ୍ରମଣାଚ୍ଚାପି ବହିକ୍ଷେପ୍ୟା ରେଚିତା ଭବେତ୍ ॥ ୨୮୭ ॥
ପୁନସ୍ତାସାଂ ପ୍ରବକ୍ଷ୍ୟାମି ବିନିଯୋଗ ପ୍ରୟୋଜନମ୍ ।
ଛିନ୍ନା ବ୍ୟାୟାମସମ୍ଭ୍ରାନ୍ତ ବ୍ୟାବୃତ୍ତପ୍ରେକ୍ଷଣାଦିଷୁ ॥ ୨୮୮ ॥
ନିବୃତ୍ତା ବର୍ତ୍ତନେ ଚୈବ ରେଚିତା ଭ୍ରମଣାଦିଷୁ ।
କୁବ୍ଜ ବାମନନୀଚାନାଂ ଗତୌ କାର୍ଯ୍ୟା ପ୍ରକମ୍ପିତା ॥ ୨୮୯ ॥
ସ୍ଥୂଳଲୋକାଶ୍ରିତା ଯୋଜ୍ୟା ସ୍ତ୍ରୀଣାଂ ଲୀଲାଗତେଷୁ ଚ ।
କମ୍ପନଂ ବଳନଂ ଚୈବ ସ୍ତମ୍ଭନୋଦ୍ୱର୍ତ୍ତନେ ତଥା ॥ ୨୯୦ ॥
ବିବର୍ତ୍ତନଂ ଚ ପଞ୍ଚୈତାନ୍ୟୂରୁକର୍ମାଣି କାରୟେତ୍ ।
ଉନ୍ନତୋନ୍ନମନାତ୍ ପାର୍ଷ୍ଣ୍ୟୋର୍ମୁହୁଃ ସ୍ୟାଦୂରୁକମ୍ପନମ୍ ॥ ୨୯୧ ॥
ଗଚ୍ଛେଦଭ୍ୟନ୍ତରଂ ଜାନୁ ଯତ୍ର ତଦ୍ୱଳନଂ ସ୍ମୃତମ୍ ।
ସ୍ତମ୍ଭନଂ ଚୁନ ଵିକ୍ଷେପ୍ୟମପବିଦ୍ଧକ୍ରିୟାତ୍ମକମ୍ ॥ ୨୯୨ ॥

ପଶ୍ଚାଦ୍ ଭାଗରୁ ସମ୍ମୁଖକୁ ବୁଲାଇ ଆଣିବାର ନାମ ନିବୃତ୍ତା ହୁଏ ।
ରେଚିତା — ଚାରିଆଡ଼କୁ ବୁଲାଇଲେ ତାହାକୁ ରେଚିତା କହନ୍ତି ।
। ୨୮୭ ।

ଏମାନଙ୍କର ପ୍ରୟୋଜନୀୟତା ବା ପ୍ରୟୋଗସ୍ଥଳ କୁହାଯାଉଛି । ଛିନ୍ନା କଟି ବ୍ୟାୟାମ, ସମ୍ଭ୍ରାନ୍ତ ଭାବେ ଘୂର୍ଣ୍ଣିବା ଓ ଲେଉଟି ଚାହିଁବା ଅଭିନୟରେ ପ୍ରଯୁକ୍ତ ହୁଏ । ନିବୃତ୍ତା କଟି ବର୍ତ୍ତନାରେ ଓ ରେଚିତା କଟି ଚାରି ଆଡକୁ (ଘେରଖାଇ) ବୁଲିବା ଅଭିନୟରେ ପ୍ରଯୁକ୍ତ ହୁଏ । କୁବ୍‌ଜ, ବାମନ ଓ ନୀଚ ପ୍ରଭୃତି ନୀଚପାତ୍ରଙ୍କ ଗତିର ଅଭିନୟରେ ପ୍ରକମ୍ପିତ କଟି ପ୍ରଯୁକ୍ତ ହୁଏ । ସ୍ଥୂଳ ଲୋକର ଗତିର ଏବଂ ସ୍ତ୍ରୀ ମାନଙ୍କର ଲୀଳା ସମନ୍ୱିତ ଗତିର ଅଭିନୟରେ ଉଦ୍ଧୃତ ପ୍ରଯୋଜ୍ୟ । ୨୮୮-୨୮୯ ।

ଊରୁକର୍ମ ପାଞ୍ଚ ଗୋଟି, ତାହା ହେଉଛି କମ୍ପନ, ବଳନ, ସ୍ତମ୍ଭନ, ଉଦ୍ୱର୍ତ୍ତନ ଓ ବିବର୍ତ୍ତନ । ୨୯୦ ।

କମ୍ପନ — ପାର୍ଷ୍ଣିଦେଶକୁ (ଗୋଇଠିକୁ) ବାରମ୍ବାର ଉଠାଇବା ଓ ପକାଇବାକୁ କମ୍ପନ କହନ୍ତି ।

ବଳନ — ଜାନୁ (ଆଣ୍ଠୁ) ଭିତର ଆଡ଼କୁ ପଶିଗଲେ ତାହାକୁ ବଳନ କହନ୍ତି ।

ସ୍ତମ୍ଭନ — କ୍ରିୟା ଅପବିଦ୍ଧ ହେବା ଅର୍ଥାତ୍ ସ୍ଥିର ରହିବାର ନାମ ସ୍ତମ୍ଭନ । ୨୯୧-୨୯୨ ।

Digitized by srujanika@gmail.com

ବଳାତାବଦ୍ଧକରଣାଦୁଦ୍ୱର୍ତ୍ତନମିତୀରିତମ୍ ।
ପାର୍ଷ୍ଣିରଭ୍ୟନ୍ତରଂ ଗଚ୍ଛେଦ୍ୟତ୍ର ତତ୍ତୁ ନିବର୍ତ୍ତନମ୍ ॥ ୨୫୩ ॥
ଗତିଷ୍ୱଧମପାତ୍ରାଣାଂ ଭୟେ ବୃପି ତୁ କମ୍ପନମ୍ ।
ବଲନଂ ଚୈବ କର୍ତ୍ତବ୍ୟଂ ସ୍ତ୍ରୀଣାଂ ସ୍ୱୈରପରିକ୍ରମେ ॥ ୨୫୪ ॥
ସାଧ୍ୱସେ ଚ ବିଷାଦେ ଚ ସ୍ତମ୍ଭନଂ ସମ୍ପ୍ରୟୋଜୟେତ୍ ।
ବ୍ୟାୟାମେ ତାଣ୍ଡବେ ଚୈବ ହ୍ୟର୍ଦ୍ଧମୁଦ୍ୱର୍ତ୍ତନଂ ବୁଧୈଃ ॥ ୨୫୫ ॥
ବିବର୍ତ୍ତନଂ ଚ କର୍ତ୍ତବ୍ୟଂ ସମ୍ଭ୍ରମାଦପସର୍ପଣେ ।
ଯଥା ଦର୍ଶନମନ୍ୟଚ୍ଚ ଲୋକାଦ୍ ଗ୍ରାହ୍ୟଂ ପ୍ରୟୋକ୍ତୃଭିଃ ॥ ୨୫୬ ॥
ଇତ୍ୟୁରୋର୍ଲକ୍ଷଣଂ ପ୍ରୋକ୍ତଂ ଜଂଘୟୋସ୍ତୁ ନିବୋଧତ ।
ଆବର୍ତ୍ତିତଂ ନତଂ କ୍ଷିପ୍ତମୁଦ୍ୱାହିତମଥାପି ବା ॥ ୨୫୭ ।
ପରିବୃତ୍ତଂ ତଥା ଚୈବ ଜଂଘାକର୍ମାଣି ପଞ୍ଚଧା ।
ବାମୋ ଦକ୍ଷିଣପାର୍ଶ୍ୱେନ ଦକ୍ଷିଣଶ୍ଚାପି ବାମତଃ ॥ ୨୫୮ ॥
ପାଦୋ ଯତ୍ର ବ୍ରଜେଦ୍‌ବିପ୍ରାସ୍ତଦାବର୍ତ୍ତିତମୁଚ୍ୟତେ ।
[ଜଂଘାସ୍ୱସ୍ତିକଯୋଗେନ କ୍ରମାଦାବର୍ତ୍ତିତଂ ନୟେତ୍] ॥ ୨୫୯ ॥

ଉଦ୍ୱର୍ତ୍ତନ — ଅଣ୍ଟାକୁ ଭିତରଆଡ଼କୁ ଆଣି ତାହାକୁ ବଳାତ କଲେ ତାହାର ନାମ ଉଦ୍ୱର୍ତ୍ତନ ହୁଏ ।

ନିବର୍ତ୍ତନ—ଗୋଇଠିକୁ ଭିତରଆଡ଼କୁ ଆଣିବାର ନାମ ନିବର୍ତ୍ତନ ।୨୫୩।

ଏମାନଙ୍କର ପ୍ରୟୋଗ — ନୀଚପାତ୍ର ମାନଙ୍କର ଗତି ଏବଂ ଭୟର ଅଭିନୟରେ କମ୍ପନ, ସ୍ତ୍ରୀ ମାନଙ୍କର ସ୍ୱଚ୍ଛନ୍ଦ ଗତିର ଅଭିନୟରେ ବଲନ, ଭୟ ଏବଂ ବିଷାଦର ଅଭିନୟରେ ସ୍ତମ୍ଭନ; ବ୍ୟାୟାମ ଓ ତାଣ୍ଡବରେ ଉଦ୍ୱର୍ତ୍ତନ ଏବଂ ସମ୍ଭ୍ରାନ୍ତ ଭାବେ ବା ତାଦୃଶ ଅନ୍ୟ ପ୍ରକାର ଗମନର ଅଭିନୟରେ ବିବର୍ତ୍ତନ ପ୍ରଯୋଜ୍ୟ । ନାଟ୍ୟ ପ୍ରୟୋଗ କର୍ତ୍ତାମାନେ ଲୋକ ବ୍ୟବହାରରୁ ଦେଖି ଉନ୍ହଁରୁ ଉରୁର ଅନ୍ୟାନ୍ୟ କରଣ ଗୁଡ଼ିକୁ ଗ୍ରହଣ କରିବେ । ୨୫୪-୨୫୬ ।

ଉରୁର ଲକ୍ଷଣ କୁହାଗଲା । ଏବେ ଜଙ୍ଘା ଦ୍ୱୟର କରଣ ବିଷୟରେ କୁହାଯାଉଛି, ତାହା ଶୁଣ । ଜଙ୍ଘା କର୍ମ ମଧ୍ୟ ପାଞ୍ଚ ପ୍ରକାର । ତାହା ହେଉଛି— ଆବର୍ତ୍ତିତ, ନତ, କ୍ଷିପ୍ତ, ଉଦ୍ୱାହିତ ଓ ପରିବୃତ୍ତ । ୨୫୭ ।

ଆବର୍ତ୍ତିତ — ବାମ ପାଦ ଡାହାଣକୁ ଓ ଡାହାଣ ପାଦ ବାମକୁ ଗତି କଲେ ତାହାକୁ ଆବର୍ତ୍ତିତ କହନ୍ତି । (ଆବର୍ତ୍ତନ କିମ୍ବା ଜଙ୍ଘା ସ୍ୱସ୍ତିକ ସମ୍ପାଦନ ଦ୍ୱାରା କରାଯାଏ) । ୨୫୮-୨୫୯ ।

Digitized by srujanika@gmail.com

ଜାନୁନଃ କୁଞ୍ଚନାଚ୍ଚୈବ ନତଂ ଜ୍ଞେୟଂ ପ୍ରୟୋକ୍ତୃଭିଃ ।
ବିକ୍ଷେପାଚ୍ଚାପି ଜଂଘାୟାଃ କ୍ଷିପ୍ତମିତ୍ୟଭିଧୀୟତେ ॥ ୨୬୦ ॥
[ନତଂ ସ୍ୟାଜ୍ଜାନୁନମନାତ୍ କ୍ଷିପ୍ତଂ ବିକ୍ଷେପଣାଦ୍‌ବହିଃ] ।
ଉଦ୍‌ବାହିତଂ ଚ ବିଜ୍ଞେୟମୂର୍ଦ୍ଧ୍ୱମୁଦ୍‌ବାହନାଦପି ॥ ୨୬୧ ॥
ପ୍ରତୀପନୟନଂ ଯତ୍ତୁ ପରିବୃତ୍ତଂ ତଦୁଚ୍ୟତେ ।
ଆବର୍ତ୍ତିତଂ ପ୍ରୟୋକ୍ତବ୍ୟଂ ବିଦୂଷକପରିକ୍ରମେ ॥ ୨୬୨ ॥
ନତଂ ଚାପି ହି କର୍ତ୍ତବ୍ୟଂ ସ୍ଥାନାସନଗତାଦିଷୁ ।
କ୍ଷିପ୍ତଂ ବ୍ୟାୟାମଯୋଗେଷୁ ତାଣ୍ଡବେ ଚ ପ୍ରଯୁଜ୍ୟତେ ॥ ୨୬୩ ॥
ତଥା ଚୋଦ୍‌ବାହିତଂ କାର୍ଯ୍ୟମାବିଦ୍ଧଗମନାଦିଷୁ ।
ତାଣ୍ଡବାଦୌ ପ୍ରୟୋକ୍ତବ୍ୟଂ ପରିବୃତ୍ତଂ ପ୍ରୟୋକ୍ତୃଭିଃ ॥ ୨୬୪ ॥
ଇତ୍ୟେବଂ ଜଂଘୟୋଃ କର୍ମ ପାଦୟୋସ୍ତୁ ନିବୋଧତ ।
ଉଦ୍‌ଘଟ୍ଟିତଃ ସମଶ୍ଚୈବ ତଥାଗ୍ରତଲସଞ୍ଚରଃ ॥ ୨୬୫ ॥
ଅଞ୍ଚିତଃ କୁଞ୍ଚିତଶ୍ଚୈବ ପାଦଃ ପଞ୍ଚବିଧଃ ସ୍ମୃତଃ ।

ନତ — ଆଣ୍ଠୁ (ଜାନୁ) ଆକୁଞ୍ଚିତ ହେଲେ ତାହାକୁ ନତ କହନ୍ତି ।
କ୍ଷିପ୍ତ — ଜଙ୍ଘକୁ ଉପରକୁ ଫେକିବା (ଛୁଆଡ଼ିବା)ର ନାମ କ୍ଷିପ୍ତ । ୨୬୦ ।

ଅନ୍ୟମତରେ ଜାନୁ (ଆଣ୍ଠୁ) କୁ ନୁଆଁଇଲେ ନତ ଓ ବାହାରକୁ ବିକ୍ଷେପ କଲେ କ୍ଷିପ୍ତ କରଣ ହୁଏ ।

ଉଦ୍‌ବାହିତ — ଊରୁକୁ ଊର୍ଦ୍ଧ୍ୱକୁ ଉଠାଇଲେ ତାହାର ନାମ ଉଦ୍‌ବାହିତ । ୨୬୧ ।

ପରିବୃତ୍ତ — ବିପରୀତ ଦିଗକୁ (ପଛଆଡ଼କୁ) ଘୁରାଇ କରିବାର ନାମ ପରିବୃତ୍ତ ।

ଏମାନଙ୍କର ପ୍ରୟୋଗ — ବିଦୂଷକର ଗତିରେ ଆବର୍ତ୍ତିତ, ଠିଆ ହେବା ବା ବସିବା ବେଳେ ନତ, ବ୍ୟାୟାମ ବା ତାଣ୍ଡବ ପ୍ରୟୋଗରେ କ୍ଷିପ୍ତ, ଆବିଦ୍ଧ (ଶୀଘ୍ର) ଗତି ସ୍ଥଳରେ ଉଦ୍‌ବାହିତ, ତାଣ୍ଡବ ପ୍ରଭୃତିରେ ପରିବୃତ୍ତ ପ୍ରଯୋଜ୍ୟ । ୨୬୨-୨୬୪ ।

ଜଙ୍ଘା କର୍ମ ବିଷୟରେ କୁହାଗଲା । ଏବେ ପାଦଦ୍ୱୟର କର୍ମ ସମ୍ବନ୍ଧରେ କୁହାଯାଉଛି ଶୁଣ ।

ପାଦକରଣ ମଧ୍ୟ ପାଞ୍ଚ ପ୍ରକାର । ତାହା ହେଉଛି — ଉଦ୍‌ଘଟିତ, ସମ, ଅଗ୍ରତଳ, ସଞ୍ଚର, ଅଞ୍ଚିତ ଓ କୁଞ୍ଚିତ । ୨୬୫ ।

Digitized by srujanika@gmail.com

ସ୍ଥିତ୍ୱା ପାଦତଳାଗ୍ରେଣ ପାର୍ଷ୍ଣିର୍ଭୂମୌ ନିପାତ୍ୟତେ ॥ ୨୬୬ ॥
ଯସ୍ୟ ପାଦସ୍ୟ କରଣେ ଭବେଦୁଦ୍ଘଟ୍ଟିତସ୍ତୁ ସଃ ।
ଅପ୍ୟୁଦ୍ୱେଷ୍ଟିତକରଣେଷ୍ୱନୁକରଣାର୍ଥଂ ପ୍ରଯୋଗମାସାଦ୍ୟ ॥ ୨୬୭ ॥
ଦ୍ରୁତମଧ୍ୟମପ୍ରଚାରଃ ସକୃଦସକୃଦ୍ୱା ପ୍ରଯୋକ୍ତବ୍ୟଃ ।
ସ୍ୱଭାବରଚିତୌ ଭୂମୌ ସମସ୍ଥାନସ୍ଥ ଯୋ ଭବେତ୍ ॥ ୨୬୮ ॥
ସମପାଦଃ ସ ବିଜ୍ଞେୟଃ ସ୍ୱଭାବାଭିନୟାଶ୍ରୟଃ ।
ସ୍ଥିରଃ ସ୍ୱଭାବାଭିନୟେ ନାନାକରଣସଂଶ୍ରୟେ ॥ ୨୬୯ ॥
ଚଳିତଶ୍ଚ ପୁନଃ କାର୍ଯ୍ୟୋ ବୁଧୈଃ ପାଦରେଚକେ ।
[ସମସ୍ୟୈବ ଯଦା ପାର୍ଷ୍ଣିଃ ପାଦସ୍ୟାଭ୍ୟନ୍ତରେ ଭବେତ୍] ॥ ୨୭୦ ॥
ବାହ୍ୟଃ ପାର୍ଶ୍ୱସ୍ଥିତୋଽଙ୍ଗୁଷ୍ଠସ୍ତ୍ର୍ୟଶ୍ରପାଦସ୍ତୁ ସ ସ୍ମୃତଃ ।
ତ୍ୟକ୍ତ୍ୱା (କୃତ୍ୱା) ସମପଦଂ ସ୍ଥାନମଷ୍ଟତାଳାନ୍ତେ ତଥୈବ ଚ ॥ ୨୭୧ ॥
ସ୍ୟାଦ୍ୱିଲ୍ଲବାଦପ୍ୟର୍ଥେଷୁ ତ୍ର୍ୟଶ୍ରଃ ପାଦୋ ଯଥାବିଧି ।
[ଅସ୍ୟୈବ ସମପାଦସ୍ୟ ପାର୍ଷ୍ଣିରଭ୍ୟନ୍ତରେ ଭବେତ୍ ॥ ୨୭୨ ॥
ତ୍ର୍ୟଶ୍ରପାଦଃ ସ ବିଜ୍ଞେୟଃ ସ୍ଥାନକାଦପି ସଂଶ୍ରୟଃ ।]

ଉଦ୍ଘଟ୍ଟିତ — ପାଦର ଅଗ୍ରଭାଗରେ (ପଞ୍ଝା ଉପରେ) ଠିଆହୋଇ ଗୋଇଠିକୁ ଭୂଇଁଲେ କଚାଡ଼ିବାର ନାମ ଉଦ୍ଘଟ୍ଟିତ ।

ପ୍ରୟୋଗ — ଉଦ୍ୱେଷ୍ଟିତ (ଇଂରାଜି ଉଦ୍ଘଟ୍ଟିତ) କରଣ ଅନୁସାରେ ଦ୍ରୁତ ବା ମଧ୍ୟମ ଲୟରେ ଥରେ ବା ବହୁଥର ଏହାର ପ୍ରୟୋଗ କରଣୀୟ । ୨୬୬-୨୬୭ ।

ସମ — ସ୍ୱାଭାବିକ ସ୍ଥିତରେ ଭୂମିରେ ଅବସ୍ଥାନ କରିବାର ନାମ ସମପାଦ । ବହୁବିଧ କରଣରେ ସ୍ୱାଭାବିକ ଅବସ୍ଥାର ଅଭିନୟ ବେଳେ ଏହା (ପାଦ) ସ୍ଥିରଭାବେ ଅବସ୍ଥାନ କରେ, କିନ୍ତୁ ପାଦରେଚକ କରଣରେ ଏହା ଚଳିତ ହୁଏ । ୨୬୮-୨୬୯ ।

(ସମପାଦର ଗୋଇଠି, ପାଦର ମଧ୍ୟଭାଗରେ ରହିଲେ ଏବଂ ବୁଢ଼ାଆଙ୍ଗୁଠି ବାହାର ପାଖକୁ ଥିଲେ ତାହାକୁ ତ୍ର୍ୟଶ୍ରପାଦ କହନ୍ତି । ଘୋଡ଼ା ଚଢ଼ିବା ଓ ବିଦୂଷକର ଅଭିନୟରେ ତ୍ର୍ୟଶ୍ରପାଦ ପ୍ରୟୋଗ କରିବ ।

ଅନ୍ୟ ମତରେ — ସମପାଦର ଗୋଇଠି ଦୁଇଟି ଭିତରଆଡ଼କୁ ରହିଲେ ତାହାକୁ ତ୍ର୍ୟଶ୍ରପାଦ କହନ୍ତି । ଏହା (ସ୍ଥାନ) ସ୍ଥିରଭାବେ ଦଣ୍ଡାୟମାନ ହେବା ଅଭିନୟରେ ପ୍ରଯୋଜ୍ୟ । ୨୭୦ ୨୭୨ ।

Digitized by srujanika@gmail.com

ଉତ୍କ୍ଷିପ୍ତା ତୁ ଭବେତ୍‌ପାର୍ଷ୍ଣିଃ ପ୍ରସୃତୋଽଙ୍ଗୁଷ୍ଠକସ୍ତଥା ॥ ୨୬୩ ॥
ଅଙ୍ଗୁଲ୍ୟଶ୍ଚାଞ୍ଚିତାଃ ସର୍ବାଃ ପାଦେଽଗ୍ରତଳସଞ୍ଚରେ ।
ନୋଦନନକୁଟ୍ଟନେ ସ୍ଥିତନଶୁମ୍ଭନେ ଭୂମିତାଡ଼ନେ ଭ୍ରମଣେ ॥୨୬୪॥
ବକ୍ଷେପବବଧରେଚକ ପାର୍ଷ୍ଣିକୃତାଗମନମେତେନ ।
ପାର୍ଷ୍ଣିର୍ୟସ୍ୟ ସ୍ଥିତା ଭୂମୌ ପାଦମଗ୍ରତଳଂ ତଥା ॥ ୨୬୫ ॥
ଅଙ୍ଗୁଲ୍ୟଶ୍ଚାଞ୍ଚିତା ସର୍ବାଃ ସ ପାଦୋଽଞ୍ଚିତ ଉଚ୍ୟତେ ।
ପାଦାଗ୍ରସ୍ଥିତସଞ୍ଚାରେ ବର୍ତ୍ତିତୋଦ୍ୱର୍ତ୍ତିତେ ତଥା ॥ ୨୬୬ ॥
ଏଷ ପାଦାହତେ କାର୍ଯ୍ୟୋ ନାନାଭ୍ରମରକେଷୁ ଚ ।
ଉତ୍କ୍ଷିପ୍ତା ଯସ୍ୟ ପାର୍ଷ୍ଣିଃ ସ୍ୟାଦଙ୍ଗୁଲ୍ୟଃ କୁଞ୍ଚିତାସ୍ତଥା ॥ ୨୬୭ ॥
ତଥାକୁଞ୍ଚିତମଧ୍ୟଶ୍ଚ ସ ପାଦଃ କୁଞ୍ଚିତଃ ସ୍ମୃତଃ ।

ଅଗ୍ରତଳ ସଞ୍ଚର — ପାର୍ଷ୍ଣି (ଗୋଇଠି) ଉପରକୁ ଉଠିବ । ବୃଦ୍ଧାଙ୍ଗୁଠି ପ୍ରସାରିତ ହୋଇ ରହିବ । ଅନ୍ୟ ଆଙ୍ଗୁଠିଗୁଡ଼ିକ କୁଞ୍ଚିତ ହୋଇ ରହିବେ । ତେବେ ଏହାକୁ ଅଗ୍ରତଳସଞ୍ଚର କୁହାଯିବ । ଏହି କରଣ ଦ୍ୱାରା ପ୍ରେରଣା ଦେବା, କୌଣସି ଦ୍ରବ୍ୟକୁ ଖଣ୍ଡ ଖଣ୍ଡ କରିବା ବା ଭାଙ୍ଗିବା, ସ୍ଥାନ ଗ୍ରହଣ କରିବା (ଠିଆହେବା) ପାଦାଘାତ କରିବା, ଭୂଇଁରେ ଗୋଡ଼ କଚାଡ଼ିବା, ଭ୍ରମଣ କରିବା, କୌଣସି ଦ୍ରବ୍ୟକୁ ଫୋପାଡ଼ି ଦେବା, ନାନାବିଧ ରେଚକ କରିବା ଓ ଗୋଇଠି ଉପରେ ଭରଦେଇ ଗତି କରି ଆସିବା ପ୍ରଭୃତିର ଅଭିନୟ କରାଯାଏ । ୨୬୩-୨୬୫ ।

ଅଞ୍ଚିତ — ଗୋଇଠି ଓ ଅଗ୍ରପାଦ ଭୂଇଁରେ ଲାଗି ରହିଥାଏ । କେବଳ ଆଙ୍ଗୁଠି ଗୁଡ଼ିକ କୁଞ୍ଚିତ (ଅଳ୍ପ ବଙ୍କା) ହୋଇଥାନ୍ତି—ଏହାକୁ ଅଞ୍ଚିତ ପାଦ କହନ୍ତି ।

ପ୍ରୟୋଗ — ପାଦର ଅଗ୍ରଦେଶରେ କୌଣସି ଆଘାତ ଲାଗିଥିବା, ଏକସ୍ଥାନରେ ଥାଇ ବୃତ୍ତ ଆଡ଼କୁ ବୁଲିବା, କୌଣସି ପଦାର୍ଥକୁ ଝୁଣ୍ଟିବା ଏବଂ ନାନାବିଧ ଭ୍ରମରବିଧାନ ଏହିମାନଙ୍କ ଅଭିନୟରେ ଏହା ପ୍ରଯୋଜ୍ୟ ।

କୁଞ୍ଚିତ — ଗୋଇଠି ଉପରକୁ ଟେକିହୋଇ ରହିଲେ, ଆଙ୍ଗୁଠି ଗୁଡ଼ିକ ଓ ପାଦର ମଧ୍ୟଭାଗ କୁଞ୍ଚିତ ହେଲେ ତାହାକୁ କୁଞ୍ଚିତ କହନ୍ତି । ୨୬୬-୨୬୭

Digitized by srujanika@gmail.com

ଉଦାତ୍ତଗମନେ ଚୈବ ବର୍ତ୍ତିତୋଦ୍ଵର୍ତ୍ତିତେ ତଥା ॥ ୨୭୮ ॥
ଅତଳାକ୍ରମେ ଚୈବ ପାଦନମଣ୍ଡ ପ୍ରୟୋକ୍ତବ୍ୟଃ ।
[ଉତ୍‌କ୍ଷିପ୍ୟ ତୁ ଭବେତ୍ ପାର୍ଷ୍ଣିରଙ୍ଗୁଷ୍ଠାଗ୍ରେଣ ସ୍ଥିତଃ ॥ ୨୭୯ ॥
ବାମଶ୍ଚୈବ ସ୍ଵଭାବସ୍ଥଃ ସୂଚୀପାଦଃ ପ୍ରକୀର୍ତ୍ତିତଃ ।
ନୃତ୍ତେ ନୂପୁରକରଣେ ପ୍ରୟୋଗସ୍ତସ୍ୟ କୀର୍ତ୍ତିତଃ ॥ ୨୮୦ ॥
ପାଦଜଂଘୋରୁକରଣଂ ସମଂ କାର୍ଯ୍ୟଂ ପ୍ରୟୋକ୍ତୃଭିଃ ।
ପାଦସ୍ୟ କରଣେ ସର୍ବଂ ଜଂଘୋରୁକୃତମିଷ୍ୟତେ ॥ ୨୮୧ ॥
ଯଥା ପାଦଃ ପ୍ରବର୍ତ୍ତେତ ତଥୈବୋରୁଃ ପ୍ରବର୍ତ୍ତତେ ।
ତୟୋଃ ସମାନକରଣାତ୍ ପାଦଚାରୀ ପ୍ରଯୋଜୟେତ୍ ॥ ୨୮୨ ॥
ଇତ୍ୟେତଦଙ୍ଗଜଂ ପ୍ରୋକ୍ତଂ ଲକ୍ଷଣଂ ଚୈବ କର୍ମ ଚ ।
ଅତଃ ପରଂ ପ୍ରବକ୍ଷ୍ୟାମି ଚାରୀବ୍ୟାୟାମଲକ୍ଷଣମ୍ ॥ ୨୮୩ ॥

ଇତି ଶ୍ରୀ ଭାରତୀୟେ ନାଟ୍ୟଶାସ୍ତ୍ରେ ଅଙ୍ଗାଭିନୟୋ
ନାମ ନବମୋଽଧ୍ୟାୟଃ ।

ଏହା ଉଦାତ୍ତ ଗତି (ବଡ଼ଲୋକ ବା ଧୀର ଗମ୍ଭୀର ଚାଲି) ଏକ ସ୍ଥାନରେ ରହି ଘୂରିଆଡ଼କୁ ବୁଲିବା ଓ ଅତଳାକ୍ରାନ୍ତ ଘ୍ୱଙ୍ଗର ବିଧାନ ଏଥିମାନଙ୍କ ଅଭିନୟରେ ପ୍ରଯୋଜ୍ୟ । ୨୭୮ ।

(ଅନ୍ୟ ମତରେ - ସୂଚୀପାଦ — ଡାହାଣ ଗୋଡ଼ ଗୋଇଠିକୁ ଉପରକୁ ଉଠାଇ ଆଙ୍ଗୁଠି ଅଗରେ ଠିଆହୋଇ ବାମ ପାଦକୁ ସ୍ୱଭାବିକ ଭାବରେ ସ୍ଥାପନ କରିଥିଲେ ତାହାକୁ ସୂଚୀପାଦ କହନ୍ତି । ନୃତ୍ୟ ସମୟରେ ପାଦରେ ନୂପୁର ଖଞ୍ଜିଲାବେଳେ ଏହାର ପ୍ରୟୋଗ କରିବ୍ୟ ।) ଅଭିନେତା ମାନେ ପାଦ, ଜଙ୍ଘା ଓ ଉରୁର ଯେଉଁ କରଣମାନ କୁହାଗଲା ସେଗୁଡ଼ିକୁ ଏକକାଳରେ ବିଧାନ କରିବେ । କାରଣ ପାଦର କରଣ ସହିତ ଜଙ୍ଘା ଓ ଉରୁର କରଣ କରାଯିବା ବାଞ୍ଛନୀୟ ।

ପାଦ ଯେପରି ଚଳେ ଉରୁ ମଧ୍ୟ ସେହିପରି ଚଳେ । ସେ ଦୁହିଁଙ୍କର ସମତା ବିଧାନ ଦ୍ୱାରା ପାଦଚାରୀ ନିଷ୍ପନ୍ନ ହେବା ବିଧେୟ । ଏ ପର୍ଯ୍ୟନ୍ତ ଯାହା କୁହାଗଲା ତାହା ଆଙ୍ଗିକ କରଣମାନଙ୍କର ଲକ୍ଷଣ ଓ ପ୍ରୟୋଗ । ଏଣିକ ଚାରୀ-ବ୍ୟାୟାମର ଲକ୍ଷଣ କୁହାଯିବ । ୨୭୯-୨୮୩ ।

Digitized by srujanika@gmail.com

ଦଶମୋଽଧ୍ୟାୟଃ

[ଏବଂ ପାଦସ୍ୟ ଜଂଘାୟା ଊରୋଃ କଟ୍ୟାସ୍ତଥୈବ ଚ ।
ସମାନକରଣେ ଚେଷ୍ଟା ଚାରୀତି ପରିକୀର୍ତ୍ତିତା] ॥ ୧ ॥
ବିଧାନୋପଗତାଶ୍ଚାର୍ଯ୍ୟୋ ବ୍ୟାୟଚ୍ଛନ୍ତେ ପରସ୍ପରମ୍ ।
ଯସ୍ମାଦଙ୍ଗସମାୟୁକ୍ତା ସ୍ତସ୍ମାଦ୍ ବ୍ୟାୟାମ ଉଚ୍ୟତେ ॥ ୨ ॥
ଏକପାଦପ୍ରଚାରୋ ଯଃ ସା ଚାରୀତ୍ୟଭିସଂଜ୍ଞିତା ।
ଦ୍ୱିପାଦକ୍ରମଣଂ ଯତ୍ତୁ କରଣଂ ନାମ ତଦ୍ଭବେତ୍ ॥ ୩ ॥
କରଣାନାଂ ସମାଯୋଗଃ ଖଣ୍ଡ ଇତ୍ୟଭିଧୀୟତେ ।
ଖଣ୍ଡୈସ୍ତ୍ରିଭିଶ୍ଚତୁର୍ଭିର୍ବା ସଂଯୁକ୍ତୈର୍ମଣ୍ଡଳଂ ଭବେତ୍ ॥ ୪ ॥

ଦଶମ ଅଧ୍ୟାୟ

ଚାରୀ — ପୂର୍ବୋକ୍ତ ରୂପେ ଜଂଘା, ଊରୁ, କଟି — ଏମାନଙ୍କର ସମାନ କରଣ ଉଦ୍ଦେଶ୍ୟରେ ଯେଉଁ ଚେଷ୍ଟା (ଅଙ୍ଗ ଚାଳନା) ତାହାର ନାମ 'ଚାରୀ' । ୧ ।

ଚାରୀ ବା ବ୍ୟାୟାମ — ନିୟମାନୁସାରେ ପରସ୍ପର ସଂଯୋଜିତ ହୋଇ ବ୍ୟାପ୍ତ (ପ୍ରସାରିତ) ହୁଅନ୍ତି ବୋଲି ଚାରୀର ଅନ୍ୟ ନାମ ବ୍ୟାୟାମ । ୨ ।

ଚାରୀ ବା କରଣ — ଏକ ପାଦରେ ଗତି କରିବାର ନାମ ଚାରୀ ଓ ଦୁଇ ପାଦରେ ଗତି କରିବାର ନାମ କରଣ । (ଏହି କରଣ, ନୃତ୍ତ-କରଣ ଠାରୁ ପୃଥକ୍ । (ସଂ-ରତ୍ନାକର) । ୩ ।

ଖଣ୍ଡ — କରଣ ମାନଙ୍କର ସଂଯୋଗକୁ ଖଣ୍ଡ କହନ୍ତି ।

ମଣ୍ଡଳ — ତିନି ବା ଚାରିଗୋଟି ଖଣ୍ଡ ଏକତ୍ର ସଂଯୁକ୍ତ ହେଲେ ତାହାକୁ ମଣ୍ଡଳ କହନ୍ତି । ୪ ।

Digitized by srujanika@gmail.com

ଚାରୀଭିଃ ପ୍ରସୃତଂ ନୃତ୍ତଂ ଚାରୀଭିଶ୍ଚେଷ୍ଟିତଂ ତଥା ।
ଚାରୀଭିଃ ଶସ୍ତ୍ରମୋକ୍ଷଶ୍ଚ ଚାର୍ଯ୍ୟୋ ଯୁଦ୍ଧେ ଚ କୀର୍ତ୍ତିତାଃ ॥ ୫ ॥
ଯଦେତତ୍ ପ୍ରସ୍ତୁତଂ ନାଟ୍ୟଂ ତଚ୍ଚାରୀଷ୍ୱେବ ସଂସ୍ଥିତମ୍ ।
ନହି ଚାର୍ଯ୍ୟା ବିନା କିଂଚିନ୍ନାଟ୍ୟେଽଙ୍ଗଂ ସଂପ୍ରବର୍ତ୍ତତେ ॥ ୬ ॥
ତସ୍ମାଚ୍ଚାରୀବିଧାନସ୍ୟ ସଂପ୍ରବକ୍ଷ୍ୟାମି ଲକ୍ଷଣମ୍ ।
ଯା ଯସ୍ମିଂସ୍ତୁ ଯଥା ଯୋଜ୍ୟା ନୃତ୍ତେ ଯୁଦ୍ଧେ ଗତୌ ତଥା ॥ ୭ ॥
ସମପାଦା ସ୍ଥିତାବର୍ତ୍ତା ଶକଟାସ୍ୟା ତଥୈବ ଚ ।
ଅଧ୍ୟର୍ଦ୍ଧିକା ଚାଷଗତିର୍ବିଚ୍ୟବା ଚ ତଥାପରା ॥ ୮ ॥
ଏଡ଼କାକ୍ରୀଡ଼ିତା ବଦ୍ଧା ଊରୂଦ୍ବୃତ୍ତା ତଥାଡ୍ଡିତା ।
ଉତ୍ସ୍ପନ୍ଦିତାଥ ଜନିତା ସ୍ୟନ୍ଦିତା ଚାପସ୍ୟନ୍ଦିତା ॥ ୯ ॥
ସମୋତ୍ସରିତମତ୍ତଲ୍ଲୀ ମତ୍ତଲ୍ଲୀ ଚେତି ଷୋଡ଼ଶ ।
ଏତାଃ ଭୌମ୍ୟଃ ସ୍ମୃତାଶ୍ଚାର୍ଯ୍ୟଃ ଶୃଣୁତାକାଶିକୀଃ ପୁନଃ ॥ ୧୦ ॥
ଅତିକ୍ରାନ୍ତା ହ୍ୟପକ୍ରାନ୍ତା ପାର୍ଶ୍ୱକ୍ରାନ୍ତା ତଥୈବ ଚ ।
ଊର୍ଦ୍ଧ୍ୱଜାନୁଶ୍ଚ ସୂଚୀ ଚ ତଥା ନୂପୁରପାଦିକା ॥ ୧୧ ॥

ଚାରୀ ପ୍ରଶଂସା — ଚାରୀ ମାନଙ୍କ ଦ୍ୱାରା ନୃତ୍ୟ ବ୍ୟାପ୍ତ ହୋଇଛି । (ପ୍ରତ୍ୟେକ ନୃତ୍ୟରେ ଚାରୀର ବିଦ୍ୟମାନତା ଅଛି) ସମ୍ବନ୍ଧ ଚେଷ୍ଟା (ଅଙ୍ଗଚାଳନା) ମୂଳରେ ଚାରୀ ବିଦ୍ୟମାନ । କୁନ୍ତ, ଚକ୍ର ପ୍ରଭୃତି ଅସ୍ତ୍ର ନିକ୍ଷେପ ମଧ୍ୟ ଚାରୀ ସାହାଯ୍ୟରେ କରାଯାଏ । ଯୁଦ୍ଧରେ ମଧ୍ୟ ଚାରୀର ପ୍ରୟୋଜନୀୟତା ଅଛି ।୫।

ଏ ପର୍ଯ୍ୟନ୍ତ ଯେତେ ନୃତ୍ୟ କଥା କୁହାଯାଇଛି, ଆଗକୁ ଯାହାବା କୁହାଯିବ, ଚାରୀହିଁ ସେ ସବୁର ଆଧାର ସ୍ୱରୂପ । ନାଟ୍ୟରେ ଚାରୀ ରହିତ କୌଣସି ଅଙ୍ଗ ଚେଷ୍ଟା ପ୍ରଯୁକ୍ତ ହୋଇପାରେ ନାହିଁ । ତେଣୁ ଚାରୀ ବିଧାନର ଲକ୍ଷଣ କହୁଅଛୁ । ଯେଉଁ ଯୁଦ୍ଧରେ, ଯେଉଁ ନୃତ୍ୟରେ, ଯେଉଁ ପ୍ରକାର ଗତିରେ ଯେଉଁ ଚାରୀର ପ୍ରୟୋଗ ହେବ ତାହା ମଧ୍ୟ କହୁବ । ୬-୭ ।

ଭୌମୀ ଓ ଆକାଶିକୀ ଭେଦରେ ଚାରୀ ଦୁଇ ପ୍ରକାର । ତନ୍ମଧ୍ୟରୁ ପୃଥ୍ୱୀ ଭୌମୀ ଷୋହଳ ପ୍ରକାର । ଯଥା — ସମପାଦା, ସ୍ଥିତାବର୍ତ୍ତା, ଶକଟାସ୍ୟା, ଅଧ୍ୟର୍ଦ୍ଧିକା, ଚାଷଗତି, ବିଚ୍ୟବା, ଏଡ଼କାକ୍ରୀଡ଼ିତା, ବଦ୍ଧା, ଊରୂଦ୍ବୃତ୍ତା, ଅଡ୍ଡିତା, ଉତ୍ସ୍ପନ୍ଦିତା, ଜନିତା, ସ୍ୟନ୍ଦିତା, ଅପସ୍ୟନ୍ଦିତା, ସମୋତ୍ସରିତମତ୍ତଲ୍ଲୀ ଓ ମତ୍ତଲ୍ଲୀ ।୮-୧୪।

ଆକାଶିକୀ ଚାରୀ ମଧ୍ୟ ଷୋହଳ ପ୍ରକାର । ଯଥା —ଅତିକ୍ରାନ୍ତା, ଅପକ୍ରାନ୍ତା, ପାର୍ଶ୍ୱକ୍ରାନ୍ତା, ଊର୍ଦ୍ଧ୍ୱଜାନୁ, ସୂଚୀ, ନୂପୁର-ପାଦିକା, ଡୋଳପାଦା,

Digitized by srujanika@gmail.com

ଦୋଲାପାଦା ତଥାକ୍ଷିପ୍ତା ଆବଦ୍ଧୋଦ୍ଵୃତ୍ତସଂଜ୍ଞିତେ ।
ବିଦ୍ୟୁଦ୍ଭ୍ରାନ୍ତା ହ୍ୟଲାତା ଚ ଭୁଜଙ୍ଗତ୍ରାସିତା ତଥା ॥ ୧୨ ॥
ମୃଗପ୍ଲୁତା ଚ ଦଣ୍ଡା ଚ ଭ୍ରମରୀ ଚେତି ଷୋଡ଼ଶ ।
ଆକାଶିକ୍ୟଃ ସ୍ମୃତା ହ୍ୟେତା ଲକ୍ଷଣଂ ଚ ନିବୋଧତ ॥ ୧୩ ॥
ପଦୈର୍ନିରନ୍ତରକୃତୈସ୍ତଥା ସମନଖୈରପି ।
ସମପାଦା ତୁ ସା ଚାରୀ ବିଜ୍ଞେୟା ସ୍ଥାନସଂଶ୍ରୟା ॥ ୧୪ ॥
ଭୂମିଘୃଷ୍ଟେନ ପାଦେନ କୃତ୍ୱାଭ୍ୟନ୍ତରମଣ୍ଡଳମ୍ ।
ପୁନରୁଦ୍ୱାହୟେଦନ୍ୟଂ ସ୍ଥିତାବର୍ତ୍ତା ତୁ ସା ସ୍ମୃତା ॥ ୧୫ ॥
ନିଷଣ୍ଣାଙ୍ଗସ୍ତୁ ଚରଣଂ ପ୍ରସାର୍ଯ୍ୟ ତଳସଞ୍ଚରମ୍ ।
ଉଦ୍‌ବାହିତୋରସ୍କଃ କୃତ୍ୱା ଶକଟାସ୍ୟାଂ ପ୍ରୟୋଜୟେତ୍ ॥ ୧୬ ॥
ସବ୍ୟସ୍ୟ ପୃଷ୍ଠତୋ ବାମଶ୍ଚରଣସ୍ତୁ ଯଦା ଭବେତ୍ ।
ତସ୍ୟାପସର୍ପଣଂ ଚୈବ ଜ୍ଞେୟା ସାଧ୍ୟର୍ଦ୍ଧିକା ବୁଧୈଃ ॥ ୧୭ ॥

ଆକ୍ଷିପ୍ତା, ଆବିଦ୍ଧା, ଉଦ୍‌ଵୃତ୍ତା, ବିଦ୍ୟୁଦ୍‌ଭ୍ରାନ୍ତା, ଅଲାତା, ଭୁଜଙ୍ଗ-ତ୍ରାସିତା, (ହରିଣୀ) ମୃଗପ୍ଲୁତା, ଦଣ୍ଡା ଓ ଭ୍ରମରୀ । ଏବେ (ଷୋଡ଼ଶ ପ୍ରକାର ଚାରୀର) ଲକ୍ଷଣ ଶୁଣ । ।୧୦-୧୩।

ସମପାଦା — ଦୁଇପାଦ ମଧ୍ୟରେ ଫାଙ୍କ ନରଖି ଦୁଇ ପାଦର ନଖଗୁଡ଼ିକୁ ଏକ ରେଖାରେ ଅବସ୍ଥାପିତ କରି ଠିଆ ହେବାର ନାମ ସମପାଦା । ୧୪

ସ୍ଥିତାବର୍ତ୍ତା — ଅଗ୍ରତଳ ସଂଚର ପଦ ଦ୍ୱାରା ଅଭ୍ୟନ୍ତର ମଣ୍ଡଳ ଅର୍ଥାତ୍ ଜାନୁ ସ୍ୱସ୍ତିକ ପର୍ଯ୍ୟନ୍ତ ଉଠାଇ, ପୁଣି ଅନ୍ୟ ପାଦ ଦ୍ୱାରା ସେହିପରି କଲେ ତାହାର ନାମ ସ୍ଥିତାବର୍ତ୍ତା ହୁଏ । ୧୫ ।

ଶକଟାସ୍ୟା — ଶରୀରର ଉପରି ଅଂଶକୁ (ଅଣ୍ଟା ଠାରୁ ମସ୍ତକ ପର୍ଯ୍ୟନ୍ତ ଅଂଶକୁ) ଧନୁ ସଦୃକାରେ ସ୍ଥିର ରଖି ଅଗ୍ରତଳ ସଂଚର ପାଦକୁ ପ୍ରସାରିତ କରିବ ଏବଂ ବକ୍ଷୋଦେଶକୁ 'ଉଦ୍‌ବାହିତ' (ଉନ୍ନତ) କରିବ । ଏତଦ୍ୱାରା ଶକଟାସ୍ୟା ଚାରୀ ନିଷ୍ପନ୍ନ ହୁଏ । ୧୬ ।

ଅଧ୍ୟର୍ଦ୍ଧିକା — ଡାହାଣ ଗୋଡ଼ର ଗୋଇଠିରେ ବାମ ପାଦକୁ ସଂଲଗ୍ନ କରି ପୁଣି ତାହାକୁ (ବାମପାଦକୁ ?) ଫେରାଇ ଆଣିଲେ ତାହାକୁ ଅଧ୍ୟର୍ଦ୍ଧିକା କହନ୍ତି ।

(ଅଭିନବ ଗୁପ୍ତ 'ତସ୍ୟାପସର୍ପଣଂ'ର ଅର୍ଥ ଦକ୍ଷିଣ ପାଦର ପାର୍ଶ୍ୱରେ ତ୍ର୍ୟସ୍ର ଭଙ୍ଗୀରେ ଅବସ୍ଥାନ କରିବା ବୋଲି କହିଅଛନ୍ତି । ଆହୁରି ମଧ୍ୟ ଗୋଟିଏ ପାଦ ଅଗ୍ରେ ତାଳ ସମାପ୍ତି ଯାଏ ଗତି କରିବ ଓ ଅନ୍ୟଟି ୧½ ତାଳ ସମାପ୍ତି ଯାଏ ଗତି କରିବ) । ୧୭ ।

Digitized by srujanika@gmail.com

ପାଦଃ ପ୍ରସାରିତଃ ସବ୍ୟଃ ପୁନଶ୍ଚୈବାପସର୍ପିତଃ ।
ବାମଃ ସବ୍ୟାପସର୍ପୀ ବା ଶୃଙ୍ଗଗତ୍ୟାଂ ବଧୀୟତେ ॥ ୧୮ ॥
ବଟ୍ୟୟାନ୍ତସମପାଦା ସ୍ୟା ବଟ୍ୟାବାଂ ସଂପ୍ରୟୋଜୟେତ୍ ।
ନିକୁଟ୍ଟୟେଂ ତ୍ରଲାଙ୍ଗ୍ରେଣ ପାଦସ୍ୟ ଧରଣୀତଲମ୍ ॥ ୧୯ ॥
ତଳସଞ୍ଚରପାଦାଭ୍ୟାମୁତ୍ପ୍ଲୁତ୍ୟ ପତନଂ ତୁ ଯତ୍ ।
ସମୀନଖଷ୍ଟ ବିଜ୍ଞେୟତେ ଏଡ଼କାକ୍ରୀଡ଼ିତା ତୁ ସା ॥ ୨୦ ॥
ଅନ୍ୟୋନ୍ୟଜଂଘାସଂବେଧାତ୍ କୃତ୍ୱା ତୁ ସ୍ୱସ୍ତିକଂ ତତଃ ।
ଊରୁଭ୍ୟାଂ ବଲନଂ ଯସ୍ମାତ୍ ସା ବଦ୍ଧା ଚୂର୍ଣ୍ଣିଦାହୃତା ॥ ୨୧ ॥

ଶୃଙ୍ଗଗତ — ଦକ୍ଷିଣ ପାଦକୁ ଆଗକୁ ପ୍ରସାରିତ କରିବ ଓ ସଙ୍ଗେ ସଙ୍ଗେ ପଛକୁ ଯେପରି ଆସିବ କିମ୍ବା ବାମ ପାଦକୁ ଦକ୍ଷିଣ ପାଦ ସହିତ ପଛ ଆଡ଼କୁ ଆଣିବ । ସଙ୍ଗୀତ ରତ୍ନାକରରେ ଏହାର ନାମ ଶୃଙ୍ଗଗତ । (ଅଭିନବ କହିଛନ୍ତି ଆଗକୁ ପାଦ ପ୍ରସାରିତ କଲାବେଳେ ଗୋଟିଏ ତାଳର କାଳ ପରିମାଣ ଗ୍ରହଣ କରିବ ଓ ଅପସର୍ପଣ ବେଳେ ଦୁଇଟି ତାଳର କାଳ ପରିମାଣ ଗ୍ରହଣ କରିବ । ଏହି ଚାରୀକୁ ରଚନା କଲାବେଳେ ଅଳ୍ପ ଉପରକୁ ଡେଇଁପଡ଼ି ବାମ ଓ ଦକ୍ଷିଣ ଉଭୟ ପାଦ ପଛକୁ ଅପସାରିତ କରିବ ଓ ପୁଣି ଉପସର୍ପିତ (ଅଗ୍ରଗତ ବିଶିଷ୍ଟ) କରି ଯୋଡ଼ି ଦେବ ।) । ୧୮ ।

ବଟ୍ୟବା — ସମପାଦାଚାରୀରେ ଅବସ୍ଥାନ କଲାପରେ ପାଦ ଦୁଇଟିକୁ ପୃଥକ୍ କରି ପାଦଦ୍ୱୟର ଅଗ୍ରଭାଗ ଦ୍ୱାରା ଭୂମିକୁ ନିକୁଟ୍ଟିତ (ତାଡ଼ିତ) କରିବାର ନାମ ବଟ୍ୟବା । ୧୯ ।

ଏଡ଼କାକ୍ରୀଡ଼ିତା — ପାଦଦ୍ୱାରା ତାଳ ସଞ୍ଚାର କରଣ ରଚନା କରି ଉପରକୁ ଡ଼େଇଁ ପୁଣି ଭୂମି ସ୍ପର୍ଶ କଲେ ଏଡ଼କାକ୍ରୀଡ଼ିତାଚାରୀ ସମ୍ପନ୍ନ ହୁଏ । ଭୂମି ସ୍ପର୍ଶବେଳେ ଏକ ସମୟରେ ଦୁଇଟିଯାକ ପାଦ ନପକାଇ ଗୋଟି ଗୋଟି କରି (ଭୂଇଁରେ) ପକାଇବ । ୨୦ ।

ବଦ୍ଧା — ଜଙ୍ଘାଦ୍ୱୟକୁ ପରସ୍ପର ଛନ୍ଦିବା ଦ୍ୱାରା 'ସ୍ୱସ୍ତିକ' ରଚନା କରି ଉରୁଦ୍ୱୟକୁ ବଳିତ କରିବାକୁ (ପାର୍ଶ୍ୱଦେଶକୁ ବ୍ୟଳିତ କରିବାକୁ) ବଦ୍ଧା ଚାରୀ କହନ୍ତି । (ଅନ୍ୟମତରେ, ସଙ୍ଗୀତ ରତ୍ନାକର ଓ ଅଭିନବ ଗୁପ୍ତଙ୍କ ମତରେ ସ୍ୱସ୍ତିକକୁ ଭାଙ୍ଗିଦେଇ ପାଦତଳର ଅଗ୍ରଭାଗ ଦ୍ୱାରା ମଣ୍ଡଳ ଭ୍ରମଣ କଲାପରେ ନିଜ ନିଜ ପାର୍ଶ୍ୱକୁ ଅର୍ଥାତ୍ ବାମ ପାଦକୁ ବାମ ପାର୍ଶ୍ୱକୁ ଓ ଦକ୍ଷିଣ ପାଦକୁ ଦକ୍ଷିଣ ପାର୍ଶ୍ୱକୁ ନେଲେ ତାହାର ନାମ ବଦ୍ଧା ଚାରୀ) । ୨୧ ।

Digitized by srujanika@gmail.com

ତଳସଞ୍ଚରପାଦସ୍ୟ ପାର୍ଷ୍ଣିର୍ବାହ୍ୟୋନ୍ମୁଖୀ ଯଦା ।
ଜଂଘାଞ୍ଚିତା ତଥୋଦ୍ଵୃତ୍ତା ଊରୂଦ୍ଵୃତ୍ତେତି ସା ସ୍ମୃତା ॥ ୧୧ ॥
ଅଗ୍ରତଃ ପ୍ରସୃତୋ ବାପି ପାଦୋଽଗ୍ରତଳସଞ୍ଚରଃ ।
ତୃତୀୟପାଦହନ୍ତ୍ରୋ ଯସ୍ୟାଂ ସ୍ୟାଦଡ୍ଡିତା ତୁ ସା ॥ ୧୩ ॥
ଶନୈଃ ପାଦୋ ନିବର୍ତ୍ତେତ ବାହ୍ୟେନାଭ୍ୟନ୍ତରେଣ ଚ ।
ଯଦ୍ରେଚକାନୁସାରେଣ ସା ବୃର୍ଣିତୁତ୍ସ୍ପନ୍ଦିତା ସ୍ମୃତା ॥ ୧୪ ॥
ମୂର୍ଦ୍ଧ୍ନି ହସ୍ତଶ୍ଚ କଟସ୍ଥଃ କରୋଽନ୍ୟସ୍ତୁ ପ୍ରବର୍ତ୍ତିତଃ ।
ତଳସଞ୍ଚରପାଦଶ୍ଚ ଜନିତା ବୃର୍ଣିଦାନ୍ତୁତା ॥ ୧୫ ॥
ପଞ୍ଚତାଳାନ୍ତରଂ ପାଦଂ ପ୍ରସାର୍ଯ୍ୟ ସ୍ୟନ୍ଦିତାଂ ନ୍ୟସେତ୍ ।
ଦ୍ଵିତୀୟେନ ତୁ ପାଦେନ ତଥାପସ୍ୟନ୍ଦିତାମପି ॥ ୧୬ ॥

ଊରୂଦ୍ଵୃତ୍ତା — ଯେଉଁ ପାଦରେ ଅଗ୍ରତଳ ସଞ୍ଚାର କରଣ କରା ଯାଇଥିବ ତାହାର ଗୋଇଠିକୁ ଅନ୍ୟ ପାଦର ପୃଷ୍ଠର ଅଭିମୁଖରେ ରଖି ଆଣ୍ଠୁକୁ ବଙ୍କେଇବା ଦ୍ଵାରା ଜଙ୍ଘାକୁ ଅଳ୍ପ କୁଞ୍ଚିତ କରି ଅନ୍ୟ ଜଙ୍ଘର ଅନ୍ତର୍ମୁଖୀ କଲେ ତାହାର ନାମ ଊରୂଦ୍ଵୃତ୍ତା ହୁଏ । ୧୧ ।

ଅଡ୍ଡିତା — ଅଗ୍ରତଳ ସଞ୍ଚାର ପାଦକୁ ସମପାଦ ଭଙ୍ଗୀରେ ସ୍ଥିତ ଅନ୍ୟ ପାଦର ଆଗରେ ଓ ପଛରେ କ୍ରମାନ୍ଵୟରେ ଯୋଗ କଲେ ତାହାକୁ ଅଡ୍ଡିତା ଚାରୀ କହନ୍ତି । ୧୩ ।

ଉତ୍ସ୍ପନ୍ଦିତା — ଗୋଟିଏ ପାଦର ବାହ୍ୟ ଭାଗରେ (କାଣିଆଙ୍ଗୁଠି କଡ଼ରେ) ବା ଅଭ୍ୟନ୍ତର ଭାଗରେ (ବୁଢ଼ାଆଙ୍ଗୁଠି କଡ଼ରେ) ଅନ୍ୟ ପାଦଟି ରେଚକ ଅନୁସାରେ କ୍ରମାନ୍ଵୟରେ ଧୀରେ ଧୀରେ ଗମନ ଓ ଆଗମନ କଲେ ତାହାକୁ ଉତ୍ସ୍ପନ୍ଦିତା କହନ୍ତି । (ଏ ସ୍ଥଳରେ ବ୍ୟବହୃତ ରେଚକ ପଦକୁ କେହି କେହି ପାଦ ରେଚକ ରୂପେ ଗ୍ରହଣ ନକରି ନୃତ୍ତହସ୍ତ ରେଚକରୂପେ ଗ୍ରହଣ କରିଥାନ୍ତି) । ୧୪ ।

ଜନିତା — ପାଦରେ ଅଗ୍ରତଳ ସଞ୍ଚାର ମୁଦ୍ରା ଧାରଣ ପୂର୍ବକ ଗୋଟିଏ ହାତକୁ ମୁଠାକରି ଛାତି ଉପରେ ରଖି ଅପର ହସ୍ତକୁ ଶୋଭାଜନକ ଭାବେ ଚାଳିତ କରିବାର ନାମ ଜନିତା ଚାରୀ । ୧୫ ।

ସ୍ୟନ୍ଦିତା — ପାଞ୍ଚଗୋଟି ତାଳର କାଳ ପ୍ରମାଣ ଅନୁସାରେ ଗୋଟିଏ ପାଦକୁ ଅନ୍ୟ ପାଦର ଆଗକୁ ପ୍ରସାରିତ କରିବାର ନାମ ସ୍ୟନ୍ଦିତା ।

ଅପସ୍ୟନ୍ଦିତା — ଏହା ସ୍ୟନ୍ଦିତାର ବିପରୀତ । ଅର୍ଥାତ୍ ସ୍ୟନ୍ଦିତାରେ ଯେଉଁ ପାଦ ପ୍ରସାରିତ ହୋଇଥିବ, ଅପସ୍ୟନ୍ଦିତାରେ ତାହା ସ୍ଥିର ହୋଇ ରହିବ । ଏତିକି ମାତ୍ର ଉଭୟଙ୍କର ଭେଦ । ୧୬ ।

Digitized by srujanika@gmail.com

ତଳସଞ୍ଚରପାଦାଭ୍ୟାଂ ଘୂର୍ଣ୍ଣମାନୋପସର୍ପଣୈଃ ।
ସମୋତ୍ସରିତମତ୍ତଲ୍ଲୀ ବ୍ୟାୟାମେ ସମୁଦାହୃତା ॥ ୨୭ ॥
ଉଭାଭ୍ୟାମପି ପାଦାଭ୍ୟାଂ ଘୂର୍ଣ୍ଣମାନୋପସର୍ପଣୈଃ ।
ଉଦ୍‌ବେଷ୍ଟିତାପବିଦ୍ଧୈସ୍ତୁ ହସ୍ତୈର୍ମତ୍ତଲ୍ୟୁଦାହୃତା ॥ ୨୮ ॥
ଏତା ଭୌମ୍ୟଃ ସ୍ମୃତାଶ୍ଚାର୍ଯୋ ନିଯୁଦ୍ଧକରଣାଶ୍ରୟାଃ ।
ଆକାଶିକୀନାଂ ଚାରୀଣାଂ ସମ୍ପ୍ରବକ୍ଷ୍ୟାମି ଲକ୍ଷଣମ୍ ॥ ୨୯ ॥
କୁଞ୍ଚିତଂ ପାଦମୁତ୍କ୍ଷିପ୍ୟ ପୁରତଃ ସମ୍ପ୍ରସାରୟେତ୍ ।

ସମୋତ୍ସରିତମତ୍ତଲ୍ଲୀ — ଉଭୟ ପାଦରେ ତଳ ସଞ୍ଚାର ମୁଦ୍ରା ରଚନା କରି ସେ ଦୁହିଙ୍କୁ ଘୁରାଇ (ଉପସର୍ପଣ) ଅଗ୍ରଗମନ କରାଇଲେ ତାହାର ନାମ ସମୋତ୍ସରିତମତ୍ତଲ୍ଲୀ ହୁଏ । ଏହା ବ୍ୟାୟାମରେ ପ୍ରଯୋଜ୍ୟ ।

(ସଙ୍ଗୀତ ରତ୍ନାକର ମତରେ — ଗୋଟିଏ ପାଦର ଅଭ୍ୟନ୍ତରରେ ଅର୍ଥାତ୍ ବୁଢ଼ା ଆଙ୍ଗଠି ଥିବା କଡ଼ରେ ଅନ୍ୟ ପାଦଟିକୁ ତଳ ସଞ୍ଚାର କରି (ତଳ ସଞ୍ଚାର ଭଙ୍ଗୀରେ ରଖି) ସେହି ପାଦକୁ ଅଳ୍ପ ଘୁରାଇ (ଆଘୂର୍ଣ୍ଣିତ କରି) ଯୁଗପତ୍ ଅପସରଣ (ପଶ୍ଚାଦ୍‌ଗମନ) ଉପସର୍ପଣ (ଅଗ୍ର ଗମନ) କରାଇଲେ ତାହାର ନାମ ସମୋତ୍ସରିତମତଲ୍ଲୀ ହୁଏ) । ୨୭ ।

ମତଲ୍ଲୀ — ଉଭୟ ପାଦର ତଳଦେଶ ସମ୍ପୂର୍ଣ୍ଣଭାବେ ଭୂମି ସ୍ପର୍ଶ କରି ଅବସ୍ଥିତ ହେବା ଏବଂ ଜଙ୍ଘା ସ୍ୱସ୍ତିକ ରଚିତ ହେବା ହେତୁ (ଉଭୟ ପାଦ) ଅର୍ଦ୍ଧ ଝାଣ୍ଡିତ ହୋଇଥିବା ଏବଂ ଘୁରି ଘୂରି (ଘୂରି ହେଉଥିବା) ଅପସର୍ପଣ ବା ଉପସର୍ପଣ ଅବସ୍ଥାରେ ଚାରୀର ନାମ ମତଲ୍ଲୀ । (ସଙ୍ଗୀତ ରତ୍ନାକରରେ ନାଟ୍ୟଶାସ୍ତ୍ର ମତରେ ଘୂରି ହେଉଥିବା ଉଭୟ ପାଦ ସାହାଯ୍ୟରେ ଅଗ୍ର ଗମନ କରିବା ଏବଂ ହସ୍ତ ଉଦ୍‌ବେଷ୍ଟିତ ଓ ଅପବିଦ୍ଧ (ଚଳନ ଶୀଳ) ହେବା ମତଲ୍ଲୀ ଚାରୀର ଲକ୍ଷଣ । (ଅଭିନବ ଭୂମିତଳାଶ୍ଲିଷ୍ଟ ପାଦ) ବୋଲି କହି ଅଛନ୍ତି) ।୨୮।

ଯେଉଁ ଚାରୀ ମାନଙ୍କର ଲକ୍ଷଣ ବିବୃତ ହେଲା ସେଗୁଡ଼ିକ ଭୌମୀ (ଭୂମି ପୃଷ୍ଠରେ ସମ୍ପାଦ୍ୟ) ଚାରୀ । ଏବେ ଆକାଶିକୀ ଚାରୀ ମାନଙ୍କର ଲକ୍ଷଣ କହୁଅଛୁ । ୨୯ ।

ଅତିକ୍ରାନ୍ତା — କୁଞ୍ଚିତ ପାଦକୁ ଉପରକୁ ଉଠାଇ ସମ୍ମୁଖ ଆଡ଼କୁ ପ୍ରସାରିତ କରି ତଳେ ପକାଇବ । ଏହାର ନାମ ଅତିକ୍ରାନ୍ତା ଚାରୀ ।

Digitized by srujanika@gmail.com

ଉତ୍କ୍ଷିପ୍ୟ ପାତୟେଚ୍ଛୈନମତିକ୍ରାନ୍ତା ତୁ ସା ସ୍ମୃତା ॥ ୩୦ ॥
ଜଙ୍ଘାଭ୍ୟାଂ ବଳନଂ କୃତ୍ୱା କୁଞ୍ଚିତଂ ପାଦମୁଦ୍ଧରେତ୍ ।
ପାର୍ଶ୍ୱେ ବିନିକ୍ଷିପେଚ୍ଛୈନମପକ୍ରାନ୍ତା ତୁ ସା ସ୍ମୃତା ॥ ୩୧ ॥
କୁଞ୍ଚିତଂ ପାଦମୁତ୍କ୍ଷିପ୍ୟ ଜାନୁସ୍ତନସମଂ ନ୍ୟସେତ୍ ।
ଉଦ୍ଘଟ୍ଟିତେନ ପାଦେନ ପାର୍ଶ୍ୱକ୍ରାନ୍ତା ବିଧୀୟତେ ॥ ୩୨ ॥
କୁଞ୍ଚିତଂ ପାଦମୁତ୍କ୍ଷିପ୍ୟ ଜାନୁସ୍ତନସମଂ ନ୍ୟସେତ୍ ।
ଦ୍ୱିତୀୟଂ ଚ କ୍ରମସ୍ତବ୍ଧମୂର୍ଦ୍ଧ୍ୱଜାନୁଃ ପ୍ରକୀର୍ତ୍ତିତା ॥ ୩୩ ॥
କୁଞ୍ଚିତଂ ପାଦମୁତ୍କ୍ଷିପ୍ୟ ଜାନୂର୍ଦ୍ଧ୍ୱଂ ସମ୍ପ୍ରସାରୟେତ୍ ।
ପାତୟେଚ୍ଚାଗ୍ରଯୋଗେନ ସା ସୂଚୀ ପରିକୀର୍ତ୍ତିତା ॥ ୩୪ ॥

(ବି: ଦ୍ର: ପାଦକୁ ଅନ୍ୟ ପାଦର ଉଦ୍ଘଟ୍ଟନ ଦ୍ୱାରା ଗୁଲ୍ଫ ଦେଶରେ କୁଞ୍ଚିତ କରି ଅଳ୍ପ ପ୍ରସାରିତ କରି ଉପରକୁ ଉଠାଇ ଗ୍ରୀବତାଳ ଅନ୍ତରରେ ଭୂମିରେ ପକାଇଲେ ତାହା ଅତିକ୍ରାନ୍ତାଖ୍ୟା ହୁଏ ।

ଉଦ୍ଘଟ୍ଟନ କହିଲେ — ଗୋଇଠି ଓ ଆଗ ପାଦକୁ ବାରମ୍ବାର ବାହାର କଡ଼େ ପକାଇବାକୁ ବୁଝାଏ । ୩୦ ।

ଅପକ୍ରାନ୍ତା — (ବଙ୍କାସ୍ୱସ୍ତି ସ୍ଥାନରେ) ଊରୁ ଦ୍ୱୟର 'ବଳନ' କରି ଉଦ୍ବର୍ତ୍ତନ ଦ୍ୱାରା) କୁଞ୍ଚିତ ପାଦକୁ ଉପରକୁ ଉଠାଇ ପାର୍ଶ୍ୱରେ ଏହାକୁ ଭୂମି ସଂଲଗ୍ନ କଲେ ତାହାର ନାମ ଅପକ୍ରାନ୍ତାଖ୍ୟା ହୁଏ । ୩୧ ।

ପାର୍ଶ୍ୱକ୍ରାନ୍ତା — କୁଞ୍ଚିତ ପାଦକୁ ନିଜ କଡ଼ରେ (ଯେଉଁ ପାଦ କୁଞ୍ଚିତ ହୋଇଥିବ ସେହି କଡ଼ରେ) ଉପରକୁ ଉଠାଇ (ସ୍ତନ ପର୍ଯ୍ୟନ୍ତ) ଉଦ୍ଘଟ୍ଟିତ ଚାରୀ ଭଙ୍ଗୀରେ ପାଦକୁ ସ୍ଥାପନ କଲେ ତାହାକୁ ପାର୍ଶ୍ୱକ୍ରାନ୍ତା କହନ୍ତି । (ଉଦ୍ଘଟ୍ଟିତ ଚାରୀର ଲକ୍ଷଣ ହେଉଛି ଆଗ ପାଦରେ ଠିଆ ହୋଇ ଗୋଇଠିକୁ ତଳେ କଚାଡ଼ିବା । ଏହାର ଅପର ନାମ ପାର୍ଷ୍ଣିଚଣ୍ଡପାତ ବୋଲି ଅଭିନବ ଗୁପ୍ତ କହିଅଛନ୍ତି । କିନ୍ତୁ ସଙ୍ଗୀତ ରତ୍ନାକରର ଲେଖକ କହିଛନ୍ତି ଯେ ଏହାକୁ ଲୋକେ ପାର୍ଶ୍ୱଦଣ୍ଡପାଦା ବୋଲି କହିଥାନ୍ତି । ୩୨ ।

ଊର୍ଦ୍ଧ୍ୱଜାନୁ — ସ୍ତନ ସୀମା ପର୍ଯ୍ୟନ୍ତ କୁଞ୍ଚିତ ପାଦର ଜାନୁକୁ ଯେପରି କ୍ରମେ କ୍ରମେ ଉଠାଇବ, ଅପର ପାଦକୁ ସେହିପରି କ୍ରମେ କ୍ରମେ ସ୍ତବ୍ଧ କରିବ । ଏପରି କରିବାର ନାମ ଊର୍ଦ୍ଧ୍ୱଜାନୁ । ୩୩ ।

ସୂଚୀ — କୁଞ୍ଚିତ ପାଦକୁ ଆଣ୍ଠୁର ଉପର ଯାଏ (ଜଙ୍ଘ ପର୍ଯ୍ୟନ୍ତ) ଉଠାଇଲା ପରେ ସେହି ପାଦର ଜଙ୍ଘକୁ ଆଗକୁ ପ୍ରସାରିତ କରି ସେହି ପାଦର ଅଗ୍ରଭାଗକୁ ଭୂଇଁରେ ପକାଇଲେ ତାହାର ନାମ ସୂଚୀ ଚାରୀ । ୩୪ ।

Digitized by srujanika@gmail.com

ପୃଷ୍ଠତୋ ଽଞ୍ଚିତଂ କୃତ୍ୱା ପାଦମଗ୍ରତଳେନ ତୁ ।
ଦ୍ରୁତଂ ନିପାତୟେଦ୍ଭୂମୌ ଚାରୀ ନୂପୁରପାଦିକା ॥ ୩୫ ॥
କୁଞ୍ଚିତଂ ପାଦମୁତ୍କ୍ଷିପ୍ୟ ପାର୍ଶ୍ୱାତ୍ପାର୍ଶ୍ୱନ୍ତୁ ଦୋଳୟେତ୍ ।
ପାତୟେଦଞ୍ଚିତଂ ଚୈବ ଦୋଲପାଦା ପ୍ରକୀର୍ତ୍ତିତା ॥ ୩୬ ॥
କୁଞ୍ଚିତଂ ପାଦମୁତ୍କ୍ଷିପ୍ୟ ଆକ୍ଷିପ୍ୟ ଚାଞ୍ଚିତଂ ନ୍ୟସେତ୍ ।
ଜଂଘାସ୍ୱସ୍ତିକସଂଯୁକ୍ତା ଆକ୍ଷିପ୍ତା ନାମ ସା ସ୍ମୃତା ॥ ୩୭ ॥
ସ୍ୱସ୍ତିକସ୍ୟାଗ୍ରତଃ ପାଦଃ କୁଞ୍ଚିତସ୍ତୁ ପ୍ରସାରିତଃ ।
ନିପତେଦଞ୍ଚିତାବିଦ୍ଧମାବିଦ୍ଧା ନାମ ସା ସ୍ମୃତା ॥ ୩୮ ॥

ନୂପୁରପାଦିକା — ପାଦକୁ ଅଞ୍ଚିତ (୯ମ ଅଧ୍ୟାୟୋକ୍ତ) କରି ପଛ ଆଡକୁ (ପିଠିରେ ଗୋଇଠି ଲାଗିବା ପର୍ଯ୍ୟନ୍ତ) ଉଠାଇ ପୁଣି ଆଗ ପାଦକୁ ଦ୍ରୁତ ଗତିରେ ଭୂଇଁରେ ଲଗାଇଲେ ସେହି ଚାରୀର ନାମ ନୂପୁର ପାଦିକା ହୁଏ । (ସଂ ରତ୍ନାକରରେ ଜଙ୍ଘକୁ ଅଞ୍ଚିତ କରିବା ଅଧିକ କଥା) । ୩୫ ।

ଦୋଲପାଦା — କୁଞ୍ଚିତ ପାଦକୁ ଉପରକୁ ଟେକି ଏକ କଡରୁ ଅନ୍ୟ କଡ଼କୁ ଦୋଳା ପରି ଚଳାଇ, ଅଞ୍ଚିତ ଗତିରେ ଭୂମିରେ ସ୍ଥାପନ କରିବ ଅର୍ଥାତ୍ ଗୋଇଠିକୁ ଭୂଇଁରେ ଲଗାଇବ । ଏହାର ନାମ ଦୋଲପାଦା । (ସଙ୍ଗୀତ ରତ୍ନାକରରେ ଏହାର ନାମ ଡୋଲପାଦା) । ୩୬ ।

ଆକ୍ଷିପ୍ତା — କୁଞ୍ଚିତ ପାଦକୁ ଜଙ୍ଘା ସ୍ୱସ୍ତିକ ରଚିତ ହେବାଯାଏ ଉପରକୁ ଉଠାଇ ଅଞ୍ଚିତ ଭଙ୍ଗୀରେ ଭୂମିରେ ସ୍ଥାପନ କରିବ, ଅର୍ଥାତ୍ ଗୋଇ-ଠିକୁ ତଳେ ଲଗାଇବ । ଏହାର ନାମ ଆକ୍ଷିପ୍ତା ଚାରୀ ।

(ସଙ୍ଗୀତ ରତ୍ନାକର ଓ ଅଭିନବ ଗୁପ୍ତଙ୍କ ମତରେ ତିନି ଗୋଟି ତାଳର କାଳ ପ୍ରମାଣ ମଧ୍ୟରେ ପାଦକୁ ଉଠାଇ ଅର୍ଦ୍ଧ ମଣ୍ଡଳ ରଚନା କଲା ପରି ଅପର ପାର୍ଶ୍ୱ ଗୃହୀତ କରି ଜଙ୍ଘା ସ୍ୱସ୍ତିକ ସହକାରେ ଗୋଇଠି ସାହାଯ୍ୟରେ ଭୂମିରେ ସ୍ଥାପନ କରିବ) । ୩୭ ।

ଆବିଦ୍ଧା — ସ୍ୱସ୍ତିକ ପାଦର ଯେଉଁ କୁଞ୍ଚିତ ପାଦଟିକୁ ପ୍ରସାରିତ କରି ଅଞ୍ଚିତ ଓ ଆବିଦ୍ଧ (ବକ୍ର) ଗତିରେ ଭୂମିରେ ପତିତ କଲେ ତାହାର ନାମ ଆବିଦ୍ଧା ଚାରୀ । (ଅଭିନବ ଗୁପ୍ତ ସ୍ୱସ୍ତିକ ଶବ୍ଦର ଅର୍ଥ କରିଛନ୍ତି— ବିଶ୍ଳିଷ୍ଟ ଜଙ୍ଘ ସ୍ୱସ୍ତିକ ଅର୍ଥାତ୍ ଯେଉଁ ସ୍ୱସ୍ତିକରେ ଜଙ୍ଘଦ୍ୱୟ ଲଗାଲଗି ହୋଇ ନଥାନ୍ତି, ପାଦର ପତନ ନିଜ ପାର୍ଶ୍ୱରେ ଦ୍ୱିତୀୟ ପାଦର ଗୋଇଠି ନିକଟରେ କରିଥିବ ବୋଲି ମଧ୍ୟ କହିଛନ୍ତି । ଶାର୍ଙ୍ଗଦେବଙ୍କ ମତ ମଧ୍ୟ ଏତଦନୁରୂପ । ୩୮ ।

Digitized by srujanika@gmail.com

ପାଦମାବିଦ୍ଧମାବେଷ୍ଟ୍ୟ ସମୁତ୍‌ପ୍ଲୁତ୍ୟ ନିପାତୟେତ୍ ।
ପରିବୃତ୍ୟ ଦ୍ୱିତୀୟଂ ଚ ସୋଦ୍‌ବୃତ୍ତା ଭୃମିଁଦାହୃତା ॥ ୩୯ ॥
ପୃଷ୍ଠତୋ ବଳିତଂ ପାଦଂ ଶିରୋଦୃଷ୍ଟଂ ପ୍ରସାରୟେତ୍ ।
ସର୍ବତୋ ମଣ୍ଡଳାବିଦ୍ଧଂ ବଦ୍ଧ୍ୟଦ୍‌ଭ୍ରାନ୍ତା ତୁ ସା ସ୍ମୃତା ॥ ୪୦ ॥
ପୃଷ୍ଠପ୍ରସାରିତଃ ପାଦୋ ବଳିତୋଽଭ୍ୟନ୍ତରସ୍ଥିତଃ ।
ପାର୍ଷ୍ଣିପ୍ରଦେଶତଶ୍ଚୈବ ହ୍ୟଲାତା ସଂପ୍ରକୀର୍ତ୍ତିତା ॥ ୪୧ ॥
କୁଞ୍ଚିତଂ ପାଦମୁତ୍‌କ୍ଷିପ୍ୟ ତ୍ର୍ୟଶ୍ରମୂରୁଂ ବିବର୍ତ୍ତୟେତ୍ ।
କଟୀଜାନୁବିବର୍ତ୍ତାଚ ଭୁଜଙ୍ଗତ୍ରାସିତା ଭବେତ୍ ॥ ୪୨ ॥

ଉଦ୍‌ବୃତ୍ତା— ଅନନ୍ତରୋକ୍ତ ଆବିଦ୍ଧା ଚାରୀର କୁଞ୍ଚିତ ପାଦକୁ ଆବେଷ୍ଟିତ କରି ଅର୍ଥାତ୍ ଅନ୍ୟ ପାଦର ଊରୁ ଦେଶରେ ଗୋଇଠିକୁ ଲଗାଇ ତତ୍ପରେ ଉପରକୁ ଡେଇଁ ଭଉଁରି (ଭ୍ରମରକ) ଦେଇ ତଳେ ପକାଇବ । ଏହା ଉଦ୍‌ବୃତ୍ତା ଚାରୀ । ୩୯ ।

ବଦ୍ଧ୍ୟଭ୍ରାନ୍ତା — ପଛ ଆଡକୁ ବୁଲାଇ ଚଢ଼ିବା ମସ୍ତକକୁ ଛୁଇଁ ମଣ୍ଡଳାକାରରେ ଉପର, ତଳ ଓ ଦୁଇ ପାଖରେ ଅର୍ଥାତ୍ ଚାରି ଆଡ଼କୁ ଘୂରାଇ ପ୍ରସାରିତ କଲେ ତାହାର ନାମ ବଦ୍ଧ୍ୟଭ୍ରାନ୍ତା ହୁଏ । ୪୦ ।

ଅଲତା — ଗୋଟିଏ ପାଦକୁ ପଛ ଆଡକୁ ପ୍ରସାରିତ କଲା ପରେ ବୁଲାଇ ଭିତର ପଟକୁ ଆଣି (ପାଦର ତଳ ଦେଶକୁ ଦ୍ୱିତୀୟ ପାଦର ଊରୁ ଦେଶରେ ଊର୍ଦ୍ଧ୍ୱମୁଖ କରି) ଗୋଇଠିକୁ ଭୂମିରେ ପକାଇବାର ନାମ ଅଲତାଚାରୀ । ୪୧ ।

ଭୁଜଙ୍ଗତ୍ରାସିତା — କୁଞ୍ଚିତ ପାଦକୁ (ଦ୍ୱିତୀୟ ପାଦର ଊରୁ ସ୍ଥାନ ପର୍ଯ୍ୟନ୍ତ) ଉପରକୁ ଟେକି ତ୍ର୍ୟସ୍ର (୩ କୋଣାକାର) ଊରୁକୁ ବିବର୍ତ୍ତିତ କରିବ ଓ କଟି ଓ ଜାନୁକୁ ମଧ୍ୟ ବିବର୍ତ୍ତିତ କରିବ । (ସଙ୍ଗୀତ ରତ୍ନାକରମତରେ—ଅପର ପାଦର ଊରୁ ମୂଳ ପର୍ଯ୍ୟନ୍ତ କୁଞ୍ଚିତ ପାଦକୁ ଉଠାଇବ । ଗୋଇଠି ନିତମ୍ବର ଅଭିମୁଖ ହୋଇଥିବ । ଆଣ୍ଠୁ ନିଜ ଡାହାଣ ବା ବାମ ଯେଉଁ ପାଦର ହୋଇଥିବ ସେହି ପାଖରେ ରହିବ । କଟି ଓ ଆଣ୍ଠୁକୁ ବିବର୍ତ୍ତିତ କରି ତଳିପାକୁ ଉପରକୁ ଚିତ୍ କରି ରଖିବ । ଏପରି ହେଲେ ଭୁଜଙ୍ଗତ୍ରାସିତା ଚାରୀ ସଂପନ୍ନ ହୁଏ ।) । ୪୨ ।

Digitized by srujanika@gmail.com

ଅତକ୍ରାନ୍ତକ୍ରମଂ କୃତ୍ୱା ଚରେତ୍ତ୍ରୁତ୍ୟ ଜନପାତୟେତ୍ ।
ଜଂଘାଞ୍ଚିତା ପରକ୍ଷିପ୍ତା ସା ଜ୍ଞେୟା ହରଣପ୍ଲୁତା ॥ ୪୩ ॥
ନୂପୁରଂ ଚରଣଂ କୃତ୍ୱା ପୂରତଃ ସଂପ୍ରସାରୟେତ୍ ।
କ୍ଷିପ୍ରମାବଦ୍ଧକରଣଂ ଦଣ୍ଡପାଦା ତୁ ସା ସ୍ମୃତା ॥ ୪୪ ॥
ଅତକ୍ରାନ୍ତକ୍ରମଂ କୃତ୍ୱା ତ୍ରିକଂ ତୁ ପରିବର୍ତ୍ତୟେତ୍ ।
ଦ୍ୱିତୀୟପାଦଭ୍ରମଣାତ୍ତଳେନ ଭ୍ରମରୀ ସ୍ମୃତା ॥ ୪୫ ॥
ଆକାଶିକ୍ୟଃ ସ୍ମୃତା ହ୍ୟେତା ଲଳିତାଙ୍ଗକ୍ରିୟାତ୍ମିକାଃ ।
ଧନୁର୍ବଜ୍ରାସିଶସ୍ତ୍ରାଣାଂ ପ୍ରୟୋକ୍ତବ୍ୟା ବିମୋକ୍ଷଣେ ॥ ୪୬ ॥
ଅଗ୍ରଗୌ ପୃଷ୍ଠଗୌ ବାପି ହ୍ୟନୁଗୌ ବାପି ଯୋଗତଃ ।
ପାଦୟୋସ୍ତୁ ଦ୍ୱିଜା ହସ୍ତୌ କର୍ତ୍ତବ୍ୟୌ ନାଟ୍ୟଯୋକ୍ତୃଭିଃ ॥ ୪୭ ॥

ହରଣପ୍ଲୁତା — ଅତକ୍ରାନ୍ତା ଚାରୀ ସ୍ଥଳରେ ପାଦକୁ କୁଞ୍ଚିତ କରି ତେଇଁପଡ଼ି ସେହି ପାଦକୁ ତଳେ ପକାଇବ । ତତ୍ପରେ ଅନ୍ୟ ପାଦର ଜଙ୍ଘାକୁ ଅଞ୍ଚିତ କରି କ୍ଷିପ୍ତ କରିବ । (ସଙ୍ଗୀତ ରତ୍ନାକରରେ କ୍ଷିପ୍ତ କରିବାର ଅର୍ଥ ପଛ ଆଡ଼କୁ ନିକ୍ଷେପ କରିବା (ଛୁଆଡ଼ ଟୋଇବା) । ୪୩ ।

ଦଣ୍ଡପାଦା — ନୂପୁରପାଦା ଚାରୀରେ କୁହାଯାଇଥିବା ସ୍ଥଳରେ ପାଦକୁ କୁଞ୍ଚିତ କରି (ଅନ୍ୟ ପାଦର ଗୋଇଠି ଠାରେ ଲଗାଇ) ଅତି ବେଗରେ ଆବଦ୍ଧ କରଣ ପୂର୍ବକ (ନିଜ ଦେହ କ୍ଷେତ୍ର ଅର୍ଥାତ୍ ବକ୍ଷଃ ଦେଶର ସମ୍ମୁଖକୁ ଆଣୁ, ର ଅଗ୍ରଭାଗକୁ ଆଣି) ପସାରିତ କଲେ ତାହାର ନାମ ଦଣ୍ଡପାଦାଚାରୀ । (ବେମଙ୍କ ଦ୍ୱାରା କୃତ ଏହାର ଲକ୍ଷଣ ଅତି ପ୍ରାଞ୍ଜଳ) । ୪୪ ।

ଭ୍ରମରୀ — ଅତକ୍ରାନ୍ତାଚାରୀ କରିସାରି ତ୍ରିକ ଦେଶକୁ (ମେରୁ-ଦଣ୍ଡର ତଳଭାଗକୁ) ପରିବର୍ତ୍ତିତ କରି ଅନ୍ୟ ପାଦର ତଳଦେଶକୁ ବୁଲାଇବା ଦ୍ୱାରା ସମସ୍ତ ଶରୀରକୁ ଘୂରାଇ ଆଣିବାର ନାମ ଭ୍ରମରୀ । ୪୫ ।

ଏହି ଆକାଶିକୀ ଚାରୀ ଗୁଡ଼ିକ ଲଳିତ ଅଙ୍ଗକ୍ରିୟା ସ୍ୱରୂପ । ଏଗୁଡ଼ିକ ଧନୁ, ବଜ୍ର ଓ ଖଡ୍‌ଗାଦି ଶସ୍ତ୍ରର ମୋକ୍ଷଣ (କ୍ଷେପଣ) ସମୟରେ ପ୍ରଯୁକ୍ତ ହେବ । ୪୬ ।

ହେ ଦ୍ୱିଜମାନେ ! ବସ୍ତୁସ୍ଥିତିର ଔଚିତ୍ୟ ଦୃଷ୍ଟିରୁ କେବେ କେବେ ପାଦ-ଦ୍ୱୟର କ୍ରିୟା ପୂର୍ବରେ, କେବେ ବା ପରେ, କେବେ ବା ଉଭୟର ଏକ କାଳରେ ନାଟ୍ୟ ପ୍ରୟୋଗକର୍ତ୍ତାଙ୍କ ଦ୍ୱାରା ପ୍ରଯୁକ୍ତ ହୋଇଥାଏ । ୪୭ ।

Digitized by srujanika@gmail.com

ଯତଃ ପାଦସ୍ତତୋ ହସ୍ତୋ ଯତୋ ହସ୍ତସ୍ତତସ୍ତ୍ରିକମ୍ ।
ପାଦସ୍ୟ ନିର୍ଗମଂ କୃତ୍ୱା ତଥୋପାଙ୍ଗାନି ଯୋଜୟେତ୍ ॥ ୪୮ ॥
ପାଦବୃନ୍ଧ୍ୟାଂ ଯଥା ପାଦୋ ଧରଣୀମେବ ଗଚ୍ଛତି ।
ଏବଂ ହସ୍ତଶ୍ଚରତ୍ୱା ତୁ କଟୀଦେଶଂ ସମାଶ୍ରୟେତ୍ ॥ ୪୯ ॥
ଏତାଶ୍ଚାର୍ଯ୍ୟୋ ମୟା ପ୍ରୋକ୍ତା ଲଳିତାଙ୍ଗକ୍ରିୟାତ୍ମିକାଃ ।
ସ୍ଥାନାନ୍ୟାସାଂ ପ୍ରବକ୍ଷ୍ୟାମି ସର୍ବଶସ୍ତ୍ରବିମୋକ୍ଷଣେ ॥ ୫୦ ॥
ବୈଷ୍ଣବଂ ସମପାଦଂ ଚ ବୈଶାଖଂ ମଣ୍ଡଳଂ ତଥା ।
ପ୍ରତ୍ୟାଳୀଢଂ ତଥାଳୀଢଂ ସ୍ଥାନାନ୍ୟେତାନି ଷଣ୍ଣୃଣାମ୍ ॥ ୫୧ ॥
ଦ୍ୱୌ ତାଳାବର୍ଦ୍ଧତାଳଶ୍ଚ ପାଦୟୋରନ୍ତରଂ ଭବେତ୍ ।
ତୟୋସ୍ସମସ୍ଥିତସ୍ତ୍ୱେକସ୍ତ୍ର୍ୟଶ୍ରଃ ପକ୍ଷସ୍ଥିତୋଽପରଃ ॥ ୫୨ ॥
କିଞ୍ଚିଦଞ୍ଚିତଜଙ୍ଘଂ ଚ ସୌଷ୍ଠବାଙ୍ଗପୁରସ୍କୃତମ୍ ।
ବୈଷ୍ଣବସ୍ଥାନମେତଦ୍ଧି ବିଷ୍ଣୁରତ୍ରାଧିଦୈବତମ୍ ॥ ୫୩ ॥

ପାଦଚାଳନା ସଙ୍ଗେ ସଙ୍ଗେ ହସ୍ତ ଚାଳନା ଓ ତାହା ସଙ୍ଗେ ସଙ୍ଗେ ତ୍ରିକ (ମେରୁଦଣ୍ଡର ତଳଭାଗ) ଚାଳନା କରଣୀୟ । ପାଦ ଚାଳନା ବନ୍ଦ କଲା ପରେ ଭ୍ରୂ, ନେତ୍ର ପ୍ରଭୃତି ଉପାଙ୍ଗମାନଙ୍କର ଚାଳନା କର୍ତ୍ତବ୍ୟ । ପାଦଚାଳନାର ଶେଷରେ ଯେପରି ପାଦ ଭୂଇଁରେ ନ୍ୟସ୍ତ ହୁଏ ସେହିପରି ହସ୍ତ ଚାଳନାର ବିରତି ଘଟିଲେ ତାହା କଟୀଦେଶରେ ନିବେଶିତ ହୁଏ । ୪୮-୪୯ ।

ଲଳିତ ଅଙ୍ଗକ୍ରିୟା ସ୍ୱରୂପ ଏହି ଚାରୀ ଗୁଡ଼ିକ କହିଲି । ଏବେ ସର୍ବବିଧ ଶସ୍ତ୍ର ମୋକ୍ଷଣ ବେଳେ କି ପ୍ରକାର ସ୍ଥାନ (ଅବସ୍ଥାନ ଭଙ୍ଗୀ) ଅବଲମ୍ବନୀୟ ତାହା କହୁଛି । ୫୦ ।

ମାନବମାନଙ୍କର 'ସ୍ଥାନ' ଛଅ ପ୍ରକାର । ଯଥା— ବୈଷ୍ଣବ, ସମପାଦ, ବୈଶାଖ, ମଣ୍ଡଳ, ପ୍ରତ୍ୟାଳୀଢ଼ ଓ ଆଳୀଢ଼ । ୫୧ ।

ବୈଷ୍ଣବ — ପାଦଦ୍ୱୟର ମଧ୍ୟଭାଗରେ ଅଢ଼େଇ ତାଳ ପରିମିତ ସ୍ଥାନ ଫାଙ୍କ ରହିବ । ପୁଣି ଗୋଟିଏ ପାଦ ସମଭାବରେ (ସ୍ୱାଭାବିକ ଗତିରେ) ଅବସ୍ଥିତ ହେବ ଓ ପକ୍ଷସ୍ଥିତ (ଯହିଁରେ କଡ଼ପଟକୁ ଆଙ୍ଗୁଠି ଗୁଡ଼ିକର ଅଗ୍ରଭାଗ ରହେ) ଅନ୍ୟ ପାଦଟି ତ୍ର୍ୟସ୍ର ହେବ । ଅର୍ଥାତ୍ ଆଙ୍ଗୁଠିମାନଙ୍କର ଅଗ୍ରଭାଗକୁ କଡ଼ପଟରୁ ଅଳ୍ପ ସମ୍ମୁଖ ଆଡ଼କୁ ଅଣାଯିବ । ଆଣ୍ଠୁକୁ ଅଳ୍ପ ନୁଆଁଇବା ଦ୍ୱାରା ଜଙ୍ଘକୁ କୁଞ୍ଚିତ କରିବ । ଅଙ୍ଗରେ (କଟିର ଉପରଭାଗ) ସୌଷ୍ଠବ ଭଙ୍ଗୀରେ ଅବସ୍ଥାପିତ ହେବ । ଏହାର ନାମ ବୈଷ୍ଣବ ସ୍ଥାନ । ବିଷ୍ଣୁ ଏହାର ଦେବତା ।
। ୫୨-୫୩ ।

Digitized by srujanika@gmail.com

ସ୍ଥାନେନାନେନ କର୍ତ୍ତବ୍ୟଃ ସଂଲାପସ୍ତୁ ସ୍ୱଭାବଜଃ ।
ନାନାକାର୍ଯ୍ୟାନ୍ତରୋପେତୈର୍ନୃଭିରୁତ୍ତମମଧ୍ୟମୈଃ ॥ ୫୪ ॥
[ଚକ୍ରସ୍ୟ ମୋକ୍ଷଣେ ଚୈବ ଧାରଣେ ଧନୁଷସ୍ତଥା ।
ଧୈର୍ଯ୍ୟୋଦାତ୍ତାଙ୍ଗଲୀଳାସୁ ତଥା କ୍ରୋଧେ ପ୍ରୟୋଜୟେତ୍ ॥ ୫୫ ॥
ଇଦମେବ ବିପର୍ଯ୍ୟସ୍ତଂ ପ୍ରଣୟକ୍ରୋଧ ଇଷ୍ୟତେ ।
ଉପାଲମ୍ଭକୃତେ ଚୈବ ପ୍ରଣୟୋଦ୍‌ବେଗୟୋସ୍ତଥା ॥ ୫୬ ॥
ଶଙ୍କାସୂୟୋଗ୍ରତାଚନ୍ତାମତିସ୍ମୃତିଷୁ ଚୈବ ହି ।
ଦୈନ୍ୟେ ଚପଳତାୟାଂ ଚ ଗର୍ବାମର୍ଷେଷୁ କ୍ଲେଶୁ ॥ ୫୭ ॥
ଶୃଙ୍ଗାରାଦ୍ଭୁତବୀଭତ୍ସବୀରପ୍ରାଧାନ୍ୟ ଯୋଜିତମ୍] ।
ସମପାଦେ ସମୌ ପାଦୌ ତାଳମାତ୍ରାନ୍ତରସ୍ଥିତୌ ॥ ୫୮ ॥
ସ୍ୱଭାବସୌଷ୍ଠବୋପେତୌ ବ୍ରହ୍ମା ଚାତ୍ରାଧିଦୈବତମ୍ ।

ଏହାର ପ୍ରୟୋଗ — ଏହା ନାନା କାର୍ଯ୍ୟରେ ବ୍ୟାପୃତ ଉତ୍ତମ ଓ ମଧ୍ୟମ ପାତ୍ରମାନଙ୍କର ସ୍ୱାଭାବିକ ସଂଲାପ (ଉକ୍ତି ପ୍ରତ୍ୟୁକ୍ତି) ନିମନ୍ତେ ପ୍ରଯୁକ୍ତ ହୁଏ । ୫୪ ।

ଚକ୍ରର ନିକ୍ଷେପ, ଧନୁର ଧାରଣ, ଧୈର୍ଯ୍ୟ ସମନ୍ୱିତ ଉଦାତ୍ତ ଅଙ୍ଗଲୀଳା ପ୍ରଦର୍ଶନ ପ୍ରଭୃତି ସ୍ଥଳରେ ଓ କ୍ରୋଧର ଅଭିନୟରେ ମଧ୍ୟ ଏହା ପ୍ରଯୁକ୍ତ ହୁଏ । ୫୫ ।

ପ୍ରଣୟ କ୍ରୋଧ, ଉପାଳମ୍ଭ (ଗାଳିଦେବା) ପ୍ରଣୟ, ଉଦ୍ବେଗ, ଶଙ୍କା, ଅସୂୟା, ଉଗ୍ରତା, ଚିନ୍ତା, ମତି, ସ୍ମୃତି, ଦୈନ୍ୟ, ଚପଳତା, ଗର୍ବ, ଅମର୍ଷ ଓ କ୍ଲେଶ ପ୍ରଭୃତି ସ୍ଥଳରେ ବିପର୍ଯ୍ୟସ୍ତ ଭାବେ ପ୍ରୟୋଜ୍ୟ । ଆହୁରି ମଧ୍ୟ ଶୃଙ୍ଗାର, ଅଦ୍ଭୁତ, ବୀର, ବୀଭତ୍ସ ରସ ପ୍ରଧାନ ଅଭିନୟରେ ପ୍ରଯୋଜ୍ୟ । (ବୈଷ୍ଣବ ସ୍ଥାନରେ ବ୍ୟବହୃତ ତାଳ ଶବ୍ଦର ଅର୍ଥ, ହାତର ଆଙ୍ଗଠିକୁ ପ୍ରସାରିତ କଲେ ବୁଢ଼ାଆଙ୍ଗୁଠି ଓ ମଝିଆଙ୍ଗୁଠି ମଧ୍ୟରେ ଯେତିକି ଫାଙ୍କ ରହେ ତାହାର ପରିମାଣ ଏକ ତାଳ) । ୫୬-୫୭ ।

ସମପାଦ — ସମପାଦରେ ସ୍ୱାଭାବିକ ସୌଷ୍ଠବ ଯୁକ୍ତ ପାଦଦ୍ୱୟ ପରସ୍ପର ଠାରୁ ଏକ ତାଳ ଅନ୍ତରରେ ସମାନ ଭାବେ ଅବସ୍ଥାପିତ ହୁଏ । ଏହାର ଅଧିଷ୍ଠାତ୍ରୀ ଦେବତା ବ୍ରହ୍ମା । ୫୮ ।

Digitized by srujanika@gmail.com

ଅନେନ କାର୍ଯ୍ୟଂ ସ୍ଥାନେନ ବପ୍ରମଙ୍ଗଳଧାରଣମ୍ ॥ ୫୯ ॥
ରୂପଣଂ ପକ୍ଷିଣାଂ ଚୈବ ବରଂ କୌତୁକମେବ ଚ ।
ଖସ୍ଥାନାଂ ସ୍ୟନ୍ଦନସ୍ଥାନାଂ ଶମାନସ୍ଥାୟିନାମପି ॥ ୬୦ ॥
ଲଙ୍ଘ୍ୟାନାଂ ବ୍ରତସ୍ଥାନାଂ ସ୍ଥାନମେତତ୍ତୁ କାରୟେତ୍ ।
ତାଳାସ୍ତ୍ରୟୋଽର୍ଧତାଳଶ୍ଚ ପାଦୟୋରନ୍ତରଂ ଭବେତ୍ ॥ ୬୧ ॥
ତାଳାଂସ୍ତ୍ରୀନର୍ଦ୍ଧତାଳାଂଶ୍ଚ ନପଣ୍ଡୋରୁଂ ପ୍ରକଳ୍ପୟେତ୍ ।
ନଣ୍ଡୌ ପକ୍ଷସ୍ଥିତୌ ଚୈବ ତଦ୍ ପାଦୌ ପ୍ରୟୋଜୟେତ୍ ॥ ୬୨ ॥
ବୈଶାଖସ୍ଥାନମେତଦ୍ଧି ସ୍କନ୍ଦଶ୍ଚାତ୍ରାଧିଦୈବତମ୍ ।
ସ୍ଥାନେନାନେନ କର୍ତ୍ତବ୍ୟମଶ୍ୱାନାଂ ବାହନଂ ବୁଧୈଃ ॥ ୬୩ ॥
ବ୍ୟାୟାମୋ ନିର୍ଗମଶ୍ଚୈବ ସ୍ଥୂଲପକ୍ଷିନିରୂପଣମ୍ ।
ଶରେବନସମ୍ପ୍ରକର୍ଷେ ବ୍ୟାୟାମକୃତମେବ ଚ ॥ ୬୪ ॥
ରେଚକେଷୁ ଚ କର୍ତ୍ତବ୍ୟମିଦମେବ ପ୍ରୟୋକ୍ତୃଭିଃ ।

ଏହାର ପ୍ରୟୋଗ — ଏହି ସ୍ଥାନ ଅବଲମ୍ବନ ଦ୍ୱାରା ବ୍ରାହ୍ମଣମାନଙ୍କର ଆଶୀର୍ବାଦ ଗ୍ରହଣ, ପକ୍ଷୀମାନଙ୍କର ନିରୀକ୍ଷଣ, କନ୍ୟା ଓ ବରର କୌତୁକ— ସୂତ୍ରଧାରଣ, ଲିଙ୍ଗ ପୂଜକ ଶୈବାଦ, ବ୍ରତଧାରୀ ସ୍ନାନ, ରଥାରୂଢ଼ ଓ ବିମାନସ୍ଥିତ ବ୍ୟକ୍ତିଙ୍କର (ଅଭିନୟରେ) ପ୍ରଯୁଜ୍ୟ । ୫୯-୬୦ ।

ବୈଶାଖ ସ୍ଥାନ—ଏଥିରେ ପାଦଦ୍ୱୟର ଅନ୍ତର ସାଢ଼େ ତିନି ତାଳ ପରିମାଣ ହେବ । ଉରୂଦ୍ୱୟ ଭୂମିଠାରୁ ସାଢ଼େ ତିନି ତାଳ ଉର୍ଦ୍ଧ୍ୱରେ ନିଶ୍ଚଳ ହୋଇ ରହିବ । ପାଦତଳ ଦ୍ୱୟ କଡ଼ମୁହାଁ ହୋଇ ତ୍ୟସ୍ରଭାବେ ଅବସ୍ଥାପିତ ହେବ । ଏହା ବୈଶାଖ ସ୍ଥାନ ଏହାର ଦେବତା ବିଶାଖ ଅର୍ଥାତ୍ କାର୍ତ୍ତିକେୟ ।
। ୬୧-୬୨ ।

ଏହାର ପ୍ରୟୋଗ — ଘୋଡ଼ା ଚଢ଼ିବା, ବ୍ୟାୟାମ, କୌଣସି ସ୍ଥାନରୁ ବାହାରିବା, ବୃହଦାକାର ପକ୍ଷୀକୁ ନିରୀକ୍ଷଣ କରିବା, ଧନୁକୁ ଆକର୍ଷଣ କରିବାପାଇଁ ଅଭ୍ୟାସ କରିବା ଓ ରେଚକ (ପାଦ ରେଚକ) ସମ୍ପାଦନ ପ୍ରଭୃତିର ପ୍ରୟୋଗ କାଳରେ ଏହା ବ୍ୟବହାର୍ଯ୍ୟ ।

(ସଙ୍ଗୀତ ରତ୍ନାକର ଗ୍ରନ୍ଥରେ ଯୁଦ୍ଧରେ ଘୋଡ଼ାକୁ ଚଳାଇବା, ତାହାକୁ ବେଗବାନ କରାଇବା ଅର୍ଥାତ୍ ଗୋଇଠି ଦ୍ୱାରା ପ୍ରହାର କରି ଦ୍ରୁତଗାମୀ କରାଇବାରେ ଏହା ପ୍ରଯୋଜ୍ୟ ବୋଲି ଲେଖା ହୋଇଛି) । ୬୩-୬୪ ।

Digitized by srujanika@gmail.com

ଐନ୍ଦ୍ରେ ତୁ ମଣ୍ଡଳେ ପାଦୌ ଚତୁସ୍ତାଳାନ୍ତରସ୍ଥିତୌ ॥ ୭୫ ॥
ନ୍ୟଗ୍ରୌ ପକ୍ଷସ୍ଥିତୌ ଚୈବ କଟିଜାନୁ ସମୌ ତଥା ।
ଧନୁର୍ବଜ୍ରାଣି ଶସ୍ତ୍ରାଣି ମଣ୍ଡଳେନ ପ୍ରୟୋଜୟେତ୍ ॥ ୭୬ ॥
ବାହନଂ କୁଞ୍ଜରାଣାଂ ତୁ ସ୍ଥୂଲପକ୍ଷିନିରୂପଣମ୍ ।
ଅସ୍ୟୈବ ଦକ୍ଷିଣଂ ପାଦଂ ପଞ୍ଚତାଳାନ୍ ପ୍ରସାର୍ଯ୍ୟ ତୁ ॥ ୭୭ ॥
ଆଲୀଢ଼ଂ ସ୍ଥାନକଂ କୁର୍ଯ୍ୟାଦ୍ରୁଦ୍ରଶ୍ଚାସ୍ୟାଧିଦୈବତମ୍ ।
ଅନେନ କାର୍ଯ୍ୟଂ ସ୍ଥାନେନ ବୀରରୌଦ୍ରକୃତଂ ତୁ ଯତ୍ ॥ ୭୮ ॥
ଉତ୍ତରୋତ୍ତରସଂଜଲ୍ପୋ ରୋଷାମର୍ଷକୃତସ୍ତୁ ଯଃ ।
ମଲ୍ଲାନାଂ ଚୈବ ସଂଫେଟଃ ଶତ୍ରୂଣାଂ ଚ ନିରୂପଣମ୍ ॥ ୭୯ ॥
ତଥାଭିଦ୍ରବଣଂ ଚୈବ ଶସ୍ତ୍ରାଣାଂ ଚୈବ ମୋକ୍ଷଣମ୍ ।

ମଣ୍ଡଳ — ଏହି ପାଦ ଚାରି ତାଳ ଅନ୍ତରରେ ରହିବ ଏବଂ କଡ଼ ମୁହାଁ (ପକ୍ଷସ୍ଥିତ) ହୋଇ ନ୍ୟସ୍ତ ହେବ । କଟି ଓ ଜାନୁ ସମାନ ରହିବ । ଇନ୍ଦ୍ର ଏହାର ଦେବତା ।

(ସଙ୍ଗୀତ ରତ୍ନାକରରେ ପାଦ ଦ୍ୱୟର ଅନ୍ତର ଏକତାଳ ପରିମିତ ବୋଲି ଲେଖା ହୋଇଛି । ଉରୁ ଦ୍ୱୟ ଅନ୍ତେଇ ତାଳ ଉର୍ଦ୍ଧ୍ୱରେ ନିଶ୍ଚଳ ହୋଇ ରହିବା ମଧ୍ୟ ଉକ୍ତ ହୋଇଛି । ଉରୁ ଅବସ୍ଥିତ ସମ୍ବନ୍ଧରେ ଅଭିନବ ଗୁପ୍ତଙ୍କ ମତ ଶାର୍ଙ୍ଗଦେବଙ୍କ ମତର ଅନୁରୂପ ।) । ୭୫ ।

ଏହାର ପ୍ରୟୋଗ — ଧନୁ ଓ ବଜ୍ର ଓ ଶସ୍ତ୍ର ସମୂହ ପ୍ରୟୋଗ କାଳରେ, ହାତୀ ଚଢ଼ିବା ବେଳେ, ବଡ଼ (ଗରୁଡ଼ ପରି) ପକ୍ଷୀମାନଙ୍କୁ ନିରୀକ୍ଷଣ କଲାବେଳେ ଏହା ପ୍ରଯୁକ୍ତ ହେବ । ୭୬ ।

ଆଲୀଢ଼ — ଅନନ୍ତରୋକ୍ତ ମଣ୍ଡଳ ସ୍ଥାନକ ସମ୍ପାଦିତ ହେଲା ପରେ ଦକ୍ଷିଣ ପାଦକୁ ପାଞ୍ଚତାଳ ପର୍ଯ୍ୟନ୍ତ ପ୍ରସାରିତ କଲେ ତାହାକୁ ଆଲୀଢ଼ କହନ୍ତି । ଏହାର ଦେବତା ରୁଦ୍ର । ୭୭ ।

ଏହାର ପ୍ରୟୋଗ — ଏହି ଆଲୀଢ଼ ସ୍ଥାନ ବୀର ଓ ରୌଦ୍ର ରସର ସମସ୍ତ ପ୍ରକାର ଅଭିନୟରେ ପ୍ରଯୋଜ୍ୟ । ଆହୁରି ମଧ୍ୟ ରୋଷ (କ୍ରୋଧ) ଓ ଅମର୍ଷ ହେତୁ (ଅସହନଶୀଳତା ହେତୁ) ଉତ୍ତରୋତ୍ତର ସଂଜଲ୍ପ (ବଢ଼ି ବଢ଼ି କଥା କହିବା) ମଲ୍ଲ ମାନଙ୍କର ସଂଫେଟ (କ୍ରୋଧ ଜନିତ ଭିଡ଼ାଭିଡ଼ି) ଓ ଶତ୍ରୁ ମାନଙ୍କର ନିରୂପ (ଗତିବିଧି ଠଉରାଇବା) ଅଭିଦ୍ରବଣ (ଦଉଡ଼ି ପଳାଇବା) ଶସ୍ତ୍ର ନିକ୍ଷେପର ଅଭିନୟରେ ପ୍ରଯୋଜ୍ୟ । ୭୮-୭୯ ।

Digitized by srujanika@gmail.com

କୁଞ୍ଚିତଂ ଦକ୍ଷିଣଂ କୃତ୍ୱା ବାମପାଦଂ ପ୍ରସାର୍ଯ୍ୟ ଚ ॥ ୭୦ ॥
ଆଲୀଢ଼ପରିବର୍ତ୍ତନ୍ତୁ ପ୍ରତ୍ୟାଲୀଢ଼ମିତି ସ୍ମୃତମ୍ ।
ଆଲୀଢ଼ସଂସ୍ଥିତଂ ଶସ୍ତ୍ରଂ ପ୍ରତ୍ୟାଲୀଢେନ ମୋକ୍ଷୟେତ୍ ॥ ୭୧ ॥
ନାନାଶସ୍ତ୍ରବିମୋକ୍ଷୋ ହି କାର୍ଯ୍ୟୋଽନେନ ପ୍ରୟୋକ୍ତୃଭିଃ ।
ନ୍ୟାୟାଶ୍ଚୈବାତ୍ର ବିଜ୍ଞେୟାସ୍ତତ୍ତ୍ୱାରିଃ ଶସ୍ତ୍ରମୋକ୍ଷଣେ ॥ ୭୨ ॥
ଭାରତଃ ସାତ୍ୱତଶ୍ଚୈବ ବାର୍ଷଗଣ୍ୟୋଽଥ କୈଶିକଃ ।
ଭାରତେ ତୁ କଟିଚ୍ଛେଦଂ ପାଦଚ୍ଛେଦଂ ତୁ ସାତ୍ୱତେ ॥ ୭୩ ॥
ବକ୍ଷସୋ ବାର୍ଷଗଣ୍ୟେ ତୁ ଶିରଚ୍ଛେଦଂ ତୁ କୈଶିକେ ।
ଏଭିଃ ପ୍ରୟୋକ୍ତୃଭିର୍ନ୍ୟାୟୈର୍ନାନାଚାରୀସମୁତ୍ଥିତୈଃ ॥ ୭୪ ॥
ପ୍ରବିଚାରଃ ପ୍ରୟୋକ୍ତବ୍ୟାଃ ନାନାଶସ୍ତ୍ରବିମୋକ୍ଷଣେ ।

ପ୍ରତ୍ୟାଲୀଢ଼ — ଅଲୀଢ଼ ସ୍ଥାନର ଦକ୍ଷିଣ ପାଦକୁ କୁଞ୍ଚିତ କରି ବାମ ପାଦକୁ ସମ୍ମୁଖ ଭାଗକୁ ପ୍ରସାରିତ କଲେ ତାହାର ନାମ ପ୍ରତ୍ୟାଲୀଢ ହୁଏ ।୭୦।

ପ୍ରୟୋଗ — ଆଲୀଢ଼ ସ୍ଥାନରେ ଅବସ୍ଥିତ ଥାଇ ଗ୍ରହଣ କରିଥିବା ଶସ୍ତ୍ରକୁ ପ୍ରତ୍ୟାଲୀଢ଼ ଅବସ୍ଥାରେ ନିକ୍ଷେପ କରିବ । ନାଟ୍ୟ ପ୍ରୟୋକ୍ତାମାନେ ଏହା ଦ୍ୱାରା ନାନାବିଧ ଶସ୍ତ୍ରର ନିକ୍ଷେପ କରାଇବେ ।୭୧।

ଶସ୍ତ୍ର ନିକ୍ଷେପ ସମ୍ବନ୍ଧରେ ଚାରିଗୋଟି 'ନ୍ୟାୟ' ଅଛି । ତାହାଁ ଭାରତ, ସାତ୍ୱତ, ବାର୍ଷଗଣ ଓ କୈଶିକ ନାମରେ ଖ୍ୟାତ ।

(ସଙ୍ଗୀତ ରତ୍ନାକରକାରଙ୍କ ମତରେ ଶତ୍ରୁକୁ ଶସ୍ତ୍ରରେ ବାରଣ କରିବା ଓ ନିଜ ଶସ୍ତ୍ରକୁ ଶତ୍ରୁ ଉପରକୁ ନିକ୍ଷେପ କରିବା ବିଷୟରେ ସମୁଚିତ ଶରୀରର ବର୍ତ୍ତିନାକୁ ନ୍ୟାୟ କହନ୍ତି) ।୭୨।

ଭାରତ ନ୍ୟାୟରେ କଟିଚ୍ଛେଦ, ସାତ୍ୱତ ନ୍ୟାୟରେ ପାଦଚ୍ଛେଦ, ବାର୍ଷଗଣ୍ୟ ନ୍ୟାୟରେ ବକ୍ଷଚ୍ଛେଦ ଓ କୌଶିକରେ ଶିରଚ୍ଛେଦ ଅଭିନୟ । ଅର୍ଥାତ୍ ଶତ୍ରୁର କଟିଦେଶକୁ ଆଘାତ କଲାବେଳେ ଭାରତ ନ୍ୟାୟ ଅବଲମ୍ବନୀୟ । ଏହି କ୍ରମରେ ଅନ୍ୟାନ୍ୟ ।୭୩-୭୪।

ନାନାବିଧ ଶସ୍ତ୍ର ପ୍ରୟୋଗ ବେଳେ ନାଟ୍ୟ ପ୍ରୟୋକ୍ତାମାନେ ପୂର୍ବୋକ୍ତ ବହୁବିଧ ଚାରୀରୁ ଉତ୍ପନ୍ନ ଏହି ନ୍ୟାୟ ମାନଙ୍କ ସାହାଯ୍ୟରେ ପ୍ରବିଚାରମାନ ପ୍ରଯୁକ୍ତ କରିବେ । (ପ୍ରବିଚାର-ପ୍ର ପ୍ରକୃଷ୍ଟ, ବି–ବିଚିତ୍ର, ଚାର-ଗତି ବିଶେଷ) ଚାରୀ, ବ୍ୟାୟାମ, ଚଣ୍ଡ ଓ ମଣ୍ଡଳ ଏମାନଙ୍କ ସମଷ୍ଟି ପ୍ରବିଚାର । ପ୍ରକୃଷ୍ଟ ବିଚିତ୍ର ଗତି ବିଶେଷର ନାମ ପରିକ୍ରମ, ତାହାର ଅପର ନାମ ପ୍ରବିଚାର । (ସଂ-ରତ୍ନାକର) ।୭୫।

Digitized by srujanika@gmail.com

ନ୍ୟାୟାଶ୍ରିତୈରଙ୍ଗହାରୈର୍ନ୍ୟାୟାଚ୍ଚୈବ ସମୁତ୍‌ଥିତୈଃ ॥ ୭୫ ॥
ଯସ୍ମାଦ୍ୟୁଦ୍ଧାନି ବର୍ତ୍ତନ୍ତେ ତସ୍ମାନ୍ନ୍ୟାୟାଃ ପ୍ରବର୍ତ୍ତିତାଃ ।
ବାମହସ୍ତେ ବିନିଯିଯ୍ୟ ଖେଟକଂ ଦକ୍ଷିଣେନ ଚ ॥ ୭୬ ॥
ଶସ୍ତ୍ରମାଦାୟ ହସ୍ତେନ ପ୍ରଚାରମଥାଚରେତ୍ ।
ପ୍ରସାର୍ଯ୍ୟ ଚ କରୌ ସମ୍ୟକ୍ ପୁନରାକ୍ଷିପ୍ୟ ଚୈବ ହି ॥ ୭୭ ॥
ଖେଟକଂ ଭ୍ରାମୟେତ୍ ପଶ୍ଚାତ୍ ପାର୍ଶ୍ୱାତ୍ପାର୍ଶ୍ୱମଥାପି ଚ ।
ଶିରଃ ପରିଗମଶ୍ଚାପି କାର୍ଯ୍ୟଃ ଶସ୍ତ୍ରେଣ ଯୋକ୍ତୃଭିଃ ॥ ୭୮ ॥
କପୋଲସ୍ୟାନ୍ତରେ ବାପି ଶସ୍ତ୍ରସ୍ୟୋଦ୍‌ଵେଷ୍ଟନଂ ତଥା ।
ପୁନଶ୍ଚ ଖଡ୍‌ଗହସ୍ତେନ ଲଲିତୋଦ୍‌ଵେଷ୍ଟିତେନ ଚ ॥ ୭୯ ॥
ଖେଟକେନ ଚ କର୍ତ୍ତବ୍ୟଃ ଶିରଃ ପରିଗମୋ ବୁଧୈଃ ।
ଏବଂ ବିଚାରଃ କର୍ତ୍ତବ୍ୟୋ ଭାରତେ ଶସ୍ତ୍ରମୋକ୍ଷଣେ ॥ ୮୦ ॥

ନ୍ୟାୟ ଅଙ୍ଗହାରର ଆଶ୍ରୟ ଓ ନ୍ୟାୟରୁ ଅଙ୍ଗହାର ସମୁଦ୍ଭୂତ । ଏହି ଅଙ୍ଗହାର ଦ୍ୱାରା ଯୁଦ୍ଧ କିମ୍ବା ସମ୍ପାଦିତ ହୁଏ । ତେଣୁ ନ୍ୟାୟ ପ୍ରବର୍ତ୍ତିତ ହୋଇଛି । (ନ୍ୟାୟରୁ ଅଙ୍ଗର ଔଚିତ୍ୟ, ଅଙ୍ଗର ଔଚିତ୍ୟରୁ ଯୁଦ୍ଧାଦିରେ ଶତ୍ରୁର ବିଜୟାଦି ସମ୍ପନ୍ନ ହୁଏ, ତେଣୁ ନ୍ୟାୟ ପ୍ରବର୍ତ୍ତିତ ହୋଇଛି ।) (ଶାର୍ଙ୍ଗଦେବଙ୍କ ମତରେ-ଯୁଦ୍ଧରେ ଶସ୍ତ୍ରାଘାତରୁ ନିଜ ଦେହକୁ ରକ୍ଷା କରିବା ଓ ନିଜ ଶସ୍ତ୍ରକୁ ଶତ୍ରୁ ଦେହରେ ପାତିତ କରିବା କାର୍ଯ୍ୟରେ ଯେଉଁ ଶରୀର ଚାଳନା ସମ୍ପାଦିତ ହୁଏ, ତାହାକୁ ନ୍ୟାୟ କହନ୍ତି ।) । ୭୫ ।

ବାଁ ହାତରେ ଖେଟକ (ଫଳକ) ଓ ଡ଼ାହାଣ ହାତରେ ଶସ୍ତ୍ର (ଖଣ୍ଡା ପ୍ରଭୃତି) ଧାରଣ କରି ପ୍ରଚାର (ବିଚିତ୍ର ଗତି) ଆରମ୍ଭ କରିବ । ପ୍ରଥମେ ହାତ ଦୁଇଟିକୁ (ପ୍ରସାରିତ) ଆଗକୁ ଉତ୍ତମ ରୂପେ ବଢ଼ାଇ ପୁଣି ଆକ୍ଷିପ୍ତ (ସଙ୍କୁଚିତ) କରି ଆଣିବ । ଫଳକକୁ ପିଠି ପାଖେ ଓ ଏପାଖରୁ ସେପାଖ ଡାହାଣ ପାଖରୁ ବାଁ ପାଖକୁ ଓ ବାଁ ପାଖରୁ ଡାହାଣ ପାଖକୁ) ବୁଲାଇ ଶସ୍ତ୍ର ଦ୍ୱାରା ଶିରଃ ପରିଗମ କରିବ । ଅର୍ଥାତ୍ ଶସ୍ତ୍ରର ଭ୍ରମଣ ଦ୍ୱାରା ମସ୍ତକକୁ ପରିବେଷ୍ଟିତ କରିବ । (ମସ୍ତକର ଚାରି କଡରେ ଖଣ୍ଡାକୁ ବେଗରେ ବୁଲାଇବ) ଖଡ୍‌ଗଯୁକ୍ତ ହସ୍ତକୁ ମସ୍ତକ ଓ କପୋଳ (ଅନ୍ତରାଳରେ) ସୀମାରେ ମନୋହର ଭାବେ ଉଦ୍ଵେଷ୍ଟିତ କରି (ବୁଲାଇ) ଫଳକକୁ ମସ୍ତକ ସମୀପରେ ବୁଲାଇବ । ଭାରତ ନ୍ୟାୟରେ ଶସ୍ତ୍ର ମୋକ୍ଷଣ କାଳରେ ଏହି ପ୍ରକାର ପ୍ରଚାର କରିବ । ୭୬-୮୦ ।

Digitized by srujanika@gmail.com

ସାତ୍ୱତେ ଚ ପ୍ରବକ୍ଷ୍ୟାମି ପ୍ରଚାରଂ ଯଥାବିଧି ।
ସ ଏବଂ ପ୍ରଚାରସ୍ତୁ ଶସ୍ତ୍ରଖେଟକୟୋଃ ସ୍ମୃତଃ ॥ ୮୧ ॥
କେବଲଂ ପୃଷ୍ଠତଃ ଶସ୍ତ୍ରଂ କର୍ତ୍ତବ୍ୟଂ ଖଲୁ ସାତ୍ୱତେ ।
ଗତିସ୍ତୁ ବାର୍ଷଗଣ୍ୟେଽପି ସାତ୍ୱତେନ କ୍ରମେଣ ତୁ ॥ ୮୨ ।
ଶସ୍ତ୍ରଖେଟକୟୋଶ୍ଚାପି ଭ୍ରମଣଂ ସଂବିଧୀୟତେ ।
ଶିରଃପରିଗମସ୍ତଦ୍ୱଦ୍ବକ୍ଷସ୍କନ୍ଧସ୍ୟ ଭବେତ୍ତଥା ॥ ୮୩ ॥
ଉରସ୍ୟୁଦ୍ୱେଷ୍ଟନଂ କାର୍ଯ୍ୟଂ ଶସ୍ତ୍ରସ୍ୟାଂସେଽଥବା ପୁନଃ ।
ଭାରତେ ପ୍ରଚାରୋ ଯଃ କର୍ତ୍ତବ୍ୟଃ ସ ତୁ କୌଶିକେ ॥ ୮୪ ॥
ବିଭ୍ରମସ୍ୟ ତଥା ଶସ୍ତ୍ରଂ କେବଲଂ ମୂର୍ଦ୍ଧ୍ନି ପାତୟେତ୍ ।
ପ୍ରଚାରାଃ ପ୍ରୟୋକ୍ତବ୍ୟା ହ୍ୟେବମେତେଽଙ୍ଗଲୀଳୟା ॥ ୮୫ ॥
ଧନୁର୍ବଜ୍ରାସିଶସ୍ତ୍ରାଣାଂ ପ୍ରୟୋକ୍ତବ୍ୟା ବିମୋକ୍ଷଣେ ।
ନ ଭେଦ୍ୟଂ ନାପି ଚ ଚ୍ଛେଦ୍ୟଂ ନ ଚାପି ରୁଧିରସ୍ରୁତିଃ ॥ ୮୬ ॥
ରଙ୍ଗେ ପ୍ରହରଣେ କାର୍ଯ୍ୟା ନ ଚାପି ବ୍ୟକ୍ତଘାତନମ୍ ।

ଏବେ ସାତ୍ୱତ ନ୍ୟାୟରେ ଭାରତ ନ୍ୟାୟ ସଦୃଶରେ ଫଳ ଓ ଶସ୍ତ୍ରର ଭ୍ରମଣ କରାଇବା ଦ୍ୱାରା ପ୍ରଚାର ପ୍ରଯୁକ୍ତ ହେବ । କିନ୍ତୁ ଶସ୍ତ୍ର ଭ୍ରମଣ କେବଳ ପୃଷ୍ଠ ଭାଗରେ କରାଯିବ । ୮୧ ।

ବାର୍ଷଗଣ୍ୟ ନ୍ୟାୟରେ ସାତ୍ୱତ ନ୍ୟାୟ ସଦୃଶରେ ଶସ୍ତ୍ର ଓ ଫଳକର ଭ୍ରମଣ ଦ୍ୱାରା ପ୍ରଚାର କରାଯିବ । ଏଥିରେ କିନ୍ତୁ ଫଳକ ଭ୍ରମଣ କେବଳ ପୃଷ୍ଠ ଭାଗରେ ହେବ । ମସ୍ତକର ପରିଗମ (ଶସ୍ତ୍ର ଦ୍ୱାରା ପରିବେଷ୍ଟନ) ମଧ୍ୟ ସାତ୍ୱତ ନ୍ୟାୟ ସଦୃଶରେ କରାଯିବ । ବକ୍ଷଃ ଓ ଅଂସ (ସ୍କନ୍ଧ) ଦେଶକୁ ଶସ୍ତ୍ର ଭ୍ରମଣ ଦ୍ୱାରା ଉଦ୍ୱେଷ୍ଟିତ କରିବ । ୮୨-୮୩ ।

କୌଶିକ ନ୍ୟାୟରେ ଭାରତନ୍ୟାୟ ସଦୃଶରେ ପ୍ରଚାର କରାଯିବ । ଏଥିରେ କିନ୍ତୁ ଶସ୍ତ୍ରକୁ ବୁଲାଇ କେବଳ ମସ୍ତକ ଦେଶରେ ଆଘାତ କରିବ । ଉକ୍ତ ପ୍ରଚାର ଗୁଡ଼ିକୁ ପୂର୍ବୋକ୍ତ ସଦୃଶରେ ଅଙ୍ଗଲୀଳା (ସୌଷ୍ଠବ) ସହକାରେ ଧନୁ, ବଜ୍ର, ଖଡ୍ଗ (କୁନ୍ତ, ଶକ୍ତି) ପ୍ରଭୃତି ଅସ୍ତ୍ରର ପାତନ କାଳରେ ପ୍ରୟୋଗ କରିବ ।
। ୮୪-୮୫ ।

ରଙ୍ଗସ୍ଥଳରେ (ଅଭିନୟ କଲାବେଳେ) ଯଥାକୁ ଯଥା ରକ୍ତ ବାହାରିବା ଭଳି ଭେଦ (ଭୂଷିଦେବା) ବା ଛେଦ (ହାଣିବା) କରିବ ନାହିଁ; କିମ୍ବା ସାକ୍ଷାତ୍‌ଭାବେ ଆଘାତ କରିବ ନାହିଁ । ୮୬ ।

Digitized by srujanika@gmail.com

ସଂଜ୍ଞାମାତ୍ରେଣ କର୍ତ୍ତବ୍ୟଂ ଶସ୍ତ୍ରାଣାଂ ମୋକ୍ଷଣଂ ବୁଧୈଃ ॥ ୮୭ ॥
ଅଥବାଭିନୟୋପେତଂ କୁର୍ଯାଚ୍ଛେଦ୍ୟଂ ବିଧାନତଃ ।
ଅଙ୍ଗସୌଷ୍ଠବସମ୍ପନ୍ନୈରଙ୍ଗହାରୈର୍ବିଭୂଷିତମ୍ ॥ ୮୮ ॥
ବ୍ୟାୟାମଂ କାରୟେତ୍ ସମ୍ୟକ୍ ଲୟତାଲସମନ୍ୱିତମ୍ ।
ସୌଷ୍ଠବେ ହି ପ୍ରୟତ୍ନସ୍ତୁ କାର୍ଯୋ ବ୍ୟାୟାମବେଦିଭିଃ ॥ ୮୯ ॥
ସୌଷ୍ଠବଂ ଲକ୍ଷଣଂ ପ୍ରୋକ୍ତଂ ବର୍ତ୍ତନାକ୍ରମଯୋଜିତମ୍ ।
ଶୋଭା ସର୍ବୈବ ନିତ୍ୟଂ ହି ସୌଷ୍ଠବଂ ସମୁପାଶ୍ରିତା ॥ ୯୦ ॥
ନ ହି ସୌଷ୍ଠବହୀନାଙ୍ଗଃ ଶୋଭତେ ନାଟ୍ୟନୃତ୍ତୟୋଃ ।
ଅଚଞ୍ଚଲମକୁବ୍ଜଂ ଚ ସନ୍ନଗାତ୍ରଂ ତଥୈବ ଚ ॥ ୯୧ ॥
ନାତ୍ୟୁଚ୍ଚଂ ଚଲପାଦଂ ଚ ସୌଷ୍ଠବାଙ୍ଗଂ ପ୍ରୟୋଜୟେତ୍ ।
କଟୀ କର୍ଣସମା ଯତ୍ର କୂର୍ପରାଂସଶିରସ୍ତଥା ॥ ୯୨ ॥
ସମୁନ୍ନତମୁରଶ୍ଚୈବ ସୌଷ୍ଠବଂ ନାମ ତଦ୍ଭବେତ୍ ।

(ବସ୍ତୁତଃ ଶସ୍ତ୍ର ପ୍ରହାର ନକରି) ନାମକୁ ମାତ୍ର ଶସ୍ତ୍ର ପ୍ରହାର କରିବ । ନାଟକାଦିର ଅଭିନୟରେ ଯଥାବିଧି ଛେଦ ପ୍ରଭୃତି (ମାୟା ବା ଇନ୍ଦ୍ରଜାଲ ସାହାଯ୍ୟରେ) କରାଯାଇ ପାରେ । ୮୭ ।

ବ୍ୟାୟାମ ବିଧି — ଅଙ୍ଗ ସୌଷ୍ଠବଯୁକ୍ତ ଅଙ୍ଗହାରମାନଙ୍କ ଦ୍ୱାରା ବିଭୂଷିତ କରି ଲୟ ଓ ତାଳ ସହକାରେ ବ୍ୟାୟାମ କରାଇବା ଓ କରିବା ବିଧେୟ । ବ୍ୟାୟାମରେ ଅଭିଜ୍ଞ ବ୍ୟକ୍ତିମାନେ ସୌଷ୍ଠବର ବିଧାନ ପ୍ରତି ଯତ୍ନଶୀଳ ହେବା ଉଚିତ । ୮୮-୮୯ ।

ବର୍ତ୍ତନାର କ୍ରମ ଅନୁସାରେ ପ୍ରୟୋଗକୁ ସୌଷ୍ଠବ କହନ୍ତି । ସର୍ବପ୍ରକାର ଶୋଭା (ସୌନ୍ଦର୍ଯ୍ୟ) ସୌଷ୍ଠବକୁ ଆଶ୍ରୟ କରି ଅବସ୍ଥିତ । ୯୦ ।

ନାଟ୍ୟ ଓ ନୃତ୍ତରେ ସୌଷ୍ଠବହୀନ ଅଙ୍ଗପ୍ରତ୍ୟଙ୍ଗ ଶୋଭା ପାଏ ନାହିଁ । ଅଚଞ୍ଚଳ (ହଲଚଲ ନୋହୁଥିବା) ଅକୁବ୍ଜ (ସଙ୍କୁଚିତ ନୋହୁଥିବା) ସନ୍ନାଙ୍ଗ (ସ୍ୱାଭାବିକ ଭାବେ ସ୍ଥିର) ଅନତି ଉଚ୍ଚ, ଚଞ୍ଚଳ ପାଦ ବିଶିଷ୍ଟ ଶରୀର ସୌଷ୍ଠବାଙ୍ଗ ସମ୍ପନ୍ନ କରି (ନାଟ୍ୟ ବା ନୃତ୍ୟ) ପ୍ରୟୋଗ କରିବ । ୯୧ ।

କଟି, କର୍ଣ୍ଣ, କହୁଣି, କାନ୍ଧ ଓ ମସ୍ତକ ସମଭାବେ (ସ୍ୱାଭାବିକ ଭାବେ) ଅବସ୍ଥିତ ରହିଲେ ଏବଂ ବକ୍ଷଃସ୍ଥଳ ଉନ୍ନତ ହୋଇଥିଲେ ତାହାକୁ (ଅଙ୍ଗର) ସୌଷ୍ଠବ କହନ୍ତି । ୯୨ ।

Digitized by srujanika@gmail.com

ଅତ୍ର ନାଢ୍ୟଂ ପ୍ରଯତ୍ନୋ ହି ବଧେୟୋ ମଧ୍ୟମୋତ୍ତମୈଃ ॥ ୯୩ ॥
ନାଟ୍ୟଂ ନୃତ୍ତଂ ଚ ସର୍ବଂ ହି ସୌଷ୍ଠବେ ସଂପ୍ରତିଷ୍ଠିତମ୍ ।
କଟୀନାଭିଚରୌ ହସ୍ତୌ ବକ୍ଷଶ୍ଚୈବ ସମୁନ୍ନତମ୍ ॥ ୯୪ ॥
ବୈଷ୍ଣବଂ ସ୍ଥାନମିତ୍ୟଙ୍ଗଂ ଚତୁରଶ୍ରମୁଦାହୃତମ୍ ।
ପରିମାର୍ଜନମାଦାନଂ ସନ୍ଧାନଂ ମୋକ୍ଷଣଂ ତଥା ॥ ୯୫ ॥
ଧନୁଷସ୍ତୁ ପ୍ରଯୋକ୍ତବ୍ୟଂ କରଣଂ ତୁ ଚତୁର୍ବିଧମ୍ ।
ପ୍ରମାର୍ଜନଂ ପରାମର୍ଶ ଆଦାନଂ ଗ୍ରହଣେହିୟୁ ॥ ୯୬ ॥
ସନ୍ଧାନଂ ଶରବିନ୍ୟାସୋ ବକ୍ଷେପୋ ମୋକ୍ଷଣଂ ଭବେତ୍ ।
ତୈଲାଭ୍ୟକ୍ତେନ ଗାତ୍ରେଣ ଯବାଗୂମୃଦିତେନ ଚ ॥ ୯୭ ॥
ବ୍ୟାୟାମଂ କାରୟେଦ୍ଧୀମାନ୍ ଭିତ୍ତାବାକାଶିକେ ତଥା ।

ମଧ୍ୟମ ଓ ଉତ୍ତମ ପାତ୍ରମାନେ ଏହି ସୌଷ୍ଠବ ବିଷୟରେ ସର୍ବଦା ଯତ୍ନବାନ୍ ହେବା ଉଚିତ । କାରଣ ନାଟ୍ୟ ଓ ନୃତ୍ତ—ସମସ୍ତ ସୌଷ୍ଠବ ଦ୍ୱାରା ପ୍ରତିଷ୍ଠା ଲାଭ କରନ୍ତି । ୯୩ ।

ସୌଷ୍ଠବ — ହସ୍ତ, କଟି ଓ ନାଭିଦେଶରେ ଅବସ୍ଥିତ ହେଲେ ବକ୍ଷଃସ୍ଥଳ ଉନ୍ନତ ହୋଇ ରହିଲେ, ତାହାର ନାମ ସୌଷ୍ଠବ ।
ଚତୁରସ୍ର — କଟି ଓ ନାଭିଦେଶରେ ହସ୍ତ ଥିଲେ ବକ୍ଷୋଦେଶ ସମୁନ୍ନତ ହୋଇଥିଲେ ଏବଂ (ପୂର୍ବୋକ୍ତ) ବୈଷ୍ଣବ - ନାମକ ସ୍ଥାନରେ ଅବସ୍ଥାନ କରୁଥିଲେ, ତାହାର ନାମ ଚତୁରସ୍ର (ଅଙ୍ଗ) ହୁଏ । ୯୪ ।

(ଖଡ୍ଗ ଯୁଦ୍ଧ ନ୍ୟାୟବଳି) ଧନୁର୍ଦ୍ଧରେ ଚାରୋଟି କରଣ ଥାଏ । ତାହା ହେଉଛି - ପରିମାର୍ଜନ, ଆଦାନ, ସନ୍ଧାନ ଓ ମୋକ୍ଷଣ । ୯୫ ।

ପରିମାର୍ଜନ ବା ପ୍ରମାର୍ଜନର ଅର୍ଥ — ଧନୁକୁ ପୋଛିପାଛି ଦେବା, ଆଦାନର ଅର୍ଥ - ଧାରଣ କରିବା, ସନ୍ଧାନର ଅର୍ଥ, ଲକ୍ଷ୍ୟ ପ୍ରତି ଶର ଯୋଖିବା ଓ ମୋକ୍ଷଣର ଅର୍ଥ ଶରକୁ ନିକ୍ଷେପ କରିବା । ୯୬ ।

ଭୂମି ଉପରେ ବା ଶୂନ୍ୟରେ ବ୍ୟାୟାମ କରିବାକୁ ଇଚ୍ଛୁକ ଧୀମାନ୍ ଲୋକ ପ୍ରଥମେ ତଳ-ତୈଳ ବା ଯବଧାନ ଦ୍ୱାରା ପ୍ରସ୍ତୁତ ଯାଉ ଦେହରେ ମର୍ଦ୍ଦନ କରିବ । ୯୭ ।

Digitized by srujanika@gmail.com

ଯୋଗ୍ୟାସ୍ତାଂ ମାତୃକା ଭିତ୍ତିସ୍ତସ୍ମାଭିତ୍ତିଂ ସମାଶ୍ରୟେତ୍ ॥ ୯୮ ॥
ଭିତ୍ତୌ ପ୍ରସାରିତାଙ୍ଗଂ ତୁ ବ୍ୟାୟାମଂ କାରୟେତ୍ପରମ୍ ।
ବଲାର୍ଥଂ ଚ ନିଷେବେତ ନସ୍ୟଂ ବସ୍ତିବିଧିଂ ତଥା ॥ ୯୯ ॥
ସ୍ନିଗ୍ଧାନ୍ୟନ୍ନାନି ଚ ତଥା ରସକଂ ପାନକଂ ତଥା ।
ଆହାରାଧିଷ୍ଠିତାଃ ପ୍ରାଣାଃ ପ୍ରାଣେ ଯୋଗ୍ୟାଃ ପ୍ରତିଷ୍ଠିତାଃ ॥ ୧୦୦ ॥
ତସ୍ମାଦ୍ୟୋଗ୍ୟ ପ୍ରସିଦ୍ଧ୍ୟର୍ଥମାହାରେ ଯତ୍ନବାନ୍ ଭବେତ୍ ॥
ଅଶୁଦ୍ଧକାୟଂ ପ୍ରକ୍ଲାନ୍ତମତିବ କ୍ଷୁତ୍ପିପାସିତମ୍ ॥ ୧୦୧ ॥
ଅତପୀତଂ ତଥା ଭୁକ୍ତଂ ବ୍ୟାୟାମଂ ନୈବ କାରୟେତ୍ ।
ଅଚଲୈର୍ମଧ୍ୟରୈର୍ଗାତ୍ରୈଷ୍ଟରସ୍ରେଣ ବକ୍ଷସା ॥ ୧୦୨ ॥
ବ୍ୟାୟାମଂ କାରୟେଦ୍ଧୀମାନ୍ନରମଙ୍ଗକ୍ରିୟାର୍ଥିନମ୍ ।

ଭିତ୍ତି (ଭୂମି ପୃଷ୍ଠ) ବ୍ୟାୟାମରେ ବିଶେଷ ଯୋଗ୍ୟତା ଅର୍ଜନପାଇଁ ମାତୃକା (ମୂଳଚିଣ୍ଡ) । ତେଣୁ ସମସ୍ତ ପ୍ରକାର ବ୍ୟାୟାମ ସାଧନପାଇଁ ଭୂମି ପୃଷ୍ଠକୁ ଆଶ୍ରୟ କରିବ । ଲୋକ ପୃଷ୍ଠରେ ଅଙ୍ଗର ପ୍ରସାରଣ କରି ବ୍ୟାୟାମ କରିବ । ୯୮ ।

ବଲାଧାନ ପାଇଁ ନସ୍ୟ ଓ (ଆୟୁର୍ବେଦୋକ୍ତ) ବସ୍ତିବିଧ ପ୍ରୟୋଗ କରିବ । (କୋଷ୍ଠ ପରିଷ୍କରଣ ପ୍ରତି ଦୃଷ୍ଟି ଦେବ)

ବଲାଧାନପାଇଁ ସ୍ନିଗ୍ଧ (ଚିକ୍କଣ) ଖାଦ୍ୟ, ମାଂସ-ରସ, ପାନକ (ସରବତ୍ ପଞ୍ଚାମୃତ ପ୍ରଭୃତି) ସେବା କରିବ । ୯୯ ।

ପ୍ରାଣ ଆହାର ଉପରେ ନିର୍ଭର କରେ ଓ ଯୋଗ୍ୟ (ବ୍ୟାୟାମ) ପ୍ରାଣ ଉପରେ ନିର୍ଭର କରେ । ତେଣୁ ବ୍ୟାୟାମରେ ସିଦ୍ଧି ଲଭପାଇଁ ଆହାର ବିଷୟରେ ଯତ୍ନଶୀଳ ହେବା ଉଚିତ (ଏଠାରେ ବ୍ୟବହୃତ ପ୍ରାଣ ଶବ୍ଦର ଅର୍ଥ ଜୀବନୀ ଶକ୍ତି ବା ଦମ୍ ବୋଲି ବୁଝିବା ଉଚିତ) । ୧୦୦ ।

ଯେଉଁମାନଙ୍କର ଶରୀର (ବମନ ଓ ବିରେଚକ ଗ୍ରହଣ ହୋଇ-ନିବାରୁ) ଅଶୁଦ୍ଧ, ଯେ ନିତାନ୍ତ କ୍ଳାନ୍ତ ହୋଇ ପଡ଼ିଛି, ଯେ କ୍ଷୁଧାର୍ତ୍ତ ବା ପିପାସାର୍ତ୍ତ, ଯେ ଅତ୍ୟଧିକ ପାନ କରିଛି ବା ଅତିଶକ୍ତ ଭୋଜନ କରିଛି, ସେପରି ଲୋକକୁ ବ୍ୟାୟାମ କ୍ରିୟାରେ ନିଯୁକ୍ତ କରିବ ନାହିଁ । ୧୦୧ ।

ଅଙ୍ଗକ୍ରିୟା (ବ୍ୟାୟାମ) ରେ ସିଦ୍ଧିଲଭପାଇଁ ଇଚ୍ଛାପ୍ରକାଶ କରୁଥିବା ବ୍ୟକ୍ତିର ଶରୀର ଅଚଳ (ଯେଉଁ ପ୍ରକାର ବ୍ୟାୟାମରେ ନିଯୁକ୍ତ କରାଯାଉଥିବ ସେଥିରୁ ହଟୁ ନ ଥିବ) ଲଳିତ ହୋଇଥିବ ଏବଂ ବକ୍ଷଃଦେଶ ଚଉରସ ହୋଇଥିବ, ସେହିପରି ଲୋକକୁ ବୁଦ୍ଧିମାନ୍ ଶିକ୍ଷା ଓ ବ୍ୟାୟାମ ଶିକ୍ଷା ଦେବ । । ୧୦୨ ।

Digitized by srujanika@gmail.com

ଏବଂ ବ୍ୟାୟାମସଂଯୋଗେ ଚାରୀଣ୍ଣାଞ୍ଚକ୍ତଚୋ ବିଧିଃ ॥ ୧୦୩ ॥
ଅଥ ଊର୍ଦ୍ଧ୍ୱଂ ପ୍ରବକ୍ଷ୍ୟାମି ମଣ୍ଡଳାନାଂ ବିକଲ୍ପନମ୍ ।

ଇତି ଭାରତୀୟେ ନାଟ୍ୟଶାସ୍ତ୍ରେ ନୃତ୍ତବିଧାନୋ
ନାମ ଦଶମୋଽଧ୍ୟାୟଃ ।

ବ୍ୟାୟାମ ସମ୍ବନ୍ଧରେ ଏହିପ୍ରକାର ନୃତ୍ତ ବିଧି ଅବଲମ୍ବନୀୟ । ଏଣିକି ମଣ୍ଡଳମାନଙ୍କର ଭେଦ ବିଷୟରେ କହିବି ।
(ବିକଲ୍ପନ — ଭେଦ ଅଥବା ବିଚିତ୍ର କଳ୍ପନା) । ୧୦୩ ।

ଏଠାରେ ଭାରତୀୟ ନାଟ୍ୟଶାସ୍ତ୍ରରେ ନୃତ୍ତ ବିଧାନ
ନାମକ ଦଶମ ଅଧ୍ୟାୟ ସମାପ୍ତ ହେଲା ।

Digitized by srujanika@gmail.com

ଏକାଦଶୋଽଧ୍ୟାୟଃ

ଏତାସ୍ତାର୍ଯୋ ମୟା ପ୍ରୋକ୍ତା ଯଥାବଚ୍ଛସ୍ତ୍ରମୋକ୍ଷଣେ ।
ଗୃହାଂସଯୋଗଜାନୀହ ମଣ୍ଡଳାନି ନିବୋଧତ ॥ ୧ ॥
ଅଭିକ୍ରାନ୍ତଂ ଚକ୍ରଂ ଚ ତଥା ଲଳିତସଂଚରମ୍ ।
ସୂଚୀବଙ୍ଗଂ ଦଣ୍ଡପାଦଂ ବିହୃତାଳାତକେ ତଥା ॥ ୨ ॥
ବାମବଦ୍ଧଂ ସଲଳିତଂ କ୍ରାନ୍ତଂ ଗୃକାଶଗାନି ତୁ ।
[ମଣ୍ଡଳାନି ଦ୍ୱିଜଶ୍ରେଷ୍ଠା ଭୂମିଗାନି ନିବୋଧତ] ॥ ୩ ॥
ଭ୍ରମରସ୍ୟନ୍ଦିତେ ହ୍ୟାଡାମାବର୍ତଂ ଚ ତତଃ ପରମ୍ ।
ସମୋତ୍ସରିତମପ୍ୟାହୁରେଡ଼କାକ୍ରୀଡ଼ିତଂ ତଥା ॥ ୪ ॥
ଅଡ୍ଡିତଂ ଶକଟାସ୍ୟଂ ଚ ତଥାଧ୍ୟର୍ଧକମେବ ଚ ।
ପିଷ୍ଟକୁଟ୍ଟଂ ଚ ବିଜ୍ଞେୟଂ ତଥା ଚାଷଗତଂ ପୁନଃ ॥ ୫ ॥
ଏତାନ୍ୟପି ଦଶୋକ୍ତାନି ଭୂମିଗାନୀହ ନାମତଃ ।
ଅତଃ ପରଂ ପ୍ରବକ୍ଷ୍ୟାମି ଲକ୍ଷଣାନି ଯଥାକ୍ରମମ୍ ॥ ୬ ॥

ଏକାଦଶ ଅଧ୍ୟାୟ

ଏଥି ପୂର୍ବେ ଯେଉଁ ଚାରୀ ଗୁଡ଼ିକର ଲକ୍ଷଣାଦି କହିଲି ତାହା ଶସ୍ତ୍ର ମୋକ୍ଷଣ କାଳରେ ପ୍ରଯୁଜ୍ୟ । ଏବେ ମଣ୍ଡଳମାନଙ୍କ ବିଷୟରେ କହୁଛି ଶୁଣ । ଏହି ମଣ୍ଡଳ ଗୁଡ଼ିକ ଏକାଧିକ ଚାରୀର ସଂଯୋଗରେ ଜାତ ହୋଇଥାନ୍ତି । ୧ ।

ଏହି ମଣ୍ଡଳମାନଙ୍କ ମଧ୍ୟରୁ ଅତିକ୍ରାନ୍ତ, ବିଚିତ୍ର, ଲଳିତ, ସୂଚୀବିଦ୍ଧ, ଦଣ୍ଡପାଦ, ବିହୃତ, ଅଲାତକ, ବାମବିଦ୍ଧ, ଲଳିତ ଓ କ୍ରାନ୍ତ—ଏଗୁଡ଼ିକ ଆକାଶ ଗତ ମଣ୍ଡଳ ଏବଂ ଭ୍ରମର, ଆସ୍କନ୍ଦିତ, ଆବର୍ତ୍ତ, ସମୋତ୍ସରିତ, ଏଡ଼କାକ୍ରୀଡ଼ିତ, ଅଡ୍ଡିତ, ଶକଟାସ୍ୟ, ଅଧ୍ୟର୍ଧକ, ପିଷ୍ଟକୁଟ୍ଟ, ଚାଷଗତ—ଏହି ଦଶ ଗୋଟି ଭୂମି-ଗତ ମଣ୍ଡଳ । ଏଣିକି ଯଥା କ୍ରମେ ଏମାନଙ୍କର ଲକ୍ଷଣମାନ କହୁଅଛି । ୨-୬ ।

Digitized by srujanika@gmail.com

ଅଦ୍ୟଂ ପାଦଂ ଚ ଜନିତଂ କୃତ୍ୱୋଦ୍‌ବାହୃତମାଚରେତ୍ ।
ଅଲାତଂ ବାମକଂ ଚୈବ ପାର୍ଶ୍ୱକ୍ରାନ୍ତଂ ଚ ଦକ୍ଷିଣମ୍ ॥ ୭ ॥
[ସୂଚୀବାମଂ ପୁନଶ୍ଚୈବ ପାର୍ଶ୍ୱକ୍ରାନ୍ତଂ ଚ ଦକ୍ଷିଣମ୍ ।
ସୂଚୀଂ ବାମକଂ ଦଦ୍ୟାଦପକ୍ରାନ୍ତଂ ଚ ଦକ୍ଷିଣମ୍] ॥ ୮ ॥
ସୂଚୀଂ ବାମଂ ପୁନଶ୍ଚୈବ ନିକଂ ଚ ପରିବର୍ତ୍ତୟେତ୍ ।
ତଥା ଦକ୍ଷିଣମୁଦ୍‌ବୃତ୍ତମଲାତଂ ଚୈବ ବାମକମ୍ ॥ ୯ ॥
ପରିଚ୍ଛିନ୍ନଂ ତୁ କର୍ତ୍ତବ୍ୟଂ ବାହ୍ୟଭ୍ରମରକେଣ ତୁ ।
ଅତିକ୍ରାନ୍ତଂ ପୁନର୍ବାମଂ ଦଣ୍ଡପାଦଂ ଚ ଦକ୍ଷିଣମ୍ ॥ ୧୦ ॥
ବକ୍ଷ୍ୟେଽହମେତଦ୍‌ବ୍ୟାୟାମେ ଭୁଜଙ୍ଗକ୍ରାନ୍ତଂ ତୁ ମଣ୍ଡଳମ୍ ।
ଆଦ୍ୟଂ ତୁ ଜନିତଂ କୃତ୍ୱା ତେନୈବ ଚ ନିକୁଟ୍ଟନମ୍ ॥ ୧୧ ॥
ଆସ୍ପନ୍ଦିତଂ ତୁ ବାମେନ ପାର୍ଶ୍ୱକ୍ରାନ୍ତଂ ଚ ଦକ୍ଷିଣମ୍ ।
ବାମଂ ସୂଚୀପଦଂ ଦଦ୍ୟାଦପକ୍ରାନ୍ତଂ ଚ ଦକ୍ଷିଣମ୍ ॥ ୧୨ ॥

ଆଦ୍ୟ, ଦକ୍ଷିଣ ପାଦରେ ଜନିତା ଚାରୀ ସମ୍ପାଦନ କରିସାରି ଉଦ୍‌ବାହୃତ କରିବ । ଅର୍ଥାତ୍ ଶକଟାସ୍ୟ ଚାରୀ ଅବଲମ୍ବନ କରିବ । ବାମ ପାଦରେ ଅଲାତ ଚାରୀ ଓ ଦକ୍ଷିଣ ପାଦରେ ପାର୍ଶ୍ୱକ୍ରାନ୍ତା ଚାରୀ, ପୁଣି ବାମ ପାଦରେ ସୂଚୀ, ଦକ୍ଷିଣରେ ପାର୍ଶ୍ୱକ୍ରାନ୍ତା ଚାରୀ, ପୁଣି ବାମ ପାଦରେ ସୂଚୀ ଓ ଦକ୍ଷିଣ ପାଦରେ ଅପକ୍ରାନ୍ତା ଚାରୀ, ପୁଣି ବାମ ପାଦରେ ସୂଚୀ ଚାରୀ ଓ ନିଜ ଦେହର ପରିବର୍ତ୍ତନ ଦ୍ୱାରା ଭ୍ରମରୀ ଚାରୀ ସମ୍ପାଦନ କଲାପରେ, ଦକ୍ଷିଣ ପାଦରେ ଉଦ୍‌ବୃତ୍ତା ଚାରୀ ଏବଂ ବାମ ପାଦରେ କୃତ ଅଲାତ ଚାରୀକୁ ଭ୍ରମରୀ-ଚାରୀ ଦ୍ୱାରା ପରିଚ୍ଛିନ୍ନ (ପରିବର୍ତ୍ତିତ) କରି ପୁନର୍ବାର ବାମ ପାଦରେ ଅତିକ୍ରାନ୍ତା ଓ ଦକ୍ଷିଣ ପାଦରେ ଦଣ୍ଡପାଦ ଅବଲମ୍ବନ କଲେ ବ୍ୟାୟାମରେ ଅତିକ୍ରାନ୍ତମଣ୍ଡଳ କହନ୍ତି ।
। ୭-୧୦ ।

ଏବେ— ଦକ୍ଷିଣ ପାଦରେ ଜନିତା ଚାରୀ ନିଷ୍ପନ୍ନ କରିସାରି ତଦ୍ୱାରା ନିକୁଟ୍ଟନ କରିବ । ତତ୍ପରେ ବାମ ପାଦ ଦ୍ୱାରା ଆସ୍ପନ୍ଦିତ ଅର୍ଥାତ୍ ସ୍ପନ୍ଦିତା ଚାରୀ (ସ୍ପନ୍ଦିତାର ଅପର ନାମ ଆସ୍ପନ୍ଦିତା (ଅଭିନବ)) ଓ ଦକ୍ଷିଣ ଦ୍ୱାରା ପାର୍ଶ୍ୱକ୍ରାନ୍ତା ଚାରୀ, ପୁଣି ବାମରେ ସୂଚୀ ଓ ଦକ୍ଷିଣରେ ଅପକ୍ରାନ୍ତା, ପୁନଃ ବାମରେ ଭୁଜଙ୍ଗ-

Digitized by srujanika@gmail.com

ଭୁଜଙ୍ଗତ୍ରାସିତଂ ବାମମତିକ୍ରାନ୍ତଂ ଚ ଦକ୍ଷିଣମ୍ ।
ଉଦ୍‌ବୃତ୍ତଂ ଦକ୍ଷିଣଂ ଚୈବ ହ୍ୟଲାତଂ ଚୈବ ବାମକମ୍ ॥ ୧୩ ॥
ପାର୍ଶ୍ୱକ୍ରାନ୍ତଂ ପୁନଃ ସବ୍ୟଂ ସୂଚୀ ବାମକ୍ରମଂ ତଥା ।
ବିକ୍ଷେପୋ ଦକ୍ଷିଣସ୍ୟ ସ୍ୟାଦପକ୍ରାନ୍ତସ୍ତୁ ବାମକଃ ॥ ୧୪ ॥

ବାହ୍ୟଭ୍ରମରକଂ ଚୈବ ବିକ୍ଷେପଂ ଚୈବ ଯୋଜୟେତ୍ ।
ଶସ୍ତ୍ରେଷ୍ୱେତଦ୍‌ବ୍ୟାୟାମେ ବିଚିତ୍ରଂ ନାମ ମଣ୍ଡଳମ୍ ॥ ୧୫ ॥

କୃତ୍ୱୋର୍ଦ୍ଧ୍ୱଜାନୁଚରଣମାଦ୍ୟଂ ସୂଚୀଂ ପ୍ରୟୋଜୟେତ୍ ।
ଅପକ୍ରାନ୍ତଃ ପୁନର୍ବାମ ଆଦ୍ୟଃ ପାର୍ଶ୍ୱଗତୋ ଭବେତ୍ ॥ ୧୬ ॥

ବାମଂ ସୂଚୀଂ ପୁନର୍ଦଦ୍ୟାତ୍ ତ୍ରିକଂ ଚ ପରିବର୍ତ୍ତୟେତ୍ ।
ପାର୍ଶ୍ୱକ୍ରାନ୍ତଂ ପୁନଶ୍ଚାଦ୍ୟମତିକ୍ରାନ୍ତଂ ଚ ବାମକମ୍ ॥ ୧୭ ॥

ସୂଚୀମାଦ୍ୟକ୍ରମଂ କୃତ୍ୱା ହ୍ୟପକ୍ରାନ୍ତଂ ଚ ବାମକମ୍ ।
ପାର୍ଶ୍ୱକ୍ରାନ୍ତଂ ପୁନଶ୍ଚାଦ୍ୟମତିକ୍ରାନ୍ତଂ ଚ ବାମକମ୍ ॥ ୧୮ ॥

ପରିଚ୍ଛିନ୍ନଂ ଚ କର୍ତ୍ତବ୍ୟଂ ବାହ୍ୟଭ୍ରମରକେଣ ଚ ।
ଏଷ ନୃତ୍ତପ୍ରୟୋଗସ୍ତୁ କାର୍ଯ୍ୟୋ ଲଳିତସଞ୍ଚରେ ॥ ୧୯ ॥

ତ୍ରାସିତ ଓ ଦକ୍ଷିଣରେ ଅତିକ୍ରାନ୍ତା, ପୁଣି ଦକ୍ଷିଣରେ ଉଦ୍‌ବୃତ୍ତା ଚାରୀ ଓ ବାମରେ ଅଲାତ ଚାରୀ, ଆଉ ପରେ ଦକ୍ଷିଣରେ ପାର୍ଶ୍ୱକ୍ରାନ୍ତା ଏବଂ ବାମରେ ସୂଚୀ, ପୁନଃ ଦକ୍ଷିଣରେ ବିକ୍ଷିପ୍ତା (ଆକ୍ଷିପ୍ତା) ଚାରୀ ଓ ବାମରେ ଅପକ୍ରାନ୍ତା ଚାରୀ ସମ୍ପାଦନ କରି (ବାହ୍ୟ ଭ୍ରମରୀ ଦ୍ୱାରା ବିକ୍ଷିପ୍ତାଚାରୀ ଯୋଜନା କରିବ) ଏହି ମଣ୍ଡଳର ନାମ ବିଚିତ୍ର ମଣ୍ଡଳ । ୧୧-୧୫ ।

ଲଳିତ ସଂଚର — ଦକ୍ଷିଣ ପାଦରେ ଜାନୁକୁ ଉପରକୁ ଟେକି ସୂଚୀ ଚାରୀ ଅବଲମ୍ବନ କରିବ । ପୁଣି ବାମ ପାଦରେ ଅପକ୍ରାନ୍ତା ଚାରୀ ଓ ଦକ୍ଷିଣ ପାଦରେ, ପାର୍ଶ୍ୱକ୍ରାନ୍ତା ଚାରୀ ପୁଣି ବାମ ପାଦରେ ସୂଚୀ ଚାରୀ ଓ ତ୍ରିକର ପରିବର୍ତ୍ତନ ସହକାରେ ଭ୍ରମରୀ ଚାରୀ, ତତ୍ପରେ ଦକ୍ଷିଣ ପାଦରେ ପାର୍ଶ୍ୱକ୍ରାନ୍ତା ଚାରୀ ଓ ବାମ ପାଦରେ ଅତିକ୍ରାନ୍ତା ଚାରୀ, ପୁନଶ୍ଚ ଦକ୍ଷିଣ ପାଦରେ ସୂଚୀ ଓ ବାମ ପାଦରେ ଅପକ୍ରାନ୍ତା ଚାରୀ, ପୁନଶ୍ଚ ଦକ୍ଷିଣ ପାଦରେ ପାର୍ଶ୍ୱକ୍ରାନ୍ତା ଓ ବାମ ପାଦରେ ଅତିକ୍ରାନ୍ତା ଚାରୀ କରିବ । ବାହ୍ୟ ଭ୍ରମରୀ ଚାରୀ ଦ୍ୱାରା ପରିଚ୍ଛିନ୍ନ କରିବ । (ପ୍ରତ୍ୟେକକୁ ପୃଥକ୍ ଭାବେ ଦେଖାଇବା ପାଇଁ ଭ୍ରମରୀ ଚାରୀ କରିବ) ଏହାହିଁ ଲଳିତ ସଂଚର ମଣ୍ଡଳ । ୧୬-୧୯ ।

Digitized by srujanika@gmail.com

ସୂଚୀଂ ବାମପଦଂ ଦଦ୍ୟାନ୍ନିକଂ ଚ ପରିବର୍ତ୍ତୟେତ୍ ।
ପାର୍ଶ୍ୱକ୍ରାନ୍ତଃ ପୁନସ୍ତାଦେ୍ୟା ବାମୋଽତକ୍ରାନ୍ତ ଏବ ଚ ॥ ୨୦ ॥
ସୂଚୀମାଦ୍ୟାଂ ପୁନର୍ଦଦ୍ୟାଦପକ୍ରାନ୍ତଂ ଚ ବାମକମ୍ ।
ପାର୍ଶ୍ୱକ୍ରାନ୍ତଂ ପୁନସ୍ତାଦ୍ୟାଂ ସୂଚୀବିଦ୍ଧେ ତୁ ମଣ୍ଡଳେ ॥ ୨୧ ॥

ଆଦ୍ୟସ୍ତୁ ଜନିତୋ ଭୂତ୍ୱା ସ ଚ ଦଣ୍ଡକ୍ରମୋ ଭବେତ୍ ।
ବାମଂ ସୂଚୀଂ ପୁନର୍ଦଦ୍ୟାତ୍ରିକଂ ଚ ପରିବର୍ତ୍ତୟେତ୍ ॥ ୨୨ ॥
ଉଦ୍ଵୃତ୍ତସ୍ତ ଦକ୍ଷିଣସ୍ତୁ ସ୍ୟାଦଲାତସ୍ତୈବ ବାମକଃ ।
ପାର୍ଶ୍ୱକ୍ରାନ୍ତଃ ପୁନସ୍ତାଦେ୍ୟା ଭୁଜଙ୍ଗତ୍ରାସିତସ୍ତଥା ॥ ୨୩ ॥

ଅତକ୍ରାନ୍ତଃ ପୁନର୍ବାମୋ ଦଣ୍ଡପାଦସ୍ତୁ ଦକ୍ଷିଣଃ ।
ବାମଃ ସୂଚୀନିକାବର୍ତ୍ତୋ ଦଣ୍ଡପାଦେ ତୁ ମଣ୍ଡଳେ ॥ ୨୪ ॥

ସୂଚୀବିଦ୍ଧ — ବାମ ପାଦରେ ସୂଚୀ ଚାରୀ କରି ତ୍ରିକ ଦେଶକୁ ପରିବର୍ତ୍ତିତ (ଏପାଖ ସେପାଖ ବୁଲାଇ) କରିବ । ଦକ୍ଷିଣ ପାଦରେ ପାର୍ଶ୍ୱକ୍ରାନ୍ତା ଚାରୀ ଏବଂ ବାମ ପାଦରେ ଅତିକ୍ରାନ୍ତା ଚାରୀ କରିବ । ପୁଣି ଦକ୍ଷିଣ ପାଦରେ ସୂଚୀ ଚାରୀ ଏବଂ ବାମ ପାଦରେ ଅପକ୍ରାନ୍ତା ଚାରୀ କରିବ । ପୁନଶ୍ଚ ଦକ୍ଷିଣ ପାଦରେ ପାର୍ଶ୍ୱକ୍ରାନ୍ତା ଚାରୀ କରିବ । ଏହାକୁ ସୂଚୀବିଦ୍ଧ ମଣ୍ଡଳ କହନ୍ତି ।
। ୨୦-୨୧ ।

ଦଣ୍ଡପାଦ — ଦକ୍ଷିଣ ପାଦରେ ଜନିତା ଚାରୀ କରିସାରି ଦଣ୍ଡପାଦ ଚାରୀ (ସେହି ପାଦ ଦ୍ୱାରା) କରିବ । ବାମ ପାଦରେ ସୂଚୀ ଚାରୀ, ଭ୍ରମରୀ ଚାରୀକୁ ସମ୍ପାଦନ ପାଇଁ କରି, ତ୍ରିକ ଦେଶ ପରିବର୍ତ୍ତନ କରିବ । ପୁଣି ଦକ୍ଷିଣ ପାଦରେ ଉଦ୍ଵୃତ୍ତାଚାରୀ (ଅନ୍ୟ ମତରେ ଉଦ୍ଧୁଙ୍କୃତ୍ତ ଚାରୀ) ଏବଂ ବାମ ପାଦରେ ଅଲାତ ଚାରୀ କରିସାରି ପୁନର୍ବାର ଦକ୍ଷିଣ ପାଦରେ ପାର୍ଶ୍ୱକ୍ରାନ୍ତା ଚାରୀ କରିବ । ପୁଣି ବାମ ପାଦରେ ଭୁଜଙ୍ଗତ୍ରସ୍ତା ଚାରୀ ଓ ଅତିକ୍ରାନ୍ତା ଚାରୀ (ଅନ୍ୟମତରେ ଦକ୍ଷିଣ ପାଦରେ ପାର୍ଶ୍ୱକ୍ରାନ୍ତା ଓ ଭୁଜଙ୍ଗତ୍ରାସିତା ଚାରୀ) ବାମ ପାଦରେ ଅତିକ୍ରାନ୍ତା ଚାରୀ ଏବଂ ଦକ୍ଷିଣ ପାଦରେ ଦଣ୍ଡପାଦା ଚାରୀ କରିସାରି ପୁଣି ବାମ ପାଦରେ ସୂଚୀ ଏବଂ ଶେଷକୁ ତ୍ରିକ ପରିବର୍ତ୍ତନ ଦ୍ୱାରା ଭ୍ରମରୀ ଚାରୀ କଲେ ଦଣ୍ଡପାଦ ମଣ୍ଡଳ ହୁଏ ।
। ୨୨-୨୪ ।

Digitized by srujanika@gmail.com

ଆଦ୍ୟଂ ତୁ ଜନିତଂ କୃତ୍ୱା ତେନୈବ ଚ ନିକୁଟ୍ଟକମ୍ ।
ଆସ୍ପନ୍ଦିତଂ ଚ ବାମେନ ତ୍ୟକ୍ ବୃତ୍ତଂ ଦକ୍ଷିଣେନ ଚ ॥ ୨୫ ॥
ଅଲାତଂ ବାମକଂ ପାଦଂ ସୂଚୀଂ ଦଦ୍ୟାତ୍ତୁ ଦକ୍ଷିଣମ୍ ।
ପାର୍ଶ୍ୱକ୍ରାନ୍ତଃ ପୁନର୍ବାମ ଆକ୍ଷିପ୍ତା ଦକ୍ଷିଣସ୍ତଥା ॥ ୨୬ ॥
ସମାବର୍ତ୍ତ୍ୟ ତ୍ରିକଂ ଚୈବ ଦଣ୍ଡପାଦଂ ପ୍ରସାରୟେତ୍ ।
ସୂଚୀଂ ବାମପଦଂ ଦଦ୍ୟାତ୍ତ୍ରିକଂ ତୁ ପରିବର୍ତ୍ତୟେତ୍ ॥ ୨୭ ॥
ଭୁଜଙ୍ଗତ୍ରାସିତଶ୍ଚାନ୍ୟୋ ବାମେଽତିକ୍ରାନ୍ତ ଏବ ଚ ।
ଏଷ ନୃତ୍ତପ୍ରୟୋଗସ୍ତୁ ବହୃତେ ମଣ୍ଡଳେ ଭବେତ୍ ॥ ୨୮ ॥
ସୂଚୀପାଦ୍ୟକ୍ଷମଂ ଦଦ୍ୟ ଦପକ୍ରାନ୍ତଂ ଚ ବାମକମ୍ ।
ପାର୍ଶ୍ୱକ୍ରାନ୍ତଃ ପୁନଶ୍ଚାନ୍ୟୋ ହ୍ୟଲାତଶ୍ଚୈବ ବାମକଃ ॥ ୨୯ ॥
ଭ୍ରାନ୍ତ୍ୱା ନୃତ୍ତଭରେତାଭିଃ ପର୍ଯ୍ୟାୟେଣାଥ ମଣ୍ଡଳମ୍ ।
ଷଟ୍‌ସଂଖ୍ୟଂ ସପ୍ତସଂଖ୍ୟଂ ବା ଲଳିତୈଃ ପାଦବିକ୍ରମୈଃ ॥ ୩୦ ॥

ବହୃତ — ଦକ୍ଷିଣ ପାଦରେ ଜନିତା ନୃତ୍ତ କରିସାରି ସେହି ପାଦରେ ନିକୁଟ୍ଟକ (ତଳ ସଞ୍ଚାର ପାଦ) କରିବ । ପୁଣି ବାମ ପାଦରେ ଆସ୍ପନ୍ଦିତ ଏବଂ ଦକ୍ଷିଣ ପାଦରେ ଉଦ୍‌ବୃତ୍ତା (ଉଦ୍‌ବୃତ୍ତା), ପୁନଶ୍ଚ ବାମ ପାଦରେ ଅଲାତା ଓ ଦକ୍ଷିଣ ପାଦରେ ସୂଚୀ, ତତ୍ପରେ ବାମ ପାଦରେ ପାର୍ଶ୍ୱକ୍ରାନ୍ତା ଓ ଦକ୍ଷିଣ ପାଦରେ ଆକ୍ଷିପ୍ତା, ତତ୍ପରେ ତ୍ରିକ ଦେଶକୁ (ବାମ-ଦକ୍ଷିଣ ଭ୍ରମଣ ଦ୍ୱାରା) ସମାବର୍ତ୍ତିତ କରି ଦଣ୍ଡପାଦକୁ ପ୍ରସାରିତ କରିବ । ପୁଣି ବାମ ପାଦରେ ସୂଚୀ କରି ତ୍ରିକ ଦେଶକୁ ପରିବର୍ତ୍ତିତ କରିବ । ପୁଣି ଦକ୍ଷିଣ ପାଦରେ ଭୁଜଙ୍ଗ-ତ୍ରାସିତା ନୃତ୍ତ ଓ ବାମ ପାଦରେ ଅତିକ୍ରାନ୍ତା ନୃତ୍ତ କରିବ । ଏହିପରି ନୃତ୍ତ ପଦ୍ଧତିରେ ଯୁକ୍ତ ହୁଏ ତାହାର ନାମ ବହୃତ ମଣ୍ଡଳ । ୨୫-୨୮ ।

ଅଦ୍ଭୁତ — ଦକ୍ଷିଣ ପାଦରେ ସୂଚୀ ଓ ବାମପାଦରେ ଅପକ୍ରାନ୍ତା, ପୁଣି ଦକ୍ଷିଣ ପାଦରେ ପାର୍ଶ୍ୱକ୍ରାନ୍ତା ଓ ବାମ ପାଦରେ ଅଲାତା, ଏହି ଚାରୀମାନଙ୍କୁ ପର୍ଯ୍ୟାୟକ୍ରମେ ଛଅ ବା ସାତ ଥର ପ୍ରୟୋଗ କରି ପରିମଣ୍ଡଳରେ ଚାରିଆଡକୁ ମଧ୍ୟେ ମଧ୍ୟେ ଲଳିତ ପାଦ ବିକ୍ଷେପ ସହକାରେ ବୁଲିସାରି ପୁଣି ଦକ୍ଷିଣ

Digitized by srujanika@gmail.com

[ଅଦ୍ୟଂ କୁର୍ଯାଦପକ୍ରାନ୍ତମନ୍ତକ୍ରାନ୍ତଂ ଚ ବାମକମ୍] ।
ଅପକ୍ରାନ୍ତଃ ପୁନସ୍ତାଦ୍ୟୋ ବାମୋଽନ୍ତକ୍ରାନ୍ତ ଏବ ଚ ॥ ୩୧ ॥

ପାଦଭ୍ରମରକସ୍ତ ସ୍ୟାଦଲାତେ ଚକ୍ର ମଣ୍ଡଳେ ।
ସୂଚୀମାଦ୍ୟକ୍ରମଂ କୃତ୍ୱା ହ୍ୟପକ୍ରାନ୍ତଂ ଚ ବାମକମ୍ ॥ ୩୨ ॥

ଅନ୍ୟୋ ଦଣ୍ଡକମଣ୍ଟୈବ ସୂଚୀଚାର୍ଯ୍ୟ ବାମକଃ ।
କାର୍ଯ୍ୟଃ କିଚବର୍ତ୍ତଶ୍ଚ ପାର୍ଶ୍ୱକ୍ରାନ୍ତଶ୍ଚ ଦକ୍ଷିଣଃ ॥ ୩୩ ॥

ଆକ୍ଷିପ୍ତଂ ବାମକଂ କୁର୍ଯାଦ୍ଦଣ୍ଡପାଦଂ ତୁ ଦକ୍ଷିଣମ୍ ।
ଉରୁଦ୍ୱୃତ୍ତଂ ଚ ତେନୈବ କର୍ତ୍ତବ୍ୟଂ ଦକ୍ଷିଣେନ ତୁ ॥ ୩୪ ॥

ସୂଚୀବାମକ୍ରମଂ କୃତ୍ୱା ତ୍ରିକଂ ଚ ପରିବର୍ତ୍ତୟେତ୍ ।
ଅଲାତଶ୍ଚ ଭବେଦ୍ୱାମଃ ପାର୍ଶ୍ୱକ୍ରାନ୍ତଶ୍ଚ ଦକ୍ଷିଣଃ ॥ ୩୫ ॥

ଅତଃକ୍ରାନ୍ତଃ ପୁନର୍ବାମୋ ବାମବନ୍ଧେ ତୁ ମଣ୍ଡଳେ ।
ସୂଚୀମାଦ୍ୟକ୍ରମଂ ଦଦ୍ୟାଦପକ୍ରାନ୍ତଂ ଚ ବାମକମ୍ ॥ ୩୬ ॥

ପାର୍ଶ୍ୱକ୍ରାନ୍ତଃ ପୁନସ୍ତାଦ୍ୟୋ ଭୁଜଙ୍ଗତ୍ରାସିତଃ ସ ଚ ।
ଅତଃକ୍ରାନ୍ତଃ ପୁନର୍ବାମ ଆକ୍ଷିପ୍ତୋ ଦକ୍ଷିଣସ୍ତଥା ॥ ୩୭ ॥

ପାଦରେ ଅପକ୍ରାନ୍ତା ଓ ବାମ ପାଦରେ ଅତିକ୍ରାନ୍ତାଗୁଡ଼ିଏ ପ୍ରୟୋଗ କରି ଭ୍ରମରୀ ବିଧାନ କରିବ । ଏହାର ନାମ ଅଲାତ ମଣ୍ଡଳ । ୨୯-୩୧ ।

ବାମବନ୍ଧ — ଦକ୍ଷିଣ ପାଦରେ ସୂଚୀ ଓ ବାମପାଦରେ ଅପକ୍ରାନ୍ତା, ପୁଣି ଦକ୍ଷିଣ ପାଦରେ ଦଣ୍ଡପାଦା ଓ ବାମପାଦରେ ସୂଚୀ, ତତ୍ପରେ ତ୍ରିକର ବିବର୍ତ୍ତନ ଦ୍ୱାରା ଦକ୍ଷିଣ ପାଦରେ ଭ୍ରମରୀ ଓ ପାର୍ଶ୍ୱକ୍ରାନ୍ତା, ପୁନଶ୍ଚ ବାମ ପାଦରେ ଆକ୍ଷିପ୍ତାଗୁଡ଼ିଏ ଏବଂ ଦକ୍ଷିଣ ପାଦରେ ଦଣ୍ଡପାଦା, ପୁନଶ୍ଚ ସେହି ଦକ୍ଷିଣ ପାଦ ଦ୍ୱାରା ଉରୁଦ୍ୱୃତ୍ତା. ତତ୍ପରେ ବାମପାଦରେ ସୂଚୀ ରଚନା କରି ତ୍ରିକ ପରିବର୍ତ୍ତନ ଦ୍ୱାରା ଭ୍ରମରୀ ରଚନା କରିବ । ବାମ ପାଦରେ ଅଲାତା ଓ ଦକ୍ଷିଣ ପାଦରେ ପାର୍ଶ୍ୱକ୍ରାନ୍ତା, ପୁନଶ୍ଚ ବାମ ପାଦରେ ଅତିକ୍ରାନ୍ତା ଗୁଡ଼ିଏ ରଚନା କଲେ ଏହାର ନାମ ବାମବନ୍ଧ (ଅନ୍ୟ ମତରେ ବାମବନ୍ଧ) ମଣ୍ଡଳ ହୁଏ । ୩୨-୩୫ ।

ଲଳିତ — ଦକ୍ଷିଣ ପାଦରେ ସୂଚୀ ଓ ବାମପାଦରେ ଅପକ୍ରାନ୍ତା, ପୁନଶ୍ଚ ଦକ୍ଷିଣ ପାଦରେ ଭୁଜଙ୍ଗତ୍ରାସିତା, ତତ୍ପରେ ବାମ ପାଦରେ ଅତିକ୍ରାନ୍ତା ଓ ଦକ୍ଷିଣ ପାଦରେ ଆକ୍ଷିପ୍ତା । ପୁନଶ୍ଚ ବାମପାଦରେ ଅତିକ୍ରାନ୍ତା ଓ

Digitized by srujanika@gmail.com

ଅତିକ୍ରାନ୍ତଃ ପୁନର୍ବାମ ଊରୁଦ୍‌ବୃତ୍ତସ୍ତଥୈବ ଚ ।
ଅଳାତଶ୍ଚ ପୁନର୍ବାମଃ ପାର୍ଶ୍ୱକ୍ରାନ୍ତସ୍ତୁ ଦକ୍ଷିଣଃ ॥ ୩୮ ॥

ସୂଚୀବାମଂ ପୁନର୍ଦ୍ଦଦ୍ୟାଦପକ୍ରାନ୍ତସ୍ତୁ ଦକ୍ଷିଣଃ ।
ଅତିକ୍ରାନ୍ତଃ ପୁନର୍ବାମଃ କାର୍ଯ୍ୟୋ ଲଳିତସଞ୍ଚରେ ॥ ୩୯ ॥

ଏଷ ପାଦପ୍ରଚାରସ୍ତୁ ଲଳିତେ ମଣ୍ଡଲେ ଭବେତ୍ ।
ସୂଚୀମାଦ୍ୟକ୍ରମଂ କୃତ୍ୱା ହ୍ୟପକ୍ରାନ୍ତଂ ଚ ବାମକମ୍ ॥ ୪୦ ॥
ପାର୍ଶ୍ୱକ୍ରାନ୍ତଂ ପୁନଶ୍ଚାଦ୍ୟଂ ବାମଂ ପାର୍ଶ୍ୱଗମଂ ତଥା ।
ଭ୍ରାନ୍ତ୍ୱା ଭୃଙ୍ଗୀଭବେତ୍ତାଭ୍ୟଃ ପର୍ଯ୍ୟାୟେଣାଥ ମଣ୍ଡଳମ୍ ॥ ୪୧ ॥
ବାମଂ ସୂଚୀଂ ତତୋ ଦଦ୍ୟାଦପକ୍ରାନ୍ତଂ ଚ ଦକ୍ଷିଣମ୍ ।
ସ୍ୱଚ୍ଛବଗମନେ ଜ୍ଞେୟନ୍ତନ୍ମଣ୍ଡଲଂ ସଂବଧୀପ୍ସିତେ ॥ ୪୨ ॥
କ୍ରାନ୍ତମେତତ୍ତୁ ସଂକ୍ଷେପଂ ନାମତୋ ନାଟ୍ୟଯୋକ୍ତୃଭିଃ ।
ଏତାନ୍ୟାକାଶଗାମୀହ ଜ୍ଞେୟାନ୍ୟେବଂ ଦଶୈବ ତୁ ॥ ୪୩ ॥
ଅତଃ ପରଂ ପ୍ରବକ୍ଷ୍ୟାମି ଭୌମାନାମପି ଲକ୍ଷଣମ୍ ।

ଉଦ୍‌ବୃତ୍ତା, ତତ୍ପରେ ବାମପାଦରେ ଅଳାତା ଓ ଦକ୍ଷିଣ ପାଦରେ ପାର୍ଶ୍ୱକ୍ରାନ୍ତା, ପୁନଶ୍ଚ ବାମ ପାଦରେ ସୂଚୀ ଓ ଦକ୍ଷିଣ ପାଦରେ ଅପକ୍ରାନ୍ତା, ପୁଣି ବାମ ପାଦରେ ଅତିକ୍ରାନ୍ତାଚାରୀ କରି ଲଳିତ ସଞ୍ଚାର କରିବ । ଲଳିତ ମଣ୍ଡଳରେ ପାଦ ପ୍ରଚାର ବିଧି ଏହିପରି ଅଟେ । ୩୭-୩୯ ।

କ୍ରାନ୍ତ — ଦକ୍ଷିଣ ପାଦରେ ସୂଚୀ ଓ ବାମ ପାଦରେ ଅପକ୍ରାନ୍ତା, ପୁନର୍ବାର ଦକ୍ଷିଣ ପାଦରେ ପାର୍ଶ୍ୱକ୍ରାନ୍ତା ଓ ବାମ ପାଦରେ ପାର୍ଶ୍ୱକ୍ରାନ୍ତା, ଏହି ଚାରୀ ଗୁଡ଼ିକ ପର୍ଯ୍ୟାୟକ୍ରମେ ସମ୍ପାଦନ କରି ମଣ୍ଡଳାକାରରେ ଭ୍ରମଣ କରିବ (ଭଉଁରୀ ଦେବ) । ତତ୍ପରେ ବାମ ପାଦରେ ସୂଚୀ ଓ ଦକ୍ଷିଣ ପାଦରେ ଅପକ୍ରାନ୍ତା ଚାରୀ ଅବଲମ୍ବନ କରିବ । ଏହାକୁ କ୍ରାନ୍ତ ମଣ୍ଡଳ ବୋଲି ଜାଣିବ । ସ୍ୱାଭାବିକ ଗତିର ଅଭିନୟରେ ଏହି ମଣ୍ଡଳ ପ୍ରଯୁକ୍ତ ହୋଇଥାଏ ।
। ୪୦-୪୨ ।

ଏ ପର୍ଯ୍ୟନ୍ତ ଯେଉଁ ଦଶଗୋଟି ମଣ୍ଡଳର କଥା କୁହାଗଲା ସେଗୁଡ଼ିକ ଆକାଶଗ ମଣ୍ଡଳ (ଶୂନ୍ୟରେ ସମ୍ପାଦ୍ୟ ମଣ୍ଡଳ) । ଏଣିକି ଭୌମ ମଣ୍ଡଳ ବିଷୟରେ କହୁଅଛୁ । ୪୩ ।

Digitized by srujanika@gmail.com

ଅଦ୍ୟସ୍ତୁ ଜନିତଃ କାର୍ଯୋ ବାମସ୍ତ୍ୱାସ୍ପନ୍ଦିତୋ ଭବେତ୍ ॥ ୪୪ ॥
ଶକଟାସ୍ୟଃ ପୁନସ୍ତାଦ୍ୟୋ ବାମସ୍ତାପି ପ୍ରସାରିତଃ ।
ଅଦ୍ୟୋ ଭ୍ରମରକଃ କାର୍ଯସ୍ତ୍ରିକଂ ଚ ପରିବର୍ତ୍ତୟେତ୍ ॥ ୪୫ ॥
ଆସ୍ପନ୍ଦିତଃ ପୁନର୍ବାମଃ ଶକଟାସ୍ୟସ୍ତୁ ଦକ୍ଷିଣଃ ।
ବାମଃ ପୃଷ୍ଠାପସର୍ପୀ ଚ ଦଦ୍ୟାଦ୍ ଭ୍ରମରକଂ ତଥା ॥ ୪୬ ॥
ସ ଏବାସ୍ପନ୍ଦିତଃ କାର୍ଯ୍ୟସ୍ତ୍ୱେତଦ୍ଭ୍ରମରମଣ୍ଡଳମ୍ ।
ଅଦ୍ୟୋ ଭ୍ରମରକଃ କାର୍ଯୋ ବାମସ୍ତ୍ୱେବାଡ୍ଢିତୋ ଭବେତ୍ ॥ ୪୭ ॥
କାର୍ଯସ୍ତ୍ରିକବିବର୍ତ୍ତସ୍ତୁ ଶକଟାସ୍ୟସ୍ତୁ ଦକ୍ଷିଣଃ ।
ଉରୁଦ୍ବୃତ୍ତଃ ସ ଏବ ସ୍ୟାଦ୍ବାମସ୍ତ୍ୱେବାପସର୍ପିତଃ ॥ ୪୮ ॥
କାର୍ଯସ୍ତ୍ରିକବିବର୍ତ୍ତସ୍ତୁ ଦକ୍ଷିଣଃ ସ୍ପନ୍ଦିତୋ ଭବେତ୍ ।
ଶକଟାସ୍ୟୋ ଭବେଦ୍ବାମସ୍ତଦେବାସ୍ଫୋଟନଂ ଭବେତ୍ ॥ ୪୯ ॥
ଏତଦାସ୍ପନ୍ଦିତଂ ନାମ ବ୍ୟାୟାମେ ଯୁଦ୍ଧମଣ୍ଡଳମ୍ ।

ଭ୍ରମର — ଦକ୍ଷିଣ ପାଦରେ ଜନିତ ଓ ବାମ ପାଦରେ ଆସ୍ପନ୍ଦିତା । (ଆସ୍ପନ୍ଦିତା) ଚାରୀ, ଦକ୍ଷିଣ ପାଦରେ ଶକଟାସ୍ୟ ଚାରୀ କରି ବାମ ପାଦକୁ ପ୍ରସାରିତ କରିବ । ତତ୍ପରେ ତ୍ରିକ ଦେଶର ପରିବର୍ତ୍ତନ ସହକାରେ ଦକ୍ଷିଣ ପାଦରେ ଭ୍ରମରୀ କରିବ । ପୁଣି ବାମ ପାଦରେ ଆସ୍ପନ୍ଦିତା ଓ ଦକ୍ଷିଣ ପାଦରେ ଶକଟାସ୍ୟା ଚାରୀ କରିବ । ତତ୍ପରେ ବାମ ପାଦକୁ ପଛକୁ ଘୁଞ୍ଚାଇ (ଘୋସାରି) ଆଣି ଭଉଁରୀ ଦେବ ଓ ତଦ୍ଦ୍ୱାରା ଆସ୍ପନ୍ଦିତା ଚାରୀ କରିବ । ଏହାର ନାମ ଭ୍ରମର ମଣ୍ଡଳ । ୪୪-୪୬ ।

ଆସ୍ପନ୍ଦିତ — ଦକ୍ଷିଣ ପାଦରେ ଭ୍ରମରୀ ଓ ବାମ ପାଦରେ ଅଡ୍ଡିତା ଚାରୀ କରିବ । ତତ୍ପରେ ତ୍ରିକ ପରିବର୍ତ୍ତନ ପୂର୍ବକ ଦକ୍ଷିଣ ପାଦରେ ଶକଟାସ୍ୟା ଚାରୀ କରିବ । ପୁଣି ସେହି (ଦକ୍ଷିଣ) ପାଦରେ ଉରୁଦ୍ବୃତ୍ତା ଚାରୀ କରି ବାମ ପାଦକୁ ଅପସର୍ପିତ କରିବ (ପଛକୁ ଘୁଞ୍ଚାଇ ଆଣିବ) ।

ତତ୍ପରେ ତ୍ରିକ ଦେଶର ବିବର୍ତ୍ତନ କରିବ ଓ ଦକ୍ଷିଣ ପାଦରେ ଆସ୍ପନ୍ଦିତାଚାରୀ କରିବ । ପୁଣି ବାମ ପାଦରେ ଶକଟାସ୍ୟାଚାରୀ କରି ବାମ ପାଦରେ ଆସ୍ଫୋଟନ କରିବ । ଅର୍ଥାତ୍ ଭୂଇଁରେ ଜୋରରେ ଗୋଡ଼କୁ କଚାଡ଼ିବ । ଏହାର ନାମ ଆସ୍ପନ୍ଦିତ (ଅନ୍ୟ ମତରେ ଆସ୍ପନ୍ଦିତ) ମଣ୍ଡଳ । ଯୁଦ୍ଧରେ ଏହାର ପ୍ରୟୋଗ ହୁଏ । ୪୭-୫୦ ।

Digitized by srujanika@gmail.com

ଅଦ୍ୟଃନ୍ତୁ ଜନିତଂ କୃତ୍ୱା ବାମେନ ତୁ ନିକୁଟ୍ଟକମ୍ ॥ ୫୦ ॥
ଶକଟାସ୍ୟଃ ପୁନସ୍ତାଦ୍ୟ ଊରୂଦ୍ବୃତ୍ତ ସ ଏବ ତୁ ।
ପୃଷ୍ଠାପସର୍ପି ବାମସ୍ତୁ ସ ଚ ଶୃଙ୍ଗତଭିର୍ଭବେତ୍ ॥ ୫୧ ॥
ଆସ୍ପନ୍ଦିତଃ ପୁନଃ ଧଦ୍ୟଃ ଶକଟାସ୍ୟସ୍ତୁ ବାମକଃ ।
ଅଦେ୍ୟା ଭ୍ରମରକସ୍ତୈବ ହିକଂ ତୁ ପରିବର୍ତୟେତ୍ ॥ ୫୨ ॥
ପୃଷ୍ଠାପସର୍ପି ବାମସ୍ତେତ୍ୟାବର୍ତେ ମଣ୍ଡଳେ ଭବେତ୍ ।
କୃତ୍ୱାଦୌ ସମପାଦଂ ତୁ ସ୍ଥାନଂ ହସ୍ତୌ ପ୍ରସାରୟେତ୍ ॥ ୫୩ ॥
ନିରନ୍ତରଂ ତୁଲାବାବେଷ୍ଟ୍ୟୋଦ୍ୱେଷ୍ଟ୍ୟ ଚୈବ ହି ।
କଟୀତଟେ ବିନିକ୍ଷିପ୍ୟ ଗୃଦ୍ୟମାବର୍ତୟେତ୍ କ୍ରମାତ୍ ॥ ୫୪ ॥
ଯଥାକ୍ରମଂ ପୁନର୍ବାମମାବର୍ତ୍ୟେନ ପ୍ରସାରୟେତ୍ ।
ଗୃହୀନସ୍ତ୍ୱା ଚ ଭ୍ରାନ୍ତ୍ୱା ତୁ ପର୍ଯ୍ୟାୟେଣାଥ ମଣ୍ଡଳମ୍ ॥ ୫୫ ॥
ସମୋତ୍ସାରିତମେତତ୍ତୁ ଜ୍ଞେୟଂ ବ୍ୟାଯାମମଣ୍ଡଳମ୍ ।

ଆବର୍ତ୍ତ — ଦକ୍ଷିଣ ପାଦରେ ଜନିତାଗୃହ ଓ ବାମପାଦରେ ନିକୁଟ୍ଟକ, ପୁଣି ଦକ୍ଷିଣ ପାଦରେ ଶକଟାସ୍ୟା ଓ ସେହି ପାଦରେ ଊରୂଦ୍ବୃତ୍ତାଗୃହ ପୁଣି ବାମପାଦକୁ ପଛଆଡ଼କୁ ଅପସର୍ପିତ କରି ତଦ୍ୱାରା ଶୃଙ୍ଗତଭି ହୋଇ, ପୁନଶ୍ଚ ଦକ୍ଷିଣ ପାଦରେ ଆସ୍ପନ୍ଦିତା ଗୃହ ଓ ବାମ ପାଦରେ ଶକଟାସ୍ୟା ଗୃହୀ ତତ୍ପରେ ତ୍ରିକ ପରିବର୍ତ୍ତନ ସହକାରେ ଦକ୍ଷିଣ ପାଦରେ ଭ୍ରମରୀଗୃହୀ କରିସାରି ବାମ ପାଦକୁ ପଛଆଡ଼କୁ ଅପସର୍ପିତ କଲେ ଆବର୍ତ୍ତ ମଣ୍ଡଳ ନିଷ୍ପନ୍ନ ହୁଏ । ୫୦-୫୨ ।

ସମୋତ୍ସାରିତ — ପ୍ରଥମେ ସମପାଦ ସ୍ଥାନରେ ଅବସ୍ଥିତ ହୋଇ ହସ୍ତ ଦ୍ୱୟକୁ ତତ୍ତ ଅବସ୍ଥାରେ ପ୍ରସାରିତ କରି ସେହି ହର୍ଦ୍ଧ୍ୱତଳ ହସ୍ତ ଦ୍ୱୟ ଦ୍ୱାରା ଅବିଚ୍ଛିନ୍ନ ଭାବେ ଉଦ୍ବେଷ୍ଟନ ଓ ଆବେଷ୍ଟନ ଭଙ୍ଗୀରେ ଗୃହୀତ କରି କଟିଦେଶରେ ଦକ୍ଷିଣ ହସ୍ତ (ଅନ୍ୟମତରେ ବାମହସ୍ତ) ସ୍ଥାପନ କରି ପୁଣି ଦକ୍ଷିଣ ହସ୍ତକୁ ଆବର୍ତ୍ତିତ କରିବା ପରେ ପରେ ବାମ ହସ୍ତକୁ ସେହିପରି ଆବର୍ତ୍ତିତ କରି ପ୍ରସାରିତ କରିବ । (କ୍ରମାନ୍ୱୟେ ଉଭୟ ହସ୍ତର ଆବର୍ତ୍ତନ ଓ ପ୍ରସାରଣ କରାଯିବ) ଏହି ଗୃହୀର ସମ୍ପାଦନ ପୂର୍ବକ ମଣ୍ଡଳାକାରରେ ଭ୍ରମଣ କରିବାର ନାମ ସମୋତ୍ସାରିତ ମଣ୍ଡଳ । ୫୩-୫୫ ।

Digitized by srujanika@gmail.com

ପାଦୈସ୍ତୁ (ବା) ମଙ୍ଗଯୁକ୍ତୈଃ ସୂଚୀବଦ୍ଧୈସ୍ତଥୈବ ଚ ॥ ୫୬ ॥
ଏଲକାକ୍ରୀଡ଼ିତୈଶ୍ଚୈବ ଚୂର୍ଣ୍ଣୈଶ୍ଛିକବବର୍ତ୍ତନୈଃ ।
ସୂଚୀବିଦ୍ଧାପବିଦ୍ଧୈଶ୍ଚ କ୍ରମେଣାବୃତ୍ୟ ମଣ୍ଡଳମ୍ ॥ ୫୭ ॥
ଏଲକାକ୍ରୀଡ଼ିତଂ ଚଦ୍ୟାତ୍ଖଣ୍ଡମଣ୍ଡଳସଞ୍ଜ୍ଞିତମ୍ ।
ସବ୍ୟମୁଦ୍ଘଟ୍ଟିତଂ କୃତ୍ୱା ତେନୈବାବର୍ତ୍ତମାଚରେତ୍ ॥ ୫୮ ॥
ତେନୈବାସ୍ପନ୍ଦିତଃ କାର୍ଯ୍ୟଃ ଶକଟାସ୍ୟଶ୍ଚ ବାମକଃ ।
ଅନ୍ୟଃ ପୃଷ୍ଠାପସର୍ପୀ ଚ ସ ଚ ଶୃଙ୍ଗଗର୍ଭର୍ଭବେତ୍ ॥ ୫୯ ॥
ଅଡ୍ଡିତଶ୍ଚ ପୁନର୍ବାମ ଅନ୍ୟଶ୍ଚୈବାପସର୍ପିତଃ ।
ବାମୋ ଭ୍ରମରକଃ କାର୍ଯ୍ୟ ଅନ୍ୟ ଆସ୍ପନ୍ଦିତୋ ଭବେତ୍ ॥ ୬୦ ॥
ତେନୈବାସ୍ଫୋଟନଂ କୁର୍ଯ୍ୟାଦେତଦଡ୍ଡିତ ମଣ୍ଡଳମ୍ ।
ଅନ୍ୟଂ ତୁ ଜନିତଂ କୃତ୍ୱା ତେନୈବ ଚ ନିକୁଟ୍ଟକମ୍ ॥ ୬୧ ॥
ସ ଏବ ଶକଟାସ୍ୟଶ୍ଚ ବାମସ୍ତ୍ୱାସ୍ପନ୍ଦିତୋ ଭବେତ୍ ।

ଏଳକାକ୍ରୀଡ଼ିତ — ଭୂମି ସଂଲଗ୍ନ ପାଦ ଦ୍ୱୟ ଦ୍ୱାରା ସୂଚୀ ଚାରୀ ଓ ଏଳକାକ୍ରୀଡ଼ିତ ଚାରୀକୁ ଗୋଟିକ ପରେ ଗୋଟିଏ ପାଦଦ୍ୱାରା ସଂପାଦନ କରି ଅତି ତୂର୍ଣ୍ଣ (ଦ୍ରୁତଗତି ବିଶିଷ୍ଟ) ଭଙ୍ଗୀକୁ ଛିକ ଦେଶର ବିବର୍ତ୍ତନ ଦ୍ୱାରା କରି କ୍ରମାନ୍ୱୟରେ ସୂଚୀ ଓ ଆବିଦ୍ଧଚାରୀ ଦ୍ୱାରା ମଣ୍ଡଳାକାରରେ ଆବର୍ତ୍ତନ କଲେ ଖଣ୍ଡମଣ୍ଡଳ ନାମକ ଏଳକାକ୍ରୀଡ଼ା ମଣ୍ଡଳ ହୁଏ । ୫୬-୫୭ ।

ଅଡ୍ଡିତ — ଉଦ୍‌ଘଟ୍ଟିତ ଭଙ୍ଗୀରେ ଦକ୍ଷିଣ ପାଦକୁ ସ୍ଥାପିତ କରି ସେହି ପାଦ ଦ୍ୱାରା ଆବର୍ତ୍ତନ କରିବ । (ଘୂରିଆଡ଼କୁ ବୁଲାଇବ) । ପୁଣି ସେହି ଦକ୍ଷିଣ ପାଦ ଦ୍ୱାରା ଆସ୍ପନ୍ଦିତା ଚାରୀ ସମ୍ପାଦନ କରିବ ଏବଂ ବାମପାଦରେ ଶକଟାସ୍ୟା ଚାରୀ କରିବ । ପୁଣି ଦକ୍ଷିଣ ପାଦକୁ ପଛଆଡ଼କୁ ଘୋଷାରି ନେଇ ତଦ୍ୱାରା ଶୃଙ୍ଗଗର୍ଭ ଚାରୀ ଅବଲମ୍ବନ କରିବ । ୫୮-୫୯ ।

ପୁଣି ବାମପାଦରେ ଅଡ୍ଡିତା ଓ ଦକ୍ଷିଣ ପାଦରେ ଅପସର୍ପିତା ଚାରୀ ଅବଲମ୍ବନ କରିବ । ପୁନଶ୍ଚ ବାମପାଦରେ ଭ୍ରମରୀ ଚାରୀ ଓ ଦକ୍ଷିଣ ଦ୍ୱାରା ଆସ୍ପନ୍ଦିତା ଚାରୀ (ଆସ୍ପନ୍ଦିତା) ଅବଲମ୍ବନ କରିବ । ୬୦ ।

ସେହି ଦକ୍ଷିଣ ପାଦରେ ଆସ୍ଫୋଟନ ଦ୍ୱାରା ଅଡ୍ଡିତ ମଣ୍ଡଳ କରିବ । ଶକଟାସ୍ୟ ଦକ୍ଷିଣ ପାଦରେ ଜନିତା ଚାରୀ କରି ସେହି ପାଦରେ ନିକୁଟ୍ଟ ଚାରୀ ସମ୍ପାଦନ କରିବ । ପୁଣି ସେହି ଦକ୍ଷିଣ ପାଦରେ ଶକଟାସ୍ୟା ଚାରୀ କରି ବାମ ପାଦରେ ଆସ୍ପନ୍ଦିତା ଚାରୀ କରିବ । ୬୧ ।

Digitized by srujanika@gmail.com

ପାଦୈସ୍ତୁ ଶକଟାସ୍ୟସ୍ଥୈଃ ପର୍ଯ୍ୟାୟେଣାଥ ମଣ୍ଡଳମ୍ ॥ ୬୨ ॥
ବିଜ୍ଞେୟଂ ଶକଟାସ୍ୟଂ ତୁ ବ୍ୟାୟାମେ ଯୁଦ୍ଧମଣ୍ଡଳମ୍ ।
ଆଦ୍ୟସ୍ତୁ ଜନିତୋ ଭୂତ୍ୱା ସ ଏବାସ୍ପନ୍ଦିତୋ ଭବେତ୍ ॥ ୬୩ ॥
ଅପସର୍ପୀ ପୁନର୍ବାମଃ ଶକଟାସ୍ୟସ୍ତୁ ଦକ୍ଷିଣଃ ।
ଭ୍ରାନ୍ତ୍ୱା ନୃତ୍ତଭିରେତାଭିଃ ପର୍ଯ୍ୟାୟେଣାଥମଣ୍ଡଳମ୍ ॥ ୬୪ ॥
ଅଧ୍ୟର୍ଦ୍ଧମେବଦ୍‌ବିଜ୍ଞେୟଂ ନିୟୁଦ୍ଧେ ତ୍ୱପି ମଣ୍ଡଳମ୍ ।
ସୂଚୀମାଦ୍ୟକ୍ରମଂ କୃତ୍ୱା ହ୍ୟପକ୍ରାନ୍ତଂ ଚ ବାମକମ୍ ॥ ୬୫ ॥
ଭୁଜଙ୍ଗତ୍ରାସିତସ୍ତ୍ୱାଦ୍ୟ ଏବମେବ ଚ ବାମକଃ ।
ଭୁଜଙ୍ଗତ୍ରାସିତୈର୍ଭ୍ରାନ୍ତ୍ୱା ପାଦୈରପି ଚ ମଣ୍ଡଳମ୍ ॥ ୬୬ ॥
ପିଷ୍ଟକୁଟ୍ଟଂ ଚ ବିଜ୍ଞେୟଂ ନୃତ୍ତମଣ୍ଡଳଂ ବୁଧୈଃ ।
ସର୍ବୈଶ୍ଚାଷଗତୈଃ ପାଦୈଃ ପରିକ୍ରମ୍ୟ ଚ ମଣ୍ଡଳମ୍ ॥ ୬୭ ॥
ଏତଚ୍ଚାଷଗତଂ ବିଦ୍ୟାନ୍ନିୟୁଦ୍ଧେ ତ୍ୱପି ମଣ୍ଡଳମ୍ ।

ଶକଟାସ୍ୟା ଚାରୀ ପାଦଦ୍ୱୟରେ ପର୍ଯ୍ୟାୟକ୍ରମେ ମଣ୍ଡଳ ରଚନା କରିବ । ଏହାର ନାମ ଶକଟାସ୍ୟ ମଣ୍ଡଳ । ଏହା ଯୁଦ୍ଧରେ ପ୍ରଯୋଜ୍ୟ ।୬୨।

ଅଧ୍ୟର୍ଦ୍ଧ — ଦକ୍ଷିଣ ପାଦରେ ଜନିତା ଚାରୀ କରି ତାହାର ଦ୍ୱାରା ଆସ୍ପନ୍ଦିତା ଚାରୀ କରିବ । ବାମ ପାଦକୁ ଅପସର୍ପିତ କରି ଦକ୍ଷିଣ ପାଦରେ ଶକଟାସ୍ୟା ଚାରୀ କରିବ । ଏହି ଚାରୀ ମାନଙ୍କୁ ଅବଲମ୍ବନ କରି ଚାରିଆଡ଼କୁ ବୁଲି ବୁଲି ପର୍ଯ୍ୟାୟକ୍ରମେ ମଣ୍ଡଳ କରିବ । ଏହାର ନାମ ଅଧ୍ୟର୍ଦ୍ଧ ମଣ୍ଡଳ । ଏହା ଦୁଇ ଜଣଙ୍କ ମଧ୍ୟରେ ଘଟୁଥିବା ଯୁଦ୍ଧରେ (ଦ୍ୱନ୍ଦ ଯୁଦ୍ଧରେ) ପ୍ରଯୋଜ୍ୟ । ୬୩-୬୪ ।

ପିଷ୍ଟକୁଟ୍ଟ — ଦକ୍ଷିଣ ପାଦରେ ସୂଚୀ ଓ ବାମ ପାଦରେ ଅପକ୍ରାନ୍ତା ପୁଣି ଦକ୍ଷିଣ ପାଦରେ ଭୁଜଙ୍ଗତ୍ରାସିତା, ତଥା ବାମ ପାଦରେ ଭୁଜଙ୍ଗତ୍ରାସିତା ପଦକ୍ଷେପ ଗୁଡ଼ିକ ଭୁଜଙ୍ଗତ୍ରାସିତ ଚାରୀରେ କରି ମଣ୍ଡଳ ରଚନା କରିବ । ଏହାକୁ ପିଷ୍ଟକୁଟ୍ଟ ମଣ୍ଡଳ କହନ୍ତି । ଏହା (ପୂର୍ବୋକ୍ତ) ଚାରୀ ମାନଙ୍କ ଯୋଗେ କରାଯିବ । (ଅନ୍ୟ ମାନଙ୍କ ମତରେ ଏହାର ନାମ ଚାରୀ ମଣ୍ଡଳ) । ୬୫ ୬୬ ।

ଚାଷଗତ — ସବୁ ପଦକ୍ଷେପକୁ ଚାଷଗତ ଚାରୀରେ କରି ବୁଲି ବୁଲି ମଣ୍ଡଳ ରଚନା କଲେ ତାହାକୁ ଚାଷଗତ ମଣ୍ଡଳ କହନ୍ତି । ଦ୍ୱନ୍ଦ ଯୁଦ୍ଧରେ ଏହା ପ୍ରଯୋଜ୍ୟ । ୬୭ ।

Digitized by srujanika@gmail.com

ନାନାଚାରୀସମୁତ୍‌ଥାନି ମଣ୍ଡଲାନି ସମାସତଃ ॥ ୬୮ ॥
ଉକ୍ତାନ୍ୟତଃ ପରଂ ଚୈବ ସମଚାରୀଂ ନିୟୋଜୟେତ୍ ।
ସମଚାରୀପ୍ରୟୋଗୋ ଯସ୍ତ୍ରସ୍ତ୍ରମଂ ନାମ ମଣ୍ଡଲମ୍ ॥ ୬୯ ॥
ଆଚାର୍ଯ୍ୟବୁଦ୍ଧ୍ୟା ତାନୀହ କର୍ତବ୍ୟାନି ପ୍ରୟୋକ୍ତୃଭିଃ ।
ଏତାନି ଖଣ୍ଡାନି ସମଣ୍ଡଲାନି
ଯୁଦ୍ଧେ ନିଯୁଦ୍ଧେ ଚ ପରିକ୍ରମେ ଚ ।
ଲୀଲାଙ୍ଗମାଧୁର୍ଯ୍ୟପୁରସ୍କୃତାନି
କାର୍ଯ୍ୟାଣି ବାଦ୍ୟାନୁଗତାନି ତଜ୍‌ଜ୍ଞୈଃ ॥ ୭୦ ॥

ଇତି ଶ୍ରୀ ଭରତୀୟେ ନାଟ୍ୟଶାସ୍ତ୍ରେ ମଣ୍ଡଲବିକଳ୍ପନଂ
ନାମୈକାଦଶୋଽଧ୍ୟାୟଃ ।

ନାନାବିଧ ଚାରୀ ସଂଯୋଗରେ ଯେତେ ପ୍ରକାର ମଣ୍ଡଳ ହୁଏ, ସଂକ୍ଷେପରେ ତାହା କୁହାଗଲା । ଏଣିକି ସମଚାରୀ ବିଷୟରେ କହିବି । ୬୮ ।

ସମଚାରୀ ବୋଲି ଯାହାକୁ କହନ୍ତି ତାହାର ଅନ୍ୟ ନାମ 'ସମ ମଣ୍ଡଳ' । ଆଚାର୍ଯ୍ୟଙ୍କ ଠାରୁ ବୁଝି ଅଭିନେତାମାନେ ଏହାର ପ୍ରୟୋଗ କରିବେ । ୬୯ ।

ଏହି ଖଣ୍ଡ (ବହୁକରଣର ସଂଯୋଗ) ଓ ମଣ୍ଡଳ ଗୁଡ଼ିକ ଯୁଦ୍ଧ, ଦ୍ୱନ୍ଦ ଯୁଦ୍ଧରେ ପ୍ରଯୁକ୍ତ ହୁଏ । ଏମାନଙ୍କ ପ୍ରୟୋଗ କାଳରେ ଲୀଳା-ସମନ୍ୱିତ ଅବ-ୟବ ଗୁଡ଼ିକ ମଧୁର ଭାବେ ଚାଳିତ କରିବ ଓ (ଗଢ) ବାଦ୍ୟର ଅନୁଗାମୀ ହେବ । ୭୦ ।

ଇତି ଶ୍ରୀ ଭରତକୃତ ନାଟ୍ୟଶାସ୍ତ୍ରରେ ମଣ୍ଡଳ ଭେଦ ବର୍ଣ୍ଣନାତ୍ମକ
ଏକାଦଶ ଅଧ୍ୟାୟ ସମାପ୍ତ ହେଲା ।

Digitized by srujanika@gmail.com